ପ୍ରବାହ କାଦମ୍ବରୀ

(ମହାଭାରତର ଅମରକଥା)



ଚୁଳମଣି ଷଡ଼ଙ୍ଗୀ

Source: Author, Digitized by PPRACHIN, SOA

ପ୍ରବାହ କାଦମ୍ବରୀ

(ମହାଭାରତର ଅମରକଥା)

କୁଳମଣି ଷଡ଼ଙ୍ଗୀ

ଲେଖାଲେଖି

Source: Author, Digitized by PPRACHIN, SOA

ପ୍ରବାହ କାଦମ୍ବରୀ
(ମହାଭାରତର ଅମରକଥା)
ଲେଖକ: କୁଳମଣି ଷଡ଼ଙ୍ଗୀ
ପ୍ରଥମ ସଂସ୍କରଣ: ୨୦୨୧
ପ୍ରକାଶକ: ଲେଖାଲେଖି, ବି.ଏଲ୍-୮, ଭି.ଏସ୍.ଏସ୍ ନଗର, ଭୁବନେଶ୍ୱର-୭୫୧୦୧୦
ଫୋନ୍: ୯୯୩୭୪୭୬୧୭୩, ୯୪୩୭୧୭୨୦୩୨
ପ୍ରଚ୍ଛଦ: ବିଜୟ ପ୍ରଧାନ
ମୂଲ୍ୟ: ୪୦୦ ଟଙ୍କା

PRABAHA KADAMBARI
(Short Story of Mohabharata)
Writer: Kulamani Sarangi
1st Edition: 2020
Publisher: Lekhalekhi, B.L-8, V.S.S Nagar, Bhubaneswar-751010
Phone: 9937476173, 9437172032
Cover Design: Bijay Pradhan
Price: ₹ 400/-
ISBN : 978-81-952620-8-3

Source: Author, Digitized by PPRACHIN, SOA

ଉତ୍ସର୍ଗ

ଭାରତୀୟ ସଂସ୍କୃତି, ବେଦ ବେଦାନ୍ତ ଏବଂ ପୁରାଣ ପ୍ରତି ଶ୍ରଦ୍ଧା, ସମ୍ମାନ ଓ ଆସ୍ଥା ରଖିଥିବା ତଥା ଶାଶ୍ୱତ ଆର୍ଯ୍ୟ ସନାତନ ମୂଲ୍ୟବୋଧରେ ବିଶ୍ୱାସ ରଖୁଥିବା ସମସ୍ତ ଭାରତୀୟଙ୍କ ହାତରେ 'ପ୍ରବାହ କାଦମ୍ବରୀ' ଉତ୍ସର୍ଗ କରୁଛି ।

- ଲେଖକ

Source: Author, Digitized by PPRACHIN, SOA

ନିଜକଥା

କାଦମ୍ବରୀ ଶବ୍ଦର ଅନେକ ଅର୍ଥ ଅଛି, ଯଥା: କୋକିଳ, ଶାରୀ ଏବଂ ସରସ୍ୱତୀ। କଦମ୍ବ ବୃକ୍ଷର ରସ ସହିତ କଦଳୀ, ଦ୍ରାକ୍ଷା, ଲବଣ ଏବଂ ସର୍କରା ମିଶି ଯେଉଁ ମଦ୍ୟ ପ୍ରସ୍ତୁତ ହୁଏ ତାକୁ ମଧ୍ୟ କାଦମ୍ବରୀ କୁହାଯାଏ। ଯେଉଁ ଅର୍ଥରେ ନେଲେ ମଧ୍ୟ ଏହି ପୁସ୍ତକରେ ସନ୍ନିବେଶିତ କଥାଗୁଡ଼ିକର ମଧୁରତା ହୃଦୟସ୍ପର୍ଶୀ। କାଦମ୍ବରୀ ମହାପ୍ରଭୁ ବଳରାମଙ୍କର ଅତି ପ୍ରିୟ ପାନୀୟ। କଥିତ ଅଛି ସେ ସଦାସର୍ବଦା କାଦମ୍ବରୀ ପ୍ରଭାବରେ ଆତ୍ମବିସ୍ମୃତ ହୋଇ ରହୁଥିଲେ। ଏହି ପୁସ୍ତକରେ ସନ୍ନିବେଶିତ ମହାଭାରତର ଅମର କଥାଗୁଡ଼ିକର ପାଠକୀୟ ନିଶା କାଦମ୍ବରୀ ନିଶାଠାରୁ କୌଣସି ଗୁଣରେ କମ୍ ନୁହେଁ। ସେ କଥାଗୁଡିକ ଥରେ ପଢ଼ିବା ଆରମ୍ଭ କଲେ କାଦମ୍ବରୀ ପ୍ରବାହରେ ଭାସିଯାଇ ନିଶ୍ଚିତ ଭାବରେ ମନ ହଜିଯିବ କଥା ସାଗରର ଅଥଳ ଜଳରାଶି ଭିତରେ।

ପ୍ରବାହ କାଦମ୍ବରୀର କଥାଗୁଡ଼ିକ ଆମୂଳଚୁଳ ମୂଳ ମହାଭାରତ କାହାଣୀର ପ୍ରତିଫଳନ। ଭାରତୀୟ ସଂସ୍କୃତିର ଗଭୀରତା ତାର ପୁରାଣ ଏବଂ ଉପନିଷଦରେ ବର୍ଣ୍ଣିତ କଥାର ଚରିତ୍ରମାନଙ୍କରେ ପ୍ରତିଫଳିତ ହୋଇଥାଏ। ଯୁଗେ ଯୁଗେ ସେହି କଥାଗୁଡିକ କବି, ଲେଖକ ଓ କଥାକାରମାନଙ୍କୁ ପ୍ରଲୁବ୍ଧ କରିଥାଏ। ସମଭାବରେ ପାଠକମାନେ ମଧ୍ୟ ପ୍ରଲୁବ୍ଧ ହୋଇଥାନ୍ତି। ମୁଖପୁସ୍ତକରେ ବିପୁଳ ପାଠକୀୟ ଆଦୃତି ଯୋଗୁଁ ମହାଭାରତର ସେହି ଅମର କାହାଣୀଗୁଡ଼ିକର ପୁନଃ ଅବତାରଣା ନୂଆ ଶୈଳୀ ଏବଂ ବିଶ୍ଳେଷଣ ସହିତ ଏହି ପୁସ୍ତକରେ କରାଯାଇଛି।

ମହାଭାରତର କାହାଣୀ ପ୍ରାୟ ସମସ୍ତେ ଅଳ୍ପେ ବହୁତେ ଜାଣିଛନ୍ତି। କିନ୍ତୁ ଏହି ପୁସ୍ତକ 'ପ୍ରବାହ କାଦମ୍ବରୀ'ରେ ସନ୍ନିବେଶିତ ଅନେକଗୁଡ଼ିଏ କଥାକୁ ସାମାଜିକ ମୂଲ୍ୟବୋଧ ଦୃଷ୍ଟିରୁ ବିଶ୍ଳେଷଣ କରାଯାଇଛି। କଥାଗୁଡିକ ଭିତରେ ପ୍ରଚ୍ଛନ୍ନ ଭାବରେ ରହିଥିବା ବାର୍ତ୍ତାକୁ ଲୋକାଭିମୁଖୀ କରାଇବା ପାଇଁ ଏହି ପୁସ୍ତକରେ ନିରଳସ ପ୍ରୟାସ କରାଯାଇଛି।

ପୁସ୍ତକଟି ବହୁଳ ପାଠକୀୟ ଆଦୃତି ପାଇବ ବୋଲି ଆଶା।

– ଲେଖକ

Source: Author, Digitized by PPRACHIN, SOA

ସୂଚୀପତ୍ର

(୧)	ଦେବପୁତ୍ର କଚ	୯
(୨)	କଚ-ଦେବଯାନୀ	୧୩
(୩)	ଶର୍ମିଷ୍ଠାଙ୍କ ଅପରାଧ	୧୬
(୪)	ଦାସୀ ହେଲେ ଶର୍ମିଷ୍ଠା	୨୦
(୫)	ଯଯାତିଙ୍କ ଗୁପ୍ତପ୍ରଣୟ	୨୩
(୬)	ଯଯାତିଙ୍କ ଅକାଳ ବାର୍ଦ୍ଧକ୍ୟ	୨୭
(୭)	ଅଭିଶପ୍ତ ଅଷ୍ଟବସୁ	୩୦
(୮)	ଦେବବ୍ରତ	୩୪
(୯)	ଯୋଜନଗନ୍ଧା ସତ୍ୟବତୀ	୩୭
(୧୦)	ଦେବବ୍ରତଙ୍କ ପ୍ରତିଜ୍ଞା	୪୧
(୧୧)	ଇଚ୍ଛାମୃତ୍ୟୁଧାରୀ ରାଜପୁତ୍ର	୪୫
(୧୨)	ତିନୋଟି ରତ୍ନ ମଣିମା !	୪୮
(୧୩)	ପ୍ରଣୟିନୀ ଅମ୍ବା	୫୧
(୧୪)	ରାଜକୁମାରୀଙ୍କ ଭାଗ୍ୟ ବିଡମ୍ବନା	୫୫
(୧୫)	ରାଜକନ୍ୟାଙ୍କ ଲିଙ୍ଗ ପରିବର୍ତ୍ତନ	୫୮
(୧୬)	ନିଯୋଗବିଧାନରେ ବଂଶରକ୍ଷା	୬୧
(୧୭)	ଯମଙ୍କ ବିଦୁର ଅବତାର	୬୫
(୧୮)	ଅନ୍ଧ ରାଜପୁତ୍ରଙ୍କ ପ୍ରାରବ୍ଧ	୬୯
(୧୯)	ପରିସ୍ରାରେ ଭାସିଗଲା ବଟବୃକ୍ଷ	୭୨
(୨୦)	ଭାଗ୍ୟହୀନ ରାଜପୁତ୍ର	୭୭
(୨୧)	ଅଭିଶପ୍ତ ପଣ୍ଡୁ	୮୦
(୨୨)	ହସ୍ତିନାର ରାଜପୁତ୍ରଗଣ	୮୪
(୨୩)	ରାଜକୁମାରମାନଙ୍କ ବାଲ୍ୟଗୁରୁ କୃପାଚାର୍ଯ୍ୟ	୮୭
(୨୪)	ଆଚାର୍ଯ୍ୟଙ୍କ କ୍ରୋଧ	୯୧
(୨୫)	ହିଂସ୍ର ଜନ୍ତୁଙ୍କ ଗୁମ୍ଫାରେ ପାଣ୍ଡବ	୯୫
(୨୬)	ଅନାହୂତ ଆଗନ୍ତୁକ	୯୯

Source: Author, Digitized by PPRACHIN, SOA

(୨୭)	ଆଚାର୍ଯ୍ୟଙ୍କ ପ୍ରତିଶୋଧ	୧୦୩
(୨୮)	ଭୟଙ୍କର ଷଡ଼ଯନ୍ତ୍ର	୧୦୭
(୨୯)	ମହାବଳୀଙ୍କ ପୁତ୍ର ଲାଭ	୧୧୧
(୩୦)	ଏକଚକ୍ରପୁରରେ ମହାବଳୀ	୧୧୬
(୩୧)	ଅନୁପମା ରାଜକନ୍ୟା ଓ ଅନୁପମ ଦ୍ୱାରକାପତି	୧୨୦
(୩୨)	ରଣଛଡା ଶ୍ରୀକୃଷ୍ଣ !	୧୨୫
(୩୩)	କାଳ-ଯବନର କାଳ	୧୨୯
(୩୪)	ଶ୍ରୀକୃଷ୍ଣଙ୍କ ପାଣ୍ଡବ ଚିନ୍ତା	୧୩୩
(୩୫)	କୃଷ୍ଣ ମୋ ସଖା	୧୩୭
(୩୬)	ସମ୍ରାଟ ଜରାସନ୍ଧଙ୍କ କ୍ରୋଧ	୧୪୧
(୩୭)	କନ୍ୟା ଅପହରଣ ଯୋଜନା	୧୪୫
(୩୮)	ଯାଜ୍ଞସେନୀଙ୍କ ସ୍ୱୟଂବର	୧୪୯
(୩୯)	ତୁମେ ହସୁଛ କେଶବ !!	୧୫୪
(୪୦)	ଅଦ୍ଭୁତ, ଅନନ୍ୟ ବିବାହ	୧୫୮
(୪୧)	ପ୍ରଜାଶକ୍ତିକୁ ଡର ପୁତ୍ର !	୧୬୨
(୪୨)	ଇନ୍ଦ୍ରପ୍ରସ୍ଥ	୧୬୭
(୪୩)	ଶାରଙ୍ଗ ପକ୍ଷୀ	୧୭୧
(୪୪)	ସମ୍ରାଟଙ୍କ ଜନ୍ମ ରହସ୍ୟ	୧୭୫
(୪୫)	ସମ୍ରାଟଙ୍କ ନିଧନ	୧୭୯
(୪୬)	ରାଜସୂୟ ଯଜ୍ଞ	୧୮୩
(୪୭)	ଅଶନି ସଙ୍କେତ	୧୮୭
(୪୮)	ଏ ଘୋର ଅନ୍ୟାୟ ମହାରାଜ୍ !!	୧୯୨
(୪୯)	ହେ କୃଷ୍ଣ ! ହେ କୃଷ୍ଣ !!	୧୯୭
(୫୦)	ଭୀଷଣ ପ୍ରତିଜ୍ଞା	୨୦୨
(୫୧)	ମହାଭାରତର ମହା ଶିକ୍ଷା	୨୦୬
(୫୨)	ଶ୍ରୀକୃଷ୍ଣଙ୍କ ପ୍ରତିଜ୍ଞା	୨୧୦
(୫୩)	ଅର୍ଜୁନଙ୍କ ହାତରେ ପାଶୁପତ	୨୧୩
(୫୪)	ଉର୍ବଶୀଙ୍କ ଅଭିଶାପ	୨୧୭

Source: Author, Digitized by PPRACHIN, SOA

(୫୫)	ନଳ ଚରିତ	୨୨୧
(୫୬)	ଅନନ୍ୟ ମହର୍ଷି ଅଗସ୍ତ୍ୟ	୨୨୫
(୫୭)	ଋଷ୍ୟଶୃଙ୍ଗ	୨୨୯
(୫୮)	ଜ୍ଞାନ ମିଳେନାହିଁ ଦାନରେ	୨୩୪
(୫୯)	ଜ୍ଞାନର ମାହାତ୍ମ୍ୟ	୨୩୭
(୬୦)	ଅଷ୍ଟାବକ୍ର ଚରିତ	୨୪୦
(୬୧)	ହନୁମାନଙ୍କ ଆଶୀର୍ବାଦ	୨୪୪
(୬୨)	ଧର୍ମବ୍ୟାଧ ଚରିତ	୨୪୯
(୬୩)	ବନ୍ଦୀ ଦୁର୍ଯ୍ୟୋଧନ	୨୫୩
(୬୪)	ଶ୍ରୀକୃଷ୍ଣଙ୍କ କ୍ଷୁଧା	୨୫୮
(୬୫)	ବିଷ ପୁଷ୍କରିଣୀର ଧର୍ମବକ	୨୬୨
(୬୬)	ଅଜ୍ଞାତବାସ ପାଇଁ ପ୍ରସ୍ତୁତି	୨୬୬
(୬୭)	କୀଚକ ପାପୀର ଦାରୁଣ ମୃତ୍ୟୁ	୨୭୧
(୬୮)	ଋଣ ପରିଶୋଧ	୨୭୫
(୬୯)	ରାଜକୁମାର ଉତ୍ତର	୨୭୯
(୭୦)	ମତ୍ସ୍ୟ ଦେଶରେ କୌରବଙ୍କ ପରାଜୟ	୨୮୩
(୭୧)	ବିନା ଯୁଦ୍ଧେ ଦେବିନାହିଁ ସୂଚ୍ୟଗ୍ର ମେଦିନୀ	୨୮୭
(୭୨)	ଉପପ୍ଳବ୍ୟରେ ମନ୍ତ୍ରଣାର ଯନ୍ତ୍ରଣା	୨୯୨
(୭୩)	ମୋର ନାରାୟଣୀ ସେନାରେ କି କାର୍ଯ୍ୟ ମାଧବ!!	୨୯୬
(୭୪)	ଆପଣ ଏ କଣ କଲେ ମାତୁଳ !!	୨୯୯
(୭୫)	ସଞ୍ଜୟଙ୍କ ମଧ୍ୟସ୍ଥତା	୩୦୨
(୭୬)	ଶାନ୍ତିଦୂତ କେଶବ	୩୦୭
(୭୭)	ବିଶ୍ୱାଧାରଙ୍କ ବିଶ୍ୱରୂପ	୩୧୦
(୭୮)	ସୂର୍ଯ୍ୟପୁତ୍ର କର୍ଣ୍ଣଙ୍କ ବିବଶତା	୩୧୫
(୭୯)	ମହାଭାରତରେ ଶ୍ରୀକୃଷ୍ଣଙ୍କ ଶାଳକ	୩୧୮
(୮୦)	ମେଣ୍ଟରେ ଫାଟ	୩୨୨
(୮୧)	ପାଣ୍ଡବଙ୍କ ସେନାପତି	୩୨୫
(୮୨)	ଅର୍ଜୁନଙ୍କ ବିଷାଦ	୩୨୯

Source: Author, Digitized by PPRACHIN, SOA

(୮୩)	ବେଲାଳସେନର ଛିନ୍ନମସ୍ତକ	୩୩୨
(୮୪)	ମୋତେ ମୁକ୍ତି ଦିଅ ପଦ୍ମନୟନ !	୩୩୬
(୮୫)	ମହାନାୟକଙ୍କ ଶରଶଯ୍ୟା	୩୪୦
(୮୬)	ବିବାଦୀୟ ଚରିତ୍ର କର୍ଣ୍ଣ	୩୪୪
(୮୭)	ଅଛ କି ନାହଁ ହେ ପାର୍ଥ ନନ୍ଦିଘୋଷ ପରେ !!	୩୪୭
(୮୮)	ଅପ୍ରତିମ ଭଗଦତ୍ତ	୩୫୦
(୮୯)	ରାହୁ କବଳରେ ବାଳଭାନୁ	୩୫୪
(୯୦)	ଉଦିତ ସୂର୍ଯ୍ୟର ଅକାଳ ମୃତ୍ୟୁ	୩୫୭
(୯୧)	ପ୍ରତିଶୋଧର ଅନିର୍ବାଣ ବହ୍ନି	୩୬୦
(୯୨)	ଭୁରିଶ୍ରବାଙ୍କ ଅନ୍ତିମ ଯାତ୍ରା	୩୬୩
(୯୩)	ଗତାୟୁ ସୂର୍ଯ୍ୟର ଅନ୍ତିମ ରଶ୍ମି	୩୬୭
(୯୪)	ଅଶ୍ୱତ୍ଥାମା ହତ... ନରେ ବା କୁଞ୍ଜରେ	୩୭୦
(୯୫)	ବେଣୀ ବନ୍ଧନ	୩୭୩
(୯୬)	ଗିଳିଛି ମୁଁ ନନ୍ଦିଘୋଷ	୩୭୬
(୯୭)	ପ୍ରଚଣ୍ଡ ରାଧେୟ	୩୭୯
(୯୮)	ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ	୩୮୨
(୯୯)	ସବୁରି ମୂଳେ ତୁ କହ୍ନାଇ !!	୩୮୬
(୧୦୦)	ଘୃଣ୍ୟ ଓ କଳଙ୍କିତ ଅଧ୍ୟାୟ	୩୮୯
(୧୦୧)	କିଏ ବୁଝିବ ମାତୃତ୍ୱ ବେଦନା !!	୩୯୩
(୧୦୨)	ଯୁଧିଷ୍ଠିରଙ୍କ ବୈରାଗ୍ୟ	୩୯୭
(୧୦୩)	ଗର୍ବଗଞ୍ଜନ ନାରାୟଣ	୪୦୧
(୧୦୪)	ସୁବର୍ଣ୍ଣ ନେଉଳ	୪୦୪
(୧୦୫)	ମାନସିକତାର ପରୀକ୍ଷା	୪୦୮
(୧୦୬)	ଧୃତରାଷ୍ଟ୍ରଙ୍କ ଶେଷ ସମୟ	୪୧୧
(୧୦୭)	ଯଦୁବଂଶ ଧ୍ୱଂସର ରଙ୍ଗମଞ୍ଚ	୪୧୪
(୧୦୮)	ଯଦୁବଂଶ ଧ୍ୱଂସ	୪୧୮
(୧୦୯)	ଶେଷ ଦର୍ଶନ	୪୨୧
(୧୧୦)	ସ୍ୱର୍ଗାରୋହଣ	୪୨୪

Source: Author, Digitized by PPRACHIN, SOA

(୧)

ଦେବପୁତ୍ର କଚ

ମହାଭାରତ କାଳର ଅନେକ ପ୍ରମୁଖ ଚରିତ୍ରଙ୍କର ଜନ୍ମ କୁରୁ ଏବଂ ଯଦୁ ବଂଶରେ ହୋଇଥିଲା। ଏହି ଦୁଇ ରାଜବଂଶ ଚନ୍ଦ୍ରବଂଶୀ ଥିଲେ। କଚ, ଦେବଯାନୀ, ଶର୍ମିଷ୍ଠା ଏବଂ ରାଜା ଯଯାତିଙ୍କ ବିଷୟରେ ନଜାଣିଲେ ଆମେ ଏହି ଦୁଇ ରାଜବଂଶର ଉତ୍ପତ୍ତି ବିଷୟରେ ଜାଣିପାରିବା ନାହିଁ।

ସମୁଦ୍ର ମନ୍ଥନର ବହୁ ପୂର୍ବକଥା। ସେତେବେଳେ ଦେବତାମାନେ ଅମୃତ ଆସ୍ୱାଦନ କରି ଅମର ହୋଇନଥିଲେ। ଦେବ ଦାନବଙ୍କ ମଧ୍ୟରେ ସବୁବେଳେ ସଂଗ୍ରାମ ଲାଗି ରହୁଥିଲା। ଦେବତାମାନଙ୍କ ଗୁରୁ ଥିଲେ ବୃହସ୍ପତି; ସେ ଥିଲେ ଅଙ୍ଗିରା ମହର୍ଷିଙ୍କ ପୁତ୍ର। ଦାନବଙ୍କ ଗୁରୁ ଥିଲେ ଭୃଗୁ ମହର୍ଷିଙ୍କ ପୁତ୍ର ଶୁକ୍ରାଚାର୍ଯ୍ୟ।

ଏହି ଦେବ-ଦାନବ ସଂଗ୍ରାମରେ ଯେତେ ଦାନବ ମୃତ୍ୟୁ ମୁଖରେ ପଡୁଥିଲେ ସମସ୍ତଙ୍କୁ ଦାନବ-ଗୁରୁ ଶୁକ୍ରାଚାର୍ଯ୍ୟ ବଞ୍ଚାଇ ଦେଉଥିଲେ, କାରଣ ତାଙ୍କୁ ମୃତ୍ୟୁସଞ୍ଜିବନୀ ମନ୍ତ୍ର ଜଣାଥିଲା। ଦେବତାମାନଙ୍କ ପାଖରେ ମୃତ୍ୟୁସଞ୍ଜିବନୀ ମନ୍ତ୍ର ନଥିବାରୁ ସେମାନଙ୍କ ସଂଖ୍ୟା କ୍ଷୀଣ ହେବାକୁ ଲାଗିଲା। ଦେବତାମାନଙ୍କ ଭିତରେ ଭାଳେଣି ପଡ଼ିଲା। ଏହି ପରି ଯେବେ ଆଉ କିଛି ଦିନ ଚାଲିବ ତେବେ ଦେବତା ମାନଙ୍କୁ ନିଶ୍ଚିହ୍ନ କରି ରାକ୍ଷସମାନେ ଇନ୍ଦ୍ରପଦ ଛଡାଇନେବେ।

ଦେଶ ଏବଂ ଜାତିମାନଙ୍କ ମଧ୍ୟରେ ଶତ୍ରୁତା କେବଳ ସାଂପ୍ରତିକ ଯୁଗର ନୁହେଁ। ଆଜିକାଲି ଯେଉଁ ପ୍ରକାର ଦେଶ-ଦେଶ ମଧ୍ୟରେ ମୁକ୍ତ ଏବଂ ଶୀତଳ ଯୁଦ୍ଧ ଲାଗିରହିଛି, ସେ ସମୟରେ ମଧ୍ୟ ସେହିଭଳି ପରିସ୍ଥିତି ଥିଲା; ଦେବତା ଏବଂ ଦାନବଙ୍କ ମଧ୍ୟରେ ଲାଗି ରହିଥିଲା ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ଭୀଷଣ ସଂଗ୍ରାମ।

କେଉଁ ଉପାୟରେ ମୃତ୍ୟୁସଞ୍ଜିବନୀ ମନ୍ତ୍ର ଶୁକ୍ରାଚାର୍ଯ୍ୟଙ୍କଠାରୁ ଶିକ୍ଷା କରିହେବ ତାହା ଥିଲା ଦେବତାମାନଙ୍କ ଆଗରେ ପ୍ରମୁଖ ପ୍ରଶ୍ନ। ସମସ୍ୟା ନାୟକଙ୍କୁ ଜନ୍ମଦିଏ। ଦେବଗୁରୁ ବୃହସ୍ପତିଙ୍କର 'କଚ' ନାମକ ଜଣେ ବୁଦ୍ଧିମାନ ପୁତ୍ର ଥିଲେ। କଚ ଅତ୍ୟନ୍ତ ଦେଶଭକ୍ତ

Source: Author, Digitized by PPRACHIN, SOA

ଥିଲେ। ଦେବକୁଳର ନିରାପତ୍ତା ତାଙ୍କପାଇଁ ସର୍ବୋପରି ଥିଲା। ଦାନବଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଗୁରୁକୁଳକୁ ଯାଇ ମୃତ୍ୟୁସଞ୍ଜିବନୀ ମନ୍ତ୍ର ଶିକ୍ଷା କରିବା ପାଇଁ ସେ ଆଗେଇ ଆସିଲେ। ଏଭଳି କାମରେ ବହୁତ ବିପଦ ଥିଲା; ସଞ୍ଜିବନୀ ମନ୍ତ୍ର ପାଇବା ପୂର୍ବରୁ ରାକ୍ଷସମାନଙ୍କ ହାତରେ ମୃତ୍ୟୁଲାଭର ସମ୍ଭାବନା ଅଧିକ ଥିଲା। କିନ୍ତୁ ଆଧୁନିକଭାରତର ବୀରପୁତ୍ର ଅଭିନନ୍ଦନଙ୍କ ଭଳି ଦେବକୁଳର ମଙ୍ଗଳପାଇଁ କଚ ଏହି ବିପଦପୂର୍ଣ୍ଣ କାମ କରିବା ପାଇଁ ଆଗେଇ ଆସିଲେ। ପିତା ବୃହସ୍ପତିଙ୍କ ଆଶୀର୍ବାଦ ଏବଂ ସମସ୍ତ ଦେବତାମାନଙ୍କର ଶୁଭେଚ୍ଛା ନେଇ କଚ ଶୁକ୍ରାଚାର୍ଯ୍ୟଙ୍କ ଗୁରୁକୁଳ ଅଭିମୁଖେ ଯାତ୍ରାକଲେ।

ଦାନବରାଜ ବୃଷପର୍ବାଙ୍କ ରାଜ୍ୟରେ ଥିଲା ଶୁକ୍ରାଚାର୍ଯ୍ୟଙ୍କ ଆଶ୍ରମ। ସେଠାରେ କଚ ପହଞ୍ଚି, ଶୁକ୍ରାଚାର୍ଯ୍ୟଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ତାଙ୍କୁ ଶିଷ୍ୟ ଭାବରେ ଗ୍ରହଣ କରିବାକୁ ଅନୁରୋଧ କଲେ। ଧ୍ୟାନ ବଳରେ ଶୁକ୍ରାଚାର୍ଯ୍ୟ କଚଙ୍କ ଆଗମନର ଉଦ୍ଦେଶ୍ୟ ଜାଣିପାରିଲେ। ସେ କଚଙ୍କୁ ଗୁରୁକୁଳରେ ଶିଷ୍ୟ ଭାବରେ ଗ୍ରହଣ କରିବାପାଇଁ ମନା କରି ପାରିଲେ ନାହିଁ, କାରଣ ସେ ସମୟର ନିୟମ ଅନୁସାରେ, ଜଣେ ଯୋଗ୍ୟ ଛାତ୍ର ଗୁରୁକୁଳକୁ ଶିକ୍ଷାଲାଭ ପାଇଁ ଆସିଲେ ତାଙ୍କୁ ସେ ଅଧିକାରରୁ ବଞ୍ଚିତ କରାଯାଉ ନଥିଲା। ମନା କରିଥିଲେ ଏହା ଶୁକ୍ରାଚାର୍ଯ୍ୟଙ୍କ ଗୁରୁକୁଳ ପାଇଁ ନିନ୍ଦାଜନକ କାର୍ଯ୍ୟ ହୋଇଥାନ୍ତା। ଶୁକ୍ରାଚାର୍ଯ୍ୟ ଭାବିଲେ, କଚଙ୍କୁ ମୃତ୍ୟୁସଞ୍ଜିବନୀ ମନ୍ତ୍ର ଶିକ୍ଷା ଦେବା ନଦେବା ତାଙ୍କ ନିଜ ଉପରେ ନିର୍ଭର କରେ, ସେଥିପାଇଁ ଡର କାହିଁକି ?

ଶୁକ୍ରାଚାର୍ଯ୍ୟଙ୍କର ଗୋଟିଏ ଅତି ସୁନ୍ଦରୀ କନ୍ୟା ଥିଲେ; ନାଁଟି ତାଙ୍କର ଦେବଯାନୀ। ଅପରୂପ ସୌନ୍ଦର୍ଯ୍ୟର ପୁଷ୍ପ ଉଦ୍ୟାନଟିଏ ଥିଲେ ଦେବଯାନୀ। ଦେବଯାନୀଙ୍କୁ ପ୍ରାଣରୁ ବଳି ଭଲ ପାଉଥିଲେ ଶୁକ୍ରାଚାର୍ଯ୍ୟ। କଚଙ୍କ ସହିତ ଆଶ୍ରମରେ ପ୍ରଥମ ସାକ୍ଷାତରୁ ଦେବଯାନୀ ଦେବପୁତ୍ର କଚଙ୍କୁ ଭଲପାଇ ବସିଲେ।

କଳେ ବଳେ କୌଶଳେ ମୃତ୍ୟୁସଞ୍ଜିବନୀ ମନ୍ତ୍ର ଶିକ୍ଷା କରିବା କଚଙ୍କର ପ୍ରମୁଖ ଲକ୍ଷ୍ୟ ଥିଲା। ତେଣୁ ଦେବଯାନୀଙ୍କର ତାଙ୍କ ପ୍ରତି ଦୁର୍ବଳତା ଥିବା ଜାଣିପାରି, ସେହି ପରିସ୍ଥିତିକୁ ଲକ୍ଷ୍ୟ ସାଧନ ଦିଗରେ ପ୍ରୟୋଗ କରିବାପାଇଁ ମନସ୍ଥ କରିନେଲେ। ଆଜିକାଲି ବିଭିନ୍ନ ଦେଶର ଗୁପ୍ତଚରମାନେ ମଧ୍ୟ ଏଭଳି 'ହନିଟ୍ରାପ୍' ଉପାୟ ଅବଲମ୍ବନ କରନ୍ତି।

ଦେବଯାନୀ କଚଙ୍କ ସହିତ କାୟା ସହିତ ଛାୟା ପରି ସବୁବେଳେ ରହିଥାନ୍ତି। କଚ ଗଛରେ ଚଢି ପୂଜାପାଇଁ ଫୁଲ ତୋଳିଲେ ତଳେ ଲୁଗା କାନିକୁ ପ୍ରସାରିତ କରି ଠିଆ ହୋଇଥାନ୍ତି ଦେବଯାନୀ। 'ଶମ୍ଭୁଙ୍କ ପୂଜାପାଇଁ ଏ ଫୁଲ' କହି, କଚ ଜାଣି ଜାଣି ଫୁଲକୁ ତାଙ୍କ କାନିରେ ନପକାଇ ଉନ୍ନତ ବକ୍ଷଦେଶରେ ଦୁଷ୍ଟାମି କରି ପକେଇଦିଅନ୍ତି। ଲାଜରେ

Source: Author, Digitized by PPRACHIN, SOA

ମୁହଁ ଲାଲ୍ ହୋଇଯାଏ ଦେବଯାନୀଙ୍କର, କିନ୍ତୁ କଚଙ୍କର ଏ ଦୁଷ୍ଟାମୀ ତାଙ୍କୁ ଭଲଲାଗେ।

କଚ ଗାଈ ଦୁହିଁବା ସମୟରେ, ଦେବଯାନୀ ବେଳେବେଳେ ଦୁଷ୍ଟାମି କରି କଚଙ୍କ କାନରେ ପକ୍ଷୀର ପର ସୁଲୁ ସୁଲୁ କରନ୍ତି; ଖିର ଢାଳି ଯାଏ। କଚ ଗାଈଦୁହିଁବା ପରେ ଖୋଜନ୍ତି ଦେବଯାନୀଙ୍କୁ ଦଣ୍ଡ ଦେବାପାଇଁ। ଲତା ଉହାଡରୁ କାନଧରି ଦେବଯାନୀ ବାହାରି ଆସନ୍ତି। ଆଖିବୁଜି ଠିଆ ହୁଅନ୍ତି ଦେବଯାନୀ ଦଣ୍ଡ ପାଇବାପାଇଁ। ସୁବାସିତ ମଲ୍ଲୀ ବା ଚଂପା ଫୁଲଟିଏ ଦେବଯାନୀଙ୍କ କବରୀରେ ଖୋସିଦେଇ କଚ କହନ୍ତି... ଆଖିଖୋଲ ଦେବଯାନୀ, ଦଣ୍ଡ ସମାପ୍ତ।

କଚଙ୍କ ସହିତ ରହି ଦେବଯାନୀଙ୍କୁ ସବୁ ଋତୁ ଆଶ୍ରମରେ ବସନ୍ତ ଋତୁ ଭଳି ଲାଗିଲା। ଆଶ୍ରମର ଫୁଲ ବନରେ କଚଙ୍କ ସହିତ ଦେବଯାନୀ ଘୁରି ବୁଲିଲେ ଚନ୍ଦ୍ରଙ୍କ ସହିତ ଚିତ୍ରାପରି।

କଚଙ୍କ ଭଳି ଶିଷ୍ୟ ପାଇ ଶୁକ୍ରାଚାର୍ଯ୍ୟ ନିଜକୁ ଧନ୍ୟ ମନେ କରୁଥିଲେ। କେବଳ ଶାସ୍ତ୍ରଜ୍ଞାନ ନୁହେଁ ଅନ୍ୟ ସମସ୍ତ କାର୍ଯ୍ୟ-କୁଶଳତାରେ ପାରଙ୍ଗମ ଥିଲେ ବୃହସ୍ପତିଙ୍କ ପୁତ୍ର କଚ। ତେଣୁ ଆଶ୍ରମର ସମସ୍ତ ପରିଚାଳନା କାର୍ଯ୍ୟ କଚଙ୍କ ହାତରେ ସମର୍ପଣ କରି ନିଶ୍ଚିନ୍ତ ଥିଲେ ଦାନବଗୁରୁ ଶୁକ୍ରାଚାର୍ଯ୍ୟ।

ଦେବପୁତ୍ର କଚଙ୍କର ଆଚାର୍ଯ୍ୟଙ୍କ ଗୁରୁକୁଳରେ ଶିଷ୍ୟତ୍ୱ ନେବା ଦାନବ ମାନଙ୍କର ହଜମ ହେଲା ନାହିଁ। କଚ-ଦେବଯାନୀଙ୍କର ନିବିଡ଼ତା ସେମାନଙ୍କ ତଣ୍ଟିରେ ହାଡ଼ ପରି ଅଟକିଲା। ଦାନବମାନେ ଭାବିଲେ, ଦେବଯାନୀଙ୍କୁ ପ୍ରେମରେ ପକାଇ ତାଙ୍କ ଜରିଆରେ ଦିନେ କଚ ମୃତ୍ୟୁସଞ୍ଜିବନୀ ମନ୍ତ୍ର ଚୋରି କରି ସ୍ୱର୍ଗକୁ ଫେରିଯିବେ।

ଦାନବ ରାଜ ବୃଷପର୍ବାଙ୍କ କାନରେ ଏ କଥା ପଡିବାକ୍ଷଣି ସେ ଚିନ୍ତିତ ଦେଖାଗଲେ। ଆଚାର୍ଯ୍ୟଙ୍କ ସହିତ ପରାମର୍ଶ କରି କଚଙ୍କୁ ଆଶ୍ରମରୁ ବିତାଡିତ କରିଦେବା ପାଇଁ ସେ ଚାହୁଁଥିଲେ, କିନ୍ତୁ କିଛି ମନ୍ତ୍ରୀ ଓ ଅମାତ୍ୟ କହିଲେ... ଆଚାର୍ଯ୍ୟଙ୍କୁ କହି କହି ଲାଭ ହେବନାହିଁ, କାରଣ ଶିକ୍ଷା ସଂପୂର୍ଣ୍ଣ ହେବା ପୂର୍ବରୁ ଆଚାର୍ଯ୍ୟ କଦାପି କଚକୁ ଗୁରୁକୁଳରୁ ବିତାଡିତ କରିବେ ନାହିଁ। ତେଣୁ କଚଙ୍କୁ ଗୋପନରେ ହତ୍ୟା କରିବା ହିଁ ଏକମାତ୍ର ଉପାୟ। ଏହି ଷଡ଼ଯନ୍ତ୍ର କାର୍ଯ୍ୟକାରି କରିବାପାଇଁ ବୃଷପର୍ବା ଅନୁମୋଦନ ଦେଇଦେଲେ। ଦାନବମାନେ ସୁଯୋଗକୁ ଅପେକ୍ଷା କରି ରହିଲେ।

ଦିନେ କଚ ଏକା ଏକା ନିକଟସ୍ଥ ଅରଣ୍ୟକୁ ଆଶ୍ରମର ଧେନୁମାନଙ୍କୁ ଚରାଇବାକୁ ଯାଇଥିଲେ। ଅସୁରମାନେ ତାଙ୍କୁ ଏକା ଦେଖି ହତ୍ୟାକରି, ଦେହକୁ ଖଣ୍ଡ ଖଣ୍ଡ କରି ଜଙ୍ଗଲୀ କୁକୁରମାନଙ୍କୁ ଖାଇବାକୁ ଦେଇଦେଲେ।

Source: Author, Digitized by PPRACHIN, SOA

ବେଳ ଗଡି ସନ୍ଧ୍ୟା ହେଲା । ଗାଈଗୋଠ ଆଶ୍ରମକୁ ଫେରିଆସିଲେ । କିନ୍ତୁ କଚ ଫେରିଲେ ନାହିଁ । ଦେବଯାନୀ କାନ୍ଦି କାନ୍ଦି ପିତାଙ୍କ ପାଖରେ ଜଣାଇଲେ । ଧ୍ୟାନ ବଳରେ ଶୁକ୍ରାଚାର୍ଯ୍ୟ ଜାଣିପାରିଲେ ଯେ ଦାନବମାନେ କଚଙ୍କୁ ହତ୍ୟା କରିଛନ୍ତି । ଦାନବମାନଙ୍କର ଏଭଳି କାର୍ଯ୍ୟରେ କ୍ଷୁବ୍ଧ ହେଲେ ଆଚାର୍ଯ୍ୟ । ମୃତ୍ୟୁ ସଞ୍ଜିବନୀ ମନ୍ତ୍ର ପାଠକରି ସେ କଚଙ୍କୁ ଜୀବଦାନ ଦେଲେ । କଚ ଫେରିବା ପରେ, କାହିଁକି ଏତେ ଡେରି ହେଲା ବୋଲି ପଚାରିଲେ ଦେବଯାନୀ । କଚ ଉତ୍ତର ଦେଲେ ଯେ ରାକ୍ଷସମାନେ ତାଙ୍କୁ ହତ୍ୟା କରିଥିଲେ, କିନ୍ତୁ କିପରି ସେ ଜୀବନ ଫେରି ପାଇଲେ, ତାହା ତାଙ୍କୁ ଅଜଣା ।

କଚ ଜୀବିତ ହେବା ସମ୍ବାଦ ପାଇ ଆହୁରି କ୍ରୋଧାନ୍ୱିତ ହୋଇ ଉଠିଲେ ଦାନବମାନେ । ଆଉ ଦିନେ କଚ ଦେବଯାନୀଙ୍କ ପାଇଁ ଫୁଲ ଆଣିବା ପାଇଁ ଅରଣ୍ୟକୁ ଯାଇଥାନ୍ତି । ତାଙ୍କୁ ଏକା ଦେଖି ଦାନବମାନେ ହତ୍ୟା କରି, ତାଙ୍କର ହାଡ଼ ମାଂସ ଗୁଣ୍ଡକରି ସମୁଦ୍ରରେ ଫିଙ୍ଗିଦେଲେ । କଚ ଆଶ୍ରମକୁ ନଫେରିବାରୁ ଦେବଯାନୀ ପ୍ରମାଦ ଗଣିଲେ ଏବଂ କାନ୍ଦି କାନ୍ଦି ପିତାଙ୍କ ଆଗରେ ଜଣାଇଲେ । ଧ୍ୟାନବଳରେ ଶୁକ୍ରାଚାର୍ଯ୍ୟ ସବୁ ଜାଣିପାରି କଚଙ୍କୁ ମୃତ୍ୟୁସଞ୍ଜିବନୀ ମନ୍ତ୍ର ପଢି ଆଉଥରେ ଜୀବନ୍ୟାସ ଦେଲେ । ହସିହସି ବଣରୁ ଫେରି ଆସିଲେ କଚ । ସେ ଜାଣିଥିଲେ ଯେ ଦେବଯାନୀଙ୍କର ପ୍ରେମ ତାଙ୍କୁ ମରିବାପାଇଁ ଦେବନାହିଁ । ତେଣୁ ମୃତ୍ୟୁ ପାଇଁ ଭୟ ନଥିଲା ତାଙ୍କର ।

ଦାନବମାନେ ଦେଖିଲେ ଯେ ଶୁକ୍ରାଚାର୍ଯ୍ୟ କଚଙ୍କୁ ପ୍ରତିଥର ମୃତ୍ୟୁସଞ୍ଜିବନୀ ମନ୍ତ୍ର ପ୍ରୟୋଗ କରି ଜୀବିତ କରି ଦେଉଛନ୍ତି । ତେଣୁ ତୃତୀୟ ଥର କଚଙ୍କୁ ହତ୍ୟା କରିବା ସମୟରେ ସେମାନେ କିଛି ବୁଦ୍ଧିମତ୍ତା ପ୍ରୟୋଗ କଲେ । କଚ ଗୋରୁପଲ ଧରି ଅରଣ୍ୟକୁ ଯାଇଥାନ୍ତି । ଦାନବମାନେ କଚଙ୍କୁ ହତ୍ୟାକରି, ତାଙ୍କ ଶରୀରକୁ ଭସ୍ମୀଭୂତ କରି ସୁରାରେ ମିଶାଇ ଗୁରୁଙ୍କୁ ପିଆଇ ଦେଲେ ।

କଚଙ୍କୁ ନପାଇ ଦେବଯାନୀ ପୁଣି ଥରେ ବ୍ୟାକୁଳ ହୋଇ ପିତାଙ୍କୁ ଜଣାଇଲେ । ଶୁକ୍ରାଚାର୍ଯ୍ୟ ଧ୍ୟାନବଳରେ ଜାଣି ପାରିଲେ ଯେ ସୁରା ସହିତ କଚ ତାଙ୍କ ଶରୀର ଭିତରେ ପ୍ରବେଶ କରିଛନ୍ତି । ପରିସ୍ଥିତି ବିଷମ । ଗୁରୁ ହୋଇ ସୁରାପାନ ନକରିବାପାଇଁ ସମାଜକୁ ସେ ବାର୍ତ୍ତା ଦେବାକଥା, କିନ୍ତୁ ନିଜେ ସୁରାପାନ କରିଥିବା ଅପରାଧ ପାଇଁ ନିଜ ଉପରେ ବ୍ୟଥିତ ହେଲେ ଶୁକ୍ରାଚାର୍ଯ୍ୟ ।

ଏଥର କିନ୍ତୁ କିଭଳି ସେ କଚଙ୍କୁ ଜୀବନଦାନ ଦେବେ ! ତାଙ୍କୁ ଜୀବନଦାନ ଦେଲେ ନିଜେ ମୃତ୍ୟୁ ମୁଖରେ ପଡିବେ । ଦେବଯାନୀଙ୍କୁ ବହୁତ ବୁଝାଇଲେ ଶୁକ୍ରାଚାର୍ଯ୍ୟ । କହିଲେ... ବାରମ୍ବାର କଚଙ୍କୁ ଜୀବନଦାନ ଦେବାପରେ ମଧ୍ୟ ସେ ମୃତ୍ୟୁ ମୁଖରେ ବାରମ୍ବାର

Source: Author, Digitized by PPRACHIN, SOA

ପଡୁଛନ୍ତି । ଜୀବନ ଅଳିକ । ତେଣୁ କଚଙ୍କର ଅବର୍ତ୍ତମାନ ପାଇଁ ଶୋକ ନକରି ତାହା ବିଧାତାଙ୍କର ନିର୍ଦ୍ଦେଶ ବୋଲି ଗ୍ରହଣ କରିବା ଉଚିତ ।

କାନ୍ଦି କାନ୍ଦି ଦେବଯାନୀ କହିଲେ ଯେ କଚ ତାଙ୍କର ଜୀବନ ଏବଂ ଜୀବନ ବ୍ୟତୀତ ଶରୀର ମୂଲ୍ୟହୀନ । ତେଣୁ କଚ ନଫେରିଲେ ସେ ମଧ୍ୟ ଆତ୍ମହତ୍ୟା କରିବେ ।

-୦-

(୨)

କଚ-ଦେବଯାନୀ

ଦେବଯାନୀଙ୍କ ଆଖିରୁ ଧାରଧାର ହୋଇ ଲୁହ ବହି ଯାଉଥିଲା । କଚଙ୍କୁ ସେ ଜୀବନରୁ ବଳି ଭଲ ପାଉଥିଲେ । ଚକ୍ରାନ୍ତ କରି ଆଜି ଅସୁରମାନେ ତାଙ୍କୁ ଚିରଦିନ ପାଇଁ ଦୂର କରି ଦେଇଛନ୍ତି । ଅନଶନରେ ପ୍ରାଣତ୍ୟାଗ କରିବାପାଇଁ ବସିଗଲେ ଦେବଯାନୀ । ପ୍ରାଣସମା କନ୍ୟାର ଏଭଳି ଅବସ୍ଥା ଦେଖି ଗଭୀର ଦୁଃଖ ଓ ମନସ୍ତାପରେ ଭାଙ୍ଗି ପଡ଼ିଲେ ଶୁକ୍ରାଚାର୍ଯ୍ୟ । ଅସୁରମାନଙ୍କ ଉପରେ ଭୀଷଣ କ୍ରୋଧ ଜାତ ହେଲା । ଶଠତାର ଆଶ୍ରୟ ନେଇ, କଚ ଶରୀରକୁ ଦଗ୍ଧକରି, ସୁରାରେ ଭସ୍ମକୁ ମିଶାଇ ସେମାନେ ତାଙ୍କୁ ପାନ କରାଇଥିବାରୁ ଗୁରୁଙ୍କର ମନରେ ପ୍ରବଳ କ୍ରୋଧ-ଅଗ୍ନି ଜଳି ଉଠିଲା । ସୁରା ପାନ କରିଥିବାରୁ ନିଜକୁ ଧିକ୍କାର କରି ସେ କହିଲେ... ଆଜିଠାରୁ ସୁରାପାନ ଘୃଣ୍ୟ କାର୍ଯ୍ୟ ଭାବରେ ଜଗତରେ ପରିଗଣିତ ହେବ । ସେ ସମୟରେ ମୁନିଋଷିମାନେ ଯେଉଁ ନିର୍ଦ୍ଦେଶ ଦେଉଥିଲେ ତାହା ସମାଜରେ ଅବଧାରିତ ନିୟମ ଭାବରେ ଗ୍ରହଣ କରାଯାଉଥିଲା ।

ଶୁକ୍ରାଚାର୍ଯ୍ୟ ଦୁଃଖରେ ମ୍ରିୟମାଣା ଦେବଯାନୀଙ୍କୁ କହିଲେ... ମୋର ପ୍ରାଣସମା କନ୍ୟା, ଏବେ ତୋ ଆଗରେ ଦୁଇଟି ବିକଳ୍ପ ।କଚ ବଞ୍ଚିପାରିବ, କିନ୍ତୁ ମୋତେ ମରିବାକୁ ହେବ । ମୋ ଶରୀର ଭିତରେ ଥିବା କଚକୁ ମୁଁ ଜୀବନ୍ୟାସ ଦେଲେ ସେ ମୋ ଉଦର ଚିରି ବାହାରକୁ ଆସିବ, ଫଳରେ ମୋର ମୃତ୍ୟୁ ସୁନିଶ୍ଚିତ ।

ତୋର କ'ଣ ଦର୍କାର,କଚ ନା ପିତା ?

କାନ୍ଦି କାନ୍ଦି ଦେବଯାନୀ କହିଲେ... ମୋର ଉଭୟେ ଆବଶ୍ୟକ । କଚ ବିନା ମୁଁ ତ ବଞ୍ଚି ପାରିବି ନାହିଁ, ଆପଣଙ୍କ ବିନା ମଧ୍ୟ ମୋର ଜୀବନ ଅର୍ଥହୀନ ।

ଶୁକ୍ରାଚାର୍ଯ୍ୟ ଦେବଯାନୀଙ୍କ ଆଖିରୁ ଲୁହ ପୋଛି ଦେଇ କହିଲେ... ମାଆରେ !

Source: Author, Digitized by PPRACHIN, SOA

ବଡ଼ ବିଚିତ୍ର ବିଧାତାଙ୍କର ବିଧାନ। ଯେଉଁ ଗର୍ବୀ ଓ ଅହଂକାରୀ ଦେବତାମାନଙ୍କୁ ନିଶ୍ଚିହ୍ନ କରିବାପାଇଁ ମୁଁ ମହାଦେବଙ୍କ ପାଖରେ କୃଚ୍ଛ ସାଧନା କରି ମୃତ୍ୟୁ ସଞ୍ଜିବନୀ ମନ୍ତ ଶିକ୍ଷା କରିଥିଲି, ଆଜି ସେହି ମନ୍ତ ମୋତେ ଦେବପୁତ୍ର କଚକୁ ଶିଖାଇବାକୁ ପଡିବ।ମୋ ଉଦର ଭିତରୁ ବାହାରି କଚ ସେହି ମନ୍ତ୍ର ବଳରେ ମତେ ଜୀବନ୍ୟାସ ଦେବେ। ତା'ଦ୍ୱାରା ହିଁ ତୋ ଇଚ୍ଛା ପୂର୍ଣ୍ଣ ହେବ ଦେବଯାନୀ।

ପିତାଙ୍କ କଥା ଶୁଣି ଦେବଯାନୀ ଆଖିରେ ଆଶାର ଆଲୋକ ଝଲସି ଉଠିଲା। ତା'ପରେ ଆଚାର୍ଯ୍ୟ ମୃତ୍ୟୁସଞ୍ଜିବନୀ ମନ୍ତ ସାହାଯ୍ୟରେ କଚକୁ ଜୀବନ୍ୟାସ ଦେଲାପରେ ପଚାରିଲେ...ଏବେ କେଉଁଠାରେ ଅଛ ଦେବପୁତ୍ର ?

କଚ ଉତ୍ତର ଦେଲେ... ଆପଣଙ୍କ ଉଦର ଭିତରେ ରହିଛି ପ୍ରଣମ୍ୟ।

ହସି ହସି ଗୁରୁ ପଚାରିଲେ... ମୋ ଉଦର ଭିତରେ ତୁମର କି କାର୍ଯ୍ୟ ଅଙ୍ଗିରା ପୌତ୍ର ? ସେଠାରେ କଣ ଗୋରୁ ପଲ ଚରାଉଛ ନା ଫୁଲ ତୋଳୁଛ ?

କଚ କହିଲେ... ମୋତେ ଦାନବମାନେ ହତ୍ୟା କରିଛନ୍ତି ଗୁରୁଦେବ।ତାପରେ ମୁଁ ଆପଣଙ୍କ ଉଦରକୁ କିପରି ଆସିଲି ମୋତେ ଜଣାନାହିଁ।

ଶୁକ୍ରାଚାର୍ଯ୍ୟ କହିଲେ... ଏସବୁ ଦେବତାମାନଙ୍କର କୂଟ ଦେବପୁତ୍ର। ଦାନବ ମାନେ କେବଳ ଉପଲକ୍ଷ। ଏହି ପ୍ରକାର ଚଞ୍ଚକତା ଯୋଗୁଁ ମୁଁ ଦେବତାମାନଙ୍କୁ ଘୃଣା କରେ। ମହର୍ଷି ଅଙ୍ଗିରା ମୋର ଗୁରୁ ଥିଲେ। ତୁମ ପିତା ତଥା ଅଙ୍ଗିରାଙ୍କ ପୁତ୍ର ବୃହସ୍ପତି ମୋର ସହପାଠୀ ଥିଲେ। ମୁଁ ବୃହସ୍ପତିଙ୍କ ଠାରୁ ଅଧିକ ବିଦ୍ୱାନ ଥିଲି। କିନ୍ତୁ ପୁତ୍ରମୋହର ବଶବର୍ତ୍ତୀ ହୋଇ ମହର୍ଷି ଅଙ୍ଗିରା ମୋ' ପ୍ରତି ଭେଦଭାବ ସୃଷ୍ଟିକଲେ। ବୃହସ୍ପତିଙ୍କୁ ବିଦ୍ୟାଦାନ କରି ମୋତେ ଆଶ୍ରମର ଇତର କାର୍ଯ୍ୟରେ ନିୟୋଜିତ କରୁଥିଲେ। ତଥାପି ଗୁରୁକୁଳରେ ମୁଁ ଶ୍ରେଷ୍ଠ ଛାତ୍ର ଭାବରେ ନିଜକୁ ପ୍ରମାଣିତ କରିପାରିଲି।

ଦେବତା ମାନଙ୍କ ପ୍ରତାରଣା ଏହିଠାରେ ଶେଷ ହୋଇ ନଥିଲା। ଯେତେବେଳେ 'ଦେବଗୁରୁ ପଦ' ପାଇଁ ନିଯୁକ୍ତି ସମୟ ଆସିଲା, ସେତେବେଳେ, ମୋର ଜ୍ଞାନଗରିଷ୍ଠତା ସତ୍ୱେ ପକ୍ଷପାତିତା କରି ବୃହସ୍ପତିଙ୍କୁ 'ଦେବଗୁରୁ' ପଦରେ ନିଯୁକ୍ତି ଦିଆଗଲା। ସେଥିପାଇଁ ଘୋର ମନସ୍ତାପରେ ମୋତେ ସ୍ୱର୍ଗତ୍ୟାଗକରି ଦାନବଙ୍କ ଗୁରୁ-ପଦ ଗ୍ରହଣ କରିବାପାଇଁ ପଡ଼ିଲା।

କେବଳ ସେତିକିରେ ଦେବତାମାନଙ୍କର ନୀଚ ମନୋବୃତ୍ତିର ଅନ୍ତ ହେଲାନାହିଁ। ଯେଉଁ ସମୟରେ ମୁଁ ଆଶୁତୋଷ ଶିବଙ୍କ ପାଖରେ ମୃତ୍ୟୁ ସଞ୍ଜିବନୀ ମନ୍ତ ଶିକ୍ଷା ପାଇଁ ହିମାଳୟରେ ତପସ୍ୟାରତ ଥିଲି, ସେ ସମୟରେ ଦେବଗଣ ମୋ ଆଶ୍ରମକୁ ଆକ୍ରମଣ

Source: Author, Digitized by PPRACHIN, SOA

କରି ଧ୍ୱସ୍ତବିଧ୍ୱସ୍ତ କରି ଦେଇଥିଲେ ଏବଂ ଅନେକ ଦାନବ ସମେତ ମୋ ମାତା 'କାବ୍ୟାଦେବୀ'ଙ୍କୁ ମଧ୍ୟ ହତ୍ୟାକରିଥିଲେ।

ହିମାଳୟରୁ ଫେରିଆସି ଆଶ୍ରମର ଏ ଅବସ୍ଥା ଦେଖି ମୁଁ ବିଚଳିତ ହୋଇ ପଡିଥିଲି। ସଞ୍ଜିବନୀମନ୍ତ୍ର ବଳରେ ମାତା କାବ୍ୟାଙ୍କୁ ଜୀବନ୍ୟାସ ଦେଇ ପରିସ୍ଥିତିକୁ ଆୟାତ୍ତାଧୀନ କରିଥିଲି। ତା'ପରେ ଦେବତାମାନଙ୍କ ଉପରେ ପ୍ରତିଶୋଧ ନେବା ମୋ ଜୀବନର ପ୍ରମୁଖ ଲକ୍ଷ୍ୟ ଥିଲା; ପ୍ରତି ଯୁଦ୍ଧରେ ଦେବତାମାନଙ୍କୁ ପରାସ୍ତ କରିପାରୁଥିଲି କାରଣ ମୃତ୍ୟୁସଞ୍ଜିବନୀ ମନ୍ତ୍ର ବଳରେ ସବୁ ମୃତ ଦାନବମାନେ ଜୀବନ୍ୟାସ ପାଇ ପାରୁଥିଲେ। ମୃତ୍ୟୁସଞ୍ଜିବନୀ ନିଜେ ବୃହସ୍ପତି ଲାଭ କରିପାରିଲେ ନାହିଁ। ଶେଷରେ ଦେବତାମାନେ ତୁମକୁ ମୋ ପାଖକୁ ପଠାଇଲେ ମନ୍ତ୍ର ଶିକ୍ଷା କରିବା ପାଇଁ।

ସବୁ ସମୟରେ ଦାନବ ମାନଙ୍କୁ ମୂର୍ଖ ବୋଲି କହିଆସିଛନ୍ତି ଦେବତାମାନେ। କିନ୍ତୁ ଏହି ମୂର୍ଖତା ପାଇଁ ଦାୟୀ କିଏ? ଯେଉଁ ବାକ୍ୟଦେବୀ ମାନସିକ ସ୍ଥିତିର ନିୟନ୍ତ୍ରଣ କରନ୍ତି, ସେ ମଧ୍ୟ ଦେବଲୋକର ସଦସ୍ୟା। ତେଣୁ ବର୍ତ୍ତମାନ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହା ଦେବମାୟା ବ୍ୟତୀତ ଅନ୍ୟ କିଛି ନୁହେଁ।

ଠିକ୍ ଅଛି ଦେବପୁତ୍ର କଚ। ଦେବତାମାନଙ୍କର ଏ ଆହ୍ୱାନ ମଧ୍ୟ ମୁଁ ଗ୍ରହଣ କରୁଛି। ମୃତ୍ୟୁସଞ୍ଜିବନୀ ମନ୍ତ୍ର ଏବେ ସମସ୍ତଙ୍କର ସଂପତ୍ତି ହେଉ। ତା'ପରେ ଦେବତା ଏବଂ ଦାନବଙ୍କ ମଧ୍ୟରେ ବଳ କଷାକଷି ହେଉ। ସାରା ସୃଷ୍ଟି ଦେବତାମାନଙ୍କ ଛଳନା ବିଷୟରେ ଅବଗତ ହେଉ।

ମୁଁ ତୁମକୁ ମୃତ୍ୟୁସଞ୍ଜିବନୀ ମନ୍ତ୍ର ପଢି ଶୁଣାଇବି ଦେବପୁତ୍ର କଚ। ତା'ପରେ ତୁମେ ମୋ ଉଦର ଚିରି ବାହାରକୁ ଆସିବାପରେ ସେହି ମନ୍ତ୍ର ପ୍ରୟୋଗ କରି ମୋତେ ଜୀବନ୍ୟାସ ଦେବ। ଏହା କହି ଶୁକ୍ରାଚାର୍ଯ୍ୟ ଉଦର ଭିତରେ ଥିବା କଚଙ୍କୁ ମୃତ୍ୟୁସଞ୍ଜିବନୀ ମନ୍ତ୍ର ଶିକ୍ଷା ଦେଲେ। କଚ ଗୁରୁଙ୍କ ଉଦର ଚିରି ବାହାରକୁ ଆସିବା ପରେ ଗୁରୁଙ୍କୁ ସଙ୍ଗେ ସଙ୍ଗେ ମନ୍ତ୍ର ପାଠ କରି ଜୀବନ୍ୟାସ ପ୍ରଦାନ କଲେ।

ଶୁକ୍ରାଚାର୍ଯ୍ୟଙ୍କ ପାଦତଳେ ଆଭୂମ ପ୍ରଣିପାତ କରି କଚ କହିଲେ... ହେ ଆର୍ଯ୍ୟ! ବିଦ୍ୟା ଦାନ କରି ସହଜେ ତ ଆପଣ ମୋର ପିତା ଥିଲେ। ଏବେ ଆପଣ ମୋତେ ଉଦରରେ ଧାରଣ କରି ମୋର ମାତା ହୋଇଗଲେ। ତେଣୁ ଆପଣ ମୋର ଉଭୟ ମାତା ଏବଂ ପିତା। ଗୁରୁ ଭାବରେ ଆପଣ ମୋତେ ଯେଉଁ ଶିକ୍ଷା ଦାନ କଲେ ତାହା ଜଗତରେ ବିତରଣ କରିବା ଦାୟିତ୍ୱ ମୋର।

ଗୁରୁକୁଳରେ ବିଦ୍ୟାଶିକ୍ଷା ପରେ କଚ ସ୍ୱଗର୍କୁ ପ୍ରତ୍ୟାବର୍ତ୍ତନ କରିବାକୁ ବାହାରିଲେ।

Source: Author, Digitized by PPRACHIN, SOA

ଗୁରୁପୁତ୍ରୀ ଦେବଯାନୀ ନିଜର ମନକଥା ପ୍ରକାଶ କରି କହିଲେ... ହେ ଦେବପୁତ୍ର, ମୋର ପ୍ରଣୟ ପୁଷ୍ପାଞ୍ଜଳି ତୁମ ପାଦରେ ଅର୍ପଣ କରୁଛି, ମୋତେ ପତ୍ନୀ ରୂପରେ ଗ୍ରହଣ କର।

କଚ ଦୁଇପାଦ ପଛକୁ ଘୁଞ୍ଚିଗଲେ। କହିଲେ... ଏବେ ତାହା ସମ୍ଭବ ନୁହେଁ; ଗୁରୁଙ୍କ ଉଦରରୁ ପୁନର୍ଜନ୍ମ ପାଇ ମୁଁ ତୁମର ଭାଇ ପାଲଟି ଯାଇଛି ସୁଶୀଳେ। ଭାଇ-ଭଉଣୀଙ୍କ ମଧ୍ୟରେ ବିବାହ କଣ ସମ୍ଭବ !

ଦେବଯାନୀ ଅନେକ ଯୁକ୍ତିକରି କହିଲେ... ଯେ କଚ ଭାଇ ନୁହଁନ୍ତି, ବରଂ ବୃହସ୍ପତିଙ୍କ ପୁତ୍ର; ତେଣୁ ବିବାହ କରିବାରେ କୌଣସି ବାଧା ନାହିଁ। କିନ୍ତୁ କଚ ମାନିଲେ ନାହିଁ।

କଚଙ୍କ ପ୍ରତ୍ୟାଖ୍ୟାନ ପରେ ଅପମାନିତା ଦେବଯାନୀ ଅଭିଶାପ ଦେଇ କହିଲେ... ଦେବପୁତ୍ର, ତୁମେ ମୃତ୍ୟୁସଞ୍ଜିବନୀ ମନ୍ତ୍ର ପାଇବା ପାଇଁ ପ୍ରେମର ଛଳନା କରି ମୋତେ ପ୍ରଣୟରେ ଧୋକା ଦେଇଛ। ଯେଉଁ ମନ୍ତ୍ର ଲାଭକରି ତୁମେ ଇପ୍ସିତ ପଦାର୍ଥ ପାଇଗଲ ବୋଲି ଭାବୁଛ, ସେ ମନ୍ତ୍ର ତୁମଦ୍ୱାରା କାର୍ଯ୍ୟକାରୀ ହେବନାହିଁ।

କଚ କହିଲେ... ସେଥିପାଇଁ ମୋ ମନରେ ଦୁଃଖ ନାହିଁ। ମୁଁ ଗୁରୁକୁଳ ପ୍ରତିଷ୍ଠା କରି, ଶିଷ୍ୟମାନଙ୍କୁ ସେହି ମନ୍ତ୍ର ଶିକ୍ଷା ଦେଇ ସେହି ଜ୍ଞାନକୁ ସାର୍ବଜନୀନ କରିବି। ମୋ ଦ୍ୱାରା ଫଳବତୀ ନହେଲେ ମଧ୍ୟ, ଅନ୍ୟମାନଙ୍କ ଦ୍ୱାରା ତ ଫଳବତୀ ହୋଇପାରିବ, କିନ୍ତୁ ବିନା ଦୋଷରେ ତୁମେ ମତେ ଅଭିଶାପ ଦେବା ଠିକ କଥା ନୁହେଁ। ସେଥିପାଇଁ ତୁମେ ଜୀବନରେ କେବେ ସ୍ୱାମୀଙ୍କର ଏକକ ପ୍ରେମ ପାଇବ ନାହିଁ। ସ୍ୱାମୀଙ୍କର ପରକୀୟା ପ୍ରେମ ଯୋଗୁଁ ତୁମେ ଅଶାନ୍ତି ଭୋଗ କରିବ।

-୦-

(୩)

ଶର୍ମିଷ୍ଠାଙ୍କ ଅପରାଧ

ରାକ୍ଷସମାନଙ୍କ ରାଜା ବୃଷପର୍ବାଙ୍କର ଶର୍ମିଷ୍ଠା ନାମରେ ଗୋଟିଏ ଅତି ଗୁଣବତୀ ଏବଂ ରୂପବତୀ କନ୍ୟା ଥିଲେ। ଗୁରୁ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କର ସେ ଥିଲେ ଅତ୍ୟନ୍ତ ଅନ୍ତରଙ୍ଗ ସଖୀ। କଚଙ୍କର ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ ପରେ ଦେବଯାନୀ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିଲେ। ସେହି ସମୟରେ ଶର୍ମିଷ୍ଠା ପ୍ରିୟସଖୀ ଦେବଯାନୀଙ୍କୁ ଶାନ୍ତ୍ୱନା

Source: Author, Digitized by PPRACHIN, SOA

ଦେଇ ମନ ପରିବର୍ତ୍ତନ କରିବାର ପ୍ରୟାସ କଲେ। କ୍ରମେ କଚଙ୍କର ସ୍ମୃତି ଦେବଯାନୀଙ୍କ ମନରୁ ଦୂର ହୋଇଗଲା।

ଥରେ ସହଚରୀମାନଙ୍କ ସହିତ ରାଜକନ୍ୟା ଶର୍ମିଷ୍ଠା ପ୍ରିୟସଖୀ ଦେବଯାନୀଙ୍କୁ ନେଇ କାନନରେ ଭ୍ରମଣ କରୁଥିଲେ। ସମୟ ଥିଲା ବସନ୍ତଋତୁ। ନାନା ପ୍ରକାର ଫୁଲ ଫଳ ସମ୍ଭାରରେ ପରିପୂର୍ଣ୍ଣ ହୋଇଥିଲା କାନନ ପ୍ରକୃତି। ସୌନ୍ଦର୍ଯ୍ୟ ଆସ୍ୱାଦନ କରୁ କରୁ ଗଭୀର ବନଦେଶକୁ ପ୍ରବେଶ କରି କ୍ଳାନ୍ତ ହୋଇପଡିଲେ ଦୁଇ ସଖୀ। ପାଖରେ ଗୋଟିଏ ସୁଶୀତଳ ପୁଷ୍କରିଣୀ ଥିଲା। ଦୁଇ ସଖୀ ଏବଂ ସାଙ୍ଗରେ ଆସିଥିବା ସମସ୍ତ ସହଚରୀ କୂଳରେ ନିଜ ନିଜର ଶାଢ଼ି ରଖିଦେଇ ପୁଷ୍କରିଣୀ ଭିତରେ ଜଳକ୍ରୀଡାରେ ମାତିଗଲେ।

ଏହି ସମୟରେ ତୀବ୍ର ବେଗରେ ପବନ ବହିବାରେ ଲାଗିଲା। କୂଳରେ ରଖାଯାଇଥିବା ସବୁ ଶାଢ଼ିଗୁଡିକ ପବନରେ ଉଡ଼ି ଗୋଟିଏ ସ୍ଥାନରେ ଏକାଠି ହୋଇଗଲା।

ଜଳକ୍ରୀଡା ପରେ ପ୍ରଥମେ ଶର୍ମିଷ୍ଠା କୂଳକୁ ଆସି ନିଜର ଶାଢ଼ି ଖୋଜି ଖୋଜି ପାଇଲେ ନାହିଁ। ରାଜକନ୍ୟା ଅନନୋପାୟ ହୋଇ ଶାଢ଼ି ଗଦା ଭିତରୁ ଗୋଟିଏ ଶାଢ଼ି ପିନ୍ଧି ପକାଇଲେ।

ଯୋଗକୁ ସେ ବସ୍ତ୍ରଟି ଥିଲା ଦେବଯାନୀଙ୍କର। ଦେବଯାନୀଙ୍କୁ ଏହା ଭଲ ଲାଗିଲା ନାହିଁ। ଝିମିଟି ଖେଳରୁ ଆରମ୍ଭ ହେଲା ମହାଭାରତ। ଦେବଯାନୀ ଶର୍ମିଷ୍ଠାଙ୍କୁ ଯାହା କହିଲେ ତାକୁ ପରିହାସ ବୋଲି ଗ୍ରହଣ କରିପାରିଲେ ନାହିଁ ରାଜକୁମାରୀ। ଦେବଯାନୀ କହିଲେ... ଭାଗ୍ୟବତୀ ତୁ ଶର୍ମିଷ୍ଠା, ଗୁରୁକନ୍ୟାର ଶାଢି ପିନ୍ଧିବା ଭାଗ୍ୟ ଅର୍ଜନ କରିଛୁ। ଶର୍ମିଷ୍ଠା କଳହପ୍ରବୀଣା ନଥିଲେ। କିନ୍ତୁ ବେଳେବେଳେ ସମୟ ଆଗରେ ଚରିତ୍ର ହାର ମାନିଯାଏ। ସେଥିପାଇଁ କୁହାଯାଏ 'ସମୟ ବଳବାନ'। ଶର୍ମିଷ୍ଠା ଦେବଯାନୀଙ୍କ କଥାକୁ ସହଜରେ ନେଇ ପାରିଲେ ନାହିଁ। କହିଲେ... ଏହା ତୋର ଅହଂକାର ବ୍ୟତୀତ ଅନ୍ୟ କିଛି ନୁହେଁ ଦେବଯାନୀ। ମୋ ପିତା ଦାନବରାଜ ବୃଷପର୍ବାଙ୍କର ଜଣେ ସାଧାରଣ ପ୍ରଜା ହେଉଛନ୍ତି ତୋର ପିତା। ମୋ ପିତାଙ୍କ ଦୟା ଉପରେ ସେ ବଞ୍ଚିଛନ୍ତି। ତୋର ଭାଗ୍ୟବଳରୁ ମୋ ଭଳି ରାଜକନ୍ୟାର ବାନ୍ଧବୀ ହୋଇ ପାରିଛୁ; ନହେଲେ ତୋର ପ୍ରତିଷ୍ଠା କଣ ସମାଜରେ? ଭିକାରୁଣୀ ବ୍ୟତୀତ ଅନ୍ୟ କିଛି ନୁହେଁ।

ଦେବଯାନୀ ମଧ୍ୟ ଛାଡ଼ିଲେ ନାହିଁ, କହିଲେ... ମୋ ପିତାଙ୍କ ଯୋଗୁଁ ରାକ୍ଷସକୁଳ ବଞ୍ଚି ରହିଛନ୍ତି। ମୃତ୍ୟୁସଞ୍ଜିବନୀ ମନ୍ତ୍ର ବଳରେ ମୋ' ପିତା ଯୁଦ୍ଧରେ ମୃତ ସବୁ ରାକ୍ଷସଙ୍କୁ ବଞ୍ଚାଇ ଦିଅନ୍ତି; ନହେଲେ କେବେଠୁ ଦାନବକୁଳ ଧ୍ୱଂସ ପାଇ ଯାଆନ୍ତେଣି।

ଶର୍ମିଷ୍ଠା କହିଲେ... ରାଜଅନୁଗ୍ରହ ଉପରେ ନିର୍ଭର କରୁଥିବା ଭିକାରି ବ୍ରାହ୍ମଣକନ୍ୟା

Source: Author, Digitized by PPRACHIN, SOA

ହୋଇ ତ ତୋର ଏତେ ଫୁଟାଣି, ରଜାଝିଅ ହେଇଥିଲେ ଆଉ ତଳେ ଚାଲନ୍ତୁ ନାହିଁ।

ବାସ୍, ଲାଗିଗଲା ପ୍ରବଳ ଲଢେଇ ଦୁଇ ସଖୀଙ୍କ ଭିତରେ।

ଦେବଯାନୀ କହିଲେ... ଅନାର୍ଯ୍ୟ, ମାଂସଭକ୍ଷୀ ରାକ୍ଷସୀ, ମୋ ପିତାଙ୍କ ଦୟାରୁ ତୁମେ ସମସ୍ତେ ବଞ୍ଚିଛ। ଆଜି ଆଶ୍ରମକୁ ଫେରିଲେ ପିତାଙ୍କୁ କହି ତୁମମାନଙ୍କୁ ସମୁଚିତ ଦଣ୍ଡ ଦେବି।

ଶର୍ମିଷ୍ଠାଙ୍କ ସଖୀମାନେ ମାଡିଆସିଲେ ଦେବଯାନୀ ଉପରକୁ। ପାଖରେ ଗୋଟିଏ ଅନ୍ଧକୂପ ଥିଲା। କୂଅ ଭିତରେ ପାଣି ନଥିଲା, କିନ୍ତୁ କଣ୍ଟା, ଗୁଳ୍ମ ପୂର୍ଣ୍ଣ ହୋଇ ରହିଥିଲା। ତା ଭିତରକୁ ଦେବଯାନୀଙ୍କୁ ବଣ୍ୟଜନ୍ତୁମାନଙ୍କ ଭକ୍ଷଣ ପାଇଁ ଫିଙ୍ଗିଦେଇ ସଖୀମାନଙ୍କ ସହିତ ନିଜ ପ୍ରାସାଦକୁ ଫେରିଗଲେ ଶର୍ମିଷ୍ଠା।

ଦେହରେ ସ୍ୱଳ୍ପ ବସ୍ତ୍ର, କଣ୍ଟା-ଝଣ୍ଟାରେ କ୍ଷତବିକ୍ଷତ ଶରୀର, ଦେବଯାନୀ ଅସହାୟ ହୋଇ ବିକଳରେ କାନ୍ଦିବା ଆରମ୍ଭ କରିଦେଲେ।

ଯୋଗକୁ ସେଦିନ ନହୁଷଙ୍କ ସୁପୁତ୍ର ତଥା ହସ୍ତିନାର ରାଜା ଯଯାତି ଶିକାର ପାଇଁ ସେହି ବନକୁ ଆସିଥାନ୍ତି। ଦୂରରେ ବହୁ ପଛରେ ରହିଯାଇଥିଲେ ସୈନ୍ୟ ସାମନ୍ତ। ଏକାକି ବନଦେଶରେ ଭ୍ରମଣ କରିବା ସମୟରେ ଯଯାତି ଦେବଯାନୀଙ୍କର କରୁଣ କ୍ରନ୍ଦନ ଅନ୍ଧକୂପ ଭିତରୁ ଶୁଣି ପାରିଲେ। କୂଅ ଭିତରେ ସ୍ୱଳ୍ପବସ୍ତ୍ର ପରିହିତା ଅପରୂପା ସୁନ୍ଦରୀ ଋଷିକନ୍ୟାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଯଯାତି। ଦେବଯାନୀ ତାଙ୍କର ଦକ୍ଷିଣ କର ବଢାଇ ଦେଇ ଉଦ୍ଧାର କରିବାପାଇଁ ଯଯାତିଙ୍କୁ ଅନୁରୋଧ କଲେ। ଯଯାତି କୂପ ମଧ୍ୟରୁ ଦେବଯାନୀଙ୍କୁ ଉଦ୍ଧାର କରିବାପରେ ପରିଚୟ ପାଇ ଆଶ୍ଚର୍ଯ୍ୟ ହୋଇଗଲେ।

ଦେବଯାନୀ ନିଜର ପରିଚୟ ଦେବା ସଙ୍ଗେ ସଙ୍ଗେ ତାଙ୍କ ସହିତ ଘଟିଥିବା ସମସ୍ତ ଘଟଣାବଳୀ ବର୍ଣ୍ଣନା କଲେ। ଯଯାତି ନିଜ ଉତ୍ତରୀୟରେ ଦେବଯାନୀଙ୍କର ସ୍ୱଳ୍ପବସ୍ତ୍ର ପରିହିତ ଶରୀରକୁ ଢାଙ୍କି ଦେଇ କହିଲେ... ସୁଶୀଳେ, ତୁମ ସହିତ ଘଟିଥିବା ଅନ୍ୟାୟ ପାଇଁ ମୁଁ ସମ୍ବେଦନା ଜଣାଉଛି, କିନ୍ତୁ ଏହି ଅଂଚଳ ମୋ ରାଜ୍ୟର ଅନ୍ତର୍ଭୁକ୍ତ ହୋଇନଥିବାରୁ, ମୁଁ ତୁମକୁ କିଛି ସାହାଯ୍ୟ କରିପାରିବି ନାହିଁ। ତୁମର ବିଚାରକ ସ୍ୱୟଂ ଦାନବ-ରାଜ ବୃଷପର୍ବା ଏବଂ ତୁମ ପିତା ଶୁକ୍ରାଚାର୍ଯ୍ୟ।

ହସ୍ତିନା ନରପତିଙ୍କ ରୂପଗୁଣରେ ବିମୁଗ୍ଧ ଦେବଯାନୀଙ୍କର ମନ ସେତେବେଳକୁ ତାଙ୍କ ପ୍ରତି ଢଳିଗଲାଣି। କୂଅରୁ ଉଦ୍ଧାର କରିବା ସମୟରେ ଯଯାତିଙ୍କର କରସ୍ପର୍ଶରେ ଦେବଯାନୀଙ୍କର ଦେହରେ ଶତ କଦମ୍ବର ରୋମାଂଚ ସୃଷ୍ଟି ହୋଇଥିଲା। ଲଜ୍ଜାବନତ ମୁହଁରେ ତଳକୁ ଚାହିଁ ଦେବଯାନୀ କହିଲେ... ହେ ଆର୍ଯ୍ୟ! ଆପଣ ମୋର ଦକ୍ଷିଣ ହସ୍ତ

Source: Author, Digitized by PPRACHIN, SOA

ଧରି କୂପମଧରୁ ଉଦ୍ଧାର କରି ନୂତନ ଜୀବନ ଦେଇଛନ୍ତି । ନାରୀ ତା ଜୀବନରେ ଦକ୍ଷିଣ ହସ୍ତ ଧରିବାର ଅଧିକାର ତା ସ୍ୱାମୀଙ୍କୁ ହିଁ ଦେଇଥାଏ । ମୁଁ ଆଉ ଆପଣଙ୍କୁ ଅଧିକ କଣ କହିବି ?

ଯଯାତି ଦେବଯାନୀଙ୍କ କଥାର ଇଙ୍ଗିତ ବୁଝିପାରିଲେ । ସେ ନିଜେ ଋଷି କନ୍ୟାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଥିଲେ ମଧ୍ୟ କହିଥିଲେ... ସୁଶୀଳେ ! ମୋର କ୍ଷତ୍ରିୟ କୁଳରେ ଜନ୍ମ ଏବଂ ତୁମେ ବ୍ରାହ୍ମଣ-ଶ୍ରେଷ୍ଠ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା । ନିୟମ ଅନୁଯାୟୀ ଉଚ୍ଚକୁଳ ସମ୍ଭୂତା ବ୍ରାହ୍ମଣକନ୍ୟା ସହିତ କ୍ଷତ୍ରିୟର ବିବାହ ହେଲେ ତାହା ପ୍ରତିଲୋମ ବିବାହ ଭାବରେ ବିବେଚିତ ହେବ । ଏଭଳି ପ୍ରତିଲୋମ ବିବାହ ପାଇଁ ତୁମ ପିତା ଶୁକ୍ରାଚାର୍ଯ୍ୟ କଦାପି ସ୍ୱୀକୃତି ଦେବେ ନାହିଁ । ଆସ ମୁଁ ତୁମକୁ ତୁମ ଆଶ୍ରମରେ ପହଂଚାଇ ଦେଇ ଦାନବ ଗୁରୁଙ୍କ ଆଶୀର୍ବାଦ ନେଇ ଫେରି ଆସିବି ।

ଏହା କହି ଯଯାତି ନିଜ ରଥରେ ଦେବଯାନୀଙ୍କୁ ବସାଇ ଦାନବଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଆଶ୍ରମରେ ପହଞ୍ଚିଲେ । ଶୁକ୍ରାଚାର୍ଯ୍ୟ କନ୍ୟା ଠାରୁ ସଂପୂର୍ଣ୍ଣ ବୃତ୍ତାନ୍ତ ଶୁଣିବାପରେ ଗଭୀର ଦୁଃଖ ପ୍ରକାଶ କଲେ । ଦେବଯାନୀଙ୍କୁ ସହାୟତା ଦେଇଥିବାରୁ ହସ୍ତିନା ସମ୍ରାଟ ଯଯାତିଙ୍କୁ ପ୍ରଭୂତ ପ୍ରଶଂସା କରି ଯଥାମାନ୍ୟ ଆତିଥ୍ୟ ପ୍ରଦାନ କରିବାପରେ ଆଶୀର୍ବାଦ ଦେଇ ବିଦାୟ ଦେଲେ ଶୁକ୍ରାଚାର୍ଯ୍ୟ ।

ଦେବଯାନୀଙ୍କ ହୃଦୟ ଅପମାନରେ ଜଳୁଥିଲା । ଶର୍ମିଷ୍ଠାଙ୍କ ସହିତ ତାଙ୍କର ହୋଇଥିବା ବିବାଦ ଟିକିନିଖି ପିତାଙ୍କ ଆଗରେ ବର୍ଣ୍ଣନା କରି ଦେବଯାନୀ ଅଡି ବସିଲେ ବୃଷପର୍ବାଙ୍କ ରାଜ୍ୟ ତ୍ୟାଗକରି ଚାଲିଯିବା ପାଇଁ । ଦେବଯାନୀ କହିଲେ... ଯେଉଁ ରାଜ୍ୟରେ ଆମର ସମ୍ମାନ ଭିକାରି ଠାରୁ ମଧ୍ୟ ହୀନ ସେଠାରେ ଦଣ୍ଡେ ମାତ୍ର ରହିବା ପ୍ରଶ୍ନ ଉଠୁନାହିଁ ।ଏହା କହୁ କହୁ ଶର୍ମିଷ୍ଠା ଦେଇଥିବା ଅପମାନ ମନେପକାଇ ଦେବଯାନୀଙ୍କ ଆଖିରୁ ଧାର ଧାର ଲୁହ ବହି ଚାଲିଲା । ଶୁକ୍ରାଚାର୍ଯ୍ୟ ଦେବଯାନୀଙ୍କୁ ପ୍ରାଣରୁ ବଳି ଭଲ ପାଉଥିଲେ । ମଥାରେ ହାତବୁଲାଇ ଆଶ୍ୱାସନା ଦେଇ କହିଲେ... ମାଆରେ, ନିଜ କର୍ମ ଦ୍ୱାରା ପ୍ରାଣୀ ନିଜର ସୁଖ ବା ଦୁଃଖର କାରଣ ହୋଇଥାଏ । ଶର୍ମିଷ୍ଠା କରିଥିବା କୁକର୍ମର ମାନସିକ କଷ୍ଟ ସେ ଭୋଗ କରିବ; ତାହା ତତେ କାହିଁକି ପ୍ରଭାବିତ କରିବ ? ସେସବୁ ଭୁଲିଯାଇ ଘରକୁ ଆ ।

ଦେବଯାନୀ କହିଲେ... ମୁଁ ରକ୍ତ ମାଂସର କ୍ଷୁଦ୍ର ପ୍ରାଣୀଟିଏ ପିତାଶ୍ରୀ, ଆପଣଙ୍କର ଏ ଜୀବନ ଦର୍ଶନ ମୋ ମୁଣ୍ଡ ଭିତରକୁ ଯାଉନାହିଁ । ଯେ ମୋ ପିତାଙ୍କୁ ଜଣେ ନଗଣ୍ୟ ଭିକାରି ବୋଲି କହି ମତେ ଅନ୍ଧକୂପ ଭିତରକୁ ଠେଲିଦେଇ ଆରାମରେ ନିଜ ପ୍ରାସାଦ

Source: Author, Digitized by PPRACHIN, SOA

ଭିତରେ ଶୟନ କରିଛି ତାକୁ କ୍ଷମା କରିବାର ମହାନତା ମୋ ଭିତରେ ନାହିଁ। ଅସ୍ତ୍ରରେ କଟିଯାଇଥିବା କ୍ଷତ ପୂରଣ ହୋଇଯିବ, କିନ୍ତୁ କଟୁକଥାରେ ତଥା ଘୃଣ୍ୟ କାର୍ଯ୍ୟ ଦ୍ୱାରା ହୃଦୟରେ ସୃଷ୍ଟି ହୋଇଥିବା କ୍ଷତ ପୂରଣ ହୋଇପାରିବ ନାହିଁ। ମୁଁ କୌଣସି ପ୍ରକାରେ ଏହି ରାଜ୍ୟରେ ଦଣ୍ଡେ ମାତ୍ର ରହି ପାରିବି ନାହିଁ।

-୦-

(୪)

ଦାସୀ ହେଲେ ଶର୍ମିଷ୍ଠା

ଅଶ୍ରୁପୂର୍ଣ୍ଣ ନେତ୍ର ଏବଂ କୋହଭରା କଣ୍ଠରେ ଦେବଯାନୀ ପିତା ଶୁକ୍ରାଚାର୍ଯ୍ୟଙ୍କୁ କହିଲେ... 'ଯେଉଁ ରାଜାଙ୍କ କନ୍ୟା ମୋ ପ୍ରତି ଏବଂ ମୋ ପିତାଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରି ମୋତେ ଅରଣ୍ୟରେ ଅନ୍ଧକୂପ ଭିତରେ ବଣ୍ୟଜନ୍ତୁଙ୍କ ମୁହଁରେ ଫିଙ୍ଗିଦେଇ ଆସିଲା, ତାଙ୍କ ରାଜ୍ୟରେ ମୁହୂର୍ତ୍ତେ ମଧ୍ୟ ମୁଁ ରହିବି ନାହିଁ ଏବଂ ଯେପର୍ଯ୍ୟନ୍ତ ଆପଣ ମୋ ସହିତ ଏହି ରାଜ୍ୟ ତ୍ୟାଗ ନକରିଛନ୍ତି ସେ ପର୍ଯ୍ୟନ୍ତ ମୁଁ ଅନଶନରେ ବୃକ୍ଷତଳେ ବସିରହିବି। ଏହା କହି ଦେବଯାନୀ ଆଶ୍ରମ ବାହାରେ ଥିବା ଏକ ବୃକ୍ଷମୂଳରେ ଅନଶନରେ ବସିଗଲେ।

ଶୁକ୍ରାଚାର୍ଯ୍ୟ ପ୍ରାଣସମା କନ୍ୟାର ମନୋବ୍ୟଥା ହୃଦୟଙ୍ଗମ କରି ପାରିଲେ। ସଙ୍ଗେ ସଙ୍ଗେ ସେ ବୃଷପର୍ବାଙ୍କ ରାଜସଭାରେ ପହଞ୍ଚିଲେ। ଗୁରୁଦେବଙ୍କୁ କ୍ରୋଧିତ ଅବସ୍ଥାରେ ଦେଖି ବୃଷପର୍ବା ପ୍ରମାଦ ଗଣିଲେ। ଗୁରୁଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରି କ୍ରୋଧର କାରଣ ପଚାରିଲେ ଦାନବ ରାଜ ବୃଷପର୍ବା। ଶୁକ୍ରାଚାର୍ଯ୍ୟ କହିଲେ... ହେ ଦାନବରାଜ, ବାସ୍ତବରେ ତୁମକୁ କ'ଣ ମୋ କ୍ରୋଧର କାରଣ ଅଗୋଚର! କରିଥିବା ଅପରାଧର ଦଣ୍ଡ ସଙ୍ଗେ ସଙ୍ଗେ ନହେଲେ ମଧ୍ୟ ଦିନେ ନା ଦିନେ ନିଶ୍ଚିତ ଭାବରେ ମିଳେ। ସେ ସମୟ ବର୍ତ୍ତମାନ ତୁମ ଆଗରେ ଉପସ୍ଥିତ।

ବୃଷପର୍ବା ଯୋଡହସ୍ତରେ ପଚାରିଲେ... ଦୟାକରି କହନ୍ତୁ ଗୁରୁଦେବ ମୋର ଅପରାଧ କଣ? ତାର ପ୍ରତିକାର ମୁଁ ନିଶ୍ଚିତ ଭାବରେ କରିବି।

ଗମ୍ଭୀର ଦୃଷ୍ଟିରେ ବୃଷପର୍ବାଙ୍କୁ ଚାହିଁ ଶୁକ୍ରାଚାର୍ଯ୍ୟ କହିଲେ... ମୋ ଗୁରୁକୁଳରେ ଶିକ୍ଷା ନେଉଥିବା ନିରପରାଧ ବ୍ରହ୍ମଚାରୀ କଚ ତୁମର କଣ ଅପରାଧ କରିଥିଲା ଦାନବରାଜ? ଥରେ ନୁହେଁ ତିନିଥର ତାକୁ ମୋ ଅଜ୍ଞାତରେ ତୁମର ଅନୁଚରମାନେ ହତ୍ୟା କରିଛନ୍ତି

Source: Author, Digitized by PPRACHIN, SOA

ଏବଂ ପ୍ରତିଥର ମୁଁ ତାକୁ ମୃତ୍ୟୁସଞ୍ଜିବନୀ ମନ୍ତ୍ର ପ୍ରୟୋଗ କରି ଜୀବିତ କରିଛି। ଏଭଳି ପଦକ୍ଷେପ ନେବା ପୂର୍ବରୁ ମୋ ସହିତ ପରାମର୍ଶ କରିଥିଲେ ଦାନବରାଜ ? ମୋ ଉପରେ ଏତେ ଅବିଶ୍ୱାସ କାହିଁକି ? କିପରି ଦାନବକୁଳ ଭାବି ପାରିଲା ଯେ ଗୁରୁ ଶୁକ୍ରାଚାର୍ଯ୍ୟ ତାଙ୍କ ଶିଷ୍ୟ କଚକୁ ମୃତ୍ୟୁସଞ୍ଜିବନୀ ମନ୍ତ୍ର ଶିକ୍ଷା ଦେଇଦେବେ ? ଦାନବ କୁଳର ନିରାପତ୍ତା କଣ ମୋଠାରୁ ଅଧିକ ଆପଣ ଏବଂ ଆପଣଙ୍କର ତଥାକଥିତ ଅନୁଚରମାନେ ଚିନ୍ତା କରନ୍ତି ଦାନବରାଜ ? ଏହି ଅବିମୃଶ୍ୟତା ଯୋଗୁଁ କଚ ମୃତ୍ୟୁସଞ୍ଜିବନୀ ମନ୍ତ୍ର ଲାଭକରି ଫେରି ଯାଇଛି। ଗୁରୁ ଶିଷ୍ୟ ଭିତରେ ଥିବା ବିଶ୍ୱାସର ଫୁଲ ଯେବେ କୀଟଦ୍ରଂଷ୍ଟ ହୁଏ, ତାହେଲେ ସେ ସଂପର୍କର ପରିସମାପ୍ତି ହିଁ ଏକମାତ୍ର ବିକଳ୍ପ ଦାନବରାଜ।

ଅଳ୍ପ ନୀରବ ରହି ଗୁରୁ ପୁଣି କହିଲେ... ସେହି କାର୍ଯ୍ୟ କଣ ମୋର ଅପମାନ ପାଇଁ ଯଥେଷ୍ଟ ନଥିଲା ଯେ ରାଜକୁମାରୀ ଶର୍ମିଷ୍ଠା ମୋତେ ଭିକାରି କହି ମୋ କନ୍ୟା ଦେବଯାନୀକୁ ଅରଣ୍ୟ ଭିତରେ ଅନ୍ଧକୂପ ଭିତରକୁ ଠେଲିଦେଇ ବଣ୍ୟଯନ୍ତୁଙ୍କ ଦୟାରେ ଛାଡିଦେଇ ଆସିଲେ ! ଏହା କେଉଁ ପ୍ରକାର ବିବେକ ଅନୁମୋଦିତ କାର୍ଯ୍ୟ ଦାନବରାଜ ? ଏତେ ଅପମାନ ପରେ ତୁମର ଏହି ରାଜ୍ୟରେ ଅବସ୍ଥାନ କରିବା ମୋ ପାଇଁ ଆଉ ସମ୍ଭବ ନୁହେଁ। ମୁଁ ମୋର କନ୍ୟା ସହିତ ତୁମ ରାଜ୍ୟ ତ୍ୟାଗ କରୁଛି ବୃଷପର୍ବା।

ଗୁରୁଙ୍କ କଥା ବୃଷପର୍ବାଙ୍କ ମଥାରେ ବଜ୍ରପାତ କଲା। ଶୁକ୍ରାଚାର୍ଯ୍ୟଙ୍କ ବ୍ୟତୀତ ଦାନବ କୁଳର ପରିଚୟ ବା କ'ଣ ?

ଗୁରୁଙ୍କ ପାଦ ଧରି ମଥା ପିଟି ବୃଷପର୍ବା କହିଲେ... ଯଦି ମୋତେ ପରିତ୍ୟାଗ କରିବେ ତା'ହେଲେ ପ୍ରଥମେ ମୋତେ ହତ୍ୟାକରନ୍ତୁ ଗୁରୁଦେବ। କଚ ପ୍ରତି ହୋଇଥିବା ଅନ୍ୟାୟ ପାଇଁ ମୁଁ ଆପଣଙ୍କ ପାଦ ଧରି କ୍ଷମା ମାଗିନେଉଛି। ଏଭଳି ଅପରାଧ ଭବିଷ୍ୟତରେ ହେବନାହିଁ। ମୋର ଅଜ୍ଞାତରେ କନ୍ୟା ଶର୍ମିଷ୍ଠା ଯେବେ ଅପରାଧ କରିଛି ସେଥିପାଇଁ ମଧ୍ୟ ମୁଁ କ୍ଷମାପ୍ରାର୍ଥନା କରୁଛି ଗୁରୁଦେବ, କିନ୍ତୁ ଆପଣ ମୋତେ ପରିତ୍ୟାଗ କରନ୍ତୁ ନାହିଁ। ଶର୍ମିଷ୍ଠା କଣ ଆପଣଙ୍କର କନ୍ୟା ନୁହେଁ ? ନିର୍ବୋଧ କନ୍ୟାକୁ କ୍ଷମା କରନ୍ତୁ ଗୁରୁଦେବ। ଆପଣ ମୋ ରାଜ୍ୟ ପରିତ୍ୟାଗ କରି ଚାଲିଗଲେ ସଙ୍ଗେ ସଙ୍ଗେ ମୁଁ ଅଗ୍ନି ଭିତରେ ପ୍ରବେଶ କରି ପ୍ରାଣ ବିସର୍ଜନ କରିବି। ରାକ୍ଷସକୁଳ ଧ୍ୱଂସ ପାଇଯିବ।

ଶୁକ୍ରାଚାର୍ଯ୍ୟ କହିଲେ... ମୋ ପ୍ରାଣସମା କନ୍ୟାର ଚିନ୍ତା ମୋ ପାଇଁ ସର୍ବୋପରି। ମୁଁ ହୁଏତ ତୁମର ଦୋଷ କ୍ଷମା କରିଦେବି, କିନ୍ତୁ ଦେବଯାନୀ ପାଖରେ ଶର୍ମିଷ୍ଠା ଯେଉଁ ଦୋଷ କରିଛି, ତାହା ମୋ କ୍ଷମା-ଅଧିକାରର ଅନ୍ତର୍ଭୁକ୍ତ ନୁହେଁ। ଦେବଯାନୀ ହିଁ ସେଥିପାଇଁ କ୍ଷମା ଦେଇ ପାରିବ। ତୁମ ରାଜ୍ୟ ତ୍ୟାଗ କରିବା ଜିଦ୍‌ରେ ଦେବଯାନୀ ଆଶ୍ରମ ବାହାରେ

Source: Author, Digitized by PPRACHIN, SOA

ଅନଶନରେ ବସିଛି। ତାକୁ ତୁମେ ସନ୍ତୁଷ୍ଟ କର। ସେ ଯଦି କ୍ଷମା ଦେବ ଭଲକଥା, ନହେଲେ ମୋ କନ୍ୟା ସହିତ ମୋତେ ରାକ୍ଷସ ରାଜ୍ୟ ପରିତ୍ୟାଗ କରିବାକୁ ପଡ଼ିବ।

ପରିସ୍ଥିତିରେ ପଡି ପ୍ରାଣୀ ଯେଉଁ କାର୍ଯ୍ୟ କରିଥାଏ ସେଥିରୁ ତାର ପ୍ରକୃତ ଚରିତ୍ର ଜଣାପଡେ ନାହିଁ। ନିଜ କାର୍ଯ୍ୟ ପାଇଁ ସେ ଯେବେ ଅନୁତାପ କରେ ତେବେ ତାହା କ୍ଷମାଯୋଗ୍ୟ। ଶର୍ମିଷ୍ଠା ଅନୁତାପାନଳରେ ଦଗ୍ଧ ହେଉଥିଲେ। ନିଜ କୃତକର୍ମର ପ୍ରାୟଶ୍ଚିତ ପାଇଁ ଦେବଯାନୀଙ୍କର ପାଦଧରି କ୍ଷମା ମାଗିବା ପାଇଁ ପ୍ରସ୍ତୁତ ଥିଲେ ରାଜକନ୍ୟା।

ଅନୁଚର ପରିବେଷ୍ଟିତ ହୋଇ ବୃଷପର୍ବା, କନ୍ୟା ଶର୍ମିଷ୍ଠା ସହିତ ଗୁରୁଙ୍କ ଆଶ୍ରମରେ ପହଞ୍ଚି ଗୁରୁପୁତ୍ରୀଙ୍କଠାରୁ କ୍ଷମା ଯାଚନା କଲେ। ଦେବଯାନୀ କିନ୍ତୁ ନିଜ ଜିଦ୍‌ରେ ଅଟଳ ରହିଲେ। ଦେବଯାନୀ କହିଲେ... ଶର୍ମିଷ୍ଠା ମୋ ପିତାଙ୍କୁ ଦରିଦ୍ର ଭିକାରି କହିଛି ଏବଂ ମୋତେ ତାର ଦାସୀଭଳି ବ୍ୟବହାର କରିଛି। ତେଣୁ ସେ ଯେବେ ସାରା ଜୀବନ ମୋର ଦାସୀତ୍ୱ ଗ୍ରହଣ କରିବ ଏବଂ ମୋର ବିବାହପରେ ମୋ ସହିତ ଦାସୀ ହୋଇ ମୋ ଶ୍ୱଶୁରାଳୟକୁ ଯିବ ତାହେଲେ ମୁଁ ଏହି ରାଜ୍ୟରେ ରହିବି, ନହେଲେ ନାହିଁ।

ବୃଷପର୍ବା ଦେବଯାନୀଙ୍କୁ ବୁଝାଇବାକୁ ଚେଷ୍ଟା କଲେ... ମାଆ, ତୁମେ ମୋର କନ୍ୟା ଠାରୁ ଅଧିକ। ଶର୍ମିଷ୍ଠା ତୁମର ଭଉଣୀ ସହିତ ସମାନ। ତାକୁ କ୍ଷମା କରିଦିଅ।

ଦେବଯାନୀ ଜିଦ୍‌ରେ ଅଟଳ ରହିଲେ ଏବଂ ଶର୍ମିଷ୍ଠା ତାଙ୍କ ଦାସୀତ୍ୱ ଗ୍ରହଣ ନକଲେ ରାଜ୍ୟ ତ୍ୟାଗକରି ଚାଲିଯିବାର ନିଷ୍ପତ୍ତି ଶୁଣାଇ ଦେଲେ। ଯେଉଁଠାରେ ଅପତ୍ୟସ୍ନେହ ଅପତ୍ୟ ମୋହରେ ପରିଣତ ହୁଏ ସେଠାରେ ବିବେକର ମୃତ୍ୟୁ ହୁଏ; 'କ୍ଷମା' ଭଳି ଶବ୍ଦର ଗୁରୁତ୍ୱ ରହେ ନାହିଁ। କନ୍ୟାପ୍ରତି ଅତ୍ୟଧିକ ସ୍ନେହ ଯୋଗୁଁ ଶୁକ୍ରାଚାର୍ଯ୍ୟ ଦେବଯାନୀଙ୍କର ପ୍ରତ୍ୟେକ କାର୍ଯ୍ୟ ଭଳି ଏହି କାର୍ଯ୍ୟକୁ ମଧ୍ୟ ସମର୍ଥନ କଲେ ଏବଂ କନ୍ୟା ସହିତ ବୃଷପର୍ବାଙ୍କ ରାଜ୍ୟ ତ୍ୟାଗ କରିବାପାଇଁ ପ୍ରସ୍ତୁତ ହେଲେ।

ଅସହାୟ ଆଖିରେ ଶର୍ମିଷ୍ଠାଙ୍କୁ ଚାହିଁଲେ ବୃଷପର୍ବା। ରାଜକନ୍ୟା ଶର୍ମିଷ୍ଠା ନିଜର କୃତ ଅପରାଧ ପାଇଁ ଦଣ୍ଡ ଭୋଗିବାକୁ ସମ୍ମତି ଦେଇ କହିଲେ... ମୋ ଅପରାଧ ପାଇଁ ମୋ ପିତା ଦାନବରାଜ ବୃଷପର୍ବା ତଥା ସମଗ୍ର ରାକ୍ଷସକୁଳ ସେମାନଙ୍କ ପ୍ରିୟ ଗୁରୁଙ୍କୁ ହରାଇବା ଉଚିତ ହେବନାହିଁ। ମୁଁ ଦେବଯାନୀର ଆଜୀବନ ଦାସୀତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ।

ଏହା ଶୁଣି ଦେବଯାନୀଙ୍କର ଜିଦ୍ ଶେଷ ହେଲା ଏବଂ କ୍ରୋଧ ଶାନ୍ତ ହେଲା। ସେହି ଦିନଠାରୁ ରାଜକନ୍ୟା ଶର୍ମିଷ୍ଠା ଦେବଯାନୀଙ୍କର ଦାସୀ ହୋଇ ରହିଲେ।

ମହାଭାରତର ରାଜନୀତି ସହିତ ଏହି ଘଟଣାର କିପରି ସଂଯୋଗ ରହିଛି ତାହା

Source: Author, Digitized by PPRACHIN, SOA

ପରେ ଆଲୋଚନା କରିବା; କିନ୍ତୁ ଏହି ଘଟଣାରୁ ମନୁଷ୍ୟ ଚରିତ୍ରର ସୁନ୍ଦର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ମିଳେ। କ୍ଷମା ଏବଂ ଅନୁତାପ, ଏହି ଦୁଇଟି ଗୁଣ ସ୍ୱର୍ଗୀୟ। ଶର୍ମିଷ୍ଠାଙ୍କ ଅନୁତପ୍ତ ମନର ନମନୀୟତା ଏବଂ କମନୀୟତା ତାଙ୍କର ଚାରିତ୍ରିକ ଉତ୍କର୍ଷ ପ୍ରତିପାଦିତ କରେ। ସ୍ୱାର୍ଥପରବଶ ନହୋଇ ଦେଶ ଓ ଜାତି ପାଇଁ ଯେଉଁ ବଳିଦାନ ସେ ଦେଇଛନ୍ତି ତାହା ତାଙ୍କୁ ଏକ ଆଦର୍ଶ ଚରିତ୍ର ଭାବରେ ତୋଳିଧରିଛି।

ଅପର ପକ୍ଷରେ ନିଜ ଜିଦ୍‌ରେ ଅଟଳ ଦେବଯାନୀଙ୍କର ଚରିତ୍ରର କୃଷ୍ଣପକ୍ଷ ସ୍ପଷ୍ଟ ପ୍ରତୀୟମାନ ହୁଏ। ନିଜର ଅହଂକାର ଯୋଗୁଁ ଜଣେ ରାଜକୁମାରୀଙ୍କୁ ଦାସୀରେ ପରିଣତ କରି ସେ କି ଆତ୍ମସନ୍ତୋଷ ପାଇଲେ ତାଙ୍କୁ ଜଣା। ରାଜକୁମାରୀଙ୍କୁ କ୍ଷମା କରିଦେଇଥିଲେ ସେ ଏକ ମହାନ୍ ଚରିତ୍ରରେ ପରିଗଣିତ ହୋଇଥାଆନ୍ତେ। ତାଙ୍କ ଚରିତ୍ରରେ ଏହି ନମନୀୟତାର ଅଭାବ ଯୋଗୁଁ ତାଙ୍କୁ ସମୟ ଏକ ଅହଂକାରୀ ଓ ସ୍ୱାର୍ଥପର ଚରିତ୍ର ଭାବରେ ଚିତ୍ରିତ କରେ।

ରାଜକନ୍ୟାଙ୍କୁ ସେ ସିନା ଦାସୀରେ ପରିଣତ କରିଦେଲେ କିନ୍ତୁ ପରବର୍ତ୍ତୀ ସମୟରେ ସେହି ଜିଦ୍ ତାଙ୍କ ଜୀବନ-ଆକାଶରେ ଅଦିନ ମେଘ ହୋଇ ଦାମ୍ପତ୍ୟ ସୁଖର ପୂର୍ଣ୍ଣ ଚନ୍ଦ୍ରକୁ ଘୋଡାଇ ଦେଇଥିଲା।

-୦-

(୫)

ଯଯାତିଙ୍କ ଗୁପ୍ତପ୍ରଣୟ

ଦେବଯାନୀଙ୍କ ସାନ୍ନିଧ୍ୟ ଏବଂ ଦାନବଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଆତିଥ୍ୟରେ କୃତକୃତ୍ୟ ହୋଇ ହସ୍ତିନା ନରେଶ ଯଯାତି ରାଜଧାନୀକୁ ଫେରିଗଲେ। କିନ୍ତୁ ରାଜପ୍ରାସାଦରେ ପହଞ୍ଚି ସେ ଶାନ୍ତିରେ ରହି ପାରିଲେ ନାହିଁ। ପ୍ରତି ମୁହୂର୍ତ୍ତରେ ଦେବଯାନୀଙ୍କ ଅପରୂପ ସୌନ୍ଦର୍ଯ୍ୟ ତାଙ୍କ ଆଖି ଆଗରେ ନାଚି ଉଠିଲା। ଋଷିକନ୍ୟାଙ୍କର ଚନ୍ଦ୍ର-ବିନିନ୍ଦିତ ମୁଖମଣ୍ଡଳ, ସ୍ୱଚ୍ଛବସ୍ତ୍ରପରିହିତ ଚାରୁ ଅଙ୍ଗବଲ୍ଲରୀ, ଟଣାଟଣା ମଦାଳସ ଆଖି, କୂପ ମଧ୍ୟରୁ ଉଦ୍ଧାର କରିବା ସମୟରେ କୋମଳ ହସ୍ତର ସ୍ପର୍ଶ ଏବଂ ସର୍ବୋପରି ତାଙ୍କର ଅଙ୍ଗୀକାରପୂର୍ଣ୍ଣ କଥା ରାଜାଙ୍କ ଆଖିରୁ ନିଦ ହଜାଇ ଦେଲା। ଯଯାତି ଭାବିଲେ... ଦକ୍ଷିଣ ହସ୍ତ ଧରି କୂପ ମଧ୍ୟରୁ ଉଦ୍ଧାର କରିଥିବାରୁ ଋଷିକନ୍ୟା ମୋ ପାଖରେ ପତ୍ନୀ ରୂପରେ ନିଜକୁ ସମର୍ପିତ

Source: Author, Digitized by PPRACHIN, SOA

କରିବାପାଇଁ ପ୍ରସ୍ତୁତ, ଅଥଚ ମୁଁ ସେହି ସ୍ୱପ୍ନ-ସୁନ୍ଦରୀଙ୍କ ମୃଣାଳ କୋମଳ ବାହୁର ଆମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରୁଛି, ଏହା ମୋ ପୁରୁଷତ୍ୱ ଏବଂ ତାଙ୍କ ସୌନ୍ଦର୍ଯ୍ୟର ଅପମାନ ନୁହେଁ କି ?

ଯଯାତି ମନେ ମନେ ଠିକ୍ କଲେ... ଏଥର ଋଷିକନ୍ୟାଙ୍କ ପ୍ରଣୟ ନିବେଦନକୁ ସେ ଅଗ୍ରାହ୍ୟ କରିବେ ନାହିଁ। ଆବଶ୍ୟକ ହେଲେ ଶୁକ୍ରାଚାର୍ଯ୍ୟଙ୍କ ପାଖକୁ ଯାଇ ମୁନିକନ୍ୟାଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦେବେ।

ତାହାହିଁ ହେଲା। କିଛି ଦିନ ପରେ, ଅରଣ୍ୟପ୍ରାନ୍ତରେ ଯଯାତିଙ୍କର ଦେବଯାନୀଙ୍କ ସହିତ ଭେଟ ହେଲା। ଏହା ସଂଯୋଗ ନୁହେଁ ତ ଆଉ କ'ଣ ? ଦୁହେଁ ଦୁହିଁଙ୍କର ଦର୍ଶନ ଆଶାରେ ବନପ୍ରଦେଶକୁ ଆସିଥିଲେ। ଚାରିଚକ୍ଷୁର ମିଳନ ସମୟରେ କନ୍ଦର୍ପ ବକୁଳ, ଅଶୋକ, ନବମଲ୍ଲିକା ସମେତ ପାଞ୍ଚଟି ଫୁଲଶର ଉଭୟଙ୍କୁ ପ୍ରହାର କଲେ। ଉଭୟଙ୍କର ହୃଦୟତନ୍ତ୍ରୀରେ ଭରିଗଲା ପ୍ରଣୟ ସିକ୍ତାର।

ଦେବଯାନୀଙ୍କ ସହିତ ଦାସୀ ଶର୍ମିଷ୍ଠା ଏବଂ ଆଶ୍ରମର ଅନ୍ୟକିଛି ଅନ୍ତେବାସିନୀ ଥିଲେ। ସେମାନଙ୍କ ଚକ୍ଷୁ ଅନ୍ତରାଳରେ ଯଯାତିଙ୍କୁ ବାର୍ତ୍ତାଳାପ ଛଳରେ କିଛିଦୂରକୁ ନେଇ ଦେବଯାନୀ ପୁଣି ଥରେ ପ୍ରେମ ପ୍ରତିବେଦନ କରି କହିଲେ... ଆର୍ଯ୍ୟପୁତ୍ର, କୂପରୁ ଉଦ୍ଧାର କରିବା ସମୟରେ ମୋର ଦକ୍ଷିଣ ହସ୍ତ ଧରିଥିବାରୁ ମୁଁ ଆପଣଙ୍କର ଅର୍ଦ୍ଧାଙ୍ଗିନୀ ହେବାର ସୌଭାଗ୍ୟ ସମ୍ଭାବନା ମନରେ ପୋଷଣ କରିଛି, ମୋତେ ନିରାଶ କରନ୍ତୁ ନାହିଁ। ଉତ୍ତରରେ ଯଯାତି କହିଲେ... ଠିକ୍ ଅଛି ଦେବଯାନୀ, ଚାଲ ତୁମ୍ଭ ପିତା ଶୁକ୍ରାଚାର୍ଯ୍ୟଙ୍କୁ ଜଣାଇବା। ତାଙ୍କର ବିନା ଆଶୀର୍ବାଦରେ ଏ ବିବାହ ସମ୍ଭବ ନୁହେଁ।

ଆଶ୍ରମ ଅନ୍ତେବାସିନୀ ଏବଂ ଦାସୀ ଶର୍ମିଷ୍ଠାଙ୍କୁ ନେଇ ଦେବଯାନୀ ଆଶ୍ରମକୁ ଫେରିଲେ। ସାଙ୍ଗରେ ଥିଲେ ହସ୍ତିନା ସମ୍ରାଟ ଯଯାତି। ଦେବଯାନୀଙ୍କ ସଖୀ ମେଳରେ ବାରି ହୋଇ ଯାଉଥିଲେ ଶର୍ମିଷ୍ଠା। ଆକାଶରେ ତାରା ମେଳରେ ଚନ୍ଦ୍ର ପରି ସେ ସ୍ୱତନ୍ତ୍ର ଜଣାପଡୁଥିଲେ। ଏହି ଅନନ୍ୟା ସୁନ୍ଦରୀ କନ୍ୟାଟି କିଏ ବୋଲି ପଚାରିଥିଲେ ଯଯାତି। ଯଯାତିଙ୍କର ଏପରି ସ୍ୱତନ୍ତ୍ର ଆଗ୍ରହ ଦେଖି ଦେବଯାନୀ କହିଥିଲେ ଯେ ସେ ଆଶ୍ରମର ନବନିଯୁକ୍ତା ପରିଚାରିକା।

ଶୁକ୍ରାଚାର୍ଯ୍ୟଙ୍କ ଆଶ୍ରମରେ ପହଞ୍ଚି ନିଜ ନିଜର ମନକଥା ବ୍ୟକ୍ତକଲେ ଯଯାତି ଓ ଦେବଯାନୀ।ସବୁ ଶୁଣିବା ପରେ ଶୁକ୍ରାଚାର୍ଯ୍ୟ କହିଲେ... ହସ୍ତିନା ନରେଶଙ୍କଠାରୁ ବଳି ଯୋଗ୍ୟ ପାତ୍ର ଦେବଯାନୀ ପାଇଁ ଆଉ କେହି ହୋଇ ପାରିବେ ନାହିଁ, କିନ୍ତୁ ଦେବଯାନୀ ଉଚ୍ଚ ବଂଶଜ ବ୍ରାହ୍ମଣ କନ୍ୟା। ଏଭଳି ବିବାହକୁ ପ୍ରତିଲୋମ ବିବାହ କୁହାଯାଏ, ଯାହାକି ଶାସ୍ତ୍ର ସମ୍ମତ ନୁହେଁ।

Source: Author, Digitized by PPRACHIN, SOA

ଶୁକ୍ରାଚାର୍ଯ୍ୟଙ୍କର ଏହି ନିର୍ଣ୍ଣୟ ଶୁଣି ଯଯାତି ମୌନ ରହିଲେ। କିନ୍ତୁ ଦେବଯାନୀ ପିତାଙ୍କୁ ଆଶ୍ରମ ଭିତରକୁ ଡାକିନେଇ ପିତାଙ୍କ ପାଦଧରି, ଯଯାତିଙ୍କୁ ବିବାହ କରିବାପାଇଁ ଅଳି କଲେ।

ଶୁକ୍ରାଚାର୍ଯ୍ୟ କନ୍ୟାର ଲୁହ ଦେଖିପାରିଲେ ନାହିଁ। ମନେପଡିଲା ପୂର୍ବକଥା; ଦେବପୁତ୍ର କଚ ଦେବଯାନୀଙ୍କର ପ୍ରୀତି ନିବେଦନକୁ ପ୍ରତ୍ୟାଖ୍ୟାନ କରିବା ପରେ ଦେବଯାନୀ ଭାଙ୍ଗି ପଡିଥିଲେ। ବହୁଦିନ ପରେ ଏବେ ଝିଅର ମୁହଁରେ ହସ ଦେଖୁଛନ୍ତି ଶୁକ୍ରାଚାର୍ଯ୍ୟ। ଏହି ନିବେଦନ ଆଗ୍ରାହ୍ୟ କରି ଦେବଯାନୀଙ୍କୁ ଦୁଃଖର ସାଗର ଭିତରକୁ ପୁଣି ଥରେ ଠେଲି ଦେବାପାଇଁ ଚାହୁଁ ନଥିଲେ ଶୁକ୍ରାଚାର୍ଯ୍ୟ। ପରିଶେଷରେ ଯଯାତିଙ୍କ ସହିତ ଦେବଯାନୀଙ୍କର ବିବାହ ପାଇଁ ସମ୍ମତି ଦେଲେ ଦାନବ ଗୁରୁ।

ମହା ଆଡ଼ମ୍ବରରେ ଯଯାତିଙ୍କ ସହିତ ଦେବଯାନୀଙ୍କର ପରିଣୟ ସଂପୂର୍ଣ୍ଣ ହେଲା। ସର୍ତ୍ତ ଅନୁଯାୟୀ ଶର୍ମିଷ୍ଠା ଦେବଯାନୀଙ୍କ ସହିତ ତାଙ୍କ ପତିଙ୍କ ଗୃହ ହସ୍ତିନା ପ୍ରାସାଦକୁ ଦାସୀ ଭାବେ ଯିବାକଥା। ଏଠାରେ ଦେବଯାନୀ ଚାହିଁଥିଲେ ଶର୍ମିଷ୍ଠାଙ୍କୁ ସର୍ତ୍ତମୁକ୍ତ କରି ଦାସୀତ୍ୱରୁ ମୁକ୍ତି ଦେଇ ପାରିଥାନ୍ତେ। କିନ୍ତୁ ଦେବଯାନୀ ତାହା କଲେନାହିଁ। ଶର୍ମିଷ୍ଠାଙ୍କ ଉପରେ ତାଙ୍କର କ୍ରୋଧ ପ୍ରଶମିତ ହୋଇନଥିଲା। ସେ ଚାହୁଁଥିଲେ ହସ୍ତିନା ରାଜପ୍ରସାଦରେ ରାଣୀ ହୋଇ ନିଜର ପ୍ରଭୁତ୍ୱ ଦାସୀ ଶର୍ମିଷ୍ଠାଙ୍କ ଉପରେ ଜାହିର କରିବେ। ତେଣୁ ଶର୍ମିଷ୍ଠାଙ୍କୁ ଦାସୀତ୍ୱରୁ ମୁକ୍ତି ଦେଲେ ନାହିଁ ଦେବଯାନୀ।

ଗୁରୁ ଶୁକ୍ରାଚାର୍ଯ୍ୟଙ୍କର ମନେ ପଡ଼ିଲା କିପରି ବୃହସ୍ପତିଙ୍କ ପୁତ୍ର କଚ ଦେବଯାନୀଙ୍କୁ ଅଭିଶାପ ଦେଇଥିଲେ। କଚ କହିଥିଲେ... ଦେବଯାନୀ, ବିନା ଦୋଷରେ ତୁମେ ମୋତେ ଅଭିଶାପ ଦେଇ ମୃତ୍ୟୁସଞ୍ଜିବନୀ ମନ୍ତ୍ର ଭୁଲି ଯିବି ବୋଲି କହୁଛ। ମୁଁ ତୁମକୁ ଅଭିଶାପ ଦେଉଛି ତୁମେ ବ୍ରାହ୍ମଣ ଘରେ ବିବାହ କରିବ ନାହିଁ ଏବଂ ତୁମ ପତିଙ୍କର ପରକୀୟା ପ୍ରେମ ଯୋଗୁଁ ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେବନାହିଁ।

କଚଙ୍କର ଅଭିଶାପର ପ୍ରଥମ ଭାଗଟି ପୂର୍ଣ୍ଣ ହୋଇଛି, ଅର୍ଥାତ୍ ଦେବଯାନୀ କ୍ଷତ୍ରିୟ ଘରେ ବିବାହ କରିଛନ୍ତି। ଶୁକ୍ରାଚାର୍ଯ୍ୟ ଯଯାତିଙ୍କୁ ନିକଟକୁ ଡାକି କହିଲେ... ପୁତ୍ର ଯଯାତି ! ଦେବଯାନୀ ସହିତ ଦାସୀ ଭାବରେ ବୃଷପର୍ବାଙ୍କ ଜେମା ଶର୍ମିଷ୍ଠା ଯାଉଛନ୍ତି। ତୁମେ ତାଙ୍କ ସହିତ କୌଣସି ଭାବପ୍ରବଣତାପୂର୍ଣ୍ଣ ସଂପର୍କ କିମ୍ବା ଦୈହିକ ସଂପର୍କ ରଖିବ ନାହିଁ।

ଯଯାତି ଶର୍ମିଷ୍ଠାଙ୍କ ଦାସୀତ୍ୱ ବିଷୟରେ ଆଗରୁ କିଛି ଜାଣି ନଥିଲେ। ବର୍ତ୍ତମାନ ଶ୍ୱଶୁର ଶୁକ୍ରାଚାର୍ଯ୍ୟଙ୍କ ଠାରୁ ସବୁ ଶୁଣିବା ପରେ ଆଶ୍ଚର୍ଯ୍ୟ ହୋଇଗଲେ। ଦେବପୁତ୍ର କଚଙ୍କର ଅଭିଶାପ ଠାରୁ ଆରମ୍ଭକରି ଶର୍ମିଷ୍ଠା ଦାସୀତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ସମସ୍ତ ବୃତ୍ତାନ୍ତ ପୂର୍ବାପର

Source: Author, Digitized by PPRACHIN, SOA

ସନ୍ଦର୍ଭ ସହିତ ଶୁକ୍ରାଚାର୍ଯ୍ୟଙ୍କ ଠାରୁ ଶୁଣିବା ପରେ ଶର୍ମିଷ୍ଠାଙ୍କ ପ୍ରତି ଯଯାତିଙ୍କ ମନ ସମବେଦନାରେ ଭରିଗଲା। ସ୍ୱାଭାବିକ ଭାବରେ, ଦେବଯାନୀଙ୍କର କଠୋର ଆଭିମୁଖ୍ୟ ଯଯାତିଙ୍କ ମନରେ ତାଙ୍କ ପ୍ରତି ଭଲ ଧାରଣା ସୃଷ୍ଟି କଲା ନାହିଁ। ଯଯାତି ଭାବିଲେ... ନିଜ ସହଚରୀ ପ୍ରତି ଜଣେ କିପରି ଏତେ କଠୋର ହୋଇପାରିବ !

ଯଯାତି ଏବଂ ଦେବଯାନୀ କିଛି କାଳ ଦାମ୍ପତ୍ୟ ଅତିବାହିତ କରି ତିନୋଟି ସନ୍ତାନର ଜନକ ଜନନୀ ହେଲେ। ଦେବଯାନୀଙ୍କ ଗର୍ଭରୁ ଯଦୁ ଏବଂ ତୁର୍ଭାସୁ ନାମକ ଦୁଇଗୋଟି ପୁତ୍ର ଏବଂ ମାଧବୀ ନାମରେ ଗୋଟିଏ କନ୍ୟା ସନ୍ତାନ ଜନ୍ମଲାଭ କଲେ।

ଇତି ମଧ୍ୟରେ ଯଯାତିଙ୍କର ଶର୍ମିଷ୍ଠାଙ୍କ ପ୍ରତି ସମବେଦନା ଗୁପ୍ତ ପ୍ରଣୟରେ ପରିଣତ ହୋଇଯାଇଥିଲା। ଯଯାତି ରାଜକନ୍ୟାଙ୍କର ରୂପ ଏବଂ ଗୁଣରେ ମୁଗ୍ଧ ଥିଲେ। ରାଜକନ୍ୟା ମଧ୍ୟ ଯଯାତିଙ୍କ ସାନ୍ନିଧ୍ୟ ଚାହୁଁଥିଲେ। ଦୁହେଁ ଗୁପ୍ତରେ ବିବାହିତ ହୋଇଗଲେ। ସେମାନଙ୍କ ଔରସରୁ ଦୃହ୍ୟୁ, ଅନୁ ଏବଂ ପୁରୁ ନାମକ ତିନୋଟି ପୁତ୍ର ଜାତ ହେଲେ।

କିନ୍ତୁ ଯଯାତି ଏବଂ ଶର୍ମିଷ୍ଠାଙ୍କ ସଂପର୍କ ବେଶି ଦିନ ଗୁପ୍ତ ହୋଇ ରହିଲା ନାହିଁ। ଦେବଯାନୀ ଯେତେବେଳେ ଜାଣିବାକୁ ପାଇଲେ ଯେ ତାଙ୍କ ଦାସୀ ଶର୍ମିଷ୍ଠା ତାଙ୍କର ସପତଣୀ ହୋଇଯାଇଛି, ସେ ହସ୍ତିନା ରାଜପ୍ରସାଦରେ ଆଉ ଦଣ୍ଡେ ମାତ୍ର ନରହି ପିତା ଶୁକ୍ରାଚାର୍ଯ୍ୟଙ୍କ ପାଖକୁ ଫେରି ଗଲେ। ତାଙ୍କୁ ବୁଝାଇଶୁଝାଇ ଫେରାଇ ଆଣିବାକୁ ତାଙ୍କ ପଛେ ପଛେ ଆଶ୍ରମରେ ପହଞ୍ଚିଲେ ଯଯାତି।

ପ୍ରାଣସମା କନ୍ୟା ଦେବଯାନୀଠାରୁ ଯଯାତିଙ୍କର ପରକୀୟା ପ୍ରେମ ସମ୍ବନ୍ଧରେ ଜାଣିବାକୁ ପାଇ ଶୁକ୍ରାଚାର୍ଯ୍ୟ ପ୍ରଚଣ୍ଡ କ୍ରୋଧରେ ଯଯାତିଙ୍କୁ ଭର୍ତ୍ସନାକରି କହିଲେ... ରେ ସ୍ତ୍ରୈଣ ରାଜା, ମୁଁ ତୋତେ ଆଗରୁ ସାବଧାନ କରିବା ସତ୍ତ୍ୱେ ମୋତେ ହେୟଜ୍ଞାନ କରି ଯୌବନ ଆବେଶରେ ମୋ କନ୍ୟାର ଦାସୀ ସହିତ ପରକୀୟା ପ୍ରେମରେ ନିମଜ୍ଜିତ ହେଲୁ। ଯେଉଁ ଯୌବନ ଆବେଶରେ ତୁ ଏଭଳି ଅପକର୍ମ କରିଛୁ ସେ ଯୌବନ ତୋଠାରୁ ବିଲୁପ୍ତ ହୋଇଯାଉ ଏବଂ ତୋତେ ଅକାଳ ବାର୍ଦ୍ଧକ୍ୟ ଗ୍ରାସ କରୁ।

ଚାହୁଁ ଚାହୁଁ ଯଯାତିଙ୍କ ଯୌବନଦୀପ୍ତ ଶରୀରକୁ ବାର୍ଦ୍ଧକ୍ୟ ଗ୍ରାସ କଲା ଏବଂ ଗଳିତ ନଖଦନ୍ତ, ଲୋଳିତଚର୍ମ ହୋଇ ଯଯାତି ଅଶିତିପର ବୃଦ୍ଧ ଭଳି ଦେଖାଗଲେ।

ନିଜର ଏପରି ରୂପ ଦେଖି ବିକଳରେ ବିଳାପ କରିବାକୁ ଲାଗିଲେ ଯଯାତି...

–୦–

Source: Author, Digitized by PPRACHIN, SOA

(୬)

ଯଯାତିଙ୍କ ଅକାଳ ବାର୍ଦ୍ଧକ୍ୟ

ଶୁକ୍ରାଚାର୍ଯ୍ୟଙ୍କ ଅଭିଶାପରେ ଯଯାତିଙ୍କୁ ଅକାଳ ବାର୍ଦ୍ଧକ୍ୟ ଗ୍ରାସ କଲା । ନିଜ ଶରୀରକୁ ଚାହିଁ ଭୟରେ ଶିହରୀ ଉଠିଲେ ଯଯାତି । ପକ୍ୱକେଶ, ଲୋଳିତ ଚର୍ମ, ଗଳିତ-ନଖଦନ୍ତ, ଅଶିତିପର ବୃଦ୍ଧ ପରି ଦେଖାଗଲେ ହସ୍ତିନା ସମ୍ରାଟ ଯଯାତି । ପାଖରେ ଠିଆ ହୋଇଥିଲେ ପତ୍ନୀ ଦେବଯାନୀ । ସ୍ୱାମୀଙ୍କର ଏ ରୂପ ପରିବର୍ତ୍ତନ ଦେଖି ଭୟଭୀତ ହୋଇ ଚିତ୍କାର କରି ପିତା ଶୁକ୍ରାଚାର୍ଯ୍ୟଙ୍କ ପଛପଟେ ସେ ଲୁଚିଗଲେ ।

କାନ୍ଦି କାନ୍ଦି ଶୁକ୍ରାଚାର୍ଯ୍ୟଙ୍କ ପାଦତଳେ ପଡିଗଲେ ଯଯାତି । କହିଲେ... ହେ ମହାତ୍ମା ! ଏ କି ଦଣ୍ଡ ମୋତେ ଦେଲେ ! କାହାକୁ ମଧ୍ୟ ମୁହଁ ଦେଖାଇବାର ଯୋଗ୍ୟ ହୋଇପାରିବି ନାହିଁ । ଯୌବନ ସମୟରେ ଅକାଳ ବାର୍ଦ୍ଧକ୍ୟ ମୃତ୍ୟୁଠାରୁ ମଧ୍ୟ କଷ୍ଟଦାୟକ । ମଧୁମୟ ମାନବ ଜୀବନର କାଣିଚାଏ ମଧୁ ମଧ୍ୟ ମୁଁ ଆସ୍ୱାଦନ କରିନାହିଁ । ଏହାଠାରୁ ମୃତ୍ୟୁଦଣ୍ଡ ଶ୍ରେୟସ୍କର ମୁନିଶ୍ରେଷ୍ଠ । ମୋ ଅପରାଧ ମୁଁ ସ୍ୱୀକାର କରୁଛି । ଆପଣ ମୋତେ ସାବଧାନ କରିବା ସତ୍ତ୍ୱେ ମୁଁ ରାଜକନ୍ୟା ଶର୍ମିଷ୍ଠାଙ୍କ ସହିତ ଶାରୀରିକ ସମ୍ବନ୍ଧ ରଖି ଅପରାଧ କରିଛି ସତ, କିନ୍ତୁ ତାହା ଅବୈଧ ସମ୍ବନ୍ଧ ନୁହେଁ ମହାଭାଗ; ଶର୍ମିଷ୍ଠାଙ୍କୁ ମୁଁ ଗୁପ୍ତରେ ବିବାହ କରିଛି । ସୁନ୍ଦରୀ ସୁଶୀଳା ଶର୍ମିଷ୍ଠାଙ୍କ ପ୍ରେମ ପ୍ରତିବେଦନକୁ ମୁଁ ପ୍ରତ୍ୟାଖ୍ୟାନ କରିପାରି ନଥିଲି ଗୁରୁଦେବ । ସେଥିପାଇଁ ନଚାହିଁ ମଧ୍ୟ ଦେବଯାନୀଙ୍କ ପ୍ରତି ମୋର ଅକ୍ଷମଣୀୟ ଅପରାଧ ହୋଇ ଯାଇଛି । କିନ୍ତୁ ସମୟ ସାକ୍ଷୀ, ଦେବଯାନୀଙ୍କୁ କଦାପି ମୁଁ ପତ୍ନୀର ଅଧିକାରରୁ ବଞ୍ଚିତ କରିନାହିଁ ।

ଧାର ଧାର ଲୁହ ବହିଯାଉଛି ଅକାଳ-ବୃଦ୍ଧ ଯଯାତିଙ୍କ ଆଖିରୁ । ବାରମ୍ବାର ନିଜ ହାତରେ ନିଜ ଅଙ୍ଗପ୍ରତ୍ୟଙ୍ଗକୁ ଛୁଇଁ ଛୋଟ ପିଲା ଭଳି କଇଁ କଇଁ ହୋଇ କାନ୍ଦୁଛନ୍ତି ହସ୍ତିନା ନରେଶ ଯଯାତି । କରୁଣ ଦୃଷ୍ଟିରେ ଦେବଯାନୀଙ୍କୁ ଚାହିଁ କହୁଛନ୍ତି... ଏ କଣ ହୋଇଗଲା ଦେବଯାନୀ ହଠାତ୍ ତୁମ ପ୍ରିୟ ଯଯାତି ବୃଦ୍ଧ ହେଇଗଲା ! ଦେଖ ଦେବଯାନୀ, ମୁଁ କେମିତି ଅଶି ବର୍ଷର ବୃଦ୍ଧଭଳି ଦେଖାଯାଉଛି । ଅଣ୍ଟା ନଇଁ ଯାଇଛି, ଦେହରେ ବଳ ନାହିଁ ସିଧା ଠିଆ ହେବାପାଇଁ । ମୋ ଉପରେ ଦୟାକର ଦେବଯାନୀ, ମତେ କ୍ଷମା କରିଦିଅ; ପିତାଙ୍କୁ କହି ଏ ଅଭିଶାପ ଫେରେଇ ନିଅ ।

ଯଯାତିଙ୍କର ଏ ଅବସ୍ଥା ଦେଖି ନିର୍ବାକ ନିସ୍ପନ୍ଦ ହୋଇ ଯାଇଥିଲେ ଦେବଯାନୀ ।

Source: Author, Digitized by PPRACHIN, SOA

ପିତାଙ୍କ ଅଭିଶାପରୁ ଯଯାତିଙ୍କର ଯେ ଏଭଳି ଅବସ୍ଥା ହେବ, କଳ୍ପନା କରିନଥିଲେ ସେ। ଅନୁନୟ ପୂର୍ଣ୍ଣ ଆଖିରେ ପିତାଙ୍କୁ ଚାହିଁ ଅଭିଶାପ ଫେରାଇ ନେବାପାଇଁ ଅନୁରୋଧ କଲେ ଦେବଯାନୀ।

କନ୍ୟା ଏବଂ ଜାମାତାଙ୍କର ଅନୁନୟ ବିନୟରେ ଶୁକ୍ରାଚାର୍ଯ୍ୟଙ୍କର କ୍ରୋଧ ଶାନ୍ତ ହେଲା। ସେ ଚିନ୍ତା କଲେ... ଏହି ଯଯାତି ଦିନେ ଦେବଯାନୀଙ୍କୁ ଅନ୍ଧକୂପ ଭିତରୁ ଉଦ୍ଧାର କରି ନୂଆ ଜୀବନ ଦେଇଥିଲେ। ବିବାହ ପରେ ମଧ୍ୟ ଯଯାତି ଦେବଯାନୀଙ୍କୁ ପତ୍ନୀର ଅଧିକାରରୁ ବଞ୍ଚିତ କରିନାହାନ୍ତି। ପୂର୍ଣ୍ଣ-ଯୌବନା କନ୍ୟା ଆଗରେ ପାହାଡପରି ଜୀବନ ପଡ଼ିଛି, ଏ ସମୟରେ ସ୍ୱାମୀର ଅକାଳ ବାର୍ଦ୍ଧକ୍ୟ ସ୍ତ୍ରୀର ବୈଧବ୍ୟ ସହିତ ସମାନ।

ବିକଳରେ ତାଙ୍କ ପାଦ ଧରିଥିବା ଯଯାତିଙ୍କୁ ଉଠାଇ ଶାନ୍ତ୍ୱନା ଦେଇ ଶୁକ୍ରାଚାର୍ଯ୍ୟ କହିଲେ... ମୁଁ ଦୁଃଖିତ ବତ୍ସ ଯଯାତି। କଠୋର ତପଶ୍ଚର୍ଯ୍ୟା ଯୋଗୁଁ ମୋ ଅଭିଶାପ ଧନୁରୁ ଖସିଯାଇଥିବା ଅଫେରନ୍ତା ତୀର ଭଳି। ଅଭିଶାପ ନିଶ୍ଚିତ ଭାବରେ ଫଳିବ। କିନ୍ତୁ ସେ ଅଭିଶାପକୁ ନିଜ ଉପରକୁ ନେଇ ବାର୍ଦ୍ଧକ୍ୟ ଭୋଗ କରିବାପାଇଁ ଯଦି ତୁମର କୌଣସି ପୁତ୍ର ରାଜି ହେବେ ତାହେଲେ ତୁମେ ଯୌବନ ଫେରି ପାଇବ। ତୁମର ପାଞ୍ଚଗୋଟି ପୁତ୍ର ଅଛନ୍ତି ଯଯାତି; ସେମାନଙ୍କୁ ପଚାରି ବୁଝ। ଯଯାତି ମହା ମନସ୍ତାପରେ ପ୍ରାସାଦକୁ ଫେରି ଆସିଲେ।

ରାଜାଙ୍କର ଏ ପ୍ରକାର ରୂପ ଦେଖି ରାଜପ୍ରାସାଦରେ ଏବଂ ରାଜ୍ୟରେ ହାହାକାର ପଡିଗଲା। ଯଯାତି ପାଞ୍ଚ ପୁତ୍ରଙ୍କୁ ଡକାଇ ପାଖରେ ବସାଇଲେ। ପୁତ୍ରମାନଙ୍କୁ ପଚାରିଲେ ଯଯାତି... ହେ ମୋର ପ୍ରାଣଠାରୁ ବଳି ପୁତ୍ରଗଣ, ତୁମେମାନେ ମତେ କେତେ ଭଲପାଅ ? ପୁତ୍ରମାନେ ସମସ୍ତେ ଏକସ୍ୱରରେ କହିଲେ... ଆମେ ଆପଣଙ୍କୁ ବହୁତ ଭଲପାଉ ପିତାଶ୍ରୀ।

ତା'ପରେ ଯଯାତି ଜ୍ୟେଷ୍ଠ ପୁତ୍ରଙ୍କୁ ପଚାରିଲେ... ତା'ହେଲେ ମୋ ବାର୍ଦ୍ଧକ୍ୟ ନେଇ ତୁମ ଯୌବନ ମତେ ଦାନକର ପୁତ୍ର।

ଯଯାତିଙ୍କ ଜ୍ୟେଷ୍ଠ ପୁତ୍ର କହିଲେ... ପିତାଶ୍ରୀ, ମୁଁ ଆପଣଙ୍କୁ ଭଲପାଏ ସତ, କିନ୍ତୁ ଯୌବନ କିପରି ଦେଇ ପାରିବି ! ମୋର ବାର୍ଦ୍ଧକ୍ୟ ଦେଖି ପ୍ରାସାଦରେ ଦାସ ଦାସୀ, ରାଜ୍ୟରେ ପ୍ରଜାପୁଞ୍ଜ, ସମସ୍ତେ ହସିବେ। ଜୀବନ ପୁଷ୍ପଟି ଉପଭୋଗ କରିବା ପୂର୍ବରୁ ମଉଳିଯିବ। ଯୌବନ କିଏ କାହାକୁ ଦେଲାଣି ଯେ ମୁଁ ଆପଣଙ୍କୁ ଦେବି ପିତାଶ୍ରୀ ?

ଯଯାତି ଦ୍ୱିତୀୟ ପୁତ୍ରକୁ ସେହି ଗୋଟିଏ ଅନୁରୋଧ ଦୋହରାଇଲେ। ଦ୍ୱିତୀୟ ପୁତ୍ର କହିଲା... ହେ ଜ୍ଞାନର ଭଣ୍ଡାର ସମ୍ରାଟ ଯଯାତି, ଆପଣ କ'ଣ ଜାଣି ନାହାନ୍ତି ଯେ ବାର୍ଦ୍ଧକ୍ୟ କେବଳ ରୂପ ଏବଂ ବଳ କ୍ଷୟ କରାଏ ନାହିଁ, ତାହା ମଧ୍ୟ ବିଚାର ଶକ୍ତି ଏବଂ

Source: Author, Digitized by PPRACHIN, SOA

ଜ୍ଞାନର ଅବକ୍ଷୟ କରାଏ। ଜାଣିଶୁଣି ମୁଁ ଏ ଦୁର୍ଭାଗ୍ୟ ନିଜ ଉପରକୁ ନେବି କାହିଁକି ?

ନିରାଶ ହୋଇ ଯଯାତି ତୃତୀୟ ପୁତ୍ରକୁ ସେହି ପ୍ରଶ୍ନ ପଚାରିଲେ। ତୃତୀୟ ପୁତ୍ର କହିଲା... ବାର୍ଦ୍ଧକ୍ୟରେ ନା ଚଢିହେବ ଘୋଡା ନା ହାତୀ। ଦାନ୍ତ ନଥାଇ ପାଟିରୁ କଥା ଫିସ୍ ଫିସ୍ ବାହାରିବ। ସଂସାରରେ ଅନ୍ୟ ଉପରେ ନିର୍ଭର କରି ଦୟାର ପାତ୍ର ହୋଇ ରହିବାକୁ ପଡିବ। ଏଭଳି ଅବସ୍ଥା ଠାରୁ ତ ମରିଯିବା ଭଲ।

ପ୍ରଥମ ତିନି ପୁତ୍ରଙ୍କର ନିରାଶପୂର୍ଣ୍ଣ କଥା ଶୁଣି ଯଯାତି ଚତୁର୍ଥ ପୁତ୍ରକୁ ପଚାରିଲେ... ପୁତ୍ର, ତୁମେ ମୋ ବାର୍ଦ୍ଧକ୍ୟ ଗ୍ରହଣ କରି ତୁମ ଯୌବନ ମୋତେ କିଛି ବର୍ଷପାଇଁ ଦାନକର, ମୁଁ ତାହା ସର୍ତ୍ତ ଅନୁଯାୟୀ ତୁମକୁ ଫେରାଇ ଦେବି ଏବଂ ତୁମଠାରୁ ବାର୍ଦ୍ଧକ୍ୟ ନିଜ ଉପରକୁ ନେଇ ଆସିବି।

ଚତୁର୍ଥ ପୁତ୍ର କହିଲେ... କ୍ଷମା ପିତାଶ୍ରୀ, ଜୀବନର ସବୁଠାରୁ କଷ୍ଟଦାୟକ ସମୟ ହେଉଛି ବାର୍ଦ୍ଧକ୍ୟ। ଚାଲିବା ପାଇଁ ବାଡ଼ିର ସାହାରା ଏବଂ ଦୈନନ୍ଦିନ କାମ ପାଇଁ ପରିଚାରକ ପରିଚାରୀକାଙ୍କ ସାହାଯ୍ୟ ନେବାକୁ ପଡ଼ିବ। ବାର୍ଦ୍ଧକ୍ୟ ଆସିବା ପୂର୍ବରୁ ମୁଁ କାହିଁକି ସେ ଅବସ୍ଥାକୁ ନିମନ୍ତ୍ରଣ କରିବି ?

ପୁତ୍ରମାନଙ୍କର ମନୋଭାବ ଯଯାତିଙ୍କୁ ବ୍ୟଥିତ କଲା। ସ୍ୱାର୍ଥ ସର୍ବସ୍ୱ ଦୁନିଆଁରେ ନିଜକୁ ଅସହାୟ ମନେକଲେ ଯଯାତି। ପଞ୍ଚମ ପୁତ୍ର ପୁରୁଙ୍କ ଠାରୁ ସେହି ଏକା ଉତ୍ତର ଆଶା କରୁଥିଲେ ଯଯାତି।

କିନ୍ତୁ ସବର୍କନିଷ୍ଠ ପୁତ୍ର ପୁରୁ ପିତାଙ୍କୁ ଜୀବନରୁ ବଳି ଭଲ ପାଉଥିଲେ। ପୁରୁ, ପିତାଙ୍କ ଅନୁରୋଧ ଶୁଣି କହିଲେ... ପିତାଶ୍ରୀ! ମୋର ଏହି ଶରୀର ଏବଂ ଜୀବନ ଆପଣଙ୍କର ଦାନ। ଯୌବନ ତ ତୁଚ୍ଛ କଥା, ମାଗିଲେ ମୋ ଜୀବନ ମଧ୍ୟ ଆପଣଙ୍କ ପାଇଁ ବିସର୍ଜନ କରିପାରେ।

ଆନନ୍ଦେ ଗଦ୍‌ଗଦ ହୋଇ ଯଯାତି ପୁରୁଙ୍କୁ ଆଲିଙ୍ଗନ କରି କହିଲେ... ପୁତ୍ର, ତୁମପରି ପୁତ୍ର ପାଇଁ ମୋ ଛାତି ଗର୍ବରେ ଫୁଲି ଯାଉଛି। କିଛିବର୍ଷ ଜୀବନକୁ ଉପଭୋଗ କରିବାପରେ ମୁଁ ତୁମକୁ ଯୌବନ ଫେରାଇ ଦେବି।

ଯଯାତି ପୁତ୍ର ପୁରୁଙ୍କୁ ଆଲିଙ୍ଗନ କରନ୍ତେ ତାଙ୍କ ବାର୍ଦ୍ଧକ୍ୟ ପୁରୁଙ୍କ ଦେହକୁ ଚାଲିଗଲା ଏବଂ ଯଯାତି ପୁରୁଙ୍କ ଯୌବନର ଦୀପ୍ତିରେ ବିମଣ୍ଡିତ ହେଲେ।

ଯଯାତି ଯୌବନର ମଧୁ ଆକଣ୍ଠ ପାନ କଲେ। କେବଳ ମର୍ତ୍ତ୍ୟ କାହିଁକି, ସ୍ୱର୍ଗରେ କୁବେରଙ୍କ ମନୋରମ ଉଦ୍ୟାନ ଭିତରେ ସ୍ୱର୍ଗ ଅପ୍ସରାଙ୍କ ସହିତ ଆନନ୍ଦମୟ ଜୀବନ ବିତାଇଲେ।

Source: Author, Digitized by PPRACHIN, SOA

କ୍ରମେ ଯଯାତିଙ୍କୁ ବୈରାଗ୍ୟ ଗ୍ରାସକଲା । ସଂସାର ସୁଖର ଅଳିକତା ସେ ହୃଦୟଙ୍ଗମ କଲେ । ଆଶାର ମରୀଚିକା ପଛରେ ଧାଇଁ ଧାଇଁ ପାଦ ଥକିଗଲା ତାଙ୍କର । ସେ ବୁଝି ପାରିଲେ... ଯୌବନ, ଧନସଂପଦ ଏବଂ ପ୍ରଭୁତ୍ୱ, ଅତୃପ୍ତ ଆଶା ଅଗ୍ନିରେ ଢାଳିବା ଘିଅ ସହିତ ସମାନ, ଯେତେ ପାଇଲେ ମଧ୍ୟ ତୃପ୍ତି ମିଳେନାହିଁ ।

ପୁତ୍ର ପୁରୁଙ୍କୁ ତାଙ୍କ ଯୌବନ ଫେରାଇ ଦେଇ ଯତିବ୍ରତ ଧାରଣ କରିବାକୁ ମନ ବଳାଇଲେ ଯଯାତି । ପୁରୁଙ୍କ ସ୍ୱାର୍ଥତ୍ୟାଗର ପୁରସ୍କାର ସ୍ୱରୂପ ହସ୍ତିନାର ରାଜଦଣ୍ଡ ତାଙ୍କ ହାତରେ ସମର୍ପଣ କରି ବାନପ୍ରସ୍ଥ ଜୀବନଯାପନ କଲେ ଯଯାତି ।

ଶର୍ମିଷ୍ଠାଙ୍କ ଗର୍ଭରୁ ଜାତ ଏହି ସର୍ବକନିଷ୍ଠ ପୁତ୍ର ପ୍ରଥିତଯଶା 'ପୁରୁ' ବହୁକାଳ ଶାନ୍ତିରେ ବିଶାଳ ହସ୍ତିନା ଭୂଖଣ୍ଡ ଶାସନ କଲେ । ଏହି 'ପୁରୁ' ଚନ୍ଦ୍ରବଂଶୀ କୌରବ ଏବଂ ପାଣ୍ଡବମାନଙ୍କର ପୂର୍ବଜ ଥିଲେ ।

ପୁରୁ, ବିଶାଳ ହସ୍ତିନା ସାମ୍ରାଜ୍ୟକୁ ଏକା ଶାସନ ନକରି ଭାଇମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଦେବଯାନୀଙ୍କ ଗର୍ଭରୁ ଜାତ ଯଦୁ, ମଥୁରା ଭୁଖଣ୍ଡ ଶାସନ କରି ଯଦୁବଂଶ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ଏହି ଯଦୁ ବଂଶରେ ଜନ୍ମ ନେଇଥିଲେ ଭଗବାନ ଶ୍ରୀକୃଷ୍ଣ । ଦେବଯାନୀଙ୍କ ଗର୍ଭରୁ ଜାତ ଅନ୍ୟ ଏକ ପୁତ୍ର 'ତୁର୍ଭାସୁ' ଯବନ ରାଜ୍ୟ ତୁରସ୍କ (ତୁର୍କି)ର ଅଧିଶ୍ୱର ହେଲେ । ଶର୍ମିଷ୍ଠାଙ୍କ ଗର୍ଭରୁ ଜାତ ଏକ ପୁତ୍ର 'ଦୃହ୍ୟୁ' ଭୋଜରାଜ୍ୟ ଭୁଖଣ୍ଡ ଶାସନ କଲେ ଏବଂ ଅନ୍ୟ ଏକ ପୁତ୍ର ଅନୁ 'ମ୍ଳେଚ୍ଛ ରାଜ୍ୟ' (ଗ୍ରିସ୍) ଶାସନ କଲେ ।

ଏହିପରି ଯଦୁବଂଶୀ ଏବଂ କୁରୁବଂଶୀ, ଉଭୟେ ଚନ୍ଦ୍ରବଂଶୀ ଯଯାତିଙ୍କର ବଂଶଜ ଥିଲେ ।

-୦-

(୭)

ଅଭିଶପ୍ତ ଅଷ୍ଟବସୁ

ମହାପରାକ୍ରମୀ, ପ୍ରଥିତଯଶା, ପ୍ରଜାବତ୍ସଳ 'ପୁରୁ'ଙ୍କ ପରେ ଯେଉଁ ରାଜାମାନେ ହସ୍ତିନାରେ ରାଜତ୍ୱ କଲେ ସେମାନଙ୍କ ନାମ ଚୁମ୍ବକେ ଚୁମ୍ବକେ ଜାଣିବା ଆବଶ୍ୟକ । ପୁରୁଙ୍କ ପୁତ୍ର ଥିଲେ ଦୁଷ୍ମନ୍ତ, ତାଙ୍କ ପୁତ୍ର ଭରତ ଏବଂ ଭରତଙ୍କ ପୁତ୍ର ଅଜାମିଧ ହସ୍ତିନା

Source: Author, Digitized by PPRACHIN, SOA

ସିଂହାସନ ବିମଣ୍ଡିତ କରିଥିଲେ। ପ୍ରବଳ ପରାକ୍ରାନ୍ତ ଭରତଙ୍କ ନାମ ଅନୁସାରେ ଆମ ଦେଶର ନାମ ଭାରତବର୍ଷ। ଅଜାମିଢଙ୍କ ପୁତ୍ର ଋକ୍ଷ ଏବଂ ଋକ୍ଷଙ୍କ ପୁତ୍ର ଥିଲେ ସମ୍ବରଣ, ସମ୍ବରଣଙ୍କ ପୁତ୍ର 'କୁରୁ'। କୁରୁଙ୍କ ପୁତ୍ର ଥିଲେ ଜହ୍ନୁ, ଜହ୍ନୁଙ୍କ ପୁତ୍ର ପ୍ରତିପ ଏବଂ ପ୍ରତିପଙ୍କ ପୁତ୍ରଙ୍କ ନାମ ଥିଲା ଶାନ୍ତନୁ। ସାଧାରଣତଃ ମହାଭାରତ ଆଖ୍ୟାନ ଶାନ୍ତନୁଙ୍କ ରାଜତ୍ୱ କାଳରୁ ବର୍ଣ୍ଣିତ ହୋଇଥାଏ।

ପାଞ୍ଚ ହଜାର ବର୍ଷରୁ କିଛି ଅଧିକ ହେବ, ଯେତେବେଳେ ହସ୍ତିନା ସିଂହାସନରେ ପୁରୁବଂଶୀ ଶାନ୍ତନୁ ରାଜତ୍ୱ କରୁଥିଲେ, ସେହି ସମୟରେ ଭାରତରେ ବିଭିନ୍ନ ସ୍ଥାନରେ ବିଭିନ୍ନ ରାଜବଂଶଙ୍କ ଶାସନ ଥିଲା। ସେମାନଙ୍କ ଭିତରେ ମଗଧ, ପାଞ୍ଚାଳ, ଚେଦି, କାଶି, ବିଦର୍ଭ, କୁନ୍ତଭୋଜ, ମଥୁରା, କଳିଙ୍ଗ, ଅଙ୍ଗ, ପ୍ରାଗ୍-ଜ୍ୟୋତିଷ, ଗାନ୍ଧାର, ସିନ୍ଧୁ, ମତ୍ସ୍ୟ ଇତ୍ୟାଦି ରାଜ୍ୟଗୁଡ଼ିକ ପ୍ରମୁଖ ଥିଲେ। ଯେଉଁ ଭୂଖଣ୍ଡରେ ଆର୍ଯ୍ୟବଂଶୀ ରାଜାମାନେ ରାଜତ୍ୱ କରୁଥିଲେ ତାକୁ ଆର୍ଯ୍ୟାବର୍ତ୍ତ କୁହା ଯାଉଥିଲା। ନାଗବଂଶୀମାନେ ରାଜତ୍ୱ କରୁଥିବା ଅଞ୍ଚଳକୁ ନାଗଲୋକ ଏବଂ ରାକ୍ଷସମାନେ ରାଜୁତି କରୁଥିବା ରାଜ୍ୟଖଣ୍ଡକୁ ରାକ୍ଷସାବର୍ତ୍ତ କୁହାଯାଉଥିଲା।

ହସ୍ତିନା ରାଜ୍ୟ ଆର୍ଯ୍ୟାବର୍ତ୍ତ ଅନ୍ତର୍ଗତ ଥିଲା। ରାଜା ଶାନ୍ତନୁ ବଡ଼ ଧର୍ମପରାୟଣ ଥିଲେ। ତାଙ୍କ ରାଜ୍ୟରେ ପ୍ରଜାମାନେ ସୁଖରେ କାଳାତିପାତ କରୁଥିଲେ। ଦେବୀ ଗଙ୍ଗାଙ୍କର ଅପରୂପ ସୌନ୍ଦର୍ଯ୍ୟରେ ବିମୋହିତ ଶାନ୍ତନୁ ତାଙ୍କୁ ବିବାହ କରି ଦାମ୍ପତ୍ୟ ମଧୁ ଆକଣ୍ଠ ପାନ କରୁଥିଲେ। ଗଙ୍ଗାଙ୍କର ରୂପଲାବଣ୍ୟରେ ବିମୋହିତ ଶାନ୍ତନୁ ଯେତେବେଳେ ଗଙ୍ଗାଙ୍କୁ ଅର୍ଦ୍ଧାଙ୍ଗିନୀ ଭାବେ ପାଇବାକୁ ଇଚ୍ଛା କଲେ ସେ ସମୟରେ ଗଙ୍ଗା ଗୋଟିଏ ସର୍ତ୍ତ ରଖିଥିଲେ। ସେ ସର୍ତ୍ତ ଅନୁଯାୟୀ ଗଙ୍ଗା ଯାହା କିଛି କରିବେ ଶାନ୍ତନୁ ତାର ପ୍ରତିବାଦ କରିବେ ନାହିଁ; ଥରେ ମଧ୍ୟ ପ୍ରତିବାଦ କଲେ ଗଙ୍ଗା ତାଙ୍କୁ ତ୍ୟାଗକରି ଚାଲିଯିବେ। ଦେବୀ ଗଙ୍ଗା ଯେ ସ୍ୱୟଂ ପବିତ୍ର ଗଙ୍ଗା ନଦୀର ମାନବୀ ଅବତାର ଥିଲେ ଏବଂ ଶାନ୍ତନୁଙ୍କ ସହିତ ତାଙ୍କର ବିବାହ ବିଧି ନିର୍ଦ୍ଦେଶିତ ଥିଲା ଏକଥା ଶାନ୍ତନୁ ଜାଣି ନଥିଲେ।

ଦିନେ ଦେବୀ ଗଙ୍ଗା, ଶାନ୍ତନୁଙ୍କ ଔରସରୁ ଜନ୍ମିତ ପ୍ରଥମ ପୁତ୍ରକୁ, ଜନ୍ମହେବା ପରେ ଗଙ୍ଗାନଦୀରେ ବିସର୍ଜନ କରି ଦେଲେ। ସେଦିନ ଶାନ୍ତନୁଙ୍କ ମନ ଦୁଃଖରେ ଭରିଗଲା। ଶାନ୍ତନୁ କିଛି ପ୍ରତିବାଦ କରିପାରିଲେ ନାହିଁ, କାରଣ ସର୍ତ୍ତ ଅନୁଯାୟୀ ପ୍ରତିରୋଧ ବା ପ୍ରତିବାଦ କଲେ ଗଙ୍ଗା ତାଙ୍କୁ ତ୍ୟାଗକରି ଚାଲିଯିବେ। ଶାନ୍ତନୁ ଗଙ୍ଗାଙ୍କୁ ପ୍ରାଣଭରି ଭଲ ପାଉଥିଲେ; ତାଙ୍କ ଅନୁପସ୍ଥିତିକୁ ସହ୍ୟକରିବା ଶକ୍ତି ତାଙ୍କର ନଥିଲା। ତେଣୁ ପୁତ୍ରର ମୃତ୍ୟୁଜନିତ ଦୁଃଖକୁ ମନ ଭିତରେ ଚାପିରଖି ନୀରବ ହୋଇ ରହିଲେ ଶାନ୍ତନୁ। ଗଙ୍ଗା

Source: Author, Digitized by PPRACHIN, SOA

ଏହିଭଳି ଶାନ୍ତନୁଙ୍କର ସାତୋଟି ପୁତ୍ରଙ୍କୁ ନଦୀରେ ଜଳସମାଧି ଦେଲାପରେ ଶାନ୍ତନୁଙ୍କର ଆଉ ସହ୍ୟ କରିବାର ଛାତି ନଥିଲା। ଶାନ୍ତନୁ ଭାବିଲେ...ଏ ମାଆ ନାମରେ ନିଶ୍ଚୟ ଏକ ରାକ୍ଷସୀ! ଆଉ ନୁହେଁ, ଏଥର ନିଶ୍ଚୟ ବାଧାଦେବେ ସେ, ଗଙ୍ଗା ରହନ୍ତୁ ବା ନରହନ୍ତୁ।

ଅଷ୍ଟମ ପୁତ୍ର ଜନ୍ମ ହେବା ପରେ ଯେତେବେଳେ ଗଙ୍ଗା ତାକୁ ଜଳସମାଧି ଦେବାପାଇଁ ନେଉଥିଲେ, ଚିତ୍କାର କରି ଉଠିଲେ ଶାନ୍ତନୁ... ଗାଙ୍ଗୀ, ବହୁତ ଅନ୍ୟାୟ କଲ, ଆଉ ନୁହେଁ। ମୁଁ ଏ ପୁତ୍ରକୁ ନଦୀ ଜଳରେ ଭସାଇବାକୁ ଦେବି ନାହିଁ।

ଅଟକି ଗଲେ ଗଙ୍ଗା। କହିଲେ... ଆମ ଦୁଇଜଣଙ୍କର ସଂସାର ଯାତ୍ରା ଏହିଠାରେ ଶେଷ ଆର୍ଯ୍ୟପୁତ୍ର। ସର୍ତ୍ତ ଅନୁସାରେ ମତେ ଫେରିଯିବାକୁ ପଡ଼ିବ। କିନ୍ତୁ ଫେରିଯିବା ପୂର୍ବରୁ ମୁଁ କିଛି ରହସ୍ୟ ତୁମ୍ଭ ଆଗରେ ଉନ୍ମୋଚନ କରିବାକୁ ଚାହେଁ। ମୋର ହୃଦୟରେ ବାସ୍ତବରେ ରାକ୍ଷସୀର କଠୋରତା ନାହିଁ; ମୁଁ ମଧ୍ୟ ସେମାନଙ୍କ ମା', ଦଶମାସ ଦଶଦିନ ଗର୍ଭରେ ଧରିଛି ସେମାନଙ୍କୁ। ଆମ୍ଭ ପୁତ୍ରମାନଙ୍କୁ ମୁଁ ମୃତ୍ୟୁ ଦେଇନାହିଁ ଆର୍ଯ୍ୟପୁତ୍ର, ମୁଁ ସେମାନଙ୍କୁ ମୁକ୍ତି ଦେଇଛି। ସେମାନେ ବାସ୍ତବରେ ଅଭିଶପ୍ତ ସପ୍ତବସୁ ଥିଲେ। ଯାହା ଘଟିଗଲା ତାହା ବିଧି ଅଭିପ୍ରେତ।

ଶାନ୍ତନୁ କିଛି ବୁଝି ପାରିଲେ ନାହିଁ। ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ। ଗଙ୍ଗା କହିଲେ... ଏହା ଅଷ୍ଟବସୁଙ୍କୁ ମହର୍ଷି ବଶିଷ୍ଠ ଦେଇଥିବା ଅଭିଶାପର ପରିଣତି; ତାହା ମୁଁ କହୁଛି ଶୁଣନ୍ତୁ... ଏକଦା ଅଷ୍ଟବସୁ (ଧର, ଅନଳ, ଅନିଳ, ଅପ, ପ୍ରତ୍ୟୁଷ, ସୋମ, ଧ୍ରୁବ, ପ୍ରଭାସ) ସେମାନଙ୍କ ଅର୍ଦ୍ଧାଙ୍ଗିନୀମାନଙ୍କ ସହିତ ସ୍ୱର୍ଗରୁ ମର୍ତ୍ତ୍ୟ ମଣ୍ଡଳକୁ ଭ୍ରମଣ ପାଇଁ ଆସିଥିଲେ। ମହର୍ଷି ବଶିଷ୍ଠଙ୍କ ଆଶ୍ରମର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ସେଠାରେ ସେମାନେ କିଛି ସମୟ ବ୍ୟତୀତ କରିଥିଲେ। ସେ ସମୟରେ ମହର୍ଷି ବଶିଷ୍ଠ ଆଶ୍ରମରେ ଅନୁପସ୍ଥିତ ଥିଲେ। ଆଶ୍ରମରେ ମହର୍ଷିଙ୍କର ଅତୀବ ସୁନ୍ଦର ଧେନୁ ନନ୍ଦିନୀକୁ ଦେଖି 'ପ୍ରଭାସ' ନାମକ ବସୁଙ୍କର ସହଧର୍ମିଣୀ ବିମୋହିତ ହୋଇ ତାଙ୍କୁ ସ୍ୱର୍ଗକୁ ଘେନି ଯିବାପାଇଁ ଇଚ୍ଛାକଲେ। ପ୍ରଭାସ ଅନିଚ୍ଛା ପ୍ରକାଶ କରି କହିଲେ... ସ୍ୱର୍ଗରେ ଆମର କଣ ଅଭାବ ଅଛି ପ୍ରିୟେ! କାହିଁକି ଆମେ ମହର୍ଷି ବଶିଷ୍ଠଙ୍କ ଧେନୁଙ୍କୁ ନେବା ? ମହର୍ଷି କଦାପି ଏହି ଧେନୁକୁ ଆମଙ୍କୁ ଦେବାପାଇଁ ସମ୍ମତ ହେବେ ନାହିଁ, କାରଣ ଏହା ଏକ 'କାମଧେନୁ'; ମୁନିଙ୍କର ସମସ୍ତ ଆବଶ୍ୟକତା ଏହି ଗାଭୀ ପୂରଣ କରେ।

କିନ୍ତୁ ପ୍ରଭାସଙ୍କ ପତ୍ନୀ ଜିଦ୍ ଧରି କହିଲେ... ମହର୍ଷିଙ୍କୁ ଆମେ ମାଗିବାକୁ କାହିଁକି ଯିବା, ସେ ମନାକରିବା ଅବସର କାହିଁକି ଆସିବ ? ଚାଲ, ସେ ଆଶ୍ରମକୁ ଫେରିବା ପୂର୍ବରୁ ଆମେ ଏହି ଧେନୁକୁ ହରଣ କରି ନେଇଯିବା। ଅନ୍ୟ ବସୁମାନେ ଧେନୁ ହରଣରେ

Source: Author, Digitized by PPRACHIN, SOA

ପ୍ରଭାସଙ୍କ ପତ୍ନୀଙ୍କୁ ସାହାଯ୍ୟ କରିବେ ବୋଲି ସମ୍ମତ ହେଲେ। ସମସ୍ତେ ମିଶି ନନ୍ଦିନୀଙ୍କୁ ହରଣ କରିନେଲେ। ଏହି ସମୟରେ ବଶିଷ୍ଠ ଆଶ୍ରମକୁ ଫେରି ଦେଖିଲେ ବସୁମାନେ ନନ୍ଦିନୀଙ୍କୁ ହରଣ କରି ନେଇଯାଉଛନ୍ତି। ମୁନିଶ୍ରେଷ୍ଠ ସେମାନଙ୍କୁ ଅଭିଶାପ ଦେଇ କହିଲେ... ସ୍ୱର୍ଗ ଅଧିବାସୀ ହୋଇ ମଧ୍ୟ ଇତର ମାନବଙ୍କ ଭଳି ତୁମେମାନେ ଚୌର୍ଯ୍ୟବୃତ୍ତି ଅବଲମ୍ବନ କରୁଛ ! ମୁଁ ଅଭିଶାପ ଦେଉଛି ତୁମେମାନେ ମର୍ତ୍ତ୍ୟରେ ମନୁଷ୍ୟ ଯୋନିରେ ଜନ୍ମଲାଭ କରିବ।

ଅଭିଶାପ ଶୁଣି ଅଷ୍ଟବସୁମାନଙ୍କର ମନ ଦୁଃଖରେ ଭରିଗଲା। ମର୍ତ୍ତ୍ୟ ଲୋକରେ ମାନବ ଜନ୍ମ ନେଇ ଦୁଃଖକଷ୍ଟର ଜୀବନ ବିତାଇବା କଥା ଚିନ୍ତାକରି ସେମାନେ ଶିହରି ଉଠିଲେ। ବସୁମାନଙ୍କର ପତ୍ନୀମାନେ, ସ୍ୱାମୀମାନଙ୍କୁ ହରାଇବା ଚିନ୍ତାରେ କାନ୍ଦଣା ରହରୀରେ ସେ ସ୍ଥାନକୁ ମୁଖରିତ କରିଦେଲେ। ନନ୍ଦିନୀ ସେତେବେଳକୁ ମୁକ୍ତିଲାଭ କରି, ମୁଣ୍ଡ ହଲାଇ, ଘଟଣାପ୍ରବାହର ମଜା ନେଉଥାନ୍ତି। ବସୁମାନେ ସପତ୍ନୀକ ବଶିଷ୍ଠଙ୍କ ପାଦତଳେ ପଡ଼ି କ୍ଷମାଭିକ୍ଷା କଲେ ଏବଂ ଅଭିଶାପ ଫେରାଇ ନେବାପାଇଁ ଆକୁଳ ଅନୁରୋଧ କଲେ। ଦୟା ପରବଶ ହୋଇ ବଶିଷ୍ଠ କହିଥିଲେ... ମୁଁ ଦେଇଥିବା ଅଭିଶାପ ଅନ୍ୟଥା ହେବନାହିଁ। କିନ୍ତୁ ତୁମମାନଙ୍କର ମର୍ତ୍ତ୍ୟରେ ଜନ୍ମ ପରେ କେହି ଯେବେ ଗଙ୍ଗାନଦୀରେ ତୁମକୁ ବିସର୍ଜନ କରିଦେବ, ତାହେଲେ ତୁମ୍ଭେମାନେ କିଛି ମୁହୂର୍ତ୍ତ ମର୍ତ୍ତ୍ୟରେ ରହି ସ୍ୱର୍ଗକୁ ଫେରି ପାରିବ। କିନ୍ତୁ ପ୍ରକୃତ ଅପରାଧୀ ଅଷ୍ଟମ ବସୁ 'ପ୍ରଭାସ'ଙ୍କୁ ଅଧିକଦିନ ମର୍ତ୍ତ୍ୟରେ କଟାଇବା ପାଇଁ ପଡିବ।

ଏ ଘଟଣା ବର୍ଣ୍ଣନାକରି ଶାନ୍ତନୁଙ୍କୁ ଗଙ୍ଗା କହିଲେ, ବସୁଗଣ ପତ୍ନୀମାନଙ୍କ ସହିତ ମୋ ପାଖରେ ପହଞ୍ଚି ମୋତେ ଅନୁନୟ ବିନୟ ହୋଇ, ସେମାନଙ୍କୁ ଜନ୍ମଦେଇ ନଦୀରେ ବିସର୍ଜନ କରିବାକୁ ଅନୁରୋଧ କରିଥିଲେ। ମୁଁ ସେମାନଙ୍କର ଅନୁରୋଧ ଉପେକ୍ଷା କରିପାରିଲି ନାହିଁ ଆର୍ଯ୍ୟପୁତ୍ର। ତୁମଠାରୁ ବଳି ସୁପୁରୁଷ ମର୍ତ୍ତ୍ୟ ମଣ୍ଡଳରେ କାହାକୁ ପାଇଲି ନାହିଁ। ତେଣୁ ତୁମକୁ ବିବାହ କରି ବସୁମାନଙ୍କୁ ମୁକ୍ତିଦେବାପାଇଁ ନିର୍ଣ୍ଣୟ ନେଇଥିଲି।

ତୁମେ ମୋ ଜୀବନକୁ ଯେଉଁ ପ୍ରଣୟ ମାଧୁରିମାରେ ଭରିଦେଇଛ ତାହା ଅବିସ୍ମରଣୀୟ ଆର୍ଯ୍ୟପୁତ୍ର। ତାହା ଅଲିଭା ଗାର ହୋଇ ମୋ ହୃଦୟ ଫଳକରେ ଚୀରଦିନ ରହିଥିବ। ବିଧିର ବିଧାନ ଅନୁଯାୟୀ ସପ୍ତବସୁ ମୁକ୍ତିଲାଭ କରିଛନ୍ତି। ଏହି ପୁତ୍ରଟି ଅଷ୍ଟମ ବସୁ ପ୍ରଭାସ। ଆମର ଏ ପୁତ୍ର, ମର୍ତ୍ତ୍ୟମଣ୍ଡଳରେ ତା' ପାଇଁ ଉଦ୍ଦିଷ୍ଟ ଜୀବନକାଳ ବ୍ୟତୀତ କରିବ ଆର୍ଯ୍ୟପୁତ୍ର।

କିଛି ନୀରବତା ପରେ ଗଙ୍ଗା କହିଲେ... ଆର୍ଯ୍ୟପୁତ୍ର, ବର୍ତ୍ତମାନ ଏପୁତ୍ର ତୁମର। ଏ

Source: Author, Digitized by PPRACHIN, SOA

ହେବ ହସ୍ତିନା ସିଂହାସନର ଉତ୍ତରାଧିକାରୀ। ନାମ ହେବ ଏହାର ଦେବବ୍ରତ। ମୁଁ ପୁତ୍ରକୁ ତୁମ ପାଖରେ ଛାଡିଦେଇ ଯାଇଥାନ୍ତି, କିନ୍ତୁ ତୁମେ ତାର ଲାଳନ ପାଳନ ଠିକ୍ ଭାବରେ କରି ପାରିବ ନାହିଁ। ମାତା ଯେପରି ଲାଳନ ପାଳନ କରିପାରିବ, ପିତା କଣ କରିପାରିବ ? ଦେବବ୍ରତକୁ ଉଚିତ ଶିକ୍ଷା ଦୀକ୍ଷା ଦେଇ, ହସ୍ତିନା ସିଂହାସନରେ ବସିବାର ଯୋଗ୍ୟ ଦାୟାଦ ଭାବରେ ଗଢି ମୁଁ ଦିନେ ଆସି ପୁତ୍ରକୁ ତୁମ କୋଳରେ ଦେଇ ଚାଲିଯିବି।

ଗଙ୍ଗା ବିଦାୟ ନେବାପାଇଁ ବାହାରିଲେ। ଶାନ୍ତନୁଙ୍କ ମନ ଦୁଃଖରେ ଭରିଗଲା। ଯେତେ ଅନୁରୋଧ କଲେ ମଧ୍ୟ ଗଙ୍ଗା ଫେରିଲେ ନାହିଁ। ଗଙ୍ଗାନଦୀର ଜଳ ଦୁଇଭାଗ ହୋଇ ଗଲା ଏବଂ ଦେବବ୍ରତକୁ କୋଳରେ ଧରି ତା ଭିତରେ ବିଲୀନ ହୋଇଗଲେ ଦେବୀ ଗଙ୍ଗା।

-୦-

(୮)

ଦେବବ୍ରତ

ରବିକିରଣ ସ୍ପର୍ଶରେ ପ୍ରଭାତୀ ତାରା ଅଦୃଶ୍ୟ ହେଲାପରି ଗଙ୍ଗା ଅଷ୍ଟମ ଶିଶୁପୁତ୍ରଙ୍କୁ ଧରି ଜାହ୍ନବୀର ଅଥଳ ଜଳରେ ବିଲୀନ ହୋଇଗଲେ। ଗଙ୍ଗାଙ୍କ ସହିତ ଶିଶୁପୁତ୍ର ଦେବବ୍ରତଙ୍କୁ ହରାଇ ବିକଳି ଉଠିଲା ଶାନ୍ତନୁଙ୍କ ବିଦଗ୍ଧ ପ୍ରାଣ। ଜୀବନର ସବୁ ସୁଖ ସ୍ୱାଚ୍ଛନ୍ଦ୍ୟ ଅଳିକ ଲାଗିଲା ହସ୍ତିନା ନରେଶ ଶାନ୍ତନୁଙ୍କୁ। ଏକ ସନ୍ୟାସୀର ତ୍ୟାଗପୁତ ମନସ୍ତତ୍ତ୍ୱ ଜାବୁଡ଼ି ଧରିଲା ରାଜାଙ୍କ ମନ ଓ ହୃଦୟକୁ। ସବୁ ଇନ୍ଦ୍ରିୟ ବାସନା ତ୍ୟାଗକରି ରାଜ୍ୟ ଶାସନରେ ସଂପୂର୍ଣ୍ଣ ମନୋନିବେଶ କଲେ ଶାନ୍ତନୁ।

ଏହିପରି ବିତିଗଲା କିଛି ବର୍ଷ। ପ୍ରତି ମୁହୂର୍ତ୍ତରେ ଗଙ୍ଗା ଏବଂ ଶିଶୁପୁତ୍ର ଦେବବ୍ରତଙ୍କ କଥା ମନେ ପଡୁଥିଲା ରାଜାଙ୍କର। ଦିନେ ସକାଳର ଏକ ମନୋରମ ମୁହୂର୍ତ୍ତରେ ଗଙ୍ଗାକୂଳରେ ଭ୍ରମଣ କରୁଥିଲେ ଶାନ୍ତନୁ। ଭାବୁଥିଲେ କେତେଦିନ ସତେ ଗଙ୍ଗା ଅପେକ୍ଷା କରାଇବେ ! କେତେଦିନ ପରେ ତାଙ୍କ ପ୍ରାଣସମ ପୁତ୍ର ଦେବବ୍ରତଙ୍କୁ ସର୍ମପଣ କରିବା ପାଇଁ ଆସିବେ ଜାହ୍ନବୀ ?

ହଠାତ୍ ନଦୀ କୂଳରେ ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଶାନ୍ତନୁଙ୍କ ଦୃଷ୍ଟି ପଥାରୂଢ଼ ହେଲା। କନ୍ଦର୍ପଙ୍କ ଭଳି ସୁନ୍ଦର ଦେଖାଯାଉଥିବା ଏକ ବାଳକ ନିଜ ତୂଣୀରରୁ ତୀର ବିନ୍ଧି

Source: Author, Digitized by PPRACHIN, SOA

ନଦୀର ପ୍ରବହମାନ ଜଳକୁ ଅଟକାଇ କହୁଛି... ମା' ଦେଖ ମୁଁ ତୁମର ପଥ ରୋଧ କରି ଦେଲି। ଜଳ ସହିତ ଏଭଳି ଖେଳୁଛି ବାଳକ ସତେ ଯେପରି ମାତା ସହିତ ପୁତ୍ର କ୍ରୀଡାରତ। ସଙ୍ଗେ ସଙ୍ଗେ ସେ ସ୍ଥାନରେ ଆବିର୍ଭୁତ ହେଲେ ଦେବୀ ଗଙ୍ଗା। ଆଶ୍ଚର୍ଯ୍ୟ ହୋଇ ଗଲେ ଶାନ୍ତନୁ। ହସ ହସ ମୁହଁରେ ଗଙ୍ଗା ବାଳକ ସହିତ ଶାନ୍ତନୁଙ୍କ ପାଖରେ ପହଞ୍ଚି କହିଲେ... 'ପିତାଙ୍କୁ ପ୍ରଣାମ କର ପୁତ୍ର ଦେବବ୍ରତ। ଏ ହେଉଛନ୍ତି ତୁମର ପିତା ପ୍ରଥିତଯଶା ହସ୍ତିନା ନରେଶ ଶାନ୍ତନୁ।

ଦେବବ୍ରତ ପିତାଙ୍କ ପାଦରେ ପ୍ରଣାମ କରି ପାଦ ଧୂଳି ମଥାରେ ଲଗାଇଲେ। ଆନନ୍ଦ ଗଦ୍ଗଦ ହୃଦୟରେ ପୁତ୍ରକୁ କୋଳେଇ ନେଲେ ଶାନ୍ତନୁ। ମଥାରେ ଆଙ୍କି ଦେଲେ ଅଜସ୍ର ଚୁମ୍ବନ। ଆନନ୍ଦର ଅଶ୍ରୁରେ ଭିଜିଗଲେ ପିତା ଏବଂ ପୁତ୍ର। ଜାହ୍ନବୀ କହିଛନ୍ତି... ପ୍ରିୟତମ, କଥା ଦେଇଥିଲି ଦିନେ ଦେବବ୍ରତକୁ ସମସ୍ତ ଶାସ୍ତ୍ର ଏବଂ ଶସ୍ତ୍ର ବିଦ୍ୟାରେ ପାରଙ୍ଗମ କରି ହସ୍ତିନା ସିଂହାସନର ଯୋଗ୍ୟ ଦାୟାଦ ଭାବରେ ତୁମକୁ ସର୍ମପଣ କରିବି। ଆଜି ସେ ଦିନ ଆସିଛି ଆର୍ଯ୍ୟପୁତ୍ର। ଦେବବ୍ରତ ଭଗବାନ ପର୍ଶୁରାମଙ୍କ ଠାରୁ ସମସ୍ତ ଶସ୍ତ୍ର ଓ ଶାସ୍ତ୍ର ବିଦ୍ୟା ଲାଭ କରିଛନ୍ତି; ବେଦ ଓ ବେଦାନ୍ତରେ ମହର୍ଷି ବଶିଷ୍ଠଙ୍କଠାରୁ ପାରଦର୍ଶିତା ଲାଭ କରିଛନ୍ତି। କଳା ଓ ବିଜ୍ଞାନରେ ଶୁକ୍ରାଚାର୍ଯ୍ୟଙ୍କ ଠାରୁ ଲାଭ କରିଛନ୍ତି ସମସ୍ତ ପାଣ୍ଡିତ୍ୟ ଏବଂ ସାମାଜିକ ଜୀବନ ଯାପନ କରିବାପାଇଁ ଯେଉଁ ସବୁ ସଂସ୍କାର ଆବଶ୍ୟକ ମୁଁ ସେସବୁ ଦେବବ୍ରତଙ୍କୁ ଦେଇଛି।

ବିମୁଗ୍ଧ ଦୃଷ୍ଟିରେ ଶାନ୍ତନୁ ଥରେ ଚାହିଁଲେ ପୁତ୍ର ଦେବବ୍ରତଙ୍କୁ ତ ଥରେ ଅପରୂପ ସୌନ୍ଦର୍ଯ୍ୟର ମୁର୍ତ୍ତିମୟୀ ପ୍ରତିମା ଜାହ୍ନବୀଙ୍କୁ। ଭାବିଲେ ଶାନ୍ତନୁ... ପୁତ୍ର ସହିତ ଗଙ୍ଗା ଯେବେ ମୋ ପ୍ରାସାଦକୁ ଫେରିଆସନ୍ତେ, ତାହେଲେ ପରିପୂର୍ଣ୍ଣ ହୋଇଯାଆନ୍ତା ମୋ ଅଧୁରା ସଂସାର।

ଶାନ୍ତନୁଙ୍କ ମନକଥା ବୋଧହୁଏ ଜାଣିପାରିଲେ ଜାହ୍ନବୀ। ଅଳ୍ପ ହସି କହିଲେ... ବିଦାୟ ଆର୍ଯ୍ୟପୁତ୍ର, ତୁମ ସହିତ ଏ ଜୀବନରେ ବୋଧହୁଏ ଏ ଶେଷ ଦେଖା। ବିଧି ନିର୍ଦ୍ଦେଶିତ ସମୟର ବଳୟ ବାହାରକୁ ମୁଁ ଚାଲିଯାଇଛି ପ୍ରିୟତମ; ତୁମ ମୋ ମଝିରେ ସମୟ ଲକ୍ଷ୍ମଣ ଗାର କାଟି ଦେଇଛି।

ଦେବବ୍ରତଙ୍କ ମଥା ଚୁମ୍ବନ କରି ଆଶୀର୍ବାଦ ଦେଲେ ମାତା ଗଙ୍ଗା। ଚାହୁଁ ଚାହୁଁ ଗଙ୍ଗା ନଦୀର ଜଳ ଦୁଇଭାଗ ହୋଇ ଗଲା; ତା ଭିତରେ ବିଲୀନ ହୋଇ ଗଲେ ଜାହ୍ନବୀ। ଅଶ୍ରୁପୂର୍ଣ୍ଣ ନେତ୍ରରେ ଉଆସକୁ ଫେରି ଆସିଲେ ଦେବବ୍ରତଙ୍କୁ ସାଙ୍ଗରେ ଧରି ଶାନ୍ତନୁ।

ପୁତ୍ର ଦେବବ୍ରତଙ୍କୁ ପାଇ ଆନନ୍ଦର ସୀମା ରହିଲା ନାହିଁ ଶାନ୍ତନୁଙ୍କର। ଦେବବ୍ରତଙ୍କୁ ହସ୍ତିନାର ଯୁବରାଜ ପଦରେ ଅଭିଷିକ୍ତ କଲେ ଶାନ୍ତନୁ। ସମୟ ଆନନ୍ଦରେ ବିତି ଯାଉଥିଲା।

Source: Author, Digitized by PPRACHIN, SOA

ଦିନେ ଯମୁନା କୂଳରେ ଦିନର ଗତାୟୁ ମୁହୂର୍ତ୍ତରେ ଭ୍ରମଣ କରୁଥିବା ସମୟରେ ପରିବେଶ ହଠାତ୍ ଅପୂର୍ବ ମହକରେ ଭରିଗଲା। ସମସ୍ତ ଇନ୍ଦ୍ରିୟଙ୍କୁ ସତେଜ କରୁଥିବା ଏ ସୁବାସ କେଉଁଠାରୁ ଭସିଆସୁଛ ଜାଣିବାପାଇଁ ଚତୁର୍ଦ୍ଦିଗକୁ ଦୃଷ୍ଟି ପକାଇଲେ ନରେଶ। ଆଃ ! କି ସୁନ୍ଦର ଏକ ତରୁଣୀ ଉଭା ହୋଇଥିଲା କିଛି ଦୂରରେ। ପ୍ରଗଲ୍ଭ କନ୍ଦର୍ପ କେଉଁଠାରେ ଥିଲା ପଞ୍ଚଶରରେ ଦଗ୍ଧିଭୂତ କଲା ଶାନ୍ତନୁଙ୍କ ସମସ୍ତ ଇନ୍ଦ୍ରିୟଙ୍କୁ। ବିଦଗ୍ଧ ନରେଶ ସୁନ୍ଦରୀ ତରୁଣୀ ସହିତ ବାର୍ତ୍ତାଳାପ କରିବାର ଇଚ୍ଛା ସମ୍ବରଣ କରିପାରିଲେ ନାହିଁ। ତରୁଣୀ ପାଖରେ ପହଞ୍ଚି ନିଜର ପରିଚୟ ଦେଇ ଶାନ୍ତନୁ କହିଲେ... ସୁଶୀଳେ, ମୁଁ ହସ୍ତିନା ନରେଶ ଶାନ୍ତନୁ। କାହାର ଗୃହ ଅନ୍ଧକାର କରି ତୁମେ ଏହି ଯମୁନା ତଟକୁ ଆଲୋକିତ ଓ ଧନ୍ୟ କରିଛ ଜାଣି ପାରେ କି ? ତୁମ ଅଙ୍ଗରୁ ନିର୍ଗତ ସୁବାସରେ ପୁଲକିତ ହୋଇଯାଉଛି ପରିବେଶ। କିଏ ତୁମେ ଦେବୀ !

ଲଜ୍ଜାବନତ ମୁଖରେ ତରୁଣୀ ଅଭିବାଦନ କରି କହିଲେ... ହେ ମହାନୁଭବ, ମୁଁ ଧୀବର ଦାସରାଜଙ୍କ କନ୍ୟା ସତ୍ୟବତୀ। ନୌକାରେ ଯମୁନା ଘାଟରୁ ଯାତ୍ରୀ ପାରିକରିବା ମୋର କାମ। ପରାଶର ମହର୍ଷି ମୋତେ ଯୋଜନଗନ୍ଧା ହେବାପାଇଁ ଆଶୀର୍ବାଦ ଦେଇଛନ୍ତି। ସେ ବାସ୍ନା ଆପଣଙ୍କୁ ପ୍ରଲୁବ୍ଧ କରିଛି, ମୁଁ ସେଥିପାଇଁ ଦୁଃଖିତ ମହାରାଜ।

ସତ୍ୟବତୀଙ୍କ କଥା ଶୁଣି ହସିଲେ ଶାନ୍ତନୁ। କହିଲେ... ଦେବୀ ସତ୍ୟବତୀ, ପୁଷ୍ପର ସୁବାସ ଯେବେ ଭ୍ରମରକୁ ପ୍ରଲୋଭିତ କରେ ତାହେଲେ ସେଥିରେ ଫୁଲର କଣ ଦୋଷ। ଛାଡ ସେ କଥା, ମୁଁ ଯମୁନା ଜଳରେ ନୌକା ବିହାର କରିବାକୁ ଚାହେଁ। କରାଇ ପାରିବ ?

ସତ୍ୟବତୀ କହିଲେ... ରାଜାମାନଙ୍କର ଅନୁରୋଧ ଆଦେଶ ସହିତ ସମାନ। ଆସନ୍ତୁ ନରେଶ, ଆପଣଙ୍କୁ ଯମୁନାରେ ନୌକା ବିହାର କରାଇଦେବି।

ସତ୍ୟବତୀଙ୍କ ସହିତ କେବଳ ସେଦିନ ନୁହେଁ, ତା'ପରଠାରୁ ପ୍ରତିଦିନ ନୌକା ବିହାର କଲେ ଶାନ୍ତନୁ। ସତ୍ୟବତୀଙ୍କ ପ୍ରେମରେ ପାଗଳ ହୋଇ ଗଲେ ଶାନ୍ତନୁ। ଦିନେ ସତ୍ୟବତୀଙ୍କ ଆଗରେ ନିଜ ମନକଥା ପ୍ରକାଶ କରି ତାଙ୍କୁ ବିବାହ କରିବାପାଇଁ ପ୍ରସ୍ତାବ ରଖିଲେ ହସ୍ତିନା ନରେଶ। ବିନମ୍ରତା ସହିତ ସତ୍ୟବତୀ କହିଲେ... ଆର୍ଯ୍ୟପୁତ୍ର, ମୁଁ ଆପଣଙ୍କ ପ୍ରସ୍ତାବରେ ଅସମ୍ମତ ହେବାର କୌଣସି କାରଣ ନାହିଁ, କିନ୍ତୁ ମୋ ପିତା ଦାସରାଜଙ୍କ ସମ୍ମତି ବିନା ବିବାହ ସମ୍ଭବ ନୁହେଁ। ସେଦିନ ଦାସରାଜଙ୍କ ପାଖରେ ପହଞ୍ଚି ସତ୍ୟବତୀଙ୍କୁ ବିବାହ କରିବା ଇଚ୍ଛା ପ୍ରକାଶ କଲେ ଶାନ୍ତନୁ। ଦାସରାଜ ଶାନ୍ତନୁଙ୍କ ବିଷୟରେ ଅବଗତ ଥିଲେ। ସେ କହିଲେ... ହେ ନରେଶ, ଆପଣଙ୍କର ଗଙ୍ଗା ଦେବୀଙ୍କ ଗର୍ଭରୁ ଦେବବ୍ରତ

Source: Author, Digitized by PPRACHIN, SOA

ନାମକ ପୁତ୍ର ଅଛନ୍ତି । ସେ ମଧ୍ୟ ଯୁବରାଜ ପଦରେ ଅଭିଷିକ୍ତ । ନିୟମ ଅନୁସାରେ ଆପଣଙ୍କ ପରେ ହସ୍ତିନାର ସିଂହାସନ ତାଙ୍କର ପ୍ରାପ୍ୟ । ସେ ସମୟରେ ମୋ କନ୍ୟା ସତ୍ୟବତୀ ଏବଂ ତା'ର ଜନ୍ମିତ ସନ୍ତାନ ମାନଙ୍କ ଅବସ୍ଥା କଣ ହେବ ? ପ୍ରାସାଦରୁ ବିତାଡିତ ହୋଇ ଭିକାରିର ଭାଗ୍ୟନେଇ ସେମାନେ ଦ୍ୱାର ଦ୍ୱାର ବୁଲିବେ । ଏହା ମୋତେ ସ୍ପଷ୍ଟ ପ୍ରତୀୟମାନ ହେଉଛି । ଆପଣଙ୍କ ପରେ ହସ୍ତିନାର ସିଂହାସନ ଯେବେ ସତ୍ୟବତୀ ଗର୍ଭରୁ ଜାତ ସନ୍ତାନକୁ ପ୍ରାପ୍ତ ହେବ ତାହେଲେ ଏ ବିବାହରେ ମୋର କୌଣସି ଆପତ୍ତି ନାହିଁ । ସେଥିପାଇଁ ଆପଣଙ୍କୁ ସତ୍ୟ କରିବାକୁ ପଡ଼ିବ ।

ଶାନ୍ତନୁ ସତ୍ୟବତୀଙ୍କ ପ୍ରେମରେ ପାଗଳ ଥିଲେ ସତ୍ୟ କିନ୍ତୁ ଦେବୋପମ ଦେବବ୍ରତଙ୍କୁ ସିଂହାସନ ଅଧିକାରରୁ ବଞ୍ଚିତ କରିବାକୁ ଚାହୁଁ ନଥିଲେ । ତେଣୁ ଦାସରାଜଙ୍କୁ କିଛି ନକହି ଫେରି ଆସିଲେ ଶାନ୍ତନୁ । ସେହି ଦିନଠାରୁ ଶାନ୍ତନୁ ଯମୁନା କୂଳକୁ ଗଲେ ନାହିଁ, କିନ୍ତୁ ତାଙ୍କ ମନ ସତ୍ୟବତୀଙ୍କ ବିରହରେ ଘାରି ହେଲା । ଶରୀର ଚିନ୍ତାରେ କ୍ଷୀଣ ହେବାକୁ ଲାଗିଲା । ରାଜକାର୍ଯ୍ୟରେ ମନ ଲାଗିଲା ନାହିଁ ।

ଦେବବ୍ରତ ଏ ସବୁ ଲକ୍ଷ କରୁଥିଲେ । ପୁତ୍ରର କର୍ତ୍ତବ୍ୟ ପିତାକୁ ମାନସିକ ଶାନ୍ତି ପ୍ରଦାନ କରିବା । ଶାନ୍ତନୁଙ୍କ ସାରଥୀ ଠାରୁ ସମସ୍ତ ଘଟଣାବଳୀ ଅବଗତ ହେଲେ ଦେବବ୍ରତ । ପିତାଙ୍କ ମାନସିକ ଶାନ୍ତି ପାଇଁ ସତ୍ୟବତୀଙ୍କୁ ମାତା ରୂପରେ ରାଜପ୍ରାସାଦକୁ ଯେକୌଣସି ପ୍ରକାରେ ଆଣିବା ଆବଶ୍ୟକ ବୋଲି ସେ ହୃଦୟଙ୍ଗମ କଲେ । ପିତାଙ୍କ ପାଇଁ ସତ୍ୟବତୀଙ୍କ ହାତ ମାଗିବା ପାଇଁ ଦାସରାଜଙ୍କ ପାଖରେ ପହଞ୍ଚିଲେ ଦେବବ୍ରତ ।

-୦-

(୯)

ଯୋଜନଗନ୍ଧା ସତ୍ୟବତୀ

ଆମ ସଂସ୍କୃତିର ମୂଳପିଣ୍ଡ ବେଦ, ବେଦାନ୍ତ ଓ ପୁରାଣ ଅତି ମନୋରମ କାହାଣୀର ଗନ୍ତାଘର । ତା' ଭିତରୁ ଅନେକ କାହାଣୀ ବେଳେ ବେଳେ ଅବାସ୍ତବ ଲାଗିଲେ ମଧ୍ୟ ତାହା ଅତି ରୋଚକ ଏବଂ ଶିକ୍ଷଣୀୟ । ହରିବଂଶ ଏବଂ ଦେବୀ ଭାଗବତ ପୁରାଣରେ ସେହିପରି ଗୋଟିଏ କାହାଣୀରେ ବର୍ଣ୍ଣନା କରାଯାଇଛି; କିପରି ମତ୍ସ୍ୟଗନ୍ଧା ସତ୍ୟବତୀ ଯୋଜନଗନ୍ଧା ସତ୍ୟବତୀରେ ପରିଣତ ହେଲେ ।

Source: Author, Digitized by PPRACHIN, SOA

ଚେଦି ରାଜ୍ୟରେ ଉପାରିଚର ନାମକ ଜଣେ ପ୍ରବଳ ପରାକ୍ରମୀ ସମ୍ରାଟ ଥିଲେ। ସେ ସାଧାରଣରେ 'ବସୁ' ନାମରେ ମଧ୍ୟ ପରିଚିତ ଥିଲେ। ବହୁଦିନ ରାଜ୍ୟଶାସନ କରିବାପରେ ସାଂସାରିକ ଜୀବନର ଅଳିକତାରେ ବିତସ୍ପୃହ 'ବସୁ' ଅରଣ୍ୟରେ ଆଶ୍ରମ ପ୍ରତିଷ୍ଠା କରି ଘୋର ତପସ୍ୟାରେ ମଗ୍ନ ହୋଇଗଲେ। ସେ ସମୟରେ ଦେବତାମାନେ ମଧ୍ୟ ଆଚାରଶ୍ରେଷ୍ଠ ମାନବମାନଙ୍କୁ ଡରୁଥିଲେ। ଇନ୍ଦ୍ର ଚିନ୍ତାକଲେ ତପସ୍ୟା ଦ୍ୱାରା ନିଜର ଶ୍ରେଷ୍ଠତା ପ୍ରତିପାଦନ କରି ବସୁ ଇନ୍ଦ୍ରପଦ ଛଡ଼ାଇ ନେଇପାରନ୍ତି। ତେଣୁ ବସୁଙ୍କ ଆଶ୍ରମରେ ପହଞ୍ଚି ଇନ୍ଦ୍ର, ଶାନ୍ତିପୂର୍ବକ ବସୁଙ୍କୁ ପ୍ରବର୍ତ୍ତାଇଲେ ଏହି କୃଚ୍ଛ ସାଧନା ତ୍ୟାଗକରି ନିଜ ରାଜଧାନୀକୁ ଫେରିଯିବା ପାଇଁ । ଇନ୍ଦ୍ର କହିଲେ... ହେ ଆର୍ଯ୍ୟ! ମୋ ଅନୁରୋଧ ମାନି ଏ ଘୋର ତପସ୍ୟା ତ୍ୟାଗକରି ନିଜ ରାଜ୍ୟରେ ଶାନ୍ତିରେ ରାଜତ୍ୱ କର ଏବଂ ମୋର ପରମ ମିତ୍ରତା ଲାଭକର। ଯେତେବେଳେ ଇଚ୍ଛା କରିବ ସ୍ୱର୍ଗକୁ ତୁମ୍ଭର ଅବାଧ ପ୍ରବେଶ ରହିବ।

ଇନ୍ଦ୍ରଙ୍କ ଅନୁରୋଧ ରକ୍ଷାକରି ଉପାରିଚର ବସୁ ତପସ୍ୟା ତ୍ୟାଗ କଲେ। ଇନ୍ଦ୍ର ସନ୍ତୁଷ୍ଟ ହୋଇ ତାଙ୍କୁ ସ୍ଫଟିକ ମଣିର ଗୋଟିଏ ବିମାନ ଏବଂ ଗୋଟିଏ ଅପୂର୍ବ ବୈଜୟନ୍ତୀମାଳା ଉପହାର ଦେଲେ। ଉପାରିଚରଙ୍କର ସେହି ବିମାନ ସୂର୍ଯ୍ୟଙ୍କ ରଥକୁ ମଧ୍ୟ ନିନ୍ଦା କରୁଥିଲା ଏବଂ ବୈଜୟନ୍ତୀମାଳା ଧାରଣ କଲେ ତା'ପ୍ରଭାବରେ ଶତ୍ରୁର ଅସ୍ତ୍ରଶସ୍ତ୍ର ତାଙ୍କ ଶରୀରକୁ ସ୍ପର୍ଶ ମଧ୍ୟ କରୁନଥିଲା। ଇନ୍ଦ୍ରଙ୍କ ସହିତ ମିତ୍ରତାରେ ପ୍ରଫୁଲ୍ଲିତ ହୋଇ ବହୁ ସମୟରେ ବସୁ ନିଜ ରାଜ୍ୟରେ ଇନ୍ଦ୍ରୋତ୍ସବ ପାଳନ କରୁଥିଲେ।

କାହାଣୀରେ ସ୍ଫଟିକ ବିମାନ ଏବଂ ବୈଜୟନ୍ତୀ ମାଳାର ଉଲ୍ଲେଖରୁ ତତ୍କାଳୀନ ସମାଜରେ ଉତ୍କର୍ଷ ବିଜ୍ଞାନ ଓ ଯାନ୍ତ୍ରିକରଣର ପ୍ରମାଣ ମିଳେ।

ରାଜାଙ୍କ ରାଜଧାନୀ ଉପକଣ୍ଠରେ ସୁକ୍ତିମତୀ ନଦୀ ପ୍ରବାହିତ ହେଉଥିଲା। ଥରେ 'କୋଳାହଳ' ନାମକ ଏକ ବିଶାଳ ପର୍ବତ ସୁକ୍ତିମତୀ ନଦୀର ପଥ ଅବରୋଧ କରି ତା ଉପରେ ଅତ୍ୟାଚାର ଆରମ୍ଭ କରିଦେଲା। ସୁକ୍ତିମତୀ ଉପାରିଚରଙ୍କୁ ଗୁହାରିକଲା କୋଳାହଳ ପର୍ବତର ଅତ୍ୟାଚାରରୁ ତାକୁ ରକ୍ଷା କରିବା ପାଇଁ। ଉପାରିଚର ଅତ୍ୟନ୍ତ କ୍ରୋଧରେ କୋଳାହଳ ପବତର୍କୁ ଏଭଳି ଏକ ଶକ୍ତ ଗୋଇଠା ପ୍ରହାର କଲେ ଯେ ପର୍ବତ ଖଣ୍ଡଖଣ୍ଡ ହୋଇ ଭାଙ୍ଗିଗଲା ଏବଂ ଭୟରେ କୋଳାହଳ ସୁକ୍ତିମତୀର ରାସ୍ତାରୁ ଓହରି ଗଲା। କଳ କଳ ଛଳ ଛଳ ହୋଇ ସୁକ୍ତିମତୀ ପୁଣିଥରେ ନିଜ ପଥରେ ବହି ଚାଲିଲା।

ପୁରାଣରେ ଏପରି ବର୍ଣ୍ଣନା ବାସ୍ତବତା ଠାରୁ ବହୁଦୂରରେ ଥିଲେ ମଧ୍ୟ କାହାଣୀ ଭିତରେ ସମାଜପ୍ରତି ଥିବା ଅନ୍ତର୍ନିହିତ ବାର୍ତ୍ତା ସୁସ୍ପଷ୍ଟ।ବସୁଙ୍କ ରାଜ୍ୟରେ ଦୁର୍ବଳା ଅବଳା ପ୍ରତି ଅତ୍ୟାଚାର ଯେ ଦୃଢ଼ ହସ୍ତରେ ଦମନ କରାଯାଉଥିଲା, କାହାଣୀ ଭିତରେ ଏହି

Source: Author, Digitized by PPRACHIN, SOA

ଅନ୍ତଃସ୍ୱର ପ୍ରଚ୍ଛନ୍ନ ଭାବେ ଲୁଚି ରହିଛି। ସୁକ୍ତିମତୀ ହୁଏତ ସୁକ୍ତିମତୀ ନଦୀ କୂଳରେ ବାସ କରୁଥିବା ଗୋଟିଏ କନ୍ୟା ହୋଇ ଥିବ ତଥା କୋଳାହଳ ଗୋଟିଏ ଦୀର୍ଘକାୟ ଅତ୍ୟାଚାରୀ ବ୍ୟକ୍ତି ହୋଇଥିବ।

କୋଳାହଳର ସୁକ୍ତିମତୀ ଉପରେ ଅତ୍ୟାଚାରର ଫଳସ୍ୱରୂପ ଗୋଟିଏ ପୁତ୍ର ସନ୍ତାନ ଏବଂ ଗୋଟିଏ କନ୍ୟା ସନ୍ତାନ ନଦୀ ଗର୍ଭରୁ ଜନ୍ମ ହେଲେ। ସୁକ୍ତିମତୀ ସନ୍ତାନ ଦୁଇଟିଙ୍କୁ ରାଜା ବସୁଙ୍କୁ ଉପହାର ଦେଲେ। କାଳକ୍ରମେ ପୁତ୍ର ସନ୍ତାନ ଏକ ବଳଶାଳୀ ପରାକ୍ରମୀ ଶସ୍ତ୍ରଶାସ୍ତ୍ର ନିପୁଣ ଯୁବକରେ ପରିଣତ ହେଲା। ବସୁ ସେ ଯୁବକକୁ ନିଜର ସେନାପତି ପଦରେ ନିଯୁକ୍ତି ଦେଲେ। କନ୍ୟାର ନାମ ଥିଲା ଗିରିକା। ଯୌବନରେ ପଦାର୍ପଣ କରି 'ଗିରିକା' ରୂପ ଲାବଣ୍ୟବତୀ ସୁନ୍ଦରୀ ଯୁବତୀରେ ପରିଣତ ହେଲେ। ରାଜା ବସୁ ଗିରିକାଙ୍କୁ ବିବାହ କରି ତୃପ୍ତିମୟ ଦାମ୍ପତ୍ୟ ଅତିବାହିତ କରୁଥିଲେ।

ଦିନେ ରାତିରେ ରାଜାଙ୍କର ପିତୃମାନେ ତାଙ୍କ ପାଖରେ ପହଞ୍ଚି ଅରଣ୍ୟରେ ଉତ୍ପାତ ସୃଷ୍ଟି କରୁଥିବା ହିଂସ୍ର ବଣ୍ୟଜନ୍ତୁମାନଙ୍କୁ ବଧ କରିବାପାଇଁ ଆଦେଶ ଦେଲେ। ରାଜା ବସୁ ଯନ୍ତୁମାନଙ୍କ ପଛରେ ଅନୁଧାବନ କରି ଅରଣ୍ୟ ଭିତରେ ଅନେକ ଦୂରକୁ ଚାଲିଗଲେ। ସମୟ ଥିଲା ବସନ୍ତ କାଳ। ବାସନ୍ତୀ ପରିବେଶ ବିରହ ବିଧୁର ରାଜାଙ୍କ ମନରେ ପ୍ରାଣପ୍ରିୟା ଗିରିକାଙ୍କ ସ୍ମୃତି ବାରମ୍ବାର ଉଜ୍ଜୀବିତ କଲା। ଅଶୋକ ବୃକ୍ଷ ମୂଳରେ ବସି ପତ୍ନୀଙ୍କର ରୂପ ମନେପକାଇ ବିଭୋର ହୋଇ ଉଠିଲେ ବସୁ ଏବଂ ଫଳସ୍ୱରୂପ ଶରୀରରୁ ସ୍ଖଳିତ ହେଲା ବିର୍ଯ୍ୟ।ସେ ସମୟରେ ଗିରିକାଙ୍କର ହୋଇଥାଏ ଋତୁକାଳ।ସ୍ଖଳିତ ବିର୍ଯ୍ୟକୁ ବ୍ୟର୍ଥ ହେବାକୁ ନଦେବା ପାଇଁ ରାଜା, ତାକୁ ପତ୍ରରେ ଗୁଡ଼ାଇ, ଅଭିମନ୍ତ୍ରିତ କରି, ଅଶୋକ ବୃକ୍ଷରେ ବସିଥିବା ଗୋଟିଏ ବାଜପକ୍ଷୀକୁ ଅନୁରୋଧ କଲେ ତାହା ନେଇ ଗିରିକାଙ୍କ ପାଖରେ ପହଂଚାଇ ଦେବାପାଇଁ।

ପତ୍ରପୁଡ଼ିଆଟି ଚଂଚୁରେ ଧରି ଆକାଶମାର୍ଗରେ ଉଡିଯାଉଥାଏ ବାଜପକ୍ଷୀ। ଏହି ସମୟରେ ଅନ୍ୟ ଗୋଟିଏ ବାଜପକ୍ଷୀ, ପତ୍ରପୁଡ଼ିଆଟିକୁ ମାଂସଖଣ୍ଡ ଭାବି ଆକ୍ରମଣ ଆରମ୍ଭ କରିଦେଲା। ଦୁଇ ପକ୍ଷୀଙ୍କ ଲଢେଇରେ ବୀର୍ଯ୍ୟ-ପୁଡ଼ିଆଟି ତଳେ ବହି ଯାଉଥିବା ଯମୁନା ନଦୀରେ ଖସିପଡିଲା। ନଦୀ ଭିତରେ ଥିବା ଗୋଟିଏ ବିରାଟ ମାଛ ସେ ପୁଡ଼ିଆଟି ଗିଳି ଦେଲା। ଯୋଗକୁ ସେ ମାଛଟି ଥିଲା ଏକ ଅଭିଶପ୍ତା ଅପ୍ସରା। ବ୍ରହ୍ମାଙ୍କ ଅଭିଶାପ ପାଇ ସ୍ୱର୍ଗର ଏହି ଅପ୍ସରାଟି ଯମୁନା ନଦୀରେ ମାଛ ହୋଇ ରହିଥିଲା। ପୁଡ଼ିଆଟି ଗିଳି ଦେବାପରେ ଗର୍ଭବତୀ ହୋଇଗଲା ମତ୍ସ୍ୟରୂପୀ ଅପ୍ସରା।

ଏକଦା ଯମୁନା ନଦୀରୁ ସେହି ମାଛଟି ଧରି ଧୀବରମାନେ ତାକୁ କାଟି ତା'ଉଦରରେ

Source: Author, Digitized by PPRACHIN, SOA

ଯମଜ ମନୁଷ୍ୟ ସନ୍ତାନ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ; ଗୋଟିଏ ଥିଲା ପୁତ୍ର, ଅନ୍ୟଟି କନ୍ୟା। ମାଛଟି କାଟିବା ପରେ ଅଭିଶପ୍ତା ଅପ୍ସରା ମୁକ୍ତିଲାଭ କରି ସ୍ୱର୍ଗକୁ ଚାଲିଗଲା। ଧୀବରମାନେ ପୁତ୍ର ଏବଂ କନ୍ୟାକୁ ନେଇ ରାଜା ବସୁଙ୍କ ପାଖରେ ପହଞ୍ଚିଲେ। ବସୁ ପୁତ୍ରଟିକୁ ନିଜ ପାଖରେ ରଖି କନ୍ୟାଟିକୁ ଧୀବର ମାନଙ୍କ ଅଧିପତି ଦାସରାଜଙ୍କୁ ପାଳନ କରିବାପାଇଁ ଦେଇଦେଲେ। ସେହି କନ୍ୟା ହିଁ ଥିଲେ ସତ୍ୟବତୀ। ରାଜା ପୁତ୍ରର ନାମ ରଖିଲେ ମତ୍ସ୍ୟ। କାଳକ୍ରମେ ସେ ମତ୍ସ୍ୟରାଜ୍ୟ ପ୍ରତିଷ୍ଠା କରି ତାର ଅଧିଶ୍ୱର ହେଲେ।

କନ୍ୟା ସତ୍ୟବତୀ ଥିଲେ ଅତ୍ୟନ୍ତ ସୁନ୍ଦରୀ ଏବଂ ସୁଶୀଳା। କିନ୍ତୁ ତାଙ୍କ ଦେହରୁ ମତ୍ସ୍ୟ ଗନ୍ଧ ନିର୍ଗତ ହେଉଥିଲା। ପିତାଙ୍କ ବୃତ୍ତିରେ ସାହାଯ୍ୟ କରିବାପାଇଁ ସତ୍ୟବତୀ ଯମୁନା ଘାଟରେ ନୌକା ଚାଳନା କରି ଯାତ୍ରୀ ମାନଙ୍କୁ ନଦୀ ପାର କରାଉଥିଲେ।ଥରେ ମହର୍ଷି ପରାଶର ତିର୍ଥଯାତ୍ରା ପାଇଁ ସତ୍ୟବତୀଙ୍କ ନାବରେ ବସି ଯମୁନା ପାର ହେଉଥିଲେ। ନାବରେ ଏକାକୀ ଯାତ୍ରୀ ଥିଲେ ପରାଶର। ପୂର୍ଣ୍ଣ ଯୌବନା ସତ୍ୟବତୀଙ୍କ ରୂପରେ ମୁଗ୍ଧ ମୁନି ସତ୍ୟବତୀଙ୍କ ପାଖରେ ପ୍ରେମ ଭିକ୍ଷା କଲେ। ସତ୍ୟବତୀ କହିଲେ... ଏହା କଣ ସମ୍ଭବ ମୁନିଶ୍ରେଷ୍ଠ ? ପ୍ରଥମତଃ ମୋର କୁମାରୀତ୍ୱ ନଷ୍ଟ ହେବ। ତା'ଛଡା ଦିବା ସମୟରେ ଯମୁନାର ଦୁଇପଟେ ଯେଉଁ ଜନ ସମାଗମ ହୋଇଛନ୍ତି ସେମାନେ ଦେଖିଲେ ଦୁହିଁଙ୍କର ମାନସମ୍ମାନ ମାଟିରେ ମିଶିଯିବ।

ପରାଶର କହିଲେ... ସେଥିପାଇଁ ତୁମେ ଚିନ୍ତା କରନାହିଁ ସୁଶୀଳେ। ନଦୀ ମଧ୍ୟରେ ମୁଁ ଏକ ଟାପୁ ନିର୍ମାଣ କରିବି। ତାକୁ ମନ୍ତ୍ର ବଳରେ ଏପରି କୁହୁଡିରେ ଆଚ୍ଛାଦିତ କରିଦେବି ଯେ ଆମର ସଙ୍ଗମ କାହାରି ଦୃଷ୍ଟି ଗୋଚର ହେବନାହିଁ। କେବଳ ସେତିକି ନୁହେଁ ମୋ ମନ୍ତ୍ରର ପ୍ରଭାବରେ ତୁମ ସହିତ ସଙ୍ଗମ ପରେ ମଧ୍ୟ ତୁମର କୁମାରୀତ୍ୱ ଅକ୍ଷୁର୍ଣ୍ଣ ରହିବ।ତୁମ ଦେହରେ ଥିବା ମତ୍ସ୍ୟଗନ୍ଧ ମନୋରମ ସୁଗନ୍ଧରେ ପରିଣତ ହୋଇ ତୁମେ ଯୋଜନଗନ୍ଧା ପାଲଟିଯିବ। ଏହା ବିଧିଅଭିପ୍ରେତ ଯେ ସଙ୍ଗମ ପରେ ପରେ ତୁମ ଗର୍ଭରୁ ଏକ ଧୀମାନ ପୁତ୍ର ଜାତହେବ, ଯେ କି ଜଗତକୁ ଜ୍ଞାନର ଆଲୋକ ଦେଖାଇବ। ଏସବୁ, ମୋ ତପବଳରେ ସମୟକୁ ନିୟନ୍ତ୍ରିତ (ସଙ୍କୁଚିତ/ପ୍ରସାରିତ) କରି ମୁଁ ଏଠାରେ ସଂଘଟିତ କରିପାରିବି।

ଏହା କିଛି ଆଶ୍ଚର୍ଯ୍ୟଜନକ କଥା ନଥିଲା; ତପୋବଳରେ ସେ ସମୟରେ ମୁନିଋଷିମାନେ ଅକଳ୍ପନୀୟ କାର୍ଯ୍ୟ କରି ପାରୁଥିଲେ।

ସତ୍ୟବତୀ ମନ୍ତ୍ର ମୁଗ୍ଧ ହୋଇ ଶୁଣି ଯାଉଥିଲେ। ସମ୍ମତି ସୂଚକ ଭଙ୍ଗୀରେ ମଥା ହଲାଇ ଦେଲେ ମତ୍ସ୍ୟକନ୍ୟା। ସମୟକୁ ନିୟନ୍ତ୍ରିତ କରି ପରାଶର ମହର୍ଷି ସତ୍ୟବତୀଙ୍କ

Source: Author, Digitized by PPRACHIN, SOA

ସହିତ ପ୍ରଣୟରେ ଲିପ୍ତ ହୋଇଗଲେ। ପ୍ରୀତିର ଫଳସ୍ୱରୂପ ଜନ୍ମହେଲେ ମହାଜ୍ଞାନୀ ତ୍ରିକାଳଦର୍ଶୀ ବ୍ୟାସଦେବ। ଜନ୍ମପରେ ପରେ ଯୌବନ ପ୍ରାପ୍ତ ମହର୍ଷିରେ ପରିଣତ ହୋଇଗଲେ ବ୍ୟାସ। କୁହୁଡ଼ି ଅନ୍ଧକାର ଭିତରେ ଜନ୍ମ ହୋଇଥିବାରୁ ଶରୀରର ରଙ୍ଗ ହେଲା କୃଷ୍ଣବର୍ଣ୍ଣ। ମତ୍ସ୍ୟ କନ୍ୟାଙ୍କ ଗର୍ଭରୁ ଜନ୍ମ ହୋଇଥିବାରୁ ଦେହରୁ ନିର୍ଗତ ହେଉଥିଲା ମତ୍ସ୍ୟ ଗନ୍ଧ। ଯମୁନା ନଦୀରେ ଦ୍ୱୀପ ମଧ୍ୟରେ ଜନ୍ମଲାଭ କରିଥିବାରୁ ସେ ପରିଚିତ ହେଲେ 'କୃଷ୍ଣଦ୍ୱାପ୍ୟାୟନ' ନାମରେ। ମାତାଙ୍କଠାରୁ ବିଦାୟ ନେବା ସମୟରେ କୃଷ୍ଣ ଦ୍ୱାପ୍ୟାୟନ କହିଲେ... ବିଦାୟ ଦିଅ ମାତେ ! ଆବଶ୍ୟକ ପଡ଼ିବା ସମୟରେ ସ୍ମରଣ କଲେ ଅବିଳମ୍ବେ ଏ ପୁତ୍ର ନିଶ୍ଚିତ ଭାବରେ ସମୀପରେ ଉପସ୍ଥିତ ହେବ।

ପରାଶର ମୁନିଙ୍କ ଆଶୀର୍ବାଦରୁ ସତ୍ୟବତୀଙ୍କର କୁମାରୀତ୍ୱ ଅକ୍ଷୁର୍ଣ୍ଣ ରହିଲା ତଥା ମନୋରମ ସୁଗନ୍ଧିତ ଶରୀର ପାଇ ସେ ହେଲେ ଯୋଜନଗନ୍ଧା। ସତ୍ୟବତୀଙ୍କର ଅନେକ ଗୁଡ଼ିଏ ନାମ ଥିଲା... ଗନ୍ଧାବତୀ, ବାସବୀ, ସତ୍ୟା, କାଳୀ, ମତ୍ସ୍ୟଗନ୍ଧା ଏବଂ ଯୋଜନଗନ୍ଧା।

-୦-

(୧୦)

ଦେବବ୍ରତଙ୍କ ପ୍ରତିଜ୍ଞା

ମହାଭାରତରେ ଦେବବ୍ରତଙ୍କ ଚରିତ୍ର କର୍ତ୍ତବ୍ୟନିଷ୍ଠାର ଏକ ଜ୍ୱଳନ୍ତ ଉଦାହରଣ। ପିତାଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ତାଙ୍କର ସ୍ୱାର୍ଥ ତ୍ୟାଗ, ସମର୍ପଣ ଭାବ, ରାଜ୍ୟର ନିରାପତ୍ତା ପାଇଁ ପ୍ରତିବଦ୍ଧତା, ପ୍ରଜାନୁରଞ୍ଜନ ଏବଂ ଏକ ଶୃଙ୍ଖଳିତ ଦେବୋପମ ଜୀବନଯାତ୍ରା ତାଙ୍କୁ ସେ ସମୟରେ ମହାଭାରତୀୟ ରାଜନୀତିରେ ଏକ ଆଦର୍ଶ ଚର୍ଚ୍ଚିତ ଚେହେରା ଭାବରେ ଟେକି ଧରିଥିଲା। ଦେବବ୍ରତରୁ ସେ ଯେପରି ଭୀଷ୍ମରେ ପରିଣତ ହେଲେ ତାହା ଏକ ବହୁଚର୍ଚ୍ଚିତ ରୋଚକ ଉପାଖ୍ୟାନ।

ହସ୍ତିନା ନରେଶ ଶାନ୍ତନୁଙ୍କ ଦୁର୍ବଳତା ଥିଲେ ଅପରୂପା ଯୋଜନଗନ୍ଧା ଧୀବରକନ୍ୟା 'ସତ୍ୟବତୀ'। ସେଥିପାଇଁ ବିରହ ବେଦନାରେ ସନ୍ତୁଳିତ ହେଉଥିଲେ ଶାନ୍ତନୁ। ପିତାଙ୍କ ସାରଥୀ ଠାରୁ ଏହି ପ୍ରେମ ଉପାଖ୍ୟାନ ବିଷୟରେ ଟିକିନିଖି ଜାଣିବା ପରେ, ସତ୍ୟବତୀଙ୍କ ସହିତ ପିତାଙ୍କ ବିବାହ ପ୍ରସ୍ତାବ ନେଇ ଦେବବ୍ରତ ଦାସରାଜାଙ୍କ ଗୃହରେ ପହଞ୍ଚିଲେ। ଦାସରାଜ ଦେବବ୍ରତଙ୍କୁ ଆସନ ପ୍ରଦାନ କରି ଯଥୋଚିତ ସମ୍ମାନ ଦେଇ କହିଲେ...

Source: Author, Digitized by PPRACHIN, SOA

ଅହୋ ଭାଗ୍ୟ ! କେଉଁ କାରଣରୁ ହସ୍ତିନାର ଯୁବରାଜ ଏତେ କଷ୍ଟ ସ୍ୱୀକାର କରି ଏହି ଗରିବର କୁଟୀର ଅଳଙ୍କୃତ କଲେ ? ଆଦେଶ କରିଥିଲେ ଏ ଅଧୀନ ନିଜେ ଯାଇ ମହାରାଜା ଏବଂ ଯୁବରାଜଙ୍କ ସମକ୍ଷରେ ଉପସ୍ଥିତ ହୋଇ ଥାଆନ୍ତା।

ବିନମ୍ର ଦେବବ୍ରତ କହିଲେ... ହେ ମହାନୁଭବ ! ମୋତେ ମାତା ସତ୍ୟବତୀଙ୍କର ପୁତ୍ର ହେବାର ସୌଭାଗ୍ୟ ପ୍ରଦାନ କରି ଋଣୀ କରନ୍ତୁ; ପିତାଙ୍କ ସହିତ ମାତା ସତ୍ୟବତୀଙ୍କର ଶୁଭ ପରିଣୟ ପାଇଁ ସମ୍ମତି ଦେଇ ଆପଣ ହସ୍ତିନା ରାଜପରିବାରକୁ ଅନୁଗୃହିତ କରନ୍ତୁ ମହାନୁଭବ।

ବିନମ୍ରତାସହିତ କୁମାରଙ୍କ ଅନୁରୋଧ ପ୍ରତ୍ୟାଖ୍ୟାନ କରି ଦାସରାଜ କହିଲେ... ଯୁବରାଜ ଦେବବ୍ରତ, ଏ ସମ୍ବନ୍ଧରେ ମୋର ମହାରାଜା ଶାନ୍ତନୁଙ୍କ ସହିତ ବିଶେଷ ଆଲୋଚନା ହୋଇ ଯାଇଛି, ଅଧିକ ଆଲୋଚନା ଅନାବଶ୍ୟକ। ମୋ କନ୍ୟା ସତ୍ୟବତୀ ଯେବେ ହସ୍ତିନାର ରାଣୀ ହେବାପାଇଁ ଯୋଗ୍ୟ ତାହେଲେ ତାର ସନ୍ତାନମାନେ କଣ ରାଜସିଂହାସନ ପାଇଁ ଯୋଗ୍ୟ ନୁହନ୍ତି ? ଯେହେତୁ ଆପଣ ଯୁବରାଜ ପଦରେ ଅଭିଷିକ୍ତ ତଥା ହସ୍ତିନାର ଭାବି ସମ୍ରାଟ, ସତ୍ୟବତୀର ସନ୍ତାନମାନଙ୍କ ଭାଗ୍ୟ କଣ ହେବ ? ଏହି ପ୍ରଶ୍ନର ଉତ୍ତର ମୋତେ ମହାରାଜା ଏପର୍ଯ୍ୟନ୍ତ ଶାନ୍ତନୁ ଦେଇ ପାରିନାହାଁନ୍ତି।

ଦେବବ୍ରତ କହିଲେ... ମହାନୁଭବ, ଏହି ସାମାନ୍ୟ କଥା ପାଇଁ ଆପଣ ଚିନ୍ତିତ ? ଏହି ପ୍ରଶ୍ନର ଉତ୍ତର ତ ମୋ ପାଖରେ ଅଛି, ପିତା ମହାରାଜ ତାର ଉତ୍ତର ଆପଣଙ୍କୁ ଦେଇଥାନ୍ତେ କିପରି ? ମୁଁ ଶପଥ କରି କହୁଛି ମହାନୁଭବ, ମାତା ସତ୍ୟବତୀଙ୍କ ଗର୍ଭରୁ ଜାତ ସନ୍ତାନମାନେ ହିଁ ହସ୍ତିନାର ସିଂହାସନ ଆରୋହଣ କରିବେ। ମୁଁ ସିଂହାସନ ଉପରେ କୌଣସି ଦାବି କରିବି ନାହିଁ।

ହସିଲେ ଦାସରାଜ। କହିଲେ... ହେ ଭରତଶ୍ରେଷ୍ଠ,ତୁମେ ବାସ୍ତବରେ ମହାନ୍। ପିତାଙ୍କ ପାଇଁ ତୁମେ ଯେଉଁ ସ୍ୱାର୍ଥ ତ୍ୟାଗର ପରାକାଷ୍ଠା ଦେଖାଉଛ ଭରତ ବଂଶରେ ଅନ୍ୟ କାହାଠାରେ ଏପରି ଦୃଷ୍ଟାନ୍ତ ଦେଖାଯାଇନାହିଁ। କିନ୍ତୁ ନିଜକୁ ମୋ ଭଳି ଜଣେ ପିତା ଆସନରେ ବସାଇ ଚିନ୍ତାକର ଦେବବ୍ରତ, ବାସ୍ତବରେ କଣ ଏହା ସତ୍ୟବତୀର ଭାବି ସନ୍ତାନ ମାନଙ୍କର ସ୍ୱାର୍ଥ ରକ୍ଷାପାଇଁ ଯଥେଷ୍ଟ ?

ତୁମେ ସିନା ରାଜସିଂହାସନ ଗ୍ରହଣ କରିବ ନାହିଁ, କିନ୍ତୁ ତୁମ ପୁତ୍ରମାନେ କାହିଁକି ସେମାନଙ୍କର ଜନ୍ମସିଦ୍ଧ ଅଧିକାର ତ୍ୟାଗ କରିବେ ? ଆବଶ୍ୟକ ପଡିଲେ ଯୁଦ୍ଧକରି, ସତ୍ୟବତୀର ସନ୍ତାନକୁ ଗାଦିଚ୍ୟୁତ କରି ସେମାନେ ହସ୍ତିନାର ରାଜସିଂହାସନ ଆରୋହଣ କରିବେ। ରାଜବଂଶଜ ମାନଙ୍କ ସିଂହାସନ-ଅଧିକାର ଯଙ୍ଗରେ ସତ୍ୟବତୀର ସନ୍ତାନମାନେ

Source: Author, Digitized by PPRACHIN, SOA

ବଳି ପଡିବେ। ସେମାନଙ୍କ ଭାଗ୍ୟର ବିଡମ୍ବନା ସହଜରେ ଅନୁମେୟ କୁମାର। ସତ୍ୟ ବଡ଼ ତିକ୍ତ ଏବଂ କଠୋର ଗଙ୍ଗାପୁତ୍ର; ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ପୂର୍ବରୁ ଚିନ୍ତା କରିବା ଆବଶ୍ୟକ, ଯାହା ମୋତେ କରିବାପାଇଁ ପଡୁଛି। ତେଣୁ ହେ ଗାଙ୍ଗେୟ! ଏ ବିବାହ ଅସମ୍ଭବ। ଦୟାପୂର୍ବକ ଅଧିକ ଅନୁରୋଧ ନକରି ଫେରି ଯାଆନ୍ତୁ।

ଦେବବ୍ରତ ଫେରିଯିବା ପାଇଁ ଆସି ନଥିଲେ। ପିତା ମହାରାଜାଙ୍କ ମାନସିକ ଶାନ୍ତି ଉପରେ ନିର୍ଭର କରୁଥିଲା ହସ୍ତିନାର ଶାନ୍ତି। ସେଥିପାଇଁ, ରାଜସିଂହାସନ ତ ସାମାନ୍ୟ କଥା, ଯେକୌଣସି ସ୍ୱାର୍ଥ ତ୍ୟାଗ କରିବା ପାଇଁ ପ୍ରସ୍ତୁତ ଥିଲେ ଦେବବ୍ରତ।

ଊର୍ଦ୍ଧ୍ୱକୁ ବାହୁ ଟେକି ଶପଥ କଲେ ଦେବବ୍ରତ... ହେ ଦଶଦିଗପାଳ! ହେ ଚନ୍ଦ୍ର, ସୂର୍ଯ୍ୟ, ବାୟୁ, ଅଗ୍ନି ସମେତ ତେତିଶକୋଟୀ ଦେବତା ଓ ଗନ୍ଧର୍ବ! ହେ ମର୍ତ୍ତ୍ୟ ମଣ୍ଡଳର ମାନବ, ଦାନବ, ପଶୁ, ପକ୍ଷୀ, ବୃକ୍ଷଲତା, ତଥା ସମସ୍ତ ସ୍ଥାବର ଓ ଜଙ୍ଗମ! ହେ ପାତାଳ ବାସୀ! ମୁଁ ଗଙ୍ଗା ପୁତ୍ର ଦେବବ୍ରତ ସମସ୍ତଙ୍କୁ ସାକ୍ଷୀ ରଖି ଶପଥ କରୁଛି, ମୋର ଜୀବଦଶା ଭିତରେ ହସ୍ତିନା ସିଂହାସନ ଉପରେ ମୋର ଅଧିକାର ରହିବ ନାହିଁ ଏବଂ ମୁଁ କଦାପି ବିବାହ କରିବି ନାହିଁ... ଚୀରକୌମାର୍ଯ୍ୟ ଗ୍ରହଣ କରିବି।

ଯେଉଁ ସମୟରେ ଦେବବ୍ରତ ଏଭଳି ଭୀଷଣ ପ୍ରତିଜ୍ଞା କରି ଭୀଷ୍ମରେ ପରିଣତ ହୋଇଗଲେ, ସ୍ତବ୍ଧ ହୋଇ ସମୟ କିଛି ମୁହୂର୍ତ୍ତ ପାଇଁ ଅଟକି ଯାଇଥିଲା। ସମୟ ସାକ୍ଷୀ, ଦେବବ୍ରତଙ୍କ ପୂର୍ବରୁ ବା ତାଙ୍କ ପରେ ଏଭଳି ଭୀଷ୍ମ ପ୍ରତିଜ୍ଞା କେହି କରି ନଥିଲେ।

ସେ ଭୟଙ୍କର ପ୍ରତିଜ୍ଞାର ପ୍ରଭାବରେ ସମଗ୍ର ବିଶ୍ୱ ଦୋହଲି ଉଠିଲା, ଘୋର ଗର୍ଜନ କରି ସାଗରର ଉତ୍ତାଳ ଲହରୀ ତଟରେ ମୁଣ୍ଡପିଟିଲା, କ୍ଷଣକ ପାଇଁ ଅଟକିଗଲା ଆକାଶରେ ସୂର୍ଯ୍ୟଙ୍କ ସପ୍ତାଶ୍ୱ, ସ୍ୱର୍ଗରେ ଦେବତାମାନେ ସ୍ତବ୍ଧ ହୋଇ ଦେବବ୍ରତଙ୍କୁ ଚାହିଁ ରହିଲେ ଏବଂ ତତ୍ପରେ ସାଧୁ ସାଧୁ ଶବ୍ଦରେ ଦେବଲୋକ ମୁଖରିତ ହେଲା। ଦେବତାମାନେ ଦେବବ୍ରତଙ୍କ ଉପରେ ପୁଷ୍ପବୃଷ୍ଟି କରି ତାଙ୍କୁ 'ଭୀଷ୍ମ' ନାମ ପ୍ରଦାନ କଲେ। ଏହି ଭୀଷ୍ମ ନାମର ଅର୍ଥ ହେଉଛି ପ୍ରଚଣ୍ଡ ପ୍ରତିଜ୍ଞା ପାଳକ। ଏହି ପ୍ରତିଜ୍ଞା ପରଠାରୁ ଦେବତା ମାନଙ୍କ ଦ୍ୱାରା ପ୍ରଦତ୍ତ 'ଭୀଷ୍ମ' ନାମରେ ବାକି ଜୀବନରେ ସେ ପରିଚିତ ହେଲେ। ଦେବବ୍ରତ ନାମ ଗୌଣ ହୋଇଗଲା।

ସ୍ତବ୍ଧ ଦାସରାଜ, ସ୍ତବ୍ଧ ତାଙ୍କର କନ୍ୟା ସତ୍ୟବତୀ। ଦେବବ୍ରତ ଯେ ଏଭଳି ଭୟଙ୍କର ପ୍ରତିଜ୍ଞା କରିବେ, ସ୍ୱପ୍ନରେ ମଧ୍ୟ ଭାବିପାରି ନଥିଲେ ପିତାପୁତ୍ରୀ। ସତ୍ୟବତୀଙ୍କ ଆଖିରେ ଅଶ୍ରୁ। ତାଙ୍କର ମନେ ହେଲା ଏକ ମହାପୁରୁଷଙ୍କ ଦର୍ଶନରେ ପବିତ୍ର ହୋଇଯାଇଛି ତାଙ୍କ ଚକ୍ଷୁ। ଦେବବ୍ରତଙ୍କୁ ଯେବେ ସେ ପୁତ୍ର ଭାବରେ ପାଇବେ ପବିତ୍ର ହସ୍ତିନାରେ ଧନ୍ୟ

Source: Author, Digitized by PPRACHIN, SOA

ହୋଇଯିବ ତାଙ୍କ ଜୀବନ । ଅଭୂତପୂର୍ବ ଏବଂ ଅଶ୍ରୁତପୂର୍ବ ଏପରି ତ୍ୟାଗ ।

ସ୍ତବ୍ଧ ହୋଇ ରହି ଯାଇଥିବା ଦାସରାଜ ଏବଂ ମାତା ସତ୍ୟବତୀଙ୍କର ଧ୍ୟାନ ଭଗ୍ନକରି ପଚାରିଲେ ଦେବବ୍ରତ କୁହନ୍ତୁ... ଦାସରାଜ, ମାତା ସତ୍ୟବତୀ ହସ୍ତିନାର ମହାରାଣୀ ହେବା ପଥରେ କିଛି ଆଉ ସର୍ତ୍ତ ବା ବାଧା ଅଛି ? ଏହି ମୁହୂର୍ତ୍ତରେ ଦେବବ୍ରତ ସମସ୍ତ ସର୍ତ୍ତାବଳୀ ପୂରଣ କରିବ । ପିତା ମହାରାଜାଙ୍କ ମନର ସନ୍ତାପ ଦୂର କରିବା ପାଇଁ ଆବଶ୍ୟକ ହେଲେ ଦେବବ୍ରତ ତାର ପ୍ରାଣ ବିସର୍ଜନ କରିବାପାଇଁ ମଧ୍ୟ ପ୍ରସ୍ତୁତ ।

ଆନନ୍ଦାଶ୍ରୁ ଝରାଇ ଦାସରାଜ କହିଲେ... ହେ ଗଙ୍ଗା ପୁତ୍ର ! ତୁମେ ଧନ୍ୟ, ଧନ୍ୟ ତୁମର ପିତା ମାତା । ତୁମ୍ଭ ଭଳି ପିତୃଭକ୍ତ ନିଃସ୍ୱାର୍ଥପର ମହାମାନବଙ୍କୁ ଧାରଣ କରି ପୃଥିବୀ ମଧ୍ୟ ଧନ୍ୟ ।ହେ ମହାନ ! ତୁମ୍ଭ ଆଗରେ ମୁଁ ସ୍ୱାର୍ଥପର ଧୀବର ଏକ ହୀନ ଏବଂ ନ୍ୟୁନ ପ୍ରାଣୀରେ ପରିଣତ ହୋଇଯାଇଛି ।ଅମୂଲ୍ୟ ତୁମର ଜୀବନ ଗଙ୍ଗାପୁତ୍ର । ପିତାଙ୍କ ସୁଖଶାନ୍ତି ପାଇଁ ତୁମର ସତ୍ୟବଦ୍ଧତା ଏ ପୃଥିବୀରେ ଉଦାହରଣ ହୋଇ ରହିଯିବ । ଏହି ମୁହୂର୍ତ୍ତରୁ ସତ୍ୟବତୀ ତୁମର ମାତା ଦେବବ୍ରତ । ତାକୁ ସାଦରେ ରାଜପ୍ରସାଦକୁ ନେଇଯାଅ, ମୋର ଆପତ୍ତି ନାହିଁ ।

ସତ୍ୟବତୀଙ୍କର ପାଦ ବନ୍ଦନା କରି ସାଦରେ ରଥରେ ବସାଇ ଦେବବ୍ରତ ହସ୍ତିନା ରାଜଅବରୋଧ ଅଭିମୁଖେ ଯାତ୍ରା କଲେ । ହସ୍ତିନାର ପ୍ରାସାଦରେ ପ୍ରବେଶ କରିବା ର୍ପୂବରୁ ସତ୍ୟବତୀ କହିଲେ... ସ୍ୟନ୍ଦନ କିଛି ସମୟ ପାଇଁ ଅଟକାଅ ଦେବବ୍ରତ ।

ରଥ ଅଟକାଇ ସତ୍ୟବତୀଙ୍କୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ପଚାରିଲେ ଗଙ୍ଗାପୁତ୍ର... ଆଉ ପୁଣି କଣ ହେଲା ମାତେ ! କି ଅପରାଧ ହେଲା ଦେବବ୍ରତର ?

ଅଶ୍ରୁଳ ନୟନରେ ସତ୍ୟବତୀ କହିଲେ... ହେ ମୋର ମହାମାନବ ପୁତ୍ର ! ରାଜପ୍ରାସାଦରେ ପ୍ରବେଶ କରିବାପରେ ତୁମେ ମୋର ପୁତ୍ରରେ ପରିଣତ ହୋଇଯିବ । ତୁମକୁ ସମ୍ମାନ ଦେଇ ଯେଉଁ ପୂଜା କରିବାକୁ ମୋର ଏ ଆତ୍ମା ଚାହୁଁଛି, ତାହା ମୁଁ ପ୍ରାସାଦରେ ପହଞ୍ଚି କରି ପାରିବି ନାହିଁ । ବର୍ତ୍ତମାନ ମୁଁ ତୁମର ଚରଣ ସ୍ପର୍ଶ କରିବା ପାଇଁ ଚାହୁଁଛି ଗଙ୍ଗାପୁତ୍ର ।

ସତ୍ୟବତୀ ଦେବବ୍ରତଙ୍କ ଚରଣ ସ୍ପର୍ଶ କରିବାପାଇଁ ଯାଉଥିଲେ ।ଚମକି ପଡ଼ି ପଛକୁ ଘୁଞ୍ଚିଗଲେ ଦେବବ୍ରତ କହିଲେ... ଏହା କରି ତୁମେ ମୋତେ ପାପରେ କାହିଁକି ପକାଇବାକୁ ଯାଉଛ ଜନନୀ ? ତୁମେ ହସ୍ତିନାର ରାଜମାତା, ଦେବବ୍ରତର ତୁମେ ପ୍ରାତଃ ନମସ୍ୟା । ତୁମର ସମସ୍ତ ଆଦେଶକୁ ପରିଚାର ଭଳି ଏ ପୁତ୍ର ପାଳନ କରିବ ମାତାଶ୍ରୀ, ମୋ ମଥାରେ ତୁମର ପାଦ ରହୁ ଜନନୀ ।

–୦–

Source: Author, Digitized by PPRACHIN, SOA

(୧୧)

ଇଚ୍ଛାମୃତ୍ୟୁଧାରୀ ରାଜପୁତ୍ର

ହସ୍ତିନାର ରାଜପ୍ରସାଦ ଭିତରେ ପ୍ରବେଶ କଲେ ସତ୍ୟବତୀ। ତାଙ୍କର ମନେହେଲା ସତେ ଯେମିତି ଏକ ଭୀଷଣ ଝଞ୍ଜା ଆକାରରେ ସେ ହସ୍ତିନାର ରାଜବଂଶ ଭିତରେ ପ୍ରବେଶ କରୁଛନ୍ତି। ଭାରତର ଇତିହାସ ତାଙ୍କୁ ଯେ କିପରି ଭାବରେ ଚିତ୍ରିତ କରିବ ଭାବି ପାରୁନଥିଲେ ସେ। ତଥାପି ଆଉ ଫେରିଯିବାର ଉପାୟ ନାହିଁ।

ଦେବବ୍ରତଙ୍କ ଅନୁପସ୍ଥିତିରେ ଚିନ୍ତିତ ଥିଲେ ଶାନ୍ତନୁ। ସତ୍ୟବତୀଙ୍କୁ ଦେବବ୍ରତଙ୍କ ସହିତ ତାଙ୍କ ପ୍ରକୋଷ୍ଠରେ ପ୍ରବେଶ କରିବାର ଦେଖି ତାଙ୍କ ଆଖି ଆଗରେ ସବୁ ଦିବାଲୋକ ଭଳି ସ୍ପଷ୍ଟ ହୋଇଗଲା। ସତ୍ୟବତୀଙ୍କଠାରୁ ଦେବବ୍ରତଙ୍କର ଭୀଷଣ ପ୍ରତିଜ୍ଞା ସମାଚାର ଶୁଣି ଦୁଃଖରେ ମ୍ରିୟମାଣ ହେଲେ ଶାନ୍ତନୁ। ଭଗ୍ନକଣ୍ଠରେ କହିଲେ... କାହା ନିର୍ଦ୍ଦେଶରେ ତୁମେ ଏଭଳି ଭୟଙ୍କର ପ୍ରତିଜ୍ଞା କଲ ପୁତ୍ର ?

ମସ୍ତକ ନୁଆଁଇ ଦେବବ୍ରତ ଧୀର ଅବିଚଳିତ କଣ୍ଠରେ କହିଲେ... କର୍ତ୍ତବ୍ୟ ନିର୍ଦ୍ଦେରେ ପିତାଶ୍ରୀ, ପୁତ୍ରର ପିତା ପ୍ରତି କର୍ତ୍ତବ୍ୟ। ପିତାର ଦୁଃଖ ଯେବେ ପୁତ୍ର ଦୂର କରିନପାରିବ ସେ ପୁତ୍ରତ୍ୱ ମୂଲ୍ୟହୀନ।

ଅଧୈର୍ଯ୍ୟ ହୋଇ ଶାନ୍ତନୁ ପ୍ରଶ୍ନ କଲେ... ଆଉ ପୁତ୍ର ପ୍ରତି ପିତାର କର୍ତ୍ତବ୍ୟ ? ସେ କଥା କ'ଣ ମୁଁ ଭୁଲିଯିବି ଦେବବ୍ରତ ? ତୁମେ ମୋର ପ୍ରାଣଠାରୁ ବଳି ପ୍ରିୟତମ, ହସ୍ତିନାର ଭବିଷ୍ୟତ ତୁମେ; ମୋ ସୁଖ ପାଇଁ ତୁମ ସୁଖକୁ କିପରି ଜଳାଞ୍ଜଳି ଦେବି ପୁତ୍ର ?

ଧୀର ଏବଂ ପ୍ରଶାନ୍ତ ଦେବବ୍ରତଙ୍କ ମୁଖମଣ୍ଡଳ। ଅବିଚଳିତ କଣ୍ଠରେ କହିଲେ... ଦେବବ୍ରତର ପିତା ଜଣେ ସାଧାରଣ ପିତା ନୁହନ୍ତି। ହସ୍ତିନାର ଲକ୍ଷ ଲକ୍ଷ ପ୍ରଜାଙ୍କର ସେ ପିତା। ଗୋଟିଏ ପୁତ୍ରର ସୁଖ ଏବଂ ଭବିଷ୍ୟତ ପାଇଁ କୋଟି କୋଟି ପୁତ୍ରଙ୍କର କ୍ଷତି ହେବ; ବଞ୍ଚିଥିବା ପର୍ଯ୍ୟନ୍ତ ଦେବବ୍ରତ ଏହା କରାଇ ଦେବନାହିଁ। ଆପଣ ହସ୍ତିନାର ଶାସକ। ଶାସକର ମନରେ ଦୁଃଖ ଓ ଅସ୍ଥିରତା ରହିଲେ ଶାସନରେ ଘୋର ବ୍ୟାଘାତ ସୃଷ୍ଟିହେବ। ହସ୍ତିନାର ସ୍ୱାର୍ଥ ପାଇଁ ଦେବବ୍ରତ ଯେବେ ଏହି ସାମାନ୍ୟ ସ୍ୱାର୍ଥ ତ୍ୟାଗ କରିନପାରିବ ତାହେଲେ ତା ଜୀବନକୁ ଧିକ। ଜନକ ଓ ଜନ୍ମଭୂମି ପାଇଁ ଯେଉଁ ଜୀବନ ବିସର୍ଜିତ ହୋଇ ନପାରିଲା, ସେ ଜୀବନ ଥାଇ କଣ ମୂଲ୍ୟ ପିତାଶ୍ରୀ ?

ବିମୁଗ୍ଧ ଦୃଷ୍ଟିରେ ଦେବବ୍ରତଙ୍କୁ ଚାହିଁ ରହିଥିଲେ ଶାନ୍ତନୁ। ଦେବୀ ଗଙ୍ଗା ପୁତ୍ରକୁ

Source: Author, Digitized by PPRACHIN, SOA

ଦେଇଥିବା ସଂସ୍କାରକୁ ପ୍ରଶଂସା ନକରି ରହି ପାରିଲେ ନାହିଁ ହସ୍ତିନା ନରେଶ।

ଶାନ୍ତନୁ ସ୍ତବ୍ଧ। ଦେବବ୍ରତଙ୍କ ମନସ୍ତତ୍ତ୍ୱ ତାଙ୍କୁ ଠିକ୍ ଭାବରେ ଜଣା। ଯେଉଁ ପାଦ ସେ ଆଗକୁ ବଢ଼ାଇଛନ୍ତି ତାକୁ କଦାପି ଫେରାଇ ଆଣିବେ ନାହିଁ। ଗଙ୍ଗାଙ୍କ ରକ୍ତ ଯେଉଁ ମସ୍ତିଷ୍କରେ ପ୍ରବାହିତ ତାର ନିଷ୍ପତ୍ତି ଅଟଳ, ଅପରିବର୍ତ୍ତନୀୟ। ଦେବବ୍ରତର ଧନୁରୁ ଯେଉଁ ବାଣ ଛୁଟେ ତାହା ତାହା ଶତ୍ରୁର ମସ୍ତକ ବିଚ୍ୟୁତ ନକରି ଫେରେ ନାହିଁ ଏବଂ ମୁଖରୁ ଯେଉଁ ବାକ୍ୟ ବାହାରେ ତାହା କାର୍ଯ୍ୟରେ ରୂପାନ୍ତରିତ ନହୋଇ ରହେ ନାହିଁ।

ଶାନ୍ତନୁ ଉପାୟହୀନ। ସତ୍ୟବତୀଙ୍କ ପାଣି ଗ୍ରହଣ କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ। ଅନୁତାପରେ ଦଗ୍ଧ ମନ ନେଇ ଭାଙ୍ଗି ପଡ଼ିଲେ ଶାନ୍ତନୁ। କୃତକର୍ମର ପ୍ରାୟଶ୍ଚିତ ସେ କିପରି କରିବେ ?

ଭାରତର ଇତିହାସ ତାଙ୍କୁ ଜଣେ ସ୍ୱାର୍ଥପର, ସ୍ତ୍ରୈଣ, ଅବିବେକୀ ରାଜା ଭାବରେ ଚିତ୍ରିତ କରିବ ନାହିଁ ତ ? ପିତୃତ୍ୱର ଆବେଗରେ ଉଦ୍ବେଳିତ ଶାନ୍ତନୁ କହିଲେ... ପୁତ୍ର ଦେବବ୍ରତ ! ମୁଁ ମୋର ଏ ଜନ୍ମରେ ଅର୍ଜିତ ସୁକୃତ ବଳରେ ତୁମକୁ ବର ପ୍ରଦାନ କରୁଛି ବତ୍ସ, ତୁମକୁ 'ଇଛାମୃତ୍ୟୁ' ପ୍ରାପ୍ତ ହେଉ। ତୁମର ପବିତ୍ର କର୍ମମୟ ଜୀବନ ଉପରେ ମୃତ୍ୟୁର କୌଣସି ଅଧିକାର ରହିବ ନାହିଁ। ତୁମେ ଯେତେବେଳେ ଇଛା କରିବ ସେତେବେଳେ ହିଁ ତୁମର ମୃତ୍ୟୁ ହେବ।

ଏଠାରେ ପ୍ରଶ୍ନ ଉଠେ ଶାନ୍ତନୁଙ୍କର ଆଶୀର୍ବାଦ କାହିଁକି ଭୀଷ୍ମଙ୍କ ଉପରେ ଫଳପ୍ରଦ ହେଲା ? କଣ ତାଙ୍କର ଏଭଳି ବିଶେଷତ୍ୱ ଥିଲା ଯେ ଆଶୀର୍ବାଦ ବରଦାନ ହୋଇ ଦେବବ୍ରତଙ୍କ ଜୀବନରେ ଫଳପ୍ରଦ ହେଲା !

ଶାନ୍ତନୁ ସାଧାରଣ ମନୁଷ୍ୟ ନଥିଲେ। ସେ ଜଣେ ଧର୍ମପଥଗାମୀ ପ୍ରଜାନୁରଞ୍ଜକ ଶାସକ ଥିଲେ। ଦେବତା, ବ୍ରାହ୍ମଣ ଏବଂ ଗୁରୁମାନଙ୍କ ପ୍ରତି ତାଙ୍କର ଅଚଳା ଭକ୍ତି ଥିଲା। ବିଷ୍ଣୁଙ୍କର ଅଂଶ ନେଇ ସେ ଜନ୍ମ ହୋଇଥିଲେ। 'ଦେବୀ ଭାଗବତ' ପୁରାଣ ଅନୁସାରେ (book 9, chapter 6-7) ବିଷ୍ଣୁଙ୍କର ତିନୋଟି ଘରଣୀ ଥିଲେ... ଲକ୍ଷ୍ମୀ, ସରସ୍ୱତୀ ଏବଂ ଗଙ୍ଗା। ଗୋଟିଏ ସ୍ଥାନରେ ରହିବାରୁ ତିନି ସପତଣୀଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ସେମାନଙ୍କ ଭିତରେ ଥରେ ପ୍ରବଳ ଝଗଡ଼ା ଲାଗିବାରୁ ସରସ୍ୱତୀ ଗଙ୍ଗାଙ୍କୁ ଅଭିଶାପ ଦେଲେ ମର୍ତ୍ତ୍ୟ ମଣ୍ଡଳରେ ନଦୀ ରୂପରେ ପ୍ରବହମାନ ହେବାପାଇଁ। ଗଙ୍ଗା ମଧ୍ୟ ସରସ୍ୱତୀଙ୍କୁ ଅଭିଶାପ ଦେଲେ ମର୍ତ୍ତ୍ୟରେ ନଦୀ ଭାବରେ ପ୍ରବାହିତ ହେବାପାଇଁ। ସରସ୍ୱତୀ ଏବଂ ଗଙ୍ଗାଙ୍କ ଝଗଡାରୁ ନିଜକୁ ଦୂରେଇ ରଖି ଲକ୍ଷ୍ମୀ ନିରପେକ୍ଷ ରହିଥିଲେ ମଧ୍ୟ ସରସ୍ୱତୀ ତାଙ୍କ ଉପରେ ପକ୍ଷପାତିତାର ଅଭିଯୋଗ ଆଣି ତାଙ୍କୁ ମଧ୍ୟ ଅଭିଶାପ ଦେଲେ ଯେ ସେ

Source: Author, Digitized by PPRACHIN, SOA

ଗୋଟିଏ ବୃକ୍ଷ ଏବଂ ନଦୀ ହୋଇ ମର୍ତ୍ତ୍ୟରେ ଜନ୍ମ ନେବେ। ସେମାନଙ୍କ ଶାପ ପରସ୍ପର ଉପରେ ଫଳିଲା। ଲକ୍ଷ୍ମୀ ତୁଳସୀ ବୃକ୍ଷ ଏବଂ ପଦ୍ମା-ନଦୀ ହୋଇ ମର୍ତ୍ତ୍ୟକୁ ଅବତରଣ କଲେ। ସରସ୍ୱତୀ ନଦୀବିଶେଷ ହୋଇ ଭାରତ ଭୂଖଣ୍ଡରେ ପ୍ରବହମାନ ହେଲେ। ଭଗିରଥଙ୍କ ତପସ୍ୟା ସମୟରେ ଗଙ୍ଗା ଶିବଙ୍କ ଜଟା ଦେଇ ଧରାବତରଣ କଲେ। ସେହି ସମୟରେ ବିଷ୍ଣୁ ଗଙ୍ଗାଙ୍କୁ କହିଥିଲେ ଯେ ହସ୍ତିନା ରାଜା ଶାନ୍ତନୁ ବିଷ୍ଣୁ ଅଂଶରେ ଜନ୍ମ ନେବେ। ତାଙ୍କ ସହିତ ଗଙ୍ଗା ବିବାହ କରି ମଧୁମୟ ଦାମ୍ପତ୍ୟ ଅତିବାହିତ କରିବେ, ତାହା ହିଁ ହେବ ବିଷ୍ଣୁଙ୍କ ସହିତ ଗଙ୍ଗାଙ୍କ ମିଳନ।

ଅତି ବିଚିତ୍ରମୟ ଆମର ପୁରାଣ ଏବଂ ଉପନିଷଦର କାହାଣୀ। ବିଭିନ୍ନ ପୁରାଣରେ ଗଙ୍ଗାଙ୍କ ବିଷୟରେ ଭିନ୍ନ ଭିନ୍ନ ବର୍ଣ୍ଣନା ରହିଛି। ଗଙ୍ଗାଙ୍କୁ ଶିବଙ୍କ ପତ୍ନୀ ଭାବରେ ମଧ୍ୟ ବର୍ଣ୍ଣନା କରାଯାଏ। ବାମନ ଅବତାରରେ ବିଷ୍ଣୁ ଯେତେବେଳେ ଭୂମଣ୍ଡଳରେ ତାଙ୍କ ପାଦ ପ୍ରସାରିତ କଲେ ସେ ସମୟରେ ତାଙ୍କ ନଖକୋଣରେ ଗଙ୍ଗା ରହିଯାଇଥିଲେ ବୋଲି କଥିତ ଅଛି। ସେଥିପାଇଁ ତାଙ୍କୁ ବିଷ୍ଣୁପଦୀ ମଧ୍ୟ କୁହାଯାଏ।

ଅନେକେ ପ୍ରଶ୍ନ କରନ୍ତି... ବିଷ୍ଣୁ ଭଗବାନ ହୋଇ କିପରି ବହୁପତ୍ନୀ ଗ୍ରହଣ କରିଥିଲେ? ବାସ୍ତବରେ ପୁରାଣର କାହାଣୀ ଭିତରେ ସମାଜ ପାଇଁ ଉପଦେଶ ଏବଂ ନିର୍ଦ୍ଦେଶ ଅର୍ନ୍ତନିହିତ ଭାବରେ ରହିଛି। ତିନୋଟି ପତ୍ନୀଙ୍କ ଭିତରେ ଝଗଡ଼ା ଯୋଗୁଁ ବିଷ୍ଣୁ କିପରି ଅସୁବିଧାର ସମ୍ମୁଖୀନ ହେଉଥିଲେ ଏବଂ ପରବର୍ତ୍ତୀ ସମୟରେ କେବଳ ଲକ୍ଷ୍ମୀଙ୍କୁ ପାଖରେ ରଖି ଅନ୍ୟ ଦୁଇ ପତ୍ନୀଙ୍କୁ ଅଲଗା ରଖିଥିଲେ, ତାହା ସମାଜ ପାଇଁ ଏକ ଶିକ୍ଷା ଭାବରେ ପୁରାଣ ପୃଷ୍ଠା ମଣ୍ଡନ କରିଛି।

ଦେବୀ ଭାଗବତର ଉପରୋକ୍ତ ତଥ୍ୟ ଅନୁଯାୟୀ ଶାନ୍ତନୁ ସାଧାରଣ ମନୁଷ୍ୟ ନଥିଲେ। ସେଥିପାଇଁ ଯେତେବେଳେ ପୁତ୍ର ଦେବବ୍ରତଙ୍କୁ ସେ ଇଚ୍ଛାମୃତ୍ୟୁ ବରଦାନ ଦେଲେ ତାହା ତାଙ୍କ ଜୀବନରେ ଫଳବତୀ ହୋଇଥିଲା।

କିନ୍ତୁ ଇଚ୍ଛାମୃତ୍ୟୁ ବରଦାନ ଏହି ମହାପୁରୁଷଙ୍କ ପ୍ରତି ପିତାଙ୍କର ଆଶୀର୍ବାଦ ଥିଲା ନା ଅଭିଶାପ ! ଆଜୀବନ ଚୀରକୁମାର ରହିବାର ପଣ ନେଇ ଦୀର୍ଘ ଜୀବନ ଦୁଃଖପୂର୍ଣ୍ଣ ସଂସାରରେ ବିତାଇବା ଅଭିଶାପ ବ୍ୟତୀତ କଣ ହୋଇପାରେ? ବୃଦ୍ଧ ଜରଦ୍ଗବ ଭଳି ପରିବାର ବୃକ୍ଷରେ ବସି ଭାଇ ଭାଇ ଭିତରେ ଦ୍ୱନ୍ଦ୍ୱ, ହଣାକଟା ଇତ୍ୟାଦି ଦେଖିବା ଲେଖା ହୋଇଥିଲା ତାଙ୍କ ଭାଗ୍ୟ ଲିପିରେ।

–୦–

Source: Author, Digitized by PPRACHIN, SOA

(୧୨)

ତିନୋଟି ରତ୍ନ ମଣିମା !

ମହାଭାରତ ସାମାନ୍ୟ କାହାଣୀ ନୁହେଁ, ଏହା ପ୍ରେମ, ବୀରତ୍ୱ ଓ ପୁରୁଷାର୍ଥର କାହାଣୀ, ଏହା ସ୍ୱାର୍ଥ ଓ ପରମାର୍ଥର କାହାଣୀ। ଏହା ବିଶ୍ୱର ଅଦ୍ୱିତୀୟ ମହାକାବ୍ୟ।ଏହାର ଚରିତ୍ରମାନେ ଏବେ ମଧ୍ୟ ଘୁରି ବୁଲନ୍ତି ଭାରତର ଗ୍ରାମ, ସହରର ଗଳିକନ୍ଦିରେ। ପ୍ରତି ଭାରତୀୟ ତାର ତନ୍ତ୍ରୀରେ ଅନୁଭବ କରେ ମହାଭାରତର ପ୍ରତିଟି ଚରିତ୍ରର ସ୍ପନ୍ଦନ।

ଭୀଷ୍ମଙ୍କର ପ୍ରଚଣ୍ଡ ପ୍ରତିଜ୍ଞା ବନଅଗ୍ନି ପରି ସମଗ୍ର ହସ୍ତିନାରେ ବ୍ୟାପିଗଲା; ତାହା ପ୍ରତ୍ୟେକ ଘରେ ଆଲୋଚନାର ବିଷୟବସ୍ତୁ ହୋଇଗଲା। ସମସ୍ତଙ୍କ ମନରେ ପ୍ରଶ୍ନ... ସତ୍ୟବତୀଙ୍କର ସନ୍ତାନମାନେ ଯେବେ ଦେବବ୍ରତଙ୍କ ପରି ଯୋଗ୍ୟ ନହେବେ ତାହେଲେ ଶାନ୍ତନୁଙ୍କ ପରେ କ'ଣ ହେବ ହସ୍ତିନାର ଭାଗ୍ୟ ?

ଦିନେ ପୂର୍ଣ୍ଣ ଦରବାରରେ ମହାମାତ୍ୟ ଏହି ପ୍ରଶ୍ନ ଶାନ୍ତନୁଙ୍କୁ ପଚାରିଲେ... ମହାମହିମ ! ପ୍ରଜାଙ୍କ ମନରେ ପ୍ରଶ୍ନ ଯେ ସିଂହାସନରେ ବସି ହସ୍ତିନାକୁ ଶାସନ କରିବାର ଯୋଗ୍ୟତା କଣ ଜନ୍ମଗତ ନା କର୍ମଗତ ?

ରାଜସଭାରେ ଉପସ୍ଥିତ ଥିଲେ ଯୁବରାଜ ଭୀଷ୍ମ। ବିନମ୍ରତା ସହିତ ସେ କହିଲେ... ହେ ମହାମାତ୍ୟ, ପ୍ରଜାମାନଙ୍କର ଶଙ୍କା ବିଷୟରେ ମୁଁ ଅବଗତ। ମାତା ସତ୍ୟବତୀଙ୍କ ସନ୍ତାନମାନେ ଅଯୋଗ୍ୟ ହେଲେ ସିଂହାସନ ନିରାପଦ ରହିବନାହିଁ ବୋଲି ପ୍ରଜାମାନେ ଯଦି ଚିନ୍ତା କରୁଥାନ୍ତି, ତାହା ନିରର୍ଥକ। ଇଚ୍ଛାମୃତ୍ୟୁ ବରଦାନ ଲାଭ କରିଥିବା ମୁଁ ଗଙ୍ଗା ପୁତ୍ର ଆଜି ଏହି ରାଜସଭା ମାଧ୍ୟମରେ ହସ୍ତିନାର ଜନ ସାଧାରଣଙ୍କୁ ଜଣାଇଦେବା ପାଇଁ ଚାହେଁ ଯେ ହସ୍ତିନା ସିଂହାସନ ସହିତ ମୁଁ ବନ୍ଧା ହୋଇ ରହିଥିବି; ମୋ ଆଗରେ ପ୍ରଜାମାନଙ୍କର ସ୍ୱାର୍ଥ ସର୍ବୋପରି ରହିବ ଏବଂ ସିଂହାସନ ଯୋଗ୍ୟ ରାଜା ହାତକୁ ନଯିବା ପର୍ଯ୍ୟନ୍ତ ମୁଁ ପ୍ରାଣତ୍ୟାଗ କରିବି ନାହିଁ।

ଏଭଳି ନିଃସ୍ୱାର୍ଥପର ଦେଶଭକ୍ତିର ପରାକାଷ୍ଠା ବିଶ୍ୱ ଇତିହାସରେ ବିରଳ।

ଶାନ୍ତନୁ ସତ୍ୟବତୀଙ୍କ ପାଣି ଗ୍ରହଣ କରି ମଧୁମୟ ଦାମ୍ପତ୍ୟ ଅତିବାହିତ କଲେ। କାଳକ୍ରମେ ସତ୍ୟବତୀଙ୍କ କୋଳ ମଣ୍ଡନ କଲେ ଦୁଇଟି ପୁତ୍ର, ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ। ଦୁଇ ପୁତ୍ରଙ୍କ ଆଗମନରେ ଶାନ୍ତନୁଙ୍କ ମନ ଆନନ୍ଦରେ ପୂରିଗଲା। କିନ୍ତୁ ଦେବବ୍ରତଙ୍କର ଭୀଷ୍ମ ପ୍ରତିଜ୍ଞା ରାଜାଙ୍କ ହୃଦୟରେ ଶେଳବିଦ୍ଧ ଦୁଃଖ ହୋଇ ରହିଗଲା; ବାରମ୍ବାର ବିବେକର ବୃଶ୍ଚିକ ଦଂଶନ ତାଙ୍କୁ ବିଚଳିତ କଲା। ପୁତ୍ରର ଚିର-କୌମାର୍ଯ୍ୟ ପାଇଁ ନିଜକୁ ଦାୟୀ କରି

Source: Author, Digitized by PPRACHIN, SOA

ସେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ। ବିବେକର ଦଂଶନରେ ଶାନ୍ତନୁଙ୍କ ସ୍ୱାସ୍ଥ୍ୟ ଭାଙ୍ଗିପଡ଼ିଲା। ରଗ୍ଣ ଶାନ୍ତନୁ କିଛି କାଳ ପରେ ଇହଧାମ ତ୍ୟାଗ କଲେ।

ମାତା ସତ୍ୟବତୀଙ୍କ ପରାମର୍ଶ କ୍ରମେ ଚିତ୍ରାଙ୍ଗଦଙ୍କୁ ରାଜସିଂହାସନରେ ବସାଇଲେ ଭୀଷ୍ମ। ଚିତ୍ରାଙ୍ଗଦ ଅମିତ ବିକ୍ରମଶାଳୀ ଥିଲେ। ଯୁଦ୍ଧ ଏବଂ ରାଜ୍ୟ ଜୟ ତାଙ୍କର ନିଶାରେ ପରିଣତ ହୋଇ ଯାଇଥିଲା। ଯୁବକ ଚିତ୍ରାଙ୍ଗଦଙ୍କର ଏହି ଅଭିଯାନରେ ବାଧା ଦେଲେ ନାହିଁ ଭୀଷ୍ମ, କାରଣ ବୀରତ୍ୱ କ୍ଷତ୍ରିୟର ଅଳଙ୍କାର। ଚିତ୍ରାଙ୍ଗଦ ରାଜ୍ୟ ବାହାରେ ରହି ଯୁଦ୍ଧ କରୁଥିବା ସମୟରେ ହସ୍ତିନାରେ ରହି ନୂତନ ରାଜାଙ୍କ ପ୍ରତିନିଧି ଭାବରେ ଶାସନକାର୍ଯ୍ୟ ପରିଚାଳନା କରୁଥିଲେ ଭୀଷ୍ମ।

ଏ ଭିତରେ ଏକ ଅଘଟଣ ଘଟିଗଲା। ଏକ ପରାକ୍ରମୀ ଗନ୍ଧର୍ବ ସହିତ ଚିତ୍ରାଙ୍ଗଦ ମୁହାଁମୁହିଁ ହୋଇ ଗଲେ। ସେହି ଗନ୍ଧର୍ବର ନାମ ମଧ୍ୟ ଥିଲା ଚିତ୍ରାଙ୍ଗଦ। ହସ୍ତିନା ନରେଶଙ୍କୁ ଆହ୍ୱାନ ଦେଇ ଗନ୍ଧର୍ବ କହିଲା... ଗୋଟିଏ କୋଷ ଭିତରେ ଦୁଇଟି ଖଡ୍ଗ ରହିପାରନ୍ତି ନାହିଁ; ଗୋଟିଏ ଜଙ୍ଗଲରେ ଦୁଇଟି ସିଂହ ମଧ୍ୟ ରହିବା ଅସମ୍ଭବ। ପୃଥିବୀ ପୃଷ୍ଠରେ ଗୋଟିଏ ଚିତ୍ରାଙ୍ଗଦ ହିଁ ରହିବେ ହସ୍ତିନା ନରେଶ ! ଯୁଦ୍ଧରେ ମୋତେ ପରାସ୍ତ କରି ତୁମେ ମୋତେ ହତ୍ୟାକର, ଅଥବା ମୁଁ ତୁମକୁ ଯୁଦ୍ଧରେ ହତ୍ୟା କରେ ଜଣେ ହିଁ ଚିତ୍ରାଙ୍ଗଦ ରହିବ। ଶୁଣିଛି ତୁମର ଜ୍ୟେଷ୍ଠଭ୍ରାତ ଭୀଷ୍ମ କୁଆଡେ ଅତି ପରାକ୍ରମଶାଳୀ, ଆବଶ୍ୟକ ହେଲେ ତାଙ୍କୁ ମଧ୍ୟ ଡକାଇଆଣ ତୁମର ରକ୍ଷାପାଇଁ।

ତାଚ୍ଛଲ୍ୟପୂର୍ଣ୍ଣ ହସ ହସି ହସ୍ତିନା ନରେଶ ଚିତ୍ରାଙ୍ଗଦ କହିଲେ... ନିଜ ବୀରତ୍ୱ ଉପରେ ବଡ଼ ଅହଂକାର ତୁମର ଉଦ୍ଧତ ଗନ୍ଧର୍ବ। ମୁଁ ହିଁ ତୁମପାଇଁ ଯଥେଷ୍ଟ, ତୁମେ ମକ୍ଷିକାଠାରୁ ମଧ୍ୟ ହୀନ। ଭ୍ରାତା ଭୀଷ୍ମଙ୍କୁ ମକ୍ଷିକା ମାରିବାପାଇଁ ଡାକିବା ଆବଶ୍ୟକ ନାହିଁ।

ଘୋର ସଂଗ୍ରାମ ଲାଗିଗଲା ହସ୍ତିନା ନରେଶ ଚିତ୍ରାଙ୍ଗଦ ଏବଂ ଗନ୍ଧର୍ବ ଚିତ୍ରାଙ୍ଗଦ ମଧ୍ୟରେ । ଦୀର୍ଘ ତିନିବର୍ଷ ଲାଗିରହିଲା ଏ ସଂଗ୍ରାମ। ଶେଷରେ ଗନ୍ଧର୍ବ ଚିତ୍ରାଙ୍ଗଦ ହାତରେ ହସ୍ତିନାରାଜା ଚିତ୍ରାଙ୍ଗଦ ବୀରଗତି ପ୍ରାପ୍ତ ହେଲେ।

ଅନେକେ ପ୍ରଶ୍ନ କରନ୍ତି... ଚିତ୍ରାଙ୍ଗଦ ଗନ୍ଧର୍ବ ସହିତ ଭୀଷ୍ମ କାହିଁକି ଯୁଦ୍ଧ କଲେନାହିଁ ? କାହିଁକି କନିଷ୍ଠଭ୍ରାତାର ପ୍ରାଣ ରକ୍ଷା କଲେନାହିଁ ଭୀଷ୍ମ ?

ମହାଭାରତରେ ଏ ସମ୍ବନ୍ଧରେ ଅଧିକ କିଛି ଲେଖାଯାଇନାହିଁ। କିନ୍ତୁ ଏହା ଅନୁମେୟ ଯେ କନିଷ୍ଠ ଭ୍ରାତା ଚିତ୍ରାଙ୍ଗଦଙ୍କ ବୀରତ୍ୱ ଉପରେ ଯଥେଷ୍ଟ ଆସ୍ଥା ଥିଲା ଭୀଷ୍ମଙ୍କର। ସେ କେବେ ଭାବି ନଥିଲେ ଯେ ଗର୍ନ୍ଧବ ହାତରେ ହସ୍ତିନା ସମ୍ରାଟ ବୀରଗତି ପ୍ରାପ୍ତ ହେବେ। ଦ୍ୱିତୀୟରେ ହସ୍ତିନା ରାଜାଙ୍କର ନୁହେଁ ବରଂ ହସ୍ତିନା ସିଂହାସନର ରକ୍ଷଣ ଦାୟିତ୍ୱ ଥିଲା

Source: Author, Digitized by PPRACHIN, SOA

ତାଙ୍କ ଉପରେ। ନିଜ ରକ୍ଷଣ କ୍ଷତ୍ରିୟର ନିଜ ଦାୟିତ୍ୱ।

ଚିତ୍ରାଙ୍ଗଦଙ୍କ ମୃତ୍ୟୁ ପରେ ହସ୍ତିନାର ରାଜମୁକୁଟ ବିଚିତ୍ରବୀର୍ଯ୍ୟଙ୍କ ମସ୍ତକରେ ସ୍ଥାପନ କଲେ ଭୀଷ୍ମ। ବୀଚିତ୍ରବୀର୍ଯ୍ୟଙ୍କ ବୀରତ୍ୱ ବିଷୟରେ ମହାଭାରତରେ ବିଶେଷ ଉଲ୍ଲେଖ ନାହିଁ। ନାମରୁ ଜଣାଯାଏ ଯେ ସେ ଅଦ୍ଭୁତ ବଳଶାଳୀ ଥିଲେ (ବିଚିତ୍ର ଯାହାଙ୍କର ବୀର୍ଯ୍ୟ ବା ବଳ)। କିନ୍ତୁ ନାମ ସହିତ କାମର କଣ ବା ସଂପର୍କ ? ବରଂ କାଶୀରାଜାଙ୍କ ସ୍ୱୟଂବର ସଭାରେ ତାଙ୍କ ଅନୁପସ୍ଥିତି ତାଙ୍କ ବୀରତ୍ୱ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟିକରେ।

ବିଚିତ୍ରବୀର୍ଯ୍ୟଙ୍କ ରାଜ୍ୟାଭିଷେକ ପରେ ତାଙ୍କ ବିବାହ ପାଇଁ କନ୍ୟା ଅନ୍ୱେଷଣ କରୁଥିଲେ ଭୀଷ୍ମ। ଏହି ସମୟରେ ହସ୍ତିନାର ଗୁପ୍ତଚର ମାଧ୍ୟମରେ ସମ୍ବାଦ ପହଞ୍ଚିଲା, କାଶୀରାଜା କନ୍ୟାମାନଙ୍କର ସ୍ୱୟଂବର ଆୟୋଜନ କରୁଛନ୍ତି। ସମ୍ବାଦ ବାହକକୁ ଭୀଷ୍ମ ପ୍ରଶ୍ନ କଲେ... କେତୋଟି ରତ୍ନ ପାଇଁ ଏ ଆୟୋଜନ କାଶୀରାଜଙ୍କର ?

ସମ୍ବାଦ ବାହକ ଉତ୍ତର ଦେଲେ... ତିନୋଟି ରତ୍ନ ମଣିମା, ଅମ୍ବା, ଅମ୍ବିକା ଓ ଅମ୍ବାଳିକା।

ଭାରତ ଭୂଖଣ୍ଡର ସମସ୍ତ ନରପତିଙ୍କୁ ନିମନ୍ତ୍ରଣ କରିଥିଲେ କାଶୀ ନରେଶ, କିନ୍ତୁ ହସ୍ତିନା ନରେଶ ବିଚିତ୍ରବୀର୍ଯ୍ୟଙ୍କୁ ନିମନ୍ତ୍ରଣ କରି ନଥିଲେ। କାଶୀର ମହାମନ୍ତ୍ରୀ କାଶୀ ରାଜାଙ୍କୁ ଉପଦେଶ ଦେଇ କହିଲେ... କାଳକାଳ ଧରି ହସ୍ତିନା ଓ କାଶୀ ମଧ୍ୟରେ ସୁସଂପର୍କ ରହିଆସିଛି ମହାରାଜ। ଅତୀତରେ ଚନ୍ଦ୍ରବଂଶୀ ମହାରାଜା ଭରତ କାଶୀ ରାଜକନ୍ୟା ସୁନନ୍ଦାଙ୍କର ପାଣି ଗ୍ରହଣ କରିଥିଲେ। ସେ ସଂପର୍କର ପୁନରାବୃତ୍ତି କରିବା ସମୟ ଆସିଛି ମହାରାଜ। ଗଙ୍ଗାପୁତ୍ର ଅତି ଶକ୍ତିଶାଳୀ। ବନ୍ଧୁତା ସୂତ୍ରରେ ତାଙ୍କୁ ଲାଭକଲେ କାଶୀର ଶକ୍ତି ବୃଦ୍ଧି ହେବ ସିନା, କମ୍ ହେବନାହିଁ। ତେଣୁ ହସ୍ତିନାକୁ ନିମନ୍ତ୍ରଣ କରନ୍ତୁ।

'ବାଚାଳତା ବନ୍ଦ କରନ୍ତୁ ମହାମନ୍ତ୍ରୀ !' କାଶୀରାଜ ଗର୍ଜି ଉଠିଲେ। ଶାନ୍ତନୁ ଜୀବିତ ଥିବା ସମୟରେ ମୋର ଭଗ୍ନୀ ସହିତ ଦେବବ୍ରତଙ୍କର ବିବାହ ପାଇଁ ପିତାଶ୍ରୀ ଯେତେବେଳେ ପ୍ରସ୍ତାବ ନେଇ ଯାଇଥିଲେ, ସେ ସମୟରେ ଦେବବ୍ରତ ସ୍ପଷ୍ଟ ମନା କରି ଦେଇଥିଲେ। କାଶୀ ପାଇଁ ଏହା ଘୋର ଅପମାନଜନକ ଘଟଣା ଥିଲା। ସେ ଅପମାନର ପ୍ରତିଶୋଧ ନେବା ସମୟ ଆଜି ଆସିଛି।

ମହାମାତ୍ୟ ପୁଣିଥରେ ଚେତାବନୀ ଦେଇ କହିଲେ... ମହାରାଜ, ପ୍ରଳୟର ଅନ୍ୟ ନାମ ଭୀଷ୍ମ, ଭଗବାନ କରନ୍ତୁ ସେ ପ୍ରଳୟ ଝଞ୍ଜା କାଶୀ ଉପରକୁ ମାଡି ନଆସୁ।

କାଶୀରାଜ କହିଲେ... ଏ ଅଯଥା ପ୍ରଳାପ ଶୁଣିବାକୁ ମୋ ପାଖରେ ସମୟର ଘୋର ଅଭାବ ମହାମନ୍ତ୍ରୀ।

Source: Author, Digitized by PPRACHIN, SOA

ନିମନ୍ତ୍ରଣ ନକରିବା କେବଳ ହସ୍ତିନା ପ୍ରତି ଅପମାନ ନଥିଲା, ଥିଲା ହସ୍ତିନାର ଶକ୍ତି ପ୍ରତି ଘୋର ଅବଜ୍ଞା। ଏ ଅପମାନକୁ ସହଜରେ ଆତ୍ମସ୍ଥ କରି ପାରିଲେ ନାହିଁ ଗଙ୍ଗାପୁତ୍ର ଭୀଷ୍ମ କହିଲେ ଏଭଳି ଅବମାନନା କରି ସୁପ୍ତସିଂହକୁ ଜାଗ୍ରତ କରିବାର ଧୃଷ୍ଟତା କରିଛି କାଶୀ। ତାର ଫଳ ତାକୁ ଭୋଗିବାକୁ ପଡ଼ିବ।

ସତ୍ୟବତୀଙ୍କ ପାଖରେ ପହଞ୍ଚି ଦେବବ୍ରତ କହିଲେ... ମୋତେ ଅନୁମତି ଦିଅ ମାତେ, ଆଶୀର୍ବାଦ ଦିଅ ଅଭିଯାନରେ ସଫଳ ହେବାପାଇଁ।

ସତ୍ୟବତୀ ପ୍ରଶ୍ନ କଲେ... କେଉଁ ଉଦ୍ଦେଶ୍ୟରେ ଏ ଅଭିଯାନ ପୁତ୍ର ?

ଦେବବ୍ରତଙ୍କ ଉତ୍ତର... କାଶୀ ରାଜ୍ୟରୁ ତିନୋଟି ରତ୍ନ ଆଣି ହସ୍ତିନା ରାଜପୁରକୁ ଉଜ୍ଜ୍ୱଳ କରିବା ଉଦ୍ଦେଶ୍ୟରେ ଏ ଅଭିଯାନ ମାତାଶ୍ରୀ; ଏଭଳି ସେଭଳି ରତ୍ନ ନୁହେଁ, ତିନୋଟି କନ୍ୟାରତ୍ନ।

-୦-

(୧୩)

ପ୍ରଣୟିନୀ ଅମ୍ବା

ରାଜମାତା ସତ୍ୟବତୀଙ୍କୁ ଚାହିଁ ଭୀଷ୍ମ କହିଲେ... କାଶୀ ଅଭିଯାନର ଉଦ୍ଦେଶ୍ୟ ଜାଣିବାକୁ ଚାହୁଁଛନ୍ତି ତ ଜନନୀ, ଶୁଣନ୍ତୁ; କାଶୀ ରାଜପୁରୀରୁ ତିନୋଟି କନ୍ୟା ରତ୍ନଙ୍କୁ ଆଣି ମୁଁ ହସ୍ତିନାର ମହାରାଜା ବିଚିତ୍ରବୀର୍ଯ୍ୟଙ୍କ ହସ୍ତରେ ସମର୍ପଣ କରିବି; ତା ସଙ୍ଗେ ସଙ୍ଗେ ହସ୍ତିନାପ୍ରତି ହୋଇଥିବା ଅବଜ୍ଞା ଓ ଅପମାନର ପ୍ରତିଶୋଧ ନେବା ମଧ୍ୟ ଏହି ଅଭିଯାନର ଉଦ୍ଦେଶ୍ୟ। ସତ୍ୟବତୀ ଆନନ୍ଦିତ ହୋଇ କହିଲେ... ବିଜୟୀ ଭବ ମୋର ବୀରପୁତ୍ର। ମୋର ଆଶୀର୍ବାଦକୁ କବଚ କରି ସାଙ୍ଗରେ ଘେନି ଯାଅ।

ତେଣେ କାଶୀ ରାଜଦରବାରରେ ସ୍ୱୟଂମ୍ବର ସଭାର ବିପୁଳ ଆୟୋଜନ। ବିଭିନ୍ନ ଦେଶରୁ ଆସିଥିବା ଶତାଧିକ ରାଜପୁତ୍ର ଉଦ୍ୱିଗ୍ନ ହୋଇ ଅପେକ୍ଷାରତ। ରାଜକନ୍ୟା ଅମ୍ବା, ଅମ୍ବିକା ଓ ଅମ୍ବାଳିକା ବରଣମାଳା ହାତରେ ଧରି ଅପେକ୍ଷା କରିଛନ୍ତି ନିଜର ମନୋନୀତ ପତିଙ୍କ ଗଳାରେ ବରଣମାଳା ଦେବାପାଇଁ। ଅମ୍ବାଙ୍କ ଆଖି ସୌବଳରାଜ ଶାଲ୍ୱଙ୍କ ଉପରେ ନିବଦ୍ଧ। ଚାରିଚକ୍ଷୁର ମିଳନରେ ଅଳ୍ପ ହସିଦେଲେ ଶାଲ୍ୱ। ଲଜ୍ଜାରେ ଆରକ୍ତ ହୋଇଗଲା ଅମ୍ବାଙ୍କ ଗଣ୍ଡମଣ୍ଡଳ।

Source: Author, Digitized by PPRACHIN, SOA

ଅମ୍ବା ଶାଲ୍ୱଙ୍କର ବାଗ୍‌ଦତ୍ତା। ସ୍ୱୟଂମ୍ବରର ଅଳ୍ପଦିନ ପୂର୍ବରୁ କାଶୀ ରାଜବାଟୀକାର ଏକ ନିର୍ଜନ ସ୍ଥାନରେ ବିଜନ ବେଳାରେ ଅମ୍ବାଙ୍କୁ ଶାଲ୍ୱ କହିଥିଲେ... ସ୍ୱୟମ୍ବର ଶେଷ ହେବା ସଙ୍ଗେ ସଙ୍ଗେ ଦୀର୍ଘଦିନର ଅପେକ୍ଷାର ଅବସାନ ଘଟିବ ଅମ୍ଭେ ! ଏପରି ଲୁଚାଛପା ମିଳନର ଶେଷ ହେବ। ଆଃ ! ସେ ବହୁ ଅପେକ୍ଷମାଣ ମୁହୂର୍ତ୍ତକୁ ମୁଁ ଚାହିଁ ରହିଛି ପ୍ରିୟେ।

ଅମ୍ବାଙ୍କ ଆଖିରେ ଦୁଷ୍ଟାମି ଭରା ହସ; କହିଲେ... ସେତେବେଳେ ତୁମ୍ଭ ଗଳାରେ ବରଣମାଳା ନଦେଇ ମୁଁ ଯେବେ ଅନ୍ୟ ରାଜପୁତ୍ର ଗଳାରେ ଦିଏ; କିମ୍ବା ଅନ୍ୟ କେହି ଯେବେ ମୋତେ ବଳାତ୍କାରେ ହରଣ କରିନିଏ ?

ଅଳ୍ପ ହସି ଶାଲ୍ୱ କହିଥିଲେ... ମୋ ବ୍ୟତୀତ ତୁମେ ଅନ୍ୟ କାହା ଗଳାରେ ବରଣମାଳା ଦେବନାହିଁ, ଏ ବିଶ୍ୱାସ ମୋର ଅଛି; ଆଉ ବଳାତ୍କାର କଥା ଯାହା କହିଲ, ବିଶ୍ୱରେ ଏଭଳି କୌଣସି ଶକ୍ତି ନାହିଁ ଶାଲ୍ୱ ହସ୍ତରୁ ତୁମକୁ ଛଡାଇ ନେବ।

ସ୍ୱୟଂବର ସଭା ଆରମ୍ଭ ହେଲା। ଜ୍ୟେଷ୍ଠ କାଶିରାଜ ନନ୍ଦିନୀ ଅମ୍ବା, ଶାଲ୍ୱଙ୍କ ଗଳାରେ ବରଣ ମାଳା ଲମ୍ବାଇ ଦେଉ ଦେଉ ହଠାତ୍ ସ୍ୱୟଂମ୍ବର ସ୍ଥଳ ବଜ୍ର ନିର୍ଘୋଷ ଶବ୍ଦରେ କମ୍ପି ଉଠିଲା। ଅମ୍ବା ଭୟରେ ଅନ୍ୟ ଦୁଇ ଭଗ୍ନୀଙ୍କ ଗହଣକୁ ଚାଲିଗଲେ।

ତାହା ଥିଲା, ଝଡବେଗରେ ସଭାରେ ପ୍ରବେଶ କରିଥିବା ଗଙ୍ଗାପୁତ୍ର ଭୀଷ୍ମଙ୍କର ଧନୁ-ଟଙ୍କାରର ଶବ୍ଦ। ସଭାସ୍ଥଳରେ ରାଜଦ୍ୱ କଲା ସଂପୂର୍ଣ୍ଣ ନୀରବତା। ସମସ୍ତଙ୍କ ଚକ୍ଷୁ ଗଙ୍ଗା ପୁତ୍ରଙ୍କ ଉପରେ ନିବଦ୍ଧ। ବିଶାଳ ଶ୍ୱେନପକ୍ଷୀର ଆଗମନରେ ଅନ୍ୟ ସମସ୍ତ ପକ୍ଷୀ ଯେପରି ନୀରବ ହୋଇଯାଆନ୍ତି ସେହି ଅବସ୍ଥା ଥିଲା ସ୍ୱୟଂବର ସଭାର।

ଶାଲ୍ୱ ଜାଣିଥିଲେ ଭୀଷ୍ମ ଅନାହୂତ ହୋଇ ସଭାରେ ପ୍ରବେଶ କରିଛନ୍ତି। ଶାଲ୍ୱ ସାହସୀ ଥିଲେ। ତାଚ୍ଛଲ୍ୟ ଭରା କଣ୍ଠରେ ଶାଲ୍ୱ ପ୍ରଶ୍ନ କଲେ... ଏ ସ୍ୱୟଂମ୍ବର ସଭାକୁ ଚିରକୁମାରଙ୍କର ଆଗମନ କେଉଁ ଉଦ୍ଦେଶ୍ୟରେ ?

ଶାଲ୍ୱଙ୍କଠାରୁ ସାହସ ପାଇ, କଥାରେ କଥା ଯୋଡ଼ି ଅନ୍ୟ ଏକ ରାଜପୁତ୍ର ତାଚ୍ଛଲ୍ୟ କରି କହିଲେ... ରାଜକୁମାରୀମାନଙ୍କର ରୂପ ଅନଳରେ ବ୍ରହ୍ମଚର୍ଯ୍ୟକୁ ପୂର୍ଣ୍ଣାହୂତି ଦେବାକୁ ଆସିଛନ୍ତି ବୋଧହୁଏ।

ଅନ୍ୟଜଣେ ରାଜକୁମାର ହସିହସି କହିଲେ... ସତ୍ୟବତୀଙ୍କ ହାତରୁ ଚୁଡି ଭାଙ୍ଗିବା ସଙ୍ଗେ ସଙ୍ଗେ ଭୀଷ୍ମଙ୍କର ପ୍ରତିଜ୍ଞା ମଧ୍ୟ ଚୁଡିପରି ଭାଙ୍ଗିଗଲା କି ?

ଆହତ ସିଂହ ପରି ଗର୍ଜନ କରି ଭୀଷ୍ମ କହିଲେ... ତୁମ୍ଭମାନଙ୍କର ବାଚାଳତା ଶୁଣିବା ପାଇଁ ଏଠାକୁ ଗଙ୍ଗାପୁତ୍ର ଆସିନାହିଁ; ଆସିଛି କାଶୀ ରାଜାଙ୍କ କନ୍ୟାମାନଙ୍କୁ ନେଇ କନିଷ୍ଠ ବିଚିତ୍ରବୀର୍ଯ୍ୟ ସହିତ ବିବାହ କରାଇବା ପାଇଁ ।

Source: Author, Digitized by PPRACHIN, SOA

ରାଜପୁତ୍ରମାନଙ୍କ ମଧ୍ୟରୁ ଜଣେ ଅଟ୍ଟହାସ କରି କହିଲା... ବିଚିତ୍ରବୀର୍ଯ୍ୟ ନିଜେ କାହିଁକି ଆସିପାରିଲେ ନାହିଁ, ସେ କଣ ହସ୍ତିନାର କୃଷକମାନଙ୍କ ସହିତ କ୍ଷେତକୁ ଧାନ କାଟିବାକୁ ଯାଇଛନ୍ତି ?

ଏହି ସମୟରେ କାଶୀରାଜ ହସ୍ତକ୍ଷେପ କରି କହିଲେ... ଗଙ୍ଗାପୁତ୍ର ଭୀଷ୍ମ ! ଅନାହୂତର ଏହି ସ୍ୱୟଂମ୍ବର ସଭାରେ କୌଣସି କାମ ନାହିଁ। ଏଠାରେ ବିଶୃଙ୍ଖଳା ସୃଷ୍ଟିକଲେ ସ୍ୱୟଂବରର ନିୟମ ଅନୁସାରେ ଉପସ୍ଥିତ ସବୁ ରାଜାମାନଙ୍କର ମିଳିତ ଆକ୍ରମଣର ସମ୍ମୁଖୀନ ହେବାକୁ ପଡିବ ତୁମକୁ। ତେଣୁ ନିଜ ପ୍ରାଣ ବଞ୍ଚାଇ ଏଠାରୁ ଶୀଘ୍ର ପଳାୟନ କର ଗଙ୍ଗାପୁତ୍ର।

ଭୀଷ୍ମ କହିଲେ... ଉତ୍ତମ ଉପଦେଶ, ମୁଁ ଚାଲିଯାଉଛି, ସାଙ୍ଗରେ କନ୍ୟାମାନଙ୍କୁ ମଧ୍ୟ ନେଇ ଯାଉଛି। କନିଷ୍ଠ ବିଚିତ୍ରବୀର୍ଯ୍ୟ ସହିତ ରାଜକୁମାରୀମାନଙ୍କର ପରିଣୟ ହେବ। ତୁମ୍ଭଙ୍କୁ ନିମନ୍ତ୍ରଣ ରହିଲା କାଶୀରାଜ।

କନ୍ୟାମାନଙ୍କୁ ନେଇ ଭୀଷ୍ମ ଅଗ୍ରସର ହେଲେ। କ୍ରୋଧାନ୍ଧ ରାଜପୁତ୍ରମାନେ ଭୀଷ୍ମଙ୍କ ଉପରେ ତୀର ବର୍ଷଣ କରିବାରେ ଲାଗିଲେ। କାଶୀ ରାଜ୍ୟର ବିଶାଳ ସେନା ମାଡି ଆସିଲେ ଭୀଷ୍ମଙ୍କ ଉପରେ ଆକ୍ରମଣ ପାଇଁ। ପର୍ଶୁରାମଙ୍କ ଶିଷ୍ୟ ଗଙ୍ଗାପୁତ୍ରଙ୍କ ଆଗରେ ସମସ୍ତ ବୀର ରାଜପୁତ୍ର ଏବଂ କାଶୀର ବିଶାଳ ସେନା ନଗଣ୍ୟ ପ୍ରତୀତ ହେଲେ। ଗୋଟିଏ ତୀରରେ ସମସ୍ତଙ୍କୁ ଅସ୍ତ୍ରହୀନ କରି ଦ୍ୱିତୀୟ ତୀରରେ ସମସ୍ତଙ୍କ ମୁକୁଟ ଧରାଶାୟୀ କଲେ ଭୀଷ୍ମ ଏବଂ ଅମ୍ବା, ଅମ୍ବିକା ଓ ଅମ୍ବାଳିକାଙ୍କୁ ରଥରେ ବସାଇ ହସ୍ତିନା ଅଭିମୁଖେ ଯାତ୍ରା କଲେ ।

ଯାଦୁକରୀ ମାୟା ଭଳି ଏ ସମସ୍ତ ଘଟଣା ଅତି ଅଳ୍ପ ସମୟ ଭିତରେ ଘଟିଗଲା। କେହି ବାଧା ଦେଇ ପାରିଲେ ନାହିଁ। କିନ୍ତୁ ଶାଲ୍ୱ ଏ ଅପମାନକୁ ସହଜରେ ଆତ୍ମସ୍ଥ କରି ପାରିଲେ ନାହିଁ।ତାଙ୍କ ସମୀପରେ ପ୍ରାଣପ୍ରିୟା ଅମ୍ବାଙ୍କୁ ଗଙ୍ଗାପୁତ୍ର ଭୀଷ୍ମ ହରଣ କରି ନେଇଯିବା ତାଙ୍କ ପାଇଁ ଅସହ୍ୟ ଥିଲା। ଅମ୍ବାଙ୍କୁ ଦେଇଥିବା ବାକ୍ୟ ତାଙ୍କର ମନେ ପଡ଼ିଲା... ବିଶ୍ୱରେ ଏପରି କୌଣସି ଶକ୍ତି ନାହିଁ ଯେ ତାଙ୍କଠାରୁ ଅମ୍ବାଙ୍କୁ ଛଡ଼ାଇ ନେଇଯିବ।

ନିଜ ସୈନ୍ୟ ବାହିନୀ ସହିତ ଅନୁଧାବନ କରି ଭୀଷ୍ମଙ୍କର ପଥରୋଧ କଲେ ଶାଲ୍ୱ। ଶାଲ୍ୱଙ୍କୁ ପୁନର୍ବାର ସମ୍ମୁଖରେ ଦେଖି ଭୀଷ୍ମ କହିଲେ... କାହିଁକି ବାରମ୍ବାର ପରାସ୍ତ ହୋଇ ଅପମାନିତ ହେଉଛ ଶାଲ୍ୱ ? ଯାଅ ନିଜର ପୈତୃକ ପ୍ରାଣ ନେଇ ଫେରିଯାଅ। ବୀରତ୍ୱ ପ୍ରଦର୍ଶନ ପାଇଁ କୌଣସି ଦୁର୍ବଳ ରାଜାକୁ ଆହ୍ୱାନ କର।

ଶାଲ୍ୱ କ୍ରୋଧରେ ଅନ୍ଧ ହୋଇ ଗଙ୍ଗା ପୁତ୍ରଙ୍କ ଉପରକୁ ତୀର ବର୍ଷଣ କରିବାରେ ଲାଗିଲେ। ସାମାନ୍ୟ ଆହତ ହେଲେ ଭୀଷ୍ମ। ବିଶାଳ ବାହୁରୁ ରକ୍ତ ଝରି ଯାଉଥାଏ। ନିଜର ରକ୍ତାକ୍ତ ବାହୁକୁ ଥରେ ଚାହିଁଲେ ଏବଂ ଶାଲ୍ୱଙ୍କୁ ଚାହିଁ ଭୀଷ୍ମ କହିଲେ... ଶାଲ୍ୱରାଜ !

Source: Author, Digitized by PPRACHIN, SOA

ଏବେ ମଧ୍ୟ ସମୟ ଅଛି, ଫେରି ଯାଅ। ଶୃଗାଳ ହୋଇ ସିଂହକୁ ଅଯଥା ବିରକ୍ତ କରନାହିଁ।

ଶୁଣିଲେ ନାହିଁ ଶାଲ୍ୱରାଜ; ପୁନର୍ବାର ଆକ୍ରମଣ କରିବା ପାଇଁ ଆଗେଇ ଆସିଲେ। ଗଙ୍ଗାପୁତ୍ର କାର୍ମୁକ ଟଙ୍କାର କରି ପ୍ରଥମେ ଶାଲ୍ୱବାହିନୀକୁ ସତର୍କ କଲେ। ଧନୁନିର୍ଘୋଷରେ କମ୍ପି ଉଠିଲା ସ୍ୱର୍ଗ, ମର୍ତ୍ତ୍ୟ ପାତାଳ। ଗୋଟିଏ ତୀରରେ ପ୍ରଥମେ ଶାଲ୍ୱ ବାହିନୀକୁ ଧରାଶାୟୀ କଲେ, ଦ୍ୱିତୀୟ ତୀରରେ ଶାଲ୍ୱଙ୍କୁ ନିରସ୍ତ୍ର କଲେ ଏବଂ ତୃତୀୟ ବାଣରେ ଶାଲ୍ୱଙ୍କୁ ତାଙ୍କ ନିଜ ରଥରେ ବନ୍ଦୀ କରି ହସ୍ତିନା ଅଭିମୁଖେ ଆଗେଇ ଗଲେ ଗଙ୍ଗାପୁତ୍ର ଭୀଷ୍ମ। ଯିବା ପୂର୍ବରୁ ଶାଲ୍ୱଙ୍କୁ କହିଗଲେ... ହେ ବୀରପୁଙ୍ଗବ! ନିରସ୍ତ୍ରକୁ ହତ୍ୟା କରିବା ଶାସ୍ତ୍ର ବିରୁଦ୍ଧ, ତେଣୁ ତୁମେ ବଞ୍ଚିଗଲ। ଏବେ ପିତୃଦତ୍ତ ପ୍ରାଣ ନେଇ ନିଜ ରାଜ୍ୟକୁ ଫେରିଯାଅ। ଭବିଷ୍ୟତରେ ଭୀଷ୍ମ ସହିତ ଯୁଦ୍ଧ କରିବାର ଦୁଃସାହସ କେବେ କରିବ ନାହିଁ।

ଅମ୍ବା, ଅମ୍ବିକା ଓ ଅମ୍ବାଳିକାଙ୍କୁ ନେଇ ରାଜମାତା ସତ୍ୟବତୀଙ୍କୁ ଭେଟି ଦେଇ ଭୀଷ୍ମ କହିଲେ... ପୁତ୍ର ବିଚିତ୍ରବୀର୍ଯ୍ୟ ପାଇଁ ଗୋଟିଏ ବଧୂ ଅନ୍ୱେଷଣରେ ଥିଲେ ଜନନୀ; ଏଇ ନିଅନ୍ତୁ ତିନୋଟି ପୁତ୍ରବଧୂ।

ସତ୍ୟବତୀଙ୍କ ଚରଣ ତଳେ ପ୍ରଣାମ କରି ଅମ୍ବା କହିଲେ... ରାଜମାତା, ମୁଁ ଶାଲ୍ୱ ରାଜାଙ୍କର ବାଗ୍‌ଦତ୍ତା। ଭୀଷ୍ମ ସ୍ୱୟଂବର ସଭାକୁ ଆସିବାର କ୍ଷଣିକ ପୂର୍ବରୁ ଶାଲ୍ୱଙ୍କୁ ନିର୍ବାଚନ କରି ତାଙ୍କ ଗଳାରେ ବରଣମାଳା ଦେଇ ସାରିଛି। ପୂର୍ବରୁ ଶାଲ୍ୱଙ୍କ ସହିତ ଅନେକ ଥର କାଶୀ ରାଜବାଟୀକାରେ ମୋର ମିଳନ ଘଟିଛି ଏବଂ ମୁଁ ତାଙ୍କୁ ମନପ୍ରାଣ ଦେଇ ସାରିଛି। ଏବେ ବିଚିତ୍ରବୀର୍ଯ୍ୟଙ୍କୁ ମୁଁ ସ୍ୱଇଚ୍ଛାରେ କିପରି ବିବାହ କରିବି ଜନନୀ!

ଆଶ୍ଚର୍ଯ୍ୟ ହେଲେ ଭୀଷ୍ମ। କହିଲେ... ବାସ୍ତବିକ୍ ବଡ଼ ଅଘଟଣ ଘଟିଗଲା; ଅମ୍ବା ଯେବେ ମୋତେ ଏକଥା ପ୍ରଥମରୁ କହିଥାନ୍ତେ ତାହେଲେ ତାଙ୍କୁ ଛାଡି ମୁଁ ଅନ୍ୟ ଦୁଇ ରାଜପୁତ୍ରୀଙ୍କୁ ନେଇ ଆସିଥାନ୍ତି। ପଥରେ ଯେତେବେଳେ ଶାଲ୍ୱଙ୍କ ସହିତ ମୋର ଯୁଦ୍ଧ ହେଉଥିଲା ସେ ସମୟରେ ମଧ୍ୟ ଅମ୍ବା ମୋତେ କିଛି ଆଭାସ ଦେଲେ ନାହିଁ।

ସତ୍ୟବତୀ ଅମ୍ବାଙ୍କୁ ପଚାରିଲେ... ତୁ ପ୍ରଥମରୁ ଏକଥା ଭୀଷ୍ମକୁ କାହିଁକି କହିଲୁ ନାହିଁ ମା' ?

ଅମ୍ବା ଉତ୍ତର ଦେଲେ... ଗଙ୍ଗାପୁତ୍ରଙ୍କର ଭୀଷଣ କ୍ରୋଧ ଦେଖି ମୁଁ ଭୟଭୀତ ହୋଇ ଯାଇଥିଲି।

ଭୀଷ୍ମ କହିଲେ... ସେ ଯାହା ହେଉ, ବିଚିତ୍ରବୀର୍ଯ୍ୟଙ୍କ ସହିତ ଅମ୍ବାଙ୍କର ବିବାହ ବର୍ତ୍ତମାନ ଅସମ୍ଭବ। ସସମ୍ମାନେ ତାଙ୍କୁ ଶାଲ୍ୱ ରାଜପୁରୀରେ ପହଞ୍ଚାଇ ଦେବାର ଆୟୋଜନ ମୁଁ କରୁଛି। ଆଶାକରେ କାଶୀରାଜନନ୍ଦିନୀ ଏ ସମସ୍ତ ଘଟଣାକୁ ଦୁଃସ୍ୱପ୍ନ ଭାବି ଭୁଲିଯିବେ

Source: Author, Digitized by PPRACHIN, SOA

ଏବଂ ଶାଲ୍ୱଙ୍କ ସହିତ ଆନନ୍ଦରେ ଦାମ୍ପତ୍ୟ ଅତିବାହିତ କରିବେ।

ଆନନ୍ଦରେ ଆତ୍ମହରା ହୋଇ ପଡିଲେ ଜ୍ୟେଷ୍ଠ କାଶୀ ରାଜନନ୍ଦିନୀ ଅମ୍ବା।

-୦-

(୧୪)

ରାଜକୁମାରୀଙ୍କ ଭାଗ୍ୟ ବିଡମ୍ବନା

ମହା ଆଡ଼ମ୍ବରରେ କାଶୀରାଜନନ୍ଦିନୀ ଅମ୍ବାଙ୍କୁ ଶାଲ୍ୱ-ରାଜ୍ୟ ଅଭିମୁଖେ ବିଦାୟ ଦେଇ, ବିଚିତ୍ରବୀର୍ଯ୍ୟଙ୍କ ସହିତ ଅମ୍ବିକା ଓ ଅମ୍ବାଳିକାଙ୍କର ବିବାହ ଉତ୍ସବ ମହାସମାରୋହର ପାଳନ କଲେ ଭୀଷ୍ମ।

ଏଣେ ଶାଲ୍ୱନରେଶ ଅମ୍ବାଙ୍କୁ ଗ୍ରହଣ କରିବାପାଇଁ ପ୍ରସ୍ତୁତ ନଥିଲେ। ଭୀଷ୍ମଙ୍କଠାରୁ ବାରମ୍ବାର ଯୁଦ୍ଧରେ ପରାଜୟ ବରଣ କରିବା ପରେ ଭୀଷଣ ଅପମାନରେ ଜର୍ଜରିତ ହୋଇ ରହିଥିଲେ ଶାଲ୍ୱ। ଅମ୍ବାଙ୍କର ଶାଲ୍ୱଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନକୁ ସେ ଭୀଷ୍ମଙ୍କର ଦୟାପୂର୍ଣ୍ଣ ଦାନ ଭାବରେ ବିବେଚନା କଲେ। ଅମ୍ବା ଯେତେବେଳେ ମହା ଆନନ୍ଦରେ ଶାଲ୍ୱ ରାଜ ଅବରୋଧରେ ପ୍ରବେଶ କରି ହସ୍ତିନାରୁ ତାଙ୍କ ମୁକ୍ତିର ସମ୍ବାଦ ଶୁଣାଇଲେ, ଘୃଣାରେ ମୁହଁ ଫେରାଇ ନେଇ ଶାଲ୍ୱ କହିଲେ... ଶତ୍ରୁର ଉଚ୍ଛିଷ୍ଟ ଗ୍ରହଣ କରିବାପାଇଁ ମୁଁ ପ୍ରସ୍ତୁତ ନୁହେଁ ଅମ୍ବା। ଦେବବ୍ରତ ମୋତେ ଯୁଦ୍ଧରେ ହରାଇ ତୁମକୁ ଜୟକରି ନେଇଯାଇଛନ୍ତି। ବର୍ତ୍ତମାନ ଭୀଷ୍ମଙ୍କର ଦୟାପୂର୍ଣ୍ଣ ଦାନ ଗ୍ରହଣ କରିବା ଅପେକ୍ଷା ମୃତ୍ୟୁ ବରଂ ଶ୍ରେୟସ୍କର।

ଏହା ଶୁଣି ଅପମାନରେ ରକ୍ତାଭ ହୋଇଗଲା ଅମ୍ବାଙ୍କ ମୁଖମଣ୍ଡଳ। ନାରୀ ପ୍ରତି ଏତେ ଅପମାନ! ଶେଷରେ ଶାଲ୍ୱଙ୍କର ଯୁଦ୍ଧରେ ହାରିଯିବା ଅଯୋଗ୍ୟତା ଯୋଗୁଁ ଉଚ୍ଛିଷ୍ଟ ପାଲଟିଗଲେ ଅମ୍ବା!

ଶାଲ୍ୱଙ୍କର ଆଖିରେ ଆଖି ମିଳାଇ ପ୍ରଶ୍ନକଲେ ଅମ୍ବା... ଏଇ ତାହେଲେ କଣ ତୁମର ଭଲପାଇବା? ଭୁଲିଗଲ କାଶୀ ରାଜବାଟୀକାରେ ଦେଇଥିବା ପ୍ରତିଶ୍ରୁତି! ଆମେ ଇହକାଳ ପରକାଳର ସାଥୀ ବୋଲି ଯାହା କହିଥିଲ ତାହା କ'ଣ ଛଳନା ଥିଲା ପ୍ରିୟ ଶାଲ୍ୱରାଜ?

ଶାଲ୍ୱ କହିଲେ... ରାଜାର ଆତ୍ମସମ୍ମାନ ଏବଂ ରାଜ୍ୟର ସମ୍ମାନ ଠାରୁ ପ୍ରେମ ବଡ଼ ନୁହେଁ କାଶୀ ରାଜନନ୍ଦିନୀ; ମୁଁ ତୁମକୁ ଗ୍ରହଣ କଲେ କେବଳ ଅନ୍ୟ ରାଜାଙ୍କ ଦ୍ୱାରା ଯେ

Source: Author, Digitized by PPRACHIN, SOA

ତିରସ୍କୃତ ହେବି ତା'ନୁହେଁ, ନିଜ ରାଜ୍ୟର ପ୍ରଜାମାନେ ମଧ୍ୟ ମୋତେ ଘୃଣା ଦୃଷ୍ଟିରେ ଦେଖିବେ। ମୁଁ ଦୁଃଖିତ ଅମ୍ବା, ମୁଁ ନାଚାର।

ଶାଲ୍ୱଙ୍କ ଅସ୍ୱୀକାରରେ ଅପମାନରେ ଜର୍ଜରିତ ଅମ୍ବାଙ୍କର ଆହତ ଆତ୍ମସମ୍ମାନ ଭୟଙ୍କର କ୍ରୋଧରେ ପରିଣତ ହେଲା। ସବୁ କ୍ରୋଧ କେନ୍ଦ୍ରୀଭୂତ ହେଲା ଭୀଷ୍ମଙ୍କ ଉପରେ। ଶାଲ୍ୱଙ୍କୁ ସେ ଦୋଷ ଦେଇପାରିଲେ ନାହିଁ, କାରଣ ପରାସ୍ତ ଏବଂ ଅପମାନିତ ଯେ କୌଣସି ରାଜା ଯାହା କରିବା କଥା, ଶାଲ୍ୱ ତାହା କରିଛନ୍ତି। ଅମ୍ବାଙ୍କର ଦୁର୍ଭାଗ୍ୟର କାରଣ କେବଳ ଭୀଷ୍ମ ହିଁ ଭୀଷ୍ମ। ହସ୍ତିନା ଦରବାରରୁ ନ୍ୟାୟ ପାଇବା ଆଶାରେ ଅମ୍ବା ହସ୍ତିନା ଫେରିଗଲେ। ପୂର୍ଣ୍ଣ ରାଜ ଦରବାରରେ କାଶୀ ରାଜନନ୍ଦିନୀଙ୍କୁ ଆଶ୍ୱାସନା ଦେଇ ଭୀଷ୍ମ କହିଲେ... ଅମ୍ବେ! ତୁମ ଅପମାନର ପ୍ରତିଶୋଧ ନେବାପାଇଁ ହସ୍ତିନାର ସୈନ୍ୟବାହିନୀ ପ୍ରସ୍ତୁତ। ବାଗ୍ଦତ୍ତାଙ୍କୁ ପ୍ରତ୍ୟାଖ୍ୟାନ କରିବାର ପରିଣାମ ଶାଲ୍ୱଙ୍କୁ ଭୋଗିବା ପାଇଁ ପଡିବ। ଏହା କେବଳ କାଶୀ ରାଜନନ୍ଦିନୀଙ୍କ ଅପମାନ ନୁହେଁ ଏହା ହସ୍ତିନାର ମଧ୍ୟ ଅପମାନ।

ଉତ୍ତୁଣ ନାଗୁଣୀ ପରି ଫୁତ୍କାର କରି ଉଠିଲେ ଅମ୍ବା... ପ୍ରଳାପ ବନ୍ଦ କର ଦେବବ୍ରତ, ଅମ୍ବାର ଦୁର୍ଭାଗ୍ୟର କାରଣ ଶାଲ୍ୱ ନୁହନ୍ତି, ବରଂ ନିଜେ ତୁମେ ଗଙ୍ଗାପୁତ୍ର। ଜଣେ ପରାସ୍ତ ଏବଂ ଅପମାନିତ ରାଜା ଯାହା କରିବା କଥା ଶାଲ୍ୱ ତାହା କରିଛନ୍ତି। ସ୍ୱୟଂମ୍ବର ମଣ୍ଡପରୁ ବଳାତ୍କାର କରି ହରଣ କରି ଆଣିବା ସମୟରେ ମୋର ମତାମତ ଜାଣିବାପାଇଁ ସାମାନ୍ୟତମ ପ୍ରୟାସ କରିଛ ଗାଙ୍ଗେୟ ? ଶାଲ୍ୱଙ୍କ ଦରବାରକୁ ପୁନର୍ବାର ଠେଲିଦେଇ ମୋତେ ଅପମାନିତ କରିବା ଆବଶ୍ୟକ ନାହିଁ ବରଂ କ୍ଷାତ୍ରଧର୍ମ ଅନୁଯାୟୀ ତୁମେ ମୋର ପାଣିଗ୍ରହଣ କର, କାରଣ ସମସ୍ତ ରାଜାଙ୍କୁ ହରାଇ ସ୍ୱୟଂମ୍ବର ସଭାରୁ ତୁମେ ହିଁ ମୋତେ ହରଣ କରି ଆଣିଛ।

ଭୀଷ୍ମ ଚମକି ପଡିଲେ। କହିଲେ... ଅସମ୍ଭବ। ଦେବବ୍ରତ ଯେ ଚିରକୌମାର୍ଯ୍ୟ ଶପଥ ନେଇଛି, ଏହା କଣ କାଶୀ ରାଜ ନନ୍ଦିନୀଙ୍କୁ ଅବିଦିତ? କାଶୀ ରାଜନନ୍ଦିନୀ ଯେବେ ଅନ୍ୟ କାହାର ପାଣିଗ୍ରହଣ କରିବାକୁ ଇଚ୍ଛା ପୋଷଣ କରନ୍ତି ସେଥିପାଇଁ ଗଙ୍ଗା ପୁତ୍ର ସାହାଯ୍ୟ କରିପାରେ। କାଶୀ ରାଜନନ୍ଦିନୀ ତାଙ୍କ ଇଚ୍ଛା ପ୍ରକାଶ କରିପାରନ୍ତି।

ଭୟଙ୍କର କ୍ରୋଧରେ ଥରିଉଠି ଅମ୍ବା କହିଲେ... ଧିକ୍ ତୁମର ଚିର କୌମାର୍ଯ୍ୟ ଶପଥକୁ ଭୀଷ୍ମ। ତୁମେ ଯେବେ ଅମ୍ବାର ପାଣି ଗ୍ରହଣ କରିନପାରିବ ତାହେଲେ କ୍ରୋଧ ହିଁ ଗ୍ରହଣ କର। ମୋ କ୍ରୋଧର ଭୟଙ୍କର ଅଗ୍ନିରେ ଦିନେ ନା ଦିନେ ତୁମକୁ ଭସ୍ମ କରିଦେବି ଗଙ୍ଗାପୁତ୍ର। ଅବଳା ବୋଲି ମୋତେ ଦୁର୍ବଳା ମନେ କରୁଛ ? ନାରୀର ସମ୍ମାନକୁ ପଣ୍ୟଦ୍ରବ୍ୟ ମନେ କରିଛ ଉଦ୍ଧତ ଦେବବ୍ରତ ? ଅନ୍ୟ ରାଜାକୁ କାହିଁକି ବିବାହ କରିବି, ତୁମ ନିଜ

Source: Author, Digitized by PPRACHIN, SOA

ଭ୍ରାତା ବିଚିତ୍ରବୀର୍ଯ୍ୟ ସହିତ ବିବାହ କରାଇ ଦିଅ।

ସିଂହାସନରେ ଆସୀନ ବିଚିତ୍ରବୀର୍ଯ୍ୟ କହିଲେ...ଏହା କିପରି ସମ୍ଭବ? ଶାଲ୍ୱଙ୍କ ଗଳାରେ ତୁମେ ବରଣମାଳା ଦେଇସାରିଛ ରାଜକୁମାରୀ। ମୁଁ ତୁମକୁ ଗ୍ରହଣ କରିବା ଅସମ୍ଭବ।

ଘୋର ଅପମାନରେ ଜର୍ଜରିତ ଅମ୍ବା ବିଷୋଦ୍ଗାରଣ କରି ଭୀଷ୍ମଙ୍କ ଉପରେ ପ୍ରତିଶୋଧ ନେବାର ଶପଥ ନେଇ ହସ୍ତିନା ଛାଡ଼ିଲେ।

ଆଉ କାଶୀ ରାଜ୍ୟକୁ ସେ ଫେରିଲେ ନାହିଁ। ଅନେକେ ରାଜା ଏବଂ ରାଜପୁତ୍ରଙ୍କ ପାଖରେ ଯାଇ ଗୁହାରି କଲେ ଭୀଷ୍ମଙ୍କ ବିରୁଦ୍ଧରେ ଯୁଦ୍ଧ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ। କିନ୍ତୁ ଭୀଷ୍ମଙ୍କ ଭଳି ଅଜେୟ ବୀରଙ୍କ ସହିତ ଯୁଦ୍ଧ କରିବାପାଇଁ କୌଣସି ରାଜା ବା ରାଜପୁତ୍ର ସାହସ କଲେ ନାହିଁ। ସବୁଠାରୁ ନିରାଶ ହୋଇ ଅରଣ୍ୟ ମଧ୍ୟରେ ମୁନି ଋଷିଙ୍କ ସମକ୍ଷରେ ନିଜର ସମସ୍ୟା ଜଣାଇଲେ ଅମ୍ବା। ମୁନିମାନେ କହିଲେ... ବିଶ୍ୱରେ ଭୀଷ୍ମଙ୍କୁ ହରାଇବା ପାଇଁ ଏକା ପର୍ଶୁରାମ ସମକକ୍ଷ। ପର୍ଶୁରାମ ଭୀଷ୍ମଙ୍କର ଗୁରୁ ହୋଇ ଥିବାରୁ ତାଙ୍କ ଉପଦେଶ ହୁଏତ ଭୀଷ୍ମ ଗ୍ରହଣ କରିପାରନ୍ତି। ସେମାନଙ୍କ ପରାମର୍ଶରେ ପର୍ଶୁରାମଙ୍କ ପାଖରେ ପହଞ୍ଚି ଅଶ୍ରୁଳ ନେତ୍ରରେ ନିଜର ଦୁର୍ଭାଗ୍ୟ ବର୍ଣ୍ଣନା କଲେ କାଶୀ ରାଜକୁମାରୀ।

ପର୍ଶୁରାମ ହୃଦୟଙ୍ଗମ କଲେ ଯେ ଭୀଷ୍ମଙ୍କଦ୍ୱାରା ଅମ୍ବାଙ୍କ ପ୍ରତି ଘୋର ଅନ୍ୟାୟ ହୋଇଛି। ପର୍ଶୁରାମ ପ୍ରିୟ ଶିଷ୍ୟ ଭୀଷ୍ମଙ୍କୁ ପାଖକୁ ଡକାଇ ଅମ୍ବାଙ୍କୁ ବିବାହ କରିବା ପାଇଁ ନିର୍ଦ୍ଦେଶ ଦେଲେ। ନିଜର ଚିରକୌମାର୍ଯ୍ୟ ବ୍ରତର ଦ୍ୱାହିଦେଇ, ଅମ୍ବାଙ୍କୁ ଗ୍ରହଣ କରିବାପାଇଁ ଭୀଷ୍ମ ସ୍ପଷ୍ଟ ମନା କରି ଦେଲେ।

କ୍ରୋଧରେ ପର୍ଶୁରାମ ଭୀଷ୍ମଙ୍କ ସହିତ ଘୋର ଯୁଦ୍ଧରେ ଲିପ୍ତ ହେଲେ। କିନ୍ତୁ ଗଙ୍ଗାପୁତ୍ର ଥିଲେ ଅଜେୟ। ପର୍ଶୁରାମ ଯୁଦ୍ଧରେ ପରାଜୟ ସ୍ୱୀକାର କଲେ।

ଅନନୋପାୟ ପର୍ଶୁରାମ ଅମ୍ବାଙ୍କୁ କହିଲେ... ମୁଁ ଆଉ ତୁମପାଇଁ କଣ କରିପାରିବି କନ୍ୟା? ତୁମେ ତପସ୍ୟାରେ ଦେବ ସେନାପତି କାର୍ତ୍ତିକେୟଙ୍କୁ ପ୍ରସନ୍ନ କର, ସେ ହୁଏତ ତୁମକୁ ସାହାଯ୍ୟ କରିପାରିବେ।

କଠୋର ତପସ୍ୟାରେ ମଜ୍ଜିଗଲେ କାଶୀ ରାଜନନ୍ଦିନୀ। ତପସ୍ୟାରେ କୁମାରଙ୍କୁ ପ୍ରସନ୍ନ କରି ତାଙ୍କଠାରୁ ଏକ ଅଦ୍ଭୁତ ନୀଳୋତ୍ପଳ ମାଳା ପାଇଲେ ଅମ୍ବା। ମାଳାର ବିଶେଷତ୍ୱ ଥିଲା ତାକୁ ଗଳାରେ ଲମ୍ବାଇ ଯେଉଁ ବୀର ଭୀଷ୍ମଙ୍କ ସହିତ ଯୁଦ୍ଧ କରିବ ସେ ଭୀଷ୍ମଙ୍କୁ ହରାଇପାରିବ। ସେହି ମାଳା ଧରି ଅମ୍ବା ଅନେକ ରାଜା ଏବଂ ରାଜପୁତ୍ରଙ୍କ ପାଖରେ ନେହୁରା ହେଲେ ଭୀଷ୍ମଙ୍କୁ ହରାଇବା ପାଇଁ। କିନ୍ତୁ ଭୀଷ୍ମଙ୍କ ଡରରେ କେହି ଯୁଦ୍ଧ କରିବାକୁ

Source: Author, Digitized by PPRACHIN, SOA

ଆଗେଇ ଆସିଲେ ନାହିଁ।

ଶେଷରେ ପାଞ୍ଚାଳ ରାଜା ଦ୍ରୁପଦଙ୍କ ପାଖରେ ପହଞ୍ଚିଲେ ଅମ୍ବା। ଦ୍ରୁପଦ ମଧ୍ୟ ଭୀଷ୍ମଙ୍କ ସହିତ ଯୁଦ୍ଧ କରିବାପାଇଁ ମନା କରିଦେଲେ। ବିରକ୍ତ ହୋଇ ସେହି ନୀଳୋତ୍ପଳ ମାଳା ଦ୍ରୁପଦଙ୍କ ରାଜପ୍ରସାଦର ଦ୍ୱାରର ତୋରଣରେ ଲମ୍ବାଇ ଦେଇ ପୁଣିଥରେ ତପସ୍ୟା କରିବାକୁ ଚାଲିଗଲେ ଅମ୍ବା।

ଏଥର ଭୟଙ୍କର ତପସ୍ୟାରେ ବହୁବର୍ଷ ବିତିଯିବା ପରେ ସେ ଆଶୁତୋଷ ଶିବଙ୍କୁ ସନ୍ତୁଷ୍ଟ କରିପାରିଲେ। ଶିବ ଅମ୍ବାଙ୍କୁ କହିଲେ... ତୁମ ପ୍ରତି ହୋଇଥିବା ସମସ୍ତ ଅନ୍ୟାୟ ବିଷୟରେ ମୁଁ ଅବଗତ ଅଛି ଅମ୍ବା। ବର୍ତ୍ତମାନ ତୁମେ କଣ ଚାହଁ? ଶାଲ୍ୱଙ୍କ ସହିତ ଯେବେ ବିବାହ ଚାହିଁ ତା'ହେଲେ ଶାଲ୍ୱଙ୍କୁ ମୁଁ ନିର୍ଦ୍ଦେଶ ଦେଇପାରିବି, କିନ୍ତୁ ଚିରକୌମାର୍ଯ୍ୟ ବ୍ରତ ନେଇଥିବା ଭୀଷ୍ମଙ୍କୁ ମୁଁ ବିବଶ କରିପାରିବି ନାହିଁ, ତୁମ ସହିତ ବିବାହ କରିବାପାଇଁ।

ଅମ୍ବା କହିଲେ... ପ୍ରଭୁ ବର୍ତ୍ତମାନ ବୈବାହିକ ଜୀବନ ବିତାଇବା ମୋର ଲକ୍ଷ୍ୟ ନୁହେଁ, ମୋର ଜୀବନର ଏକମାତ୍ର ଲକ୍ଷ୍ୟ ମୋ ଦ୍ୱାରା ଭୀଷ୍ମଙ୍କର ମୃତ୍ୟୁ; ତାହାହିଁ ହେବ ମୋ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିଶୋଧ।

ମହାଦେବ କହିଲେ... ତାହା ସମ୍ଭବ ହେବ କନ୍ୟା, କିନ୍ତୁ ତୁମର ଏ ଜନ୍ମରେ ନୁହେଁ; ପରଜନ୍ମରେ ହିଁ ତାହା ହୋଇପାରିବ।

ଅମ୍ବା ଚାହୁଁନଥିଲେ ସଂପୂର୍ଣ୍ଣ ଜୀବନ ବିତାଇ ସ୍ୱାଭାବିକ ମୃତ୍ୟୁ ପରେ ପ୍ରତିଶୋଧ ନେବାପାଇଁ। ସେଥିପାଇଁ ତାଙ୍କର ଧୈର୍ଯ୍ୟ ନଥିଲା।

ଅଗ୍ନି ପ୍ରସ୍ତୁତ କଲେ ଅମ୍ବା ଏବଂ ସେହି ଅଗ୍ନିରେ ଆତ୍ମାହୂତି ଦେଲେ। ଶରୀର ବିଲୀନ ହୋଇଗଲା ପଞ୍ଚତତ୍ତ୍ୱରେ ଏବଂ ପାଞ୍ଚାଳ ରାଜା ଦ୍ରୁପଦଙ୍କ ଘରେ ସେ ପୁନର୍ଜନ୍ମ ନେଲେ।

-୦-

(୧୫)

ରାଜକନ୍ୟାଙ୍କ ଲିଙ୍ଗ ପରିବର୍ତ୍ତନ

ବହୁ ବର୍ଷର ତପସ୍ୟା ଓ କୃଚ୍ଛ୍ର ସାଧନା ପରେ ଆଶୁତୋଷ ଶିବଙ୍କ ଠାରୁ ଆଶୀର୍ବାଦ ଲାଭକଲେ ଅମ୍ବା ଯେ ପରଜନ୍ମରେ ସେ ଭୀଷ୍ମଙ୍କ ମୃତ୍ୟୁର କାରଣ ହେବେ। ଜୀବନର ଅବଶିଷ୍ଟ ଦିନ ପ୍ରତିଶୋଧ ଅଗ୍ନିରେ ଜଳିବାକୁ ଚାହିଁଲେ ନାହିଁ ଅମ୍ବା। ଅଗ୍ନି ପ୍ରସ୍ତୁତ କରି

Source: Author, Digitized by PPRACHIN, SOA

ସେଥିରେ ପ୍ରାଣ ବିସର୍ଜନ କଲେ। ଏ ଭିତରେ ବିତିଯାଇଥିଲା ଅନେକ ବର୍ଷ। କନ୍ୟା ରୂପରେ ପାଞ୍ଚାଳ ରାଜା ଦ୍ରୁପଦଙ୍କ ଘରେ ସେ ଜନ୍ମ ନେଲେ। ପିତା ଦ୍ରୁପଦ କନ୍ୟାର ନାମ ରଖିଲେ ଶିଖଣ୍ଡୀ।

କନ୍ୟା ହୋଇ ଜନ୍ମ ନେଇଥିଲେ ମଧ୍ୟ ଶୈଶବରୁ ଶିଖଣ୍ଡୀଙ୍କ ଠାରେ ସମସ୍ତ ବାଳକ ସୁଲଭ ଗୁଣ ଫୁଟି ଉଠିଥିଲା। ଶୈଶବରେ ଅଧିକାଂଶ ସମୟ ସେ ମାତୁଳରାଜ୍ୟ କାଶୀରେ ଅତିବାହିତ କରୁଥିଲେ। ସାଙ୍ଗରେ ଅନ୍ୟ ଦୁଇଭାଇ ଧୃଷ୍ଟଦ୍ୟୁମ୍ନ ଏବଂ ସତ୍ୟଜିତ ମଧ୍ୟ ରହିଥାନ୍ତି। ଦୁଇ ଭାଇଙ୍କ ପରି ଶିଖଣ୍ଡୀ ମଧ୍ୟ ବାଳକ ବେଶରେ ନିଜକୁ ସବୁବେଳେ ସଜାଇ ରଖିବାକୁ ଭଲ ପାଉଥିଲେ। ଭାଇମାନଙ୍କ ସହିତ ଧନୁର୍ବିଦ୍ୟା ଏବଂ ଖଡ୍ଗ ଯୁଦ୍ଧ ଇତ୍ୟାଦିରେ ସେ ଜିଦ୍ କରି ଭାଗ ନେଉଥିଲେ। ତାଙ୍କୁ ଦଶବର୍ଷ ବୟସ ବେଳେ ମାତାଙ୍କର ଅକାଳ ମୃତ୍ୟୁ ହେବାରୁ ମାତୁଳଙ୍କ ଗୃହରୁ ନିଜ ରାଜ୍ୟକୁ ଫେରି ଆସିଲେ ଶିଖଣ୍ଡୀ। ତାଙ୍କୁ ବାଳକ ବେଶରେ ଦେଖି ବିରକ୍ତି ପ୍ରକାଶ କରିଥିଲେ ରାଜା ଦ୍ରୁପଦ। କିନ୍ତୁ ଶିଖଣ୍ଡୀ ସର୍ବଦା ବାଳକ ବେଶରେ ରହିବାକୁ ଚାହୁଁଥିଲେ। ପିତା ଦ୍ରୁପଦ, ମନ୍ତ୍ରୀ ଉଦ୍ବୋଧନ ଏବଂ ଭାଇ ଭଉଣୀଙ୍କ ଛଡ଼ା ସେ କନ୍ୟା ବୋଲି କେହି ଜାଣିନଥିଲେ। ତାଙ୍କ କଥାବାର୍ତ୍ତା ବ୍ୟବହାର ଦେଖି କେହି କେହି ସନ୍ଦେହ କରୁଥିଲେ ଯେ ସେ ପୁଅ ପିଲା ନୁହନ୍ତି।

ଏହା ମଧ୍ୟରେ ଏକ ରୋଚକ ଘଟଣା ଘଟିଗଲା। ଦଶର୍ଣ୍ଣାକ୍ଷ ରାଜ୍ୟ ସହିତ ଭଲ ସଂପର୍କ ରଖିବାପାଇଁ ବ୍ୟଗ୍ର ହୋଇ ଦ୍ରୁପଦ ସେ ରାଜ୍ୟ ସହିତ ବୈବାହିକ ସଂପର୍କ ରଖିବାକୁ ଚାହୁଁଥିଲେ। ସେ ରାଜ୍ୟର ରାଜା ହିରଣ୍ୟବର୍ମାଙ୍କର ଦଶାର୍ଣ୍ଣି ନାମକ ଗୋଟିଏ ସୁନ୍ଦରୀ କନ୍ୟା ଥିଲା। ସେ ସମୟରେ ବାଲ୍ୟ ବିବାହ ପ୍ରଥା ଥିଲା। ଦଶାର୍ଣ୍ଣିଙ୍କ ବୟସ ମାତ୍ର ଛଅ ବର୍ଷ। ହିରଣ୍ୟବର୍ମା ଶିଖଣ୍ଡୀଙ୍କ ପାଇଁ କନ୍ୟାର ବିବାହ ପ୍ରସ୍ତାବ ଯେତେବେଳେ ଆଣିଲେ, ସମ୍ମତି ଜଣାଇ ବିବାହ କାର୍ଯ୍ୟ ସଂପନ୍ନ କରିଦେଲେ ରାଜା ଦ୍ରୁପଦ।

ରାଜକୁମାର ବେଶରେ କନ୍ୟାକୁ ବିବାହ କରିଥିବା ଶିଖଣ୍ଡୀଙ୍କ ପୁରୁଷତ୍ୱ ବିଷୟରେ ପରେ କିଛି ଆଲୋଚନା ହିରଣ୍ୟବର୍ମାଙ୍କ କାନରେ ପଡ଼ିଲା। ଏ ଭିତରେ ରାଜକନ୍ୟା ଗୃହଯୋଗ୍ୟା ହେଲେ। ଗୁପ୍ତଚର ଆସି ହିରଣ୍ୟବର୍ମାଙ୍କୁ କହିଲା... ପାଞ୍ଚାଳରେ ପ୍ରଜାମାନଙ୍କ ମଧ୍ୟରେ କଥୋପକଥନ ଚାଲିଛି, ଶିଖଣ୍ଡୀ ବାସ୍ତବରେ ପୁରୁଷ ନୁହଁନ୍ତି, ଡାଲିରେ ନିଶ୍ଚିତ ଭାବରେ କିଛି କଳା ଅଛି। ଉପସ୍ଥିତ ଜଣେ ଅମାତ୍ୟ କହିଲେ... କିଛି କଳା କଣ ? ମୁଁ ତ ଶୁଣୁଛି ଡାଲି ବସ୍ତାଟି ସଂପୂର୍ଣ୍ଣ କଳା।

ହିରଣ୍ୟବର୍ମା ବିବ୍ରତ ହୋଇପଡିଲେ। ସଙ୍ଗେ ସଙ୍ଗେ ପାଞ୍ଚାଳକୁ ଦୂତ ଦ୍ୱାରା ସମ୍ବାଦ ପଠାଇଲେ ଯେ ଗୃହଯୋଗ୍ୟା କନ୍ୟା ସହିତ ସେ ପାଞ୍ଚାଳ ଅଭିମୁଖେ ଯାତ୍ରା କରୁଛନ୍ତି।

Source: Author, Digitized by PPRACHIN, SOA

ହିରଣ୍ୟବର୍ମାଙ୍କର ପାଞ୍ଚାଳ ଅଭିମୁଖେ ଯାତ୍ରା ସମ୍ବାଦ ପାଇ ବିବ୍ରତ ହୋଇଗଲେ ଦ୍ରୁପଦ। ନିଜ ଭୁଲ ସେତେବେଳେ ତାଙ୍କୁ ଦେଖାଗଲା ନାହିଁ; ଶିଖଣ୍ଡୀଙ୍କ ଉପରେ ବର୍ଷଣ ହେଲା ଗାଳି। ଦ୍ରୁପଦ କହିଲେ... ତୋ ଭଳି ତୃତୀୟଲିଙ୍ଗୀ ସନ୍ତାନ ପାଇଁ ମୁଁ ଘୋର ଲଜ୍ଜିତ। ଏବେ ମୋତେ ବୁଦ୍ଧି ଦେଖାଯାଉନାହିଁ ମୁଁ ପରିସ୍ଥିତିର କିପରି ସମ୍ମୁଖୀନ ହେବି।

ଶିଖଣ୍ଡୀ ଠିକ୍ କଲେ ତାଙ୍କ ରହସ୍ୟ ଉନ୍ମୋଚନ ହେବା ପୂର୍ବରୁ ସେ ପଳାୟନ କରିବେ ଅଥବା ମୃତ୍ୟୁ ବରଣ କରିବେ।

ଗଙ୍ଗାରେ ଝାସ ଦେବାପାଇଁ ଯାଉଥିଲେ ଶିଖଣ୍ଡୀ। ଯୋଗକୁ ସେ ସମୟରେ ବାସୁଦେବ କୃଷ୍ଣଙ୍କର ଆଗମନ ହୋଇଥାଏ କାଂପିଲ୍ୟକୁ (ପାଞ୍ଚାଳ ରାଜଧାନୀ)। ଆତ୍ମହତ୍ୟା କରିବାକୁ ଯାଉଥିବା ଶିଖଣ୍ଡିଙ୍କୁ ଅଟକାଇ ବାସୁଦେବ ପଚାରିଲେ... ତୁମେ ଏକଣ କରିବାକୁ ଯାଉଛ ଶିଖଣ୍ଡୀ? ଜାଣ ତୁମେ କିଏ? ତୁମ ପୂର୍ବଜନ୍ମ କଥା କ'ଣ ତୁମର କିଛି ମନେ ନାହିଁ?

ଆଶୁତୋଷ ଶିବଙ୍କ ଦୟାରୁ ଶିଖଣ୍ଡୀଙ୍କ ଆଖି ଆଗରେ ସବୁ ସ୍ପଷ୍ଟ ହୋଇଗଲା। ଶିଖଣ୍ଡୀ କହିଲେ... କିନ୍ତୁ ମୋର ବିବଶତା ଦେଖନ୍ତୁ ବାସୁଦେବ, ନାରୀର ଶରୀର ଭିତରେ ମୁଁ ଗୋଟାଏ ପୁରୁଷ। ମୋର ଲକ୍ଷ୍ୟପ୍ରାପ୍ତି ପାଇଁ କିଏ ମୋତେ ଯୁଦ୍ଧ ବିଦ୍ୟାରେ ପ୍ରବୀଣ କରିବ? କିଏ ମୋତେ ବୀରର ପରିଚୟ ଦେବ?

ବାସୁଦେବ କହିଲେ... ତୁମେ ଦୁର୍ବଳା ଅବଳା ନୁହଁ ଶିଖଣ୍ଡୀ, ତୁମେ ଅମୀତ ଶକ୍ତିର ଉତ୍ସ, ଏଭଳି ପଳାତକ ହୋଇ କେତେ ଜନ୍ମ ତୁମେ ଆତ୍ମହତ୍ୟା କରିଚାଲିଥିବ? ମୋ କଥା ମାନି ଗୁରୁ ଦ୍ରୋଣଙ୍କ ଆଶ୍ରମକୁ ଯାଅ; ଯୁଦ୍ଧ ବିଦ୍ୟାରେ ସେ ତୁମକୁ ପାରଦର୍ଶିତା ଦେବେ। ତୁମେ ଯେବେ ପୁରୁଷ ହେବାପାଇଁ ଚାହୁଁଛ, ସେଥିପାଇଁ କଣ ଚିକିତ୍ସା କରିବାକୁ ହେବ ସେ ଦିଗ୍ଦର୍ଶନ ମଧ୍ୟ ଦେଇପାରନ୍ତି ଗୁରୁ ଦ୍ରୋଣ।

ଶିଖଣ୍ଡୀ କହିଲେ... ମହାଭାଗ ! ଗୁରୁ ଦ୍ରୋଣ ମୋ ପିତାଙ୍କର ଶତ୍ରୁ; ମୋ ଉପରେ ସେ କାହିଁକି ଦୟା କରିବେ?

କୃଷ୍ଣ କହିଲେ... ତୁମେ ଦ୍ରୋଣଙ୍କୁ ଠିକ୍ ବୁଝିନାହଁ ଶିଖଣ୍ଡୀ, ସବୁ ସତକଥା ଶୁଣିବା ପରେ ସେ ନିଶ୍ଚିତ ଭାବରେ ତୁମକୁ ସାହାଯ୍ୟ କରିବେ। ତୁମେ ବର୍ତ୍ତମାନ ଆତ୍ମହତ୍ୟା କରିବାକୁ ଯାଉଥିଲ, ତାଠାରୁ ଏ ପରୀକ୍ଷାମୂଳକ ମାର୍ଗ କଣ ଠିକ୍ ନୁହେଁ? ଦ୍ରୋଣଙ୍କ ପାଖକୁ ଯାଅ। ସବୁ ସତକଥା ତାଙ୍କୁ କହିବ, ଏକଥା ମଧ୍ୟ କହିବ ଯେ ବାସୁଦେବ କୃଷ୍ଣଙ୍କ ନିର୍ଦ୍ଦେଶରେ ତୁମେ ତାଙ୍କ ପାଖକୁ ଯାଇଛ। କିନ୍ତୁ ତୁମ ପୂର୍ବଜନ୍ମ କଥା କହିବ ନାହିଁ।

Source: Author, Digitized by PPRACHIN, SOA

ବାସୁଦେବଙ୍କ ନିର୍ଦ୍ଦେଶରେ ଦ୍ରୋଣଙ୍କ ଗୁରୁକୁଳରେ ପହଞ୍ଚି ଶିଖଣ୍ଡୀ ସବୁ ସତକଥା କହିଲେ ଏବଂ ନିଜର ବିବଶତା ମଧ୍ୟ ବ୍ୟକ୍ତ କଲେ। ସବୁ ଶୁଣିବା ପରେ ଉଦାର ହୃଦୟରେ ଦ୍ରୋଣ ଶିଖଣ୍ଡୀଙ୍କୁ ଶିଷ୍ୟ ଭାବରେ ଗ୍ରହଣ କଲେ ଏବଂ ସମସ୍ତ ଶସ୍ତ୍ର ଓ ଶାସ୍ତ୍ର ବିଦ୍ୟା ଶିକ୍ଷା ଦେଲେ। ଏକଥା ପାଞ୍ଚାଳ ରାଜା ଦ୍ରୁପଦ ଜାଣିପାରିଲେ ନାହିଁ।ସେ ଭାବିଲେ ଘୋର ଅପମାନରେ ଶିଖଣ୍ଡୀ ଗଙ୍ଗାରେ ଝାସ ଦେଇ ପ୍ରାଣ ବିସର୍ଜନ କରିଛନ୍ତି। ହିରଣ୍ୟବର୍ମା ଯେତେବେଳେ କନ୍ୟା ସହିତ ପାଞ୍ଚାଳରେ ପହଞ୍ଚିଲେ, ଶିଖଣ୍ଡୀଙ୍କ ନିରୁଦ୍ଦିଷ୍ଟ ହେବା ସମ୍ବାଦ ତାଙ୍କ ସନ୍ଦେହକୁ ବଳବତ୍ତର କଲା। ଭୀଷଣ କ୍ରୋଧରେ ପାଞ୍ଚାଳ ରାଜାଙ୍କୁ ଭର୍ତ୍ସନାକରି ସେ କନ୍ୟା ସହିତ ଫେରି ଗଲେ।

ଏଣେ ଦ୍ରୋଣ 'ସ୍ଥୁଣକର୍ଣ୍ଣ' ନାମକ ଜଣେ ଯକ୍ଷଙ୍କ ପାଖକୁ ଶିଖଣ୍ଡୀଙ୍କ ଚିକିତ୍ସା ପାଇଁ ପଠାଇଲେ।ଲିଙ୍ଗ ପରିବର୍ତ୍ତନ ପାଇଁ ଶଲ୍ୟ ଚିକିତ୍ସାରେ ଧୁରନ୍ଧର ଥିଲେ ସ୍ଥୁଣକର୍ଣ୍ଣ। କେବଳ ସେତିକି ନୁହେଁ, ଔଷଧ ବ୍ୟବହାର କରି ଅନ୍ୟାନ୍ୟ ଶାରୀରିକ ଓ ମାନସିକ ପରିବର୍ତ୍ତନ ସଙ୍ଗେ ସଙ୍ଗେ କଣ୍ଠସ୍ୱରର ମଧ୍ୟ ପରିବର୍ତ୍ତନ କରାଇ ପାରୁଥିଲେ ଏହି ଯକ୍ଷବୈଦ୍ୟ। ଦୀର୍ଘ ଚାରିମାସ ସ୍ଥୁଣକର୍ଣ୍ଣଙ୍କ ଚିକିତ୍ସାରେ ରହିଲେ ଶିଖଣ୍ଡୀ। ବଡ଼ ଯନ୍ତ୍ରଣାଦାୟକ ଥିଲା ସେ ଚିକିତ୍ସା। ଚାରିମାସ ପରେ ପାଞ୍ଚାଳକୁ ଯେତେବେଳେ ଫେରି ଆସିଲେ ଶିଖଣ୍ଡୀ, ରାଜପ୍ରାସାଦରେ ଚହଳ ପଡିଗଲା। ଶିଖଣ୍ଡୀଙ୍କ ମୁହଁରେ ଅଳ୍ପ ଦାଢି ଗଜୁରି ଆସିଥିଲା,କଣ୍ଠ କିଛି କିଛି ପୁରୁଷ କଣ୍ଠ ଭଳି ଶୁଣାଯାଉଥିଲା। ପିତାଙ୍କ ପାଦତଳେ ମସ୍ତକ ନୁଆଁଇ ଶିଖଣ୍ଡୀ କହିଲେ... ଆଜିଠାରୁ ମୁଁ ଆପଣଙ୍କର କନ୍ୟା ନୁହେଁ; ପୁତ୍ରମାନଙ୍କ ମଧ୍ୟରୁ ଜଣେ, ଆଉ ଆପଣଙ୍କୁ ମୋ ପାଇଁ ଲଜ୍ଜିତ ହେବାପାଇଁ ପଡ଼ିବ ନାହିଁ।

ଦ୍ରୁପଦ ହିରଣ୍ୟବର୍ମାଙ୍କ ପାଖକୁ ନିମନ୍ତ୍ରଣ ପଠାଇଲେ କନ୍ୟା ସହିତ ପାଞ୍ଚାଳ ଆଗମନ ପାଇଁ।

-୦-

(୧୬)

ନିଯୋଗବିଧାନରେ ବଂଶରକ୍ଷା

ପରିବର୍ତ୍ତନଶୀଳ ଦୁନିଆଁ,ଘଡିକେ ଘୋଡା ଛୁଟେ, ଆଜି ଯାହା ଅରଖ ନୂଆ ଆସନ୍ତା କାଲିକି ତାହା ମରହଟ୍ଟୀ ଫେଶନ। ପଚାଶ ବର୍ଷ ତଳର ପୃଥିବୀ ଏବଂ ଆଜିର ପୃଥିବୀରେ ଅନେକ ସାମାଜିକ ଏବଂ ସାଂସ୍କୃତିକ ପରିବର୍ତ୍ତନ ଘଟିଛି। ତେଣୁ ପାଞ୍ଚହଜାର ବର୍ଷ ପୂର୍ବେ

Source: Author, Digitized by PPRACHIN, SOA

ମହାଭାରତ ଯୁଗରେ ଘଟିଥିବା ସାମାଜିକ ନୀତିନିୟମର ତର୍ଜମା, ଆମ ସାମାଜିକ ନୀତିନିୟମ ମାନଦଣ୍ଡ ଅନୁସାରେ ବା ଆମ ସାଂପ୍ରତିକ ସାମାଜିକ ମୂଲ୍ୟବୋଧର ଜବକାଚରେ କରିବା ଅଧିକାର ଆମର ନାହିଁ। ବଂଶରକ୍ଷା କରିବା ପାଇଁ ଘରର ମୁଖିଆମାନଙ୍କ ନିଷ୍ପତ୍ତି ବା ନିର୍ଦ୍ଦେଶ ଅନୁଯାୟୀ କୁଳବଧୂ କୌଣସି ନିର୍ଦ୍ଦିଷ୍ଟ ପରପୁରୁଷ ସହିତ ଶାରୀରିକ ସଂପର୍କ ରଖି ପୁତ୍ର ଉତ୍ପାଦନ କରୁଥିଲେ। ଏହି ବିଧାନକୁ ସେ ସମୟରେ 'ନିଯୋଗ ବିଧାନ' କୁହାଯାଉଥିଲା। ଏହି ପ୍ରଥା ସେ ସମୟର ସାମାଜିକ ସ୍ୱୀକୃତି ମଧ୍ୟ ପାଇଥିଲା ଏବଂ ଏହା ଉପରେ ନୀତିଗତ ପ୍ରଶ୍ନ ଉଠାଇବାର ଅବକାଶ ନଥିଲା।

ଏ ଗୌରଚନ୍ଦ୍ରିକା ଦେବାର କାରଣ ଅଛି। ହସ୍ତିନାର ସମ୍ରାଟ ବିଚିତ୍ରବୀର୍ଯ୍ୟ ଦୀର୍ଘ ସାତବର୍ଷ ପର୍ଯ୍ୟନ୍ତ ଅମ୍ବିକା ଓ ଅମ୍ବାଳିକାଙ୍କ ସହିତ ଦାମ୍ପତ୍ୟ ଅତିବାହିତ କଲେମଧ୍ୟ ପୁତ୍ର ବା କନ୍ୟା ଉପୁଜାଇ ପାରିଲେ ନାହିଁ। ବିଚିତ୍ରବୀର୍ଯ୍ୟ ଆଉ କିଛିଦିନ ବଞ୍ଚିଥିଲେ ହୁଏତ ବଂଶ ରକ୍ଷା ପାଇଁ କୁରୁ-ଜ୍ୟେଷ୍ଠମାନଙ୍କ ନିଷ୍ପତ୍ତି ଅନୁସାରେ ତାଙ୍କ ଜ୍ଞାତସାରରେ ରାଣୀ ମାନଙ୍କୁ ପରପୁରୁଷଙ୍କ ସହିତ ରମଣ କରିବାକୁ କୁହା ଯାଇଥାନ୍ତା। କିନ୍ତୁ ସେ ସବୁ ମହାର୍ଘ ବହୁଦର୍ଶିତା ପାଇଁ ସେ ବଞ୍ଚିଲେ ନାହିଁ। ଦୁରାରୋଗ୍ୟ ରୋଗରେ ପ୍ରପୀଡ଼ିତ ହୋଇ ବିଚିତ୍ରବୀର୍ଯ୍ୟ ହସ୍ତିନାକୁ କୌଣସି ଉତ୍ତରାଧିକାରୀ ନଦେଇ ଆରପାରିକୁ ଚାଲିଗଲେ।

ଚିନ୍ତିତ ସତ୍ୟବତୀ, ଚିନ୍ତିତ ମଧ୍ୟ ଭୀଷ୍ମ। ହସ୍ତିନା ସିଂହାସନର ରକ୍ଷାକର୍ତ୍ତା ଭାବରେ ଚାହିଁ ରହିଛନ୍ତି ସେ; ଜଣେ ପରେ ଜଣେ ରାଜପୁତ୍ର କାଳଛଞ୍ଚାଣର ଶିକାର ହୋଇ ଚାଲିଛନ୍ତି। ଶୂନ୍ୟ ସିଂହାସନକୁ ଚାହିଁ ଦୀର୍ଘନିଶ୍ୱାସ ପକାଇଲେ ଗାଙ୍ଗେୟ। ସତ୍ୟବତୀଙ୍କର ମନେହେଲା ହସ୍ତିନାର ସମସ୍ତ ଦୁର୍ଭାଗ୍ୟର କାରଣ ସେ ନିଜେ। ସାମାନ୍ୟ ସ୍ୱାର୍ଥ ପାଇଁ ତାଙ୍କ ପିତା ଦାସରାଜ ଯେଉଁ ଅକ୍ଷମଣୀୟ ଅପରାଧ କରିଛନ୍ତି ତାର ଫଳ ସ୍ୱରୂପ ଗଭୀର ମାନସିକ ଯନ୍ତ୍ରଣା ନିଜେ ସତ୍ୟବତୀ ଭୋଗ କରୁଛନ୍ତି।ନିଜ ଆଖିଆଗରେ ଦୁଇପୁତ୍ର ଚିତ୍ରାଙ୍ଗଦ ଏବଂ ବିଚିତ୍ରବୀର୍ଯ୍ୟଙ୍କୁ ହରାଇବାର ଦୁଃଖକୁ ଶତଗୁଣିତ କରୁଥିଲା ଶୂନ୍ୟ ହସ୍ତିନା ସିଂହାସନର ଦୃଶ୍ୟ।

ମହର୍ଷି ପରାଶରଙ୍କ କଥା ମନେପଡ଼ିଲା ତାଙ୍କର। ସତ୍ୟବତୀଙ୍କ ସହିତ ଯମୁନା ଭିତରେ ପ୍ରଣୟ କରି ପୁତ୍ର ଦାନ କରିବା ସମୟରେ ପରାଶର ସତ୍ୟବତୀଙ୍କୁ କହିଥିଲେ... ଇତିହାସ ଦିନେ ହସ୍ତିନା ସିଂହାସନର ଦାୟିତ୍ୱ ତୁମ ହସ୍ତରେ ସମର୍ପଣ କରିବ ସତ୍ୟବତୀ; ସେ ସମୟରେ ତୁମେ ନିର୍ଣ୍ଣୟ କରିବ ତା'ର ଉତ୍ତରାଧିକାରୀ।

ଭୂଲୁଣ୍ଠିତ ହସ୍ତିନାର ରାଜମୁକୁଟକୁ ଉଠାଇ ପ୍ରଶ୍ନବାଚୀ ଦୃଷ୍ଟିରେ ଅନାଇ ରହିଲେ ସତ୍ୟବତୀ, କାହା ମସ୍ତକରେ ସ୍ଥାପନ କରିବେ ଏ ରାଜମୁକୁଟ ?

Source: Author, Digitized by PPRACHIN, SOA

ଭୀଷ୍ମଙ୍କୁ ପାଖକୁ ଡାକି ଅନୁରୋଧ କଲେ ସତ୍ୟବତୀ... ହସ୍ତିନାର ଶୂନ୍ୟ ସିଂହାସନକୁ ଥରେ ଦୃଷ୍ଟିଦିଅ ପୁତ୍ର, ଚାହୁଁ ଚାହୁଁ ଆଖି ଆଗରେ କଣ କୁରୁବଂଶ ଏପରି ଶେଷ ହୋଇଯିବ ? ବଂଶ ରକ୍ଷାର କିଛି ଉପାୟ କର। ତୁମର ଭୀଷ୍ମପ୍ରତିଜ୍ଞା ଏହିଠାରେ ସମାପ୍ତ ହେଉ; ଅମ୍ବିକା ଓ ଅମ୍ବାଳିକାଙ୍କର ପାଣି ଗ୍ରହଣ କରି ହସ୍ତିନା ସିଂହାସନକୁ ଉତ୍ତରାଧିକାରୀ ଦିଅ ପୁତ୍ର।

ଧୀର ଅଥଚ ଦୃଢ଼ କଣ୍ଠରେ ଭୀଷ୍ମ କହିଲେ... ଏହା ଯେ ସଂପୂର୍ଣ୍ଣ ଅସମ୍ଭବ ମାତେ !

ଉପସ୍ଥିତ ବୃଦ୍ଧ ଦାସରାଜ କହିଲେ... କାହିଁକି ଅସମ୍ଭବ ? ଗଙ୍ଗାପୁତ୍ରଙ୍କର ଭୀଷ୍ମ ପ୍ରତିଜ୍ଞାର କାରଣ ହେଉଛି ନିଜେ ମୁଁ ଦାସରାଜ। ଆଜି ମୁଁ ମଧ୍ୟ ତୁମଠାରୁ ସେ ପ୍ରତିଜ୍ଞା ଫେରାଇ ନେବାପାଇଁ ଚାହେଁ ଗଙ୍ଗା ପୁତ୍ର।

ଭୀଷ୍ମ କହିଲେ... ପୂଜ୍ୟ ଦାସରାଜ ! ପ୍ରତିଜ୍ଞା ରକ୍ଷାକରିବା ନକରିବାର ଅଧିକାର କେବଳ ପ୍ରତିଜ୍ଞାକାରୀ ଠାରେ ନିହିତ। ଚନ୍ଦ୍ର ସୂର୍ଯ୍ୟ ହୁଏତ ସେମାନଙ୍କ ଗତିପଥ ପରିବର୍ତ୍ତନ କରିପାରନ୍ତି,ସାଗର ସତ୍ୟ ଭାଙ୍ଗି ତାର କୂଳ ଲଘି ପାରେ,ଜଳ ହୁଏତ ତା'ର ପ୍ରକୃତି ପରିବର୍ତ୍ତନକରି ଉର୍ଦ୍ଧ୍ୱମୁଖୀ ହୋଇପାରେ, ଅଗ୍ନି ତାର ଗୁଣ ଭୁଲି ଭସ୍ମ କରିବା ପରିବର୍ତ୍ତେ ଶୀତଳତା ଦେଇପାରେ, କିନ୍ତୁ ଭୀଷ୍ମ ତାର ଚିରକୌମାର୍ଯ୍ୟ ଶପଥ ତ୍ୟାଗକରିବା ଅସମ୍ଭବ ଦାସରାଜ।

ନିରାଶ ଦୃଷ୍ଟିରେ ସତ୍ୟବତୀ ଭୀଷ୍ମଙ୍କୁ ଚାହିଁଲେ ଏବଂ କହିଲେ... ତାହେଲେ ରାଣୀମାନଙ୍କର ନିଯୋଗବିଧାନ କରି ବଂଶରକ୍ଷା କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ ଭୀଷ୍ମ; ସେଥିପାଇଁ ଯାଅ, କୃଷ୍ଣ ଦ୍ୱୈପାୟନ ବ୍ୟାସଙ୍କୁ ମୋ ପାଖକୁ ନେଇ ଆସ।

ଆଶ୍ଚର୍ଯ୍ୟ ହୋଇ ଗଙ୍ଗା ପୁତ୍ର ସତ୍ୟବତୀଙ୍କୁ ଚାହିଁ ପଚାରିଲେ... ନିଯୋଗ ବିଧାନ ସହିତ ବ୍ୟାସଦେବଙ୍କର କଣ ସମ୍ବନ୍ଧ ମାତେ ! ତାଙ୍କର ଏଠାରେ କି କାର୍ଯ୍ୟ !

ସତ୍ୟବତୀ କହିଲେ... କୁରୁ ବଂଶୀଙ୍କ ସହିତ ମହର୍ଷି ବ୍ୟାସଙ୍କର ସମ୍ବନ୍ଧ କଣ, ତୁମେ ନିଜେ ତାଙ୍କୁ ପଚାରିବ ପୁତ୍ର, ସେ ତୁମ ପ୍ରଶ୍ନର ସଠିକ ଉତ୍ତର ଦେବେ।

ମାତାଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ବ୍ୟାସଦେବଙ୍କ ଆଶ୍ରମରେ ପହଞ୍ଚିଲେ ଗଙ୍ଗାପୁତ୍ର ଭୀଷ୍ମ। ଗଙ୍ଗାପୁତ୍ରଙ୍କୁ ଦେଖି ସ୍ମିତ ହସି ମହର୍ଷି କହିଲେ... ମୁଁ ଜାଣିଥିଲି ଗାଙ୍ଗେୟ ତୁମେ ଆସିବ। ମହର୍ଷି ପରାଶରଙ୍କ ଭବିଷ୍ୟବାଣୀ ଏବେ ଫଳବତୀ ହେବାପାଇଁ ଯାଉଛି। କାଳ ଠିକ୍ ସମୟରେ ତାର କାର୍ଯ୍ୟ କରିଯିବ, ଆମେ ସମସ୍ତେ ନିମିତ୍ତ ମାତ୍ର। ମାତା ସତ୍ୟବତୀଙ୍କ ଆଦେଶ ପାଳନ କରିବାପାଇଁ ମୋତେ ହସ୍ତିନା ରାଜପୁରୀକୁ ଯିବାପାଇଁ ପଡ଼ିବ।

ସର୍ବଜ୍ଞାତା, ତ୍ରିକାଳଦର୍ଶୀ, ବେଦର ବ୍ୟାଖ୍ୟାକାର ମହାପଣ୍ଡିତ ବ୍ୟାସଙ୍କର ଏ ଉକ୍ତି ଶୁଣି ଆଶ୍ଚର୍ଯ୍ୟ ହେଲେ ଭୀଷ୍ମ। ମହର୍ଷି ପରାଶରଙ୍କର ଭବିଷ୍ୟବାଣୀ କଣ, ବୁଝି ପାରିଲେ

Source: Author, Digitized by PPRACHIN, SOA

ନାହିଁ ଗାଙ୍ଗେୟ। ବିନମ୍ରତାସହିତ କରପତ୍ର ଯୋଡ଼ି ରହସ୍ୟ ଉନ୍ମୋଚନ କରିବାପାଇଁ ବ୍ୟାସଙ୍କୁ ଅନୁରୋଧ କଲେ ଭୀଷ୍ମ।

ବ୍ୟାସଦେବ କହିଲେ... ହେ ଗଙ୍ଗା ପୁତ୍ର ! ସତ୍ୟବତୀ କେବଳ ଚିତ୍ରାଙ୍ଗଦ ଏବଂ ବିଚିତ୍ରବୀର୍ଯ୍ୟଙ୍କ ମାତା ନୁହନ୍ତି, ସେ ମଧ୍ୟ ମୋର ମାତା। ଋଷି ପରାଶରଙ୍କ ଔରଷରୁ ସତ୍ୟବତୀଙ୍କ ଗର୍ଭରୁ ମୋର ଜନ୍ମ। ମୋର ଜନ୍ମ ସମୟରେ ପିତା ମୋ ମାତାଙ୍କୁ କହିଥିଲେ... ସତ୍ୟବତୀ ! ଦିନେ ହସ୍ତିନାର ଦାୟିତ୍ୱ ତୁମ ଉପରେ ପଡ଼ିବ। ସେ ସମୟରେ ଆମର ଏହି ପୁତ୍ର ହସ୍ତିନାର ରାଜବଂଶ ରକ୍ଷାକରି ତୁମକୁ ଦାୟିତ୍ୱ ତୁଲାଇବାରେ ସାହାଯ୍ୟ କରିବ।ଏବେ ଚାଲ ମାତା ସତ୍ୟବତୀଙ୍କ ନିର୍ଦ୍ଦେଶ କଣ ଜାଣିବା।

ସତ୍ୟବତୀଙ୍କ ପାଖରେ ପହଞ୍ଚି ମାତାଙ୍କ ପାଦରେ ପ୍ରଣାମ କରି ମହର୍ଷି ବ୍ୟାସ ପଚାରିଲେ... ଏ ଦାସାନୁଦାସ ହସ୍ତିନା ରାଜବଂଶର କେଉଁ କାର୍ଯ୍ୟରେ ଆସିବ, ଆଦେଶ କରନ୍ତୁ ଜନନୀ।

ସତ୍ୟବତୀ କହିଲେ... ତ୍ରିକାଳଦର୍ଶୀ ପୁତ୍ର ମୋର, ତୁମକୁ କିଛି ଅଜଣା ନାହିଁ। ମୋର ଆଦେଶକୁ ଅପେକ୍ଷା ନକରି, କାଳ ନିର୍ଦ୍ଦେଶରେ ତୁମେ ତୁମର କାର୍ଯ୍ୟ କର ପୁତ୍ର। ମୁଁ ଅମ୍ବିକା ଓ ଅମ୍ବାଳିକାଙ୍କୁ ସେବାପାଇଁ ତୁମ ପାଖକୁ ପଠାଇ ଦେଉଛି, ନିଯୋଗ ବିଧାନରେ ସେମାନଙ୍କ ସହିତ ସହବାସ କରି ହସ୍ତିନାକୁ ତାର ଉତ୍ତରାଧିକାରୀ ଦାନ କର ।

ବ୍ୟାସଦେବ କହିଲେ... ମୋର ତପସ୍ୟା ପରେ ମୁଁ ଶାରୀରିକ ଏବଂ ମାନସିକ ଭାବରେ ପ୍ରସ୍ତୁତ ନୁହେଁ। ମୋର ରୂପ ଓ ତେଜ ହୁଏତ ଅମ୍ବିକା ଓ ଅମ୍ବାଳିକାଙ୍କୁ ଭୟଭୀତ କରିପାରେ, ଉଦ୍ଦେଶ୍ୟ ସାଧନରେ ବାଧା ସୃଷ୍ଟି କରିପାରେ। ସେଥିପାଇଁ ମୋତେ ଏକ ବର୍ଷ ସମୟ ଦିଅ ଜନନୀ, ମୋତେ ପ୍ରସ୍ତୁତ ହେବାପାଇଁ ଦିଅ।

କିନ୍ତୁ ସତ୍ୟବତୀଙ୍କର ଧୈର୍ଯ୍ୟ ନଥିଲା। ସତ୍ୟବତୀ କହିଲେ... ବ୍ୟାସ ! ଏକ ବର୍ଷ ମୋ ପାଇଁ ଦୀର୍ଘ ସମୟ। ଅପେକ୍ଷାର ଯନ୍ତ୍ରଣା ଆଉ ଦିଅ ନାହିଁ ପୁତ୍ର, ଅମ୍ବିକା ଓ ଅମ୍ବାଳିକାଙ୍କୁ ତୁମର ଆଶୀର୍ବାଦ ପ୍ରଦାନ କର।

'ଜନନୀଙ୍କର ଯେପରି ଇଚ୍ଛା' କହି ବ୍ୟାସ ପ୍ରସ୍ଥାନ କଲେ।

ମହର୍ଷିଙ୍କ ସେବାପାଇଁ ପ୍ରଥମେ ଗଲେ ଅମ୍ବିକା। ବ୍ୟାସଦେବଙ୍କର ଦୀର୍ଘ ଶ୍ମଶ୍ରୁ, ପ୍ରଜ୍ୱଳିତ ଚକ୍ଷୁ ଏବଂ ଭସ୍ମଲିପ୍ତ ଶରୀର ଦେଖି ସହବାସ ସମୟରେ ଭୟରେ ଆଖି ବୁଜିଦେଲେ ଅମ୍ବିକା, ଭୟରେ ସ୍ୱେଦାକ୍ତ ହେଲା ତାଙ୍କ ଶରୀର। ଅମ୍ବିକାଙ୍କ ସହିତ ସହବାସ ପରେ ସତ୍ୟବତୀଙ୍କ ପାଖକୁ ଯାଇ ବ୍ୟାସ କହିଲେ... ମୋର ଯେଉଁ ଆଶଙ୍କା ଥିଲା, ତାହାହିଁ ଘଟିଲା ଜନନୀ। ମୋତେ ଦେଖି ଅମ୍ବିକା ଭୟରେ ଆଖି ବୁଜିଦେଲେ। ଫଳରେ

Source: Author, Digitized by PPRACHIN, SOA

ମୋ ଔରଷରୁ ତାଙ୍କ ଗର୍ଭରୁ ଯେଉଁ ସନ୍ତାନ ଜନ୍ମହେବ ସେ ହେବ ଜନ୍ମାନ୍ଧ।

ସତ୍ୟବତୀ ଚମକି ପଡିଲେ... ଏ ପୁଣି କି ଅଭିଶାପ ହସ୍ତିନା ରାଜବଂଶକୁ ପୁତ୍ର ? ହସ୍ତିନାର ଭାବି ସମ୍ରାଟ ହେବ ଅନ୍ଧ ! କେଉଁ ଅପଦେବତାର ଏ ଅଭିଶାପ ହସ୍ତିନା ରାଜପରିବାରକୁ ?

ବ୍ୟାସଦେବ କହିଲେ... ସନ୍ତାନ ମାତାର ମନୋଭାବନାକୁ ନେଇ ଜନ୍ମଲାଭ କରେ ଜନନୀ। ଅମ୍ବିକାଙ୍କର ଭୟ ଓ ଦୁର୍ଭାବନା ପ୍ରତିଫଳିତ ହେବ ନବଜାତକଠାରେ।

ଅମ୍ବାଳିକାଙ୍କୁ ମହର୍ଷିଙ୍କ ସହିତ ସହବାସ ପାଇଁ ବୁଝାଇଶୁଝାଇ ପଠାଇଲେ ସତ୍ୟବତୀ। ମହର୍ଷିଙ୍କ ରୂପ ମଧ୍ୟ ଅମ୍ବାଳିକାଙ୍କ ମନରେ ଭୟ ସୃଷ୍ଟି କଲା। କିନ୍ତୁ ସହବାସ ସମୟରେ ସେ ଚକ୍ଷୁ ବନ୍ଦ କରି ନଥିଲେ। ବ୍ୟାସ କହିଲେ... ଅମ୍ବାଳିକାଙ୍କ ସନ୍ତାନ ଦୁର୍ବଳ ଓ ପାଣ୍ଡୁର ବର୍ଣ୍ଣ ହେବ।

ପ୍ରଚୁର ଚିନ୍ତାରେ ଘାରି ହେଲେ ସତ୍ୟବତୀ। କୁରୁ ରାଜବଂଶକୁ ଏକ ଜନ୍ମାନ୍ଧ ଓ ଦୁର୍ବଳ ରାଜପୁତ୍ର କିପରି ରକ୍ଷା କରି ପାରିବେ ! ଅନନୋପାୟ ହୋଇ ଅମ୍ବିକାଙ୍କ ଦାସୀକୁ ମହର୍ଷିଙ୍କ ସହିତ ସହବାସ କରିବାପାଇଁ ପଠାଇଲେ ସତ୍ୟବତୀ। ମହର୍ଷିଙ୍କ ଅନୁଗ୍ରହ ଆଶାରେ ଦାସୀ ମହା ଆନନ୍ଦରେ ବ୍ୟାସଙ୍କ ସହିତ ସହବାସ କଲା। ପ୍ରାସାଦ ଛାଡ଼ିବା ସମୟରେ ବ୍ୟାସଦେବ କହି ଦେଇଗଲେ... ଦାସୀର ପୁତ୍ର ହେବ ମହା ବିଦ୍ୱାନ ଓ ସର୍ବଗୁଣ ସଂପନ୍ନ।

-୦-

(୧୭)

ଯମଙ୍କ ବିଦୁର ଅବତାର

ନିଯୋଗବିଧିରେ ଅମ୍ବିକା ଏବଂ ଅମ୍ବାଳିକା ସହିତ ବ୍ୟାସଦେବ ସହବାସ କଲାପରେ ସେମାନଙ୍କ ଗର୍ଭରୁ ଯଥାକ୍ରମେ ଅନ୍ଧ ଧୃତରାଷ୍ଟ୍ର ଏବଂ ପାଣ୍ଡୁର-ବର୍ଣ୍ଣ ପାଣ୍ଡୁ ଜାତ ହେଲେ। ଅମ୍ବିକାଙ୍କ ଦାସୀଗର୍ଭରୁ ଜାତହେଲେ ସର୍ବଗୁଣସଂପନ୍ନ ଧୀମାନ ପୁତ୍ର ବିଦୁର।

ବିଦୁର ଧର୍ମ (ଯମ)ଙ୍କ ଅବତାର ଥିଲେ ବୋଲି ପୁରାଣରେ ବର୍ଣ୍ଣିତ ଅଛି।

ଥରେ ମହର୍ଷି ମାଣ୍ଡବ୍ୟ ଘୋର ଅରଣ୍ୟରେ, ଆଶ୍ରମ ବାହାରେ, ସତ୍ୟ ସନ୍ଧାନରେ ଘୋର ତପସ୍ୟାରେ ନିମଗ୍ନ ଥିଲେ। ପର୍ଣ୍ଣକୁଟୀର ବାହାରେ ଗୋଟିଏ ବୃକ୍ଷମୂଳରେ ତପସ୍ୟାରେ ଆତ୍ମବିସ୍ମୃତ ଅବସ୍ଥାରେ ରହିଥିବା ବେଳେ, ନଗରରୁ ଲୁଣ୍ଠନ ଦ୍ରବ୍ୟ ଧରି ଦଳେ ତସ୍କର

Source: Author, Digitized by PPRACHIN, SOA

ମହର୍ଷିଙ୍କ ଆଶ୍ରମରେ ପହଞ୍ଚିଲେ। ସେମାନଙ୍କ ପଛରେ ରାଜାଙ୍କ ସୈନ୍ୟମାନେ ପିଛା କରୁଥିଲେ। ସୈନ୍ୟମାନଙ୍କ ଡରରେ ତସ୍କରମାନେ ମହର୍ଷିଙ୍କ କୁଟୀର ଭିତରେ ଲୁଣ୍ଠିତ ପଦାର୍ଥକୁ ଲୁଚାଇ ଅରଣ୍ୟ ଭିତରକୁ ଚାଲିଗଲେ। ସୈନିକମାନେ ଆଶ୍ରମବାହାରେ ଧ୍ୟାନରେ ବସିଥିବା ମାଣ୍ଡବ୍ୟଙ୍କୁ ତସ୍କରମାନଙ୍କ ବିଷୟରେ ପଚାରିଲେ। ଧ୍ୟାନରତ ମାଣ୍ଡବ୍ୟ କିଛି ଉତ୍ତର ଦେଲେ ନାହିଁ। ସୈନ୍ୟମାନେ ମୁନିଙ୍କ ପର୍ଣ୍ଣକୁଟୀର ଭିତରେ ପଶି ସେଠାରେ ଲୁଣ୍ଠିତ ପଦାର୍ଥ ଦେଖିବାକୁ ପାଇଲେ। ମାଣ୍ଡବ୍ୟଙ୍କୁ ତସ୍କରଙ୍କ ମୁଖିଆ ବୋଲି ମନେକରି, ସୈନିକମାନେ ତାଙ୍କୁ ସେଠାରେ ଜଗି ରହିଲେ ଏବଂ ରାଜାଙ୍କୁ ସବିଶେଷ ବିବରଣୀ ଜଣାଇଲେ।

ସୈନିକ ମାନଙ୍କଠାରୁ ସବୁ ଶୁଣି ରାଜା ମଧ୍ୟ ଭାବିନେଲେ ଯେ ଧ୍ୟାନରତ ବ୍ୟକ୍ତି ହିଁ ଚୋରଙ୍କ ସର୍ଦ୍ଦାର।

ମାଣ୍ଡବ୍ୟ ନିରୁତ୍ତର ରହିବାକଥା ଶୁଣି ତାହା ଚୋର ସର୍ଦ୍ଦାରର ଛଳନା ବୋଲି ମନେକରି ରାଜା ତାଙ୍କୁ ଶୂଳି ଚଢାଇ ମାରିବାପାଇଁ ଆଦେଶ ଦେଲେ।ରାଜା ସତ୍ୟାସତ୍ୟ ଜାଣିବା ପାଇଁ ନିଜେ ଯଦି ଋଷିଙ୍କ ଆଶ୍ରମକୁ ଯାଇଥାନ୍ତେ, ତାହେଲେ ମାଣ୍ଡବ୍ୟଙ୍କୁ ଚିହ୍ନି ପାରିଥାନ୍ତେ। ରାଜାଙ୍କର ଏହି ସାମାନ୍ୟ ଭୁଲ୍ ଯୋଗୁଁ ଅଘଟଣ ଘଟିଗଲା। ରାଜାଙ୍କର ଆଦେଶ ତକ୍ଷଣାତ୍ କାର୍ଯ୍ୟରେ ପରିଣତ କରିଦିଆଗଲା।

ମାଣ୍ଡବ୍ୟଙ୍କୁ ଶୂଳିରେ ଚଢାଇ ଥିବା ରାଜକର୍ମଚାରୀମାନେ ଆଶ୍ଚର୍ଯ୍ୟ; ତପୋବଳ ଯୋଗୁଁ ମହର୍ଷିଙ୍କ ପ୍ରାଣ ଗଲା ନାହିଁ। ଘଟଣାଟି ରାଜାଙ୍କ କାନକୁ ଗଲା।ରାଜା ଶୂଳି ଦିଆଯାଉଥିବା ସ୍ଥାନରେ ପହଞ୍ଚି ଆଶ୍ଚର୍ଯ୍ୟ ହୋଇ ଗଲେ... ଏ ତ ମାଣ୍ଡବ୍ୟ ଋଷି !

ଋଷିଙ୍କୁ ଶୂଳିରୁ ଅବତରଣ କରାଗଲା। ରାଜା ସାଷ୍ଟାଙ୍ଗ ମାଣ୍ଡବ୍ୟଙ୍କ ପାଦତଳେ ପଡ଼ି ତାଙ୍କ ଅଜ୍ଞାତରେ ହୋଇ ଥିବା ଅପରାଧ ପାଇଁ କ୍ଷମା ମାଗିଲେ।

ସେ ସମୟରେ ଅରଣ୍ୟରେ ଥିବା ଅନ୍ୟାନ୍ୟ ମୁନିଋଷିମାନେ ପହଞ୍ଚି ଯାଇଥିଲେ।ସେମାନଙ୍କୁ ଦେଖି ମାଣ୍ଡବ୍ୟ କହିଲେ... କାହାକୁ ମୁଁ ଦୋଷ ଦେବି ? ଯେଉଁମାନେ ପ୍ରଜାଙ୍କୁ ନ୍ୟାୟ ଦେବା କଥା, ସେମାନେ ଏପରି କାର୍ଯ୍ୟ କରୁଛନ୍ତି।

ରାଜା ତାଙ୍କ ଅବିବେକିତାର ଦଣ୍ଡ ପାଇବା ଉଚିତ।ସମସ୍ତେ ଭାବିଥିଲେ ମାଣ୍ଡବ୍ୟ ରାଜାଙ୍କୁ ଅଭିଶାପ ଦେବେ। କିନ୍ତୁ ମାଣ୍ଡବ୍ୟ ତାହା ନକରି,ନିଜର ଅପରାଧ କଣ ଜାଣିବାପାଇଁ ସିଧା ଯମାଳୟରେ ଧର୍ମଦେବତା (ଯମ)ଙ୍କ ନିକଟରେ ପହଞ୍ଚିଲେ।

ମାଣ୍ଡବ୍ୟ କହିଲେ... ଧର୍ମଦଣ୍ଡ ଧାରକ, ପ୍ରାଣୀ ମାନଙ୍କର ପାପ ପୁଣ୍ୟର ବିଚାରକ ହେ ଯନ୍ତୁପତି ! ଜୀବନରେ ଜ୍ଞାତସାରରେ ମୁଁ ପିଂପୁଡ଼ିଟିଏ ମଧ୍ୟ ମାରି ନାହିଁ।ତେବେ

Source: Author, Digitized by PPRACHIN, SOA

ମୋର କେଉଁ ଅପରାଧରେ ମୋତେ ଶୂଳିଦଣ୍ଡ ମିଳିଲା ଜାଣି ପାରେ କି ?

ଧର୍ମରାଜ ମାଣ୍ଡବ୍ୟଙ୍କର ତପୋଶକ୍ତି ବିଷୟରେ ଅବଗତ ଥିଲେ।ବିନମ୍ରତା ସହିତ ଯମ କହିଲେ... ମହାଭାଗ ଆପଣ ଗୋଟିଏ କଙ୍କି ଦେହରେ କଣ୍ଟାଟିଏ ଫୋଡିଥିଲେ; ତେଣୁ ସେହି ପ୍ରକାର ଦଣ୍ଡ ଆପଣଙ୍କୁ ମିଳିଲା।ତପୋବଳ ଯୋଗୁଁ ଆପଣଙ୍କର ଦଣ୍ଡ ହ୍ରାସ କରାଯାଇ କେବଳ କିଛିକ୍ଷଣ ପାଇଁ କଷ୍ଟ ଦିଆ ଯାଇଥିଲା,ନଚେତ୍ ଶୂଳି ଦଣ୍ଡରେ ଆପଣ ମୃତ୍ୟୁ ବରଣ କରିଥାନ୍ତେ।

ମାଣ୍ଡବ୍ୟ ଆଶ୍ଚର୍ଯ୍ୟ ହୋଇ ପଚାରିଲେ... କେବେ ମୁଁ କଙ୍କିର ପୃଷ୍ଠଭାଗରେ କଣ୍ଟା ଫୋଡିଥିଲି ?

ଯମରାଜ କହିଲେ... ଆପଣ ଯେତେବେଳେ ପିଲା, ସେହି ସମୟରେ ଏହି କାମଟି କରିଥିଲେ।

କ୍ରୋଧିତ ହୋଇ ମାଣ୍ଡବ୍ୟ କହିଲେ... ବାଲ୍ୟକାଳରେ ଏକ ଅବୋଧ ବାଳକର ଏହି କାର୍ଯ୍ୟ ପାଇଁ ଏତେ ନିର୍ମମ ଦଣ୍ଡ ? ମୋର ସବୁ ପୁଣ୍ୟକର୍ମ ଅଜ୍ଞାନ ବାଳକ ସମୟର କର୍ମଫଳକୁ ହ୍ରାସ କରିପାରିଲା ନାହିଁ ?

ଯମ ହୃଦୟଙ୍ଗମ କଲେ ଯେ ଅପରାଧକୁ ଚାହିଁ, ଜଣେ ଧର୍ମପରାୟଣ ବ୍ୟକ୍ତିଙ୍କୁ ଶୂଳିଦଣ୍ଡ ନିଶ୍ଚିତ ଭାବରେ ଅଧିକ ହୋଇଛି।

ମାଣ୍ଡବ୍ୟ କହିଲେ...ତୁମର ଏହି ଅବିବେକି କାର୍ଯ୍ୟ ପାଇଁ ତୁମେ ମର୍ତ୍ତ୍ୟରେ ମନୁଷ୍ୟ ହୋଇ ଜନ୍ମ ନେବ।

ମାଣ୍ଡବ୍ୟ ଋଷିଙ୍କ ଅଭିଶାପର ଫଳସ୍ୱରୂପ ଯମ (ଧର୍ମ) ମନୁଷ୍ୟ ଯୋନିରେ ବିଦୁର ନାମରେ ଅମ୍ବିକାଙ୍କ ଦାସୀ ଗର୍ଭରୁ ବ୍ୟାସ ଦେବଙ୍କ ଔରଷରୁ ଜନ୍ମ ହୋଇଥିଲେ।

ବିଦୁର ଅତି ଜ୍ଞାନୀ ଏବଂ ଧର୍ମଙ୍କ ଅବତାର ଭାବରେ ପରିଗଣିତ ହେଉଥିଲେ। ଅନ୍ୟାୟକୁ ସେ ପ୍ରଶ୍ରୟ ଦେଉନଥିଲେ। ସ୍ପଷ୍ଟବାଦିତା ତାଙ୍କ ଚରିତ୍ର ର ବିଶେଷତ୍ୱ ଥିଲା।

'ବିଦୁର' ଶବ୍ଦର ଅର୍ଥ ବିଶେଷ ଭାବରେ ଦୂରଦର୍ଶୀ। ଜ୍ଞାନରେ ତାଙ୍କ ସମକକ୍ଷ ସେ ସମୟରେ ଆର୍ଯ୍ୟାବର୍ତ୍ତରେ କେହି ନଥିଲେ। ତାଙ୍କର ଦୂରଦୃଷ୍ଟି ଓ ଜ୍ଞାନ ଯୋଗୁଁ ଅତି ଅଳ୍ପ ବୟସରେ ସେ ହସ୍ତିନାର ପ୍ରଧାନ ମନ୍ତ୍ରୀ ଭାବରେ ଭୀଷ୍ମଙ୍କ ଦ୍ୱାରା ନିଯୁକ୍ତି ପାଇଥିଲେ।

ତାଙ୍କର ପିତା ଥିଲେ ମହାଜ୍ଞାନୀ ତ୍ରିକାଳଦର୍ଶୀ,ପରାଶରନନ୍ଦନ ବେଦବ୍ୟାସ। ତାଙ୍କ ମାତା ଥିଲେ ଅମ୍ବିକାଙ୍କ ଦାସୀ 'ପାରିଶ୍ରମୀ'। ତାଙ୍କ ସହଧର୍ମିଣୀଙ୍କ ନାମ ଥିଲା ସୁଲଭା। ସଦାସର୍ବଦା ଧର୍ମ ମାର୍ଗରେ ପରିଚାଳିତ ହୋଇ ସ୍ପଷ୍ଟ କଥା କହୁଥିବାରୁ ଅଧର୍ମୀ ଦୁର୍ଯ୍ୟୋଧନ ପାଇଁ ସେ ଥିଲେ ଚକ୍ଷୁଶୂଳ। ପାଣ୍ଡବମାନେ ଧର୍ମପଥରେ ଯାଉଥିବାରୁ ବିଦୁର ସର୍ବଦା

Source: Author, Digitized by PPRACHIN, SOA

ସେମାନଙ୍କୁ ସମର୍ଥନ କରୁଥିଲେ। ଦୁର୍ଯ୍ୟୋଧନ କପଟକରି ପାଣ୍ଡବ ମାନଙ୍କୁ ବାରୁଣାବନ୍ତରେ ଜତୁଗୃହରେ ଦାହ କରିବାପାଇଁ ଷଡ଼ଯନ୍ତ୍ର କରିଥିଲେ। ସଙ୍କେତ ପାଇବାପରେ ବୁଦ୍ଧିମାନ ବିଦୁର ଯୁଧିଷ୍ଠିରଙ୍କୁ ଷଡ଼ଯନ୍ତ୍ରର ଆଭାସ ଦେଇଥିଲେ।ଫଳରେ ପାଣ୍ଡବମାନେ ଲାକ୍ଷାଗୃହରୁ ପଳାୟନ କରି ଜୀବନ ରକ୍ଷା କରିପାରିଥିଲେ।

ଦୁର୍ଯ୍ୟୋଧନ ଏବଂ କୌରବ ଭାଇମାନେ ପୂର୍ଣ୍ଣ ରାଜସଭାରେ ତାଙ୍କୁ ଦାସୀପୁତ୍ର ବୋଲି ହେୟଜ୍ଞାନ କରୁଥିଲେ ଏବଂ ଅପମାନ ଜନକ କଥା କହୁଥିଲେ। ତଥାପି ନିଜକୁ ସେ କୁରୁବଂଶର ଦାୟାଦ ମନେକରି ସବୁ ଅପମାନର ବିଷ ପିଇ ଯାଇଥିଲେ। କୁରୁ ସଭାତଳେ ଦ୍ରୌପଦୀଙ୍କୁ ବିବସନ କରିବା ପ୍ରୟାସ ହେଲାବେଳେ ବିଦୁର ଏହାର ଘୋର ପ୍ରତିବାଦ କରିଥିଲେ। କପଟ ପଶା ନଖେଳିବା ପାଇଁ ସେ ଯୁଧିଷ୍ଠିରଙ୍କୁ ବାରମ୍ବାର ବାରଣ କରିଥିଲେ। ପଶାଖେଳ ପାଇଁ ଧୃତରାଷ୍ଟ୍ର ଯେତେବେଳେ ଦୁର୍ଯ୍ୟୋଧନ କଥାରେ ସମ୍ମତ ହେଲେ, ଧୃତରାଷ୍ଟ୍ରଙ୍କ ପାଦତଳେ ପଡିଯାଇ ଏହାକୁ ରୋକିବା ପାଇଁ ବିଦୁର ଅନୁରୋଧ କରିଥିଲେ, କିନ୍ତୁ ପୁତ୍ର ମୋହରେ ଅନ୍ଧ ଧୃତରାଷ୍ଟ୍ର ବିଦୁରଙ୍କ ଉପଦେଶ ମାନି ନଥିଲେ। ଧୃତରାଷ୍ଟ୍ର ମୋହଗ୍ରସ୍ତ ମନ ହେଲେ ବିଦୁର ଥିଲେ ବିବେକ। ମନ ଯେତେବେଳେ ବିବେକ କଥା ନଶୁଣେ ପରିଣାମ ଭୟଙ୍କର ହୁଏ। ତାହାହିଁ ଘଟିଥିଲା ଧୃତରାଷ୍ଟ୍ରଙ୍କ କ୍ଷେତ୍ରରେ।

ବିଦୁର କୃଷ୍ଣ-ପ୍ରାଣ ଥିଲେ। କୃଷ୍ଣଙ୍କ ପ୍ରତି ତାଙ୍କର ଅଚଳା ଭକ୍ତି ଥିଲା। କୃଷ୍ଣଙ୍କ ପରି ସେ ମଧ୍ୟ ଚାହୁଁଥିଲେ ଆର୍ଯ୍ୟାବର୍ତ୍ତରେ ଧର୍ମ ସଂସ୍ଥାପନା। ତାଙ୍କର ସରଳ ଜୀବନଯାପନ କୃଷ୍ଣଙ୍କୁ ଅଭିଭୂତ କରିଥିଲା। ସ୍ୱାମୀଙ୍କ ପରି 'ସୁଲଭା' ମଧ୍ୟ କୃଷ୍ଣ-ପ୍ରାଣା ଥିଲେ।ଯୁଦ୍ଧ ଅବ୍ୟବହିତ ପୂର୍ବରୁ ଯେତେବେଳେ ଶ୍ରୀକୃଷ୍ଣ ପାଣ୍ଡବ-କୌରବଙ୍କ ମଧ୍ୟରେ ମଧ୍ୟସ୍ଥତା କରିବାପାଇଁ ହସ୍ତିନା ଯାଇଥିଲେ,ସେ ଦୁର୍ଯ୍ୟୋଧନଙ୍କ ଆତିଥ୍ୟ ଗ୍ରହଣ ନକରି ବିଦୁରଙ୍କ ଘରେ ଶାଗ ପଖାଳ ଖାଇ ତୃପ୍ତ ହୋଇଥିଲେ।

ଯୁଦ୍ଧ ନକରିବାପାଇଁ ବିଦୁର ପ୍ରବର୍ତ୍ତାଇଲେ ମଧ୍ୟ କୌରବମାନେ ତାଙ୍କ ଉପଦେଶ ଶୁଣି ନଥିଲେ।ତେଣୁ ଶେଷରେ ମନ୍ତ୍ରୀପଦ ତ୍ୟାଗକରି ସେ ନିରପେକ୍ଷ ଭୂମିକା ଗ୍ରହଣ କଲେ। ମହାଭାରତ ଯୁଦ୍ଧରେ ସେ ଅସ୍ତ୍ର ଧରିନଥିଲେ। ମହାଭାରତ ଯୁଦ୍ଧ ପରେ ବିଦୁର ଧୃତରାଷ୍ଟ୍ର, ଗାନ୍ଧାରୀ ଏବଂ କୁନ୍ତୀଙ୍କ ସହିତ ଅରଣ୍ୟକୁ ଚାଲିଯାଇ ଶେଷ ଜୀବନ ଯତିବ୍ରତ ପାଳନରେ ବିତାଇ ଦେଇଥିଲେ।

-୦-

Source: Author, Digitized by PPRACHIN, SOA

(୧୮)

ଅନ୍ଧ ରାଜପୁତ୍ରଙ୍କ ପ୍ରାରବ୍ଧ

ନିଯୋଗ ବିଧାନ ଅନୁସାରେ ଧୃତରାଷ୍ଟ୍ର,ପଣ୍ଡୁ ଏବଂ ବିଦୁର ବ୍ୟାସଦେବଙ୍କ ଔରସରୁ ଜନ୍ମ ନେଲା ପରେ ହସ୍ତିନା ପାଇଁ ଆଉ ଉତ୍ତରାଧିକାର ସମସ୍ୟା ରହିଲା ନାହିଁ।ଦୁଇ ଯୁବରାଜ ଏବଂ ଦାସୀପୁତ୍ର ବିଦୁରଙ୍କୁ ଭୀଷ୍ମ ସମସ୍ତ ବିଦ୍ୟାରେ ପାରଙ୍ଗମ କରାଇଲେ। ସମୟ କ୍ରମେ ଭୀଷ୍ମ ଅନୁଭବ କଲେ ଯେ ହସ୍ତିନାର ସୁରକ୍ଷିତ ରାଜମୁକୁଟ ଦୁଇ ରାଜପୁତ୍ରମାନଙ୍କ ମଧ୍ୟରୁ ଜଣଙ୍କୁ ଦେବାର ସମୟ ଆସିଯାଇଛି। ସତ୍ୟବତୀଙ୍କ ପାଖରେ ନିଜର ମନୋବାଞ୍ଛା ବ୍ୟକ୍ତ କଲେ ପିତାମହ ଭୀଷ୍ମ।

କିନ୍ତୁ କାହା ମସ୍ତକରେ ଶୋଭା ପାଇବ ଏ ରାଜମୁକୁଟ ! 'ଜ୍ୟେଷ୍ଠ ପୁତ୍ର ଭାବରେ ସିଂହାସନ ଧୃତରାଷ୍ଟ୍ରଙ୍କର ପ୍ରାପ୍ୟ' ଏହି ମତ, ପୂର୍ଣ୍ଣ ରାଜସଭାରେ ବ୍ୟକ୍ତ କଲେ ପିତାମହ ଭୀଷ୍ମ। ଭୀଷ୍ମଙ୍କ ମତାମତକୁ ପ୍ରାୟତଃ ଗ୍ରହଣ କରିବାକୁ ଯାଉଥିଲେ ସତ୍ୟବତୀଙ୍କ ସମେତ ଅନ୍ୟାନ୍ୟ କୁରୁଶ୍ରେଷ୍ଠ। କିନ୍ତୁ ଯୋଡହସ୍ତରେ ନିଜର ମନ୍ତବ୍ୟରେ ବିଜ୍ଞ ବିଦୁର କହିଲେ... ମୋର ଧୃଷ୍ଟତା ମାର୍ଜନା କରନ୍ତୁ ସଭାସଦଗଣ; ହସ୍ତିନାର ରାଜସିଂହାସନରେ ବସିବାର ଯୋଗ୍ୟତା ଜନ୍ମଗତ ଅଧିକାରକୁ ନେଇ ବିବେଚନା କରିବା ଉଚିତ ନୁହେଁ ବରଂ ଶାରୀରିକ ସକ୍ଷମତା ସହିତ ମାନସିକ ଦୃଢ଼ତାକୁ ନେଇ ବିଚାର କରିବା ଉଚିତ୍।

ରାଜମାତା ସତ୍ୟବତୀ କହିଲେ... ତୁମର ମତାମତ ତୁମେ ନିର୍ଭୟରେ ଉପସ୍ଥାପିତ କରିପାର ବିଜ୍ଞ ବିଦୁର। ବିଦୁର କହିଲେ... ପାଣ୍ଡିତ୍ୟରେ ଏବଂ ଶାସନ କୁଶଳତାରେ ଉଭୟେ ଧୃତରାଷ୍ଟ୍ର ଏବଂ ପଣ୍ଡୁ ପାରଙ୍ଗମ, କିନ୍ତୁ ଧୃତରାଷ୍ଟ୍ର ଚକ୍ଷୁହୀନ। ରାଜ୍ୟଶାସନ ପାଇଁ ଜ୍ଞାନନେତ୍ର ଯେତିକି ଆବଶ୍ୟକ, ବାସ୍ତବ-ନେତ୍ର ଏବଂ ସମରନୈପୁଣ୍ୟ ମଧ୍ୟ ସେତିକି ଆବଶ୍ୟକ। ତେଣୁ ପଣ୍ଡୁଙ୍କୁ ହସ୍ତିନାର ରାଜଦଣ୍ଡ ଦେବା ଉଚିତ ବୋଲି ମୋର ଅଭିମତ। ଜ୍ୟେଷ୍ଠଭ୍ରାତ ଧୃତରାଷ୍ଟ୍ରଙ୍କ ଉପଦେଶ ନେଇ ପାଣ୍ଡୁ ରାଜ୍ୟ ଶାସନ କରିବା ଉଚିତ। ବିଦୁରଙ୍କର ଏହି ପରାମର୍ଶ ଶୁଣି ଧୃତରାଷ୍ଟ୍ରଙ୍କ ମୁହଁରୁ ଆନନ୍ଦର ଜ୍ୟୋତି ଲିଭିଲା। କିନ୍ତୁ ତାଙ୍କପାଇଁ ଆଉ କିଛି ଉପାୟ ନଥିଲା। ରାଜସଭା ଏହା ଉପରେ ନିର୍ଣ୍ଣୟ ନେଇ ତାଙ୍କୁ ଅଯୋଗ୍ୟ ଘୋଷିତ କରିବା ପୂର୍ବରୁ ଧୃତରାଷ୍ଟ୍ର ପଣ୍ଡୁଙ୍କ ସପକ୍ଷରେ ନିଜର ମତାମତ ଦେବା ଉଚିତ ମନେ କଲେ।

ରାଜସଭାରେ ଉପସ୍ଥିତ ଧୃତରାଷ୍ଟ୍ର କହିଥିଲେ... ହେ ବିଜ୍ଞ ସଭାସଦ ଗଣ !

Source: Author, Digitized by PPRACHIN, SOA

ଜନ୍ମାନ୍ଧ ଏ ଧୃତରାଷ୍ଟ୍ରର ଶକ୍ତି ନାହିଁ ଚାରିପାଖରେ ରହିଥିବା ପଦାର୍ଥ ଦେଖିବା ପାଇଁ ଏବଂ ଘଟୁଥିବା ଘଟଣାବଳୀ ଜାଣିବାପାଇଁ,ଏ ବିଶାଳ ସାମ୍ରାଜ୍ୟ ସେ କିପରି ଶାସନ କରିପାରିବ ? ରାଜ୍ୟର ଶକ୍ତି ରାଜାର ଶକ୍ତି ଉପରେ ନିର୍ଭର କରେ; ଏହା ସତ୍ୟ ଯେ ଲୌହ ଗୋଲକ ମୁଁ ବିଧାମାରି ଚୂର୍ଣ୍ଣ କରି ଦେଇ ପାରେ, କିନ୍ତୁ ମୋ ଭଳି ଜଣେ ଅନ୍ଧ ରାଜାକୁ ସିଂହାସନରେ ଆସୀନ ଦେଖି ପଡୋଶୀ ରାଜ୍ୟ ହସ୍ତିନାକୁ ଦୁର୍ବଳ ମନେକରିବେ। କୁରୁ ବଂଶର ଯେବେ ମୁଁ ଏକମାତ୍ର ଦାୟାଦ ହୋଇଥାନ୍ତି ତାହା ଭିନ୍ନ କଥା; ମୋଠାରୁ ଯୋଗ୍ୟ ମୋର ଅନୁଜ ପାଣ୍ଡୁ, କାରଣ ସେ ଚକ୍ଷୁଷ୍ମାନ। ଭାଗ୍ୟ ଧୃତରାଷ୍ଟ୍ରର ଅନୁକୂଳ ନୁହେଁ; ପ୍ରିୟ ପଣ୍ଡୁଙ୍କୁ ହିଁ ରାଜ୍ୟ ଭାର ଅର୍ପଣ କରାଯାଉ।

ଧୃତରାଷ୍ଟ୍ର ତାଙ୍କ ମନକଥା ବ୍ୟକ୍ତ କଲାପରେ ସମସ୍ତେ ଅନୁଭବ କଲେ ଯେ ସ୍ୱତଃପ୍ରବୃତ ଭାବରେ, ଆନନ୍ଦରେ ଧୃତରାଷ୍ଟ୍ର ପଣ୍ଡୁଙ୍କୁ ରାଜମୁକୁଟ ଦାନ କରିଦେଲେ। ତେଣୁ ପଣ୍ଡୁଙ୍କୁ ହସ୍ତିନାର ସିଂହାସନରେ ମହା ଆଡ଼ମ୍ବରରେ ଅଭିଷିକ୍ତ କରାଗଲା।

କିନ୍ତୁ ବାସ୍ତବରେ ଧୃତରାଷ୍ଟ୍ର ଆନନ୍ଦରେ କନିଷ୍ଠ ପଣ୍ଡୁଙ୍କୁ ସିଂହାସନ ଦାନ କରିନଥିଲେ। ତାଙ୍କ ମନ ଭିତରେ ସିଂହାସନ ପାଇବାର ମହତ ଆକାଂକ୍ଷା ଏବଂ ବିବେକ ଭିତରେ ସବୁବେଳେ ସଂଘର୍ଷ ଲାଗି ରହିଥିଲା। ବ୍ୟାସଦେବଙ୍କ ବରଦାନ ଅନୁସାରେ ତାଙ୍କ ଦେହରେ ଶହେଟି ହାତୀର ବଳ ଥିଲା ଏବଂ ଲୌହ ମୁଦ୍ଗର ବା ଗୋଲକକୁ ହାତରେ ଚିପି ଚୂନା କରିପାରିବା ଶକ୍ତି ତାଙ୍କ ଦେହରେ ଥିଲା, କିନ୍ତୁ ଜନ୍ମାନ୍ଧ ହୋଇ ଥିବାରୁ ଭାଗ୍ୟ ତାଙ୍କ ସହିତ ନଥିଲା। ତାଙ୍କ ଦୁର୍ଭାଗ୍ୟ ପାଇଁ ସେ ସର୍ବଦା ଦୁଇଜଣଙ୍କୁ ଦୋଷ ଦେଉଥିଲେ, ମାତା ଅମ୍ବିକା ଏବଂ ବିଦୁର କାରଣ ନିଯୋଗ ବିଧାନ ସମୟରେ ମାତା ଆଖି ବୁଜି ଦେଇ ନଥିଲେ ସେ ଅନ୍ଧ ହୋଇ ନଥାନ୍ତେ ଏବଂ ବିଦୁର ବିଜ୍ଞତା ଦେଖାଇ ପରାମର୍ଶ ଦେଇନଥିଲେ କୁରୁ-ବରିଷ୍ଠ ମାନେ ତାଙ୍କ ସ୍ଥାନରେ କନିଷ୍ଠ ପଣ୍ଡୁଙ୍କୁ ରାଜମୁକୁଟ ଦାନ କରିନଥାନ୍ତେ।

ସେଥିପାଇଁ ଧୃତରାଷ୍ଟ୍ର ଅନ୍ତର ଭିତରେ ବିଦୁରଙ୍କୁ ଭଲ ପାଉନଥିଲେ। ପରବର୍ତ୍ତୀ ସମୟରେ ପଣ୍ଡୁଙ୍କ ଅବର୍ତ୍ତମାନରେ ସେ ଯେତେବେଳେ ରାଜା ହେଲେ ସେତେବେଳେ ନିଜ ପୁତ୍ର ଦୁର୍ଯ୍ୟୋଧନର ବିଦୁରଙ୍କପ୍ରତି ଅସଭ୍ୟ ବ୍ୟବହାରକୁ ସେ ଅଣଦେଖା କରିଦେଉଥିଲେ। ଥରେ ଦୁର୍ଯ୍ୟୋଧନ ବିଦୁରଙ୍କୁ ଦାସୀପୁତ୍ର କହି ଅପମାନିତ କଲାବେଳେ ଧୃତରାଷ୍ଟ୍ର ଏତିକି ମାତ୍ର କହିଥିଲେ... ପ୍ରିୟ ଦୁର୍ଯ୍ୟୋଧନ ! ହସ୍ତିନାର ମହାମନ୍ତ୍ରୀଙ୍କ ପ୍ରତି ଏପରି ଅପଶବ୍ଦ ଶୋଭା ପାଏ ନାହିଁ। ସେ ସମୟରେ ବିଦୁରଙ୍କୁ 'ମହାମନ୍ତ୍ରୀ' ନକହି 'କୁରୁବଂଶର ଦାୟାଦ' ବୋଲି କହିଥିଲେ ବିଦୁର ଆନନ୍ଦିତ ହୋଇଥାନ୍ତେ।

Source: Author, Digitized by PPRACHIN, SOA

ନିଜ କର୍ମଫଳ ପାଇଁ ଅନ୍ୟକୁ ଦୋଷଦେବା ସମୀଚିନ ନୁହେଁ। ସେଥିପାଇଁ ମହାଭାରତ ଯୁଦ୍ଧ ଶେଷରେ ଯେତେବେଳେ କାନ୍ଦି କାନ୍ଦି ଶ୍ରୀକୃଷ୍ଣଙ୍କୁ ଧୃତରାଷ୍ଟ୍ର ପଚାରିଲେ ଯେ ଶହେ ପୁତ୍ରଙ୍କୁ ହରାଇ ସାରା ଜୀବନ କାନ୍ଦିବାର ଦୁର୍ଭାଗ୍ୟ କାହିଁକି ତାଙ୍କ ଜୀବନରେ ଆସିଲା, ଶ୍ରୀକୃଷ୍ଣ କହିଥିଲେ... ହେ କୁରୁ ଶ୍ରେଷ୍ଠ ! ଏହା ଆପଣଙ୍କ ପୂର୍ବ ଜନ୍ମର କର୍ମଫଳ। ସଂସାରରେ ମନୁଷ୍ୟ ଦୈନନ୍ଦିନ କରୁଥିବା କର୍ମଫଳକୁ ତିନି ଭାଗରେ ବିଭକ୍ତ କରାଯାଇଛି ଯଥା କ୍ରିୟମାଣ, ସଂଚିତ ଏବଂ ପ୍ରାରବ୍ଧ। କ୍ରିୟମାଣ କର୍ମରଫଳ, ବର୍ତ୍ତମାନ ଜୀବନକାଳରେ ସଙ୍ଗେ ସଙ୍ଗେ ବା କିଛି ଦିନ/ବର୍ଷ ଭିତରେ ଅନୁଭୂତ ବା ଫଳପ୍ରଦ ହୁଏ। ଫଳବତୀ ନହୋଇ ଥିବା ଏ ଜନ୍ମର ଉଦ୍ବୃତ୍ତ କର୍ମଫଳର ନାମ ସଂଚିତ କର୍ମଫଳ। ବିଭିନ୍ନ ଜନ୍ମର ସଂଚିତ କର୍ମଫଳର ସମାହାରର ନାମ ପ୍ରାରବ୍ଧ। ପରଜନ୍ମମାନଙ୍କରେ ଉଚିତ ସମୟ ଆସିଲେ ଅନୁଭୂତ ହୁଏ ଏହି ପ୍ରାରବ୍ଧ କର୍ମଫଳ।

ଶ୍ରୀକୃଷ୍ଣଙ୍କ କଥା ଶୁଣି ସେ ସମୟରେ ଧୃତରାଷ୍ଟ୍ର ପଚାରିଥିଲେ... ହେ କୃଷ୍ଣ ! ଏ ଅନ୍ଧ ଧୃତରାଷ୍ଟ୍ରକୁ ତାର ପୂର୍ବ କର୍ମ ବିଷୟରେ ସୂଚନା ଦିଅନ୍ତୁ।

ଶ୍ରୀକୃଷ୍ଣ କହିଥିଲେ... ପ୍ରାୟ ପଚାଶ ଜନ୍ମ ପୂର୍ବେ ଆପଣ ଜଣେ କ୍ରୁର ରାଜା ଥିଲେ। ପଶୁପକ୍ଷୀମାନଙ୍କୁ ଧରି କ୍ଷନ୍ତଣା ଦେବା ଆପଣଙ୍କର ସଉକ୍ ଥିଲା। ଥରେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିବା ଶହେଟି ହଂସ ପକ୍ଷୀଙ୍କୁ ଆପଣ ନିର୍ମମ ଭାବରେ ହତ୍ୟାକରିଥିଲେ। ସେମାନଙ୍କ ମଧ୍ୟରୁ ଗୋଟିଏ ପିତା-ପକ୍ଷୀର ଆଖି ମଧ୍ୟ ତାଡିଦେଇ ସେ ପାଉଥିବା ଯନ୍ତ୍ରଣାକୁ ଉପଭୋଗ କରିଥିଲେ। ସେଥିପାଇଁ ଏ ଜନ୍ମରେ ଆପଣ ଜନ୍ମାନ୍ଧ ହୋଇ ପୁତ୍ରଶୋକ ଭୋଗ କରୁଛନ୍ତି।

ଧୃତରାଷ୍ଟ୍ର ପଚାରିଥିଲେ... ପଚାଶ ଜନ୍ମପୂର୍ବେ କରିଥିବା କର୍ମର ଭୟାନକ ଫଳ ସଙ୍ଗେ ସଙ୍ଗେ ନମିଳି ଏତେ ଜନ୍ମ ପରେ କାହିଁକି ମୋତେ ମିଳିଲା କୃଷ୍ଣ !

ଶ୍ରୀକୃଷ୍ଣ କହିଲେ... ହେ କୁରୁ ଶ୍ରେଷ୍ଠ ! ସମୟ ପୂର୍ବରୁ କୌଣସି ଘଟଣା ଘଟେ ନାହିଁ, ଏହା ହିଁ ସୃଷ୍ଟିର ନିୟମ। ଆପଣଙ୍କୁ ପଚାଶ ଜନ୍ମର ଅବସର ମିଳିଲା ପୁଣ୍ୟକର୍ମ କରି ପାପକର୍ମର ଫଳକୁ ହ୍ରାସ କରିବାପାଇଁ। ପ୍ରତିଜନ୍ମରେ ଘଟୁଥିବା କର୍ମଫଳ ଏହିପରି ସଂଚିତ ହୋଇ ପ୍ରାରବ୍ଧରେ ପରିଣତ ହୁଏ ଓ ପରଜନ୍ମ ମାନଙ୍କରେ ଫଳବତୀ ହୁଏ। ମନୁଷ୍ୟ ଜାଣିନପାରି ଭାବେ... ଏ ଜନ୍ମରେ ମୁଁ ଏତେ ପୁଣ୍ୟ କାମ କଲେ ମଧ୍ୟ ତାର ଫଳ ମୋତେ କାହିଁକି ମିଳୁନାହିଁ ?

ପୁରାଣ ଓ ମହାଭାରତର ଚରିତ୍ରମାନଙ୍କରେ ସମାଜରେ ଥିବା ବିଭିନ୍ନ ବ୍ୟକ୍ତି ଚରିତ୍ରମାନଙ୍କର ପ୍ରତିଫଳନ ଥାଏ। ପଦପଦବୀର ଅଧିକାରୀ ହୋଇ ଉଚ୍ଚକୁଳ ସମ୍ଭୂତ

Source: Author, Digitized by PPRACHIN, SOA

ମହତାକାଂକ୍ଷୀ, ଲୋଭମୋହରେ ଜର୍ଜରିତ ଧୃତରାଷ୍ଟ୍ରମାନଙ୍କର ଅଭାବ ନାହିଁ ସମାଜରେ; ନୀଚକୁଳ ସମ୍ଭୂତ ହୋଇମଧ୍ୟ ଲୋଭ, ମୋହଶୂନ୍ୟ ବିଦୁରମାନେ ଜଗତରେ ରହିଛନ୍ତି।

ପ୍ରାରବ୍ଧର ଫଳାଫଳ ସପକ୍ଷରେ ଏବଂ ବିପକ୍ଷରେ ଅନେକ ଯୁକ୍ତି ଥାଇପାରେ, କିନ୍ତୁ ପୁଣ୍ୟକର୍ମ ଏବଂ ପାପକର୍ମର ଫଳ ଯେ ହଠାତ୍ ଫଳେ ନାହିଁ, ଏହାର ଅନେକ ଦୃଷ୍ଟାନ୍ତ ଅଛି।

-୦-

(୧୯)

ପରିସ୍ରାରେ ଭାସିଗଲା ବଟବୃକ୍ଷ

ଯେଉଁ ଦିନ ପଣ୍ଡୁ ହସ୍ତିନାର ସିଂହାସନରେ ଅଭିଷିକ୍ତ ହେଲେ 'ଜୟ ହସ୍ତିନା ଅଧିପତି ପଣ୍ଡୁଙ୍କର ଜୟ' ନିନାଦରେ ହସ୍ତିନା ଆକାଶ ପ୍ରକମ୍ପିତ ହେଲା। ସେ ଜୟନାଦ ହତାଶାର ଲୌହଶେଳ ରୂପ ଧାରଣ କରି ଧୃତରାଷ୍ଟ୍ରଙ୍କ ହୃଦୟକୁ ବିଦୀର୍ଣ୍ଣ କଲା।ସେ ନିଜ ଭାଗ୍ୟକୁ ନିନ୍ଦା କଲେ। ନିନ୍ଦାକଲେ ନିଜର ପୂର୍ବଜନ୍ମର କର୍ମଫଳକୁ। ନିନ୍ଦା କରୁଥିଲେ କାଳର ସେହି ଦୁର୍ଭାଗ୍ୟପୂର୍ଣ୍ଣ ମୁହୂର୍ତ୍ତକୁ ଯେତେବେଳେ ସେ ମାତୃଗର୍ଭରେ ସଂଚରିତ ହୋଇଥିଲେ।

ହସ୍ତିନା ସିଂହାସନରେ ଅଭିଷିକ୍ତ ହେବା ପରେ ପଣ୍ଡୁ ଶାନ୍ତିରେ ରାଜ୍ୟ ପାଳନ କଲେ। ପିତାମହ ଭୀଷ୍ମ ଯାହାର ସହାୟକ ତାର ଆଉ ଚିନ୍ତା କଣ? ଦିନେ ସତ୍ୟବତୀ ଭୀଷ୍ମଙ୍କୁ ପାଖକୁ ଡାକି ପଚାରିଲେ... ହସ୍ତିନାର ସମ୍ବାଦ ଆଉ କ'ଣ ପୁତ୍ର?

ଭୀଷ୍ମ ଉତ୍ତର ଦେଲେ... ହସ୍ତିନାରେ ଅଖଣ୍ଡ ଶାନ୍ତିର ରାଜତ୍ୱ ମାତେ ! ଅଳ୍ପଦିନରେ ସମଗ୍ର ଭାରତ ବର୍ଷ ପଣ୍ଡୁଙ୍କର ପଦାନତ ହେବ।

ସତ୍ୟବତୀ କହିଲେ... ମନେହୁଏ, ମା'ମନର ଚିନ୍ତା ଅପେକ୍ଷା ତୁମପାଇଁ ରାଜ୍ୟଜୟ ଚିନ୍ତା ଅଧିକ ଗୁରୁତ୍ୱପୂର୍ଣ୍ଣ ପୁତ୍ର ଭୀଷ୍ମ।

ଭୀଷ୍ମ ପାଲଟା ପ୍ରଶ୍ନରେ ପଚାରିଲେ... ମୁଁ ବୁଝି ପାରିଲି ନାହିଁ ଜନନୀ।କଣ କହିବାକୁ ଚାହାଁନ୍ତି ଆପଣ?

ସତ୍ୟବତୀ କହିଲେ... ମୋର ପୌତ୍ରମାନଙ୍କ ପାଇଁ ବଧୂ ଅନ୍ୱେଷଣ କରିବା କଥା ତୁମେ କେବେ ଚିନ୍ତା କରିଛ ପୁତ୍ର ଭୀଷ୍ମ?

Source: Author, Digitized by PPRACHIN, SOA

ଭୀଷ୍ମ କହିଲେ... ମୁଁ ଅନେକବାର ଚିନ୍ତା କରିଛି ମାତାଶ୍ରୀ, କିନ୍ତୁ କୌଣସି ନିର୍ଣ୍ଣୟରେ ପହଞ୍ଚି ପାରିନାହିଁ। ପଣ୍ଡୁଙ୍କର ବିବାହ ପୂର୍ବରୁ ଜ୍ୟେଷ୍ଠ କୁରୁପୁତ୍ର ଧୃତରାଷ୍ଟ୍ରଙ୍କର ବିବାହ ଆବଶ୍ୟକ; କିନ୍ତୁ ଧୃତରାଷ୍ଟ୍ର ଯେ ଚକ୍ଷୁହୀନ।

ସତ୍ୟବତୀ କହିଲେ... କୌଣସି ପ୍ରକାରେ ତ ଧୃତରାଷ୍ଟ୍ରଙ୍କ ପାଇଁ ବଧୂ ଅନ୍ୱେଷଣ କରିବାକୁ ପଡ଼ିବ ପୁତ୍ର।

କିଛି ସମୟ ପାଇଁ ଚିନ୍ତାରେ ବୁଡ଼ିଗଲେ ଭୀଷ୍ମ। ତାପରେ କହିଲେ... ମାତେ ! ଭାରତ ଭୂଖଣ୍ଡର ଉତ୍ତର ପଶ୍ଚିମରେ ଗାନ୍ଧାର ନାମକ ଯେଉଁ ରାଜ୍ୟ ଅଛି ତା'ର ରାଜକୁମାରୀ ଗାନ୍ଧାରୀ ଅତ୍ୟନ୍ତ ସୁନ୍ଦରୀ, ସର୍ବଗୁଣସଂପନ୍ନା ଏବଂ ଶିବପୂଜାରିଣୀ। ସେ ଧୃତରାଷ୍ଟ୍ରଙ୍କ ପାଇଁ ହେବେ ଉପଯୁକ୍ତ ବଧୂ।

କିନ୍ତୁ ଗାନ୍ଧାର ନରେଶ 'ସୁବଳ' ତ ହସ୍ତିନା ସହିତ ଯୁଦ୍ଧରେ ଗୁରୁତର ଭାବରେ ପରାସ୍ତ ହୋଇ ହସ୍ତିନାର ଶତ୍ରୁ ପାଲଟି ଯାଇଛନ୍ତି, ସେ କାହିଁକି ତାଙ୍କର ଏତେ ସୁନ୍ଦରୀ ଗୁଣବତୀ କନ୍ୟାକୁ ଅନ୍ଧ, ରାଜ୍ୟହୀନ, ପରିବାରର ଦୟାରେ ପାଳିତ ଏକ ହତଭାଗ୍ୟ ରାଜପୁତ୍ରକୁ କନ୍ୟା ଦାନକରିବେ ଭୀଷ୍ମ ! ହତାଶ କଣ୍ଠରେ କହିଲେ ସତ୍ୟବତୀ।

ଭୀଷ୍ମ କହିଲେ... ପରିସ୍ଥିତି ତାଙ୍କୁ ବିବଶ କରିବ ମାତେ ! ହସ୍ତିନାର ଶକ୍ତି ତାଙ୍କୁ ବିବଶ କରିବ, ହସ୍ତିନା ପ୍ରତି ଭୟ ତାଙ୍କୁ ବିବଶ କରିବ। ଏପର୍ଯ୍ୟନ୍ତ ଗାନ୍ଧାର ନରେଶ ଭୁଲି ପାରି ନଥିବେ କିଭଳି ହସ୍ତିନା ସହିତ ଯୁଦ୍ଧରେ ପରାସ୍ତ ହୋଇ ଶୃଙ୍ଖଳିତ ହୋଇ ସେ ଭୀଷ୍ମ ସମକ୍ଷରେ ନତଜାନୁ ହୋଇ କ୍ଷମା ପ୍ରାର୍ଥନା କରିଥିଲେ ଏବଂ ସନ୍ଧିସର୍ତ୍ତରେ ହସ୍ତାକ୍ଷର କରିଥିଲେ। ହସ୍ତିନା ସହିତ ବନ୍ଧୁତା କରି ନିରାପତ୍ତା ପାଇବା ଆଶାରେ ସେ ନିଶ୍ଚିତ ଭାବରେ ସମ୍ମତ ହେବେ।

'ତେବେ ଆଉ କାଳ ବିଳମ୍ବ ନକରି ଗାନ୍ଧାର ଅଭିମୁଖେ ଯାତ୍ରା ଆରମ୍ଭକର ପୁତ୍ର', କହିଲେ ରାଜମାତା ସତ୍ୟବତୀ।

ଗାନ୍ଧାର ରାଜପ୍ରସାଦରେ ପହଞ୍ଚିବା ସମୟରେ ସୁବଳ, ପୁତ୍ର ଶକୁନି ସହିତ ପଶା ଖେଳରେ ମଗ୍ନଥିଲେ।ଗଙ୍ଗାପୁତ୍ରଙ୍କୁ ସସମ୍ମାନେ ପାଛୋଟି ନେଇ କୁଶଳ ଜିଜ୍ଞାସା କଲେ ଗାନ୍ଧାର ନରେଶ ସୁବଳ।ସେ ସମ୍ମାନ ଭିତରେ ଲୁଚି ରହିଥିଲା ଗୋଟିଏ ବଡ଼ ଶକ୍ତି ଆଗରେ ଛୋଟ ଶକ୍ତିର ଭୟ, ସିଂହ ଆଗରେ ଇତର ପ୍ରାଣୀଙ୍କ ବିବଶତା। ଉତ୍ତମ ସୁମିଷ୍ଟ ଅଙ୍ଗୁର ରସରେ ଆପ୍ୟାୟିତ କରିବାପରେ ବିନୀତ ଭାବରେ ଆଗମନର ଉଦ୍ଦେଶ୍ୟ ପଚାରିଲେ ସୁବଳ।

ସୁମିଷ୍ଟ ଫଳରସର ମଧୁରତାକୁ ପ୍ରଶଂସା କରୁ କରୁ ଗଙ୍ଗା ପୁତ୍ର କହିଲେ... ଏହାଠାରୁ

Source: Author, Digitized by PPRACHIN, SOA

ମଧ୍ୟ ମଧୁର ସଂପର୍କ ହସ୍ତିନା ଓ ଗାନ୍ଧାର ଭିତରେ ପ୍ରତିଷ୍ଠା କରିବା ପାଇଁ ମୁଁ ଆସିଛି ଆର୍ଯ୍ୟ ସୁବଳ; ହସ୍ତିନାର ଜ୍ୟେଷ୍ଠ ରାଜପୁତ୍ର ମହାବଳୀ ଧୃତରାଷ୍ଟ୍ରଙ୍କ ସହିତ ଆପଣଙ୍କ କନ୍ୟାରତ୍ନ ଗାନ୍ଧାରୀ ସହିତ ବିବାହ ପ୍ରସ୍ତାବ ନେଇ ମୁଁ ଆସିଛି ।

ଚମକି ପଡିଲେ ସୁବଳ,ଚମକି ପଡିଲେ ତାଙ୍କ ପୁତ୍ର ଶକୁନି ।

କିନ୍ତୁ ଆପଣଙ୍କ ତଥାକଥିତ ମହାବଳୀ ଧୃତରାଷ୍ଟ୍ର ତ ଜନ୍ମାନ୍ଧତା ଯୋଗୁଁ 'ମହା ଅସହାୟ' । ଏହି ଅସହାୟତା ତାଙ୍କୁ ରାଜସିଂହାସନ ଅଧିକାରରୁ ବଞ୍ଚିତ କରିଛି । ବର୍ତ୍ତମାନ ସେ ସାନଭାଇ ପଣ୍ଡୁଙ୍କ ଦୟାର ପାତ୍ର ।ସର୍ବଗୁଣ ସଂପନ୍ନା ମୋର ଭଗ୍ନିର ବିବାହ ପ୍ରସ୍ତାବ ଆପଣ ଧୃତରାଷ୍ଟ୍ରଙ୍କ ପାଇଁ ନଆଣି ପଣ୍ଡୁଙ୍କ ପାଇଁ ଆଣିଥିଲେ ଆମେ ଆନନ୍ଦିତ ହୋଇଥାନ୍ତୁ ଗାଙ୍ଗେୟ । ଏପରି ରାଜ୍ୟହୀନ ଅନ୍ଧ ରାଜପୁତ୍ରଙ୍କୁ କେଉଁ ରାଜକୁମାରୀ ପତି ପଦରେ ଗ୍ରହଣ କରିବ ? ପ୍ରଶ୍ନକଲେ ଶକୁନି ।

ଭୀଷ୍ମ ଗର୍ଜନ କରି ଉଠିଲେ... ଆପଣ ହସ୍ତିନାର ଜ୍ୟେଷ୍ଠ ରାଜକୁମାରଙ୍କର ଅବମାନନା କରୁଛନ୍ତି ରାଜକୁମାର ଶକୁନି । ଏହାର ପରିଣତି ଭୟାବହ ହୋଇପାରେ ।

ଶକୁନିଙ୍କ ଅସନ୍ତୋଷ ଗଙ୍ଗାପୁତ୍ରଙ୍କୁ ବିରକ୍ତ କରିବା ଦେଖି ଶକୁନିଙ୍କୁ ଶାନ୍ତ ହେବାପାଇଁ ନିର୍ଦ୍ଦେଶ ଦେଲେ ସୁବଳ । ବିନୟତା ପୂର୍ବକ ସୁବଳ କହିଲେ... ହେ ଜ୍ଞାନଶ୍ରେଷ୍ଠ ଗଙ୍ଗାପୁତ୍ର ! ଆପଣ ଜାଣନ୍ତି ଯେ 'କନ୍ୟା ବରୟତେ ରୂପମ୍' । ସେଥିପାଇଁ ତ ଆର୍ଯାବର୍ତ୍ତରେ ସ୍ୱୟମ୍ବର ବିଧାନ ରହିଛି । କନ୍ୟାର ସମ୍ମତି ବିନା ଏ ବିବାହ କଣ ସମ୍ଭବ ଗଙ୍ଗାପୁତ୍ର ?

ଅନ୍ତରାଳରେ ଥାଇ ସମସ୍ତ କଥୋପକଥନ ଶୁଣୁଥିଲେ ଗାନ୍ଧାରୀ । ସମ୍ମୁଖକୁ ଆସି ଭୀଷ୍ମଙ୍କ ପାଦବନ୍ଦନା କରି ପିତାଙ୍କୁ ନିଜର ସମ୍ମତି ଶୁଣାଇ ଗାନ୍ଧାରୀ କହିଲେ... ମୁଁ ଏହି ବିବାହ ପ୍ରସ୍ତାବରେ ସମ୍ମତ, ମୁଁ ଧୃତରାଷ୍ଟ୍ରଙ୍କୁ ହିଁ ବିବାହ କରିବି । ସେ ନେତ୍ରହୀନ ହେଲେ ମଧ୍ୟ ମୋର ଦୁଃଖ ନାହିଁ । ନେତ୍ରବାନ ବ୍ୟକ୍ତି ସୌନ୍ଦର୍ଯ୍ୟକୁ ନେତ୍ର ଦ୍ୱାରା ଦେଖେ, କିନ୍ତୁ ନେତ୍ରହୀନ ତାହା ହୃଦୟଦ୍ୱାରା ଦେଖେ । ମୋର ଏ ରୂପ ମଳିନ ପଡିଗଲେ ମଧ୍ୟ ଧୃତରାଷ୍ଟ୍ରଙ୍କ ମନଶ୍ଚକ୍ଷୁରେ ମୁଁ ଚିରଦିନ ଅମଳିନ ଶାଶ୍ୱତ ସୁନ୍ଦର ହୋଇ ରହିଥିବି । ଏହି ମୁହୂର୍ତ୍ତରୁ ମୁଁ ତାଙ୍କୁ ପତି ରୂପରେ ବରଣ କରୁଛି ।ଯେହେତୁ ଧୃତରାଷ୍ଟ୍ର ନେତ୍ରହୀନ, ମୁଁ ତାଙ୍କ ସମକକ୍ଷ ହେବାପାଇଁ ଏହି ମୁହୂର୍ତ୍ତରୁ ନିଜ ଆଖି ଦୁଇଟି ଚିରଦିନ ପାଇଁ ଆଚ୍ଛାଦିତ କରିଦେଉଛି । ଏହା କହି ନିଜର ଦୁଇ ଆଖିକୁ ବସ୍ତ୍ର ଦ୍ୱାରା ବାନ୍ଧି ଦେଲେ ଗାନ୍ଧାରୀ । ଭୀଷ୍ମଙ୍କୁ ଗାନ୍ଧାରୀଙ୍କର ଏହି ପଦକ୍ଷେପ ଗଭୀର ଭାବରେ ପ୍ରଭାବିତ କଲା । ବିରକ୍ତରେ ଶକୁନି ସେ ସ୍ଥାନ ତ୍ୟାଗକରି ଚାଲିଗଲେ ।

ଅନେକଙ୍କ ମତରେ ଏହି ଘଟଣା ହିଁ ଥିଲା ଭବିଷ୍ୟତରେ ଘଟିବାକୁଥିବା ମହାଭାରତ

Source: Author, Digitized by PPRACHIN, SOA

ଯୁଦ୍ଧର ମୂଳଦୁଆ ।ଜଣେ ଅନ୍ଧ ରାଜପୁତ୍ରଙ୍କୁ ବିବାହ କରିବାପାଇଁ ନିଷ୍ପତ୍ତି ନେବା ସମୟରେ ଏବଂ ନିଜ ଆଖିରେ ଆଜନ୍ମ ପଟି ବାନ୍ଧିବା ନିଷ୍ପତ୍ତି ନେବା ସମୟରେ ରାଜକୁମାରୀଙ୍କ ମନଭିତରେ କଣ ଘଟିଯାଇଥିବ ତାହା ମହାଭାରତରେ ବର୍ଣ୍ଣନା କରାଯାଇନାହିଁ, କିନ୍ତୁ 'ଇରାବତୀ କାର୍ଭେ' (famous writer and anthropologist from Maharastra)ଙ୍କ ଭଳି ଅନେକ ବିଜ୍ଞ ଲେଖକ ଏବଂ ସମାଲୋଚକଙ୍କ ମତରେ ଭୀଷ୍ମଙ୍କର ଗାନ୍ଧାରରାଜ୍ୟ ପ୍ରତି ମନୋବୃତ୍ତି (ଡରାଇବା) ବିରୁଦ୍ଧରେ ଗାନ୍ଧାରୀ ଏହି ପଦକ୍ଷେପ ନେଇଥିଲେ । ହସ୍ତିନାର ଶକ୍ତି ତୁଳନାରେ ଗାନ୍ଧାର ଏକ କ୍ଷୁଦ୍ର ରାଜ୍ୟ ଥିଲା । ହସ୍ତିନାର ଆକ୍ରମଣରୁ ଗାନ୍ଧାରକୁ ରକ୍ଷା କରିବାକୁ ହେଲେ ତା ସହିତ ବନ୍ଧୁତା ସ୍ଥାପନ କରିବାକୁ ହେବ ଏବଂ ବୈବାହିକ ସମ୍ବନ୍ଧ ଭଳି ଦୃଢ଼ ସମ୍ବନ୍ଧ ସ୍ଥାପନ କରିବାକୁ ହେବ ।

ନିଜର ପ୍ରିୟ ଭଉଣୀକୁ ଜଣେ ରାଜ୍ୟହୀନ ଅନ୍ଧ ରାଜପୁତ୍ର ସହିତ ବିବାହ କରାଇଥିବାରୁ ପିତାମହ ଭୀଷ୍ମଙ୍କୁ ଏବଂ ହସ୍ତିନାକୁ କ୍ଷମା ଦେଇପାରିଲେ ନାହିଁ ଶକୁନି ।କଳେବଳେ କୌଶଳେ କୁରୁବଂଶ ଧ୍ୱଂସ କରିବା ପଣ ସେ ସେହିଦିନ ଠାରୁ ମନରେ ପୋଷଣ କଲେ । ସେଥିପାଇଁ ହସ୍ତିନାର ରାଜପ୍ରସାଦକୁ ସେ ନିଜର କର୍ମଭୂମି ଭାବରେ ବାଛିନେଲେ ।ନିଜ ଭଣଜା ଏକଶତ କୁରୁ ରାଜପୁତ୍ରଙ୍କୁ ପଣ୍ଡୁପୁତ୍ର ମାନଙ୍କ ବିରୁଦ୍ଧରେ ପ୍ରରୋଚିତ କରି ସେ ମହାଭାରତ ଯୁଦ୍ଧର ମୂଳଦୁଆ ପକାଇଥିଲେ । ସାଧାରଣତଃ ମହାଭାରତର ଚାରିଜଣ ବ୍ୟକ୍ତି ପାଣ୍ଡବମାନଙ୍କର ପରମ ଶତ୍ରୁ ଭାବରେ ପରିଗଣିତ ହୁଅନ୍ତି ଯଥା... ଦୁର୍ଯ୍ୟୋଧନ, ଦୁଃଶାସନ, କର୍ଣ୍ଣ, ଶକୁନି । କିନ୍ତୁ ବାସ୍ତବରେ ଶକୁନିଙ୍କୁ ଶତ୍ରୁ ଭାବରେ ଧରାଯିବ ନାହିଁ। କୌରବ ମାନଙ୍କ ବଂଶ ଧ୍ୱଂସ କରିବା ପାଇଁ ପଣ ନେଇ ପାଣ୍ଡବ ମାନଙ୍କର ହିତୈଶୀ ଭାବରେ ସେ କାର୍ଯ୍ୟ କରୁଥିଲେ ।

ଶାରଳା ମହାଭାରତରେ ଶକୁନିଙ୍କ ପ୍ରତିଶୋଧ ବିଷୟରେ ଏକ ଭିନ୍ନ ଉପାଖ୍ୟାନ ରହିଛି ।ସେ କାହାଣୀ ଅନୁସାରେ ଦୁର୍ଯୋଧନ ଏବଂ ଭୀମଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗି ରହୁଥିଲା । ଏକଦା ଦୁର୍ଯ୍ୟୋଧନ ଭୀମଙ୍କୁ ଅପମାନିତ କରିବାପାଇଁ ଜାରଜ ସନ୍ତାନ 'ପବନ ନନ୍ଦନ' ବୋଲି ସମ୍ବୋଧନ କରିବାରୁ ଭୀମ ଦୁର୍ଯ୍ୟୋଧନକୁ ବିଧବା ପୁତ୍ର 'ଗୋଲକ ନନ୍ଦନ' ବୋଲି ପ୍ରତିସମ୍ବୋଧନ କଲେ । ଏହାର ଅର୍ଥ ଖୋଜିବାକୁଯାଇ ଦୁର୍ଯୋଧନ ଜାଣି ପାରିଲେ ଯେ ତାଙ୍କ ମାତା ଗାନ୍ଧାରୀ, ଉଆଁସୀ କନ୍ୟା ଦୋଷ କଟାଇବା ପାଇଁ ବିବାହ ପୂର୍ବରୁ ପ୍ରଥମେ ଗୋଲକ ବା ସାହାଡ଼ା ଗଛକୁ ବିବାହ କରିଥିଲେ । ବିବାହ ପରେ ପରେ ସାହାଡ଼ା ଗଛଟି ମରିଯାଇଥିଲା ।ପରେ ଧୃତରାଷ୍ଟ୍ରଙ୍କ ସହିତ ତାଙ୍କର ବିବାହ ସଂଘଟିତ ହୋଇଥିଲା ।

Source: Author, Digitized by PPRACHIN, SOA

ଏହି ଘଟଣା ଜ୍ଞାତସାରକୁ ଆସିବା ପରେ ଦୁର୍ଯ୍ୟୋଧନ ମାତୁଳାଳୟ ଉପରେ ଭୀଷଣ କ୍ରୋଧିତ ହୋଇ ରାଜା ସୁବଳଙ୍କ ସହିତ ତାଙ୍କ ଏକଶତ ପୁତ୍ରଙ୍କୁ ବନ୍ଦୀକରି କାରାଗାରରେ ନିକ୍ଷେପ କଲେ।ବନ୍ଦୀ ମାନଙ୍କୁ ଖାଦ୍ୟ ପରିମାଣ ଧୀରେ ଧୀରେ କମ କରି ଦିଆଯାଉଥିଲା।ପୁତ୍ର ମାନଙ୍କ ଭିତରେ ଶକୁନି ସମସ୍ତଙ୍କ ଠାରୁ ବୁଦ୍ଧିମାନ ଥିବାରୁ ସୁବଳ ତାଙ୍କୁ ବଞ୍ଚାଇ ରଖିବାକୁ ଚାହୁଁ ଥିଲେ।ତେଣୁ ଯାହା କିଛି ଖାଦ୍ୟ ଆସୁଥିଲା ସେ ଅନ୍ୟ ମାନଙ୍କଠାରୁ କାଟି ଶକୁନିଙ୍କୁ ଦେଉଥିଲେ।ଧୀରେ ଧୀରେ ସବୁ ଭାଇ ଓ ପିତାଙ୍କ ମୃତ୍ୟୁ ଘଟିଲା। ପିତାଙ୍କ ଶରୀରର ହାଡ଼ରେ ଶକୁନି ପଶାକାଠି ତିଆରି କରି ରଖିଲେ।

ଥରେ ମାମୁଁ ଶକୁନିଙ୍କ ଅସୀମ ବୁଦ୍ଧିମତାର ପରିଚୟ ପାଇଲେ ଦୁର୍ଯୋଧନ।କଥାଟି ଏହିପରି ଥିଲା... ଥରେ ଦୁର୍ଯ୍ୟୋଧନ ପରିସ୍ରା କରିବା ସମୟରେ ପରିସ୍ରା ସ୍ରୋତରେ ବରଗଛର ମଞ୍ଜି ଭାସି ଗଲା। ଦୁର୍ଯ୍ୟୋଧନ ହସିଦେଲେ। ଏହି ଘଟଣା ଦେଖୁଥିବା ଗୋଟିଏ ଦାସୀ ରାଜପୁତ୍ରଙ୍କୁ ହସିବାର ଦେଖି କାରଣ ନଜାଣି ହସିଦେଲା। ଦୁର୍ଯ୍ୟୋଧନ ଏପରି ହସିବାର କାରଣ ପଚାରିବାରୁ ଦାସୀ ଉତ୍ତର ଦେଇ ପାରିଲା ନାହିଁ। କ୍ରୋଧିତ ହୋଇ ଦୁର୍ଯ୍ୟୋଧନ ଦାସୀକୁ କହିଲେ... କାଲି ସକାଳ ସୁଦ୍ଧା ତୁ ଯେବେ ଏହାର ଉତ୍ତର ଦେଇ ନପାରିବୁ ତାହେଲେ ତୋର ମୁଣ୍ଡକାଟ ହେବ।

ଯୋଗକୁ ସେ ଦାସୀଟି କାରାଗାର ପରିଚାରିକା ଥିଲା। ସେଦିନ ବନ୍ଦୀ ଶକୁନିଙ୍କ ପାଇଁ ଖାଦ୍ୟ ଦେବା ସମୟରେ ଦାସୀ ନିଜର ଦୁର୍ଭାଗ୍ୟ ବର୍ଣ୍ଣନା କରି କହିଲା... ହେ ବନ୍ଦୀ, ଆଜି ତୁମ ସହିତ ମୋର ଶେଷ ସାକ୍ଷାତ।

ଦାସୀଠାରୁ ସବୁ ଶୁଣିବା ପରେ ଶକୁନି କହିଲେ..ଏହାର ଉତ୍ତର ମୋତେ ଜଣାଅଛି।ତୁ ଦୁର୍ଯ୍ୟୋଧନଙ୍କୁ କହିବୁ... ପରିସ୍ରା କରିବା ସମୟରେ ବଟବୃକ୍ଷର ମଞ୍ଜି ଭାସିଯିବା ଦେଖି ଆପଣ ଭାବିଲେ ଏତେ ବିଶାଳ ବୃକ୍ଷ କେତେ ଝଡଝଞ୍ଜା ବନ୍ୟାର ପ୍ରକୋପରେ ଦୃଢ଼ ଅଚଳ ଅଟଳ ହୋଇରହିଛି, ଅଥଚ ବିଶାଳ ବୃକ୍ଷକୁ ସୃଷ୍ଟି କରୁଥିବା ମଞ୍ଜି ମନୁଷ୍ୟର ପରିସ୍ରା ଧାରରେ ବହି ଯାଉଛି ! ତେଣୁ ଆପଣ ହସିଲେ, ଆପଣ ହସିବାରୁ ମୁଁ ହସିଲି।

ଶକୁନି କହିବା ଅନୁସାରେ ଦାସୀ ତାର ଉତ୍ତର ଦୁର୍ଯ୍ୟୋଧନଙ୍କ ପାଖରେ ରଖିଲା। ଦୁର୍ଯ୍ୟୋଧନ ଉତ୍ତର ଶୁଣି ଆନନ୍ଦିତ ହେଲେ କିନ୍ତୁ ଦାସୀକୁ କହିଲେ... ଏହା ତୋ ବୁଦ୍ଧି ନୁହେଁ,କହ କାହାର ବୁଦ୍ଧିରେ ତୁ ଏହା କହୁଛୁ।

ଦାସୀ ଶକୁନିଙ୍କ ନାମ ଉଲ୍ଲେଖ କରିବାରୁ ଦୁର୍ଯ୍ୟୋଧନ ଭାବିଲେ ଏତେବଡ଼ ବୁଦ୍ଧିମାନ ବ୍ୟକ୍ତି ରାଜଦରବାର ପାଇଁ ଉପଯୁକ୍ତ। ଏହାପରେ ସେ ମାମୁଁ ଶକୁନିଙ୍କୁ

Source: Author, Digitized by PPRACHIN, SOA

ବନ୍ଦୀଶାଳାରୁ ମୁକ୍ତିଦେଇ ନିଜ ପରାମର୍ଶ ଦାତା ଭାବରେ ନିଯୁକ୍ତି ଦେଲେ। ଶକୁନିଙ୍କ ମନରେ ପ୍ରତିଶୋଧ ଅଗ୍ନି ଜଳୁଥିଲା। ପିତାଙ୍କ ଶରୀରର ହାଡ଼ରେ ତିଆରି ପଶାକାଠି ହେଲା ତାଙ୍କର ଅବ୍ୟର୍ଥ ଅସ୍ତ୍ର। ତା' ସାହାଯ୍ୟରେ ସେ ଆଗେଇ ଗଲେ କୁରୁକୁଳ ଧ୍ୱଂସ କରିବାପାଇଁ।

ଶାରଳାଦାସଙ୍କର ଏହି ଉପାଖ୍ୟାନ ମୂଳ ମହାଭାରତରେ ନାହିଁ। ଏହା ମଧ୍ୟ କିଛିଟା ଅବାସ୍ତବ ଲାଗେ; ରାଜପୁତ୍ର କାହିଁକି ବରଗଛ ତଳେ ପରିସ୍ରା କରିବେ !!

ସେ ଯାହାହେଉ, ଅପୂର୍ବ ମହାଭାରତର ଏହା ଅପୂର୍ବ କାହାଣୀ; ତାକୁ କାଳକ୍ରମେ ବିଭିନ୍ନ ଆଞ୍ଚଳିକ ଲେଖକ ପାଠକୀୟ ଆଦୃତି ପାଇଁ, ବିଷୟ ବସ୍ତୁରେ ସାମାନ୍ୟ ପରିବର୍ତ୍ତନ କରି ନିଜର କଳ୍ପନା ପୁଟ ଦେଇଛନ୍ତି ଏବଂ ତାହା ବିପୁଳ ଆଦୃତି ଲାଭ କରିଛି ମଧ୍ୟ।

-୦-

(୨୦)

ଭାଗ୍ୟହୀନ ରାଜପୁତ୍ର

ଗାନ୍ଧାରୀଙ୍କ ସହିତ ଧୃତରାଷ୍ଟ୍ରଙ୍କର ବିବାହ ଉତ୍ସବ ମହାସମାରୋହରେ ପାଳିତ ହେଲା। ଏହା ପରେ ପିତାମହ ଭୀଷ୍ମ, ହସ୍ତିନାସମ୍ରାଟ ପଣ୍ଡୁଙ୍କ ପାଇଁ କନ୍ୟା ଅନ୍ୱେଷଣରେ ବ୍ୟସ୍ତ ଥିଲେ। ଇତି ମଧ୍ୟରେ ରାଜା କୁନ୍ତିଭୋଜ ନିଜ ପାଳିତା କନ୍ୟା କୁନ୍ତୀଙ୍କ ପାଇଁ ସ୍ୱୟଂବର ଆୟୋଜନ କଲେ। କୁନ୍ତିଭୋଜଙ୍କ ଆମନ୍ତ୍ରଣପାଇ ରାଜା ପଣ୍ଡୁ, ସ୍ୱୟଂବରରେ ଯୋଗଦାନ କରିବା ପାଇଁ ତାଙ୍କ ରାଜ୍ୟ ଅଭିମୁଖେ ଯାତ୍ରା କଲେ। ରାଜକନ୍ୟା କୁନ୍ତୀ ଅତ୍ୟନ୍ତ ରୂପବତୀ ଓ ଗୁଣବତୀ ଥିଲେ। ସମଗ୍ର ଆର୍ଯ୍ୟାବର୍ତ୍ତ ତାଙ୍କ ରୂପଗୁଣର ପ୍ରଶଂସାରେ ମୁଖରିତ ହେଉଥିଲା।

ରାଜକନ୍ୟା କୁନ୍ତୀ ବିବାହ ପୂର୍ବରୁ ତାଙ୍କ ଜୀବନରେ ଘଟିଥିବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଗୁପ୍ତ ରଖିଥିଲେ। ଘଟଣାଟି ଥିଲା ଏହିପରି...

କୁନ୍ତୀ, ଯାଦବ-ବୀର ଆର୍ଯ୍ୟ ସୁରସେନଙ୍କର କନ୍ୟା ତଥା ବସୁଦେବଙ୍କ ଭଉଣୀ ଥିଲେ। ତେଣୁ ସଂପର୍କରେ ସେ ଶ୍ରୀକୃଷ୍ଣଙ୍କର ପିଉସୀ। କୁନ୍ତିଭୋଜଙ୍କର କନ୍ୟା ନଥିବାରୁ ସେ ସଂପର୍କୀୟ ଭାଇ ସୁରସେନଙ୍କ ଠାରୁ ତାଙ୍କୁ ପାଳିତା କନ୍ୟାରୂପେ ଗ୍ରହଣ କରିଥିଲେ। ତାଙ୍କର ପ୍ରକୃତ ନାମ ଥିଲା ପୃଥା। କୁନ୍ତୀଙ୍କ ରୂପଗୁଣରେ ମୁଗ୍ଧ ରାଜା କୁନ୍ତିଭୋଜ ଝିଅକୁ ଅତ୍ୟନ୍ତ ଭଲ ପାଉଥିଲେ। ଏକଦା ଦୁର୍ବାସା ଋଷି କୁନ୍ତିଭୋଜଙ୍କ ପ୍ରାସାଦକୁ ଆସିଥିଲେ

Source: Author, Digitized by PPRACHIN, SOA

କିଛିଦିନ ରାଜ-ଅତିଥି ଭାବରେ ସମୟ ବିତାଇବା ପାଇଁ। ପ୍ରାୟ ଏକ ବର୍ଷ କାଳ ସେ କୁନ୍ତଭୋଜ ରାଜ୍ୟରେ ଅବସ୍ଥାନ କଲେ। 'କ୍ଷଣକୋପୀ' ଗୁଣ ପାଇଁ ଦୁର୍ବାସା ପ୍ରସିଦ୍ଧ ଥିଲେ। ସେବାରେ ସାମାନ୍ୟ ବ୍ୟତିକ୍ରମ ହେଲେ କ୍ରୋଧିତ ହୋଇ ଅଭିଶାପ ଦେବା ତାଙ୍କ ପାଇଁ ସାଧାରଣ କଥା ଥିଲା, କିନ୍ତୁ ଅଭିଶାପ ପାଇବା ବ୍ୟକ୍ତି ଗୁରୁତରଭାବେ କ୍ଷତିଗ୍ରସ୍ତ ହେଉଥିଲା।। ତେଣୁ ଋଷିଙ୍କ ସେବାରେ ଯେପରି ତିଳମାତ୍ର ବ୍ୟତିକ୍ରମ ନହୁଏ, ସେଥିପ୍ରତି ଦୃଷ୍ଟି ଦେବାପାଇଁ କନ୍ୟାକୁ ନିର୍ଦ୍ଦେଶ ଦେଇଥିଲେ ରାଜା କୁନ୍ତଭୋଜ। ମନପ୍ରାଣ ଢାଳି ମହର୍ଷି ଦୁର୍ବାସାଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ କୁନ୍ତୀ।

କୁନ୍ତୀଙ୍କ ସେବାରେ ଅତ୍ୟନ୍ତ ପ୍ରସନ୍ନ ଥିଲେ ଦୁର୍ବାସା। ତପୋବଳରୁ, ଆଗତ ସମୟରେ କୁନ୍ତୀଙ୍କ ଭାବିସ୍ୱାମୀ ପଣ୍ଡୁଙ୍କ ଉପରେ ଘଟିବାକୁ ଯାଉଥିବା ଦୁର୍ଭାଗ୍ୟ ବିଷୟରେ ଆଭାସ ପାଇଥିଲେ ଦୁର୍ବାସା। ତେଣୁ ସେ କୁନ୍ତୀଙ୍କୁ ଗୋଟିଏ ଅଭିମନ୍ତ୍ରିତ ମାଳା ପ୍ରଦାନ କରିଥିଲେ। ସେହି ମାଳାଟି ଧରି ମନ୍ତ୍ର ଉଚ୍ଚାରଣ କରି ଇପ୍ସିତ ପୁରୁଷଙ୍କୁ ଆବାହନ କଲେ ସେ ଆସି ପୁତ୍ର ପ୍ରଦାନ କରିବେ, ଏହା ଥିଲା ସେ ମାଳାର ବିଶେଷତ୍ୱ।

ମହର୍ଷି ଦୁର୍ବାସାଙ୍କ ପ୍ରସ୍ଥାନ ପରେ କୁନ୍ତୀଙ୍କ ମନରେ କୌତୁହଳ ଆସିଲା। ଋଷିଙ୍କ ବାକ୍ୟର ସତ୍ୟତା ଜାଣିବାପାଇଁ ସେ ମନ୍ତ୍ର ପାଠ କରି ସୂର୍ଯ୍ୟଦେବଙ୍କୁ ଆବାହନ କଲେ। ମନ୍ତ୍ର ଫଳବତୀ ହେଲା। ସଙ୍ଗେ ସଙ୍ଗେ ଅଂଶୁମାନ କୁନ୍ତୀଙ୍କ ସମକ୍ଷରେ ମନୁଷ୍ୟ ରୂପରେ ପ୍ରକଟ ହେଲେ। କୁନ୍ତୀ ଭୟ ଆଶ୍ଚର୍ଯ୍ୟ ଓ ଆଶଙ୍କାରେ ଦ୍ରବିଭୂତ ହୋଇ ସୂର୍ଯ୍ୟଙ୍କୁ କହିଲେ... ହେ ଦେବ ! ଋଷିଙ୍କ ପ୍ରଦତ୍ତ ମନ୍ତ୍ରର ସତ୍ୟତା ଜାଣିବାକୁ ମୁଁ ପରୀକ୍ଷା କରୁଥିଲି ମାତ୍ର, ଆପଣ ଫେରି ଯାଆନ୍ତୁ।

ସୂର୍ଯ୍ୟ କହିଲେ... ଦେବୀ! ତୁମ ସହିତ ମିଳନ ଓ ତୁମକୁ ପୁତ୍ରଦାନ ବିନା ମୋର ଫେରିଯିବା ଅସମ୍ଭବ। ତାହା ହେବ ମନ୍ତ୍ରର ଅବମାନନା ଏବଂ ତୁମ ଜୀବନରେ ଘୋର ଅନର୍ଥର କାରଣ।ତୁମେ ଅପବାଦ ଏବଂ କୁମାରୀତ୍ୱର କ୍ଷୁର୍ଣ୍ଣତା ପାଇଁ ବ୍ୟସ୍ତ ହେବା ଆବଶ୍ୟକ ନାହିଁ। ମନ୍ତ୍ରର ଅଲୌକିକତା ଏପରି ଯେ ଆମର ମିଳନ ପରେ ମଧ୍ୟ ତୁମ କୁମାରୀତ୍ୱ ଅକ୍ଷୁର୍ଣ୍ଣ ରହିବ।

ସୂର୍ଯ୍ୟ ଦେବଙ୍କ ମିଳନ ପରେ ଦୈବୀ ଅଲୌକିକତା ପ୍ରଭାବରେ ସଙ୍ଗେ ସଙ୍ଗେ କୁନ୍ତୀଙ୍କ କୋଳକୁ ଆସିଲା କବଚ କୁଣ୍ଡଳଧାରୀ ଏକ ଦିବ୍ୟ ଶିଶୁ।

ମିଳନ ପରେ ସୂର୍ଯ୍ୟଦେବ ଫେରିଗଲେ ପୁତ୍ରକୁ ଆଶୀର୍ବାଦ ଦେଇ। କିନ୍ତୁ ଅପବାଦ ଭୟରେ କୁନ୍ତୀ ବାଳୁତ ପୁତ୍ରକୁ ଗୋଟିଏ ମଞ୍ଜୁଷାରେ ରଖି ଗଙ୍ଗା ନଦୀର ଜଳଧାରରେ ଭସାଇ ଦେଲେ। ଅଧିରଥ ନାମକ ହସ୍ତିନାର ଏକ ସନ୍ତାନହୀନ ସାରଥୀ ସ୍ନାନ ସମୟରେ

Source: Author, Digitized by PPRACHIN, SOA

ଗଙ୍ଗା ଜଳରେ ଭାସିଯାଉଥିବା ମଞ୍ଜୁସା ଭିତରେ ନବଜାତ ଶିଶୁକୁ ଦେଖି ମହା ଆନନ୍ଦରେ ତାଙ୍କ ପତ୍ନୀ ରାଧାଙ୍କ ହାତରେ ସମର୍ପଣ କଲେ । ରାଧାଙ୍କ ମମତାର ଅଂଚଳ ଭିତରେ ମହା ଆନନ୍ଦରେ ବଢିଲା ଶିଶୁପୁତ୍ର ଏବଂ ପାଳନ କରିଥିବା ମାଆଙ୍କ ନାମ ଅନୁସାରେ ଜଗତରେ ବିଦିତ ହେଲା ରାଧେୟ ନାମରେ ।

ତାଙ୍କର ବାଲ୍ୟକାଳର ପିତୃଦତ୍ତ ନାମ ଥିଲା ବାସୁସେନ । ସୂତ ବା ସାରଥୀର ପୁତ୍ର ହୋଇଥିବାରୁ ସେ ସୂତପୁତ୍ର ନାମରେ ବିଦିତ ହେଲେ । ତାଙ୍କ ଜନ୍ମ ବିଷୟରେ ଅଜ୍ଞଥିବା ତାଙ୍କ ପ୍ରତିପକ୍ଷମାନେ, ବିଶେଷତଃ ଦ୍ୱିତୀୟ ପାଣ୍ଡବ ଭୀମ ତାଙ୍କୁ ସୂତପୁତ୍ର ନାମରେ ସମ୍ବୋଧନ କରୁଥିଲେ । ଏହା ପଛରେ ପ୍ରଚ୍ଛନ୍ନ ହେୟଜ୍ଞାନ, ଅବଜ୍ଞା, ଘୃଣା ଓ ଜାତିବାଦ ଲୁଚି ରହିଥିଲା ।

କର୍ଣ୍ଣରେ ତାଙ୍କର ଜନ୍ମରୁ ସୂର୍ଯ୍ୟପ୍ରଦତ୍ତ କୁଣ୍ଡଳ ଥିବାରୁ ତାଙ୍କର ଅନ୍ୟନାମ ଥିଲା କର୍ଣ୍ଣ । ପରବର୍ତ୍ତୀ ସମୟରେ ଦୁର୍ଯ୍ୟୋଧନ ତାଙ୍କୁ ଅଙ୍ଗଦେଶର ରାଜପଦ ଦାନ କରିଥିଲେ । ତେଣୁ ଅଙ୍ଗରାଜ ନାମରେ ମଧ୍ୟ ସେ ବିଦିତ ଥିଲେ ।ଲୋଭମୁକ୍ତ ହୋଇ ଅଶେଷ ଦାନଧର୍ମ କାର୍ଯ୍ୟ କରୁଥିବାରୁ 'ମହାଦାନୀ କର୍ଣ୍ଣ' ନାମରେ ସେ ପ୍ରସିଦ୍ଧ ଥିଲେ । ସୂର୍ଯ୍ୟ ଦେବଙ୍କ ଆତ୍ମଜ ହୋଇ ଥିବାରୁ ତାଙ୍କର ଅନ୍ୟ ଏକ ନାମ ଥିଲା ବିକର୍ତ୍ତନ । ପର୍ଶୁରାମଙ୍କ ଦ୍ୱାରା ପ୍ରଦତ୍ତ ବିଜୟ ନାମକ ଧନୁ ଧାରଣ କରୁଥିବାରୁ ତାଙ୍କର ଗୋଟିଏ ନାମ ଥିଲା 'ବିଜୟଧାରୀ' ।

କର୍ଣ୍ଣଙ୍କ ଜନ୍ମ ଥିଲା ଦୈବର ଅଧୀନ କିନ୍ତୁ ନିଜକୁ ଶ୍ରେଷ୍ଠ ବୀର, ଅଙ୍ଗ ଦେଶର ରାଜା, ଦୁର୍ଯ୍ୟୋଧନଙ୍କ ପ୍ରିୟତମ ବନ୍ଧୁ ଏବଂ ଅଜେୟ ମହାରଥୀ ଭାବରେ ପ୍ରତିଷ୍ଠିତ କରି ସେ ପ୍ରମାଣ କରିଦେଇଥିଲେ ଯେ ପୁରୁଷାର୍ଥ ଲାଭ କରିବା ନିଜର ଅଧୀନ ଅର୍ଥାତ୍ ନିଜ କର୍ମର ଫଳ ।

ମହାଭାରତରେ କର୍ଣ୍ଣଙ୍କ ଚରିତ୍ର ଅନେକ ବିରୋଧାଭାସର ଏକତ୍ରିକରଣ ଥିଲା । ସମସ୍ତ ସଦ୍‌ଗୁଣର ଅଧିକାରୀ ଥାଇ ମଧ୍ୟ ତାଙ୍କୁ ଧର୍ମର ପକ୍ଷ ତ୍ୟାଗକରି ଅଧର୍ମ ପକ୍ଷରେ ରହି ଯୁଦ୍ଧ କରିବାପାଇଁ ପଡିଥିଲା । ଯେଉଁ ବନ୍ଧୁ ଦୁର୍ଯ୍ୟୋଧନ, ସଂସାରରେ ତାଙ୍କୁ ନାମ ଓ ପ୍ରତିଷ୍ଠା ଦେଇଥିଲେ ତାଙ୍କ ବନ୍ଧୁତାକୁ ସମ୍ମାନ ଜଣାଇ ସେ ତାଙ୍କ ଜୀବନ କାଳ ଅଧର୍ମ ପକ୍ଷରେ ରହିଥିଲେ । ଜନ୍ମ ଦେଇଥିବା ମାତା କୁନ୍ତୀଙ୍କ ଠାରୁ ବହୁତ ଡେରିରେ ସେ ନିଜର ପ୍ରକୃତ ପରିଚୟ ପାଇବା ପରେ ମଧ୍ୟ ଦୁର୍ଯ୍ୟୋଧନଙ୍କ ପକ୍ଷ ତ୍ୟାଗକରି ପାଣ୍ଡବଙ୍କ ପକ୍ଷକୁ ଯାଇ ନଥିଲେ ।

କୁରୁକ୍ଷେତ୍ର ଯୁଦ୍ଧ ଚାଲିଥିବା ସମୟରେ ଶ୍ରୀକୃଷ୍ଣ ଥରେ କର୍ଣ୍ଣଙ୍କୁ କହିଥିଲେ ଯେ ପାଣ୍ଡବମାନଙ୍କ ପକ୍ଷକୁ ଚାଲି ଆସିଲେ ତାଙ୍କ ପରିଚୟ ପରିବର୍ତ୍ତିତ ହୋଇ ଯିବ, ସେ

Source: Author, Digitized by PPRACHIN, SOA

ଶ୍ରେଷ୍ଠ ପଣ୍ଡୁପୁତ୍ର ଭାବରେ ହସ୍ତିନାର ସିଂହାସନ ଆରୋହଣ କରିବେ ଏବଂ ତାଙ୍କ ସୂତପୁତ୍ର ନାମ ପରିବର୍ତ୍ତେ ସେ ଶ୍ରେଷ୍ଠ ପାଣ୍ଡବ ଭାବରେ ପରିଗଣିତ ହେବେ। କିନ୍ତୁ ଯୁଦ୍ଧ ମଝିରେ ଦୁର୍ଯ୍ୟୋଧନଙ୍କୁ ପ୍ରତାରଣା ଦେଇ ସେ ରାଜମୁକୁଟ ଲୋଭରେ ପାଣ୍ଡବ ପକ୍ଷକୁ ଆସିବାକୁ ସମ୍ମତ ହେଲେ ନାହିଁ। ସେ ବଂଶ ଅଭିମାନର ପ୍ରଲୋଭନକୁ ଏଡ଼ାଇ ଦେଇ ବରଂ ରାଧେୟ ବା ସୂତପୁତ୍ର ଭାବରେ ଚିହ୍ନିତ ହେବାକୁ ଚାହିଁଲେ। ଦିନେ ତାଙ୍କୁ ଲୋକଲଜ୍ଜା ଡରରେ ପରିତ୍ୟାଗ କରିଥିବା ରାଜମାତା କୁନ୍ତୀଙ୍କ ମମତାର ଆହ୍ୱାନ ତାଙ୍କୁ ଛଳନାପୂର୍ଣ୍ଣ ଲାଗିଲେ। ଚିରଦିନ ରାଧେୟ ହୋଇ ରହିବାକୁ ସେ ପସନ୍ଦ କଲେ। ମହାଭାରତର ଏହି ଚରିତ୍ର ନିଜର ମହାନତା ଯୋଗୁଁ ପୁରାଣ ପୃଷ୍ଠାରେ ଅମର ହୋଇ ରହିଯାଇଛନ୍ତି।

କର୍ଣ୍ଣଙ୍କ ଜନ୍ମ ଉପାଖ୍ୟାନରେ ବର୍ଣ୍ଣନା କରାଯାଇଥିବା ଅଭିମନ୍ତ୍ରିତ ମାଳାର ପ୍ରୟୋଗ ଓ ମନ୍ତ୍ର ପାଠ କରି ଇପ୍ସିତ ପୁରୁଷଙ୍କୁ ସଙ୍ଗମ ପାଇଁ ଆବାହନ କରିବା ଘଟଣା ବର୍ତ୍ତମାନ ସମୟରେ ଅବାସ୍ତବ ଲାଗିବା ସ୍ୱାଭାବିକ। କିନ୍ତୁ ଘଟଣାର ବାସ୍ତବତାପ୍ରତି ଦୃଷ୍ଟି ନଦେଇ ଆମେ ସେ ସମୟର ସାମାଜିକ ପ୍ରଥା ବିଷୟରେ ଜାଣିବା ପାଇଁ ପ୍ରୟାସ କରିବା ଉଚିତ। ମହାଭାରତ କାଳରେ ବଂଶ ରକ୍ଷା ପାଇଁ 'ନିଯୋଗ ବିଧାନ' ସମାଜର ସ୍ୱୀକୃତି ପାଇଥିଲେ ମଧ୍ୟ ଅବିବାହିତା କନ୍ୟାର ଗର୍ଭଧାରଣ ସମାଜରେ ଅପବାଦ ସୃଷ୍ଟି କରୁଥିଲା।

–୦–

(୨୧)

ଅଭିଶପ୍ତ ପଣ୍ଡୁ

ସ୍ୱୟଂବର ସଭାରେ କୁନ୍ତୀ ପଣ୍ଡୁଙ୍କ ଗଳାରେ ବରଣମାଳା ଦେଇ ତାଙ୍କୁ ଜୀବନସାଥି ଭାବରେ ବାଛି ନେଲେ। କିଛି ଦିନ ଭିତରେ ମଦ୍ରଦେଶର ରାଜକନ୍ୟା ମାଦ୍ରୀଙ୍କୁ ମଧ୍ୟ ଦ୍ୱିତୀୟ ପତ୍ନୀ ରୂପରେ ପଣ୍ଡୁ ଗ୍ରହଣ କଲେ। ସପତଣୀ ହେଲେ ମଧ୍ୟ ଦୁଇ ରାଣୀଙ୍କ ମନରେ ପରସ୍ପର ପ୍ରତି ଈର୍ଷା ଭାବ ନଥିଲା।ରାଜା ନିଜର ହୃଦୟକୁ ସମ ଭାବରେ ଦୁଇ ରାଣୀଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ଦେହରେ ଶତ ହସ୍ତିର ବଳ, ମୁଖରେ ସୂର୍ଯ୍ୟଙ୍କ ଦୀପ୍ତି, ବିଶାଳ ହସ୍ତିନା ସାମ୍ରାଜ୍ୟରେ ପଣ୍ଡୁ ଶାନ୍ତିରେ ଶାସନ କରୁଥିଲେ। ଦିଗ ବିଦିଗରେ ତାଙ୍କର ଯଶ ବ୍ୟାପି ଯାଇଥିଲା କାରଣ ବୀରତ୍ୱରେ ଏବଂ ପ୍ରଜା ରଞ୍ଜନ କାର୍ଯ୍ୟରେ କୁରୁବଂଶୀ ପଣ୍ଡୁଙ୍କର ସମକକ୍ଷ ସେ ସମୟରେ ଆର୍ଯ୍ୟାବର୍ତ୍ତରେ କେହି ନଥିଲେ। ହସ୍ତିନାର ବୈଭବ

Source: Author, Digitized by PPRACHIN, SOA

ବର୍ଣ୍ଣନା କରିବାକୁ ଯାଇ କବି ଲେଖନ୍ତି...

"ଅମରାବତୀରୁ ବଳି ଶୋଭୁଥିଲା ଗଙ୍ଗାକୂଳେ ତାଙ୍କ ରାଜ୍ୟ,
ଧନ ଧାନ୍ୟ ମଣି ମାଣିକ୍ୟରେ ପୂର୍ଣ୍ଣ ଅକଳନୀୟ ପ୍ରାଚୁର୍ଯ୍ୟ।
ଭିକାରି ଶବ୍ଦର ଅର୍ଥ ସେ ରାଜ୍ୟରେ ବୁଝି ନପାରନ୍ତି କେହି,
କୁଟୀର କହିଲେ ଯାହାକୁ ବୁଝାଏ ଦ୍ୱିତଳ ପ୍ରାସାଦ ସେହି।
ପ୍ରାସାଦ ଉପରେ ସୁବର୍ଣ୍ଣ କଳସ ଯେତେ ଅଧିକ ଯାହାର,
ସେ ମାନଦଣ୍ଡରେ ଧନିକ ପଣରେ ଗଣତି ହୁଏ ତାହାର।
ଗଙ୍ଗା ନଦୀ ଧାରେ ଦେଶ ଦେଶାନ୍ତରେ ବାଣିଜ୍ୟ କରି ସାଧବେ,
ବୋହି ଆଣୁଥିଲେ ବିପୁଳ ସଂପଦ ସୁଖରେ ଥିଲେ ସରବେ।"

ଧର୍ମ ଦଣ୍ଡ ଧରି ନ୍ୟାୟ ପରାୟଣ ପଣ୍ଡୁ ରାଜ୍ୟ ଶାସନ କରୁଥିଲେ।ତାଙ୍କ ଦରବାରରେ ତିଳେ ମାତ୍ର ଅନ୍ୟାୟ କାହାପ୍ରତି କରାଯାଉନଥିଲା। ପିତାମହ ଭୀଷ୍ମଙ୍କ ଅଧ୍ୟକ୍ଷତାରେ ଦୁର୍ଦ୍ଧାନ୍ତ ସେନାବାହିନୀ ରାଜ୍ୟ ପରେ ରାଜ୍ୟ ପଦାନତ କରି ଚାଲିଥିଲେ। ଧନ ଧାନ୍ୟରେ ରାଜ୍ୟରେ ସମସ୍ତ ପ୍ରଜାଙ୍କ ଗୃହପରିପୂର୍ଣ୍ଣ ଥିଲା। ଇନ୍ଦ୍ରଙ୍କ ଆଦେଶରେ ମେଘସମୂହ ଠିକ୍ ସମୟରେ ବର୍ଷା କରି ସମଗ୍ର ହସ୍ତିନାରେ ଶ୍ୟାମଳ ଗାଲିଚା ବିଛାଇ ଦେଇଥିଲେ। ସପତଣୀ ହେଲେ ମଧ୍ୟ ଲକ୍ଷ୍ମୀ ଓ ସରସ୍ୱତୀ ମହାଆନନ୍ଦରେ, ବିନା କଳହରେ ହସ୍ତିନାର ପୁରପଲ୍ଲୀରେ ଘରେ ଘରେ ନିବାସ କରୁଥିଲେ। ଦେବତାମାନଙ୍କର ଆଶୀର୍ବାଦ ନେଇ ପଣ୍ଡୁ ମହା ଶାନ୍ତିରେ ରାଜ୍ୟ ଶାସନ କରୁଥିଲେ।

କୌଣସି ସନ୍ଥବ୍ୟକ୍ତି କେବେ ହସ୍ତିନା ରାଜ୍ୟରେ କଷ୍ଟ ପାଉ ନଥିଲେ, କୃଷକମାନେ ଜମି କର୍ଷଣକରି ନିଭର୍ୟରେ ଶସ୍ୟ ଭୋଗ କରୁଥିଲେ। ଯେତେ ବେଦଜ୍ଞ ବ୍ରାହ୍ମଣ, ଦୁଗ୍ଧବତୀ ଧେନୁ, ସାଧ୍ୱୀ ପୁରନାରୀ ହସ୍ତିନାରେ ଥିଲେ ସମସ୍ତେ ଧର୍ମଦଣ୍ଡଧାରୀ ରାଜାଙ୍କ ସମ୍ମାନ ପାଉଥିଲେ । ସନ୍ଥ ପାଳନ, ଦୁଷ୍ଟ ନିବାରଣ ଏବଂ ପ୍ରଜାରଞ୍ଜନ ମନ୍ତ୍ରରେ ଉଦ୍ବୁଦ୍ଧ ପଣ୍ଡୁ କୁଶଳତା ସହିତ ପ୍ରଜାପାଳନ କରୁଥିଲେ। ଗଙ୍ଗା କୂଳରେ ଶସ୍ତ୍ର ଓ ଶାସ୍ତ୍ର ଶିକ୍ଷା ପାଇଁ ଗୁରୁକୁଳ ଗଢି ଉଠିଥିଲା। ସାର୍ବଭୌମ ଚକ୍ରବର୍ତ୍ତୀ ନାମ ଧାରଣ କରିଥିଲେ ହସ୍ତିନାର ରାଜା ପଣ୍ଡୁ।

ସମୟ ସବୁବେଳେ ସମାନ ଯାଏ ନାହିଁ। ଦିନେ ପଣ୍ଡୁଙ୍କ ଜୀବନରେ ମାଡିଆସିଲା ଦୁର୍ଦ୍ଦିନ।

ସେଦିନ ପ୍ରଭାତରେ ପଣ୍ଡୁ ଧନୁଶର ଧରି ସଜ୍ଜିତ ରଥ ଆରୋହଣ କରି ଏକା ଏକା ମୃଗୟା ନିମିତ୍ତ ବାହାରିଗଲେ। ସାଙ୍ଗରେ ସୈନ୍ୟ ସାମନ୍ତ କେହି ନଥିଲେ। ବନପଥ

Source: Author, Digitized by PPRACHIN, SOA

ଅନୁସରଣ କରି ଯାଉଯାଉ କ୍ରମେ ଅରଣ୍ୟ ନିବିଡ଼ରୁ ନିବିଡ଼ତର ହେଲା। କଳାମେଘ ଦେହରେ ବିଜୁଳି ଖେଳିଲା ପରି ପଣ୍ଡୁଙ୍କ ରୂପା-ଛାଉଣିର ଶ୍ୱେତ ରଥ ସବୁଜ ବନପ୍ରଦେଶ ଅତିକ୍ରମ କରି ଚାଲିଥାଏ। ହଠାତ୍ ନିଘଞ୍ଚ ବନାନୀ ଭିତରେ ଗୋଟିଏ ସ୍ଥାନରେ ପଣ୍ଡୁ ଚକିତ ହୋଇ ରହିଗଲେ।

ସେଠାରେ ଥିଲା ଏକ ରମଣୀୟ ହ୍ରଦ। ସୁଶୀତଳ ମନ୍ଦ ମଳୟ ସ୍ପର୍ଶରେ ବୃକ୍ଷଲତା ସବୁ ପୁଲକିତ ହୋଇ ଉଠୁଥିଲେ। ଶୁକ ଶାରୀ ଏବଂ ନାନାଜାତିର ପକ୍ଷୀ ଗଛରୁ ଗଛକୁ ଡେଇଁ ଆନନ୍ଦରେ କଳରବ କରୁଥିଲେ। ନାନାଜାତିର ଫୁଲର ସୁଗନ୍ଧରେ ପୂରିଉଠୁଥିଲା ପରିବେଶ। କାନନ ହ୍ରଦରେ ପରିପୂର୍ଣ୍ଣ ହୋଇ ରହିଥିଲା ସୁରମ୍ୟ ପଦ୍ମ ଏବଂ କଇଁ ଫୁଲ। ରଙ୍ଗବିରଙ୍ଗ ପ୍ରଜାପତି ଫୁଲରୁ ଫୁଲକୁ ଉଡ଼ି ମଧୁ ଆସ୍ୱାଦନ କରୁଥିଲେ। କାନନ ହ୍ରଦରେ ସୂର୍ଯ୍ୟ କିରଣ ପଡି ତାର ପ୍ରତିଫଳନ ବୃକ୍ଷଲତାରେ ହେଉଥିଲା। ଏଭଳି ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ କ୍ଳାନ୍ତକଳେବର ପଣ୍ଡୁ ହ୍ରଦ ନିକଟରେ ଶ୍ରମ ଅପନୋଦନ ପାଇଁ ବସିଗଲେ।

ଏହି ସମୟରେ ପଣ୍ଡୁ ଦେଖିଲେ ଲତା ଗହଳରେ ଗୋଟିଏ ମୃଗ ମୃଗୁଣୀ ସହିତ ପ୍ରେମରେ ମଗ୍ନ ହୋଇଯାଇଛି। ବିଧାତାର ବିଧାନ କି ପ୍ରକାର, ଯେଉଁ ପଣ୍ଡୁ ସଦାସର୍ବଦା ସ୍ଥିରଚିତ୍ତ ରହିଥାନ୍ତି ଆଜି ରତିରସରେ ମଗ୍ନ ମୃଗମୃଗୀଙ୍କୁ ବଧ କରିବାପାଇଁ ଇଚ୍ଛା କଲେ। ଧନୁରେ ତୀର ଖଞ୍ଜି ରାଜା ରତିମଗ୍ନ ମୃଗମୃଗୀଙ୍କ ଉପରକୁ ପ୍ରହାର କଲେ। ଆଶ୍ଚର୍ଯ୍ୟ କଥା ତୀର ବିଦ୍ଧ ହେବାପରେ ସଙ୍ଗେ ସଙ୍ଗେ ମନୁଷ୍ୟର କରୁଣ ସ୍ୱର ଭାସି ଆସିଲା। ନିକଟକୁ ଯାଇ ରାଜା ଦେଖିଲେ ଶରବିଦ୍ଧ ହୋଇ ଜଣେ ମୁନି ଏବଂ ତାଙ୍କ ପତ୍ନୀ ମରଣ କାଳୀନ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଆଶ୍ଚର୍ଯ୍ୟ ହେଲେ ପଣ୍ଡୁ;ତୀରବିଦ୍ଧ ମୃଗ-ମୃଗୁଣୀ କିପରି ମନୁଷ୍ୟରେ ପରିବର୍ତ୍ତିତ ହେଲେ, ପଣ୍ଡୁ ଚିନ୍ତା କରୁଥିଲେ।

ବାସ୍ତବରେ ସେ ଥିଲେ କିନ୍ଦମ ନାମକ ଜଣେ ଋଷି। କାନନର ପୁଲକିତ ପରିବେଶ ଦେଖି ସେ କାମ ମତ୍ତ ହୋଇ, ମୃଗ-ମୃଗୁଣୀ ରୂପରେ ପତ୍ନୀ ସହିତ ରତିକ୍ରିଡାରେ ମଗ୍ନଥିଲେ।କରପତ୍ର ଯୋଡି ପଣ୍ଡୁ ପଚାରିଲେ... ହେ ମହାତ୍ମା ! ଆପଣ ମୃଗମୃଗୁଣୀ ରୂପ କାହିଁକି ଧାରଣ କରିଥିଲେ? ମୃତ୍ୟୁ ଯନ୍ତ୍ରଣାରେ ବିଦଗ୍ଧ କିନ୍ଦମ କହିଲେ... ତପୋବଳ ଯୋଗୁଁ ଆମେ ବିଭିନ୍ନ ପଶୁ ପକ୍ଷୀଙ୍କ ରୂପ ଧାରଣ କରିପାରୁ। ମନୁଷ୍ୟ ରୂପରେ, ଏଠିକାର ମୁନି ଋଷିଙ୍କ ଆଗରେ ଆଦିରସ ପ୍ରେମରେ ମଗ୍ନହେଲେ ଦୃଷ୍ଟିକଟୁ ହେବବୋଲି ଆମେ ପତିପତ୍ନୀ ମୃଗମୃଗୁଣୀ ରୂପରେ ରତିମଗ୍ନ ଥିଲୁ। ତୁମ ବାଣରେ ମୋ ପତ୍ନୀ ନିହତ ହୋଇଛନ୍ତି ଏବଂ ବର୍ତ୍ତମାନ ମୋ ପ୍ରାଣ କଣ୍ଠାଗ୍ରତ। ଆମକୁ ହତ୍ୟାକରି ତୁମର କେଉଁ ପ୍ରକାର ଯଶ

Source: Author, Digitized by PPRACHIN, SOA

ଲାଭ ହେଲା ହସ୍ତିନା ନରେଶ ! ରତିମଗ୍ନ ପ୍ରାଣୀଙ୍କୁ ହତ୍ୟା କରିବା ଶାସ୍ତ୍ରବିରୁଦ୍ଧ । ତୁମର ବିବେକ କିପରି ବାଧା ଦେଲା ନାହିଁ ରାଜା ? ସର୍ପ ହେଲେ ମଧ୍ୟ ରତିମଗ୍ନ ଥିବା ସମୟରେ ସେମାନଙ୍କୁ ବଧ କରିବା ଉଚିତ ନୁହେଁ । ଶାସ୍ତ୍ର ଅନୁଯାୟୀ ଶରଣାଗତ, ନିରସ୍ତ୍ର ଏବଂ ରତିମଗ୍ନ ପ୍ରାଣୀଙ୍କ ପ୍ରତି ଅସ୍ତ୍ର ଚାଳନା କରିବା ଅନୁଚିତ । ରାଜା ହୋଇ ଏପରି ଅବିବେକୀ କାର୍ଯ୍ୟ !

ନିକଟ ସରସୀରୁ ଜଳ ଆଣି, ମୃତ୍ୟୁ ଯନ୍ତ୍ରଣାରେ ଛଟପଟ ହେଉଥିବା କିନ୍ଦମଙ୍କୁ ? କୋଳରେ ଧରି ରାଜା ମୁଖରେ ଜଳ ଦେଲେ । କିନ୍ଦମଙ୍କ ଯନ୍ତ୍ରଣା ବଢିଚାଲିଥାଏ ।ରାଜାଙ୍କ ମୁହଁକୁ ଚାହିଁ ଋଷି କହିଲେ... ଥାଉ,ଥାଉ ଏତେ ଦୟା ଦେଖାଇବା ଆବଶ୍ୟକ ନାହିଁ ରାଜା । ରତିମଗ୍ନ ପ୍ରାଣୀଙ୍କୁ ହତ୍ୟା କରିଥିବାରୁ ମୁଁ ତୁମକୁ ଅଭିଶାପ ଦେଉଛି ଯେ ଯେତେବେଳେ ମଧ୍ୟ ତୁମେ ତୁମ ପତ୍ନୀଙ୍କ ସହିତ ରତିମଗ୍ନ ହେବ ସଙ୍ଗେ ସଙ୍ଗେ ତୁମର ପ୍ରାଣ ଚାଲିଯିବ ।'

ଏହିପରି ଅଭିଶାପ ଦେଇ ମୁନିଙ୍କ ପ୍ରାଣବାୟୁ ଉଡିଗଲା । ଏଭଳି ଅଭାବନୀୟ ଘଟଣାରେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ ପଣ୍ଡୁ । ଗଭୀର ଦୁଃଖରେ ମଗ୍ନ ପଣ୍ଡୁ ହସ୍ତିନା ଫେରି ଆସି ସମସ୍ତଙ୍କ ଆଗରେ ଘଟିଯାଇଥିବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବର୍ଣ୍ଣନା କଲେ । ପ୍ରତି ମୁହୂର୍ତ୍ତରେ ଦୁଃଖରେ ଘାରିହେଲେ ରାଜା । ଆଖି ଆଗରେ ସବୁବେଳେ କିନ୍ଦମଙ୍କ ମୃତ୍ୟୁ କାଳୀନ ମୁଖ ଭାସି ଯାଉଥିଲା । ରାଜ୍ୟ, ରାଜସୁଖ ଅଳିକ, ଅର୍ଥହୀନ ଲାଗିଲା । ସହଜେ ତ ପତ୍ନୀଙ୍କ ସହିତ ଦୈହିକ ମିଳନର ପ୍ରଶ୍ନ ନଥିଲା । ଦିନେ ହସ୍ତିନାର ରାଜଦଣ୍ଡ ଜ୍ୟେଷ୍ଠ ଧୃତରାଷ୍ଟ୍ରଙ୍କ ହାତରେ ସମର୍ପଣ କରିଦେଇ ବାନପ୍ରସ୍ଥ ଜୀବନ ବିତାଇବାକୁ ସ୍ଥିର କଲେ ରାଜା ପଣ୍ଡୁ । ତାଙ୍କ ମାନସିକ ଅବସ୍ଥା ଦେଖି ଏହି ନିଷ୍ପତ୍ତି ଉପରେ ସମର୍ଥନ ଦେଲେ ଭୀଷ୍ମ, ସତ୍ୟବତୀ ଏବଂ ଅନ୍ୟାନ୍ୟ କୁରୁଶ୍ରେଷ୍ଠ ଗଣ । ପଣ୍ଡୁଙ୍କ ସହିତ ଦୁଇପତ୍ନୀ କୁନ୍ତୀ ଏବଂ ମାଦ୍ରୀ ମଧ୍ୟ ବନରେ ଜୀବନ ଯାପନ କରିବାକୁ ଚାଲିଗଲେ ।

ମହାଭାରତ ଗ୍ରନ୍ଥକାରଙ୍କର ଏହି ରୋଚକ ଉପାଖ୍ୟାନ ସମାଜ ପାଇଁ ଅନେକ ସାଙ୍କେତିକ ବାର୍ତ୍ତା ବହନ କରେ । ଋଷି କିନ୍ଦମଙ୍କର ପତ୍ନୀଙ୍କ ସହିତ ପଶୁ ରୂପରେ ଆଦି ରସାତ୍ମକ ପ୍ରେମ 'ପ୍ରକୃତି' ସ୍ୱରୂପ ସହିତ ସମାନ । ତାକୁ ବିକୃତ କରିବାର ଅଧିକାର କାହାର ନାହିଁ । ଶିକାରକୁ ଏକ କ୍ରୀଡା ଭାବି ଅବିବେକ ପଣରେ ରାଜାମାନେ ଯେପରି ପଶୁ ହତ୍ୟା କରୁଥିଲେ, ତାହା କଦାପି ଗ୍ରହଣୀୟ ନୁହେଁ । ବଳବାନର ଅଧିକାର ଉପରେ ବିଧାତାର ନିଷ୍ପତ୍ତି ବଳବତ୍ତର, ଏହି ଉପାଖ୍ୟାନ ସୂଚାଇ ଦିଏ ।

-୦-

Source: Author, Digitized by PPRACHIN, SOA

(୨୨)

ହସ୍ତିନାର ରାଜପୁତ୍ରଗଣ

ମହାଭାରତକାଳ ଆନୁମାନିକ ପାଞ୍ଚ ହଜାରରୁ ସାତ ହଜାର ବର୍ଷ ତଳର ଘଟଣା । ସେ ସମୟର ସାମାଜିକ, ସାଂସ୍କୃତିକ ଏବଂ ନୈତିକ ଜୀବନ ଆଜିକାଲିର ଜୀବନ ଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲା । 'ନିଯୋଗ ବିଧାନ'ରେ ପରପୁରୁଷ ସହିତ ସଂପର୍କ ରଖି, ବଂଶରକ୍ଷା ପାଇଁ ପୁତ୍ର ସନ୍ତାନ ଜନ୍ମ କରିବା ନିୟମ ସେ ସମୟରେ ସମାଜରେ ସ୍ୱୀକୃତ ପ୍ରଥା ଥିଲା । ଆଧୁନିକ ସମାଜରେ ତା ଉପରେ ନୀତିଗତ ପ୍ରଶ୍ନ ଉଠିବା ସ୍ୱଭାବିକ । ବର୍ତ୍ତମାନ ସମୟର ସାମାଜିକ ନୀତି ମାପଦଣ୍ଡରେ କୁନ୍ତୀ ଏବଂ ମାଦ୍ରୀଙ୍କଠାରୁ ପରପୁରୁଷ ଔରସରୁ ଜନ୍ମିତ ସନ୍ତାନମାନେ ଆମ ଦୃଷ୍ଟିରେ ଜାରଜ ହୋଇ ପାରନ୍ତି; ବାସ୍ତବରେ ସେମାନେ ଦେବପୁତ୍ର ଭାବରେ ସେ ସମୟରେ ସାମାଜିକ ସ୍ୱୀକୃତି ପାଇଥିଲେ ।

ପଣ୍ଡୁଙ୍କ ବନବାସ ସମୟରେ ଘଟଣା । କିନ୍ଦମ ଋଷିଙ୍କ ଅଭିଶାପ ଯୋଗୁ ରାଜା ପଣ୍ଡୁ, ଦୁଇ ରାଣୀ କୁନ୍ତୀ ଏବଂ ମାଦ୍ରୀଙ୍କ ସହିତ ଦୈହିକ ସଂପର୍କ ରଖି ପାରୁନଥିଲେ । ଯେଉଁ ଦିନ ପତ୍ନୀଙ୍କ ସହିତ ମିଳନ ହେବ ସେହିଦିନ ହିଁ ରାଜାଙ୍କ ପାଇଁ ମର୍ତ୍ତ୍ୟଲୋକରେ ଶେଷଦିନ ହେବ, ଏହା ଥିଲା କିନ୍ଦମଙ୍କ ଅଭିଶାପ । ତେଣୁ ଘୋର ମନସ୍ତାପରେ ପଣ୍ଡୁ କାଳାତିପାତ କରୁଥାନ୍ତି । ଦିନେ ମହର୍ଷି ଅଗସ୍ତିଙ୍କର ଆଗମନ ହେଲା ପଣ୍ଡୁଙ୍କ ଆଶ୍ରମକୁ । କୁନ୍ତୀ ଓ ମାଦ୍ରୀ ମହର୍ଷିଙ୍କୁ ସେବାରେ ସନ୍ତୁଷ୍ଟ କଲେ । ନିଜ ଜୀବନରେ ଘଟିଥିବା ଦୁର୍ଭାଗ୍ୟପୂର୍ଣ୍ଣ ଅଭିଶାପ ଘଟଣା ବର୍ଣ୍ଣନା କରି, ନିଜର ମନୋବେଦନା ପ୍ରକାଶ କରି ପଣ୍ଡୁଦମ୍ପତି ମହର୍ଷିଙ୍କୁ କହିଲେ... ହେ ମହାତ୍ମା ! ଏ ଜୀବନରେ ପୁତ୍ରମୁଖ ଦର୍ଶନ କରିବା ସମ୍ଭବ ହେବନାହିଁ । ତେଣୁ ମୃତ୍ୟୁ ପରେ ପୁତ୍ ନର୍କରେ ଘାଣ୍ଟି ହେବା ନିଶ୍ଚିତ । ସେଥିପାଇଁ କିଛି ଉପାୟ କରନ୍ତୁ ଭଗବନ୍ ।

ଧୀର କଣ୍ଠରେ ଅଗସ୍ତି କହିଲେ... ମୁଁ ତୁମର ଦୁର୍ଭାଗ୍ୟ ବିଷୟରେ ସଂପୂର୍ଣ୍ଣ ଅବଗତ ଅଛି ପଣ୍ଡୁ । ତପୋବଳରେ ଅତୀତର ଗୋପ୍ୟକଥା ଏବଂ ଆଗତଭବିଷ୍ୟତ ବିଷୟ ମୋର ସଂପୂର୍ଣ୍ଣ ଜ୍ଞାତସାରରେ ରହିଛି । ଅତୀତରେ ଦୁର୍ବାସାଙ୍କଠାରୁ ଯେଉଁ ଅଭିମନ୍ତ୍ରିତ ମାଳା ଏବଂ ମନ୍ତ୍ର କୁନ୍ତୀ ଲାଭ କରିଛନ୍ତି ତାହା ପ୍ରୟୋଗ କରି ସୁଯୋଗ୍ୟ ଦେବତା ମାନଙ୍କୁ ଆବାହନ କରି ନିଯୋଗ ବିଧିରେ ସେମାନଙ୍କଠାରୁ ପୁତ୍ର ସନ୍ତାନ ଲାଭ କରିପାରିବେ କୁନ୍ତୀ ଓ ମାଦ୍ରୀ । ଏହା ଯୁଗଧର୍ମ ଅନୁସାରେ କୌଣସି ଅନୀତିକର କାର୍ଯ୍ୟ ନୁହେଁ । ମହର୍ଷି ବେଦବ୍ୟାସଙ୍କ

Source: Author, Digitized by PPRACHIN, SOA

ଭଳି ଜ୍ଞାନବାନ ମହାପୁରୁଷ, କୁରୁବଂଶ ରକ୍ଷାପାଇଁ ନିଜ ଭ୍ରାତୃପତ୍ନୀ ସହିତ ନିଯୋଗ ବିଧାନରେ ସେମାନଙ୍କ ଗର୍ଭରୁ ତୁମକୁ ଏବଂ ଧୃତରାଷ୍ଟ୍ରଙ୍କୁ ସୃଷ୍ଟି କରିଥିଲେ। ତେଣୁ ଯେବେ ବଂଶ ରକ୍ଷା ଏବଂ ପୁତ୍ର ମୁଖ ଦର୍ଶନ କରିବା ପାଇଁ ଚାହୁଁଛ, କାଳ ବିଳମ୍ବ ନକରି ତୁମେ ମଧ୍ୟ ସେହି ମାର୍ଗ ଅନୁସରଣ କର।

ମହର୍ଷି ଅଗସ୍ତିଙ୍କ ପ୍ରସ୍ଥାନ ପରେ ପଣ୍ଡୁ କୁନ୍ତୀଙ୍କୁକହିଲେ... 'ଦେବୀ! ମହର୍ଷି ଦୁର୍ବାସାଙ୍କ ପ୍ରଦତ୍ତ ଅଭିମନ୍ତ୍ରିତ ମାଳା ବିଷୟରେ ତୁମେ ମୋତେ କେବେ ଜଣାଇନାହଁ' ।

କୁନ୍ତୀ କହିଲେ... ଜଣାଇବା ଆବଶ୍ୟକ ନଥିଲା।ଜଣେ ପତିବ୍ରତା ନାରୀ ପାଇଁ ଏଭଳି ମାଳା ମୂଲ୍ୟହୀନ। ବିବାହ ପୂର୍ବରୁ ବାଲ୍ୟ ଚପଳତା ଯୋଗୁଁ ଥରେ ତାହା ପ୍ରୟୋଗ କରି ସୂର୍ଯ୍ୟ ଦେବଙ୍କ ଆଶୀର୍ବାଦରୁ କର୍ଣ୍ଣଙ୍କୁ ଲାଭ କରିଥିଲି, କିନ୍ତୁ ସେ ବର୍ତ୍ତମାନ ଅନ୍ୟର ସନ୍ତାନ। ବିବାହ ପରେ ପତିଧର୍ମ ପାଳନ କରିଆସିଛି, ତୁମ ଚିନ୍ତା ବ୍ୟତୀତ ଅନ୍ୟ କାହା ଚିନ୍ତା ମନକୁ ଛୁଇଁନାହିଁ। ତୁମ ଆଦେଶ ସବୁବେଳେ ମୋର ଶୀରୋଧାର୍ଯ୍ୟ ହୋଇଛି ସ୍ୱାମୀ।

ପଣ୍ଡୁ କହିଲେ... ଏବେ ମୋ ଆଜ୍ଞା ପାଳନ କରି ନିଯୋଗ ବିଧିରେ ମୋତେ ପୁତ୍ର ମୁଖ ଦର୍ଶନ କରିବା ସୌଭାଗ୍ୟ ଦିଅ ରାଣୀ। ଜୀବନର କଣ ଭରସା? ମୃତ୍ୟୁ ପୂର୍ବରୁ ମୁଁ ପୁତ୍ରମୁଖ ଦର୍ଶନ କରିବାପାଇଁ ଚାହେଁ।

ସ୍ୱାମୀଙ୍କ ଅନୁରୋଧ ଯୋଗୁଁ କୁନ୍ତୀ ପ୍ରଥମେ ମନ୍ତ୍ର ବଳରେ ଧର୍ମ ଦେବତାଙ୍କୁ ଆବାହନ କଲେ। ଧର୍ମଦେବତାଙ୍କ ଆଶୀର୍ବାଦରୁ ଯୁଧିଷ୍ଠିର ଭୂମିଷ୍ଠ ହେଲେ। କୁରୁବଂଶର ଏହି ପ୍ରଥମ ସନ୍ତାନ ଜନ୍ମ ହେଲାପରେ ମହା ଆନନ୍ଦରେ ପଣ୍ଡୁ ହସ୍ତିନାକୁ ଏହି ସୁସମ୍ବାଦ ଜଣାଇଦେଲେ।

ସେ ସମୟରେ ହସ୍ତିନା ରାଜପ୍ରସାଦରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା। ମହର୍ଷି ବେଦବ୍ୟାସ ପୁତ୍ରବଧୂ ଗାନ୍ଧାରୀଙ୍କ ସେବାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଶହେଟି ବୀରପୁତ୍ରର ଜନନୀ ହେବାର ଆଶୀର୍ବାଦ ଦେଇଥାଆନ୍ତି। କିନ୍ତୁ ଗର୍ଭଧାରଣର ଦୁଇବର୍ଷ ବିତି ଯାଇଥିଲେ ମଧ୍ୟ ଗାନ୍ଧାରୀ ସନ୍ତାନ ପ୍ରସବ କରିନଥାନ୍ତି। କୁନ୍ତୀଙ୍କ ଗର୍ଭରୁ ଜ୍ୟେଷ୍ଠ କୁରୁପୁତ୍ର ଯୁଧିଷ୍ଠିର ଭୂମିଷ୍ଠ ହେବା ସମ୍ବାଦ ପାଇ ଈର୍ଷାରେ ଗାନ୍ଧାରୀଙ୍କ ହୃଦୟ ବିଦୀର୍ଣ୍ଣ ହେବାକୁ ଲାଗିଲା। ଈର୍ଷା ଭୟଙ୍କର କ୍ରୋଧରରୂପ ନେଲା ଏବଂ ନିଜ ଅସଫଳ ଗର୍ଭକୁ ଭର୍ତ୍ସନାକରି ସେ ନିଜ ଉଦରକୁ ବାରମ୍ବାର ଆଘାତ କରିବାକୁ ଲାଗିଲେ। ଜରାୟୁ ବିଦୀର୍ଣ୍ଣ କରି ଉଦରରୁ ଗଳି ପଡ଼ିଲା ଏକ ମାଂସପିଣ୍ଡୁଳା ବା ମାଂସଗୋଲକ। ଏହି ସମ୍ବାଦ ପାଇ ଶୀଘ୍ରାତିଶୀଘ୍ର ମହର୍ଷି ବ୍ୟାସଦେବ ହସ୍ତିନା ପ୍ରାସାଦରେ ପହଞ୍ଚିଲେ।

Source: Author, Digitized by PPRACHIN, SOA

ବେଦବ୍ୟାସଙ୍କୁ ସମ୍ମୁଖରେ ଦେଖି ଗାନ୍ଧାରୀ ବିଳାପ କରିବାକୁ ଲାଗିଲେ ଏବଂ କହିଲେ... ମୋତେ କ୍ଷମା କରନ୍ତୁ ମୁନି ଶ୍ରେଷ୍ଠ, ଯୁଧିଷ୍ଠିରର ଜନ୍ମ ସମ୍ବାଦ ପାଇ ମୁଁ କୁନ୍ତୀ ଉପରେ ଈର୍ଷା ପ୍ରଣୋଦିତ ହୋଇ ନିଜ ଉଦରକୁ ବାରମ୍ବାର ଆଘାତ କରିବା ଫଳରେ ମାଂସ ଗୋଲକଟିଏ ମୋ ଉଦରରୁ ନିର୍ଗତ ହୋଇଛି। ଆପଣ ମୋତେ ଶତପୁତ୍ରର ଜନନୀ ହେବାପାଇଁ ଆଶୀର୍ବାଦ ଦେଇଥିଲେ,ଏଇ କଣ ତାର ଫଳ?

ଗାନ୍ଧାରୀଙ୍କୁ ଆଶ୍ୱାସନା ଦେଇ ବେଦବ୍ୟାସ କହିଲେ... ପୁତ୍ରୀ, ମୋ ଆଶୀର୍ବାଦ କଦାପି ବିଫଳ ହେବନାହିଁ। ତୁମେ ଶତପୁତ୍ରର ଜନନୀ ନିଶ୍ଚୟ ହେବ।

ଏହା କହି ଶହେ ଏକଗୋଟି ଘଟରେ ଘୃତ ରଖି ମାଂସ ପିଣ୍ଡଟିକୁ ଶହେଏକ ଭାଗ କରି ପ୍ରତି ଘଟରେ ଗୋଟିଏ ଗୋଟିଏ ଭାଗ ରଖିଲେ ବ୍ୟାସଦେବ। ତାପରେ ମହର୍ଷି ଗାନ୍ଧାରୀଙ୍କୁ କହିଲେ... ପୁତ୍ରୀ ମୋ ଆଶୀର୍ବାଦର ଫଳସ୍ୱରୂପ ଶହେଟି ଘଟରୁ ଶହେଟି ବୀରପୁତ୍ର ଜନ୍ମଲାଭ କରିବେ। ତୁମ ଅନୁରୋଧ ଥିଲା କନ୍ୟା ସନ୍ତାନଟିଏ ପାଇଁ। ଶହେ ଏକତମ ଘଟରୁ ଜନ୍ମ ହେବ ସେହି କନ୍ୟା। କିନ୍ତୁ ପୁତ୍ରୀ, ଅଧୈର୍ଯ୍ୟ ହେଲେ ହେବନାହିଁ। ଏହି କାର୍ଯ୍ୟ ସଂପୂର୍ଣ୍ଣ ହେବାପାଇଁ ଦୁଇବର୍ଷ ସମୟ ଲାଗିବ। ଏହି ଶହେ ଏକଗୋଟି ଘଟ ପରୀକ୍ଷାଗାର ଭିତରେ ଅତି ସନ୍ତର୍ପଣରେ ରଖିବାପାଇଁ ପଡ଼ିବ।

ଦୁଇବର୍ଷ ବିତି ଯିବା ପରେ ଦୁର୍ଯ୍ୟୋଧନ ଦୁଃଶାସନ ସମେତ ଏକଶତ କୁରୁପୁତ୍ର ଏବଂ ଦୁଃଶୀଳା ନାମକ ଏକ କନ୍ୟାରତ୍ନ ସେହି ଘଟରୁ ଜନ୍ମଲାଭ କଲେ। ସବର୍ପ୍ରଥମେ ଜନ୍ମଲାଭକଲା ଦୁର୍ଯ୍ୟୋଧନ। ତାର ଜନ୍ମ ସମୟରେ ସେ ଗର୍ଦ୍ଦଭ ସ୍ୱରରେ ଚିତ୍କାର କଲା। ଝଡ଼, ଭୂକଂପ ଏବଂ ଉଲ୍କାପାତ ଭଳି ନାନା ପ୍ରକାର ଅଶନିସଙ୍କେତ ଦେଖାଗଲା। ବ୍ୟାସଦେବ, ଭୀଷ୍ମ ଏବଂ ବିଦୁର ଭଳି ଅନେକ କୁରୁ ଶ୍ରେଷ୍ଠ ଏହି ସନ୍ତାନକୁ ପରିତ୍ୟାଗ କରିବାପାଇଁ ଧୃତରାଷ୍ଟ୍ରଙ୍କୁ ଉପଦେଶ ଦେଲେ କାରଣ ଭବିଷ୍ୟତରେ ଏହାଦ୍ୱାରା ବଂଶ ନାଶ ହେବାର ସମ୍ଭାବନା ରହିଥିଲା। କିନ୍ତୁ ପୁତ୍ରମୋହ ବଶବର୍ତ୍ତୀ ହୋଇ ଧୃତରାଷ୍ଟ୍ର ଏବଂ ଗାନ୍ଧାରୀ ଦୁର୍ଯ୍ୟୋଧନଙ୍କୁ ପରିତ୍ୟାଗ କରିବାକୁ ଅସମ୍ମତ ହେଲେ।

ଉପରୋକ୍ତ ଘଟଣାବଳୀ ଅନୁଧ୍ୟାନ କଲେ ଜଣାଯାଏ ଯେ ଯୁଧିଷ୍ଠିର ଦୁର୍ଯ୍ୟୋଧନଠାରୁ ବୟସରେ ଦୁଇବର୍ଷ ବଡ଼ ଥିଲେ।

ଏଣେ ପଣ୍ଡୁଙ୍କ ଅନୁମତି ନେଇ କୁନ୍ତୀ ପବନ ଦେବତା ଏବଂ ଇନ୍ଦ୍ର ଦେବତାଙ୍କୁ ମନ୍ତ୍ର ବଳରେ ଆବାହନ କରି ଯଥାକ୍ରମେ ଭୀମସେନ ଏବଂ ଅର୍ଜୁନଙ୍କୁ ସେମାନଙ୍କ ଆଶୀର୍ବାଦରୁ ଲାଭକଲେ। ପଣ୍ଡୁଙ୍କ ଅନୁମତି ନେଇ ମାଦ୍ରୀଙ୍କ ପାଇଁ କୁନ୍ତୀ ଅଶ୍ୱିନୀ କୁମାରଙ୍କୁ ଆବାହନ କଲେ। ସେମାନଙ୍କ ଆଶୀର୍ବାଦରୁ ମାଦ୍ରୀଙ୍କ ଗର୍ଭରୁ ନକୁଳ ଏବଂ ସହଦେବ

Source: Author, Digitized by PPRACHIN, SOA

ଜନ୍ମହୋଇ ପଣ୍ଡୁ ଦମ୍ପତିଙ୍କ କୋଳ ମଣ୍ଡନ କଲେ।

ପାଞ୍ଚ ପଣ୍ଡୁପୁତ୍ର ଚନ୍ଦ୍ରକଳା ଭଳି ବଢ଼ିବାକୁ ଲାଗିଲେ।ସମୟ କେବଳ ଚଞ୍ଚଳ ନୁହେଁ, ଚଞ୍ଚକ ମଧ୍ୟ। ଋଷି କିନ୍ଦମଙ୍କ ଅଭିଶାପ ଫଳବତୀ ହେବା ସମୟ ଆସିଗଲା। ଦିନେ ମଦ୍ରନନ୍ଦିନୀଙ୍କ ଅପରୂପ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ, ଲକ୍ଷେ ବାରଣ ସତ୍ତ୍ୱେ ପଣ୍ଡୁ ତାଙ୍କ ସହ ସହବାସ କରିବା ପ୍ରଚେଷ୍ଟା କଲେ। ସଙ୍ଗେସଙ୍ଗେ ପଣ୍ଡୁଙ୍କ ପ୍ରାଣବାୟୁ ଉଡିଗଲା। ନିଜକୁ ଦୋଷୀ ମନେକରି ମାଦ୍ରୀ, ପଣ୍ଡୁଙ୍କ ଚିତାରେ ନିଜକୁ ବିସର୍ଜନ କରିଦେଲେ। ପଣ୍ଡୁଙ୍କ ଦେହତ୍ୟାଗ ବାର୍ତ୍ତା ବନଅଗ୍ନି ପରି ଚତୁର୍ଦ୍ଦିଗରେ ଖେଳିଗଲା। ହସ୍ତିନା ରାଜପରିବାର ସମେତ ପ୍ରଜାପୁଞ୍ଜ ଘୋର ଦୁଃଖରେ ମ୍ରିୟମାଣ ହୋଇ ପଡିଲେ। ପାଞ୍ଚ ରାଜକୁମାରଙ୍କୁ ସାଙ୍ଗରେ ଧରି କୁନ୍ତୀ ଫେରି ଆସିଲେ ହସ୍ତିନା ରାଜପ୍ରସାଦକୁ।

-୦-

(୨୩)

ରାଜକୁମାରମାନଙ୍କ ବାଲ୍ୟଗୁରୁ କୃପାଚାର୍ଯ୍ୟ

ହସ୍ତିନା ରାଜପ୍ରସାଦ ଆଜି ଏକଶତ କୁରୁପୁତ୍ର,ପାଞ୍ଚ ପଣ୍ଡୁପୁତ୍ର ଏବଂ ସୁନାନାକୀ ଝିଅ ଦୁଃଶୀଳାର ଉପସ୍ଥିତିରେ ଆନନ୍ଦ ମୁଖରିତ। ପିତାମହ ଭୀଷ୍ମ ଏବଂ ରାଜମାତା ସତ୍ୟବତୀଙ୍କ ପାଦ ତଳେ ପଡୁନଥାଏ। ବିଚିତ୍ରବୀର୍ଯ୍ୟଙ୍କ ଦେହାନ୍ତ ପରେ ଏପରି ଏକ ସମୟ ଥିଲା ଯେତେବେଳେ ଉତ୍ତରାଧିକାରୀ ଅଭାବରେ କୁରୁବଂଶ ଲୋପ ପାଇବାକୁ ବସିଥିଲା; ଆଜି କିନ୍ତୁ ସନ୍ତାନ ପ୍ରାବଲ୍ୟ କୁରୁ ଶ୍ରେଷ୍ଠଙ୍କ ଅନ୍ତରରେ ଆନନ୍ଦଲହରୀ ସୃଷ୍ଟି କରୁଥିଲା। ସବୁ ନାତିମାନଙ୍କ ଭିତରୁ ଅର୍ଜୁନ ଥିଲେ ସୁନ୍ଦର, ଚଞ୍ଚଳ ଏବଂ ବୁଦ୍ଧିମାନ। ଅର୍ଜୁନ ପିତାମହଙ୍କ ପାଖ ଛାଡୁ ନଥିଲେ। ପାଣ୍ଡୁ ପାଞ୍ଚଭାଇ ମାତା କୁନ୍ତୀଙ୍କ ଠାରୁ ବିନମ୍ରତା ନିୟମାନୁବର୍ତ୍ତିତା ଏବଂ ସମୟାନୁବର୍ତ୍ତିତା ଆଦି ଯେଉଁ ସଂସ୍କାର ପାଇଥିଲେ ତାହା ତାଙ୍କୁ ମୁରବିମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଦେଇଥିଲା। ସେଥିପାଇଁ ଦୁର୍ଯ୍ୟୋଧନ ଏବଂ ତାଙ୍କର ଶହେଭାଇ ପାଣ୍ଡବ ମାନଙ୍କ ଉପରେ ଈର୍ଷାରେ ଜଳି ଯାଉଥିଲେ।

ଭୀଷ୍ମ ରାଜପୁତ୍ର ମାନଙ୍କର ବାଲ୍ୟ ଶିକ୍ଷା ଦାୟିତ୍ୱ କୁଳଗୁରୁ କୃପାଚାର୍ଯ୍ୟଙ୍କ ଉପରେ ନ୍ୟସ୍ତ କଲେ। ମହାଭାରତରେ କୃପାଚାର୍ଯ୍ୟ ଏକ ସ୍ୱଚ୍ଛ ଆଲୋଚିତ ଚରିତ୍ର। ବହୁତ୍ କମ୍ ପାଠକ ତାଙ୍କ ବିଷୟରେ ଜାଣନ୍ତି। ମହାଭାରତର ଏହି ଅଚ୍ଛ ଆଲୋଚିତ ଚରିତ୍ର ଉପରେ

Source: Author, Digitized by PPRACHIN, SOA

ଆସନ୍ତୁ କିଛି ବିହଙ୍ଗାବଲୋକନ କରିବା...

ମହାରାଜା ଶାନ୍ତନୁଙ୍କ ରାଜତ୍ୱ ସମୟ। ସେ ସମୟରେ 'ଶରଦ୍ୱାନ' ନାମକ ଜଣେ ପ୍ରସିଦ୍ଧ ତପସ୍ୱୀ ଥିଲେ। ଶସ୍ତ୍ର ଓ ଶାସ୍ତ୍ର ବିଦ୍ୟାରେ ସେ ମହାନ ପାଣ୍ଡିତ୍ୟ ଲାଭ କରିଥିଲେ। ସେ ଥିଲେ ମହର୍ଷି ଅଙ୍ଗିରାଙ୍କ ବଂଶଧର ତଥା ମହର୍ଷି ଗୌତମଙ୍କ ନାତି। କଥିତ ଅଛି ଶରଦ୍ୱାନ ମାତାଙ୍କ ଗର୍ଭରୁ ଜନ୍ମ ହେବା ସମୟରେ ହାତରେ ଧନୁର୍ବାଣ ଧରି ଭୂମିଷ୍ଠ ହୋଇଥିଲେ। ଶାସ୍ତ୍ର ବିଦ୍ୟା ସଙ୍ଗେ ସଙ୍ଗେ ଯୁଦ୍ଧ ବିଦ୍ୟାରେ ଶ୍ରେଷ୍ଠତ୍ୱ ପାଇବାପାଇଁ ଶରଦ୍ୱାନ ଘୋର ତପସ୍ୟାରେ ମଜ୍ଜିଗଲେ। ସେ ସମୟରେ ଏଭଳି ତପସ୍ୟାରେ କେହି ମଜ୍ଜିଗଲେ ଦେବତା ମାନେ ଡରିଯାଉଥିଲେ। ଇନ୍ଦ୍ରଙ୍କୁ ଡର ମାଡ଼ି ବସିଲା,କାଳେ ତପୋବଳରେ ବଳୀୟାନ ହୋଇ ଶରଦ୍ୱାନ ଇନ୍ଦ୍ରପଦ ଛଡ଼ାଇ ନେବେ।

ଜ୍ଞାନପଦୀ ନାମକ ଏକ ଅପୂର୍ବ ସୁନ୍ଦରୀ ଅପ୍ସରାଙ୍କୁ ପାଖକୁ ଡାକି ଇନ୍ଦ୍ରଦେବ କହିଲେ... ସୁଶୀଳେ! ମୋ ଇନ୍ଦ୍ରପଦ ତୁମ ହାତରେ। ଶରଦ୍ୱାନ ଘୋର ତପ ସାଧନା କରି ମୋ ଇନ୍ଦ୍ରପଦ ଛଡ଼ାଇ ନେବା ପୂର୍ବରୁ ତୁମେ ଋଷିଙ୍କ ତପସ୍ଥଳକୁ ଯାଇ ତୁମ ରୂପଲାବଣ୍ୟର ଯାଦୁରେ ତାଙ୍କୁ ବିମୋହିତ କରି, ତାଙ୍କ ତପ ଭଙ୍ଗକରି ମୋ ଇନ୍ଦ୍ରପଦ ରକ୍ଷାକର। ଇନ୍ଦ୍ରଙ୍କ ଆକୁଳ ଅନୁରୋଧରେ ଦେବ-ଲଳନା ଜ୍ଞାନପଦୀଙ୍କ ହୃଦୟ ବିଗଳିତ ହୋଇଗଲା। କାଳ ବିଳମ୍ବ ନକରି ସେ ପହଞ୍ଚିଲେ ଅରଣ୍ୟ ପ୍ରଦେଶରେ, ଯେଉଁଠାରେ ଶରଦ୍ୱାନ ଘୋର ତପସ୍ୟାରେ ନିମଗ୍ନ ଥିଲେ।

ନିଜ ରୂପ ଲାବଣ୍ୟରେ ଶରଦ୍ୱାନଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କଲେ ରୂପସୀ ଦେବକନ୍ୟା। ମହର୍ଷିଙ୍କ ଶରୀର କାମବାଣରେ ଜର୍ଜରିତ ହେଲା। ସେ ସ୍ଥାନକୁ ପରିତ୍ୟାଗ କରି ଏକପ୍ରକାର ଦଉଡିବାକୁ ଲାଗିଲେ ଋଷି। ପଛରେ ଅନୁଧାବନ କରୁଥାନ୍ତି ଅପ୍ସରା ଜ୍ଞାନପଦୀ। ଉତ୍ତେଜନା ବଶତଃ ଋଷିଙ୍କ ବୀର୍ଯ୍ୟ ସ୍ଖଳିତ ହୋଇ ଗୋଟିଏ ତୃଣ ଉପରେ ପତିତ ହେଲା। ତୃଣଟି ସଙ୍ଗେ ସଙ୍ଗେ ଦୁଇଖଣ୍ଡ ହୋଇ ଗଲା। ଗୋଟିଏ ଖଣ୍ଡ ପରିଣତ ହେଲା ଏକ ବାଳକରେ; ଦ୍ୱିତୀୟ ଭାଗଟି ହେଲା ଏକ କନ୍ୟା।

ଏହି ସମୟରେ ହସ୍ତିନା ନରେଶ ଶାନ୍ତନୁ ମୃଗୟା ପାଇଁ ଅରଣ୍ୟକୁ ଆସିଥାନ୍ତି। ଏହି ପରିତ୍ୟକ୍ତ ବାଳକ ଓ ବାଳିକାର କ୍ରନ୍ଦନ ରାଜାଙ୍କ କାନରେ ପଡ଼ିଲା।ଯମଜ ସନ୍ତାନ ଦୁହିଁଙ୍କୁ ସାଙ୍ଗରେ ନେଇ, ଲାଳନ ପାଳନ ପାଇଁ ହସ୍ତିନା ରାଜପ୍ରାସାଦରେ ପରିଚାରିକାଙ୍କ ତତ୍ତ୍ୱାବଧାନରେ ଦେଲେ ଶାନ୍ତନୁ।ବାଳକଟିର ନାମ ରଖାଗଲା କୃପ ଏବଂ ବାଳିକା ନାମ କୃପୀ। ଭୀଷ୍ମଙ୍କ ତତ୍ତ୍ୱାବଧାନରେ କୃପ ସମସ୍ତ ପ୍ରକାର ଶସ୍ତ୍ର ଏବଂ ଶାସ୍ତ୍ର ବିଦ୍ୟାରେ ପାରଙ୍ଗମ ହୋଇ ଗଲେ।

Source: Author, Digitized by PPRACHIN, SOA

ମହାଭାରତରେ ଏଭଳି ଅଦ୍ଭୁତ ଜନ୍ମବୃତ୍ତାନ୍ତ କେବଳ କୃପ/କୃପୀଙ୍କ କ୍ଷେତ୍ରରେ ବର୍ଣ୍ଣନା କରାଯାଇନାହିଁ; କୌରବ ଶହେ ଭାଇଙ୍କର ମାଂସ ଗୋଲକରୁ ଜନ୍ମ, ପାଣ୍ଡବ ପାଞ୍ଚଭାଇଙ୍କର ମନ୍ତ୍ର ଆବାହନରୁ ଜନ୍ମ, ଦ୍ରୌପଦୀ ଏବଂ ଧୃଷ୍ଟଦ୍ୟୁମ୍ନଙ୍କର ଯଜ୍ଞ କୁଣ୍ଡରୁ ତଥା ଗୁରୁ ଦ୍ରୋଣଙ୍କର ଏକ ମାଟି ସରା ଭିତରୁ ଜନ୍ମ ଇତ୍ୟାଦି ଅନେକ ଅଲୌକିକ କାହାଣୀରେ ମହାଭାରତର ପୃଷ୍ଠା ପରିପୂର୍ଣ୍ଣ। ପୁରାଣ ଓ ମହାଭାରତର କାହାଣୀ ଭିତରେ ସମାଜପ୍ରତି ଅନେକ ସନ୍ଦେଶ ଓ ଦିଗ ଦର୍ଶନ ରହିଛି। ମନେହୁଏ ସାମାଜିକ ମୂଲ୍ୟବୋଧ ବହନ କରୁଥିବା ଏହି ଗ୍ରନ୍ଥଗୁଡ଼ିକୁ ରୋଚକ କରିବାପାଇଁ ଗ୍ରନ୍ଥକାର ଏଭଳି ଅଦ୍ଭୁତ ଘଟଣାର ଆଶ୍ରୟ ନେଇଥାନ୍ତି।

କୃପ ଏବଂ କୃପୀ ହସ୍ତିନାର ରାଜପ୍ରାସାଦ ଭିତରେ ସମସ୍ତ ପ୍ରକାର ଶିକ୍ଷା ଦୀକ୍ଷା ଓ ସଂସ୍କାର ପାଇ ଆନନ୍ଦରେ ପ୍ରତିପାଳିତ ହେଲେ। ଋଷି ଶରଦ୍ୱାନ, ରାଜପ୍ରସାଦରେ ପହଞ୍ଚି ପୁତ୍ର କୃପଙ୍କର ବ୍ରତୋପନୟନ ସମାପ୍ତି ପରେ ତାଙ୍କୁ ସମସ୍ତ ପ୍ରକାର ଶସ୍ତ୍ରବିଦ୍ୟା ଏବଂ ବେଦରେ ପାରଙ୍ଗମ କରି ଦେଲେ। କାଳକ୍ରମେ କୃପୀଙ୍କ ବିବାହ ଭରଦ୍ୱାଜଙ୍କ ପୁତ୍ର ଦ୍ରୋଣଙ୍କ ସହିତ ସଂପନ୍ନ ହେଲା। କୌରବ ଶହେ ଭାଇ ଏବଂ ପାଣ୍ଡବ ପାଞ୍ଚ ଭାଇଙ୍କର ବାଲ୍ୟଶିକ୍ଷାର ଦାୟିତ୍ୱ କୃପଙ୍କ ହାତରେ ସମର୍ପଣ କଲେ ପିତାମହ ଭୀଷ୍ମ। ସେହି ଦିନଠାରୁ କୃପଙ୍କ ନାମ ସହିତ ଆଚାର୍ଯ୍ୟ ଯୋଡ଼ା ହେଲା ଏବଂ କୃପାଚାର୍ଯ୍ୟ ନାମରେ ସମଗ୍ର ଆର୍ଯ୍ୟାବର୍ତ୍ତରେ ତାଙ୍କୁ ସମସ୍ତେ ଜାଣିଲେ।

ଶୌର୍ଯ୍ୟବୀର୍ଯ୍ୟରେ ଆଚାର୍ଯ୍ୟ ଯେ କୌଣସି ମହାନ ଯୋଦ୍ଧାର ସମକକ୍ଷ ଥିଲେ। ମହାଭାରତରେ ବର୍ଣ୍ଣିତ ଅଛି ଯେ ଏକାକୀ ସେ ଷାଠିଏ ହଜାର ସୈନ୍ୟଙ୍କ ମୁକାବିଲା କରିପାରୁଥିଲେ। ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରେ ରହି ସେ ପାଣ୍ଡବଙ୍କ ବିରୁଦ୍ଧରେ ଯୁଦ୍ଧ କରୁଥିଲେ ମଧ୍ୟ ପାଣ୍ଡବଙ୍କୁ ସେ ଅନ୍ତରରୁ ଭଲ ପାଉଥିଲେ କାରଣ ପାଣ୍ଡବମାନେ ଧର୍ମର ଆଶ୍ରୟ ନେଇଥିଲେ।ଅନ୍ୟ ଦୁଇ ବୟୋବୃଦ୍ଧ ଭୀଷ୍ମ ଏବଂ ଦ୍ରୋଣଙ୍କ ପରି ସେ କୌରବଙ୍କ ଅନୁଗତ ଥିଲେ କାରଣ ରାଜପରିବାରର ଅନ୍ନରେ ସେ ପ୍ରତିପାଳିତ ହୋଇଥିଲେ। ଏହି ବିବଶତା ତାଙ୍କୁ ଅଧର୍ମ ସହିତ ରହିବାକୁ ବାଧ୍ୟ କରିଥିଲା। ଆଚାର୍ଯ୍ୟ ଆଚାରଶ୍ରେଷ୍ଠ ଥିଲେ; ସେଥିପାଇଁ କୃଷ୍ଣ ଏବଂ ପାଣ୍ଡବମାନେ ତାଙ୍କୁ ସମ୍ମାନ ଦେଉଥିଲେ।

ପ୍ରଥମେ ସେ ରାଜପୁତ୍ର ମାନଙ୍କର ଶିକ୍ଷାଗୁରୁ ଥିଲେ। ପରେ ପର୍ଶୁରାମ-ଶିଷ୍ୟ ଦ୍ରୋଣ ରାଜପୁତ୍ରମାନଙ୍କର ଶିକ୍ଷାଦାୟିତ୍ୱ ତୁଲାଇବା ପରେ କୁରୁ ବଂଶର କୁଳଗୁରୁ ଭାବରେ କୃପ ଶେଷ ପର୍ଯ୍ୟନ୍ତ ଦାୟିତ୍ୱ ପାଳନ କରିଥିଲେ।

କୃପାଚାର୍ଯ୍ୟ ସାଧାରଣ ବୀର ନଥିଲେ। ମହାଭାରତ ଯୁଦ୍ଧଶେଷ ହେଲା ବେଳକୁ

Source: Author, Digitized by PPRACHIN, SOA

ଆର୍ଯ୍ୟାବର୍ତ୍ତ ପ୍ରାୟ ବୀର ଶୂନ୍ୟ ହୋଇ ଯାଇଥିଲା। ଅନେକ ରାଜା ଏବଂ ସେମାନଙ୍କ ଅଜେୟ ବାହିନୀ ମୃତ୍ୟୁ ବରଣ କରିଥିଲେ। ରକ୍ତର ନଦୀ ବହି ଯାଇଥିଲା କୁରୁକ୍ଷେତ୍ରରେ। କିନ୍ତୁ କୃପଙ୍କୁ ମୃତ୍ୟୁ ଛୁଇଁ ପାରିନଥିଲା। କୌରବଙ୍କ ପକ୍ଷରୁ ତିନିଜଣ ବୀର ଜୀବିତ ରହିଥିଲେ... କୃପ, ଅଶ୍ୱତ୍ଥାମା ଏବଂ କୃତବର୍ମା (ନାରାୟଣୀ ସେନା ଅଧ୍ୟକ୍ଷ)। ଜାନୁଭଗ୍ନ ହୋଇ ଯେତେବେଳେ ଦୁର୍ଯ୍ୟୋଧନ ମୁମୂର୍ଷୁ ଅବସ୍ଥାରେ ପଡ଼ି ମୃତ୍ୟୁକୁ ଅପେକ୍ଷା କରୁଥିଲେ,ସେ ସମୟରେ ତାଙ୍କ ପାଖରେ ପହଞ୍ଚିଲେ ଏହି ତିନି ବୀର। ଅଶ୍ୱତ୍ଥାମା ମଥାରେ ସେନାପତି ଶାଢ଼ି ବାନ୍ଧି ଦୁର୍ଯ୍ୟୋଧନ ପାଣ୍ଡବ ମାନଙ୍କୁ ସଂହାର କରିବାକୁ ଆଦେଶ ଦେଇଥିଲେ।

ଘୋର ଅନ୍ଧକାର ରାତିରେ ଗୋଟିଏ ଗଛ ମୂଳରେ ବସି ତିନି ବୀର ପରବର୍ତ୍ତୀ ପଦକ୍ଷେପ ବିଷୟରେ ଚିନ୍ତା କରୁଥିଲେ। ଏହି ସମୟରେ, ଅନ୍ଧକାରର ସୁଯୋଗ ନେଇ, ଗଛ ଉପରେ ଥିବା ଚଢେଇ ବସା ଭିତରକୁ ପଶି ଗୋଟିଏ ସାପ ଚଢେଇର ଛୁଆମାନଙ୍କୁ ଭକ୍ଷଣ କଲା। ଅଶ୍ୱତ୍ଥାମାଙ୍କୁ ପରବର୍ତ୍ତୀ ପଦକ୍ଷେପ ସ୍ପଷ୍ଟ ଦେଖାଗଲା। ପାଣ୍ଡବ ଶିବିରରେ ଅନ୍ଧକାର ରାତିରେ ପ୍ରବେଶ କରି ପାଣ୍ଡବ ମାନଙ୍କୁ ଶୟନ ସମୟରେ ହତ୍ୟା କରିବା ଖଳବୁଦ୍ଧି ତାଙ୍କ ମୁଣ୍ଡକୁ ଜୁଟିଲା। ଏକଥା ଶୁଣି କୃପାଚାର୍ଯ୍ୟ କହିଥିଲେ ଯେ ଏହା ଘୋର ଅନ୍ୟାୟ ଏବଂ ଏହି କାର୍ଯ୍ୟରେ ସେ ଅଶ୍ୱତ୍ଥାମାଙ୍କୁ ସମର୍ଥନ ଦେଇ ପାରିବେ ନାହିଁ। କୃପାଚାର୍ଯ୍ୟ ଏବଂ କୃତବର୍ମା ସେ ସ୍ଥାନ ତ୍ୟାଗକରି ଚାଲିଗଲେ ଏବଂ ପାଣ୍ଡବ ଶିବିରରେ ପଶି ଅଶ୍ୱତ୍ଥାମା, ପାଣ୍ଡବ ପାଞ୍ଚଭାଇ ବୋଲି ଭାବି, ଦ୍ରୌପଦୀଙ୍କ ପାଞ୍ଚପୁତ୍ରଙ୍କ ମସ୍ତକ ଛେଦନ କରିଥିଲେ।

ମହାଭାରତ ଯୁଦ୍ଧ ଶେଷରେ ଯେତେବେଳେ ଯୁଧିଷ୍ଠିର ହସ୍ତିନାର ରାଜଦଣ୍ଡ ଗ୍ରହଣ କଲେ ସେତେବେଳେ କୃପାଚାର୍ଯ୍ୟଙ୍କୁ ସେ ହସ୍ତିନାର କୁଳଗୁରୁ ଭାବରେ ପୁନଃ ନିଯୁକ୍ତି ଦେଇଥିଲେ, କାରଣ ସେ ଜାଣିଥିଲେ ଯେ କୃପାଚାର୍ଯ୍ୟ ପାଣ୍ଡବଙ୍କ ଶତ୍ରୁ ନୁହନ୍ତି; କେବଳ କର୍ତ୍ତବ୍ୟ ପାଳନ ଦୃଷ୍ଟିରୁ କୌରବଙ୍କ ପକ୍ଷରେ ରହି ସେ ଯୁଦ୍ଧ କରୁଥିଲେ।

ଦେବୋପମ ଚରିତ୍ର, କର୍ତ୍ତବ୍ୟନିଷ୍ଠା ସହିତ ବିହିତକର୍ମର ଅନୁପାଳନ ତଥା ନିରପେକ୍ଷ ବିଚାର ଧାରା ଯୋଗୁଁ କୃପାଚାର୍ଯ୍ୟ ଆଠଜଣ ଚିରଞ୍ଜିବୀମାନଙ୍କ ମଧ୍ୟରୁ ଅନ୍ୟତମ। ଅନ୍ୟ ସାତଜଣ ହେଲେ ବଳି, ବିଭୀଷଣ, ହନୁମାନ, ବ୍ୟାସଦେବ, ମାର୍କଣ୍ଡେୟ, ପର୍ଶୁରାମ ଏବଂ ଅଶ୍ୱତ୍ଥାମା।

–୦–

Source: Author, Digitized by PPRACHIN, SOA

(୨୪)

ଆଚାର୍ଯ୍ୟଙ୍କ କ୍ରୋଧ

ହସ୍ତିନା ରାଜ ପ୍ରାସାଦର କ୍ରୀଡା ପ୍ରାଙ୍ଗଣ। ସେଠାରେ ସମବେତ ହୋଇଥିଲେ ଧୃତରାଷ୍ଟ୍ରଙ୍କ ଏକଶତ ପୁତ୍ର ଏବଂ ପାଣ୍ଡବ ପାଞ୍ଚ ଭାଇ। ସମସ୍ତେ ଗୋଟିଏ କୂପ ପାଖରେ ଏକତ୍ରିତ ହୋଇ ଚିନ୍ତାରେ ଥିଲେ, କିପରି ତା' ଭିତରେ ପଡ଼ିଯାଇଥିବା କନ୍ଦୁକଟି ଉଦ୍ଧାର କରିବେ।

ଯୁଧିଷ୍ଠିର ଇତସ୍ତତ ହୋଇ ଚାହୁଁଥିଲେ, ହଠାତ୍ ସେ ଆଗରେ ଦେଖିଲେ ଜଣେ ଦୀର୍ଘକାୟ ବ୍ରାହ୍ମଣ ସେମାନଙ୍କ ଆଡ଼କୁ ଅଗ୍ରସର ହେଉଛନ୍ତି। ଶ୍ୱେତ ବସ୍ତ୍ରରେ ଶରୀର ଆଚ୍ଛାଦିତ, କାନ୍ଧରେ ଉପବୀତ ଏବଂ ଶ୍ମଶ୍ରୁବହୁଳ ଥିଲା ମୁଖ ମଣ୍ଡଳ। ମୁଖ ମଣ୍ଡଳରୁ ଦିବ୍ୟ ଜ୍ୟୋତି ନିର୍ଗତ ହେଉଥିଲା। ନିକଟରେ ପହଞ୍ଚି ବ୍ରାହ୍ମଣ,ରାଜପୁତ୍ର ମାନଙ୍କର ଉଦ୍ବେଗର କାରଣ ପଚାରିଲେ। ଯୁଧିଷ୍ଠିର କହିଲେ... ବ୍ରାହ୍ମଣ ମହାରାଜ! ଏହି କୂପ ଭିତରେ ଆମର କନ୍ଦୁକଟି ପଡ଼ିଯାଇଛି, ତେଣୁ ଆମର ଖେଳକୁଦ ଅଟକି ଯାଇଛି;ଆମେ ଚିନ୍ତାରେ ଅଛୁ କିପରି ତାହା ଉଦ୍ଧାର କରିବୁ।

ହସିଲେ ବ୍ରାହ୍ମଣ; କହିଲେ... ହେ ବିଶାଳ କୁରୁ ବଂଶର ରାଜପୁତ୍ର ଗଣ! ଏହି ସାମାନ୍ୟ କାର୍ଯ୍ୟ ତୁମ ମାନଙ୍କ ଦ୍ୱାରା ସମ୍ଭବ ହେଉନାହିଁ; କିପରି ବିଶାଳ ହସ୍ତିନା ସାମ୍ରାଜ୍ୟ ତୁମେମାନେ ଶାସନ କରିବ ?

ନିଜକୁ ଅପମାନିତ ମନେ କଲେ ରାଜପୁତ୍ରଗଣ... ଏ ଅନାହୂତ ପ୍ରାଣୀ ଆମ୍ଭମାନଙ୍କୁ ଏପରି ଅପମାନିତ କରିବାକୁ କିଏ! ଯୁଧିଷ୍ଠିର କହିଲେ... ସତେ ଯେପରି ତୁମେ ମନ୍ତ୍ର ବଳରେ କନ୍ଦୁକଟି ବାହାର କରିଦେବ !

ହସିହସି ବ୍ରାହ୍ମଣ କହିଲେ... ହଁ, ନିଶ୍ଚିତ ଭାବରେ ମନ୍ତ୍ର ବଳରେ ହିଁ ବାହାର କରିବି। ଏହା କହି ପାଖରେ ଥିବା କିଛି ତୃଣକୁ ମନ୍ତ୍ରପଢ଼ି ଗୋଟିଏ ପରେ ଗୋଟିଏ ଯୋଡ଼ି କନ୍ଦୁକ ପର୍ଯ୍ୟନ୍ତ ଲମ୍ବାଇ ଦେଲେ ଏବଂ ଧୀରେ ତାହା କୂପ ଭିତରୁ ବାହାର କରି ଆଣିଲେ।

ଆଶ୍ଚର୍ଯ୍ୟ ଚକିତ ରାଜପୁତ୍ରମାନେ ପଚାରିଲେ... ଏପରି ଅଲୌକିକ ଶକ୍ତିର ଅଧିକାରୀ କିଏ ତୁମେ ମହାତ୍ମା !

ବ୍ରାହ୍ମଣ କହିଲେ... ମୁଁ ଭରଦ୍ୱାଜ ମହର୍ଷିଙ୍କ ପୁତ୍ର ଦ୍ରୋଣ। ପିତାମହ ଭୀଷ୍ମଙ୍କୁ ମୋର

Source: Author, Digitized by PPRACHIN, SOA

ବିଶେଷ ପରିଚୟ ଜଣା।

ରାଜପୁତ୍ରମାନେ ଦ୍ରୋଣଙ୍କୁ ଛାଡ଼ିଲେ ନାହିଁ।ସାଙ୍ଗରେ ଧରି ପହଞ୍ଚିଲେ ପିତାମହ ଭୀଷ୍ମଙ୍କ ପାଖରେ ଏବଂ ତାଙ୍କୁ ଶିକ୍ଷାଗୁରୁ ଭାବରେ ନିଯୁକ୍ତ କରିବାପାଇଁ ପିତାମହଙ୍କୁ ଅନୁରୋଧ କଲେ।

ଭୀଷ୍ମ ଏହି ବିଚକ୍ଷଣ ବ୍ରାହ୍ମଣଙ୍କ ବିଷୟରେ କୃପାଚାର୍ଯ୍ୟଙ୍କଠାରୁ ଆଗରୁ ସବିଶେଷ ଅବଗତ ଥିଲେ, କାରଣ କୃପାଚାର୍ଯ୍ୟ ଦ୍ରୋଣଙ୍କ ଶାଳକ ଥିଲେ। ଶସ୍ତ୍ର ଏବଂ ଶାସ୍ତ୍ରରେ ପର୍ଶୁରାମଙ୍କ ଠାରୁ ଅଲୌକିକ ପାଣ୍ଡିତ୍ୟ ଲାଭ କରିଥିବା ଏହି ବିଚକ୍ଷଣ ଆଚାର୍ଯ୍ୟଙ୍କୁ ଭୀଷ୍ମ ହାତଛଡ଼ା କରିବାକୁ ଚାହୁଁ ନଥିଲେ। ପର୍ଶୁରାମଙ୍କଠାରୁ ପ୍ରାପ୍ତ ଶିକ୍ଷା ଯେବେ କୁରୁବଂଶର ରାଜକୁମାରମାନେ ପାଇବେ, ଆର୍ଯ୍ୟାବର୍ତ୍ତରେ କିଏ ସେମାନଙ୍କ ସମକକ୍ଷ ହୋଇ ପାରିବ ? ସଙ୍ଗେ ସଙ୍ଗେ ପିତାମହ ଦ୍ରୋଣଙ୍କୁ ରାଜପୁତ୍ର ମାନଙ୍କର ଗୁରୁ ଭାବରେ ନିୟୋଜିତ କଲେ। ସେତିକି ନୁହେଁ, ହସ୍ତିନାର ବିଶାଳ ସେନା ବାହିନୀର ଅସ୍ତ୍ରଶିକ୍ଷା ଦାୟିତ୍ୱ ମଧ୍ୟ ଦ୍ରୋଣଙ୍କ ଉପରେ ସମର୍ପଣ କଲେ ପିତାମହ ଭୀଷ୍ମ।

ଏହା ପୂର୍ବରୁ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଦ୍ରୋଣ ଜୀବିକା ଅନୁସନ୍ଧାନରେ ଆକାଶର ଭାସମାନ ମେଘଖଣ୍ଡ ପରି ଘୂରି ବୁଲୁଥିଲେ। ରାଜପୁତ୍ରମାନଙ୍କର ଗୁରୁ ଭାବରେ ନିଯୁକ୍ତି ପାଇବା ପରେ, ନଦୀ ବଢ଼ିରେ ତୃଣପରି ଭାସି ଯାଉଥିବା ତାଙ୍କ ଜୀବନକୁ ସତେ ଯେମିତି ସାହାରା ମିଳିଗଲା। ସେତିକି ନୁହେଁ, ରାଜପୁତ୍ରମାନଙ୍କୁ ଯୁଦ୍ଧ ବିଦ୍ୟାରେ ପ୍ରଶିକ୍ଷିତ କରି ପାଞ୍ଚାଳ ରାଜା ଦ୍ରୁପଦଙ୍କଠାରୁ ପାଇଥିବା ଅପମାନର ପ୍ରତିଶୋଧ ନେବା ଇଚ୍ଛା ତାଙ୍କ ମନରେ ବଳବତ୍ତର ହୋଇଉଠିଲା।

ସେ ଅପମାନ କଣ ଥିଲା ଜାଣିବାକୁ ହେଲେ ଆମକୁ ଦ୍ରୋଣଙ୍କ ବାଲ୍ୟକାଳକୁ ଫେରି ଯିବାକୁ ପଡ଼ିବ। ଦ୍ରୋଣ ଅଯୋନି ସମ୍ଭୂତ ଥିଲେ ଅର୍ଥାତ୍ ମାତା ଗର୍ଭରୁ ସେ ଜନ୍ମଗ୍ରହଣ କରିନଥିଲେ। ଥରେ ଋଷି ଭରଦ୍ୱାଜ ଗଙ୍ଗାନଦୀରେ ସ୍ନାନ କରୁଥିଲେ। ସେହି ସମୟରେ, ସେଠାରେ ସ୍ନାନ କରୁଥିବା 'ଘୃତାଚୀ' ନାମ୍ନୀ ଏକ ଅପ୍ସରାର ନିଟୋଳ ଯୌବନ ଦର୍ଶନରେ ସେ କାମବାଣରେ ପ୍ରପୀଡ଼ିତ ହେଲେ। ଉତ୍ତେଜନାର ଫଳସ୍ୱରୂପ ତାଙ୍କ ଶରୀରରୁ ଯେଉଁ ବୀର୍ଯ୍ୟ ବହିର୍ଗତ ହେଲା ତାହା ସେ ଏକ ପାତ୍ର ବା 'ଦ୍ରୋଣ'ରେ ସାଇତି ରଖିଲେ। ସେହି ଦ୍ରୋଣ ଭିତରୁ ଯେଉଁ ଶିଶୁ ଜନ୍ମ ହେଲା,ମହର୍ଷି ତାଙ୍କ ନାମ ରଖିଲେ ଦ୍ରୋଣ। ମହାଭାରତ ମହାକାବ୍ୟରେ ବର୍ଣ୍ଣିତ ଅନ୍ୟ ଅନେକ ଅଯୋନୀ ସମ୍ଭୂତ/ସମ୍ଭୂତାଙ୍କପରି ଥିଲା ଦ୍ରୋଣଙ୍କର ଏହି ଜନ୍ମ ଉପାଖ୍ୟାନ। ଭରଦ୍ୱାଜଙ୍କ ପୁତ୍ର ହୋଇଥିବାରୁ ତାଙ୍କର ଅନ୍ୟ ଏକ ନାମ ଥିଲା ଭାରଦ୍ୱାଜ। ଓଡ଼ିଆ ମହାଭାରତକାର ଶାରଳା ଦାସ ଦ୍ରୋଣଙ୍କ ଜନ୍ମକାହାଣୀ

Source: Author, Digitized by PPRACHIN, SOA

ଭିନ୍ନ ପ୍ରକାରେ ବର୍ଣ୍ଣନା କରିଛନ୍ତି । ସେ ବର୍ଣ୍ଣନା ଅନୁଯାୟୀ ମହର୍ଷି ଭରଦ୍ୱାଜଙ୍କର ଦୈହିକ ମିଳନ ପ୍ରତି ବିତସ୍ପୃହତା ଯୋଗୁଁ ପତ୍ନୀ ସରସ୍ୱତୀ ସନ୍ତାନ ସମ୍ଭବା ହୋଇ ପାରୁନଥିଲେ । ଅଗସ୍ତି ଋଷିଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରୟାଗ କ୍ଷେତ୍ରରେ ବାଞ୍ଛାବଟ ବୃକ୍ଷତଳେ ବସି ସେ ଦ୍ରୋଣ ନାମକ ଏକ ପକ୍ଷୀକୁ ଅନୁରୋଧ କଲେ ପୁତ୍ର ଦାନ ପାଇଁ । ଦ୍ରୋଣପକ୍ଷୀ ତାଙ୍କୁ ଗୋଟିଏ ଅଣ୍ଡା ଦାନକଲା । ସେହି ଅଣ୍ଡାଟି ପନ୍ଦର ବର୍ଷ ପରେ ଫୁଟିଲା ଏବଂ ତାହା ଭିତରୁ ପ୍ରକଟ ହେଲେ ଦ୍ରୋଣ ନାମକ ଶିଶୁ ।

ବାଃ କି ଚମତ୍କାର କଳ୍ପନାର ଗଳ୍ପଟିଏ ! ଆମ ପୁରାଣମାନଙ୍କ ପୃଷ୍ଠା ଏହିଭଳି କଳ୍ପନା ପ୍ରସୂତ କାହାଣୀରେ ପରିପୂର୍ଣ୍ଣ । ହନୁମାନଙ୍କ ଝାଳରୁ ମକରଧ୍ୱଜର ଜନ୍ମ ହେଉ ବା ପାର୍ବତୀଙ୍କ ଶ୍ରୀଅଙ୍ଗର ହଳଦୀ ଉକୁଟା ମଳିରୁ ଗଣେଶଙ୍କ ଜନ୍ମ ହେଉ ଅଥବା ଖୁମ୍ବ ଭିତରୁ ନୃସିଂହଙ୍କ ଜନ୍ମ ହେଉ, ଅଲୌକିକ ରୋମାଂଚରେ ପରିପୂର୍ଣ୍ଣ ଆମ ପୁରାଣ ପୃଷ୍ଠା । ସମୟକ୍ରମେ କବି ଓ ଲେଖକ ମାନଙ୍କର କଳ୍ପନା ତା ସହିତ ଯୋଡ଼ି ହୋଇ ସୃଷ୍ଟି କରିଛି ପୁଣି ଅନେକ ନୂଆ ନୂଆ କାହାଣୀ ।

ବାଲ୍ୟକାଳରେ ପିତାଙ୍କ ଗୁରୁ-କୁଳରେ ଶାସ୍ତ୍ର ଏବଂ ଶସ୍ତ୍ର ଶିକ୍ଷା କରିଥିଲେ ଦ୍ରୋଣ ।ପିତା ଭରଦ୍ୱାଜଙ୍କର ସଂସାର ସଂଗ୍ରହରେ ତିଳେ ମାତ୍ର ଇଚ୍ଛା ନଥିଲା । ଦିନକୁ ଚାରିମୁଠା ଅନ୍ନ ତାଙ୍କର ଆବଶ୍ୟକ, ତା'ଠାରୁ ଅଧିକ ସେ ସଂଗ୍ରହ କରି ରଖୁନଥିଲେ । ଅପର ପକ୍ଷେ ଦ୍ରୋଣ ଭବିଷ୍ୟତରେ ଏକ ପ୍ରତିଷ୍ଠିତ ବ୍ୟକ୍ତି ହେବାର ସୁନ୍ଦର ସ୍ୱପ୍ନ ଦେଖୁଥିଲେ । ଗୁରୁକୁଳରେ ପାଞ୍ଚାଳ ଯୁବରାଜ ଦ୍ରୁପଦଙ୍କ ସହିତ ନିବିଡ଼ ବନ୍ଧୁତାରେ ସେ ବାନ୍ଧି ହୋଇ ଗଲେ । ବନ୍ଧୁତା ଆବେଗରେ ହେଉ କିମ୍ବା ଯୁବକ ସୁଲଭ ଚପଳତା ବଶତଃ ହେଉ, ଦ୍ରୁପଦ ଦିନେ ତ୍ରିବାର ସତ୍ୟ କରି କହିଲେ ଯେ ଭବିଷ୍ୟତରେ ସେ ଯେବେ ପାଞ୍ଚାଳ ରାଜ୍ୟର ସିଂହାସନ ଆରୋହଣ କରିବେ, ସେ ସମୟରେ ରାଜ୍ୟରୁ ଅର୍ଦ୍ଧଭାଗ ପ୍ରିୟ ବନ୍ଧୁ ଦ୍ରୋଣଙ୍କୁ ଦାନ କରିବେ ।

ଗୁରୁକୁଳ ପରେ ଦ୍ରୁପଦ ନିଜ ରାଜ୍ୟକୁ ଫେରିଗଲେ । ଦ୍ରୋଣ ରହିଗଲେ ଆଶ୍ରମରେ । ଏକଦା ଦ୍ରୋଣଙ୍କର କର୍ଣ୍ଣଗୋଚର ହେଲା ଯେ ପର୍ଶୁରାମ ନିଜର ସମସ୍ତ ସ୍ଥାବର ଅସ୍ଥାବର ସଂପତ୍ତି ଦାନ କରୁଛନ୍ତି । ପର୍ଶୁରାମଙ୍କଭଳି ମହାନ୍ ଯୋଦ୍ଧାଙ୍କ ଠାରୁ କିଛି ପାଇବା ଆଶାରେ ଦ୍ରୋଣ ମହେନ୍ଦ୍ରଗିରିରେ ପହଞ୍ଚିଲେ । ଭରଦ୍ୱାଜଙ୍କ ପୁତ୍ର ଭାବରେ ଦ୍ରୋଣଙ୍କ ପରିଚୟ ପାଇ ଭାର୍ଗବ ପର୍ଶୁରାମ କହିଲେ... ବଡ଼ ଡେରିରେ ଆସିଲ ବତ୍ସ ! ମୁଁ ତ ସବୁ ଦାନ କରିସାରିଛି,କେବଳ ନିଜ ଭିତରେ ଯେଉଁ ବିଦ୍ୟା ଅଛି ଏବଂ ପାଖରେ କିଛି ଦିବ୍ୟ ଅସ୍ତ୍ର ଅଛି, ତାହା ମୁଁ ତୁମକୁ ଦାନକରିପାରେ ।

Source: Author, Digitized by PPRACHIN, SOA

ଦ୍ରୋଣ କହିଲେ... ଭଗବନ୍ ! ବିଦ୍ୟା ଠାରୁ ବଳି ମହାନ ଧନ ଆଉ କ'ଣ ଅଛି, ତାହା ହିଁ ମୋ ପାଇଁ ମହା ଭାଗ୍ୟ।

ପର୍ଶୁରାମଙ୍କ ଠାରୁ ଅନେକ ଦିବ୍ୟାସ୍ତ୍ର ଏବଂ ତା'ର ପ୍ରୟୋଗ ବିଧି ସହିତ ଅନ୍ୟାନ୍ୟ ଶାସ୍ତ୍ର ଶିକ୍ଷା ଲାଭକରି ଦ୍ରୋଣ ଫେରିଲେ।

କୃପଙ୍କ ଭଗ୍ନୀ କୃପୀଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହେଲେ ଦ୍ରୋଣ ଏବଂ କୋଳକୁ ତାଙ୍କର ଅଶ୍ୱତ୍ଥାମା ନାମକ ପୁତ୍ରଟିଏ ଆସିଲା। କିନ୍ତୁ ଦାରିଦ୍ର୍ୟ ଦ୍ରୋଣଙ୍କ ପିଛା ଛାଡ଼ିଲା ନାହିଁ। ଦିନେ ଗୋଟିଏ ଦୃଶ୍ୟ ତାଙ୍କୁ ଅତ୍ୟନ୍ତ ବିଚଳିତ କଲା। ସେ ଦେଖିଲେ ଆଶ୍ରମ ବାହାରେ ପୁତ୍ର ଅଶ୍ୱତ୍ଥାମାକୁ ସାଥି ବାଳକମାନେ ଦୁଗ୍ଧ ବୋଲି କହି ଚୁନପାଣି ଧରାଇ ଦେଇଛନ୍ତି। ତାକୁ ପିଇ ଅଶ୍ୱତ୍ଥାମା ଡେଇଁ ଡେଇଁ ଘରକୁ ଆସି କହୁଛି... ଦେଖ ପିତାଶ୍ରୀ ! ମୁଁ ଆଜି କ୍ଷୀର ପିଇଛି। ଦ୍ରୋଣଙ୍କ ଆଖିରୁ ବହିଗଲା ଦୁଇଧାର ଅଶ୍ରୁ। ଭାବିଲେ... ଧିକ୍ ଏ ଜୀବନ, ନିଜ ସନ୍ତାନ ପାଇଁ କ୍ଷୀର ଟୋପାଏ ଯୋଗାଡ଼ କରି ପାରୁନାହାନ୍ତି। ଏଭଳି ଗାର୍ହସ୍ଥ୍ୟର ଯନ୍ତ୍ରଣା ଆଉ କେତେଦିନ ଭୋଗିବେ ସେ ? ସେଦିନ ଆଶ୍ରମ ତ୍ୟାଗ କରି ଦ୍ରୋଣ ପଣ ନେଲେ, ସ୍ୱାଚ୍ଛନ୍ଦ୍ୟ ଗାର୍ହସ୍ଥ୍ୟ ପାଇଁ ଯାହା ସଂସାର ସଂଗ୍ରହ ଆବଶ୍ୟକ ତାହା ନକରି ସେ ଫେରିବେ ନାହିଁ।

ଦ୍ରୋଣଙ୍କର ବାଲ୍ୟସଖା ଦ୍ରୁପଦଙ୍କ କଥା ମନେପଡିଲା; ମନେପଡିଲା ଗୁରୁକୁଳରେ ଥିବା ସମୟରେ ଦ୍ରୁପଦ କରିଥିବା ପଣ କଥା।ସେ ଯାଇ ପହଞ୍ଚିଲେ ପାଞ୍ଚାଳ ରାଜଧାନୀ କାଂପିଲ୍ୟରେ।

ଗହ ଗହ ସଭା ଜମୁଛି। ସିଂହାସନରେ ବିରାଜମାନ ପାଞ୍ଚାଳ ନରେଶ ଦ୍ରୁପଦ। ଦ୍ରୋଣ ହସ ହସ ମୁହଁରେ ବନ୍ଧୁଙ୍କୁ କୋଳାଗ୍ରତ କରିବାକୁ ଆଗେଇ ଗଲେ। ଦ୍ରୁପଦଙ୍କ ନିର୍ଦ୍ଦେଶରେ ବାଧା ଦେଲେ ରକ୍ଷୀଗଣ।

ଆଶ୍ଚର୍ଯ୍ୟ ହେଲେ ଦ୍ରୋଣ। କହିଲେ... ଏ କଣ ଦ୍ରୁପଦ ! ତୁମେ ଚିହ୍ନି ପାରୁନାହଁ ତୁମ ବାଲ୍ୟ ସଖାକୁ ! ମୁଁ ଦ୍ରୋଣ, ଆମର ନିବିଡ଼ ବନ୍ଧୁତା କଥା ତୁମର କଣ ମନେ ନାହିଁ ଦ୍ରୁପଦ ? ତୁମେ କଥା ଦେଇଥିଲ ସିଂହାସନ ଆରୋହଣ ପରେ ପାଞ୍ଚାଳରୁ ଅର୍ଦ୍ଧେକ ରାଜ୍ୟ ମୋତେ ଦାନ କରି ସେଠାରେ ମୋତେ ରାଜା କରାଇବ। ସବୁ ଭୁଲିଗଲ ! ବନ୍ଧୁତା ମଧ୍ୟ !

ଅଟ୍ଟହାସ କରି ଦ୍ରୁପଦ କହିଲେ... ନିର୍ବୋଧ ବ୍ରାହ୍ମଣ, ବନ୍ଧୁତା ସମାସ୍କନ୍ଧ ବ୍ୟକ୍ତିଙ୍କ ଭିତରେ ହୁଏ। ଭିକ୍ଷୁକ ସହିତ ରାଜାର କେବେ ବନ୍ଧୁତା ସମ୍ଭବ ?

ଲଜ୍ଜା ଓ ଅପମାନରେ ଆରକ୍ତ ହୋଇଗଲା ଦ୍ରୋଣଙ୍କ ମୁଖମଣ୍ଡଳ। କ୍ରୋଧରେ

Source: Author, Digitized by PPRACHIN, SOA

କମ୍ପି ଉଠିଲେ ବ୍ରାହ୍ମଣ। ଆସିଥିଲେ ବନ୍ଧୁଙ୍କ ସହିତ ଦେଖା କରି କିଛି ଗାଈ ନେଇ ପୁତ୍ର ଅଶ୍ୱତ୍ଥାମା ପାଇଁ ଦୁଗ୍ଧ ବ୍ୟବସ୍ଥା କରିବାପାଇଁ। ଏବେ କିନ୍ତୁ ଦ୍ରୁପଦଙ୍କ ଅହଂକାର ତାଙ୍କୁ ବାଧ୍ୟକଲା ଅର୍ଦ୍ଧେକ ରାଜ୍ୟ ମାଗିବା ପାଇଁ। କହିଲେ... କ୍ଷମତା ଲୋଭରେ ଅନ୍ଧ ଅହଂକାରୀ ଦ୍ରୁପଦ! ସତ୍ୟ ଅନୁଯାୟୀ ପାଞ୍ଚାଳରୁ ଅର୍ଦ୍ଧେକ ରାଜ୍ୟ ମୋତେ ଦାନକର, ନହେଲେ ସତ୍ୟଭଙ୍ଗ ଦୋଷରେ ଧର୍ମଦ୍ରୋହୀ ହେବ।

ଦ୍ରୁପଦ କ୍ରୋଧରେ ଗର୍ଜିଉଠି କହିଲେ... ମୋ ବାହୁବଳରେ ଏ ରାଜ୍ୟ ମୁଁ ସୃଷ୍ଟି କରିଛି। ଏହା ତଣ୍ଡୁଳ ନୁହେଁ ଯେ ଭିକ୍ଷାଶୀର ଥାଳରେ ଦାନ କରିଦେବି। ଯଦି ଶକ୍ତି ଅଛି ବାହୁବଳରେ ଜୟକରି ନିଜର ରାଜ୍ୟ ସ୍ଥାପନ କର।

ଘୋର ଗର୍ଜନ କରି କାଂପିଲ୍ୟ ଛାଡ଼ିଲେ ବ୍ରାହ୍ମଣ। ଊର୍ଦ୍ଧ୍ୱକୁ ବାହୁ ଟେକି ଚିତ୍କାର କରୁଥାନ୍ତି... ଉଦ୍ଧତ ଦ୍ରୁପଦ, ବନ୍ଧୁ ପ୍ରତି ତୁମର ଏହି କୃତଘ୍ନତାର ଶାସ୍ତି ଦିନେ ଭୟାବହ ହେବ। ବାହୁବଳରେ ଦିନେ ନା ଦିନେ ପାଞ୍ଚାଳରୁ ଅର୍ଦ୍ଧେକରାଜ୍ୟ ମୁଁ ଛଡାଇନେବି।ଏହା ଭରଦ୍ୱାଜପୁତ୍ର ଦ୍ରୋଣର ଶପଥ।

ଦ୍ରୋଣ ଆଉ ନିଜ ଆଶ୍ରମକୁ ନଫେରି ସିଧା ପହଞ୍ଚିଲେ ହସ୍ତିନାରେ। ହସ୍ତିନାରେ କୌରବ ଏବଂ ପାଣ୍ଡବ ରାଜପୁତ୍ର ମାନଙ୍କର ଶିକ୍ଷା ଭାର ଗ୍ରହଣ କଲାପରେ, ସେମାନଙ୍କୁ ଅଜେୟ ବୀର ଭାବରେ ପ୍ରତିଷ୍ଠା କରି କେଉଁପରି ଦ୍ରୁପଦଙ୍କ ଉପରେ ପ୍ରତିଶୋଧ ନେବେ, ସେହି ଚିନ୍ତାରେ ଥିଲେ ଭରଦ୍ୱାଜନନ୍ଦନ ଦ୍ରୋଣ।

-୦-

(୨୫)

ହିଂସ୍ର ଜନ୍ତୁଙ୍କ ଗୁମ୍ଫାରେ ପାଣ୍ଡବ

ପଣ୍ଡୁଙ୍କ ଦେହତ୍ୟାଗ ପରେ କୁନ୍ତୀ ପାଞ୍ଚପୁତ୍ରଙ୍କୁ ଧରି ଅରଣ୍ୟରୁ ହସ୍ତିନା ରାଜ ପ୍ରାସାଦକୁ ଫେରି ଆସିଲେ ସିନା,କିନ୍ତୁ ରାଜ ପ୍ରାସାଦ କୌଣସି ହିଂସ୍ରଜନ୍ତୁଙ୍କ ଗୁମ୍ଫା ଠାରୁ କମ୍ ନଥିଲା। ଦୁର୍ଯ୍ୟୋଧନ ଏବଂ ତାଙ୍କର ଅନେଶ୍ୱତ ଭାଇ ଯୁଧିଷ୍ଠିରଙ୍କୁ ଜ୍ୟେଷ୍ଠ ଭ୍ରାତାର ଆସନ ଦେବାକୁ ପ୍ରସ୍ତୁତ ନଥିଲେ। ସେମାନେ ଭାବୁଥିଲେ ଜ୍ୟେଷ୍ଠତା ଦେଖାଇ, କୁରୁ ରାଜସିଂହାସନ ହସ୍ତଗତ କରିବାପାଇଁ ଯୁଧିଷ୍ଠିର ଭାଇମାନଙ୍କ ସହିତ ଅରଣ୍ୟରୁ ଫେରି ଆସିଛନ୍ତି। ଦୁର୍ଯ୍ୟୋଧନ ଭାବିଲେ ଯୁଧିଷ୍ଠିର ବୟସରେ ବଡ଼ ହେଲେ କଣ ହେଲା, ସିଂହାସନରେ ପ୍ରଥମ ଅଧିକାର

Source: Author, Digitized by PPRACHIN, SOA

କୌରବମାନଙ୍କର, କାରଣ ସେମାନେ ଗାଦିସୀନ ରାଜା ଧୃତରାଷ୍ଟ୍ରଙ୍କ ପୁତ୍ର।

କେବଳ ଘୃଣାପୂର୍ଣ୍ଣ ବ୍ୟବହାର ନୁହେଁ,ପାଣ୍ଡବ ମାନଙ୍କର ପିତୃତ୍ୱକୁ ନେଇ ଅନେକ ଅପଶବ୍ଦ କହିବା ଆରମ୍ଭ କରିଦେଲେ ଦୁର୍ଯ୍ୟୋଧନ। ତାଚ୍ଛଲ୍ୟ କରି କୌରବମାନେ ପାଣ୍ଡବ ମାନଙ୍କୁ କହିଲେ... କେଉଁ ଜଙ୍ଗଲରୁ ଆସିଛ ଜନ୍ତୁଗଣ ? ଦେଖା ଯାଉଛ ମର୍କଟ ପରି, ପିତା କିଏ ଠିକ୍ ନାହିଁ, ଆସିଛ ପ୍ରାସାଦ ଭିତରେ ରହିବ ?କେଉଁ ବାପର ସଂପତ୍ତି ରାଜନବର ଭିତରେ ତୁମର ଅଛିଯେ ଆସିଛ ଭୋଗ କରିବାକୁ? ଦୁର୍ଯ୍ୟୋଧନ ଯୁଧିଷ୍ଠିରଙ୍କୁ 'ଧର୍ମଙ୍କ ନନ୍ଦନ' ନାମରେ ସମ୍ବୋଧନ କରୁଥିଲେ। ଭୀମଙ୍କୁ ଡାକିଲାବେଳେ କହୁଥିଲେ... 'ଆସ ହେ ପବନ ନନ୍ଦନ'। ସେହିପରି ଅର୍ଜୁନଙ୍କୁ ଇନ୍ଦ୍ରଙ୍କ ନନ୍ଦନ ଏବଂ ନକୁଳ ସହଦେବଙ୍କୁ 'ସ୍ୱର୍ଗବୈଦ୍ୟଙ୍କ ନନ୍ଦନ' ବୋଲି ସମ୍ବୋଧନ କରୁଥିଲେ।

ଭୀମ ମଧ୍ୟ ଛାଡୁନଥିଲେ। କୌଣସି ସୂତ୍ରରୁ ସେ ଜାଣିଥିଲେ ଯେ ଗାନ୍ଧାରୀ ଉଁଆସୀ କନ୍ୟା ହୋଇ ଥିବାରୁ, ଧୃତରାଷ୍ଟ୍ରଙ୍କ ସହିତ ବିବାହ ପୂର୍ବରୁ ସେ ସାହାଡା ଗଛକୁ (ଗୋଲକ ବୃକ୍ଷ) ପ୍ରଥମେ ବିବାହ କରାଇଥିଲେ। ସାହାଡ଼ା ଗଛଟି ମରିଯିବା ପରେ ଗାନ୍ଧାରୀ ଉଁଆସୀ-ଦୋଷ ମୁକ୍ତ ହୋଇ ଧୃତରାଷ୍ଟ୍ରଙ୍କୁ ବିବାହ କରିଥିଲେ।ତେଣୁ ଭୀମସେନ କୌରବ ମାନଙ୍କୁ 'ଗୋଲକ ନନ୍ଦନ' କହି ମଧ୍ୟ ଅପମାନିତ କରୁଥିଲେ ।

କୁଳଗୁରୁ କୃପାଚାର୍ଯ୍ୟ ଏବଂ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଠାରୁ ଉପଯୁକ୍ତ ଶିକ୍ଷା ପାଇ ପାଣ୍ଡବମାନେ ଶସ୍ତ୍ରବିଦ୍ୟାରେ କୌରବଙ୍କ ଠାରୁ ଅଧିକ ପଟୁତା ପ୍ରଦର୍ଶନ କଲେ। ଅର୍ଜୁନଙ୍କ ଭଳି ଅଜେୟ ଧନୁର୍ଦ୍ଧର ସେ ସମୟରେ ବିଶ୍ୱରେ କେହି ନଥିଲେ। ଗଦାଯୁଦ୍ଧରେ ଭୀମସେନ ପ୍ରଚଣ୍ଡ ପ୍ରତିଭାଧର ହୋଇ ବାହାରିଲେ। ଭାଲ ଯୁଦ୍ଧରେ ଯୁଧିଷ୍ଠିରଙ୍କ ସମକକ୍ଷ ବିଶ୍ୱରେ କେହି ନଥିଲେ। ସେହିଭଳି କୁନ୍ତ ଓ ଖଡ୍ଗଯୁଦ୍ଧରେ ଅଜେୟ ଥିଲେ ନକୁଳ ଓ ସହଦେବ। ପାଣ୍ଡବମାନଙ୍କର ଏହି ନିପୁଣତା ଦୁର୍ଯ୍ୟୋଧନଙ୍କ ଈର୍ଷାର ଅନ୍ୟ ଏକ କାରଣ ଥିଲା।

ଦୁର୍ଯ୍ୟୋଧନଙ୍କୁ ପଣ୍ଡୁପୁତ୍ରମାନଙ୍କ ବିରୁଦ୍ଧରେ ଉତ୍ସାହିତ କରୁଥିଲେ ମାମୁଁ ଶକୁନି, ଭ୍ରାତା ଦୁଃଶାସନ ଏବଂ ଗୁରୁ ଦ୍ରୋଣଙ୍କର ପୁତ୍ର ଅଶ୍ୱତ୍ଥାମା।ପାଣ୍ଡବ ମାନଙ୍କୁ ହତ୍ୟା କରିବାର ଷଡଯନ୍ତ୍ର ଆରମ୍ଭ କରିଦେଲେ କୁରୁ ରାଜପୁତ୍ରଗଣ।ଏହି ଷଡଯନ୍ତ୍ରର ସ୍ପଷ୍ଟ ଆଭାସ ପାଇ ଭୟରେ ଶିହରି ଉଠିଲେ କୁନ୍ତୀ।

କୌରବମାନଙ୍କ ତାଚ୍ଛଲ୍ୟ ଓ ଅପଶବ୍ଦକୁ ଯୁଧିଷ୍ଠିର ସହ୍ୟ କରି ଯାଉଥିଲେ। କିନ୍ତୁ ଭୀମ ଛାଡ଼ିବା ବ୍ୟକ୍ତି ନୁହନ୍ତି। ସୁଯୋଗ ମିଳିଲେ ସେ କୌରବ ମାନଙ୍କୁ ହନ୍ତସନ୍ତ କରୁଥିଲେ। ନିଜେ ଭୀମ ସନ୍ତରଣପଟୁ ଥିଲେ। ତେଣୁ କୌରବ ଭାଇ ମାନଙ୍କୁ ଗଙ୍ଗାନଦୀ ଜଳରେ ବୁଡାଇ ପେଟେ ପେଟେ ପାଣି ପିଇବାପରେ ଛାଡୁଥିଲେ। କେତେବେଳେ କାହାକୁ ମାଙ୍କଡ

Source: Author, Digitized by PPRACHIN, SOA

ଭଳି ଗୋଡ ଉପରକୁ ଓ ମୁଣ୍ଡ ତଳକୁ କରି ବୁଲାଇ ବୁଲାଇ ଗଙ୍ଗାନଦୀ ଭିତରକୁ ଫିଙ୍ଗୁଥିଲେ ତ କାହାକୁ ବୃକ୍ଷର ଉପର ଡାଳରେ ବସାଇ ଦେଇ ଚାଲି ଯାଉଥିଲେ । ତେଣୁ ଭୀମସେନଙ୍କୁ ଦେଖି ଭୟରେ କୌରବ ଭାଇମାନେ ଯିଏ ଯୁଆଡେ ପଳାଉଥିଲେ ।

କୁନ୍ତୀଙ୍କୁ ରାଜପ୍ରସାଦ ଭିତରେ ଖୁବ୍ ଏକା ଏକା ଏବଂ ଅସହାୟ ଲାଗୁଥିଲା । ଦିନେ ଏହି ରାଜପୁରୀରେ ରାଣୀ ଭାବରେ ଶହ ଶହ ଦାସୀଙ୍କୁ ସେ ନିର୍ଦ୍ଦେଶ ଦେଉଥିଲେ, ଆଜି କିନ୍ତୁ ତାଙ୍କ ପାଖରେ ଦଣ୍ଡେ ବସିବା ପାଇଁ କାହାପାଖରେ ସମୟ ନାହିଁ । ପାଟରାଣୀ ଭାବରେ ଦିନେ ଏହି ପ୍ରାସାଦର ଭଣ୍ଡାର ଘରର ଦାୟିତ୍ୱ ଥିଲା ତାଙ୍କ ହାତରେ, କିନ୍ତୁ ଆଜି ସେ ନିଜେ କପର୍ଦ୍ଦକଶୂନ୍ୟ, ଅନ୍ୟ ପାଖରେ ହାତପାତି ବସିଛନ୍ତି ନିଜର ଏବଂ ପୁତ୍ର ମାନଙ୍କର ପାଳନ ପୋଷଣ ପାଇଁ ।

ଦେହରେ ରହିଛି ଶୁଭ୍ରବାସ, ଅବୟବରେ ନାହିଁ କିଛି ଅଳଙ୍କାର ନ୍ୟାସ, ରାଜପୁରୀରେ ପୁତ୍ରମାନେ ତପସ୍ୱୀ ସନ୍ତାନ ପରି ଜୀବନ ଯାପନ କରୁଛନ୍ତି; ଏ ପରିବେଶରେ ନିଜକୁ ବଡ଼ ଅସହାୟ ମନେକଲେ କୁନ୍ତଭୋଜ କନ୍ୟା ।

ଦୁର୍ଯ୍ୟୋଧନ ଭୀମଙ୍କୁ ଦେଖିଲେ ଈର୍ଷାରେ ରକ୍ତଚାଉଳ ଚୋବାଉଥିଲେ । ତାଙ୍କର ମନେହେଲା ଭୀମସେନ ହିଁ ତାଙ୍କର ରାଜସିଂହାସନ ପ୍ରାପ୍ତି ପଥରେ ଅନ୍ତରାୟ ହେବେ । ତାଙ୍କୁ କୌଣସି ପ୍ରକାରେ ବାଟରୁ ହଟାଇଦେଲେ ଅନ୍ୟ ପଣ୍ଡୁ ଚାରିଭାଇ ବଳେଇ ଯିବେ ନାହିଁ । ତେଣୁ ଦିନେ ମାତୁଳ ଶକୁନି ଏବଂ ଭ୍ରାତା ଦୁଃଶାସନ ସହିତ ଖଳ ମନ୍ତ୍ରଣା କରି ଭୀମଙ୍କୁ ଚିରନିଦ୍ରାରେ ଶୁଆଇ ଦେବାର ଯୋଜନା କଲେ ଦୁର୍ଯ୍ୟୋଧନ । ବଡ଼ ଖାଦ୍ୟପ୍ରିୟ ଥିଲେ ଭୀମସେନ । ଦ୍ୱିତୀୟ-ପାଣ୍ଡବଙ୍କର ଏହି ଦୁର୍ବଳତାର ସୁଯୋଗ ନେଇ ଦୁର୍ଯ୍ୟୋଧନ ଭୀମଙ୍କୁ ଗଙ୍ଗାତଟକୁ ଡାକିନେଇ, ସୁମିଷ୍ଟ ଲଡୁରେ ବିଷ ମିଶାଇ ପେଟ ପୁରା ଖୁଆଇ ଦେଲେ । ବିଷ ପ୍ରଭାବରେ ଭୀମସେନ ଅଚେତ ହୋଇ ଯିବାପରେ କୌରବମାନେ ତାଙ୍କ ହାତ ପାଦ ବାନ୍ଧିଦେଇ ଗଙ୍ଗା ନଦୀର ଅଥଳ ଗଣ୍ଡ ଭିତରକୁ ଭିଙ୍ଗିଦେଇ ପ୍ରାସାଦକୁ ଫେରି ଆସିଲେ ।

ପଣ୍ଡୁ-ଭାଇମାନଙ୍କ ମଧ୍ୟରେ ଭାଳେଣି ପଡିଗଲା... କୁଆଡେ ଗଲେ ବୃକୋଦର ! ମାଆ କୁନ୍ତୀଙ୍କ ଆଖିରୁ ବହିଲା ଅଜସ୍ର ଅଶ୍ରୁ ଧାର... କୁଆଡେ ଗଲା ମୋ ଭୀମ ! ଗଙ୍ଗାକୂଳ ଖୋଜି ଖୋଜି ବ୍ୟସ୍ତ ହୋଇ ପଡିଲେ ଭାଇମାନେ ।ପିତାମହ ଭୀଷ୍ମ ଏବଂ ବିଜ୍ଞ ବିଦୁରଙ୍କ କପାଳରେ ଚିନ୍ତାର ରେଖା ସୁସ୍ପଷ୍ଟ; ଦୁର୍ଯ୍ୟୋଧନ ଏବଂ ଦୁଃଶାସନଙ୍କର ଭୀମଙ୍କପ୍ରତି ଅସୂୟା ଭାବ ତାଙ୍କୁ ଅଜଣା ନଥିଲା; ଲେଙ୍ଗେଡା ମାମୁଁ ଶକୁନିଙ୍କ କୁଟିଳ ବୁଦ୍ଧି ବିଷୟରେ ମଧ୍ୟ ସେମାନେ ଅବଗତ ଥିଲେ... କିଛି ଅଘଟଣ ଘଟିନାହିଁ ତ !

Source: Author, Digitized by PPRACHIN, SOA

କୁନ୍ତୀ ବାରମ୍ବାର ଚେତାଶୂନ୍ୟ ହୋଇ ପଡୁଥାନ୍ତି ।ତାଙ୍କୁ ପ୍ରବୋଧନା ଦେଉଥାନ୍ତି ଯୁଧିଷ୍ଠିର ।ମାତା କୁନ୍ତୀ କହୁଥାନ୍ତି... କାହିଁକି ତୁମେ ଭୀମଙ୍କୁ ଏକା ଛାଡ଼ି ଆସିଲ ?

ଯୁଧିଷ୍ଠିର କହିଲେ... ଆମର ତାଙ୍କ ସହିତ ଶେଷ ଦେଖାବେଳେ ଦୁର୍ଯ୍ୟୋଧନ ଓ ଦୁଃଶାସନଙ୍କ ସହିତ କ୍ରୀଡାରତ ଥିଲେ ଭୀମ; ବର୍ତ୍ତମାନ ଦୁର୍ଯ୍ୟୋଧନ କହୁଛନ୍ତି ସେ ଭୀମଙ୍କୁ ଦେଖି ନାହାନ୍ତି !

ଗଙ୍ଗା କୂଳରେ ପହଞ୍ଚି ଉଚ୍ଚ ସ୍ୱରରେ ଭୀମଙ୍କୁ ଡାକୁଥାନ୍ତି ସମସ୍ତେ । ଦୁର୍ଯ୍ୟୋଧନ ମନେମନେ ହସୁଥାନ୍ତି, ଭାବୁଥାନ୍ତି... 'ଆଉ ଅଛି ଯେ ଡାକଶୁଣି ଆସିବ ? ଗଙ୍ଗାର ଅଥଳ ଜଳଭିତରେ ବିଷଧର ସର୍ପମାନେ ଭୀମଙ୍କୁ ଦଂଶନ କରି ମାରିସାରିବେଣି ।

ଦୁର୍ଯ୍ୟୋଧନଙ୍କ ଅନୁମାନ ଠିକ୍ ଥିଲା । ଗଣ୍ଡ ଭିତରେ ଥିବା ବିଷଧର ସର୍ପମାନେ ଭୀମଙ୍କୁ ଦଂଶନ କଲେ । କିନ୍ତୁ ସେ ଦଂଶନ ତାଙ୍କ ପାଇଁ ବରଦାନ ହେଲା । ସର୍ପବିଷ,ଦେହଭିତରେ ଥିବା ବିଷକୁ ନିଷ୍କ୍ରିୟ କରିଦେଲା । ଫଳରେ ଚେତନା ପାଇ ମହାବଳୀ ଭୀମ, ଦେହରେ ବନ୍ଧାଯାଇଥିବା ରଜ୍ଜୁକୁ ଛିଣ୍ଡାଇ ଜଳ ଉପରକୁ ଉଠିଲେ । ଜଳ ଭିତରୁ କୂଳକୁ ଉଠିବା ବେଳେ ଜଣାଯାଉଥିଲେ ସତେ ଅବା ଏକ ବିଶାଳ ହସ୍ତି ଜଳକ୍ରୀଡା ଶେଷକରି ନଦୀ ଉପରକୁ ଉଠୁଛି ।

ଭୀମଙ୍କର ରାଜପ୍ରସାଦକୁ ପ୍ରତ୍ୟାବର୍ତ୍ତନ ପରେ ପାଣ୍ଡବ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଗଲା । ଦୁର୍ଯ୍ୟୋଧନ ଏବଂ ଷଡ଼ଯନ୍ତ୍ରକାରୀମାନେ ମୁହଁ ଲୁଚାଇ ଯେ ଯାହା ବାଟରେ ଚାଲିଗଲେ ।ଦେହରେ ଚରିଯାଇଥିବା ବିଷକୁ ସର୍ପବିଷ କାଟିବା ପରେ ପୂର୍ବ ଅପେକ୍ଷା ଆହୁରି ବଳଶାଳୀ ହୋଇଉଠିଲେ ଭୀମସେନ । ଦୁର୍ଯ୍ୟୋଧନ ବିଷଲଡୁ ଖୁଆଇବା କଥା ବିଦୁରଙ୍କ ଆଗରେ ବର୍ଣ୍ଣନା କରୁ କରୁ କୁନ୍ତୀ ଚିନ୍ତିତ ହୋଇ ପଡିଲେ । ବିଦୁର ବିଜ୍ଞ ବ୍ୟକ୍ତି ଥିଲେ । ଏହି ଘଟଣା ପ୍ରଘଟ ନକରିବାକୁ ସେ ଉପଦେଶ ଦେଲେ । ଘଟଣାଟି ପ୍ରଘଟ ହେଲେ ପ୍ରଥମତଃ ରାଜପରିବାରର ଗୁମର ପଦାରେ ପଡ଼ିଯିବ ଏବଂ ପ୍ରଜାମାନଙ୍କର କୁରୁବଂଶ ପ୍ରତି ଖରାପ ଧାରଣା ସୃଷ୍ଟି ହେବ । ଦ୍ୱିତୀୟରେ ଘଟଣା ପ୍ରଘଟ ହେଲେ ଭାଇମାନଙ୍କ ଭିତରେ ଅଯଥା ବିଦ୍ୱେଷ ବଢିବ ଏବଂ ଦୁର୍ଯ୍ୟୋଧନ ଓ ଚକ୍ରାନ୍ତକାରୀମାନେ ପ୍ରତିଶୋଧ ପରାୟଣ ହୋଇ ପାଣ୍ଡବମାନଙ୍କର ଅଧିକ କ୍ଷତି ଘଟାଇବେ ।

ବିଜ୍ଞ ବିଦୁରଙ୍କ ପରାମର୍ଶ ମାନିଲେ ପାଣ୍ଡବମାନେ । କିନ୍ତୁ ସେହି ଦିନଠାରୁ କୁନ୍ତୀ ପୁତ୍ରମାନଙ୍କଠାରୁ ଶପଥ କରାଇନେଲେ ଯେ ଯେକୌଣସି ପରିସ୍ଥିତିରେ ପାଞ୍ଚଭାଇ ଏକତ୍ରିତ ହୋଇ ରହିବେ ଏବଂ ମାତାଙ୍କ ଆଦେଶକୁ ସର୍ବଦା ପାଳନ କରିବେ; 'ଷଡ ଶରୀର ଏକ ଆତ୍ମା' ହୋଇ ରହିବେ ପଣ୍ଡୁ-ପରିବାର । ଏହି ଘଟଣା ପରଠାରୁ କୌରବ ଓ ପାଣ୍ଡବଙ୍କ

Source: Author, Digitized by PPRACHIN, SOA

ମଧ୍ୟରେ ବିଭେଦ ସୃଷ୍ଟି ହୋଇ ଶତ୍ରୁତା ଦୃଢ଼ ହେବାରେ ଲାଗିଲା।

ଓଡ଼ିଆ ମହାଭାରତକାର ଶାରଳା ଦାସ ଭୀମଙ୍କ ବିଷଲଡୁ ଭୋଜନ ଘଟଣାକୁ କିଛି ଭିନ୍ନ ଭାବରେ ବର୍ଣ୍ଣନା କରିଛନ୍ତି। ଶାରଳା ମହାଭାରତ ଅନୁସାରେ ଭୀମ ବିଷଲଡୁ ଖାଇ ମୃତ୍ୟୁ ବରଣ କରିଥିଲେ। ତାଙ୍କ ଶବକୁ ହାତପାଦ ବାନ୍ଧି ଯମୁନା ଜଳରେ କୌରବମାନେ ଫିଙ୍ଗି ଦେଇଥିଲେ। ଭୀମଙ୍କ ମୃତ ଦେହକୁ ବେଲାମାଳୀ ନାମ୍ନୀ ନାଗକନ୍ୟା ନାଗଲୋକକୁ ନେଇ ଜୀବନ୍ୟାସ ଦେଇଥିଲେ। ବେଲାମାଳୀଙ୍କ ପିତା ଅନନ୍ତନାଗ କନ୍ୟାର ବିବାହ ଭୀମସେନଙ୍କ ସହିତ ସଂପନ୍ନ କରିଥିଲେ। ଭୀମସେନ କିଛିଦିନ ନାଗପୁରୀରେ ବିତାଇବା ପରେ ଭାଇମାନଙ୍କ ପାଖକୁ ଫେରି ଆସିଥିଲେ। ଭୀମଙ୍କ ଔରସରୁ, ବେଲାମାଳୀ ନାଗକନ୍ୟାଙ୍କ ଗର୍ଭରୁ 'ବେଲାଳସେନ' ନାମକ ପୁତ୍ର ଜନ୍ମଲାଭ କରିଥିଲା। ଶାରଳା ଦାସଙ୍କର ଏହି ବର୍ଣ୍ଣନା ମୂଳ ମହାଭାରତରେ ନାହିଁ। କିନ୍ତୁ ମୂଳ ମହାଭାରତ ଗୋଟିଏ ବିଶାଳ ବଟବୃକ୍ଷ ହେଲେ ଏହି ଯୋଡ଼ାଯାଇଥିବା କଥା ଗୁଡିକ, ବୃକ୍ଷକୁ ସୁଦୃଢ କରୁଥିବା ତାର ଓହଳ ସଦୃଶ। ଏହି ଉପକଥାଗୁଡିକ ପାଠକ ପାଇଁ ଅଶେଷ ଆନନ୍ଦ ଦାୟକ।

-୦-

(୨୬)

ଅନାହୂତ ଆଗନ୍ତୁକ

ପାଣ୍ଡବ ଏବଂ କୌରବ ରାଜପୁତ୍ରମାନେ ଯୁଦ୍ଧ ବିଦ୍ୟା, ପ୍ରଥମେ କୁଳଗୁରୁ କୃପାଚାର୍ଯ୍ୟ ଏବଂ ପରେ ପର୍ଶୁରାମ-ଶିଷ୍ୟ ଦ୍ରୋଣାଚାର୍ଯ୍ୟଙ୍କ ଠାରୁ ଶିକ୍ଷା କରି ବିଶ୍ୱରେ ଅଜେୟ ବୀର ଭାବରେ ନିଜ ନିଜର ପରିଚୟ ଦେବାପାଇଁ ପ୍ରସ୍ତୁତ ହୋଇ ରହିଥିଲେ। ରୀତି ନୀତି ଅନୁଯାୟୀ, ଶିକ୍ଷାଲାଭ ଉପରାନ୍ତେ, ଯେ ଯାହାର ବିଦ୍ୟାର ପରୀକ୍ଷା ଦେବାପାଇଁ ବା ପ୍ରଦର୍ଶନ କରିବାପାଇଁ ଗୋଟିଏ ଦିନ ସ୍ଥିର କରାଗଲା। ରାଜନବର ନିକଟସ୍ଥ ଏକ ପ୍ରଶସ୍ତ ପ୍ରାଙ୍ଗଣ ରଙ୍ଗଭୂମି ପାଇଁ ପ୍ରସ୍ତୁତ କରାଗଲା। ରାଜକୁମାର ମାନଙ୍କର ଯୁଦ୍ଧକୌଶଳ ଦର୍ଶନ କରିବା ପାଇଁ ରାଜ୍ୟର ଗଣ୍ୟମାନ୍ୟ ବ୍ୟକ୍ତି ନିମନ୍ତ୍ରିତ ହୋଇଥିଲେ। ଶାରଳା ମହାଭାରତ ଅନୁସାରେ ଶ୍ରୀକୃଷ୍ଣ ଏବଂ ଶ୍ରୀବଳରାମ ମଧ୍ୟ ଏହି ପ୍ରଦର୍ଶନୀ ଉପଭୋଗ କରିବା ପାଇଁ ଦ୍ୱାରକାରୁ ଆସିଥିଲେ।

ପ୍ରଦର୍ଶନ ସ୍ଥଳରେ ସମ୍ରାଟ ଓ ସଭାସଦଙ୍କ ବ୍ୟତୀତ ଅନ୍ତଃପୁରବାସିନୀମାନଙ୍କ ପାଇଁ ଆସ୍ଥାନର ବ୍ୟବସ୍ଥା କରାଯାଇଥିଲା। ସତ୍ୟବତୀ, ଗାନ୍ଧାରୀ ଏବଂ କୁନ୍ତୀ ଏବଂ ସେମାନଙ୍କର

Source: Author, Digitized by PPRACHIN, SOA

ଅନେକ ପରିଚାରିକା ଝିନ୍ନ ପରଦା ଅନ୍ତରାଳରେ ରହି କୁମାରମାନଙ୍କ ଯୁଦ୍ଧବିଦ୍ୟା ପ୍ରଦର୍ଶନ ଦେଖିବାପାଇଁ ଉଦ୍ବେଗ ସହିତ ଅପେକ୍ଷା କରି ରହିଲେ।

ସୁବର୍ଣ୍ଣ ସିଂହାସନରେ ଆସୀନ ହୋଇଥାନ୍ତି ରାଜା ଧୃତରାଷ୍ଟ୍ର। ନିକଟରେ ଉପବିଷ୍ଟ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୁଳଗୁରୁ କୃପାଚାର୍ଯ୍ୟ ଏବଂ ବିଜ୍ଞ ବିଦୁର।

ରଙ୍ଗଭୂମିର ଚତୁର୍ପାର୍ଶ୍ୱ ସୁରକ୍ଷିତ ହୋଇ ରହିଥିଲା ଏବଂ ପ୍ରବେଶ ଦ୍ୱାରରେ ସ୍ୱାଗତ ପାଇଁ ସୁସଜ୍ଜିତ ତୋରଣ ଶୋଭା ପାଉଥିଲା।

ଏହି ସମୟରେ ସମସ୍ତ ରାଜପୁତ୍ର ପ୍ରାଙ୍ଗଣରେ ପ୍ରବେଶ କଲେ।ଗହ ଗହ ଶବ୍ଦରେ କମ୍ପି ଉଠିଲା ରଙ୍ଗଭୂମି। ନିଜ ନିଜର ଅସ୍ତ୍ରରେ ସୁସଜ୍ଜିତ ରାଜପୁତ୍ରମାନେ ଯେ ଯାହାର ସ୍ଥାନ ଗ୍ରହଣ କଲେ। ଏହି ସମୟରେ କୁଳଗୁରୁ କୃପାଚାର୍ଯ୍ୟ ଉତ୍ସବ ଆରମ୍ଭ ହେବା ଘୋଷଣା କଲେ। ଜଣ ଜଣ କରି ପ୍ରତି ରାଜପୁତ୍ର ମଞ୍ଚାସୀନ ଗୁରୁଜନ ମାନଙ୍କର ପାଦବନ୍ଦନା କରି ନିଜର ପରାକ୍ରମ ପ୍ରଦର୍ଶନ କରିବାପାଇଁ ପ୍ରସ୍ତୁତ ହୋଇ ରହିଲେ।

ପ୍ରଥମେ ଯୁଧିଷ୍ଠିର ନିଜର ଭାଲକ୍ଷୁଦ୍ଧ କୌଶଳ ଏବଂ ତା'ପରେ ଦୁର୍ଯ୍ୟୋଧନ ନିଜର ଗଦାଯୁଦ୍ଧ କୌଶଳ ପ୍ରଦର୍ଶନ କଲେ। ଦୁର୍ଯ୍ୟୋଧନଙ୍କ ପ୍ରଦର୍ଶନ ସମୟରେ କୌରବ ଭାଇମାନେ 'ସାଧୁ ସାଧୁ' ଶବ୍ଦରେ ରଙ୍ଗଭୂମି ପ୍ରକମ୍ପିତ କରିଦେଲେ। ତା'ପରେ ଆସିଲା ମହାବଳୀ ଭୀମଙ୍କ ପାଳି। ଅଦ୍ଭୁତ ଗଦା ଚାଳନା ବ୍ୟୁତ୍ପତ୍ତି ପ୍ରଦର୍ଶନ କରି ବୃକୋଦର ଉପସ୍ଥିତ ଜନ ସାଧାରଣଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଲେ। କୌରବ ଭାଇମାନେ ସିନା ଜୋକ ମୁହଁରେ ଲୁଣ ଦେଲାପରି ଚୁପ୍ ହୋଇ ରହିଲେ; କିନ୍ତୁ ଉପସ୍ଥିତ ଜନସାଧାରଣଙ୍କ କରତାଳି ଓ ସାଧୁବାଦ ଶବ୍ଦରେ ପରିବେଶ ମୁଖରିତ ହୋଇ ଉଠିଲା। କୁନ୍ତୀଙ୍କ ହୃଦୟ ମଧ୍ୟ ଆନନ୍ଦରେ ପୁଲକିତ ହୋଇ ଉଠିଲା।ପାଖରେ ବସିଥିବା ଗାନ୍ଧାରୀ ପଚାରିଲେ... କାହାର ପ୍ରଦର୍ଶନ ଦେଖି ଜନସାଧାରଣ ଏତେ ଆନନ୍ଦିତ କୁନ୍ତୀ?

କୁନ୍ତୀ କହିଲେ... ଦିଦି, ଆପଣଙ୍କ ପ୍ରିୟ ଭୀମର ପ୍ରଦର୍ଶନ ଦେଖି ଜନସାଧାରଣ ଏତେ ଆନନ୍ଦିତ।

ଆନନ୍ଦରେ ଗାନ୍ଧାରୀ କହିଲେ... ମୋ ଭୀମକୁ ପ୍ରଭୁ କୋଟି ପରମାୟୁ ଦିଅନ୍ତୁ କୁନ୍ତୀ।

ଏହାପରେ ଅନ୍ୟ ରାଜପୁତ୍ର ମାନଙ୍କର ପ୍ରଦର୍ଶନ ସଭାସଦ ଓ ଜନସାଧାରଣ ମନଭରି ଉପଭୋଗ କରିବାରେ ଲାଗିଲେ। ସମସ୍ତଙ୍କ ପ୍ରଦର୍ଶନ ଭିତରେ ଅର୍ଜୁନଙ୍କ ପ୍ରଦର୍ଶନ ଥିଲା ଅନନ୍ୟ। ଦିବ୍ୟ ଅସ୍ତ୍ରମାନଙ୍କର ପ୍ରୟୋଗ ସେ ଏଭଳି ପ୍ରଦର୍ଶନ କଲେ ଯେ ଉପସ୍ଥିତ ସମସ୍ତ ଦର୍ଶକ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ। ମେଘଅସ୍ତ୍ର କ୍ଷେପଣ କରି ସେ ଘୋର ଘନଘଟା

Source: Author, Digitized by PPRACHIN, SOA

ସୃଷ୍ଟି କରି ତାକୁ ବାୟବ୍ୟ ଅସ୍ତ୍ର ପ୍ରୟୋଗ କରି ଉଡାଇ ନେଉଥିଲେ। ଅଗ୍ନି ଅସ୍ତ୍ର ପ୍ରୟୋଗ କରି ଲେଲିହାନ ଅଗ୍ନି ଶିଖା ସୃଷ୍ଟି କରୁଥିଲେ ଏବଂ ଜଳଦ ଅସ୍ତ୍ର ପ୍ରୟୋଗ କରି ତାହା ନିର୍ବାପିତ କରିପାରୁଥିଲେ। ପର୍ଶୁରାମଙ୍କଠାରୁ ଯାହା ସବୁ ଦ୍ରୋଣ ଶିକ୍ଷାଲାଭ କରି ଅର୍ଜୁନଙ୍କୁ ଦାନ କରିଥିଲେ, ସେସବୁ ଯୋଗ୍ୟ ଶିଷ୍ୟ ଅର୍ଜୁନ ଆତ୍ମସ୍ଥ କରି ପାରିଥିଲେ। ଏହା ଦେଖି ଆନନ୍ଦାଶ୍ରୁ ଝରି ଯାଉଥିଲା ଗୁରୁ ଦ୍ରୋଣଙ୍କ ଆଖିରୁ, ବକ୍ଷ ସ୍ଫୀତ ଏବଂ ହୃଦୟ ପ୍ରଫୁଲ୍ଲିତ ହୋଇ ଯାଉଥିଲା। ସମଗ୍ର ରଙ୍ଗଭୂମିରେ ସଂପୂର୍ଣ୍ଣ ନିରବତା ଛାଇଯାଇଥିଲା। ଆଖି ବିସ୍ଫାରିତ କରି ସମସ୍ତେ ଚାହିଁ ରହିଥିଲେ ଅର୍ଜୁନଙ୍କ ବାଣ ପ୍ରଦର୍ଶନକୁ। ଈର୍ଷାରେ ହୃଦୟ ବିଦୀର୍ଣ୍ଣ ହୋଇଯାଉଥିଲା ଦୁର୍ଯ୍ୟୋଧନ ଏବଂ ଅନେଶ୍ୱତ କୌରବ ଭାଇଙ୍କର।

ପିତାମହ, ଅର୍ଜୁନଙ୍କ ପ୍ରଦର୍ଶନକୁ ଶ୍ରେଷ୍ଠ ପ୍ରଦର୍ଶନ ଭାବରେ ଘୋଷଣା କଲେ ଏବଂ ଅର୍ଜୁନ ବିଶ୍ୱର ଶ୍ରେଷ୍ଠ ଧନୁର୍ଦ୍ଧର ବୋଲି ଅଭିମତ ଦେଲେ।

ଏହି ସମୟରେ ରଙ୍ଗସ୍ଥଳରେ ଏକ ଅଦ୍ଭୁତ ଘଟଣା ଘଟିଲା। ରଙ୍ଗସ୍ଥଳରେ ଦ୍ୱାର ଦେଶରେ ଉଭାହେଲା ଏକ ସୁଦୃଶ୍ୟ ଯୁବକ। ଦେବୋପମ କାନ୍ତି, ଦୀର୍ଘ ଶରୀର, ଆଜାନୁଲମ୍ବିତ ବିଶାଳ ଭୁଜରେ ଶୋଭାପାଉଛି ଦିବ୍ୟ ଜ୍ୟୋତିର୍ମୟ ଧନୁ। ତୂଣୀରରେ ପରିପୂର୍ଣ୍ଣ ଶାଣିତ ବାଣ, ପୃଷ୍ଠରେ ବିଶାଳ ଫଳକ ଏବଂ କଟୀଦେଶରେ ଶାଣିତ ଖଡ୍ଗ, କର୍ଣ୍ଣରେ ଶୋଭା ପାଉଥିଲା ମକର କୁଣ୍ଡଳ,ବକ୍ଷରେ ଜ୍ୟୋତିର୍ମୟ ଅଭେଦ୍ୟ କବଚ।

ଗୁରୁ ଗୁରୁଜନମାନଙ୍କୁ ପ୍ରଣାମ କରି ଯୁବକ କହିଲା... ହେ କୁରୁଶ୍ରେଷ୍ଠ ଭୀଷ୍ମ, ଅର୍ଜୁନର ତୁଚ୍ଛ ପ୍ରଦର୍ଶନକୁ କିପରି ଆପଣ ଶ୍ରେଷ୍ଠ ପ୍ରଦର୍ଶନ ବୋଲି କହୁଛନ୍ତି ? ଏହା ତ ମୋ ଆଗରେ ଅତି ନଗଣ୍ୟ ଓ ସାଧାରଣ ଜଣାଯାଉଛି।

ଅଜ୍ଞାତ କୁଳଶୀଳ ଆଗନ୍ତୁକର ଆସ୍ଫାଳନରେ ବିରକ୍ତ ହୋଇ ଦ୍ରୋଣାଚାର୍ଯ୍ୟ କହିଲେ... ହେ ଅନାହୂତ ଯୁବକ ! ଏପରି ବୃଥା ଆସ୍ଫାଳନରେ ଲାଭ କଣ ? ଅର୍ଜୁନଠାରୁ ଅଧିକ ଧନୁର୍ବିଦ୍ୟା ତୁମେ ଯେବେ ପ୍ରଦର୍ଶନ କରିପାରିବ ତାହେଲେ ସିନା ଜଣାପଡ଼ିବ।

ଗୁରୁଜନମାନଙ୍କର ଅନୁମତି ନେଇ ଯୁବକ ନିଜର ଧନୁର୍ବିଦ୍ୟା ପ୍ରଦର୍ଶନ କଲା। ପ୍ରତ୍ୟେକ ପ୍ରଦର୍ଶନ ଅର୍ଜୁନର ପ୍ରଦର୍ଶନ ସହିତ ସମାନ ଥିଲା। ରଙ୍ଗଭୂମିରେ ଉପସ୍ଥିତ ଥିବା ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଗଲେ। ଦୁର୍ଯ୍ୟୋଧନଙ୍କର ମନ ଆନନ୍ଦରେ ଉତ୍‌ଫୁଲ୍ଲିତ। ଧାଇଁଯାଇ ଯୁବକକୁ ଆଲିଙ୍ଗନ କରି ଦୁର୍ଯ୍ୟୋଧନ କହିଲେ... କିଏ ତୁମେ ବନ୍ଧୁ ! ଆଶ୍ଚର୍ଯ୍ୟ ତୁମର ଯୁଦ୍ଧବିଦ୍ୟା ପ୍ରଦର୍ଶନ। ମୋ ମତରେ ତୁମେ ହିଁ ଏ ବିଶ୍ୱରେ ଶ୍ରେଷ୍ଠ ଧନୁର୍ଦ୍ଧର।

ବିନମ୍ରତା ସହିତ ଯୁବକ କହିଲା... କୁମାର ଦୁର୍ଯ୍ୟୋଧନ ! ମୋ ନାମ କର୍ଣ୍ଣ; ମୋର କୌଣସି ଧନଧାନ୍ୟର ଆବଶ୍ୟକତା ନାହିଁ; ଆବଶ୍ୟକ ଦୁଇଟି ପଦାର୍ଥ, ତୁମର

Source: Author, Digitized by PPRACHIN, SOA

ସାହଚର୍ଯ୍ୟ ଏବଂ ଧନୁର୍ବିଦ୍ୟାରେ ଶ୍ରେଷ୍ଠତା। ଅର୍ଜୁନକୁ ଯୁଦ୍ଧରେ ପରାସ୍ତ କରି ମୁଁ ମୋର ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ଚାହେଁ।

ଏହାଶୁଣି ଭୟଙ୍କର କ୍ରୋଧରେ ବୃକୋଦର ଗର୍ଜିଉଠି କହିଲେ... କିଏ ତୁମେ ଅର୍ବାଚୀନ ପ୍ରାଣୀ! ମଧ୍ୟମ ପାଣ୍ଡବ ଅର୍ଜୁନ ସହିତ ଯୁଦ୍ଧ ଭିକ୍ଷା କରୁଛ, ଭୟ ଲାଗୁନାହିଁ ମନରେ!! ମୃତ୍ୟୁ ଏତେ ପ୍ରିୟ କାହିଁକି ଯୁବକ ?

ସମସ୍ୱରରେ ଗର୍ଜନ କରି ଦୁର୍ଯ୍ୟୋଧନ କହିଲେ... ଅଯଥା ଆସ୍ଫାଳନରେ ପ୍ରୟୋଜନ ନାହିଁ ପବନ ପୁତ୍ର! ଇନ୍ଦ୍ରପୁତ୍ର ମୋ ବନ୍ଧୁ ସହିତ ଯୁଦ୍ଧ କରି ତାର ଶ୍ରେଷ୍ଠତା ପ୍ରତିପାଦନ କରୁ। ଏହାଶୁଣି ଧନୁର୍ବାଣ ଧରି ଅର୍ଜୁନ ରଙ୍ଗଭୂମିରେ ଲମ୍ଫଦେଲେ। ଦୁଇ ବୀର ଯୁଦ୍ଧ ପାଇଁ ପରସ୍ପର ମୁହାଁମୁହିଁ ହେଲେ।

ଏହି ସମୟରେ ଏକ ନୀତିଗତ ପ୍ରଶ୍ନ ଉଠାଇ କୁଳଗୁରୁ କୃପାଚାର୍ଯ୍ୟ କହିଲେ... ହେ ଅଜ୍ଞାତ କୁଳଶୀଳ ଯୁବକ! ଯାହା ସହିତ ତୁମେ ଯୁଦ୍ଧ କରିବାକୁ ଇଚ୍ଛା କରୁଛ, ସେ ହସ୍ତିନାର ରାଜପୁତ୍ର ମଧ୍ୟମ ପାଣ୍ଡବ ଅର୍ଜୁନ। କ୍ଷତ୍ରିୟ ବା ରାଜାଙ୍କ ବ୍ୟତୀତ ସାଧାରଣ ପ୍ରଜା ତାଙ୍କ ସହିତ ପ୍ରତିଯୋଗିତାରେ ଭାଗନେବା ନୀତି ବିରୁଦ୍ଧ। କୁହ କେଉଁ କ୍ଷତ୍ରିୟ ବଂଶରେ ତୁମ୍ଭର ଜନ୍ମ ଅଥବା କେଉଁ ରାଜ୍ୟର ତୁମେ ରାଜା!

କୃପଙ୍କ ପ୍ରଶ୍ନରେ ମୁଣ୍ଡ ତଳକୁ ନୁଆଁଇ ଠିଆ ହେଲେ କର୍ଣ୍ଣ। ହଠାତ୍ ଯେପରି ଉତ୍ଥିତ ସର୍ପର ଫଣା ତଳକୁ ନଇଁଗଲା।

କ୍ରୋଧରେ ଜ୍ଞାନଶୂନ୍ୟ ହୋଇ ଦୁର୍ଯ୍ୟୋଧନ କହିଲେ... ବଂଶ ସହିତ ପ୍ରତିଭାର କଣ ସଂପର୍କ ଗୁରୁଦେବ! ଏପରି ଦେଖିବାକୁ ଗଲେ ପାଣ୍ଡବମାନଙ୍କ ପିତୃତ୍ୱକୁ ନେଇ ଅନେକ ପ୍ରଶ୍ନ କରାଯାଇପାରେ। ତଥାପି ଅର୍ଜୁନ ସହିତ ଯୁଦ୍ଧ କରିବାପାଇଁ କର୍ଣ୍ଣଙ୍କୁ ଯେବେ ରାଜା କିମ୍ବା କ୍ଷତ୍ରିୟ ହେବା ଆବଶ୍ୟକ ତା'ହେଲେ ମୋ ଅଧୀନରେ ଥିବା ଅଙ୍ଗଦେଶର ରାଜମୁକୁଟ ମୁଁ ଏହି ମୁହୂର୍ତ୍ତରେ କର୍ଣ୍ଣଙ୍କୁ ଦାନ କରୁଛି। ଏହି ମୁହୂର୍ତ୍ତରୁ ସେ ଅଙ୍ଗରାଜ କର୍ଣ୍ଣ। ଏବେ ଅଙ୍ଗରାଜ କର୍ଣ୍ଣଙ୍କ ସହିତ ଅର୍ଜୁନର ଯୁଦ୍ଧ କରିବାରେ କଣ ଆପତ୍ତି ?

କୃପାଚାର୍ଯ୍ୟ କହିଲେ... ଆପତ୍ତି ଅଛି ଦୁର୍ଯ୍ୟୋଧନ; ରାଜପଦରେ ଅଭିଷିକ୍ତ ନହେବା ପର୍ଯ୍ୟନ୍ତ କର୍ଣ୍ଣଙ୍କୁ ଅଙ୍ଗରାଜ କୁହାଯାଇପାରିବ ନାହିଁ।'

ସଙ୍ଗେସଙ୍ଗେ କର୍ଣ୍ଣଙ୍କ ଅଭିଷେକ ଆୟୋଜନ କଲେ ଦୁର୍ଯ୍ୟୋଧନ। କର୍ଣ୍ଣଙ୍କୁ ଦେଖିବାପରଠାରୁ କୁନ୍ତୀ ଅସୁସ୍ଥତା ଅନୁଭବ କଲେ। ଗାନ୍ଧାରୀ କୁନ୍ତୀଙ୍କୁ ନେଇ ପ୍ରାସାଦ ଭିତରକୁ ଚାଲିଗଲେ ବିଶ୍ରାମ ନେବାପାଇଁ।

ଏ ଭିତରେ ଆଉ ଗୋଟିଏ ଦୃଷ୍ଟି ଆକର୍ଷକ ଘଟଣା ଘଟିଗଲା। ପୁତ୍ରର

Source: Author, Digitized by PPRACHIN, SOA

ରାଜ୍ୟଅଭିଷେକ ସମ୍ବାଦ ପାଇ ସାରଥି ଅଧିରଥ ଆନନ୍ଦରେ ରଙ୍ଗପ୍ରାଙ୍ଗଣରେ ପହଞ୍ଚିଗଲେ। ପୁତ୍ରର ଶିରରେ ରାଜମୁକୁଟ ଦେଖି ଭାବାବେଗ ସମ୍ଭାଳି ପାରିଲେ ନାହିଁ ଅଧିରଥ। ପୁତ୍ରକୁ ଆଲିଙ୍ଗନ କରି ମଥାରେ ଚୁମ୍ବନ ଭରିଦେଲେ ସେ। ଆଖିରୁ ବହି ଯାଉଥାଏ ଅବିଶ୍ରାନ୍ତ ଆନନ୍ଦାଶ୍ରୁ।

ଅଧିରଥଙ୍କୁ ଦେଖି ଭୀମ ଅଟ୍ଟହାସ କରି ଅର୍ଜୁନଙ୍କୁ କହିଲେ... ଏହାର ବଂଶ ପରିଚୟ ଏବେ ମିଳିଗଲା ଫାଲ୍‌ଗୁନୀ, ଏ ତ ସୂତ ପୁତ୍ର ! ପରିଚୟ ମାଗିଲା ବେଳେ ଦେଖିନାହିଁ କିପରି ମଥା ତଳକୁ କରିଦେଲା ?କଣ ବା କରିଥାନ୍ତା ବିଚରା !

ଭୀମଙ୍କର ଏହି ଶ୍ଳେଷବାକ୍ୟ ଶୁଣି କ୍ରୋଧରେ ଆରକ୍ତ ହେଲା କର୍ଣ୍ଣଙ୍କ ମୁଖମଣ୍ଡଳ। ଗର୍ଜନ କରି ଦୁର୍ଯ୍ୟୋଧନ କହିଲେ... ଅଙ୍ଗରାଜଙ୍କୁ ସମ୍ମାନ ଦେବା ଶିଖ ପବନପୁତ୍ର ଭୀମସେନ,ଏବେ ସେ ସାଧାରଣ ପ୍ରଜା ନୁହନ୍ତି।

ଦୁର୍ଯ୍ୟୋଧନଙ୍କ କଥା ଶୁଣି କର୍ଣ୍ଣଙ୍କ ବକ୍ଷ ଗର୍ବରେଫୁଲି ଉଠିଲା। ଦୁର୍ଯ୍ୟୋଧନଙ୍କୁ ଆଲିଙ୍ଗନ କରି କର୍ଣ୍ଣ କହିଲେ... ଜୀବନରେ ଏ ଋଣ ତୁମର ପରିଶୋଧ କରି ପାରିବି ନାହିଁ ସଖା। ଆଜିଠାରୁ ତୁମ ଋଣ ପରିଶୋଧ ପାଇଁ ବିସର୍ଜିତ ହେବ ଏ ଜୀବନ।

କର୍ଣ୍ଣ ଓ ଅର୍ଜୁନ ଯୁଦ୍ଧପାଇଁ ପ୍ରସ୍ତୁତ ହେଲେ, କିନ୍ତୁ ଏ ସମୟରେ ପଶ୍ଚିମ ଆକାଶରେ ସୂର୍ଯ୍ୟ ଅସ୍ତମିତ ହେଲେ। ନିୟମ ଅନୁଯାୟୀ ସେହିଠାରେ ହିଁ ସ୍ପର୍ଦ୍ଧା ଶେଷହେଲା ବୋଲି ଘୋଷଣା କଲେ କୃପାଚାର୍ଯ୍ୟ।

-୦-

(୨୭)

ଆଚାର୍ଯ୍ୟଙ୍କ ପ୍ରତିଶୋଧ

ଗୁରୁଙ୍କ ଆଶୀର୍ବାଦରେ ଅସମ୍ଭବ ମଧ୍ୟ ସମ୍ଭବ ହୋଇପାରେ। ତାହା ହିଁ ଘଟିଥିଲା ଦ୍ରୋଣଙ୍କ ଜୀବନରେ। ଭାର୍ଗବ ପର୍ଶୁରାମଙ୍କଠାରୁ ସମସ୍ତ ଦିବ୍ୟାସ୍ତ୍ର ଏବଂ ଶସ୍ତ୍ର-ଶାସ୍ତ୍ର ଶିକ୍ଷାଦୀକ୍ଷା ଲାଭକରି ସେ ସହସା ଆର୍ଯ୍ୟାବର୍ତ୍ତରେ ଜଣେ ଦକ୍ଷ ଗୁରୁରେ ପରିଣତ ହୋଇଗଲେ ଏବଂ ପ୍ରତିଷ୍ଠା ଲାଭକଲେ। ଦାରିଦ୍ର ଉଭେଇ ଗଲା, ସୂର୍ଯ୍ୟ କିରଣ ସ୍ପର୍ଶରେ କୁହେଳିକା ପରି। ଯେଉଁ ପୁତ୍ର ଅଶ୍ୱତ୍ଥାମା ଦିନେ ଚୂନପାଣି ପିଇ କ୍ଷୀର ପିଇଛି କହି ଆନନ୍ଦରେ ନାଚୁଥିଲା, ସେ ଆଜି ହସ୍ତିନା ରାଜକୁମାର ମାନଙ୍କ ଗହଣରେ ଶିକ୍ଷା ଲାଭକରି ରାଜ ଐଶ୍ୱର୍ଯ୍ୟର

Source: Author, Digitized by PPRACHIN, SOA

ଅଧିକାରୀ ତଥା ଦୁର୍ଯ୍ୟୋଧନଙ୍କର ପରମ ମିତ୍ର ଭାବରେ ପରିଗଣିତ ହୋଇଥିଲା ।

ଦ୍ରୁପଦଙ୍କଠାରୁ ଅପମାନ ପାଇ କ୍ରୋଧରେ ଜଳୁଥିଲେ ଦ୍ରୋଣ ।ଦ୍ରୁପଦଙ୍କୁ ସେ କ୍ଷମା କରି ପାରି ନଥିଲେ । କୌରବ ଓ ପାଣ୍ଡବ ରାଜପୁତ୍ରମାନଙ୍କର ବିଦ୍ୟାଶିକ୍ଷା ସମାପ୍ତ ହେବାପରେ ଗୁରୁଦକ୍ଷିଣା ଦେବା ସମୟ ଆସିଲା । ବିନା ଗୁରୁଦକ୍ଷିଣାରେ ବିଦ୍ୟାପ୍ରାପ୍ତି ସଫଳ ହୁଏନାହିଁ ।ଏକଶତ କୌରବ ଏବଂ ପାଞ୍ଚ ପଣ୍ଡୁପୁତ୍ର ଯେତେବେଳେ ଗୁରୁଦକ୍ଷିଣା ଦେବାପାଇଁ ପ୍ରସ୍ତୁତ ହେଲେ,ଦ୍ରୋଣ କହିଲେ... ହେ ଅଜେୟ ରାଜପୁତ୍ର ଗଣ ! ଯେବେ ମୋତେ ଗୁରୁ ଦକ୍ଷିଣା ଦେବାପାଇଁ ଚାହୁଁଛ ତାହେଲେ ମୋର ଅନ୍ୟକିଛି ଆବଶ୍ୟକ ନାହିଁ, ପାଞ୍ଚାଳ ଜୟକରି, ରାଜା ଦ୍ରୁପଦଙ୍କୁ ବନ୍ଦୀକରି ମୋ ସମ୍ମୁଖରେ ଉପସ୍ଥିତ କରାଅ, ତାହାହିଁ ହେବ ମୋ ପାଇଁ ଉପଯୁକ୍ତ ଗୁରୁ ଦକ୍ଷିଣା ।ଭିକ୍ଷାଶୀ ବ୍ରାହ୍ମଣ ବୋଲି କହି ଦ୍ରୁପଦ ମୋତେ ପୂର୍ଣ୍ଣ ରାଜସଭାରେ ଯେଉଁ ଅପମାନ ଦେଇଛନ୍ତି ତାହା ମୋ ହୃଦୟରେ ତପ୍ତ ଲୌହ-ଶଳାକା ହୋଇ ବିଦ୍ଧ ହୋଇ ରହିଛି । ଯେବେ ଉଦ୍ଧତ ଦ୍ରୁପଦ ମୋ ଆଗରେ ହସ୍ତପଦ ଶୃଙ୍ଖଳିତ ନତଜାନୁ ହୋଇ କ୍ଷମା ମାଗିବେ ତେବେ ମୋତେ ସେ ଯନ୍ତ୍ରଣାରୁ ମୁକ୍ତି ମିଳିବ ।

ଦୁର୍ଯ୍ୟୋଧନ କହିଲେ... ଏଇ ସାମାନ୍ୟ କଥା ! ଏହା ମୋର ବାମ ହାତର ଖେଳ । ଆଜ୍ଞା ଦିଅନ୍ତୁ ଗୁରୁଦେବ, ପାଞ୍ଚାଳ ପଦାନତ କରି, ଦ୍ରୁପଦର ଛିନ୍ନ ମସ୍ତକ ଆପଣଙ୍କ ପାଦତଳେ ଭେଟି ଦେବୁ ଆମେ କୌରବ ଶହେ ଭାଇ ।

ଦ୍ରୋଣ କହିଲେ... ନା, ତୁମେ ସେପରି କରିବନାହିଁ ଦୁର୍ଯ୍ୟୋଧନ; ଦ୍ରୁପଦଙ୍କ ଛିନ୍ନ ମସ୍ତକ ମୋର ଆବଶ୍ୟକ ନାହିଁ। ତାଙ୍କୁ ବନ୍ଦୀ କରି ମୋ ଆଗରେ ଉପସ୍ଥିତ କରିବା ଆବଶ୍ୟକ। ମୁଁ ଚାହେଁ ଦ୍ରୁପଦ ମୋ ପାଦ ତଳେ ପଡି କ୍ଷମା ଭିକ୍ଷା କରି ପାଞ୍ଚାଳ ରାଜ୍ୟର ଅର୍ଦ୍ଧ ଅଂଶ ମୋତେ ଦାନ କରନ୍ତୁ। ମୁଁ ଜାଣେ ଏ କାର୍ଯ୍ୟ ମୋ ପାଇଁ କେବଳ ଅର୍ଜୁନ ହିଁ କରିପାରିବ। ଉପଯୁକ୍ତ ଗୁରୁ ଦକ୍ଷିଣା ମୋତେ କେବଳ ଧନଞ୍ଜୟ ହିଁ ଦେଇପାରିବ।

ଅର୍ଜୁନଙ୍କ ପ୍ରଶଂସା ଶୁଣି ଈର୍ଷା-ବିଷରେ ଜର୍ଜରିତ ହେଲେ ଦୁର୍ଯ୍ୟୋଧନ ଏବଂ ତାଙ୍କର ଅନେଶ୍ୱତ ଭ୍ରାତା। ତଥାପି ଗୁରୁଙ୍କ ନିର୍ଦ୍ଦେଶ ମାନି, ଉଭୟେ କୌରବ ଓ ପାଣ୍ଡବ ପାଞ୍ଚାଳ ସହିତ ଯୁଦ୍ଧ କରିବାପାଇଁ ବାହାରିଗଲେ।

ଦ୍ରୁପଦଙ୍କ ସହିତ ଯୁଦ୍ଧର ବର୍ଣ୍ଣନା ଭିନ୍ନଭିନ୍ନ ଗ୍ରନ୍ଥକାରମାନ ଭିନ୍ନ ଭିନ୍ନ ଭାବରେ କରିଛନ୍ତି। ଡକ୍ଟର କେ ଏମ୍ ମୁନସୀ ଏହି ଆକ୍ରମଣକୁ ଏକ ଅକସ୍ମାତ ଆକ୍ରମଣ ଭାବରେ ଦର୍ଶାଇଛନ୍ତି। ବିଶାଳ ପାଞ୍ଚାଳ ବାହିନୀ ଯେବେ ପ୍ରସ୍ତୁତି ସହିତ କୁରୁ-ରାଜପୁତ୍ର ମାନଙ୍କ ସହିତ ଯୁଦ୍ଧ କରିଥାନ୍ତା, ତାହେଲେ ବୋଧହୁଏ ଏତେ ସହଜରେ ଦ୍ରୁପଦ ପରାସ୍ତ ହୋଇନଥାନ୍ତେ। ଏହି ଗରିଲା ଆକ୍ରମଣ ଦ୍ରୋଣଙ୍କର ଯୁଦ୍ଧ ବିଦ୍ୟାର ଅଂଶ ବିଶେଷ ଥିଲା

Source: Author, Digitized by PPRACHIN, SOA

ଏବଂ ଏହି ଯୁଦ୍ଧରେ କୁରୁ-ରାଜପୁତ୍ରମାନେ ତାର ବାସ୍ତବ ରୂପାୟନ ପାଇଁ ସୁଯୋଗ ପାଇଲେ। ଗୁରୁଙ୍କଠାରୁ ଯୁଦ୍ଧବିଦ୍ୟା ଶିକ୍ଷା ପରେ ହସ୍ତିନା-ରାଜପୁତ୍ରମାନଙ୍କର, ନିଜ ନିଜର ଶକ୍ତି ପ୍ରଦର୍ଶନର ଏହା ଥିଲା ପ୍ରଥମ ସୁଯୋଗ।

ସେ ସମୟରେ 'ଅହିଛତ୍ର' ନାମକ ପାଞ୍ଚାଳର ଏକ ପ୍ରମୁଖ ନଗ୍ରରେ ଏକ ଶିବ ମନ୍ଦିରରେ ପାଞ୍ଚାଳ ନରେଶ ଦ୍ରୁପଦ ମହାଦେବଙ୍କ ପୂଜାରେ ମଗ୍ନ ଥିଲେ। ଗଙ୍ଗା କୂଳରେ ସ୍ଥାପିତ ଏହି ପୁଣ୍ୟ ସ୍ଥଳିରେ ପ୍ରତି ବର୍ଷ ସେହି ସମୟରେ ଦେବାଧିଦେବ ଚନ୍ଦ୍ରମୌଳିଙ୍କର, ବିରାଟ ଉତ୍ସବରେ ଯଜ୍ଞକାର୍ଯ୍ୟ ଓ ପୂଜାର୍ଚ୍ଚନା କରାଯାଏ। ନାନାପ୍ରକାର ଘଣ୍ଟ, ବାଦ୍ୟ ଏବଂ ବ୍ରାହ୍ମଣମାନଙ୍କର ବେଦଧ୍ୱନୀରେ ପରିବେଶ ମୁଖରିତ ହୋଇ ମହୋତ୍ସବମୟ ହୋଇଉଠେ।

ମନ୍ଦିର ବେଢ଼ାରେ ଦ୍ରୁପଦ ପ୍ରବେଶ କରୁ କରୁ ଦୁର୍ଯ୍ୟୋଧନ ସମେତ ଶହେ କୌରବ ଭାଇ ଏବଂ ଗୁରୁପୁତ୍ର ଅଶ୍ୱତ୍ଥାମା ଦ୍ରୁପଦଙ୍କ ଉପରେ ଆକ୍ରମଣ କରିଦେଲେ। ଦ୍ରୁପଦ ଏହି ଅକସ୍ମାତ ଆକ୍ରମଣ ପାଇଁ ପ୍ରସ୍ତୁତ ନଥିଲେ। ରାଜାଙ୍କ ଅଙ୍ଗରକ୍ଷୀମାନେ ପରିସ୍ଥିତି ସମ୍ଭାଳିବାକୁ ଚେଷ୍ଟା କଲେ। ବିଜୁଳି ବେଗରେ ସମ୍ବାଦ ରାଜଧାନୀ କାଂପିଲ୍ୟରେ ପହଞ୍ଚିଗଲା ଏବଂ ପାଞ୍ଚାଳର ସୈନ୍ୟମାନେ ମାଡିଆସିଲେ। ସେମାନଙ୍କ ଆକ୍ରମଣକୁ ପ୍ରତିହତ କରିନପାରି ଦୁର୍ଯ୍ୟୋଧନ, ଦୁଃଶାସନ, ଦୁର୍ଜ୍ଜୟ, ବିକର୍ଣ୍ଣ ସମେତ ଶହେ କୁରୁ-ଭ୍ରାତା ଏବଂ ଅଶ୍ୱତ୍ଥାମା ରଣକ୍ଷେତ୍ର ଛାଡି ପଳାୟନ କଲେ। କୌରବ ଭାଇମାନଙ୍କର ଏ ଦଶା ଦେଖି ଅଟ୍ଟହାସ କଲେ ଦ୍ୱିତୀୟ ପାଣ୍ଡବ ଭୀମ ଓ ମଧ୍ୟମ ପାଣ୍ଡବ ଅର୍ଜୁନ। ଭୀମ କହିଲେ... କଣ ହେଲା ପ୍ରିୟ ଦୁର୍ଯ୍ୟୋଧନ ? ବାମ ହାତରେ ଖେଳ ସଂପୂର୍ଣ୍ଣ କଲ ନା ବାମହାତ ଅଚଳ ହୋଇଗଲା ? ବଡ଼ ଦମ୍ଭରେ ଗୁରୁଙ୍କୁ କହୁଥିଲ ଏହା ତୁମର ବାମ ହାତର ଖେଳ ବୋଲି। ଦୁର୍ଯ୍ୟୋଧନଙ୍କ ମୁଖ ମଣ୍ଡଳ ଲଜ୍ଜା ଓ ଅପମାନରେ ଆରକ୍ତ ହୋଇଗଲା।

ଏଥର ପାଣ୍ଡବ ମାନଙ୍କର ପାଳି। ଯୁଧିଷ୍ଠିର, ଭୀମ ଅର୍ଜୁନ ନକୁଳ ଏବଂ ସହଦେବଙ୍କ ପ୍ରବଳ ଆକ୍ରମଣରେ ଛତ୍ରଭଙ୍ଗ ଦେଇ ପାଞ୍ଚାଳ ସୈନ୍ୟମାନେ ପଳାୟନ କଲେ। ଅର୍ଜୁନଙ୍କ ରଣ କୌଶଳ ଦେଖି ଆଶ୍ଚର୍ଯ୍ୟ ହୋଇ ପାଞ୍ଚାଳ ନରେଶ ଦ୍ରୁପଦ ଭାବିଲେ... ଏହା ତ ବାଣ ପ୍ରହାର ନୁହେଁ, ସାକ୍ଷାତ ଇନ୍ଦ୍ରଙ୍କ ବଜ୍ର ପ୍ରହାର ! କିଏ ଏହି ଯୁବକ ! ସ୍ୱୟଂ ଇନ୍ଦ୍ର ନୁହନ୍ତି ତ !

ବାଣ ଛଳରେ ଆକାଶରୁ ଅଗ୍ନି ବର୍ଷା ହେବାରେ ଲାଗିଲା। ବାୟବ୍ୟ ଶରରେ ଉଡିଗଲେ ପାଞ୍ଚାଳ ବାହିନୀ। ଗୁରୁଙ୍କ ପ୍ରଦତ୍ତ ଅଲୌକିକ ଯୁଦ୍ଧବିଦ୍ୟାର ସଫଳ ପ୍ରୟୋଗ କରି ପାଞ୍ଚାଳ ବାହିନୀକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଲେ ଫାଲଗୁନୀ। ପାଞ୍ଚାଳ ସେନା ଛିନ୍ନଛତ୍ର ହୋଇ ପଳାୟନ କଲେ। ଅକସ୍ମାତ ଶ୍ୱେନପକ୍ଷୀ ଶଶକକୁ ଧରି ଆକାଶରେ ଉଡିଗଲା ପରି

Source: Author, Digitized by PPRACHIN, SOA

ଅର୍ଜୁନ ଦ୍ରୁପଦଙ୍କୁ ତାଙ୍କ ରଥରୁ ଉଠାଇନେଇ ବନ୍ଦୀକଲେ। ପାଞ୍ଚାଳର ପତନ ହେଲା।

ଦ୍ରୁପଦଙ୍କୁ ବନ୍ଦୀ କରି ଗୁରୁଙ୍କ ପାଖରେ ଉପସ୍ଥିତ କରିବା ସମୟରେ ଦୁର୍ଯ୍ୟୋଧନ ବଡ଼ ଅସଭ୍ୟ ବ୍ୟବହାର କରୁଥିଲେ ଦ୍ରୁପଦଙ୍କ ସହିତ।ସବୁ ଶିଷ୍ଟାଚାର ଭୁଲିଯାଇ, ଦ୍ରୁପଦଙ୍କ ବାଳକୁ ଝିଙ୍କି,ତାଙ୍କୁ ଘୋଷାରି ଘୋଷାରି ଗୁରୁଙ୍କ ପାଦତଳେ ନିକ୍ଷେପ କଲେ ଦୁର୍ଯ୍ୟୋଧନ, ସତେ ଯେମିତି ନିଜେ ଯୁଦ୍ଧରେ ଜୟଲାଭ କରି ଦ୍ରୁପଦଙ୍କୁ ଶୃଙ୍ଖଳିତ କରିଛନ୍ତି। ଯୁଧିଷ୍ଠିର ଏବଂ ଅର୍ଜୁନ, ଜଣେ ରାଜା ପ୍ରତି ଏଭଳି ବ୍ୟବହାରର ଘୋର ବିରୋଧ କଲେ। ତଥାପି ଦୁର୍ଯ୍ୟୋଧନ କର୍ଣ୍ଣପାତ କରୁନଥିଲେ।

ଦ୍ରୋଣଙ୍କ ପାଦତଳେ ନତମସ୍ତକ ହୋଇ ବସିଥାନ୍ତି ଦ୍ରୁପଦ। ଧୂଳି ଧୂସରିତ ଶରୀର, ଶୃଙ୍ଖଳିତ ହସ୍ତପଦ, ଅପମାନରେ ଆରକ୍ତ ମୁଖମଣ୍ଡଳ; ଦ୍ରୁପଦଙ୍କୁ ଅଧିକ ଅପମାନିତ କରିବାକୁ ବାରଣ କଲେ ଦ୍ରୋଣ।ବନ୍ଧନ ମୁକ୍ତ କରି କହିଲେ... ମନେଅଛି ବନ୍ଧୁ! ପୂର୍ବ୍ବ ରାଜଦରବାରରେ ମୋତେ କିପରି ଭିକ୍ଷାଶୀ ବ୍ରାହ୍ମଣ କହି ଅପମାନିତ କରିଥିଲ। ତୁମ ଅଙ୍ଗରକ୍ଷୀମାଙ୍କର ଗଳାଧକ୍କା ଏବଂ ସଭାସଦମାନଙ୍କର ତାଚ୍ଛଲ୍ୟ ମୁଁ କିପରି ଭୁଲିଯିବି ବନ୍ଧୁ ଦ୍ରୁପଦ !! କଣ କହିଥିଲ ମନେ ଅଛି ତ, ବାହୁବଳରେ ରାଜ୍ୟ ପ୍ରତିଷ୍ଠା କର ? ଏଇ ଦେଖ ବାହୁବଳରେ ତୁମ ରାଜ୍ୟ ତୁମଠାରୁ ଛଡ଼ାଇ ନେଲି; ଚାହିଁଲେ ଏହି ମୁହୂର୍ତ୍ତରେ ତୁମର ମସ୍ତକ ଭୂଲୁଣ୍ଠିତ କରିପାରିବି; କିନ୍ତୁ ନା ତାହା ମୁଁ କରିବି ନାହିଁ ବନ୍ଧୁ, କାରଣ ତୁମେ ମୋର ଗୁରୁକୁଳର ସେହି ପ୍ରିୟତମ ସଖା ଦ୍ରୁପଦ। ତୁମକୁ ଜୀବନ ଦାନ ଦେଉଛି, କିନ୍ତୁ ସର୍ତ୍ତ ଅନୁଯାୟୀ ତୁମ ରାଜ୍ୟରୁ ଅର୍ଦ୍ଧେକ ମୁଁ ଛଡାଇନେବି। ଗଙ୍ଗା ନଦୀର ଉତ୍ତର ପାର୍ଶ୍ୱରେ ଥିବା 'ଅହିଛତ୍ର' କ୍ଷେତ୍ର ଆଜିଠାରୁ ମୋ ଅଧୀନରେ ଶାସିତ ହେବ।

ବନ୍ଧନ ମୁକ୍ତ ହେବାପରେ ଅପମାନିତ ଏବଂ ଲଜ୍ଜିତ ହୋଇ ଦ୍ରୁପଦ କ୍ଷଣେମାତ୍ର ନରହି ପଳାୟନ କଲେ। କୌରବଙ୍କ ଅପମାନ ଏବଂ ଦ୍ରୋଣଙ୍କ ଦ୍ୱାରା ପାଇଥିବା ଜୀବନଦାନ ତାଙ୍କୁ ବୋଝ ଭଳି ଲାଗିଲା। ଘୋର ତପସ୍ୟାରେ ନିମଗ୍ନ ହେଲେ ଦ୍ରୁପଦ। ଦ୍ରୋଣଙ୍କ ଉପରେ ଅପମାନର ପ୍ରତିଶୋଧ ନେବାପାଇଁ ପୁତ୍ରେଷ୍ଟି ଯଜ୍ଞ ଅନୁଷ୍ଠାନ କଲେ। ଉଦ୍ଦେଶ୍ୟ, ଦେବତା ମାନଙ୍କୁ ସନ୍ତୁଷ୍ଟ କରି, ବୀରପୁତ୍ର ଲାଭକରି ଦ୍ରୋଣଙ୍କ ଉପରେ ପ୍ରତିଶୋଧ ନେବା। ଯଜ୍ଞରୁ ଜାତହେଲେ କନ୍ୟା ଯାଜ୍ଞସେନୀ ଏବଂ ପୁତ୍ର ଧୃଷ୍ଟଦ୍ୟୁମ୍ନ। ଯାଜ୍ଞସେନୀ ଜନ୍ମ ହେବା ସମୟରେ ଶୂନ୍ୟବାଣୀ ହେଲା... ଏହି କନ୍ୟା ଭବିଷ୍ୟତରେ ଆର୍ଯ୍ୟାବର୍ତ୍ତରେ ଧର୍ମ ସଂସ୍ଥାପନା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

ଯାଜ୍ଞସେନୀ ସେ ସମୟରେ ଆର୍ଯ୍ୟାବର୍ତ୍ତରେ ସବୁଠାରୁ ସୁନ୍ଦରୀ କନ୍ୟା ଥିଲେ; ବର୍ଣ୍ଣ ଥିଲା ଶ୍ୟାମଳ, କୁଞ୍ଚିତ କେଶ ଏବଂ ରାଜକନ୍ୟାଙ୍କ ଶରୀରରୁ ପଦ୍ମଗନ୍ଧ ପ୍ରସରିତ

Source: Author, Digitized by PPRACHIN, SOA

ହେଉ ଥିଲା । ତାଙ୍କର ଅନେକ ଗୁଡ଼ିଏ ନାମ ଥିଲା... ଦ୍ରୁପଦଙ୍କ କନ୍ୟା ହୋଇ ଥିବାରୁ 'ଦ୍ରୌପଦୀ', ଯଜ୍ଞରୁ ସମ୍ଭୂତା ହୋଇ ଥିବାରୁ 'ଯାଜ୍ଞସେନୀ', ବର୍ଣ୍ଣ ଶ୍ୟାମଳ ହୋଇଥିବାରୁ 'କୃଷ୍ଣା' ଏବଂ ପାଞ୍ଚାଳର ରାଜକନ୍ୟା ହୋଇ ଥିବାରୁ 'ପାଞ୍ଚାଳୀ'।

-୦-

(୨୮)

ଭୟଙ୍କର ଷଡ଼ଯନ୍ତ୍ର

ଇତିହାସ ସାକ୍ଷୀ, ରାଜ-ପରିବାରର ଭ୍ରାତୃବିବାଦ ଏବଂ ଷଡଯନ୍ତ୍ର ଯୁଗେ ଯୁଗେ ଶାସକ ପରିବାରର କ୍ଷତି କରିବା ସଙ୍ଗେ ସଙ୍ଗେ ଶାସିତର ମଧ୍ୟ ଅପୂରଣୀୟ କ୍ଷତି କରିଛି। ମୌର୍ଯ୍ୟ ବଂଶର ଭ୍ରାତୃ ବିବାଦ ହେଉ ଅଥବା ମୋଗଲ ବାଦଶାହଙ୍କ ଗୃହଯୁଦ୍ଧ କିମ୍ବା ଉତ୍କଳ-ପରନ୍ତପ ପୁରୁଷୋତ୍ତମଙ୍କ ସହିତ କପିଳେନ୍ଦ୍ରଙ୍କର ଅଷ୍ଟାଦଶ ପୁତ୍ରଙ୍କ ସଂଗ୍ରାମ, ପ୍ରତି କ୍ଷେତ୍ରରେ ରକ୍ତରଞ୍ଜିତ ହୋଇଛି ରାଜସିଂହାସନ। ମହାଭାରତଯୁଗୀୟ ରାଜବଂଶ ମଧ୍ୟ ସେପରି ବିବାଦରୁ ବାଦ ଯାଇ ନଥିଲା; ବିଶେଷକରି ହସ୍ତିନା ରାଜପ୍ରାସାଦର ଷଡଯନ୍ତ୍ର ଥିଲା ଅତି ଭୟାବହ।

କୌରବ ଶହେ ଭାଇ ସବୁବେଳେ ପାଣ୍ଡବ-ମାରଣ ମନ୍ତ୍ର ଜପ କରୁଥିଲେ । ଗୋଟିଏ ବନରେ ଦୁଇଟି ସିଂହ ଏବଂ ଗୋଟିଏ କୋଷରେ ଦୁଇଟି ଖଡ୍ଗ ରହିପାରନ୍ତି ନାହିଁ। ଯୁଧିଷ୍ଠିରଙ୍କ ମନରେ ଅସୂୟା ଭାବ ନଥିଲେ ମଧ୍ୟ ଦୁର୍ଯ୍ୟୋଧନଙ୍କ ମନ ଏବଂ ପ୍ରାଣ ସବୁବେଳେ ଈର୍ଷା ଅଗ୍ନିରେ ପ୍ରଜ୍ୱଳିତ ହେଉଥିଲା। ଏଭଳି ଈର୍ଷାର ମୁଖ୍ୟ କାରଣ ଥିଲା ଯୁଧିଷ୍ଠିରଙ୍କ ଲୋକପ୍ରିୟତା। ଯୁଧିଷ୍ଠିରଙ୍କୁ ପ୍ରଜାମାନେ ବହୁତ୍ ଭଲ ପାଉଥିଲେ। ପିତା ପଣ୍ଡୁ ଉତ୍ତମ ଶାସକ ଭାବରେ ପ୍ରଜାମାନଙ୍କର ଅତ୍ୟନ୍ତ ପ୍ରିୟ ଥିଲେ। ପଣ୍ଡୁଙ୍କର ସମସ୍ତ ଗୁଣ ଯୁଧିଷ୍ଠିରଙ୍କଠାରେ ପରିପୂର୍ଣ୍ଣ ହୋଇ ରହିଥିଲା। ପ୍ରଜାମାନେ ଆଶା କରୁଥିଲେ ଯେ ରାଜପରିବାରର ଜ୍ୟେଷ୍ଠ ପୁତ୍ର ହୋଇଥିବାରୁ, ଧୃତରାଷ୍ଟ୍ରଙ୍କ ପରେ ଯୁଧିଷ୍ଠିର ହିଁ ସିଂହାସନ ଆରୋହଣ କରିବେ। ପ୍ରଜାମାନଙ୍କ ଇଚ୍ଛା ଏବଂ ବରିଷ୍ଠ କୁରୁମାନଙ୍କର ପରାମର୍ଶ ଅନୁଯାୟୀ ଯୁଧିଷ୍ଠିରଙ୍କୁ ଯୁବରାଜ ପଦରେ ଅଭିଷିକ୍ତ କରିବାପାଇଁ ବାଧ୍ୟ ହୋଇଥିଲେ ଧୃତରାଷ୍ଟ୍ର। ଯୁବରାଜ ଭାବରେ ପ୍ରଜାମାନଙ୍କର ସମସ୍ତ ସୁଖ ସୁବିଧା ଭଲ-ମନ୍ଦର ବିଚାର କରି ଉଚିତ ନ୍ୟାୟ ଦେଉଥିଲେ ଯୁଧିଷ୍ଠିର। ଘରେ ଘରେ ବୁଲି, ପ୍ରଜାମାନଙ୍କ ସହିତ ସାକ୍ଷାତ କରି,

Source: Author, Digitized by PPRACHIN, SOA

ଶାସକ ଓ ଶାସିତ ଭିତରେ ଥିବା ଦୂରତା ଦୂରକରି ପ୍ରଜାମାନଙ୍କ ସମସ୍ୟାର ସମାଧାନ କରୁଥିଲେ ଯୁବରାଜ ଯୁଧିଷ୍ଠିର।

ଯୁଧିଷ୍ଠିରଙ୍କ ଲୋକପ୍ରିୟତାରେ ଭୟଭୀତ ହୋଇଗଲେ ଦୁର୍ଯ୍ୟୋଧନ। ଯୁଧିଷ୍ଠିରଙ୍କ ଜ୍ୟେଷ୍ଠତାକୁ ସେ ସମ୍ମାନ ଦେଉନଥିଲେ। ପିତାଙ୍କ ଉତ୍ତରାଧିକାରୀ ଭାବରେ ନିଜେ ରାଜସିଂହାସନ ଅଧିକାର କରିବାକୁ ଚାହୁଁଥିଲେ। କିନ୍ତୁ ପାଣ୍ଡବଙ୍କ ଲୋକପ୍ରିୟତା ଏବଂ ସମର ପଟୁତା ଆଗରେ ତାଙ୍କର ସିଂହାସନ ଲାଭ କରିବା ଇଚ୍ଛା ଦିବାସ୍ୱପ୍ନ ଭଳି ମନେ ହେଉଥିଲା।

ଖଳବୁଦ୍ଧିରେ ପ୍ରବୀଣ ମାତୁଳ ଶକୁନି, ପ୍ରିୟତମ ଭ୍ରାତା ଦୁଃଶାସନ ଏବଂ ଅନ୍ତରଙ୍ଗ ସଖା କର୍ଣ୍ଣଙ୍କ ସହିତ ମନ୍ତ୍ରଣା କରି ସମସ୍ୟାର ସମାଧାନ ଖୋଜିବାରେ ଲାଗିଲେ ଦୁର୍ଯ୍ୟୋଧନ। ଦୁର୍ଯ୍ୟୋଧନ ଜାଣିଥିଲେ ଯେ ପ୍ରାସାଦ ଭିତରେ ବା ରାଜଧାନୀ ଭିତରେ ପାଣ୍ଡବ ମାନଙ୍କର କ୍ଷତି କରିବାକୁ ଚେଷ୍ଟା କଲେ ପ୍ରଜାମାନେ ଛାଡ଼ିବେ ନାହିଁ। ତେଣୁ ପାଣ୍ଡବ ମାନଙ୍କୁ ସୁଦୂର କୌଣସି ସ୍ଥାନକୁ ପଠାଇ କୌଶଳରେ ହତ୍ୟା କଲେ ତାହା ଦୁର୍ଘଟଣା ମନେକରି କିଛି ଦିନ ପରେ ପ୍ରଜାମାନେ ଭୁଲିଯିବେ। ସେହି ଯୋଜନାକୁ ରୂପାନ୍ତରିତ କରିବାପାଇଁ ବାରୁଣାବନ୍ତ ନଗରକୁ ବଛାଗଲା। ବାରୁଣାବନ୍ତରେ ସେ ସମୟରେ ଶିବଙ୍କର ଧନୁଉତ୍ସବ ହେବାର ଥାଏ।ପାଣ୍ଡବ ମାନଙ୍କୁ ସେ ସ୍ଥାନକୁ ପଠାଇ, ଜଉ, ଘୃତ, ଛଣପଟରେ ନିର୍ମିତ ଗୋଟିଏ ପ୍ରାସାଦ ଭିତରେ ସେମାନଙ୍କ ଅବସ୍ଥାନର ବ୍ୟବସ୍ଥା କରି, ନିଦ୍ରା ଯାଇଥିବା ସମୟରେ ଅଗ୍ନି ସଂଯୋଗ କରି ଜୀବନ୍ତ ଦଗ୍ଧ କରିବାର ଯୋଜନା କଲେ ଦୁର୍ଯ୍ୟୋଧନ, ଶକୁନି, କର୍ଣ୍ଣ ଓ ଦୁଃଶାସନ।

କିନ୍ତୁ ରାଜାଙ୍କ ବିନା ଆଦେଶରେ କଣ ପାଣ୍ଡବମାନେ ବାରୁଣାବନ୍ତ ଯିବେ ? ସେ ବ୍ୟବସ୍ଥା କରିବାପାଇଁ ପିତା ଧୃତରାଷ୍ଟ୍ରଙ୍କ ନିକଟରେ ପହଞ୍ଚି ଦୁର୍ଯ୍ୟୋଧନ କ୍ରନ୍ଦନ କରିବା ଆରମ୍ଭ କଲେ... ପିତା ଶ୍ରୀ! ଯେଉଁଦିନ ଯୁଧିଷ୍ଠିର ରାଜା ହେବ, ସେଦିନ କୌରବ ମାନଙ୍କର ଦୁଃଖର ଘଟ ପୂର୍ଣ୍ଣ ହେବ। ଗଳାଧକ୍କା ଦେଇ ପାଣ୍ଡବମାନେ ଆପଣଙ୍କୁ, ମାତାଶ୍ରୀଙ୍କୁ ଏବଂ ମୋର ଶହେ କୌରବ ଭାଇଙ୍କୁ ରାଜ୍ୟରୁ ବିତାଡିତ କରିବେ। ହାତରେ ଭିକ୍ଷାଥାଳ ଧରି ଆମକୁ ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗିବାକୁ ପଡ଼ିବ। ସେ ପରିସ୍ଥିତିର ସମ୍ମୁଖୀନ ହେବା ପୂର୍ବରୁ ମୁଁ ବିଷପାନ କରି ଆତ୍ମହତ୍ୟା କରିବାକୁ ଚାହେଁ।

ଧୃତରାଷ୍ଟ୍ର ଶାନ୍ତ୍ୱନା ଦେଇ କହିଲେ... ପ୍ରିୟ ଯୁଧିଷ୍ଠିର ସେଭଳି କଦାପି କରିବ ନାହିଁ ପୁତ୍ର ଦୁର୍ଯ୍ୟୋଧନ, ସର୍ବଦା ସେ ଧର୍ମପଥଗାମୀ। ଭୀମସେନ ବ୍ୟତୀତ ପାଣ୍ଡୁପୁତ୍ରମାନଙ୍କର ତୁମମାନଙ୍କ ପ୍ରତି ବ୍ୟବହାର ବହୁତ୍ ଭଲ। ଭୀମସେନର ମଧ୍ୟ ମୁହଁଟା ସିନା ଖରାପ୍,

Source: Author, Digitized by PPRACHIN, SOA

ଅନ୍ତରଟା ନିର୍ମଳ। ତୁମର ଏ ଆଶଙ୍କା ଅମୂଳକ।'

ଦୁର୍ଯ୍ୟୋଧନ ବିରକ୍ତ ହୋଇ କହିଲେ... କିନ୍ତୁ ଯୁଧିଷ୍ଠିର କେଉଁ ଅଧିକାରରେ ରାଜା ହେବ ? କାହିଁକି ଯୁଧିଷ୍ଠିର ବର୍ତ୍ତମାନ ଯୁବରାଜ ପଦରେ ଆସୀନ ? ଆପଣ ରାଜା,ଆପଣଙ୍କ ପୁତ୍ର ଭାବରେ ମୁଁ ହିଁ ସିଂହାସନର ଅଧିକାରୀ। ମୁଁ ମୋର ଅଧିକାର କାହିଁକି ଛାଡ଼ିବି ପିତାଶ୍ରୀ ?

ଧୃତରାଷ୍ଟ୍ର କହିଲେ... କୁରୁବଂଶର ଜ୍ୟେଷ୍ଠ ସନ୍ତାନ ଭାବେ ଯୁଧିଷ୍ଠିରର ପ୍ରଥମ ଅଧିକାର ସିଂହାସନ ଉପରେ ପୁତ୍ର, ଏହା ବିଜ୍ଞ ବିଦୁର ଏବଂ ପିତାମହଙ୍କ ମତ; ପ୍ରଜାମାନେ ମଧ୍ୟ ତାହାହିଁ ଚାହାଁନ୍ତି।

ଅଧୈର୍ଯ୍ୟ ହୋଇ ଦୁର୍ଯ୍ୟୋଧନ କହିଲେ... ପ୍ରଜାମାନଙ୍କର ଏହି ଧାରଣା ଆମକୁ ପରିବର୍ତ୍ତନ କରିବାକୁ ହେବ। ପାଣ୍ଡବମାନଙ୍କୁ ଆପଣ କିଛିଦିନ ବାରୁଣାବନ୍ତ ପଠାଇ ମୋତେ ଯୁବରାଜର କାର୍ଯ୍ୟ ଭାର ଦିଅନ୍ତୁ। ବାରୁଣାବନ୍ତରୁ ସେମାନେ ଫେରିବା ଭିତରେ ମୁଁ ପ୍ରଜାମାନଙ୍କର ହୃଦୟ ଜିଣି ସବୁ ପରିବର୍ତ୍ତନ କରି ଦେବି। ପ୍ରଜାମାନେ ମୋତେ ହିଁ ସେମାନଙ୍କର ଭାବି ସମ୍ରାଟ ଭାବରେ ଗ୍ରହଣ କରିବେ। ଆପଣ ଯଦି ଏହା ନକରିବେ ତାହେଲେ ମୁଁ ନିଶ୍ଚିତ ଭାବରେ ବିଷପାନ କରି ଆତ୍ମହତ୍ୟା କରିବି।

ଦୁର୍ଯ୍ୟୋଧନଙ୍କର ଏହି ଭାବପ୍ରବଣପୂର୍ଣ୍ଣ ଧମକ, ପୁତ୍ରମୋହରେ ଅନ୍ଧ ଅନ୍ଧରାଜାଙ୍କୁ ବିଚଳିତ କରି ପକାଇଲା। ପାଣ୍ଡବ ମାନଙ୍କୁ ବାରୁଣାବନ୍ତ ଧନୁଉତ୍ସବ ଦର୍ଶନ ପାଇଁ ପଠାଇବାକୁ ପ୍ରତିଶ୍ରୁତି ଦେଲେ ଧୃତରାଷ୍ଟ୍ର।

ଦୁର୍ଯ୍ୟୋଧନଙ୍କ ଆନନ୍ଦର ସୀମା ରହିଲା ନାହିଁ। ଶକୁନି,କର୍ଣ୍ଣ ଓ ଦୁଃଶାସନଙ୍କ ସହିତ ମିଶି ଚକ୍ରାନ୍ତର ସଫଳ ରୂପାୟନ ଯୋଜନାରେ ଲାଗିପଡିଲେ ଦୁର୍ଯ୍ୟୋଧନ। 'ପୁରୋଚନ' ନାମକ ଜଣେ ବିଶ୍ୱସ୍ତ ମନ୍ତ୍ରୀଙ୍କୁ ଜତୁଗୃହ ନିର୍ମାଣ କରିବା ଦାୟିତ୍ୱ ଦିଆଗଲା।

ଧୃତରାଷ୍ଟ୍ର ଯୁଧିଷ୍ଠିରଙ୍କୁ ପାଖକୁ ଡକାଇ କହିଲେ... ରାଜକାର୍ଯ୍ୟରେ ତୁମେ ସର୍ବଦା ନିଜକୁ ନିୟୋଜିତ କରି ମନୋରଞ୍ଜନକୁ ଭୁଲିଯାଇଛ ପୁତ୍ର ଯୁଧିଷ୍ଠିର। ମାତା ଏବଂ ଭ୍ରାତା ମାନଙ୍କ ସହିତ ବାରୁଣାବନ୍ତରେ ଅନୁଷ୍ଠିତ ହେବାକୁ ଯାଉଥିବା ଧନୁ ଉତ୍ସବରେ ଯୋଗ ଦେଇ, କିଛିଦିନ ସେଠାରେ ବ୍ୟତୀତ କରି ଫେରିଆସ। ପ୍ରଜାମାନଙ୍କର ତୁମେ ଅତ୍ୟନ୍ତ ପ୍ରିୟ। ସେମାନେ ନିଜର ପ୍ରିୟ ଯୁବରାଜଙ୍କ ଦର୍ଶନ ପାଇଁ ମଧ୍ୟ ଉଦ୍‌ବିଗ୍ନ।

ସରଳମନା ଯୁଧିଷ୍ଠିର ରାଜାଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ମାତା ଓ ଭ୍ରାତା ମାନଙ୍କୁ ଜଣାଇ ଦେଲେ। ମାତା କୁନ୍ତୀ ଏବଂ ଦ୍ୱିତୀୟ ପାଣ୍ଡବ ଭୀମଙ୍କ ମନରେ କିନ୍ତୁ ସନ୍ଦେହ ଆସିଲା। ବିଜ୍ଞ ବିଦୁରଙ୍କ ସହିତ ଏ ବିଷୟରେ ଆଲୋଚନା କଲେ କୁନ୍ତୀ। ବିଦୁର

Source: Author, Digitized by PPRACHIN, SOA

ଷଡ଼ଯନ୍ତ୍ରର କିଛି ଆଭାସ ପାଇଥାନ୍ତି । ପାଣ୍ଡବମାନେ ବାରୁଣାବନ୍ତକୁ ପ୍ରସ୍ଥାନ କରିବା ସମୟରେ ବିଦୁର ଉପଦେଶ ଛଳରେ ଯୁଧିଷ୍ଠିରଙ୍କୁ କହିଲେ... ବତ୍ସ ଯୁଧିଷ୍ଠିର, ତୁମର ବିଜ୍ଞତା ଅତୁଳନୀୟ, କିନ୍ତୁ ବେଳେ ବେଳେ ସରଳତା ବିଜ୍ଞତାକୁ ଧୋକା ଦେଇଥାଏ । ସର୍ବଦା ମନେ ରଖିଥିବ ବଳଶାଳୀ ଆଗରେ ବୁଦ୍ଧିମତା ହିଁ ସବୁବେଳେ କାମ ଦିଏ । ଅରଣ୍ୟରେ ଅଗ୍ନି ଲାଗିଲେ ହସ୍ତି, ଗଣ୍ଡା, ବ୍ୟାଘ୍ର ଭଳି ବିରାଟଜନ୍ତୁ ସମେତ ଅନ୍ୟ ସମସ୍ତ ପ୍ରାଣୀ ଦଗ୍ଧହୋଇ ପ୍ରାଣ ହରାନ୍ତି, କିନ୍ତୁ ମୂଷିକ ଭଳି କ୍ଷୁଦ୍ରଯନ୍ତୁ ବିଳ ଭିତରେ ଲୁଚିଯାଇ ଜୀବନ ରକ୍ଷା କରନ୍ତି ।

ବିଜ୍ଞ ବିଦୁରଙ୍କ ଏହି ସାଙ୍କେତିକ କଥାରୁ ଯୁଧିଷ୍ଠିର କିଛି ଷଡ଼ଯନ୍ତ୍ରର ଆଭାସ ପାଇଲେ । ବାରୁଣାବନ୍ତରେ ପହଞ୍ଚି ଜଉ, ଘୃତ ଛଣପଟରେ ନିର୍ମିତ ଲାକ୍ଷାଗୃହକୁ ନୀରୀକ୍ଷଣ କରି ଜାଣିପାରିଲେ ଯେ ସେମାନଙ୍କୁ ଜୀବନ୍ତ ଦଗ୍ଧ କରିବାର ଯୋଜନା କରାଯାଇଛି । କୁନ୍ତୀ ଏହା ଯୁଧିଷ୍ଠିରଙ୍କଠାରୁ ଶୁଣି ଭୟରେ ଶିହରି ଉଠିଲେ ।

ଚକ୍ରାନ୍ତକାରୀ ପୁରୋଚନ ଅପେକ୍ଷା କରି ରହିଥାଏ ସୁଯୋଗ ଦେଖି ଜତୁଗୃହରେ ଅଗ୍ନି ସଂଯୋଗ କରିବାପାଇଁ ।

ଇତିମଧ୍ୟରେ ବିଦୁର, ବିଳ ଖୋଦନ କରିବାରେ ସିଦ୍ଧହସ୍ତ ଜଣେ ବ୍ୟକ୍ତିଙ୍କୁ ଗୋପନରେ ଯୁଧିଷ୍ଠିରଙ୍କ ସହିତ ଯୋଗାଯୋଗ କରିବାପାଇଁ ପଠାଇଲେ । ସେହି ବ୍ୟକ୍ତି, ପୁରୋଚନର ଅଜ୍ଞାତରେ, ଜତୁଗୃହ ମଧ୍ୟରୁ ମାଟି ଭିତରେ ଏକ ବିଳ ଗଙ୍ଗାନଦୀ ତଟ ପର୍ଯ୍ୟନ୍ତ ଖୋଦନ କରିବାରେ ଲାଗିପଡିଲା । ରାତିରେ ପାଣ୍ଡବମାନେ ସଜାଗ ରହୁଥିଲେ, ଦିନରେ ଗଙ୍ଗା କୂଳରେ ବୁଲି ପଳାୟନପଥ ନିର୍ଦ୍ଧାରିତ କରୁଥିଲେ ।

ମାଟିଭିତରେ ଯେଉଁଦିନ ବିଳ ଖୋଦନ କାର୍ଯ୍ୟ ସଂପୂର୍ଣ୍ଣ ହେଲା, ସେହି ରାତିରେ ପାଣ୍ଡବମାନେ ଜତୁଗୃହରେ ଅଗ୍ନି ସଂଯୋଗ କରି ପଳାୟନ କରିବାପାଇଁ ସ୍ଥିର କଲେ । ସେଦିନ ଶିବଙ୍କ ଧନୁ ଉତ୍ସବରେ ମୁଖରିତ ଥିଲା ବାରୁଣାବନ୍ତ ନଗ୍ର । ଯୋଗକୁ ଜତୁଗୃହର ଅତିଥି କୋଠରି ବାହାରେ ସେଦିନ ଏକ କିରାତ ନାରୀ ତାର ପାଞ୍ଚଟି ପୁତ୍ରଙ୍କୁ ଧରି ଆଶ୍ରା ନେଇଥାଏ । ପୁରୋଚନ ମଧ୍ୟ ଶୟନ କରିଥାଏ ସଂଲଗ୍ନ କୋଠରୀରେ । ଦ୍ୱିତୀୟ ପାଣ୍ଡବ ଭୀମ ନିଶାର୍ଦ୍ଧରେ ଜତୁଗୃହରେ ଅଗ୍ନି ସଂଯୋଗ କରି, ଚାରିଭାଇ ଓ ମାତା କୁନ୍ତୀଙ୍କ ସହିତ ବିଳ ମଧ୍ୟ ଦେଇ ପଳାୟନ କରି ଗଙ୍ଗା ନଦୀ ତଟରେ ବାହାରିଲେ ।

ଦୂରରୁ ପାଣ୍ଡବମାନେ ଦେଖିଲେ ଲାକ୍ଷାଗୃହ ଧୁ ଧୁ ହୋଇ ଜଳୁଛି । ଜତୁଗୃହ ସହିତ ଜଳିଗଲା ଚକ୍ରାନ୍ତର ପୁରୋଧା ପୁରୋଚନ ଏବଂ କିରାତ ରମଣୀ ସମେତ ପାଞ୍ଚଟି ନିରିହ ପ୍ରାଣ ।

Source: Author, Digitized by PPRACHIN, SOA

ଜତୁଗୃହରୁ ରକ୍ଷା ପାଇବାପରେ କୁନ୍ତୀ ଆଉ ରାଜପ୍ରସାଦକୁ ଫେରି ଯିବାପାଇଁ ଚାହୁଁ ନଥିଲେ। ବିଷଧର ସର୍ପର ବିଲ ଠାରୁ କୌଣସିମତେ କମ୍ ନଥିଲା କୁରୁ ରାଜପ୍ରସାଦ। ଭୀମ କହିଲେ... ଚାଲ ହସ୍ତିନାକୁ ଫେରିଯାଇ, ଯୁଦ୍ଧକରି କୌରବଙ୍କୁ ଗାଦିଚ୍ୟୁତ କରି ସିଂହାସନ ଅଧିକାର କରିବା। ଯୁଧିଷ୍ଠିର କହିଲେ... ସେପରି କଲେ ପିତାମହ ଭୀଷ୍ମ ଏବଂ ବିଜ୍ଞ ବିଦୁର ଆମକୁ ସମର୍ଥନ କରିବେ ନାହିଁ। ବିଶାଳ ହସ୍ତିନା ସୈନ୍ୟବାହିନୀ ସହିତ ଯୁଦ୍ଧ କରି ଆମେ ଜୟଲାଭ କରିବାର ସମ୍ଭାବନା କମ୍। ବରଂ ଆମେ ଗୁପ୍ତରେ ଜୀବନ ଯାପନ କରି, କାଳକ୍ରମେ ଅନ୍ୟ ରାଜଶକ୍ତିର ସମର୍ଥନରେ ନିଜର ରାଜ୍ୟ ପ୍ରତିଷ୍ଠା କରିପାରିବା କିମ୍ବା ଜ୍ୟେଷ୍ଠତାତ ଧୃତରାଷ୍ଟ୍ରଙ୍କ ପରେ ସିଂହାସନ ପାଇବା ପାଇଁ ପ୍ରଚେଷ୍ଟା କରିପାରିବା ।

କୁନ୍ତୀ କହିଲେ... ତାହା ହିଁ ହେବ ବୁଦ୍ଧିମାନର କାର୍ଯ୍ୟ।

-୦-

(୨୯)

ମହାବଳୀଙ୍କ ପୁତ୍ର ଲାଭ

ପଞ୍ଚପାଣ୍ଡବ ଓ କୁନ୍ତୀ ବିଲ ବାହାରକୁ ଆସି ଦୂରରୁ ଦେଖିଲେ ଜତୁଗୃହର ନିଆଁ ଆକାଶ ଛୁଇଁଛି। ନଗ୍ରବାସୀଙ୍କର କୋଳାହଳ ଏବଂ ଇତସ୍ତତ ଧାଁ'ଧଉଡ ଦୂରରୁ ଶୁଣାଯାଉଥାଏ। କାଳବିଳମ୍ବ ନକରି ପାଞ୍ଚଭାଇ ମାତା କୁନ୍ତୀଙ୍କ ସହିତ ରାତିର ଅନ୍ଧାର ଚିରି ଆଗେଇ ଯାଉଥିଲେ।ବିଦୁର ସମ୍ବାଦ ବାହକ ହାତରେ ନିର୍ଦ୍ଦେଶ ଦେଇଥିଲେ ଗଙ୍ଗା କୂଳରେ ଏକ ନିର୍ଦ୍ଦିଷ୍ଟ ଘାଟରେ ପହଞ୍ଚି ସେଠାରେ ଗଙ୍ଗା ନଦୀ ପାର ହୋଇ ହସ୍ତିନାର ସୀମା ଅତିକ୍ରମ କରିବା ପାଇଁ। ଲତା ଗୁଳ୍ମ ଏବଂ କଙ୍କରିତ ପଥରେ କୁନ୍ତୀ ଏବଂ ଭାଇମାନଙ୍କୁ ଚାଲିବାରେ କଷ୍ଟ ହେବାର ଜାଣି ଭୀମ ସେମାନଙ୍କୁ ନିଜ ବାହୁ କାନ୍ଧ ଓ ଜଙ୍ଘରେ ବହନକରି ଆଗେଇ ଯାଉଥାନ୍ତି। ମାତା କୁନ୍ତୀଙ୍କୁ କାନ୍ଧରେ ବସାଇ, ଭୀମ ଦୁଇ ବିଶାଳ ବାହୁରେ ଟୋକି ଧରିଥାନ୍ତି ଯୁଧିଷ୍ଠିର ଏବଂ ଅର୍ଜୁନଙ୍କୁ, ନକୁଳ ଏବଂ ସହଦେବ ଜଙ୍ଘକୁ ଜାବୁଡ଼ି ଧରି ଝୁଲୁଥାନ୍ତି। ମହାକାୟ ହସ୍ତି ବୃକ୍ଷଲତାକୁ ଆଡେଇ ମାଡ଼ିଗଲା ଭଳି ଆଗେଇ ଚାଲିଥାନ୍ତି ମହାବଳୀ ଭୀମସେନ। ଅତି କ୍ଷିପ୍ର ଗତିରେ ନିର୍ଦ୍ଧାରିତ ଗଙ୍ଗା ଘାଟରେ ପହଞ୍ଚିଲେ ଭୀମ। ବିଦୁରଙ୍କ ନିର୍ଦ୍ଦେଶ ଅନୁଯାୟୀ ଘାଟରେ ଅପେକ୍ଷା କରିଥିଲା ନାବିକ। ନାବରେ ବସି ଗଙ୍ଗାନଦୀ ପାର ହୋଇ ନିଘଞ୍ଚ ଅରଣ୍ୟ ଭିତରେ ହଜିଗଲେ ପଞ୍ଚପାଣ୍ଡବ ଏବଂ ମାତା କୁନ୍ତୀ।

Source: Author, Digitized by PPRACHIN, SOA

ଏଣେ ପାଉଁଶରେ ପରିଣତ ହୋଇଥିଲା ବାରୁଣାବନ୍ତର ଲାକ୍ଷାଗୃହ। କିରାତ ପରିବାରର ଶବ ଏବଂ ପୁରୋଚନର ଅର୍ଦ୍ଧଦଗ୍ଧ ଶରୀର ଦେଖି ନଗ୍ରବାସୀ ସ୍ଥିର ନିଶ୍ଚିତ ହୋଇଗଲେ ଯେ କୌରବଙ୍କ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି ପଣ୍ଡୁପରିବାର। ପଣ୍ଡୁ-ପରିବାର ଜୀବନ୍ତ ଦଗ୍ଧ ହେବା ସମ୍ବାଦ ବନଅଗ୍ନି ଭଳି ଖେଳିଗଲା। ପାଣ୍ଡବଙ୍କ ମୃତ୍ୟୁ ସମ୍ବାଦ ହସ୍ତିନା ରାଜପ୍ରସାଦରେ ପହଞ୍ଚିଗଲା।

ସମ୍ବାଦ ଶୁଣି କୁମ୍ଭୀର କାନ୍ଦଣାରେ କୁରୁ ପରିବାର ମୁଖରିତ ହୋଇ ଉଠିଲା। 'ହାୟ ମୋର ପ୍ରିୟ ଭ୍ରାତା ଭୀମ, ଆଉ କାହା ସହିତ ଲଢ଼େଇ କରିବି? ହାୟ ଭ୍ରାତା ଯୁଧିଷ୍ଠିର, କାହା ସହିତ ଆଉ ରାଜସିଂହାସନ ପାଇଁ ଝଗଡ଼ା କରିବି' କହି ଦି'ଟୋପା କୃତ୍ରିମ ଲୁହ ଝରାଇ ଦେଲେ ଦୁର୍ଯ୍ୟୋଧନ। ଧୃତରାଷ୍ଟ୍ର ମୁଣ୍ଡରେ ହାତ ଦେଇ ଦୁଃଖରେ ମ୍ରିୟମାଣ ହେବାର ଅଭିନୟ କରୁଥାନ୍ତି। ଗଭୀର ଜଳାଶୟ ଯେପରି ଭିତରେ ଶୀତଳ ଥାଏ ଏବଂ ଉପରେ ଉଷ୍ମ ଲାଗୁଥାଏ, ସେହିପରି ଥିଲା ଧୃତରାଷ୍ଟ୍ରଙ୍କର ଅବସ୍ଥା; ଉପରେ ଦୁଃଖର ଛାୟା କିନ୍ତୁ ଅନ୍ତର ଭିତରେ ଖୁସି ଥିଲେ ଅନ୍ଧରାଜା।

ବିଦୁରଙ୍କ ମୁଖରେ କୌଣସି ପ୍ରତିକ୍ରିୟା ଦେଖା ଯାଉନଥିଲା। ଯେତେବେଳେ ସେ ମନଶ୍ଚକ୍ଷୁରେ ପାଣ୍ଡୁ ପରିବାରର ଅରଣ୍ୟରେ ଭୋଗୁଥିବା ଦୁଃଖ କଥା ଚିନ୍ତା କରୁଥିଲେ, ସେତେବେଳେ କେବଳ ତାଙ୍କ ମୁଖମଣ୍ଡଳରେ ଦୁଃଖର ଗଭୀର ଛାୟା ଖେଳିଯାଉଥିଲା। ପିତାମହ ଭୀଷ୍ମ ପ୍ରଥମେ ଦୁଃଖରେ ଭାଙ୍ଗି ପଡିଥିଲେ, କିନ୍ତୁ ବିଦୁରଙ୍କ ସହିତ କିଛି କଥୋପକଥନରୁ ପାଣ୍ଡବଙ୍କ ବିଷୟରେ ପ୍ରକୃତ ତଥ୍ୟ ଜାଣିବା ପରେ କୋଠରି ଭିତରେ ନିଜକୁ ଆବଦ୍ଧ କରି ଅଭିନୟ କଲେ ଯେପରି କି ଗଭୀର ଦୁଃଖରେ ମ୍ରିୟମାଣ।

ଧୃତରାଷ୍ଟ୍ରଙ୍କ ପରିବାର ଶୋକ ପାଳନ କରିବା ସଙ୍ଗେ ସଙ୍ଗେ ପାଣ୍ଡବ ମାନଙ୍କର ଶେଷକୃତ୍ୟ ସମାପନ କରି ଶାନ୍ତିରେ ନିଶ୍ୱାସ ମାରିଲେ।

ପାଣ୍ଡବମାନେ ଗଭୀର ଅରଣ୍ୟ ଅତିକ୍ରମ କରି ରାକ୍ଷସାବର୍ତ୍ତରେ ପହଞ୍ଚିଲେ। ତା' ପୂର୍ବରୁ ସେମାନଙ୍କର ପଥମଧ୍ୟରେ ମୁନି ଶ୍ରେଷ୍ଠ ବ୍ୟାସଦେବଙ୍କ ସହିତ ଭେଟ ହେଲା।ମହା ଦୁଃଖରେ କୁନ୍ତୀ ନିଜର ଦୁର୍ଭାଗ୍ୟ ବର୍ଣ୍ଣନା କରି କହିଲେ... ହେ ମହାତ୍ମା! ଧର୍ମ ପଥରେ ସର୍ବଦା ଥାଇ ମଧ୍ୟ କେଉଁ ଅପରାଧରୁ ମୋର ପୁତ୍ରମାନେ ଏ ଦୁର୍ଦ୍ଦଶା ଭୋଗ କରୁଛନ୍ତି?

କୁନ୍ତୀଙ୍କୁ ଆଶ୍ୱସନା ଦେଇ ମହାମୁନି କହିଲେ... ପୁତ୍ରୀ! ଜଗତରେ ସମସ୍ତଙ୍କ ଜୀବନ କର୍ମଫଳର ବୁଢିଆଣୀ ଜାଲ ଭିତରେ ବିଜଡ଼ିତ। ଜୀବନରେ ସୁଖ ବା ଦୁଃଖ ଚିରସ୍ଥାୟୀ ନୁହନ୍ତି। କର୍ମର ଫଳ ଅନୁସାରେ କେତେବେଳ ଦୁଃଖ ଭୋଗହେବ ତ ପୁଣି କେତେବେଳେ ସୁଖ। କେବଳ କର୍ତ୍ତବ୍ୟକର୍ମ ବ୍ୟତୀତ ମନୁଷ୍ୟ ହାତରେ କିଛି ନଥାଏ।

Source: Author, Digitized by PPRACHIN, SOA

ସେଥିପାଇଁ ଚିନ୍ତିତ ହେବା ଉଚିତ ନୁହେଁ।

ବ୍ୟାସଦେବ ବିଦାୟ ନେଇ ଚାଲିଯିବା ପରେ ପାଣ୍ଡବମାନେ ରାକ୍ଷସାବର୍ତ୍ତରେ ଏକ ସୁଶୀତଳ ଅରଣ୍ୟ ସ୍ଥଳୀରେ ବିଶ୍ରାମ କଲେ। ଭୀମସେନ ବସିଥାନ୍ତି; ତାଙ୍କ ବିଶାଳ ଜାନୁ ଉପରେ ମଥା ରଖି ଚାରିଭାଇ ଏବଂ ମାତା କୁନ୍ତୀ ନିଦ୍ରା ଯାଇଥାନ୍ତି। ସେ ଅରଣ୍ୟ ଯେ ହିଡିମ୍ବ ରାକ୍ଷସର ରାଜ୍ୟର ଅଧୀନ ତାହା ପାଣ୍ଡବମାନଙ୍କୁ ଜଣା ନଥିଲା। ହିଡିମ୍ବ, ହୃଷ୍ଟପୁଷ୍ଟ ପାଞ୍ଚଭାଇ ଏବଂ କୁନ୍ତୀଙ୍କୁ ଦେଖି,ଏତେ ଦିନ ପରେ ସୁମିଷ୍ଟ ନରମାଂସ ମିଳିବ ଭାବି ମନେମନେ ବହୁତ ଆନନ୍ଦିତ ହେଲା। ନିଜ ଭଉଣୀ ହିଡିମ୍ବାକୁ ପଠାଇଲା ପାଣ୍ଡବମାନଙ୍କୁ ବଧ କରି ସେମାନଙ୍କ ମାଂସ ରନ୍ଧନ କରି ତାକୁ ପରୋଷିବା ପାଇଁ। ଭୀମସେନଙ୍କର ବଳିଷ୍ଠ ଶରୀର ଦେଖି ହିଡିମ୍ବା ରାକ୍ଷସୀ କାମ ବାଣରେ ଜର୍ଜରିତ ହେଲେ। ନିଜର ରାକ୍ଷସୀ ରୂପ ପରିତ୍ୟାଗ କରି ଏକ ଅପରୂପା ସୁନ୍ଦରୀ ତରୁଣୀ ବେଶରେ ସେ ଭୀମଙ୍କ ପାଖରେ ପହଞ୍ଚି ପ୍ରୀତି ଭିକ୍ଷା କଲେ। ଆଶ୍ଚର୍ଯ୍ୟ ହୋଇ ଦ୍ୱିତୀୟ ପାଣ୍ଡବ ପଚାରିଲେ... କିଏ ତୁମେ ସୁନ୍ଦରୀ ! ସ୍ୱର୍ଗ ଅପ୍ସରା ବିନିନ୍ଦିତ ରୂପଧାରଣ କରିଛ, ମୋପରି ଜଣେ ନିଃସ୍ୱ ଭିକାରି ପାଖରେ କଣ ଦେଖି ପ୍ରେମ ଭିକ୍ଷା କରୁଛ ?

ହିଡିମ୍ବା ନିଜର ପ୍ରକୃତ ପରିଚୟ ଦେବାକୁ ଯାଇ କହିଲେ... ଆର୍ଯ୍ୟପୁତ୍ର ! ମୁଁ ଜାତିରେ ରାକ୍ଷସୀ। ମୋର ଚାରି ଭାଇଙ୍କ ନାମ ହେଉଛି ବକ, ହିଡିମ୍ବ, କୁମ୍ଭୀର ଏବଂ କିନ୍ନର। ମୁଁ ସେମାନଙ୍କର ଏକମାତ୍ର ଭଉଣୀ। ଏହି ହିଡିମ୍ବ-କଟକ ହେଉଛି ମୋ ଭାଇର ରାଜ୍ୟ। ମୋର ଅନ୍ୟ ଏକ ଭାଇ 'ବକ' ଏକଚକ୍ର ପୁରରେ ନିବାସ କରନ୍ତି। ବିବାହ ଯୋଗ୍ୟା ହୋଇ ରହିଥିଲେ ମଧ୍ୟ ମୋ ଭାଇ ହିଡିମ୍ବ କେଉଁଠାରେ ମୋ ବିବାହର ଆୟୋଜନ କରୁନାହିଁ। ସବୁବେଳେ ମୋ ଉପରେ ଭାଇର ଅତ୍ୟାଚାର ଲାଗିରହିଛି। ମୁଁ ସେ ଅତ୍ୟାଚାରରୁ ମୁକ୍ତି ପାଇବାକୁ ଚାହେଁ। ତୁମ ରୂପରେ ପ୍ରଲୁବ୍ଧ ହୋଇ ତୁମକୁ ବିବାହ କରିବା ଆଶାରେ ମୁଁ ମୋର ରୂପ ପରିବର୍ତ୍ତନ କରିଛି।

ରାକ୍ଷସୀ ରାଜକନ୍ୟାର ସରଳ ଭାବରେ ପରିଚୟ ପ୍ରଦାନ ଏବଂ ମନୋବାଞ୍ଛା ବ୍ୟକ୍ତ କରିବା ଭୀମଙ୍କୁ ପ୍ରଭାବିତ କଲା। ଭୀମ କହିଲେ... ଓଃ, ତାହେଲେ ତୁମେ ରାଜକନ୍ୟା ହିଡିମ୍ବା ? କିନ୍ତୁ ତୁମକୁ ମୁଁ ପ୍ରେମକଲେ ନିଶ୍ଚିତ ଭାବରେ ତୁମ ଭାଇଙ୍କ କ୍ରୋଧର ଶିକାର ହେବି। ତୁମ ଭାଇ ମୋ ସହିତ ଯୁଦ୍ଧ କଲେ ମୁଁ ତାକୁ ନିଶ୍ଚିତ ଭାବରେ ହତ୍ୟା କରିବି। ସେତେବେଳେ ମଧ୍ୟ ତୁମେ କଣ ମତେ ଭଲ ପାଇବ ?

ହିଡିମ୍ବା ଭୀମଙ୍କ ରୂପଦେଖି ପାଗଳ ହୋଇଯାଇଥିଲେ ଏବଂ ହିଡିମ୍ବ ଅତ୍ୟାଚାରରୁ ମୁକ୍ତି ଚାହୁଁଥିଲେ। କହିଲେ... ନିଶ୍ଚିତ ଭାବରେ ଆର୍ଯ୍ୟପୁତ୍ର, ମୁଁ ମୋ ଭାଇ ଠାରୁ ମୁକ୍ତି

Source: Author, Digitized by PPRACHIN, SOA

ଚାହେଁ ଏବଂ ତୁମ ସହିତ ବିବାହ କରିବାକୁ ଚାହେଁ।

ହିଡିମ୍ବାର ପ୍ରତ୍ୟାବର୍ତ୍ତନରେ ବିଳମ୍ବ ହେବାର ଦେଖି ହିଡିମ୍ବ ରାକ୍ଷସ ମହାକ୍ରୋଧରେ ବିକଟାଳ ଗର୍ଜନ କରି ଭୀମଙ୍କ ପାଖରେ ପହଞ୍ଚି, ଭଉଣୀ ହିଡିମ୍ବାକୁ ପ୍ରେମାଳାପରେ ମଗ୍ନ ଦେଖି କ୍ରୋଧରେ ହତଜ୍ଞାନ ହୋଇ କହିଲା... ନିର୍ଲ୍ଲଜୀ କୁଳଟା, ମାନବ ସହିତ ପ୍ରେମାଳାପରେ ମଗ୍ନ ହୋଇ ମୋ ଆଦେଶର ଅବମାନନା କରୁଛୁ। ପ୍ରଥମେ ଏହି ମନୁଷ୍ୟ ମାନଙ୍କୁ ହତ୍ୟା କରିବାପରେ ମୁଁ ତୋ କଥା ବୁଝିବି। 'ଏହା କହି ହିଡିମ୍ବ ଗୋଟାଏ ବୃକ୍ଷ ଉପାଡି ସେଥିରେ ଭୀମଙ୍କୁ ଆଘାତ କରିବାପାଇଁ ମହାବେଗରେ ଧାଇଁ ଆସିଲା।

ସେପର୍ଯ୍ୟନ୍ତ କୁନ୍ତୀ ଏବଂ ଚାରିଭାଇ ଘୋର ନିଦ୍ରାରେ ମଗ୍ନ। ସେମାନଙ୍କ ନିଦ୍ରାରେ ବ୍ୟାଘାତ ନଆଣିବା ପାଇଁ ଭୀମ ହିଡିମ୍ବାକୁ କହିଲେ... ରକ୍ଷ-ରାଜକୁମାରୀ, ତୁମେ ମୋ ମାତା ଏବଂ ଭାଇମାନଙ୍କ ପାଖରେ ଥାଅ ମୁଁ ତୁମ ଭାଇଙ୍କ ସହିତ ଶକ୍ତି ପରୀକ୍ଷା କରି ଫେରୁଛି। ଶକ୍ତି ପରୀକ୍ଷା ଅବସରରେ ଯେବେ ତୁମ ଭ୍ରାତାଙ୍କର ସ୍ୱର୍ଗ ବା ନର୍କ ପ୍ରାପ୍ତି ହୁଏ ସେଥିପାଇଁ ମନରେ ଦୁଃଖ ଆଣିବ ନାହିଁ।

ତା'ପରେ ଭୀଷଣ ସଂଗ୍ରାମ ଲାଗିଲା ହିଡିମ୍ବ ଏବଂ ଭୀମଙ୍କ ମଧ୍ୟରେ। ଉଭୟଙ୍କର ଘୋର ଗର୍ଜନରେ ବନଭୂମି ପ୍ରକମ୍ପିତ ହେଲା। ସେହି ଗର୍ଜନ ତର୍ଜନରେ କୁନ୍ତୀ ଏବଂ ଚାରି ଭାଇଙ୍କର ନିଦ୍ରା ଭଙ୍ଗହେଲା। ନିଦରୁ ଉଠି କୁନ୍ତୀ ହିଡିମ୍ବାଠାରୁ ସବୁ ଶୁଣି ଆଶ୍ଚର୍ଯ୍ୟ ହେଲେ। ଇତି ମଧ୍ୟରେ ଭୀମ ହିଡିମ୍ବ ରାକ୍ଷସଙ୍କୁ ବଧକରି ମାଆ ଏବଂ ଭାଇମାନଙ୍କ ନିକଟକୁ ଆସିଲେ। କୁନ୍ତୀ ଯେତେବେଳେ ଜାଣିବାକୁ ପାଇଲେ ଯେ ରାକ୍ଷସ ରାଜକନ୍ୟା, ପୁତ୍ର ଭୀମଙ୍କ ରୂପ ଉପବନରେ ନିଜର ମନ ହରିଣୀଟି ହଜେଇ ଦେଇଛି, ଭୀମଙ୍କ ବିବାହ ହିଡିମ୍ବା ସହିତ କରିବାପାଇଁ ସେ ସମ୍ମତି ଦେଲେ।

ହିଡିମ୍ବ ରାକ୍ଷସର ମୃତ୍ୟୁ ପରେ ରାକ୍ଷସ ରାଜ୍ୟର ଶାସନଭାର ହିଡିମ୍ବାଙ୍କ ଉପରେ ପଡ଼ିଲା। ଭୀମଙ୍କର ହିଡିମ୍ବା ସହିତ ପ୍ରେମର ଫଳ ସ୍ୱରୂପ ରକ୍ଷକନ୍ୟା ଅନ୍ତଃସତ୍ୱା ହେଲେ। ଭୀମଙ୍କୁ ହିଡିମ୍ବାଙ୍କ ପାଖରେ କିଛି ଦିନ ପାଇଁ ଛାଡ଼ିଦେଇ କୁନ୍ତୀ ଏବଂ ଅନ୍ୟ ଚାରିଭାଇ ଏକଚକ୍ର ନଗ୍ରକୁ ବ୍ରାହ୍ମଣ ବେଶରେ ଚାଲିଗଲେ।

ଗୋଟିଏ ବର୍ଷ ପୂର୍ଣ୍ଣ ହେବାପରେ ଭୀମଙ୍କ ଔରସରୁ ହିଡିମ୍ବାଙ୍କ କୋଳକୁ ଆସିଲା ଗୋଟିଏ ପୁତ୍ର ସନ୍ତାନ। ପୁତ୍ରର ନାମ ଦିଆଗଲା 'ବିରୋଚନ'। ମସ୍ତକରେ କେଶ ନଥିବାରୁ ଘଟୋତ୍କଚ (ଘଟ+ଉତ୍କଚ) ନାମରେ ମଧ୍ୟ ସେ ପରିଚିତ ହେଲେ। ମହାଭାରତ ଯୁଦ୍ଧରେ ଘଟୋତ୍କଚ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

କିଛି ଦିନ ପରେ ଭୀମ ହିଡିମ୍ବ ରାଜ୍ୟ ଛାଡି ମାତା ଏବଂ ଚାରିଭାଇଙ୍କ ସହିତ ଯୋଗ ଦେଲେ।

Source: Author, Digitized by PPRACHIN, SOA

ମହାଭାରତରେ ହିଡିମ୍ବା ଏକ ଅବହେଳିତ ଚରିତ୍ର। ରାକ୍ଷସୀକନ୍ୟା ହୋଇ ଥିବାରୁ ପଣ୍ଡୁ ପରିବାରରେ ତାଙ୍କୁ ଆବଶ୍ୟକ ସମ୍ମାନ ମିଳୁନଥିଲା। ଆର୍ଯ୍ୟକୁଳର ରୀତିନୀତି ସହିତ ଖାପଖୁଆଇ ଚଳି ନପାରିବାର ଡର ଥିବାରୁ ବୋଧହୁଏ ପାଣ୍ଡୁ ପରିବାରରେ ତାଙ୍କର ପ୍ରବେଶ ନଥିଲା। କିନ୍ତୁ ଆବଶ୍ୟକ ସମୟରେ ପାଣ୍ଡବମାନଙ୍କର 'ଘଟୋତ୍କଚ' ମନେ ପଡ଼ିଲା।

ମହାଭାରତଯୁଦ୍ଧର ଚର୍ତୁଦ୍ଦଶ ଦିନର କଥା। ଇନ୍ଦ୍ରଙ୍କଠାରୁ ପାଇଥିବା ଅମୋଘ ବାସବୀ-ବାଣ ବ୍ୟବହାର କରି ଅର୍ଜୁନଙ୍କୁ ବଧ କରି ଯୁଦ୍ଧକୁ ନିର୍ଣ୍ଣାୟକ ସ୍ଥିତିକୁ ଆଣିବେ ବୋଲି କର୍ଣ୍ଣ, ସଖା ଦୁର୍ଯ୍ୟୋଧନଙ୍କୁ କଥା ଦେଇଥିଲେ। ଦୂର ଅତୀତରେ, ନିଜ ପୁତ୍ର ଅର୍ଜୁନଙ୍କୁ ବିଶ୍ୱରେ ଶ୍ରେଷ୍ଠ ବୀର ଭାବରେ ପ୍ରତିପାଦିତ କରିବାପାଇଁ, ଇନ୍ଦ୍ର ଛଦ୍ମ ବ୍ରାହ୍ମଣ ବେଶରେ ଦାନବୀର କର୍ଣ୍ଣଙ୍କ ଠାରୁ ବକ୍ଷର କବଚ ମାଗି ନେଇଥିଲେ। କର୍ଣ୍ଣଙ୍କ ବଦାନ୍ୟତାରେ ସନ୍ତୁଷ୍ଟ ହୋଇ ଇନ୍ଦ୍ର ଏହି ଅମୋଘ ଶକ୍ତି 'ବାସବୀବାଣ' କର୍ଣ୍ଣଙ୍କୁ ଦାନ କରିଥିଲେ। ଏହି ଶକ୍ତି ଥରେମାତ୍ର ବ୍ୟବହାର କରାଯାଇ ପାରିବ ଏବଂ ବ୍ୟବହାର କଲାପରେ ଇନ୍ଦ୍ରଙ୍କ ପାଖକୁ ଫେରିଯିବ ବୋଲି କହିଥିଲେ ବାସବ। ବାସବୀ-ବାଣର ସମ୍ମୁଖୀନ ହେବାପାଇଁ, ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ଘଟୋତ୍କଚଙ୍କୁ ଡ଼କାଇଥିଲେ ଭୀମ। ଯେଉଁ ବାଣରେ ଅର୍ଜୁନ ମୃତ୍ୟୁ ମୁଖରେ ପଡିବା କଥା ସେ ବାଣ ଆଗରେ ନିଜର ଛାତି ଦେଖାଇ ବୀରଗତି ପ୍ରାପ୍ତ ହୋଇ ଥିଲେ ହିଡିମ୍ବା-ପୁତ୍ର ଘଟୋତ୍କଚ।

ମାୟାବୀ ଯୁଦ୍ଧ ବିଦ୍ୟାରେ ଧୁରନ୍ଧର ଥିଲେ ଏହି ଭୀମ ପୁତ୍ର ଘଟୋତ୍କଚ। ଏଭଳି ମାୟାଯୁଦ୍ଧ ସୃଷ୍ଟିକରି ସେ କୌରବ ପକ୍ଷର ସୈନ୍ୟ ବିନାଶ କରୁଥିଲେ ଯେ ବାଧ୍ୟ ହୋଇ କର୍ଣ୍ଣଙ୍କୁ, ଅର୍ଜୁନଙ୍କ ବଧ ପାଇଁ ରଖିଥିବା ଇନ୍ଦ୍ର-ପ୍ରଦତ୍ତ ବାସବୀ ବାଣକୁ ବ୍ୟବହାର କରିବାପାଇଁ ପଡ଼ିଲା। ବର୍ଣ୍ଣିତ ଅଛି ଆକାଶ ମଣ୍ଡଳରେ ଯୁଦ୍ଧ କରୁଥିବା ଏହି ମହାକାୟ ଦୈତ୍ୟ ଯେତେବେଳେ କର୍ଣ୍ଣଙ୍କ ବାଣରେ ମୃତ ହୋଇ ଯୁଦ୍ଧ ଭୂମିରେ ଟଳି ପଡୁଥିଲେ, ସେତେବେଳେ ଭୀମ କହିଥିଲେ... କୌରବବାହିନୀ ଉପରେ ନିପତିତ ହୁଅ ପୁତ୍ର, ପାଣ୍ଡବବାହିନୀ ଉପରେ ନୁହେଁ।

ପିତାଙ୍କର ସେହି ନିର୍ଦ୍ଦେଶ ଅନୁଯାୟୀ ଘଟୋତ୍କଚ ନିଜ ବିଶାଳ ଶରୀରକୁ କୌରବ ସେନାଙ୍କ ଉପରେ ନିପତିତ କରିଥିଲେ, ଯାହା ଫଳରେ ଏକ ଅକ୍ଷୌହିଣୀ କୁରୁସେନା ବୀରଗତି ପ୍ରାପ୍ତ ହୋଇଥିଲେ।

ମାତା ହିଡିମ୍ବା ଏବଂ ପୁତ୍ର ଘଟୋତ୍କଚଙ୍କର ବଳିଦାନର ପଟ୍ଟାନ୍ତର ନାହିଁ।

-୦-

Source: Author, Digitized by PPRACHIN, SOA

(୩୦)

ଏକଚକ୍ରପୁରରେ ମହାବଳୀ

ହିଡିମ୍ବାଙ୍କ ସହିତ କିଛି ଦିନ ରହିବା ପରେ ଭୀମଙ୍କ ମନ ବ୍ୟଗ୍ରହେଲା ମାତା ଏବଂ ଭ୍ରାତାଙ୍କ ସହିତ ଏକଚକ୍ରପୁରରେ ମିଳନ ପାଇଁ। ବିଦାୟ ସମୟରେ ପୁତ୍ର ବିରୋଚନ କପାଳରେ ଚୁମ୍ବନ ଦେଇ ହିଡିମ୍ବାଙ୍କୁ ଗଭୀର ଆଶ୍ଳେଷରେ ହୃଦୟରେ ଭିଡ଼ି ଧରିଲେ ଭୀମସେନ। ରକ୍ଷ-ରାଣୀ ହିଡିମ୍ବାଙ୍କ ଆଖିରୁ ବହି ଯାଉଥାଏ ଧାରଧାର ଅଶ୍ରୁ। ସେ ଜାଣନ୍ତି ଏହା ତାଙ୍କର ଭୀମଙ୍କ ସହିତ ଶେଷ ସାକ୍ଷାତ। ଭବିଷ୍ୟତରେ ହସ୍ତିନା ରାଜପ୍ରାସାଦ ତାଙ୍କପରି ରାକ୍ଷସୀ ବଧୂଙ୍କୁ କଦାପି ଗ୍ରହଣ କରିବ ନାହିଁ ବୋଲି ସେ ସ୍ଥିରନିଶ୍ଚିତ ଥିଲେ। ଘଟୋତ୍କଚ (ବିରୋଚନ) କୁରୁ-କୁଳର ପ୍ରଥମ ପ୍ରଦୀପ ହେଲେ ମଧ୍ୟ ହସ୍ତିନା ସିଂହାସନ ରାକ୍ଷସୀ ପୁତ୍ରକୁ କଦାପି ଆର୍ଯ୍ୟ ବଂଶର ଉତ୍ତର ଦାୟିତ୍ୱ ଦେବନାହିଁ, ଭଲ ଭାବରେ ଜାଣିଥିଲେ ହିଡିମ୍ବା। ଅଶ୍ରୁଳ ନେତ୍ରରେ ସେ ଭୀମଙ୍କୁ ବିଦାୟ ଦେଲେ।

ଭୀମ, ମାତା ଓ ଭ୍ରାତାମାନଙ୍କୁ ଏକଚକ୍ର ନଗ୍ରରେ ଭେଟିଲେ। ଅନ୍ୟ ଚାରି ପୁତ୍ରଙ୍କ ସହିତ କୁନ୍ତୀ ଜଣେ ବ୍ରାହ୍ମଣ ପରିବାରରେ ଅତିଥି ଭାବରେ ରହିଥିଲେ। ଭୀମଙ୍କ ଆଗମନରେ ପାଣ୍ଡବ ପରିବାରରେ ଯେଉଁ ଅଭାବ ଥିଲା ତାହା ପୂର୍ଣ୍ଣ ହୋଇଗଲା। ପାଣ୍ଡବମାନେ ସତେଅବା ନୂଆ ଉଦ୍ଦିପନା ଏବଂ ନୂତନ ଜୀବନ ପାଇଲେ। ବ୍ରାହ୍ମଣ କୁଟୀରରେ ବ୍ରାହ୍ମଣ ବେଶରେ ରହିଲେ ପାଞ୍ଚଭାଇ। ଆଶ୍ରୟଦାତା ବଡ଼ ପ୍ରଶସ୍ତ ହୃଦୟ ଏବଂ ଦୟାବାନ୍ ବ୍ୟକ୍ତି ଥିଲେ।

ଦିନସାରା ଭିକ୍ଷାବୃତ୍ତି କରି ସନ୍ଧ୍ୟା ସମୟକୁ ପାଣ୍ଡବ ଭାଇମାନେ ଯେବେ କୁଟୀରକୁ ଫେରନ୍ତି, ସେମାନଙ୍କ ମଧ୍ୟରେ ଖାଦ୍ୟ ସମଭାବରେ ବାଣ୍ଟି ଦିଅନ୍ତି କୁନ୍ତୀ। କିନ୍ତୁ ଭୀମଙ୍କୁ ସେ ଖାଦ୍ୟ ନିଅଂଟ ପଡେ।ଭୀମଙ୍କୁ ବୁଭୁକ୍ଷୁ ଅବସ୍ଥାରେ ଦେଖି ଭୋଜନ ସମୟରେ ଅନ୍ୟ ଚାରିଭାଇ ନିଜ ନିଜ ଖାଦ୍ୟରୁ ଅଧା ଭୀମଙ୍କୁ ଦିଅନ୍ତି। ତଥାପି ଯେତେ ଭକ୍ଷଣ କଲେ ମଧ୍ୟ ବୃକୋଦରଙ୍କ ଉଦର ପୂର୍ଣ୍ଣ ହୁଏନାହିଁ। ସେଥିପାଇଁ ବେଳେ ବେଳେ ପାଖରେ ଥିବା କୁମ୍ଭକାର ଶାଳରେ ଶ୍ରମଦାନ କରି ଭୀମ ଯାହା ପାରିଶ୍ରମିକ ପାଆନ୍ତି, ନିଜ ଉଦର ଭରଣ ପାଇଁ ବ୍ୟୟ କରନ୍ତି।ଦିନକୁ ଦିନ ଭୀମଙ୍କର ଶରୀର କ୍ଷୀଣ ହେବାରେ ଲାଗିଲା। ହିଡିମ୍ବ ରାଜ୍ୟରେ ଥିବା ସମୟରେ ଖିର ଘିଅ ଦହି ଆକଣ୍ଠ ଭୋଜନ କରି ଭୀମ ହୃଷ୍ଟପୁଷ୍ଟ ହୋଇ ରହିଥିଲେ। ଏକଚକ୍ର ନଗ୍ରରେ ଭୀମଙ୍କ କ୍ଷୀଣ ସ୍ୱାସ୍ଥ୍ୟ ଦେଖି କୁନ୍ତୀ ଚିନ୍ତିତା ଥିଲେ... କଣ କରିବି,

Source: Author, Digitized by PPRACHIN, SOA

ସର୍ବ-ଭକ୍ଷ ମୋ ପୁତ୍ରକୁ କୁଆଡୁ କ'ଣ ଆଣି ଖାଇବାକୁ ଦେବି ?

ଦିନେ ଏହିଭଳି ଚିନ୍ତାରେ କୁନ୍ତୀ ମଗ୍ନ ଥିବା ସମୟରେ ଆଶ୍ରୟଦାତା ବ୍ରାହ୍ମଣଙ୍କ ଘରଭିତରୁ କ୍ରନ୍ଦନ ରୋଳ ଶୁଣିବାକୁ ପାଇଲେ। କୁନ୍ତୀଙ୍କ ମନ ଚଞ୍ଚଳ ହୋଇ ଉଠିଲା। କାନ ଡେରି ସେ ଶୁଣିଲେ ଗୃହସ୍ୱମୀ ତାଙ୍କ ପତ୍ନୀଙ୍କୁ କହୁଛନ୍ତି... ମୋ କଥା ନମାନି ଏଠାରେ ରହିବା ପାଇଁ ଜିଦ୍ କଲ, ସେଥିପାଇଁ ଏବେ ଆମେ ବିପଦରେ ଛନ୍ଦି ହୋଇ ଗଲେ। ମୁଁ ଆଗରୁ ତୁମକୁ କହୁଛି ଏ ସ୍ଥାନ ଛାଡି ଆମେ ଅନ୍ୟ ରାଜ୍ୟକୁ ଚାଲିଯିବା; ଯେଉଁ ଦେଶର ରାଜା ଭୀରୁ ଓ ପଳାତକ, ସେଠାରେ ପ୍ରଜାମାନଙ୍କୁ ଅଭୟ ଦେଇ କିଏ ରକ୍ଷା କରିବ ? ବକାସୁର ଡରରେ ଆମ ରାଜ୍ୟର ରାଜା ଭୟରେ 'ବେତ୍ରକୀୟ ପୁର' ରାଜ୍ୟରେ ଯାଇ ଆଶ୍ରୟ ନେଇଛନ୍ତି। ସେହି ଦିନଠାରୁ ବକାସୁର ଅତ୍ୟାଚାରରେ ପ୍ରଜାମାନେ ଏଠାରେ ଘୋର କଷ୍ଟରେ ରହିଛନ୍ତି।

ପ୍ରତିଦିନ ଆସି ନଗର ଭିତରେ ଧ୍ୱଂସ ଲୀଳା ସୃଷ୍ଟି କରିବାରୁ ଏବଂ ଅନେକ ଧନ ଜୀବନ ନଷ୍ଟ କରିବାରୁ ନଗ୍ରବାସୀ ବକାସୁର ସହିତ ଚୁକ୍ତି କରିଛନ୍ତି ଯେ ପ୍ରତି ସପ୍ତାହରେ ଗୋଟିଏ ଦିନ ଜଣେ ବ୍ୟକ୍ତି ନିଜ ଘରୁ ପୂର୍ଣ୍ଣଶକଟରେ ସୁସ୍ୱାଦୁ ଭୋଜନ ନେଇ ବକାସୁର ଗୁମ୍ଫା ପାଖରେ ପହଞ୍ଚିବ। ମିଷ୍ଟାନ୍ନ ସହିତ ଶକଟରେ ଯୋଡ଼ାଯାଇଥିବା ବଳଦ ଦୁଇଟି, ଦୁଇଟି ଛେଳି ଏବଂ ଶକଟ ବାହକକୁ ବକାସୁର ବଧକରି ଭୋଜନ କରିବ ଏବଂ ଶେଷରେ ହାଣ୍ଡିଏ ନବାତ ପଣା ପିଇବ। ଏହି ସର୍ତ୍ତରେ ତିଳେ ମାତ୍ର ବିଚ୍ୟୁତି ଘଟିଲେ ବକାସୁର ନଗ୍ରଭିତରେ ପଶି ପୂବପରି ଉତ୍ପାତ କରିବ।

ଆଜି ଆମର ପାଳି ପଡ଼ିଛି। ମୋର ମୃତ୍ୟୁ ପରେ କିଏ ଆମର ଏ ଦରିଦ୍ର ସଂସାରକୁ ପାଳନ କରିବ ? ପୁଅ ମୋର ବାଳୁତ, ସହଜେ ତ ଝିଅ ଶାଶୁଘରର ସଂପତ୍ତି।

ସ୍ୱାମୀଙ୍କ କଥା ଶୁଣି ବ୍ରାହ୍ମଣୀ କାନ୍ଦିବା ଆରମ୍ଭ କରିଦେଲେ; କହିଲେ... ମୋଠାରୁ ବଳି ଆଉ କିଏ ଭାଗ୍ୟହୀନା ଅଛି ? ତୁମେ ବକାସୁର ପାଖରେ ପ୍ରାଣ ବିସର୍ଜନ କଲେ ଏ ସଂସାରରେ ତୁମ ବିନା ଜୀବନ ଦୁଷ୍କର ହୋଇଯିବ। ମାଂସଖଣ୍ଡ ଦେଖି ଗୃଧ୍ରପକ୍ଷୀଗଣ ଯେପରି ପ୍ରଚଣ୍ଡ ବେଗରେ ଝାମ୍ପି ନେବାପାଇଁ ପରସ୍ପର ଭିତରେ ଲଢେଇ କରନ୍ତି ସେହିପରି ଲମ୍ପଟମାନେ ମୋ ଅସହାୟତାର ସୁଯୋଗ ନେବେ। ମୋ ଜୀବନ ଦୁର୍ବିସହ ହୋଇପଡିବ। ସ୍ୱାମୀହୀନା ନାରୀ ସମାଜରେ ଘୃତସିକ୍ତ ବସ୍ତ୍ର ଭଳି। ବୁଭୁକ୍ଷୁ ମାର୍ଜାର ତାକୁ ଟାଣିଲାପରି କାମାସକ୍ତ ବ୍ୟକ୍ତିମାନେ ମୋ ଜୀବନକୁ ନର୍କରେ ପରିଣତ କରିଦେବେ। ତେଣୁ ମୋ କଥା ମାନିଯିଅ ସ୍ୱାମୀ; ମୋତେ ଖାଦ୍ୟପୂର୍ଣ୍ଣଶକଟ ନେଇ କାଲି ସକାଳେ ବକାସୁର ପାଖକୁ ଯିବାପାଇଁ ଅନୁମତି ଦିଅ ।

Source: Author, Digitized by PPRACHIN, SOA

ପିତା-ମାତାଙ୍କର ଏ ପ୍ରକାର ଦୁଃଖ ଦେଖି ବ୍ରାହ୍ମଣଙ୍କ କନ୍ୟା କହିଲେ... ମୋର ଏ ତୁଚ୍ଛ ଜୀବନ ତୁମ ଦୁହିଁଙ୍କର ଦାନ। ଦାରିଦ୍ର୍ୟ ଯୋଗୁଁ ମୋ ବିବାହ ନେଇ ତୁମେ ଦୁହେଁ ସଦାର୍ସବଦା ବ୍ୟତିବ୍ୟସ୍ତ। ବକାସୁର ହାତରେ ପ୍ରାଣଗଲେ ତୁମକୁ ସେ ବ୍ୟସ୍ତତାରୁ ମୁକ୍ତି ମିଳିବ ତଥା ପରିବାର ପାଇଁ ପ୍ରାଣ ବିସର୍ଜନ କରି ମୋର ଜୀବନ ଧନ୍ୟ ହେବ। ତେଣୁ ମନା କର ନାହିଁ, କାଲି ପ୍ରଭାତରୁ ଖାଦ୍ୟ ଶକଟ ନେଇ ମୁଁ ବକାସୁର ପାଖକୁ ଯିବି।

ପାଖରେ ବ୍ରାହ୍ମଣଙ୍କର ଦେଢ ବର୍ଷର ପୁଅଟିଏ ଖେଳୁଥିଲା। ଭଲଭାବେ କଥା କହି ଶିଖିନାହିଁ। ମୁହଁରେ ଦରୋଟି କଥା; କହିଲା... ମାମା ବାବା, ମୁଁ କାଲି ଯାଇକିଲି, ଏଇମିତି ଅଥୁଲକୁ ଉପୁଲୁକୁ ତେକିକି କଚାଲିକି ମାଲିଦେବି, ତମେ କାହିଁକି କାନ୍ଦୁଚ ?

ଛୋଟ ଛୁଆର ଦରୋଟି କଥା ସହିତ ଅଭିନୟ ଦେଖି ଏପରି ବିପଦ ସମୟରେ ମଧ୍ୟ ବ୍ରାହ୍ମଣ ପରିବାରର ସମସ୍ତେ ନ'ହସି ରହିପାରିବେ ନାହିଁ। ବ୍ରାହ୍ମଣ ପୁଅକୁ କୋଳାଗ୍ରତ କଲେ;ନୟନରୁ ଝରିଗଲା ଅଶ୍ରୁ।

ବ୍ରାହ୍ମଣ ପରିବାରରେ ପରସ୍ପର ପ୍ରତି ଏପରି ସ୍ନେହର ବନ୍ଧନ ଦେଖି କୁନ୍ତୀଙ୍କ ଆଖିରେ ଲୁହ ଆସିଗଲା। ସେ ଭାବିଲେ... ଆଶ୍ରୟଦାତା ବ୍ରାହ୍ମଣ ପରିବାରର ଋଣ ଶୁଝିବାର ଏହା ହିଁ ଉପଯୁକ୍ତ ସମୟ। ଏହା ଚିନ୍ତାକରି କୁନ୍ତୀ ବ୍ରାହ୍ମଣଙ୍କ ଗୃହରେ ପ୍ରବେଶ କରି କହିଲେ... ଆପଣଙ୍କ କଥୋପକଥନ ମୁଁ ସବୁ ଶୁଣିଛି; ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ମନରୁ ବ୍ୟଥା ଦୂର କରିଦିଅନ୍ତୁ। କାଲି ପ୍ରଭାତରେ ମୋ ଦ୍ୱିତୀୟ ପୁତ୍ର ଖାଦ୍ୟଶକଟ ନେଇ ବକାସୁର ନିକଟକୁ ଯିବ।

ଏହାଶୁଣି ବ୍ରାହ୍ମଣ କାନରେ ହାତ ରଖି କହିଲେ... ଅତିଥି ଦେବତା, ଏପରି କଥା କୁହନ୍ତୁ ନାହିଁ। ନିଜ ସ୍ୱାର୍ଥ ପାଇଁ ଅତିଥିଙ୍କୁ ମୃତ୍ୟୁ ମୁଖକୁ ଠେଲିଦେଲେ ଆମର ନର୍କଗତି ହେବ। କାଲି ପ୍ରଭାତରୁ ମୁଁ ହିଁ ବକାସୁର ପାଖକୁ ଯିବି।

କୁନ୍ତୀ କହିଲେ... ମୋ ପୁତ୍ରର ନିରାପତ୍ତା ପାଇଁ ଚିନ୍ତା କରନ୍ତୁ ନାହିଁ; ମୁଁ ନିଜେ ମାଆ ହୋଇ ମଧ୍ୟ ଚିନ୍ତା କରୁନାହିଁ, କାରଣ ସେ ମହା ବଳଶାଳୀ ଏବଂ ବକାସୁରକୁ ତା'ଗୁମ୍ଫା ଭିତରେ ଦଳିଦେବା ତା' ବାମ ହାତର ଖେଳ। ଆଶ୍ରୟଦାତା ! ଆମକୁ ଆଶ୍ରୟ ଦେଇ ଆପଣ ଯେଉଁ ଉପକାର ମୋ ପରିବାର ଉପରେ କରିଛନ୍ତି,ସେ ଋଣ ପରିଶୋଧ କରିବା ସୁଯୋଗରୁ ଆମକୁ ବଞ୍ଚିତ କରନ୍ତୁନାହିଁ।

ମାତାଙ୍କଠାରୁ ବକାସୁର ଗୁମ୍ଫାକୁ ପ୍ରଭାତରେ ଖାଦ୍ୟ ଶକଟ ନେଇ ଯିବା ଆଦେଶ ପାଇ ମହାବଳୀ ଭୀମ ମହା ଉଲ୍ଲାସରେ ଡେଇଁଲେ। ସକାଳୁ ସକାଳୁ ସୁସଜ୍ଜିତ ଖାଦ୍ୟ ଶକଟ ଦେଖି ପାଟିରୁ ନାଳ ବୋହିଗଲା। ରାକ୍ଷସକୁ ବିରକ୍ତ କରିବା ପାଇଁ ଭୀମ ଜାଣିଶୁଣି

Source: Author, Digitized by PPRACHIN, SOA

ଡେରିରେ ରାକ୍ଷସ ଗୁମ୍ଫା ନିକଟରେ ପହଞ୍ଚି ଶକଟରୁ ଖାଦ୍ୟ ବାହାର କରି ଭୋଜନ କରିବା ଆରମ୍ଭ କରିଦେଲେ। ମହା ଆନନ୍ଦରେ ଖିରୀ, ସରପୁଳି, ଗଜା ଏବଂ ଭଳି ଭଳି ମିଷ୍ଟାନ୍ନ ଖାଇବାରେ ଲାଗିଲେ ମହାବଳୀ। ଏହାଦେଖି ବକାସୁର ପ୍ରବଳ ଗର୍ଜନ କରି ମାଡିଆସି କହିଲା... କିଏ ରେ ତୁ ମୂର୍ଖ ନରାଧମ ! ତୋର ଏବେ ସାହସ ! ତୋର ବିଳମ୍ବରେ ଆସିବା ଯୋଗୁ କ୍ଷୁଧାରେ ମୁଁ ଆଉଟୁ ପାଉଟୁ ହେଉଛି, ମୋତେ ବିରକ୍ତ କରି, ମୋ ପାଇଁ ଆଣିଥିବା ସବୁ ଅନ୍ନବ୍ୟଞ୍ଜନ ଭକ୍ଷଣ କରୁଛୁ !! କାନ୍ଧ ଉପରେ ତୋର ମୁଣ୍ଡ ଭାରି ଲାଗିଲାଣି କି ?

ଭୀମ କିଛି ନଶୁଣି ଭୋଜନରେ ନିମଜ୍ଜିତ ଥାଆନ୍ତି, ଏତେ ଦିନ ପରେ ସୁମିଷ୍ଟ ଭୁରି ଭୋଜନ ମିଳିଛି। ଭୀମ କର୍ଣ୍ଣପାତ ନ'କରିବାରୁ ଭୟଙ୍କର ଗର୍ଜନକରି ଭୀମଙ୍କୁ ବିଧା ଗୋଇଠା ମାରିବାରେ ଲାଗିଗଲା ବକାସୁର। ଭୀମ, ଦେହରେ ବସିଥିବା ମାଛିକୁ ଉଡ଼ାଇ ଦେଲାପରି ହାତ ଝାଡି ଦେଇ କହୁଥାନ୍ତି... ରହ, ଅପେକ୍ଷା କର, ଉପରକୁ ଯିବାପାଇଁ ଏତେ ଆତୁର କାହିଁକି ? ମୋର ଭୋଜନ ଶେଷ ହେବାପରେ ତୋ କଥା ବୁଝିବି। ତୋର ପ୍ରିୟତମ ଭାଇ ହିଡିମ୍ବ ପାଖକୁ ତୋତେ ଅତି ଶୀଘ୍ର ପଠାଇବି।

ଭୋଜନ ଶେଷ ହେବାପରେ ଭୀମ ହାଣ୍ଡିଏ ଅମୃତ ପଣା ପିଇସାରି କହିଲେ... ଏଥର ଆ, ହାତାହାତି ହେଇଯିବା।'

ପର୍ବତକାୟ ଦୈତ୍ୟର ଆଖିରୁ ରାଗରେ ନିଆଁ ଝୁଲ ଝଡୁଥାଏ। ଗୋଟାଏ ଗଛ ଉପାଡି ସେ ଭୀମଙ୍କ ଉପରେ ପ୍ରହାର କରିବାକୁ ଧାଇଁ ଆସିଲା। ଭୀମ ସଙ୍ଗେ ସଙ୍ଗେ ସେ ବୃକ୍ଷକୁ ଦୁଇଖଣ୍ଡ କରି ଫୋପାଡି ଦେଲେ। ତାପରେ ଶଗଡ଼ ଗାଡ଼ିକୁ ଧରି ଚକ୍ରାକାରରେ ବୁଲାଇ ବୁଲାଇ ଭୀମଙ୍କ ଉପରେ ପ୍ରହାର କଲା ବକାସୁର। ଭୀମଙ୍କ ଦେହରେ ବାଜି ତାହା ଖଣ୍ଡ ଖଣ୍ଡ ହୋଇଗଲା।

ଭୀମ କହିଲେ... ଖେଳ ବହୁତ୍ ହେଲା,ଏବେ ବଳ କଷାକଷି ହେବା, ଆସ।

ବକାସୁରକୁ ଭୀମ ଟେକିଧରି ବୁଲାଇ ବୁଲାଇ ଉପରକୁ ଫିଙ୍ଗିଦେଲେ। ନିର୍ଘାତ କଚଡା ଖାଇ ତଳେ ପଡ଼ିଲା ରାକ୍ଷସ। ତାପରେ ବକାର ବୁକୁରେ ପାଦ ରଖି ତା'ର ଦକ୍ଷିଣ ଭୁଜକୁ ଉପାଡିଦେଲେ। ଦୈତ୍ୟର ଭୟଙ୍କର ଚିତ୍କାରରେ କମ୍ପି ଉଠିଲା ବନଭୂମି। ଉତ୍ପାଟିତ ଭୁଜ ଶୂନ୍ୟକୁ ଫିଙ୍ଗିଦେଲେ ଭୀମସେନ।

ଆକାଶରେ ଉଡୁଥିବା ଶ୍ୱେନପକ୍ଷୀ ଝାମ୍ପିନେଲା ସେ ବିଶାଳ ଭୁଜ।

ଭୀମ ଆକାଶକୁ ଚାହିଁ ହସିଦେଲେ, କହିଲେ... ଯେତେବେଳେ ବି ରାକ୍ଷସଙ୍କ ସହିତ ମୋର ଯୁଦ୍ଧ ହେଲା, ଖାଦ୍ୟ ଲୋଭରେ ଚାଲିଆସୁଛ ! ଏଇ ନିଅ ତୁମର ଇପ୍ସିତ

Source: Author, Digitized by PPRACHIN, SOA

ଖାଦ୍ୟ। ଏହା କହି ବକାସୁରର ଦକ୍ଷିଣ ଭୁଜ ଉତ୍ପାଟନ କରି ଆକାଶକୁ ଫିଙ୍ଗିଦେଲେ ମହାବଳୀ। ଅନ୍ୟ ଏକ ବିଶାଳ ଶ୍ୱେନ ପକ୍ଷୀ ଆକାଶରୁ ଝାମ୍ପିନେଲା ସେ ଉତ୍ପାଟିତ ଭୁଜ।

ଭୁଜ ଉପାଡିବା ସମୟରେ ବୃକ୍ଷ ଉପୁଡିବା ପରି କଡମଡ ଶବ୍ଦରେ ପୃଥିବୀ କମ୍ପି ଉଠିଲା। ଛାତିରେ ତାର ନିର୍ଘାତ ପ୍ରହାର କରିବାରୁ ରକ୍ତବାନ୍ତି କରି ପ୍ରାଣତ୍ୟାଗ କଲା ଦୁଷ୍ଟ ବକାସୁର। ଚିରଦିନ ପାଇଁ ଦୂର ହୋଇଗଲା ଏକଚକ୍ର ନଗ୍ରର କଣ୍ଟକ।

ବକାସୁରକୁ ବିନାଶକରି ଭୀମ ନଗର ଉପକଣ୍ଠରେ ଥିବା ସୁଶୀତଳ ପୁଷ୍କରିଣୀରେ ସ୍ନାନ କରି ମାତାଙ୍କ ପାଖରେ ପହଞ୍ଚିଲେ। ଏକଚକ୍ର ନଗରୀର ଘରେ ଘରେ ଲାଗିଗଲା ଆନନ୍ଦ ଉତ୍ସବ। ଭୀମଙ୍କ ଗଳାରେ ପଡିଲା ଶହ ଶହ ଫୁଲମାଳ। ଭୀମ ରାତି ରାତି ପ୍ରଖ୍ୟାତ ହୋଇଗଲେ। କୁନ୍ତୀ ଏବେ ଏକଚକ୍ର ନଗ୍ର ଛାଡ଼ିବାକୁ ଚିନ୍ତା କଲେ; ନହେଲେ ପାଣ୍ଡବମାନଙ୍କ ପ୍ରକୃତ ପରିଚୟ ଜଣା ପଡ଼ିଯିବ ଏବଂ ହସ୍ତିନାଆଡୁ ବିପଦ ମାଡିଆସିବ।

-୦-

(୩୧)

ଅନୁପମା ରାଜକନ୍ୟା ଓ ଅନୁପମ ଦ୍ୱାରକାପତି

ପାଞ୍ଚାଳ ରାଜକନ୍ୟା ରୂପମୟୀ ଯାଜ୍ଞସେନୀ ରାଜ ଅବରୋଧର ତ୍ରିତଳ ପ୍ରାସାଦରେ ସେଦିନ ବସିଥିଲେ। ଅସ୍ତରାଗ ଢାଳିଦେଇ ଗଙ୍ଗା ସେପାରିରେ ସୂର୍ଯ୍ୟ ଧୀରେ ଧୀରେ ବୁଡିଯାଉଥିଲେ। ଲାଗୁଥିଲା ଗଙ୍ଗାନଦୀର ସିକତାରେ ସୁବର୍ଣ୍ଣ ରଙ୍ଗର ବିଶାଳ ପାତ୍ର ଢାଳି ହୋଇ ଯାଇଛି। ଏଣେ ପୂର୍ବ ଆକାଶରେ ଉଇଁ ଆସୁଛନ୍ତି ପୂର୍ଣ୍ଣମାସୀ ଚନ୍ଦ୍ରମା; ରାଜୋଦ୍ୟାନର ବର୍ଦ୍ଧିତ ବୃକ୍ଷର ପତ୍ର ଦେଇ ଜେମାଙ୍କ ସୁଠାମ ଅଧରରେ ଚେନାଏ ଜ୍ୟୋସ୍ନା ପଡି ସୃଷ୍ଟି କରୁଥିଲା ସୁଷମାର ମଧୁ ତରଙ୍ଗ। କ୍ରମେ ଚନ୍ଦ୍ର ଉଇଁ ଆସିଲେ ଏବଂ ସଂପୂର୍ଣ୍ଣ ଜ୍ୟୋସ୍ନା ସ୍ନାତା ହୋଇଗଲେ ରୂପସୀ ରାଜକନ୍ୟା।

ବୟସ ଜେମାଙ୍କର ବିଂଶ ବର୍ଷରୁ ଅଧିକ ହେବନାହିଁ,ବର୍ଣ୍ଣ ଶ୍ୟାମଳ,ଆୟତ୍ତ ଆଖିରେ ଅନାୟତ ଚଞ୍ଚଳତା ଲହଡ଼ି ମାରୁଥିଲା। କେଶରୀ କଟି, ସୁଗଠିତ ତନୁଲତା, ମେଘମହ୍ଲାର କେଶରାଶି, ସୁଦୀର୍ଘ ଭୃଲ୍ଲତା, ଓଷ୍ଠରେ ଅସୁମାରୀ ସ୍ୱପ୍ନସମ୍ଭାର; ବିଶ୍ୱର ଯେତେସବୁ ବିଶେଷଣ ଅଛନ୍ତି, ସେମାନେ ଜେମାଙ୍କୁ ଉପମା ଦେବାପାଇଁ ଅସମର୍ଥ ହେଉଥିଲେ। ଲାଗୁଥିଲା ସତେଯେପରି ଜେମାଙ୍କ ଅବୟବରୁ ଅମୃତ ଝରି ଯାଉଛି। ଯେ'କେହି ଦେଖିଲେ ଆଶ୍ଚର୍ଯ୍ୟ

Source: Author, Digitized by PPRACHIN, SOA

ହୋଇ ଚିନ୍ତାକରିବ... ସତରେ, ବିଧାତା କେତେ କାଳଧରି ଦ୍ରୁପଦ କନ୍ୟାଙ୍କର ଚାରୁ ତନୁଲତା ଗଢିଛି !!

ଖାଲି କଣ ସେତିକି ? ପିନ୍ଧିଥିବା ଝିନ୍ନ ଅଙ୍ଗବାସ ଭିତରୁ ଯୌବନ ଫୁଟି ଉଠୁଥିଲା ଏବଂ ଦେହରୁ ପ୍ରବହମାନ ହେଉଥିଲା ନୀଳୋତ୍ପଳ ସୁବାସ। କାନନ ଭ୍ରମଣ ସମୟରେ ବଡ଼ କଷ୍ଟ ପାଉଥିଲେ ରାଜଜେମା, କାରଣ ନୀଳୋତ୍ପଳ ସୁବାସ ଯୋଗୁଁ, ସୁନ୍ଦର ମୁଖକୁ ଭ୍ରମରମାନେ ପ୍ରସ୍ଫୁଟିତ ପଦ୍ମ ଫୁଲ ଭାବି ଚୁମ୍ବନ କରିବା ପାଇଁ ଗୁଣୁ ଗୁଣୁ ହୋଇ ଉଡୁଥିଲେ।

ରାଜ କନ୍ୟାଙ୍କର କଣ ବା ଅଭାବ ? କଟିରେ ସୁନାର ମେଖଳା, ବାହୁରେ ସୁନାର ବାଜୁବନ୍ଧ, ହାତରେ ସୁନାଚୁଡ଼ି, ଗଳାରେ ରତ୍ନମାଳା, ଅଙ୍ଗୁଳିରେ ହୀରକ ମୁଦ୍ରିକା ଏବଂ ବେଣୀରେ ଶୋଭା ପାଉଥିଲା ଗଜରାହାର। ନାଶିକାରେ ଶୁଭ୍ର ନାକଚଣା ପ୍ରାଚୀ ଆକାଶରେ ପ୍ରଭାତୀ ତାରା ଭଳି ଦେଖାଯାଉ ଥିଲା। ସୁନ୍ଦରୀଙ୍କର ବକ୍ଷଯୁଗଳ ଦୁଇଟି ମନୋରମ ପଦ୍ମକଳିକାର ଭ୍ରମ ସୃଷ୍ଟି କରୁଥିଲା।

ଦ୍ରୋଣଙ୍କଠାରୁ ଅପମାନିତ ହୋଇ ଦ୍ରୁପଦ ଯେଉଁ ଘୋର ତପସ୍ୟା ଓ ଯଜ୍ଞ ବିଧାନ କରିଥିଲେ ତାର ଫଳସ୍ୱରୂପ ଯଜ୍ଞ କୁଣ୍ଡରୁ, ଭ୍ରାତା ଧୃଷ୍ଟଦ୍ୟୁମ୍ନଙ୍କ ସହିତ ସମ୍ଭୂତା ହୋଇ ଥିବାରୁ ନାମ ତାଙ୍କର ଥିଲା ଯାଜ୍ଞସେନୀ।ଦ୍ରୋଣଙ୍କ ଉପରେ ପ୍ରତିଶୋଧ ନେବା ଥିଲା ଭାଇ ଭଉଣୀଙ୍କ ପ୍ରମୁଖ ଲକ୍ଷ୍ୟ।

ଶ୍ରୀକୃଷ୍ଣଙ୍କ ଚିନ୍ତାରେ ସେଦିନ ହଜିଯାଇଥିଲେ ଯାଜ୍ଞସେନୀ। ଗୁରୁ ସନ୍ଦିପନିଙ୍କଠାରୁ ଏହି ବିସ୍ମୟ ପ୍ରତିଭାଙ୍କ ବିଷୟରେ ସେ ଶୁଣିଥିଲେ।ସନ୍ଦିପନୀ ଥିଲେ କୃଷ୍ଣ ବଳରାମଙ୍କ ଆଚାର୍ଯ୍ୟ। ଅବନ୍ତିରେ ରହିଥିଲା ତାଙ୍କର ଭବ୍ୟ ଗୁରୁକୁଳ। ସେହି ଗୁରୁକୁଳରେ ଆର୍ଯ୍ୟାବର୍ତ୍ତର ବିଭିନ୍ନ ରାଜପୁତ୍ର ଅସ୍ତ୍ରଶସ୍ତ୍ର ଶିକ୍ଷା ଲାଭ କରିଥାନ୍ତି। କଂସାସୁର ନିଧନ ପରେ ଯେତେବେଳେ ମଥୁରାରେ ଅତ୍ୟାଚାର-ଯୁଗର ଅନ୍ତ ହେଲା କୃଷ୍ଣ ବଳରାମ ଗୋପପୁରରୁ ମଥୁରାକୁ ଫେରି ଆସିଲେ। କିଛି ଯାଦବ ବୀରମାନେ କୃଷ୍ଣଙ୍କୁ ରାଜସିଂହାସନରେ ଆସୀନ ହେବାପାଇଁ ଅନୁରୋଧ କଲେ। ସବିନୟ ସେ ଅନୁରୋଧ ପ୍ରତ୍ୟାଖ୍ୟାନ କରି ଆର୍ଯ୍ୟ ଉଗ୍ରସେନଙ୍କୁ ସିଂହାସନରେ ଆସୀନ କରିଥିଲେ ଯଦୁପତି କୃଷ୍ଣ।

କିନ୍ତୁ ଗୋପପୁରରେ ଗୋପାଳନ କାର୍ଯ୍ୟରେ ବ୍ୟସ୍ତରହି ବିଦ୍ୟାଶିକ୍ଷା କରି ପାରିନଥିଲେ କୃଷ୍ଣ ଓ ବଳରାମ। ଅଗତ୍ୟା ସନ୍ଦିପନିଙ୍କ ଗୁରୁକୁଳରେ ଅସ୍ତ୍ରଶସ୍ତ୍ର ଶିକ୍ଷା କରିବା ପାଇଁ ତାଙ୍କୁ ପ୍ରେରିତ କରାଗଲା। ସେଠାରେ ସେତେବେଳେ ଅଧ୍ୟୟନ କରୁଥିଲେ ଅବନ୍ତିର ରାଜପୁତ୍ର ବିନ୍ଦ, ଅନୁବିନ୍ଦ, ଦ୍ୱିଜ ଶ୍ୱେତକେତୁ ଏବଂ ଅନ୍ୟ ଅନେକ ରାଜପୁତ୍ର। ସମସ୍ତଙ୍କ ମଧ୍ୟରେ ବିଚକ୍ଷଣ ପ୍ରତିଭାଧାରୀ ଥିଲେ କୃଷ୍ଣ ଓ ବଳରାମ। ଅଳ୍ପଦିନ ଭିତରେ ସମସ୍ତ ଶାସ୍ତ୍ର ଅଧ୍ୟୟନ

Source: Author, Digitized by PPRACHIN, SOA

କରି ସବୁପ୍ରକାର ଶସ୍ତ୍ର ବିଦ୍ୟାରେ ପାରଙ୍ଗମ ହୋଇ ଗଲେ ଦୁଇଭାଇ ଏବଂ ଫେରି ଆସିଲେ ମଥୁରା ରାଜପ୍ରସାଦକୁ।

ଆଚାର୍ଯ୍ୟ ସନ୍ଦିପନି ଶ୍ରୀକୃଷ୍ଣଙ୍କ ପ୍ରତିଭାରେ ଏଭଳି ପ୍ରଭାବିତ ହୋଇ ଯାଇଥିଲେ ଯେ ସବୁବେଳେ ତାଙ୍କ ଗୁଣ ବର୍ଣ୍ଣନାରେ ସେ ଶତମୁଖ ହୋଇ ଉଠୁଥିଲେ। ଆଚାର୍ଯ୍ୟ ହିସାବରେ ଆର୍ଯ୍ୟାବର୍ତ୍ତରେ ସବୁ ରାଜପରିବାରକୁ ତାଙ୍କର ଅବାଧ ପ୍ରବେଶ ଥିଲା। ଏକଦା ତାଙ୍କର ପାଞ୍ଚାଳ ଆଗମନ ହୋଇଥାଏ। ରାଜକନ୍ୟା ଦ୍ରୌପଦୀ ଆଚାର୍ଯ୍ୟଙ୍କ ପାଦ ବନ୍ଦନା କରିବାପରେ ପଚାରିଲେ...'ମୁନି ଶ୍ରେଷ୍ଠ ! ଆର୍ଯ୍ୟାବର୍ତ୍ତରେ ବିସ୍ମୟ ସୃଷ୍ଟି କରିଥିବା ଆପଣଙ୍କ ଶ୍ରେଷ୍ଠ ଶିଷ୍ୟ ଗୋବିନ୍ଦଙ୍କ ବିଷୟରେ କିଛି କୁହନ୍ତୁ।'

ଅଳ୍ପ ହସି ସନ୍ଦିପନି କହିଲେ... କଲ୍ୟାଣୀ ! ଶ୍ରୀକୃଷ୍ଣ ଅନନ୍ତ, କୃଷ୍ଣ କଥା ଅନନ୍ତ। ତାଙ୍କ କଥା କହିଲେ ତ କାଳଖଣ୍ଡ ମଧ୍ୟ ସ୍ୱଳ୍ପ ପଡ଼ିଯିବ, ତଥାପି ସଂକ୍ଷେପରେ କହୁଛି ଶୁଣ। କୃଷ୍ଣ ଏକ ଛନ୍ଦମୟ କବିତା, ତେଣୁ କବିତାରେ ବର୍ଣ୍ଣନା କଲେ ତାଙ୍କ ମହିମା ଏହିପରି ହେବ-

"ଧର୍ମ ସଂସ୍ଥାପନା ପାଇଁ ଅବତୀର୍ଣ୍ଣ ସେହି ସ୍ୱୟଂ ନାରାୟଣ,
ଚିକ୍କଣ କାଳିଆ, ମୟୂର ଚୂଳିଆ ଶଙ୍ଖ, ଚକ୍ର ଶୋଭାବନ।
କନ୍ଧରେ ଶୋଭିତ ଶାରଙ୍ଗ ଧନୁ ସେ କୌମୋଦକୀ ଗଦାଧାରୀ,
ରଙ୍ଗ ଅଧରରେ ସଦା ମୃଦୁହାସ,କୃଷ୍ଣ ଦ୍ୱାରକା କେଶରୀ।
ଅଙ୍ଗେ ପୀତବାସ, ଶ୍ୟାମଳ ଶରୀରେ ସଦା ପରିପୂର୍ଣ୍ଣ ଲାସ୍ୟ,
ସଂପଦେ, ବିପଦେ ସଦା ନିର୍ବିକାର, ରହିଥାନ୍ତି ହସ ହସ।
ଶରୀର ତାଙ୍କର କୋମଳ, ସୁନ୍ଦର, ବାହୁରେ ବଳ ହସ୍ତିର,
ଏ ବିଶ୍ୱମଣ୍ଡଳେ ସମର କୌଶଳେ ନାହିଁ ତାଙ୍କ ପଟାନ୍ତର।
ଅହର୍ନିଶ ସେ ତ ଜାଗ୍ରତ ରହନ୍ତି ନିଦ୍ରାଜୟୀ ଚନ୍ଦ୍ରବଂଶୀ,
ସେ ଯେବେ ଶୋଇବେ, କିଏ ଜଗାଇବ ବିଶ୍ୱକୁ ବଜାଇ ବଂଶୀ ?
ସମ୍ରାଟ ନୁହନ୍ତି, ସାମ୍ରାଜ୍ୟ ପାରନ୍ତି, କେତେ ସେ ଗଢି ସଂସାରେ,
ତାଙ୍କ ପାଦପୂଜା, ପାଇଁ କେତେ ରାଜା ଅଭିଳକ୍ଷନ୍ତି ଅନ୍ତରେ।
ଗଳାରେ ଶୋଭିତ କୌସ୍ତୁଭମଣିର ଜ୍ୟୋତିର୍ମୟ ଦିବ୍ୟମାଳ,
ଚନ୍ଦନ ଚର୍ଚ୍ଚିତ ନୀଳ କଳେବର, କର୍ଣ୍ଣରେ ମଣି କୁଣ୍ଡଳ।
ଥିଲେ ଯେବେ କୃଷ୍ଣ, ଗୋପ ବୃନ୍ଦାବନେ ମୋହନ ମୁରଲୀ ଧରି,
ଯମୁନା ତଟରେ ପ୍ରୀତି ମଧୁଚକ୍ର ଥିଲେ କୃଷ୍ଣ ସୃଷ୍ଟିକରି।

Source: Author, Digitized by PPRACHIN, SOA

ଝରି ଯାଉଥିଲା ରଙ୍ଗ ଅଧରରୁ ହସର ଅମୃତ ଧାରା,
ମୋହନ ବଂଶୀରୁ ବହିଯାଉଥିଲା ଝଂକାର, ବେପଥୁଭରା।
ଯମୁନା ଜଳରେ ଉଠଇ ତରଙ୍ଗ ଶୁଣି ସେ ମୁରଲୀସ୍ୱନ
ଚଞ୍ଚଳ ପାଦରେ ଧାଉଁଥିଲେ ଗୋପବାଳା ପୁଲକିତମନ।
ମୁଖେ ତୃଣ ଧରି, ଅପଲକେ ମୃଗ-ଶିଶୁ ଶୁଣନ୍ତି ସେ ସ୍ୱର,
ଖିର ତେଜି ବତ୍ସା, ଅନାଇଁ ଶୁଣେ ସେ ଅମୃତମୟ ଲହର।
ସୁର ତାଳେ ତାଳେ, ପୁଷ୍ପଲତା ଡାଳେ, ନାଚନ୍ତି ମଧୁମାଳତି,
ଯମୁନା ଘାଟରେ ବୃଷଭାନୁ ଜେମା, ହୁଅନ୍ତି ଚଞ୍ଚଳମତି।
ଛନ୍ଦା ଚରଣରେ କେତେ ଛନ୍ଦ ଭରା ସଂଗୀତ କେତେ ଠାଣିରେ !
ଅଙ୍ଗେ ଭରା ପୂର୍ଣ୍ଣମାସୀ ଶୀତଳତା, ଅମୃତ କେତେ ବାଣୀରେ !
ଶ୍ୟାମଳ ଗଳାରେ କାଇଁଚର ମାଳ, ମେଘରେ ବିଜୁଳି ପରି,
ଆଖିରେ ଝଲକେ ଚୋରା ଚାହାଣି, ଯା ଲକ୍ଷ ହୃଦ କରେ ଚୋରି।
ଶୁଣ ରାଜଜେମା, ଏପରି ଦୁର୍ଲ୍ଲଭ ରୂପ ଦେଖିବାର ପାଇଁ,
ସାତଜନ୍ମ ତପ ନୁହେ ପରିମିତ, ଏ ମନୁଷ୍ୟ ଜନ୍ମ ନେଇ।
ମନୁଷ୍ୟ ଲୋକରେ ଧର୍ମ ରକ୍ଷା ପାଇଁ, ଜନ୍ମିଛନ୍ତି ନାରାୟଣ,
କୃଷ୍ଣ-ବାସୁଦେବ ନାମେ ଆଲୋକିତ କରୁଛନ୍ତି ଧରାଧାମ।”

ଆଚାର୍ଯ୍ୟ ସନ୍ଦିପନିଙ୍କ ଠାରୁ ଶ୍ରୀକୃଷ୍ଣଙ୍କ ବିଷୟରେ କାବ୍ୟିକ ବର୍ଣ୍ଣନା ଶୁଣି ରାଜଜେମାଙ୍କ ମନ ଆପେ ଆପେ ଦ୍ରବିଗଲା। ଭକ୍ତି-ପ୍ରୀତି-ପୂର୍ଣ୍ଣ ହୃଦୟ ତାଙ୍କର କୃଷ୍ଣ ଦର୍ଶନ ଆଶାରେ ଚଞ୍ଚଳ ହୋଇ ଉଠିଲା।ମନ ଭିତରେ ଗଢିହୋଇଗଲା ଏକ ସୁନ୍ଦର ମନ୍ଦିର। ତା ଭିତରେ ଶ୍ରୀକୃଷ୍ଣଙ୍କର ମୂର୍ତ୍ତିଟିଏ ସ୍ଥାପନ କରି ପ୍ରୀତି ଅର୍ଘ୍ୟରେ ନଟବରଙ୍କୁ ମନେ ମନେ ପୂଜା କରିବା ଆରମ୍ଭ କରିଦେଲେ ଯାଜ୍ଞସେନୀ। ହୃଦୟ ଉଦ୍ୟାନରୁ ବାଛି ବାଛି ସୁଗନ୍ଧିତ ଫୁଲ ତୋଳି ମନ ମୋହନଙ୍କ ଗଳାରେ ପ୍ରୀତିର ହାର ଲମ୍ୱାଇ ଦେଲେ ଯାଜ୍ଞସେନୀ। ଚିନ୍ତା କଲେ... ଆଃ, ଥରେ ଦେଖା ମିଳନ୍ତେ କି ମୋହନ !

ରାଜକନ୍ୟାଙ୍କ ମନକଥା ଜାଣିପାରିଲେ ଆଚାର୍ଯ୍ୟ ସନ୍ଦିପନି। ଧୀର କଣ୍ଠରେ କହିଲେ... କଲ୍ୟାଣୀ ! କୃଷ୍ଣ ସମସ୍ତଙ୍କର, କାହାର ବି ନୁହଁନ୍ତି। ତାଙ୍କୁ ପାଇବା ସହଜ ନୁହେଁ, କିନ୍ତୁ ଥରେ ସେ ଯାହାର ହୋଇ ଯାଆନ୍ତି ତାକୁ ସେ ନିଜଭିତରେ ହଜାଇ ଦିଅନ୍ତି।

ଯାଜ୍ଞସେନୀ କହିଲେ... ଥରେ ବି କଣ କୃଷ୍ଣଙ୍କର ଦେଖା ମିଳିବ ନାହିଁ ଗୁରୁଦେବ ?

ସନ୍ଦିପନି କହିଲେ... ଆଶା ଅଛି ପୁତ୍ରୀ। ତୁମ ପିତା ଦ୍ରୁପଦ ତାଙ୍କୁ ଜାମାତା କରିବା

Source: Author, Digitized by PPRACHIN, SOA

ଆଶା ମନରେ ପୋଷଣ କରିଛନ୍ତି। ଦ୍ରୁପଦ ଭାବୁଛନ୍ତି କୃଷ୍ଣ ଯେବେ ତୁମର ପାଣିଗ୍ରହଣ କରିବେ ତେବେ ଯାଦବ ଏବଂ ପାଞ୍ଚାଳ ଶକ୍ତି ଏକତ୍ରିତ ହୋଇ ଆର୍ଯ୍ୟାବର୍ତ୍ତରେ ଏକ ଅଜେୟ ଶକ୍ତି ଭାବରେ ବାହାରିବେ ଏବଂ ଦ୍ରୋଣଙ୍କ ଉପରେ ପ୍ରତିଶୋଧ ନେବା ଅତି ସହଜ ବ୍ୟାପାର ହୋଇଯିବ। ସେଥିପାଇଁ ମୋ ଦ୍ୱାରା ତୁମ ବିବାହ ପ୍ରସ୍ତାବ ଦ୍ୱାରକାକୁ ପଠାଇବାକୁ ଚାହାନ୍ତି ତୁମ୍ଭ ପିତା ଦ୍ରୁପଦ।'

ସନ୍ଦିପନିଙ୍କ କଥା ଶୁଣି ଦ୍ରୌପଦୀ ଉତ୍ସୁକ ହୋଇ ପଚାରିଲେ.. ପିତାଙ୍କର ଏ ପ୍ରସ୍ତାବରେ ଆପଣଙ୍କ ମତାମତ କଣ ଆଚାର୍ଯ୍ୟ?'

ସନ୍ଦିପନି କହିଲେ... କୃଷ୍ଣ ଏଭଳି ପ୍ରସ୍ତାବକୁ ଗ୍ରହଣ କରି ନ'ପାରନ୍ତି,କାରଣ ଏହା ପଛରେ ଦ୍ରୋଣଙ୍କ ଉପରେ ପ୍ରତିଶୋଧ ନେବା ମନୋବୃତ୍ତି ରହିଛି। ତେଣୁ ମୁଁ ତୁମ ପିତା ଦ୍ରୁପଦଙ୍କୁ କହିଛି ଯେ ସେ ନିଜେ କୃଷ୍ଣଙ୍କ ସହିତ ବାର୍ତ୍ତାଳାପ କରି ବିବାହ ବିଷୟରେ କୃଷ୍ଣଙ୍କ ମନୋବୃତ୍ତି ଜାଣି ନିଅନ୍ତୁ। ପାଣ୍ଡବମାନେ ଜତୁଗୃହରେ ଦଗ୍ଧ ହେବା ସମ୍ବାଦ ପାଇ କୃଷ୍ଣ, ଉଦ୍ଧବ ଏବଂ ସାତ୍ୟକି ଏ ଭିତରେ ହସ୍ତିନା ଆସୁଛନ୍ତି କୁରୁ ପରିବାରକୁ ସମବେଦନା ଜଣାଇବା ପାଇଁ।ସେ ସମୟରେ ତୁମ ପିତା ଦ୍ରୁପଦ ଗୋବିନ୍ଦଙ୍କୁ ଆର୍ଯ୍ୟାବର୍ତ୍ତ ରାଜନୀତି ବିଷୟରେ ଆଲୋଚନା କରିବାକୁ ପାଞ୍ଚାଳ ନିମନ୍ତ୍ରଣକରି ତାଙ୍କ ମନକଥା ଜାଣିପାରିବେ।

ଦ୍ରୌପଦୀ କହିଲେ... କୃଷ୍ଣଙ୍କସହିତ ମୋର ଦର୍ଶନପାଇଁ ଆପଣ କ'ଣ କିଛି ସାହାଯ୍ୟ କରିପାରିବେ ନାହିଁ ଗୁରୁଦେବ?

ସନ୍ଦିପନି କହିଲେ... ନିଶ୍ଚୟ ଚେଷ୍ଟା କରିବି କଲ୍ୟାଣୀ, ମୋର ଏ ଭିତରେ ଦ୍ୱାରକା ଯିବାର ଅଛି, ମୁଁ ଗୋବିନ୍ଦଙ୍କୁ କହିବି ଯେ ଦ୍ରୁପଦ ଆର୍ଯ୍ୟାବର୍ତ୍ତର ରାଜନୀତି ବିଷୟରେ ତାଙ୍କ ସହିତ ଆଲୋଚନା କରିବାପାଇଁ ଚାହୁଁଛନ୍ତି ଏବଂ ରାଜକନ୍ୟା ଦର୍ଶନାଭିଳାଶୀ ଅଛନ୍ତି।'

ଯାଜ୍ଞସେନୀ ଗୁରୁ ସନ୍ଦିପନିଙ୍କ ପାଦତଳେ ମଥା ନୁଆଁଇ କହିଲେ... ମୋତେ ଆଶୀର୍ବାଦ କରନ୍ତୁ ଗୁରୁଦେବ, ମୁଁ ଯେପରି କୃଷ୍ଣଙ୍କ ଦର୍ଶନ ପାଏ।

–୦–

Source: Author, Digitized by PPRACHIN, SOA

(୩୨)

ରଣଛଡା ଶ୍ରୀକୃଷ୍ଣ !

ଆଚାର୍ଯ୍ୟ ସନ୍ଦିପନି ବିଦାୟ ନେବା ପରେ ଯାଜ୍ଞସେନୀ ପିତାଙ୍କ ପାଖରେ ପହଞ୍ଚି କହିଲେ... ପିତାଶ୍ରୀ ! ଆଚାର୍ଯ୍ୟ କହୁଥିଲେ ଆପଣ ଶ୍ରୀକୃଷ୍ଣଙ୍କୁ ପାଞ୍ଚାଳ ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି,ସତରେ ସେ କଣ ଆମ ନିମନ୍ତ୍ରଣ ରକ୍ଷା କରିବେ ?'

ଦ୍ରୁପଦ ମନରେ ତିଳେହେଁ ସନ୍ଦେହ ଭାବ ନରଖି କହିଲେ... ମୋର ତ ବିଶ୍ୱାସ ଅଛି ଆସିବେ, କାରଣ ଆର୍ଯ୍ୟାବର୍ତ୍ତରେ ଧର୍ମ ସଂସ୍ଥାପନା ଉଦ୍ଦେଶ୍ୟରେ ତାଙ୍କର ଜନ୍ମ; ପାଞ୍ଚାଳ ଭଳି ଧର୍ମପଥଗାମୀ ରାଜ୍ୟର ବିନା ସହାୟତାରେ ଧର୍ମ ସଂସ୍ଥାପନା ଅସମ୍ଭବ। ତୁମେ ଜାଣ ପୁତ୍ରୀ ? ତୁମେ ଯଜ୍ଞକୁଣ୍ଡରୁ ସମ୍ଭୂତା ହେବା ସମୟରେ ଆକାଶବାଣୀ ହୋଇଥିଲା ଯେ ଆର୍ଯ୍ୟାବର୍ତ୍ତରେ ଧର୍ମ ସ୍ଥାପନା କାର୍ଯ୍ୟରେ ତୁମେ ପ୍ରମୁଖ ଭୂମିକା ଗ୍ରହଣ କରିବ। ତାହା ଯଦି ସତ୍ୟ ହୁଏ, ପାଞ୍ଚାଳକୁ ଗୋବିନ୍ଦ ଆପେ ଆପେ ଟାଣି ହୋଇ ଚାଲି ଆସିବେ।

ପାଞ୍ଚାଳୀ କହିଲେ... ଆଃ ! ଆଚାର୍ଯ୍ୟଙ୍କ ଠାରୁ ଗୋବିନ୍ଦଙ୍କ ସମ୍ବନ୍ଧରେ ଆଜି ଅନେକ ଅଲୌକିକ କଥା ଜାଣି ମନ ମୋର ପ୍ରଫୁଲ୍ଲିତ ପିତାଶ୍ରୀ! ସତରେ ସେ ଆମ ସମୟର ଏକ ଅନନ୍ୟ ପ୍ରତିଭା। କିନ୍ତୁ ପିତାଶ୍ରୀ! ଏତେ ଅଲୌକିକ ଶକ୍ତିର ଅଧିକାରୀ ହୋଇ ମଧ୍ୟ କାହିଁକି ତାଙ୍କୁ 'ରଣଛଡା' ଉପାଧି ମିଳିଛି।

ଏ ପ୍ରଶ୍ନଟି ପଚାରିବା ସମୟରେ ଯାଜ୍ଞସେନୀଙ୍କ ଆଖିରେ କୌତୁହଳ ମିଶା ଜିଜ୍ଞାସା ପଢି ହେଉଥିଲା।

ଦ୍ରୁପଦ ଅଳ୍ପ ହସି କହିଲେ... ବଡ଼ ବିଚିତ୍ର ସେ ଉପାଧି, ତାଙ୍କ ପ୍ରଶଂସକମାନେ ଖୁସିରେ ତାଙ୍କୁ ସେହି ନାମରେ ଡାକନ୍ତି, ସହଜେ ତ ଶତ୍ରୁମାନଙ୍କୁ ଏହି ନାମ ପଛରେ ତାଙ୍କ ପଳାତକ, ଭୀରୁଗୁଣ ଦେଖାଯିବା ସ୍ୱାଭାବିକ। କିନ୍ତୁ ବାସ୍ତବରେ ଏହା ତାଙ୍କର ଖେଳ ବ୍ୟତୀତ ଅନ୍ୟ କିଛି ନୁହେଁ। ଯେଉଁ କାରଣରୁ ତାଙ୍କୁ ରଣଛଡା ଉପାଧି ମିଳିଛି ତାହା ଭିତରୁ ଗୋଟିଏ କହୁଛି ପୁତ୍ରୀ-

ଯେଉଁ କଂସର ବିନାଶ କରି ଶ୍ରୀକୃଷ୍ଣ ମଥୁରାକୁ ଅତ୍ୟାଚାରରୁ ରକ୍ଷାକଲେ, ସେ ଥିଲେ ମଗଧ ସମ୍ରାଟ ଜରାସନ୍ଧଙ୍କ ଜାମାତା। ନିଜର ଅଲିଅଳି ଦୁଇ କନ୍ୟା ଅସ୍ତି ଏବଂ ପ୍ରାପ୍ତିଙ୍କ ବୈଧବ୍ୟ ଯନ୍ତ୍ରଣା ସହ୍ୟ କରି ନପାରି ମଗଧ ସମ୍ରାଟ ଜରାସନ୍ଧ ବାରମ୍ବାର ମଥୁରା ଆକ୍ରମଣ କଲେ। ଏହି ଆକ୍ରମଣରେ ସେ ଏକା ନଥିଲେ, ତାଙ୍କ ସହିତ କାଶୀ ବିଦର୍ଭ

Source: Author, Digitized by PPRACHIN, SOA

ଏବଂ ଚେଦୀ ରାଜ୍ୟ ମଧ୍ୟ ସମ୍ମିଳିତ ହୋଇଥିଲେ। ବିଦର୍ଭ ରାଜ୍ୟର ରାଜା ଭୀଷ୍ମକଙ୍କର ମଥୁରା ଆକ୍ରମଣ କରିବାକୁ ଇଚ୍ଛା ନଥିଲେ ମଧ୍ୟ, ଜରାସନ୍ଧ ଭୟରେ ସେ ଏହି ଆକ୍ରମଣରେ ତାଙ୍କ ସହିତ ଯୋଗ ଦେଇଥିଲେ। ଅବଶ୍ୟ ତାଙ୍କ ପୁତ୍ର ରକ୍ମ ଜରାସନ୍ଧଙ୍କର ସମର୍ଥକ ଥିଲେ।

ତିନି ବାହିନୀର ବିଶାଳ ସେନାଙ୍କ ଯୁଗ୍ମ ଆକ୍ରମଣରେ କମ୍ପି ଉଠିଲା ମଥୁରାଖଣ୍ଡ। ମଥୁରାରେ ସେ ସମୟରେ ପୂର୍ବ ରାଜା କଂସଙ୍କର ଅନେକ ସମର୍ଥକ ଥିଲେ। ସେମାନଙ୍କ ଶତ୍ରୁତା ସତ୍ତ୍ୱେ କୃଷ୍ଣ ଏବଂ ବଳରାମ, ମଗଧ ସମ୍ରାଟଙ୍କ ବିଶାଳ ବାହିନୀକୁ ପରାସ୍ତ କରି ଥିଲେ। ଏହିଭଳି ସତର ଥର ମଥୁରା ଖଣ୍ଡକୁ ଆକ୍ରମଣ କରିଥିଲେ ଜରାସନ୍ଧ, କିନ୍ତୁ ମାଧବଙ୍କ ସଫଳ ନେତୃତ୍ୱ ଯୋଗୁଁ ଜରାସନ୍ଧ ମଥୁରାକୁ ନିଜ ଅଧିକାରକୁ ନେଇପାରିଲେ ନାହିଁ। ଏହାକୁ କଣ ରଣଛଡା ବା ପଳାତକର ଗୁଣ କହିବା ପୁତ୍ରୀ ?

ଜରାସନ୍ଧର ଏକମାତ୍ର ଲକ୍ଷ ଥିଲା ରାମ-କୃଷ୍ଣଙ୍କୁ ହତ୍ୟାକରି ମଥୁରାରେ ନିଜର ଆଧିପତ୍ୟ ବିସ୍ତାର କରିବା। ପ୍ରତ୍ୟେକ ଆକ୍ରମଣ ସମୟରେ ମଥୁରାରେ ଧ୍ୱଂସଲୀଳା ସୃଷ୍ଟି ହେଉଥିଲା।କୁଢ଼ କୁଢ଼ ଶବରେ ମଥୁରାର ଗଳିକନ୍ଦି ରକ୍ତରଞ୍ଜିତ ଏବଂ ପୁତିଗନ୍ଧମୟ ହୋଇ ଯାଉଥିଲା। ନିରୀହ ମଥୁରା ବାସୀଙ୍କୁ ଏ ଭୟାନକ ପରିସ୍ଥିତିରୁ ରକ୍ଷା କରିବା ପାଇଁ କୃଷ୍ଣ ଓ ବଳରାମ ମଥୁରା ତ୍ୟାଗ କରିବାକୁ ନିଷ୍ପତ୍ତି ନେଲେ। ତାଙ୍କ ଅନୁମାନ ଠିକ୍ ଥିଲା। ଦୁଇ ଭାଇ ମଥୁରା ତ୍ୟାଗ କରିବା ସଙ୍ଗେ ସଙ୍ଗେ ଜରାସନ୍ଧ ମଥୁରା ଛାଡି ଦୁଇଭାଇଙ୍କ ଅନୁଧାବନ କଲେ। ଜରାସନ୍ଧକୁ ବିଭ୍ରାନ୍ତ କରି ଶ୍ରୀକୃଷ୍ଣ ଓ ବଳରାମ ଅରଣ୍ୟ ଭିତରକୁ ଚାଲିଗଲେ। ଶତ୍ରୁମାନେ କହିବୁଲିଲେ ଯେ ଯୁଦ୍ଧକୁ ଡରି ପଳାୟନ କରିଛନ୍ତି 'ରଣଛଡା' ଗୋବିନ୍ଦ।

ପ୍ରଥମେ ମହେନ୍ଦ୍ରଗିରିରେ ପହଞ୍ଚି ଭଗବାନ ପର୍ଶୁରାମଙ୍କ ଆଶୀର୍ବାଦ ନେଲେ କୃଷ୍ଣ-ବଳରାମ। ତାପରେ ଦୁଇଭାଇ ପହଞ୍ଚିଲେ ଗୋମନ୍ତକ ପର୍ବତ ଶୀର୍ଷରେ। ସାଗର କୂଳରେ ଅବସ୍ଥିତ ଗୋମନ୍ତକର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସେଠାରେ ଥିବା ଗରୁଡ ଜନଜାତିର ସରଳତା ଭିତରେ ହଜିଗଲେ ପ୍ରକୃତି ପ୍ରେମୀ ଗୋବିନ୍ଦ। ବଳରାମଙ୍କୁ କହିଲେ... ଏଠାରେ କିଛି ଦିନ ଅବସ୍ଥାନ କରିବା ଭାଇ, ଜରାସନ୍ଧ ବଣ ଜଙ୍ଗଲରେ ଆମକୁ ଖୋଜୁଥାଉ।

ଶ୍ରୀକୃଷ୍ଣଙ୍କ ଇଚ୍ଛା ହେଲା ଜରାସନ୍ଧ ସହିତ ଏଠାରେ କିଛି ଖେଳ ଖେଳିବା ପାଇଁ। ଗୋମନ୍ତକ ପାହାଡ଼ ଚାରିପାଖେ ଥିବା ପ୍ରାକୃତିକ ଖାଇ ବା ପରିଖାକୁ ସମୁଦ୍ର ସହିତ ଯୋଡିବା ପାଇଁ, ଗରୁଡ ଜନଜାତିର ଲୋକଙ୍କ ସାହାଯ୍ୟରେ, ପରିଖାର ଗୋଟିଏ ପାର୍ଶ୍ୱରେ ସେତୁଟିଏ ନିର୍ମାଣ କରି ତାକୁ ସମୁଦ୍ର ଠାରୁ ବିଯୁକ୍ତ କରି ରଖିଲେ। ଆବଶ୍ୟକ ସମୟରେ ବନ୍ଧଟି କାଟିଦେଲେ ପରିଖାଟି ପୂର୍ଣ୍ଣ ହୋଇ ଗଡଖାଇର ସୃଷ୍ଟି ହେବ।

Source: Author, Digitized by PPRACHIN, SOA

ସେଠାରେ ଥିବା ଗରୁଡ ଜନଜାତିର ଲୋକଙ୍କୁ ଅସ୍ତ୍ରଶସ୍ତ୍ର ଶିକ୍ଷା ରେ ପାରଙ୍ଗମ କରି ଦେଲେ ଗୋବିନ୍ଦ। ଶ୍ରୀକୃଷ୍ଣଙ୍କ ସାନ୍ନିଧ୍ୟରେ ଆସିବା ପରେ ଗରୁଡ ଜନଜାତି, ଏକତା ବନ୍ଧନରେ ବାନ୍ଧି ହୋଇ ଏକ ଆଦର୍ଶ ଜନଜାତି ସମାଜରେ ପରିଣତ ହୋଇଗଲା।ଗୋପରେ ଯେପରି ସମସ୍ତ ନରନାରୀ କୃଷ୍ଣ-ପ୍ରାଣ ଥିଲେ,ଗୋମନ୍ତକର ସମସ୍ତ ପର୍ବତ ନିବାସୀ କୃଷ୍ଣ-ପ୍ରାଣ ହୋଇଗଲେ।. ଏପରି ଥିଲା କୃଷ୍ଣଙ୍କର ଜାଦୁକାରୀ ବ୍ୟକ୍ତିତ୍ୱ। ଗୋମନ୍ତକରେ ରହଣି ସମୟରେ ସେ ଶାରଙ୍ଗ ଧନୁ ଏବଂ କୌମୁଦୁକୀ ଗଦା ନିର୍ମାଣ କରିଥିଲେ। ଏହି ଦୁଇଟି ଅସ୍ତ୍ର ତାଙ୍କୁ ଜରାସନ୍ଧ ଉପରେ ବିଜୟ ଲାଭ କରିବାପାଇଁ ସାହାଯ୍ୟ କରିଥିଲା।

ଦିନେ ଜ୍ୟେଷ୍ଠ ଭ୍ରାତା ବଳରାମଙ୍କୁ ଗୋବିନ୍ଦ କହିଲେ... ଭାଇ! ଜରାସନ୍ଧ ସହିତ ପ୍ରବଳ ସଂଗ୍ରାମର ସମୟ ଆସିଗଲା, ନିଜର ଅସ୍ତ୍ରଶସ୍ତ୍ର କିଛି ନିର୍ମାଣ କର। କାଦମ୍ବରୀ ପାନରେ ପ୍ରମତ୍ତ ବଳରାମ ନିକଟରେ କୃଷି କ୍ଷେତ୍ରରେ ଥୁଆଯାଇଥିବା ଏକ ଲଙ୍ଗଳକୁ ଉଠାଇ କାନ୍ଧରେ ରଖି କହିଲେ... ଏହା ହେଉଛି ମୋର ଅସ୍ତ୍ର କାହ୍ନୁ। ଜରାସନ୍ଧର ମସ୍ତକ ଦୁଇଫାଳ କରିବାପାଇଁ ଏହାହିଁ ଯଥେଷ୍ଟ।

ଶ୍ରୀକୃଷ୍ଣ ହସି ହସି କହିଲେ... ବାଃ, ଏହା ତ ବଡ଼ ସାଙ୍କେତିକ ଅସ୍ତ୍ର, ଶତ୍ରୁ ବିନାଶ କରିବା ସଙ୍ଗେ ସଙ୍ଗେ କୃଷକର ଦାରିଦ୍ର୍ୟ ଶତ୍ରୁକୁ ମଧ୍ୟ ବିନାଶ କରି ପାରିବ ଏହି ହଳାୟୁଧ। ହଳଧାରୀ ଭାବରେ ତୁମେ ମୋର ଅଗ୍ରପୂଜ୍ୟ, ହଳଧର ଭାବରେ କୃଷକ ଜଗତର ଅଗ୍ରପୂଜ୍ୟ ହେବେ।

ତା'ପରେ ଶ୍ରୀକୃଷ୍ଣ ଭାବିଲେ ଏଥର ଜରାସନ୍ଧ ସହିତ ଖେଳିବା ସମୟ ଆସିଗଲା। କୃଷ୍ଣ ଓ ବଳରାମଙ୍କୁ ଖୋଜି ଖୋଜି ଅରଣ୍ୟରେ ବିଭ୍ରାନ୍ତ ହୋଇ ବୁଲୁଥିବା ଜରାସନ୍ଧକୁ, ଗୁପ୍ତଚର ଜରିଆରେ ନିଜ ଉପସ୍ଥିତି ବିଷୟରେ ଜଣାଇ ଦେଲେ କେଶବ।

ଜରାସନ୍ଧ ବାହିନୀ ମାଡିଆସି ଗୋମନ୍ତକ ପର୍ବତକୁ ଆକ୍ରମଣ କଲେ। କୃଷ୍ଣ-ବଳରାମଙ୍କୁ ଜୀବନ୍ତ ଦଗ୍ଧ କରିବାପାଇଁ ଗୋମନ୍ତକରେ ନିଆଁ ଲଗାଇ ଦେଲେ ଜରାସନ୍ଧ। ଏହି ସମୟରେ ଶ୍ରୀକୃଷ୍ଣ, ପର୍ବତକୁ ବେଷ୍ଟିତ କରି ଥିବା ପରିଖା ମୁଣ୍ଡରେ ଥିବା ବନ୍ଧକୁ କାଟିଦେଲେ। ସମୁଦ୍ର ଜଳରେ ପରିଖା ପୂର୍ଣ୍ଣ ହୋଇଯିବା ପରେ ପାଲଟା ଆକ୍ରମଣ କରି ଦେଲେ କୃଷ୍ଣ-ବଳରାମ ଓ ତାଙ୍କ ଗରୁଡ ସେନା। ପର୍ବତ ଉପରୁ ତୀର ଭାଲ ଏବଂ ପଥର ପ୍ରକ୍ଷେପଣ ଯୋଗୁଁ ରକ୍ତାକ୍ତ ହୋଇ ପଛଘୁଞ୍ଚା ଦେଲେ ଜରାସନ୍ଧ ବାହିନୀ। ଅନେକେ ନିଜେ ଲଗାଇଥିବା ଅଗ୍ନିରେ ପୋଡ଼ି ହୋଇ ମଲେ ଏବଂ ଅଧିକାଂଶ ପରିଖା ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଲେ।

ଜରାସନ୍ଧ ସହିତ ବଳରାମଙ୍କର ଭୀଷଣ ସଂଗ୍ରାମ ହେଲା ଗୋମନ୍ତକ

Source: Author, Digitized by PPRACHIN, SOA

ପାଦଦେଶରେ ।ବଳରାମ ହଳ ପ୍ରହାରରେ ଜରାସନ୍ଧଙ୍କୁ ନିରସ୍ତ୍ର କଲେ। ହଳ ପ୍ରହାର କରି ଜରାସନ୍ଧର ମସ୍ତକକୁ ଦୁଇଫାଳ କରିବାକୁ ଯାଉଥିଲେ ବଳରାମ। ବାଧା ଦେଇ ଶ୍ରୀକୃଷ୍ଣ କହିଲେ... ଥାଉ ଭାଇ, ବୃଦ୍ଧଙ୍କୁ ଛାଡିଦିଅ, ତାଙ୍କ ମୃତ୍ୟୁ ସମୟ ଆସିନାହିଁ। ଆପଣ ତାଙ୍କ ମୁଣ୍ଡ ଦି'ଫାଳ କଲେ ମଧ୍ୟ ତାଙ୍କର ମୃତ୍ୟୁ ହେବନାହିଁ, ଯେ ପର୍ଯ୍ୟନ୍ତ ତାଙ୍କର ଦୁଇ ଗୋଡ଼କୁ ଚିରି ଶରୀରକୁ ଦୁଇଭାଗ କରା ନଯାଇଛି। ସେ ବିଭତ୍ସ କାର୍ଯ୍ୟ ଅନ୍ୟ ଜଣଙ୍କ ଦ୍ୱାରା ଅଭିପ୍ରେତ।

ବଳରାମ ସବୁବେଳେ କୃଷ୍ଣଙ୍କ କଥା ମାନୁଥିଲେ। ଅଗତ୍ୟା ମୁକ୍ତି ଦେଲେ ଜରାସନ୍ଧଙ୍କୁ। ଜରାସନ୍ଧଙ୍କୁ ଚାହିଁ ଶ୍ରୀକୃଷ୍ଣ କହିଲେ... ହେ ବୃଦ୍ଧ ରାଜନ୍ ! କାଳ ବିଳମ୍ବ ନକରି ନିଜ ରାଜ୍ୟକୁ ଫେରିଯାଇ ଶାନ୍ତିରେ ପ୍ରଜା ପାଳନ କର। ମୋ ପଛରେ ପଡି ଏପରି ଯୁଦ୍ଧରେ ମାତି ପ୍ରଜାଙ୍କୁ ଅବହେଳା କରନାହିଁ। ତୁମେ ଅଦ୍ୱିତୀୟ ପ୍ରତିଭାଶାଳୀ ଅନୁଭବଶୀଳ ରାଜା। ଅଧର୍ମ ପଥ ପରିତ୍ୟାଗ କରି ଧର୍ମପଥଗାମୀ ହୁଅ। ମୁନିଋଷିମାନଙ୍କୁ କଷ୍ଟ ନଦେଇ ସେମାନଙ୍କ ପାଇଁ ଗୁରୁକୁଳ ସ୍ଥାପନ କରି ଶିକ୍ଷା ଦିକ୍ଷାର ପ୍ରସାର କର। ବନ୍ଦୀ କରି ରଖିଥିବା ଏକଶତ ରାଜାଙ୍କୁ କାରାଗାରରୁ ମୁକ୍ତିଦିଅ; ସେମାନେ ଶାନ୍ତିରେ ନିଜ ରାଜ୍ୟରେ ପ୍ରଜାପାଳନ କରନ୍ତୁ। ତୁମକୁ ଜୀବନ ଦାନ ଦେଇ ଏସବୁ ପୁଣ୍ୟ କର୍ମ କରିବାର ସୁଯୋଗ ମୁଁ ଦେଉଛି ରାଜନ୍ ! ନହେଲେ ପରେ ପରିଣାମ ଭୋଗ କରିବ।

ଘୋର ଅପମାନରେ ଜର୍ଜରିତ ହୋଇ ଜରାସନ୍ଧ ନିଜ ରାଜ୍ୟକୁ ପଳାୟନ କଲେ। ଶ୍ରୀକୃଷ୍ଣ ଓ ବଳରାମ ଗୋମନ୍ତକ ଛାଡ଼ି ଫେରିଆସିଲେ ମଥୁରା। ଗୋମନ୍ତକରେ ଥିବା ସମୟରେ ନିଜ ପ୍ରଜାମାନଙ୍କର ନିରାପତ୍ତା ବିଷୟରେ ଚିନ୍ତା କରୁଥିଲେ ଗୋବିନ୍ଦ। ତାଙ୍କୁ ସମର୍ଥନ କରୁଥିବା ପ୍ରଜାମାନଙ୍କ ପାଇଁ ସେ ଗଢ଼ିବା ପାଇଁ ଚାହୁଁଥିଲେ ଏକ ଭବ୍ୟ, ନିରାପଦ ଆଦର୍ଶ ନଗ୍ର, ଯେଉଁଠାରେ ପ୍ରଜାପୁଞ୍ଜ ଶାନ୍ତିରେ ନିବାସ କରି ବିକଶିତ ଅର୍ଥନୈତିକ ଜୀବନ ଓ ଶୁଦ୍ଧ ଆଧ୍ୟାତ୍ମିକ ଜୀବନ ବିତାଇ ପାରିବେ। ଶ୍ରୀକୃଷ୍ଣଙ୍କ ଏହି ଚିନ୍ତାଧାରାକୁ ଅଧିକାଂଶ ଯାଦବ ସମର୍ଥନ କଲେ। ସେଥିପାଇଁ ସମୁଦ୍ର ଭିତରେ ସେ ସୃଷ୍ଟି କଲେ ଭବ୍ୟ ଦ୍ୱାରକା। ମଥୁରାବାସୀଙ୍କୁ ଦ୍ୱାରକାରେ, ସାଗର ମଧ୍ୟରେ ବିସ୍ଥାପିତ କରି ଜରାସନ୍ଧଠାରୁ ଆକ୍ରମଣର ଭୟ ସବୁଦିନ ପାଇଁ ଦୂର କରିଦେଲେ ଶ୍ରୀକୃଷ୍ଣ।

କୃଷ୍ଣାଙ୍କ ଆଗରେ ଗୋବିନ୍ଦଙ୍କର ଏହି ଅଲୌକିକ କାର୍ଯ୍ୟ ବର୍ଣ୍ଣନା କରି ଦ୍ରୁପଦ କହିଲେ... ଏଥିପାଇଁ କଣ ତାଙ୍କୁ ରଣଛଡା କୁହାଯିବ ? ତାଙ୍କର ଏହା ଯୁଦ୍ଧ ଜିଣିବା ପାଇଁ ଥିଲା କୂଟନୀତି।ଏହା ଭିତରେ ପ୍ରତ୍ୟେକ ବୀର ପୁରୁଷଙ୍କ ପାଇଁ ସନ୍ଦେଶ ରହିଛି... ନିଜ ଶକ୍ତିର ଆକଳଣ ନକରି, ଯୁଦ୍ଧକୁ ଡେଇଁ ପଡିବା ଅପେକ୍ଷା ପଛଘୁଞ୍ଚା ଦେଇ, କୂଟନୀତି

Source: Author, Digitized by PPRACHIN, SOA

ପ୍ରୟୋଗ କରି ଜୟଯୁକ୍ତ ହେବା ଶ୍ରେୟସ୍କର। ଗୋବିନ୍ଦ ଯାହା କରନ୍ତି ସଂସାରକୁ ଉଦାହରଣ ଦେବାପାଇଁ କରନ୍ତି। ସେଥିପାଇଁ ତ ସେ ନାରାୟଣଙ୍କ ଅବତାର ବୋଲି ଲୋକଙ୍କର ବିଶ୍ୱାସ।

-୦-

(୩୩)

କାଳ-ଯବନର କାଳ

ପିତାଙ୍କଠାରୁ ଶ୍ରୀକୃଷ୍ଣଙ୍କ ଅଲୌକିକ କାର୍ଯ୍ୟକଳାପ ବିଷୟରେ ଶୁଣି ଦ୍ରୌପଦୀଙ୍କ ମନ ଓ ହୃଦୟ କୃଷ୍ଣଙ୍କପ୍ରତି ଭକ୍ତି, ପ୍ରେମ ଓ ସମ୍ମାନରେ ନଇଁଗଲା। କନ୍ୟାର ଶ୍ରୀକୃଷ୍ଣଙ୍କ ବିଷୟରେ ଜାଣିବା ଆଗ୍ରହ ଦେଖି ଦ୍ରୁପଦ କହିଲେ... ଜାଣିଛ କଲ୍ୟାଣୀ! କାଳ ଯବନ ପରି ଦୁର୍ଦ୍ଧାନ୍ତ ରାକ୍ଷସଙ୍କୁ କୃଷ୍ଣ କିପରେ ମୁଚୁକୁନ୍ଦ ଋଷିଙ୍କ କ୍ରୋଧ ଅନଳରେ ଭସ୍ମିଭୂତ କରିଦେଲେ? ଅଦ୍ଭୁତ ତାଙ୍କ ରଣକୌଶଳ !

ଯାଜ୍ଞସେନୀ କହିଲେ... ମୋତେ ସେ ବିଷୟରେ ସବିଶେଷ ଅବଗତ କରାନ୍ତୁ ପିତାଶ୍ରୀ।

ଦ୍ରୁପଦ କହିଲେ... ବାରମ୍ବାର ଜରାସନ୍ଧର ମଥୁରା ଆକ୍ରମଣ ଯୋଗୁଁ ଜନସାଧାରଣ ପ୍ରଭୂତ କ୍ଷତିଗ୍ରସ୍ତ ହେଉଥିଲେ।ଜରାସନ୍ଧର ଆକ୍ରମଣରୁ ମଥୁରାର ଜନସାଧାରଣଙ୍କ ଧନଜୀବନ ରକ୍ଷା କରିବାପାଇଁ ସାଗର ମଧ୍ୟରେ ଭବ୍ୟ ଦ୍ୱାରକା ନଗରୀ ନିର୍ମାଣ କରି ଶ୍ରୀକୃଷ୍ଣ ମଥୁରାବାସୀଙ୍କୁ ବିସ୍ଥାପିତ କରିବା କାର୍ଯ୍ୟ ଆରମ୍ଭ କରିଦେଲେ।

ଏହି ସମୟରେ ମଥୁରା ଉପରେ ମିଳିତ ଆକ୍ରମଣ କରିବାପାଇଁ ଜରାସନ୍ଧ କାଳଯବନକୁ, ଭାରତ ଭୂଖଣ୍ଡର ପଶ୍ଚିମରେ ଥିବା ଯବନ ରାଜ୍ୟରୁ ନିମନ୍ତ୍ରଣ କରି ଆଣିଲା। ପୂର୍ବ ଦିଗରୁ ଜରାସନ୍ଧର ଦୁର୍ଦ୍ଧର୍ଷ ମଗଧ ବାହିନୀ ଏବଂ ପଶ୍ଚିମରୁ କାଳଯବନ ମଥୁରା ଉପରେ ସଣ୍ଟୁଆଶି ଆକ୍ରମଣ କରିବାକୁ ଆଗେଇ ଆସିଲେ।

କାଳ ଯବନ ତିରିଶି ଲକ୍ଷ ଯବନ ସୈନ୍ୟ ସହିତ ମଥୁରା ନଗର ଦ୍ୱାର ଦେଶରେ ଦଣ୍ଡାୟମାନ।କୃଷ୍ଣ, ବଳରାମଙ୍କୁ କହିଲେ... ମଥୁରା ସହିତ ଦ୍ୱାରକାକୁ ମଧ୍ୟ ଧ୍ୱଂସକରି ସାଗର ଭିତରେ ବିଲୀନ କରିବା ଲକ୍ଷ୍ୟ ନେଇ ଆସିଛି ଯବନରାଜ। ମଥୁରା ଭିତରେ ରାକ୍ଷସ ପ୍ରବେଶ କରିବା ପୂର୍ବରୁ କିଛି କରିବାକୁ ହେବ ଅଗ୍ରଜ !

କୃଷ୍ଣଙ୍କୁ ବିବ୍ରତ ଦେଖି, ନିକଟରେ ଉପସ୍ଥିତ ଥିବା ନାରାୟଣୀ ସେନାର ଅଧ୍ୟକ୍ଷ

Source: Author, Digitized by PPRACHIN, SOA

କହିଲେ... କିନ୍ତୁ ଆମେ ଏଥିପାଇଁ ଏତେ ବିବ୍ରତ କାହିଁକି ହେବା ଯାଦବେଶ ? ଜରାସନ୍ଧଙ୍କର ଦୁର୍ଦ୍ଧାନ୍ତ ମଗଧ ସେନାଙ୍କୁ ଆମେ ସତର ଥର ପରାସ୍ତ କରିଛନ୍ତି; ସେହି ପ୍ରକାର କାଳଯବନର ମଧ୍ୟ ଦର୍ପ ଧ୍ୱଂସ କରିବା ।

ହସିଲେ କେଶବ, କହିଲେ... କାଳ ଯବନ ଜରାସନ୍ଧ ନୁହେଁ ଯାଦବ ବୀର। କାଳଯବନ ଶିବଙ୍କ ବଳରେ ବଳୀୟାନ।ରଣ ପ୍ରାଙ୍ଗଣରେ କୌଣସି ଅସ୍ତ୍ରଶସ୍ତ୍ର ରେ ତାର ନିଧନ ହେବନାହିଁ। ସୁଦର୍ଶନ ଚକ୍ର, କୌମୁଦୁକି ଗଦା, ଶାରଙ୍ଗ ଧନୁ ଅଥବା ଅଗ୍ରଜଙ୍କର ହଳାୟୁଧ କାଳଯବନର କେଶାଗ୍ର ମଧ୍ୟ କ୍ଷତି କରି ପାରିବେ ନାହିଁ। ସମୁଦ୍ର ପରି ଦେଖାଯାଉଥିବା ତିରିଶି ଲକ୍ଷ ଯବନ ସେନାଙ୍କୁ ଦେଖିପାରୁଛ ଯାଦବ ବୀର? ଅଜେୟ କାଳଯବନକୁ ହରାଇବା ପାଇଁ ତା' ସହିତ ଆମେ ଅସଫଳ ଯୁଦ୍ଧରେ ଲିପ୍ତ ହେବା ଅବସରରେ ତାର ବିଶାଳ ସୈନ୍ୟ ଦ୍ୱାରକା ଭିତରେ ପ୍ରବେଶ କରି ନବନିର୍ମିତ ଦ୍ୱାରକାକୁ ଜାଳିପୋଡ଼ି ପାଉଁଶ କରିଦେବେ।

ଯାଦବ ସେନାପତି ପଚାରିଲେ... ତାହେଲେ ଆମେ କ'ଣ କରିବା ପ୍ରଭୁ ?

କେଶବ କହିଲେ... କାଳଯବନର ମୃତ୍ୟୁ ପାଇଁ, ଅଦୂରରେ ଥିବା ପର୍ବତ ଗୌହରରେ ଶୟନରତ ମୁଚୁକୁନ୍ଦ ଋଷି ହିଁ ଆମକୁ ସାହାଯ୍ୟ କରିପାରିବେ।

ଶ୍ରୀକୃଷ୍ଣଙ୍କ ଏ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ଯାଦବ ସେନାପତି ପଚାରିଲେ... ଜଣେ ଶୟନରତ ଋଷି, ଅଜେୟ କାଳଯବନ ସହିତ ଯୁଦ୍ଧରେ ଆମକୁ କିପରି ସାହାଯ୍ୟ କରିପାରିବେ ଯାଦବେଶ !!

କୃଷ୍ଣ କହିଲେ... ହେ ଯାଦବ ବୀର ! ତାଙ୍କୁ କ'ଣ ସାମାନ୍ୟ ଋଷି ବୋଲି ମନେକରିଛ? ସେ ତ୍ରେତୟା ଯୁଗରେ ଇକ୍ଷ୍ୱାକୁ ବଂଶରେ ଜାତ ମହାରାଜା ମାନଧାତାଙ୍କ ପୁତ୍ର ତଥା ଅମ୍ବରୀଶଙ୍କ ଭ୍ରାତା ମହାନ ଯୋଦ୍ଧା ମୁଚୁକୁନ୍ଦ। ଦେବ-ଦାନବ ଯୁଦ୍ଧରେ ବାରମ୍ବାର ଦେବତା ମାନଙ୍କର ପରାଜୟ ହେବାରୁ ଦେବରାଜ ଇନ୍ଦ୍ରଙ୍କ ଅନୁରୋଧ ରକ୍ଷାକରି ଦେବ ସେନାପତି ଭାବରେ ରାକ୍ଷସ ମାନଙ୍କ ସହିତ ବହୁ ଦେବ-ବର୍ଷ ପର୍ଯ୍ୟନ୍ତ ସଂଗ୍ରାମ କରିଥିଲେ ମୁଚୁକୁନ୍ଦ। ଦେବଲୋକର ଗୋଟିଏ ଦିନ ମର୍ତ୍ତ୍ୟରେ ଗୋଟିଏ ବର୍ଷ ସହିତ ସମାନ। ଯୁଦ୍ଧରେ ଶ୍ରାନ୍ତକ୍ଳାନ୍ତ ମୁଚୁକୁନ୍ଦଙ୍କ ଉପରେ ସନ୍ତୁଷ୍ଟ ହୋଇ ଦିନେ ଦେବରାଜ ଇନ୍ଦ୍ର କହିଲେ... ହେ ମହାନ! ଆପଣଙ୍କର ଏ ନିଃସ୍ୱାର୍ଥ ବଳିଦାନ ପାଇଁ ଦେବଲୋକ ଆପଣଙ୍କ ପାଖରେ ଚିରକୃତଜ୍ଞ। ବର୍ତ୍ତମାନ ଦେବସେନାପତି କାର୍ତ୍ତିକେୟ ସେନାପତିତ୍ୱ ନେବାପାଇଁ ଆମ ଗହଣରେ ଉପସ୍ଥିତ। ତେଣୁ ଆପଣଙ୍କୁ ଆମେ ଅବ୍ୟାହତି ଦେଉଛୁ।ଆପଣଙ୍କର ଏହି ମହନୀୟ କାର୍ଯ୍ୟ ପାଇଁ ଯାହା ବର ମାଗିବା କଥା ମାଗିନିଅନ୍ତୁ।

Source: Author, Digitized by PPRACHIN, SOA

ମୁଚୁକୁନ୍ଦ ଋଷିପ୍ରତିମ ଥିଲେ। ତାଙ୍କ ମନରେ କୌଣସି ଲୋଭ ମୋହ ନଥିଲା।ସେ କହିଲେ... ଦେବରାଜ! ମୁଁ ଯୁଦ୍ଧରେ ବହୁତ କ୍ଳାନ୍ତ। ମର୍ତ୍ତ୍ୟଲୋକରେ ମୋ ପରିବାରକୁ ଫେରି ଯାଇ ବିଶ୍ରାମ ନେବାପାଇଁ ଚାହେଁ।'

ଦେବରାଜ ଦୁଃଖରେ କହିଲେ... ଅବସୋସ ମହାବଳୀ! ଏଭିତରେ ମର୍ତ୍ତ୍ୟମଣ୍ଡଳରେ ଯୁଗ ବିତିଗଲାଣି, କାରଣ ସ୍ୱର୍ଗର ଗୋଟିଏ ଦିନ ମର୍ତ୍ତ୍ୟମଣ୍ଡଳରେ ଗୋଟିଏ ବର୍ଷ ସହିତ ସମାନ। ଆପଣଙ୍କ ନିଜ ରାଜ୍ୟର ଓ ପରିବାରର ଚିହ୍ନବର୍ଣ୍ଣ ମଧ୍ୟ ନାହିଁ। ବର୍ତ୍ତମାନ ମର୍ତ୍ତ୍ୟମଣ୍ଡଳରେ ଦ୍ୱାପର ଯୁଗ ଚାଲିଛି।

ନିରାଶ ହୋଇ ମୁଚୁକୁନ୍ଦ କହିଲେ... ତାହେଲେ ମୋତେ ନିଦ୍ରାବର ଦିଅ ଦେବେନ୍ଦ୍ର; ମୋର ଶୟନ ସମୟରେ ମୋତେ ଯେପରି କେହି ନିଦ୍ରାରେ ବାଧା ନ ଦିଅନ୍ତି।

ଇନ୍ଦ୍ର କହିଲେ... ତଥାସ୍ତୁ ମହାବୀର ମୁଚୁକୁନ୍ଦ।ଆପଣଙ୍କ ଶୟନ ସମୟରେ କେହି ଆପଣଙ୍କୁ ଜାଗ୍ରତ କଲେ ଆପଣଙ୍କ ଚକ୍ଷୁରୁ ନିର୍ଗତ ଅନଳରେ ସେ ଭସ୍ମ ହୋଇଯିବ।

ମୁଚୁକୁନ୍ଦଙ୍କ ଅତୀତ ବର୍ଣ୍ଣନା କରି ଶ୍ରୀକୃଷ୍ଣ ସ୍ମିତ ହସି କହିଲେ... ଏଥର ଜାଣି ପାରିଲ ତ ଯାଦବ ସେନାପତି, ମୁଚୁକୁନ୍ଦ କିପରି ଆମକୁ ସାହାଯ୍ୟ କରିପାରିବେ?

କୃଷ୍ଣଙ୍କ ବୁଦ୍ଧିମତାକୁ ପ୍ରଶଂସା ନକରି ରହିପାରିଲେ ନାହିଁ ବଳରାମ ଏବଂ ଉପସ୍ଥିତ ଥିବା ଯାଦବ ସେନାପତି ।

କୃଷ୍ଣ କାଳବିଳମ୍ବ ନକରି ନିରସ୍ତ୍ର ହୋଇ କାଳଯବନର ଶିବିର ନିକଟରେ ପହଞ୍ଚି ଯୁଦ୍ଧ ପାଇଁ ଆହ୍ୱାନ ଦେଲେ। ନିରସ୍ତ୍ର କୃଷ୍ଣଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ କାଳଯବନ କହିଲା... ବିନା ଅସ୍ତ୍ରରେ କିପ୍ରକାର ଯୁଦ୍ଧ କରିବୁ ତୁ କୃଷ୍ଣ ? ତୋ କୋମଳ ଶରୀର ଦେଖି ତୋ ଉପରେ ମୋର ଦୟା ଆସୁଛି। ଫୁଙ୍କିଦେଲେ ଯାଇ ମୋ ରାଜ୍ୟରେ ପଡିବୁ, ଯୁଦ୍ଧପାଇଁ ଆହ୍ୱାନ ଦେଉଛୁ !

କୃଷ୍ଣ କହିଲେ... କାଳ ଯବନ! ଅଯଥା ପ୍ରଳାପ କରି ଲାଭ ନାହିଁ। ମୁଁ ତୋ ସହିତ ମଲ୍ଲ ଯୁଦ୍ଧ କରିବି, ତୁ ମୁକ୍ତ ପ୍ରାଙ୍ଗଣକୁ ଆସି ଯୁଦ୍ଧ କର।

କାଳ ଯବନ ଶିବିର ଭିତରୁ ବାହାରି ଆସିବା ପରେ କୃଷ୍ଣ ସେଠାରୁ ପଳାୟନ କରିବା ଆରମ୍ଭ କଲେ। କାଳ ଯବନ ପଛରେ ଦଉଡୁଥାଏ। କିନ୍ତୁ କୃଷ୍ଣଙ୍କୁ ଛୁଇଁ ପାରୁନଥାଏ। କୃଷ୍ଣ ତାଙ୍କର ଚାଲିବା ଗତି କମ୍ କରି ଦେଲେ ମଧ୍ୟ କାଳଯବନର ହାତ ପାଉନଥାଏ ତାଙ୍କୁ ଧରିବାପାଇଁ। ଧଇଁ ସଇଁ ହୋଇ ଅଣନିଃଶ୍ୱାସୀ ହେବାରେ ଲାଗିଲା କାଳ ଯବନ। କୃଷ୍ଣ ହସୁଥାନ୍ତି ଅମୀୟ ହସ ଏବଂ କହୁଥାନ୍ତି... ବାଃ ରେ ଯବନ ବୀର,ଏତିକି ବାଟ ଚାଲି ତୋର ଏ ଅବସ୍ଥା !

Source: Author, Digitized by PPRACHIN, SOA

ପର୍ବତ ତଳେ ପହଞ୍ଚିଲେ ଶ୍ରୀକୃଷ୍ଣ। ଅନେକ ପଛରେ ରହିଗଲାଣି କାଳଯବନର ସୈନ୍ୟ ଶିବିର। ହଠାତ୍ କୃଷ୍ଣ ପର୍ବତର ଗୋଟିଏ ଗୁମ୍ଫା ଭିତରେ ପ୍ରବେଶ କଲେ। ଅଟ୍ଟହାସ କରି କାଳଯବନ କହିଲା... ଭୀରୁ, ପଳାତକ, ରଣଛୋଡ୍, ଗୁମ୍ଫା ଭିତରେ ଲୁଚିଲେ କଣ ରକ୍ଷା ପାଇଯିବୁ ?

ଶ୍ରୀକୃଷ୍ଣ ଗୁମ୍ଫା ଭିତରେ ପ୍ରବେଶ କରି ଦେଖିଲେ ମୁଚୁକୁନ୍ଦ ମହା ଆନନ୍ଦରେ ଶୟନ କରିଛନ୍ତି। ଗୁମ୍ଫା ଭିତରେ ସ୍ୱଳ୍ପ ଆଲୋକ, ଅନ୍ଧକାର ଅଧିକ। ମୁଚୁକୁନ୍ଦଙ୍କ ଉପରେ ନିଜର ପୀତ-ରଙ୍ଗର ଉତ୍ତରୀୟ ଘୋଡାଇ ଦେଇ ଗୁମ୍ଫା ଭିତରେ ଲୁଚି ଗଲେ କେଶବ।

ଗୁମ୍ଫାରେ କାଳଯବନ ପ୍ରବେଶ କରି, ପୀତବସନରେ ଆଚ୍ଛାଦିତ ହୋଇ ଶୟନ କରିଥିବା ମୁଚୁକୁନ୍ଦଙ୍କୁ କୃଷ୍ଣ ଭାବି ଗାଳି ଦେଇ ବିଧା ଗୋଇଠା ପ୍ରହାର କଲା। ନିଦ୍ରା ଭଙ୍ଗ ହେବାରୁ ଉଠି ବସି କ୍ରୋଧରେ କାଳଯବନକୁ ଚାହିଁଲେ ମୁଚୁକୁନ୍ଦ। ଚକ୍ଷୁରୁ ନିର୍ଗତ ହେଲା ଅଗ୍ନି। ଇନ୍ଦ୍ରଙ୍କ ମୁଚୁକୁନ୍ଦଙ୍କୁ ଦେଇଥିବା ବର କାଳଯବନ ପାଇଁ ଅଭିଶାପରେ ପରିଣତ ହେଲା। କାଳଯବନ ଜୀବନ୍ତ ଜଳିଗଲା।

କାଳଯବନର ଏଭଳି ମୃତ୍ୟୁରେ ନିଜେ ଆଶ୍ଚର୍ଯ୍ୟ ହେଲେ ମୁଚୁକୁନ୍ଦ। ମୁଚୁକୁନ୍ଦଙ୍କ ସମୀପକୁ ଚାଲିଆସି ଶ୍ରୀକୃଷ୍ଣ ସମସ୍ତ ଘଟଣା ବର୍ଣ୍ଣନା କରି କହିଲେ... ହେ ମହାତ୍ମା, ଆପଣ ସ୍ୱର୍ଗରେ ଦୈତ୍ୟ ବିନାଶ କରି ଶାନ୍ତି ପ୍ରତିଷ୍ଠା କରିଥିଲେ; ମର୍ତ୍ତ୍ୟମଣ୍ଡଳରେ ମଧ୍ୟ ନିଜ ଅଜ୍ଞାତରେ କୁଖ୍ୟାତ ଦୈତ୍ୟକୁ ବିନାଶ କରି ସମାଜର ଅସୀମ ଉପକାର କରିଛନ୍ତି। ବାକି ଜୀବନ ତପସ୍ୟା କରି ଆପଣ ମୁକ୍ତିର ଆଲୋକ ପଥରେ ଯାତ୍ରା କରନ୍ତୁ।

କାଳଯବନର ବିନାଶ ବାର୍ତ୍ତା ତା ସୈନ୍ୟ ଶିବିରରେ ପହଞ୍ଚିବାକୁ ବେଶି ସମୟ ଲାଗିଲା ନାହିଁ। ରାଜାର ମୃତ୍ୟୁରେ ନୈତିକ ସାହସ ହରାଇ ଛିନ୍ନଭିନ୍ନ ହୋଇ ପଳାୟନ କଲେ ଯବନ ସୈନ୍ୟ। ସେମାନଙ୍କୁ ଗୋଡାଇ ଗୋଡ଼ାଇ ହତ୍ୟା କଲେ ବଳରାମ ଏବଂ ଯାଦବ ସେନା। ଫେରିବା ବାଟରେ ମରୁଭୂମିରେ ମରି ହଜିଗଲେ ଅନେକ ଯବନ ସୈନ୍ୟ। ଜରାସନ୍ଧ ପାଖରେ ଏ ସମ୍ବାଦ ପହଞ୍ଚିବାପରେ ସେ ଆଉ ଦ୍ୱାରକା ଆକ୍ରମଣ କରିବାକୁ ସାହସ କଲାନାହିଁ। ଜନଶୂନ୍ୟ ମଥୁରା ଭିତରେ ପଶି, କାହାକୁ ନପାଇ ଘର ଦ୍ୱାର ଭଙ୍ଗାରୁଜା କରି ମଗଧ ଫେରି ଗଲା ଜରାସନ୍ଧ। ଏଣେ କୃଷ୍ଣଙ୍କ ମୁଖରେ ଫୁଟି ଉଠୁଥାଏ ଚିରାଚରିତ ମନଲୋଭା ଅମୀୟ ହସ ଏବଂ ଦ୍ୱାରକାରେ ସଦ୍ୟ ଅବସ୍ଥାନ କରୁଥିବା ଯାଦବମାନଙ୍କ ମନରେ କୃଷ୍ଣଙ୍କ ଉପରେ ବୃଦ୍ଧି ହେଉଥାଏ ଗଭୀର ବିଶ୍ୱାସ।

ନିରସ୍ତ୍ର ଏବଂ 'ରଣଛୋଡ୍ ଦାସ୍' ହୋଇ ମଧ୍ୟ ବିଜୟ ବୈଜୟନ୍ତୀ ଉଡାଇଲେ ଶ୍ରୀକୃଷ୍ଣ।

-୦-

Source: Author, Digitized by PPRACHIN, SOA

(୩୪)

ଶ୍ରୀକୃଷ୍ଣଙ୍କ ପାଣ୍ଡବ ଚିନ୍ତା

କୁନ୍ତୀ, ଶ୍ରୀକୃଷ୍ଣଙ୍କ ପିତା ବସୁଦେବଙ୍କର ନିଜ ଭଉଣୀ ଥିଲେ । କୁନ୍ତଭୋଜ ରାଜାଙ୍କର ଅବଶ୍ୟ ସେ ପାଳିତା କନ୍ୟା ଥିଲେ । ସଂପର୍କରେ କୁନ୍ତୀ ଶ୍ରୀକୃଷ୍ଣଙ୍କର ନିଜ ପିଉସୀ ଥିଲେ । ଶ୍ରୀକୃଷ୍ଣ ପୀଉସୀଙ୍କ ସହିତ ଗଭୀର ସ୍ନେହ ବନ୍ଧନରେ ବାନ୍ଧି ହୋଇ ଯାଇଥିଲେ । ଏକଦା ପାଞ୍ଚ ପୁତ୍ରଙ୍କ ସହିତ କିଛି ଦିନ ପାଇଁ କୁନ୍ତୀ ମଥୁରା ରାଜପ୍ରାସାଦରେ ଆତିଥ୍ୟ ଗ୍ରହଣ କରିଥିଲେ । ସେହି ସମୟରେ ପାଣ୍ଡବ ପାଞ୍ଚଭାଇଙ୍କ ସହିତ ଶ୍ରୀକୃଷ୍ଣ ଓ ବଳରାମ ଅତି ଅନ୍ତରଙ୍ଗ ହୋଇ ଯାଇଥିଲେ । ଯୁଧିଷ୍ଠିରଙ୍କଠାରୁ କୃଷ୍ଣ ବୟସରେ ସାନ ଥିବାରୁ ସେ ଜ୍ୟେଷ୍ଠ ପାଣ୍ଡବଙ୍କୁ ଅତ୍ୟନ୍ତ ଭକ୍ତି କରୁଥିଲେ । ଭୀମସେନ ମଧ୍ୟ ବୟସରେ ଅଳ୍ପ ବଡ ଥିଲେ । ଭୀମସେନଙ୍କ ବିଶାଳ ହୃଦୟ, ଖୋଲା ମନ ଏବଂ ସ୍ପଷ୍ଟବାଦିତା କେଶବଙ୍କୁ ବହୁତ ପ୍ରଭାବିତ କରିଥିଲା । ଅର୍ଜୁନ ସମବୟସ୍କ ଥିଲେ । ତେଣୁ ତାଙ୍କୁ ଅନ୍ତରଙ୍ଗ ବନ୍ଧୁ ଠାରୁ ଅଧିକ ଭଲ ପାଉଥିଲେ କୃଷ୍ଣ ଏବଂ ସଖା ବୋଲି ସମ୍ବୋଧନ କରୁଥିଲେ । ନକୁଳ ଏବଂ ସହଦେବଙ୍କୁ ନିଜର ଛୋଟ ଭାଇ ଭଳି ସ୍ନେହ ବନ୍ଧନରେ ବାନ୍ଧି ଦେଇଥିଲେ ଯାଦବେଶ କୃଷ୍ଣ ।

ସନ୍ଦେହଜନକ ପରିସ୍ଥିତିରେ ଜତୁଗୃହରେ ପାଞ୍ଚ ଭାଇ ସହିତ ପିଉସୀ କୁନ୍ତୀଙ୍କର ମର୍ମନ୍ତୁଦ ମୃତ୍ୟୁ ସମ୍ବାଦ ଶୁଣି ଦୁଃଖରେ ମ୍ରିୟମାଣ ହୋଇପଡିଲେ ଶ୍ରୀକୃଷ୍ଣ । ହସ୍ତିନା ଯାତ୍ରା କରି, ରାଜପରିବାରରେ ସମବେଦନା ଜ୍ଞାପନ କରିବା ସହିତ ପ୍ରକୃତ ଘଟଣା ଜାଣିବା ପାଇଁ ବ୍ୟଗ୍ର ଥିଲେ କେଶବ । ଏହି ସମୟରେ ଆଚାର୍ଯ୍ୟ ସନ୍ଦିପନି ଦ୍ୱାରକାରେ ପହଞ୍ଚି କୃଷ୍ଣଙ୍କୁ ସାକ୍ଷାତ କଲେ । ଗୁରୁଙ୍କର ପାଦ ବନ୍ଦନା କରି କୃଷ୍ଣ କହିଲେ... ପୂଜ୍ୟ ଆଚାର୍ଯ୍ୟ ! ଶୁଣିଥିଲି ଆପଣ ପାଞ୍ଚାଳ ଯାତ୍ରା କରିଥିଲେ; ସେଠାରେ, ପ୍ରତିଶୋଧ ଅଗ୍ନିରେ ଜଳୁଥିବା ରାଜା ଦ୍ରୁପଦ ଏବଂ ଯଜ୍ଞସମ୍ଭୂତା ଦ୍ରୌପଦୀଙ୍କ ସମ୍ବାଦ କଣ ?

ସନ୍ଦିପନି କହିଲେ... କେଶବ ! ରାଜା ଦ୍ରୁପଦଙ୍କ ହୃଦୟରେ ଦ୍ରୋଣଙ୍କ ପ୍ରତି ଜଳୁଥିବା ପ୍ରତିଶୋଧ ଅଗ୍ନି ତିଳେ ମାତ୍ର କମ୍ ହୋଇନାହିଁ ବରଂ ବିବାହ ଯୋଗ୍ୟା କନ୍ୟା ଯାଜ୍ଞସେନୀଙ୍କୁ ସେ ଏପରି ବ୍ୟକ୍ତିଙ୍କୁ ବିବାହ ଦେବାକୁ ଚାହାନ୍ତି ଯେ ଦ୍ରୋଣଙ୍କର ଉପରେ ପ୍ରତିଶୋଧ ନେଇପାରିବ ।

କୃଷ୍ଣ କହିଲେ... ଗୁରୁଦେବ, କିଏ ଏପରି ବ୍ୟକ୍ତି ଆର୍ଯ୍ୟାବର୍ତ୍ତରେ ଅଛି ? ସେ ଜରାସନ୍ଧ ପୌତ୍ର ମେଘସନ୍ଧିଙ୍କ ସହିତ କନ୍ୟାର ବିବାହ ଦେବାକୁ ଚାହୁଁ ନାହାନ୍ତି ତ ?

Source: Author, Digitized by PPRACHIN, SOA

ସନ୍ଦିପନି କହିଲେ... କେଶବ ! ମଗଧ ସମ୍ରାଟ ଜରାସନ୍ଧ ନିଜ ପୌତ୍ର ମେଘସନ୍ଧି ସହିତ ଦ୍ରୌପଦୀଙ୍କର ବିବାହ ପ୍ରସ୍ତାବ ଦ୍ରୁପଦଙ୍କ ପାଖକୁ ପଠାଇଥିଲେ, କିନ୍ତୁ ଅଧର୍ମର ପୃଷ୍ଠପୋଷକ ଜରାସନ୍ଧ ଗୃହରେ କନ୍ୟାଦାନ କରିବାପାଇଁ ଦ୍ରୁପଦଙ୍କର ଇଚ୍ଛା ନାହିଁ।'

ଉଦ୍‌ବିଗ୍ନ ହୋଇ କୃଷ୍ଣ ପଚାରିଲେ... ତାହେଲେ କ'ଣ ଜରାସନ୍ଧର ଏ ପ୍ରସ୍ତାବ ଦ୍ରୁପଦ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି ?

ସନ୍ଦିପନି କହିଲେ... ନାଁ ବାସୁଦେବ ! ଏପର୍ଯ୍ୟନ୍ତ ପ୍ରତ୍ୟାଖ୍ୟାନ କରିନାହାନ୍ତି;ଏ ବିଷୟରେ ତୁମ ସହିତ ଆଲୋଚନା କରିବାକୁ ଚାହାଁନ୍ତି ଦ୍ରୁପଦ।ତାଙ୍କ ଇଚ୍ଛା ତୁମେ କୃଷ୍ଣାଙ୍କୁ ବିବାହ କଲେ ଦୁଇ ଧର୍ମପଥଗାମୀ ଶକ୍ତି ଯାଦବ ଏବଂ ପାଞ୍ଚାଳ ଏକତ୍ରିତ ହୋଇ ଆର୍ଯ୍ୟାବର୍ତ୍ତରେ ମହାଶକ୍ତି ଭାବରେ ପରିଗଣିତ ହେବେ ଏବଂ ଅଧର୍ମର ବିଲୋପ ହୋଇ ଧର୍ମ ସଂସ୍ଥାପନା ହେବ ତଥା ଦ୍ରୋଣଙ୍କ ଉପରେ ସେ ପ୍ରତିଶୋଧ ନେଇ ପାରିବେ।

ହସିଲେ କେଶବ; କହିଲେ... ଓଃ ,ତାହେଲେ ଦ୍ରୁପଦ ମୋତେ କଳ୍ପନାରେ ଜାମାତା କରିସାରିଛନ୍ତି ! ଦ୍ରୁପଦଙ୍କ ସ୍ୱପ୍ନ ପୂରଣ ହେଉ ବା ନହେଉ, ମୋତେ ନିଶ୍ଚିତ ଭାବରେ ପାଞ୍ଚାଳ ଯିବାପାଇଁ ପଡ଼ିବ, ନହେଲେ ଜରାସନ୍ଧ ଗୃହରେ ଯଦି ଦ୍ରୁପଦ ବନ୍ଧୁ ବାନ୍ଧିବେ ତେବେ ଆର୍ଯ୍ୟାବର୍ତ୍ତରେ ଆମର ଧର୍ମ ସସ୍ଥାପନା ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯିବ। ହସ୍ତିନାରେ କୁରୁ ପରିବାର ସହିତ ଭେଟ ହେବାପରେ ମୁଁ ନିଶ୍ଚିତ ଭାବରେ ପାଞ୍ଚାଳ ଯାଇ ଦ୍ରୁପଦଙ୍କ ସହିତ ଆଲୋଚନା କରିବି।ଆପଣ ମୋତେ ଆଶୀର୍ବାଦ ଦିଅନ୍ତୁ ଗୁରୁଦେବ, ମୋ ଲକ୍ଷ୍ୟ ପଥରେ ମୁଁ ସଫଳ ହୁଏ।

ଗୁରୁଙ୍କଠାରୁ ବିଦାୟ ନେଇ ହସ୍ତିନା ଅଭିମୁଖେ ଯାତ୍ରା ଆରମ୍ଭ କଲେ ଶ୍ରୀକୃଷ୍ଣ। ସାଙ୍ଗରେ ଥିଲେ ଉଦ୍ଧବ ଏବଂ ଯାଦବ ବୀର ତଥା ଶ୍ରୀକୃଷ୍ଣଙ୍କ ଅନୁଗତ ସାତ୍ୟକି। ହସ୍ତିନାରେ ପହଞ୍ଚି, କୃଷ୍ଣ-ପ୍ରାଣ ବିଜ୍ଞ ବିଦୁରଙ୍କ ବାସ ଭବନରେ ପହଞ୍ଚିଲେ କେଶବ। ଅତୀତରେ ଯେତେଥର ସେ ହସ୍ତିନା ଆସିଛନ୍ତି, ବିଦୁରଙ୍କ ଘରେ ତାଙ୍କ ପତ୍ନୀ କୃଷ୍ଣ-ପ୍ରାଣା 'ସୁଲଭା'ଙ୍କ ହାତରୁ ଶାଗଭଜା ଭାତ ଖାଇ ଅମୃତ-ଆହାରର ତୃପ୍ତି ଲାଭ କରିଛନ୍ତି।

ବିଦୁରଙ୍କ ସହିତ କଥୋପକଥନରୁ କୃଷ୍ଣ ପାଣ୍ଡବମାନଙ୍କର ବଞ୍ଚିଥିବାର ଆଭାସ ପାଇଲେ। ବିଦୁର କହିଲେ... ହେ କେଶବ! ପାଣ୍ଡବ ମାନେ ଜତୁଗୃହରୁ ପଳାଇଯାଇ ବଞ୍ଚି ଯାଇଥିବା ସମ୍ବାଦ ମୁଁ ସମସ୍ତଙ୍କ ଠାରୁ ଗୋପ୍ୟ ରଖିଛି। କେବଳ ଭୀଷ୍ମ ଓ ରାଜମାତା ସତ୍ୟବତୀଙ୍କ ବ୍ୟତୀତ ଏହା ଅନ୍ୟ କେହି ଜାଣନ୍ତି ନାହିଁ। ପ୍ରତି ମୁହୂର୍ତ୍ତରେ ସେମାନଙ୍କ ମୁଣ୍ଡ ଉପରେ ବିପଦର ଛଞ୍ଚାଣ ଉଡ଼ି ବୁଲୁଛନ୍ତି। ଯେବେ ପାଣ୍ଡବମାନେ ଆପଣଙ୍କ ସହାୟତା ପାଇବେ ତାହେଲେ ଏହି ଗୋପନୀୟତା ଭଙ୍ଗ କରାଯାଇପାରେ।

Source: Author, Digitized by PPRACHIN, SOA

କୃଷ୍ଣ କହିଲେ... ବିଜ୍ଞ ବିଦୁର ! ଯାଦବମାନଙ୍କର ସହାୟତା ତ ସର୍ବଦା ପାଣ୍ଡବଙ୍କ ପଛରେ ଅଛି, କିନ୍ତୁ ମୁଁ ଚାହେଁ ତାହା ସହିତ ଅନ୍ୟ ଏକ ଧର୍ମପଥଗାମୀ ଦୃଢ଼ ରାଜଶକ୍ତିର ସହାୟତା ପାଇଲେ, ପାଣ୍ଡବମାନେ ଅଜେୟ ଶକ୍ତି ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିବେ। ସେଥିପାଇଁ ମୁଁ ପ୍ରୟାସରତ।ମୋଠାରୁ ନିର୍ଦ୍ଦେଶ ନପାଇବା ପର୍ଯ୍ୟନ୍ତ ପାଣ୍ଡବମାନେ ଜୀବିତ ଥିବା କଥା ଗୋପନୀୟ ରଖାଯାଉ।

ଏକଥା କହିଲାବେଳେ କୃଷ୍ଣ ଦ୍ରୁପଦ ରାଜପରିବାର କଥା ଭାବୁଥିଲେ। ପାଞ୍ଚାଳ ସହିତ ପାଣ୍ଡବମାନଙ୍କର ବୈବାହିକ ସମ୍ବନ୍ଧ ସ୍ଥାପିତ ହୋଇ ପାରିଲେ ସେମାନଙ୍କ ଭାଗ୍ୟ ଖୋଲିଯାଆନ୍ତା ବୋଲି କେଶବ ଚିନ୍ତା କରୁଥିଲେ।

କୌରବ ମାନଙ୍କର ମନୋଭାବ ଜାଣିବା ପାଇଁ ଶ୍ରୀକୃଷ୍ଣ ହସ୍ତିନା ରାଜ ପ୍ରାସାଦରେ ପହଞ୍ଚିଲେ। ଅନ୍ଧ ରାଜାଙ୍କ ସହିତ ଏକଶତ କୁରୁପୁତ୍ର, କୃଷ୍ଣଙ୍କ ଆଗମନରେ ସେମାନଙ୍କର କୁମ୍ଭୀର କାନ୍ଦଣାର ସ୍ୱର ବଢାଇଦେଲେ।କେବଳ ଗାନ୍ଧାରୀଙ୍କ ଦୁଃଖପ୍ରକାଶ ଭିତରେ କିଛି ସତ୍ୟତା ଦେଖିପାରିଲେ କୃଷ୍ଣ।

କୁରୁ ପରିବାର ଠାରୁ ବିଦାୟ ନେଇ କୃଷ୍ଣ ପାଞ୍ଚାଳ ଅଭିମୁଖେ ଯାତ୍ରା ଆରମ୍ଭ କରିଦେଲେ। ବାଟରେ ଉଦ୍ଧବଙ୍କୁ କହିଲେ... ଆର୍ଯ୍ୟ ଉଦ୍ଧବ ! ପାଣ୍ଡବମାନେ ବଞ୍ଚିଥିବା ସମ୍ବାଦ ମୋର ଶ୍ରୁତିଗୋଚର ହୋଇଛି। ସେମାନେ ରାକ୍ଷାସାବର୍ତ୍ତ ଅଭିମୁଖେ ଯାତ୍ରା କରିଥିବା ଅନୁମାନ କରାଯାଏ। ଗଙ୍ଗାନଦୀ ପାର ହୋଇ କୂଳେ କୂଳେ ତୁମେ ସେମାନଙ୍କ ସନ୍ଧାନରେ ଯିବ। ପାଣ୍ଡବମାନଙ୍କ ସନ୍ଧାନ ନେଇ ସେମାନଙ୍କ ଭଲ-ମନ୍ଦ ବୁଝି ମୋ ତରଫରୁ ନିର୍ଭର ପ୍ରତିଶ୍ରୁତି ଦେବ; କହିବ ଯେ ସେମାନେ ନିଜକୁ ଅସହାୟ ମନେ କରିବେ ନାହିଁ; ସେମାନଙ୍କ ସହାୟତା ପାଇଁ କୃଷ୍ଣ ଓ ବିଶାଳ ଯାଦବ ସେନା ତାଙ୍କ ପଛରେ ରହିଛନ୍ତି।

କୃଷ୍ଣଙ୍କର ପାଞ୍ଚାଳ ଅଭିମୁଖେ ଯାତ୍ରାର ସମ୍ବାଦ ପାଇ ସାରିଥିଲେ ଦ୍ରୁପଦ। ତାଙ୍କୁ ସ୍ୱାଗତ କରିବାପାଇଁ ଭବ୍ୟ ଆୟୋଜନ ହୋଇଥାଏ। ଅତିଥି ଗୃହରେ ଆର୍ଯ୍ୟ ସାତ୍ୟକିଙ୍କ ଅବସ୍ଥାନର ବ୍ୟବସ୍ଥାକରି ଶ୍ରୀକୃଷ୍ଣଙ୍କୁ ବ୍ୟକ୍ତିଗତ ଆଲୋଚନା ପାଇଁ ଡକାଇଲେ ଦ୍ରୁପଦ। ଗୃହ ଅନାମୟ ଆଦାନପ୍ରଦାନ ପରେ ଦ୍ରୁପଦ କହିଲେ... ଯାଦବେଶ ! ବିନା ଗୌରଚନ୍ଦ୍ରିକାରେ ମୁଁ ପଚାରିବା ପାଇଁ ଚାହେଁ, ପାଞ୍ଚାଳ ଆପଣଙ୍କୁ ଯେଉଁ ଅମୂଲ୍ୟ କନ୍ୟା ରତ୍ନ ଦେବାପାଇଁ ବ୍ୟଗ୍ର, ତାହା ଆପଣ ଗ୍ରହଣ କରିବେ ତ ?

ଗୁରୁ ସନ୍ଦିପନିଙ୍କଠାରୁ ଏହାର ଆଭାସ ଆଗରୁ ପାଇଥିଲେ କୃଷ୍ଣ; ତେଣୁ ଏହି ପ୍ରସ୍ତାବ ତାଙ୍କୁ ଅପ୍ରତ୍ୟାଶିତ ଲାଗିଲା ନାହିଁ। ସ୍ମିତ ହସରେ, ଧୀରକଣ୍ଠରେ ଶ୍ରୀକୃଷ୍ଣ କହିଲେ... ରାଜନ୍ ! ମୋତେ ଯାଦବେଶ କହନ୍ତୁ ନାହିଁ, ମୁଁ ସାଧାରଣ ଗୋପାଳଟିଏ; ଆଗରୁ ବଂଶୀ

Source: Author, Digitized by PPRACHIN, SOA

ବଜାଇ ଗୋପରେ ଗାଈ ଚରାଉଥିଲି, ମାମୁଁଙ୍କ ମୃତ୍ୟୁପରେ ବାପ ମାଆଙ୍କ ପାଖରେ ମଥୁରାରେ ଅଜାଘରେ ରହିଛି। ଅଜା ଉଗ୍ରସେନ ପ୍ରକୃତରେ ଯାଦବେଶ, ମୁଁ ତାଙ୍କର ଆଜ୍ଞାକାରୀ ପ୍ରଜା। ରାଜକୁମାରୀ ଯାଜ୍ଞସେନୀଙ୍କ ପାଇଁ ମୁଁ ଉପଯୁକ୍ତ ନୁହେଁ। ଆପଣ ଜେମାଙ୍କ ବିବାହ ଉପଯୁକ୍ତ ରାଜପରିବାରେ କରନ୍ତୁ, ଜେମା ସୁଖରେ ରହିବେ।

କୃଷ୍ଣଙ୍କ କଥା ଶୁଣି ଦ୍ରୁପଦ କହିଲେ... ଆପଣ କ'ଣ ଆମେ ଭଲଭାବରେ ଜାଣିଛୁ ଦ୍ୱାରକାପତି। ମୋ କନ୍ୟାକୁ ଗ୍ରହଣ କରି ମୋତେ ଅନୁଗୃହିତ କରିବା ସଙ୍ଗେ ସଙ୍ଗେ ଆର୍ଯ୍ୟାବର୍ତ୍ତରେ ଧର୍ମପଥଗାମୀ ଶକ୍ତିର ହସ୍ତ ଦୃଢ଼ କରନ୍ତୁ। ପାଞ୍ଚାଳ ଏବଂ ଦ୍ୱାରକା ଏକତ୍ରିତ ହେଲେ ଆର୍ଯ୍ୟାବର୍ତ୍ତରେ ଅଧର୍ମର ବିନାଶ ହେବା ସଙ୍ଗେ ସଙ୍ଗେ ମୋର ଚିରଶତ୍ରୁ ଦ୍ରୋଣ ଏବଂ ଅଧର୍ମୀ କୁରୁ ପୁତ୍ରମାନଙ୍କର ବିନାଶ ମଧ୍ୟ ହେବ।

ବିନମ୍ରତା ସହିତ କୃଷ୍ଣ କହିଲେ... ମୋତେ କ୍ଷମା କରନ୍ତୁ ରାଜନ୍। କୌରବମାନଙ୍କ ସହିତ ଯାଦବମାନଙ୍କର ପାରିବାରିକ ସଂପର୍କ ରହିଛି। ତେଣୁ ଯାଜ୍ଞସେନୀଙ୍କୁ ବିବାହ କରି ଗୁରୁଦ୍ରୋଣ ଏବଂ କୁରୁବଂଶ ବିରୁଦ୍ଧରେ ଯୁଦ୍ଧ କରିବା ମୋ ପାଇଁ ସମ୍ଭବ ହେବନାହିଁ।

ନିରାଶ ହୋଇ ଦ୍ରୁପଦ କହିଲେ... ତା'ହେଲେ ବାଧ୍ୟହୋଇ ମୋତେ ଜରାସନ୍ଧ ପରିବାର ସହିତ ବୈବାହିକ ସଂପର୍କ ଯୋଡିବା ପାଇଁ ପଡିବ। ଜରାସନ୍ଧ, ପୌତ୍ର ମେଘସନ୍ଧି ସହିତ କୃଷ୍ଣାର ବିବାହପାଇଁ ଯେଉଁ ପ୍ରସ୍ତାବ ପଠାଇଛନ୍ତି ତାହା ମୋତେ ଗ୍ରହଣ କରିବାପାଇଁ ପଡିବ।

ଶ୍ରୀକୃଷ୍ଣ କହିଲେ... ହେ ଧର୍ମଧ୍ୱଜାଧାରୀ ମହାନ୍ ରାଜା! ସର୍ବଦା ଦାନଧର୍ମ ଏବଂ ଯଜ୍ଞକର୍ମରେ ଲିପ୍ତ ରହିଥାନ୍ତି ବୋଲି ଆପଣଙ୍କ ନାମ ଯାଜ୍ଞସେନ। ଦ୍ରୋଣଙ୍କ ଉପରେ ପ୍ରତିଶୋଧ ନେବାପାଇଁ ଆପଣ କଣ ଅଧର୍ମ ଶକ୍ତି ସହିତ ହାତ ମିଳାଇବେ !! ଜରାସନ୍ଧ ସହିତ ବନ୍ଧୁ ବାନ୍ଧିଲେ ଆର୍ଯ୍ୟାବର୍ତ୍ତରେ ନିଆଁ ଜଳିଉଠିବ, ଏକଥା ଜାଣି ପାରୁଛନ୍ତି ତ ?

ବିବ୍ରତ ହୋଇପଡ଼ି ଦ୍ରୁପଦ କହିଲେ... ତା'ହେଲେ ମୁଁ କଣ କରିବି କୁହନ୍ତୁ କେଶବ ?

ଶ୍ରୀକୃଷ୍ଣ କହିଲେ... ରାଜଜେମାଙ୍କ ପାଇଁ ଆପଣ ସ୍ୱୟଂବର ଆୟୋଜନ କରନ୍ତୁ। ଲକ୍ଷ୍ୟଭେଦ ସ୍ପର୍ଦ୍ଧାର ଆୟୋଜନ କରନ୍ତୁ। ସମଗ୍ର ଭାରତର ବିଭିନ୍ନ ଦେଶରୁ ଯୋଗ୍ୟ ରାଜପୁତ୍ରମାନେ ସେଥିରେ ଯୋଗଦେବେ। ଆପଣଙ୍କର ସମ୍ମାନ ବହୁଗୁଣିତ ହେବ। ସେମାନଙ୍କ ମଧ୍ୟରେ ଅନେକ ବନ୍ଧୁ ପାଇବେ ଆପଣ। ଯେଉଁ ଯୋଗ୍ୟ ବୀର ଲକ୍ଷ୍ୟଭେଦ କରିପାରିବେ ସେ କନ୍ୟାର ପାଣିଗ୍ରହଣ କରିବେ ସେ ଆପଣଙ୍କ ସ୍ୱପ୍ନ ସାକାର କରିବେ।

ଦ୍ରୁପଦ ଗଭୀର ଦୃଷ୍ଟିରେ କୃଷ୍ଣଙ୍କୁ ଚାହିଁ କହିଲେ... ଲକ୍ଷ୍ୟଭେଦ ଯଦି ଅନେକ ବୀର

Source: Author, Digitized by PPRACHIN, SOA

କରନ୍ତି ଅଥବା ଦୁର୍ଯ୍ୟୋଧନ, ଶିଶୁପାଳ, ଜରାସନ୍ଧ ଭଳି ଅଧର୍ମୀମାନେ କରନ୍ତି, ତାହେଲେ କ'ଣ ଯାଜ୍ଞସେନୀ ତାଙ୍କୁ ବିବାହ କରିବ ?

ଧୀର ଅଥଚ ଦୃଢ଼ କଣ୍ଠରେ କୃଷ୍ଣ କହିଲେ... ସେଭଳି ହେବାର ପ୍ରଶ୍ନ ଉଠୁନାହିଁ। ପ୍ରଥମତଃ ଲକ୍ଷ୍ୟଭେଦର ମାନ ଏପରି ଉଚ୍ଚ ସ୍ତରୀୟ ହେବ ଯେ କେବଳ ସର୍ବଶ୍ରେଷ୍ଠ ବୀର ହିଁ ତାହା ଭେଦ କରିପାରିବ। ଦ୍ୱିତୀୟତଃ କୃତକାର୍ଯ୍ୟ ହୋଇଥିବା ବ୍ୟକ୍ତିଙ୍କୁ ବିବାହ କରିବା, ନକରିବା ନିଷ୍ପତ୍ତି କନ୍ୟା ଉପରେ।

ହସି ଉଠିଲେ ଦ୍ରୁପଦ, କହିଲେ... ସେଠାରେ ଗୋଟିଏ ରଣକ୍ଷେତ୍ର ସୃଷ୍ଟିହେବ ଏବଂ ଆମେ ସମସ୍ତେ ଯୁଦ୍ଧ ନିଆଁ ରେ ଜଳିଯିବୁ।

ଶ୍ରୀକୃଷ୍ଣ କହିଲେ... କାହାର ଏଭଳି ସାହସ ଆପଣଙ୍କୁ ଆକ୍ରମଣ କରିବ ? ଆପଣଙ୍କ ପଛରେ ଦୁର୍ଜୟ ନାରାୟଣୀ ସେନା ସହିତ ମୁଁ ରହିଥିବି ରାଜନ୍। ଆପଣଙ୍କ କେଶାଗ୍ର ପର୍ଯ୍ୟନ୍ତ କେହି ସ୍ପର୍ଶ କରିପାରିବେ ନାହିଁ।

ଦ୍ରୁପଦଙ୍କ ମନରେ କୃଷ୍ଣ ହିଁ ଜାମାତା ଭାବରେ ଆସ୍ଥାନ ଜମେଇ ବସିଥିଲେ। ଦ୍ରୁପଦ କହିଲେ... ସେ ସ୍ୱୟଂବରରେ କୃଷ୍ଣା ଯେବେ ଆପଣଙ୍କୁ ବରମାଲ୍ୟ ଦିଏ ?

ହସିଦେଲେ କେଶବ, କହିଲେ... ମୋଠାରୁ ବହୁଗୁଣରେ ସୁନ୍ଦର ଏକ ଧନୁର୍ଦ୍ଧର ବୀର ଜେମାଙ୍କ ପାଇଁ ମୁଁ ଯୋଗାଡ଼ କରି ଦେବି।

ଏହା କହିବା ସମୟରେ ଶ୍ରୀକୃଷ୍ଣଙ୍କ ଆଖି ଆଗରେ ଅର୍ଜୁନଙ୍କ ରୂପ ଭାସି ଯାଉଥିଲା।

-୦-

(୩୫)

କୃଷ୍ଣ ମୋ ସଖା

ଯେଉଁ ଶ୍ରୀକୃଷ୍ଣଙ୍କ ପ୍ରଶଂସାରେ ଆଚାର୍ଯ୍ୟ ସନ୍ଦିପନି ଶତମୁଖ, ଯାହାର ମହିମା ଆର୍ଯ୍ୟାବର୍ତ୍ତରେ ଘରେ ଘରେ ମୁଖରିତ, ଯେ ଯୁଗପୁରୁଷ ଭାବରେ ଧର୍ମ ସଂସ୍ଥାପନା ପାଇଁ ଧରାରେ ଅବତୀର୍ଣ୍ଣ, ତାଙ୍କୁ ଏତେ ପାଖରେ ପାଇ ଦର୍ଶନ କରିବା ଲୋଭ ଯାଜ୍ଞସେନୀ କେମିତି ସମ୍ବରଣ କରିଥାଆନ୍ତେ !! ପିତା ଦ୍ରୁପଦଙ୍କୁ ସେ ଅନୁରୋଧ କଲେ ଶ୍ରୀକୃଷ୍ଣଙ୍କ ସହିତ ଥରଟିଏ ମାତ୍ର ସାକ୍ଷାତ କରାଇବା ପାଇଁ। କୃଷ୍ଣ ଏବଂ ଦ୍ରୁପଦଙ୍କ ଭିତରେ ପୂର୍ବଦିନ ଯାହା କଥାବାର୍ତ୍ତା ହୋଇଥିଲା ସେଥିରୁ ଯାଜ୍ଞସେନୀ ଜାଣିଥିଲେ ଯେ ତାଙ୍କୁ ବିବାହ

Source: Author, Digitized by PPRACHIN, SOA

କରିବାକୁ ଶ୍ରୀକୃଷ୍ଣ ଆଗ୍ରହୀ ନୁହଁନ୍ତି। ତଥାପି ତାଙ୍କର ହୃଦୟଙ୍ଗମ ହେଲା, କୃଷ୍ଣଙ୍କ ସହିତ ତାଙ୍କର ସଂପର୍କ ଶାଶ୍ୱତ, ଚନ୍ଦ୍ର ଓ ଚକୋରୀର ସଂପର୍କ ପରି। ଚକୋରୀ ସିନା ଚନ୍ଦ୍ରକୁ ପାଇପାରେ ନାହିଁ, ଦୂରରୁ ଜ୍ୟୋତ୍ସ୍ନା ପିଇ ଅବ୍ୟକ୍ତ ଆନନ୍ଦ ତ ଅନୁଭବ କରେ !

ଦ୍ରୌପଦୀ ପିତାଙ୍କ ପାଖରେ ଅଳି କଲେ... ପିତାଶ୍ରୀ ! ଥରଟିଏ ମାତ୍ର ମୋ ଦେବତାଙ୍କ ସହିତ ସାକ୍ଷାତ କରାଇ ଦିଅନ୍ତୁ।

ଦ୍ରୁପଦଙ୍କ ଅନୁରୋଧ ଶୁଣି ଶ୍ରୀକୃଷ୍ଣ କହିଲେ... ରାଜନ୍! ଯାଜ୍ଞସେନୀଙ୍କ ଅଲୌକିକତାର ଆଭାସ ଆମେ ସମସ୍ତେ ପାଇ ସାରିଛନ୍ତି। ଯେଉଁ କନ୍ୟା ଯଜ୍ଞରୁ ସମ୍ଭୂତା ହେବା ସମୟରେ ଶୂନ୍ୟବାଣୀ ହୋଇଥିଲା ଯେ ଆର୍ଯ୍ୟାବର୍ତ୍ତରେ ଧର୍ମ ସଂସ୍ଥାପନା ପାଇଁ ତାଙ୍କର ପ୍ରମୁଖ ଭୂମିକା ରହିବ, ତାଙ୍କ ସହିତ ସାକ୍ଷାତ ପାଇଁ ମୁଁ ମଧ୍ୟ ବ୍ୟଗ୍ର।'

ପ୍ରାସାଦରେ ସ୍ୱତନ୍ତ୍ର ଅତିଥି ଗୃହରେ କୃଷ୍ଣାଙ୍କର କୃଷ୍ଣଙ୍କ ସହିତ ସାକ୍ଷାତ ପାଇଁ ବ୍ୟବସ୍ଥା କରାଗଲା। କନିଷ୍ଠ ଭ୍ରାତା ସତ୍ୟଜିତ ସହିତ ଆସି କୃଷ୍ଣଙ୍କ ସମ୍ମୁଖରେ ପହଞ୍ଚି ସଲ୍ଲଜ ମୁଖରେ ଅଭିବାଦନ କରି ଆସନ ଗ୍ରହଣ କଲେ ଦ୍ରୌପଦୀ। ଜେମାଙ୍କର ଅପୂର୍ବ ସୌନ୍ଦର୍ଯ୍ୟ ଦେଖି ମୁଗ୍ଧ ହେଲେ ଶ୍ରୀକୃଷ୍ଣ। ଦ୍ରୌପଦୀଙ୍କ ସୌନ୍ଦର୍ଯ୍ୟ ବିଷୟରେ ଆଗରୁ ଅନେକ ପ୍ରଶଂସା ଶୁଣିଥିଲେ କେଶବ। ଏବେ ଚକ୍ଷୁ କର୍ଣ୍ଣର ବିବାଦ ମେଣ୍ଟିଗଲା। ମୁଖ ଅବନତ କରି ବୀଣାଜୀଣା ସଲ୍ଲଜ କଣ୍ଠରେ ରାଜଜେମା କହିଲେ... ଅନୁରୋଧ ରକ୍ଷାକରି ଦର୍ଶନ ଦେଇଥିବାରୁ ଏ ନଗଣ୍ୟା ଆପଣଙ୍କ ପାଖରେ କୃତଜ୍ଞ ଦ୍ୱାରକାଧିଶ।

ଆଚାର୍ଯ୍ୟ ସନ୍ଦିପନିଙ୍କଠାରୁ ଶୁଣିଛି କିପରି ଆପଣ ମୋହନ ବଂଶୀସ୍ୱନର ଜାଦୁରେ ବିମୁଗ୍ଧ କରିଛନ୍ତି ଗୋପବୃନ୍ଦାବନକୁ, ଅବଲୀଳାକ୍ରମେ ବିନାଶ କରିଛନ୍ତି କଂସର ଦୁରାତ୍ମା ଅସୁରମାନଙ୍କୁ, କିପରି ମହାବଳୀ କଂସ ଏବଂ ଦୁର୍ଜୟ ଦୁର୍ବାର କାଳଯବନକୁ ମୃତ୍ୟୁ ଦାନ କରି ଜଗତର କଲ୍ୟାଣ କରିଛନ୍ତି। ଶୁଣିଛି ମଧ୍ୟ ପ୍ରଭୁ ! କିପରି ଆପଣ ଜରାସନ୍ଧର ମଥୁରା ଉପରେ ସତର ବାର ଆକ୍ରମଣକୁ ପ୍ରତିହତ କରି, ପ୍ରତି ଥର ପରାସ୍ତ କରିଛନ୍ତି ତାକୁ। ମଥୁରାବାସୀଙ୍କୁ ନିରାପତ୍ତା ଦେବାପାଇଁ ସମୁଦ୍ର ଭିତରେ ଗଢ଼ିଛନ୍ତି ସ୍ୱର୍ଗସମ ସୁଷମାଶାଳିନୀ ଭବ୍ୟ ଦ୍ୱାରକା ନଗ୍ର।

ଶ୍ରୀକୃଷ୍ଣ କହିଲେ... ବାସ୍ ବାସ୍ କଲ୍ୟାଣୀ ! ମୋତେ ପ୍ରଶଂସା କରିବା ଆଚାର୍ଯ୍ୟ ସନ୍ଦିପନିଙ୍କ ବଡପଣ ଛଡ଼ା ଅନ୍ୟ କିଛି ନୁହେଁ।

ମୁଁ ସାଧାରଣ ମନୁଷ୍ୟ। ଆଚାର୍ଯ୍ୟ ମୋତେ ମାଟିରୁ ନେଇ ସ୍ୱର୍ଗରେ ବସାଇଛନ୍ତି।

ଶ୍ରୀକୃଷ୍ଣଙ୍କ 'କଲ୍ୟାଣୀ' ସମ୍ବୋଧନ ଶୁଣି ରୋମାଞ୍ଚିତ ହୋଇଗଲା ଦ୍ରୌପଦୀଙ୍କ ଶରୀର।ମଥାଟେକି କୃଷ୍ଣଙ୍କ ମୁହଁକୁ ଚାହିଁଲେ ଦ୍ରୌପଦୀ; ନିର୍ମଳ ହସରୁ ଝରି ଯାଉଥିଲା

Source: Author, Digitized by PPRACHIN, SOA

ତାଙ୍କ ପାଇଁ ସ୍ୱର୍ଗଗଙ୍ଗାର ସ୍ନେହ ଝରଣା। କି ସୁନ୍ଦର ମଧୁମୟ ସୁଧାମୟ ରୂପ କୃଷ୍ଣଙ୍କର ! ଶାଶ୍ୱତ ପ୍ରେମର ଝରଣାରେ ଆପେ ଆପେ ଦ୍ରବିଗଲା ଜେମାଙ୍କର ମନ ଓ ପ୍ରାଣ। ନୀଳ ଜୀମୂତ ଦେହର କାନ୍ତି ସହିତ ପୀତବସନର ଅପୂର୍ବ ସମନ୍ୱୟ, ଗଳାରେ ଜ୍ୟୋତିର୍ମୟ କୌସ୍ତୁଭ ମାଳ, ଶରୀରରେ ମନଲୋଭା ଲାସ୍ୟ, ଖାଲି ଯାହା ଅଭାବ ଥିଲା ହାତରେ ମୋହନ ମୁରଲୀର।

ଦ୍ରୌପଦୀ ପଚାରିଲେ... ଗିରିଧାରୀ ! କେଉଁଠି ଛାଡି ଆସିଲେ ମୋହନ ବଂଶୀ ଆପଣଙ୍କର ! ସେ ମୋହନ ମୁରଲୀର ଅମୃତମୟୀ ସ୍ୱନ ଆମକୁ କଣ ଶୁଣିବାକୁ ମିଳିବ ନାହିଁ! କେଉଁଠି ତାକୁ ଛାଡି ଆସିଲେ ? ଶୁଣିଛି, ଆପଣ ରାଧାରାଣୀଙ୍କ ପାଖରେ ରଖିଦେଇ ଆସିଛନ୍ତି ସବୁ ମଧୁର ସଂଗୀତ। ଆମପାଇଁ ତାହେଲେ କି ଉପହାର ଆଣିଛନ୍ତି ?

ସ୍ମିତ ହସି ଶ୍ରୀକୃଷ୍ଣ କହିଲେ... ବଂଶୀ ଯାହାର, ସେ ରହିଲା ତା ପାଖରେ; ତୁମ ପାଇଁ ରହିଛି ମୋର ଏ ସ୍ନେହ ଓ ଆଶୀର୍ବାଦ ଭରା ହୃଦୟ। ଆର୍ଯ୍ୟାବର୍ତ୍ତରେ ଧର୍ମ ସଂସ୍ଥାପନା ମହାଯଜ୍ଞରେ ତୁମ ସହାୟତା ବିନା ମୁଁ ପୂର୍ଣ୍ଣାହୂତି ଦେଇ ପାରିବି ନାହିଁ କଲ୍ୟାଣୀ !

ମଥାନତ କରି ଯାଜ୍ଞସେନୀ କହିଲେ... ସଦା ସର୍ବଦା ଏହିପରି ସ୍ନେହ ଓ ଆଶୀର୍ବାଦ ମୋ ଉପରେ ରହିଥାଉ କେଶବ।

କିଛି ସମୟ ନିରବତା ପରେ ଶ୍ରୀକୃଷ୍ଣ କହିଲେ... ରାଜା ଦ୍ରୁପଦ ତୁମ ସହିତ ମୋ ବିବାହ ପ୍ରସ୍ତାବ ଦେଇଛନ୍ତି, ଏହା କିପରି ସମ୍ଭବ କୃଷ୍ଣା !

ମଥା ତଳକୁ କରି ଦ୍ରୌପଦୀ ପଚାରିଲେ... କାହିଁକି, ମୁଁ କଣ ଏତେ ଖରାପ ଯେ ଦ୍ୱାରକାପତି ମୋତେ ଗ୍ରହଣ କରିବାପାଇଁ ଅନିଚ୍ଛୁକ ?

କୃଷ୍ଣ କହିଲେ... କଲ୍ୟାଣୀ! ତୁମେ ଅଦ୍ୱିତୀୟା ନାରୀ-ଶକ୍ତିର ପ୍ରତୀକ; କାହାର ଅଙ୍କଲକ୍ଷ୍ମୀ ହୋଇ ପ୍ରାସାଦ ଭିତରେ ଲୁଚି ରହିବା ପାଇଁ ତୁମର ଜନ୍ମ ନୁହେଁ। ଆର୍ଯ୍ୟଭୂମି ଭାରତର ସମସ୍ତ ଦୁଷ୍ଟଶକ୍ତିର ବିନାଶ କରି ଶାନ୍ତିପ୍ରତିଷ୍ଠା କରିବା ପାଇଁ ତୁମର ଜନ୍ମ। ମୋର ସହାୟିକା ହୋଇ ଧର୍ମସ୍ଥାପନାରେ ସାହାଯ୍ୟ କରିବା ପାଇଁ ତୁମର ଆବିର୍ଭାବ। ତୁମେ ମୋର ସଖୀ, ପ୍ରଣୟିନୀ ନୁହଁ କଲ୍ୟାଣୀ ।

କୃଷ୍ଣ-ଭାବରେ ହଜିଗଲେ ଦ୍ରୌପଦୀ। କହିଲେ... ଆପଣଙ୍କର ପ୍ରତିଟି ନିର୍ଦ୍ଦେଶ ମୋ ପାଇଁ ଆଦେଶ ଲୀଳାମୟ। କିନ୍ତୁ ମୋ ପିତାଙ୍କୁ ଅପମାନିତ କରିଥିବା ଦ୍ରୋଣଙ୍କ ସମେତ କୁରୁପୁତ୍ର ମାନଙ୍କର ବିନାଶ ମୋର ପ୍ରଥମ ଲକ୍ଷ।

ହସିଲେ କୃଷ୍ଣ, କହିଲେ... ଏତେ କ୍ରୋଧ ମନ ଭିତରେ ପାଳନ କରି ରଖିଛ !

ଦ୍ରୌପଦୀ କହିଲେ... ବ୍ରାହ୍ମଣର କାର୍ଯ୍ୟ ଗୁରୁକୁଳ ସମ୍ଭାଳିବା। ତାହା ନକରି ଆଚାର୍ଯ୍ୟ

Source: Author, Digitized by PPRACHIN, SOA

ଦ୍ରୋଣ ମୋ ପିତାଙ୍କୁ ପାଞ୍ଚାଳ ରାଜ୍ୟରୁ ଅର୍ଦ୍ଧେକ ମାଗି ବସିଲେ। ତାହା ନଦେବାରୁ କୌରବ ଓ ପାଣ୍ଡବମାନଙ୍କ ସହାୟତାରେ ତାଙ୍କୁ ଅତର୍କିତ ଆକ୍ରମଣ କରି, ଯୁଦ୍ଧରେ ପରାସ୍ତ କରି, ବନ୍ଦୀ କରି ଘୋର ଅପମାନ ଦେଲେ ଏବଂ ପାଞ୍ଚାଳର ଅହିଛତ୍ର କ୍ଷେତ୍ର ଛଡ଼ାଇ ନେଲେ। କୁରୁପୁତ୍ରମାନେ, ବିଶେଷ କରି ଦୁର୍ଯ୍ୟୋଧନ ଓ ତାଙ୍କର ଶତଭ୍ରାତା ଯେପରି ମୋ ପିତାଙ୍କୁ ଗଳାଧକ୍କା ମାରି ଦ୍ରୋଣଙ୍କର ପାଦତଳେ ନିକ୍ଷେପ କଲେ ତା'ଠାରୁ ବଳି ଅଧିକ ଅପମାନ କଣ ଥାଇପାରେ ! ମୋ ପିତାଙ୍କ ପ୍ରତି ଦୁର୍ବ୍ୟବହାର ଦେଖି କେବଳ ପାଣ୍ଡବ ଭାଇମାନେ, ଜଣେ ରାଜାଙ୍କପ୍ରତି ଏଭଳି ବ୍ୟବହାରର ନିନ୍ଦା କରୁଥିଲେ; କିଏ ସେ ନିନ୍ଦାକୁ ଭୃକ୍ଷେପ କଲା ! ଏଭଳି ଅପମାନର ପ୍ରତିଶୋଧ ଆମେ ନିଶ୍ଚିତଭାବରେ ନେବୁ।

ଏଭଳି କହିବା ସମୟରେ ଦ୍ରୌପଦୀ ଖୁବ୍ ଉତେଜିତ ଜଣା ପଡୁଥିଲେ। ତାଙ୍କୁ ଶାନ୍ତକରି ଶ୍ରୀକୃଷ୍ଣ କହିଲେ... ସେଥିପାଇଁ ମୁଁ କହୁଛି କଲ୍ୟାଣୀ, ତୁମେ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ବୀରକୁ ବିବାହ କର। ତୁମ ସ୍ୱୟଂବର ଆୟୋଜନ କରିବାପାଇଁ ପିତାଙ୍କ ସହିତ ମୁଁ ଆଲୋଚନା କରିଛି। କଠିନ ଲକ୍ଷ୍ୟଭେଦ ସ୍ପର୍ଦ୍ଧାରେ ଜୟଯୁକ୍ତ ହେବା ବୀରକୁ ତୁମେ ଜୀବନସାଥୀ ଭାବରେ ଗ୍ରହଣକଲେ ସେ ତୁମ ସମସ୍ୟାର ସମାଧାନ କରିବ କଲ୍ୟାଣୀ !

ଧୀର କଣ୍ଠରେ ଦ୍ରୌପଦୀ କହିଲେ... ଆପଣଙ୍କ ଉପରେ ମୋର ସଂପୂର୍ଣ୍ଣ ଭରସା ରହିଛି କେଶବ। ମୋର ହୃଦ୍‌ବୋଧ ହେଉଛି ଆପଣ ମୋ ପିତାଙ୍କର ଏବଂ ମୋର ମଙ୍ଗଳ ପାଇଁ ଆମ ପକ୍ଷରେ ସବୁବେଳେ ରହିବେ। ତେଣୁ ମୋ ଜୀବନ ଆପଣଙ୍କ ପାଖରେ ସମର୍ପିତ। ଆପଣ ଯାହା କହିବେ, ଯେପରି କହିବେ ଆମେ କରିବାପାଇଁ ପ୍ରସ୍ତୁତ। ଆପଣଙ୍କ କୂଟନୀତି ଅଦ୍ୱିତୀୟ; କୌଣସି କାର୍ଯ୍ୟରେ ଆପଣ ଅସଫଳ ହୋଇନାହାନ୍ତି।

ଏହି ସମୟରେ ରାଜା ଦ୍ରୁପଦ ଆସି ଆଲୋଚନାରେ ଯୋଗଦେଲେ। ସ୍ୱୟଂବର ପାଇଁ ସମ୍ମତି ଦେବା ସହିତ ଦ୍ରୁପଦ କହିଲେ... ମଗଧସମ୍ରାଟ ଜରାସନ୍ଧ ତାଙ୍କ ପୌତ୍ର ମେଘସନ୍ଧି ପାଇଁ ଯେଉଁ ବିବାହ ପ୍ରସ୍ତାବ ପଠାଇଛନ୍ତି ତାହା ଅଗ୍ରାହ୍ୟକଲେ ନିଶ୍ଚିତ ଭାବରେ କ୍ରୋଧାନ୍ୱିତ ହୋଇ ସେ ପାଞ୍ଚାଳ ଆକ୍ରମଣ କରି କନ୍ୟା ହରଣ କରିନେବା ପାଇଁ ଚେଷ୍ଟା କରିବେ।ସେ ସମୟରେ ଆପଣ ଆମ ପକ୍ଷରେ ରହିବେ ତ ?

ଶ୍ରୀକୃଷ୍ଣ କହିଲେ... ମହାଭାଗ ! ଆପଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛି, କେବଳ ମୁଁ ନୁହେଁ, ମୋର ବିଶାଳ ନାରାୟଣୀ ସେନା ମଧ୍ୟ ଆପଣଙ୍କ ପକ୍ଷରେ ରହିବ।

କୁଳଗୁରୁଙ୍କ ସହିତ ଆଲୋଚନା କରି ପୌଷମାସ ଶୁକ୍ଳପକ୍ଷ ଏକାଦଶୀ ଦିନଟି ଦ୍ରୌପଦୀଙ୍କ ସ୍ୱୟଂବର ପାଇଁ ସ୍ଥିର କଲେ ଦ୍ରୁପଦ।

Source: Author, Digitized by PPRACHIN, SOA

ପାଞ୍ଚାଳ ଛାଡ଼ିବା ପୂର୍ବରୁ ଶ୍ରୀକୃଷ୍ଣ ପ୍ରତିଶ୍ରୁତି ଦେଇ ଦ୍ରୁପଦଙ୍କୁ କହିଲେ... ମୁଁ ଆଚାର୍ଯ୍ୟ ସନ୍ଦିପନିଙ୍କ ସହିତ ପରାମର୍ଶ କରି, 'ଲକ୍ଷ୍ୟଭେଦ'ର ନିୟମ ଶୀଘ୍ର ନିର୍ଣ୍ଣୟ କରି ଆପଣଙ୍କୁ ଜଣାଇବି । ଆଚାର୍ଯ୍ୟ ଆସି ନିଜ ତତ୍ୱାବଧାନରେ ଲକ୍ଷ୍ୟଭେଦ ପାଇଁ ମଣ୍ଡପନିର୍ମାଣ କରିବେ । ଇତି ମଧ୍ୟରେ ଆପଣ ସ୍ୱୟଂମ୍ବର ପାଇଁ ବିଭିନ୍ନ ଦେଶର ରାଜାଙ୍କୁ ନିମନ୍ତ୍ରଣ କରନ୍ତୁ । ମୋର ଅନୁରୋଧ ଆପଣ ଶତ୍ରୁ ମିତ୍ର ଭେଦଭାବ ନରଖି ସବୁ ରାଜାଙ୍କୁ ନିମନ୍ତ୍ରଣ କରିବେ, କୌରବମାନଙ୍କୁ ମଧ୍ୟ । ଲକ୍ଷ୍ୟଭେଦ ସମୟରେ ସମସ୍ତେ ଛାଣି ହୋଇ ଯିବେ । ଅସଫଳତା ଆପଣଙ୍କ ଶତ୍ରୁମାନଙ୍କୁ ଆପେ ଅପମାନିତ କରିବ ।

-୦-

(୩୬)

ସମ୍ରାଟ ଜରାସନ୍ଧଙ୍କ କ୍ରୋଧ

କୁଳଗୁରୁ ଗର୍ଗାଚାର୍ଯ୍ୟ ଏବଂ ଆଚାର୍ଯ୍ୟ ସନ୍ଦିପନିଙ୍କ ସହିତ ଆଲୋଚନା କରି ଦ୍ରୁପଦ କୃଷ୍ଣାଙ୍କର ସ୍ୱୟଂବର ପୌଷମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସ୍ଥିର କଲେ; ତଦନୁସାରେ ସାରା ଜମ୍ବୁଦ୍ୱୀପର ଭିନ୍ନ ଭିନ୍ନ ରାଜ ପରିବାରକୁ ନିମନ୍ତ୍ରଣ ପଠାଇଲେ ।

ଅଙ୍ଗ, ବଙ୍ଗ, କାଶୀ, ମଗଧ, ମିଥିଳା, ହସ୍ତିନା, ଚେଦୀ, କଳିଙ୍ଗ, କୋଶଳ, ଦ୍ୱାରକା, ମତ୍ସ୍ୟ, ପ୍ରାଗଜ୍ୟୋତିଷ, ସିନ୍ଧୁ, ଗାନ୍ଧାର, ମଦ୍ର ଆଦି ଯେତେ ସବୁ ରାଜ୍ୟର ରାଜା ଆର୍ଯ୍ୟାବର୍ତ୍ତରେ ଥିଲେ, ସମସ୍ତଙ୍କୁ ନିମନ୍ତ୍ରଣ କଲେ ପାଞ୍ଚାଳେଶ । ଚକ୍ରୀଙ୍କ ନିର୍ଦ୍ଦେଶରେ ଲକ୍ଷ୍ୟଭେଦ ସ୍ପର୍ଦ୍ଧା ପାଇଁ ଧନୁ ଚକ୍ର, ଜଳକୁଣ୍ଡ, ମତ୍ସ୍ୟ ଇତ୍ୟାଦି ନିର୍ମାଣର ଆୟୋଜନ ମଧ୍ୟ ଦ୍ରୁତଗତିରେ ଚାଲିଥାଏ ।

ସ୍ୱୟମ୍ବର ସମୟରେ କିଛି ବିଭ୍ରାଟ ହେଲେ ଅଥବା କେହି ବଳାତ୍କାରରେ କନ୍ୟାହରଣ ପାଇଁ ପ୍ରୟାସ କଲେ ତାର ପ୍ରତିରୋଧପାଇଁ ଦ୍ୱାରକା ପ୍ରସ୍ତୁତ ବୋଲି, ଶ୍ରୀକୃଷ୍ଣ, ରାଜା ଦ୍ରୁପଦ ଏବଂ ରାଜକନ୍ୟା ଯାଜ୍ଞାସେନୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥାନ୍ତି । ଦ୍ରୌପଦୀ ଶ୍ରୀକୃଷ୍ଣଙ୍କ ପାଖରେ ସମପର୍ଣ ମୁଦ୍ରାରେ ଯୋଡହସ୍ତରେ କହିଲେ... ହେ କେଶବ ! ସ୍ୱୟମ୍ବର ସମୟରେ ପିତା ଦ୍ରୁପଦଙ୍କର ଅଥବା ଜନ୍ମଭୂମି ପାଞ୍ଚାଳର ଯେଭଳି କୌଣସି ଅପମାନ ନହୁଏ ।

ଶ୍ରୀକୃଷ୍ଣ କହିଲେ... ନିଶ୍ଚିନ୍ତ ଥାଅ ଯାଜ୍ଞସେନୀ, ପାଞ୍ଚାଳର ଅପମାନ ମୋର ଅପମାନ ସହିତ ସମାନ ।

Source: Author, Digitized by PPRACHIN, SOA

ଆଚାର୍ଯ୍ୟ ସନ୍ଦିପନିଙ୍କ ଶିଷ୍ୟ ଶ୍ୱେତକେତୁ, ଗୁରୁଙ୍କ ନିର୍ଦ୍ଦେଶ ଅନୁଯାୟୀ ଲକ୍ଷ୍ୟଭେଦ ଆୟୋଜନରେ ବ୍ୟସ୍ତ ରହିଥିଲେ। ଶ୍ରୀକୃଷ୍ଣ ଶ୍ୱେତକେତୁଙ୍କୁ ପଚାରିଲେ... ଲକ୍ଷ୍ୟଭେଦ ସ୍ପର୍ଦ୍ଧାର ନିୟମ ଆଚାର୍ଯ୍ୟ ସନ୍ଦିପନି କେଉଁ ପ୍ରକାର ସ୍ଥିର କରିଛନ୍ତି ମୁଁ ଜାଣିବାକୁ ଚାହେଁ। ଶ୍ୱେତକେତୁ କହିଲେ... ଆଚାର୍ଯ୍ୟ ସନ୍ଦିପନିଙ୍କ ନିର୍ଦ୍ଦେଶ ଅନୁଯାୟୀ, ସ୍ୱୟଂବର ସଭା ନିକଟରେ ଗୋଟିଏ ବେଦିକା ନିର୍ମିତ ହେବ। ବେଦିକା ମଧ୍ୟରେ ଏକ ଜଳକୁଣ୍ଡ ରହିବ। ଜଳକୁଣ୍ଡ ଉପରେ ସାତ ତାଳ ଉଚ୍ଚରେ ରଖାଯିବ ଏକ ସୁବର୍ଣ୍ଣ ମତ୍ସ୍ୟ। ମତ୍ସ୍ୟ ତଳେ ଘୂରୁଥିବ ରାଧାଚକ୍ର। ସେହି ରାଧା ଚକ୍ରରେ ଗୋଟିଏମାତ୍ର ରନ୍ଧ୍ର ରହିବ। ତଳେ ଥିବା ଜଳ କୁଣ୍ଡରେ ପଡ଼ିଥିବା ମାଛର ଛାଇକୁ ଚାହିଁ ଯେଉଁ ବୀର ତୀର ମାରି ରାଧା ଚକ୍ରରେ ଥିବା ରନ୍ଧ୍ର ଦେଇ ସୁବର୍ଣ୍ଣ ମତ୍ସ୍ୟର ବାମ ଚକ୍ଷୁ ବିଦ୍ଧ କରିବ,ସେ ହେବ ସ୍ପର୍ଦ୍ଧାରେ ବିଜୟୀ ଏବଂ ଯାଜ୍ଞସେନୀଙ୍କ ପାଇଁ ଉପଯୁକ୍ତ ପତି।

ଲକ୍ଷଭେଦର ନିୟମ ରାଜା ଓ ରାଜପୁତ୍ରମାନଙ୍କୁ ଜଣାଇବା ସମୟରେ ଏହା ସ୍ପଷ୍ଟ ଭାବରେ କୁହାଯିବ ଯେ ପ୍ରତିଯୋଗିତାରେ ଯେବେ କୌଣସି ରାଜା/ରାଜପୁତ୍ର ସଫଳ ନହୁଅନ୍ତି, କିମ୍ବା ସଫଳ ପ୍ରାର୍ଥୀ ରାଜକନ୍ୟାଙ୍କର ମନୋନୀତ ନହୁଅନ୍ତି, ତା'ହେଲେ ପ୍ରତ୍ୟାଖ୍ୟାନ କରିବା ଅଧିକାର ଜେମାଙ୍କର ରହିବ, କାରଣ ସ୍ୱୟଂବର ଅର୍ଥାତ୍ ବରଣ କରିବା ଅଧିକାର ସ୍ୱୟଂ କନ୍ୟା ଉପରେ ହିଁ ନ୍ୟସ୍ତ।

ପାଣ୍ଡବମାନେ ଜୀବିତ ଥିବା କଥା ଶ୍ରୀକୃଷ୍ଣ ଏକା ହିଁ ଜାଣିଥିଲେ। ତେଣୁ ଅତୀତରେ ଗୁରୁ ସନ୍ଦିପନିଙ୍କୁ ପ୍ରତିଯୋଗିତାର ଆୟୋଜନ ଉଚ୍ଚସ୍ତରର କରିବାକୁ ନିର୍ଦ୍ଦେଶ ଦେଇଥିଲେ ଯାହା ଅର୍ଜୁନଙ୍କ ବ୍ୟତୀତ ଅନ୍ୟ କାହାର ମଧ୍ୟ ସାମର୍ଥ୍ୟ ବାହାରେ ରହିବ। ଏବେ ଶ୍ୱେତକେତୁଙ୍କ ଠାରୁ ଲକ୍ଷଭେଦ ସ୍ପର୍ଦ୍ଧାର ନିୟମ ଶୁଣି କୃଷ୍ଣ ସନ୍ତୁଷ୍ଟ ହେଲେ।

ଆଗନ୍ତୁକ ଅତିଥି ଏବଂ ସେମାନଙ୍କ ସେନାବାହିନୀମାନଙ୍କ ରହଣି ପାଇଁ ଗଙ୍ଗାନଦୀ ସିକତାରେ ଅସ୍ଥାୟୀ ଛାଉଣୀ ନିର୍ମାଣ କରିଥିଲେ ଦ୍ରୁପଦ। ସ୍ୱୟଂବର ନିମନ୍ତ୍ରଣ ପାଇ ଦୂରଦୂରାନ୍ତରରୁ ଅତିଥିମାନଙ୍କର ଆଗମନ ଆରମ୍ଭ ହୋଇଯାଇଥିଲା ଏବଂ ସେମାନେ ସେହି ଅସ୍ଥାୟୀ ଛାଉଣୀମାନଙ୍କରେ ବସବାସ ଆରମ୍ଭ କରିଦେଇଥିଲେ।

ଏଣେ ପାଞ୍ଚାଳର ଦୂତ ହାତରୁ ସ୍ୱୟଂବର ପାଇଁ ନିମନ୍ତ୍ରଣ ପାଇ, ମହାକ୍ରୋଧରେ ଜର୍ଜରିତ ହେଲେ ମଗଧସମ୍ରାଟ ଜରାସନ୍ଧ। ପୌତ୍ର ମେଘସନ୍ଧି ପାଇଁ ଆଗରୁ ସେ ଯେଉଁ ବିବାହ ପ୍ରସ୍ତାବ ପାଞ୍ଚାଳ ରାଜାଙ୍କ ପାଖକୁ ପଠାଇଥିଲେ, ତାକୁ ହେୟଜ୍ଞାନ କରି ସ୍ୱୟଂବରର ଆୟୋଜନ କରୁଥିବାରୁ,ଏହା ମଗଧପ୍ରତି ଅପମାନ ମନେକରି ଦ୍ରୁପଦଙ୍କ ଉପରେ ଭୟଙ୍କର କ୍ରୋଧ ପ୍ରକାଶ କଲେ ଜରାସନ୍ଧ। ଆହତ ସିଂହ ଗୁମ୍ଫା ଭିତରେ ଥାଇ ଗର୍ଜନ

Source: Author, Digitized by PPRACHIN, SOA

କଳାପରି,ଭୀଷଣ ଗର୍ଜନ ତର୍ଜନ କରି ସେ ଚତୁର୍ଦ୍ଦିଗ କଂପମାନ କରୁଥାନ୍ତି ।

ଆସ୍ଫାଳନ କରି ବର୍ଷୀୟାନ ସମ୍ରାଟ କହୁଥାନ୍ତି... ମୋ ଗଦାଘାତରେ ବିଶ୍ୱ ଥରହର ହୁଏ ବୋଲି କଣ ଜାଣନ୍ତିନାହିଁ ପାଞ୍ଚାଳ ନରେଶ ? ଲକ୍ଷେ ରାଜା ମୋ ପାଦ ତଳେ ସେବାରତ। ଅନେଶ୍ୱତ ରାଜାଙ୍କୁ ମୁଁ କାରାଗାରରେ ବନ୍ଦୀ କରି ରଖିଛି, ସେମାନଙ୍କୁ ଯଜ୍ଞପୀଠରେ ବଳି ଦେଇ, ସମଗ୍ର ଆର୍ଯ୍ୟାବର୍ତ୍ତରେ ଏକାଙ୍ଗ ଚକ୍ରବର୍ତ୍ତୀ ହେବାପାଇଁ; ଏକଥା କଣ ପାଞ୍ଚାଳର ରାଜା ଅବଗତ ନାହାଁନ୍ତି। କ୍ଷଣକ ମଧ୍ୟରେ ମଗଧ ବାହିନୀ ପାଞ୍ଚାଳକୁ ତୁଚ୍ଛ ତୂଳା ପରି ଆକାଶରେ ଉଡ଼ାଇ ଦେଇପାରେ, ଦ୍ରୁପଦକୁ ବନ୍ଦୀକରି କାରାଗାରରେ ନିକ୍ଷେପ କରିପାରେ ଏବଂ ରାଜକନ୍ୟା ଦ୍ରୌପଦୀଙ୍କୁ ବଳାତ୍କାରେ ହରଣ କରି ପୌତ୍ର ମେଘସନ୍ଧି ସହିତ ବିବାହ ଦେଇପାରେ।

ଆହତ ଫଣୀ ଭଳି ପୁତ୍କାର କରି କହୁଥାନ୍ତି ସମ୍ରାଟ ଜରାସନ୍ଧ... ସ୍ୱୟଂବର ଆୟୋଜନ କରିବା ଦୁର୍ବୁଦ୍ଧି କିଏ ଦେଲା ଦ୍ରୁପଦକୁ? ନିଶ୍ଚିତ ଭାବରେ ଏହା ଗୋପାଳ କୃଷ୍ଣର କୂଟବୁଦ୍ଧି। ଆଜିକାଲି କୃଷ୍ଣର ବାରମ୍ବାର ପାଞ୍ଚାଳକୁ ଆଗମନ ପଛରେ ନିଶ୍ଚିତଭାବରେ କିଛି ଗୂଢ଼ ରହସ୍ୟ ରହିଛି। ସେ ଗୋପାଳ ନିଶ୍ଚୟ ପାଞ୍ଚାଳ ରାଜାଙ୍କୁ ଦୁର୍ବୁଦ୍ଧି ଦେଇଛି, ମୋତେ ଅବଜ୍ଞା କରି ସ୍ୱୟଂବର ଆୟୋଜନ କରିବାପାଇଁ। ତା'ବଳରେ, ପିପୀଲିକା ହୋଇ ଦୀପଶିଖାରେ ଚଢିବାର ଅପଚେଷ୍ଟା କରୁଛି ପାଞ୍ଚାଳ ଅଧିପତି।

ନିଜ କ୍ରୋଧକୁ ସମ୍ବରଣ କରିପାରୁ ନଥାନ୍ତି ଜରାସନ୍ଧ। ପୁତ୍ର ସହଦେବଙ୍କୁ ନିକଟକୁ ଡକାଇ କହିଲେ... ଶୀଘ୍ର ମଗଧ ବାହିନୀକୁ ପ୍ରସ୍ତୁତ କର ପୁତ୍ର। ପାଞ୍ଚାଳର ରାଜଧାନୀ କାଂପିଲ୍ୟକୁ ଧ୍ୱଂସ ସ୍ତୁପରେ ପରିଣତ କରି, ସେଠାରେ ଅବସ୍ଥାନ କରୁଥିବା ଗୋପାଳ କୃଷ୍ଣର ମସ୍ତକ କର୍ତ୍ତନ କରି, ଦ୍ରୌପଦୀକୁ ହରଣ କରି ଗିରିବ୍ରଜକୁ ନେଇ ଆସିବା। ଦ୍ରୁପଦର ହସ୍ତପଦ ବନ୍ଧନ କରି ଫିଙ୍ଗିଦେବା କାରାଗାରରେ।

ପୁତ୍ର ସହଦେବ ସୁସ୍ଥ ମସ୍ତିଷ୍କର ପ୍ରାଣୀ ଥିଲେ। ପିତାଙ୍କର ଏପରି ବିଚାର ଶୁଣି କହିଲେ... ଏଭଳି ଦୁଃସାହସ ଠିକ୍ ନୁହେଁ ପିତାଶ୍ରୀ ! ଏ ସମୟରେ ପାଞ୍ଚାଳରେ ଭାରତ ବର୍ଷର ବିଭିନ୍ନ ଦେଶର ରାଜାମାନେ ସେମାନଙ୍କ ସୈନ୍ୟସାମନ୍ତଙ୍କ ସହିତ ଉପସ୍ଥିତ। ହସ୍ତିନାର ବିଶାଳସେନା ସହିତ ଉପସ୍ଥିତ ରହିଛନ୍ତି ଯୁବରାଜ ଦୁର୍ଯ୍ୟୋଧନ, ନାରାୟଣୀ ସେନା ସହିତ ସେଠାରେ ଉପସ୍ଥିତ ଶ୍ରୀକୃଷ୍ଣ ଏବଂ ବଳରାମ। ସହଜେ ତ ପାଞ୍ଚାଳ ସେନା ଯୁଦ୍ଧରେ ଦୁର୍ନିର୍ବାର; ଏଭଳି ପରିସ୍ଥିତିରେ ଆମେ ପାଞ୍ଚାଳ ଆକ୍ରମଣ କଲେ ସେମାନଙ୍କ ମିଳିତବାହିନୀ ଆମକୁ ଆକ୍ରମଣ କରିବେ। ସେ ଯୁଦ୍ଧରେ ପରାଜୟ ବରଣ କଲେ ? ମଗଧର ମାନସମ୍ମାନ ଧୂଳିରେ ମିଶିଯିବ। ସହଜେ ତ ଆର୍ଯ୍ୟାବର୍ତ୍ତର ସବୁ ରାଜା ମଗଧର

Source: Author, Digitized by PPRACHIN, SOA

ଧ୍ୱଜା ଦେଖି ଈର୍ଷାରେ ଜଳି ଯାଆନ୍ତି; ଏପରି ସୁଯୋଗ ପାଇଲେ ଆପଣଙ୍କ ତଥାକଥିତ 'ଗୋପାଳ କୃଷ୍ଣ' କଣ ଆମକୁ ଛାଡ଼ିବେ; ମଗଧର ସାର୍ବଭୌମତ୍ୱ ସେହିଠାରେ ହିଁ ଧ୍ୱଂସ କରିଦେବେ। ଆମର ପରାଜୟ ହେଲେ ଯେତେସବୁ କରଦ ରାଜା ଆମ ଅଧୀନରେ ଅଛନ୍ତି ସମସ୍ତେ ସ୍ୱାଧୀନତା ଘୋଷଣା କରିବେ। ତେଣୁ ହେ ପିତାଶ୍ରୀ ! ଏହା ଭାବପ୍ରବଣତାର ସମୟ ? ନୁହେଁ। ବୁଝିବିଚାରି କାର୍ଯ୍ୟ କରିବା ସମୟ। ଅତୀତରେ କୃଷ୍ଣଙ୍କୁ ହେୟଜ୍ଞାନ କରି ଯେଉଁ ଦୁର୍ଦ୍ଦଶା ଆପଣ ଭୋଗ କରିଛନ୍ତି ତାହା ଭୁଲିଯାଆନ୍ତୁ ନାହିଁ।

କିଛି ନିରବତା ପରେ ସହଦେବ କହିଲେ... ମୋ କ୍ଷୁଦ୍ର ବୁଦ୍ଧି କହୁଛି, ଆମେ ପାଞ୍ଚାଳର ନିମନ୍ତ୍ରଣ ଗ୍ରହଣ କରିବା, ପାଞ୍ଚାଳରେ ଅନୁଷ୍ଠିତ ହେବାକୁ ଯାଉଥିବା ସ୍ୱୟଂବରରେ ଯୋଗଦାନ କରିବା ଏବଂ ପରିସ୍ଥିତି ଦେଖି ଉଚିତ ନିର୍ଣ୍ଣୟ ନେବା। ହେ ପିତାଶ୍ରୀ। କୃଷ୍ଣ ବାସୁଦେବଙ୍କ ରାଜନୀତି ବଡ଼ କୁଟିଳ; ଆମକୁ ସାବଧାନତା ସହିତ କାର୍ଯ୍ୟ କରିବାକୁ ପଡ଼ିବ।

ପୁତ୍ର ସହଦେବଙ୍କ ଚେତାବନୀ ସମ୍ରାଟଙ୍କ କ୍ରୋଧ ପ୍ରଶମିତ କରି ତାଙ୍କୁ ବାସ୍ତବ ରାଜ୍ୟକୁ ଫେରାଇ ଆଣିଲା। ତାଙ୍କର ମନେପଡିଲା କିପରି ଗୋମନ୍ତକ ପର୍ବତ ତଳେ କୃଷ୍ଣ ବଳରାମଙ୍କ ଦ୍ୱାରା ସେ ପରାସ୍ତ ହୋଇ ଅପମାନିତ ହୋଇଥିଲେ; ବଳରାମଙ୍କ ଉତ୍ଥିତ ହଳ ଯେତେବେଳେ ତାଙ୍କ ମସ୍ତକ ଚୂର୍ଣ୍ଣ କରିବାକୁ ଯାଉଥିଲା, କୃଷ୍ଣ ଅଗ୍ରଜଙ୍କୁ ବାରଣ କରି ତାଙ୍କ ଜୀବନ ରକ୍ଷା କରିଥିଲେ। ମନେପଡିଲା ତାଙ୍କର କିପରି ସେ ସତରଥର ମଥୁରା ଆକ୍ରମଣ କରିଥିଲେ ମଧ୍ୟ କୃଷ୍ଣ ବଳରାମଙ୍କର କେଶାଗ୍ର ମଧ୍ୟ ସ୍ପର୍ଶ କରିପାରି ନଥିଲେ। ଆହୁରି ମଧ୍ୟ ମନେପଡିଲା କିପରି ପ୍ରବଳ ପରାକ୍ରମୀ କାଳଯବନକୁ ମୁଚୁକୁନ୍ଦଙ୍କ କ୍ରୋଧାଗ୍ନିରେ ଭସ୍ମ କରିଦେଇଥିଲେ ଶ୍ରୀକୃଷ୍ଣ। ବୈଦର୍ଭୀ ରୁକ୍ମିଣୀଙ୍କ ସ୍ୱୟଂବର ସମୟରେ ତାଙ୍କର ସବୁ ଯୋଜନାକୁ ବିଫଳ କରି ରୁକ୍ମିଣୀଙ୍କୁ ହରଣ କରି ନେଇଥିଲେ ଏହି କୃଷ୍ଣ।

ପ୍ରତ୍ୟେକ କ୍ଷେତ୍ରରେ ବୁଦ୍ଧିମତା ଏବଂ କୌଶଳ ହିଁ କୃଷ୍ଣଙ୍କୁ ସଫଳ କରିଛି। ବଳ ଅପେକ୍ଷା 'କଳ' ତାଙ୍କୁ ବିଜୟଶ୍ରୀ ମଣ୍ଡିତ କରିଛି; ପ୍ରମାଣିତ କରିଛି ଯେ ମଗଧର ବିଶାଳ ଶକ୍ତି ଆଗରେ ଏକମାତ୍ର କୃଷ୍ଣ ହିଁ ଯଥେଷ୍ଟ। ସେଥିପାଇଁ ସେ ଚକ୍ରୀ ନାମରେ ବିଦିତ।

କୃଷ୍ଣଙ୍କ ଅତୀତ କାର୍ଯ୍ୟାବଳୀ କଥା ଚିନ୍ତାକରି,ପୁତ୍ର ସହଦେବ ସହିତ ସହମତ ହେଲେ ମଗଧ ସମ୍ରାଟ ଜରାସନ୍ଧ ଏବଂ ପାଞ୍ଚାଳ ରାଜକନ୍ୟାଙ୍କ ସ୍ୱୟଂବର ନିମନ୍ତ୍ରଣ ଗ୍ରହଣ କଲେ।

-୦-

(ଗିରିବ୍ରଜ - ମଗଧର ତତ୍କାଳୀନ ରାଜଧାନୀ)

Source: Author, Digitized by PPRACHIN, SOA

(୩୭)

କନ୍ୟା ଅପହରଣ ଯୋଜନା

ଯାଜ୍ଞସେନୀଙ୍କ ସ୍ୱୟଂବର ପୂର୍ବଦିନ ପାଞ୍ଚାଳର ରାଜଧାନୀ କାଂପିଲ୍ୟ ଆନନ୍ଦ ତରଙ୍ଗରେ ଭାସୁଥିଲା । ନଗରୀ ସୁନ୍ଦରୀର ପ୍ରତି ଗୃହର ଦ୍ୱାରଦେଶ ଆମ୍ରପତ୍ରର ତୋରଣ ସହିତ ନାନା ରଙ୍ଗର ଫୁଲମାଳରେ ଶୋଭା ପାଉଥିଲା । ରାଜପଥ ମଧ୍ୟ ଦିବ୍ୟ ତୋରଣରେ ସଜ୍ଜିତ ହୋଇଥିଲା । ପ୍ରତ୍ୟେକ ଘର ବିଭିନ୍ନ ରଙ୍ଗର ଝୋଟି ଓ ଚିତାରେ ରଙ୍ଗିନ ହୋଇ ରହିଥିଲା । ପରଦିନ ରାଜଜେମା ଦ୍ରୌପଦୀଙ୍କର ସ୍ୱୟମ୍ବର ଅନୁଷ୍ଠିତ ହେବ । ପ୍ରତ୍ୟେକ ନଗ୍ରବାସୀ ମନରେ ଅଫୁରନ୍ତ ଆନନ୍ଦ; ଭାବୁଥିଲେ ସତେ ଅବା କାଲି ହେବାକୁ ଯାଉଛି ସେମାନଙ୍କ ନିଜ କନ୍ୟାର ବାହାଘର ।

ଆକାଶରେ ଦଶମୀ ଜହ୍ନ ହସିଉଠିବା ସଙ୍ଗେ ସଙ୍ଗେ ଗଙ୍ଗା ସିକତା ଜ୍ୟୋତ୍ସ୍ନା ବିଧୌତ ହୋଇଗଲା ଏବଂ ସେଠାରେ ଛାଉଣୀରେ ଉପସ୍ଥିତ ପ୍ରତି ରାଜା ଓ ରାଜପୁତ୍ରମାନେ ଆକାଶର ଜହ୍ନକୁ ଚାହିଁ ଭାବୁଥିଲେ... ଆଃ ! କାଲି ସ୍ୱୟବରରେ ହେଲେ ପାଞ୍ଚାଳର ନିଷ୍କଳଙ୍କ ଚନ୍ଦ୍ରମା ହାତରେ ଧରାଦିଅନ୍ତା !

ସିକତାରେ ନିଜ ଶିବିରରେ ବସି ଦୁର୍ଯ୍ୟୋଧନ ଭାବୁଥିଲେ... କାଲି ନିଶ୍ଚିତ ଭାବରେ ଯାଜ୍ଞସେନୀ ମୋର ହୃଦୟ ସିଂହାସନ ଅଧିକାର କରିବେ । ରାଜା ଦ୍ରୁପଦ ଯେଉଁ ଲକ୍ଷ୍ୟଭେଦ ସ୍ପର୍ଦ୍ଧର ଆୟୋଜନ କରିଛନ୍ତି ତାହା କଠିନ ହେଲେ ମଧ୍ୟ ମୁଁ ସେଥିରେ ବିଜୟୀ ହେବି । ମୁଁ ଯେବେ ଲକ୍ଷ୍ୟଭେଦ କରିବାରେ ଅସମର୍ଥ ହେବି, ମୋ ସହାୟତା ପାଇଁ ମୋର ପରମ ମିତ୍ର ଅଙ୍ଗରାଜ କର୍ଣ୍ଣ ରହିଛନ୍ତି; ତାଙ୍କ ସମାନ ବୀର ଅଦ୍ୱିତୀୟ । ତାଙ୍କ ସମକକ୍ଷ କେବଳ ପାଣ୍ଡବ ଅର୍ଜୁନ ଥିଲା, କିନ୍ତୁ ସେ ଜତୁଗୃହରେ ଦଗ୍ଧ ହୋଇ ପ୍ରାଣ ହରାଇଛି । କର୍ଣ୍ଣ ଲକ୍ଷ୍ୟଭେଦ କରି କନ୍ୟା ଲାଭ କଲେ, ନିଶ୍ଚିତ ଭାବରେ ମୋତେ ଦାନ କରିବେ । ତେଣୁ ସ୍ପର୍ଦ୍ଧାରେ ମୋର ନିଜର ଜୟ ହେଉ ବା ପରାଜୟ, ଯାଜ୍ଞସେନୀ ନିଶ୍ଚୟ ମୋର ଅଙ୍କବିଳସିନୀ ହେବେ ।

ଏପରି ଶୃଗାଳ ବିଚାର କରି କର୍ଣ୍ଣଙ୍କ ଶିବିରରେ ପହଞ୍ଚି ନିଜ ଅନ୍ତର କଥା ବ୍ୟକ୍ତକରି ଦୁର୍ଯ୍ୟୋଧନ ପ୍ରଶ୍ନ କଲେ... ହେ ପ୍ରିୟ ସଖା ଅଙ୍ଗରାଜ ! କାଲି ଯେବେ ଲକ୍ଷ୍ୟଭେଦ ତୁମ ହାତରେ ହୁଏ, ରାଜକନ୍ୟାଙ୍କୁ ମୋ କୋଳରେ ସମର୍ପଣ କରିବ ତ ?

ଅଳ୍ପ ହସି କର୍ଣ୍ଣ କହିଲେ... ମିତ୍ର ! ତୁମର ଅଭିଳାଷ ନିଶ୍ଚୟ ପୂର୍ଣ୍ଣ ହେବ ।

Source: Author, Digitized by PPRACHIN, SOA

କୁରୁ ଶିବିରର ଅନତି ଦୂରରେ ନିଜ ଛାଉଣୀରେ ବସି କୃଷ୍ଣ-ବାସୁଦେବ ସାତ୍ୟକି-ଯୁଯୁଧାନଙ୍କ ସହିତ ଗଭୀର ମନ୍ତ୍ରଣାରେ ମଗ୍ନ ଥିଲେ। ସେ ସମ୍ବାଦ ପାଇ ସାରିଥିଲେ ଯେ ଜରାସନ୍ଧ, ପୁତ୍ର ସହଦେବ ଏବଂ ପୌତ୍ର ମେଘସନ୍ଧି ସହିତ ସଦଳବଳେ ଅଳ୍ପ ସମୟ ପୂର୍ବରୁ କାଂପିଲ୍ୟରେ ପହଞ୍ଚି ଗଙ୍ଗାସିକତାରେ ନିଜର ଛାଉଣୀ ପକାଇଛନ୍ତି। ସୂତ୍ର ଅନୁଯାୟୀ ଜରାସନ୍ଧ 'ଲକ୍ଷ୍ୟଭେଦ' ସ୍ପର୍ଦ୍ଧା ଆୟୋଜନ କଥା ଶୁଣିବା ପରଠାରୁ ଖୁବ୍ ଅସନ୍ତୁଷ୍ଟ । ଅସନ୍ତୋଷର କାରଣ, ସେ ନିଜେ ଗଦାଯୁଦ୍ଧରେ ଧୂରନ୍ଧର, କିନ୍ତୁ ତୀରନ୍ଦାଜୀରେ ସେପରି ବ୍ୟୁତ୍ପତ୍ତି ତାଙ୍କର ନାହିଁ। ପୁତ୍ର ସହଦେବ ଏବଂ ପୌତ୍ର ମେଘସନ୍ଧିଙ୍କର ମଧ୍ୟ ସମଦଶା। ସମ୍ରାଟ ଜରାସନ୍ଧ ଭାବୁଛନ୍ତି ଏହା ତାଙ୍କ ବିରୁଦ୍ଧରେ କୃଷ୍ଣଙ୍କ ଷଡ଼ଯନ୍ତ୍ର ବ୍ୟତୀତ ଅନ୍ୟ କିଛି ନୁହେଁ। ତାଙ୍କ ହାତରେ ଅସଫଳତା ଧରାଇ ଦେଇ, ତାଙ୍କୁ ଅପମାନିତ କରିବା ପାଇଁ ଦ୍ରୁପଦଙ୍କ ଦ୍ୱାରା କୃଷ୍ଣ ଏଭଳି କଷ୍ଟସାଧ୍ୟ ଲକ୍ଷଭେଦର ମାନ ନିର୍ଣ୍ଣୟ କରିଛନ୍ତି ବୋଲି ତାଙ୍କର ବିଶ୍ୱାସ। ସେଥିପାଇଁ ସେ କ୍ରୋଧରେ, ଉତ୍ଫଣ ତମ୍ପସାପ ପରି ନିଜ ଶିବିର ଭିତରେ ଗର୍ଜନତର୍ଜନ କରୁଛନ୍ତି।

ଜରାସନ୍ଧଙ୍କର ପରବର୍ତ୍ତୀ ପଦକ୍ଷେପ ଜାଣିବା ପାଇଁ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଗୁପ୍ତଚର କାମରେ ଲଗାଇ ଦେଲେ। ଉଦ୍ଧବ, ଶ୍ରୀକୃଷ୍ଣଙ୍କ ପିତା ବସୁଦେବଙ୍କ ଭାଇ 'ଦେବଭାଗ'ଙ୍କର ପୁତ୍ର। ସଂପର୍କରେ ଭାଇ ଏବଂ ଶ୍ରୀକୃଷ୍ଣଙ୍କର ସବୁଠାରୁ ସେ ବିଶ୍ୱସ୍ତ ଥିଲେ।ତାଙ୍କ ଆଗମନକୁ ଅପେକ୍ଷା କରିଥିଲେ ଶ୍ରୀକୃଷ୍ଣ ଏବଂ ସାତ୍ୟକି।

କିଛି ସମୟ ପରେ ଉଦ୍ଧବ ପହଞ୍ଚି ଯେଉଁ ସମ୍ବାଦ ଦେଲେ ତାହା କୃଷ୍ଣଙ୍କୁ ଅତ୍ୟନ୍ତ ଚିନ୍ତିତ କରି ପକାଇଲା। ଉଦ୍ଧବ କହିଲେ... କେଶବ ! ସମ୍ରାଟ ଜରାସନ୍ଧ କନ୍ୟା ହରଣ ଯୋଜନାରେ ରହିଲେଣି। ଆମ ଗୁପ୍ତଚର ଜରାସନ୍ଧ ଏବଂ ତାଙ୍କ ପୁତ୍ର ସହଦେବଙ୍କ କଥୋପକଥନ ଶୁଣିଛି। ଜରାସନ୍ଧ, ପୁତ୍ର ସହଦେବଙ୍କୁ କହୁଥିଲେ... ପୁତ୍ର ! ଏ କଠିନ ଲକ୍ଷ୍ୟଭେଦ ସର୍ତ୍ତ ଦେଖି ମନେହୁଏ, ସଫଳ ହୋଇ କନ୍ୟା ଲାଭ କରିବା ଆମପାଇଁ ଅସମ୍ଭବ କାର୍ଯ୍ୟ । ତେଣୁ କାଲି ପ୍ରଭାତ ପୂର୍ବରୁ, ଯେଉଁ ସମୟରେ ଯାଜ୍ଞସେନୀ ସଖୀଙ୍କ ସହିତ ଗଙ୍ଗାରେ ସ୍ନାନ କରି ଶିବ ପୂଜା କରିବାକୁ ଯିବେ, ଆମେ ତାଙ୍କୁ ହରଣ କରି ମଗଧ ନେଇଯିବା।ସେ ସମୟରେ ଏଠାରେ ଥିବା ଛାଉଣୀରେ ସମସ୍ତ ରାଜା ଓ ରାଜପୁତ୍ର ନିଦ୍ରିତ ଅବସ୍ଥାରେ ଥିବେ। ଘଟଣା ପ୍ରଘଟ ହେବା ସମୟକୁ ଆମେ ଅର୍ଦ୍ଧାଧିକ ପଥ ଅତିକ୍ରମ କରି ଯାଇଥିବା।

ସମ୍ରାଟଙ୍କର ଏହି ଯୋଜନାରେ ସହମତ ଅଛନ୍ତି ପୁତ୍ର ସହଦେବ ଏବଂ ପୌତ୍ର ମେଘସନ୍ଧି।

Source: Author, Digitized by PPRACHIN, SOA

ଉଦ୍ଧବଙ୍କ ଠାରୁ ଏହା ଶୁଣି ଚିନ୍ତିତ ହୋଇ କେଶବ ଭାବିଲେ... ଜରାସନ୍ଧ କନ୍ୟା ହରଣ ଯୋଜନାରେ ସଫଳ ହେଲେ, ତାଙ୍କ ପରିକଳ୍ପନା ସ୍ୱପ୍ନରେ ରହିଯିବ, ଯାଜ୍ଞସେନୀଙ୍କୁ ବିବାହ କଲେ ପାଣ୍ଡୁ ପୁତ୍ରମାନଙ୍କର ଦୁର୍ଭାଗ୍ୟର ଦିନ ଶେଷ ହେବ ବୋଲି ସେ ଯାହା କଳ୍ପନା କରିଛନ୍ତି, ତାହା କଳ୍ପନାରେ ହିଁ ରହିଯିବ।

କିଛି ସମୟ ଚିନ୍ତା କରିବା ପରେ ଶ୍ରୀକୃଷ୍ଣ କହିଲେ... ଆର୍ଯ୍ୟ ସାତ୍ୟକି, ଆର୍ଯ୍ୟ ଉଦ୍ଧବ ! ମୁଁ ବର୍ତ୍ତମାନ ଜରାସନ୍ଧ ନିକଟକୁ ଯିବାକୁ ଚାହେଁ। ତୁମେମାନେ ମୋ ଫେରିବା ପାଇଁ ଏଠାରେ ଅପେକ୍ଷା କରି ଥାଅ।

ଆଶ୍ଚର୍ଯ୍ୟ ହୋଇ ସାତ୍ୟକି କହିଲେ... ଏ କଣ କହୁଛନ୍ତି କେଶବ! ଜରାସନ୍ଧ ନିକଟକୁ ଏତେ ରାତ୍ରରେ ଯିବା ବିଷଧର ସର୍ପ ବିଳରେ ହାତ ପୂରାଇବା ସହିତ ସମାନ। ଏକା ପାଇ ସେ ଆପଣଙ୍କ ଜୀବନ ନେବା ପାଇଁ ପ୍ରୟାସ କରିପାରନ୍ତି। ଆମେ ଆପଣଙ୍କୁ ଏକା ଛାଡ଼ି ଏଠାରେ କିପରି ନିଶ୍ଚିନ୍ତ ହୋଇ ରହିପାରିବୁ ? କିଛି ବିଭ୍ରାଟ ଯେବେ ହୁଏ ?

ଶ୍ରୀକୃଷ୍ଣ କହିଲେ... କିଛି ବିଭ୍ରାଟ ହେବନାହିଁ କାରଣ ଜରାସନ୍ଧ ଜାଣେ ମୋ ସହିତ ଏଠାରେ ବିଶାଳ ଯାଦବ ସେନା ରହିଛନ୍ତି। ତଥାପି ତୁମେ ଯେବେ ମୋ ସହିତ ଯିବାକୁ ଇଚ୍ଛା କରୁଛ,ତାହେଲେ ଚାଲ; କିନ୍ତୁ ମଗଧ ଶିବିର ବାହାରେ ତୁମେ ଦୁହେଁ ଅପେକ୍ଷା କରିବ, ଏକା ମୁଁ ଭିତରକୁ ବୃଦ୍ଧ ସମ୍ରାଟଙ୍କ ପାଖକୁ ଯିବି।

ସାତ୍ୟକି କହିଲେ... ତୁମ ମାୟା ଭିତରେ ପ୍ରବେଶ କରିବା ଆମ ସାମର୍ଥ୍ୟର ବାହାରେ, କାହିଁକି ତୁମେ ଏକା ଜରାସନ୍ଧ ପାଖକୁ ଯିବାକୁ ଚାହୁଁଛ, ତୁମକୁ କେବଳ ଜଣା; ଆମେ ଏତିକି ମାତ୍ର ଜାଣୁ ଯେ ତୁମେ ସର୍ବଦା ଉଦ୍ଦେଶ୍ୟ ସାଧନରେ ସଫଳ ହୋଇଥାଅ।

ସାତ୍ୟକି ଏବଂ ଉଦ୍ଧବଙ୍କ ସହିତ ନିଶାର୍ଦ୍ଧରେ ମଗଧ ସମ୍ରାଟଙ୍କ ଶିବିରରେ ପହଞ୍ଚିଲେ କୃଷ୍ଣ। ସାତ୍ୟକି ଏବଂ ଉଦ୍ଧବଙ୍କୁ ଶିବିର ଦ୍ୱାର ଦେଶରେ ଅପେକ୍ଷା କରିବାକୁ ନିର୍ଦ୍ଦେଶ ଦେଇ, ସଂପୂର୍ଣ୍ଣ ନିରସ୍ତ୍ର ହୋଇ ଶିବିର ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କଲେ ଶ୍ରୀକୃଷ୍ଣ। ଦ୍ୱାରଦେଶରେ ଥିବା ରକ୍ଷୀ ବାଧାଦେଇ କହିଲା... ଏତେ ରାତିରେ କିଏ ତୁମେ ସମ୍ରାଟଙ୍କ ସହିତ ସାକ୍ଷାତ ପାଇଁ ଇଚ୍ଛା ପ୍ରକାଶ କରୁଛ, ଜୀବନକୁ ଭୟ ନାହିଁ ତୁମର ?

ଶ୍ରୀକୃଷ୍ଣ କହିଲେ... ରକ୍ଷୀ! ମୋ ନାମ କୃଷ୍ଣ ବାସୁଦେବ। ସମ୍ରାଟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ନେଇ ମୁଁ ଆସିଛି।ଏହା ତାଙ୍କ ପାଇଁ ଜୀବନ-ମରଣ ସମସ୍ୟା। ଅତି ଶୀଘ୍ର ସମ୍ରାଟଙ୍କୁ ଜଣାଅ।

'କୃଷ୍ଣ ବାସୁଦେବ' ନାମ ଶୁଣି ରକ୍ଷୀ ଅଭିବାଦନ ଜଣାଇ କହିଲା... ଅପେକ୍ଷା

Source: Author, Digitized by PPRACHIN, SOA

କରନ୍ତୁ ପ୍ରଭୁ, ମୁଁ ଆପଣଙ୍କ ଆଗମନ ସମ୍ବାଦ ସମ୍ରାଟଙ୍କୁ ଜଣାଉଛି।

ରକ୍ଷୀ ଭିତରକୁ ଯାଇ ଅର୍ଦ୍ଧଶୁପ୍ତ ସମ୍ରାଟଙ୍କୁ କୃଷ୍ଣଙ୍କ ଆଗମନ କଥା ଜଣାଇଲା। ଜରାସନ୍ଧ ଆଶ୍ଚର୍ଯ୍ୟ। ଭିତରକୁ କୃଷ୍ଣଙ୍କୁ ଡକାଇ ଜରାସନ୍ଧ ପଚାରିଲେ... ନିରସ୍ତ୍ର ହୋଇ ମୋ ସମକ୍ଷକୁ ଆସିବା ସମୟରେ ମନରେ ତିଳେହେଁ ଭୟ ଆସିଲା ନାହିଁ ଗୋପାଳ କୃଷ୍ଣ ? ଯେବେ ମୋ ହସ୍ତରେ ମୃତ୍ୟୁ ଲାଭ କରିବାପାଇଁ ଇଚ୍ଛା, ତାହେଲେ କେଉଁ ପ୍ରକାର ମୃତ୍ୟୁ ପାଇଁ ମନରେ ଅଭିଳାଷା ରହିଛି ବ୍ୟକ୍ତ କର; ଖଡ୍ଗ, ଭାଲ, ଭୁଷା, ଗଦା ଅଥବା ମଲ୍ଲଯୁଦ୍ଧ... କେଉଁ ଅସ୍ତ୍ରରେ ତୋର ମୃତ୍ୟୁ କାମନା ରହିଛି ବ୍ୟକ୍ତକର ଦୁଷ୍ଟ।

ଶ୍ରୀକୃଷ୍ଣଙ୍କ ମୁଖରେ ଅମାୟ ହସ। କହିଲେ... ହେ ବୃଦ୍ଧ ସମ୍ରାଟ ! ମୋତେ ହତ୍ୟା କରିବାର ସତସାହସ ତୁମ୍ଭର ନାହିଁ। ମୋର କେଶାଗ୍ର ମଧ୍ୟ ସ୍ପର୍ଶ କଲେ ଏଠାରେ ଉପସ୍ଥିତ ମୋ ଯାଦବ ସେନା ତୁମ ଶିବିରକୁ ଧ୍ୱଂସ ସ୍ତୁପରେ ପରିଣତ କରିଦେବେ।ତୁମକୁ ହତ୍ୟା କରି ତୁମର ଶବକୁ ଶ୍ୱାନ, ଶୃଗାଳମାନଙ୍କ ଭକ୍ଷଣ ପାଇଁ ଫିଙ୍ଗିଦେବେ। ତୁମକୁ ଏକ ଉପଦେଶ ଦେବାପାଇଁ ଆସିଛି,ଗ୍ରହଣ କଲେ ତୁମର ମଙ୍ଗଳ, ନହେଲେ ତୁମ ସହିତ ଭେଟହେବେ ମହାକାଳ।

ପ୍ରଚଣ୍ଡ କ୍ରୋଧରେ ଜରାସନ୍ଧ ଥରି ଉଠିଲେ; ସମ୍ମୁଖରେ ଚିରଶତ୍ରୁ ଦଣ୍ଡାୟମାନ, ଅଥଚ କିଛି କରିବାପାଇଁ ସେ ଅସମର୍ଥ। କହିଲେ... ତୋର ଉପଦେଶ ପୁଣି ଜରାସନ୍ଧ ଗ୍ରହଣ କରିବ!! କାନ୍ଧ ଉପରେ ଯେବେ ମସ୍ତକ ଓଜନିଆ ନଲାଗୁଛି ତାହେଲେ ପ୍ରାଣ ନେଇ ଏଠାରୁ ପଳାଇ ଯା', ନିଶାର୍ଦ୍ଧରେ ବିରକ୍ତ କରନାହିଁ।

ଅବିଚଳିତ କୃଷ୍ଣ, ମୁହଁରେ ସେଇ ବିମଳ ହସ। କହିଲେ... ଜରାସନ୍ଧ ! ଲକ୍ଷ୍ୟଭେଦ କରିବା ତୁମ ସାମର୍ଥ୍ୟ ବାହାରେ। ସମ ଦଶା ମଧ୍ୟ ପୁତ୍ର ସହଦେବଙ୍କର। ସହଜେ ତ ମେଘସନ୍ଧି ଅନଭିଜ୍ଞ ବାଳକ। ସ୍ୱୟଂବର ମଣ୍ଡପରେ ତୁମ ତିନି ଜଣଙ୍କ ଅସଫଳତା ମଗଧ ପାଇଁ ଘୋର ଅପମାନଜନକ ହେବ। ଏହା ତୁମେ ହୃଦୟଙ୍ଗମ କରିସାରିଛ ନରେଶ! ମୋର ଛୋଟ ଉପଦେଶଟିଏ ରକ୍ଷାକର, ସ୍ୱୟଂବର ସ୍ପର୍ଦ୍ଧାରେ ଭାଗ ନନେଇ,କନ୍ୟାକୁ ଆଶୀର୍ବାଦ କରି ଗିରିବ୍ରଜ ଫେରିଯାଅ; ତାହେଲେ ମଗଧର ସମ୍ମାନ ତଳେ ପଡ଼ିବା ପରିବର୍ତ୍ତେ ବୃଦ୍ଧି ହେବ।

ଅଳ୍ପ ନିରବତା ପରେ କୃଷ୍ଣ କହିଲେ... ତାହା ନକରି, ତୁମେ ଯେବେ ପରିକଳ୍ପିତ କନ୍ୟାହରଣ ଯୋଜନା କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବ, ତାହେଲେ ଏଠାରେ ଉପସ୍ଥିତ ସମସ୍ତ ରାଜାଙ୍କର ସମ୍ମିଳିତ ସେନାବାହିନୀର ସମ୍ମୁଖୀନ ହେବାକୁ ପଡିବ।ଫଳାଫଳ କଣ ହେବ କହିବା ଆବଶ୍ୟକ ନାହିଁ; ମଗଧର ମାନ ସମ୍ମାନ ମାଟିରେ ମିଶିଯିବ।ମୋ

Source: Author, Digitized by PPRACHIN, SOA

କଥା ମାନି ଯେବେ କନ୍ୟାକୁ ଆଶୀର୍ବାଦ ଦେଇ ଗିରିବ୍ରଜ ଫେରିଯିବ, ତାହେଲେ ତୁମର ଏହି କନ୍ୟାହରଣ ଯୋଜନା ଗୋପନ ରହିବ, ନହେଲେ କାଲି ପ୍ରାତଃକାଳରେ, କନ୍ୟାହରଣ ସମୟରେ ତୁମ ସହିତ ମୋର ସଶସ୍ତ୍ର ଭେଟ ହେବ।

ଏହା କହି ଶ୍ରୀକୃଷ୍ଣ ଜରାସନ୍ଧ ଶିବିର ଭିତରୁ ଧୀର ପଦକ୍ଷେପରେ ବାହାରିଗଲେ। ଭୟଙ୍କର କ୍ରୋଧରେ ରକ୍ତଚାଉଳ ଚୋବାଉଥିଲେ ସମ୍ରାଟ ଜରାସନ୍ଧ।

କୃଷ୍ଣଙ୍କ ସହିତ ପିତା ଜରାସନ୍ଧଙ୍କର କଥୋପକଥନ ଶୁଣୁଥିଲେ ପୁତ୍ର ସହଦେବ। କୃଷ୍ଣଙ୍କ ପ୍ରସ୍ଥାନ ପରେ ପ୍ରକୋଷ୍ଠରେ ସେ ପ୍ରବେଶ କଲେ। ସହଦେବଙ୍କୁ ଦେଖି ଜରାସନ୍ଧ କହିଲେ... ଆମ କନ୍ୟାହରଣ ଯୋଜନା କୃଷ୍ଣ ବାସୁଦେବ ଜାଣି ସାରିଛି ପୁତ୍ର! ସେ ଠିକ୍ କହୁଛି... ମଗଧର ସମ୍ମାନ ରକ୍ଷା ଦୃଷ୍ଟିରୁ ଆମେ କନ୍ୟାକୁ ଆଶୀର୍ବାଦ ଦେଇ ଚାଲିଯିବା ଉଚିତ।

-୦-

(ଗିରିବ୍ରଜ... ମଗଧର ତତ୍କାଳୀନ ରାଜଧାନୀ)

(୩୮)

ଯାଜ୍ଞସେନୀଙ୍କ ସ୍ୱୟଂବର

ଆଜି ପୌଷ ମାସ ଶୁକ୍ଳ ଏକାଦଶୀ; ପାଞ୍ଚାଳ ରାଜକନ୍ୟା ଯାଜ୍ଞସେନୀଙ୍କର ସ୍ୱୟଂମ୍ବର ତିଥି। ସବୁ ଚିନ୍ତା ଚିନ୍ତାମଣିଙ୍କ ଉପରେ ଛାଡ଼ିଦେଇ ସ୍ୱୟମ୍ବର ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ଦ୍ରୌପଦୀ।

ପୁରୋହିତଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଭାତ ହେବା ପୂର୍ବରୁ ସଖୀମାନଙ୍କ ସହିତ ପବିତ୍ର ଗଙ୍ଗା ଘାଟରେ ପହଞ୍ଚି ଶୀତଳ ଗଙ୍ଗାଜଳରେ ତନୁ ପବିତ୍ରକରି ଉଆସକୁ ଫେରିବା ସମୟରେ ସଦ୍ୟ ପ୍ରସ୍ଫୁଟିତ ପୁଷ୍ପପରି ମନୋରମା ଦେଖା ଯାଉଥିଲା ରାଜଜେମାଙ୍କ ତନୁ ବଲ୍ଲରୀ। ପ୍ରାସାଦରେ ପହଞ୍ଚି ପୁନର୍ବାର ହରିଦ୍ରା, ଚନ୍ଦନ ଓ ପୁଷ୍ପ ମିଶ୍ରିତ ଜଳରେ ସ୍ନାନ କରିବାପରେ ସଖୀମାନେ ଜେମାଙ୍କ ଶୃଙ୍ଗାର ଆରମ୍ଭକଲେ। ହରିଦ୍ରା ସହିତ କସ୍ତୁରୀ ଫେଣ୍ଟି ପ୍ରଥମେ ତନୁଲତାରେ ବୋଳିଦେଲେ ଏବଂ ତାପରେ ଲଲାଟରେ ସଜାଇ ଦେଲେ ଚନ୍ଦନର ପରିପାଟୀ।

କଟୀରେ ପିନ୍ଧାଇଦେଲେ ସୁବର୍ଣ୍ଣ ମେଖଳା, ପାଦରେ ସୁବର୍ଣ୍ଣ ପାଉଁଜି, କାନରେ

Source: Author, Digitized by PPRACHIN, SOA

ସୁନାଫୁଲ ଏବଂ ଗଳାରେ ଲମ୍ବାଇ ଦେଲେ ସୁନାର ହାର। ଦୁଇ ହାତରେ ବାନ୍ଧିଦେଲେ ସୁବର୍ଣ୍ଣ ବାଜୁବନ୍ଧ, ମଥାରେ ମଥାମଣି ଏବଂ ଆନିତମ୍ବ କୃଷ୍ଣବେଣୀରେ ମୋତି ମାଳ ସଜାଇ ଦେଲେ ସଖୀ ମାନେ। ମଲ୍ଲୀ ଓ ଚମ୍ପାଫୁଲର ଗଜରା ମାଳ ଦୁଇଟି କବରୀରେ ବାନ୍ଧି ଦେବାପରେ ପଦ୍ମଗନ୍ଧା ଯାଜ୍ଞସେନୀଙ୍କ ଅଙ୍ଗରୁ ନିସୃତ ହେଲା ଭିନ୍ନ ଭିନ୍ନ ପୁଷ୍ପର ସୁବାସିତ ସୁଗନ୍ଧ।

ମଙ୍ଗଳ ସଙ୍ଗୀତ ଗାନରେ ଉଚ୍ଛୁଳି ପଡ଼ିଲା ରାଜ ଅବରୋଧ। ଅପୂର୍ବ ଶିହରଣରେ ଉଲ୍ଲସିତ ହୋଇଉଠିଲା ରାଜକନ୍ୟାଙ୍କ ମନ। ସଖୀମାନଙ୍କ ଚାଟୁ ବଚନରେ, ଆନତବଦନ ହୋଇ ମନ୍ଦ ମନ୍ଦ ହସୁଥିଲେ ଦ୍ରୌପଦୀ। ସୁବର୍ଣ୍ଣ ଜରି ଖଚିତ ରଙ୍ଗ ପାଟଶାଢ଼ୀ ଗୋଟିଏ ଆଣି, ଜେମାଙ୍କୁ ପିନ୍ଧାଇ ଦେଲେ ଜଣେ ସଖୀ। ଦିବ୍ୟ ମଣିମାଣିକ୍ୟ ଖଚିତ କ୍ଷୁଦ୍ର ମୁକୁଟଟିଏ ମଥାରେ ଥାପି ଦେଲେ ଆଉଜଣେ ସଙ୍ଗିନୀ। ଅପୂର୍ବ ଲାବଣ୍ୟଭରା ତନୁରେ ଦ୍ରୌପଦୀ ସ୍ୱର୍ଗ ଅପ୍ସରା ଠାରୁ କିଛି କମ୍ ଦେଖାଗଲେ ନାହିଁ।

ରାଜପୁରୋହିତଙ୍କ ସହିତ ସଖୀ ଗହଣରେ ଦ୍ରୁପଦକନ୍ୟା ଯଜ୍ଞଶାଳାରେ ପହଞ୍ଚିଲେ। ଯଜ୍ଞଶାଳା ମଝିରେ ଜଳୁଥିବା ଅଗ୍ନି କୁଣ୍ଡରେ ବ୍ରାହ୍ମଣମାନେ ବସି ଯଜ୍ଞାଗ୍ନି ଉପରେ ଘୃତ ଢାଳୁଥିଲେ। ଯେଉଁ ଦିନ କୃଷ୍ଣା ଯଜ୍ଞ କୁଣ୍ଡରୁ ଜନ୍ମହେଲେ, ସେହି ଦିନଠାରୁ ଅହର୍ନିଶ ଯଜ୍ଞକୁଣ୍ଡରେ ଅଗ୍ନି ପ୍ରଜ୍ୱଳିତ ହୋଇ ରହିଛି ଏବଂ ସର୍ବଦା ବ୍ରାହ୍ମଣ ମାନେ ସେଥିରେ ଗବ୍ୟଘୃତ ହବନକରି ପ୍ରଜ୍ୱଳିତ କରି ରଖିଛନ୍ତି। ପାଞ୍ଚାଳର କୁଳଦେବତା ଏହି ହୁତାଶନ। ସେଥିପାଇଁ ସଦାସର୍ବଦା ତାଙ୍କୁ ଯାଜ୍ଞସେନ ପୂଜା କରୁଥିଲେ। ଯଜ୍ଞକୁଣ୍ଡରୁ ଉତ୍ପନ୍ନ ବାୟୁ ଧନ ଜନ ଯଶ ଏବଂ ଆୟୁ ବର୍ଦ୍ଧକ; ସେ ହୁତାଶନଙ୍କୁ ଆଭୂମି ପ୍ରଣାମ କଲେ ଯାଜ୍ଞସେନୀ। ତା'ପରେ ଗୁରୁ ସନ୍ଦିପନି, ଶ୍ୱେତକେତୁ ଏବଂ କୁଳଗୁରୁ ଗର୍ଗାଚାର୍ଯ୍ୟଙ୍କ ମେଳରେ ସ୍ୱୟଂବର ବେଦୀରେ ପହଞ୍ଚିଲେ ରାଜକନ୍ୟା। ପାଖେ ପାଖେ ଭାଇ ଧୃଷ୍ଟଦ୍ୟୁମ୍ନ ରହିଥାନ୍ତି। ସଭା ଭିତରେ ଅତିଥି ଚର୍ଚ୍ଚାରେ ବ୍ୟସ୍ତ ରହିଥାନ୍ତି ଦ୍ରୌପଦୀଙ୍କ ଅନ୍ୟ ଦୁଇ ଭାଇ ସତ୍ୟଜିତ ଏବଂ ଶିଖଣ୍ଡି।

ବେଦିକାର ଚର୍ତୁପାଶ୍ୱରେ ଚକ୍ରାକାରରେ ସିଂହାସନମାନ ପଡିଥାଏ ଏବଂ ତା' ଉପରେ ବିରାଜିତ ହୋଇଥାନ୍ତି ନିମନ୍ତ୍ରିତ ରାଜନ୍ୟ ବର୍ଗ। ସ୍ୱତନ୍ତ୍ର ଆସନରେ ବସିଥାନ୍ତି ରାଜା ଦ୍ରୁପଦ। ତାଙ୍କ ଦକ୍ଷିଣରେ ବସିଥାନ୍ତି ପୂଜ୍ୟ ଋଷିବୃନ୍ଦ। ରାଜଅବରୋଧର ଅନ୍ତେବାସୀମାନେ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥାଏ। ବ୍ରାହ୍ମଣ ଗୋସାଇଁମାନେ ବସିବାପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ସ୍ଥିରୀକୃତ ହୋଇ ଥାଏ। ସେମାନଙ୍କ ମେଳରେ ଛଦ୍ମ ଦ୍ୱିଜ ବେଶରେ ବସିଥାନ୍ତି ପାଞ୍ଚ ପାଣ୍ଡବ ଭ୍ରାତାଗଣ। ମୁନିଶ୍ରେଷ୍ଠ ବ୍ୟାସଦେବଙ୍କ ମାଧ୍ୟମରେ

Source: Author, Digitized by PPRACHIN, SOA

ଶ୍ରୀକୃଷ୍ଣ ସେମାନଙ୍କ ପାଖକୁ ନିର୍ଦ୍ଦେଶ ପଠାଇଥିଲେ ସ୍ୱୟମ୍ବର ସଭାରେ ଯୋଗ ଦେବାପାଇଁ। ବ୍ୟାସଦେବ କହିଥିଲେ... ପୁତ୍ର ଗଣ ! ବାସୁଦେବଙ୍କ ନିର୍ଦ୍ଦେଶ ଅନୁଯାୟୀ ତୁମର ଆତ୍ମ ପ୍ରକାଶ କରିବା ସମୟ ଆସିଯାଇଛି। ସ୍ୱୟଂବର ସଭାକୁ ଦ୍ୱିଜ ବେଶରେ ଯାଇ ତାଙ୍କ ନିର୍ଦ୍ଦେଶକୁ ଅପେକ୍ଷା କର।

ବେଦୀକାର ପୂର୍ବ ଭାଗରେ, କୁଶ ଆସନ ଉପରେ ରଖାଯାଇଥିଲା ଏକ ଅପୂର୍ବ ଧନୁ। ତା' ନିକଟରେ ରଖାଯାଇଥିଲା ପାଞ୍ଚଟି ତୀର। ସୂର୍ଯ୍ୟ କିରଣ ପଡି ଝଲସି ଉଠୁଥିଲେ ତୀରଗୁଡିକ। ସେହି ଧନୁରେ ପୁଷ୍ପ ଚନ୍ଦନ ଓ ସିନ୍ଦୂର ଦେଇ ଗର୍ଗାଚାର୍ଯ୍ୟ ପୂଜା କଲେ। ଧନୁକୁ ପୂଜା କରି ସଭକ୍ତି ପ୍ରଣିପାତ କରିବା ପରେ ଗୁରୁଙ୍କ ପାଦ ପୂଜାକଲେ ଏବଂ ତତ୍ପରେ ପିତାଙ୍କ ପାଦ ଛୁଇଁଲେ ଯାଜ୍ଞସେନୀ ଏବଂ ଧୃଷ୍ଟଦ୍ୟୁମ୍ନଙ୍କ ସହିତ ବେଦୀକା ଉପରକୁ ଆସି ଲଜ୍ଜାବନତ ମୁଖରେ ସଭାରେ ବସିଥିବା ରାଜା/ରାଜପୁତ୍ରଙ୍କ ଉପରେ ଦୃଷ୍ଟିପାତ କଲେ। ରାଜପୁରୋହିତ ଯଜ ଆସି ଜେମାଙ୍କ ମଥାରେ କୁଙ୍କୁମ ଲଗାଇ ଗଳାରେ ଫୁଲମାଳ ଲମ୍ୱାଇଦେଲେ। ପରିଣୟ ଯୋଗ୍ୟା ହୋଇ ଯାଜ୍ଞସେନୀ ଉଭା ହେଲେ ବରମାଲ୍ୟ ହାତରେ ଧରି।

ରାଜପୁତ୍ର ଧୃଷ୍ଟଦ୍ୟୁମ୍ନ ସଭାକୁ ସମ୍ବୋଧନ କରି ଲକ୍ଷ୍ୟଭେଦର ନିୟମ ବୁଝାଇଦେବା ପରେ ଉପସ୍ଥିତ ବୀରମାନେ ପ୍ରସ୍ତୁତ ହେଲେ ଲକ୍ଷ୍ୟଭେଦ ପାଇଁ। ସଭାମଧ୍ୟରେ ବସିଥିଲେ ଦୁର୍ଯ୍ୟୋଧନ, ଦୁଃଶାସନ, ଶଲ୍ୟ, ଜୟଦ୍ରଥ, ଶିଶୁପାଳ, ଶକୁନି, ବିନ୍ଦ, ଅନୁବିନ୍ଦ, ଜରାସନ୍ଧ, ତାଙ୍କ ପୁତ୍ର ସହଦେବ, ପୌତ୍ର ମେଘସନ୍ଧି ସମେତ ଅନ୍ୟ ଅନେକ ବୀର।

ବ୍ରାହ୍ମଣମାନଙ୍କ ଆଡ଼କୁ ଅଗ୍ରଜ ବଳରାମଙ୍କର ଦୃଷ୍ଟି ଆକର୍ଷଣ କରି ଶ୍ରୀକୃଷ୍ଣ କହିଲେ... ଭ୍ରାତାଶ୍ରୀ ! ପାଣ୍ଡବ ପାଞ୍ଚଭାଇ ବଞ୍ଚିଛନ୍ତି, ଏଇ ଦେଖନ୍ତୁ ବ୍ରାହ୍ମଣମାନଙ୍କ ମଧ୍ୟରେ ବସିଛନ୍ତି। ବକ୍ଷରେ ଉପବିତ, କାନ୍ଧରେ ଗାମୁଛା, କପାଳରେ ଚିତା ଚନ୍ଦନ; ଆପଣଙ୍କ ପ୍ରିୟ ଶିଷ୍ୟ ଭୀମସେନଙ୍କୁ ଦେଖିପାରୁଛନ୍ତି ଭାଇ ? ପର୍ବତକାୟ ବ୍ରାହ୍ମଣଟିଏ ଭଳି ଦେଖାଯାଉଛନ୍ତି ବୃକୋଦର।

ବଳରାମଙ୍କ ଆଖି ବିସ୍ଫାରିତ ହୋଇ ରହିଗଲା। ଆଶ୍ଚର୍ଯ୍ୟ ହୋଇ କହିଲେ... ଠିକ୍ ତ କାହ୍ନା, ସମସ୍ତେ ଜାଣନ୍ତି ପାଣ୍ଡବମାନେ ମୃତ, ତେବେ ଏ ଆଶ୍ଚର୍ଯ୍ୟ ଘଟଣା ଘଟିଲା କିପରି ? ଏହା ଶୁଣି ଶ୍ରୀକୃଷ୍ଣ ମୁରୁକି ହସା ଦେଇ ରହିଗଲେ। ବଳରାମ କହିଲେ... ଏହା ପଛରେ ତୋର ହାତ ନିଶ୍ଚୟ ଅଛି କାହ୍ନା। କିନ୍ତୁ ତୁ ମତେ ସବୁକଥା କାହିଁକି ଲୁଚାଇଛୁ ? ତୋ ସହିତ ମୋର ଆଜିଠାରୁ କଥାବାର୍ତ୍ତା ବନ୍ଦ।

ବଳରାମଙ୍କ ହାତପାଦ ଧରି କାକୁତିମିନତି ହେଲେ ଶ୍ରୀକୃଷ୍ଣ। କୋପ ଶାନ୍ତ ହେଲା।

Source: Author, Digitized by PPRACHIN, SOA

ହଳଧରଙ୍କର। ମୃଦୁ କର୍ଣ୍ଣମୋଚନ ଓ ଚପେଟାଘାତ କରି ପ୍ରିୟ କାହ୍ନୁଙ୍କୁ ଆଲିଙ୍ଗନ କଲେ ହଳଧର।

ଲକ୍ଷ୍ୟଭେଦ ପାଇଁ ଆହ୍ୱାନ ଶୁଣିବା ପରେ ନିଶମୋଡି ଶିଶୁପାଳ ମଣ୍ଡପରେ ଉପସ୍ଥିତ ହେଲେ। କିନ୍ତୁ କୃଷ୍ଣଙ୍କ ଉପରେ ଦୃଷ୍ଟି ପଡ଼ିବାରୁ ତାଙ୍କର ମଥା ଘୁରିଗଲା। ମନେ ପଡ଼ିଲା ରୁକ୍ମିଣୀଙ୍କ ସ୍ୱୟଂବର ସମୟର କଥା। ବରବେଶରେ ସେ ବିବାହବେଦୀରୁ ଫେରି ଯାଇଥିଲେ ଏହି କୃଷ୍ଣଙ୍କ ପାଇଁ। ବୈଦର୍ଭୀ ରୁକ୍ମିଣୀଙ୍କୁ ହରଣକରି ନେଇଥିଲେ କୃଷ୍ଣ। ପିଉସୀ-ପୁଅ ଭାଇ ହେଲେ ମଧ୍ୟ, ସେହି ଦିନଠାରୁ ସେ ତାଙ୍କର ଚିରଶତ୍ରୁ ପାଲଟି ଯାଇଛନ୍ତି।

କ୍ରୋଧ ସମ୍ବରଣ କରି,ଧନୁପାଖରେ ପହଞ୍ଚି, ଧନୁକୁ ନମସ୍କାର କରି ଉଠାଇବାକୁ ଚେଷ୍ଟାକଲେ ଶିଶୁପାଳ। ଧନୁର ଓଜନ ପର୍ବତ ସମାନ। ଗୁଣ ଚଢାଇବାକୁ ଦେହରେ ଶକ୍ତି ପାଇଲେ ନାହିଁ। ମୁହଁ ମାଡି ମଣ୍ଡପ ଉପରେ ହିଁ ପଡିଗଲେ। ଚତୁର୍ଦ୍ଦିଗରୁ ହାସ୍ୟରୋଳ ଶୁଣାଗଲା। ଲଜ୍ଜା ପାଇ ନିଜ ଆସନକୁ ଫେରି ଆସିଲେ ଶିଶୁପାଳ।

ତା'ପରେ ଗର୍ଜନତର୍ଜନ କରି ମଣ୍ଡପକୁ ଉଠିଲେ ଜରାସନ୍ଧ। ଧନୁକୁ ପ୍ରଣାମ କରି ପରଖିଲେ ଏବଂ ଘୂର୍ଣ୍ଣୟମାନ ରାଧାଚକ୍ର ଉପରେ ସ୍ଥାପିତ ସୁବର୍ଣ୍ଣ ମତ୍ସ୍ୟ ଏବଂ ଜଳରେ ତା'ର ପ୍ରତିବିମ୍ବ ଉପରେ ଦୃଷ୍ଟି ନିକ୍ଷେପ କଲେ। ଅଟ୍ଟହାସ କରି କହିଲେ... ବାଃ, ସୁନ୍ଦର ଆୟୋଜନ !

ବିଗତ ରାତିରେ ଶ୍ରୀକୃଷ୍ଣ କହିଥିବା କଥା ମନେପଡ଼ିଗଲା। ଲକ୍ଷ୍ୟଭେଦ ତାଙ୍କ ପକ୍ଷରେ ସମ୍ଭବ ହେଲାପରି ହୃଦ୍‌ବୋଧ ହେଲାନାହିଁ। ତେଣୁ ଗୋଟିଏ ନାଟକ ଆରମ୍ଭ କରି କହିଲେ... ଉପସ୍ଥିତ ରାଜନ୍ୟ ମଣ୍ଡଳୀ। ମୋ ପାଇଁ ଏହା ଅତି ସାମାନ୍ୟ ସ୍ପର୍ଦ୍ଧା; ମୋ ଭଳି ଜଣେ ବୟସ୍କ ରାଜା ଏହି ସ୍ୱୟଂବରରେ ଭାଗନେବା କଣ ଶୋଭା ପାଏ ? ଯୁବକମାନଙ୍କୁ ସୁଯୋଗ ଦେବା ଉଚିତ। ସହଜେ ଦ୍ରୌପଦୀ ମୋ କନ୍ୟା ବୟସର। ତେଣୁ ବିବାହ ପାଇଁ ଇଚ୍ଛା ନକରି ମୁଁ ତାଙ୍କୁ ଆଶୀର୍ବାଦ ଦେବାକୁ ଚାହେଁ। ଯାଜ୍ଞସେନୀଙ୍କୁ ମୁଁ ପୌତ୍ର-ବଧୂ ଭାବରେ ଗ୍ରହଣ କରିଥାନ୍ତି, କିନ୍ତୁ ମୋ ପୌତ୍ର ମେଘସନ୍ଧି ଧନୁର୍ବିଦ୍ୟାରେ ଅନଭିଜ୍ଞ। ରାଜକନ୍ୟାଙ୍କୁ ଆଶୀର୍ବାଦ ଦେଇ ମୁଁ ଆଜି ଗିରିବ୍ରଜ ଫେରିଯାଉଛି। ଉପସ୍ଥିତ ସମସ୍ତ ରାଜନ୍ୟବର୍ଗଙ୍କୁ ସ୍ୱୟମ୍ବର ଅବସରରେ ମୋର ଶୁଭେଚ୍ଛା।

'ସାଧୁ ଜରାସନ୍ଧ ସାଧୁ' ଧ୍ୱନିରେ କମ୍ପି ଉଠିଲା ସଭାସ୍ଥଳ। ଜରାସନ୍ଧଙ୍କ ନାଟକ ଦେଖି ଶ୍ରୀକୃଷ୍ଣ ନହସି ରହିପାରିବେ ନାହିଁ। ତାଙ୍କ ସହିତ ମଧ୍ୟ ହସିଦେଲେ ବଳରାମ।

ଏହା ଦେଖି ଜରାସନ୍ଧ ଦ୍ରୌପଦୀଙ୍କୁ ଆଶୀର୍ବାଦ ଦେଇ ସଦଳ ବଳେ ଶୀଘ୍ରାତିଶୀଘ୍ର କାଂପିଲ୍ୟ ଛାଡ଼ିଲେ। ଜରାସନ୍ଧଙ୍କ ପ୍ରସ୍ଥାନ ପରେ ଶାନ୍ତିରେ ନିଶ୍ୱାସ ମାରିଲେ ଦ୍ରୁପଦ। ଗତ

Source: Author, Digitized by PPRACHIN, SOA

ରାତିରେ ଜରାସନ୍ଧ, କନ୍ୟା ହରଣପାଇଁ ଯେଉଁ ଯୋଜନା କରିଥିଲେ ଏବଂ ଶ୍ରୀକୃଷ୍ଣ ଜରାସନ୍ଧକୁ ଯେଉଁ ଚେତାବନୀ ଦେଇଥିଲେ ସେକଥା ଦ୍ରୁପଦ ଶୁଣିଥିଲେ। ଏବେ ଜରାସନ୍ଧଙ୍କର ପ୍ରସ୍ଥାନ ଦେଖି ଭକ୍ତିରେ କୃଷ୍ଣଙ୍କପ୍ରତି ତାଙ୍କର ମଥା ନଇଁ ଗଲା; ଭାବିଲେ... କେତେ ସହଜରେ ମତ୍ତଗଜର ଦର୍ପ ଦଳିଦେଲେ ସତେ କେଶବ!!

ଦୁର୍ଯ୍ୟୋଧନ ସମେତ ଅନ୍ୟ ଯେତେ ରାଜା ଉପସ୍ଥିତ ଥିଲେ, କେହି ଧନୁରେ ପ୍ରତ୍ୟଞ୍ଚା ମଧ୍ୟ ଚଢାଇ ପାରିଲେ ନାହିଁ। ଦୁର୍ଯ୍ୟୋଧନଙ୍କ ଅସଫଳତା ଦେଖି ବ୍ରାହ୍ମଣ ମେଳରେ ବସିଥିବା ଭୀମସେନ ଅଟ୍ଟହାସ କରି ବିଦ୍ରୂପ କଲେ। ଦ୍ୱିଜରୂପୀ ଭୀମଙ୍କୁ ଦେଖି ମସ୍ତିଷ୍କର ଭାରସାମ୍ୟ ହରାଇ ଦୁର୍ଯ୍ୟୋଧନ ଶକୁନିଙ୍କ ପାଖରେ ପହଞ୍ଚି କାନରେ କହିଲେ... ବଡ଼ ଦୁଃସମ୍ବାଦ ମାମୁଁ! ପାଣ୍ଡବମାନେ ବଞ୍ଚିଛନ୍ତି। ବ୍ରାହ୍ମଣଙ୍କ ମେଳରେ ଛଦ୍ମବେଶୀ ପାଣ୍ଡବଙ୍କୁ ଦେଖି ଶକୁନି ମଧ୍ୟ ପାଟି ଆଁ କରି ରହିଗଲେ।

ଶେଷରେ ମଣ୍ଡପକୁ ଉଠିଲେ ଅଙ୍ଗରାଜ କର୍ଣ୍ଣ। ଅବଲୀଳା କ୍ରମେ ଧନୁରେ ଗୁଣ ଚଢାଇ ସେ ଲକ୍ଷ୍ୟଭେଦ କରିବାକୁ ପ୍ରସ୍ତୁତ ହେଉଥିଲେ; ଏହି ସମୟରେ ଦ୍ରୌପଦୀ ଧୃଷ୍ଟଦ୍ୟୁମ୍ନଙ୍କ କାନରେ କିଛି କହିଲେ। ସଙ୍ଗେ ସଙ୍ଗେ ଧୃଷ୍ଟଦ୍ୟୁମ୍ନ କର୍ଣ୍ଣଙ୍କୁ କହିଲେ... ଆପଣଙ୍କ ପାଇଁ ଏ ପ୍ରତିଯୋଗିତା ଉଦ୍ଦିଷ୍ଟ ନୁହେଁ ଅଙ୍ଗରାଜ; ଆପଣ ସୂତପୁତ୍ର ହୋଇଥିବାରୁ ରାଜକନ୍ୟା ଆପଣଙ୍କ ପାଣିଗ୍ରହଣ କରିବେ ନାହିଁ, କାରଣ ଏପରି 'ପ୍ରତିଲୋମ' ବିବାହ ଶାସ୍ତ୍ରସମ୍ମତ ନୁହେଁ।

ମୁଖ ଅବନତି କରି କର୍ଣ୍ଣ ଧନୁ ରଖିଦେଇ ନିଜ ଆସନକୁ ଫେରି ଆସିଲେ। ସମସ୍ତ କ୍ଷତ୍ରିୟ ବୀରମାନଙ୍କର ଅସଫଳତାରେ ଦୁଃଖିତ ହୋଇ ରାଜା ଦ୍ରୁପଦ କହିଲେ... ଅର୍ଜୁନ ପରେ ପୃଥିବୀ କଣ ବୀର ଶୂନ୍ୟ ହୋଇ ଗଲା? ଉପସ୍ଥିତ ରାଜା ଓ ରାଜପୁତ୍ରଙ୍କ ମଧ୍ୟରେ କେହି ଏପରି ବୀର ନାହିଁ ମୋ କନ୍ୟାର ଯୋଗ୍ୟ ପାତ୍ର ହେବାପାଇଁ।

ଶ୍ରୀକୃଷ୍ଣଙ୍କ ଚକ୍ଷୁ ସହିତ ଅର୍ଜୁନଙ୍କ ଚକ୍ଷୁ ମିଳିତ ହୋଇଗଲା; ବାସୁଦେବଙ୍କ ଆଖିର ଭାଷା ପଢିପାରିଲେ ଫାଲ୍‌ଗୁନି। ନିଜ ସ୍ଥାନରେ ଉଭା ହୋଇ କହିଲେ... ପୃଥିବୀ ବୀର ଶୂନ୍ୟ ହୋଇ ନାହିଁ ମହାରାଜ; ଅନୁମତି ହେଲେ ଏ ବ୍ରାହ୍ମଣ ଲକ୍ଷ୍ୟଭେଦ କରିପାରିବ।

ସମସ୍ତଙ୍କର ଦୃଷ୍ଟି ଅର୍ଜୁନଙ୍କ ଉପରେ ନିବଦ୍ଧ ହେଲା। ସୁଦର୍ଶନ ବ୍ରାହ୍ମଣ ଯୁବକଙ୍କର ଏଭଳି ଆତ୍ମବିଶ୍ୱାସ ଦେଖି ଦ୍ରୁପଦ କହିଲେ... ହେ ବ୍ରାହ୍ମଣ ଯୁବକ! ତୁମେ ଲକ୍ଷ୍ୟ ଭେଦ ସ୍ପର୍ଦ୍ଧାରେ ଯୋଗ ଦେବାପାଇଁ ଯୋଗ୍ୟ। ତୁମେ ସଫଳ ହେଲେ ତୁମ ସହିତ ମୋ କନ୍ୟାର ବିବାହ ଅନୁଲୋମ ବିବାହ ହେବ ଏବଂ ତାହା ଶାସ୍ତ୍ର ସମ୍ମତ।

ଦ୍ରୁପଦଙ୍କ ସମ୍ମତି ପାଇବା ପରେ ଯୁଧିଷ୍ଠିରଙ୍କ ଅନୁମତି ନେଇ ଅର୍ଜୁନ ସ୍ୱୟଂବର

Source: Author, Digitized by PPRACHIN, SOA

ମଣ୍ଡପରେ ଉପସ୍ଥିତ ହେଲେ। ଧନୁକୁ ପୂଜା କରି, ଅବଲୀଳାକ୍ରମେ ତାକୁ ଉତ୍ତୋଳନ କରି ଫାଲ୍‌ଗୁନି ଯେତେବେଳେ ପ୍ରତ୍ୟଞ୍ଚା ଚଢାଇ ଟଙ୍କାର ଦେଲେ, ସେ ଶବ୍ଦରେ ତ୍ରିଭୁବନ କମ୍ପି ଉଠିଲା। ଦୁର୍ଯ୍ୟୋଧନ ଶକୁନିଙ୍କ କାନରେ କହିଲେ... ଦେଖ ମାମୁଁ,ଏ ହେଉଛି ଅର୍ଜୁନ। ପାଣ୍ଡବମାନେ ବଞ୍ଚିଛନ୍ତି।

ସ୍ୱୟଂବର ମଣ୍ଡପରେ ଥିବା ଜଳକୁଣ୍ଡକୁ ଚାହିଁ, ଉପରେ ଘୂର୍ଣ୍ଣୟମାନ ରାଧାଚକ୍ରର ରନ୍ଧ୍ରଭିତର ଦେଇ ମତ୍ସ୍ୟର ବାମ ଚକ୍ଷୁ ଉପରେ ଲକ୍ଷ୍ୟରଖି, ତୀର ଛାଡ଼ିଲେ ଅର୍ଜୁନ। ବାଣ ଲକ୍ଷ୍ୟ ସ୍ଥଳରେ ବାଜି ସୁବର୍ଣ୍ଣ ମତ୍ସ୍ୟର ବାମଚକ୍ଷୁ ବିଦ୍ଧ ହୋଇ ଗଲା। ପ୍ରଶଂସାରେ ଶତମୁଖ ହୋଇଗଲେ ଦ୍ରୁପଦ। ଆନନ୍ଦରେ ଆତ୍ମହରା ଯାଜ୍ଞସେନୀ,ସଖୀ ମେଳରେ ଆସି ଅର୍ଜୁନଙ୍କ ଗଳାରେ ଲମ୍ବାଇ ଦେଲେ ବରଣ ମାଳା।

-୦-

(୩୯)

ତୁମେ ହସୁଛ କେଶବ !!

ଅର୍ଜୁନଙ୍କ ଗଳାରେ ବରଣମାଳା ଦେଲାବେଳେ ଯାଜ୍ଞସେନୀଙ୍କ ହୃଦୟସିନ୍ଧୁ ଆନନ୍ଦରେ ଉଛୁଳି ପଡୁଥିଲା। ମଧ୍ୟମ ପାଣ୍ଡବଙ୍କ ସହିତ ମିଳିତ ହୋଇଗଲା ଚାରିଚକ୍ଷୁ, ଲଜ୍ଜାବନତ ବଦନରେ ତାଙ୍କ ବାମ ପାଖରେ ଉଭା ହେଲେ ପାଞ୍ଚାଳୀ। ରାଜ ଅବରୋଧରେ ଆନନ୍ଦଲହରୀ ଖେଳିଗଲା। ବ୍ରାହ୍ମଣଙ୍କ ମେଳରେ ପଣ୍ଡୁପୁତ୍ରମାନେ ଆନନ୍ଦରେ କୋଳାକୋଳି ହେଲେ।

ପ୍ରଚଣ୍ଡ କ୍ରୋଧରେ ଜଳିଗଲେ ଉପସ୍ଥିତ ରାଜା ଓ ରାଜପୁତ୍ର ମାନେ; କ୍ଷତ୍ରିୟମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱୟଂବରରେ ବ୍ରାହ୍ମଣ କିପରି ପ୍ରତିଯୋଗୀ ହେବେ, ଏହା ଥିଲା ସେମାନଙ୍କ ଅଭିଯୋଗ। ସେମାନେ ସଶସ୍ତ୍ର ଆକ୍ରମଣ କରିବାକୁ ଆଗେଇ ଆସିଲେ। କ୍ଷତ୍ରିୟମାନଙ୍କର ଏପ୍ରକାର କାର୍ଯ୍ୟକଳାପ ଦେଖି ମହାବଳୀ ଭୀମସେନ ଗୋଟିଏ ବୃକ୍ଷ ଉତ୍ପାଟନ କରି ପ୍ରବଳ ବେଗରେ ମାଡିଆସିଲେ ସେମାନଙ୍କୁ ପ୍ରତି ଆକ୍ରମଣ କରିବାପାଇଁ।

କୃଷ୍ଣ ଏବଂ ବଳରାମ ପରିସ୍ଥିତିକୁ ସମ୍ଭାଳି ନେଲେ। ଶ୍ରୀକୃଷ୍ଣ କ୍ଷତ୍ରିୟମାନଙ୍କୁ ସମ୍ବୋଧନ କରି କହିଲେ... ଏଠାରେ କୌଣସି ଅନ୍ୟାୟ କାର୍ଯ୍ୟ ହୋଇନାହିଁ। କ୍ଷତ୍ରିୟମାନଙ୍କ ଅପାରଗତା ପ୍ରମାଣିତ ହେବାପରେ ବ୍ରାହ୍ମଣ ଯୁବକଙ୍କୁ ସୁଯୋଗ ଦେବାରେ କାହାର କିଛି

Source: Author, Digitized by PPRACHIN, SOA

ଆପତ୍ତି କରିବାର ନାହିଁ; ବର୍ଣ୍ଣଭେଦରେ କ୍ଷତ୍ରିୟମାନଙ୍କ ଉପରେ ବ୍ରାହ୍ମଣ, ତେଣୁ ଏହା ଅନୁଲୋମ ବିବାହ ଏବଂ ଶାସ୍ତ୍ରସମ୍ମତ। କ୍ଷତ୍ରିୟମାନେ ଏଠାରେ ଅଧିକ ବିଭ୍ରାଟ ସୃଷ୍ଟି କରିବାପାଇଁ ଚେଷ୍ଟା କଲେ ଯାଦବ ବାହିନୀ ପାଞ୍ଚାଳ ବାହିନୀ ସହିତ ମିଶି ସେମାନଙ୍କ ସହିତ ଯୁଦ୍ଧ କରିବାପାଇଁ ପଛେଇବ ନାହିଁ।

ଶ୍ରୀକୃଷ୍ଣଙ୍କର ଏହି ଚେତାବନୀ ଯଥେଷ୍ଟ ଥିଲା। ରାଜାମାନେ ଯେ ଯାହା ବାଟରେ ନିଜ ନିଜର ରାଜ୍ୟକୁ ଫେରିଗଲେ। ପାଣ୍ଡବମାନେ ମଧ୍ୟ ରାଜକନ୍ୟାଙ୍କୁ ନେଇ, ନଗର ଉପାନ୍ତରେ ଥିବା କୁମ୍ଭାରଶାଳ ଦିଗରେ ଚାଲିଲେ; ସେଠାରେ ମାତା କୁନ୍ତୀ ପୁତ୍ର ମାନଙ୍କପାଇଁ ଅପେକ୍ଷାରତ ଥିଲେ।

ପାଣ୍ଡବ ମାନଙ୍କ ପ୍ରସ୍ଥାନ ପରେ ରାଜା ଦ୍ରୁପଦ ପୁତ୍ର ଧୃଷ୍ଟଦ୍ୟୁମ୍ନଙ୍କୁ କହିଲେ... ପୁତ୍ର ! ଏମାନେ ପାଣ୍ଡବ ପାଞ୍ଚଭାଇ ଭଳି ଜଣା ଯାଉଛନ୍ତି। ଲକ୍ଷ୍ୟଭେଦ କରିଥିବା ଯୁବକ ଅର୍ଜୁନ ବ୍ୟତୀତ ଅନ୍ୟ କେହି ନୁହନ୍ତି। ମନେହୁଏ ମାତା କୁନ୍ତୀଙ୍କ ପାଖକୁ ସେମାନେ ଯାଉଛନ୍ତି। ସେମାନଙ୍କୁ ଅନୁସରଣ କର ଏବଂ ସସମ୍ମାନେ, ବିବାହ କାର୍ଯ୍ୟ ସଂପନ୍ନ ପାଇଁ ସେମାନଙ୍କୁ ରାଜପ୍ରାସାଦକୁ ଆମନ୍ତ୍ରିତ କର।

ଧୃଷ୍ଟଦ୍ୟୁମ୍ନ ସେମାନଙ୍କୁ ଅନୁସରଣ କଲେ। ନଗର ଉପାନ୍ତରେ ପାଞ୍ଚଭାଇ କୁମ୍ଭାର ଶାଳ ନିକଟରେ ପହଞ୍ଚିଲେ। ଦ୍ୱାର ଦେଶରେ ରହି ଆନନ୍ଦ ମନରେ ପାଞ୍ଚଭାଇ କହିଲେ... ଜନନୀ! ଆଜି ଭିକ୍ଷାରେ ଆମେ ଏକ ଅପୂର୍ବ ଦ୍ରବ୍ୟ ଲାଭ କରିଛୁ; ଦେଖିଲେ ତୁମ ମନ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇଯିବ।

ଗୃହ ଭିତରେ ଥାଇ କୁନ୍ତୀ କହିଲେ... ବାବୁରେ ଯାହା ଆଣିଛ,ଊଣା ଅଧିକ ନକରି ସମଭାବରେ ବାଣ୍ଟି ନିଅ।

ମାତାଙ୍କ ଏଭଳି ଆଦେଶ ଶୁଣି ସ୍ତବ୍ଧ ହୋଇଗଲେ ପାଞ୍ଚଭାଇ। ଯୁଧିଷ୍ଠିର କହିଲେ... ଏ' କି ଆଦେଶ ଦେଲ ମାତା ! ସବୁବେଳେ ଆମେ ତୁମ ଆଦେଶ ଶିରୋଧାର୍ଯ୍ୟ କରିଥାଉ। କିନ୍ତୁ ଏହି ଆଦେଶ ମାନିଲେ ମହା ବିଭ୍ରାଟ ଘଟିଯିବ। ଏହା ବାଣ୍ଟିବା ଯୋଗ୍ୟ ପଦାର୍ଥ ନୁହେଁ; ଏହା ବଣ୍ଟନ କଲେ ନିଶ୍ଚିତ ଭାବରେ ରାଜକନ୍ୟାଙ୍କ ଭାଗ୍ୟ ବିଡ଼ମ୍ବିତ ହେବ।

ପାଞ୍ଚ ଭାଇଙ୍କର ବ୍ୟସ୍ତତା ଦେଖି କୁନ୍ତୀ ଘର ଭିତରୁ ବାହାରି ଆସି, ରାଜକନ୍ୟାଙ୍କୁ ଭାଇମାନଙ୍କ ଗହଣରେ ଦେଖି ଜିଭ କାମୁଡି କହିଲେ... ଓଃ, ଏ ମୁଁ କଣ କଲି ! ସଦାସର୍ବଦା ମୋ କଥା ମାନିବା ପାଇଁ ମୋର ପୁତ୍ରମାନେ ସତ୍ୟ କରିଛନ୍ତି। ନମାନିଲେ ନିଶ୍ଚିତ ଭାବରେ ରୀଷ ଉପୁଜିବ।

Source: Author, Digitized by PPRACHIN, SOA

ତ୍ରେତୟା ଓ ଦ୍ୱାପର ଯୁଗରେ 'ସତ୍ୟ କରିବା' ବା ଶପଥନେବା କାର୍ଯ୍ୟକୁ ସମାଜରେ ଶ୍ରେଷ୍ଠତ୍ୱ ଦିଆଯାଉଥିଲା ଏବଂ ତାହା ପାଳନ ନକରିବା ବ୍ୟକ୍ତି ମନୁଷ୍ୟ ପଦବାଚ୍ୟ ହେଉନଥିଲା। ସେଥିପାଇଁ ସତ୍ୟପାଳନ କରି ରାଜା ଶିବି ନିଜ ଅଙ୍ଗ କାଟି ବାଜପକ୍ଷୀକୁ ଦେଇଥିଲେ, ସତ୍ୟ ପାଳନ କରି ରାଜା ହରିଶ୍ଚନ୍ଦ୍ର ରାଜ୍ୟ ଏବଂ ପରିବାର ହରାଇଥିଲେ, ପିତୃସତ୍ୟ ମାନି ରାମଚନ୍ଦ୍ର ଚଉଦ ବର୍ଷ ବନବାସ ଯାଇଥିଲେ; ଭୀଷ୍ମ ଶପଥକରି ଚିର କୌମାର୍ଯ୍ୟ ଗ୍ରହଣ କରିଥିଲେ।

ପାଞ୍ଚଭାଇଙ୍କ ଭିତରେ ଏକତା ଅତୁଟ ରଖିବାପାଇଁ କୁନ୍ତୀ ଭାଇମାନଙ୍କୁ ଶପଥ କରାଇଥିଲେ ଯେ ମାତାଙ୍କ ମୁଖନିସୃତ ବାକ୍ୟ ସେମାନେ ଅନ୍ୟଥା କରିବେ ନାହିଁ। ସେଥିପାଇଁ ବର୍ତ୍ତମାନ ଧର୍ମଶଙ୍କଟ ଉପସ୍ଥିତ।ମାତାଙ୍କ ମୁଖ ନିସୃତ ବାଣୀ ନମାନିଲେ ସତ୍ୟଭଗ୍ନ ପାପରେ କଳୁଷିତ ହେବ ପଣ୍ଡୁ ପରିବାର; ମାନିଲେ ବିଡ଼ମ୍ବିତ ହେବ ରାଜକନ୍ୟାଙ୍କ ଭାଗ୍ୟ।

ପୃଥା ଜାଣିବାକୁ ପାଇଲେ ଯେ ପୁତ୍ର ଅର୍ଜୁନ ଲକ୍ଷ୍ୟଭେଦ କରି କନ୍ୟାଲାଭ କରିଛି। ଅପୂର୍ବ ସୁନ୍ଦରୀ ସ୍ୱର୍ଗପରୀ ଯାଜ୍ଞସେନୀ ସମ୍ମୁଖରେ ଦଣ୍ଡାୟମାନ। କି ଭାଗ୍ୟ ଆଜି ପଣ୍ଡୁ ପରିବାରର ! ପ୍ରଥମେ କୁଳବଧୂଙ୍କୁ ବନ୍ଦାପନା କରି ଗୃହମଧ୍ୟକୁ ନେଇ ଗଲେ କୁନ୍ତୀ, ତା'ପରେ ମାଡ଼ିବସିଲା ଚିନ୍ତାର ପାହାଡ଼। କପାଳରେ ହାତଦେଇ ବସିଥିଲେ ଯୁଧିଷ୍ଠିର, ବିଷମ ଚିନ୍ତାରେ ମଗ୍ନଥିଲେ ଭୀମ। ଅର୍ଜୁନ ଚିନ୍ତା କରୁଥିଲେ... ଆମ ପାଞ୍ଚଭାଇଙ୍କ ଶରୀର ସିନା ଭିନ୍ନ କିନ୍ତୁ ଆତ୍ମା ଏକ; ମାତାଙ୍କ ସ୍ନେହ ରଜ୍ଜୁରେ ବନ୍ଧା ଆମେ ପାଞ୍ଚଭାଇ, ସର୍ବଦା ମାତାଙ୍କ ଆଦେଶ ଆମେ ପାଳନ କରିଛୁ। ଆଜି ସତ୍ୟ ଓ ଧର୍ମ ପାଇଁ ଆବଶ୍ୟକ ହେଲେ ପ୍ରାଣସମା ଦ୍ରୌପଦୀଙ୍କୁ ଭାଇମାନଙ୍କ ସହିତ ଭାଗ କରିବାକୁ ପଡ଼ିବ।

ଯାଜ୍ଞସେନୀଙ୍କ ଅବସ୍ଥା ଅବର୍ଣ୍ଣନୀୟ; କଇଁ କଇଁ ହୋଇ କାନ୍ଦୁଛନ୍ତି ରାଜଜେମା, ନିନ୍ଦା କରୁଛନ୍ତି ନିଜ ଭାଗ୍ୟକୁ।

ପାଣ୍ଡବମାନଙ୍କ ପରିଚୟ ପାଇ ଅତ୍ୟନ୍ତ ଆନନ୍ଦିତ ହେଲେ ଧୃଷ୍ଟଦ୍ୟୁମ୍ନ। ସମସ୍ତଙ୍କୁ ଆନନ୍ଦରେ ସମ୍ଭାଷଣ କରି କୋଳାଗ୍ରତ କଲେ। କିନ୍ତୁ ପଣ୍ଡୁ ପରିବାରର ବିଷମ ସମସ୍ୟା ବିଷୟରେ ଅବଗତ ହୋଇ ଅତ୍ୟନ୍ତ ବ୍ୟଥିତ ହେଲେ ପାଞ୍ଚାଳ ଯୁବରାଜ। ପାଣ୍ଡବଙ୍କୁ ପ୍ରାସାଦକୁ ନିମନ୍ତ୍ରଣ କରି କହିଲେ... ଏହି ସମସ୍ୟାର ସମାଧାନ ନିଶ୍ଚିତ ଭାବରେ ମୁନିଶ୍ରେଷ୍ଠ ବ୍ୟାସଦେବ ଦେଇପାରିବେ କାରଣ ସେ ସର୍ବଶାସ୍ତ୍ରଜ୍ଞାତା ଏବଂ ପ୍ରତି ସମସ୍ୟାର ସମାଧାନ ତାଙ୍କ ପାଖରେ ଥାଏ। କାଲି ସେ ପ୍ରାସାଦକୁ ଆସୁଛନ୍ତି। ତା'ଛଡା କୃଷ୍ଣ ବାସୁଦେବ ମଧ୍ୟ ଆମ ଗହଣରେ ଅଛନ୍ତି, ନିଶ୍ଚୟ କିଛି ନା କିଛି ସମାଧାନ ବାହାରିବ। ବର୍ତ୍ତମାନ ପାଇଁ କିଛି ଚିନ୍ତା ନକରି ସମସ୍ତେ ରାଜପ୍ରସାଦକୁ ଚାଲନ୍ତୁ; ପିତାଙ୍କ ନିର୍ଦ୍ଦେଶ, ସେହିଠାରେ

Source: Author, Digitized by PPRACHIN, SOA

ବିବାହ ଉତ୍ସବ ଅନୁଷ୍ଠିତ ହେବ।

ପଣ୍ଡୁ ପରିବାର ସହିତ ଧୃଷ୍ଟଦ୍ୟୁମ୍ନ ଯାଜ୍ଞସେନୀଙ୍କୁ ନେଇ ପାଞ୍ଚାଳ ରାଜପ୍ରସାଦରେ ପହଞ୍ଚିଲେ। ସେଠାରେ କୃଷ୍ଣାଙ୍କ ପାଇଁ ଅପେକ୍ଷା କରିଥିଲେ ମାୟାଧର ଶ୍ରୀକୃଷ୍ଣ। ସବୁ ତାଙ୍କରି ମାୟା, କିଛି ନଜାଣିଲାପରି ଦ୍ରୌପଦୀଙ୍କୁ ପଚାରିଲେ... କଣ ହେଲା କଲ୍ୟାଣୀ ! ମୁହଁ କାହିଁକି ଶୁଖିଲା ଦିଶୁଛି ! ଶାଶୁ ଗାଳିଦେଲେ କି ?

ଧାର ଧାର ହୋଇ ଲୁହ ଝରି ଯାଉଥିଲା ଯାଜ୍ଞସେନୀଙ୍କ ଆଖିରୁ। ଅସହାୟ ହୋଇ କାନ୍ଦୁଥିଲେ ରାଜକନ୍ୟା। ଶ୍ରୀକୃଷ୍ଣଙ୍କ ମନ୍ଦ ମନ୍ଦ ହସ ଦେଖି କହିଲେ... ମୋ ଦୁଃଖରେ ତୁମେ କିପରି ହସିପାରୁଛ ମାୟାଧର! ମୋର ବର୍ତ୍ତମାନ, ଆଗତ ଭବିଷ୍ୟତ ପରା ତୁମ ହାତରେ ସମର୍ପଣ କରି ଦେଇଛି ସଖା! ସବୁବେଳେ ତୁମ କଥା ମାନିଛି; ଆଜି କ'ଣ ହେଲା ମୋ ଭାଗ୍ୟ! କି ବିଡମ୍ବନା ସତେ! ପାଞ୍ଚ ପତିଙ୍କୁ ମୁଁ କିପରି ବିବାହ କରିବି କେଶବ!

ଏମାନେ ପରା ଯୁଗପୁରୁଷ ! ଶ୍ରେଷ୍ଠ ବୀର ଭାବରେ ତୁମର ସମର୍ଥନ ପାଇଛନ୍ତି; ନାରୀକୁ ପଣ୍ୟଦ୍ରବ୍ୟ ଭାବି ମୋ ସହିତ ଏମାନେ କି ବ୍ୟବହାର କଲେ! ନାରୀ କଣ ବାଣ୍ଟିବା ପଦାର୍ଥ!! ମୋ ଅସହାୟତା ଉପରେ ତୁମେ କିପରି ହସିପାରୁଛ ମାୟାଧର!! ଏମାନଙ୍କ କାର୍ଯ୍ୟ ପଛରେ କ'ଣ ତୁମର ସମର୍ଥନ ଅଛି କେଶବ? ତୁମେ ଅନ୍ତର୍ଯ୍ୟାମୀ, ନାରାୟଣ,ସବୁ ଆପଦ ବିପଦରେ ମୁଁ ଶରଣ ଯାଇଛି ତୁମ ପାଦତଳେ। ଏହି ବିପଦ ସମୟରେ ମୋତେ ଉଦ୍ଧାର କର ପ୍ରଭୁ, ପ୍ରଭୁପଣ ନିନ୍ଦିତ ନହେଉ।

ଚିରାଚରିତ ଅମୀୟ ହସ ଶ୍ରୀକୃଷ୍ଣଙ୍କ ମୁହଁରେ ଲାଗିରହିଛି; ଧୀର କଣ୍ଠରେ କହିଲେ... ଶାନ୍ତ ହୁଅ କଲ୍ୟାଣୀ ! ତୁମର ମନେଅଛି, ଶିବଙ୍କୁ ଘୋର ତପସ୍ୟାରେ ସନ୍ତୁଷ୍ଟ କରି ଥରେ ବର ମାଗିଥିଲ... ହେ ଆଶୁତୋଷ! ମୋତେ ଏଭଳି ସ୍ୱାମୀ ପ୍ରଦାନ କର ଯେ ଏକାଧାରରେ ଧର୍ମାତ୍ମା, ବଳଶାଳୀ, କର୍ମବୀର, କନ୍ଦର୍ପ ଭଳି ସୁନ୍ଦର ଏବଂ ଆଗତ ଭବିଷ୍ୟତ ଜ୍ଞାତା ହୋଇଥିବ। ଶିବ ତଥାସ୍ତୁ ତ କହିଦେଲେ କିନ୍ତୁ ମନ୍ତବ୍ୟ ଦେଇ କହିଥିଲେ ଯେ ଏ ସମସ୍ତ ଗୁଣ ଜଣକ ପାଖରେ ମିଳିବା ସମ୍ଭବ ନୁହେଁ। ସେ ସମୟରେ କଥାର ଗୁରୁତ୍ୱକୁ ତୁମେ ଉପଲବ୍ଧି କରି ପାରି ନଥିଲ କଲ୍ୟାଣୀ !

କିଛି ନିରବତା ପରେ ଶ୍ରୀକୃଷ୍ଣ କହିଲେ... ଏ ସମସ୍ତ ଗୁଣ ପାଞ୍ଚଭାଇଙ୍କ ପାଖରେ ଭିନ୍ନ ଭିନ୍ନ ଭାବରେ ରହିଛି। ଯୁଧିଷ୍ଠିର ହେଉଛନ୍ତି ଧର୍ମର ଅବତାର, ଭୀମ ପ୍ରବଳ ପରାକ୍ରାନ୍ତ, ଅର୍ଜୁନ ବିଶ୍ୱର ଶ୍ରେଷ୍ଠ ଧନୁର୍ଦ୍ଧର ଓ କର୍ମବୀର, ନକୁଳ କନ୍ଦର୍ପଙ୍କ ଭଳି ସୁନ୍ଦର ଏବଂ ସହଦେବ ଆଗତ ଭବିଷ୍ୟତ ଜ୍ଞାତା। ଶରୀର ପାଞ୍ଚ କିନ୍ତୁ ଗୋଟିଏ ଆତ୍ମା ପାଣ୍ଡବଙ୍କର। ତୁମ ଅଭିଳାଷା

Source: Author, Digitized by PPRACHIN, SOA

ଅନୁସାରେ ତୁମେ ଫଳଲାଭ କରିବ ଯାଜ୍ଞସେନୀ।

ଯାହା ଭବିତବ୍ୟ ତାକୁ କିଏ ଅନ୍ୟଥା କରିବ ? ତୁମ ଭାଗ୍ୟରେ ପରିସୀମା ବିଧି ନିର୍ଦ୍ଦେଶିତ କଲ୍ୟାଣୀ, ତା ଉପରେ ମୋର କିଛି କରିବାର ନାହିଁ। ସେହି ଭାଗ୍ୟ ପରିସୀମା ଭିତରେ ତୁମେ ତୁମର ସମସ୍ୟାର ସମାଧାନ ଖୋଜି ବାହାର କର। ଧର୍ମରକ୍ଷାପାଇଁ ତୁମେ ଯଜ୍ଞରୁ ସମ୍ଭୂତା ହୋଇଛ। ସେହି ଅନୁସାରେ ବିଧାତା ତୁମର ଭାଗ୍ୟ ଗଢ଼ିଛନ୍ତି।ତୁମର ବିବାହ ପାଣ୍ଡବଙ୍କ ସହିତ ହେଲେ ଦୁଇ ରାଜବଂଶର ହିତ ସାଧିତ ହେବ। ତୁମେ ଏକା ଅର୍ଜୁନଙ୍କୁ ବିବାହ କରିବାକୁ ଚାହିଁଲେ, ପଣ୍ଡୁ ପରିବାର ସେଥିପାଇଁ ସମ୍ମତ ହେବେ ନାହିଁ, କାରଣ ମାତୃସତ୍ୟ ପାଳନ ସେମାନଙ୍କ ପାଇଁ ବିବାହ ଠାରୁ ଉର୍ଦ୍ଧ୍ୱରେ। ତୁମେ ବିବାହ ନକଲେ ଦ୍ରୋଣଙ୍କ ଉପରେ ପ୍ରତିଶୋଧ ନେବା ଶପଥ କଳ୍ପନାରେ ରହିଯିବ। ତୁମେ ବରମାଲ୍ୟ ଅର୍ଜୁନଙ୍କୁ ଦେଇସାରିଛ, ତେଣୁ ତୁମକୁ ଅନ୍ୟ କୌଣସି ରାଜା ବା ରାଜପୁତ୍ର ଗ୍ରହଣ କରିବେ ନାହିଁ। ତୁମ ଜୀବନର ସମୀକରଣ ବଦଳିଯିବ ଯାଜ୍ଞସେନୀ।

ତଥାପି ମୁଁ ତୁମକୁ କୌଣସି ନିଷ୍ପତ୍ତି ନେବାପାଇଁ ବାଧ୍ୟ କରୁନାହିଁ କଲ୍ୟାଣୀ! କାଲି ପାଞ୍ଚାଳକୁ ମୁନିଶ୍ରେଷ୍ଠ ବ୍ୟାସଦେବଙ୍କ ଆଗମନ ହେଉଛି। ସେ ଏହି ଯୁଗର ସାମାଜିକ ନୀତି ନିର୍ଦ୍ଧାରକ। ସବୁ ସମସ୍ୟାର ଶାସ୍ତ୍ରଗତ ସମାଧାନ ତାଙ୍କ ପାଖରେ ରହିଛି। ତାଙ୍କ ପରାର୍ମଶ ଅନୁଯାୟୀ ତୁମେ ନିଜର ଭାଗ୍ୟ ନିର୍ଦ୍ଧାରଣ କର ଯାଜ୍ଞସେନୀ।

-୦-

(୪୦)

ଅଦ୍ଭୁତ, ଅନନ୍ୟ ବିବାହ

ଦରବାର ଆୟୋଜନ କରି ରାଜା ଦ୍ରୁପଦ ମୁନିଶ୍ରେଷ୍ଠ ବ୍ୟାସଙ୍କ ପାଇଁ ଅପେକ୍ଷା କରିଥିଲେ।ଦରବାରରେ ପାଣ୍ଡବ ପାଞ୍ଚ ଭାଇ, କୁନ୍ତୀ ଏବଂ ଯାଜ୍ଞସେନୀଙ୍କ ବ୍ୟତୀତ ଧୃଷ୍ଟଦ୍ୟୁମ୍ନ, ସତ୍ୟଜିତ ଏବଂ ଶିଖଣ୍ଡି ମଧ୍ୟ ଉପସ୍ଥିତ ଥିଲେ। କୃଷ୍ଣ-ବାସୁଦେବ, ଗୁରୁ ସନ୍ଦିପନି ଏବଂ ଗର୍ଗାଚାର୍ଯ୍ୟ ମଧ୍ୟ ସଭାସ୍ଥଳରେ ପହଞ୍ଚିଲେ। ସମସ୍ତଙ୍କ ଅପେକ୍ଷା ରହିଥିଲା ମୁନିଶ୍ରେଷ୍ଠ ବ୍ୟାସଦେବଙ୍କ ପାଇଁ।

ରାଜକନ୍ୟା ଦ୍ରୌପଦୀଙ୍କ ମନରେ ଗଭୀର ଆଘାତ ଲାଗିଥିଲା। ମନର ଅବ୍ୟକ୍ତ ବେଦନା ଲୁହ ଆକାରରେ ବହି ଯାଉଥିଲା। ମୁହଁ ତଳକୁ କରି ବସିଥିଲେ ପାଞ୍ଚାଳ

Source: Author, Digitized by PPRACHIN, SOA

ରାଜକନ୍ୟା । ମନେପଡିଲା ଅତୀତରେ ଶିବଙ୍କୁ ମାଗିଥିବା ବରଦାନ କଥା... ମୋତେ ଏଭଳି ଜୀବନସାଥି ଦିଅ ଆଶୁତୋଷ ଯେ ଏକା ଧାରରେ ହୋଇଥିବେ ଧର୍ମାତ୍ମା, ବଳଶାଳୀ, କର୍ମବୀର, ସୁନ୍ଦର ତଥା ଆଗତ ଭବିଷ୍ୟତ ଜ୍ଞାତା। ଆଶୁତୋଷ ହସିଦେଇ ତଥାସ୍ତୁ କହି, କହିଥିଲେ... ଏ ସମସ୍ତ କଣ ଜଣେ ବ୍ୟକ୍ତି ପାଖରେ ସମ୍ଭବ ଯାଜ୍ଞସେନୀ ! !

ଆଜି ସେହି ବରଦାନ ତାଙ୍କ ଜୀବନରେ ଅଭିଶାପ ହୋଇ ଆସିଛି। କେତେ ଆଗ୍ରହରେ ପ୍ରଫୁଲ୍ଲ ମନରେ ଅର୍ଜୁନଙ୍କ ଗଳାରେ ସେ ବରଣମାଳା ଲମ୍ବାଇ ଦେଇଥିଲେ ! ଭାବିଥିଲେ ଏ ମହାନ ବୀରଙ୍କୁ ଲାଭକରି ଜୀବନ ସାର୍ଥକ ହୋଇଗଲା, କିନ୍ତୁ କଣ କଲେ ସେ !! ଲକ୍ଷ୍ୟଭେଦ କରି ଲାଭ କରିଥିବା ପତ୍ନୀକୁ ଭାଇମାନଙ୍କ ଭିତରେ ବାଣ୍ଟିଦେବା ପାଇଁ ବସିଛନ୍ତି ! ପ୍ରେମ କଣ ସତରେ ବାଣ୍ଟିବା ଭଳି ପଦାର୍ଥ ! ଆଉ ଯୁଧିଷ୍ଠିର,ସେ ପରା କୁଆଡେ ଧର୍ମରାଜ ! ସେ କିପରି ଏଭଳି ଅନୀତି କଥାକୁ ପ୍ରଶ୍ରୟ ଦେଉଛନ୍ତି ? କିପରି ଜିଦ୍ କରି କହୁଛନ୍ତି ଯେ ପାଞ୍ଚଭାଇ ବିଭାହେବେ ତାଙ୍କୁ !

ଯେତେ ଚିନ୍ତା କରୁଥିଲେ, ସେତେ ଦୁଃଖ ଆସୁଥିଲା ମନରେ ଦ୍ରୌପଦୀଙ୍କର।

ପୁଣି ଚିନ୍ତା କଲେ ଯାଜ୍ଞସେନୀ... ବାସୁଦେବ ଯାହା କହୁଛନ୍ତି ସତକଥା, ପାଣ୍ଡବଙ୍କୁ ବିବାହ ନକଲେ ନର୍କରେ ପରିଣତ ହେବ ତାଙ୍କ ଜୀବନ। ଥରେ ଅର୍ଜୁନଙ୍କ ଗଳାରେ ବରମାଲ୍ୟ ଦେଇସାରିଛନ୍ତି ସେ; ଅନ୍ୟ କୌଣସି ରାଜା ତାଙ୍କୁ ବିବାହ କରିବେ ନାହିଁ। କାଶୀ ରାଜକନ୍ୟା ଅମ୍ବାଙ୍କ ଭଳି ତାଙ୍କ ଜୀବନ ପରିତ୍ୟକ୍ତ ଓ ଘୃଣିତ ହୋଇଯିବ। ଦ୍ରୋଣଙ୍କ ଉପରେ ପିତାଙ୍କ ଅପମାନର ପ୍ରତିଶୋଧ ନେବା ପଣ ପଣରେ ହିଁ ରହିଯିବ।

ନିରାଶ ହୋଇ ଫେରିଯାଇଥିବା ଜରାସନ୍ଧ, ଦୁଷ୍ଟଶକ୍ତି ମାନଙ୍କୁ ଏକତ୍ରିତ କରି ପାଞ୍ଚାଳ ଉପରେ ଆକ୍ରମଣ କରିଦେବ। ସହଜେ ତ କୁରୁ ପରିବାର ପାଞ୍ଚାଳ ବିରୁଦ୍ଧରେ ଯୁଦ୍ଧପାଇଁ ଅପେକ୍ଷା କରି ବସିଛନ୍ତି; ଆବଶ୍ୟକ ପଡିଲେ ଜରାସନ୍ଧ ସହିତ ମିଳିତ ହୋଇ, ଦୁର୍ଯ୍ୟୋଧନ ପାଞ୍ଚାଳ ରାଜ୍ୟକୁ ଧ୍ୱସ୍ତବିଧ୍ୱସ୍ତ କରି ପାଞ୍ଚାଳର ନାମ ମାଟିରେ ମିଶାଇଦେବ।

ଏହି ପରିସ୍ଥିତିରୁ କେହି ଯଦି ତାଙ୍କୁ ଉଦ୍ଧାର କରିପାରେ,ସେ ହେଉଛନ୍ତି ପାଣ୍ଡବ ପାଞ୍ଚଭାଇ। ସେମାନଙ୍କ ଭଳି ବୀର ସମଗ୍ର ଆର୍ଯ୍ୟାବର୍ତ୍ତରେ କେହି ନାହାନ୍ତି। ସେମାନଙ୍କଠାରୁ ପାଞ୍ଚାଳ ପାଇଁ ସର୍ମଥନ ପାଇବାକୁ ହେଲେ, ପାଞ୍ଚଭାଇଙ୍କୁ ବିବାହ କରିବା ଏକମାତ୍ର ବିକଳ୍ପ।

ପାଖରେ ବସିଥିବା କୁନ୍ତୀ ଦେବୀଙ୍କୁ ଚାହିଁଲେ ପାଞ୍ଚାଳ ରାଜଜେମା।ସ୍ନେହଶୀଳା ଜନନୀଙ୍କ ଆଖିରେ ଭରି ରହିଛି ତାଙ୍କ ପାଇଁ ଆଖିଏ ସମବେଦନା; କୃତକର୍ମ ପାଇଁ ଅନୁତାପାନଳରେ ଦଗ୍ଧ ହେଉଛନ୍ତି ସେ। ପୁତ୍ରମାନଙ୍କୁ ତାଙ୍କ କଥା ସବୁବେଳେ ମାନିବା

Source: Author, Digitized by PPRACHIN, SOA

ପାଇଁ ସତ୍ୟ କରାଇ ଥିବାରୁ ଏବଂ 'ଆଣିବା ପଦାର୍ଥ ପରସ୍ପର ଭିତରେ ବାଣ୍ଟିନିଅ' କହିବା ଭଳି ଅବିମୃଶ୍ୟତା ଯୋଗୁଁ ଅନୁତାପାନଳରେ ଦଗ୍ଧ ତାଙ୍କର ମନ, କିନ୍ତୁ ପୁତ୍ରବଧୂ ପାଇଁ ମନରେ ରହିଛି ଅସରନ୍ତି ସ୍ନେହ। ତାଙ୍କ ଆଖିର ଲୁହ ସହି ନପାରି ତାଙ୍କୁ ଛାତିକୁ ଆଉଜାଇ ନେଇଛନ୍ତି କୁନ୍ତୀ। ଏପରି ଜଣେ ଶାଶୁମା' ହିଁ ଚାହୁଁଥିଲେ ଯାଜ୍ଞସେନୀ, ଭାଗ୍ୟରେ ଥିଲେ ମିଳେ।

ଅଦୂରରେ ବସିଥିବା ବାସୁଦେବଙ୍କୁ ଚାହିଁଲେ ଦ୍ରୌପଦୀ... ମୁହଁରେ ସେଇ ରହସ୍ୟମୟ ହସ, ସତେ ଯେମିତି ସବୁ ସମସ୍ୟାର ସମାଧାନ ଲୁଚି ରହିଛି ସେହି ହସ ଭିତରେ। ମନେପଡିଲା ତାଙ୍କ କଥା, କହିଥିଲେ... ଧର୍ମ ସ୍ଥାପନା ପାଇଁ ତୁମର ଜନ୍ମ କଲ୍ୟାଣୀ ! ତୁମେ ସାଧାରଣ ନାରୀ ନୁହଁ, ତୁମେ ଯଜ୍ଞସମ୍ଭୂତା; ଦୁଷ୍ଟ ନାଶିନୀ ମା' କାଳୀଙ୍କ କଳା ନେଇ ଜନ୍ମ ତୁମର; ସେଥିପାଇଁ ତୁମେ କୃଷ୍ଣବର୍ଣ୍ଣା। ତୁମେ ଏକ ନୁହଁ କୃଷ୍ଣା, ତୁମେ ଅନେକ। ଏକ ଭିତରେ ଅନେକ ଶକ୍ତିର ଉତ୍ସ ତୁମେ। ଧର୍ମସଂସ୍ଥାପନା କାର୍ଯ୍ୟରେ ମୋତେ ସହାୟତା କରିବାକୁ ତୁମର ଜନ୍ମ। କୃଷ୍ଣା ଭାବିଲେ... ସେ' ଯେବେ ସତରେ ଅନେକ, ଏକ ହୋଇ ଜଣଙ୍କୁ ବିବାହ କରିବା ବୋଧହୁଏ ତାଙ୍କ ପାଇଁ ବିଧି ନିର୍ଦ୍ଦେଶିତ ନୁହେଁ।

ପୁଣି ଚିନ୍ତା କଲେ ଯାଜ୍ଞସେନୀ... ପାଣ୍ଡବମାନଙ୍କୁ ବିବାହ ନ'କଲେ ବାସୁଦେବ ମଧ୍ୟ ଦୂରେଇ ଯିବେ। ଯାଦବମାନେ ପାଞ୍ଚାଳର ସହାୟତା କରିବେ ନାହିଁ। ସବୁଠାରୁ ବଡ଼କଥା ନରରୂପୀ ନାରାୟଣଙ୍କ ସାନ୍ନିଧ୍ୟ ଓ ଆଶୀର୍ବାଦ ଦୂରେଇ ଯିବ ତାଙ୍କଠାରୁ ସବୁଦିନ ପାଇଁ।

ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ ଆସିଲା। ମୁନିଶ୍ରେଷ୍ଠ ବ୍ୟାସଦେବ ସଭାରେ ପହଞ୍ଚିବା ପରେ ସମସ୍ତେ ତାଙ୍କର ପାଦଧୂଳି ମଥାରେ ଲଗାଇଲେ। ମୁନିଙ୍କ ପାଦପୂଜା କରିବା ପରେ ଦ୍ରୁପଦ କହିଲେ... ହେ ମହାଭାଗ ! ଆମ୍ଭମାନଙ୍କୁ ଏ ଘୋର ବିପଦରୁ ରକ୍ଷା କରନ୍ତୁ। ପଣ୍ଡୁ ପୁତ୍ରମାନେ ଯେଉଁ ଅଧର୍ମ କଥା କହୁଛନ୍ତି ତାର ସମାଧାନ କରନ୍ତୁ ମୁନି ଶ୍ରେଷ୍ଠ।

ଅଳ୍ପ ହସି ବ୍ୟାସଦେବ ଯୁଧିଷ୍ଠିରଙ୍କୁ ଚାହିଁ ପଚାରିଲେ... ତୁମେ କଣ କହିବାକୁ ଚାହଁ ଧର୍ମପୁତ୍ର ?

ଯୁଧିଷ୍ଠିର କହିଲେ... ଆମେ ପାଞ୍ଚଭାଇ ଏକ ଆତ୍ମା, ମାତୃସତ୍ୟ ପାଳନ ପାଇଁ ବଦ୍ଧପରିକର। ଯଦି ରାଜା ଦ୍ରୁପଦ କନ୍ୟାଙ୍କୁ ପଣ୍ଡୁ ପରିବାରରେ ବିବାହ ଦେବାକୁ ଚାହାନ୍ତି ତାହେଲେ ଆମ ପାଞ୍ଚ ଭାଇଙ୍କୁ ଯାଜ୍ଞସେନୀ ବିବାହ କରନ୍ତୁ, ନହେଲେ ଆମେ ଆମ ବାଟରେ ଚାଲିଯିବୁ।

ଉତ୍ତେଜିତ ହୋଇ ଧୃଷ୍ଟଦ୍ୟୁମ୍ନ କହିଲେ... କିନ୍ତୁ ଏହା ଯେ ଘୋର ଅଧର୍ମ।

Source: Author, Digitized by PPRACHIN, SOA

ଆର୍ଯ୍ୟମାନଙ୍କ ଧର୍ମବିରୁଦ୍ଧ।

ଧୀର କଣ୍ଠରେ ଯୁଧିଷ୍ଠିର କହିଲେ... କିଛି ଅଧର୍ମ ନୁହେଁ; ଆପଣମାନେ ସମସ୍ତେ ଜାଣନ୍ତି ଭୂଦେବୀଙ୍କ କନ୍ୟା ମହାଗୌତମୀ 'ଜରିତା' ସପ୍ତ ଋଷିଙ୍କୁ ବିବାହ କରିଥିଲେ। ଏହା ମୈତ୍ରେୟ ଉପନିଷଦରେ ବର୍ଣ୍ଣିତ ଅଛି। ତ୍ରେତୟା ଯୁଗରେ ତାରା ପ୍ରଥମେ ବାଳୀଙ୍କୁ ଏବଂ ପରେ ସୁଗ୍ରୀବଙ୍କୁ ବିବାହ କରିଥିଲେ। ମନ୍ଦୋଦରୀ ପ୍ରଥମେ ରାବଣ ଏବଂ ପରେ ବିଭୀଷଣଙ୍କୁ ବିବାହ କରିଥିଲେ; ଏଥିରେ ପ୍ରଭୁ ଶ୍ରୀରାମଙ୍କ ଆଶୀର୍ବାଦ ରହିଥିଲା। କୁରୁବଂଶରେ, ବିଚିତ୍ରବୀର୍ଯ୍ୟଙ୍କ ପତ୍ନୀ ଅମ୍ବିକା ଓ ଅମ୍ବାଳିକା, ମହାମୁନି ବ୍ୟାସଦେବଙ୍କ ସହିତ ନିଯୋଗ ବିଧିରେ ବଂଶ ରକ୍ଷା ପାଇଁ ମିଳିତ ହୋଇ ଥିଲେ। ରାଜା ଶାନ୍ତନୁଙ୍କୁ ବିବାହ କରିବା ପୂର୍ବରୁ ସତ୍ୟବତୀ ମହର୍ଷି ପରାସରଙ୍କ ସାନ୍ନିଧ୍ୟରୁ ବ୍ୟାସଦେବଙ୍କୁ ଭୂମିଷ୍ଠ କରି ଥିଲେ। ଏହିପରି ଅନେକ ଉଦାହରଣ ରହିଛି।

ଧୃଷ୍ଟଦ୍ୟୁମ୍ନ କିଛି କହିବା ପାଇଁ ଯାଉଥିଲେ। ବାଧା ଦେଇ ବ୍ୟାସଦେବ କହିଲେ... ପୁତ୍ର ଧୃଷ୍ଟଦ୍ୟୁମ୍ନ! ଯୁଧିଷ୍ଠିର ଯାହା କହୁଛନ୍ତି ଠିକ୍। ଆବଶ୍ୟକତା ଅନୁସାରେ, ଲକ୍ଷ୍ୟସାଧନକୁ ଆଖି ଆଗରେ ରଖି ଏଭଳି ବିବାହ ଆର୍ଯ୍ୟ ସମାଜରେ ପ୍ରଚଳିତ ଥିଲା ଏବଂ ଅଛି। ହିମାଳୟ ପର୍ବତ ପାଦଦେଶରେ ବସବାସ କରୁଥିବା କିଛି ଆର୍ଯ୍ୟୋତ୍ତର ବନବାସୀଙ୍କ ମଧ୍ୟରେ ଏହି ପ୍ରଥା ମଧ୍ୟ ପ୍ରଚଳିତ। ପରିବାରରେ ଏକତା ରକ୍ଷା କରିବା ପାଇଁ ଚାରି ପାଞ୍ଚ ଭାଇ ଗୋଟିଏ କନ୍ୟାକୁ ବିବାହ କରନ୍ତି। ଏକାଧିକ ପତିଙ୍କୁ ସମ ଭାବରେ ଭଲପାଇ ସେମାନଙ୍କୁ ସମ୍ଭାଳିବା କଷ୍ଟକର କାମ ହେଲେ ମଧ୍ୟ, ସ୍ତ୍ରୀ ବୁଦ୍ଧିମତୀ ଥିଲେ ଏହି କାର୍ଯ୍ୟ ସହଜ ସାଧ୍ୟ ହୋଇଥାଏ। ଏହା ଅଧର୍ମ ପରିଭାଷାର ଅନ୍ତର୍ଭୁକ୍ତ ନୁହେଁ। ଏହା ଯୁଗଧର୍ମ। ଏହି ଯୁଗଧର୍ମରେ ସାମାଜିକ ଆବଶ୍ୟକତା ପ୍ରତିଫଳିତ ହୋଇଥାଏ। ସମ୍ଭବତଃ ପରବର୍ତ୍ତୀ ଯୁଗରେ ଏହି ପ୍ରଥା ସମାଜରେ ଗୃହିତ ନହୋଇ ପାରେ।

ସାଂପ୍ରତିକ ପରିସ୍ଥିତିରେ ଉଭୟ ରାଜପରିବାର ଉଦ୍ଦେଶ୍ୟ କଣ ଦେଖିବା ଆବଶ୍ୟକ। ଏହି ବିବାହରେ ଉଭୟ, ପାଣ୍ଡୁ ପରିବାରର ଏବଂ ପାଞ୍ଚାଳ ପରିବାରର ସ୍ୱାର୍ଥ ନିହିତ; ଏହା ଉଭୟ ରାଜବଂଶକୁ ଶକ୍ତିଶାଳୀ କରିବ।

ମୁନିଶ୍ରେଷ୍ଠଙ୍କ ନିରବତା ଦେଖି ଦ୍ରୁପଦ ପ୍ରଶ୍ନକଲେ... ତାହେଲେ ଆପଣ କଣ ନିର୍ଣ୍ଣୟ ନେଲେ ମୁନିଶ୍ରେଷ୍ଠ?

ବ୍ୟାସଦେବ କହିଲେ... ମୁଁ ନିର୍ଣ୍ଣୟ କରିବାକୁ କିଏ ରାଜନ୍? ମୁଁ କେବଳ ନୀତି ଅନୀତି ଓ ଯୁଗଧର୍ମ ବିଷୟରେ ମତାମତ ଦେଇପାରିବି। ନିର୍ଣ୍ଣୟ ନିଜେ ରାଜକନ୍ୟା ନେବେ। ଯାଜ୍ଞସେନୀଙ୍କ ବିନା ସମ୍ମତିରେ କେହି କିଛି ନିଷ୍ପତ୍ତି ନେଇପାରିବେ ନାହିଁ। ତାଙ୍କୁ ନିର୍ଣ୍ଣୟ

Source: Author, Digitized by PPRACHIN, SOA

କରିବାକୁ ହେବ, ଯଜ୍ଞ ସମ୍ଭୂତା ଭାବରେ ଲକ୍ଷ୍ୟ ସାଧନ ସେ ଏକାକୀ ପାଞ୍ଚାଳୀ (ପାଞ୍ଚାଳ ରାଜକନ୍ୟା) ଭାବରେ କରିପାରିବେ ନା ପାଞ୍ଚାଳୀ (ପାଞ୍ଚ ପତିଙ୍କ ପତ୍ନୀ) ହୋଇ ପାଣ୍ଡବଙ୍କ ସହାୟତାରେ କରିପାରିବେ। କନ୍ୟାର ବିନା ସମ୍ମତିରେ ଏ ବିବାହ ସମ୍ଭବ ନୁହେଁ ଦ୍ରୁପଦ।

ସେତେବେଳକୁ ଯାଜ୍ଞସେନୀ ମନଭିତରେ ଠିକ୍ କରି ସାରିଥିଲେ, କଣ କରିବାକୁ ହେବ। ଦୁଇ କୁଳର ହିତ ପାଇଁ ତାଙ୍କୁ ଏ ଗରଳ ପାନ କରିବାକୁ ପଡ଼ିବ। ପାଞ୍ଚଭାଇଙ୍କୁ ବିବାହ କରିବାପାଇଁ ସେ ସମ୍ମତ ହେଲେ।

ମହା ସମାରୋହରେ ଯାଜ୍ଞସେନୀଙ୍କ ବିବାହ ସଂପନ୍ନ ହେଲା। ଏହା ସହିତ ସୃଷ୍ଟି ହେଲା ଅନେକ ସମ୍ଭାବନା। ଦ୍ରୁପଦ ଦ୍ରୋଣଙ୍କ ଉପରେ ପ୍ରତିଶୋଧ ନେବା ଅଭିଳାଷା, ପାଣ୍ଡବମାନଙ୍କର କୌରବମାନଙ୍କଠାରୁ ପୈତୃକ ଅଧିକାର ପାଇବା ଆଶା ତଥା ଶ୍ରୀକୃଷ୍ଣଙ୍କର ଧର୍ମସଂସ୍ଥାପନା ଉଦ୍ଦେଶ୍ୟ ସଫଳ ହେବାର ପଥ ପରିଷ୍କାର କରିଦେଲା ଏହି ଅନନ୍ୟ ବିବାହ।

-୦-

(୪୧)

ପ୍ରଜାଶକ୍ତିକୁ ଡର ପୁତ୍ର !

ଦ୍ରୌପଦୀଙ୍କ ସ୍ୱୟଂବର ସଭାରେ ଅସଫଳ ହୋଇ ଅପମାନରେ ଜର୍ଜରିତ କୁରୁ-ପୁତ୍ରମାନେ ହସ୍ତିନା ରାଜପ୍ରାସାଦରେ ପହଞ୍ଚିବା ପୂର୍ବରୁ ପାଞ୍ଚାଳରେ ଘଟିଥିବା ଘଟଣା ହସ୍ତିନାର ଘରେ ଘରେ ପ୍ରଘଟ ହୋଇଯାଇଥିଲା। ମହାମନ୍ତ୍ରୀ ବିଦୁର ଧୃତରାଷ୍ଟ୍ରଙ୍କ ପାଖରେ ପହଞ୍ଚି କହିଲେ... ଅତ୍ୟନ୍ତ ଶୁଭ ସମ୍ବାଦ ମହାରାଜ ! ପାଞ୍ଚାଳ ରାଜକନ୍ୟା କୁରୁ ବଂଶର ବଧୂ ହୋଇଛନ୍ତି। ପାଞ୍ଚାଳ ସହିତ ଏହି ବୈବାହିକ ସଂପର୍କ ସାମରିକ ଦୃଷ୍ଟିରୁ ହସ୍ତିନାକୁ ଶକ୍ତିଶାଳୀ କରିଛି।

ଆନନ୍ଦ ଆତିଶଯ୍ୟରେ ଧୃତରାଷ୍ଟ୍ର କହିଲେ...ଏ ସୁସମ୍ବାଦ ଶୁଣାଇ ମୋ ହୃଦୟକୁ କେତେ ଯେ ଆନନ୍ଦିତ କରିଛ, ଭାଷାରେ ବ୍ୟକ୍ତ କରିବା କଠିନ ପ୍ରିୟ ବିଦୁର ! ମୋ ପ୍ରିୟ ଦୁର୍ଯ୍ୟୋଧନର ଏହି ସଫଳତା ପାଇଁ ନଗ୍ରରେ ଆନନ୍ଦ ଉତ୍ସବର ବ୍ୟବସ୍ଥା କର। କୁଳବଧୂ ଯାଜ୍ଞସେନୀଙ୍କର ରାଜପ୍ରସାଦକୁ ସ୍ୱାଗତ ପାଇଁ ପ୍ରାସାଦକୁ ସୁସଜ୍ଜିତ କର।

ବିଦୁର କହିଲେ... ଅବସୋସ ମହାରାଜ,ଏ ସଫଳତା ଯୁବରାଜ ଦୁର୍ଯ୍ୟୋଧନଙ୍କର

Source: Author, Digitized by PPRACHIN, SOA

ନୁହେଁ। ଲକ୍ଷ୍ୟଭେଦରେ ଦୁର୍ଯ୍ୟୋଧନ ବିଫଳ ହୋଇଛନ୍ତି। କୁନ୍ତୀ-ପୁତ୍ର ଅର୍ଜୁନ ଲକ୍ଷ୍ୟ ଭେଦକରି ଦ୍ରୌପଦୀଙ୍କ ହୃଦୟ ଜୟ କରିଛନ୍ତି। ମହର୍ଷି ବେଦବ୍ୟାସଙ୍କ ପରାମର୍ଶକ୍ରମେ ପାଞ୍ଚଭାଇ ଦ୍ରୌପଦୀଙ୍କୁ ବିବାହକରି ପାଞ୍ଚାଳ ରାଜ୍ୟରେ ବର୍ତ୍ତମାନ ଅବସ୍ଥାନ କରୁଛନ୍ତି।

ଅନ୍ଧରାଜାଙ୍କ ଆନନ୍ଦ ଜୁଆରରେ ଅକସ୍ମାତ ଭଟ୍ଟା ପଡିଗଲା। ଉଦ୍‌ବିଗ୍ନ ହୋଇ ଧୃତରାଷ୍ଟ୍ର ପଚାରିଲେ... କଣ କହିଲ ! ଆଉଥରେ କୁହ ପ୍ରିୟ ବିଦୁର, ସତରେ କ'ଣ ପ୍ରିୟ ପାଣ୍ଡୁ-ପୁତ୍ରମାନେ ବଞ୍ଚିଛନ୍ତି !

ବିଦୁର କହିଲେ... ଆପଣ ଠିକ୍ ଶୁଣିଛନ୍ତି ମହାରାଜ, ପାଞ୍ଚଭାଇ ଯାଜ୍ଞସେନୀଙ୍କୁ ବିବାହ କରି, ବିପୁଳ ସୈନ୍ୟ ସାମନ୍ତ ସହିତ ଅମାପ ଧନସଂପଦ ଲାଭ କରି ଆନନ୍ଦରେ ପାଞ୍ଚାଳରେ ଅବସ୍ଥାନ କରୁଛନ୍ତି।

ଅନ୍ଧ ରାଜା ଧୃତରାଷ୍ଟ୍ର ତଥାପି କାନକୁ ବିଶ୍ୱାସ କରିପାରୁ ନଥିଲେ। ପୁଣି ପ୍ରଶ୍ନ କଲେ... ଏହା କିପରି ସମ୍ଭବ ବିଦୁର ! ଆମେ ସମସ୍ତେ ଶୁଣିଛେ ସେମାନେ ଜତୁଗୃହରେ ଦଗ୍ଧ ହୋଇଛନ୍ତି; ସେମାନଙ୍କ ଶେଷକୃତ୍ୟ ମଧ୍ୟ ଆମେ ପାଳନ କରିସାରିଛନ୍ତି।

ଧୃତରାଷ୍ଟ୍ରଙ୍କ ହୃଦୟ ଦୁଃଖରେ ଭରିଗଲେ ମଧ୍ୟ ତାହା ସେ ଉପରକୁ ଦେଖାଇଲେ ନାହିଁ।କୃତ୍ରିମ ଆନନ୍ଦରେ କହିଲେ... ତା'ହେଲେ ପ୍ରିୟ ପଣ୍ଡୁ-ପୁତ୍ରମାନେ ଜୀବିତ ଅଛନ୍ତି ଏବଂ ଦ୍ରୌପଦୀଙ୍କୁ ବିବାହ କରିଛନ୍ତି ? ବଡ଼ ଆନନ୍ଦର କଥା ପ୍ରିୟ ବିଦୁର। ନୂତନ ବଧୂ କୁରୁ ପରିବାର ପାଇଁ ନିଶ୍ଚୟ ଶୁଭ ଦିନ ଆଣିବେ।

ଦୁର୍ଯ୍ୟୋଧନ ଯେତେବେଳେ ଜାଣିବାକୁ ପାଇଲେ ଯେ ପାଣ୍ଡବମାନେ ଜତୁଗୃହ-ଦହନରୁ ରକ୍ଷା ପାଇଛନ୍ତି ଏବଂ ଏକ ବର୍ଷ ବିଭିନ୍ନ ସ୍ଥାନରେ ଛଦ୍ମବେଶରେ ଭ୍ରମଣକରି ଶେଷରେ ଦ୍ରୌପଦୀଙ୍କୁ ବିବାହ କରି, ନିଜର ଶକ୍ତି ବୃଦ୍ଧି କରିଛନ୍ତି, ସେ ଈର୍ଷା ଏବଂ କ୍ରୋଧରେ କମ୍ପି ଉଠିଲେ। ଭାଇ ଦୁଃଶାସନ ସହିତ ମାମୁଁ ଶକୁନିଙ୍କ ପାଖରେ ପହଞ୍ଚି ଦୁର୍ଯ୍ୟୋଧନ କହିଲେ... ଦେଖିଲେ ତ ମାମୁଁ ! ପାଣ୍ଡବମାନଙ୍କୁ ବିନାଶ କରିବା ସବୁ ଯୋଜନା ଆମର ବିଫଳ ହୋଇଯାଇଛି। ପୁରୋଚନର ମୂର୍ଖାମି ଯୋଗୁଁ ପାଣ୍ଡବମାନେ ଜତୁଗୃହରୁ ପଳାୟନ କରିଛନ୍ତି ଏବଂ ବର୍ତ୍ତମାନ ଆମପାଇଁ ଗଳାର କଣ୍ଟା ହୋଇଛନ୍ତି। ପାଞ୍ଚାଳର ସାହାଯ୍ୟ ନେଇ, ଯେ କୌଣସି ମୁହୂର୍ତ୍ତରେ ଆସି ଆମମାନଙ୍କଠାରୁ ରାଜ୍ୟ ଛଡ଼ାଇ ନେବେ।

କର୍ଣ୍ଣ ଓ ଶକୁନି, ଦୁର୍ଯ୍ୟୋଧନଙ୍କ ସହିତ ଧୃତରାଷ୍ଟ୍ରଙ୍କ ପାଖରେ ପହଞ୍ଚିଲେ। ଦୁର୍ଯ୍ୟୋଧନ କହିଲେ... ପିତାଶ୍ରୀ ! ଆପଣଙ୍କ ମନ ଲଡ଼ୁ ଖାଇଲା ଭଳି ଏତେ ଆନନ୍ଦିତ କାହିଁକି ? ଆପଣ ବିଦୁରଙ୍କୁ କହୁଥିଲେ କୁରୁ ପରିବାର ପାଇଁ ଶୁଭ ଦିନ ଆସୁଛି; ଏଇ

Source: Author, Digitized by PPRACHIN, SOA

କଣ ଆମର ଶୁଭ ଦିନ ? ଆମ ଚିରଶତ୍ରୁ ଜତୁଗୃହର ମୃତ୍ୟୁ ପଞ୍ଝାରୁ ଖସି ଯାଇ,ଆମର ଯୋଜନା ବିଷୟରେ ଜାଣିବା ପରେ ଆମକୁ ଶେଷ କରିବା ପାଇଁ ନିଶ୍ଚୟ ମନସ୍ଥ କରି ସାରିବେଣି । ସେମାନେ ହସ୍ତିନାକୁ ଆସି ଆମକୁ ରାଜ୍ୟରୁ ବିତାଡ଼ିତ କରିବା ପୂର୍ବରୁ କିଛି କରନ୍ତୁ ପିତାଶ୍ରୀ, ଏତେ ଆନନ୍ଦିତ ହୋଇ ଲାଭ କଣ ?

ଧୃତରାଷ୍ଟ୍ର କହିଲେ... ତୁମ ମନୋବେଦନା ମୁଁ ଠିକ୍ ବୁଝି ପାରୁଛି ପୁତ୍ର । କିନ୍ତୁ ବିଦୁର ଆଗରେ ସେପରି ତ କହିବାକୁ ପଡିବ; ଏବେ ମତେ କୁହ ତୁମମାନଙ୍କ ମନରେ କ'ଣ ଯୋଜନା ଅଛି ?

ଦୁର୍ଯ୍ୟୋଧନ କହିଲେ... ମୋ ମୁଣ୍ଡକୁ ତ କିଛି ଯୁଟୁନାହିଁ । ଆମର ସବୁ ଯୋଜନା ପଣ୍ଡ ହୋଇଛି । ପାଣ୍ଡବଙ୍କ ମଧ୍ୟରେ ଏକତା ଏପରି ଯେ ଶେଷରେ ସମସ୍ତେ ଗୋଟିଏ କନ୍ୟାକୁ ବିବାହ କରିଛନ୍ତି ପରସ୍ପର ଭିତରେ ବନ୍ଧନ ଦୃଢ଼ କରିବାପାଇଁ ।

ମୋ ମନରେ ଯେଉଁ ଯୋଜନା ଗୁଡ଼ିକ ଆସୁଛି ତାଭିତରୁ ପ୍ରଥମଟି ହେଲା ସେମାନଙ୍କ ଏକତା ଭାଙ୍ଗିବା । ଆମର ଗୋଟିଏ ସୁନ୍ଦରୀ ଦାସୀକୁ କଳେବଳେ ପଣ୍ଡୁ-ପରିବାର ଭିତରେ ଛାଡିଦେଲେ ସେ ଭାଇମାନଙ୍କୁ ଦ୍ରୌପଦୀଙ୍କ ଚରିତ୍ର ବିଷୟରେ ଏଣୁତେଣୁ କହି ବିଭେଦ ସୃଷ୍ଟି କରିବ । ସେମାନଙ୍କ ଏକତା ଭାଙ୍ଗିଗଲେ ଆମକୁ ସୁବିଧା ହେବ ହରାଇବା ପାଇଁ ।

ଦ୍ୱିତୀୟ ଉପାୟଟି ହେଲା ଅନେକ ଧନ ସଂପତ୍ତି ଦେଇ ଦ୍ରୁପଦଙ୍କୁ ଆମ ପକ୍ଷକୁ ନେଇ ଆସିବା ।ସେ ପାଣ୍ଡବଙ୍କୁ ରାଜ୍ୟରୁ ବିତାଡ଼ିତ କରିଦେଲେ ଆମେ ସହଜରେ ତାଙ୍କର ବିନାଶ କରିପାରିବା । ତୃତୀୟ ବିକଳ୍ପଟି ହେଲା ସେମାନେ ଗୋଟିଏ ମାଆ ପେଟର ଭାଇ ନୁହଁନ୍ତି; କୁନ୍ତୀଙ୍କର ନିଜ ପୁତ୍ରଙ୍କ ପ୍ରତି ପକ୍ଷପାତିତା ଦର୍ଶାଇ ନକୁଳ ସହଦେବଙ୍କ ମନରେ ବିଦ୍ରୋହ ସୃଷ୍ଟି କରି ସେମାନଙ୍କ ଭିତରେ ବିଭେଦ ସୃଷ୍ଟି କରିବା ।

ଦୁର୍ଯ୍ୟୋଧନଙ୍କର ଏଭଳି ଯୋଜନା ଶୁଣି କର୍ଣ୍ଣ ଅଟ୍ଟହାସ କରି କହିଲେ... ଏସବୁ ବେକାର ଯୋଜନା, ଗୋଟିଏ ମଧ୍ୟ କାର୍ଯ୍ୟକାରୀ ହେବନାହିଁ । ମୋ ମତରେ ପାଣ୍ଡବମାନଙ୍କୁ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିପାତ କରିଦେବା ଠିକ୍ ହେବ । ବୀରଭୋଗ୍ୟା ବସୁନ୍ଧରା । ବୀର ଭଳି ଶତ୍ରୁକୁ ଯୁଦ୍ଧରେ ନିହତ କରି ରାଜ୍ୟ ଭୋଗ କରିବା ଶାସ୍ତ୍ର ଅନୁମୋଦିତ । ପାଣ୍ଡବମାନେ ବାସୁଦେବ ଏବଂ ପାଞ୍ଚାଳର ସହାୟତା ପାଇ ଅଧିକ ଶକ୍ତିଶାଳୀ ହେବା ପୂର୍ବରୁ ଆମେ ତାଙ୍କୁ ଶେଷ କରିଦେବା ଉଚିତ ।

ଶକୁନି କହିଲେ... ଶତ୍ରୁକୁ କୌଶଳରେ ହତ୍ୟା କରିବା ଠିକ୍ ହେବ ଅଙ୍ଗରାଜ, ଏଭଳି ମୁହାଁମୁହିଁ ଆକ୍ରମଣ କରି ନୁହେଁ; ପାଣ୍ଡବମାନେ ଦୁର୍ବଳ ନୁହଁନ୍ତି । ଭୀମ ଅର୍ଜୁନଙ୍କ

Source: Author, Digitized by PPRACHIN, SOA

ଭଳି ମହାବଳୀ ଓ ମହାଧନୁର୍ଦ୍ଧର ଆଗରେ ତୁମର ଆସ୍ଫାଳନ କିଛି କାମ ଦେବନାହିଁ ଅଙ୍ଗରାଜ। ନେବାକୁ ଦେବା ପଡ଼ିଯିବ। ଆମକୁ ହରାଇ ପାଣ୍ଡବମାନେ ପୂରା ହସ୍ତିନା ଦଖଲ କରିନେବେ।

ଦୁର୍ଯ୍ୟୋଧନ, କର୍ଣ୍ଣ ଏବଂ ଶକୁନିଙ୍କର ଏଭଳି ବିଲୁଆ ବିଚାରରେ ସନ୍ତୁଷ୍ଟ ନହୋଇ ଧୃତରାଷ୍ଟ୍ର ଭୀଷ୍ମଙ୍କ ପରାମର୍ଶ ଲୋଡିଲେ। ଭୀଷ୍ମ, ପାଣ୍ଡବମାନଙ୍କର ପାଞ୍ଚାଳ ସହିତ ବିବାହ ସମ୍ବନ୍ଧ ସ୍ଥାପନ କଥା ଶୁଣି ମହା ଆନନ୍ଦିତ ହେଲେ ଏବଂ କହିଲେ... ମହାରାଜ ! ପାଣ୍ଡବ ପାଞ୍ଚଭାଇ କୁରୁ ପରିବାରର ଅଂଶ ଏବଂ ରାଜ୍ୟରେ ସେମାନଙ୍କ ଅଧିକାର ରହିଛି। ସେମାନେ ପ୍ରଜାମାନଙ୍କର ଅତି ପ୍ରିୟ ମଧ୍ୟ। ବାରୁଣାବନ୍ତରେ ଲାକ୍ଷ୍ୟାଗୃହ ଦହନନେଇ ପ୍ରଜାଙ୍କ ମନରେ ନାନା ପ୍ରକାର ସନ୍ଦେହ ରହିଛି। ଏଭଳି ସମୟରେ ପାଞ୍ଚଭାଇଙ୍କ ସହିତ ବିରୋଧାଚରଣ କଲେ ପ୍ରଜାମାନେ ଉତକ୍ଷିପ୍ତ ହେବେ। ପ୍ରଜା-ଶକ୍ତିକୁ ହେୟଜ୍ଞାନ କରି କୌଣସି ରାଜଶକ୍ତି ରାଜ୍ୟ ଶାସନରେ ସଫଳ ହୋଇପାରିନାହିଁ। ପାଣ୍ଡୁପୁତ୍ରମାନଙ୍କୁ ଆଦର ସହିତ ହସ୍ତିନାକୁ ସ୍ୱାଗତ କରନ୍ତୁ ମହାରାଜ।

ଦ୍ରୋଣ କହିଲେ... ପିତାମହଙ୍କ ସହିତ ମୁଁ ସଂପୂର୍ଣ୍ଣ ଏକମତ।

ଦ୍ରୋଣଙ୍କର ଏଭଳି ମନ୍ତବ୍ୟ ଶୁଣି ଉତକ୍ଷିପ୍ତ ହୋଇ କର୍ଣ୍ଣ କହିଲେ... ହେ ଆଚାର୍ଯ୍ୟ ! ଏଭଳି ଉପଦେଶ ରାଜାଙ୍କୁ ଦେଉଛନ୍ତି କାହିଁକି ? ଏହା ଆପଣଙ୍କର ପାଣ୍ଡବ-ପ୍ରୀତିର ନମୂନା। ଯେଉଁ ଥାଳିରେ ଖାଉଛନ୍ତି, ସେଥିରେ ବିଳ ସୃଷ୍ଟି କରୁଛନ୍ତି ? ଏହା କୃତଘ୍ନତାର ଲକ୍ଷଣ ନୁହେଁ କି ?

କର୍ଣ୍ଣଙ୍କ କଥା ଶୁଣି ପ୍ରଚଣ୍ଡ କ୍ରୋଧରେ ଥରିଗଲେ ଆଚାର୍ଯ୍ୟ, କହିଲେ... ହେ ଦୁଷ୍ଟ କର୍ଣ୍ଣ ! ତୁମ ଖଳବୁଦ୍ଧିର ପ୍ରୟୋଗ କରି ହସ୍ତିନାର କ୍ଷତି କରନାହିଁ। ଅଙ୍ଗଦେଶର ରାଜପଦ ତୁମକୁ ଅହଂକାରୀ ଏବଂ ଅଶାଳୀନ କରି ଦେଇଛି। ନିଜ ମୁହଁରେ ଲଗାମ ଦିଅ।

କହିବା ବାହୁଲ୍ୟ ଯେ ଏହା ଥିଲା କୁରୁ ଦରବାରର ପ୍ରକୃତ ଚରିତ୍ର। ରାଜା ଅନ୍ଧ ଏବଂ ସଭାସଦଙ୍କ ମଧ୍ୟରେ ମତଭେଦ ପରିସ୍ଥିତିକୁ ସର୍ବଦା ଜଟିଳ କରୁଥିଲା।

ଅନନୋପାୟ ହୋଇ ଧୃତରାଷ୍ଟ୍ର ବିଦୁରଙ୍କୁ ପରାମର୍ଶ ମାଗିଲେ। ବିଦୁର କହିଲେ... କୁଟିଳ ଶକୁନି, ଈର୍ଷାଳୁ ଦୁର୍ଯ୍ୟୋଧନ ଏବଂ ଅନଭିଜ୍ଞ ତଥା ଭାବପ୍ରବଣ କର୍ଣ୍ଣଙ୍କ କଥାରେ ପରିଚାଳିତ ହେଲେ ହସ୍ତିନାର ଘୋର କ୍ଷତି ହେବ। ପ୍ରଜାଙ୍କ ଇଚ୍ଛାକୁ ସମ୍ମାନ ଦେଇ ପାଣ୍ଡବମାନଙ୍କୁ ସାଦରେ ଆମନ୍ତ୍ରଣ କରି ହସ୍ତିନାର ଅର୍ଦ୍ଧେକ ରାଜ୍ୟ ସେମାନଙ୍କୁ ଦାନ କରିବା ଉଚିତ।

ଅନିଚ୍ଛା ସତ୍ତ୍ୱେ ଧୃତରାଷ୍ଟ୍ର ଏହି ପ୍ରସ୍ତାବରେ ସମ୍ମତ ହେଲେ ଏବଂ ବିଦୁରଙ୍କୁ ପାଞ୍ଚାଳ

Source: Author, Digitized by PPRACHIN, SOA

ଯାଇ ପାଣ୍ଡବମାନଙ୍କୁ ନିମନ୍ତ୍ରଣ କରି ଆଣିବାପାଇଁ ଆଦେଶ ଦେଲେ।

ଅନେକ ଉପଢୌକନ ନେଇ ବିଦୁର ପାଞ୍ଚାଳରେ ପହଞ୍ଚି କୁନ୍ତୀ ଦେବୀଙ୍କ ପାଦପୂଜା କରି ଦ୍ରୁପଦଙ୍କୁ ଯଥାମାନ୍ୟ କଲେ ଏବଂ ଆଗମନର ଅଭିପ୍ରାୟ ଜଣାଇଲେ। ଧୃତରାଷ୍ଟ୍ରଙ୍କ ମାନସିକତା ଏବଂ ଉଦ୍ଦେଶ୍ୟ ଉପରେ ଦ୍ରୁପଦଙ୍କର ବିଶ୍ୱାସ ନଥିଲେ ମଧ୍ୟ, ଯିବା ନଯିବା ନିର୍ଣ୍ଣୟ ସେ ପାଞ୍ଚ ଭାଇଙ୍କ ଉପରେ ଛାଡିଦେଲେ। କୁନ୍ତୀ ପାଣ୍ଡବ ମାନଙ୍କ ନିରାପତ୍ତା ନେଇ ସନ୍ଦେହ ପ୍ରକାଶ କରିବାରୁ ବିଦୁର କହିଲେ... ପୂଜନୀୟା ଦେବୀ! ଯେ ପର୍ଯ୍ୟନ୍ତ ପାଣ୍ଡବମାନେ ଧର୍ମ ପଥରେ ରହିଛନ୍ତି ସେମାନଙ୍କର କୌଣସି କ୍ଷତି ହେବନାହିଁ।

ପାଣ୍ଡବମାନେ ମହା ସମାରୋହରେ ରାଜଧାନୀକୁ ଫେରିଲେ। ପ୍ରଜା-ଶକ୍ତିର ଜୟ ହେଲା। ହର୍ଷୋଲ୍ଲାସ ଏବଂ ଆନନ୍ଦ ଉତ୍ସବରେ ମୁଖରିତ ହେଲା ହସ୍ତିନାର ବାଟଘାଟ। ପ୍ରଜାମାନେ ମହା ଆନନ୍ଦରେ ପ୍ରିୟ ପଣ୍ଡୁପୁତ୍ରଙ୍କୁ ସ୍ୱାଗତ କଲେ। ପଣ୍ଡୁ-ପୁତ୍ରମାନଙ୍କ ପ୍ରତି ପ୍ରଜାମାନଙ୍କର ସମର୍ଥନ ଦେଖି କୌରବ ମାନେ ଈର୍ଷାନ୍ୱିତ ଏବଂ ଭୟଭୀତ ହୋଇ ପଡିଲେ। ଦୁର୍ଯ୍ୟୋଧନ ଶକୁନି, କର୍ଣ୍ଣ ଏବଂ ଦୁଃଶାସନଙ୍କୁ ନିକଟକୁ ଡାକି କହିଲେ... ଏମାନଙ୍କୁ ନିପାତ ନକଲେ ପ୍ରଜାମାନଙ୍କର ଏମାନଙ୍କୁ ସମର୍ଥନ ଭବିଷ୍ୟତରେ ବିପ୍ଳବ ସୃଷ୍ଟି କରିବ। କିଛି ଉପାୟ ଚିନ୍ତା କର।

ଧୃତରାଷ୍ଟ୍ର ଯୁଧିଷ୍ଠିରଙ୍କୁ ପାଖକୁ ଡାକି କହିଲେ... ପୁତ୍ର ! ତୁମେ ପାଞ୍ଚଭାଇ ସର୍ବଦା ଧର୍ମପଥର ଯାତ୍ରୀ କିନ୍ତୁ ମୋ ପୁତ୍ରମାନେ ଖଳପ୍ରକୃତିର। ସେମାନଙ୍କ ସହିତ ଗୋଟିଏ ରାଜ୍ୟ ଏବଂ ଗୋଟିଏ ପରିବାର ଭିତରେ ରହିବା ତୁମମାନଙ୍କ ପାଇଁ ମଙ୍ଗଳ କାରକ ହେବନାହିଁ। ଭାଇ-ଭାଗ ତ ସବୁ ସମୟରେ ରହିଛି। ତୁମେ ପାଞ୍ଚଭାଇ ପୁରାତନ ରାଜଧାନୀ ଖାଣ୍ଡବପ୍ରସ୍ଥରେ ରହି ଅର୍ଦ୍ଧେକ ରାଜ୍ୟ ଭୋଗକର। ସେଠାରେ ଆମର ପୂର୍ବଜ ପୁରୁ, ନହୁଷ ଏବଂ ଯଯାତିଙ୍କ ଭଳି ପ୍ରଥିତଯଶା ରାଜାମାନେ ଶାସନ କରୁଥିଲେ। ତାହା ଏବେ ପରିତ୍ୟକ୍ତ ହୋଇ ପଡ଼ିଥିଲେ ମଧ୍ୟ ତୁମେମାନେ ତାକୁ ପୁନରୁଦ୍ଧାର କରି ସେଠାରେ ଆନନ୍ଦରେ ବସବାସ କର।

ଧୃତରାଷ୍ଟ୍ରଙ୍କ ରାଜ୍ୟବଣ୍ଟନରେ ଏଭଳି ପକ୍ଷପାତିତା ଦେଖି, ଦ୍ରୌପଦୀ ସମେତ ଭୀମ ଅର୍ଜୁନ ନକୁଳ ସହଦେବ ଆଦି ଅସନ୍ତୁଷ୍ଟ ହେଲେ। କିନ୍ତୁ ଶାନ୍ତି ସ୍ଥାପନ ଦୃଷ୍ଟିରୁ ଯୁଧିଷ୍ଠିର ଏହି ପ୍ରସ୍ତାବ ଗ୍ରହଣ କଲେ।

-୦-

Source: Author, Digitized by PPRACHIN, SOA

(୪୨)

ଇନ୍ଦ୍ରପ୍ରସ୍ଥ

ଯମୁନା ନଦୀର ପଶ୍ଚିମରେ ଥିବା ଅରଣ୍ୟ ପ୍ରାନ୍ତର ଏବଂ ପୁରାତନ ପରିତ୍ୟକ୍ତ ରାଜଧାନୀ ଖାଣ୍ଡବପ୍ରସ୍ଥକୁ ପାଣ୍ଡବମାନଙ୍କୁ ଦାନ କରି ଧୃତରାଷ୍ଟ୍ର ଭାବିନେଲେ ଯେ ସେ ପାଣ୍ଡବ-କୌରବ କଳହ ସବୁଦିନ ପାଇଁ ଦୂର କରିଦେଇଛନ୍ତି। ଏଭଳି ବଣ ଜଙ୍ଗଲ ଘେରା, ରାକ୍ଷସ ହିଂସ୍ରଜନ୍ତୁ ଓ ସର୍ପ ଅଧ୍ୟୁଷିତ ଅରଣ୍ୟ ପ୍ରାନ୍ତରକୁ ନେଇ କଣ କରିବେ ବୋଲି ଚିନ୍ତାରେ ରହିଥିଲେ ପଣ୍ଡୁପରିବାର। ଏହି ସମୟରେ ଶ୍ରୀକୃଷ୍ଣଙ୍କ ଆଗମନ ପଣ୍ଡୁ-ପରିବାରରେ ନୂତନ ଜୀବନ ଆଣିଦେଲା।

ଦିନେ ଶ୍ରୀକୃଷ୍ଣ ଏବଂ ଅର୍ଜୁନ ଅରଣ୍ୟପ୍ରାନ୍ତରେ ଭ୍ରମଣ କରୁଥିବା ସମୟରେ ଜଣେ ଶୀର୍ଣ୍ଣକାୟ ବ୍ରାହ୍ମଣ ସେ ଦୁହିଁଙ୍କ ନିକଟରେ ପହଞ୍ଚିଲେ।ଶରୀରର ରଙ୍ଗ ତମ୍ବା ଭଳି ଚମକୁଥାଏ। ଚକ୍ଷୁରେ ଝଲସୁଥାଏ ଦିବ୍ୟ ଜ୍ୟୋତି, କିନ୍ତୁ ଅତ୍ୟନ୍ତ ବୁଭୁକ୍ଷୁ ଜଣାଯାଉଥାନ୍ତି ବ୍ରାହ୍ମଣ। ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କୁ ସମ୍ବୋଧନ କରି ଆଗନ୍ତୁକ କହିଲେ... ଆର୍ଯ୍ୟପୁତ୍ର ! ମୁଁ ସ୍ୱୟଂ ଅଗ୍ନି ଦେବ, କିନ୍ତୁ ଅତ୍ୟଧିକ ଘୃତ ଭକ୍ଷଣ କରି ମୁଁ ଅଗ୍ନିମାନ୍ଦ୍ୟ ରୋଗରେ ପ୍ରପୀଡ଼ିତ। ଯାହା କିଛି କଲେ ମଧ୍ୟ ମୋର କ୍ଷୁଧା ମେଣ୍ଟି ପାରୁନାହିଁ। ମୁଁ ନିଶ୍ଚିତ ଯେ ଆପଣ ଦୁଇଜଣ ମୋର ଏହି ରୋଗର ପ୍ରତିକାର କରିପାରିବେ। ମୋର ଇପ୍ସିତ ଖାଦ୍ୟ ମୋତେ ଦେଇପାରିବେ।

ଅଗ୍ନି ଦେବଙ୍କୁ ଏଭଳି ରୁଗ୍ଣ ଅବସ୍ଥାରେ ଦେଖି ଶ୍ରୀକୃଷ୍ଣ ଏବଂ ଅର୍ଜୁନ ଆଶ୍ଚର୍ଯ୍ୟ ହେଲେ। ଅର୍ଜୁନ ପଚାରିଲେ... ଏଭଳି ରୋଗରେ ଆପଣ କିପରି ପ୍ରପୀଡ଼ିତ ହେଲେ ଅଗ୍ନିଦେବ ?

ଅଗ୍ନି କହିଲେ... ରାଜା ଶ୍ୱେତକି ଦେବତା ମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ଯଜ୍ଞ ଅନୁଷ୍ଠାନର ଆୟୋଜନ କଲେ। ଦୀର୍ଘ ବାରବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଲାଗି ରହିଲା ସେହି ଯଜ୍ଞ; ପୁରୋଧା ଥିଲେ ଋଷି ଦୁର୍ବାସା। ସେ ଯଜ୍ଞରେ ସନ୍ତୁଷ୍ଟ ହୋଇ ଦେବତାଙ୍କ ଆଶୀର୍ବାଦରେ ମୋକ୍ଷ ପାଇଲେ ରାଜା ଶ୍ୱେତକି। କିନ୍ତୁ ଦୀର୍ଘ ବାର ବର୍ଷ ନିରବଚ୍ଛିନ୍ନ ଘୃତପାନ କରି ମୁଁ ଲୁଦୁବୁଦୁ ବ୍ୟାଧିରେ ପ୍ରପୀଡ଼ିତ ହେଲି। ଏହି ଖାଣ୍ଡବ ବନରେ ଅନେକ ପ୍ରକାରର ଔଷଧି ବୃକ୍ଷ ଓ ଲତା ପରିପୂର୍ଣ୍ଣ ହୋଇ ରହିଛନ୍ତି। ମୁଁ ଏହି ବନଦେଶକୁ ଭକ୍ଷଣ କଲେ ମୋର ବ୍ୟାଧି ଦୂର ହେବ।

Source: Author, Digitized by PPRACHIN, SOA

ଏହାଶୁଣି ଅର୍ଜୁନ କହିଲେ... ସେଥିପାଇଁ ବାଧା କେଉଁଠାରେ ଉପୁଜିଛି ?

ଅଗ୍ନି ଦେବ କହିଲେ... ଏହି ବନପ୍ରଦେଶ ଇନ୍ଦ୍ରଦେବଙ୍କ ଦ୍ୱାରା ସୁରକ୍ଷିତ। ସେଥିପାଇଁ ଏହି ଖାଣ୍ଡବପ୍ରସ୍ଥର ଅନ୍ୟନାମ ଇନ୍ଦ୍ରପ୍ରସ୍ଥ। ଏଠାରେ ଇନ୍ଦ୍ରଙ୍କ ପରମ ମିତ୍ର ତକ୍ଷକ ସର୍ପ ସପରିବାର ବାସ କରନ୍ତି। ଯେତେ ଥର ମୁଁ ଚେଷ୍ଟା କରିଛି ଖାଣ୍ଡବପ୍ରସ୍ଥ ଦହନ କରିବାପାଇଁ, ପ୍ରତିଥର ଇନ୍ଦ୍ର ବାଧା ସୃଷ୍ଟି କରିଛନ୍ତି। 'ଆବର୍ତ୍ତକ' ଓ 'ପୁଷ୍କଳ' ନାମକ ଦୁଇ ମହା-ମେଘ ପଠାଇ ମୋତେ ନିର୍ବାପିତ କରିଦେଇଛନ୍ତି। ତୁମେ ତ ଜାଣ ଧନଞ୍ଜୟ! ଅଗ୍ନି ସୃଷ୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ମହାଭୂତ। ଦାବାଗ୍ନି, ବଡବାଗ୍ନି, ଜଠରାଗ୍ନି, ତାପ, ଉତ୍ତାପ ଇତ୍ୟାଦି ମୋର ବିଭିନ୍ନ ରୂପ। ମୁଁ ରୋଗାକ୍ରାନ୍ତ ହେଲେ ସମସ୍ତ ଜୀବଜଗତ ପ୍ରଭାବିତ ହେବ; ସୃଷ୍ଟିର ଭାରସାମ୍ୟ ନଷ୍ଟହେବ। ତେଣୁ ତୁମେ ଦୁହେଁ ମୋତେ ସାହାଯ୍ୟ କଲେ ମୁଁ ସହଜରେ ଏହି ଖାଣ୍ଡବପ୍ରସ୍ଥ ଦହନ କରିପାରିବି।

ପାଣ୍ଡବ-ବନ୍ଧୁ ଶ୍ରୀକୃଷ୍ଣ ଚିନ୍ତାକଲେ... ଅଗ୍ନି ଦେବଙ୍କୁ ସାହାଯ୍ୟ କଲେ ଜଗତର କଲ୍ୟାଣ ହେବା ସଙ୍ଗେସଙ୍ଗେ ପାଣ୍ଡବମାନଙ୍କୁ ଏକାଧାରରେ ଅନେକ ସୁଫଳ ମିଳିବ। ଇନ୍ଦ୍ରଙ୍କ ସହିତ ଯୁଦ୍ଧ କରିବା ପାଇଁ ଅଗ୍ନିଙ୍କଠାରୁ ଅର୍ଜୁନଙ୍କୁ ଦିବ୍ୟାସ୍ତ୍ର ଓ ଦିବ୍ୟ ରଥ ମିଳିବ। ଏତଦ୍ ବ୍ୟତୀତ ଅରଣ୍ୟ ପୋଡ଼ିଗଲେ ନୂତନ ରାଜ୍ୟ ପାଇଁ ବିସ୍ତୃତ କୃଷି କ୍ଷେତ୍ର ମିଳିବ। ଅରଣ୍ୟରେ ରହୁଥିବା ତ୍ରିଲୋକ-ଶ୍ରେଷ୍ଠ ସ୍ଥପତି ମୟ ଦାନବଙ୍କୁ ଅଗ୍ନିରେ ଭସ୍ମ ନକରି ଦୟା ପ୍ରଦର୍ଶନ କଲେ ଯୁଧିଷ୍ଠିରଙ୍କର ଭବ୍ୟ ଇନ୍ଦ୍ରପ୍ରସ୍ଥ ଦରବାର ଗଠନ କରିବାପାଇଁ ସାହାଯ୍ୟ ମିଳିବ। ଅରଣ୍ୟରେ ବସବାସ କରୁଥିବା ନାଗ ଓ ଅସୁର ଜନଜାତିଙ୍କୁ ବିସ୍ଥାପିତ କଲେ ଯୁଧିଷ୍ଠିରଙ୍କ ନୂତନ ରାଜଧାନୀ ପାଇଁ ମିଳିବ ପ୍ରଶସ୍ତ ଇଲାକା। ଅବଶ୍ୟ ଅରଣ୍ୟର ବୃକ୍ଷଲତା ଓ ପଶୁପକ୍ଷୀ କିଛି ହରାଇବାକୁ ପଡ଼ିବ; କିନ୍ତୁ କିଛି ପାଇବାକୁ ହେଲେ, କିଛି ହରାଇବାକୁ ପଡ଼ିଥାଏ, ଏହା ସଂସାରର ନିୟମ।

ଏ ସଂପର୍କରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହିତ ଆଲୋଚନା କଲେ। ଅର୍ଜୁନ ଅଗ୍ନି ଦେବଙ୍କୁ କହିଲେ... ହେ ଦେବ! ଏହି କାର୍ଯ୍ୟରେ ଇନ୍ଦ୍ରଙ୍କ ସହିତ ଯୁଦ୍ଧ ଅବଶ୍ୟମ୍ଭାବୀ। ଆପଣ ଆମକୁ ଦିବ୍ୟ ଅସ୍ତ୍ର ଏବଂ ରଥ ପ୍ରଦାନ କରନ୍ତୁ। ତା'ପରେ ଆଉ କିଛି ବାଧା ରହିବ ନାହିଁ।

ଅଗ୍ନିଦେବ ବରୁଣଙ୍କୁ ଅନୁରୋଧ କରିବାରୁ ସେ ଗାଣ୍ଡିବ ଧନୁ ଅକ୍ଷୟ ତୂଣୀର ଏବଂ ଦେବଦତ୍ତ ମହା ଶଙ୍ଖ ଅର୍ଜୁନଙ୍କୁ ପ୍ରଦାନକଲେ। ଅତି ଅଦ୍ଭୁତ ଥିଲା ଏହି ଗାଣ୍ଡିବ ଧନୁର ଶକ୍ତି। ଏହାର ଶକ୍ତି ଆଗରେ ଶିବଙ୍କର ପୀନାକ ଧନୁର ଶକ୍ତି ମଧ୍ୟ ନ୍ୟୁନ ଥିଲା। ଅକ୍ଷୟ ତୂଣୀରରୁ ତୀର କେବେ ଶେଷ ହେଉ ନଥିଲା। ଦେବଦତ୍ତ ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ତିନିପୁର; ତାହା ଶତ୍ରୁ ମନରେ ଭୟ ସୃଷ୍ଟି କରୁଥିଲା।

Source: Author, Digitized by PPRACHIN, SOA

ଏହା ବ୍ୟତୀତ,ମନଠାରୁ ଅଧିକ ବେଗରେ ଗତି କରି ପାରୁଥିବା ଏକ ଦିବ୍ୟ ରଥ ଅର୍ଜୁନଙ୍କୁ ଉପହାର ଦେଲେ ଅଗ୍ନି ଦେବ। ଏହାର ଶୀର୍ଷରେ ସ୍ୱୟଂ ହନୁମାନ ବିଜେ କରିଥିଲେ। ତେଣୁ ଏହାର ନାମ ଥିଲା କପିଧ୍ୱଜ।

ଇନ୍ଦ୍ରଙ୍କୁ ପ୍ରତିରୋଧ କରିବାପାଇଁ ପ୍ରସ୍ତୁତି ଶେଷ ହେବାପରେ ଆରମ୍ଭ ହେଲା ଅଗ୍ନିଙ୍କ ଖାଣ୍ଡବ ବନ ଦହନ। ବହୁଦିନ ଧରି ବୁଭୁକ୍ଷିତ ଥିବା ଅଗ୍ନି ଲେଲିହାନ ଶିଖା ବ୍ୟାଦାନ କରି ଖାଣ୍ଡବ ବନକୁ ଭକ୍ଷଣ କରିବା ଆରମ୍ଭ କରିଦେଲେ।

ବନରେ ଥିବା ଅନେକ ଜୀବଜନ୍ତୁ, ବୃକ୍ଷଲତା ପଶୁପକ୍ଷୀ ଅଗ୍ନିରେ ଭସ୍ମ ହେବାକୁ ଲାଗିଲେ। ସେ ସମୟରେ ଇନ୍ଦ୍ରଙ୍କ ମିତ୍ର 'ତକ୍ଷକ' ଅରଣ୍ୟ ଭିତରେ ନଥିଲେ, କିନ୍ତୁ ତକ୍ଷକଙ୍କ ପତ୍ନୀ ଏବଂ ବିଶାଳ ସର୍ପ ପରିବାର ସେହି ବନଭିତରେ ରହିଥିଲେ। ବନ ଦହନ ହେବା ସମ୍ବାଦ ପାଇ ଇନ୍ଦ୍ରଦେବ ମେଘମାନଙ୍କୁ ପ୍ରେରଣ କଲେ ବୃଷ୍ଟି କରି ଅଗ୍ନି ନିର୍ବାପନ କରିବା ପାଇଁ।

ଘୋର ଗର୍ଜନ କରି ଆବର୍ତ୍ତକ, ପୁଷ୍କଳ ଆଦି ସପ୍ତମେଘ ମାଡି ଆସିଲେ; ଜଣାଗଲା ଘୋର ବର୍ଷାରେ ଧରାପୃଷ୍ଠକୁ ପ୍ରଳୟ ଗ୍ରାସ କରିଦେବ। କିନ୍ତୁ ଅର୍ଜୁନ ଗାଣ୍ଡିବ ଧନୁରେ, ଅକ୍ଷୟ ତୂଣୀରରେ ସ୍ଥିତ ଦିବ୍ୟ ଅସ୍ତ୍ର ପ୍ରୟୋଗ କରି ମେଘମାନଙ୍କୁ ବହୁ ଦୂରକୁ ଉଡ଼ାଇ ନେଲେ। ଅରଣ୍ୟରେ ରହିଥିବା ଅନ୍ୟ ଅନେକ ପ୍ରାଣୀ ସହିତ ସର୍ପରାଜ ତକ୍ଷକଙ୍କ ପରିବାର ଏବଂ ପତ୍ନୀ ମଧ୍ୟ ସେହି ସର୍ବଗ୍ରାସୀ ଅନଳ ଭିତରେ ସମାପ୍ତ ହୋଇଗଲେ। କେବଳ ତକ୍ଷକଙ୍କର 'ଅଶ୍ୱସେନ' ନାମକ ଏକ ପୁତ୍ର ପଳାୟନ କରି ରକ୍ଷା ପାଇ ଯାଇଥିଲେ, ପିତାଙ୍କ ଆଗରେ ଲୋମହର୍ଷଣକାରୀ ଅଗ୍ନିକାଣ୍ଡ ବର୍ଣ୍ଣନା କରିବା ପାଇଁ।

ଅଶ୍ୱସେନ କହିଲେ... ପିତାଶ୍ରୀ, ବଡ଼ କରୁଣ ସେ ଦୃଶ୍ୟ। ଅଗ୍ନିରେ ଜଳିଯାଉଥିବା ମୋର ମାତା ଏବଂ ଭାଇ ଭଉଣୀମାନଙ୍କର ମୃତ୍ୟୁକାଳୀନ କରୁଣ କ୍ରନ୍ଦନ ହୃଦୟ ଥରାଇ ଦେଉଥିଲା। ମୋର ମାତା ମୋ ସହିତ ମଧ୍ୟ ପଳାୟନ କରିବାପାଇଁ ଚେଷ୍ଟା କରୁଥିଲେ, କିନ୍ତୁ ନିର୍ଦ୍ଦୟ ମଧ୍ୟମ ପାଣ୍ଡବ ତାଙ୍କୁ ଯିବାପାଇଁ ଦେଲେ ନାହିଁ। ଏହି ମହା ବିନାଶକାରୀ ଧ୍ୱଂସଲୀଳାରେ ଶ୍ରୀକୃଷ୍ଣ ମଧ୍ୟ ସାହାଯ୍ୟ କରୁଥିଲେ ଅର୍ଜୁନଙ୍କୁ। ଆପଣଙ୍କ ମିତ୍ର ଇନ୍ଦ୍ରଦେବ ଏବଂ ଅନ୍ୟ ଅନେକ ଦେବତା ଘୋର ଯୁଦ୍ଧ କରି ନର-ନାରାୟଣଙ୍କୁ ପରାସ୍ତ କରିବାକୁ ପ୍ରୟାସ କଲେ, କିନ୍ତୁ ସମସ୍ତେ ପରାଜୟର ମୁଖ ଦର୍ଶନ କଲେ। କେଉଁ ଅପରାଧରେ ଆମକୁ ଏ ଦଣ୍ଡ ମିଳିଲା ପିତାଶ୍ରୀ !

ତକ୍ଷକ, ପୁତ୍ର ଅଶ୍ୱସେନଙ୍କ ଠାରୁ ଏହି କରୁଣ କାହାଣୀ ଶୁଣି ଭୟଙ୍କର କ୍ରୋଧରେ କମ୍ପି ଉଠିଲେ। କିନ୍ତୁ ତାଙ୍କ ପାଖରେ କୌଣସି ଉପାୟ ନଥିଲା। ନର (ଅର୍ଜୁନ) ଏବଂ

Source: Author, Digitized by PPRACHIN, SOA

ନାରାୟଣ (ଶ୍ରୀକୃଷ୍ଣ)ଙ୍କର କୌଣସି କ୍ଷତି କରିବା ସାମର୍ଥ୍ୟ ତାଙ୍କର ନଥିଲା। ସେ ସମୟ ଓ ସୁଯୋଗକୁ ଅପେକ୍ଷା କରି ରହିଲେ ଅର୍ଜୁନଙ୍କ ଉପରେ ପ୍ରତିଶୋଧ ନେବାପାଇଁ। ପରବର୍ତ୍ତୀ ସମୟରେ ମହାଭାରତ ଯୁଦ୍ଧରେ ତକ୍ଷକ କର୍ଣ୍ଣଙ୍କ ରଥରେ ରହି ସମୟ ଓ ସୁଯୋଗକୁ ଅପେକ୍ଷା କରିଥିଲେ। ତକ୍ଷକଙ୍କ ଅନୁରୋଧକ୍ରମେ କର୍ଣ୍ଣ ତାଙ୍କୁ ନିଜ ବାଣ ସହିତ କୃଷ୍ଣ-ଅର୍ଜୁନଙ୍କୁ ଗିଳିଦେବା ପାଇଁ ପ୍ରେରଣ କଲେ। ଶ୍ରୀକୃଷ୍ଣ ତକ୍ଷକଙ୍କ ମତିଗତି ବୁଝିପାରି ନନ୍ଦିଘୋଷ ରଥକୁ ପାତାଳକୁ ଚାପି ଦେଇଥିଲେ। ରଥର ପତାକାଟି ଗିଳିଦେଇ କର୍ଣ୍ଣଙ୍କ ପାଖକୁ ଫେରି ଆସି ତକ୍ଷକ ଗର୍ବର ସହିତ କହିଥିଲେ ଯେ ସେ ନନ୍ଦିଘୋଷ ରଥକୁ ଆତ୍ମସାତ କରିଦେଇଛନ୍ତି। କିଛି ସମୟ ପରେ ପାତାଳରୁ ନନ୍ଦିଘୋଷ ଯେତେବେଳେ ଉପରକୁ ଉଠି ଆତ୍ମପ୍ରକାଶ କଲା, କର୍ଣ୍ଣ ତକ୍ଷକଙ୍କୁ ଭର୍ତ୍ସନାକରି ସ୍ଥାନ ଛାଡି ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଲାଞ୍ଛନା ଦେଇ କହିଥିଲେ ଯେ ସପର୍କୁ କେବେ ବିଶ୍ୱାସ କରାଯାଇ ନପାରେ। ଅପମାନିତ ତକ୍ଷକ କର୍ଣ୍ଣଙ୍କୁ ଅଭିଶାପ ଦେଇ କହିଥିଲେ, ତାଙ୍କର ରଥ-ଚକ୍ର ଭୂମିଗ୍ରସ୍ତ ହେବ ଏବଂ ସେହି ଅବସରରେ ସେ ଅର୍ଜୁନଙ୍କ ବାଣରେ ମୃତ୍ୟୁ ବରଣ କରିବେ। ତକ୍ଷକଙ୍କ ଅଭିଶାପ ଫଳବତୀ ହୋଇଥିଲା।

ତକ୍ଷକଙ୍କ ମନରେ ଅର୍ଜୁନ ଏବଂ ପାଣ୍ଡୁ ପରିବାର ପ୍ରତି ପ୍ରତିଶୋଧ ଭାବନା ନିର୍ବାପିତ ହୋଇ ନଥିଲା। ସେ ବହୁବର୍ଷ ଧରି ଅପେକ୍ଷା କରି ରହିଥିଲେ ଏବଂ ଶେଷରେ ଅଭିମନ୍ୟୁଙ୍କ ପୁତ୍ର ପରୀକ୍ଷିତଙ୍କର ମୃତ୍ୟୁର କାରଣ ହୋଇଥିଲେ। ସେ ଅନ୍ୟ ଏକ ଉପାଖ୍ୟାନ, କିନ୍ତୁ ତାର ଚେର ଏହି ଖାଣ୍ଡବପ୍ରସ୍ଥ ଦହନରେ ରହିଥିଲା।

ମୟ ଦାନବଙ୍କୁ ଅଗ୍ନି ଗର୍ଭରୁ ରକ୍ଷା କରିଥିବାରୁ କୃତଜ୍ଞତା ସ୍ୱରୂପ ସେ ପାଣ୍ଡବ ମାନଙ୍କୁ କିଛି ଦେବାପାଇଁ ଚାହୁଁଥିଲେ। ଶ୍ରୀକୃଷ୍ଣ କହିଲେ... ଯୁଧିଷ୍ଠିରଙ୍କ ଇନ୍ଦ୍ରପ୍ରସ୍ଥ ନଗ୍ରର ନିର୍ମାଣ କାର୍ଯ୍ୟରେ ସ୍ୱୟଂ ବିଶ୍ୱକର୍ମା ନିୟୋଜିତ ରହିଛନ୍ତି; ତାହା ହେବ ବିଶ୍ୱର ଅଦ୍ୱିତୀୟ ନଗ୍ର, କିନ୍ତୁ ଯୁଧିଷ୍ଠିରଙ୍କ ପ୍ରାସାଦ ଏବଂ ରାଜ ଦରବାରର ନିର୍ମାଣ ଦାୟିତ୍ୱ ମୟ ଦାନବ ନିର୍ବାହ କରନ୍ତୁ।

ଶ୍ରୀକୃଷ୍ଣଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ମୟ ଯେଉଁ ରାଜପ୍ରସାଦ ଏବଂ ରାଜଦରବାର ନିର୍ମାଣ କଲେ ତାହା ତ୍ରିପୁରରେ ଶ୍ରେଷ୍ଠ କୃତି ଥିଲା। ଦେବସଭା ଠାରୁ ଅଧିକ ସୁନ୍ଦର ଥିଲା ସେହି ସଭାଗୃହ। ଏଭଳି ସୁନ୍ଦର, ଅନନ୍ୟ, ଅଦ୍ୱିତୀୟ କୃତି ଦେଖି ଦେବତା ମାନେ ମଧ୍ୟ ଈର୍ଷା କରିବାକୁ ଲାଗିଲେ।

ଖାଣ୍ଡବପ୍ରସ୍ଥ ଦହନ ପାଇଁ ଶ୍ରୀକୃଷ୍ଣ ଏବଂ ଅର୍ଜୁନ, ବୁଦ୍ଧିଜୀବୀଙ୍କ ଦ୍ୱାରା ଅନେକ ସମାଲୋଚନାର ଶରବ୍ୟ ହୋଇଛନ୍ତି। ଅଗ୍ନି ଦେବଙ୍କର ବୁଭୁକ୍ଷା ଦୂର କରିବା ପାଇଁ ପ୍ରକୃତି

Source: Author, Digitized by PPRACHIN, SOA

ଓ ଜୀବ ଯନ୍ତୁଙ୍କୁ ଏଭଳି ନିମର୍ମ ଭାବରେ ଅଗ୍ନିରେ ଛଟପଟ କରି ମାରିବା, ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ପକ୍ଷରେ କେତେଦୂର ସମିଚୀନ, ତା ଉପରେ ଅନେକ ପ୍ରଶ୍ନ ଉଠେ।ମୂଳ ମହାଭାରତ ଉପରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସମୀକ୍ଷା ଦୃଷ୍ଟି ପଥାରୂଢ଼ ହୁଏ। ଏହି ସମ୍ବନ୍ଧରେ ମହାରାଷ୍ଟ୍ରର ପ୍ରସିଦ୍ଧ ସମୀକ୍ଷିକା 'ଇରାବତୀ କାର୍ଭେ'ଙ୍କ ଯୁକ୍ତି ପଠନଯୋଗ୍ୟ; ତାଙ୍କ ମତରେ ଯେଉଁ ସମୟରେ ପାଣ୍ଡବମାନେ ନିଜର ରାଜଧାନୀ ଖାଣ୍ଡବପ୍ରସ୍ଥରେ ସ୍ଥାପିତ କରିବାକୁ ଚାହୁଁଥିଲେ, ତାହା ସମ୍ଭବତଃ ନାଗ, ଅସୁର ଆଦି ନାମଧାରୀ ବିଭିନ୍ନ ଜନଜାତି ଦ୍ୱାରା ଅଧ୍ୟୁଷିତ ଥିଲା। ସେମାନେ ବିସ୍ଥାପିତ ହେବାପାଇଁ ଚାହୁଁ ନଥିଲେ। ତେଣୁ ବଳ ପ୍ରୟୋଗକରି, ଜଙ୍ଗଲ ଭୂମିକୁ ନିଆଁ ଜଳାଇ ସେମାନଙ୍କୁ ବିସ୍ଥାପିତ କରିବାକୁ ପ୍ରୟାସ କରିଥିବେ ଶ୍ରୀକୃଷ୍ଣ ଏବଂ ଅର୍ଜୁନ। ସେହି କାର୍ଯ୍ୟକୁ କିଛି ଆର୍ଯ୍ୟ ସମୁଦାୟ (ଇନ୍ଦ୍ର ଓ ଅନ୍ୟ ଦେବତା) ପ୍ରତିରୋଧ କରିଥିବା ସମ୍ଭବ।

ସମୀକ୍ଷା ଯାହାହେଉନା କାହିଁକି, କୁଟୀଳ-ବୁଦ୍ଧି ଧୃତରାଷ୍ଟ୍ର, ନିଜକୁ ଦୟାବାନ ପ୍ରମାଣିତ କରିବାକୁ ଯାଇ ଅନୁଜ ପଣ୍ଡୁପୁତ୍ରମାନଙ୍କୁ ଯେଉଁ ଅରଣ୍ୟପ୍ରାନ୍ତ ଦାନ କରିଥିଲେ, ଶ୍ରୀକୃଷ୍ଣଙ୍କ ଶୁଭଦୃଷ୍ଟି ଏବଂ ପାଣ୍ଡବଙ୍କ ଅଧ୍ୟବସାୟ ଯୋଗୁଁ ତାହା ସ୍ୱର୍ଗଭୂମିରେ ପରିଣତ ହେଲା।

-୦-

(୪୩)

ଶାରଙ୍ଗ ପକ୍ଷୀ

ପୁରାଣ ଏବଂ ମହାଭାରତରେ ଏଭଳି ଅନେକ ବର୍ଣ୍ଣନା ଅଛି ଯେଉଁଠି ପଶୁ ପକ୍ଷୀ ମାନେ ମନୁଷ୍ୟ ଭଳି କଥା କହନ୍ତି ଏବଂ ଆଚାର ବ୍ୟବହାର ମଧ୍ୟ ମନୁଷ୍ୟ ଭଳି କରନ୍ତି। ବୋଧହୁଏ ସମାଜକୁ ଦେଉଥିବା ବାର୍ତ୍ତା ସୁଖପାଠ୍ୟ ଏବଂ ବୋଧଗମ୍ୟ ହେବ ବୋଲି ପୁରାଣକାରଙ୍କ ଦ୍ୱାରା ଏପରି ବର୍ଣ୍ଣନା କରାଯାଇଥାଏ। କୃଷ୍ଣ ଏବଂ ଅର୍ଜୁନଙ୍କ ଦ୍ୱାରା ଖାଣ୍ଡବ-ପ୍ରସ୍ଥ ଦହନ ସଂପର୍କିତ ଏପରି ଏକ କଥାକୁହା 'ଶାରଙ୍ଗ' ପକ୍ଷୀ ପରିବାର ବିଷୟରେ ବର୍ଣ୍ଣନା କରାଯାଇଛି। ଏହି ବର୍ଣ୍ଣନାରୁ ସଂସାରରେ ବାସ କରୁଥିବା ମନୁଷ୍ୟର ଜୀବନ ଦର୍ଶନ ବିଷୟରେ ଅନେକ କଥା ଜାଣିବାକୁ ମିଳେ। କଥାଟିର ଆରମ୍ଭ ଖୁବ୍ ରୋଚକ...

ମନ୍ଦପାଳ ନାମକ ଜଣେ ଋଷି ସଂସାର ବନ୍ଧନରୁ ଅନେକ ଦୂରରେ ରହି,ଆଜୀବନ

Source: Author, Digitized by PPRACHIN, SOA

ବ୍ରହ୍ମଚାରୀ ହୋଇ, ଋଷି-ଧର୍ମ ପାଳନ କରୁଥିଲେ। ଜୀବନ ଅନ୍ତ ହେବାପରେ ସେ ଯେତେବେଳେ ସ୍ୱର୍ଗକୁ ଗଲେ, ସେଠାରେ ତାଙ୍କୁ କୁହାଗଲା ଯେ ସ୍ୱର୍ଗ-ସୁଖ ଠାରୁ ବିବାହିତ ଜୀବନର ସୁଖ ଅଧିକ। ସଂସାରରେ ରହି ଯେଉଁମାନେ ସଂସାର କରିନାହାନ୍ତି ଏବଂ ସ୍ୱର୍ଗୀୟ ବାତ୍ସଲ୍ୟ ସୁଖ ପାଇନାହାଁନ୍ତି, ସେମାନଙ୍କ ଜୀବନ ଅସଂପୂର୍ଣ୍ଣ। ବୈବାହିକ ଜୀବନର ସେହି ମଧୁ ଆସ୍ୱାଦନ କରିବାପାଇଁ ମନ୍ଦପାଳ ଆଉଥରେ ମର୍ତ୍ତ୍ୟମଣ୍ଡଳରେ ଜନ୍ମନେବାକୁ ଚାହିଁଲେ।

ଏଥର କିନ୍ତୁ ଗୋଟିଏ 'ଶାରଙ୍ଗ' ପକ୍ଷୀ ରୂପରେ ମନ୍ଦପାଳଙ୍କୁ ଆଉଥରେ ପୃଥିବୀକୁ ଆସିବାକୁ ପଡ଼ିଲା। ଖାଣ୍ଡବ ବନରେ 'ଜରିତା'ନାମ୍ନୀ ଗୋଟିଏ ସୁନ୍ଦରୀ ଶାରଙ୍ଗ ପକ୍ଷୀ ପ୍ରେମରେ ହଜିଗଲେ ମନ୍ଦପାଳ। ପ୍ରୀତି ମଧୁ ଆସ୍ୱାଦନ କରୁ କରୁ, ତାର ମାଦକତା ତାଙ୍କୁ ପ୍ରେମରେ ନୂତନତା ଖୋଜିବା ପାଇଁ ପ୍ରେରିତ କଲା। ନୂଆ ସାଥୀ ପାଇଁ ମନ ଚଞ୍ଚଳ ହୋଇ ଉଠିଲା। 'ଲପିତା'ନାମ୍ନୀ ଅନ୍ୟ ଏକ ଶାରଙ୍ଗ-ପକ୍ଷୀର ପ୍ରେମରେ ପଡି ନିଜ ପତ୍ନୀ ଜରିତାକୁ ସେ ହେୟଜ୍ଞାନ କଲେ।

ପ୍ରଥମେ ପ୍ରଥମେ ସେ ନୀଡକୁ ଡେରିରେ ଫେରୁଥିଲେ। କିନ୍ତୁ ଦିନେ ଆଉ ବସାକୁ ଫେରିଲେ ନାହିଁ। ସ୍ୱାମୀଙ୍କୁ ଖୋଜି ଖୋଜି ଜରିତା, ଅନ୍ୟ ଏକ ବନରେ, ମନ୍ଦପାଳଙ୍କୁ 'ଲପିତା' ରହୁଥିବା ନୀଡ଼ ଭିତରେ ପାଇଲେ।ନିଜ ଭାଗ୍ୟକୁ ନିନ୍ଦା କରି ଜରିତା ନୀଡକୁ ଫେରି ଆସିଲେ। ସେତେବେଳକୁ ସେ ଅନ୍ତଃସତ୍ତ୍ୱା। ତାଙ୍କ ଗର୍ଭରୁ ଚାରୋଟି ଅଣ୍ଡା ଏବଂ ସେଥିରୁ ଚାରୋଟି ଶାବକ ଜନ୍ମ ନେଲେ। ସେମାନଙ୍କ ମୁହଁକୁ ଚାହିଁ ଜରିତା ଲମ୍ପଟ ଦଗାଦିଆ କୃତଘ୍ନ ସ୍ୱାମୀଙ୍କୁ ଭୁଲିବାକୁ ଚେଷ୍ଟାକଲେ।

ନିଜ ଔରସରୁ ଚାରୋଟି ସନ୍ତାନ ଜନ୍ମିଛନ୍ତି ଜାଣି ମନ୍ଦପାଳ ଆନନ୍ଦିତ ହେଲେ କିନ୍ତୁ ନୂଆ ସାଥୀର ପ୍ରେମ ତାଙ୍କୁ ଏତେ ପାଗଳ କରି ଦେଇଥିଲା ଯେ ସେ ସ୍ୱର୍ଗୀୟ ବାତ୍ସଲ୍ୟ ପ୍ରେମର ଅନୁଭବ ନେବାପାଇଁ ଜରିତାଙ୍କ ପାଖକୁ ଆସିଲେ ନାହିଁ।

ଇତି ମଧ୍ୟରେ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସାହାଯ୍ୟ ନେଇ ବୁଭୁକ୍ଷିତ ଅଗ୍ନିଦେବ ଖାଣ୍ଡବ-ପ୍ରସ୍ଥକୁ ଦହନ କରିବାରେ ଲାଗିଲେ। ଲେଲିହାନ ଶିଖା ବ୍ୟାଦାନ କରି ଅଗ୍ନି ମାଡି ଆସୁଥିଲେ। ଜରିତା ଭୟଭୀତ ହୋଇ ପଡିଲେ। ତାଙ୍କର ଚାରୋଟି ଶାବକଙ୍କର ପର ଗଜୁରି ନାହିଁ। କିପରି ସେମାନେ ରକ୍ଷା ପାଇବେ ? ଏ ସମୟରେ ମଧ୍ୟ ସ୍ୱାମୀ ମନ୍ଦପାଳଙ୍କ ଦେଖାଦର୍ଶନ ନାହିଁ।

ମାତାଙ୍କୁ ବ୍ୟତିବ୍ୟସ୍ତ ହେବାର ଦେଖି ଶାବକମାନେ କହିଲେ.. ତୁମେ ଦୁଃଖିତ ହୁଅ ନାହିଁ ଜନନୀ ! ସ୍ୱାମୀ ପରିତ୍ୟକ୍ତା ହୋଇ ଜୀବନରେ ଅନେକ ଦୁଃଖ ପାଇଛ; ଆଉ

Source: Author, Digitized by PPRACHIN, SOA

ଆମକଥା ଚିନ୍ତା କରି ଅଧିକ ଦୁଃଖ କାହିଁକି ପାଉଛ ? ଆମକୁ ଆମ ଭାଗ୍ୟ ଉପରେ ଛାଡ଼ିଦେଇ ତୁମେ ଅଗ୍ନି ମୁଖରୁ ରକ୍ଷା ପାଇବା ପାଇଁ ଦୂରକୁ ଉଡିଯାଅ ।

ଏହା ଶୁଣି ଜରିତାଙ୍କ ଆଖିରୁ ଦି'ଟୋପା ଲୁହ ଝରି ପଡ଼ିଲା । କହିଲେ... ଧନରେ ! ନିଜ ଶିଶୁଙ୍କୁ ମୃତ୍ୟୁ ମୁହଁକୁ ଠେଲିଦେଇ କେଉଁ ମା' କେବେ ଦୂରେଇ ଯାଇପାରିବ ? ତୁମ ସହିତ ମୁଁ ମଧ୍ୟ ମୃତ୍ୟୁ ବରଣ କରିବି ।

ଶାବକମାନେ କହିଲେ... ଜନନୀ ! ତୁମେ ବଞ୍ଚିଥିଲେ ଆମର ଆହୁରି ଭାଇ ଭଉଣୀ ସଂସାରକୁ ଆସିବେ ।ଏହି ଅରଣ୍ୟ ତ୍ୟାଗ କରି, କୃତଘ୍ନ ସ୍ୱାମୀଙ୍କୁ ଛାଡି ଅନ୍ୟ ଅରଣ୍ୟରେ ଘର ସଂସାର କର । ଆମ ପାଇଁ ଚିନ୍ତା କର ନାହି । ଆମେ ମରିଗଲେ ମଧ୍ୟ ପୁଣି ଥରେ ତୁମ କୋଳରେ ଜନ୍ମନେବୁ ।

ଜରିତା କହିଲେ... ତାହେଲେ ତୁମମାନଙ୍କୁ ମୁଁ ନିକଟରେ ଥିବା ଗୋଟିଏ ମୂଷିକ ବିଳ ଭିତରେ ରଖିଦେବି, ସେଠାରେ ତୁମେମାନେ ଅଗ୍ନି ତାପରୁ ରକ୍ଷା ପାଇଯିବ । ଶାବକ ମାନେ କହିଲେ... ମାତା ! ଅନାହୂତ ହୋଇ ବିପଦ ସମୟରେ ମଧ୍ୟ ଅନ୍ୟ କାହା ଘରେ ପ୍ରବେଶ କରିବା ଉଚିତ ନୁହେଁ । ମୂଷିକମାନେ ଆମକୁ ଜୀବନ୍ତ ଭକ୍ଷଣ କରିବାକୁ ଚେଷ୍ଟା କଲେ, ସେ ଯନ୍ତ୍ରଣା ଏ ବିପଦରୁ ବଳେଇ ପଡ଼ିବ । ତୁମେ ଚିନ୍ତା କରନାହିଁ । ତୁମେ ଦୂରକୁ ଉଡିଯାଅ, ଆମକୁ ଆମ ଭାଗ୍ୟ ଉପରେ ଛାଡ଼ିଦିଅ ।

ତଥାପି ଜରିତାଙ୍କ ମାତୃତ୍ୱ ପିଲାମାନଙ୍କୁ ଛାଡି ଯିବାପାଇଁ ଚାହିଁଲା ନାହିଁ । କ୍ରମେ ଅଗ୍ନି ତାପ ଅସମ୍ଭାଳ ହେଲା । ଶେଷରେ ଜୀବନ-ଲୋଭ ଆଗରେ ମାତୃତ୍ୱ ହାର ମାନିଲା । ଅଶ୍ରୁଳ ନେତ୍ରରେ ଜରିତା ଅସହାୟ ଛୁଆଙ୍କୁ ଛାଡି ଦୂରକୁ ଉଡିଗଲା ।

ଛୁଆମାନଙ୍କ ଭିତରେ ଯେଉଁଟି ଜ୍ୟେଷ୍ଠ ଥିଲା ସେ କନିଷ୍ଠ ମାନଙ୍କୁ କହିଲା... ଦେଖ ଭାଇ ! ମାତା ପିତାଙ୍କ ଅନୁପସ୍ଥିତିରେ ଗୃହର ଦାୟିତ୍ୱ ମୋ ଉପରେ । ମୋ କଥା ମନଦେଇ ଶୁଣ । ମା' ସବୁବେଳେ କହନ୍ତି... ନିଜଠାରୁ ସବଳ ଶତ୍ରୁକୁ ବୁଦ୍ଧିମତ୍ତା ସହିତ ସାମ୍ନା କରିବା ଉଚିତ । ଏଠାରେ ଅଗ୍ନି ଦେବ ଆମର ଶତ୍ରୁ । କିନ୍ତୁ ସେ ଅବିବେକୀ ନୁହନ୍ତି । ସେ ମଧ୍ୟ ଜଗତ କଲ୍ୟାଣକାରୀ । ଆମେ ତାଙ୍କୁ ପ୍ରାର୍ଥନା କଲେ ହୁଏତ ସେ ଆମ ଉପରେ ଦୟା କରି ପାରନ୍ତି ।

ଅନ୍ୟ ଶାବକମାନେ ଜ୍ୟେଷ୍ଠ ଭାଇ କଥା ମାନି ଅଗ୍ନି ଦେବଙ୍କୁ ସ୍ତୁତି କରିବା ଆରମ୍ଭ କରିଦେଲେ । ପକ୍ଷୀ ଶାବକ ମାନଙ୍କ ସରଳତାରେ ଅଗ୍ନି ଦେବଙ୍କ ମନରେ ବୋଧହୁଏ ଦୟା ଜାତ ହେଲା । ଯେଉଁ ବୃକ୍ଷରେ ଶାରଙ୍ଗ ପକ୍ଷୀର ଶାବକ ରହିଥିଲେ, ତାକୁ ଛାଡି ଆଉ ସବୁ ଭସ୍ମ ହୋଇଗଲା ।

Source: Author, Digitized by PPRACHIN, SOA

ଅଗ୍ନି ନିର୍ବାପନ ପରେ ଜରିତା ବିକଳରେ ନୀଡ଼କୁ ଫେରି ଆସି, ଛୁଆମାନଙ୍କୁ ଜୀବିତ ଦେଖି, ଆନନ୍ଦ ଆତିଶଯ୍ୟରେ ସେମାନଙ୍କୁ କୋଳାଗ୍ରତ କରି ଗେଲ କରିବାରେ ଲାଗିଗଲେ ।

ଖାଣ୍ଡବ ବନର ଅଗ୍ନି କାଣ୍ଡ ସମ୍ବାଦ ପାଇ, ନିଜ ସନ୍ତାନ ମାନଙ୍କ ନିରାପତ୍ତା ନେଇ ମନ୍ଦପାଳ ଉଦ୍ୱିଗ୍ନ ହୋଇ ସେମାନଙ୍କୁ ଦେଖିବାପାଇଁ ବାହାରିଲେ । ଏହାଦେଖି ଈର୍ଷାରେ, ନୂତନ ପତ୍ନୀ ଲପିତା କହିଲେ... ପିଲାଙ୍କୁ ଦେଖିବା ପାଇଁ ଯିବା ଗୋଟାଏ ବାହାନା, ମୂଳକଥା ହେଲା ତୁମର ମୋ'ଠାରେ ମନ ଛାଡିଗଲାଣି, ପୁରୁଣା ପ୍ରେମ ତୁମକୁ ଡାକିଲାଣି ।ଯଦି ଯାଉଛ, ଆଉ ମୋ ପାଖକୁ ଆସିବା ନା ଧରିବନି ।

ଲପିତାର ହୃଦୟହୀନତା ମନ୍ଦପାଳଙ୍କ ହୃଦୟକୁ ବ୍ୟଥିତ କଲା । ଭାବିଲେ... ନିଜର ସବୁବେଳେ ନିଜର ।

ପ୍ରଥମ ପତ୍ନୀଙ୍କ ପାଖକୁ ଫେରି ଆସି ମନ୍ଦପାଳ ନୀଡ଼ ବାହାରେ ରହି ଭିତରକୁ ଚାହିଁଲେ; ଜରିତା ପିଲାମାନଙ୍କ ସହିତ ଖେଳିବାରେ ବ୍ୟସ୍ତ । ମନ୍ଦପାଳ ଆସିଛନ୍ତି ଜାଣି ମଧ୍ୟ ସେ ନଜାଣିଲା ପରି ରହିଲେ । ମନ୍ଦପାଳ ପଚାରିଲେ... କିପରି ଅଛ ଜରିତା ? ପିଲାମାନେ କିପରି ଅଛନ୍ତି ?

ଜରିତା ଉତ୍ତର ଦେଲେ... ତୁମେ କିଏ ମୁଁ ଜାଣିନି, ନୂତନ ପତ୍ନୀ ପାଖକୁ ଫେରିଯାଅ । ମୁଁ ମୋ ପିଲାଙ୍କ ସହିତ ଏଠାରେ ଭଲରେ ଅଛି, ଆମକୁ ଆମ ବାଟରେ ଛାଡିଦିଅ ।

ମନ୍ଦପାଳ ଦୁଇ ପତ୍ନୀଙ୍କ କ୍ରୋଧର ଶିକାର ହୋଇ ଚିନ୍ତା କଲେ... ସାଂସାରିକ ଜୀବନ, ସଫଳତା ସହିତ ଶାନ୍ତିରେ ବିତାଇବା କୌଣସି କଠିନ ତପସ୍ୟା ଠାରୁ କମ୍ ନୁହେଁ ।

ଶାରଙ୍ଗ ପକ୍ଷୀ ପରିବାରର ଏହି ଅନନ୍ୟ କାହାଣୀ ଭିତରେ, ଲୁହ, ହସ, କାନ୍ଦ, ପ୍ରେମ, ପ୍ରତାରଣା, ବାତ୍ସଲ୍ୟ ଆଦି ସବୁ ଜୀବନ ରଙ୍ଗ ଏକାଠି ଫେଣ୍ଟାଫେଣ୍ଟି ହୋଇ ରହିଛନ୍ତି ।

-୦-

Source: Author, Digitized by PPRACHIN, SOA

(୪୪)

ସମ୍ରାଟଙ୍କ ଜନ୍ମ ରହସ୍ୟ

ମୟ ଦାନବଙ୍କ ଭଳି ସ୍ଥପତିଙ୍କ କର ସ୍ପର୍ଶରେ ଖାଣ୍ଡବପ୍ରସ୍ଥ ଇନ୍ଦ୍ର-ଭୁବନ ଠାରୁ ଆହୁରି ମନୋରମ ଦେଖାଗଲା। ପ୍ରାସାଦ ଭିତରେ ଥିବା ସଭାଗୃହ ବିଶ୍ୱରେ ସୌନ୍ଦର୍ଯ୍ୟରେ ଅଦ୍ୱିତୀୟ ଥିଲା। ଯୁଧିଷ୍ଠିର ଭାଇମାନଙ୍କ ସହିତ ମହା ଆନନ୍ଦରେ ରାଜ୍ୟଶାସନ କରୁଥିଲେ। ତାଙ୍କର ସମସ୍ତ ସମଥର୍କ ଏବଂ ହିତୈଷୀ ଏବେ ତାଙ୍କୁ ପରାମର୍ଶ ଦେଲେ ରାଜସୂୟ ଯଜ୍ଞ ଅନୁଷ୍ଠାନ କରି ନିଜକୁ ଆର୍ଯ୍ୟାବର୍ତ୍ତରେ ଚକ୍ରବର୍ତ୍ତୀ ଭାବରେ ପ୍ରତିଷ୍ଠିତ କରିବାପାଇଁ।

କିନ୍ତୁ ଏଭଳି ଏକ ଯଜ୍ଞ ଅନୁଷ୍ଠାନ କରିବା ପୂର୍ବରୁ ସମସ୍ତ ରାଜା-ମହାରାଜାମାନଙ୍କ ଆନୁଗତ୍ୟ ଆବଶ୍ୟକ। ଯଜ୍ଞ ସମୟରେ ସେମାନଙ୍କ ଉପସ୍ଥିତି ଏବଂ ଶୁଭକାମନା ନଥିଲେ ଏପରି ଅନୁଷ୍ଠାନ ମୂଲ୍ୟହୀନ; ଅନୁଷ୍ଠାନ କରୁଥିବା ରାଜାଙ୍କର ଏହା ଆତ୍ମସମ୍ମାନର ପ୍ରଶ୍ନ।ଅନୁଷ୍ଠାନ ସଫଳ ହୋଇପାରିଲେ ରାଜାଙ୍କ ପ୍ରତିଷ୍ଠା ଓ ସମ୍ମାନ ବହୁଗୁଣିତ ହୁଏ ଏବଂ ରାଜା ରାଜ-ଚକ୍ରବର୍ତ୍ତୀ ଭାବରେ ସମ୍ମାନ ଲାଭ କରନ୍ତି। କହିବା ବାହୁଲ୍ୟ, ଆଜିକାଲି ବିଶ୍ୱରେ, ନିଜ ନିଜର ଶକ୍ତି ପରାକାଷ୍ଠା ଦେଖାଇବାକୁ ଯେପରି ପ୍ରୟାସ ଚାଲିଛି,ସେ ସମୟରେ ମଧ ସେପରି ମାନସିକତା ଶାସକମାନଙ୍କ ମଧ୍ୟରେ ଥିଲା।

ଏପରି ଏକ ଅନୁଷ୍ଠାନ କରିବା ପୂର୍ବରୁ ଯୁଧିଷ୍ଠିର, ଶ୍ରୀକୃଷ୍ଣଙ୍କ ପରାମର୍ଶ ଲୋଡିଲେ। ଶ୍ରୀକୃଷ୍ଣଙ୍କୁ ଦ୍ୱାରକାରୁ ନିମନ୍ତ୍ରଣ କରାଗଲା। ସେ ଇନ୍ଦ୍ରପ୍ରସ୍ଥରେ ପହଞ୍ଚି ପାଣ୍ଡବଙ୍କ ଅଭିଳାଷା ବିଷୟରେ ଶୁଣି ଯୁଧିଷ୍ଠିରଙ୍କୁ କହିଲେ... ଧର୍ମପୁତ୍ର ! ଆପଣଙ୍କ ଭଳି ଜଣେ ପ୍ରଜାରଞ୍ଜକ, ଧାର୍ମିକ, ନ୍ୟାୟବାନ ରାଜାଙ୍କ ପ୍ରତିଷ୍ଠା ପାଇଁ ଏହି ଅନୁଷ୍ଠାନ ନିଃସନ୍ଦେହ ମୁକୁଟରେ ମଣି ସଦୃଶ। କିନ୍ତୁ ଆପଣଙ୍କୁ ଆର୍ଯ୍ୟାବର୍ତ୍ତର ସବୁ ରାଜା ମହାରାଜାଙ୍କ ସମର୍ଥନ ମିଳିବା ଆବଶ୍ୟକ। ଜରାସନ୍ଧ ଭଳି ଦୁଷ୍ଟ ରାଜା ଏବଂ ତା'ର ବନ୍ଧୁ ଚେଦି ରାଜା ଶିଶୁପାଳ ଆପଣଙ୍କୁ ଏହି ଯଜ୍ଞାନୁଷ୍ଠାନରେ ସମର୍ଥନ ଦେବେ ବୋଲି ମୋର ବିଶ୍ୱାସ ନାହିଁ। ସବୁ ରାଜାଙ୍କ ସମର୍ଥନ ନରହିଲେ ଆପଣଙ୍କ ରାଜସୂୟ ଯଜ୍ଞ ନିରର୍ଥକ।

ଭୀମ ପ୍ରଶ୍ନ କଲେ... ଆମେ ଜରାସନ୍ଧକୁ ପରାସ୍ତ କରି ତା' ସମର୍ଥନ ପାଇ ପାରିବା ନାହିଁ କେଶବ ?

ଶ୍ରୀକୃଷ୍ଣ କହିଲେ... ଏହା ସହଜ ବ୍ୟାପାର ନୁହେଁ ଭ୍ରାତା ଭୀମ।ଜରାସନ୍ଧକୁ ପରାସ୍ତ କରି ଅଧୀନକୁ ଆଣିବା ପାଇଁ ଯାଦବ ମାନଙ୍କର ସମସ୍ତ ଚେଷ୍ଟା ବିଫଳ ହୋଇଛି। ଜରାସନ୍ଧ

Source: Author, Digitized by PPRACHIN, SOA

ନିଜର ଦୁଇ କନ୍ୟା ଅସ୍ତି ଏବଂ ପ୍ରାପ୍ତିଙ୍କୁ କଂସକୁ ବିବାହ ଦେଇଥିଲା ।ମୋ ହାତରେ ତା' ଜାମାତା କଂସର ମୃତ୍ୟୁପରେ ସେ ମଥୁରାର ଚିରଶତ୍ରୁ ପାଲଟି ଯାଇଛି ।ସତର ଥର ମଥୁରା ଆକ୍ରମଣ କରି ସେ ମଥୁରାକୁ ଧ୍ୱଂସ ସ୍ତୁପରେ ପରିଣତ କରିଦେଲା; ଶେଷରେ ଆକ୍ରମଣରୁ ମଥୁରା ବାସୀଙ୍କୁ ରକ୍ଷା କରିବା ପାଇଁ ଆମକୁ ସାଗର ମଧ୍ୟରେ ଦ୍ୱାରକା ସ୍ଥାପିତକରି ତା' ଭିତରେ ନିରାପଦରେ ରହିବାକୁ ପଡିଲା ।

କିଛି ନିରବତା ପରେ ଶ୍ରୀକୃଷ୍ଣ କହିଲେ... ସମ୍ମୁଖ ଯୁଦ୍ଧରେ ଜରାସନ୍ଧକୁ ହରାଇବା ସମ୍ଭବ ନୁହେଁ; ମଲ୍ଲଯୁଦ୍ଧ ଏବଂ ଗଦା ଯୁଦ୍ଧରେ ସେ ବିଶ୍ୱରେ ଅତୁଳନୀୟ ବୀର । ବହୁରାଜ୍ୟ ଜୟକରି ନିଜକୁ ସମ୍ରାଟ ଉପାଧିରେ ଭୂଷିତ କରିଛି ଜରାସନ୍ଧ । ଅଠାନବେ ରାଜ୍ୟ ଜୟକରି ସେହି ରାଜ୍ୟର ରାଜାମାନଙ୍କୁ ଜରାସନ୍ଧ କାରାଗାରରେ ବନ୍ଦୀ କରି ରଖିଛି, ଏକଶତ ପୂର୍ଣ୍ଣ ହେଲେ ସେମାନଙ୍କୁ ଶିବ-ପୀଠରେ ବଳି ଚଢାଇବ । ସେହି ରାଜାମାନଙ୍କ ପତ୍ନୀ ମାନଙ୍କ ଉପରେ ଅତ୍ୟାଚାର କରେ ଜରାସନ୍ଧ । ପ୍ରଜା-ପ୍ରପୀଡନରେ କଂସାସୁର, ହଂସାସୁର, ବକାସୁର ଏବଂ ହିଡିମ୍ବ ଭଳି ରାକ୍ଷସମାନେ ତାର ସହାୟକ ଥିଲେ । ମୋ ଦ୍ୱାରା କଂସ ବଧ ପରେ ଏବଂ ଭୀମସେନଙ୍କ ଦ୍ୱାରା ହିଡିମ୍ବ ଓ ବକାସୁର ବଧ ପରେ ଅବଶ୍ୟ ସେ କିଛିଟା ଦୁର୍ବଳ ହୋଇ ଯାଇଛି ।

ଭୀମସେନ କହିଲେ... ଆପଣଙ୍କ ଭଳି ପରାମର୍ଶଦାତା, ଅର୍ଜୁନଙ୍କ ଭଳି ଧନୁର୍ଦ୍ଧର ଏବଂ ମୋ ଭଳି ଗଦାଧର ଥାଉଁ ଥାଉଁ ଜରାସନ୍ଧକୁ କଣ ଆମେ ପରାସ୍ତ କରିପାରିବା ନାହିଁ କେଶବ ?

ଶ୍ରୀକୃଷ୍ଣ କହିଲେ... ଜରାସନ୍ଧର ଜନ୍ମ ରହସ୍ୟ ଯେପରି ଅଦ୍ଭୁତ, ତାର ଶକ୍ତି ସେଭଳି ଅସାଧାରଣ । ମହର୍ଷି କୌଶିକଙ୍କ ଆଶୀର୍ବାଦରୁ ଦୁଇ ମାଂସ ପିଣ୍ଡୁଳାର ଏକତ୍ରିକରଣ ଭିତରୁ ତାର ଜନ୍ମ; ସେଥିପାଇଁ ଋଷି ଆଶୀର୍ବାଦରୁ ସେ ଅତ୍ୟନ୍ତ ବଳଶାଳୀ ଏବଂ ଅଜେୟ ।

ଜରାସନ୍ଧର ଜନ୍ମବୃତାନ୍ତ ଜାଣିବାପାଇଁ ଭୀମଙ୍କ କୌତୁହଳତା ଦେଖି କେଶବ କହିଲେ... ମହାବଳୀ ବୃହଦ୍ରଥ ମଗଧ ରାଜ୍ୟର ରାଜଦଣ୍ଡ ହାତକୁ ନେବା ପରେ ମଗଧ ଏକ ବିଶାଳ ଶକ୍ତିରେ ପରିଣତ ହୋଇଗଲା । ବୃହଦ୍ରଥ କାଶି ରାଜାଙ୍କ ଦୁଇଟି କନ୍ୟାଙ୍କୁ ବିବାହ କରିଥିଲେ । ଦୁଇରାଣୀଙ୍କୁ ସେ ସମ ଭାବରେ ଭଲ ପାଇବା ବାଣ୍ଟି ଦେଇଥିଲେ । ପ୍ରେମ ତ ନିକିତିରେ ବଣ୍ଟା ହେବା ପଦାର୍ଥ ନୁହେଁ; କିନ୍ତୁ ବୃହଦ୍ରଥଙ୍କ ହୃଦୟ ନିକିତି ତାଙ୍କ ପ୍ରେମରତ୍ନକୁ ଦୁଇରାଣୀଙ୍କ ଭିତରେ ସମଭାବରେ ବଣ୍ଟନ କରିବାରେ ପକ୍ଷପାତିତା କରୁନଥିଲା । ରାଜାଙ୍କ ହାତକୁ ଯାହାକିଛି ଉତ୍ତମ ପଦାର୍ଥ ଆସୁଥିଲା, ତାହା ସେ ସମଭାବରେ ଦୁଇ ରାଣୀଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ ।

Source: Author, Digitized by PPRACHIN, SOA

କିନ୍ତୁ ସବୁ ପ୍ରଚୁର୍ଯ୍ୟ ଭିତରେ ଥିଲେ ମଧ୍ୟ ରାଜଦମ୍ପତିଙ୍କ ଜୀବନରେ ପୁତ୍ର-କଷ୍ଟ ସବୁଠାରୁ ବଡ଼ କଷ୍ଟ ଥିଲା। ବହୁକାଳ ପର୍ଯ୍ୟନ୍ତ ଦୁଇ ରାଣୀଙ୍କ କୋଳକୁ କୌଣସି ସନ୍ତାନସନ୍ତତି ଆସିଲେ ନାହିଁ। ମହା ମନସ୍ତାପରେ ବୃହଦ୍ରଥ, ରାଜ୍ୟ ଭାର ମନ୍ତ୍ରୀଙ୍କ ହାତରେ ସମପର୍ଣ କରିଦେଇ ଅରଣ୍ୟକୁ ଯାଇ ଘୋର ତପସ୍ୟାରେ ମଜ୍ଜିଗଲେ। ସେହି ଅରଣ୍ୟରେ ମହର୍ଷି କୌଶିକଙ୍କର ଆଶ୍ରମ ଥିଲା। ଦିନେ ନିଜର ଆମ୍ରବାଟିକାରେ ମହର୍ଷି ଧ୍ୟାନରେ ବସିଥିବା ସମୟରେ ତାଙ୍କ ପାଖରେ ବୃହଦ୍ରଥ ପହଞ୍ଚି ମନୋବେଦନା ବ୍ୟକ୍ତ କରି କହିଲେ... ମହାଭାଗ ! ବାତ୍ସଲ୍ୟ ପ୍ରେମର ଅନୁଭୂତି ଯେଉଁ ଜୀବନରେ ନାହିଁ ତାହା ମୂଲ୍ୟହୀନ। ଶାସ୍ତ୍ର ମଧ୍ୟ କହେ, ପୁତ୍ ନାମକ ନର୍କରୁ ଉଦ୍ଧାର ପାଇବାପାଇଁ ପୁତ୍ର ଆବଶ୍ୟକ। ରାଜ୍ୟ, ରାଜଭୋଗ ସବୁ ଥାଇ ମଧ୍ୟ ପୁତ୍ର ଅଭାବରୁ ମୋ ଜୀବନ ଅସଂପୂର୍ଣ୍ଣ। ମୋ ଉପରେ ଦୟା କରନ୍ତୁ ଭଗବନ୍ !

ବୃହଦ୍ରଥଙ୍କ ଦୁଃଖରେ ବିଗଳିତ କୌଶିକ ଚିନ୍ତା କରୁଥିଲେ କିପରି ସାହାଯ୍ୟ କରିବେ, ଏହି ସମୟରେ, ଉପରୁ ଗୋଟିଏ ପାଚିଲା ଆମ୍ବ ତାଙ୍କ କୋଳରେ ପଡ଼ିଲା। ସେ ସମୟରେ ତପବଳରୁ ମୁନି ଋଷିମାନେ ଅଲୌକିକ କାର୍ଯ୍ୟ କରି ପାରୁଥିଲେ। ମହର୍ଷି ପାଚିଲା ଆମ୍ବଟିକୁ ଅଭିମନ୍ତ୍ରିତ କରି ରାଜାଙ୍କୁ ଦେଇ କହିଲେ... ରାଜନ୍, ଏହି ଫଳଟି ରାଣୀଙ୍କୁ ଖାଇବାକୁ ଦିଅନ୍ତୁ, ନିଶ୍ଚିତ ଭାବରେ ଆଶା ପୂରଣ ହେବ। ଏହା ଦ୍ୱାରା ଯେଉଁ ବଳଶାଳୀ ପୁତ୍ର ତୁମ କୋଳମଣ୍ଡନ କରିବ, ତାର ଶରୀର ହେବ ବଜ୍ରଭଳି ଟାଣ; ମଲ୍ଲଯୁଦ୍ଧରେ ସେ ହେବ ଅଦ୍ୱିତୀୟ। ଏକାଦିକ୍ରମେ, ବିନା ଖାଦ୍ୟପେୟରେ ପଞ୍ଚଦଶ ଦିନ ପର୍ଯ୍ୟନ୍ତ ସେ ଶତ୍ରୁ ସହିତ ଲଢ଼େଇ କରିପାରିବ। ଗଦା ଯୁଦ୍ଧରେ ସେ ହେବ ଅପରାଜେୟ ବୀର।

ବୃହଦ୍ରଥ ଫଳଟି ନେଇ ପ୍ରାସାଦକୁ ଫେରିଲେ, କିନ୍ତୁ ତାଙ୍କ ଆଗରେ ଏକ ସମସ୍ୟା ଦେଖାଗଲା... କେଉଁ ରାଣୀଙ୍କୁ ସେ ଫଳଟି ଦେବେ ? ଦୁଇରାଣୀଙ୍କୁ ସମ ଭାବରେ ଭଲ ପାଉଥିବା ବୃହଦ୍ରଥ ଆମ୍ବଟି ସମାନ ଭାବରେ ଦୁଇଭାଗ କରି ଦୁଇ ରାଣୀଙ୍କୁ ଦେଇଦେଲେ।

ତାହା ଖାଇବାର ଅଳ୍ପଦିନ ଭିତରେ ଦୁଇ ରାଣୀଙ୍କର ଗର୍ଭଲକ୍ଷ୍ୟଣ ଦେଖାଗଲା। ପ୍ରାସାଦରେ ଆନନ୍ଦର ଲହରୀ ଖେଳିଗଲା। ଠିକ୍ ଦଶମାସ ଦଶଦିନରେ ଦୁଇ ରାଣୀଙ୍କର ଏକ ସମୟରେ ଗର୍ଭକଷ୍ଟ ଆରମ୍ଭ ହେଲା। ଏକ ସମୟରେ ଦୁଇ ରାଣୀ ପ୍ରସବ ମଧ୍ୟ କଲେ। କିନ୍ତୁ ଏ କଣ ! ଆଶ୍ଚର୍ଯ୍ୟରେ ସମସ୍ତଙ୍କ ଚକ୍ଷୁ ବିସ୍ଫାରିତ ହୋଇ ରହିଗଲା।ଉଭୟ ରାଣୀଙ୍କ ର୍ଗଭରୁ ଏକ ଏକ ଅସଂପୂର୍ଣ୍ଣ ଶିଶୁ ଜନ୍ମ ହେଲା, ଯାହାର ଥିଲା ଗୋଟିଏ ଆଖି, ଗୋଟିଏ କାନ, ଫାଳେ ନାକ, ଗୋଟିଏ ଗୋଡ଼; ସତେ ଯେମିତି ଗୋଟିଏ ଶିଶୁକୁ

Source: Author, Digitized by PPRACHIN, SOA

ମଝିରୁ ଦୁଇଭାଗ କରି କାଟି ଦିଆ ଯାଇଛି।

ବୃହଦ୍ରଥଙ୍କ ମନ ଦୁଃଖରେ ଭରିଗଲା, ଭାବିଲେ 'ଆମ୍ରଫଳଟି ଦୁଇଭାଗ କରି ଦୁଇରାଣୀଙ୍କୁ ଦେବାର ଏ ହେଉଛି ପରିଣତି।

ରାଣୀ ଦ୍ୱୟ ନିଜ ନିଜ ପରିଚାରିକାଙ୍କୁ ସେହି ମାଂସ ପିଣ୍ଡୁଳାକୁ ବାହାରେ ଫିଙ୍ଗି ଦେଇ ଆସିବାପାଇଁ ଆଦେଶ ଦେଲେ। ପ୍ରାସାଦ ବାହାରେ ଗୋଟିଏ ଅଳିଆ କୁଣ୍ଡ ଥିଲା; ତା ଭିତରେ ଦୁଇ ମାଂସ ପିଣ୍ଡୁଳାକୁ ପକାଇ ନବରକୁ ଦାସୀ ଦ୍ୱୟ ଫେରିଆସିଲେ।

ସେଦିନ 'ଜରା' ନାମଧାରିଣୀ ଗୋଟିଏ ରାକ୍ଷସୀ ଖାଦ୍ୟ ଅନ୍ୱେଷଣରେ ବୁଲି ବୁଲି ରାଜପ୍ରସାଦ ବାହାରେ ଥିବା ଅଳିଆ କୁଣ୍ଡ ପାଖରେ ପହଞ୍ଚି କିଛି ଖାଦ୍ୟ ଆଶାରେ ତାକୁ ଦରାଣ୍ଡିଲା। ଦୁଇ ମାଂସ ଖଣ୍ଡକୁ ବାହାରକୁ ଆଣି, କୌତୁହଳୀ ହୋଇ ତାକୁ ଯୋଡ଼ି ଦେଉ ଦେଉ ତାହା ଏକ ଜୀବନ୍ତ ଶିଶୁରେ ପରିଣତ ହୋଇ କୁଆଁ କୁଆଁ ଶବ୍ଦରେ କାନ୍ଦିବା ଆରମ୍ଭ କରିଦେଲା। ରାଜ ପ୍ରାସାଦରେ ଏହି ସମ୍ବାଦ ପହଞ୍ଚିବା ପାଇଁ ବିଳମ୍ବ ହେଲାନାହିଁ। ରାଜା ଜରା ରାକ୍ଷସୀ ଠାରୁ ବାଳକଟି ରଖି, ତାକୁ ଧନଧାନ୍ୟ ଉପହାର ଦେଇ ବିଦାକଲେ। ଜରା ରାକ୍ଷସୀଠାରୁ ପ୍ରାପ୍ତ ହୋଇଥିବାରୁ ଶିଶୁଟିର ନାମ ରଖିଲେ ଜରାସନ୍ଧ।

ଜରାସନ୍ଧ କାଳକ୍ରମେ ବିଶାଳ ଶରୀରଧାରୀ ଏକ ରାକ୍ଷସ ଭଳି ଦେଖାଗଲା। ଦେହରେ ଥିଲା ଶତ ହସ୍ତିର ବଳ ଏବଂ ମନରେ ଥିଲା ଆର୍ଯ୍ୟାବର୍ତ୍ତ ଜୟ କରିବାପାଇଁ ଅଦମ୍ୟ ଉତ୍ସାହ।

କିଛି ନିରବତା ପରେ କେଶବ କହିଲେ... ଜରାସନ୍ଧ ଥରେ ଆମ ଦୁଇଭାଇଙ୍କ ହାତରେ ଗୋମନ୍ତକ ପାଦଦେଶରେ ପରାସ୍ତ ହୋଇଛି। ସେ ସମୟରେ ପରାସ୍ତ ଜରାସନ୍ଧର ମୁଣ୍ଡକୁ ଲଙ୍ଗଳରେ ପିଟି ଦୁଇଫାଳ କରିବାପାଇଁ ଭାଇ ବଳରାମ ଯାଉଥିଲେ, କିନ୍ତୁ ମୁଁ ତାଙ୍କୁ ବାଧା ଦେଇ, ଜରାସନ୍ଧର ପ୍ରାଣରକ୍ଷା କରିଥିଲି; ଭାବିଥିଲି ସମ୍ରାଟର ହୃଦୟ ପରିବର୍ତ୍ତନ ହୋଇଯିବ। ବିଶାଳ ଶକ୍ତିର ଅଧିକାରୀ ଜରାସନ୍ଧ ଶାନ୍ତି ମାର୍ଗରେ ତାର ଶକ୍ତିର ଉପଯୋଗ କରିଥିଲେ ଆର୍ଯ୍ୟାବର୍ତ୍ତରେ ଧର୍ମରାଜ୍ୟ ପ୍ରତିଷ୍ଠା ପାଇଁ କିଛି ବାଧା ନଥିଲା। କିନ୍ତୁ ଅଧର୍ମ ପଥର ପଥିକ ଜରାସନ୍ଧର ଅତ୍ୟାଚାର ସମସ୍ତ ସୀମା ଲଙ୍ଘି ସାରିଲାଣି। ପ୍ରଜା ପ୍ରପୀଡନ ଯୋଗୁଁ ଦେଶବାସୀ ସମ୍ରାଟ ଠାରୁ ମୁକ୍ତି ଚାହାଁନ୍ତି। ପୁତ୍ର ସହଦେବ ଏବଂ ପୌତ୍ର ମେଘସନ୍ଧି ମଧ୍ୟ ତା' ମନମୁଖୀ ଶାସନ ଯୋଗୁଁ ନିଜକୁ ଅଣନିଃଶ୍ୱାସୀ ମନେ କରୁଛନ୍ତି। ଏହା ହେଉଛି ସମ୍ରାଟକୁ ମୃତ୍ୟୁପୁରୀକୁ ପଠାଇବାର ପ୍ରକୃଷ୍ଟ ସମୟ।

ବହୁତ ବଞ୍ଚିଲାଣି ଜରାସନ୍ଧ। ଏବେ ତାର ଅନ୍ତକାଳ ଉପସ୍ଥିତ। ତାର ମୃତ୍ୟୁ ନହେଲେ ଭ୍ରାତା ଯୁଧିଷ୍ଠିର ରାଜସୂୟ ଯଜ୍ଞ ସଂପାଦନ କରି ପାରିବେ ନାହିଁ କିମ୍ବା

Source: Author, Digitized by PPRACHIN, SOA

ଆର୍ଯ୍ୟାବର୍ତ୍ତରେ ଧର୍ମରାଜ୍ୟ ସ୍ଥାପିତ ହୋଇ ପାରିବ ନାହିଁ।

ଶ୍ରୀକୃଷ୍ଣଙ୍କ କଥା ଶୁଣି ହସିଦେଲେ ଭୀମସେନ; କହିଲେ... ବକାସୁର ବଧ ପରେ ବହୁଦିନ ଧରି କାହା ସହିତ ମୁଁ ମଲ୍ଲଯୁଦ୍ଧ କରିନାହିଁ କେଶବ, ଆଉ ଡେରି କଲେ ଗୁରୁଦେବ ବଳରାମଙ୍କୁ ଅପମାନ ହେବ; କେଉଁଦିନ ମଗଧ ଯାତ୍ରା କରିବା ?

-୦-

(୪୫)

ସମ୍ରାଟଙ୍କ ନିଧନ

ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଲେ... ଧର୍ମରାଜ ! ସୈନ୍ୟସାମନ୍ତ ନେଇ ଜରାସନ୍ଧ ସହିତ ମୁହାଁମୁହିଁ ଯୁଦ୍ଧକରି କିଛି ଲାଭ ନାହିଁ, କାରଣ ମଗଧର ବିଶାଳ ସୈନ୍ୟ ବାହିନୀ ସହିତ ସଂଗ୍ରାମରେ ଅନେକ ବର୍ଷ ବିତିଯିବ ଏବଂ ଶେଷରେ କାହାର ବିଜୟ ହେବ କହିବା କଷ୍ଟକର। ଜରାସନ୍ଧକୁ ମଲ୍ଲଯୁଦ୍ଧ ପାଇଁ ଆହ୍ୱାନ କରି ଯେବେ ତାକୁ ନିହତ କରାଯାଏ, ମଗଧର ଅସନ୍ତୁଷ୍ଟ ପ୍ରଜାପୁଞ୍ଜ ଏବଂ ତାର ଜ୍ଞାତିଜନ ସେ କାର୍ଯ୍ୟର ପ୍ରତିବାଦ କରିବେ ନାହିଁ, ବରଂ ଆନନ୍ଦିତ ହେବେ।

କେଶବଙ୍କ କଥା ଶୁଣି ଭୀମସେନ କହିଲେ... ତା'ହେଲେ ଆଉ ବିଳମ୍ବ କାହିଁକି ? ଆମଙ୍କୁ ଶୀଘ୍ର ଅନୁମତି ଦିଅନ୍ତୁ ଜ୍ୟେଷ୍ଠ ଭ୍ରାତ; କୃଷ୍ଣ ଅର୍ଜୁନ ଏବଂ ମୁଁ ଗିରିବ୍ରଜ ଯାଇ ଜରାସନ୍ଧକୁ ମଲ୍ଲଯୁଦ୍ଧରେ ବିନାଶ କରିବୁ। ତା'ପରେ ଆପଣଙ୍କ ରାଜସୂୟ ଯଜ୍ଞ ପାଇଁ କିଛି ବାଧା ରହିବନାହିଁ।

ଯୁଧିଷ୍ଠିର ପ୍ରମାଦ ଗଣିଲେ, କହିଲେ... ଶୁଣାଯାଏ ଜରାସନ୍ଧ ଅମର। ଏ ପର୍ଯ୍ୟନ୍ତ ମଲ୍ଲଯୁଦ୍ଧରେ ତାଙ୍କୁ କେହି ହରାଇ ପାରିନାହାନ୍ତି। ସେଠାରେ ତୁମମାନଙ୍କ ଉପରକୁ ଯଦି କିଛି ବିପଦ ଆସେ ମୋ ଭେଳା ବୁଡ଼ିଯିବ। ଭୀମ ଏବଂ ଅର୍ଜୁନ ମୋର ଦୁଇ ଚକ୍ଷୁ ସହିତ ସମାନ। ବାସୁଦେବ ମୋ ରାଜନୀତି ପୋତର ଦିଗ୍‌ଦର୍ଶକ। ସେଠାକୁ ଯିବା ଆବଶ୍ୟକ ନାହିଁ କି ବିପଦକୁ ନିମନ୍ତ୍ରଣ କରିବା ଆବଶ୍ୟକ ନାହିଁ।

ଏହା ଶୁଣି ଅର୍ଜୁନ କହିଲେ... ଏହା ରାଜୋଚିତ କଥା ନୁହେଁ ଜ୍ୟେଷ୍ଠ ଭ୍ରାତା ! ଏହା ତ ପଳାତକର ମନସ୍ତତ୍ତ୍ୱ ! ଘର କୋଣରେ ଲୁଚି ରହିବା କ୍ଷତ୍ରିୟ ଧର୍ମର ପରିପନ୍ଥୀ। ବର୍ତ୍ତମାନ-ସର୍ବସ୍ୱ ହୋଇ ବଞ୍ଚିବା ନାମ କଣ ଜୀବନ ? ସମଗ୍ର ଭାରତ ଭୂଖଣ୍ଡରେ ଧର୍ମରାଜ୍ୟ

Source: Author, Digitized by PPRACHIN, SOA

ପ୍ରତିଷ୍ଠା କରିବାକୁ ହେଲେ ଜରାସନ୍ଧ, ଶିଶୁପାଳ, ଆଦି ଦୁଷ୍ଟ ଶକ୍ତି ମାନଙ୍କୁ ଅଧୀନକୁ ଆଣିବାକୁ ହେବ ଅଥବା ବୀର ପରି ଯୁଦ୍ଧରେ ନିହତ କରିବାକୁ ହେବ। ଆପଣ କିଛି ଚିନ୍ତା ନକରି ଆମକୁ ଗିରିବ୍ରଜ ଯିବାପାଇଁ ଅନୁମତି ଦିଅନ୍ତୁ।

ଶ୍ରୀକୃଷ୍ଣ କହିଲେ... ଧର୍ମରାଜ! ଜରାସନ୍ଧ ଅମର ବୋଲି ଭାବିଲା କ୍ଷଣି ମଲ୍ଲଯୋଦ୍ଧାଙ୍କର ଅଧା ବଳ କମିଯାଏ। 'ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହେଲେ ହେଁ ମରଇ।' ଆଜି ପର୍ଯ୍ୟନ୍ତ ଭୀମଙ୍କ ଭଳି ମହାମଲ୍ଲ ସହିତ ତାର ଭେଟ ହୋଇନାହିଁ; ଭେଟ ହେଲା ପରେ ତା'ର ମୃତ୍ୟୁ ରହସ୍ୟ ଠିକ୍ ସମୟରେ ଜଣାପଡିବ।ତାର ମୃତ୍ୟୁ ରହସ୍ୟ ଜନ୍ମ ରହସ୍ୟ ସହିତ ଜଡିତ। ଆପଣ ବ୍ୟସ୍ତ ନହୋଇ ଆମକୁ ଅନୁମତି ଦିଅନ୍ତୁ; ଆପଣଙ୍କ ଦୁଇଭାଇ ମୋର ମଧ୍ୟ ଭାଇ। ସେମାନଙ୍କ ଦାୟିତ୍ୱ ମୋ ଉପରେ ଛାଡି ଦିଅନ୍ତୁ।

କୃଷ୍ଣଙ୍କ କଥା ଶୁଣି ଯୁଧିଷ୍ଠିର ସମ୍ମତି ପ୍ରଦାନ କଲେ। ଶ୍ରୀକୃଷ୍ଣ ଭୀମ ଏବଂ ଅର୍ଜୁନ ବ୍ରାହ୍ମଣ ବେଶରେ ମଗଧ ରାଜଧାନୀ ଗିରିବ୍ରଜରେ ପହଞ୍ଚିଲେ।

ରାଜଧାନୀର ମଧ୍ୟଭାଗରେ ଗିରିବ୍ରଜ ପର୍ବତ ଅବସ୍ଥିତ। ପର୍ବତ ଉପରେ ରହିଛି ଜରାସନ୍ଧଙ୍କ ଅଭେଦ୍ୟ ଦୁର୍ଗ। ତା'ର ମଧ୍ୟଭାଗରେ ରହିଛି ଏକ ଭବ୍ୟ ଶିବ ମନ୍ଦିର ଏବଂ ମନ୍ଦିର ଆଗରେ ବିରାଟ ମଣ୍ଡପ। ଶିବ ପୂଜା ପରେ ସେହି ମଣ୍ଡପ ଉପରେ ଜରାସନ୍ଧ ସବୁଦିନ ବଛା ବଛା ମଲ୍ଲମାନଙ୍କ ସହିତ କୁସ୍ତି କରନ୍ତି ଏବଂ ଗଦାଯୁଦ୍ଧରେ ପ୍ରବୀଣ ଯୋଦ୍ଧାଙ୍କ ସହିତ କରନ୍ତି ଗଦାଯୁଦ୍ଧ।

ସମ୍ରାଟଙ୍କ ପାଖରେ ମଲ୍ଲଯୋଦ୍ଧାମାନଙ୍କର ଯେଉଁ ଗୋଷ୍ଠୀ ରହିଛି ସେମାନେ ତାଙ୍କର ସବୁ ଆଦେଶ ପାଳନ କରନ୍ତି। ସେମାନଙ୍କୁ ରାଜ୍ୟବାସୀଙ୍କର ଭୀଷଣ ଡର। ସମ୍ରାଟ ସେମାନଙ୍କୁ ସ୍ୱାଧୀନତା ଦେଇଛନ୍ତି, ବିରୁଦ୍ଧାଚରଣ କରୁଥିବା ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରିବା ପାଇଁ। ଶହେ ରାଜାଙ୍କ ମୁଣ୍ଡକାଟି ନର-ମେଧ ଯଜ୍ଞ କରି ସେମାନଙ୍କ ବିଚ୍ୟୁତ ମୁଣ୍ଡମାଳ ଶିବଙ୍କ ଗଳାରେ ଲମ୍ୱାଇଲେ ସେ ଚକ୍ରବର୍ତ୍ତୀ ପଦରେ ବିଭୂଷିତ ହେବେ ବୋଲି ଶୂନ୍ୟବାଣୀ ହୋଇଥିଲା। ସେଥିପାଇଁ ଜରାସନ୍ଧ ଅଠାନବେ ରାଜାଙ୍କ ରାଜ୍ୟ ହରଣକରି ସେମାନଙ୍କୁ କାରାଗାରରେ ବନ୍ଦୀ କରି ରଖିଛନ୍ତି। ଆଉ ଦୁଇଜଣ ରାଜା ଯୋଗାଡ ହୋଇପାରିଲେ ସେ ଏହି ରାଜ-ମେଧ-ଯଜ୍ଞ ଅନୁଷ୍ଠାନ କରିବେ।

ଏହି ହତଭାଗ୍ୟ ରାଜାମାନଙ୍କର କାରାଗାରରେ ସଢିବା ବ୍ୟତୀତ ଅନ୍ୟ କିଛି ଉପାୟ ନାହିଁ। ସେମାନଙ୍କ ପରିବାରବର୍ଗ ଗୁପ୍ତରେ ଶ୍ରୀକୃଷ୍ଣଙ୍କୁ ଅନୁରୋଧ କରିଛନ୍ତି ସେମାନଙ୍କ ମୁକ୍ତି ପାଇଁ କିଛି ଉପାୟ କରିବାପାଇଁ; ସେମାନଙ୍କର ବିଶ୍ୱାସ, ଶ୍ରୀକୃଷ୍ଣ ହିଁ ସେମନଙ୍କୁ ରକ୍ଷା କରିପାରିବେ।

Source: Author, Digitized by PPRACHIN, SOA

ରାଜଧାନୀ ଉପକଣ୍ଠରେ ପହଞ୍ଚି ରକ୍ଷୀମାନଙ୍କର ମନା ନମାନି ବ୍ରାହ୍ମଣ ବେଶରେ କୃଷ୍ଣ, ଭୀମ ଓ ଅର୍ଜୁନ ନଗର ମଧ୍ୟରେ ପ୍ରବେଶ କଲେ। ଗିରିବ୍ରଜ ଦୁର୍ଗ ଭିତରେ ବିଶ୍ରାମ କରୁଥିବା ଜରାସନ୍ଧଙ୍କ ପାଖରେ ସମ୍ବାଦ ପହଞ୍ଚିଗଲା। ନଗ୍ର ରକ୍ଷା ଦାୟିତ୍ୱରେ ଥିବା ପୌତ୍ର ମେଘସନ୍ଧିକୁ ପାଖକୁ ଡକାଇ ସମ୍ରାଟ ବଜ୍ରନିର୍ଘୋଷ କଣ୍ଠରେ ପଚାରିଲେ... କେଉଁ ନିର୍ବୋଧମାନେ ନଗରରେ ପ୍ରବେଶ କରିଛନ୍ତି ସେମାନେ ଦେଖିବାପାଇଁ କିପରି ? ସେମାନଙ୍କୁ ବାଧା ଦେଲନାହିଁ କାହିଁକି ?

ମେଘାସନ୍ଧି ଉତ୍ତର ଦେଲେ... ସେ' ତିନି ଜଣ ବ୍ରାହ୍ମଣ ଭଳି ଦେଖା ଯାଉଛନ୍ତି। ଜଣଙ୍କର ଶରୀର ଲମ୍ବା, ବଳିଷ୍ଠ ଓ ହୃଷ୍ଟପୃଷ୍ଟ। ସେ ଜଣେ ମଲ୍ଲ ଯୋଦ୍ଧା ଭଳି ଦେଖାଯାଉଛନ୍ତି। ସେ କହିବା କଥା ଯେ ଏଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ମଲ୍ଲଯୁଦ୍ଧରେ ସେ ଭାଗନେବାକୁ ଆସିଛନ୍ତି। ଅନ୍ୟ ଦୁଇଜଣଙ୍କ ମଧ୍ୟରୁ ଜଣେ ଗୌରବର୍ଣ୍ଣ, ଲମ୍ବା ଚଉଡ଼ା ବ୍ୟକ୍ତି, କାନ୍ଧରେ ଉପବୀତ ଥିଲେ ମଧ୍ୟ କ୍ଷତ୍ରିୟ ଭଳି ଜଣାଯାଉଛନ୍ତି। ତୃତୀୟ ଜଣଙ୍କର କମନୀୟ କାନ୍ତି, ହସ ହସ ମୁହଁ ଆକର୍ଷଣୀୟ ଚେହେରା। କାହା ହାତରେ ମଧ୍ୟ ଅସ୍ତ୍ରଶସ୍ତ୍ର ନାହିଁ।

କିଛି ନିରବତା ପରେ ଜରାସନ୍ଧ ପଚାରିଲେ... ସେମାନଙ୍କୁ ନଗ୍ରଭିତରକୁ ପ୍ରବେଶ କରିବାକୁ କାହିଁକି ଦିଆଗଲା ?

ମେଘସନ୍ଧି କହିଲେ... ସେମାନେ ନମାନି ଭିତରକୁ ପଶି ଆସିଛନ୍ତି, ଏପରି କି ନଗରର ଦ୍ୱାରରେ ଥିବା ବିଶାଳ ଘଣ୍ଟା ଏବଂ ଢୋଲକୁ ମଧ୍ୟ ଭାଙ୍ଗି ଦେଇଛନ୍ତି।

ବିରକ୍ତ ହୋଇ ସମ୍ରାଟ କହିଲେ... ସେମାନଙ୍କୁ ଧରି ପାହାଡ଼ ଉପରୁ ତଳକୁ ଫିଙ୍ଗିଦିଅ।

ଜରାସନ୍ଧଙ୍କ ପାଟିରୁ କଥା ଶେଷ ହେବା ପୂର୍ବରୁ, ଦୁର୍ଗ ପାଚେରୀ ଡେଇଁ ତିନି ବ୍ରାହ୍ମଣ ଆସି ତାଙ୍କ ପାଖରେ ହାଜର। ସେମାନଙ୍କର ଏଭଳି ଧୃଷ୍ଟତାରେ ଆଶ୍ଚର୍ଯ୍ୟ ହୋଇ ଜରାସନ୍ଧ କହିଲେ... କିଏ ତୁମେ ଅର୍ବାଚୀନ ? ମୃତ୍ୟୁକୁ ଭୟ ନାହିଁ ତୁମର ?

ଶ୍ରୀକୃଷ୍ଣ କହିଲେ... ହେ ରାଜନ୍ ! ଆମେ ତୁମର ମଲ୍ଲ ଯୁଦ୍ଧ ଉତ୍ସବରେ ତୁମ ସହିତ ଲଢ଼େଇ କରିବାକୁ ଆସିଛୁ। ମୁଁ ଶ୍ରୀକୃଷ୍ଣ, ମୋ ସହିତ ଆସିଛନ୍ତି କୁନ୍ତୀ ପୁତ୍ର ଭୀମସେନ ଏବଂ ମଧ୍ୟମ ପାଣ୍ଡବ ଅର୍ଜୁନ। ଆମ ଭିତରୁ କାହା ସହିତ ଆପଣ ମଲ୍ଲଯୁଦ୍ଧ କରିବେ ବାଛି ନିଅନ୍ତୁ।

ଘୋର ଅଟ୍ଟହାସ କରି ଜରାସନ୍ଧ କହିଲେ... ମୂର୍ଖ ଗୋପାଳ ! ବାରମ୍ବାର ମୋ ସାମ୍ନାକୁ ଆସିବାପାଇଁ ତୋତେ ଭୟ ଲାଗୁନାହିଁ ? ତୁ ନିରସ୍ତ୍ର, ନହେଲେ ଏ'କ୍ଷଣି ତୋର

Source: Author, Digitized by PPRACHIN, SOA

ମସ୍ତକ କାନ୍ଧରୁ ବିଚ୍ୟୁତି କରି ଦେଇଥାନ୍ତି। ତତେ ଫୁଙ୍କି ଦେଲେ ଯାଇ ଦ୍ୱାରକାରେ ପଡ଼ିବୁ। ତୋ ସହିତ କଣ ମଲ୍ଲଯୁଦ୍ଧ ମୁଁ କରିବି ! ! ବାକି ରହିଲେ କୁନ୍ତୀ-ପୁତ୍ର ଦୁଇଟା। ଏମାନଙ୍କ ଭିତରେ ଭୀମାଟା ଟିକିଏ ବଳୁଆ ଲାଗୁଛି। ତା ସହିତ ମୁଁ କାଲି ମଲ୍ଲଯୁଦ୍ଧ କରିବି, କାରଣ ମୋତେ ଯେ ଆହ୍ୱାନ କରେ ମୁଁ ତାକୁ ନିରାଶ କରେନାହିଁ। କାଲି ଭୀମାର ମୃତ୍ୟୁ ପରେ ତୁମ ଦୁହିଁଙ୍କର ମୁଣ୍ଡକାଟ ହେବ। ଆଜି ପାଇଁ ତୁମେମାନେ ମୋର ଅତିଥି। ଗୋଟିଏ ଦିନର ଜୀବନ ଉପଭୋଗ କର। କାଲି ସକାଳେ ବ୍ରାହ୍ମ ମୁହୂର୍ତ୍ତରେ ଆରମ୍ଭ ହେବ ମଲ୍ଲ ଯୁଦ୍ଧ। ଆଜି ପେଟ ଭରି ଖାଇନିଅ, କାରଣ ଆଜି ତୁମ ଜୀବନର ଶେଷ ଦିନ।

ଭୀମାକୁ ହତ୍ୟା କରିବା ପରେ ପ୍ରଥମେ ଏ ଗଉଡ ଟୋକାର ତଣ୍ଟିଚିପି ପାହାଡ଼ ତଳକୁ ଫିଙ୍ଗିବି; ତାପରେ ନିଜକୁ ବଡ଼ ଧନୁର୍ଦ୍ଧର ବୋଲାଉଥିବା ଅର୍ଜୁନର ପାଳି ଏହା କହି ଜରାସନ୍ଧ ମେଘସନ୍ଧିକୁ କହିଲେ... ବଳିଦେବା ପୂର୍ବରୁ ଛାଗଳକୁ ଯେପରି ପେଟ ଭରି ଖାଇବାକୁ ଦିଆଯାଏ, ସେପରି ଏ ଛଦ୍ମବେଶୀ ଅତିଥିମାନଙ୍କୁ ପେଟପୂରା ଭୋଜନ ଦିଅ। କାଲି ସକାଳୁ ଏମାନେ ମୋ କ୍ରୋଧର ଶିକାର ହେବେ। ଏତେ ଦିନେ ଗୋପାଳ ମୋ ପାଲରେ ପଡ଼ିଛି। ନଜର ରଖ, ଯେପରି ଭୟରେ ପଳାୟନ ନକରେ ଏହା କହି ସମ୍ରାଟ ଦୁର୍ଗସ୍ଥ ନିଜ ପ୍ରାସାଦକୁ ଚାଲିଗଲେ। କୃଷ୍ଣଙ୍କ ମୁହଁରେ ଅମାୟ ହସ।

ଗିରିବ୍ରଜର ଘରେ ଘରେ ପହଞ୍ଚିଗଲା କୃଷ୍ଣ ଅର୍ଜୁନ ଏବଂ ଭୀମଙ୍କ ଆଗମନ ବାର୍ତ୍ତା। ସମସ୍ତଙ୍କ ମନରେ ଗୋଟିଏ ଦୁଃଖ... ଆହା ! କାଲି ସକାଳେ କୃଷ୍ଣ ଅର୍ଜୁନ ଓ ଭୀମ ବୀରଗତି ପ୍ରାପ୍ତ ହେବେ, କାରଣ ଆଜି ପର୍ଯ୍ୟନ୍ତ ମଲ୍ଲଯୁଦ୍ଧରେ ସମ୍ରାଟ ଜରାସନ୍ଧଙ୍କୁ କେହି ପରାସ୍ତ କରି ପାରିନାହାଁନ୍ତି; ସେ କେବଳ ଅଜେୟ ନୁହଁନ୍ତି, ଅମର ମଧ୍ୟ।

ପରଦିନ ମଲ୍ଲଯୁଦ୍ଧ ଦେଖିବାପାଇଁ ପ୍ରବଳ ଭିଡ଼ ଜମିଗଲା। ଶିବଙ୍କୁ ପୂଜାକରି ଭୀମ ଓ ଜରାସନ୍ଧ ଘୋର ମଲ୍ଲ ଯୁଦ୍ଧରେ ମାତି ଗଲେ। କେହି କାହାକୁ ଊଣା ନୁହଁନ୍ତି। ଦୀର୍ଘ ଚଉଦ ଦିନ ଧରି ମଲ୍ଲଯୁଦ୍ଧ ଲାଗି ରହିଲା। କ୍ରମେ ଜରାସନ୍ଧ ହୃଦୟଙ୍ଗମ କଲେ, ସହଜରେ ଭୀମଙ୍କୁ ପରାସ୍ତ କରିବା ସମ୍ଭବ ନୁହେଁ। ଭୀମ ମଧ୍ୟ ବୟସ୍କ ଜରାସନ୍ଧର ଏଭଳି ବଳବୀର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ; ଶ୍ରୀକୃଷ୍ଣଙ୍କ ଠାରୁ କିଛି ନିର୍ଦ୍ଦେଶ ପାଇଁ ତାଙ୍କ ଆଡ଼କୁ ଚାହିଁଲେ ବୃକୋଦର। ଶ୍ରୀକୃଷ୍ଣ ଏହି ମୁହୂର୍ତ୍ତକୁ ଅପେକ୍ଷା କରିଥିଲେ; ହାତରେ ଧରିଥିବା ଗୋଟିଏ ନଡ଼ା (ଘାସ)କୁ ମଝିରୁ ଚିରି ଦେଲେ। ବୁଦ୍ଧିମାନ ଭୀମସେନ ଜରାସନ୍ଧର ଗୋଟିଏ ଜଙ୍ଘ ଉପରେ ଗୋଡ଼ ପକାଇ ଅନ୍ୟ ଗୋଡଟିକୁ ଝିଙ୍କିଦେଇ ଶରୀରକୁ ଚିରିଦେଲେ। ଜନ୍ମ ସମୟରେ ଯେଉଁ ପ୍ରକାର ଯୋଡ଼ି ହୋଇଥିଲା ସେହି ପ୍ରକାର ଦୁଇଫାଳ ହୋଇଗଲା ଜରାସନ୍ଧର ଶରୀର। ଘୋର ଗର୍ଜନ କରି ପ୍ରାଣତ୍ୟାଗ କଲା ଜରାସନ୍ଧ। ଭୀମ ଆଶ୍ୱସ୍ତ ହେଲେ।

Source: Author, Digitized by PPRACHIN, SOA

କିନ୍ତୁ ଏ କ'ଣ !! ଶରୀରର ଦୁଇଭାଗ ଏକାଠି ହୋଇ ପୁଣି ଯୋଡି ହୋଇଗଲେ ଏବଂ ଘୋର ଗର୍ଜନ କରି ଜରାସନ୍ଧ ଭୀମଙ୍କ ଉପରକୁ ମାଡି ଆସିଲା। କିପରି ଜରାସନ୍ଧକୁ ମୃତ୍ୟୁ ଦେବେ ଜାଣି ପାରିଲେ ନାହିଁ ପାବନୀ। ପୁଣି ଥରେ ଶ୍ରୀକୃଷ୍ଣଙ୍କ ଆଡ଼କୁ ଚାହିଁଲେ। ଏଥର ଶ୍ରୀକୃଷ୍ଣ ଘାସଟିଏ ଧରି, ତାକୁ ଦୁଇଭାଗ କରି ବାମ ଭାଗଟି ଡାହାଣକୁ ଏବଂ ଡାହାଣ ଭାଗଟି ବାମ ପଟକୁ ଫିଙ୍ଗିଦେଲେ। ଭୀମ, କୃଷ୍ଣଙ୍କ ନିର୍ଦ୍ଦେଶ ଠିକ୍ ବୁଝି ପାରିଲେ। ଏଥର ଜରାସନ୍ଧର ଶରୀରକୁ ଚିରି ବାମ ଅଂଶକୁ ଡାହାଣକୁ ଏବଂ ଡାହାଣ ଅଂଶ ବାମକୁ ଫିଙ୍ଗିଦେଲେ ମହାବଳୀ ବୃକୋଦର। ଜରାସନ୍ଧ ଶେଷ ନିଃଶ୍ୱାସ ତ୍ୟାଗକଲା।

ଅତ୍ୟାଚାରର ଅନ୍ତ ହେଲା। ଜରାସନ୍ଧଙ୍କ ପୁତ୍ର ସହଦେବ ଶ୍ରୀକୃଷ୍ଣଙ୍କ ପାଦ ବନ୍ଦନା କଲେ। 'ଜୟ ଦ୍ୱାରକା ପତି ବାସୁଦେବଙ୍କର ଜୟ' ଶବ୍ଦରେ ଗଗନ ମୁଖରିତ ହେଲା। ପ୍ରଜାମାନଙ୍କ ଆନନ୍ଦ କହିଲେ ନସରେ। ଅଠାନବେ ବନ୍ଦୀ ରାଜାଙ୍କୁ ମୁକ୍ତି ଦିଆଗଲା। ସେମାନେ ସମସ୍ତେ ଯୁଧିଷ୍ଠିରଙ୍କ ଆନୁଗତ୍ୟ ସ୍ୱୀକାର କଲେ। ଜରାସନ୍ଧଙ୍କ ପୁତ୍ର ସହଦେବ, ଯୁଧିଷ୍ଠିରଙ୍କ ବଶ୍ୟତା ସ୍ୱୀକାର କରି ମଗଧରେ ରାଜତ୍ୱ କଲେ।

-o-

(୪୬)

ରାଜସୂୟ ଯଜ୍ଞ

ଜରାସନ୍ଧ ଭୀମଙ୍କ ହାତରେ ମୃତ୍ୟୁ ବରଣ କରିବା, ତତ୍କାଳୀନ ଭାରତ ଭୂଖଣ୍ଡରେ ଏକ ଅଭାବନୀୟ ଘଟଣା ଥିଲା। ଏହା ଶକ୍ତି କେନ୍ଦ୍ରର ଭାରସାମ୍ୟ ବଦଳାଇ ଦେଲା। ଜରାସନ୍ଧକୁ ଅଜେୟ ଏବଂ ଅମର ଭାବି ଶିଶୁପାଳ, ଦନ୍ତବକ୍ର ଏବଂ ଶାଲ୍ୱ ଆଦି ଯେଉଁ ଦୁଷ୍ଟ ଶକ୍ତିମାନେ ଶ୍ରୀକୃଷ୍ଣଙ୍କୁ ହେୟଜ୍ଞାନ କରୁଥିଲେ ଏବଂ ତାଙ୍କ ଧର୍ମରାଜ୍ୟ ପ୍ରତିଷ୍ଠାକୁ ଅବଜ୍ଞା କରୁଥିଲେ, ପୃଷ୍ଠପୋଷକ ଜରାସନ୍ଧ ନିଧନରେ ଏବେ ସେମାନେ କୃଷ୍ଣଙ୍କୁ ଡରିବା ଆରମ୍ଭ କଲେ; 'ବିରି ମାଡ଼ ଦେଖି କୋଳଥ ଚେପା' ନ୍ୟାୟରେ। ଭାରତ ଭୂଖଣ୍ଡର ରାଜା ମହାରାଜା ମାନେ ବିଶ୍ୱାସ କଲେ ଯେ କୃଷ୍ଣ ସାଧାରଣ ମନୁଷ୍ୟ ନୁହଁନ୍ତି,ସେ ନରରୂପୀ ନାରାୟଣ। କୌଣସି ସିଂହାସନରେ ଅସୀନ ନହୋଇ ମଧ୍ୟ ସେ ଦ୍ୱାରକାପତି ନାମରେ ସମଗ୍ର ଆର୍ଯ୍ୟାବର୍ତ୍ତରେ ପରିଚିତ ହେଲେ।

ଦ୍ୱାରକାପତି ଶ୍ରୀକୃଷ୍ଣଙ୍କ ପୃଷ୍ଠପୋଷକତା ଯୋଗୁଁ ପାଣ୍ଡବ ମାନଙ୍କ ଖ୍ୟାତି ବଢ଼ିଗଲା।

Source: Author, Digitized by PPRACHIN, SOA

ଏହା ପାଣ୍ଡବମାନଙ୍କୁ ରାଜସୂୟ ଯଜ୍ଞ ଅନୁଷ୍ଠିତ କରିବାପାଇଁ ସାହାଯ୍ୟ କଲା। ଭୀମ ଅର୍ଜୁନ, ନକୁଳ ଓ ସହଦେବ ଚାରିଦିଗକୁ ଯାଇ, ରାଜସୂୟ ଯଜ୍ଞପାଇଁ ସବୁ ରାଜାମାନଙ୍କର ଅନୁବର୍ତ୍ତୀତା ଏବଂ ସାହଚର୍ଯ୍ୟ ଲାଭ କରି ଫେରିଲେ।

ରାଜସୂୟ ଯଜ୍ଞରେ ଯୋଗଦେବାପାଇଁ ଗୋଟିଏ ଦିନ ଆଗରୁ ସବୁ ରାଜାମାନେ ଏବଂ ଋଷି ମାନେ ଇନ୍ଦ୍ରପ୍ରସ୍ଥରେ ପହଞ୍ଚି ଯାଇଥିଲେ। ଜରାସନ୍ଧର ମିତ୍ର ଚେଦି-ରାଜ ଶିଶୁପାଳ,ମିତ୍ରର ମୃତ୍ୟୁ ପାଇଁ ପାଣ୍ଡବଙ୍କ ଉପରେ ଅସନ୍ତୁଷ୍ଟ ଥିଲେ ମଧ୍ୟ ଭୀମସେନ ଅନୁରୋଧ କରି କହିଲେ... ଦେଖ ଚେଦିରାଜ! ସମ୍ବନ୍ଧରେ ଆମେ ମାଉସୀ ପୁଅ ଭାଇ, କାରଣ ତୁମ ମାତା ଶ୍ରୁତଶ୍ରବା ଆମ ମାତା କୁନ୍ତୀଙ୍କ ନିଜ ଭଉଣୀ; ତେଣୁ ରାଜସୂୟ ଯଜ୍ଞରେ ଯୋଗ ନଦେଲେ ବନ୍ଧୁ ଅମର୍ଯ୍ୟଦା ହେବ।

ଶିଶୁପାଳ ସେଥିପାଇଁ ସମ୍ମତ ହୋଇଥିଲେ ଯଜ୍ଞରେ ଯୋଗ ଦେବାପାଇଁ। ଶିଶୁପାଳ ଯୋଗଦେବାରୁ ମୃତ ଜରାସନ୍ଧଙ୍କର ଅନ୍ୟ ମିତ୍ର କରୁଶ-ରାଜ ଦନ୍ତବକ୍ର ମଧ୍ୟ ଯୋଗଦେଲେ।

ଯଜ୍ଞପାଇଁ ଆସିଥିବା ଋଷିମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ଧୌମ୍ୟ, ଗର୍ଗ, ସନ୍ଦିପନି ଏବଂ ମୁନିଶ୍ରେଷ୍ଠ ବ୍ୟାସଦେବ। ତା'ଛଡା ଅନେକ ଶ୍ରୋତ୍ରିୟ (ବେଦଜ୍ଞ) ବ୍ରାହ୍ମଣ ଯଜ୍ଞପାଇଁ ଆମନ୍ତ୍ରିତ ହୋଇଥିଲେ। ହସ୍ତିନାରୁ କୁଳବୃଦ୍ଧ ଭୀଷ୍ମ, ଦୁର୍ଯ୍ୟୋଧନ ସମେତ ଶହେ ଭାଇ, ମାମୁଁ ଶକୁନି, ରାଜପରିବାରର ଅନ୍ୟ ସମସ୍ତ ସଦସ୍ୟଙ୍କ ବ୍ୟତୀତ କୁଳଗୁରୁ କୃପାଚାର୍ଯ୍ୟ, ଶସ୍ତ୍ର-ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ ଗୁରୁ-ପୁତ୍ର ଅଶ୍ୱତ୍ଥାମା ମଧ୍ୟ ନିମନ୍ତ୍ରଣ ପାଇ ଆସିଥିଲେ।

କୃଷ୍ଣ, ବଳରାମ, ସାତ୍ୟକି ଏବଂ ଉଦ୍ଧବ ସମେତ ଅନେକ ଯାଦବ ବୀର ଏହି ଯଜ୍ଞକୁ ଆମନ୍ତ୍ରିତ ହୋଇଥିଲେ। ରାଜସୂୟ ଯଜ୍ଞର ଏହି ଅନୁଷ୍ଠାନକୁ, ଯୁଧିଷ୍ଠିର କୌରବ ଏବଂ ପାଣ୍ଡବ ପରିବାର ଭିତରେ ସୌହାର୍ଦ୍ଦ୍ୟ ବୃଦ୍ଧି କରିବାର ସମ୍ଭାବନା ଭାବରେ ଦେଖୁଥିଲେ। ତେଣୁ କୌରବ ପରିବାରର ସମସ୍ତ ସଦସ୍ୟଙ୍କୁ ମୁଖ୍ୟ ଦାୟିତ୍ୱ ସବୁ ଅର୍ପଣ କରିଥିଲେ। ଭୀଷ୍ମ ଏବଂ ଦ୍ରୋଣାଚାର୍ଯ୍ୟଙ୍କୁ ସାମୂହିକ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଅଶ୍ୱତ୍ଥାମାଙ୍କ ଦାୟିତ୍ୱ ଥିଲା ଶ୍ରୋତ୍ରିୟ ବ୍ରାହ୍ମଣ ମାନଙ୍କୁ ସ୍ୱାଗତ କରି ସେମାନଙ୍କ ଯତ୍ନ ନେବା, ଦୁର୍ଯ୍ୟୋଧନଙ୍କ ଦାୟିତ୍ୱ ଥିଲା ଅତିଥି ମାନଙ୍କଠାରୁ ଉପହାର ଗ୍ରହଣ କରିବା, ଦୁଃଶାସନ ଏବଂ ମନ୍ତ୍ରୀ ସଞ୍ଜୟ ରାଜଅତିଥି ମାନଙ୍କର ଯତ୍ନ ନେବା ଦାୟିତ୍ୱରେ ଥିଲେ। ନିଜେ ଶ୍ରୀକୃଷ୍ଣ ଶ୍ରୋତ୍ରିୟ ବ୍ରାହ୍ମଣମାନଙ୍କର ପଦ ପ୍ରକ୍ଷାଳନ ଦାୟିତ୍ୱ ଗ୍ରହଣ କରିଥିଲେ।

ଯଜ୍ଞ ଦିନ ରାଜା-ମହାରାଜା ମାନେ ନିଜର ଆସନ ଗ୍ରହଣ କଲେ। ବେଦିକାରେ ଯୁଧିଷ୍ଠିର ଯଜମାନ ଭାବରେ ବସିବାପରେ ମୁନି ଋଷି ଏବଂ କୁଳପୁରୋହିତ ଯଜ୍ଞକାର୍ଯ୍ୟ ଆରମ୍ଭକଲେ।

Source: Author, Digitized by PPRACHIN, SOA

ଯଜ୍ଞ ଆରମ୍ଭରେ ଏକ ପ୍ରମୁଖ କାର୍ଯ୍ୟ ଥିଲା ଜଣେ ମୁନି କିମ୍ବା ପ୍ରମୁଖ ବ୍ୟକ୍ତିଙ୍କୁ ଅଗ୍ରପୂଜା ଅର୍ପଣ କରି ଯଜ୍ଞର ସଂରକ୍ଷକ ଭାବରେ ସମ୍ମାନିତ କରି ଯଜ୍ଞକୁଣ୍ଡରେ ପ୍ରଥମ ଆହୂତି ଦେବା ।

ଚେଦିରାଜା ଶିଶୁପାଳ ଏବଂ ତାଙ୍କର ସମର୍ଥକ ଦନ୍ତବକ୍ର ତଥା ଅନ୍ୟ ସମଥର୍କ ମାନେ ଭାବିଥିଲେ ଯେ ଶିଶୁପାଳ ହିଁ ଅଗ୍ରପୂଜା ଅଧିକାର/ସମ୍ମାନ ପାଇବେ । କିନ୍ତୁ ତାହା ହେଲାନାହିଁ ।

ଅଗ୍ରପୂଜ୍ୟ ବ୍ୟକ୍ତି ପାଇଁ ନିର୍ବାଚନ ସମୟ ଯେତେବେଳେ ଆସିଲା ଯୁଧିଷ୍ଠିର ସେ ଦାୟିତ୍ୱ ପିତାମହ ଭୀଷ୍ମଙ୍କ ଉପରେ ନ୍ୟସ୍ତ କରିଦେଲେ ।ପିତାମହଙ୍କର ଦୃଷ୍ଟିରେ ଏକମାତ୍ର ଶ୍ରୀକୃଷ୍ଣ ହିଁ ଏହି ସମ୍ମାନର ଅଧିକାରୀ ଥିଲେ; କଂସ, ଚାଣୂର, ମୁଷ୍ଟିକ, ଅଘା, ବକା, ଜରାସନ୍ଧ, କାଳଯବନଆଦି ରାକ୍ଷସମାନଙ୍କୁ ନିଃଶେଷ କରିବା ଯୋଗୁଁ ଆର୍ଯ୍ୟମାନେ ଶାନ୍ତିରେ ନିଶ୍ୱାସ ମାରି ପାରୁଥିଲେ, ତାଙ୍କ ଯୋଗୁଁ ପାଣ୍ଡବମାନେ ସ୍ୱୟଂବରରେ ଦ୍ରୌପଦୀଙ୍କୁ ଲାଭକରି ଆଜି ଚକ୍ରବର୍ତ୍ତୀ ପଦରେ ଆସୀନ । କୌରବ ଏବଂ ପାଣ୍ଡବଙ୍କ ଭିତରେ ଶାନ୍ତି ସ୍ଥାପନ ପାଇଁ ତାଙ୍କର ଉଦ୍ୟମ ପ୍ରଶଂସନୀୟ । ଆର୍ଯ୍ୟାବର୍ତ୍ତରେ ଧର୍ମରାଜ୍ୟ ପ୍ରତିଷ୍ଠା ପାଇଁ ତାଙ୍କର ପ୍ରଚେଷ୍ଟା ଅତୁଳନୀୟ । ସମସ୍ତଙ୍କର ବିଶ୍ୱାସ ଯେ ସେ ବିଷ୍ଣୁଙ୍କ ଅବତାର । ତାଙ୍କ ବ୍ୟତୀତ ଅନ୍ୟ କିଏ ଅଛି ଏହି ସମ୍ମାନନୀୟ ପଦ ପାଇଁ ?

ପିତାମହ ଭୀଷ୍ମ ଅଗ୍ରପୂଜ୍ୟ ପଦ ପାଇଁ ଶ୍ରୀକୃଷ୍ଣଙ୍କ ନାମ ଘୋଷଣା କରିବାକୁ ଯାଇ କହିଲେ... ଉପସ୍ଥିତ ରାଜନ୍ୟ ମଣ୍ଡଳି ! ଆମ୍ଭମାନଙ୍କ ଭିତରେ ଶୌର୍ଯ୍ୟ, ବୀର୍ଯ୍ୟ, ବୁଦ୍ଧିମତାରେ ସର୍ବଶ୍ରେଷ୍ଠ, ଆର୍ଯ୍ୟଧର୍ମ ରକ୍ଷାକାରୀ ଯେଉଁ କେଶବ ଉପସ୍ଥିତ ଅଛନ୍ତି, ସେ ଆମ୍ଭର ଏହି ଯଜ୍ଞାନୁଷ୍ଠାନର ଅଗ୍ରପୂଜ୍ୟ ବ୍ୟକ୍ତି ଅଟନ୍ତି ।

ଏହି ଘୋଷଣା ପରେ ସାଧୁବାଦ ଏବଂ କରତାଳିରେ ଯଜ୍ଞଗୃହ କମ୍ପି ଉଠିଲା । କିନ୍ତୁ ଚେଦିରାଜ ଶିଶୁପାଳ ପାଇଁ ଏହା ଗ୍ରହଣୀୟ ନଥିଲା । ରକ୍ମିଣୀଙ୍କ ସ୍ୱୟଂବର ସମୟରେ ଶ୍ରୀକୃଷ୍ଣ, ଶିଶୁପାଳ ପାଇଁ ଉଦ୍ଦିଷ୍ଟ କନ୍ୟା ହରଣ କରି ତାକୁ ଘୋର ଅପମାନିତ କରିଥିଲେ । ତା'ପରଠାରୁ କୃଷ୍ଣଙ୍କ ନାମ ଶୁଣିଲେ ସେ କ୍ରୋଧରେ ହତଜ୍ଞାନ ହୋଇ ଯାଉଥିଲା । ଶ୍ରୀକୃଷ୍ଣଙ୍କୁ ଅପମାନିତ କରିବାର କୌଣସି ସୁଯୋଗ ସେ ହାତଛଡ଼ା କରୁନଥିଲା । ଅଗ୍ରପୂଜ୍ୟ ଭାବରେ କୃଷ୍ଣଙ୍କ ନାମ ଶୁଣି ସେ ଭୟଙ୍କର କ୍ରୋଧରେ ଥରି ଉଠିଲା । ପ୍ରକମ୍ପିତ ହସ୍ତ ଏବଂ ରକ୍ତାଭ ଚକ୍ଷୁରେ କହିଲା... ବାଃ କି ପ୍ରହସନ !

ଏହି ନାରୀଚୋର, ମାତୁଳହନ୍ତା, ଲମ୍ପଟ, ରଣଛଡା, ଗୋପାଳ କଣ ଅଗ୍ରପୂଜ୍ୟ ହେବାପାଇଁ ଯୋଗ୍ୟ ବ୍ୟକ୍ତି ? ହେ ଗଙ୍ଗାପୁତ୍ର ଭୀଷ୍ମ ! ବାର୍ଦ୍ଧକ୍ୟ କଣ ଆପଣଙ୍କର ବୁଦ୍ଧିବୃତ୍ତି

Source: Author, Digitized by PPRACHIN, SOA

ନଷ୍ଟ କରିଦେଇଛି ? ଏଠାରେ ଅନ୍ୟ କୌଣସି ବ୍ୟକ୍ତି ଉପଯୁକ୍ତ ଦେଖାଗଲେ ନାହିଁ ଆପଣଙ୍କୁ ? ଏଠାରେ ଉପସ୍ଥିତ ଅଛନ୍ତି ବ୍ୟାସଦେବ, ଗୁରୁଶ୍ରେଷ୍ଠ ଦ୍ରୋଣ, ଯାଜ୍ଞସେନ ଦ୍ରୁପଦ, କୁରୁ ଯୁବରାଜ ମାନଗୋବିନ୍ଦ, ଆଚାରଶ୍ରେଷ୍ଠ କୃପାଚାର୍ଯ୍ୟ; ଏ ସମସ୍ତେ ଆପଣଙ୍କ ଆଖିରେ କଣ ଗୋପାଳ କୃଷ୍ଣଠାରୁ ନ୍ୟୂନ !! ପାଣ୍ଡବମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏ ସଂକୀର୍ଣ୍ଣ ମନୋଭାବ ଆପଣଙ୍କ ଭଳି ଜଣେ କୁଳବୃଦ୍ଧଙ୍କୁ ଶୋଭା ପାଏ ନାହିଁ ଭୀଷ୍ମ !

ଯୁଧିଷ୍ଠିର ଶିଶୁପାଳକୁ ଶାନ୍ତ କରିବାକୁ ଯାଇ କହିଲେ... କ୍ରୋଧର ବଶବର୍ତ୍ତୀ ହୋଇ ତୁମେ ଅନ୍ୟାୟ କରୁଛ ଦମଘୋଷଙ୍କ ପୁତ୍ର ! ଭୀଷ୍ମ ଆମର ପୂଜ୍ୟ।ସେ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସଂପୂର୍ଣ୍ଣ ଠିକ୍। ଶ୍ରୀକୃଷ୍ଣ ଆମର ଅଗ୍ରପୂଜ୍ୟ। ବାସୁଦେବ କୃଷ୍ଣ ଆର୍ଯ୍ୟଧର୍ମ ରକ୍ଷାକାରୀ ଅଟନ୍ତି।

ଭୟଙ୍କର କ୍ରୋଧରେ ଯୁଧିଷ୍ଠିରଙ୍କ ପ୍ରତି ଅଜସ୍ର ଅପଶବ୍ଦ ପ୍ରୟୋଗ କଲା ଶିଶୁପାଳ। କହିଲା... ତୁମେ, କୃଷ୍ଣକୁ ଆର୍ଯ୍ୟଧର୍ମ ରକ୍ଷାକାରୀ କହୁଛ, ସେ ଗୋଟାଏ ହତ୍ୟାକାରୀ, ଛଳନାରେ ତା' ମାମୁଁ କଂସଙ୍କୁ ହତ୍ୟା କରିଛି, କପଟତାର ଆଶ୍ରୟକରି ଭୀମ ଦ୍ୱାରା ମୋ ବନ୍ଧୁ ଜରାସନ୍ଧକୁ ହତ୍ୟା କରିଛି, ବିବାହ ବେଦୀରେ କନ୍ୟା ହରଣ କରିବାଭଳି ଧର୍ମକାମ ମଧ୍ୟ ସେ କରେ। ତୁମେ ମାନେ ତ ଜାରଜ ସନ୍ତାନ, ତାଛଡା ଗୋଟାଏ ସ୍ତ୍ରୀକୁ ପାଞ୍ଚଜଣ ବିବାହ କରିଛ, ତେଣୁ ତୁମକୁ କୃଷ୍ଣର ସବୁ କାମ ଧର୍ମ କାମ ଭଳି ଦେଖାଯିବା ସ୍ୱାଭାବିକ।

ଶିଶୁପାଳର ଏପରି ଅପଶବ୍ଦ ଶୁଣି ଭୀମସେନ ଭୟଙ୍କର ବେଗରେ ମାଡି ଆସିଲେ। ଶିଶୁପାଳ ଏବଂ ତା'ର ସମଥର୍କମାନେ ଅସ୍ତ୍ରଧରି ପ୍ରସ୍ତୁତ ହେଲେ ପାଣ୍ଡବଙ୍କୁ ଆକ୍ରମଣ କରିବାପାଇଁ। ପାଣ୍ଡବମାନେ ଯଜ୍ଞକାର୍ଯ୍ୟରେ ବ୍ୟସ୍ତ ଥିବାରୁ ଅସ୍ତ୍ରଶସ୍ତ୍ର ଧାରଣ କରି ନଥିଲେ। ସମସ୍ତେ ପ୍ରମାଦ ଗଣିଲେ କାଳେ ଶିଶୁପାଳ ସେମାନଙ୍କୁ ହତ୍ୟା କରିବ।

ଶ୍ରୀକୃଷ୍ଣ ଆଗେଇ ଆସି ଶିଶୁପାଳ ଆଗରେ ଉଭା ହୋଇ କହିଲେ... ଭ୍ରାତା ଶିଶୁପାଳ! ତୁମେ ଯାଦବ ମାନଙ୍କର ଅନେକ କ୍ଷତି କରିଛ। ଜରାସନ୍ଧ ସହିତ ମିଳିତ ହୋଇ ମଥୁରାରେ ନିଆଁ ଲଗାଇଛ। ଆମ ଦୁଇ ଭାଇଙ୍କ ଅନୁପସ୍ଥିତିରେ, ଅଶ୍ୱମେଧ ଯଜ୍ଞ ସମୟରେ ଯାଦବଙ୍କ ଯଜ୍ଞଅଶ୍ୱ ମଧ୍ୟ ହରଣ କରିଛ। ଜରାସନ୍ଧ ସତର ଥର ମଥୁରା ଆକ୍ରମଣ କରିବା ସମୟରେ ତୁମେ ତାଙ୍କୁ ସାହାଯ୍ୟ କରି ମଥୁରାର ଅଶେଷ କ୍ଷତି ସାଧନ କରିଛ। ତୁମର ଏହି ସବୁ ଦୋଷ ପାଇଁ ମୁଁ ତୁମକୁ କ୍ଷମା କରିଆସିଛି,କାରଣ ତୁମେ ମୋର ପିଉସୀ ଶ୍ରୁତଶ୍ରବାଙ୍କ ପୁତ୍ର। ମୁଁ ତାଙ୍କୁ କଥା ଦେଇଥିଲି ତୁମର ଏକଶତ ଦୋଷ କ୍ଷମା କରିବି। ତୁମେ ଶହେ ଦୋଷ କରିସାରିଛ ଶିଶୁପାଳ ! ଆଉ ଗୋଟିଏ ମାତ୍ର ଦୋଷ ଅର୍ଜିଲେ ତୁମକୁ ମୃତ୍ୟୁ ପୁରୀକୁ ପଠାଇବା ପାଇଁ ମୁଁ ପଛଘୁଞ୍ଚା ଦେବିନାହିଁ। ତୁମେ ଯଦି ଅସନ୍ତୁଷ୍ଟ ଏ ସ୍ଥାନ ଛାଡି

Source: Author, Digitized by PPRACHIN, SOA

ଚାଲିଯାଅ। ଶୁଭ କାର୍ଯ୍ୟରେ ଏଠାରେ ମୁଁ ରକ୍ତପାତ ଚାହେଁ ନାହିଁ। ପିତାମହଙ୍କ ନିଷ୍ପତ୍ତି ଅନୁଯାୟୀ ମୁଁ ଅଗ୍ରପୂଜ୍ୟ ଭାବରେ ଏଠାରେ ଯଜ୍ଞର ରକ୍ଷାକର୍ତ୍ତା। ଆଉ ଏକମାତ୍ର ଭୁଲ୍ କଲେ ଯଜ୍ଞର ରକ୍ଷାକର୍ତ୍ତା ଭାବରେ ମୁଁ ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେବି।

ଅବଜ୍ଞା କରି ଅଟ୍ଟହାସ କରି ଉଠିଲା ଶିଶୁପାଳ... ମୂର୍ଖ ଗୋପାଳ! ଆଜି ଏହି ଖଡ୍ଗରେ ମୁଁ ତୋତେ ପ୍ରେତପୁର ପଠାଇ ତାପରେ ପାଣ୍ଡବମାନଙ୍କ କଥା ବୁଝିବି; ତୋ ହାତରେ ତ ଅସ୍ତ୍ରଶସ୍ତ୍ର ନାହିଁ, କେଉଁଥିରେ ମୋତେ ହତ୍ୟା କରିବୁ ଜାଦୁ ମନ୍ତ୍ରରେ!

ବାସ୍, ତାହାହିଁ ଥିଲା ଏକଶତ-ଏକତମ ଦୋଷ। ଶ୍ରୀକୃଷ୍ଣ ଆବାହନ କଲେ ସୁଦର୍ଶନ ଚକ୍ରଙ୍କୁ। ଘୋର ଘର୍ଘର ଶବ୍ଦରେ ଶୂନ୍ୟରେ ଦେଖାଗଲେ ବହୁଧାରଯୁକ୍ତ ଶାଣିତ ସୁଦର୍ଶନ ଚକ୍ର। ଯଜ୍ଞ ମଣ୍ଡପ ଆଲୋକିତ ହୋଇଗଲା। ସଂହାର ମୂର୍ତ୍ତିରେ ଉଭା ଶ୍ରୀକୃଷ୍ଣ। ଦକ୍ଷିଣ ହସ୍ତର ଆଙ୍ଗୁଳିରେ ସୁଦର୍ଶନ ଚକ୍ରକୁ ଟେକି ନେଲେ ଶ୍ରୀକୃଷ୍ଣ ଏବଂ ଶିଶୁପାଳ ଉପରକୁ ନିକ୍ଷେପ କଲେ।

ଭୟରେ ଶିହରୀ ଉଠିଲା ଶିଶୁପାଳ। ଶିଶୁପାଳ କିଛି କରିବା ପୂର୍ବରୁ ସୁଦର୍ଶନ ତାଙ୍କ କାମ ଶେଷ କରିସାରିଥିଲେ। ଭୂମିରେ ପତିତ ହେଲା ଶିଶୁପାଳର ଶିର। ଶିଶୁପାଳର ସମଥର୍କମାନେ ସ୍ଥାନ ତ୍ୟାଗକରି ପଳାୟନ କଲେ। ନିର୍ଦ୍ଵନ୍ଦ୍ଵରେ ସମାହିତ ହେଲା ରାଜସୂୟ ଯଜ୍ଞ।

-୦-

(୪୭)

ଅଶନି ସଙ୍କେତ

ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ଭଳି ପବିତ୍ର ଅନୁଷ୍ଠାନରେ ରକ୍ତପାତ, ଉତ୍ସବମୟ ପରିବେଶକୁ ନିସ୍ତବ୍ଧ କରିଦେଲା। ଚେଦିରାଜ ଶିଶୁପାଳର ମସ୍ତକ ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ରରେ ଭୂଲୁଣ୍ଠିତ ହେବାପରେ ଦୁଷ୍ଟ ରାଜାମାନେ କରୁଶ ରାଜା ଦନ୍ତବକ୍ର ସହିତ ପଳାୟନ କଲେ। ମୁନିଶ୍ରେଷ୍ଠ ବ୍ୟାସଦେବଙ୍କ ଶାନ୍ତି ମନ୍ତ୍ର ଉଚ୍ଚାରଣ ଏବଂ ଅନ୍ୟ ଶ୍ରୋତ୍ରିୟ ବ୍ରାହ୍ମଣ ମାନଙ୍କର ବେଦଧ୍ଵନୀ ଅବଶ୍ୟ ପରିବେଶର ପବିତ୍ରତା ଏବଂ ସାଂସ୍କୃତିକ ଗମ୍ଭୀରତା ପ୍ରତିଷ୍ଠା କରିବାପାଇଁ ଚେଷ୍ଟା କଲା; କିନ୍ତୁ ଯଜ୍ଞ ପରେ ଯେଉଁ ଶାନ୍ତି ବିରାଜମାନ କଲା ସେହି ଶ୍ମଶାନ-ଶାନ୍ତିରେ ଅଣନିଃଶ୍ଵାସୀ ହୋଇ ପଡୁଥିଲେ ଧର୍ମରାଜ ଯୁଧିଷ୍ଠିର।

Source: Author, Digitized by PPRACHIN, SOA

ଯଜ୍ଞ ସମୟରେ ଆମନ୍ତ୍ରିତ ରାଜା ମହାରାଜାଙ୍କ ଠାରୁ ଉପଢୌକନ ଗ୍ରହଣ କରିବା ଦାୟିତ୍ୱ ଥିଲା କୁରୁପୁତ୍ର ଦୁର୍ଯ୍ୟୋଧନଙ୍କ ଉପରେ। ଏତେ ପରିମାଣରେ ମୂଲ୍ୟବାନ ଉପଢୌକନ ଦେଖି ତାଙ୍କ ଆଖି ଖୋସି ହୋଇଗଲା ଏବଂ ମନରେ ଈର୍ଷା ରାଜତ୍ୱ କଲା। ଯଜ୍ଞ ଶେଷରେ ମୟ ଦାନବଙ୍କ ନିର୍ମିତ ଇନ୍ଦ୍ରପ୍ରସ୍ଥର ଭବ୍ୟ ସଭାଗୃହ ଦର୍ଶନ କରିବା ସମୟରେ ଦୁର୍ଯ୍ୟୋଧନ ଏପରି ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିଲେ ଯେ ଗୃହର ମଧ୍ୟଭାଗରେ ଥିବା ଜଳକୁଣ୍ଡ ତାଙ୍କୁ ଚଟାଣ ଭଳି ଦେଖାଗଲା ଏବଂ ସେ ତା ଭିତରେ ଗଳିପଡିଲେ। ଗୋଟିଏ ଦ୍ୱାରକୁ ଅତିକ୍ରମ କରିବା ସମୟରେ ମଧ୍ୟ କାଚରେ ନିର୍ମିତ ଦ୍ୱାର ଦେହରେ ଧକ୍କା ଖାଇ ତଳେ ପଡିଗଲେ। ଏହି ଦୁଇଟି ଘଟଣା ଦ୍ରୌପଦୀଙ୍କୁ ଏତେ ଆମୋଦିତ କରିଥିଲା ଯେ ସେ ସଖୀମାନଙ୍କ ଗହଣରେ ଉଚ୍ଚ ସ୍ୱରରେ ହସିହସି କହିଦେଲେ... ଅନ୍ଧର ପୁତ୍ର ଅନ୍ଧ ନହୋଇ ଆଉ କ'ଣ ହୋଇଥାନ୍ତା !

ଏହାଶୁଣି ଦୁର୍ଯ୍ୟୋଧନ ଘୋର ଅପମାନରେ ଜଳିଗଲେ। କଳେ ବଳେ କୌଶଳେ ଇନ୍ଦ୍ରପ୍ରସ୍ଥ ନିଜ ଅଧିକାରକୁ ନେବାପାଇଁ ସେ ମନେମନେ ପଣ କଲେ। ଦ୍ରୌପଦୀଙ୍କ ପକ୍ଷରେ, ମର୍ଯ୍ୟାଦା ଲଙ୍ଘନ କରି ନିଜ ଶ୍ୱଶୁରଙ୍କ ବିଷୟରେ ଏଭଳି ଟିପ୍ପଣୀ କରିବା ଅନୁଚିତ ଥିଲା। ଏହା ଅପମାନିତ ଦୁର୍ଯ୍ୟୋଧନଙ୍କୁ ପ୍ରତିଶୋଧ ପରାୟଣ କରି ଭବିଷ୍ୟତ ସଂଘର୍ଷର ମୂଳଦୁଆ ପକାଇଲା।

ରାଜସୂୟ ଯଜ୍ଞ ଶେଷ ହେଉ ହେଉ ସମୟ କଡ଼ ଲେଉଟାଇ ସାରିଥିଲା। ଯୁଧିଷ୍ଠିର ଚିନ୍ତାରେ ହଜିଯାଇ ଭାବୁଥିଲେ... ଏହି ଅନୁଷ୍ଠାନ ଘୋର ବିପ୍ଳବର ସୂତ୍ରଧର ହୋଇ ଆସିଥିଲା। ଏଥିପାଇଁ ଆନୁଗତ୍ୟ ଅସ୍ୱୀକାର କରୁଥିବା ଜରାସନ୍ଧଙ୍କୁ ମୃତ୍ୟୁ ଦଣ୍ଡ ଦେବା ଆବଶ୍ୟକ ପଡିଲା। ଏହି ଯଜ୍ଞ ସମୟରେ ଶିଶୁପାଳର ରକ୍ତରେ ସଭା ମଣ୍ଡପ ରଞ୍ଜିତ ହେଲା। ନିଜ ପ୍ରିୟ ସଖା ଜରାସନ୍ଧ ଏବଂ ଶିଶୁପାଳଙ୍କ ମୃତ୍ୟୁରେ ମ୍ରିୟମାଣ ସୌଭ-ରାଜ ଶାଲ୍ୱ ଶ୍ରୀକୃଷ୍ଣଙ୍କ ଅନୁପସ୍ଥିତିରେ ଦ୍ୱାରକା ଆକ୍ରମଣ କରି ନଗରର ପ୍ରଭୂତ କ୍ଷତି ସାଧନ କରିଛି। ଏହି ଯଜ୍ଞକୁ ଆସି ଦୁର୍ଯ୍ୟୋଧନ ଇନ୍ଦ୍ରପ୍ରସ୍ଥରେ ବୈଭବ ଦେଖି ଈର୍ଷାନ୍ୱିତ ହୋଇ ଫେରିଯାଇଛି।

ଯେତିକି ଯେତିକି ଚିନ୍ତା କରୁଥିଲେ ସେତିକି ଅଧିକ ବିବ୍ରତ ହୋଇପଡୁଥିଲେ ଯୁଧିଷ୍ଠିର। ତାଙ୍କର ମନେହେଲା, ରାଜସୂୟ ଯଜ୍ଞ ଅନୁଷ୍ଠାନ କରି ସେ ବିରାଟ ଭୁଲ୍ କରିଛନ୍ତି। ନିଶାର୍ଦ୍ଧରେ ସ୍ୱପ୍ନ ଦେଖିଲେ ଯୁଧିଷ୍ଠିର... ତାଙ୍କର ଇନ୍ଦ୍ରଭୁବନ ବିନିନ୍ଦିତ ଇନ୍ଦ୍ରପ୍ରସ୍ଥ ଶତ୍ରୁ ଆକ୍ରମଣରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଛି। ଚତୁର୍ଦ୍ଦିଗରେ କୁଢ଼ କୁଢ଼ ଶବ। ବହି ଯାଉଛି ରକ୍ତର ନଦୀ। ଭାଇ ବନ୍ଧୁ ଜ୍ଞାତି କୁଟୁମ୍ବମାନଙ୍କ ଶବ ପାଖରେ ଏକାକୀ ବସି ସେ

Source: Author, Digitized by PPRACHIN, SOA

ବିଳାପ କରୁଛନ୍ତି।

ଭୟରେ ଚିତ୍କାର କରି ଉଠିଲେ ଯୁଧିଷ୍ଠିର। ନିଦ୍ରା ଭଙ୍ଗ ହେଲା। ଦେହ ଘର୍ମାକ୍ତ। ଥରୁଥିଲା ହାତ ପାଦ। ଚିତ୍କାର ଶୁଣି ଦ୍ରୌପଦୀ ଦଉଡ଼ି ଆସି ପଚାରିଲେ... କଣ ହେଲା ଆର୍ଯ୍ୟପୁତ୍ର !

ଯୁଧିଷ୍ଠିର କହିଲେ... ବଡ଼ ଭୟଙ୍କର ସ୍ୱପ୍ନ ଦେଖିଲି ଯାଜ୍ଞସେନୀ; ଇନ୍ଦ୍ରପ୍ରସ୍ଥର ଧ୍ୱଂସ ସ୍ତୁପ ଉପରେ ଭାଇ, ବନ୍ଧୁ କୁଟୁମ୍ବ ମାନଙ୍କ ଶବ ପାଖରେ ବସି ମୁଁ କ୍ରନ୍ଦନ କରୁଛି। ଏ ରାଜସୂୟ ଯଜ୍ଞ ଅନୁଷ୍ଠାନ କରି ମୁଁ ବିରାଟ ଭୁଲ୍ କରିଛି ପାଞ୍ଚାଳୀ।

ଯୁଧିଷ୍ଠିରଙ୍କୁ ଶାନ୍ତ୍ୱନା ଦେଇ ଦ୍ରୌପଦୀ କହିଲେ... ସ୍ୱପ୍ନ ମନର ଚିନ୍ତାର ପ୍ରତିଫଳନ। ଘଟଣା ଚକ୍ରର ଆବର୍ତ୍ତନ ଆପଣଙ୍କୁ ବିବ୍ରତ କରିଦେଇଛି। ଏ ସମୟରେ କେଶବ ମଧ୍ୟ ନାହାଁନ୍ତି ସହାୟତା ବା ଉପଦେଶ ଦେବାପାଇଁ। ସୌଭ-ରାଜ ଶାଲ୍ୱର ଆକ୍ରମଣରୁ ଦ୍ୱାରକା ରକ୍ଷା କରିବା ପାଇଁ ସେ ସଦଳବଳେ ଚାଲି ଯାଇଛନ୍ତି। ଆମ ପାଖରେ ଅତିଥି ଗୃହରେ ବର୍ତ୍ତମାନ ମୁନି ଶ୍ରେଷ୍ଠ ବ୍ୟାସଦେବ ଅବସ୍ଥାନ କରୁଛନ୍ତି; ଆପଣ ତାଙ୍କ ପରାମର୍ଶ ନିଅନ୍ତୁ। ଅଧୈର୍ଯ୍ୟ ହୁଅନ୍ତୁ ନାହିଁ।

ଯୋଡ ହସ୍ତରେ ବ୍ୟାସଦେବଙ୍କ ପାଖରେ ପହଞ୍ଚିଲେ ଯୁଧିଷ୍ଠିର। ବ୍ୟାସଦେବ ଯୁଧିଷ୍ଠିରଙ୍କୁ ଦେଖି କହିଲେ... ମୁଁ ଜାଣି ପାରିଛି ପୁତ୍ର! ତୁମ ଆଖିରେ କାହିଁକି ଏତେ ହତାଶା ପରିସ୍ଫୁଟ। ତୁମେ ତୁମ ଅଜ୍ଞାତରେ ଭୟଙ୍କର ଧ୍ୱଂସଲୀଳା ଭିତରକୁ ଗତି କରୁଛ। ସେ ଧ୍ୱଂସଲୀଳା ଆରମ୍ଭ ହୋଇସାରିଲାଣି। ଜରାସନ୍ଧର ମୃତ୍ୟୁ ଏବଂ ଯଜ୍ଞପୀଠରେ ସୁଦର୍ଶନ ଚକ୍ରରେ ଶିଶୁପାଳର ମସ୍ତକ ବିଚ୍ୟୁତି ତାର ପ୍ରମାଣ। ତେଣେ ଦ୍ୱାରକାରେ ଶାଲ୍ୱ ଭୟଙ୍କର ଧ୍ୱଂସ ଲୀଳା ସୃଷ୍ଟି କରିଛି।

କିଛି ନିରବତା ପରେ ମୁନି ଶ୍ରେଷ୍ଠ କହିଲେ... ଏ ସବୁ ବିଭ୍ରାଟର କାରଣ ତୁମର ରାଜସୂୟ ଯଜ୍ଞ। ଭାରତ ଖଣ୍ଡରେ ଯେଉଁ ବିପ୍ଳାତ ଘଟିବ ଏବଂ ରକ୍ତନଦୀ ବହିବ, ତାର କେନ୍ଦ୍ର ବିନ୍ଦୁରେ ରହିବ ତୁମେ। ତୁମେ ଦୁର୍ଯ୍ୟୋଧନ ଆଖିର ଈର୍ଷା ପୂର୍ଣ୍ଣ ଭାଷା କଣ ପଢି ପାରିନାହଁ ପୁତ୍ର !! ତୁମର ଏ ଐଶ୍ୱର୍ଯ୍ୟ ସେହି ଆଗାମୀ ସଂହାର ଲୀଳାର କାରଣ ହେବ । ଜରାସନ୍ଧ ଏବଂ ଶିଶୁପାଳଙ୍କର ପ୍ରେତମାନେ ଆର୍ଯ୍ୟାବର୍ତ୍ତକୁ ଶାନ୍ତିରେ ରହିବାକୁ ଦେବେନାହିଁ।

ମହାମୁନିଙ୍କ କଥା ଶୁଣି ଭୟରେ ଶିହରୀ ଉଠିଲେ ଧର୍ମପୁତ୍ର। କହିଲେ... ହେ ଦେବ! କେତେଦିନ ପର୍ଯ୍ୟନ୍ତ ଚାଲିବ ଏହି ଧ୍ୱଂସ ଲୀଳା ?

ବ୍ୟାସ ଦେବ କିଛି ସମୟ ଧ୍ୟାନ ମଗ୍ନ ହୋଇ ନିମିଳିତ ଚକ୍ଷୁ ଖୋଲି କହିଲେ... ଆଗାମୀ ତେର ବର୍ଷ ପର୍ଯ୍ୟନ୍ତ ଚାଲିବ ଏହି ରକ୍ତର ତାଣ୍ଡବ।

Source: Author, Digitized by PPRACHIN, SOA

ହତାଶ କଣ୍ଠରେ ଯୁଧିଷ୍ଠିର ପ୍ରଶ୍ନକଲେ... ଏ ରକ୍ତ-ତାଣ୍ଡବରୁ ଆମକୁ କଣ କେହି ରକ୍ଷା କରିପାରିବେ ନାହିଁ ?

ବ୍ୟାସଦେବ କହିଲେ... ସମୟ ହାତରେ ଆମେ ସମସ୍ତେ ଖେଳନା ପୁତ୍ର ଯୁଧିଷ୍ଠିର। ଭବ ସାଗରରେ ଜଣେ ହେଉଛନ୍ତି କର୍ଣ୍ଣଧାର, ସ୍ୱୟଂ ନାରାୟଣ।ସବୁ ତାଙ୍କ ଇଚ୍ଛା।

ବ୍ୟାସଦେବ ବିଦାୟ ନେଇ ଇନ୍ଦ୍ରପ୍ରସ୍ଥ ଛାଡ଼ିଲେ। ତାଙ୍କ ବିଦାୟର କିଛି ସମୟ ପରେ ହସ୍ତିନାର ମହାମନ୍ତ୍ରୀ ବିଦୁର ପହଞ୍ଚିଲେ। ଯୁଧିଷ୍ଠିର ସମେତ ପାଞ୍ଚଭାଇ ଏବଂ ଦ୍ରୌପଦୀ ତାଙ୍କ ପାଦ ବନ୍ଦନା କଲେ। ବିଦୁର କୁନ୍ତୀଙ୍କ ପାଦପୂଜା କରିବା ପରେ, ଯୁଧିଷ୍ଠିର କନିଷ୍ଠ ପିତୃବ୍ୟଙ୍କ ଅକସ୍ମାତ ଆଗମନର ଅଭିପ୍ରାୟ ପଚାରିଲେ। ବିଦୁର କହିଲେ... ପୁତ୍ର ଯୁଧିଷ୍ଠିର। ଜ୍ୟେଷ୍ଠ କୁରୁପୁତ୍ର ତୁମ ବିଭବ ଦେଖି ଘୋର ଈର୍ଷାନ୍ୱିତ। କଳେ ବଳେ କୌଶଳେ ଇନ୍ଦ୍ରପ୍ରସ୍ଥ ନିଜ ଅଧୀନକୁ ନେଇ ତୁମମାନଙ୍କୁ ଦାଣ୍ଡର ଭିକାରି କରିବାପାଇଁ ସେ ବଦ୍ଧପରିକର। ସେଥିପାଇଁ ମହାରାଜା ଧୃତରାଷ୍ଟ୍ରଙ୍କୁ କହି ସେ ତୁମ ସହିତ ଦ୍ୟୂତକ୍ରୀଡା ପାଇଁ ଆହ୍ୱାନ ଦେଇଛି। ଦ୍ୟୁତ କ୍ରୀଡାରେ ଦୁର୍ଯ୍ୟୋଧନ ସ୍ଥାନରେ ତୁମ ସହିତ ଖେଳିବେ ଶକୁନି। ଖେଳର ବାଜିରେ ସେ ତୁମର ରାଜ୍ୟ ଜିଣି ତୁମକୁ ଗାଦିଚ୍ୟୁତ କରିବା ପାଇଁ ଯୋଜନା କରିଛନ୍ତି। ଶକୁନି ଏହି ଖେଳରେ ତୁମ୍ଭଠାରୁ ବହୁଗୁଣରେ ଧୂରନ୍ଧର।

ଭୀମସେନ କହିଲେ... ଆମେ କ'ଣ ଦ୍ୟୁତ ଖେଳିବା ପାଇଁ ବାଧ୍ୟ? ଆମେ କାହିଁକି ଖେଳିବାକୁ ଯିବୁ, କାହିଁକି ରାଜ୍ୟ ହାରିବୁ?

ଭୀମଙ୍କ କଥାକୁ ଅନ୍ୟ ଭାଇମାନେ ଓ ଯାଜ୍ଞସେନୀ ସମର୍ଥନ କଲେ।

ଯୁଧିଷ୍ଠିର କହିଲେ... ଏହି ଯୁଗରେ କ୍ଷାତ୍ରଧର୍ମ ଅନୁସାରେ ଦ୍ୟୁତ କ୍ରୀଡା ପାଇଁ ଜଣେ ରାଜା ଅନ୍ୟଜଣେ ରାଜାଙ୍କୁ ଆହ୍ୱାନ ଦେଲେ, ତାହା ପ୍ରତ୍ୟାଖ୍ୟାନ କରିବା ଭର୍ତ୍ସନୀୟ। ଏହା ଭୀରୁତାର ପରିଚାୟକ। ପରିଣାମ ସ୍ୱରୂପ ଆହ୍ୱାନକାରୀ ରାଜା ଯୁଦ୍ଧ ଘୋଷଣା କରିପାରେ।

ଅର୍ଜୁନ କହିଲେ... କିନ୍ତୁ ରାଜା ଧୃତରାଷ୍ଟ୍ର ଦ୍ୟୁତ କ୍ରୀଡାର ଭୟଙ୍କର ପରିଣାମ ବିଷୟରେ ଅବଗତ ହୋଇ ମଧ୍ୟ କିପରି ନିଜ ଭ୍ରାତୃପୁତ୍ରଙ୍କୁ ଆହ୍ୱାନ ଦେଇଛନ୍ତି ? ସେ କଣ ଆମକୁ ରାଜ୍ୟହୀନ କରିବାକୁ ଚାହାଁନ୍ତି ?

ବିଦୁର କହିଲେ... ଏହା ପୁତ୍ରମୋହର ପରିଣାମ ଅର୍ଜୁନ, ଦ୍ୟୁତ କ୍ରୀଡା ପାଇଁ ପାଣ୍ଡବମାନଙ୍କୁ ଆହ୍ୱାନ ନଦେଲେ ବିଷ ପାନକରି ଆତ୍ମହତ୍ୟା କରିବ ବୋଲି ଦୁର୍ଯ୍ୟୋଧନ ଧମକ ଦେବାରୁ ଧୃତରାଷ୍ଟ୍ର ଏହି ଆହ୍ୱାନ ଦେବାପାଇଁ ସମ୍ମତ ହୋଇଥିଲେ। କୁନ୍ତୀ ପଚାରିଲେ... ଦେବୀ ଗାନ୍ଧାରୀ ଏ ବିଷୟରେ କଣ କହିଲେ ପ୍ରିୟ ବିଦୁର ?

Source: Author, Digitized by PPRACHIN, SOA

ବିଦୁର କହିଲେ... ମହାରାଣୀ ଗାନ୍ଧାରୀ ଦୁର୍ଯ୍ୟୋଧନକୁ କହିଲେ... କୁଳାଙ୍ଗାର ! ତୋର ଜନ୍ମ ସମୟରେ ତୋଠାରେ ଅଶନି ସଂକେତ ଦେଖି କୁରୁଜ୍ୟେଷ୍ଠମାନେ ତୋତେ ପରିତ୍ୟାଗ କରିବାପାଇଁ ପ୍ରବର୍ତ୍ତାଇଥିଲେ । ମା'ର ମମତା ମତେ ତାହା କରିବାପାଇଁ ଦେଲା ନାହିଁ । ତାହା କରିଥିଲେ, ଆଜି ମତେ ଏସବୁ ଶୁଣିବାକୁ ପଡ଼ି ନଥାନ୍ତା । କିନ୍ତୁ ଧୃତରାଷ୍ଟ୍ର କହିଲେ... ସେପରି କୁହ ନାହିଁ ଗାନ୍ଧାରୀ । ମୋ ପୁତ୍ରକୁ ମୁଁ ଆତ୍ମହତ୍ୟା କରିବାକୁ ଦେବି ନାହିଁ । ତା' ମହତଆକାଂକ୍ଷା ଭିତରେ ମୋ ଇଚ୍ଛାର ପ୍ରତିଫଳନ ରହିଛି ।

ଭୀମ ଏବଂ ଅର୍ଜୁନ ଏକ ସମୟରେ କହି ଉଠିଲେ... ଆମେ ଦ୍ୟୁତ ଖେଳପାଇଁ ଯିବାନାହିଁ । ସେଥିପାଇଁ ଯଦି ଆମକୁ ଯୁଦ୍ଧ କରିବାକୁ ପଡେ କରିବା ।

ଯୁଧିଷ୍ଠିର କହିଲେ... ହେ ଭଗବାନ ! ମହାମୁନି ବ୍ୟାସଦେବ ଯେଉଁ ଭବିଷ୍ୟତବାଣୀ କରିଛନ୍ତି ତାହା କ'ଣ ଫଳିବାକୁ ଯାଉଛି ! ! ଭାଇ ବନ୍ଧୁ କୁଟୁମ୍ବଙ୍କ ରକ୍ତପାତରେ ସତରେ କ'ଣ କର୍ଦମାକ୍ତ ହେବ ମୋର ରାଜସିଂହାସନ ! କିପରି ମୁଁ ଏହାକୁ ଏଡାଇ ପାରିବି ? ହେ ପ୍ରଭୁ ! ଏ ସମୟରେ ହେଲେ ଏଠାରେ କେଶବ ଥାଆନ୍ତେ ।

ମୁନିଶ୍ରେଷ୍ଠ ବ୍ୟାସଦେବ ଯେଉଁ ଭବିଷ୍ୟ ବାଣୀ କରିଥିଲେ, ଉପସ୍ଥିତ ସମସ୍ତଙ୍କ ଆଗରେ ତାହା ବର୍ଣ୍ଣନା କଲେ ଯୁଧିଷ୍ଠିର । ତା'ପରେ ଦ୍ୟୁତକ୍ରୀଡା ପାଇଁ ଆହ୍ୱାନ ବିଷୟରେ ପରଦିନ ନିଷ୍ପତ୍ତି ନେବାକୁ ସ୍ଥିର କରି ସେଦିନର ଆଲୋଚନା ସାଙ୍ଗକଲେ ପାଣ୍ଡୁ ପରିବାର ।

ସେଦିନ ରାତିରେ ଯୁଧିଷ୍ଠିରଙ୍କ ଆଖିରୁ ନିଦ ହଜିଯାଇଥିଲା । ସେ ଆଗାମୀ ଦିନର ଭୟାବହତା ଦେଖି ପାରୁଥିଲେ । ଭାଇମାନଙ୍କ କଥା ମାନି ଦ୍ୟୁତକ୍ରୀଡାର ଆହ୍ୱାନ ଅଗ୍ରାହ୍ୟ କଲେ ଯୁଦ୍ଧ ଅବଶ୍ୟମ୍ଭାବୀ । ଚିନ୍ତା କଲେ ଯୁଧିଷ୍ଠିର... ଆଗାମୀ ତେର ବର୍ଷ ପାଇଁ ମୁଁ ଯେବେ ଯୁଦ୍ଧ ଏବଂ ରକ୍ତପାତ ଏଡାଇ ପାରିବି ତା'ହେଲେ ମହାମୁନି ବ୍ୟାସଦେବଙ୍କ ଭବିଷ୍ୟତବାଣୀ ନିଷ୍ଫଳ ହୋଇଯିବ । ମୋ ଭାଇ ବନ୍ଧୁ କୁଟୁମ୍ବ ଏବଂ ପ୍ରଜାମାନଙ୍କୁ ଏହି ରକ୍ତତାଣ୍ଡବରୁ ରକ୍ଷା କରିବା ପାଇଁ ଯେଉଁ ବଳିଦାନ ଆବଶ୍ୟକ, ତାହା ମୁଁ ଦେବାକୁ ପ୍ରସ୍ତୁତ, କୌରବମାନେ ଯାହା କହିବେ ମୁଁ ମାନିବାକୁ ପ୍ରସ୍ତୁତ,ଏପରି କି ମୋର ପ୍ରିୟ ଇନ୍ଦ୍ରପ୍ରସ୍ଥ ପରିତ୍ୟାଗ ମଧ୍ୟ ।

-o-

Source: Author, Digitized by PPRACHIN, SOA

ଏ ଘୋର ଅନ୍ୟାୟ ମହାରାଜ୍ !!

ସେ'ଦିନ ଇନ୍ଦ୍ରପ୍ରସ୍ଥର ସକାଳ ବହୁ ଅଶନି ସଙ୍କେତ ନେଇ ଆସିଥିଲା । ଶୃଗାଳ ଏବଂ ଉଲୂକମାନଙ୍କର ରାବ, ଆକାଶରୁ ଉଲ୍କାପାତ ଏବଂ ରକ୍ତ ବର୍ଷା ଦେଖି ନଗ୍ରବାସୀଙ୍କ ମନକୁ ନାନାପ୍ରକାର ଆଶଙ୍କା ଯାବୁଡି ଧରିଥିଲା । ପଣ୍ଡୁ ପରିବାରରେ ସମସ୍ତେ ମନ୍ତ୍ରଣା କକ୍ଷରେ ଯୁଧିଷ୍ଠିରଙ୍କ ଆଗମନ ପାଇଁ ଅପେକ୍ଷା କରିଥିଲେ । ବିଦୁର ଅପେକ୍ଷା କରିଥିଲେ ଯୁଧିଷ୍ଠିରଙ୍କ ନିଷ୍ପତ୍ତି ଶୁଣିବା ପରେ ହସ୍ତିନା ଫେରି ଯିବାପାଇଁ ।

ଧୀର ପଦକ୍ଷେପରେ କକ୍ଷକୁ ପ୍ରବେଶ କରି ମାତା ଏବଂ ଧର୍ମାତ୍ମା ବିଦୁରଙ୍କ ପଦସ୍ପର୍ଶ କଲା ପରେ ଆସନ ଗ୍ରହଣ କଲେ ଯୁଧିଷ୍ଠିର । ତାଙ୍କ ମୁଖମଣ୍ଡଳ କହି ଦେଉଥିଲା ଯେ ସେ ଏକ ଦୃଢ଼ ନିଷ୍ପତ୍ତି ନେଇସାରିଛନ୍ତି । ମାତା ଏବଂ ଭାଇମାନଙ୍କୁ ଚାହିଁ ସେ କହିଲେ... ହେ ମୋର ପ୍ରଣାଧିକ ମାତା ଏବଂ ଭ୍ରାତାଗଣ ! ଜ୍ୟେଷ୍ଠ ତାତ ଧୃତରାଷ୍ଟ୍ର ଦ୍ୟୁତ କ୍ରୀଡା ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି ତାହା ମୋ ପାଇଁ ଆଦେଶ ସହିତ ସମାନ । ତାହା ମୁଁ ଅବଜ୍ଞା କରି ପାରିବି ନାହିଁ । କିନ୍ତୁ ତୁମେ ସମସ୍ତେ ଏବଂ ରାଣୀ ଦ୍ରୌପଦୀ ମୋର ଏହି ନିଷ୍ପତ୍ତି ସପକ୍ଷରେ ନୁହନ୍ତି । ମୋ ନିଜ ନିଷ୍ପତ୍ତି ମୁଁ ମୋର ଭାଇବନ୍ଧୁ ମାନଙ୍କ ଉପରେ କିପରି ଲଦିଦେବି ? ତେଣୁ ମୁଁ ଏହି ରାଜପଦ ତ୍ୟାଗ କରି ବାନପ୍ରସ୍ଥ ଜୀବନ ଯାପନ କରିବାକୁ ନିର୍ଣ୍ଣୟ ନେଇଛି ।ମୋ ସ୍ଥାନରେ ଭୀମ ଇନ୍ଦ୍ରପ୍ରସ୍ଥର ରାଜସିଂହାସନ ଗ୍ରହଣ କରନ୍ତୁ, ମୋତେ ମୁନି ଋଷିମାନଙ୍କ ସହିତ ଆଧ୍ୟାତ୍ମିକ ଜୀବନ ବିତାଇବା ପାଇଁ ଅନୁମତି ମିଳୁ ।

ଏହାଶୁଣି ସମସ୍ତେ ବିବ୍ରତ ହୋଇପଡିଲେ । କୁନ୍ତୀ କହିଲେ... ତୁମେ ଏ କଣ କହୁଛ ପୁତ୍ର ! ତୁମ ପାଞ୍ଚ ଭାଇଙ୍କର ଏକତା ହିଁ ତୁମର ଶକ୍ତି । ସେହି ଏକତା ପାଇଁ କୁରୁବଂଶର ଭେଡିଆମାନଙ୍କ ଆକ୍ରମଣରୁ ତୁମେମାନେ ଏ ପର୍ଯ୍ୟନ୍ତ ରକ୍ଷାପାଇ ବଞ୍ଚିଛ; ତୁମ ଭାଇମାନଙ୍କର ଏହି ଏକତା ପାଇଁ ରାଜକନ୍ୟା ଦ୍ରୌପଦୀ ତୁମ ପାଞ୍ଚଭାଇଙ୍କୁ ବିବାହ କରିଛନ୍ତି । ଯେତେ ବିପଦ ଆସୁ ପଛେ ତୁମ ଭିତରୁ କେହି ଅଲଗା ରହିବ ନାହିଁ ।

ଭୀମଙ୍କ ଆଖିରେ ଅଶ୍ରୁ ଆସିଗଲା । ଯୁଧିଷ୍ଠିରଙ୍କ ପାଦତଳେ ପଡିଯାଇ କହିଲେ... ମୋର ଘୋର ଅପରାଧ ହୋଇଛି ଭ୍ରାତା, ଆପଣ ଯେଉଁ ନିଷ୍ପତ୍ତି ନେବେ ମୁଁ ସେଥିପାଇଁ ସମ୍ମତ ।

ଅର୍ଜୁନ ନକୁଳ ଏବଂ ସହଦେବ ମଧ୍ୟ ଏକ ସ୍ୱରରେ କହିଲେ... ଜ୍ୟେଷ୍ଠ ଭ୍ରାତାଙ୍କ

Source: Author, Digitized by PPRACHIN, SOA

ନିଷ୍ପତ୍ତି ଯେବେ ଆମକୁ ଦାଣ୍ଡର ଭିକାରି ଭାବରେ ଠିଆ କରାଏ ସେଥିପାଇଁ ଆମେ ପ୍ରସ୍ତୁତ। ଆମେ ଜାଣୁ ଯେ ଦ୍ୟୁତକ୍ରୀଡାରେ ଆମେ ସର୍ବସ୍ୱ ହରାଇବାକୁ ଯାଉଛନ୍ତି, ତଥାପି କ୍ରୀଡ଼ାରେ ଭାଗନେବା ଯେବେ ଜ୍ୟେଷ୍ଠ ଭ୍ରାତାଙ୍କ ଇଚ୍ଛା, ତାହା ହିଁ ଆମପାଇଁ ବିଧି ନିର୍ଦ୍ଦେଶ।

ବିଦୁର କହିଲେ... ଦୁର୍ଯ୍ୟୋଧନର ପ୍ରରୋଚନାରେ ଦ୍ୟୁତକ୍ରୀଡା ପାଇଁ କରାଯାଇଥିବା ଏହି ଆହ୍ୱାନ ତୁମ୍ଭମାନଙ୍କର ସଂପଦ ଛଡ଼ାଇ ନେଇ ଦାଣ୍ଡର ଭିକାରି କରିବାପାଇଁ ଉଦ୍ଦିଷ୍ଟ ପୁତ୍ର ଯୁଧିଷ୍ଠିର! ଜାଣିଶୁଣି ଅଗ୍ନିରେ ଝାସ ଦେବାପାଇଁ ତୁମର ଇଚ୍ଛା !!

ଯୁଧିଷ୍ଠିରଙ୍କ ଉତ୍ତର... ମହାମୁନି ବ୍ୟାସଦେବଙ୍କ ଭବିଷ୍ୟବାଣୀକୁ ନିଷ୍ଫଳ କରି ମହାବିନାଶରୁ ପୃଥିବୀକୁ ବଞ୍ଚାଇବାପାଇଁ ଏହା ତ ଅତି ତୁଚ୍ଛ ତ୍ୟାଗ ପିତୃବ୍ୟ !

ଦ୍ରୌପଦୀ ଅସହାୟ କଣ୍ଠରେ କହିଲେ... ଏହା ଯେବେ ମୋର ସ୍ୱାମୀମାନଙ୍କର ନିଷ୍ପତ୍ତି, ତେବେ ସେମାନଙ୍କୁ ଅନୁସରଣ ନକରି ମୋର ବା ଉପାୟ କଣ? କିନ୍ତୁ ଏହା ଘୋର ଅନ୍ୟାୟ। ଶ୍ରୀକୃଷ୍ଣ ଏ ସମୟରେ ଏଠାରେ ଥିଲେ କଦାପି ଏହି ଅନ୍ୟାୟ କାର୍ଯ୍ୟ ହେବାକୁ ଦେଇନଥାନ୍ତେ। ଯୁଦ୍ଧ ଓ ରକ୍ତପାତ ଡରରେ ଆମେ କ'ଣ ଶତ୍ରୁ ଖଡ୍ଗ ଆଗରେ ମୁଣ୍ଡ ପାତିଦେବା !!

ପଣ୍ଡୁ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଅବସରରେ ହସ୍ତିନାକୁ ଆମନ୍ତ୍ରଣ କରି ଥିଲେ ଧୃତରାଷ୍ଟ୍ର।ତେଣୁ ପାଞ୍ଚଭାଇ, ମାତା କୁନ୍ତୀ ଏବଂ ଦ୍ରୌପଦୀ ହସ୍ତିନା ଅଭିମୁଖେ ଯାତ୍ରା କଲେ। ତେଣେ ଦୁର୍ଯ୍ୟୋଧନ, କର୍ଣ୍ଣ, ଶକୁନି ଏବଂ ଦୁଃଶାସନ ଆନନ୍ଦରେ ଆତ୍ମହରା; ବିନା ରକ୍ତପାତରେ ଇନ୍ଦ୍ରପ୍ରସ୍ଥ ହସ୍ତଗତ ହେବ।

ହସ୍ତିନାରେ ପହଞ୍ଚିବା ପରେ ପଣ୍ଡୁ ପରିବାରକୁ ରାଜକୀୟ ସମ୍ମାନରେ ସମ୍ମାନିତ କରାଗଲା, କାରଣ ସେମାନେ ଥିଲେ ରାଜଚକ୍ରବର୍ତ୍ତୀ ଯୁଧିଷ୍ଠିରଙ୍କ ପରିବାର। କିନ୍ତୁ ଏହା ଥିଲା ବଳି ପାଇଁ ଯୂପକାଠକୁ ନେବା ପୂର୍ବରୁ ବନ୍ଧପଶୁକୁ ଭୁରି ଭୋଜନ ଦେବା ଭଳି କାମ। ମାତା କୁନ୍ତୀ ଏବଂ ଦ୍ରୌପଦୀଙ୍କୁ ଅନ୍ତଃପୁରରେ ସ୍ୱତନ୍ତ୍ର ପ୍ରକୋଷ୍ଠରେ ଅବସ୍ଥାନର ବ୍ୟବସ୍ଥା କରାଯାଇଥିଲା।

ଗହଗହ କମ୍ପୁଥିଲା ରାଜ ଦରବାର। ସିଂହାସନରେ ବିରାଜମାନ ରାଜା ଧୃତରାଷ୍ଟ୍ର। ନିକଟରେ ସ୍ଥାନ ଗ୍ରହଣ କରିଥିଲେ ମନ୍ତ୍ରୀ ସଞ୍ଜୟ, ମହାମନ୍ତ୍ରୀ ବିଦୁର। ଉପସ୍ଥିତଥିଲେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, କୃପାଚାର୍ଯ୍ୟ ସହିତ ଅନେକ ରାଜନ୍ୟ ବର୍ଗ। ସଭାର ମଧ୍ୟ ସ୍ଥଳରେ ରଖାଯାଇଥିଲା ପଶାପାଳି ଏବଂ ପଶାପାଳିର ଗୋଟିଏ ପାର୍ଶ୍ୱରେ ବସିଥିଲେ ପାଣ୍ଡବ ପାଞ୍ଚଭାଇ। ଅପର ଭାଗରେ ବସିଥିଲେ ଦୁର୍ଯ୍ୟୋଧନ ଦୁଃଶାସନ, କର୍ଣ୍ଣ, ଶକୁନି ଏବଂ ଅଠାନବେ କୌରବ ଭ୍ରାତା।

Source: Author, Digitized by PPRACHIN, SOA

ଦ୍ୟୁତ କ୍ରୀଡା ଆରମ୍ଭ ପୂର୍ବରୁ ଯୁଧିଷ୍ଠିର ବିନା କ୍ରୀଡ଼ାରେ ଶାନ୍ତିପଥ ଖୋଜିବାକୁ ଚେଷ୍ଟା କରି ଦୁର୍ଯ୍ୟୋଧନକୁ କହିଲେ... ଏ କ୍ରୀଡାର କଣ ଆବଶ୍ୟକତା ଅଛି ପ୍ରିୟ ଦୂର୍ଯ୍ୟୋଧନ ? ବିନା କ୍ରୀଡ଼ାରେ କଣ ଆମେ ଶାନ୍ତି ସ୍ଥାପନ କରିପାରିବା ନାହିଁ ?

ଏହା ଶୁଣି ମାତୁଳ ଶକୁନି କହିଲେ... ଦ୍ୟୁତକ୍ରୀଡା ତ ରାଜକୀୟ ସମ୍ମାନର ଚିହ୍ନ ପ୍ରିୟ ଯୁଧିଷ୍ଠିର, ଖେଳିବାରେ ଅସୁବିଧା କେଉଁଠି ? ନଖେଳି ଯେବେ ଭୀରୁତାର ଲାଞ୍ଛନା, ଇନ୍ଦ୍ରପ୍ରସ୍ଥର ଚକ୍ରବର୍ତ୍ତୀ ନିଜ ଉପରକୁ ନେବାକୁ ଚାହାଁନ୍ତି ତାହେଲେ ଆମର କଣ କହିବାର ଅଛି ?

ଯୁଧିଷ୍ଠିର କହିଲେ... ମାତୁଳ ଶକୁନି ! ଜୁଆଖେଳ, ମଦ୍ୟପାନ ଏବଂ ବାରନାରୀରମଣ ଶାସ୍ତ୍ରରେ ନିଷିଦ୍ଧ ଅଛି । ଅଶିତ ଏବଂ ଦେବଳଙ୍କ ଭଳି ଋଷିମାନେ କହି ଯାଇଛନ୍ତି ଯେ ଜୁଆଖେଳ ସମାଜରେ ବର୍ଜନୀୟ କାରଣ ଏହା ଛଳନା ଏବଂ ଶତ୍ରୁତା ସୃଷ୍ଟିକରେ ।

ଶକୁନି କହିଲେ... ଏତେ ବାହାନା କାହିଁକି ଧର୍ମପୁତ୍ର ? ଖେଳିବାକୁ ଯେବେ ଡର ଲାଗୁଛି, ଭୀରୁ ଆଖ୍ୟା ନେଇ ଖେଳରୁ ଓହରି ଯାଅ ।

ଯୁଧିଷ୍ଠିର କହିଲେ... ଠିକ୍ ଅଛି ମୁଁ ଖେଳିବା ପାଇଁ ପ୍ରସ୍ତୁତ, କିନ୍ତୁ ମୋ ସହିତ ଖେଳିବ କିଏ ?

ଦୁର୍ଯ୍ୟୋଧନ କହିଲେ... ମୋ ତରଫରୁ ମାମୁଁ ଶକୁନି ପଶାକାଠି ପକାଇବେ, କିନ୍ତୁ ଦାନ ମୁଁ ଡାକିବି ।

ଯୁଧିଷ୍ଠିର କହିଲେ... ଜଣଙ୍କ ପାଇଁ ଆଉଜଣେ କିପରି ଖେଳିବ ପ୍ରିୟ ଦୁର୍ଯ୍ୟୋଧନ ?

ଶକୁନି କହିଲେ... ଏ ପୁଣି ଆଉ ଏକ ବାହାନା ଧର୍ମପୁତ୍ର !

ସଭାରେ ଉପସ୍ଥିତଥିବା ଭୀଷ୍ମ, ଦ୍ରୋଣ, ବିଦୁର ଏବଂ କୃପ ଆଦି କୁରୁବୃଦ୍ଧଗଣ ଏହି କ୍ରୀଡା ବିରୁଦ୍ଧରେ ମତଦେଲେ ମଧ୍ୟ ସେମାନଙ୍କ ଉପଦେଶକୁ କେହି କର୍ଣ୍ଣପାତ କଲେନାହିଁ ।

ଯୁଧିଷ୍ଠିରଙ୍କର ମନେହେଲା ଯେପରି ଏକ ଅଜ୍ଞାତ ଶକ୍ତି ତାଙ୍କୁ ଟାଣି ନେଉଛି ଏହି ମହା ବିଧ୍ୱଂସକ ଦ୍ୟୁତକ୍ରୀଡାର ବଳୟ ଭିତରକୁ । ନିଜକୁ ସେ ଅଟକାଇ ପାରୁନାହାନ୍ତି । ମହାମୁନି ବ୍ୟାସଦେବଙ୍କ ଭବିଷ୍ୟବାଣୀ ତାଙ୍କର ମନେ ପଡ଼ିଲା... ଆଗାମୀ ତେର ବର୍ଷରେ ଯେଉଁ ରକ୍ତପାତ ଘଟିବ ତାର କେନ୍ଦ୍ର ବିନ୍ଦୁ ହେବେ ନିଜେ ଯୁଧିଷ୍ଠିର ।

ଆରମ୍ଭ ହେଲା ମହାବିନାଶକାରୀ ଦ୍ୟୁତକ୍ରୀଡା, ଯାହାର ସୁଦୂରପ୍ରସାରୀ ଫଳସ୍ୱରୂପ ଦିନେ ପୃଥିବୀ ବୀରଶୂନ୍ୟ ହୋଇ ଯାଇଥିଲା ।

Source: Author, Digitized by PPRACHIN, SOA

ପ୍ରଥମେ ବାଜିପଡିଲା ଧନରତ୍ନ, ସୁନା ରୂପା, ହୀରା, ମୋତି, ଇତ୍ୟାଦି। ଗୋଟିକ ପରେ ଗୋଟିଏ ସବୁ ବାଜି ଯୁଧିଷ୍ଠିର ହାରିଗଲେ। ତା'ପରେ ଯୁଧିଷ୍ଠିର ନିଜ କର୍ମଚାରୀମାନଙ୍କୁ ବାଜି ପକାଇଲେ। ସେମାନଙ୍କୁ ମଧ୍ୟ ହାରିଲେ। ଯେତିକି ହାରୁଥିଲେ ସେତିକି ଜିଦ୍ ବଢୁଥିଲା। ନିଜ ଆୟତ୍ତରେ ନିଜେ ନଥିଲେ ଧର୍ମପୁତ୍ର। ତା'ପରେ ନିଜର ସୈନ୍ୟ ବାହିନୀ, ହାତୀ, ଘୋଡା, ଗୋ-ସଂପଦ, ପଶୁସଂପଦ, ଗ୍ରାମ ନଗ୍ର, ଯାହା ସବୁଥିଲା ବାଜିପକାଇ ହାରିଗଲେ ଯୁଧିଷ୍ଠିର। ଦୁର୍ଯ୍ୟୋଧନ ଯାହା କିଛି ଦାନ ଡାକୁଥିଲେ ଶକୁନିଙ୍କ ଜାଦୁକାରୀ ପଶାକାଠିରେ ସେ ଦାନ ପଡୁଥାଏ ଏବଂ ଜିତାପଟ ପରେ ମହା ହର୍ଷ ଉଲ୍ଲାସରେ ଡେଉଁ ଥିଲେ କୌରବ ଅନେଶ୍ୱତ ପୁତ୍ର, କର୍ଣ୍ଣ, ଶକୁନି ଓ ଅଶ୍ୱତ୍ଥାମା। ଆନନ୍ଦିତ ହୋଇ ଅନ୍ଧରାଜା, ପାଖରେ ବସିଥିବା ମନ୍ତ୍ରୀ ସଞ୍ଜୟଙ୍କୁ ମଝିରେ ମଝିରେ ପ୍ରଶ୍ନ କରୁଥିଲେ... ଏବେ ଆମେ କ'ଣ ଜିତିଲେ ସଞ୍ଜୟ ? କେବଳ ଧୃତରାଷ୍ଟ୍ରଙ୍କ ଶତପୁତ୍ର ମଧ୍ୟରୁ ଏକ ପୁତ୍ର ବିକର୍ଣ୍ଣ ଏହି ଅନ୍ୟାୟର ଘୋର ନିନ୍ଦା କରୁଥିଲେ।

ରାଜ୍ୟ, ରାଜପଦ, ସ୍ଥାବର ଅସ୍ଥାବର ସଂପତ୍ତି ସବୁ ଦ୍ୟୁତକ୍ରୀଡ଼ାରେ ହାରିଯିବା ପରେ ଯୁଧିଷ୍ଠିର ଭାବିଥିଲେ ଏଥର ତାଙ୍କୁ ମୁକ୍ତି ମିଳିବ ରାଜ୍ୟ ତ୍ୟାଗ କରି ଅରଣ୍ୟକୁ ଚାଲିଯିବା ପାଇଁ ଏବଂ ଶାନ୍ତି ପ୍ରତିଷ୍ଠାର ବାଟ ଖୋଲିଯିବ। କିନ୍ତୁ ଏ କ'ଣ !! ଶକୁନି ଆହ୍ୱାନ ଦେଉଛନ୍ତି... ସବୁ ହାରି ନାହଁ ଜ୍ୟେଷ୍ଠ ପାଣ୍ଡୁ ପୁତ୍ର, ଏବେ ମଧ୍ୟ ତୁମ ପାଖରେ ତୁମ ପ୍ରିୟ ଭାଇମାନେ ଅଛନ୍ତି। ସେମାନଙ୍କ ମଧ୍ୟରୁ କାହାକୁ ବାଜି ରଖିବ ରଖ। ହୁଏତ ସେମାନେ ତୁମପାଇଁ ମଙ୍ଗଳକାରକ ହୋଇ ପାରନ୍ତି; ସବୁ ହାରିବା ପଦାର୍ଥ ତୁମେ ଫେରି ପାଇପାର।

ଭୟରେ ଶିହରୀ ଉଠିଲେ ଯୁଧିଷ୍ଠିର... ସେ ଭାବିଥିଲେ ଏମାନଙ୍କ ଉଦ୍ଦେଶ୍ୟ କେବଳ ରାଜ୍ୟ ଏବଂ ରାଜ ସଂପଦ। କିନ୍ତୁ ଏମାନେ ତ ପାଣ୍ଡବମାନଙ୍କୁ କ୍ରୀତଦାସରେ ପରିଣତ କରିବାକୁ ଚାହାଁନ୍ତି !! ବାଲ୍ୟକାଳରୁ ସମସ୍ତ ସ୍ତୁପିକୃତ ଘୃଣା ଏଭଳି ଚରମ ପ୍ରତିଶୋଧରେ ପରିଣତ ହୋଇଛି ଯେ ପାଣ୍ଡବମାନଙ୍କୁ ନିଜର ବ୍ୟକ୍ତିଗତ ଚାକର ଭାବରେ ବ୍ୟବହାର କରିବାକୁ ଚାହାଁନ୍ତି ଏମାନେ !!

ପରିସ୍ଥିତିର ଏହି ଭୟଙ୍କର ମୋଡ଼ ଦେଖି ବିବ୍ରତ ହୋଇ ବିଦୁର ଧୃତରାଷ୍ଟ୍ରଙ୍କ ପାଦ ଧରି କହିଲେ... ଏ କୁଳକ୍ଷୟକାରୀ କ୍ରୀଡା ବନ୍ଦ୍ କରନ୍ତୁ ମହାରାଜ, ନହେଲେ କୁରୁବଂଶ ଧ୍ୱଂସ ପାଇଯିବ। ଭାଇ-ଭାଇ ଭିତରେ ହାଣ-କାଟ ହୋଇ ରକ୍ତର ନଦୀ ବହିବ।

ପୁତ୍ରମୋହର ବଶବର୍ତ୍ତୀ ନହୋଇ ସୁସ୍ଥ ମନରେ ଚିନ୍ତା କରି, ଆପଣ ଆଦେଶ ଦିଅନ୍ତୁ ଏ କୁଳନାଶକାରୀ କ୍ରୀଡା ବନ୍ଦ କରିବାପାଇଁ। ଆପଣଙ୍କର ମନେଅଛି ମହାରାଜ ?

Source: Author, Digitized by PPRACHIN, SOA

ଯେତେବେଳେ ଆପଣଙ୍କର ଏହି ବୁଦ୍ଧିହୀନ, ଈର୍ଷାଳୁ, ଅହଂକାରୀ ପୁତ୍ର ଦୁର୍ଯ୍ୟୋଧନ ଜନ୍ମହେଲା ସେ ସମୟରେ ଅନେକ ଅପଶକୁନ ଘଟିଥିଲା। ଗର୍ଧ୍ଵଭ ଭଳି ଏହି ପୁତ୍ରଟି ଆପଣଙ୍କର ବୋବାଳି ଛାଡିଥିଲା। ସେ ସମୟରେ ଆମେମାନେ ସମସ୍ତେ ଆପଣଙ୍କୁ ଅନୁରୋଧ କରିଥିଲୁ ତାକୁ ପରିତ୍ୟାଗ କରିବାକୁ, କାରଣ ଅପ-ଶକୁନ ସୁଚାଇ ଦେଉଥିଲା ଯେ ଆପଣଙ୍କର ଏହି ପୁତ୍ରଟି ପୃଥିବୀର ଧ୍ୱଂସର କାରଣ ହେବ। କିନ୍ତୁ ପୁତ୍ର-ମୋହର ବଶବର୍ତ୍ତୀ ହୋଇ ଆପଣ ଶୁଣିନଥିଲେ। ଏବେ ଆପଣଙ୍କ କୁଳନାଶ କରିବା କାର୍ଯ୍ୟ ସେ ଆରମ୍ଭ କରିଦେଇଛି; ଆପଣ ଏହି ମୁହୂର୍ତ୍ତରେ ହସ୍ତକ୍ଷେପ ନକଲେ ଭବିଷ୍ୟତରେ ଆପଣଙ୍କ କୁଳରେ ପାଣି ଦେବାପାଇଁ କେହି ରହିବେ ନାହିଁ।

ଆପଣଙ୍କର ଏହି କାପୁରୁଷ ପୁତ୍ର ଏବଂ ସେମାନଙ୍କର ବନ୍ଧୁମାନଙ୍କର, ମୁକ୍ତପ୍ରାଙ୍ଗଣରେ ପାଣ୍ଡବମାନଙ୍କ ସହିତ ଯୁଦ୍ଧ କରିବାର ଶକ୍ତି ଓ ସତ୍‌ସାହସ ନାହିଁ, ତେଣୁ ଏପରି ଛଳନାପୂର୍ଣ୍ଣ ଦ୍ୟୁତକ୍ରୀଡାର ସହାୟତା ନେଇ ଏମାନେ ପାଣ୍ଡବଙ୍କୁ କ୍ରୀତଦାସ କରିବାକୁ ମନସ୍ଥ କରିଛନ୍ତି। ଦୟାକରି ହସ୍ତକ୍ଷେପ କରନ୍ତୁ ମହାରାଜ !

ବିଦୁରଙ୍କ କଥା ଶୁଣି ଭୟଙ୍କର ଗର୍ଜନକରି ଖଡ୍ଗ ଉତ୍ତୋଳନ କରି ଦୁର୍ଯ୍ୟୋଧନ ବିଦୁରଙ୍କ ପାଖକୁ ମାଡିଆସି କହିଲେ... ତୁମେ ପିଲାଦିନରୁ ମୋତେ ଏବଂ ମୋ ଭାଇମାନଙ୍କୁ ଘୃଣା କରିଆସିଛ ଏବଂ ପାଣ୍ଡବମାନଙ୍କୁ ଭଲପାଇ ଆସିଛ; ମୋ ପିତାଙ୍କର ମୋ ପ୍ରତି ଯେଉଁ ସ୍ନେହ ରହିଛି ତାହା ଦୂର କରିବାଭଳି ନୀଚ କାମ ସର୍ବଦା ତୁମେ କରି ଆସିଛ। ଜଣେ ଦାସୀପୁତ୍ରଠାରୁ ଆଉ ଅଧିକ କଣ ଆଶା କରାଯାଇପାରେ। ସବୁବେଳେ ଏହି ପାଣ୍ଡବ ପାଞ୍ଚଭାଇଙ୍କୁ ତୁମେ ସମର୍ଥନ କରି ଆସିଛ ଦାସୀ ପୁତ୍ର ବିଦୁର। ଆଉ ଅଧିକ କିଛି କରିବା ପାଇଁ ଚେଷ୍ଟା କଲେ ଫଳାଫଳ ଭୟଙ୍କର ହେବ।

ଉପସ୍ଥିତ ସଭାସଦ୍‌ଙ୍କ ମନରେ ଆଶଙ୍କା ଖେଳିଗଲା... ସତରେ କ'ଣ ଦୁର୍ଯ୍ୟୋଧନ ବିଦୁରଙ୍କୁ ହତ୍ୟା କରିବେ !!

କିନ୍ତୁ ଗର୍ଜନ ତର୍ଜନ କରିବା ମେଘରେ ବର୍ଷା ନଥାଏ; ବିଦୁରଙ୍କ ଦେହରେ ହାତ ଦେଲେ ପିତାମହଙ୍କ ଖଡ୍ଗ ତାକୁ କ୍ଷମା ଦେବନାହିଁ, ଏକଥା ସେ ଭଲ ଭାବରେ ଜାଣିଥିଲେ।

–୦–

Source: Author, Digitized by PPRACHIN, SOA

(୪୯)

ହେ କୃଷ୍ଣ ! ହେ କୃଷ୍ଣ ! !

ନିଜର ରାଜ୍ୟ, ସ୍ଥାବର ଅସ୍ଥାବର ସମସ୍ତ ସଂପତ୍ତି ଦ୍ୟୁତକ୍ରୀଡ଼ାରେ ହାରିଯିବା ପରେ ଯୁଧିଷ୍ଠିର ଗୋଟି ଗୋଟି କରି ସବୁ ଭାଇ ମାନଙ୍କୁ ବାଜି ଲଗାଇଲେ ଏବଂ ସମସ୍ତଙ୍କୁ ହାରିଗଲେ।ଦାସତ୍ୱର ସନ୍ତକ ସ୍ୱରୂପ ସମସ୍ତେ ନିଜନିଜର ଆଭୂଷଣ ଏବଂ ଅସ୍ତ୍ରଶସ୍ତ୍ର କାଢ଼ି ଦେଇ ରାଜ ସିଂହାସନ ତଳେ ରଖିଦେଇ ଦାସତ୍ୱ ମୁଦ୍ରାରେ ମୁହଁକୁ ତଳକୁ କରି ବସିଥାନ୍ତି। ପ୍ରଚଣ୍ଡ କ୍ରୋଧରେ କମ୍ପିଗଲେ ଭୀମସେନ, କହିଲେ... ଜ୍ୟେଷ୍ଠ ଭ୍ରାତ ! ମୁଁ ଏ ଦାସତ୍ୱ ଗ୍ରହଣ କରିବି ନାହିଁ। ଅର୍ଜୁନ ବୃକୋଦରଙ୍କୁ ଶାନ୍ତ କରାଇ କହିଲେ... ଏ ଆପଣଙ୍କର କଣ ହୋଇଛି ଭ୍ରାତା ଭୀମସେନ ! ଆମେ କଦାପି ବଡ଼ଭାଇଙ୍କ ପ୍ରତିବାଦ କରିବା ନାହିଁ ବୋଲି ଆପଣ ନିଜେ କହିଛନ୍ତି। ଆମ ଭିତରେ ମତାନୈକ୍ୟ ରହିଲେ, ଏମାନେ ଆମ ଭାଇମାନଙ୍କର ଏକତା ଭାଙ୍ଗିବାରେ ସଫଳ ହେବେ।

ଭୀମସେନ ବାଧ୍ୟହୋଇ ଚୁପ୍ ହୋଇ ବସିଗଲେ।

ତା'ପରେ ଶକୁନି କହିଲେ... ପ୍ରିୟ ଯୁଧିଷ୍ଠିର, ତୁମେ ତ ଭାଇ ମାନଙ୍କଠାରୁ ନିଜକୁ ଅଲଗା ରଖି ପାରିବନାହିଁ, ଏବେ ନିଜକୁ ବାଜି ଲଗାଇପାର, ହୁଏତ ଭାଗ୍ୟ ତୁମର ସହାୟ ହେବ ଏବଂ ତୁମେ ତୁମର ସମସ୍ତ ହାରିଯାଇଥିବା ସଂପତ୍ତି ଏବଂ ଭାଇମାନଙ୍କୁ ଫେରି ପାଇବ ।

ଯୁଧିଷ୍ଠିର ନିଜର ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଉତ୍ତେଜିତ ହୋଇ କହିଲେ... ହଁ ମୁଁ ଏବେ ନିଜକୁ ବାଜି ଲଗାଉଛି। ଶକୁନିଙ୍କର କୁଟିଳ ହସ ସହିତ, ଦୁର୍ଯ୍ୟୋଧନ ଡାକିଥିବା ଦାନ ଠିକ୍ ପଡ଼ିଲା ଏବଂ ଉଲ୍ଲସିତ ହୋଇ ଚିତ୍କାର କଲେ କୌରବ ଭ୍ରାତା ଗଣ... 'ଏବେ ପଞ୍ଚ ପାଣ୍ଡବ ଆମର କ୍ରୀତଦାସ।'

ଲଜ୍ଜାରେ ମଥା ନଇଁ ଯାଇଥିଲା ପାଣ୍ଡବ ଭାଇମାନଙ୍କର। ତାଚ୍ଛଲ୍ୟ କରି ଶକୁନି କହିଲେ... ଏବେ ଆଉ ତୁମ ପାଖରେ କଣ ରହିଲା ପ୍ରିୟ ଯୁଧିଷ୍ଠିର ? ହଁ ହଁ ନାହିଁ କାହିଁକି, ତୁମ ପାଖରେ ଅମୂଲ୍ୟ ହୀରା ଦ୍ରୁପଦ ରାଜକୁମାରୀ ଅନିନ୍ଦ୍ୟ ସୁନ୍ଦରୀ ପାଞ୍ଚାଳୀ ଅଛନ୍ତି। ସେ ତୁମର ଭାଗ୍ୟ ବଦଳାଇ ଦେଇପାରନ୍ତି, ତୁମେ ସବୁ ଫେରି ପାଇପାର; ତାଙ୍କୁ ବାଜି ଲଗାଅ ପ୍ରିୟ ଯୁଧିଷ୍ଠିର।

ଯୁଧିଷ୍ଠିର ନିଜର ଆୟତ୍ତରେ ନଥିଲେ। ମହାକାଳ ତାଙ୍କ ବୁଦ୍ଧିବୃତ୍ତିକୁ ନିୟନ୍ତ୍ରିତ

Source: Author, Digitized by PPRACHIN, SOA

କରୁଥିଲେ। ଯୁଧିଷ୍ଠିର କହିଲେ... ହଁ ମୁଁ ଏବେ ପାଞ୍ଚାଳୀଙ୍କୁ ବାଜି ଲଗାଉଛି।

ଯୁଧିଷ୍ଠିର ଏପରି ନିଜର ପତ୍ନୀଙ୍କୁ ବାଜି ରଖିବା ସମୟରେ ନିଜେ ସର୍ବନିୟନ୍ତା ମହାକାଳ ମଧ୍ୟ ସ୍ତବ୍ଧ ହୋଇ ରହିଗଲେ। ଲଜ୍ଜାରେ ମୁଣ୍ଡ ତଳକୁ ପୋତି ବସିଗଲେ ବରିଷ୍ଠ କୁରୁ ସଭାସଦ୍‌ଗଣ। ବ୍ୟସ୍ତ ବିବ୍ରତ ହୋଇ ବିଦୁର ଧୃତରାଷ୍ଟ୍ରଙ୍କ ପାଦ ଧରି କହିଲେ... ଏ ଅନ୍ୟାୟ କାର୍ଯ୍ୟକୁ ବନ୍ଦ କରିବା ଆଦେଶ ଦିଅନ୍ତୁ ମହାରାଜ, ଏବେ ବି ସମୟ ଅଛି କୁରୁ ବଂଶକୁ ଧ୍ୱଂସ ମୁଖରୁ ରକ୍ଷା କରିବାକୁ। କୁଳବଧୂକୁ ପଶା ଖେଳରେ ବାଜି ରଖିବା ଭଳି ଘୃଣ୍ୟ କାର୍ଯ୍ୟ ପାଇଁ ଯୁଗେ ଯୁଗେ ସମସ୍ତେ ଆପଣଙ୍କୁ ହିଁ ଦାୟୀ କରି ଘୃଣା କରିବେ କାରଣ ଆପଣଙ୍କ ରାଜଦଣ୍ଡ ତଳେ ତଥାକଥିତ ଧର୍ମସଭାରେ ଏ ଅଧର୍ମ କାର୍ଯ୍ୟ ହେଉଛି।

ଅନ୍ଧ ରାଜାଙ୍କର କର୍ଣ୍ଣ ମଧ୍ୟ ବଧୀର ହୋଇଗଲା। ପଶାକାଠି ଗଡିଲା ଏବଂ ପଶାରେ ଦାସୀ ଭାବରେ ଦ୍ରୌପଦୀଙ୍କୁ ମଧ୍ୟ ଜିଣିଗଲେ ଦୁର୍ଯ୍ୟୋଧନ; ଯାହା ସେ ସ୍ୱୟଂବର ସଭାରେ କରିପାରିନଥିଲେ ଅସ୍ତ୍ର ବଳରେ, ଏବେ ମାତୁଳ ଶକୁନି ତାଙ୍କ ପାଇଁ କରିପାରିଲେ ଅଦ୍ଭୁତ ପଶାକାଠି ବଳରେ। ଶକୁନିଙ୍କ ପିତାଙ୍କ କଙ୍କାଳ ହାଡ଼ରେ ନିର୍ମିତ ଏହି ପଶାକାଠି ତାର ଇପ୍ସିତ କାମ କରିଦେଇଥିଲା।

ଆନନ୍ଦ ଉଲ୍ଲାସରେ ଚିତ୍କାର କରି ଉଠିଲେ ଶତଭ୍ରାତା, ଶକୁନି କର୍ଣ୍ଣ, ଦୁଃଶାସନ ସମେତ ତାଙ୍କର ଅନ୍ୟ ସମର୍ଥକ ଗଣ। ଆନନ୍ଦରେ ଦୁର୍ଯ୍ୟୋଧନ ମାମୁଁଙ୍କୁ ଆଲିଙ୍ଗନ କରି କହିଲେ... ମୁଁ ଆପଣଙ୍କର ଏ ଋଣ ଜୀବନରେ ଶୁଝି ପାରିବିନାହିଁ ମାମୁଁ, ମୋ ଜୀବନର ଲକ୍ଷ୍ୟ ପୂର୍ଣ୍ଣ ହୋଇଛି।

ଏ ଅନ୍ୟାୟର ଘୋର ବିରୋଧ କରୁଥିବା ଏକମାତ୍ର କୁରୁପୁତ୍ର ବିକର୍ଣ୍ଣ ଘୃଣାପୂର୍ଣ୍ଣ କଣ୍ଠରେ କହିଲେ... ଏହାଠାରୁ ବଳି ଘୋର ଲଜ୍ଜାଜନକ କଥା କୁରୁକୁଳ ପାଇଁ କଣ ହୋଇପାରେ ? ଧୀକ୍ ସେ ଦୁର୍ଯ୍ୟୋଧନଙ୍କୁ ଯିଏ ଏହି ଘୃଣ୍ୟ ଦ୍ୟୁତକ୍ରୀଡାର ସ୍ୱାମୀ; ଧୀକ୍ ସେ ଯୁଧିଷ୍ଠିରଙ୍କୁ ଯେ ନିଜ ପତ୍ନୀଙ୍କୁ ମଧ୍ୟ ବାଜି ଲଗାଇ ପାରୁଛନ୍ତି। ପ୍ରଜାମାନଙ୍କୁ ନୈତିକତାର କି ଉଦାହରଣ ଦେଉଛନ୍ତି ମହାରାଜା ଧୃତରାଷ୍ଟ୍ର ! ଏଠାରେ ସଭାମଣ୍ଡନ କରୁଥିବା କୁଳବୃଦ୍ଧ ମାନେ ନୀରବ କାହିଁକି ? ସେମାନେ କଣ ଦୁଷ୍ଟଶକ୍ତି ଆଗରେ ଏତେ ଭୟଭୀତ !!

ବିକର୍ଣ୍ଣଙ୍କଠାରୁ ଏହାଶୁଣି କର୍ଣ୍ଣ ଭର୍ତ୍ସନା କରି କହିଲେ... ଉପଦେଶ ଦେବା ସେତିକି ଥାଉ ବିକର୍ଣ୍ଣ; ଏଠାରେ ଭୀଷ୍ମ, ଦ୍ରୋଣ, କୃପ ତଥା ନିଜେ ମହାରାଜା ଧୃତରାଷ୍ଟ୍ରଙ୍କ ଭଳି ବିଜ୍ଞ ବ୍ୟକ୍ତିମାନେ ଅଛନ୍ତି। ସେମାନେ ସମସ୍ତେ ଏହି ପାଞ୍ଚଭାଇ ଏବଂ ଦ୍ରୌପଦୀଙ୍କ ଦାସତ୍ୱକୁ ବିରୋଧ କରୁନାହାନ୍ତି, ତୁମେ କାହିଁକି ?

ଦୁର୍ଯ୍ୟୋଧନ ନିଜ ଭୃତ୍ୟ ପ୍ରତିକାମୀଙ୍କୁ ଆଦେଶ ଦେଇ କହିଲେ... ପ୍ରତିକାମୀ!

Source: Author, Digitized by PPRACHIN, SOA

ଏବେ ରାଜନବରକୁ ଯାଇ ଦାସୀ ଦ୍ରୌପଦୀଙ୍କୁ ଏହି ରାଜ୍ୟସଭାକୁ ନେଇଆସ। ଆମେମାନେ ତାର ପ୍ରଭୁ। ପ୍ରଭୁମାନଙ୍କୁ ଦର୍ଶନ କରିବାପରେ ତାଙ୍କୁ ବୁଝାଇ ଦିଆଯିବ କାହା ପାଖରେ ସେ ଦାସୀତ୍ୱ କରିବେ।

ପ୍ରତିକାମୀ ରାଜଭୃତ୍ୟ ହେଲେ ମଧ୍ୟ ତା ମନରେ ମାନବିକତା ଥିଲା; ପ୍ରଭୁମାନଙ୍କର ଘୃଣ୍ୟ ଆଦେଶ ପାଳନ କରି କିପରି ସେ ଇନ୍ଦ୍ରପ୍ରସ୍ଥର ରାଣୀଙ୍କୁ ଏକଥା ଶୁଣାଇବ ଜାଣି ପାରୁନଥିଲା। ତଥାପି ଅଶ୍ରୁପୂର୍ଣ୍ଣ ନେତ୍ରରେ ପ୍ରାସାଦ ଭିତରେ ପହଞ୍ଚି, ଘଟିଥିବା ଘଟଣା ବର୍ଣ୍ଣନା କରି ଦୁର୍ଯ୍ୟୋଧନଙ୍କର ଏହି ଆଦେଶ ଶୁଣାଇଲା ପ୍ରତିକାମୀ।

ଦ୍ୟୁତକ୍ରୀଡାରେ ଘଟିଥିବା ଘଟଣାବଳୀ ଶୁଣି ସ୍ତବ୍ଧ ହୋଇଗଲେ ପାଞ୍ଚାଳୀ। ନିଜକୁ ସମ୍ଭାଳି କହିଲେ... ପ୍ରତିକାମୀ ! ମୋର ସେଠାକୁ ଯିବାର ପ୍ରଶ୍ନ ଉଠୁନାହିଁ। ଏହା ରାଜାଦେଶ ନୁହେଁ, ଏହା ଏକ ପାଗଳର ପ୍ରଳାପ। ଧର୍ମଦଣ୍ଡ ଧରିଥିବା କୁରୁ ରାଜଦରବାରରେ ଯାଇ ପଚାର ପ୍ରତିକାମୀ... ନିଜେ ପ୍ରଥମେ ପଶା ଖେଳରେ ହାରିଯାଇ ଦାସ ହୋଇଥିବା ଯୁଧିଷ୍ଠିର କେଉଁ ଅଧିକାରରେ ମୋତେ ବାଜି ରଖିଲେ ?

ପ୍ରତିକାମୀ ଫେରିଯାଇ ଏହି ପ୍ରଶ୍ନ କୁରୁ ସଭା ତଳେ କରିବା ପରେ କ୍ରୋଧରେ ଉତ୍‌କ୍ଷିପ୍ତ ଦୁର୍ଯ୍ୟୋଧନ ଦୁଃଶାସନଙ୍କୁ ଚାହିଁ କହିଲେ... ଏ ପ୍ରତିକାମୀ ଗୋଟାଏ ଅପଦାର୍ଥ ପ୍ରାଣୀ। ତୁମେ ଯାଇ ସେ କ୍ରୀତଦାସୀକୁ ନେଇଆସ। ନଆସିଲେ ବଳ ପ୍ରୟୋଗ କରି ଟେକିଆଣିବ।

ଦୁର୍ଯ୍ୟୋଧନ କଥା ଶୁଣି ଭୟଙ୍କର କ୍ରୋଧରେ କମ୍ପିଗଲେ ମହାବଳୀ ଭୀମ ଏବଂ ଯୁଧିଷ୍ଠିରଙ୍କୁ କହିଲେ... ଆପଣ ଆଜି ଆମକୁ କି ଅସହାୟ ଅବସ୍ଥାରେ ପକାଇଛନ୍ତି ଜ୍ୟେଷ୍ଠ ଭ୍ରାତା, ନହେଲେ ଆଜି ଏପରି କହିବା ପରେ ଦୁର୍ଯ୍ୟୋଧନ ବଞ୍ଚି ନଥାନ୍ତା।

ଦୁର୍ଯ୍ୟୋଧନ ଭୀମକୁ ନାଲି ଆଖି ଦେଖାଇ କହିଲା... ଏ କ୍ରୀତଦାସ ! ଚୁପ୍ ଚାପ୍ ବସ। ତୋର କିଛି କହିବାର ଅଧିକାର ନାହିଁ।

ଦୁଃଶାସନ ଯେତେବେଳେ ଅନ୍ତଃପୁରରେ ପହଞ୍ଚିଲା, ସେ ସମୟରେ ରଜସ୍ୱଳା ହୋଇ ଗୋଟିଏ ବସ୍ତ୍ର ପରିହିତା ହୋଇ ଯାଜ୍ଞସେନୀ ବସିଥିଲେ। ଏକ କୁଟିଳ ହସ ହସି ଦୁଃଶାସନ, ଦ୍ରୋପଦୀଙ୍କୁ କହିଲେ... ତୁମେ ବର୍ତ୍ତମାନ ଇନ୍ଦ୍ରପ୍ରସ୍ଥର ମହାରାଣୀ ନୁହଁ, ଆମର କ୍ରୀତଦାସୀ। ରାଜାଙ୍କ ଆଦେଶ ଅନୁଯାୟୀ ତୁମେ ରାଜସଭାକୁ ଚାଲିଆସ, ନହେଲେ ବଳ ପ୍ରୟୋଗ କରିବାକୁ ପଡ଼ିବ।

ଦ୍ରୌପଦୀ କହିଲେ.., ଦେଖ ଦୁଃଶାସନ, ମୁଁ ବର୍ତ୍ତମାନ ରଜସ୍ୱଳା ନାରୀ, ଏକ ବସ୍ତ୍ର ପରିହିତା। ଏ ସମୟରେ ରାଜସଭାକୁ ଯିବା ମୋ ପାଇଁ ଲଜ୍ଜାକର।

Source: Author, Digitized by PPRACHIN, SOA

ଦୁଃଶାସନ କହିଲା... ହା ହା ହା, କ୍ରୀତଦାସୀର ପୁଣି ଲଜ୍ଜା ଗୋଟାଏ କଣ ? ଭୟ କରନାହିଁ, ତୁମେ ଦାସୀ ହେଲେ ମଧ୍ୟ ଯୁବରାଜ ଦୁର୍ଯ୍ୟୋଧନଙ୍କର ବାହୁଛାୟାତଳେ ତୁମେ ରହିବ। ତୁମ ସ୍ୱାମୀମାନଙ୍କୁ ଛାଡ, ତୁମକୁ ସେ ଦାସୀ ଭାବେ ଆମକୁ ବିକ୍ରୟ କରି ଦେଇଛନ୍ତି।

ଦ୍ରୌପଦୀଙ୍କୁ ଯିବାପାଇଁ ଅସମ୍ମତ ହେବାର ଦେଖି ଦୁଃଶାସନ ଆଗେଇଗଲା ବଳ ପ୍ରୟୋଗ କରି ଟାଣି ନେବାପାଇଁ। ଭୟରେ ଦ୍ରୌପଦୀଙ୍କର ଆଖି ବିସ୍ଫାରିତ ହୋଇଗଲା। ବ୍ୟାଧ ଜାଲରୁ ରକ୍ଷା ପାଇବାପାଇଁ ଇତସ୍ତତ ଦଉଡୁଥିବା ତ୍ରସ୍ତ ହରିଣୀ ଭଳି ସେ ନବର ଭିତରେ ଇତସ୍ତତ ଦଉଡୁଥିଲେ। ଚେଷ୍ଟା କରୁଥିଲେ ଅନ୍ତଃପୁର ଭିତରକୁ ଯାଇ ଗାନ୍ଧାରୀଙ୍କ ପାଖରେ ଶରଣ ପଶିବା ପାଇଁ। ଶିକାରୀ ଛଞ୍ଚାଣ ନିରିହ କପୋତୀକୁ ଝାମ୍ପିନେଲାପରି, ଗାନ୍ଧାରୀଙ୍କ ପ୍ରକୋଷ୍ଠର ଠିକ୍ ବାହାରୁ ଦୁଃଶାସନ ଦ୍ରୌପଦୀଙ୍କ କେଶକୁ ଧରି ଝାଙ୍କି ଆଣିଲା। ବିମୁକ୍ତ ହୋଇଗଲା ଘନକେଶ ରାଶି। ସତେ ଅବା କୁରୁ ବଂଶର ଗୌରବ ସୂର୍ଯ୍ୟଙ୍କୁ ଗ୍ରାସ କରିବାପାଇଁ ମାଡିଆସିଲା ଘୋର ଘନଘଟା। ଯନ୍ତ୍ରଣାରେ ଚିତ୍କାର କଲେ ଦ୍ରୌପଦୀ... ମୋତେ ଛାଡ଼ିଦିଅ ଦୁଃଶାସନ, ମୁଁ ଏକବସ୍ତ୍ର ପରିହିତା ଅବଳା ନାରୀ, ସଂପର୍କରେ ତୁମେ ମୋର ଦେବର; ମୋର ସମ୍ମାନ ରକ୍ଷା କରିବା ତୁମର କର୍ତ୍ତବ୍ୟ। ସଂପର୍କ ପ୍ରତି ତୁମର ସମ୍ମାନ ନଥିଲେ ମଧ୍ୟ ଭରତବଂଶୀ ରାଜପୁତ୍ର ଭାବରେ ନାରୀର ଅସ୍ମିତା ପ୍ରତି ତୁମେ ତ ସମ୍ମାନ ଦେଖାଇବା ଉଚିତ। ଅବଳା ପ୍ରତି ଯେବେ ରାଜ ପରିବାର ଅତ୍ୟାଚାର କରିବ ତା'ହେଲେ ପ୍ରଜାମାନେ କିପ୍ରକାର ଆଚରଣ କରିବେ ?

ଦୁଃଶାସନ କହିଲା... ଭାଷଣ ବନ୍ଦକର, କ୍ରୀତଦାସୀ। ଚାଲ୍ ରାଜ ଦରବାରକୁ।

ଦ୍ରୌପଦୀଙ୍କ କେଶ ଝିଙ୍କି ରାଜସଭାକୁ ଯେତେବେଳେ ଘୋଷାରି ଘୋଷାରି ନେଇ ଠିଆ କରାଇଲା ଦୁଃଶାସନ, ଲଜ୍ଜାରେ କୁରୁବୃଦ୍ଧମାନଙ୍କର ଆଖି ନଇଁ ଗଲା। ଅଶ୍ରୁଳ ଆଖିରେ ସ୍ୱଗତୋକ୍ତି କଲେ ବିଦୁର... ହେ କୃଷ୍ଣ ! କେଉଁଠି ତୁମେ ? କୁଳବଧୂର ଏ ଅବସ୍ଥା ଦେଖିବା ଆଗରୁ ମୋ ଜୀବନ ଚାଲି ନଗଲା କାହିଁକି ?

ଲଜ୍ଜା, ଭୟ, କ୍ରୋଧରେ ଥରୁଥିଲେ ଦ୍ରୌପଦୀ। ଭୀଷ୍ମଙ୍କ ଆଡ଼କୁ ଚାହିଁ ଥର ଥର କଣ୍ଠରେ ପଚାରିଲେ... ଆବହମାନ କାଳରୁ ଯେଉଁ କୁରୁ ରାଜବଂଶ ଅବଳା ଦୁର୍ବଳାମାନଙ୍କୁ ରକ୍ଷା କରିଆସିଛି, ଯେଉଁ ରାଜପରିବାର ଯୁଗେ ଯୁଗେ ଧର୍ମରକ୍ଷାକାରୀ ଭାବରେ ପରିଚିତ, ସେଠାରେ ଏଭଳି ଘୃଣ୍ୟ କାର୍ଯ୍ୟ କରିବାକୁ କିଏ ସାହସ କଲା ?

ମଥା ଅବନତ କରି ବସିଥିବା ନିଜ ସ୍ୱାମୀମାନଙ୍କ ଆଡ଼କୁ ଚାହିଁ ଦ୍ରୌପଦୀ ପଚାରିଲେ... ହେ ତଥାକଥିତ ଧର୍ମପୁତ୍ର ! ଏହି ଦ୍ୟୁତକ୍ରୀଡାରେ ତୁମେ ପ୍ରଥମେ କାହାକୁ

Source: Author, Digitized by PPRACHIN, SOA

ବାଜି ରଖିଥିଲ, ନିଜକୁ ନାଁ ମୋତେ? ଜୁଆ ଖେଳରେ ନିଜର ସର୍ବସ୍ୱ ହରାଇ କ୍ରୀତଦାସ ହେବାପରେ ତୁମେ ପାଞ୍ଚାଳ ରାଜକନ୍ୟାକୁ କେଉଁ ଅଧିକାରରେ ବାଜି ରଖିଲ ଧର୍ମପୁତ୍ର ?

ପୂର୍ଣ୍ଣ ରାଜସଭାକୁ ଚାହିଁ ଦ୍ରୌପଦୀ କହିଲେ... ମୋର ମଧ୍ୟ ସଭାସଦ୍‌ଙ୍କୁ ସେହି ଗୋଟିଏ ପ୍ରଶ୍ନ, କେଉଁ ନୀତିରେ ମୁଁ କ୍ରୀତଦାସୀ? ସମଗ୍ର ରାଜସଭା ନୀରବ। କାହା ପାଖରେ ଏ ପ୍ରଶ୍ନର ଉତ୍ତର ନଥିଲା।

ଚିତ୍କାର କରି ନିଜର ଜଙ୍ଘ ବାଡ଼େଇ ଦୁର୍ଯ୍ୟୋଧନ କହିଲା... ବାଚାଳତା ବନ୍ଦକର କ୍ରୀତଦାସୀ। ଦାସୀ ଭାବରେ ତୋର କିଛି କହିବାର ଅଧିକାର ନାହିଁ, ଆଦେଶ ପାଳନ କରିବାର ଅଛି। ପାଞ୍ଚ ପତିଙ୍କ ଶଯ୍ୟାସଙ୍ଗିନୀ, ଆ, ଏବେ ମୋ ଜାନୁ ଉପରେ ବସ।

ଦୁର୍ଯ୍ୟୋଧନର ଏ ଶ୍ଳେଷବାକ୍ୟରେ ଭୟଙ୍କର କ୍ରୋଧରେ ଗର୍ଜି ଉଠିଲେ ଭୀମସେନ। ଭୂମି ପିଟି କହିଲେ... ଦିନେ ନା ଦିନେ ତୋର ଏହି ଘୃଣ୍ୟ ଜଙ୍ଘକୁ ପିଟି ତୋତେ ହତ୍ୟାକରିବି ମୂର୍ଖ। ପାଞ୍ଚାଳୀକୁ ଅପମାନିତ କରିବା ଫଳ ଭୋଗ କରିବୁ।

ଚିତ୍କାର କରିଉଠିଲା ଦୁର୍ଯ୍ୟୋଧନ... ବସ କ୍ରୀତଦାସ। ତୋର କିଛି କହିବାର ଅଧିକାର ନାହିଁ।

ଉତ୍ତେଜିତ ହୋଇ କର୍ଣ୍ଣ କହିଲେ... ମିତ୍ର ! ଏହି ପାଣ୍ଡବମାନେ ଆମର କ୍ରୀତଦାସ; ସେମାନଙ୍କ କଟି ଉପରକୁ ଥିବା ବସ୍ତ୍ର ସେମାନେ ପିନ୍ଧିବା ଯୋଗ୍ୟ ନୁହନ୍ତି। ତାହା ସେମାନେ ପରିତ୍ୟାଗ କରନ୍ତୁ।

ଦୁର୍ଯ୍ୟୋଧନ କହିଲେ... ଠିକ୍ କଥା ମିତ୍ର ! ଏହି ପାଞ୍ଚପତିଙ୍କର ପତ୍ନୀ ଗଣଭୋଗ୍ୟା ପାଞ୍ଚାଳୀର ଅଙ୍ଗବସ୍ତ୍ର ମଧ୍ୟ ହରଣ କରାଯାଉ। ଯାଅ ଦୁଃଶାସନ, ଦ୍ରୌପଦୀକୁ ନିବସ୍ତ୍ର କର।

ଆଦେଶକୁ ଅପେକ୍ଷା କରିଥିଲା ଦୁଃଶାସନ। ତ୍ରସ୍ତା ହରିଣୀକୁ ଭେଡ଼ିଆ ମାଡ଼ିବସିଲାପରି ଦ୍ରୌପଦୀଙ୍କ ଦେହରେ ଥିବା ଏକମାତ୍ର ଅଙ୍ଗବସ୍ତ୍ରକୁ ଭିଡ଼ି ତାଙ୍କୁ ନିବସ୍ତ୍ର କରିବାକୁ ଆଗେଇ ଆସିଲା ଦୁଃଶାସନ। ଦ୍ରୌପଦୀ ନିଜ ପତିମାନଙ୍କ ଆଡ଼କୁ ଚାହିଁଲେ। ସମସ୍ତେ ମୁହଁପୋତି ବସିଛନ୍ତି। କୁରୁ ମୁଖ୍ୟମାନଙ୍କୁ ଚାହିଁଲେ ପାଞ୍ଚାଳୀ। ସେମାନଙ୍କଠାରୁ କିଛି ସାହାଯ୍ୟ ଆଶା କରୁଥିଲେ ସେ। ନିଃସହାୟ ମନେ କଲେ ନିଜକୁ ଦ୍ରୌପଦୀ। ଦୁଃଶାସନ ତାଙ୍କ ଅଙ୍ଗବସ୍ତ୍ରକୁ ଟାଣିବାରେ ଲାଗିଛି। ସମସ୍ତ ପ୍ରତିରୋଧ ଶିଥିଳ ପଡ଼ିଯାଉଛି। କଣ କରିବେ ସେ ! ନାରୀର ଅଙ୍ଗ ଦର୍ଶନ ପାଇଁ କୁରୁ କୁକୁରମାନଙ୍କ ଆଖିରେ ଲଜ୍ଜାହୀନ ଉତ୍ସୁକତା।

ହାତ ଉପରକୁ ଟେକିଦେଇ ଆଖି ବୁଜି କୃଷ୍ଣଙ୍କୁ ସ୍ମରଣକଲେ ଦ୍ରୌପଦୀ... ତୁମେ ମୋର ଅନ୍ତିମ ଭରସା, ମୋର ଲାଜ ରଖ କୃଷ୍ଣ; ‘ଗୋବିନ୍ଦ ଗୋପାଳ ହରେ ମୁରାରେ,

Source: Author, Digitized by PPRACHIN, SOA

ହେ ନାଥ ନାରାୟଣ ବାସୁଦେବ !'

ହଠାତ୍ ସଭାଗୃହର ଏକ କୋଣ ଏକ ଅଦ୍ଭୁତ ବିଭାମୟ ଜ୍ୟୋତିରେ ଉଦ୍‌ଭାସିତ ହୋଇଗଲା ଏବଂ ଶୂନ୍ୟରୁ ବସ୍ତ୍ର ଲମ୍ବିଆସି ଦ୍ରୌପଦୀଙ୍କ ଦେହକୁ ଆଚ୍ଛାଦିତ କରିଦେଲା। ଦୁଃଶାସନ ଯେତେ ବସ୍ତ୍ର ଟାଣୁଥାଏ ସେତିକି ବସ୍ତ୍ର କୃଷ୍ଣାଙ୍କ ଅଙ୍ଗକୁ ଆଚ୍ଛାଦିତ କରୁଥାଏ। ଶେଷରେ ଦୁଃଶାସନର ହାତ ଶିଥିଳ ହୋଇଗଲା ଏବଂ ଶକ୍ତିହୀନ ହୋଇ ସେ ତଳେ ପଡ଼ିଗଲା। ଶୂନ୍ୟକୁ ଚାହିଁ ଦ୍ରୌପଦୀ କହିଲେ... ଦାସୀର କୋଟି ଦଣ୍ଡବତ ଘେନାକର ପ୍ରଭୁ !

-୦-

(୫୦)

ଭୀଷଣ ପ୍ରତିଜ୍ଞା

ଦୁଃଶାସନର ହସ୍ତପଦ ଶିଥିଳ ହୋଇ ଯାଉଥିଲା। ଚରମ ଚେଷ୍ଟା କରି ମଧ୍ୟ ସେ ଦ୍ରୌପଦୀଙ୍କୁ ନିବସ୍ତ୍ର କରିନପାରୁ ନଥିଲା। ଯେଉଁ ଶୂନ୍ୟ ମଣ୍ଡଳର ଜ୍ୟୋତି ଭିତରୁ ବସ୍ତ୍ର ଧାର ଆସି ଯାଜ୍ଞସେନୀଙ୍କ ଶରୀରକୁ ଆଚ୍ଛାଦିତ କରୁଥିଲା ସେ ଆଡ଼କୁ ଦୃଷ୍ଟି ପକାଇଲା ଦୁଃଶାସନ। ସେଠାରୁ ନିର୍ଗତ ହେଉଥିଲା ଏକ ଦିବ୍ୟ ଜ୍ୟୋତି ଏବଂ ସେହି ଜ୍ୟୋତି ଭିତରେ ଦୁଃଶାସନ ଦେଖିପାରିଲା ଶ୍ରୀକୃଷ୍ଣଙ୍କ ମୁଖମଣ୍ଡଳ। ଯେଉଁ ଅଭିବ୍ୟକ୍ତି ଶିଶୁପାଳକୁ ବଧ କରିବା ସମୟରେ ଶ୍ରୀକୃଷ୍ଣଙ୍କ ମୁଖମଣ୍ଡଳରେ ପ୍ରତିଭାତ ହେଉଥିଲା ସେହି ଅଭିବ୍ୟକ୍ତି ଏଠାରେ ଦେଖି ଭୟରେ ଶିହରୀ ଉଠିଲା ଦୁଃଶାସନ। ହାତ ପାଦ ଶିଥିଳ; ଦୁଃଶାସନର ହାତରୁ ଦ୍ରୌପଦୀଙ୍କ ବସ୍ତ୍ରର ଅଞ୍ଚଳଟି ଖସିଗଲା ଏବଂ ସେ ତଳେ ପଡ଼ିଗଲା।

ତଟସ୍ଥ ରାଜସଭା, ତଟସ୍ଥ ସମସ୍ତ ଉପସ୍ଥିତ ରାଜନ୍ୟ ମଣ୍ଡଳୀ; କାହାର ବୁଝିବାକୁ ବାକି ରହିଲା ନାହିଁ ଯେ ଶ୍ରୀକୃଷ୍ଣ ହିଁ ଦ୍ରୌପଦୀଙ୍କର ଲଜ୍ଜା ନିବାରଣ କରିଛନ୍ତି। ଦ୍ରୌପଦୀ ନିଜର ଅଙ୍ଗବସ୍ତ୍ର ସଜାଡି ନେଲେ; ଯୋଡ ହସ୍ତରେ ଶୂନ୍ୟକୁ ଚାହିଁ ପ୍ରଣାମ କରି କହିଲେ... ହେ ପ୍ରଭୁ ! ଆରତ ତାରଣ, ଦୀନବନ୍ଧୁ, ଅରକ୍ଷ ରକ୍ଷଣ ମହାବାହୁ, ତୁମ ପାଦରେ କୋଟି କୋଟି ଦଣ୍ଡବତ ପ୍ରଭୁ, ତୁମେ ମୋର ଲଜ୍ଜା ନିବାରଣ କରିଛ, ମୋର ମାନ ରଖିଛ, ମୋର ଆଉ କାହାକୁ ଭୟନାହିଁ। ତା'ପରେ ଅଶ୍ରୁଳ ନେତ୍ରରେ ଅନ୍ତରାଳକୁ ଚାଲିଗଲେ ଯାଜ୍ଞସେନୀ।

Source: Author, Digitized by PPRACHIN, SOA

ସଭାମଧ୍ୟରେ ଶୁଣାଗଲା ବଜ୍ରନିର୍ଘୋଷ ସ୍ୱର; ଉର୍ଦ୍ଧ୍ୱକୁ ବାହୁତୋଳି ଶପଥ କରୁଥିଲେ ମହାବଳୀ ଭୀମସେନ... ହେ ଦଶଦିଗ ପାଳ! ହେ ସ୍ୱର୍ଗ, ର୍ମର୍ତ୍ତ୍ୟମଣ୍ଡଳ ଏବଂ ପାତାଳର ନିବାସୀ, ହେ ଚନ୍ଦ୍ର, ସୂର୍ଯ୍ୟ, ଅଗ୍ନି, ପୃଥିବୀ! ସମସ୍ତେ ସାକ୍ଷୀ, ମୋର ଏ ଭୀଷଣ ପ୍ରତିଜ୍ଞା ଶୁଣିଥାଅ... ଏହି କୁରୁକୁଳ କୁଳାଙ୍ଗାର ଦୁଃଶାସନର ଛାତି ଚିରି ମୁଁ ତାର ରକ୍ତ ପାନ ନକରିବା ପର୍ଯ୍ୟନ୍ତ ମୋର ଆତ୍ମାର ସଦ୍‌ଗତି ହେବନାହିଁ। କୁରୁବଂଶର ପୂର୍ବଜମାନଙ୍କ ପାଖରେ ଏହା ମୋର ଭୀଷ୍ମ ପ୍ରତିଜ୍ଞା।

ଭୀମଙ୍କ ପ୍ରତିଜ୍ଞା ଶୁଣି ସ୍ତବ୍ଧ ହୋଇଗଲା ରାଜସଭା। ସେ ସମୟରେ ଶୁଣାଗଲା ଶୃଗାଳ ଏବଂ ଗର୍ଦ୍ଦଭଙ୍କ ଚିତ୍କାର। ଶ୍ୱେନ ଓ ଶାଗୁଣାମାନେ ଅଦ୍ଭୁତ ଚିଁ ଚିଇଁ ଶବ୍ଦକରି ଆକାଶରେ ଉଡିବୁଲିଲେ। ଏସବୁ ଥିଲା ଭବିଷ୍ୟତରେ ଭୟଙ୍କର ବିପ୍ଳବର ସଙ୍କେତ। ଭୀମସେନଙ୍କ କାନ୍ଧରେ ହାତ ରଖି ତାଙ୍କୁ ଶାନ୍ତ କଲେ ଯୁଧିଷ୍ଠିର।

କ୍ରୋଧରେ ପ୍ରକମ୍ପିତ ଶରୀର, ପିତାମହ ଭୀଷ୍ମ ଉଭାହେଲେ ରାଜସଭାରେ। ହାତରେ ପର୍ଶୁରାମ ପ୍ରଦତ୍ତ ପରଶୁ ଝଲକି ଉଠିଲା। ଗୁରୁଗମ୍ଭୀର କଣ୍ଠରେ ଗାଙ୍ଗେୟ କହିଲେ... ହେ କୁରୁ-କୁଳ କୁଳାଙ୍ଗାରଗଣ! ରାଜ୍ୟ ଓ ରାଜସିଂହାସନ ପ୍ରତି ମୋର ପ୍ରତିବଦ୍ଧତା ନଥିଲେ ମୁଁ ଆଜି ଏଠାରେ ସମସ୍ତଙ୍କୁ ଶେଷ କରି ଦେଇଥାନ୍ତି। ଏବେ ନିଜ ନିଜର ଅସ୍ତ୍ର ପରିତ୍ୟାଗ କରି ମୋର ଆଦେଶ ଶୁଣ... ଏହି ଦ୍ୟୁତକ୍ରୀଡା ଥିଲା ମାତ୍ର ଗୋଟିଏ ଖେଳ। ଖେଳ ଶେଷ ହୋଇ ଯାଇଛି। ବର୍ତ୍ତମାନ ମହାରାଜା ଧୃତରାଷ୍ଟ୍ର ନିଜର ଆଦେଶ ଶୁଣାଇବେ ଏବଂ ସେହି ଆଦେଶକୁ ଅମାନ୍ୟ କରିବା ବ୍ୟକ୍ତିର ଶିର ଏଠାରେ ଭୂଲୁଣ୍ଠିତ ହେବ।

ଭୀମଙ୍କର, ଦୁଃଶାସନର ଛାତି ଚିରି ଲହୁ ପାନକରିବା ଭଳି ଭୀଷଣ ପ୍ରତିଜ୍ଞା ଏବଂ ପିତାମହଙ୍କର କ୍ରୋଧ ଦେଖି ଧୃତରାଷ୍ଟ୍ର ବିଚଳିତ ହୋଇ ପଡ଼ିଲେ। ଭବିଷ୍ୟତରେ ରକ୍ତତାଣ୍ଡବର ଚିତ୍ର ସେ ସ୍ପଷ୍ଟ ଅନୁଭବ କରି ପାରୁଥିଲେ। ଶାନ୍ତିସ୍ଥାପନ ଉଦ୍ଦେଶ୍ୟରେ ଧୃତରାଷ୍ଟ୍ର କହିଲେ... ପିତାମହ ଯାହା କହୁଛନ୍ତି ତାହା ସଂପୂର୍ଣ୍ଣ ଠିକ୍। ଏହା ଏକ ଖେଳ ମାତ୍ର ଥିଲା। ପ୍ରିୟ ପାଣ୍ଡୁ ପୁତ୍ରମାନେ ଯାହା ଦ୍ୟୁତରେ ହାରିଛନ୍ତି ସେ ସମସ୍ତ ତାଙ୍କୁ ଫେରାଇ ଦିଆଗଲା। କୁଳବଧୂର ଅପମାନରେ ରାଜସଭା ଅତ୍ୟନ୍ତ ଦୁଃଖିତ ଓ ମ୍ରିୟମାଣ।

ସଭା ସାଙ୍ଗହେଲା। ଉପସ୍ଥିତ ସଭାସଦ୍ ଓ ରାଜନ୍ୟବର୍ଗ ଯେ ଯାହା ବାଟରେ ପ୍ରସ୍ଥାନ କଲେ। ପାଣ୍ଡବମାନଙ୍କୁ କ୍ରୀଡ଼ାରେ ହାରି ଯାଇଥିବା ସମସ୍ତ ପଦାର୍ଥ ଫେରାଇ ଦିଆଗଲା। ଦ୍ରୌପଦୀଙ୍କୁ ପାଖକୁ ଡାକି ଧୃତରାଷ୍ଟ୍ର କୋମଳ କଣ୍ଠରେ ଆଶ୍ୱାସନା ଦେଇ କହିଲେ... ମୋର ପୁତ୍ରମାନେ ଦୁଷ୍ଟ। ସେମାନଙ୍କ ଅପକର୍ମକୁ କ୍ଷମା କରିଦେବ ମା'। ରାଜ ସଭାମଧ୍ୟରେ ତୁମକୁ ଯେଉଁପରି ବ୍ୟବହାର କରାଗଲା ସେଥିପାଇଁ ମୁଁ ଦୁଃଖିତ। ତୁମେ

Source: Author, Digitized by PPRACHIN, SOA

ଆଉ ଯାହା ଚାହିଁବ ପିତା ଭାବରେ ମୁଁ ତୁମକୁ ଦେବାକୁ ପ୍ରସ୍ତୁତ। ଆଉ କ'ଣ ଚାହୁଁଛ ମା' ?

ଯାଜ୍ଞସେନୀ କହିଲେ... ମୋର ଆଉ କିଛି ଆବଶ୍ୟକ ନାହିଁ। ମୋ ସ୍ୱାମୀମାନଙ୍କୁ ଆପଣ ଦାସତ୍ୱରୁ ମୁକ୍ତ କରିଛନ୍ତି ତାହା ହିଁ ଯଥେଷ୍ଟ। ଏଥର ଆମକୁ ଯିବାକୁ ଦିଆଯାଉ।

ପାଣ୍ଡବମାନଙ୍କୁ ସବୁ ଫେରସ୍ତ ଦିଆଗଲା। ସଦଳବଳେ ସେମାନେ ଇନ୍ଦ୍ରପ୍ରସ୍ଥ ଫେରିବା ଆୟୋଜନ କଲେ। ଏହାଦେଖି ମହା କ୍ରୋଧରେ ଦୁର୍ଯ୍ୟୋଧନ, ମାତୁଳ ଶକୁନି ସଖା କର୍ଣ୍ଣ ଏବଂ ଭ୍ରାତା ଦୁଃଶାସନ ସହିତ ଧୃତରାଷ୍ଟ୍ରଙ୍କ ପାଖରେ ପହଞ୍ଚି କହିଲେ... ଏ କଣ ପିତା! ଆପଣ ଆମର ସବୁ ଯୋଜନା ପଣ୍ଡ କରିଦେଲେ! ପାଣ୍ଡବମାନଙ୍କ ଠାରୁ ସବୁ ହରଣ କରି ଆମେ ସେମାନଙ୍କୁ ଦାଣ୍ଡର ଭିକାରି କରି ଦେଇଥିଲୁ, ସେମାନଙ୍କ ବିଷଦାନ୍ତ ଭାଙ୍ଗି ଦେଇଥିଲୁ, ଆପଣ ତାଙ୍କୁ ସବୁ ଫେରସ୍ତ ଦେଇଦେଲେ। ନାଗ ସାପକୁ ଅଧାମରା କରି ଛାଡିଦେଲେ ପରିଣାମ କଣ ହେବ ଜାଣି ପାରୁଛନ୍ତି ତ ପିତାଶ୍ରୀ!! ଆପଣ ସିନା ଦେଖି ପାରୁ ନାହାଁନ୍ତି, କିନ୍ତୁ ଆପଣ କ'ଣ ଶୁଣି ପାରିଲେନି ଭୀମର ପ୍ରତିଜ୍ଞା ? କିପରି ସେ ଛାତି ବାଡ଼େଇ ଶପଥ କରି କହୁଥିଲା ଦୁଃଶାସନର ଛାତି ଚିରି ରକ୍ତପାନ କରିବ ବୋଲି। ଇନ୍ଦ୍ରପ୍ରସ୍ଥ ଫେରାଇଦେଇ ଆପଣ ଆମ ଛାତିରେ ଛୁରୀ ଭୁଷି ଦେଇଛନ୍ତି ପିତାଶ୍ରୀ।

କୁରୁ ସଭା ତଳେ ଆମେ ଦ୍ରୌପଦୀଙ୍କୁ ଯେଉଁ ଅପମାନ ଦେଇଛୁ ତାହା ସେ କଣ ସହଜରେ ଭୁଲିଯିବେ। ଆପଣ ଭୁଲନ୍ତୁ ନାହିଁ ପିତାଶ୍ରୀ ଯେ ସେ ମହାଶକ୍ତି ପାଞ୍ଚାଳର ରାଜକନ୍ୟା। ଏକା ପାଞ୍ଚାଳକୁ ସିନା ଆମେ ଯୁଦ୍ଧରେ ହରାଇଦେବା, ଇନ୍ଦ୍ରପ୍ରସ୍ଥ ସହିତ ମିଳିତ ହୋଇ ସେମାନେ ଆମକୁ ଆକ୍ରମଣ କରି ଆମକୁ ବିନାଶ କରିଦେବେ। ଆପଣ ବୃଦ୍ଧ ପିତାମହଙ୍କର କଥାରେ ପଡି କିଛି ଠିକ୍ କଲେନାହିଁ।

ଧୃତରାଷ୍ଟ୍ର କହିଲେ... ମୁଁ ଏସବୁ ତୁମର ମଙ୍ଗଳ ପାଇଁ କରିଛି ପୁତ୍ର; ବଂଶକୁ ଧ୍ୱଂସରୁ ରକ୍ଷା କରିବାପାଇଁ କରିଛି। ତୁମର ଏହି ଅଭିଯୋଗ ମୋ ମନକୁ ଗଭୀର ଦୁଃଖ ଦେଇଛି। ତା'ହେଲେ କୁହ ମୁଁ କଣ କରିବି ?

ଦୁର୍ଯ୍ୟୋଧନ ଓ ଶକୁନି ଏକ ସମୟରେ କହିଲେ... ଆପଣ ଯୁଧିଷ୍ଠିରଙ୍କୁ ଆଉ ଥରେ ଦ୍ୟୁତକ୍ରୀଡା ପାଇଁ ଆହ୍ୱାନ ଦିଅନ୍ତୁ। କହିବେ ଏଥର ଶାନ୍ତି ପ୍ରତିଷ୍ଠା ପାଇଁ ଏହି ଦ୍ୟୁତ କ୍ରୀଡା ଅନୁଷ୍ଠିତ ହେବ। କଳହ ଏଡ଼ାଇବା ପାଇଁ, ଇନ୍ଦ୍ରପ୍ରସ୍ଥ ସମେତ ଅଖଣ୍ଡ ହସ୍ତିନାରେ ଜଣେ ହିଁ ରାଜତ୍ୱ କରିବ, ଯୁଧିଷ୍ଠିର ଅଥବା ଦୁର୍ଯ୍ୟୋଧନ। ଦ୍ୟୁତରେ ଯେ ପରାସ୍ତ ହେବ ସେ ରାଜପଦ ତ୍ୟାଗକରି ବାରବର୍ଷ ବନବାସ ଏବଂ ଏକବର୍ଷ ଅଜ୍ଞାତବାସରେ ରହିବ। ଅଜ୍ଞାତ ବାସ ଭିତରେ ଧରାପଡିଲେ ଆହୁରି ବାରବର୍ଷ ବନବାସ। ପାଣ୍ଡବମାନଙ୍କୁ ଆମେ

Source: Author, Digitized by PPRACHIN, SOA

ଯୁଦ୍ଧରେ ନୁହେଁ ପଶାଖେଳରେ ଜୟ କରିପାରିବା ପିତାଶ୍ରୀ। ଆପଣ ଯେବେ ପୁତ୍ରମାନଙ୍କର ମଙ୍ଗଳ କାମନା କରନ୍ତି, ଏହାହିଁ କରନ୍ତୁ।

ଅସହାୟ କଣ୍ଠରେ ଧୃତରାଷ୍ଟ୍ର କହିଲେ... ମୁଁ ପାଣ୍ଡବମାନଙ୍କୁ ଆଉଥରେ କିପରି ପଶାଖେଳ ପାଇଁ ଆହ୍ୱାନ କରିବି ? ସେମାନେ ଏତେ ଅପମାନିତ ହୋଇ ଆଉଥରେ କାହିଁକି ବା ଆସିବେ ?

ଦୁର୍ଯ୍ୟୋଧନ କହିଲା... ଆସିବେ ପିତାଶ୍ରୀ, ଆପଣଙ୍କ ପ୍ରତି ଯୁଧିଷ୍ଠିରଙ୍କ ଆନୁଗତ୍ୟ ତାଙ୍କୁ ଏଠାକୁ ଟାଣି ଆଣିବ। ଯୁଧିଷ୍ଠିର ଆପଣଙ୍କ ଆଦେଶକୁ ଅବଜ୍ଞା କରିବେ ନାହିଁ।

ପୁତ୍ରମୋହ ଆବେଶରେ ଅନ୍ଧ ଧୃତରାଷ୍ଟ୍ର ପୁଣି ଥରେ ଯୁଧିଷ୍ଠିରଙ୍କୁ ଦୂତ ଜରିଆରେ ଦ୍ୟୁତ ପାଇଁ ଆହ୍ୱାନ ଦେଲେ। ଯୁଧିଷ୍ଠିର ଇନ୍ଦ୍ରପ୍ରସ୍ଥରେ ପହଞ୍ଚି ନଥିଲେ। ଚାରିଭାଇ ଓ ଦ୍ରୌପଦୀଙ୍କ ବାରଣ ସତ୍ତ୍ୱେ ସେ ପୁଣି ଥରେ ଦ୍ୟୁତକ୍ରୀଡା ପାଇଁ ହସ୍ତିନା ଫେରି ଆସିଲେ। ଲାଗୁଥିଲା ସତେ ଯେମିତି ହାରିଯାଇ ଶାନ୍ତି ପ୍ରତିଷ୍ଠା ପାଇଁ ସେ ଉତ୍ସୁକ।

ଏଥର ଦ୍ୟୁତକ୍ରୀଡାକୁ କୌଣସି ରାଜନ୍ୟ ଅଥବା ମୁରବୀମାନଙ୍କୁ ଡକାଯାଇନଥିଲା। ଗୋଟିଏ ବାଜି ପରେ ଖେଳ ଶେଷ ହୋଇଥିଲା। ଯୁଧିଷ୍ଠିର ହାରିଯାଇ ରାଜ୍ୟ ହସ୍ତାନ୍ତର କରି ବନକୁ ଯିବାପାଇଁ ବାହାରିଲେ। ଭୀମଙ୍କ ଉତ୍ୟକ୍ତ ବ୍ୟବହାର ଦେଖି ଦୁଃଶାସନ ଭୀମଙ୍କୁ 'ଷଣ୍ଢ' ଆଖ୍ୟା ଦେଲେ ଏବଂ ଦୁର୍ଯ୍ୟୋଧନ ସମେତ ଶହେ ଭାଇ ବିଦ୍ରୂପ କଲେ। ଭୀମ ପ୍ରତିଜ୍ଞା କରି କହିଲେ... ଭାବୁଛ କି ଖେଳ ଏତିକିରେ ସରିଗଲା ? ମୁଁ ପ୍ରତିଜ୍ଞା କରୁଛି ତୁମ ଶହେ ଭାଇଙ୍କୁ ମୁଁ ଯୁଦ୍ଧରେ ଏକା ହତ୍ୟା କରିବି; ଅନ୍ୟ କାହାକୁ ସେ ସୁଯୋଗ ଦେବି ନାହିଁ। ଦୁଃଶାସନ ଛାତି ଚିରି ତାର ରକ୍ତ ପାନ କରିବି। ଯେଉଁ ଦକ୍ଷିଣ ଭୁଜରେ ଏ ନରାଧମ ଦ୍ରୌପଦୀଙ୍କ ପବିତ୍ର ଅଙ୍ଗକୁ ସ୍ପର୍ଶ କରିଛି ସେହି ଭୁଜକୁ ଉପାଡି ଆକାଶରେ ଉଡୁଥିବା ଶ୍ୱେନ ପକ୍ଷୀ ମାନଙ୍କର କ୍ଷୁଧା ମେଣ୍ଟାଇବି। ଯାଜ୍ଞସେନୀଙ୍କର ଯେଉଁ କବରୀ ଦୁଃଶାସନର ଘୃଣ୍ୟ ହାତ ଲାଗି ମୁକ୍ତ ରହିଛି, ତାହା ସେ ବିମୁକ୍ତ ରଖିଛନ୍ତି, ଦୁଃଶାସନ ଛାତି ଲହୁରେ ସିକ୍ତ କରି ବନ୍ଧନ କରିବା ପାଇଁ। ତାଙ୍କର ସେ ପ୍ରତିଜ୍ଞା ମୋ ଦ୍ୱାରା ହିଁ ପୂର୍ଣ୍ଣହେବ। ସେ ଦିନ ଆସୁଛିରେ ଦୁଷ୍ଟ, ଅପେକ୍ଷା କର।

ଅର୍ଜୁନ କର୍ଣ୍ଣଙ୍କୁ ସମ୍ବୋଧନ କରି କହିଲେ... ସୂତପୁତ୍ର କର୍ଣ୍ଣ ! ମୋର ମଧ୍ୟ ଶପଥ ଶୁଣି ଥାଅ। ଦ୍ରୌପଦୀଙ୍କୁ ଗଣଭୋଗ୍ୟା କହିବାର ପରିଣାମ ତୁମେ ଭୋଗ କରିବ; ମୁଁ ତୁମକୁ ରଣଭୂମିରେ ହତ୍ୟା କରିବି।

ନକୁଳ କହିଲେ... ଗାନ୍ଧାର କୁଳର କଳଙ୍କ ଶକୁନି ! ମୁଁ ହିଁ ତୁମକୁ ଯୁଦ୍ଧରେ ହତ୍ୟା କରିବି, ଅନ୍ୟ କାହାକୁ ସେ ସୁଯୋଗ ଦେବି ନାହିଁ।

Source: Author, Digitized by PPRACHIN, SOA

ମାମୁଁ ଶକୁନି ତାସଲ୍ୟ କରି କହିଲେ... ହା ହା ହା, ତେର ବର୍ଷ ପର୍ଯ୍ୟନ୍ତ ବଞ୍ଚିରହିଥିଲେ ସିନା ମୋତେ ବିନାଶ କରିବ ପ୍ରିୟ ନକୁଳ। ତା' ବହୁପୂର୍ବରୁ ବଣରେ ତୁମେ ହିଂସ୍ରଯନ୍ତୁମାନଙ୍କର ଶିକାର ହୋଇ ଯାଇଥିବ।

ସହଦେବ କହିଲେ... ଧୂର୍ତ୍ତ ମାତୁଳ ଶକୁନି ! ଦ୍ୟୁତକ୍ରୀଡାରେ ଆମମାନଙ୍କୁ ବିଦ୍ରୂପ କରୁଥିବା ତୁମ ପୁତ୍ର ଉଲୁକର ପ୍ରାଣ ମୋ ହାତରେ ହିଁ ଯିବ।

ଚାରି ପାଣ୍ଡବ ଭାଇଙ୍କର ଏହି ପ୍ରତିଜ୍ଞାର ସ୍ୱାକ୍ଷର ସମୟ ପୃଷ୍ଠାରେ ଦ୍ରୁପଦକନ୍ୟାଙ୍କ ଅପମାନ କାଳିରେ ଲେଖାହୋଇ ରହିଲା। ନାରୀ ପ୍ରତି ଅପମାନର ଭୟାବହ ପରିଣାମ ଦେଖିବାକୁ ବାକି ରହିଲା।

-୦-

(୫୧)

ମହାଭାରତର ମହା ଶିକ୍ଷା

ମହାଭାରତ-କାଳ ପାଞ୍ଚ ହଜାର ବର୍ଷରୁ ଅଧିକ ପୁରାତନ। କିନ୍ତୁ ଆଜିର ସମାଜରେ ମଧ୍ୟ ସେ ସମୟର ଲୋଭ, ମୋହ, ଈର୍ଷା, କ୍ରୋଧ, ଅସୂୟା ବିଜଡ଼ିତ ମନୁଷ୍ୟ ଚରିତ୍ରମାନେ ସମାଜରେ ପୂରି ରହିଛନ୍ତି। ସନ୍ତାନ ମୋହରେ ଅନ୍ଧ ଧୃତରାଷ୍ଟ୍ର ଅଛନ୍ତି ଆଜିର ସମାଜରେ, ଈର୍ଷାରେ ପ୍ରପୀଡ଼ିତ ହୋଇ ନିଜ ଗୋଡ଼ରେ କୁରାଢି ମାରିବା ଦୁର୍ଯ୍ୟୋଧନ ମାନଙ୍କର ମଧ୍ୟ ଅଭାବ ନାହିଁ। ପଥଭ୍ରାନ୍ତ ଉତ୍ତର ଦାୟାଦ ମାନଙ୍କର ଅପକର୍ମକୁ ଦେଖି ନ ଦେଖିଲା ଭଳି କୁରୁ-ବୃଦ୍ଧ ମାନଙ୍କର ଅଭାବ ନାହିଁ ଆଜିକାଲି; ନାରୀର ଅସ୍ମିତା ଓ ଇଜ୍ଜତକୁ ଗଣଧର୍ଷଣ କରିବା ଭଳି ଶକୁନି, ଦୁଃଶାସନ ଓ ଦୁର୍ଯ୍ୟୋଧନ ମାନେ ପୂରି ରହିଛନ୍ତି ଆଜିର ସମାଜରେ।

ସମାଜକୁ ସତ୍ ପଥରେ ପରିଚାଳିତ କରିବାକୁ ଚେଷ୍ଟା କରି ବିଫଳ ହେବା ଭଳି ବିଦୁରମାନେ ମଧ୍ୟ ଅଛନ୍ତି। ଅଧର୍ମ ସହିତ ସାଲିସ୍ କରି ଧର୍ମ କିପରି ଯୁଗେ ଯୁଗେ ବନବାସ ଯାଇଛି ତାର ଉଦାହରଣ ମଧ୍ୟ ଛତ୍ରେ ଛତ୍ରେ ଭରିରହିଛି ଆମ ସମାଜରେ। ଆଜିର ସମାଜରେ ରାଜଶକ୍ତି ସହିତ ସାମିଲ୍ ହୋଇଥିବା ବ୍ୟକ୍ତି ତାର ବିବେକକୁ କିପରି ବନ୍ଧା ପକାଇ ଅନ୍ୟାୟର ବିରୋଧରେ ମୁହଁ ଖୋଲେ ନାହିଁ ତା'ର ଉଦାହରଣ ଦ୍ରୋଣ ଏବଂ କୃପ।

ବନବାସ ପାଇଁ ଯିବା ସମୟରେ ପାଣ୍ଡୁପୁତ୍ରମାନଙ୍କର ମନୋଭାବ କିପରି ଥିଲା,

Source: Author, Digitized by PPRACHIN, SOA

ବିଦୁରଙ୍କଠାରୁ ଜାଣିବାକୁ ଚାହିଁଲେ ଧୃତରାଷ୍ଟ୍ର । ବିଦୁର କହିଲେ... ପାଣ୍ଡୁ ପୁତ୍ରମାନେ ସନ୍ୟାସୀ ବେଶ ଏବଂ ଦ୍ରୌପଦୀ ସନ୍ୟାସିନୀ ବେଶ ଧାରଣ କରି କାମ୍ୟକ ବନ ଅଭିମୁଖେ ଯାତ୍ରା କଲେ । ଯୁଧିଷ୍ଠିରଙ୍କ ମୁଖମଣ୍ଡଳରେ କୌଣସି ଚିନ୍ତା ବା ଆବେଗ ପରିଲକ୍ଷିତ ହେଉନଥିଲା, ଭୀମଙ୍କ ଦୃଷ୍ଟି ନିଜ ବାହୁ ଦ୍ୱୟ ଉପରେ ନିବଦ୍ଧ ଥିଲା, ଅର୍ଜୁନଙ୍କ ମୁଖମଣ୍ଡଳରେ ଏକ ଆତ୍ମ-ଧିକ୍କାର ଭାବ ପରିସ୍ଫୁଟ ହେଉଥିଲା । ବିମୁକ୍ତକେଶା ଦ୍ରୌପଦୀଙ୍କ କେଶରାଶି ତାଙ୍କ ମୁଖମଣ୍ଡଳକୁ ଆବୃତ୍ତ କରି ରଖିଥିଲା ଏବଂ ତାଙ୍କ ଆଖିରୁ ଲୁହ ଝରି ଯାଉଥିଲା । ପାଣ୍ଡବମାନଙ୍କ ସହିତ ଋଷି ଧୌମ୍ୟ ସାମବେଦ ମନ୍ତ୍ର ଉଚ୍ଚାରଣ କରି ଯାଉଥିଲେ ।

ଏହା ଶୁଣିବା ପରେ ଧୃତରାଷ୍ଟ୍ରଙ୍କ ମନ ଆଶଙ୍କାରେ ଭରିଗଲା ଏବଂ ସେ ପଚାରିଲେ... ପ୍ରଜାମାନଙ୍କର ପ୍ରତିକ୍ରିୟା କଣ ବିଦୁର ?

ବିଦୁର କହିଲେ ମୁଁ ଆପଣଙ୍କୁ ସର୍ବଦା ସତ୍ୟ କଥା କହେ,ସତ୍ୟ ଶୁଣିବାକୁ ଧୈର୍ଯ୍ୟ ରହିବା ଆବଶ୍ୟକ; ଶୁଣନ୍ତୁ...

ପାଣ୍ଡବମାନେ ରାଜ୍ୟ ଓ ରାଜସଂପଦ ତ୍ୟାଗ କରି ଯେତେବେଳେ ଅରଣ୍ୟ ଯାତ୍ରାରେ ବାହାରିଲେ, ହସ୍ତିନାରେ ଘରେ ଘରେ ଶୋକରେ ଛାୟା ଖେଳିଗଲା । ସେମାନେ ପ୍ରଜା ମାନଙ୍କର ଅତି ପ୍ରିୟ ଥିଲେ । ପଣ୍ଡୁଙ୍କ ରାଜତ୍ୱ ସମୟରେ ଏବଂ ଯୁଧିଷ୍ଠିରଙ୍କ ଯୁବରାଜତ୍ୱ ସମୟରେ ପ୍ରଜାମାନେ ଉପଯୁକ୍ତ ନ୍ୟାୟ ଓ ସମ୍ମାନ ପାଇ ଆନନ୍ଦିତ ଥିଲେ । ପ୍ରାସାଦରେ ପ୍ରତିପାଳିତ ଇନ୍ଦ୍ରପ୍ରସ୍ଥର ରାଜା ଓ କୁମାର ମାନଙ୍କୁ ବନବାସୀ ବେଶରେ ଅରଣ୍ୟକୁ ଯାଉଥିବା ଦେଖି ପ୍ରଜାମାନଙ୍କ ଆଖିରୁ ଲୁହଧାର ବହିଯାଉଥିଲା । ସମସ୍ତେ ଜାଣିଥିଲେ କିପରି ଅନ୍ୟାୟରେ ସେମାନଙ୍କ ରାଜ୍ୟ ହରଣ କରାଯାଇଛି ଏବଂ କିପରି ପୂର୍ଣ୍ଣ ରାଜସଭାରେ ଯାଜ୍ଞସେନୀଙ୍କୁ ନିବସ୍ତ୍ର କରିବାକୁ ଚେଷ୍ଟା କରିଛନ୍ତି କୁରୁ ରାଜପୁତ୍ରମାନେ । ଦୀର୍ଘ ନିଃଶ୍ୱାସ ପକାଇ ଅନେକେ ଈଶ୍ୱରଙ୍କୁ ଡାକି କହୁଥିଲେ... ଆହା ! ସତରେ କଣ ଭଗବାନ ନାହାଁନ୍ତି ? ଧର୍ମାତ୍ମାମାନେ ନିଜ ଜନ୍ମଭୂମି ଛାଡି ଅରଣ୍ୟକୁ ଯାଉଛନ୍ତି ଅଥଚ ପାଷଣ୍ଡମାନେ ? ରାଜପ୍ରାସାଦରେ ଜୀବନକୁ ଉପଭୋଗ କରୁଛନ୍ତି । ଅନେକେ କର୍ଣ୍ଣ, ଶକୁନି ଏବଂ ଅଶ୍ୱତ୍ଥାମା ଭଳି ପରାଙ୍ଗପୁଷ୍ଟ ମଳାଙ୍କ/ନିର୍ମୂଳୀମାନଙ୍କ କାର୍ଯ୍ୟକଳାପର ସମାଲୋଚନା କରୁଥିବା ବେଳେ ଅନ୍ୟ କେତେକ କୁରୁବୃଦ୍ଧ ଭୀଷ୍ମ ଏବଂ ଆଚାର ଶ୍ରେଷ୍ଠ ଦ୍ରୋଣ ତଥା କୃପଙ୍କ ନିରବତା ଉପରେ ପ୍ରଶ୍ନଚିହ୍ନ ଲଗାଇ ଧିକ୍କାର କରୁଥିଲେ ।

ଅଧିକାଂଶ ପ୍ରଜା କହୁଥିଲେ... ଆମର ପ୍ରକୃତ ନାୟକ ଓ ପଥପ୍ରଦଶକର୍ମାନେ ଆମକୁ ଛାଡି ଚାଲିଗଲେ । କୁରୁ ବଂଶର ମୁରବିମାନଙ୍କୁ ଶତଧିକ୍ ।

ପ୍ରଜା-ଶକ୍ତିକୁ କେହି କେବେ ଅବହେଳା କରିନପାରେ । ପ୍ରଜାଙ୍କର ଏପରି ପ୍ରତିକ୍ରିୟା

Source: Author, Digitized by PPRACHIN, SOA

ଶୁଣିବାପରେ ଧୃତରାଷ୍ଟ୍ରଙ୍କ ମନ ଦୁଃଖରେ ଭାରାକ୍ରାନ୍ତ ହୋଇଗଲା। ଧୃତରାଷ୍ଟ୍ର ଏବଂ ବିଦୁରଙ୍କର ଏହିପରି କଥୋପକଥନ ସମୟରେ ମନଯାନରେ ଶୂନ୍ୟରୁ ନାରଦମୁନି ଅକସ୍ମାତ ସେଠାରେ ଆବିର୍ଭୂତ ହେଲେ ଏବଂ ଭବିଷ୍ୟବାଣୀ କରି କହିଲେ... ଆଜିଠାରୁ ଚତୁର୍ଦ୍ଦଶ ବର୍ଷରେ କୌରବମାନଙ୍କର ବଂଶ ନିଃଶେଷ ହୋଇଯିବ ଏବଂ ଏହା ଦୁର୍ଯ୍ୟୋଧନର ଅପକର୍ମ କାରଣରୁ ଘଟିବ।

ନାରଦ ଯେଉଁପରି ଆସିଥିଲେ ସେହିପରି ଅନ୍ତର୍ଦ୍ଧାନ ହୋଇ ଗଲେ। ତାଙ୍କ ଭବିଷ୍ୟବାଣୀ ଶୁଣିବାପରେ ଧୃତରାଷ୍ଟ୍ରଙ୍କୁ ଚିନ୍ତା ମାଡିବସିଲା। ଦୁର୍ଯ୍ୟୋଧନ ଏବଂ ତାଙ୍କର ଅପକର୍ମର ସାଥିମାନେ ମଧ୍ୟ ବିବ୍ରତ ଓ ଭୟଭୀତ ହୋଇପଡିଲେ। ଦୁର୍ଯ୍ୟୋଧନ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପାଖକୁ ଯାଇ ତାଙ୍କୁ ଅନୁରୋଧ କଲେ... ପରିସ୍ଥିତି ଯାହା ହେଉନା କାହିଁକି, ଆପଣ କୌରବଙ୍କୁ କଦାପି ଛାଡି ଚାଲିଯିବେ ନାହିଁ। ଦ୍ରୋଣ କହିଲେ... ପ୍ରିୟ ଦୁର୍ଯ୍ୟୋଧନ ! କୁରୁବଂଶର ଅନ୍ନରେ ମୁଁ ପ୍ରତିପାଳିତ। ତେଣୁ ତୁମ ସହିତ ରହିବା ପାଇଁ ମୋର ବିବଶତା ମୋତେ ବାଧ୍ୟ କରିବ, କିନ୍ତୁ ପାଣ୍ଡବମାନଙ୍କ ପ୍ରତି ଯେଉଁ ଅନ୍ୟାୟ ହୋଇଛି ସେମାନେ ନିଶ୍ଚୟ ତାର ପ୍ରତିଶୋଧ ନେବାପାଇଁ ଫେରିବେ। ସେମାନେ ତୁମ୍ଭମାନଙ୍କଠାରୁ ନିଶ୍ଚିତ ଭାବରେ ପରାକ୍ରମୀ। ବ୍ୟାସଦେବ ଏବଂ ନାରଦଙ୍କ ଭଳି ବିଜ୍ଞ ବ୍ୟକ୍ତିମାନଙ୍କ କଥାକୁ ହେୟଜ୍ଞାନ କରନାହିଁ। ବର୍ତ୍ତମାନ ଠାରୁ ଧର୍ମପଥରେ ଯାଅ। ପାଣ୍ଡବମାନଙ୍କ ସହିତ ଉତ୍ତମ ବ୍ୟବହାର କଲେ ପ୍ରଳୟଙ୍କରୀ ଯୁଦ୍ଧକୁ ଏଡାଇ ପାରିବ। ମୋ କହିବା କଥା ମୁଁ କହିଦେଲି, କରିବା ନକରିବା ତୁମ ଉପରେ ନିର୍ଭର କରେ।

ଦ୍ରୋଣାଚାର୍ଯ୍ୟଙ୍କ ଉପଦେଶ ଦୁର୍ଯ୍ୟୋଧନକୁ ପସନ୍ଦ ଲାଗିଲା ନାହିଁ, ଅପ୍ରିୟ ସତ୍ୟ ଶୁଣିବାକୁ କୁଣ୍ଠାବୋଧ କରୁଥିବା ବ୍ୟକ୍ତି ନିଜର ଭୁଲ ସୁଧାରି ପାରେନାହିଁ।

ଦିନେ ଦୁଃଖରେ ମ୍ରିୟମାଣ ହୋଇ ବସିଥିବା ଧୃତରାଷ୍ଟ୍ରଙ୍କୁ ସଞ୍ଜୟ ପଚାରିଲେ... ଆପଣ ଏତେ ଦୁଃଖିତ କାହିଁକି ମହାରାଜ? ଧୃତରାଷ୍ଟ୍ର କହିଲେ... ପାଣ୍ଡବମାନଙ୍କ ପ୍ରତି ଏତେ ଅନ୍ୟାୟ କରି ଦୁଃଖିତ କିପରି ହେବି ନାହିଁ ସଞ୍ଜୟ? ମୋର ଦୁଷ୍ଟ ପୁତ୍ରମାନଙ୍କ କଥାରେ ପଡି ମୁଁ ନ୍ୟାୟ ପଥ ପରିତ୍ୟାଗ କଲି; ଏବେ ଧ୍ୱଂସ ଆଡକୁ ମୋ ବଂଶର ଗତି।

ସଞ୍ଜୟ କହିଲେ... ଠିକ୍ କଥା ମହାରାଜ ଆପଣଙ୍କ ପୁତ୍ରମାନେ ପାଞ୍ଚାଳୀଙ୍କ ପ୍ରତି ଘୋର ଅନ୍ୟାୟ କରିଛନ୍ତି ତେଣୁ ଧ୍ୱଂସ ପଥରେ ମାଡି ଚାଲିଛନ୍ତି। ଯେବେ ବଂଶ ରକ୍ଷା ପାଇଁ ଚାହୁଁଛନ୍ତି, ତାହେଲେ ସେମାନଙ୍କୁ ସତ୍ ପଥରେ ଯିବାପାଇଁ ଆପଣ ପ୍ରବର୍ତ୍ତାନ୍ତୁ ମହାରାଜ୍।

ବିଦୁର ମଧ୍ୟ ସବୁବେଳେ ଧୃତରାଷ୍ଟ୍ରଙ୍କୁ କହୁଥିଲେ... ଆପଣ ପୁତ୍ରମାନଙ୍କୁ ସତ୍

Source: Author, Digitized by PPRACHIN, SOA

ପଥରେ ନେବାପାଇଁ ପ୍ରଚେଷ୍ଟା କରନ୍ତୁ ମହାରାଜ। କୁରୁବଂଶକୁ ରକ୍ଷା କରିବାକୁ ହେଲେ ଯୁଧିଷ୍ଠିରଙ୍କୁ ଅରଣ୍ୟରୁ ଫେରାଇ ଆଣନ୍ତୁ, ସେମାନଙ୍କୁ ନିଜ ରାଜ୍ୟ ଫେରାଇ ଦିଅନ୍ତୁ, ନଚେତ୍ ଧ୍ୱଂସ ଅବଶ୍ୟମ୍ଭାବୀ।

ପୁତ୍ରମୋହ ଏବଂ ସେମାନଙ୍କ ଦୁଷ୍ଟ ପ୍ରକୃତି ଯୋଗୁଁ ସେମାନଙ୍କୁ କିଛି କହିପାରୁ ନଥିଲେ ଅନ୍ଧରାଜା, ଏଣେ ବିଦୁରଙ୍କ କଥା ବିଷ ଭଳି ଲାଗୁଥିଲା। ଦିନେ ବିରକ୍ତ ହୋଇ ବିଦୁରଙ୍କୁ ଧୃତରାଷ୍ଟ୍ର କହିଲେ... ତୁମେ ସର୍ବଦା ପାଣ୍ଡବମାନଙ୍କ ସପକ୍ଷରେ ଏବଂ ମୋ ପୁତ୍ରମାନଙ୍କ ବିପକ୍ଷରେ କହୁଛ ବିଦୁର ! ସେମାନେ ମୋର ପୁତ୍ର, ସେମାନଙ୍କୁ କିପରି ମୁଁ ଛାଡିଦେବି ? ମୋର ଏଭଳି ଉପଦେଷ୍ଟା ଆବଶ୍ୟକ ନାହିଁ। ତୁମେ ମୋତେ ଛାଡି ପାଣ୍ଡବଙ୍କ ପାଖକୁ ଚାଲିଯାଅ। ଏହା କହି ବିଦୁରଙ୍କ ଆଡୁ ମୁହଁ ବୁଲାଇ ଚାଲିଗଲେ ଧୃତରାଷ୍ଟ୍ର।

ବିଦୁର ଗଭୀର ହୃଦୟରେ ଧୃତରାଷ୍ଟ୍ରଙ୍କୁ ଛାଡି ପାଣ୍ଡବଙ୍କ ପାଖକୁ ଚାଲିଗଲେ । କିନ୍ତୁ ବିଦୁରଙ୍କୁ ହରାଇ ବଡ଼ ବ୍ୟତିବ୍ୟସ୍ତ ହୋଇ ପଡିଲେ ଧୃତରାଷ୍ଟ୍ର। ସେ ହୃଦୟଙ୍ଗମ କଲେ ବିଦୁରଙ୍କ ଭଳି ବୁଦ୍ଧିମାନ ବ୍ୟକ୍ତି ପାଣ୍ଡବମାନଙ୍କ ପାଖକୁ ଚାଲିଗଲେ କୁରୁବଂଶର ପ୍ରଭୂତ କ୍ଷତି ହେବ। ସେଥିପାଇଁ ସଞ୍ଜୟଙ୍କ ମାଧ୍ୟମରେ ବିଦୁରଙ୍କ ପାଖରେ କ୍ଷମା ପ୍ରାର୍ଥନା କରି ତାଙ୍କୁ ନିଜପାଖରେ ମନ୍ତ୍ରୀ ଭାବରେ ପୁନଃ ନିଯୁକ୍ତି ଦେଲେ ଧୃତରାଷ୍ଟ୍ର। ଦୁହିଁଙ୍କ ଭିତରେ ଥିବା ମନୋମାଳିନ୍ୟ ଦୂରେଇ ଗଲା।

ଥରେ ମହର୍ଷି ମୈତ୍ରେୟ କୁରୁ ରାଜ ଦରବାରକୁ ଆସିଥିଲେ। ଧୃତରାଷ୍ଟ୍ର ତାଙ୍କ ପାଦବନ୍ଦନା କରି ଆଶୀର୍ବାଦ ଭିକ୍ଷା କରିବାପରେ ପଚାରିଲେ... ମହାମୁନି ! ଆପଣ ନିଶ୍ଚିତ ଭାବରେ ମୋ ପ୍ରିୟ ପଣ୍ଡୁପୁତ୍ର ମାନଙ୍କୁ ଭେଟିଥିବେ। ଯୁଧିଷ୍ଠିର କଣ କହୁଛନ୍ତି ? ଆମ୍ଭ ପରିବାରରେ କଣ ସୌହାର୍ଦ୍ଦ୍ୟ ଫେରି ଆସିବ ନାହିଁ ମହର୍ଷି ?

ମୈତ୍ରେୟ ଧୃତରାଷ୍ଟ୍ରଙ୍କୁ କହିଲେ... ହଁ ମୁଁ କାମ୍ୟକ ବନରେ ଯୁଧିଷ୍ଠିରଙ୍କୁ ଏକଦା ଭେଟିଥିଲି। ମୁନିଋଷିଙ୍କ ଗହଣରେ ସେ ଆନନ୍ଦରେ କାଳାତିପାତ କରୁଛନ୍ତି। ତୁମ୍ଭ ପୁତ୍ରମାନେ ଦ୍ରୌପଦୀଙ୍କ ପ୍ରତି ଯେଉଁ ଅନ୍ୟାୟ କରିଛନ୍ତି ତାହା ଧର୍ମର ପରିପନ୍ଥୀ।

ତା'ପରେ ସେଠାରେ ଉପସ୍ଥିତ ଥିବା ଦୁର୍ଯ୍ୟୋଧନକୁ ଚାହିଁ ମୈତ୍ରେୟ କହିଲେ... ପାଣ୍ଡବମାନଙ୍କ ସହିତ ଶାନ୍ତି ସ୍ଥାପନ କର, ତା'ଦ୍ୱାରା କୁଳନାଶ ହେବନାହିଁ।

ଏହାଶୁଣି ଦୁର୍ଯ୍ୟୋଧନ କିଛି ନକହି ଅବଜ୍ଞାରେ ଅଟ୍ଟହାସ କରି ନିଜର ଜାନୁକୁ ହାତରେ ପିଟିବାକୁ ଲାଗିଲା। ଏହାଦ୍ୱାରା ମୈତ୍ରେୟ ଘୋର ଅପମାନିତ ମନେ କଲେ। ଦୁର୍ଯ୍ୟୋଧନକୁ ଅଭିଶାପ ଦେଇ କହିଲେ... ଅବିନୟୀ ଉଦ୍ଧତ ଦୁର୍ଯ୍ୟୋଧନ, ଯୁଦ୍ଧରେ ତୁମର ଜାନୁ ଭଗ୍ନ ହୋଇ ମୃତ୍ୟୁ ଘଟିବ।

Source: Author, Digitized by PPRACHIN, SOA

ଏହି ଅଭିଶାପ ଶୁଣି ଧୃତରାଷ୍ଟ୍ର ମୁନିଙ୍କ ପାଦତଳେ ପଡ଼ିଯାଇ ପୁତ୍ର ପାଇଁ କ୍ଷମା ପ୍ରାର୍ଥନା କଲେ। ମୈତ୍ରେୟ କହିଲେ... ତୁମ ଅବିନୟୀ ଉଦ୍ଧତ ପୁତ୍ର ଯେବେ ଯୁଧିଷ୍ଠିରଙ୍କ ସହିତ ଶାନ୍ତିସ୍ଥାପନ କରିବ ତାହେଲେ ଜାନୁଭଗ୍ନ ସମ୍ଭାବନାକୁ ଅତିକ୍ରମ କରି ପାରିବ।

ରାବଣ ଭଳି ଯେଉଁମାନେ ନିଜର ଅପକର୍ମକୁ ଜୀବନର ଧର୍ମ ବୋଲି ଧରିନେଇ ଗୁରୁଜନମାନଙ୍କ ଉପଦେଶ ଓ ସତର୍କ ବାଣୀକୁ ଅବଜ୍ଞା ଓ ହେୟଜ୍ଞାନ କରନ୍ତି ସେମାନଙ୍କର ପରିଣତି ଭୟାବହ ହୁଏ। ଯେଉଁ ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କ ଅଲୌକିକତା ଦୁଇ ଦୁଇ ଥର ଦର୍ଶନ କରି, ବିଦୁର, ନାରଦ, ମୈତ୍ରେୟ, ଦ୍ରୋଣ ଆଦି ମହାଜନମାନଙ୍କ ଉପଦେଶକୁ ଅବଜ୍ଞା କରେ ତାର ଜୀବନ ଯୁଦ୍ଧରେ ଭୟାବହ ପରିଣତି ହୁଏ।

-୦-

(୫୨)

ଶ୍ରୀକୃଷ୍ଣଙ୍କ ପ୍ରତିଜ୍ଞା

ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ଯୋଗ ଦେବାପାଇଁ ଯେତେବେଳେ କୃଷ୍ଣ ବଳରାମ ଓ ବସୁଦେବ ଇନ୍ଦ୍ରପ୍ରସ୍ଥରେ ଉପସ୍ଥିତ ଥିଲେ, ସେତେବେଳେ ଦ୍ୱାରକାରେ ଏକ ଅଘଟଣ ଘଟିଗଲା। ସୌଭ-ରାଜ ଶାଲ୍ୱ, ନିଜର ଅତି ଅନ୍ତରଙ୍ଗ ବନ୍ଧୁ ଶିଶୁପାଳର କୃଷ୍ଣଙ୍କ ହାତରେ ମୃତ୍ୟୁ ଘଟିଥିବା ସମ୍ବାଦ ପାଇ କ୍ରୋଧରେ ଜ୍ଞାନ ଶୂନ୍ୟ ହୋଇ ପଡ଼ିଲା। ଆଗରୁ ପ୍ରିୟ ମିତ୍ର ଜରାସନ୍ଧର ମୃତ୍ୟୁ ସମ୍ବାଦ ତାକୁ ବ୍ୟଥିତ କରିଥିଲା। କୃଷ୍ଣଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦ୍ୱାରକା ଅଧିକାର କରିବା ଉଦ୍ଦେଶ୍ୟରେ ସେ ବିଶାଳ ସୈନ୍ୟବାହିନୀ ନେଇ ଦ୍ୱାରକା ଆକ୍ରମଣ କରିଦେଲା।

ସେ ସମୟରେ ଦ୍ୱାରକାର ରକ୍ଷା ଦାୟିତ୍ୱ ବୃଦ୍ଧ ରାଜା ଉଗ୍ରସେନଙ୍କ ଉପରେ ନ୍ୟସ୍ତ। ସଙ୍ଗେ ସଙ୍ଗେ ଦ୍ୱାରକାବାସୀଙ୍କୁ ସେ ସତର୍କ କରିଦେଲେ। ଦ୍ୱାରକା ଜଳ ପରିବେଷ୍ଟିତ ଏକ ଦୁର୍ଭେଦ୍ୟ ଦୁର୍ଗ ଭଳି ଥିଲା। ଶ୍ରୀକୃଷ୍ଣଙ୍କ ଦୂରଦୃଷ୍ଟି ଯୋଗୁଁ ଯଥେଷ୍ଟ ଖାଦ୍ୟ ଏବଂ ଅସ୍ତ୍ରଶସ୍ତ୍ର ରହିଥିଲା ନଗରବାସୀ ଓ ସୈନ୍ୟ ସାମନ୍ତଙ୍କ ପାଇଁ। ଶାଲ୍ୱ-ବାହିନୀର ଆକ୍ରମଣ ସମ୍ବାଦ ପାଇ ଉଗ୍ରସେନ ନଗରବାସୀଙ୍କ ପାଇଁ ଆଦେଶ ଜାରି କରିଦେଲେ ଯେ ଶତ୍ରୁ ଆକ୍ରମଣ ଅବଧିରେ ମଉଜ-ମଜଲିସ ଏବଂ ସୁରାପାନ ସଂପୂର୍ଣ୍ଣ ରୂପେ ବର୍ଜିତ ରହିବ; ପୋତାଶ୍ରୟକୁ ବାହାରୁ କୌଣସି ଯାହାଜ ଯାତାୟାତ ପାଇଁ ଅନୁମତି ଦିଆ ଯିବ ନାହିଁ ଏବଂ ବାହାର ଜଗତକୁ

Source: Author, Digitized by PPRACHIN, SOA

ସଂଯୋଗ କରୁଥିବା ସମସ୍ତ ସେତୁ ଗୁଡିକ ଭାଙ୍ଗି ଦିଆଯିବ; ରାଜାଙ୍କ ଆଦେଶ ସଙ୍ଗେ ସଙ୍ଗେ ପାଳନ କରାଗଲା।

ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନଙ୍କ ଅଧ୍ୟକ୍ଷତାରେ ଅନେକ ଯାଦବ ବୀର ଅଦମ୍ୟ ସାହସିକତା ସହିତ ଦୁର୍ଗ ରକ୍ଷା କାମରେ ଜୀବନକୁ ପାଣି ଛଡାଇ ଲାଗିଯାଇଥିଲେ। ତଥାପି ଶ୍ରୀକୃଷ୍ଣ, ଆକ୍ରମଣ ସମ୍ବାଦ ପାଇ ପହଞ୍ଚିଲା ବେଳକୁ ଶାଲ୍ୱ, ଦ୍ୱାରକାକୁ ଆକ୍ରମଣ କରି ପ୍ରଭୂତ କ୍ଷତି ଘଟାଇସାରିଥିଲା। ଶ୍ରୀକୃଷ୍ଣ ଦ୍ୱାରକାର ଦୁରାବସ୍ଥା ଦେଖି ଅତ୍ୟନ୍ତ ବ୍ୟଥିତ ହେଲେ। ଶ୍ରୀକୃଷ୍ଣଙ୍କ ଅଧିନାୟକତ୍ୱରେ ଶାଲ୍ୱବାହିନୀ ଉପରେ ହେଲା ପ୍ରବଳ ପାଲଟା ଆକ୍ରମଣ ଏବଂ ଶତ୍ରୁବାହିନୀ ପରାସ୍ତହୋଇ ପଳାୟନ କଲେ।

ଏହି ଯୁଦ୍ଧ ଶେଷ ହେବା ପରେ ହିଁ ଶ୍ରୀକୃଷ୍ଣ, ପାଣ୍ଡବମାନଙ୍କ ଉପରେ ହସ୍ତିନାରେ ବହି ଯାଇଥିବା ଝଡ଼ ବିଷୟରେ ଚିନ୍ତା କରିବାର ଅବକାଶ ପାଇଲେ ଏବଂ ସଙ୍ଗେସଙ୍ଗେ କାମ୍ୟକ ବନରେ ଥିବା ପାଣ୍ଡୁ-ପରିବାର ସହିତ ସାକ୍ଷାତ କରିବା ପାଇଁ ବାହାରିଲେ। କୃଷ୍ଣଙ୍କ ସହିତ ଅନେକ ବୃଷ୍ଣିବଂଶୀ ଏବଂ ଭୋଜବଂଶୀ ଯାଦବବୀର ପାଣ୍ଡବମାନଙ୍କୁ ସାକ୍ଷାତ କରିବା ପାଇଁ ବାହାରିଲେ। ସେମାନେ ସମସ୍ତେ ପାଣ୍ଡବମାନଙ୍କ ସମର୍ଥକ ଥିଲେ। ତତ୍‌ବ୍ୟତୀତ ଚେଦିରାଜ ଧୃଷ୍ଟକେତୁ ଏବଂ ପାଣ୍ଡବ ସମର୍ଥକ କେକୟର ରାଜା ମଧ୍ୟ ଶ୍ରୀକୃଷ୍ଣଙ୍କ ସହିତ ବାହାରିଲେ ପାଣ୍ଡବମାନଙ୍କ ସହିତ ସାକ୍ଷତକରି ସଂଖୋଳିବା ପାଇଁ।

ପାଣ୍ଡବ ଭାଇଙ୍କଠାରୁ ଦୁର୍ଯ୍ୟୋଧନର ଘୃଣ୍ୟ କାର୍ଯ୍ୟକଳାପ ବିଷୟରେ ଶୁଣିବାପରେ ଆଗନ୍ତୁକମାନେ ଭୟଙ୍କର କ୍ରୋଧରେ ଦୁର୍ଯ୍ୟୋଧନକୁ ତିରସ୍କାର କରି ମତ ବ୍ୟକ୍ତକଲେ... ଏହି ମହାପାପର ଅନ୍ତ ହେବାପାଇଁ ବେଶିଦିନ ନାହିଁ; ନିଶ୍ଚିତ ଭାବରେ ଅଳ୍ପଦିନରେ ଏହି ପାପାତ୍ମାମାନଙ୍କର ବିନାଶହେବ।

ଦ୍ରୌପଦୀ କୃଷ୍ଣଙ୍କ ନିକଟକୁ ଆସି ଅଶ୍ରୁପୂର୍ଣ୍ଣ ନେତ୍ରରେ ଶୋକାକୁଳ କଣ୍ଠରେ କହିଲେ... ମୋତେ ଏପରି ରକ୍ତପିପାଶୁ ଦାନବଙ୍କ ରାଜ୍ୟରେ ଛାଡିଦେଇ ତୁମେ କୁଆଡେ ଚାଲିଗଲ କେଶବ ? ରଜସ୍ୱଳା ହୋଇ ମୁଁ ଯେତେବେଳେ ଏକବସ୍ତ୍ର ହୋଇ ଘର କୋଣରେ ବସିଥିଲି ପାପାତ୍ମା ଦୁଃଶାସନ ମୋର କେଶ ଝିଙ୍କି କୁରୁ ସଭା ଭିତରେ ନେଇ ଠିଆ କରାଇଲା; ମୋର କାକୁତି ମିନତି କେହି ଶୁଣିଲେ ନାହିଁ କେଶବ। ଧୃତରାଷ୍ଟ୍ରଙ୍କ ଶହେ ପୁତ୍ର, ପାପାତ୍ମା କର୍ଣ୍ଣ, ଶକୁନି ଆଦି ଦୁର୍ଯ୍ୟୋଧନର ସମସ୍ତ ସମର୍ଥକ ମୋ ସହିତ ଏପରି ବ୍ୟବହାର କଲେ ସତେ ଯେପରି ମୁଁ ଗୋଟାଏ ବେଶ୍ୟା।

ମୋତେ ଅପମାନିତ କରି ମୋ ଯନ୍ତ୍ରଣାକୁ ସେମାନେ ଉପଭୋଗ କରୁଥିଲେ କେଶବ। କ୍ରୀତଦାସୀ ବୋଲି କହି ମୋର ନାରୀତ୍ୱକୁ ଯେପରି ବିଦ୍ରୂପ କରୁଥିଲେ କୌଣସି

Source: Author, Digitized by PPRACHIN, SOA

ସଭ୍ୟ ସମାଜରେ ଏପରି କରାଯାଏନାହିଁ ମାଧବ ! ଏପରିକି ଭୀଷ୍ମ ଏବଂ ଧୃତରାଷ୍ଟ୍ର ଭୁଲିଗଲେ ଯେ ମୁଁ ପାଞ୍ଚାଳ ରାଜକନ୍ୟା ଏବଂ ମୋର ରାଜୋଚିତ ବ୍ୟବହାର ପ୍ରାପ୍ୟ।ହେ ଜନାର୍ଦ୍ଦନ ! ମୋ ନିଜ ସ୍ୱାମୀମାନେ ମଧ୍ୟ ସେହି ଦୁଷ୍ଟ ନରାଧମ ମାନଙ୍କର ମୋ ପ୍ରତି ଲାଞ୍ଛନା, ବିଦ୍ରୂପ ଓ ଅପମାନ ମୁହଁ ପୋତି ସହ୍ୟ କରୁଥିଲେ। କେଶବ ! ଏମାନେ ପରା ମୋର ସ୍ୱାମୀ ? ମୋର ଲଜ୍ଜା, ମାନ ସମ୍ମାନ ରକ୍ଷା କରିବା ଏମାନଙ୍କର କର୍ତ୍ତବ୍ୟ। ସ୍ୱାମୀଧର୍ମ ପାଳନଠାରୁ ପଶାଖେଳର ଧର୍ମ ପାଳନ ଏମାନଙ୍କ ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ ହୋଇଗଲା ! ! ପାଣ୍ଡବମାନେ ପରା ବିଶ୍ୱବିଜୟୀ ବୀର ଭାବରେ ପରିଚିତ, ଅର୍ଜୁନଙ୍କ ହାତରେ ଗାଣ୍ଡିବ ଧନୁ ଥାଇ କି ଲାଭ; ଭୀମଙ୍କ ବାଉନଭାର ଗଦାର କଣ ପ୍ରୟୋଜନ କେଶବ !! ଏମାନଙ୍କ ପତ୍ନୀକୁ ପୂର୍ଣ୍ଣ ରାଜଦରବାରକୁ କେଶଧରି ଝିଙ୍କିନେଇ ଉଲଗ୍ନ କରିବାକୁ ଚେଷ୍ଟା କରୁଥିବା ଦୁଃଶାସନ ଯଦି ଆଜି ଜୀବିତ ରହିଛି, ତା ହେଲେ ଧିକ୍ ସେ ଅର୍ଜୁନଙ୍କ ଗାଣ୍ଡିବ ଧନୁକୁ, ଶତଧିକ୍ ଭୀମସେନଙ୍କ ବାଉନ-ଭାର ଗଦାକୁ।

ନିଜକୁ ସମ୍ଭାଳି ପାରୁନଥିଲେ ପାଞ୍ଚାଳୀ, ଛାତିରେ ଉଠୁଥିଲା କୋହ,ଧାର ଧାର ଲୁହ ବହି ଯାଉଥିଲା। ନିଜକୁ ପ୍ରକୃତିସ୍ଥ କରିବାକୁ ଚେଷ୍ଟା କରି ପାରୁନଥିଲେ ଦ୍ରୌପଦୀ; ଦେହ ଏବଂ ଛାତି ଥରୁଥିଲା।

ଯାଜ୍ଞସେନୀଙ୍କୁ ଏଭଳି ଦୁଃଖରେ ବ୍ୟଥିତ ହୋଇ ବିଳାପ କରିବା ଦେଖି କୃଷ୍ଣଙ୍କ ହୃଦୟ ବିଗଳିତ ହୋଇଗଲା। ଶାନ୍ତ୍ୱନା ଦେଇ କହିଲେ... ଅଧୈର୍ଯ୍ୟ ହୁଅନାହିଁ କଲ୍ୟାଣୀ ! ଧର୍ମର ଗ୍ଲାନି କରିଥିବା ସେହି ପାପାତ୍ମାମାନଙ୍କର ବିନାଶ ନିଶ୍ଚିତ। ସେଥିପାଇଁ ପାଣ୍ଡବମାନଙ୍କୁ ସବୁପ୍ରକାର ସାହାଯ୍ୟ ମୁଁ କରିବି। ତୁମର ଶତ୍ରୁମାନଙ୍କର ଅନ୍ତହେବ ଏବଂ ତୁମେ ପୁନର୍ବାର ହସ୍ତିନାର ରାଣୀ ହେବ ଯାଜ୍ଞସେନୀ। ମୁଁ ତୁମକୁ ଆଜି କଥା ଦେଉଛି କଲ୍ୟାଣୀ ! ସମୁଦ୍ର ଶୁଖିଯାଇପାରେ, ହିମାଳୟ ଖଣ୍ଡବିଖଣ୍ଡିତ ହୋଇପାରେ, ପୃଥିବୀ ରସାତଳଗାମୀ ହୋଇପାରେ କିନ୍ତୁ ମୋ ପ୍ରତିଜ୍ଞା ନିଶ୍ଚିତ ଭାବରେ ପ୍ରତିପାଳିତ ହେବ।

କୃଷ୍ଣଙ୍କ କଥା ଶୁଣି ଶାନ୍ତ୍ୱନା ପାଇ ଆଖିରୁ ଲୁହ ପୋଛି ପାଞ୍ଚାଳୀ କହିଲେ... ମୋର ଏ ବିମୁକ୍ତକେଶ ତୁମ ଶପଥର ସାକ୍ଷୀ ସଖା। କେବେ ଯଦି ଶପଥ କଥା ଭୁଲିଯାଅ, ତୁମ ଅଭାଗିନୀ ଦ୍ରୌପଦୀର ମୁକ୍ତକେଶ ତୁମକୁ ତାହା ମନେ ପକାଇ ଦେବ। ଦୁଃଶାସନ ରକ୍ତରେ ବେଣୀବନ୍ଧନ କରିବା ଶପଥ ମୋର ଯେପରି ପୂର୍ଣ୍ଣ ହେବ କେଶବ, ଧ୍ୟାନ ରଖିଥିବ।

ପାଞ୍ଚାଳରୁ ଆସି ପହଞ୍ଚିଥିବା ଭ୍ରାତା ଧୃଷ୍ଟଦ୍ୟୁମ୍ନ ଦ୍ରୌପଦୀଙ୍କ ଆଖିରୁ ଅଶ୍ରୁ ପୋଛିଦେଇ କହିଲେ... ଆମେ ସେମାନଙ୍କୁ ଶାନ୍ତିରେ ରହିବାକୁ ଦେବୁନାହିଁ ଭଉଣୀ। ଯେଉଁ ଦ୍ରୋଣଙ୍କ ଶକ୍ତି ଉପରେ ଅଧର୍ମୀ କୌରବମାନଙ୍କର ଏତେ ଭରସା; ବ୍ରାହ୍ମଣ-ଧର୍ମ ପରିତ୍ୟାଗ କରି

Source: Author, Digitized by PPRACHIN, SOA

କୁରୁ ରାଜସଭାରେ ଯେ ଅଧର୍ମର ସହାୟତା ପାଇଁ ପଡ଼ିରହିଛନ୍ତି, ସେ ଦ୍ରୋଣଙ୍କୁ ମୁଁ ଯୁଦ୍ଧକ୍ଷେତ୍ରରେ ନିଶ୍ଚିତ ଭାବରେ ହତ୍ୟା କରିବି; ଶିଖଣ୍ଡି କହିଲେ... ଧୈର୍ଯ୍ୟଧର ଭଗ୍ନୀ ଦ୍ରୌପଦୀ, କୌରବଙ୍କ ରାଜସିଂହାସନକୁ ଯାବୁଡ଼ିଧରି, ଅଧର୍ମ କାର୍ଯ୍ୟର ମୂକସାକ୍ଷୀ ହୋଇ ବସିଥିବା ଭୀଷ୍ମଙ୍କ ମୃତ୍ୟୁର କାରଣ ମୁଁ ହେବି। ତୁମ ଦୁଃଖର ଦିନ ଶୀଘ୍ର ଶେଷ ହେବ ପାଞ୍ଚାଳୀ।

ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଶାନ୍ତ୍ୱନା ଦେଇ କହିଲେ... ମୁଁ ଇନ୍ଦ୍ରପ୍ରସ୍ଥରେ ଥିଲେ ଏପରି ଅନ୍ୟାୟ ଘଟଣା ଘଟିବାକୁ ମୁଁ ଦେଇ ନଥାନ୍ତି। ଦୁର୍ଭାଗ୍ୟକୁ ତୁମକୁ ଯେତେବେଳେ ପୂର୍ଣ୍ଣ ରାଜସଭାରେ ଅପମାନିତ କରାଯାଉଥିଲା ସେ ସମୟରେ ମୁଁ ଶାଲ୍ୱ ସହିତ ଭୀଷଣ ଯୁଦ୍ଧରେ ଲିପ୍ତ ଥିଲି, ତେଣୁ ତୁମକୁ ସାହାଯ୍ୟ କରିବାକୁ ଆସିପାରିଲି ନାହିଁ। ସେଥିପାଇଁ ମୁଁ ଦୁଃଖିତ ପାଞ୍ଚାଳୀ। କିନ୍ତୁ ତୁମ ଶତ୍ରୁମାନେ ସେମାନଙ୍କ ପତନର ଦିନ ଗଣିବା ଆରମ୍ଭ କରି ଦେଲେଣି।

ପାଣ୍ଡବଙ୍କୁ, ଆଉ ଥରେ ଆସି ସାକ୍ଷାତ କରିବା ଭରସା ଦେଇ ଭଉଣୀ ସୁଭଦ୍ରା ଏବଂ ଭଣଜା ଅଭିମନ୍ୟୁଙ୍କୁ ସାଙ୍ଗରେ ଧରି କେଶବ ଦ୍ୱାରକା ଫେରିଗଲେ। ଦ୍ରୌପଦୀଙ୍କ ପାଞ୍ଚ ପୁତ୍ରଙ୍କୁ ସାଙ୍ଗରେ ଧରି ଧୃଷ୍ଟଦ୍ୟୁମ୍ନ ଫେରିଗଲେ ପାଞ୍ଚାଳ।

-୦-

(୫୩)

ଅର୍ଜୁନଙ୍କ ହାତରେ ପାଶୁପତ

କାମ୍ୟକ ବନରେ ଥିବା ସମୟରେ ଅନେକ ଥର ଯୁଧିଷ୍ଠିରଙ୍କ ସହିତ ଭାଇମାନଙ୍କର ଏବଂ ଦ୍ରୌପଦୀଙ୍କର, କୌରବମାନଙ୍କ ଅନ୍ୟାୟ ସମ୍ବନ୍ଧରେ ଯୁକ୍ତି ହୁଏ। ଭୀମ କହନ୍ତି... ଆପଣଙ୍କର ଏହି ଉଦାର ମନୋଭାବ କ୍ଷତ୍ରିୟୋଚିତ ନୁହେଁ। କ୍ଷତ୍ରିୟମାନଙ୍କର ଜନ୍ମ ରାଜ୍ୟ ଜୟକରି, ଶତ୍ରୁମାନଙ୍କୁ ଦମନ କରି ପ୍ରଜାପାଳନ କରିବା। ଆପଣ କ୍ଷତ୍ରିୟ ଭାବରେ ଜନ୍ମଗ୍ରହଣ କରି ବ୍ରାହ୍ମଣ ଭଳି କର୍ମ କରୁଛନ୍ତି। ଯେଉଁ କ୍ଷତ୍ରିୟ ତାର ତଞ୍ଚକ ଶତ୍ରୁମାନଙ୍କୁ ଦମନ ନକରି ଛାଡିଦିଏ ସେ କ୍ଷତ୍ରିୟ ପଦବାଚ୍ୟ ନୁହେଁ। ସିଂହକୁ ଘାସ ଖାଇବାକୁ ବାଧ୍ୟ କରିବା ଯେପରି, କ୍ଷତ୍ରିୟକୁ, ଶତ୍ରୁ ହାତରେ ରାଜ୍ୟ ଦାନକରି ବଣଜଙ୍ଗଲରେ ବୁଲିବାକୁ କହିବା ସେହିପରି।

ଏହି ପାଷଣ୍ଡ ମାନଙ୍କୁ ହତ୍ୟାକରି ନର୍କକୁ ଗଲେ ମଧ୍ୟ ମୋତେ ଦୁଃଖ ଲାଗିବ

Source: Author, Digitized by PPRACHIN, SOA

ନାହିଁ। ଆପଣଙ୍କ କୃତକର୍ମ ଯୋଗୁଁ ଆମ ଭାଇମାନଙ୍କର ଅନ୍ତର ଭିତର ଜଳି ଯାଉଛି। ଆମକୁ ଦ୍ୟୁତ କ୍ରୀଡାରେ ଠକି, ଆମ ରାଜ୍ୟ ଛଡ଼ାଇ ନେଇ, ଆମକୁ ଦାଣ୍ଡର ଭିକାରିରେ ପରିଣତ କରି ମହା ଆନନ୍ଦରେ ପ୍ରାସାଦ ଭିତରେ ଆନନ୍ଦ ଉଲ୍ଲାସରେ ରହିଛନ୍ତି ଚକ୍ରାନ୍ତକାରୀ କୌରବମାନେ, ଆଉ ଆମେମାନେ ବଣ ଜଙ୍ଗଲ ରେ ବୁଲା କୁକୁର ଭଳି ବୁଲୁଛନ୍ତି। ଆପଣ କହୁଛନ୍ତି ଯେ ଆମେ ଦେଇଥିବା ବଚନ ପାଳନ କରିବା ଉଚିତ ଏବଂ ବାରବର୍ଷ ପରେ ଏକବର୍ଷ ଅଜ୍ଞାତ ବାସ କାଟିବା ପରେ ନିଜ ରାଜ୍ୟ ଫେରିପାଇବା; ତାହା କ'ଣ ସମ୍ଭବ ଜ୍ୟେଷ୍ଠ ଭ୍ରାତା ? ବିଶ୍ୱବିଦିତ ଅର୍ଜୁନ ଅଜ୍ଞାତବାସ ସମୟରେ କିପରି କେଉଁଠି ଲୁଚି ରହିପାରିବ ? ହିମାଳୟ କଣ କେବେ ଘାସ ବୁଦା ଭିତରେ ଲୁଚି ରହିପାରେ ଜ୍ୟେଷ୍ଠ ଭ୍ରାତ ? ସିଂହ ସଦୃଶ ନକୁଳ ଓ ସହଦେବ ଏବଂ ମୋ ଭଳି ପର୍ବତାକାୟ ଭୀମ ଅଜ୍ଞାତ ବାସ ସମୟରେ କେଉଁ ଠାରେ ଲୁଚି ପାରିବେ ଭ୍ରାତାଶ୍ରୀ ! ଜଗତ ଲକ୍ଷ୍ମୀଙ୍କ ଲୀଳା କମଳ ସଦୃଶା ଦ୍ରୌପଦୀ କିପରି ଲୋକ ଲୋଚନ ଅନ୍ତରାଳରେ ଅଜ୍ଞାତ ବାସ ସମୟରେ ରହିପାରିବେ !

ଏକଥା ମଧ୍ୟ କେବେ ଚିନ୍ତା କରିଛନ୍ତି ଭ୍ରାତା, ଆମେ ଅଜ୍ଞାତ ବାସ ସଫଳତାର ସହିତ ବିତାଇଲେ ମଧ୍ୟ, ଖଳପ୍ରକୃତି ଦୁର୍ଯ୍ୟୋଧନ ଏବଂ ତାର ଭାଇମାନେ କଣ ତାହା ମାନିଯିବେ ? କିଛି ଗୋଟାଏ ବାହାନା ଖୋଜି ଆମକୁ ପୁଣି ବାରବର୍ଷ ବନବାସରେ ପଠାଇଦେବେ। ଆମେ କାହିଁକି ଏତେ ଅନ୍ୟାୟ ସହ୍ୟ କରିବା ? ଦ୍ୟୁତକ୍ରୀଡାରେ କରାଯାଇଥିବା ଏଭଳି ସତ୍ୟରକ୍ଷା ମୂଲ୍ୟହୀନ। ଆମେ କୌରବମାନଙ୍କୁ ଆକ୍ରମଣ କରି ଆମ ହୃତ ରାଜ୍ୟ ଫେରାଇ ଆଣିବା ଉଚିତ।

ଦ୍ରୌପଦୀ ମଧ୍ୟ, କୁରୁ ସଭାରେ, ଦୁଃଶାସନ, ଦୁର୍ଯ୍ୟୋଧନ ଏବଂ କର୍ଣ୍ଣଙ୍କ ଦ୍ୱାରା ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ କଥା ମନେପକାଇ ଶୀଘ୍ର କୌରବଙ୍କ ଉପରେ ପ୍ରତିଶୋଧ ନେବାପାଇଁ, ଯୁଧିଷ୍ଠିରଙ୍କୁ ବାରମ୍ୱାର ଚେତାଇ ଦେଉଥିଲେ। ସେ କହୁଥିଲେ... ମିଥ୍ୟା, ଶଠତା ଓ ଚଞ୍ଚକତାରେ ପୂର୍ଣ୍ଣ କୁରୁସଭାରେ ହୋଇଥିବା ସର୍ତ୍ତ ପାଳନ କୌଣସି ଧର୍ମ-ଆଧାରିତ ନୁହେଁ।

ଚାରିଭାଇ ଏବଂ ପତ୍ନୀଙ୍କ ଠାରୁ ବାରମ୍ୱାର ଏହା ଶୁଣିବା ପରେ ଯୁଧିଷ୍ଠିର କହିଲେ... ସତ୍ୟ ରକ୍ଷା କରିବା ମଧ୍ୟ କ୍ଷତ୍ରିୟର ଏକ ଧର୍ମ। ଶାନ୍ତନୁ ଏବଂ ଭୀଷ୍ମଙ୍କ ବଂଶରେ ଜନ୍ମ ହୋଇ ଆମେ ସତ୍ୟଭଙ୍ଗ କିପରି କରିବା ? ଯୁଦ୍ଧ ଏଡ଼ାଇ ଶାନ୍ତିପୂର୍ଣ୍ଣ ସମାଧାନ ଆମର ଲକ୍ଷ ହେବା ଉଚିତ। ଯୁଦ୍ଧ ହେଲେ ପ୍ରଜାମାନଙ୍କର ବିପୁଳ କ୍ଷତି ହେବ। ମୁଁ ରକ୍ତପାତ ଚାହେଁ ନାହିଁ। କୌରବଙ୍କ ପକ୍ଷରେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଭୁରିଶ୍ରବା, ଅଶ୍ୱତ୍ଥାମା ଭଳି ବୀରମାନେ

Source: Author, Digitized by PPRACHIN, SOA

ରହିଛନ୍ତି । ଏବେ ଯୁଦ୍ଧକୁ ଡେଇଁ ପଡ଼ିଲେ ଆମର ବିପୁଳ କ୍ଷତି ହେବ । ଧରଣୀ ରକ୍ତରଞ୍ଜିତ ହେବ । ଆମକୁ ଅପେକ୍ଷା କରିବାକୁ ହେବ ବାରବର୍ଷ ବନବାସ ଏବଂ ଏକବର୍ଷ ଅଜ୍ଞାତବାସ ଅବଧି ଶେଷ ହେବା ପର୍ଯ୍ୟନ୍ତ, ନହେଲେ ଆମକୁ ଦେବତାମାନେ ନିନ୍ଦା କରିବେ ।

ଭୀମ ଏବଂ ଅର୍ଜୁନ ଦିନେ ଭବିଷ୍ୟତ ଚିନ୍ତାରେ ମଗ୍ନ ଥିବା ସମୟରେ ମହାମୁନି ବ୍ୟାସଦେବ କାମ୍ୟକ ବନରେ ପହଞ୍ଚି ପାଣ୍ଡବଙ୍କ ସହିତ ସାକ୍ଷାତ କଲେ । ଭୀମ ଏବଂ ଅର୍ଜୁନଙ୍କୁ ଚିନ୍ତାମଗ୍ନ ଦେଖି ମହାମୁନି କହିଲେ... ବତ୍ସ ! ଭବିତବ୍ୟକୁ କିଏ ଅନ୍ୟଥା କରିପାରିବ ? ଯୁଧିଷ୍ଠିର ଅବଶ୍ୟମ୍ଭାବୀକୁ ତେରବର୍ଷ ଏଡେଇ ଦେଇ ଉଚିତ କାର୍ଯ୍ୟ କରିଛନ୍ତି, କିନ୍ତୁ କୌରବଙ୍କ ମତିଗତିରୁ ଜଣାଯାଏ ସେମାନେ ତୁମ୍ଭମାନଙ୍କୁ ସହଜରେ ହୃତରାଜ୍ୟ ଫେରାଇ ଦେବେ ନାହିଁ । କୌରବଙ୍କ ପକ୍ଷରେ ତିମିଙ୍ଗିଳ ଯୋଦ୍ଧା ଅଛନ୍ତି ଯେଉଁମାନେ ଦିବ୍ୟ ଅସ୍ତ୍ରଶସ୍ତ୍ରରେ ଶକ୍ତିମାନ । ସେମାନଙ୍କୁ ପରାସ୍ତ କରିବାକୁ ହେଲେ ଅର୍ଜୁନଙ୍କୁ ଦିବ୍ୟ ଅସ୍ତ୍ର ଦେବତାଙ୍କ ଠାରୁ ପ୍ରାପ୍ତ କରିବାକୁ ପଡ଼ିବ ।

ମହାମୁନିଙ୍କ ଆଶୀର୍ବାଦ ନେଇ ଅର୍ଜୁନ ଦିବ୍ୟ ଅସ୍ତ୍ର ପ୍ରାପ୍ତି ପାଇଁ ହିମାଳୟ ଅଭିମୁଖେ ଯାତ୍ରା କଲେ । ସେଠାରେ 'ଇନ୍ଦ୍ରକୀଳ' ପର୍ବତ ନିକଟରେ ଘୋର ତପସ୍ୟାରେ ମଗ୍ନହୋଇ ଇନ୍ଦ୍ରଦେବଙ୍କୁ ଆରାଧନା କଲେ ଅର୍ଜୁନ । ବ୍ରାହ୍ମଣ ବେଶରେ ଇନ୍ଦ୍ରଦେବଙ୍କ ଆବିର୍ଭାବ ହେଲା । ଇନ୍ଦ୍ରଦେବ ନିଜର ପରିଚୟ ଦେଇ ଅର୍ଜୁନଙ୍କୁ କହିଲେ... ମୁଁ ତୁମ ଆଗମନର ଉଦ୍ଦେଶ୍ୟ ଜାଣିଛି ବତ୍ସ ! ଦିବ୍ୟାସ୍ତ୍ର ପାଇବା ପାଇଁ ଏତେ କୃଚ୍ଛ ସାଧନା କାହିଁକି ? ମୋ ସହିତ ଆସ, ସ୍ୱର୍ଗ-ଐଶ୍ୱର୍ଯ୍ୟ ଭୋଗକର, ଦିବ୍ୟାସ୍ତ୍ର ଲାଭ କରି କଣ ପାଇବ ?

ଅର୍ଜୁନ ଉତ୍ତର ଦେଲେ... ମୋର ହସ୍ତିନାର ନିରିହ ପ୍ରଜା ଅଧର୍ମୀ କୌରବଙ୍କ କବଳରେ; ସେଠାରେ ଦୁଃଖରେ କାଳାତିପାତ କରୁଥିବା ମୋର ମାତା କୁନ୍ତୀ ଅପେକ୍ଷା କରିଛନ୍ତି ଆମର ଫେରିବା ବାଟକୁ । କାମ୍ୟକ ବନରେ ନିସ୍ୱ ସନ୍ୟାସ ବିତାଉଥିବା ମୋ ଭାଇମାନେ ଏବଂ ପତ୍ନୀ ପାଞ୍ଚାଳୀ 'ମୋ ଫେରିବା ବାଟକୁ ଚାହିଁ ରହିଛନ୍ତି । ଏମାନେ ସମସ୍ତେ ମୋ ପାଇଁ ସ୍ୱର୍ଗରୁ ଅଧିକ । ସେମାନଙ୍କୁ ଏକା ଛାଡ଼ି ମୁଁ ଆସିଛି ଦେବତାଙ୍କ ଆଶୀର୍ବାଦରେ ଦିବ୍ୟାସ୍ତ୍ର ଲାଭକରି ଭବିଷ୍ୟତ-ବିପଦର ସଫଳ ସମ୍ମୁଖୀନ ହେବାପାଇଁ । ଆପଣ ମୋତେ ଦିବ୍ୟାସ୍ତ୍ର ହିଁ ଦାନ କରନ୍ତୁ ଦେବରାଜ ।

ଇନ୍ଦ୍ର କହିଲେ... ବତ୍ସ ! ପ୍ରଜା ଓ ପରିବାର ପାଇଁ ତୁମର ନିଷ୍ଠା ପ୍ରଶଂସନୀୟ । ତୁମେ ଦିବ୍ୟତମ ଅସ୍ତ୍ର ଲାଭ କରିବାପାଇଁ ଯଦି ଚାହୁଁଛ ତାହେଲେ ଦେବାଧିଦେବ ମହାଦେବଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ପାଶୁପତ ଅସ୍ତ୍ର ଲାଭକର । ଯେତେ ସବୁ ଦିବ୍ୟାସ୍ତ୍ର ଅଛି ଏହା ସବୁଠାରୁ ଧ୍ୱଂସକାରୀ ।ଶିବଙ୍କ ବ୍ୟତୀତ କେବଳ ତ୍ରେତୟା ଯୁଗରେ ମହର୍ଷି

Source: Author, Digitized by PPRACHIN, SOA

ବିଶ୍ୱାମିତ୍ର ଏହା ଲାଭ କରିଥିଲେ।

ଏହା ବ୍ରହ୍ମାସ୍ତ୍ର, ନାରାୟଣାସ୍ତ୍ର, ବଜ୍ରାସ୍ତ୍ର, ବରୁଣାସ୍ତ୍ର, ବାୟବାସ୍ତ୍ର ଆଦି ସମସ୍ତ ଦିବ୍ୟାସ୍ତ୍ର ମାନଙ୍କଠାରୁ ଶକ୍ତିଶାଳୀ; ଏପରିକି ବ୍ରହ୍ମା ଏବଂ ବିଷ୍ଣୁ ମଧ୍ୟ ଏହି ଅସ୍ତ୍ର ଆଗରେ ନିଜକୁ ଅସହାୟ ମନେକରନ୍ତି।

ଇନ୍ଦ୍ରଦେବଙ୍କ ଉପଦେଶ ମାନି ଆଶୁତୋଷଙ୍କୁ ତୋଷ କରିବା ପାଇଁ ଘୋର ତତସ୍ୟାରେ ମଗ୍ନ ହେଲେ ଧନଞ୍ଜୟ। ମଧ୍ୟମ ପାଣ୍ଡବଙ୍କ ତପସ୍ୟାରେ ତୁଷ୍ଟ ହେଲେ ମହାଦେବ। କିନ୍ତୁ ସେ ଅର୍ଜୁନଙ୍କ ଶକ୍ତି ପରୀକ୍ଷା କରିବା ପାଇଁ ଚାହୁଁଥିଲେ। ଶିବ ଓ ପାର୍ବତୀ କିରାତ-କିରାତୀ ବେଶରେ ସେହି ସ୍ଥାନରେ ପହଞ୍ଚିଲେ। ଏହି ସମୟରେ ଏକ ଭୟଙ୍କର ଦନ୍ତା ବରାହ ଗର୍ଜନ କରି ମାଡିଆସିଲା। ଏକ ସମୟରେ କିରାତରୂପୀ ଶିବ ଏବଂ ଅର୍ଜୁନ ବରାହ ଉପରକୁ ବାଣ ନିକ୍ଷେପ କଲେ। ଉଭୟଙ୍କର ବାଣ ବରାହ ଦେହରେ ବାଜିଲା ଏବଂ ଜନ୍ତୁଟି ପ୍ରାଣତ୍ୟାଗ କଲା। କିରାତ କହିଲା... ମୁଁ ଏହି ବରାହର ଅଧିକାରୀ, କାରଣ ସବର୍ପ୍ରଥମେ ମୁଁ ଏହାକୁ ବଧ କରିଛି। ଅର୍ଜୁନ ମଧ୍ୟ ଛାଡ଼ିଲେ ନାହିଁ। କିରାତ ଏବଂ ଅର୍ଜୁନଙ୍କ ମଧ୍ୟରେ ଭୀଷଣ ସଂଗ୍ରାମ ହେଲା। ଅର୍ଜୁନ ଦୟନୀୟ ଭାବରେ ପରାସ୍ତ ହେଲେ।

ଆଶ୍ଚର୍ଯ୍ୟ ହୋଇ ଧନଞ୍ଜୟ ପଚାରିଲେ... କିଏ ତୁମେ ଦେବ? ତୁମେ ନିଶ୍ଚିତ ଭାବରେ ମୋ ପ୍ରଭୁ ଆଶୁତୋଷ। ନିଜ ରୂପରେ ମୋତେ ଦର୍ଶନ ଦେଇ ଅନୁଗୃହିତ କରନ୍ତୁ ପ୍ରଭୁ। ଶିବ ନିଜ ରୂପରେ ବିରାଜମାନ ହେଲେ ଏବଂ ପାଶୁପତ ଅସ୍ତ୍ର ପ୍ରଦାନ କରି ଅର୍ଜୁନଙ୍କ ଇଚ୍ଛା ପୂରଣ କରି କହିଲେ... ନାରାୟଣଙ୍କ ଧର୍ମରାଜ୍ୟ ସଂସ୍ଥାପନ ପାଇଁ ତୁମର ସହାୟକ ହେବ ଏହି ପାଶୁପତ ଅସ୍ତ୍ର।

ତା'ପରେ ଇନ୍ଦ୍ର, ବରୁଣ, କୁବେର, ପବନ ଆଦି ଦେବଗଣ ଅର୍ଜୁନଙ୍କୁ ଅନେକ ଦିବ୍ୟାସ୍ତ୍ର ପ୍ରଦାନ କରି ଆଶୀର୍ବାଦ କରିଥିଲେ।

ଇନ୍ଦ୍ରଦେବ, ପୁତ୍ର ଅର୍ଜୁନଙ୍କୁ ସ୍ୱର୍ଗକୁ ନିମନ୍ତ୍ରଣ କଲେ। ସ୍ୱର୍ଗରେ ରମ୍ଭା, ମେନକା, ଉର୍ବଶୀ, ତିଳୋତ୍ତମା ଆଦି ଦେବକନ୍ୟାମାନଙ୍କର ରୂପ ଦର୍ଶନରେ ବିମୋହିତ ହେଲେ ଅର୍ଜୁନ ତଥା ଅନ୍ୟ ଦେବତାଙ୍କୁ ଦର୍ଶନ କରି ନିଜକୁ କୃତକୃତ୍ୟ ମନେ କଲେ। ଏହି ସ୍ୱର୍ଗ ରହଣି ସମୟରେ ଚିତ୍ରସେନ ଗନ୍ଧର୍ବଠାରୁ ନୃତ୍ୟ ଓ ସଙ୍ଗୀତ କଳା ଶିକ୍ଷା କରିଥିଲେ ସବ୍ୟସାଚୀ। ସେହି ଶିକ୍ଷା, ପରବର୍ତ୍ତୀ ସମୟରେ ତାଙ୍କୁ ଅଜ୍ଞାତ-ବାସରେ, ନୃତ୍ୟଶିଳ୍ପୀ 'ବୃହନ୍ନଳା' ଭାବରେ ବିରାଟ ରାଜାଙ୍କ ପ୍ରାସାଦରେ ଆତ୍ମଗୋପନ କରିବାରେ ସାହାଯ୍ୟ କରିଥିଲା।

-୦-

Source: Author, Digitized by PPRACHIN, SOA

(୫୪)

ଉର୍ବଶୀଙ୍କ ଅଭିଶାପ

ଶିବଙ୍କ କୃପାରୁ ଅର୍ଜୁନ ପାଶୁପତ ଅସ୍ତ୍ର ଲାଭ କରିବା ପରେ ଦେବଲୋକର ଅନ୍ୟ ଦେବତାମାନେ ତାଙ୍କୁ ଅନେକ ଦିବ୍ୟାସ୍ତ୍ର ପ୍ରଦାନ କଲେ। ସେହି ଅସ୍ତ୍ର ମାନଙ୍କର ପ୍ରଶିକ୍ଷଣ ଏବଂ ପ୍ରୟୋଗ ବିଧି ନିଜ ପୁତ୍ର ଅର୍ଜୁନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା ଦେବରାଜ ଇନ୍ଦ୍ର କରିଦେଲେ।

ସେହି ପ୍ରଶିକ୍ଷଣର ବାସ୍ତବ ରୂପାୟନର ସମୟ ଉପସ୍ଥିତ ହେଲା। ଇନ୍ଦ୍ରଦେବ ଅର୍ଜୁନଙ୍କୁ କହିଲେ... ବହୁବର୍ଷ ଧରି ନିବାତ କବଚ ଦୈତ୍ୟ ସ୍ୱର୍ଗଲୋକକୁ ଆସି ଘୋର ବିପ୍ଳାତ ସୃଷ୍ଟି କରୁଛି। ସୂର୍ଯ୍ୟ ଦେବଙ୍କୁ ଘୋର ତପସ୍ୟାରେ ସନ୍ତୁଷ୍ଟ କରି ସେ ବରଦାନ ପାଇଛି ଯେ ବ୍ରହ୍ମା ବିଷ୍ଣୁ, ମହେଶ୍ୱର ଏବଂ ଇନ୍ଦ୍ର ସମେତ କୌଣସି ଦେବତାଙ୍କ ହାତରେ ତା'ର ମୃତ୍ୟୁ ହେବନାହିଁ। ମାନବ ହାତରେ ତା'ର ମୃତ୍ୟୁ ଅଭିପ୍ରେତ, କିନ୍ତୁ ମାନବଙ୍କୁ ତାର ଭୟ ନାହିଁ ଏବଂ ସେମାନଙ୍କୁ ସେ ଅବଜ୍ଞା କରେ। ଏବେ ସମୟ ଆସିଛି ବତ୍ସ! ନିବାତ କବଚକୁ ବଧ କରି ସ୍ୱଗର୍କୁ ରକ୍ଷାକରିବା ସଙ୍ଗେ ସଙ୍ଗେ ଦିବ୍ୟାସ୍ତ୍ର ପ୍ରଶିକ୍ଷଣରେ କୃତକାର୍ଯ୍ୟ ହେବାର ପ୍ରାମାଣିକତା ପ୍ରତିପାଦନ କର।

ଏହା ପୂର୍ବରୁ ପୁରୁରବା ଏବଂ ନହୁଷଙ୍କଭଳି ପୁରୁବଂଶୀ ରାଜାମାନେ ଦେବଲୋକକୁ ଦାନବମାନଙ୍କ ଅତ୍ୟାଚାରରୁ ରକ୍ଷା କରିବାର ଦୃଷ୍ଟାନ୍ତ ରହିଛି। ଅର୍ଜୁନ ସେହି ପୂର୍ବଜମାନଙ୍କ ନାମ ସହିତ ନିଜନାମ ସାମିଲ କରି ବଂଶଗରିମା ବୃଦ୍ଧିକରିବା ସଙ୍ଗେସଙ୍ଗେ, ସ୍ୱର୍ଗରେ ପାଇଥିବା ସାମରିକ ପ୍ରଶିକ୍ଷଣର ଉପାଦେୟତା ପରଖି ନେବା ପାଇଁ ଚାହୁଁ ଥିଲେ।ନିବାତ କବଚ ଦାନବ ସହିତ ଭୀଷଣ ସଂଗ୍ରାମରେ ଲିପ୍ତ ହୋଇଗଲେ ମଧ୍ୟମପାଣ୍ଡବ ଧନଞ୍ଜୟ। ନିବାତ କବଚ ପ୍ରଥମେ ଅର୍ଜୁନଙ୍କୁ, ସାଧାରଣ ମାନବ ବୋଲି ହେୟଜ୍ଞାନ କରିଥିଲା। କିନ୍ତୁ ଅର୍ଜୁନଙ୍କ ଦେବଦତ୍ତ ଅସ୍ତ୍ର ପ୍ରହାରରେ, ତାଙ୍କ ଅସାଧାରଣ ବୀରତ୍ୱର ପରିଚୟ ପାଇ ପ୍ରାଣରକ୍ଷା ପାଇଁ ପଳାୟନ କଲା। ଅର୍ଜୁନ ଦାନବକୁ ଅନୁସରଣ କରି, ଭୀଷଣ ସଂଗ୍ରାମ ପରେ ତାକୁ ବଧକଲେ; ସ୍ୱର୍ଗରେ ଶାନ୍ତି ଫେରିଆସିଲା।

ନିବାତ କବଚ-ବଧ ସମ୍ବାଦ ପାଇ ଦେବଲୋକରେ ଆନନ୍ଦର ଲହରୀ ଖେଳିଗଲା। ଅର୍ଜୁନଙ୍କୁ ମିଳିଲା ଅଭୂତପୂର୍ବ ସମ୍ମାନ। ଦେବସଭା ନୃତ୍ୟଗୀତରେ ମୁଖରିତ ହୋଇ ଉଠିଲା। ନିଜ ପୁତ୍ର ଅର୍ଜୁନଙ୍କ ବୀରତ୍ୱରେ ବାସବଙ୍କ ଛାତି ଫୁଲିଉଠିଲା। ପୁତ୍ରର ପ୍ରଶଂସାରେ ଶତମୁଖ

Source: Author, Digitized by PPRACHIN, SOA

ହୋଇ ସହସ୍ରାକ୍ଷ, ଦେବସଭାରେ ଫାଲଗୁନୀଙ୍କୁ ନିଜ ସିଂହାସନ ପାଖରେ ବସାଇଲେ। ଏହି ସୌଭାଗ୍ୟ ପାଇଁ ନିଜକୁ କୃତକୃତ୍ୟ ମନେ କଲେ ଧନଞ୍ଜୟ।

ଦେବସଭାରେ ରମ୍ଭା, ଉର୍ବଶୀ, ମେନକା, ଚିତ୍ରଲେଖା, ମଦନିକା, ତିଲୋତ୍ତମା ଆଦି ସ୍ୱର୍ଗ ଅପ୍ସରାମାନଙ୍କ ଅଙ୍ଗଭଙ୍ଗି ପ୍ରଦର୍ଶନ-ଯୁକ୍ତ ନୃତ୍ୟଗୀତର ଆସରରେ ଦେବସଭା ମଧୁମୟ ହୋଇ ଯାଉଥିଲା। ସେମାନଙ୍କ ସହିତ ଅଗଣିତ ସ୍ୱର୍ଗ ବିଦ୍ୟାଧରୀ, ପଖାଉଜ, ବୀଣା, ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ରର ତାଳେ ତାଳେ ବିଜୁଳି ଭଳି ଅପାଙ୍ଗ ଲୀଳା ପ୍ରଦର୍ଶନ କରୁଥିଲେ। ନୃତ୍ୟ ଗୀତରେ ସବୁଠାରୁ ଉତ୍ତମ ପ୍ରଦର୍ଶନ ଉର୍ବଶୀଙ୍କର ଥିଲା। ତାଙ୍କ ନୃତ୍ୟ ଦେଖି ପ୍ରତିଦିନ ଅର୍ଜୁନ ବିସ୍ଫାରିତ ନେତ୍ରରେ ଚାହିଁ ରହିଥାନ୍ତି। ଉର୍ବଶୀ ମଧ୍ୟ ଅର୍ଜୁନଙ୍କ ମଦନ-ବିନିନ୍ଦିତ ସୌମ୍ୟ ଶରୀର ଦର୍ଶନରେ ନିଜକୁ ଆୟତ୍ତ କରିପାରୁ ନଥାନ୍ତି। ସେ ବିମୋହିତ ହୋଇ ତାଙ୍କପ୍ରତି ଗଭୀର ଭାବରେ ଆକର୍ଷିତ ହୋଇଗଲେ।

ଦେବରାଜ ଇନ୍ଦ୍ର, ଅର୍ଜୁନଙ୍କର ଏହି ତଲ୍ଲୀନଭାବ ଦେଖି ଏହା ତାଙ୍କର ସ୍ୱର୍ଗଗଣିକା ଉର୍ବଶୀଙ୍କ ପ୍ରତି ଦୁର୍ବଳତା ବୋଲି ଭାବିଲେ। ଉର୍ବଶୀଙ୍କର, ସୌମ୍ୟବପୁ-ଅର୍ଜୁନଙ୍କ ପ୍ରତି ଦୁର୍ବଳତା ମଧ୍ୟ ଇନ୍ଦ୍ରଙ୍କ ଆଖିକୁ ଏଡାଇ ପାରିନଥିଲା। ଦେବଲୋକପ୍ରତି ଅର୍ଜୁନଙ୍କ ଦାନର ପ୍ରତିଦାନ ସ୍ୱରୂପ ସ୍ୱଗର୍ଗଣିକା ଉର୍ବଶୀଙ୍କ ସାନ୍ନିଧ୍ୟ ଅର୍ଜୁନଙ୍କୁ ଦେବାପାଇଁ ଇନ୍ଦ୍ର ମନେମନେ ଠିକ୍ କରିନେଲେ। ଗନ୍ଧର୍ବ ଚିତ୍ରସେନଙ୍କୁ ନିକଟକୁ ଡାକି ଇନ୍ଦ୍ର ଆଦେଶ ଦେଲେ... ଚିତ୍ରସେନ! ଉର୍ବଶୀଙ୍କୁ ମୋର ସନ୍ଦେଶ ଦିଅ, ସେ ପ୍ରୀତି ଦାନକରି ଅର୍ଜୁନଙ୍କ କାମପୀଡା ଦୂରକରନ୍ତୁ। ଚିତ୍ରସେନ ଗନ୍ଧର୍ବଙ୍କ ଠାରୁ ଇନ୍ଦ୍ରଙ୍କର ଏହି ନିର୍ଦ୍ଦେଶ କଥା ଶୁଣି ଉର୍ବଶୀଙ୍କ ପ୍ରୀତି ସିନ୍ଧୁ ଉଚ୍ଛୁଳି ପଡ଼ିଲା।

ତାଙ୍କପାଇଁ ଏହା ସାଧାରଣ ଆଦେଶ ନଥିଲା; ଥିଲା ଆଦେଶ ଛଳରେ ସୁଧାବୃଷ୍ଟି। ଆନନ୍ଦରେ ଅଧୀରା ଉର୍ବଶୀ, ନାନା ପ୍ରକାର କୁସୁମରେ ବିଭୂଷିତା ହୋଇ, ଶ୍ରେଷ୍ଠ ଆଭୂଷଣରେ ବିମଣ୍ଡିତା ହୋଇ, ଅଭିସାରିକା ସାଜି, ରଜନୀ କାଳରେ ଅର୍ଜୁନଙ୍କ ନିକଟରେ ପହଞ୍ଚିଲେ।

ଅର୍ଜୁନ, ଉର୍ବଶୀଙ୍କୁ ଦେଖି ଆନନ୍ଦ ଆତିଶଯ୍ୟରେ ବିଭୋର ହୋଇ କହିଲେ... ଆହା! କି ଭାଗ୍ୟ ମୋର! ମୋ ଆଗରେ ସଶରୀରେ ଉଭା ହୋଇଛନ୍ତି ମୋର ପରମ ପୂଜନୀୟା, ସ୍ୱର୍ଗର ଶ୍ରେଷ୍ଠ ନୃତ୍ୟଶିଳ୍ପୀ ଉର୍ବଶୀ, ଆଜି ନୃତ୍ୟକଳା ବିଷୟରେ ଅନେକ କିଛି ଆଲୋଚନା କରିବାକୁ ସୁଯୋଗ ମିଳିଛି।

ଅର୍ଜୁନଙ୍କ କଥା ଶୁଣି ଉର୍ବଶୀ କହିଲେ... ସେ ସବୁ ଆଲୋଚନା କରି ଅଯଥାରେ ସମୟ ନଷ୍ଟ କରନାହିଁ ଅର୍ଜୁନ, ଆସ ମୋତେ ଆଲିଙ୍ଗନ କରି ମୋର ପ୍ରୀତି ତୃଷା ମେଣ୍ଟାଇଦିଅ। ବହୁଦିନ ଧରି ତୁମ ଯୌବନଦୀପ୍ତ ସୁନ୍ଦର ଶରୀର ଦେବସଭାରେ ଦେଖି

Source: Author, Digitized by PPRACHIN, SOA

ଦେଖି କାମବାଣରେ ମୁଁ ଜର୍ଜରିତା ହୋଇ ରହିଥିଲି; ଚିନ୍ତା କରୁଥିଲି କିପରି ମୋ ଇଚ୍ଛା ଚରିତାର୍ଥ ହେବ। ଗୁପ୍ତରେ ଅଭିସାରିକା ସାଜି ତୁମ ପାଖରେ ପ୍ରେମ ଭିକ୍ଷା କରିବାପାଇଁ ମୁଁ ସ୍ଥିର କରିଥିଲି, କିନ୍ତୁ ମୋ ଭାଗ୍ୟ ଦେଖ ଫାଲଗୁନୀ! ଦେବରାଜ ଇନ୍ଦ୍ର ନିଜେ ମୋତେ ତୁମପାଖକୁ ପଠାଇଛନ୍ତି ତୁମକୁ ପ୍ରୀତିଦାନକରି ଆନନ୍ଦିତ କରିବା ପାଇଁ। ଆସ ପାର୍ଥ ! ବିଳମ୍ବ ନକରି ମୋତେ ଆଲିଙ୍ଗନ କର।

କାନରେ ହାତ ଦେଇ ଦୁଇ ପାଦ ପଛକୁ ଘୁଞ୍ଚିଗଲେ ଅର୍ଜୁନ... ଏ କଣ କହୁଛନ୍ତି ଜନନୀ! ଆପଣ ମୋ ପିତା ଇନ୍ଦ୍ରଙ୍କର ଅଙ୍କ ବିଳସିନୀ, ତେଣୁ ମୋର ମାତା ସଦୃଶ। ମାତା କୁନ୍ତୀ ଏବଂ ମାତା ଶଚୀଙ୍କୁ ମୁଁ ଯେଉଁ ଦୃଷ୍ଟିରେ ଦେଖେ, ଆପଣଙ୍କୁ ମଧ୍ୟ ସେହି ଦୃଷ୍ଟିରେ ଦେଖେ। ମୁଁ ଆପଣଙ୍କର ନୃତ୍ୟକଳାର ଜଣେ ବିଦଗ୍ଧ ବିମୋହିତ ପ୍ରଶଂସକ। ଆପଣ ପ୍ରୀତିଦାନ ପାଇଁ କହି ମୋତେ ମାତୃହରଣ ପାପରେ ଭାଗୀ କରନ୍ତୁ ନାହିଁ ଜନନୀ।

ହସି ଉଠିଲେ ଉର୍ବଶୀ... ମୁଁ ଦେବ-ଗଣିକା ମଧ୍ୟମ ପାଣ୍ଡବ! ମୋ ପାଖରେ, ମାତା-ପୁତ୍ର, ଭ୍ରାତା-ଭଗ୍ନୀର ମନଗଢା ସଂପର୍କର କିଛି ମୂଲ୍ୟ ନାହିଁ। ମୁଁ ତୁମର ପୂର୍ବଜ ପୁରୁରବା ଏବଂ ଯଯାତିଙ୍କୁ ପ୍ରୀତି ଦାନ କରିଛି; ତାର ଅର୍ଥ କ'ଣ ମୁଁ ତୁମର ପ୍ରମାତାମହୀ!! ହା ହା,ହା ଆଉ କାଳ ବିଳମ୍ବ କରନାହିଁ ଧନଞ୍ଜୟ! କାମ-ପୀଡାରେ ଜର୍ଜରିତ ମୋ ଅଙ୍ଗଲତାକୁ ତୁମ ବିଶାଳ ବାହୁ ବନ୍ଧନଭିତରେ ହଜାଇଦିଅ। ତୁମ ରାତି ରଙ୍ଗିନ କରିବାପାଇଁ ମୁଁ ଆସିଛି ସବ୍ୟସାଚୀ, ଆଉ ବିଳମ୍ବ କରନାହିଁ।

ଅର୍ଜୁନଙ୍କ କଣ୍ଠରେ ଦୃଢ଼ତା ବିରାଜମାନ... ନା, ଏହା ମହାପାପ ଦେବୀ ଉର୍ବଶୀ! ଆପଣ ମୋର ମାତାଭାବରେ ସମ୍ମାନର ଅଧିକାରିଣୀ, ଦୈହିକ ପ୍ରେମର ନୁହେଁ। ଆପଣ ବର୍ତ୍ତମାନ ନିଜର ଆୟତ୍ତରେ ନାହାଁନ୍ତି; ଦୟାକରି ଫେରିଯାଆନ୍ତୁ ଦେବୀ।

ଅର୍ଜୁନଙ୍କ ପ୍ରତ୍ୟାଖ୍ୟାନରେ ଅପମାନରେ ଜର୍ଜରିତା ଉର୍ବଶୀ କହିଲେ... ମୋର ପ୍ରେମ ପାଇବା ପାଇଁ ଯେତେବେଳେ ତ୍ରିଭୁବନ ପାଗଳ, ତୁମେ ମୋତେ ପ୍ରତ୍ୟାଖ୍ୟାନ କରୁଛ ଅର୍ଜୁନ। ତୁମେ ଉର୍ବଶୀକୁ ପ୍ରତ୍ୟାଖ୍ୟାନ କରୁଛ!! ଜାଣିଛ ତ କୁନ୍ତୀପୁତ୍ର,ଏହାର ପରିଣାମ କେତେ ଭୟାବହ ହୋଇପାରେ? ପ୍ରୀତି ଭିକ୍ଷା କରୁଥିବା ନାରୀ, ଆଘାତ ପାଇଥିବା ସର୍ପ ସହିତ ସମାନ। ତାର ଆତ୍ମସମ୍ମାନକୁ ଆଘାତ କରି ତୁମେ କି ଭୁଲ୍ କରୁଛ ଜାଣିପାରୁଛ ସବ୍ୟସାଚୀ !

ଅର୍ଜୁନ ଯୋଡହସ୍ତରେ କହିଲେ... ମୋ ପ୍ରତି ଦୟା କରନ୍ତୁ ଜନନୀ, ମୋତେ ଏ ମହାପାପରୁ ରକ୍ଷା କରନ୍ତୁ।

ହସି ଉଠିଲେ ଉର୍ବଶୀ... ହା ହା ହା, ଏହାକୁ ତୁମେ ପାପ କହୁଛ ଅର୍ଜୁନ? ତୁମ

Source: Author, Digitized by PPRACHIN, SOA

ବଂଶରେ ଏହି ତଥାକଥିତ ପାପ ଅନେକେ କରି ଯାଇଛନ୍ତି । କାମ ବାଣରେ ଜର୍ଜରିତ ଯଯାତି ନିଜ ପତ୍ନୀ ଦେବଯାନୀ ଥାଉଁ ଥାଉଁ ଶର୍ମିଷ୍ଠା ପ୍ରେମ ମଧୁ ଆସ୍ୱାଦନ କରୁଥିଲେ, ସତ୍ୟବତୀ ଯମୁନା ନଦୀରେ ନୌକା ଚାଳନା ସମୟରେ ପରାଶର ମହର୍ଷିଙ୍କ ସହିତ ନଦୀ-ଦ୍ୱୀପରେ ପ୍ରେମକରି ବ୍ୟାସଦେବଙ୍କୁ ଜନ୍ମ ଦେଇଥିଲେ ମଧ୍ୟ ସେ ସବୁ ଭୁଲିଯାଇ ତୁମ ପୂର୍ବଜ ଶାନ୍ତନୁଙ୍କୁ ବିବାହ କରିଥିଲେ । ତୁମ ମାତା କୁନ୍ତୀ ବଂଶରକ୍ଷା ଆଳରେ ପାଞ୍ଚଜଣ ଦେବତାଙ୍କ ସହିତ ରମଣ କରିଥିଲେ । ତୁମେ ପାଣ୍ଡବ ପାଞ୍ଚଭାଇ ଗୋଟିଏ ପତ୍ନୀ ଦ୍ରୌପଦୀଙ୍କୁ ବିବାହ କରିଛ । ନିଜେ ତୁମେ, ଚାରିଜଣ ପତ୍ନୀ ଉଲୁପୀ, ଚିତ୍ରାଙ୍ଗଦା, ସୁଭଦ୍ରା ଏବଂ ଦ୍ରୌପଦୀଙ୍କୁ ବିବାହ କରିଛ । ଏ ସମସ୍ତ କର୍ମ ଭିତରେ କେଉଁ ପୁଣ୍ୟକାର୍ଯ୍ୟ ଲୁଚି ରହିଛି ପାର୍ଥ !!

ଏଥର ଅର୍ଜୁନ କ୍ରୋଧିତ ହୋଇ କହିଲେ... ସେମାନଙ୍କ ମଧ୍ୟରୁ କିଛି ଯୁଗଧର୍ମକୁ ସମ୍ମାନ ଦେଇ ବଂଶ ରକ୍ଷା ପାଇଁ ଏହା କରିଛନ୍ତି ଅଥବା ପ୍ରେମରେ ପଡି ଏପରି କରିଛନ୍ତି; କେହି ମାତୃହରଣ କରି ନାହାନ୍ତି । ଆପଣ ତ ମୋତେ ମାତୃହରଣ ପାପ କରିବାପାଇଁ ପ୍ରବର୍ତ୍ତାଉଛନ୍ତି ଦେବୀ ଉର୍ବଶୀ । ଦୟାକରି ଏଠାରୁ ପ୍ରସ୍ଥାନ କରନ୍ତୁ ।

ଘୋର ଅପମାନରେ ଜର୍ଜରିତା ଉର୍ବଶୀ ଅର୍ଜୁନଙ୍କୁ ଅଭିଶାପ ଦେଲେ... ପ୍ରୀତି ଭିକ୍ଷାଣୀ ନାରୀ ଆଗରେ ଯେଉଁ ପୁରୁଷତ୍ୱ ତୁମର ଜଡ ହୋଇ ରହିଛି, ତାହା ସେହିପରି ଜଡ ହୋଇ ରହିଥାଉ ଅର୍ଜୁନ । ମୁଁ ତୁମକୁ ଅଭିଶାପ ଦେଉଛି ତୁମେ ନପୁଂସକ ହୋଇ ଯାଅ ।

ଅପମାନିତା ଅନୁଭବ କରି ଫେରିଗଲେ ଉର୍ବଶୀ; ଘୋର ମନସ୍ତାପରେ ରହିଲେ ଅର୍ଜୁନ । ପରଦିନ, ପିତା ଇନ୍ଦ୍ରଙ୍କ ଆଗରେ ସବୁକଥା କହିଲେ ଅର୍ଜୁନ । ଦେବରାଜ ଇନ୍ଦ୍ର କହିଲେ... ଉର୍ବଶୀଙ୍କ ଭଳି ଅନିନ୍ଦ୍ୟ ସୁନ୍ଦରୀଙ୍କର ପ୍ରୀତିଭିକ୍ଷା ପ୍ରତ୍ୟାଖ୍ୟାନ କରିବା ତୁମର ଅତୁଳନୀୟ ଆତ୍ମସଞ୍ଜମର ପରିଚାୟକ ପୁତ୍ର । ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ତୁମେ ସଞ୍ଜମୀ ବ୍ୟକ୍ତିତ୍ୱର ପରିଚୟ ଦେଇଛ । ମୁଁ ତ ଉର୍ବଶୀଙ୍କ ଅଭିଶାପକୁ ସଂପୂର୍ଣ୍ଣ ଭାବେ ଖଣ୍ଡନ କରିପାରିବି ନାହିଁ । ସାଙ୍କେତିକ ଭାବରେ ତାହା ଫଳିବ । ତୁମେ ଗୋଟିଏ ବର୍ଷ ପାଇଁ ନପୁଂସକ ହୋଇ ଯିବ ପୁତ୍ର । କିନ୍ତୁ ତାହା ତୁମପାଇଁ ବରଦାନ ସଦୃଶ ହେବ । ତୁମର ଅଜ୍ଞାତବାସ ସମୟରେ ତୁମେ ନପୁଂସକ ହୋଇ ବିରାଟ ରାଜପ୍ରସାଦରେ ବୃହନ୍ନଳା ନାମ ଧାରଣକରି ଆତ୍ମଗୋପନ କରିବ । ଗନ୍ଧର୍ବ ଚିତ୍ରସେନଙ୍କଠାରୁ ପ୍ରାପ୍ତ ନୃତ୍ୟକଳା ଶିକ୍ଷା ସେ ସମୟରେ ତୁମକୁ, ରାଜକନ୍ୟାଙ୍କର ନୃତ୍ୟଗୁରୁ ଭାବରେ ନିୟୋଜିତ ହେବା ପାଇଁ ସାହାଯ୍ୟ କରିବ । ତୁମଭଳି ବ୍ୟକ୍ତିତ୍ୱର ଅଧିକାରୀ, ବିଶ୍ୱପ୍ରସିଦ୍ଧ ବୀର ପାଇଁ ଜନମାନସ ଅନ୍ତରାଳରେ

Source: Author, Digitized by PPRACHIN, SOA

ରହିବା ପାଇଁ ଏହାଠାରୁ ଅଧିକ ଭଲ ଉପାୟ କ'ଣ ହୋଇପାରେ ? ଅଜ୍ଞାତବାସ ପରେ ତୁମେ ତୁମର ପୁରୁଷତ୍ୱ ଫେରି ପାଇବ।

ଆଉ କିଛିଦିନ ସ୍ୱର୍ଗପୁରରେ ରହି, ଇନ୍ଦ୍ରଙ୍କ ଆଶୀର୍ବାଦ ନେଇ ମର୍ତ୍ତ୍ୟକୁ ଫେରି ଆସିଲେ ଅର୍ଜୁନ।

-୦-

(୫୫)

ନଳ ଚରିତ

ପାଣ୍ଡବଙ୍କ ବନବାସ ସମୟରେ ଥରେ ଶ୍ରୀକୃଷ୍ଣ, ବଳରାମ ଓ ସାତ୍ୟକି ସେମାନଙ୍କୁ ସାକ୍ଷାତ କରିବାକୁ ବନପ୍ରଦେଶକୁ ଯାଇଥିଲେ। ପାଣ୍ଡବମାନଙ୍କର ଦୁର୍ଦ୍ଦଶା ଦେଖି ଦୁଃଖରେ ମ୍ରିୟମାଣ ହୋଇ ବଳରାମ ଶ୍ରୀକୃଷ୍ଣଙ୍କୁ କହିଲେ... ଛଳନାର ଶିକାର ହୋଇ ଧର୍ମାତ୍ମା ପାଣ୍ଡବମାନେ ନିଜର ରାଜ୍ୟ ହରାଇ ବଳ୍କଳ ପିନ୍ଧି, ଫଳମୂଳ ଖାଇ ବଣଜଙ୍ଗଲରେ ବୁଲୁଥିବା ବେଳେ, ଅଧର୍ମୀ କୌରବମାନେ ମହାଆନନ୍ଦରେ କାଳାତିପାତ କରୁଛନ୍ତି; ଏହା ଦେଖି ପୃଥିବୀରେ କିଏ କାହିଁକି ଧମପର୍ଥ ଅନୁସରଣ କରିବ ? ଏ ପ୍ରକାର ଅନ୍ୟାୟ କର୍ମ ପାଇଁ ପରଲୋକରେ ଧୃତରାଷ୍ଟ୍ର କିପରି ପୂର୍ବଜମାନଙ୍କୁ ନିଜର ନିର୍ଲ୍ଲଜ ମୁହଁ ଦେଖାଇବେ ?

ଏହା ଶୁଣି ସାତ୍ୟକି କହିଲେ... ଭାଇ ବଳରାମ ! ଏପରି ସହାନୁଭୂତି ଦେଖାଇବାରେ କଣ ମୂଲ୍ୟ ? ଆମେ ଯାଦବମାନେ ଚାହିଁଲେ ହସ୍ତିନା ଆକ୍ରମଣ କରି କୌରବମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ପାଣ୍ଡବମାନଙ୍କୁ ସେମାନଙ୍କ ରାଜ୍ୟ ଫେରାଇ ଦେଇପାରିବା।

ମୃଦୁ ହସି, ଶ୍ରୀକୃଷ୍ଣ ସାତ୍ୟକିଙ୍କୁ ଚାହିଁ କହିଲେ... ପ୍ରିୟ ସାତ୍ୟକି ! ତୁମେ କଣ ଭାବୁଛ ଏହି ବିକଳ୍ପ ମୋ ମନକୁ ଆସିନାହିଁ ? ମୁଁ ଜାଣେ କୌରବମାନଙ୍କୁ ପରାସ୍ତ କରି ଆମେ ପାଣ୍ଡବଙ୍କ ହୃତରାଜ୍ୟ ତାଙ୍କୁ ଫେରାଇ ଦେଇ ପାରିବା, କିନ୍ତୁ ଏହାଦ୍ୱାରା ସେମାନଙ୍କର ଆତ୍ମସମ୍ମାନ ବାଧାପ୍ରାପ୍ତ ହେବ। ଆମ ଦୟା ଯୋଗୁଁ ପାଇଥିବା ରାଜ୍ୟ, କଦାପି ଅଖଣ୍ଡ ପୌରୁଷ ଓ ଆତ୍ମସମ୍ମାନର ଅଧିକାରୀ ପାଣ୍ଡବମାନେ ଗ୍ରହଣ କରିବେ ନାହିଁ। ଦୁର୍ଯ୍ୟୋଧନର ଜାନୁ ଭଙ୍ଗ ପାଇଁ ଅପେକ୍ଷା କରିଥିବା ବୃକୋଦର ଏବଂ ଦୁଃଶାସନ ରକ୍ତରେ ବେଣୀବନ୍ଧନ କରିବାକୁ ଅପେକ୍ଷା କରିଥିବା ପାଞ୍ଚାଳୀ କଣ ଆମ ଦାନ ଗ୍ରହଣ କରିବେ ପ୍ରିୟ ସାତ୍ୟକି ?

Source: Author, Digitized by PPRACHIN, SOA

କୁରୁ ସଭାରେ କରିଥିବା ସତ୍ୟରୁ କଣ ବିଚ୍ୟୁତ ହେବେ ଧର୍ମରାଜ ଯୁଧିଷ୍ଠିର ?

ଶ୍ରୀକୃଷ୍ଣଙ୍କ ମୁଖ ନିସୃତ ଏହି ବାଣୀ ଯୁଧିଷ୍ଠିର ଏବଂ ପାଞ୍ଚାଳୀଙ୍କୁ ପ୍ରଭାବିତ କଲା। ଯୁଧିଷ୍ଠିର କହିଲେ... ବାସୁଦେବ ମୋ ମନକଥା କହିଛନ୍ତି। ତେରବର୍ଷ ପରେ ଆମେ ଆମର ରାଜ୍ୟ ଫେରି ନପାଇଲେ ନିଶ୍ଚିତ ଭାବରେ ଯୁଦ୍ଧ ହେବ ଏବଂ ସେ ସମୟରେ ଆମେ ଯାଦବ ମାନଙ୍କର ସହାୟତା ନିଶ୍ଚୟ ମାଗିବୁ।

କୃଷ୍ଣ ବଳରାମ ଫେରିଯିବା ପରେ, ଅର୍ଜୁନଙ୍କ ଚିନ୍ତାରେ ଥିଲେ ପାଣ୍ଡବ ଚାରିଭାଇ; ଦିବ୍ୟାସ୍ତ୍ର ନେଇ ଫେରିବାରେ ବିଳମ୍ବ ଦେଖି ଯୁଧିଷ୍ଠିର ଦୁଃଖରେ ମ୍ରିୟମାଣ ଥିଲେ। ଏହି ସମୟରେ ମହର୍ଷି 'ବୃହଦାଶ୍ୱ' ପାଣ୍ଡବମାନଙ୍କ କୁଟୀରରେ ପହଞ୍ଚିଲେ। ମୁନିଙ୍କ ପାଦ ବନ୍ଦନା କରି ଯୁଧିଷ୍ଠିର କହିଲେ... ଭଗବନ୍ ! କୌରବଙ୍କ କୁଟିଳ ଚକ୍ରାନ୍ତ ଯୋଗୁଁ ଆମେ ରାଜ୍ୟ ହରାଇ ଦୁଃଖରେ ବନବାସୀ ଜୀବନ ଯାପନ କରୁଛୁ। ଅନେକ ଦିନ ଧରି ମଧ୍ୟମ ପାଣ୍ଡବ ଅର୍ଜୁନ ଦିବ୍ୟାସ୍ତ୍ର ସନ୍ଧାନରେ ଯାଇ ଫେରି ନାହାନ୍ତି। କେବେ ସେ ଆମ ଗହଣକୁ ଫେରି ଆସିବେ, ଦିବ୍ୟଦୃଷ୍ଟି ବଳରେ କହିପାରିବେ କି ମହର୍ଷି ?

ପାଣ୍ଡବମାନଙ୍କୁ ଆଶ୍ୱସନା ଦେଇ ବୃହଦାଶ୍ୱ କହିଲେ... ଚିନ୍ତା କରନାହିଁ ପୁତ୍ର ! ଅର୍ଜୁନ ଅତି ଶୀଘ୍ର ଫେରିଆସିବେ।ତୁମ ଦୁଃଖରେ ମୁଁ ଅତ୍ୟନ୍ତ ଦୁଃଖିତ; ଏପରିକି ଅରଣ୍ୟ, ନଦୀ, ପଶୁ, ପକ୍ଷୀ ସମସ୍ତେ ତୁମ ଦୁଃଖରେ ମ୍ରିୟମାଣ। କିନ୍ତୁ ତୁମେ ନଳ ରାଜାଙ୍କ ପରି ଧର୍ମପଥରେ ରହିଛ; ଶେଷରେ ତୁମର ବିଜୟ ସୁନିଶ୍ଚିତ ପୁତ୍ର। ଦୁଃଖ ଲାଘବ ପାଇଁ ନଳ ଚରିତ କହୁଛି, ଶୁଣ...

ନିଷଧ ରାଜ୍ୟର ରାଜା, ବୀରସେନଙ୍କ ପୁତ୍ର ନଳ, ଦେବପୁରୁଷ ଭଳି ସୁନ୍ଦର ଏବଂ ସାକ୍ଷାତ ଧର୍ମରାଜଙ୍କ ଭଳି ସତ୍‌ପଥଗାମୀ ଥିଲେ। ବୀରସେନଙ୍କ ପରେ ସିଂହାସନ ଆରୋହଣ କରି ସେ ପ୍ରଜାମାନଙ୍କୁ ଶାନ୍ତିରେ ପାଳନ କରୁଥିଲେ। ଦେବତାମାନେ ତାଙ୍କ ପ୍ରତି ସନ୍ତୁଷ୍ଟ ଥିଲେ। କିନ୍ତୁ ତାଙ୍କ ଖ୍ୟାତି ଦେଖି 'କଳି-ପୁରୁଷ' ଈର୍ଷାରେ ଜଳୁଥିଲେ।

ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତି ଏବଂ ଅଶ୍ୱପାଳନ ଓ ଚାଳନା କାର୍ଯ୍ୟରେ ନଳ ଧୁରନ୍ଧର ଥିଲେ, କିନ୍ତୁ ପଶାଖେଳ ପ୍ରତି ତାଙ୍କର ଅସୀମ ଦୁର୍ବଳତା ଥିଲା। ଦିନେ ନଳ ଅରଣ୍ୟରେ ଶିକାର ଉଦ୍ଦେଶ୍ୟରେ ଭ୍ରମଣ କରୁଥିବା ସମୟରେ ଏକ ଅପୂର୍ବ ସୁବର୍ଣ୍ଣ ହଂସଠାରୁ ସେ ଅପରୂପା ସୁନ୍ଦରୀ ତଥା ଗୁଣବତୀ ବିଦର୍ଭ ରାଜକନ୍ୟା ଦମୟନ୍ତୀଙ୍କ ବିଷୟରେ ଶୁଣିବା ପରେ ତାଙ୍କୁ ବିବାହ କରିବାକୁ ଚାହିଁଲେ। ସୁବର୍ଣ୍ଣ ହଂସ ଏହି କାର୍ଯ୍ୟରେ ନଳଙ୍କର ସହାୟତା କଲା। ହଂସ ଦମୟନ୍ତୀଙ୍କ ପ୍ରକୋଷ୍ଠରେ ପହଞ୍ଚି ନଳଙ୍କ ରୂପଗୁଣର ଭୂୟସୀ ପ୍ରଶଂସା କଲା। ଦମୟନ୍ତୀ ନଳଙ୍କ ପ୍ରଶଂସା ହଂସଦୂତଠାରୁ ଶୁଣି ନିଜର ମନପ୍ରାଣ ତାଙ୍କରି ଠାରେ ଅର୍ପଣ

Source: Author, Digitized by PPRACHIN, SOA

କରିଦେଇଥିଲେ।

ବିଦର୍ଭ ରାଜା ଭୀମ କନ୍ୟାର ସ୍ୱୟମ୍ବର ଦିନ ଧାର୍ଯ୍ୟକରି ରାଜାମାନଙ୍କୁ ନିମନ୍ତ୍ରଣ କଲେ। ରାଜକନ୍ୟା ଏପରି ରୂପବତୀ ଓ ଗୁଣବତୀ ଥିଲେ ଯେ ସ୍ୱର୍ଗରୁ ଦେବତାମାନେ ମଧ୍ୟ ବିବାହ ଆଶାନେଇ ଦମୟନ୍ତୀଙ୍କ ସ୍ୱୟଂବର ସଭାକୁ ଆସିଥିଲେ। ଦେବତାମାନେ, ନଳଙ୍କ ପ୍ରତି ଦମୟନ୍ତୀଙ୍କର ଦୁର୍ବଳତା ବିଷୟରେ ଜାଣିଥିଲେ। ଇନ୍ଦ୍ର, ଚନ୍ଦ୍ର, ଅଗ୍ନି, ବରୁଣ ଚାରିଜଣ ନଳ ବେଶରେ ସଭାରେ ବିରାଜମାନ। ପାଞ୍ଚଜଣ ନଳ ଭିତରୁ ପ୍ରକୃତ ନଳ କିଏ, କିପରି ଜାଣିବେ ଦମୟନ୍ତୀ !ଏ ସମୟରେ ଦେବୀ ସରସ୍ୱତୀ ଦମୟନ୍ତୀଙ୍କୁ ସାହାଯ୍ୟ କଲେ। ସେ ଦମୟନ୍ତୀଙ୍କ କାନରେ କହିଲେ... ଯେଉଁ ନଳଙ୍କର ଛାୟା ଭୂମିରେ ପଡ଼ିଥିବ ସେ ପ୍ରକୃତ ନଳ; ଅନ୍ୟମାନେ ଛଦ୍ମବେଶୀ ଦେବତା। ଦମୟନ୍ତୀ ପ୍ରକୃତ ନଳଙ୍କୁ ଚିହ୍ନି ପାରି ତାଙ୍କ ଗଳାରେ ବରଣମାଳା ଦେଇ ତାଙ୍କୁ ଜୀବନସାଥି ଭାବରେ ବାଛି ନେଲେ। ଦେବତାମାନେ ନଳ-ଦମୟନ୍ତୀଙ୍କୁ ଆଶୀର୍ବାଦ ଦେଇ ଯେ ଯାହା ବାଟରେ ଚାଲିଗଲେ। କିନ୍ତୁ ଘୋର ଈର୍ଷାନ୍ୱିତ ହୋଇ କଳିପୁରୁଷ ନଳଙ୍କ ଠାରୁ ଦମୟନ୍ତୀଙ୍କୁ ବିଚ୍ଛେଦ କରିବା ପାଇଁ ବଦ୍ଧପରିକର ହେଲେ।

ଧର୍ମାତ୍ମା ନଳଙ୍କୁ ବିପଥଗାମୀ କରି ଦମୟନ୍ତୀଙ୍କଠାରୁ ଦୂରେଇ ନେବାପାଇଁ ଦୀର୍ଘ ବାରବର୍ଷ ଚେଷ୍ଟା କରିବାପରେ କଳି ସଫଳକାମ ହେଲେ। ଦିନେ ରାଜା ପଦ ଧୌତ କରିବା ସମୟରେ ଗୋଇଠି ଶେଷରେ ଧୌତ ପାଣି ଲାଗିଲା ନାହିଁ; ସେହି ଛିଦ୍ର ଦେଖି କଳି ନଳଙ୍କ ଶରୀରରେ ପ୍ରବେଶ କଲେ। ରାଜାଙ୍କର ପଶାଖେଳ ପ୍ରତି ଦୁର୍ବଳତାର ସୁଯୋଗ ନେଇ, ରାଜାଙ୍କ ଭାଇ ପୁଷ୍କରଙ୍କ ସହିତ ଖେଳ ସମୟରେ ନଳଙ୍କର ମତି ବିଭ୍ରମକଲେ କଳି। ନଳ ନିଜ ରାଜ୍ୟ ବାଜି ପକାଇ ହାରି ଯିବାପରେ ଦମୟନ୍ତୀଙ୍କୁ ନେଇ ଅରଣ୍ୟକୁ ଚାଲିଗଲେ। ଅରଣ୍ୟରେ ମଧ୍ୟ କଳି, ନଳଙ୍କର ଏପରି ମତିବିଭ୍ରମ କଲେ ଯେ ଦିନେ ଦମୟନ୍ତୀ ଶୟନ କରିଥିବା ସମୟରେ ନଳ ତାଙ୍କୁ ଅରଣ୍ୟରେ ପରିତ୍ୟାଗ କରି ଚାଲିଗଲେ। ନିଦ୍ରାଭଙ୍ଗ ପରେ ଦମୟନ୍ତୀ ବ୍ୟାକୁଳ ହୃଦୟରେ ଅରଣ୍ୟରେ ଘୂରି ବୁଲିଲେ।

ଅରଣ୍ୟରେ ଅନେକ କଷ୍ଟ ଭୋଗକଲେ ବିଦର୍ଭ ରାଜକୁମାରୀ ଦମୟନ୍ତୀ। ପ୍ରଥମେ ଏକ ବିଶାଳକାୟ ସର୍ପର କବଳରେ ପଡିଲେ। ଜଣେ ଶିକାରୀ ତାଙ୍କୁ ସର୍ପ କବଳରୁ ରକ୍ଷାକଲା। କିନ୍ତୁ ଦମୟନ୍ତୀଙ୍କ ଅପୂର୍ବ ସୌନ୍ଦର୍ଯ୍ୟରେ ପ୍ରଲୋଭିତ ହୋଇ ଶିକାରୀ ତାଙ୍କ ଉପରେ ବଳାତ୍କାର କରିବାକୁ ଚେଷ୍ଟାକଲା। ସତୀତ୍ୱର ପରାକାଷ୍ଠା ଏଠାରେ ଦର୍ଶନ ଯୋଗ୍ୟ। ଦମୟନ୍ତୀଙ୍କ ଅଭିଶାପରେ ଜୀବନ୍ତ ଦଗ୍ଧ ହୋଇଗଲା ବ୍ୟାଧ। ତା'ପରେ ସେହି ବନଦେଶରେ କିଛି ବଣିକ ଜନପଦ ଆଡକୁ ଯାଉଥିଲେ। ଦମୟନ୍ତୀଙ୍କ ଅନୁରୋଧରେ ସେମାନେ ତାଙ୍କୁ

Source: Author, Digitized by PPRACHIN, SOA

ସେମାନଙ୍କ ସହିତ ନେବାପାଇଁ ସମ୍ମତ ହେଲେ। ପଥରେ ଯାତ୍ରା ସମୟରେ କିଛି ବନ୍ୟହସ୍ତି ବଣିକମାନଙ୍କୁ ଆକ୍ରମଣକରି ସେମାନଙ୍କ ପଣ୍ୟଦ୍ରବ୍ୟ ନଷ୍ଟ କରିଦେବାରୁ ସେମାନେ ଦମୟନ୍ତୀଙ୍କ ଉପସ୍ଥିତିକୁ ଅଶୁଭ ମନେକରି ତାଙ୍କ ଉପରେ ଅକଥନୀୟ ଅତ୍ୟାଚାର କଲେ। ଶେଷରେ ଅନେକ କଷ୍ଟରେ ଅରଣ୍ୟରେ ବୁଲିବା ପରେ ନିଜ ପିତାଙ୍କ ରାଜ୍ୟ ବିଦର୍ଭରେ ପହଞ୍ଚିଲେ ଦମୟନ୍ତୀ।

ଏଣେ ନଳ ନିଜର ଭୁଲ୍ ବୁଝିପାରି ଦମୟନ୍ତୀଙ୍କୁ ଅରଣ୍ୟରେ ଖୋଜି ଖୋଜି ପାଇଲେନାହିଁ। ଏଭଳି ବିଭ୍ରମିତ ହୋଇ ଭ୍ରମଣ କରୁଥିବା ସମୟରେ ଅରଣ୍ୟରେ ଲାଗିଥିବା ଅଗ୍ନିରୁ 'କର୍କୋଟକ' ନାମକ ଏକ ନାଗକୁ ଦୟାପରବଶ ହୋଇ ଉଦ୍ଧାର କଲେ ନଳ। ନଳଙ୍କ ଉପରେ ସନ୍ତୁଷ୍ଟ ହୋଇ କର୍କୋଟକ ତାଙ୍କୁ ଏଭଳି ଶକ୍ତି ପ୍ରଦାନ କଲେ ଯେ ସେ ଇଚ୍ଛା କରି ନିଜର ରୂପ ପରିବର୍ତ୍ତନ କରିପାରିବେ। କର୍କୋଟକ ତାଙ୍କୁ ଅଯୋଧ୍ୟା ରାଜା ଋତୁପର୍ଣ୍ଣଙ୍କ ପାଖରୁ ପଶାଖେଳ, ଉତ୍ତମ ଭାବରେ ଶିକ୍ଷା କରି, ନିଜ ହୃତରାଜ୍ୟ ଫେରିପାଇବା ପାଇଁ ଚେଷ୍ଟା କରିବାପାଇଁ ପ୍ରବର୍ତ୍ତାଇଲେ। ଅଯୋଧ୍ୟାରେ ପହଞ୍ଚି, ନିଜର ରୂପ ପରିବର୍ତ୍ତନ କରି, କୁତ୍ସିତ-କଳେବର 'ବାହୁକ' ନାମ ଧାରଣ କରି ରାଜା ଋତୁପର୍ଣ୍ଣଙ୍କର ସାରଥୀ ଭାବରେ ରହି ଦ୍ୟୁତକ୍ରୀଡା ଶିକ୍ଷା କରିବା ସମ୍ଭାବନାରେ ରହିଲେ ନଳ।

ନଳଙ୍କୁ ପାଇବା ପାଇଁ ଦମୟନ୍ତୀ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଏକ କରିଦେଲେ। ସେ ଜାଣିଥିଲେ ତାଙ୍କୁ ଅନ୍ୟ କାହାର ଅଙ୍କଲକ୍ଷ୍ମୀ ହେବା ନଳ କଦାପି ସହ୍ୟ କରିପାରିବେ ନାହିଁ ଏବଂ ସ୍ୱୟଂବର ସମ୍ବାଦ ପାଇ ଯେଉଁଠାରେ ଥିଲେ ମଧ୍ୟ ଚାଲି ଆସିବେ। ତେଣୁ ଏକ ସ୍ୱୟଂବରର ଆୟୋଜନ କରିବାପାଇଁ ପିତାଙ୍କୁ ପ୍ରବର୍ତ୍ତାଇଲେ ଦମୟନ୍ତୀ। ସେହି ସ୍ୱୟଂବରକୁ ଅଯୋଧ୍ୟା ରାଜା ଋତୁପର୍ଣ୍ଣ ମଧ୍ୟ ନିମନ୍ତ୍ରିତ ହୋଇଥିଲେ। ଦମୟନ୍ତୀ, ଋତୁପର୍ଣ୍ଣଙ୍କ ରଥଚାଳକ ବାହୁକଙ୍କ ଅଶ୍ୱଚାଳନା ଟାପୁ ଶବ୍ଦରୁ ଜାଣି ପାରିଲେ ଯେ ସେ ନଳଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି। କିନ୍ତୁ ତାଙ୍କର କୁତ୍ସିତ ଖର୍ବ ଶରୀର ଦେଖି ସନ୍ଦେହରେ ରହିଥିଲେ ଦମୟନ୍ତୀ। ଦାସୀ ମାଧ୍ୟମରେ ବାହୁକଙ୍କୁ କିଛି ପ୍ରଶ୍ନ ପଚାରି ସେହି ଉତ୍ତରରୁ ଜାଣିପାରିଲେ ଦମୟନ୍ତୀ ଯେ ବାହୁକ ନଳ ବ୍ୟତୀତ ଅନ୍ୟ କେହି ନୁହନ୍ତି। ନଳ ମଧ୍ୟ ଦମୟନ୍ତୀଙ୍କୁ ଦେଖି କୁତ୍ସିତ ରୂପ ପରିତ୍ୟାଗ କରି ନିଜ କନ୍ଦର୍ପବିନିନ୍ଦିତ ରୂପରେ ଉଭାହେଲା।

ରାଜା ଋତୁପର୍ଣ୍ଣ ନଳଙ୍କ ପ୍ରକୃତ ପରିଚୟ ପାଇ ଆନନ୍ଦରେ ତାଙ୍କୁ କୋଳାଗ୍ରତ କଲେ। ନଳଙ୍କ ଅନୁରୋଧରେ ଋତୁପର୍ଣ୍ଣ ତାଙ୍କୁ ଦ୍ୟୁତ-ବିଦ୍ୟା ଶିକ୍ଷା ଦେଲେ। ଏ ଭିତରେ ନଳ-ଦମୟନ୍ତୀଙ୍କ ପ୍ରେମର ନିଷ୍ଠା ଦେଖି କଳି ତାଙ୍କ ଦେହ ତ୍ୟାଗ କରି ଚାଲିଗଲେ। ନଳ ପୁଷ୍କରଙ୍କ ଆଗରେ ଦ୍ୟୁତକ୍ରୀଡାର ଆହ୍ୱାନ ଦେଲେ ଏବଂ ବାଜିରେ ନିଜ ରାଜ୍ୟ ବଦଳରେ

Source: Author, Digitized by PPRACHIN, SOA

ଦମୟନ୍ତୀଙ୍କୁ ବାଜି ରଖିଲେ। ନଳ ଜାଣିଥିଲେ ଯେ ଏହି କ୍ରୀଡାରେ ସେ ନିଶ୍ଚିତ ଭାବରେ ସଫଳ ହେବେ ଏବଂ ଏହା ତାଙ୍କ ଜୀବନର ଶେଷ ଦ୍ୟୁତକ୍ରୀଡା ହେବ।

ପୁଷ୍କର, ଅପରୂପା ଦମୟନ୍ତୀଙ୍କୁ ପାଇବା ଆଶାରେ ଦ୍ୟୁତକ୍ରୀଡାରେ ଭାଗନେଲେ ଏବଂ ପରାସ୍ତ ହୋଇ ରାଜ୍ୟ ହରାଇଲେ। ନଳ ପୁଷ୍କରଙ୍କୁ ରାଜ୍ୟରୁ ବିତାଡିତ କରି ପାରିଥାନ୍ତେ, କିନ୍ତୁ ସେ ଦୟାବାନ୍ ଥିଲେ। ପୁଷ୍କରଙ୍କୁ ରାଜ୍ୟରୁ କିଛି ଅଂଶ ଦାନ କରି ସେଠାରେ ରାଜତ୍ୱ କରିବାକୁ ଅନୁମତି ଦେଲେ।

ନଳ ଚରିତ ବର୍ଣ୍ଣନା କରି ଋଷି ବୃହଦାଶ୍ୱ ଯୁଧିଷ୍ଠିରଙ୍କୁ କହିଲେ... ବତ୍ସ! ନଳ ଯେପରି କଷ୍ଟକର ଜୀବନ ଯାପନ କରିଥିଲେ, ତା' ତୁଳନାରେ ତୁମର ଏ କଷ୍ଟ କିଛି ନୁହେଁ। ଧର୍ମ ମାର୍ଗରେ ଥିବାରୁ କଳି ମଧ୍ୟ ତାଙ୍କର କିଛି କ୍ଷତି କରିପାରି ନଥିଲେ; ସେ ନିଜ ରାଜ୍ୟ, ରାଜପଦ ଏବଂ ଐଶ୍ୱର୍ଯ୍ୟ ଫେରି ପାଇଲେ। ତୁମର ମଧ୍ୟ ଏ ଦୁର୍ଦ୍ଦିନ ଦୂର ହୋଇଯିବ ପୁତ୍ର !

-o-

(୫୬)

ଅନନ୍ୟ ମହର୍ଷି ଅଗସ୍ତ୍ୟ

ପାଣ୍ଡବମାନେ ଇନ୍ଦ୍ରପ୍ରସ୍ଥରେ ରାଜୁତି କରୁଥିବା ସମୟରେ ଅନେକ ପଣ୍ଡିତ, ବ୍ରାହ୍ମଣ ଓ ଅନୁଗତଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିଲେ। ଦ୍ୟୁତକ୍ରୀଡାରେ ପରାଜୟ ପରେ ସେମାନେ ସମସ୍ତେ ଯୁଧିଷ୍ଠିରଙ୍କ ପ୍ରତି ଆନୁଗତ୍ୟ ସ୍ୱରୂପ ତାଙ୍କ ସହିତ ଅରଣ୍ୟରେ ଜୀବନ ଯାପନ କଲେ।ଅରଣ୍ୟରେ ସେମାନଙ୍କ ଭରଣ ପୋଷଣ ଅନେକ ସମୟରେ ପାଣ୍ଡବଙ୍କ ପାଇଁ କଷ୍ଟ ସାଧ୍ୟ ବ୍ୟାପାର ହେଉଥିଲା। ଥରେ ମହର୍ଷି ଲୋମଶ ପାଣ୍ଡବଙ୍କ କୁଟୀରରେ ପହଞ୍ଚି, ଯୁଧିଷ୍ଠିରଙ୍କର ଏହି ବିରାଟ ସମର୍ଥକ ବ୍ରାହ୍ମଣଗୋଷ୍ଠୀକୁ ଦେଖି କହିଲେ... ଧର୍ମରାଜ ! ଏମାନଙ୍କ ସଂଖ୍ୟା କମ୍ କରନ୍ତୁ। ତୀର୍ଥଯାତ୍ରା ସମୟରେ ଏତେ ସଂଖ୍ୟକ ସମର୍ଥକ ଆପଣଙ୍କ ମୁଣ୍ଡବ୍ୟଥାର କାରଣ ହେବେ।

ଯୁଧିଷ୍ଠିର, ମହର୍ଷି ଲୋମଶଙ୍କ ଉପଦେଶର ବାସ୍ତବତା ଅନୁଭବ କରି ତାଙ୍କ ସହିତ ଥିବା ସମସ୍ତଙ୍କୁ ଯୋଡ ହସ୍ତରେ କହିଲେ... ହେ ବ୍ରାହ୍ମଣ ଦେବତାମାନେ ! ଆପଣମାନଙ୍କ ଆନୁଗତ୍ୟ ଆମକୁ କୃତକୃତ୍ୟ କରିଛି। ଆମେ ବର୍ତ୍ତମାନ ତୀର୍ଥଯାତ୍ରାରେ ବିଭିନ୍ନ ସ୍ଥାନରେ

Source: Author, Digitized by PPRACHIN, SOA

ଭ୍ରମଣ କରିବୁ । ଯେଉଁମାନଙ୍କର ଯାତ୍ରା-କଷ୍ଟ ସହ୍ୟ କରିବାର ସାମର୍ଥ୍ୟ ନାହିଁ ଏବଂ କେବଳ ଆନୁଗତ୍ୟ ପାଇଁ ଆମ୍ଭମାନଙ୍କ ସହିତ ରହିଛନ୍ତି, ସେମାନେ ଦୟାକରି ଧୃତରାଷ୍ଟ୍ରଙ୍କ ଦରବାରକୁ କିମ୍ବା ପାଞ୍ଚାଳ ରାଜଦରବାରକୁ ଚାଲି ଯାଆନ୍ତୁ । ଯୁଧିଷ୍ଠିରଙ୍କର ଏହି ଉପଦେଶ ଫଳପ୍ରଦ ହେଲା । ପାଣ୍ଡବଙ୍କ ସହିତ ତୀର୍ଥଯାତ୍ରା ସମୟରେ ଅଳ୍ପ ସଂଖ୍ୟକ ଋଷି ଓ ବ୍ରାହ୍ମଣ ରହିଲେ ।

ତୀଥର୍ଯାତ୍ରା ସମୟରେ ମୁନିଋଷି ମାନଙ୍କ ସହିତ,ଭାରତୀୟ ସଂସ୍କୃତି ସମ୍ବନ୍ଧୀୟ ଅନେକ ପୁରାତନ କଥା ଉପରେ ଆଲୋଚନା ହେଉଥିଲା । ଏହିପରି ଗୋଟିଏ ଆଲୋଚନା ମହର୍ଷି ଅଗସ୍ତ୍ୟଙ୍କ ସମ୍ବନ୍ଧରେ ଥିଲା...

ମହର୍ଷି ଅଗସ୍ତ୍ୟ ତପଶ୍ଚର୍ଯ୍ୟା ବଳରେ ଅନେକ ଅଲୌକିକ ଶକ୍ତିର ଅଧିକାରୀ ଥିଲେ । ଯତୀବ୍ରତରେ ସଂପୂର୍ଣ୍ଣ ନିମଜ୍ଜିତ ଏହି ତପସ୍ୱୀ ସାଂସାରିକ ଜୀବନ ବିଷୟରେ ସଂପୂର୍ଣ୍ଣ ଅଜ୍ଞ ଥିଲେ । ଥରେ ଅଗସ୍ତ୍ୟ ଏକ ଅଦ୍ଭୁତ ଦୃଶ୍ୟ ଦେଖିଲେ । ତାଙ୍କ ସମ୍ମୁଖରେ କିଛି ପ୍ରେତାତ୍ମା ପାଦ ଉପରକୁ ଏବଂ ମୁଣ୍ଡ ତଳକୁ କରି ଝୁଲୁଥିଲେ । ସେମାନଙ୍କ ପରିଚୟ ଜାଣିବାପାଇଁ ଅଗସ୍ତ୍ୟ ଇଚ୍ଛା କରିବାରୁ ସେମାନେ କହିଲେ... ବତ୍ସ ! ଆମେ ସମସ୍ତେ ତୁମର ପୂର୍ବପୁରୁଷ । ତୁମେ ଅବିବାହିତ ରହି ପୁତ୍ର ସନ୍ତାନ ସୃଷ୍ଟି ନକଲେ ବଂଶ ଲୋପ ପାଇଯିବ; ଆମେ ପିଣ୍ଡପାଣି ପାଇବୁ ନାହିଁ ଏବଂ ଆମ୍ଭମାନଙ୍କର ଆତ୍ମା ମୁକ୍ତି ପାଇବେ ନାହିଁ । ତୁମର ଧ୍ୟାନ ଏହି ସମସ୍ୟା ପ୍ରତି ଆକର୍ଷଣ କରିବାପାଇଁ ଆମେ ତୁମ ଆଗରେ ଏହି ରୂପରେ ବିଦ୍ୟମାନ । ଏହି ସମସ୍ୟାର ସମାଧାନ ପାଇଁ ତୁମକୁ କିଛି କରିବାପାଇଁ ହେବ ।

ଅଗସ୍ତ୍ୟ, ପୂର୍ବପୁରୁଷମାନଙ୍କର ଏହି ଚେତାବନୀ ଶୁଣି ବିବାହ କରି, ଘର ସଂସାର କରିବା ପାଇଁ ମନସ୍ଥ କଲେ ।ସେ ସମୟରେ ବିଦର୍ଭର ରାଜା ସନ୍ତାନହୀନ ଥିବାରୁ ଗଭୀର ମନସ୍ତାପରେ କାଳାତିପାତ କରୁଥିଲେ । ଥରେ ଅଗସ୍ତ୍ୟଙ୍କର ତାଙ୍କ ନଗରକୁ ଆଗମନ ଅବସରରେ ରାଜା ତାଙ୍କୁ ନିଜର ଦୁଃଖ ଜଣାଇଲେ । ଅଗସ୍ତ୍ୟ ରାଜାଙ୍କୁ ଆଶୀର୍ବାଦ ଦେଇ କହିଲେ... ତୁମେ ଅଚିରେ ଏକ କନ୍ୟା ସନ୍ତାନର ଜନକ ହେବ, କିନ୍ତୁ କନ୍ୟାର ଯୌବନ ପ୍ରାପ୍ତି ପରେ ତୁମେ ତାଙ୍କର ବିବାହ ମୋ ସହିତ କରାଇବ ।ଏହା ଅନ୍ୟଥା ହେଲେ ମୋ କ୍ରୋଧର ସମ୍ମୁଖୀନ ହେବାକୁ ପଡିବ ।

ଅଗସ୍ତ୍ୟଙ୍କ ଆଶୀର୍ବାଦରୁ, ଗୋଟିଏ କନ୍ୟାରତ୍ନ ବିଦର୍ଭ ନରେଶଙ୍କ କୋଳ ମଣ୍ଡନ କଲେ । ରାଜା କନ୍ୟାର ନାମ ରଖିଲେ ଲୋପାମୁଦ୍ରା । ଲୋପାମୁଦ୍ରା ଅତ୍ୟନ୍ତ ସୁନ୍ଦରୀ ଓ ଗୁଣବତୀ ଥିଲେ । ଯୌବନ-ପ୍ରାପ୍ତି ପରେ ଅନେକ ରାଜକୁମାର ତାଙ୍କ ରୂପରେ ମୁଗ୍ଧ ହେଲେ ମଧ୍ୟ ଅଗସ୍ତ୍ୟଙ୍କ ଭୟରେ ବିବାହ ପ୍ରସ୍ତାବ ବିଦର୍ଭ ରାଜାଙ୍କ ପାଖକୁ ପଠାଇବାକୁ ସାହସ କରୁନଥିଲେ ।

Source: Author, Digitized by PPRACHIN, SOA

ଲୋପାମୁଦ୍ରାଙ୍କୁ ବିବାହ କରିବାପାଇଁ ଠିକ୍ ସମୟରେ ଅଗସ୍ତ୍ୟ ବିଦର୍ଭରେ ପହଞ୍ଚିଲେ। ବିଦର୍ଭ ରାଜା ନିଜର ଅଳିଅଳୀ କନ୍ୟାକୁ ଜଣେ ନିସ୍ୱ ତପସ୍ୱୀ ହାତରେ ଦେବାପାଇଁ ଚାହୁଁ ନଥିଲେ। କିନ୍ତୁ ଅସମ୍ମତ ହେଲେ ପରିଣାମ ଭୟାବହ ହେବ। ତେଣୁ ରାଜା ଗଭୀର ଚିନ୍ତାରେ ଥିଲେ। ଲୋପାମୁଦ୍ରାଙ୍କ ପାଇଁ ପିତାଙ୍କ ଖୁସି ନିଜ ସୁଖ ଠାରୁ ଅଧିକ ଥିଲା। ସେ ପିତାଙ୍କ ମନରୁ ଦୁଃଖ ଦୂର କରିବାପାଇଁ ହସି ହସି ଅଗସ୍ତ୍ୟଙ୍କ ପାଣି ଗ୍ରହଣ କଲେ। ଋଷିଙ୍କ ସହିତ ଅରଣ୍ୟକୁ ଯିବା ସମୟରେ ନିଜ ଅଙ୍ଗର ସମସ୍ତ ଆଭୂଷଣ ଏବଂ ମୂଲ୍ୟବାନ ବସ୍ତ୍ର, ସଖୀ ଏବଂ ଦାସୀମାନଙ୍କ ମଧ୍ୟରେ ବାଣ୍ଟି ଦେଇ ବଲ୍କଳ ପରିହିତା ହୋଇ ରାଜପ୍ରସାଦ ଛାଡି ପତିଙ୍କ ସହିତ ଅରଣ୍ୟକୁ ଚାଲିଗଲେ।

ଗଙ୍ଗାଦ୍ୱାରଠାରେ ଅଗସ୍ତ୍ୟ ଏବଂ ଲୋପାମୁଦ୍ରା ଗଭୀର ତପସ୍ୟାରେ ମଗ୍ନ ହେଲେ। କ୍ରମେ ଋଷିଙ୍କ ସାନିଧ୍ୟ ତାଙ୍କ ମନରେ ମିଳନ ପାଇଁ ଇଚ୍ଛା ଜାଗ୍ରତକଲା। କିନ୍ତୁ ବନର ମୁକ୍ତ ପରିବେଶରେ ସଙ୍ଗମ ପାଇଁ ଲଜ୍ଜା ଅନୁଭବ କରି ଲୋପାମୁଦ୍ରା ସ୍ୱାମୀଙ୍କୁ କହିଲେ... ସ୍ୱାମୀ! ଏହି ମିଳନ ପାଇଁ ମୋର ଉପଯୁକ୍ତ ପରିବେଶ ଆବଶ୍ୟକ। ରାଜପ୍ରସାଦ ଭିତରେ ଥିବା ସମୟରେ ମୁଁ ଯେପରି ତୁଳିତଳ୍ପ ଶଯ୍ୟାରେ ଶୟନ କରୁଥିଲି ଏବଂ ପରିଧାନ ତଥା ଅଳଙ୍କାର ବିମଣ୍ଡିତା ହୋଇଥିଲି ଆପଣଙ୍କ ସହିତ ମିଳନ ପାଇଁ ସେହିଭଳି ପରିବେଶ ମୋର ଆବଶ୍ୟକ। ଆପଣ ମଧ୍ୟ ରାଜକୀୟ ପୋଷାକ ପରିଚ୍ଛଦ ଓ ଅଳଙ୍କାର ପରିଧାନ କରନ୍ତୁ ବୋଲି ମୋର ଇଚ୍ଛା।

ଏହା ଶୁଣି ଅଗସ୍ତ୍ୟ ହସିଦେଇ କହିଲେ... ପ୍ରିୟେ! ତୁମ ସହିତ ସେଭଳି ରାଜକୀୟ ଗାର୍ହସ୍ଥ୍ୟ ବିତାଇବା ପାଇଁ ଆମପାଖରେ ନା ତ ଧନ ଅଛି, ନା ସୁବିଧା। ଆମେ ଏହି ବନପ୍ରଦେଶରେ ଦରିଦ୍ର ଭିକ୍ଷୁକ ଭଳି ଜୀବନ ବ୍ୟତୀତ କରୁଛନ୍ତି।

ଲୋପାମୁଦ୍ରା କହିଲେ... ସ୍ୱାମୀ! ଆପଣଙ୍କ ପାଇଁ କିଛି ଅସମ୍ଭବ ନୁହେଁ; ତପ ବଳରେ ଆପଣ ସବୁ କିଛି କରିପାରିବେ। ବିଶ୍ୱର ଶ୍ରେଷ୍ଠ ଐଶ୍ୱର୍ଯ୍ୟ ଆପଣଙ୍କ ପାଦତଳେ ପହଞ୍ଚିବ।

ଅଗସ୍ତ୍ୟ କହିଲେ... ପ୍ରିୟେ, ମୋ ତପସ୍ୟା-ଅର୍ଜିତ ଶକ୍ତି କଣ ଏଭଳି ସାଂସାରିକ ଆବଶ୍ୟକତା ପାଇଁ ବ୍ୟବହାର କରିବା ଉଚିତ ହେବ? ତପସ୍ୟାର ଫଳ ଜନସାଧାରଣଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ବିନିଯୋଗ ହେବା ଆବଶ୍ୟକ।

ଏହା ଶୁଣି ଲୋପାମୁଦ୍ରା କହିଲେ... ଠିକ୍ ଅଛି ସ୍ୱାମୀ, ସୁଖୀ ଗାର୍ହସ୍ଥ୍ୟ ଜୀବନ ଯାପନ ପାଇଁ, ଯେତିକି ଧନ ଆବଶ୍ୟକ, ନିଜ ତପୋଶକ୍ତି ଉପଯୋଗ ନକରି, ତାହା ଆପଣ ଅର୍ଜନ କରନ୍ତୁ। ସେହି ସଂସାର ସଂଗ୍ରହ, ଆପଣଙ୍କ ପୂର୍ବଜମାନଙ୍କ ଉଦ୍ଧାର ପାଇଁ

Source: Author, Digitized by PPRACHIN, SOA

ପୁତ୍ର ସନ୍ତାନ ଉତ୍ପନ୍ନ କରିବାରେ ସାହାଯ୍ୟ କରିବ।

ଅଗସ୍ତ୍ୟ କହିଲେ... ଠିକ୍ ଅଛି ଦେବୀ! ସେଥିପାଇଁ ତପଃଶକ୍ତିର ବିନିଯୋଗ ନକରି, ମୁଁ ସାଧାରଣ ବ୍ରାହ୍ମଣ ବେଶରେ କୌଣସି ରାଜା ମହାରାଜାଙ୍କ ଠାରୁ ଭିକ୍ଷା ସୂତ୍ରରେ ଧନ ଆହରଣ କରି ତୁମର ଇଚ୍ଛା ପୂରଣ କରିବି ।

ଏହାପରେ ଅଗସ୍ତ୍ୟ ଅନେକ ରାଜାଙ୍କ ପାଖରେ ପହଞ୍ଚି, ତାଙ୍କ ଗାର୍ହସ୍ଥ୍ୟ ଜୀବନର ଆବଶ୍ୟକତା ପୂରଣ ପାଇଁ ଧନ ଭିକ୍ଷା କଲେ।କିନ୍ତୁ ସବୁଠାରେ ସେ ଦେଖିଲେ ଯେ ରାଜ୍ୟର ଯେତିକି ଆୟ ତାହା ପ୍ରଜାମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ନିଅଣ୍ଟ। ବଳକା ଧନ ନାହିଁ ଦାନ କରିବାପାଇଁ। ଅଗସ୍ତ୍ୟଙ୍କୁ ଦାନ କରିବାପାଇଁ ପ୍ରଜାମାନଙ୍କ ଠାରୁ ଅଧିକ କର ଆଦାୟ କରିବାପାଇଁ ପଡ଼ିବ।

ତତ୍କାଳୀନ ସମାଜରେ ଏହିପରି ଥିଲା ରାଜତନ୍ତ। ପ୍ରଜାଙ୍କ ଉପରେ ଅଯଥା କର ଭାର ନ୍ୟସ୍ତ କରିବାକୁ ରାଜାମାନେ ଚାହୁଁ ନଥିଲେ। ଅଗସ୍ତ୍ୟ ଚିନ୍ତାକଲେ, ପ୍ରଜାମାନଙ୍କ ପାଇଁ ଉଦ୍ଦିଷ୍ଟ ଧନ ଗ୍ରହଣ କରିବା ଅପେକ୍ଷା, 'ଇଲ୍ୱଳ' ନାମକ ଏକ ଧନବାନ ରାକ୍ଷସ ଠାରୁ କିଛି ଧନ କୌଣସିମତେ ଆହରଣ କରିବା ଉଚିତ ହେବ। ଏହା ଚିନ୍ତା କରି ଇଲ୍ୱଳ ଦାନବ ପାଖରେ ଅଗସ୍ତ୍ୟ ପହଞ୍ଚିଲେ।

'ଇଲ୍ୱଳ'ର 'ବାତାପି' ନାମକ ଅନ୍ୟ ଏକ ରାକ୍ଷସ ଅନୁଜ ଥିଲା। ଦୁହିଁଙ୍କର ନରମାଂସ, ବିଶେଷତଃ ବ୍ରାହ୍ମଣ-ମାଂସ ଭକ୍ଷଣରେ ଖୁବ୍ ଲୋଭ। ସେଥିପାଇଁ ସେମାନେ ଗୋଟିଏ ସୁନ୍ଦର ଉପାୟ ଅବଲମ୍ବନ କରୁଥିଲେ। ପ୍ରଥମେ ଇଲ୍ୱଳ, ମାୟା ବିଦ୍ୟା ବଳରେ ବାତାପିକୁ ଗୋଟିଏ ଛାଗଳରେ ପରିଣତ କରି ଦେଉଥିଲା। ସେହି ଛାଗଳକୁ ମାରି, ତାର ମାଂସ ରନ୍ଧନକରି ଅତିଥିକୁ ଆପ୍ୟାୟିତ କରୁଥିଲା। ଅତିଥି ଭୋଜନ ଶେଷ କରିବା ପରେ, ଇଲ୍ୱଳ ସଞ୍ଜିବନୀ ମନ୍ତ୍ରରେ ବାତାପିକୁ ଜୀବନ୍ୟାସ ଦେଇ ଡାକୁଥିଲା... ଏଥର ଆସିଯାଅ ବାତାପି।ବାତାପି ଜୀବନ୍ୟାସ ପାଇ, ଘୋର ଗର୍ଜନ କରି ଅତିଥିଙ୍କ ପେଟ ଫଟାଇ ବାହାରି ଆସୁଥିଲା। ମୃତ ଅତିଥିକୁ ରନ୍ଧନ କରି ଦୁଇଭାଇ ଆନନ୍ଦରେ ଭୋଜନ କରୁଥିଲେ।

ଅଗସ୍ତ୍ୟଙ୍କୁ ଜଣେ ସାଧାରଣ ବ୍ରାହ୍ମଣ ମନେକରି ଇଲ୍ୱଳ ସେହି ଉପାୟ ଅବଲମ୍ବନ କଲା। ସେ ସମୟରେ ବ୍ରାହ୍ମଣମାନେ ମାଂସ ଭୋଜନ କରୁଥିଲେ। ଅଗସ୍ତ୍ୟ ଭୋଜନ କରିବା ପରେ ଇଲ୍ୱଳ ଅନୁଜକୁ ଡାକିଲା... ଏଥର ଆସିଯାଅ ବାତାପି ।

ଅଗସ୍ତ୍ୟ ନିଜ ପେଟରେ ହାତ ବୁଲାଇ କହିଲେ... ଜଗତର ଶାନ୍ତି ଓ ମଙ୍ଗଳ ପାଇଁ ପେଟ ଭିତରେ ଜୀର୍ଣ୍ଣ ହୋଇଯାଅ ବାତାପି।

ବାସ୍ତବରେ ବାତାପି ଅଗସ୍ତ୍ୟଙ୍କ ପେଟ ଭିତରେ ଜୀର୍ଣ୍ଣ ହୋଇ ଗଲା।ଇଲ୍ୱଳ

Source: Author, Digitized by PPRACHIN, SOA

ଯେତେଥର ଡାକୁଥାଏ, ଇଓଡି ଆକାରରେ ଅଗସ୍ତ୍ୟଙ୍କ ଉଦରରୁ କିଛି ବାୟୁ ବାହାରି ଆସୁଥାଏ।ଭୟରେ ଋଷିଙ୍କ ପାଦତଳେ ପଡ଼ି କ୍ଷମା ପ୍ରାର୍ଥନା କଲା ଇଲ୍ୱଳ। ଇଲ୍ୱଳ ଠାରୁ ନିଜ ଗାର୍ହସ୍ଥ୍ୟ ପାଇଁ ଆବଶ୍ୟକୀୟ ଅର୍ଥ ସଂଗ୍ରହ କରି ଫେରି ଆସିଲେ ଅଗସ୍ତ୍ୟ ଏବଂ ଲୋପାମୁଦ୍ରାଙ୍କ ଆବଶ୍ୟକତା ପୂର୍ଣ୍ଣ କଲେ। ଅଗସ୍ତ୍ୟ ଲୋପାମୁଦ୍ରାଙ୍କୁ ପଚାରିଲେ... ପ୍ରିୟେ ! ତୁମେ ଦଶଗୋଟି ସାଧାରଣ ପୁତ୍ର ଚାହୁଁଛ ନାଁ ଗୋଟିଏ ଧୀମାନ ଦେବଗୁଣଯୁକ୍ତ ପୁତ୍ର ଚାହୁଁଛ ? ଲୋପାମୁଦ୍ରା କହିଲେ... ମୋର ଗୋଟିଏ ସର୍ବଗୁଣଯୁକ୍ତ ପୁତ୍ର ଆବଶ୍ୟକ। ତାହା ହିଁ ହେଲା।

ଅଗସ୍ତ୍ୟଙ୍କ ବିଷୟରେ ଆଉ ଗୋଟିଏ ରୋଚକ କାହାଣୀ ଅଛି। ମେରୁ ପର୍ବତ ଏବଂ ବିନ୍ଧ୍ୟଗିରି ମଧ୍ୟରେ ନିଜ ନିଜର ଉଚ୍ଚତା ନେଇ ଥରେ ବିବାଦ ଲାଗିଲା। ବିନ୍ଧ୍ୟଗିରି ଉଚ୍ଚତାରେ ଏଭଳି ବଢ଼ିବାକୁ ଲାଗିଲେ ଯେ ଆକାଶରେ ସୂର୍ଯ୍ୟ ଚନ୍ଦ୍ରଙ୍କର ଗତିରୋଧ ହେଲା। ବିନ୍ଧ୍ୟଗିରିଙ୍କର ବୃଦ୍ଧି ରୋକିବା ପାଇଁ ଦେବତାମାନେ ଅଗସ୍ତ୍ୟଙ୍କୁ ଅନୁରୋଧ କଲେ। ଅଗସ୍ତ୍ୟ ଉତ୍ତର ଭାରତରୁ ଦକ୍ଷିଣକୁ ଯିବା ସମୟରେ ବିନ୍ଧ୍ୟଗିରି ମଥା ନୁଆଁଇ ଅଗସ୍ତ୍ୟଙ୍କୁ ପ୍ରଣାମ କଲେ। ଅଗସ୍ତ୍ୟ କହିଲେ... ବତ୍ସ ! ମୁଁ ଫେରିବା ପର୍ଯ୍ୟନ୍ତ ସେହିପରି ମୁଣ୍ଡ ନୁଆଇଁ ରହିଥାଅ; କଳେବର ବୃଦ୍ଧି କରନାହିଁ।

ବିନ୍ଧ୍ୟ, ଅଗସ୍ତ୍ୟଙ୍କୁ ସମ୍ମାନ କରୁଥିଲେ, ତେଣୁ ସେହିପରି ମଥା ନୁଆଁଇ ରହିଗଲେ; ଅଗସ୍ତ୍ୟ ଦକ୍ଷିଣରୁ ଆଉ ଉତ୍ତରକୁ ଫେରିଲେ ନାହିଁ।

-୦-

(୫୭)

ଋଷ୍ୟଶୃଙ୍ଗ

ପାଣ୍ଡବମାନଙ୍କ ତୀର୍ଥଯାତ୍ରା ସମୟରେ ବନଦେଶର ଏକ ପବିତ୍ର ସ୍ଥାନରେ ପହଞ୍ଚି ଲୋମଶ ଋଷି ପାଣ୍ଡବମାନଙ୍କୁ କହିଲେ... ବତ୍ସ ! ଏହି ପବିତ୍ର ସ୍ଥାନରେ ସ୍ଥିତ ଆଶ୍ରମରେ ଋଷ୍ୟଶୃଙ୍ଗ ମୁନି, ତ୍ରେତୟା ଯୁଗରେ ତପଶ୍ଚର୍ଯ୍ୟା କରୁଥିଲେ।

ନିକଟସ୍ଥ ନଦୀରେ ସ୍ନାନକରି ପବିତ୍ର ମନରେ, ପାଣ୍ଡବମାନେ ଆଶ୍ରମ ମନ୍ଦିରରେ ପୂଜା ଅର୍ଚ୍ଚନା ଶେଷ କଲେ। ତା'ପରେ ଲୋମଶ, ମହର୍ଷି ଋଷ୍ୟଶୃଙ୍ଗଙ୍କ ଉପାଖ୍ୟାନ ବର୍ଣ୍ଣନା କଲେ।

Source: Author, Digitized by PPRACHIN, SOA

ତ୍ରେତୟା ଯୁଗରେ 'ବିଦର୍ଭ'ନାମକ ଜଣେ ଯାଦବରାଜା ଥିଲେ। ଈଶ୍ୱରଙ୍କ ଦୟାରୁ ସେ ଅନେକ ପୁତ୍ର ସନ୍ତାନର ଜନକ ଥିଲେ କିନ୍ତୁ ତାଙ୍କ ପ୍ରିୟତମ ବନ୍ଧୁ ଅଙ୍ଗରାଜ 'ଧର୍ମରଥ' ସନ୍ତାନହୀନ ଥିଲେ। ଧର୍ମରଥ, ଯାଦବଙ୍କ ପୁତ୍ର 'ରୋମପାଦ'ଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କଲେ। ବଶିଷ୍ଠଙ୍କ ଗୁରୁକୁଳରେ ରୋମପାଦଙ୍କ ସହିତ ଅଯୋଧ୍ୟା ରାଜକୁମାର ଦଶରଥ ମଧ୍ୟ ଶିକ୍ଷା ନେଉଥିଲେ। ଉଭୟଙ୍କ ମଧ୍ୟରେ ବନ୍ଧୁଭାବ ଗଢ଼ିଉଠିଲା। ଧର୍ମରଥ ରୋମପାଦଙ୍କୁ ଅଙ୍ଗ ରାଜ୍ୟର ସିଂହାସନରେ ଅଭିଷିକ୍ତ କରି ବାନପ୍ରସ୍ଥ ପାଇଁ ଯାତ୍ରା କଲେ; ଏଣେ ଅଯୋଧ୍ୟାର ରାଜମୁକୁଟ ମଧ୍ୟ ଦଶରଥ ଧାରଣ କଲେ।

ଯୋଗକୁ କୋଶଳ ରାଜ୍ୟର ଦୁଇ ରାଜକନ୍ୟା କୌଶଲ୍ୟା ଏବଂ ବର୍ଷିନୀ ଦୁଇବନ୍ଧୁଙ୍କୁ ବିବାହ କଲେ। କୌଶଲ୍ୟା, ଦଶରଥଙ୍କ ରାଣୀ ଅନ୍ତଃପୁର ମଣ୍ଡନ କଲେ ତଥା ତାଙ୍କ ଭଗିନୀ ବର୍ଷିନୀ ରୋମପାଦଙ୍କ ପାଣି ଗ୍ରହଣ କଲେ। କିଛି ବର୍ଷପରେ କୌଶଲ୍ୟାଙ୍କ କୋଳ ମଣ୍ଡନ କଲେ ଗୋଟିଏ କନ୍ୟା ସନ୍ତାନ; ରାଜ-ଦମ୍ପତି କନ୍ୟାର ନାମ ରଖିଲେ ଶାନ୍ତା। ଶାନ୍ତା ଅତି ଗୁଣବତୀ ଏବଂ ରୂପବତୀ ଥିଲେ। ଅଙ୍ଗରାଜ ରୋମପାଦଙ୍କର ଅନେକ ବର୍ଷଧରି କୌଣସି ସନ୍ତାନ ସନ୍ତତି ନହେବାରୁ, ଦରରଥଙ୍କ ପୁତ୍ରୀ ଶାନ୍ତାଙ୍କୁ ସେ ପୋଷ୍ୟପୁତ୍ରୀ କରିନେଲେ।

ଶାନ୍ତାଙ୍କୁ ଜୀବନରୁ ବଳି ଭଲ ପାଉଥିଲେ ରୋମପାଦ। ଦିନେ ଶାନ୍ତା ସହିତ ହସ ଖୁସିରେ ମଜ୍ଜିଯାଇଥିବା ସମୟରେ, ଶୁଭତୀର୍ଥ ନାମକ ଜଣେ ବ୍ରାହ୍ମଣ, ଜଳ ସମ୍ବନ୍ଧୀୟ ସମସ୍ୟା ଏବଂ ଇନ୍ଦ୍ରପୂଜା ବିଷୟରେ ଆଲୋଚନା କରିବାପାଇଁ ରୋମପାଦଙ୍କ ପାଖରେ ପହଞ୍ଚିଲେ। ବ୍ରାହ୍ମଣଙ୍କୁ ସନ୍ଧ୍ୟା ସମୟରେ ଆସିବାପାଇଁ କହି ରୋମପାଦ କନ୍ୟା ସହିତ ହସଖୁସିରେ ମଜ୍ଜିଗଲେ। ସନ୍ଧ୍ୟା ସମୟରେ ବ୍ରାହ୍ମଣ ପୁଣି ଥରେ ଆସିଲେ ଆଲୋଚନା ପାଇଁ। ଏଥର ମଧ୍ୟ ରୋମପାଦ ବ୍ରାହ୍ମଣଙ୍କ ଅଭିଯୋଗ ଶୁଣିଲେ ନାହିଁ। ବିରକ୍ତ ହୋଇ ବ୍ରାହ୍ମଣ ରାଜ୍ୟ ତ୍ୟାଗକରି ଚାଲିଗଲେ।

ରୋମପାଦଙ୍କର ଏଭଳି ମନୋଭାବରେ ଇନ୍ଦ୍ରଦେବ କ୍ରୋଧାନ୍ୱିତ ହୋଇ ସେ ବର୍ଷ ଅଙ୍ଗ ଦେଶରେ ବୃଷ୍ଟିପାତ ବନ୍ଦ୍ କରିଦେଲେ। ଫଳରେ ସାରା ଅଙ୍ଗଦେଶରେ ମରୁଡ଼ିର ଭୟଙ୍କର ଛାୟା ଖେଳିଗଲା।

ପ୍ରଜାଙ୍କ କଷ୍ଟ ଦେଖି ରୋମପାଦ ବିବ୍ରତ ହୋଇପଡ଼ିଲେ। ଋଷି ଓ ବ୍ରାହ୍ମଣମାନଙ୍କ ସହିତ ଆଲୋଚନା କରି ଜାଣିଲେ ଯେ ସଂପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରିଥିବା ଋଷି ଋଷ୍ୟଶୃଙ୍ଗ, ଅନେକ ଅଲୌକିକ ଶକ୍ତିର ଅଧିକାରୀ; ସେ ଯେବେ ଅଙ୍ଗ ଦେଶରେ ପାଦ ରଖିବେ ତେବେ ନିଶ୍ଚିତ ଭାବରେ ବୃଷ୍ଟିପାତ ହେବ। ଋଷ୍ୟଶୃଙ୍ଗ, ମହର୍ଷି ବିଭାଣ୍ଡକଙ୍କ

Source: Author, Digitized by PPRACHIN, SOA

ପୁତ୍ର ଥିଲେ। ବିଭାଣ୍ଡକ ପୁତ୍ର ରଷ୍ୟଶୃଙ୍ଗଙ୍କୁ କୌଣସି ନାରୀ ସମ୍ପର୍କରେ ଆସିବାକୁ ଦେଉନଥିଲେ। ଜନ୍ମ ସମୟରୁ ରଷ୍ୟଶୃଙ୍ଗ ଶାସ୍ତ୍ରଜ୍ଞାନ ବ୍ୟତୀତ ଆଉ କିଛି ଜାଣିନଥିଲେ ଏବଂ ପିତାଙ୍କ ବ୍ୟତୀତ କୌଣସି ନର ବା ନାରୀ ସଂସ୍ପର୍ଶରେ ସେ ଆସି ନଥିଲେ।

ମହର୍ଷି ବିଭାଣ୍ଡକଙ୍କର ନାରୀ ଜାତି ପ୍ରତି ଏପରି ବିତୃଷ୍ଣା ଆସିବାର କାରଣ ରହିଛି। ଏକଦା ତାଙ୍କ କଠୋର ତପ ସାଧନା ଦେଖି, କାଳେ ସେ ଇନ୍ଦ୍ରପଦ ଅଧିକାର କରିନେବେ, ସେହି ଭୟରେ, ଇନ୍ଦ୍ର ସ୍ୱର୍ଗଗଣିକା ଉର୍ବଶୀଙ୍କୁ ତାଙ୍କ ତପଭଙ୍ଗ କରିବା ପାଇଁ ଆଦେଶ ଦେଲେ। ବିଭାଣ୍ଡକଙ୍କର ତପଭଙ୍ଗ ହେଲା। ଉର୍ବଶୀଙ୍କ ରୂପରେ ମୁଗ୍ଧ ହୋଇ ସେ ତାଙ୍କୁ ପ୍ରେମ କରିବସିଲେ। ପରିଣାମ ସ୍ୱରୂପ ଜନ୍ମଲାଭ କଲେ ପୁତ୍ର ରଷ୍ୟଶୃଙ୍ଗ। କିନ୍ତୁ ଉଦ୍ଦେଶ୍ୟ ସାଧିତ ହେବାପରେ ପୁତ୍ର ରଷ୍ୟଶୃଙ୍ଗଙ୍କୁ ପରିତ୍ୟାଗ କରି ସ୍ୱର୍ଗକୁ ଫେରି ଗଲେ ଉର୍ବଶୀ। ସେହି ଦିନଠାରୁ ନାରୀ ଜାତି ପ୍ରତି ଗଭୀର ଘୃଣାରେ ପୂର୍ଣ୍ଣ ହୋଇଗଲା ମହର୍ଷି ବିଭାଣ୍ଡକଙ୍କ ମନ। ପୁତ୍ର ରଷ୍ୟଶୃଙ୍ଗ କେଉଁ ନାରୀ ସାନ୍ନିଧ୍ୟରେ ଆସୁ ବୋଲି ସେ ଚାହୁଁନଥିଲେ।

ଏ’ ପରିସ୍ଥିତିରେ ରୋମପାଦ ଚିନ୍ତା କଲେ କିପରି ରଷ୍ୟଶୃଙ୍ଗଙ୍କୁ ଅଙ୍ଗଦେଶକୁ ଅଣାଯାଇ ପାରିବ। ଯେଉଁ ବିଭାଣ୍ଡକ ନାରୀର ଛାୟା ମଧ୍ୟ ପୁତ୍ର ଉପରେ ପଡ଼ିବା ଚାହାଁନ୍ତି ନାହିଁ, ସେ କଣ ଅନୁମତି ଦେବେ ତାଙ୍କୁ ଅଙ୍ଗଦେଶ ଆସିବା ପାଇଁ ! ତଥାପି ପ୍ରଜାଙ୍କ ମଙ୍ଗଳ ଦୃଷ୍ଟିରୁ ରଷ୍ୟଶୃଙ୍ଗଙ୍କୁ କୌଣସିପ୍ରକାରେ ଅଙ୍ଗଦେଶକୁ ଆଣିବାପାଇଁ ପଡ଼ିବ। ରୋମପାଦ ଭାବିଲେ... ପ୍ରେମ ମନୁଷ୍ୟର ଚରମ ଦୁର୍ବଳତା, ଜଗତରେ ଫୁଲ-ଧନୁ ଶାସନ କେହି ଲଘିଂ ପାରି ନାହାନ୍ତି। ମୁନି ଋଷି ମାନଙ୍କର ତପସ୍ୟା ଭାଙ୍ଗିବା ପାଇଁ ଦେବତାମାନେ ମଧ୍ୟ ଅପ୍ସରା ମାନଙ୍କ ସାହାଯ୍ୟ ନିଅନ୍ତି। ଇନ୍ଦ୍ରିୟ ସୁଖରୁ ଏ ପର୍ଯ୍ୟନ୍ତ ବଞ୍ଚିତ ରହିଥିବା ରଷ୍ୟଶୃଙ୍ଗ ନିଶ୍ଚିତ ଭାବରେ କାମିନୀ ରୂପଲାବଣ୍ୟ ମୋହରେ ଅରଣ୍ୟ ତ୍ୟାଗକରି ଅଙ୍ଗଦେଶକୁ ଚାଲିଆସିବେ। ରୋମପାଦ, ରଷ୍ୟଶୃଙ୍ଗଙ୍କୁ ପ୍ରଲୋଭିତ କରି ଆଣିବା ଦାୟିତ୍ୱ, ଜରତା ନାମ୍ନୀ ଏକ ଗଣିକା ଏବଂ ରାଜପ୍ରସାଦର କିଛି ସୁନ୍ଦରୀ ଲଳନାଙ୍କ ଉପରେ ନ୍ୟସ୍ତ କଲେ ।

ଏହା ଏକ ବିପଦପୂର୍ଣ୍ଣ କାର୍ଯ୍ୟ ଥିଲା। ବିଭାଣ୍ଡକଙ୍କ ଦୃଷ୍ଟିରେ ପଡିଲେ ଅଭିଶାପ ଦେଇ ଭସ୍ମ କରିଦେବେ। ରୂପଲାବଣ୍ୟରେ ରଷ୍ୟଶୃଙ୍ଗଙ୍କୁ ପ୍ରଲୋଭିତ କରିବାରେ ଅସମର୍ଥ ହୋଇ ଅଭିଯାନରେ ବିଫଳ ହେଲେ ରାଜାଙ୍କ କୋପଦୃଷ୍ଟିର ଶିକାର ହେବାକୁ ପଡିବ। ଜରତା, ସଙ୍ଗିନୀମାନଙ୍କ ସହିତ, ସମୟ ସୁଯୋଗ ଦେଖି, ବିଭାଣ୍ଡକ ଅନୁପସ୍ଥିତ ଥିବାସମୟରେ, ସାଙ୍ଗରେ କିଛି ମିଷ୍ଟାନ୍ନ ନେଇ ତପସ୍ୱିନୀ ବେଶରେ ରଷ୍ୟଶୃଙ୍ଗଙ୍କ ନିକଟରେ ପହଞ୍ଚିଲେ। ସେମାନଙ୍କ ରୂପ ଲାବଣ୍ୟରେ ପ୍ରଲୁବ୍ଧ ରଷ୍ୟଶୃଙ୍ଗ ଏକ ଅଦ୍ଭୁତ ଆକର୍ଷଣରେ ଘାରିହେଲେ, ନହୁଅନ୍ତେ କିପରି; କଥାରେ ଅଛି ‘ରମଣୀ ଅପାଙ୍ଗଲୀଳା ବିଲୋଳ ଦୃଷ୍ଟିରେ/

Source: Author, Digitized by PPRACHIN, SOA

ତୁଚ୍ଛ ତୁଳା ପରି ଉଡିଯାନ୍ତି ମହାବୀରେ'। ଆଗରୁ, ପିତାଙ୍କ ବ୍ୟତୀତ କୌଣସି ନର ବା ନାରୀ ଦେଖିନଥିବା ଋଷ୍ୟଶୃଙ୍ଗ ପଚାରିଲେ... ତୁମେମାନେ କଣ ତପସ୍ୱୀ ? କେଉଁ ଠାରେ ତୁମର ଆଶ୍ରମ ?

ଜରତା, ଋଷ୍ୟଶୃଙ୍ଗଙ୍କୁ ଆଶ୍ରମ ଏବଂ ପିତା ବିଭାଣ୍ଡକଙ୍କ କୁଶଳ ଜିଜ୍ଞାସା କରିବା ପରେ କହିଲେ... ଆମେ ସମସ୍ତେ ତପସ୍ୱିନୀ, ଆମର ଆଶ୍ରମ ତିନି ଯୋଜନ ଦୂରରେ। ଆମେ ଆପଣଙ୍କୁ ଆମ ଆଶ୍ରମକୁ ନିମନ୍ତ୍ରଣ କରୁଛୁ, ଦୟାକରି ଆସିବେ। ଏହିପରି କଥୋପକଥନ ପରେ ଜରତା ସାଙ୍ଗରେ ନେଇଥିବା ମିଷ୍ଟାନ୍ନ ଋଷ୍ୟଶୃଙ୍ଗଙ୍କୁ ଖୁଆଇ ଦେଲେ। ଅରଣ୍ୟରେ ସର୍ବଦା ଫଳମୂଳ ଖାଇ ବଞ୍ଚିଥିବା ଋଷିପୁତ୍ରଙ୍କୁ ଅତିଥିଙ୍କ ଖାଦ୍ୟ ଅମୃତ ଭଳି ଲାଗିଲା। ବିଦାୟ ସମୟରେ ଆଲିଙ୍ଗନ କରି, ଆଉଥରେ ଆସିବା ପ୍ରତିଶ୍ରୁତି ଦେଲେ ଜରତା। ଜରତାଙ୍କ ଆଲିଙ୍ଗନ ଋଷ୍ୟଶୃଙ୍ଗଙ୍କ ଦେହରେ ଅପୂର୍ବ ଶିହରଣ ଆଣିଦେଲା; ଜଡ କାମ-ଚେତନା ସ୍ଫୁଲିଙ୍ଗରେ ପରିଣତ ହେଲା। ଏଭଳି ଅନୁଭବର କାରଣ ସେ ନିଜେ ଜାଣି ପାରୁନଥାନ୍ତି। ଅତିଥି ମାନଙ୍କୁ ବିଦାୟ ଦେବାକୁ ଚାହୁଁ ନଥିଲେ ମଧ୍ୟ ବାଧ୍ୟହୋଇ ବିଦାୟ ଦେଲେ।

ଅଙ୍ଗଦେଶର ଲଳନା ମାନେ ଏଭଳି ନାଟକ କରି ଫେରିଯିବା ପରେ ବିଭାଣ୍ଡକ ଆଶ୍ରମକୁ ଆସି ଋଷ୍ୟଶୃଙ୍ଗଙ୍କର ମାନସିକ ପରିବର୍ତ୍ତନ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ଆଶ୍ରମର ସବୁ ପଦାର୍ଥ ଇତସ୍ତତ ହୋଇ ପଡ଼ିଛି, ଯଜ୍ଞପାଇଁ ସମିଧ, ଶାକଲ୍ୟ ଆଦି ଯୋଗାଡ କରିନାହାନ୍ତି ଋଷ୍ୟଶୃଙ୍ଗ। ନିଜ ଭିତରେ ହଜି ଯାଇଛନ୍ତି ସେ। ଅତିଥିମାନଙ୍କର ଶରୀର ଗଠନ କିପରି ଭିନ୍ନ ଏବଂ ଆକର୍ଷଣୀୟ ତଥା ସେମାନଙ୍କ ପ୍ରଦତ୍ତ ଖାଦ୍ୟ କିପରି ସ୍ୱାଦପୂର୍ଣ୍ଣ, ସେକଥା ସେ ପିତାଙ୍କ ଆଗରେ ବର୍ଣ୍ଣନା କରି ସେମାନଙ୍କ ପ୍ରଶଂସାରେ ସେ ଶତମୁଖ ହୋଇଗଲେ।

ବିଭାଣ୍ଡକ ବୁଝିପାରିଲେ ଯେ ଏହା କୌଣସି ନାରୀର କାର୍ଯ୍ୟ। ପୁତ୍ରକୁ ସତର୍କ କରାଇ ବିଭାଣ୍ଡକ କହିଲେ... ସେମାନେ କୌଣସି ମୁନି ଋଷି ନୁହନ୍ତି ବରଂ ରାକ୍ଷସୀ ଏବଂ ସେମାନଙ୍କ ଠାରୁ ଦୂରେଇ ରହିବା ଭଲ।

କିଛି ଦିନ ପରେ ବିଭାଣ୍ଡକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଜରତା, ସୁନ୍ଦରୀ କନ୍ୟାଙ୍କ ଗହଣରେ, ଆଉଥରେ ଋଷ୍ୟଶୃଙ୍ଗଙ୍କ ପାଖରେ ପହଞ୍ଚିଲେ। ଏଥର ଋଷ୍ୟଶୃଙ୍ଗ ଅତିଥିମାନଙ୍କୁ ଦେଖି ଆନନ୍ଦରେ ଗଦ୍‌ଗଦ୍ ହୋଇ କହିଲେ... ତୁମମାନଙ୍କର ସାନ୍ନିଧ୍ୟ ମୋତେ ବହୁତ ଭଲ ଲାଗୁଛି। ଜରତା କହିଲେ... ତାହେଲେ ଆମ ଆଶ୍ରମକୁ ଆସନ୍ତୁ, ବୁଲି ଆସିବା; ଋଷ୍ୟଶୃଙ୍ଗ କହିଲେ... ଠିକ୍ କଥା, ପିତାଙ୍କ ଫେରିବା ପୂର୍ବରୁ ଆମେ ଫେରି

Source: Author, Digitized by PPRACHIN, SOA

ଆସିବା।

ଜରତା ଏବଂ ତାଙ୍କ ସଙ୍ଗିନୀମାନଙ୍କର ଆନନ୍ଦ କହିଲେ ନସରେ। ଯୋଜନା ସଫଳ ହୋଇଛି। ଋଷ୍ୟଶୃଙ୍ଗଙ୍କୁ ସେମାନେ ଏକ ବିଶାଳ ନୌକା ଭିତରେ ନେଇ ବସାଇଲେ। ନୌକା ଗୋଟିଏ ସୁନ୍ଦର ପୁଷ୍ପବନର ଆଶ୍ରମ ଭଳି ପରି ସଜ୍ଜିତ ହୋଇଥାଏ। ସୁନ୍ଦରୀ କନ୍ୟାମାନଙ୍କ ଗହଣରେ ଅଙ୍ଗ ଦେଶରେ ପହଞ୍ଚିଲେ ଋଷ୍ୟଶୃଙ୍ଗ। ଋଷ୍ୟଶୃଙ୍ଗଙ୍କ ଆଗମନରେ ସଙ୍ଗେ ସଙ୍ଗେ ଆକାଶ ମେଘାଛନ୍ନ ହୋଇ ବର୍ଷା ଅଜାଡ଼ି ହୋଇପଡ଼ିଲା। ନଦୀ ନାଳ ପୂର୍ଣ୍ଣ ହୋଇଗଲା। ପ୍ରଜାମାନଙ୍କ ଆନନ୍ଦ କହିଲେ ନସରେ। ଆନନ୍ଦରେ ବିଭୋର ଅଙ୍ଗରାଜ ରୋମପାଦ।

ଋଷ୍ୟଶୃଙ୍ଗ, ରାଜାଙ୍କ ସୁନ୍ଦରୀ କନ୍ୟା ଶାନ୍ତାଙ୍କ ରୂପ ଲାବଣ୍ୟରେ ବିମୋହିତ ହୋଇ ତାଙ୍କୁ ବିବାହ କରିବାକୁ ଚାହିଁଲେ। ଅଲୌକିକ ଶକ୍ତିର ଅଧିକାରୀ ଋଷ୍ୟଶୃଙ୍ଗଙ୍କ ପ୍ରସ୍ତାବରେ ସମ୍ମତ ହୋଇ କନ୍ୟାକୁ ତାଙ୍କ ସହିତ ବିବାହ ଦେଲେ ରୋମପାଦ।

ମହର୍ଷି ବିଭାଣ୍ଡକ, ଋଷ୍ୟଶୃଙ୍ଗଙ୍କ ଅନୁପସ୍ଥିତିରେ କ୍ରୋଧରେ ହତଜ୍ଞାନ ହୋଇ ପୁତ୍ରକୁ ଖୋଜିବା ଉଦ୍ଦେଶ୍ୟରେ ଅଙ୍ଗ ଦେଶରେ ପହଞ୍ଚିଲେ। ପଥ ମଧ୍ୟରେ ବିଭାଣ୍ଡକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନାର ବ୍ୟବସ୍ଥା କରିଥିଲେ ରୋମପାଦ। ତେଣୁ ରାଜପ୍ରାସାଦରେ ପହଞ୍ଚିଲା ବେଳକୁ ଋଷିଙ୍କର କ୍ରୋଧ ଦୂର ହୋଇ ଯାଇଥିଲା। ସେ ଦେଖିଲେ, ପୁତ୍ର ଋଷ୍ୟଶୃଙ୍ଗ ରାଜ-ଜାମାତା ହୋଇ, ଶିରରେ ମୁକୁଟ ଧାରଣ କରି ଐଶ୍ୱର୍ଯ୍ୟ ଭୋଗ କରି ପ୍ରାସାଦରେ ଆନନ୍ଦରେ ଶାନ୍ତାଙ୍କୁ ବିବାହ କରି ରହିଛନ୍ତି। ବିଭାଣ୍ଡକଙ୍କ ପାଦତଳେ ନତମସ୍ତକ ହୋଇ, ପୁତ୍ର ଏବଂ ପୁତ୍ରବଧୂ ଶାନ୍ତା ଯେତେବେଳେ ଆଶୀର୍ବାଦ ଭିକ୍ଷା କଲେ ବିଭାଣ୍ଡକଙ୍କର ସମସ୍ତ କ୍ରୋଧ ନିମିଷକେ ଶୂନ୍ୟରେ ମିଳେଇଗଲା। ଆନନ୍ଦ ଗଦ୍ଗଦ ହୋଇ ନବ ଦମ୍ପତିଙ୍କୁ ଆଶୀର୍ବାଦ ଦେଲେ ବିଭାଣ୍ଡକ।

କିଛି ନିରବତା ପରେ ମହର୍ଷି ଲୋମଶ ପାଣ୍ଡବଙ୍କୁ କହିଲେ... ତପୋବନକୁ ଫେରି ଯିବା ପୂର୍ବରୁ ଋଷ୍ୟଶୃଙ୍ଗ ଆଉ ଏକ ମହତ କାର୍ଯ୍ୟ ଜଗତ ପାଇଁ କରିଯାଇଥିଲେ। ରାଜା ଦଶରଥଙ୍କ ପାଇଁ ପୁତ୍ରେଷ୍ଟି ଯଜ୍ଞ ଅନୁଷ୍ଠାନ କରି ଯେଉଁ ଚରୁ ସେ ରାଣୀମାନଙ୍କୁ ଦେଇଥିଲେ, ତାହା ସେବନକରି ସେମାନେ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କ ପରି ମହାନ୍ ରାଜକୁମାରଙ୍କୁ ଜନ୍ମ ଦେଇଥିଲେ।

-୦-

Source: Author, Digitized by PPRACHIN, SOA

(୫୮)

ଜ୍ଞାନ ମିଳେନାହିଁ ଦାନରେ

ମହର୍ଷି ଲୋମଶଙ୍କ ସହିତ ତୀର୍ଥଯାତ୍ରା କରି ପାଣ୍ଡବମାନେ ଗଙ୍ଗାନଦୀ କୂଳରେ ଏକ ପବିତ୍ର ସ୍ଥାନରେ ପହଞ୍ଚିଲେ, ଯେଉଁଠାରେ ମହର୍ଷି ରୈଭଙ୍କ ଆଶ୍ରମ ଥିଲା । ଲୋମଶ, ପାଣ୍ଡବମାନଙ୍କୁ କହିଲେ... ବତ୍ସ ! ଏହା ଏକ ପବିତ୍ର ସ୍ଥାନ, ଏଠାରେ ତ୍ରେତୟା ଯୁଗରେ ପୁଣ୍ୟଶ୍ଳୋକ ଦଶରଥଙ୍କ ପୁତ୍ର ଭରତ ସ୍ନାନ କରି ସ୍ଥାନର ମାହାତ୍ମ୍ୟ ବଢ଼ାଇଥିଲେ; ଏଠାରେ ଦେବମାତା ଅଦିତୀ ଏବଂ ସନତ କୁମାରଙ୍କ ଭଳି ମହାନ ବ୍ୟକ୍ତିବିଶେଷ ତପସାଧନ କରିଥିଲେ । ଜାହ୍ନବୀର ପୁଣ୍ୟଜଳରେ ଏଠାରେ ସ୍ନାନକଲେ ଦେହ ଓ ଆତ୍ମା ପବିତ୍ର ହୁଅନ୍ତି ।

ପାଣ୍ଡବମାନେ ସେଠାରେ ଗଙ୍ଗାର ପବିତ୍ର ଜଳରେ ସ୍ନାନ କରି ମହର୍ଷିଙ୍କ ଆଶ୍ରମରେ ଦେବପୂଜା ଶେଷ କଲେ । ତତ୍ପରେ ଲୋମଶ କହିଲେ... ବତ୍ସ ! ଏହି ସ୍ଥାନର ଐତିହ୍ୟ ଭିତରେ ସମାଜ ପ୍ରତି ଏକ ମହାନ୍ ବାର୍ତ୍ତା ଲୁଚି ରହିଛି; ତାହା ହେଉଛି, ଅଧ୍ୟୟନ କରି ଜ୍ଞାନ ଆହରଣ କରାଯାଏ, କେହି ଜ୍ଞାନକୁ ଶିଳରେ ବାଟି ପାଣିରେ ମିଶାଇ ତୁମକୁ ପିଆଇ ପାରିବ ନାହିଁ ।

ଏହି ଅରଣ୍ୟପ୍ରାନ୍ତରେ ରୈଭ ଏବଂ ଭରଦ୍ୱାଜ (ଦ୍ରୋଣଙ୍କ ପିତା ନୁହନ୍ତି) ନାମକ ଦୁଇ ମହାନ୍ ଋଷି ବାସ କରୁଥିଲେ । ରୈଭଙ୍କର ଦୁଇଟି ପୁତ୍ର ସନ୍ତାନ ଥିଲେ; ସେମାନଙ୍କ ନାମ 'ପରାବସୁ' ଏବଂ 'ଅର୍ଭବସୁ' । ଭରଦ୍ୱାଜଙ୍କର ଏକମାତ୍ର ପୁତ୍ରର ନାମ ଥିଲା 'ଯବକ୍ରୀଡା' । ପରାବସୁ ଏବଂ ଅର୍ଭବସୁ କଠୋର ପରିଶ୍ରମ କରି, ଗୁରୁଙ୍କଠାରୁ ବିଦ୍ୟା ଶିକ୍ଷା କରି ମହାନ୍ ପାଣ୍ଡିତ୍ୟର ଅଧିକାରୀ ହୋଇ ଥିଲେ । କିନ୍ତୁ ଯବକ୍ରୀଡା ଗୁରୁଙ୍କ ଠାରୁ ବିଦ୍ୟା ଲାଭ କରିବାରେ ବିଶ୍ୱାସ କରୁନଥିଲେ । ସେ ଭାବୁଥିଲେ, କଠୋର ତପସ୍ୟାରେ ଦେବତାଙ୍କୁ ସନ୍ତୁଷ୍ଟ କରି ବରଦାନ ଭାବରେ ଯେବେ ଶୀଘ୍ର ଜ୍ଞାନ ଆହରଣ କରିହେବ, ଗୁରୁଙ୍କ ଆବଶ୍ୟକତା କଣ ?

ପିତା ଭରଦ୍ୱାଜ କିନ୍ତୁ ଏ ମନୋବୃତ୍ତିକୁ ସମର୍ଥନ କରୁନଥିଲେ । କ୍ରମେ ପରାବସୁ ଓ ଅର୍ଭବସୁଙ୍କ ବେଦ, ବେଦାନ୍ତ ଜ୍ଞାନ ଦୀପରେ ସଂସାର ଆଲୋକିତ ହେଲା । ଯବକ୍ରୀଡାଙ୍କ ମନରେ ସେମାନଙ୍କ ପ୍ରତି ଈର୍ଷାଭାବ ବୃଦ୍ଧି ହେଲା । ଇନ୍ଦ୍ରଙ୍କଠାରୁ 'ଜ୍ଞାନ-ବର' ପାଇବା ପାଇଁ ଘୋର ତପସ୍ୟାରେ ନିମଜ୍ଜିତ ହେଲେ ଯବକ୍ରୀଡା । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଇନ୍ଦ୍ରଦେବ ସମ୍ମୁଖରେ ଉପସ୍ଥିତ ହେଲେ । ଯବକ୍ରୀଡା କହିଲେ... ପ୍ରଭୁ ! ମୋତେ ଏପରି

Source: Author, Digitized by PPRACHIN, SOA

ବରଦାନ କରନ୍ତୁ ସଂସାରରେ ବେଦ, ବେଦାନ୍ତରେ ମୋ ଠାରୁ ଅନ୍ୟ କେହି ଜ୍ଞାନୀ ନଥିବେ ।

ଇନ୍ଦ୍ର ହସିଲେ, କହିଲେ... ମୁନିପୁତ୍ର ! ତୁମର ପିତା କଣ ଏହି ଉପାୟରେ ଜ୍ଞାନ ଆହରଣ କରିଛନ୍ତି ? ଜ୍ଞାନ କେବେ ଦାନରେ ଦିଆଯାଏ ନାହିଁ । ସେଥିପାଇଁ ଗୁରୁଙ୍କ ସାହାଯ୍ୟ ନେଇ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡେ । ତୁମେ ଫେରିଯାଅ, ତୁମ ପିତା କିମ୍ବା ଅନ୍ୟ କୌଣସି ଗୁରୁଙ୍କ ସହାୟତାରେ ପରିଶ୍ରମ କରି ଜ୍ଞାନ ଆହରଣ କର । ଜୀବନର ମୂଲ୍ୟବାନ ସମୟ, ତୁମେ ଅଦ୍ଭୁତ ଧାରଣା ଯୋଗୁଁ ନଷ୍ଟ କରିସାରିଲଣି; ତଥାପି ଜ୍ଞାନ ଆହରଣ ପାଇଁ କୌଣସି ବୟସ ନଥାଏ । ଏବେ ବି ସମୟ ଅଛି, ଆଶ୍ରମକୁ ଫେରିଯାଇ ମୋ ଉପଦେଶ କାର୍ଯ୍ୟକାରି କର ।

କିନ୍ତୁ ଇନ୍ଦ୍ରଙ୍କର ଏହି ଉପଦେଶ ଯବକ୍ରୀତାଙ୍କର ଏକାନରେ ପଶି ସେ କାନରେ ବାହାରିଗଲା । ତାଙ୍କର ଜିଦ୍ ବଢିଗଲା । ସେ ଅଧିକ କଠିନ ତପସ୍ୟାରେ ନିଜକୁ ନିୟୋଜିତ କଲେ । ଇନ୍ଦ୍ର ଦ୍ୱିତୀୟ ଥର ଆବିର୍ଭୁତ ହୋଇ, ଏପରି ଅଯଥା ସମୟ ଓ ଶକ୍ତି ଅପଚୟ ନକରି ଶିକ୍ଷା ମାଧ୍ୟମରେ ବିଦ୍ୟା ଆହରଣ କରିବାକୁ ପୁନର୍ବାର ଉପଦେଶ ଦେଲେ । କିନ୍ତୁ ଜିଦ୍‌ଖୋର ଯବକ୍ରୀତା ଧମକ ଦେଲେ ଯେ ଇନ୍ଦ୍ର ତାଙ୍କୁ ବରଦାନ ନକଲେ ସେ ତପସ୍ୟାରେ ନିଜର ଗୋଟି ଗୋଟି ଅଙ୍ଗ କାଟି ଯଜ୍ଞକୁଣ୍ଡରେ ଆହୂତି ଦେବେ ।

ଏପରି ଘୋର ତପସ୍ୟା ସମୟରେ ଦିନେ ଯବକ୍ରୀତା, ଗଙ୍ଗା ଜଳରେ ସ୍ନାନ କରିବା ସମୟରେ ଦେଖିଲେ, ଜଣେ ବୃଦ୍ଧ ବ୍ରାହ୍ମଣ ଏକ ଅଦ୍ଭୁତ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି; ନଦୀ କୂଳରୁ ମୁଠା ମୁଠା ବାଲି ସେ କ୍ଷିପ୍ର ଗତିରେ ଯାଉଥିବା ଗଙ୍ଗାଜଳରେ ନିକ୍ଷେପ କରୁଛନ୍ତି । ଯବକ୍ରୀତା ଆଶ୍ଚର୍ଯ୍ୟ ହୋଇ ପଚାରିଲେ... ଆପଣ ଏ କଣ କରୁଛନ୍ତି ମହାଭାଗ ! ବ୍ରାହ୍ମଣ କହିଲେ... ମୁଁ ନଦୀ ଉପରେ ସେତୁ ନିର୍ମାଣ କରୁଛି ।

ହସିଲେ ଯବକ୍ରୀତା, କହିଲେ... ଏହା କଣ ସମ୍ଭବ ବ୍ରାହ୍ମଣ ଗୋସାଇଁ ? ଏହାଠାରୁ ବଳି ଆଉ ମୂର୍ଖାମୀ କଣ ଅଛି ?

ବ୍ରାହ୍ମଣ କହିଲେ... ହୋଇପାରେ, କିନ୍ତୁ ତପସ୍ୟାରେ ଜ୍ଞାନ ଆହରଣ ପାଇଁ ଚେଷ୍ଟା କରିବା ଭଳି ମୂର୍ଖାମୀ ଠାରୁ କଣ ଏହା ବଡ଼ ମୂର୍ଖାମୀ !

ଯବକ୍ରୀତାଙ୍କର ସନ୍ଦେହ ରହିଲା ନାହିଁ ଯେ ବ୍ରାହ୍ମଣ ଅନ୍ୟ କେହି ନୁହନ୍ତି, ଛଦ୍ମବେଶୀ ଇନ୍ଦ୍ରଦେବ । କିଛି ନିରବତା ପରେ ବ୍ରାହ୍ମଣବେଶୀ ଇନ୍ଦ୍ର କହିଲେ... ତୁମର ଏହି କୃଚ୍ଛ୍ର ସାଧନାରେ ଦୟା ପରବଶ ହୋଇ ମୁଁ ତୁମକୁ ବେଦ ବେଦାନ୍ତ ଜ୍ଞାନ ବରଦାନ କରୁଛି, କିନ୍ତୁ ଏପରି ଜ୍ଞାନ କେବଳ ବାହ୍ୟଜ୍ଞାନ ବ୍ୟତୀତ ଅନ୍ୟକିଛି ନୁହେଁ । ସାଧନାଲବ୍ଧ ଜ୍ଞାନ

Source: Author, Digitized by PPRACHIN, SOA

ଯେପରି ବିନୟଭାବ ପ୍ରଦାନ କରେ, ଏହା ତାହା କରିବ ନାହିଁ। ତୁମେ ଏହି ପ୍ରଦତ୍ତ ଜ୍ଞାନ ବଳରେ ଅନେକ ପଣ୍ଡିତଙ୍କୁ ପରାସ୍ତ କରି ପାରିବ କିନ୍ତୁ ନିଜ ଭିତରର କଲ୍ମଷ ଦୂର କରିପାରିବ ନାହିଁ।

ଇନ୍ଦ୍ରଙ୍କ ବର ଲାଭ କରି ଜ୍ଞାନ ବଳରେ ପ୍ରମତ୍ତ ହୋଇ ଉଠିଲେ ଯବକ୍ରୀତା। ଅନେକ ଜ୍ଞାନୀ ବ୍ୟକ୍ତିଙ୍କୁ ଯୁକ୍ତିତର୍କରେ ହରାଇ ନିଜକୁ ମହାପଣ୍ଡିତ ମନେକଲେ। ରୈଭଙ୍କ ପୁତ୍ର ଅର୍ଭବସୁ ଏବଂ ପରାବସୁଙ୍କ ଠାରୁ ଅଧିକ ଜ୍ଞାନ ଲାଭ କରିଥିବାରୁ ସେମାନଙ୍କୁ ତାଚ୍ଛଲ୍ୟ କରିବାକୁ ଲାଗିଲେ ଏବଂ ରୈଭଙ୍କ ପ୍ରତି ଖରାପ ବ୍ୟବହାର କଲେ। ଏହା ଦେଖି ପିତା ଭରଦ୍ୱାଜ ପୁତ୍ରକୁ କହିଲେ... ବାବୁରେ ! ଦେବତା ମାନଙ୍କଠାରୁ ବର ପାଇ ଏଭଳି କେତେ ବ୍ୟକ୍ତି ସମୟ ସୁଅରେ ଲୀନ ହୋଇ ଯାଇଛନ୍ତି। ବିନୟ ଭାବ ନଥିଲେ ବିଦ୍ୟାର ମୂଲ୍ୟ ନାହିଁ। ଗର୍ବ ମନକୁ ଅପବିତ୍ର କରେ। ଇନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତ ଜ୍ଞାନ ପାଇ, ନିଜକୁ ଇନ୍ଦ୍ର ପଦରେ ଆସୀନ ବୋଲି ଭାବନାହିଁ। ମନ ଭିତରୁ ମୂର୍ଖତା ଦୂର କର, ବାସ୍ତବ ଜ୍ଞାନ ଆହରଣ କର।

ବସନ୍ତ ସମୟ, ସମଗ୍ର ବନପ୍ରଦେଶ ନାନା ଜାତିର ପୁଷ୍ପରେ ବିମଣ୍ଡିତ ହୋଇ ନନ୍ଦନ କାନନର ସୁଷମା ସୃଷ୍ଟି କରୁଥିଲା। ବକୁଳ, ନବମଲ୍ଲୀକା, ନୀଳୋତ୍ପଳ, ଚୂତ, ରକ୍ତୋତ୍ପଳ ଆଦି ପଞ୍ଚଶର ଧରି କନ୍ଦର୍ପ ଭ୍ରମଣ କରୁଥିଲେ ବନଦେଶରେ। ଏହି ସମୟରେ ପରାବସୁଙ୍କ ସୁନ୍ଦରୀ ପତ୍ନୀ ଆଶ୍ରମର ଉଦ୍ୟାନରେ ଭ୍ରମଣ କରୁଥିଲେ। ଏତେ ଅନୁପମ ଦେଖାଯାଉଥିଲେ, ସତେ ଅବା ସ୍ୱର୍ଗର ପରୀ ଓହ୍ଲାଇ ଆସିଛନ୍ତି ମର୍ତ୍ତ୍ୟକୁ। ତାଙ୍କୁ ଦେଖି କାମବାଣରେ ପ୍ରପୀଡ଼ିତ ଯବକ୍ରୀତା ହିତାହିତ ଜ୍ଞାନଶୂନ୍ୟ ହୋଇ ପ୍ରେମ ଭିକ୍ଷା କଲେ।ନିଜକୁ ପରାବସୁଙ୍କ ଠାରୁ ଅଧିକ ଜ୍ଞାନବାନ ବୋଲି କହି, ପରାବସୁଙ୍କ ପତ୍ନୀଙ୍କୁ ଯବକ୍ରୀତା କହିଲେ... ମୂର୍ଖକୁ ପରିତ୍ୟାଗ କରି ମୋତେ ରତିଦାନ କର ସୁଶୀଳେ !

ତାଚ୍ଛଲ୍ୟ କରି ପରାବସୁଙ୍କ ପତ୍ନୀ କହିଲେ... ଇନ୍ଦ୍ରଙ୍କଠାରୁ ଉଧାର ଆଣିଥିବା ଜ୍ଞାନରେ ବଳୀୟାନ ହେ ତଥାକଥିତ ପଣ୍ଡିତ, ଆପଣ କେତେ ଜ୍ଞାନୀ ଏହି ହୀନ କାର୍ଯ୍ୟ ତାର ପରିଚାୟକ। କୌଣସି ଜ୍ଞାନୀ କେବେ ପରଦାରା ହରଣ କରେନାହିଁ। ମୋ ପ୍ରତି ପାପଦୃଷ୍ଟି ପକାଇଲେ ପରିଣାମ ଭୟାବହ ହେବ।

ଯବକ୍ରୀତା କିନ୍ତୁ କିଛି ଶୁଣିଲେ ନାହିଁ। ପରାବସୁଙ୍କ ପତ୍ନୀଙ୍କ ଉପରେ ସେ ବଳାତ୍କାର କଲେ। ସେ ସମୟରେ ତାଙ୍କୁ ରକ୍ଷା କରିବା ପାଇଁ ଆଶ୍ରମରେ କେହି ନଥିଲେ। ମହର୍ଷି ରୈଭ ଆଶ୍ରମକୁ ଫେରିବା ପରେ, ଯବକ୍ରୀତାଙ୍କ କୁକର୍ମ ବିଷୟରେ ଅବଗତ ହୋଇ ଭୟଙ୍କର କ୍ରୋଧରେ କମ୍ପି ଉଠିଲେ। ନିଜ ଜଟାରୁ ଗୋଟିଏ କେଶ ଛିଣ୍ଡାଇ ସେ ଯଜ୍ଞକୁଣ୍ଡକୁ

Source: Author, Digitized by PPRACHIN, SOA

ନିକ୍ଷେପ କଲେ; କୁଣ୍ଡରୁ ବାହାରି ଆସିଲା ଏକ ସୁନ୍ଦରୀ ତରୁଣୀ। ଜଟାରୁ ଆଉ ଏକ କେଶ ଉତ୍ପାଟନ କରି ଅଗ୍ନିକୁ ନିକ୍ଷେପ କଲେ ରୈଭ। କୁଣ୍ଡରୁ ବାହାରି ଆସିଲା ଏକ ଭୀମକାୟ ରାକ୍ଷସ। ସେମାନଙ୍କୁ ରୈଭ ଆଦେଶ ଦେଲେ ଅବିବେକୀ ଜ୍ଞାନ-ମୂର୍ଖ ଯବକ୍ରୀତାଙ୍କୁ ବିନାଶ କରିବାପାଇଁ।

ପ୍ରଥମେ ସେହି ସୁନ୍ଦରୀ ନାରୀ ଯବକ୍ରୀତାଙ୍କ ମନକୁ ଭ୍ରମିତ କରି କାନନ ଭିତରେ ଦୂରରୁ ଦୂରକୁ ନେଇଗଲା। ତା'ପରେ ରାକ୍ଷସ ତାଙ୍କ ପଛରେ ଶୂଳଧରି ଗୋଡାଇଲା ବଧ କରିବାପାଇଁ। ସୁନ୍ଦରୀ ନାରୀଟି ଯବକ୍ରୀତାଙ୍କର କମଣ୍ଡଳୁ ଛଡ଼ାଇ ନେଇ ପଳାଇଲା। ମହର୍ଷି ମାନଙ୍କର ସମସ୍ତ ଶକ୍ତି ଥାଏ କମଣ୍ଡଳୁ ଜଳରେ। ତାହା ପାଖରେ ନଥିବାରୁ ଯବକ୍ରୀତା ହତାଶ ଭାବରେ ଦଉଡିବାକୁ ଆରମ୍ଭ କଲେ। ରାକ୍ଷସ ଦଉଡୁଥାଏ ପଛରେ। ଯବକ୍ରୀତା ନଦୀ ଭିତରେ ବୁଡ଼ିଯାଇ ରକ୍ଷା ପାଇବାକୁ ଇଚ୍ଛା କଲେ। କିନ୍ତୁ ଏ କ'ଣ ! ନଦୀର ପାଣି ମଧ୍ୟ ଶୁଖିଗଲା। ଶେଷରେ ଦଉଡ଼ି ଦଉଡ଼ି ନିଜ ଆଶ୍ରମ ଭିତରେ ପଶିଗଲେ ସେ। ରାକ୍ଷସ ତାଙ୍କୁ ଧରି ନେଇ ହତ୍ୟା କଲା। ଯବକ୍ରୀତାଙ୍କର ରାକ୍ଷସ ଦ୍ୱାରା ନିଧନ ଖୁବ୍ ସାଙ୍କେତିକ; ପରଦାରା ପ୍ରତି କାମଭାବ ମନର ରାକ୍ଷସ ଠାରୁ କିଛି କମ୍ ନୁହେଁ। ସେହି ରାକ୍ଷସ ପରିଶେଷରେ ବିବେକକୁ ହତ୍ୟାକରେ।

ଏକମାତ୍ର ପୁତ୍ର ଯବକ୍ରୀତାଙ୍କର ମୃତ୍ୟୁପରେ ଭରଦ୍ୱାଜ ଦୁଃଖରେ ମ୍ରିୟମାଣ ହୋଇ ସେହି ଚିତାରେ ପ୍ରାଣ ବିର୍ସଜନ କଲେ।

-୦-

(୫୯)

ଜ୍ଞାନର ମାହାତ୍ମ୍ୟ

ମହର୍ଷି ରୈଭ୍ୟଙ୍କ ଆଶ୍ରମ ଦର୍ଶନ ସମୟରେ ମୁନି ଲୋମଶ ପାଣ୍ଡବମାନଙ୍କୁ କହିଲେ... ବତ୍ସ ! କେବଳ ଜ୍ଞାନଲାଭ କରିବା ଯଥେଷ୍ଟ ନୁହେଁ; ଜ୍ଞାନ ହୃଦୟର କଳୁଷ ଦୂରକରି ମନକୁ ନିର୍ମଳ ଓ ପ୍ରଶସ୍ତ କରିବା ଉଚିତ; ନହେଲେ ସେଭଳି ଜ୍ଞାନ ଆହରଣରେ କିଛି ମୂଲ୍ୟ ନଥାଏ। ଏ ବିଷୟରେ ମୁଁ ତୁମକୁ 'ଅର୍ଭବସୁ' ଏବଂ 'ପରାବସୁ' ଉପାଖ୍ୟାନ କହୁଛି ଶୁଣ।

ମହର୍ଷି ରୈଭ୍ୟଙ୍କ ଦୁଇପୁତ୍ର ଅର୍ଭବସୁ ଏବଂ ପରାବସୁ ପିତାଙ୍କଠାରୁ ଶିକ୍ଷା ଲାଭ

Source: Author, Digitized by PPRACHIN, SOA

କରି ବେଦ ବେଦାନ୍ତରେ ମହାନ ପାଣ୍ଡିତ୍ୟ ଲାଭ କରିଥିଲେ। ସେମାନଙ୍କ ଯଶ ଦିଗ ବିଦିଗରେ ବ୍ୟାପି ଯାଇଥିଲା। ଥରେ ରାଜା 'ବୃହଦ୍ୟୁମ୍ନ' ତାଙ୍କ ଶିକ୍ଷା ଗୁରୁ ମହର୍ଷି ରୈଭ୍ୟଙ୍କ ଆଶ୍ରମରେ ପହଞ୍ଚି କରପତ୍ରଯୋଡି କହିଲେ... ଭଗବନ୍! ପ୍ରଜାଙ୍କ ମଙ୍ଗଳ ପାଇଁ ମୁଁ ଏକ ମହାଯଜ୍ଞର ଆୟୋଜନ କରୁଛି। ସେହି ଯଜ୍ଞରେ ପୁରୋହିତ ହେବାପାଇଁ ଆପଣଙ୍କର ଦୁଇ ସୁଯୋଗ୍ୟ ପୁତ୍ର ଅର୍ଭବସୁ ଏବଂ ପରାବସୁଙ୍କୁ ମୁଁ ନିମନ୍ତ୍ରଣ କରିବାକୁ ଆସିଛି; ଆପଣଙ୍କ ଆଦେଶ ହେଲେ ସେମାନଙ୍କୁ ନେଇଯିବି।

ରୈଭ୍ୟଙ୍କ ସମ୍ମତି ନେଇ ଅର୍ଭବସୁ ଏବଂ ପରାବସୁ ବୃହଦ୍ୟୁମ୍ନଙ୍କ ଯଜ୍ଞପୀଠରେ ପହଞ୍ଚିଲେ। ଯଜ୍ଞ ପାଇଁ ଆୟୋଜନ କରୁ କରୁ କିଛି ଦିନ ଲାଗିଗଲା। ପରାବସୁ ଭାବିଲେ, ଥରେ ଯଜ୍ଞ ଆରମ୍ଭ ହେଲେ ମଝିରେ ନିଜ ଆଶ୍ରମକୁ ଫେରି ପାରିବେ ନାହିଁ; ଆରମ୍ଭ ପୂର୍ବରୁ ଥରେ ଯାଇ ପତ୍ନୀଙ୍କ ସହିତ ଦେଖାକରି ଫେରି ଆସିବା ଉଚିତ ହେବ।

ସନ୍ଧ୍ୟା ସମୟରେ ଯାତ୍ରା ଆରମ୍ଭ କରି ସେ ସାରା ରାତି ଚାଲି ଚାଲି ପାହାନ୍ତିଆ ପହରକୁ ଆଶ୍ରମ ନିକଟରେ ପହଞ୍ଚିଲେ। ଛାଇ ଅନ୍ଧାର ସମୟ; ସିନ୍ଦୁରା ଫାଟିବାକୁ କିଛି ସମୟ ବାକିଥାଏ। ପରାବସୁ ଦେଖିଲେ, ତାଙ୍କ ଆଶ୍ରମ କୁଟୀର ଭିତରକୁ ଏକ ବିଶାଳକାୟ ବଣ୍ୟଜନ୍ତୁ ପ୍ରବେଶ କରୁଛି। ପରାବସୁଙ୍କ ହାତରେ ତୀକ୍ଷ୍ଣ ଭାଲ ଥିଲା, ଯାହା ସେ ଯାତ୍ରା ସମୟରେ ଆତ୍ମରକ୍ଷା ପାଇଁ ସାଙ୍ଗରେ ରଖିଥିଲେ। ସେହି ତୀକ୍ଷ୍ଣ ଭାଲକୁ ସେ ବଣ୍ୟ ଜନ୍ତୁ ଉପରକୁ ନିକ୍ଷେପ କଲେ।

ଭାଲ ଲକ୍ଷ୍ୟ ଭେଦ କଲା, କିନ୍ତୁ ଏ କ'ଣ! ମନୁଷ୍ୟର ମୃତ୍ୟୁକାଳୀନ ଚିତ୍କାରରେ ବନଭୂମି ପ୍ରକମ୍ପିତ ହେଲା। ନିକଟକୁ ଦଉଡ଼ି ଯାଇ ପରାବସୁ ଦେଖିଲେ ଯେ ତାଙ୍କର ପିତା ମହର୍ଷି ରୈଭ୍ୟଙ୍କ ମୃତଦେହ ପଡ଼ିଛି। ପରାବସୁଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା; ଅଜ୍ଞାତରେ, ହିଂସ୍ର ଯନ୍ତୁ ମନେକରି ନିଜ ପିତାଙ୍କୁ ସେ ବଧ କରିଛନ୍ତି।

ପରାବସୁଙ୍କ ମାନସିକ ଅବସ୍ଥା ସହଜରେ ଅନୁମେୟ। ଆଶ୍ରମକୁ ନଯାଇ ସେ ଫେରି ଆସିଲେ ବୃହଦ୍ୟୁମ୍ନଙ୍କ ଯଜ୍ଞଶାଳାକୁ ଏବଂ ଭାଇ ଅର୍ଭବସୁଙ୍କ ଆଗରେ ତାଙ୍କ ଅଜ୍ଞାତରେ ଘଟିଥିବା ପିତୃହତ୍ୟା ପାପ କଥା ବର୍ଣ୍ଣନା କଲେ।

ଦୁଇ ଭାଇଙ୍କ ଆଗରେ ଏବେ ମହା ସମସ୍ୟା, ପିତାଙ୍କ ଅନ୍ତ୍ୟେଷ୍ଟି ସଂପନ୍ନ କରିବେ ନା ରାଜାଙ୍କ ଯଜ୍ଞ ଆରମ୍ଭ କରିବେ। ଅର୍ଭବସୁ କହିଲେ... ଭାଇ ତୁମେ ଚିନ୍ତା କରନାହିଁ, ମୁଁ ଆଶ୍ରମକୁ ଯାଇ ପିତାଙ୍କ କ୍ରିୟାକର୍ମ ଶେଷ କରି ଫେରିବି, ତୁମେ ଏଠାରେ ଯଜ୍ଞକାର୍ଯ୍ୟର ପରିଚାଳନା କର।

ଅର୍ଭବସୁ ଆଶ୍ରମକୁ ଫେରିଆସି ପିତାଙ୍କ ଶେଷକର୍ମ ସୁଚାରୁରୂପେ ପରିଚାଳନା

Source: Author, Digitized by PPRACHIN, SOA

କଲେ। ରାଜା ବୃହଦ୍ୟୁମ୍ନ ଏବଂ ଯଜ୍ଞରେ କର୍ମରତ ବ୍ରାହ୍ମଣମାନଙ୍କୁ ଏ ବିଷୟରେ କିଛି ଜଣାନଥାଏ। କିନ୍ତୁ, ଅଜ୍ଞାତରେ ହେଉପଛେ, ପିତୃହତ୍ୟା ପାପରେ ପରାବସୁଙ୍କ ଅନ୍ତରାତ୍ମା କଳୁଷିତ ହୋଇଗଲା କାରଣ ସେ ପିତାଙ୍କୁ ଶୁଦ୍ଧି ନହୋଇ ଯଜ୍ଞ ଭଳି ପବିତ୍ର କାର୍ଯ୍ୟରେ ଯୋଗଦେଲେ। ତେଣୁ ଈର୍ଷା, ଲୋଭ, ମୋହ ଭଳି ସବୁ ରାକ୍ଷସ-ଗୁଣ ତାଙ୍କ ମନକୁ ଯାବୁଡ଼ି ଧରିଲେ। ଯଜ୍ଞରୁ ଲବ୍ଧ ଧନ ଏବଂ ଯଶ ସେ ଭାଇ ଅର୍ଭବସୁଙ୍କ ସହିତ ଭାଗ କରିବାକୁ ଚାହୁଁ ନଥିଲେ। ପିତୃକାର୍ଯ୍ୟ ଶେଷକରି ଭାଇ ଅର୍ଭବସୁ ଯେତେବେଳେ ଯଜ୍ଞପୀଠକୁ ଫେରିଲେ,ପରାବସୁ ତାଙ୍କ ପ୍ରତି ଈର୍ଷାନ୍ୱୀତ ହୋଇ, ଉପସ୍ଥିତ ବ୍ରାହ୍ମଣମାନଙ୍କୁ କହିଲେ... ଦେଖ ପଣ୍ଡିତ ଗଣ ! ଅର୍ଭବସୁ ନାମକ ଏହି ବ୍ୟକ୍ତିଟି ମହାପାପୀ; ଏହା ମୁଣ୍ଡରେ ବ୍ରହ୍ମହତ୍ୟା ଓ ପିତୃହତ୍ୟା ଦୋଷ ରହିଛି, କାରଣ ନିଜ ପିତାଙ୍କୁ ଏହି ବ୍ୟକ୍ତି ହତ୍ୟା କରିଛି; ପବିତ୍ର ଯଜ୍ଞପୀଠରେ ଏହାର କାମ କ'ଣ ?

ଉପସ୍ଥିତ ବ୍ରାହ୍ମଣ ସମାଜ 'ଘୋର ଲଜ୍ଜା' 'ଘୋର ଲଜ୍ଜା' କହି ଅର୍ଭବସୁଙ୍କୁ ଘୃଣାପୂର୍ଣ୍ଣଆଖିରେ ଦେଖିଲେ ଏବଂ ଯଜ୍ଞସ୍ଥଳ ତ୍ୟାଗ କରି ଚାଲି ଯିବାପାଇଁ କହିଲେ।

ଅର୍ଭବସୁ ନିଜ ଭାଇଙ୍କର ଏପରି ବ୍ୟବହାରରେ ଗଭୀର ଦୁଃଖ ପାଇଲେ। ସେ ଭାଇଙ୍କୁ କହିଲେ... ଭାଇ ପରାବସୁ ! ତୁମେ ଏ କଣ କହୁଛ !! ତୁମ ହାତରେ ପିତାଙ୍କର ମୃତ୍ୟୁ ଘଟିଲା; ତୁମକୁ ପାପ ମୁକ୍ତ କରିବା ପାଇଁ ମୁଁ ପିତାଙ୍କ ଶେଷକୃତ୍ୟ ପାଳନ କରି ଫେରୁଛି, ଅଥଚ ତୁମେ ପିତୃହତ୍ୟା ଓ ବ୍ରହ୍ମହତ୍ୟା ଦୋଷ ମୋ ମୁଣ୍ଡରେ ବୋଳି ଦେଉଛ !

ପରାବସୁ କହିଲେ... ପାଖଣ୍ଡି, ଆଉ କେତେ ମିଛ କହିବୁ ? ମିଛ କହିଲେ କଣ ଏଠାରେ ଉପସ୍ଥିତ ପଣ୍ଡିତଗଣ ତୋ କଥା ବିଶ୍ୱାସ କରିବେ ?

ବ୍ରାହ୍ମଣମାନେ ଦୁଇଭାଇଙ୍କର ଏହି କଥୋପକଥନ ଶୁଣି ଅର୍ଭବସୁଙ୍କୁ ଯଜ୍ଞସ୍ଥଳରୁ ଧକ୍କା ମାରି ତଡ଼ିଦେଲେ। ଘୋର ଅପମାନରେ ଜର୍ଜରିତ ଅର୍ଭବସୁ ଭାଗ୍ୟକୁ ନିନ୍ଦାକରି ଫେରିଲେ। ସେ ଭାବିଲେ... ପିତାଙ୍କୁ ଶୁଦ୍ଧ ହୋଇନଥିବାରୁ ପରାବସୁଙ୍କ ମନକୁ କଳୁଷ ଯାବୁଡ଼ି ଧରିଛି। ତାଙ୍କ ଅନ୍ତରାତ୍ମା ଅପବିତ୍ର ହୋଇଯାଇଛି। ତାଙ୍କୁ ଏହି କାଳିମାରୁ ଉଦ୍ଧାର ନକଲେ ସେ ଏହାଠାରୁ ବଳି ଅଧିକ ପାପ କରିଚାଲିବେ ଏବଂ ନର୍କଗାମୀ ହେବେ।

ଆଶ୍ରମକୁ ନଫେରି ଏକ ବୃକ୍ଷମୂଳରେ ଘୋର ତପସ୍ୟାରେ ନିଜକୁ ମଗ୍ନ କଲେ ଅର୍ଭବସୁ।ଯେତିକି ତପସ୍ୟା କରୁଥାନ୍ତି ସେତିକି ତାଙ୍କ ହୃଦୟ ନିର୍ମଳ ଓ ପବିତ୍ର ହୋଇଯାଉଥାଏ। ଦେବତାମାନେ ତାଙ୍କର ଏହି ଘୋର ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କ ପ୍ରଶଂସାରେ ଶତମୁଖ ହେଲେ। ତାଙ୍କ ତପସ୍ୟାର ଫଳ ସ୍ୱରୂପ ଏବଂ ଦେବତାଙ୍କ ଆଶୀର୍ବାଦରେ ପରାବସୁ ପାପ ମୁକ୍ତ ହେଲେ।

Source: Author, Digitized by PPRACHIN, SOA

ରୈଭ୍ୟ ମହର୍ଷିଙ୍କ ଆଶ୍ରମର ପବିତ୍ର ବାତାବରଣରେ ବସି ପାଣ୍ଡବମାନେ, ଲୋମଶ ମହାମୁନିଙ୍କ ମୁଖରୁ ଏହି ଉପାଖ୍ୟାନ ଶୁଣୁଥିଲେ। ଲୋମଶ କହିଲେ... ବତ୍ସ! ଜ୍ଞାନ ଆହରଣ କରିବା ଏବଂ ତା'ର ଉପଯୋଗ କରିବା ଦୁଇଟି ଅଲଗା କଥା। ନିଜ ପିତାଙ୍କଠାରୁ ଉଭୟେ ଅର୍ଭବସୁ ଓ ପରାବସୁ ଜ୍ଞାନ ଆହରଣ କରିଥିଲେ, କିନ୍ତୁ ସେହି ଜ୍ଞାନର ମାହାତ୍ମ୍ୟ ଅର୍ଭବସୁଙ୍କ ପ୍ରତିଟି ବ୍ୟବହାର ଓ କର୍ମରେ ପ୍ରତିଫଳିତ ହେଉଥିଲା।

ପରାବସୁ, ଅର୍ଜିତ ଜ୍ଞାନକୁ ସଂସାର ସଂଗ୍ରହ ଏବଂ ନିଜ ସ୍ୱାର୍ଥ ପାଇଁ ବିନିଯୋଗ କରୁଥିଲେ। ପିତୃକାର୍ଯ୍ୟ ସମାପନ ତାଙ୍କ ପାଇଁ ଗୌଣ ଏବଂ ଯଜ୍ଞକାର୍ଯ୍ୟରୁ ଧନ ଆହରଣ କରିବା ମୁଖ୍ୟ କାର୍ଯ୍ୟ ଥିଲା। ସ୍ୱାର୍ଥ ସାଧନ ପାଇଁ ନିଜ ଅର୍ଜିତ ପାପ ନିଜ ଭାଇଙ୍କ ମୁଣ୍ଡରେ ବୋଳିଦେଇ ତାଙ୍କୁ ଅପମାନିତ କରିବାକୁ ସେ ପଛେଇ ନଥିଲେ। ବତ୍ସ ! କର୍ମ ହିଁ ପାପ ଓ ପୁଣ୍ୟର ପରିଚାୟକ। ଈର୍ଷା ଲୋଭ ଓ ସ୍ୱାର୍ଥପରତା ଜଣେ କୁରୁ-ବଂଶୀଙ୍କୁ ଦୁର୍ଯ୍ୟୋଧନରେ ପରିଣତ କରେ ତଥା ଦୟା, ଧର୍ମପୂର୍ଣ୍ଣ, କଲ୍ମଷହୀନ ପବିତ୍ରମନ ଅନ୍ୟ ଜଣେ କୁରୁବଂଶଜଙ୍କୁ ଯୁଧିଷ୍ଠିରରେ ପରିଣତ କରେ। ତୁମେ ଦୁହେଁ ତ ଗୋଟିଏ ଗୁରୁଙ୍କଠାରୁ ଶିକ୍ଷା ଲାଭ କରିଥିଲ ପୁତ୍ର ଯୁଧିଷ୍ଠିର ! ଜଣେ କାହିଁକି ଦୁର୍ଯ୍ୟୋଧନ ହେଲା ? ଏଥିପାଇଁ କଣ ଗୁରୁ ଦାୟୀ ?

-୦-

(୬୦)

ଅଷ୍ଟାବକ୍ର ଚରିତ

ପାଣ୍ଡବଙ୍କ ବନବାସ ସମୟରେ ମହର୍ଷି ଲୋମଶ ସେମାନଙ୍କ ସହିତ ବିଭିନ୍ନ ତୀର୍ଥସ୍ଥାନ ଓ ପୁଣ୍ୟପୀଠ ଭ୍ରମଣ କରୁଥାନ୍ତି। ଥରେ ମହାଜ୍ଞାନୀ ଅଷ୍ଟାବକ୍ରଙ୍କ ଦ୍ୱାରା ସ୍ଥାପିତ ଆଶ୍ରମରେ ପହଞ୍ଚି ଲୋମଶ କହିଲେ... ବତ୍ସ ! ଉପନିଷଦରେ ଅମର ହୋଇ ରହିଥିବା ମହର୍ଷି ଅଷ୍ଟାବକ୍ରଙ୍କ ଏ ହେଉଛି ପୁଣ୍ୟ ପୀଠ।ତାଙ୍କ ଜ୍ଞାନ ସମ୍ବନ୍ଧୀୟ ଅମର କାହାଣୀ କହୁଛି ଶୁଣ...

ବେଦାନ୍ତରେ ଅସାଧାରଣ ବ୍ୟୁତ୍ପତ୍ତି ଲାଭ କରିଥିବା, ଉଦ୍ଦାଳକ ନାମକ ଜଣେ ମହାନ ଗୁରୁ ଥିଲେ। 'କହୋଡ' ନାମକ ତାଙ୍କର ଜଣେ ପୁଣ୍ୟାତ୍ମା ସମର୍ପିତ-ପ୍ରାଣ ଶିଷ୍ୟ ଥିଲେ। କହୋଡଙ୍କର ସମସ୍ତ ଦେବପ୍ରତିମ ଗୁଣ ଥିଲେ ମଧ୍ୟ ସେ ସେଭଳି ଜ୍ଞାନବାନ ନଥିଲେ। ବେଦ ଉଚ୍ଚାରଣ ସମୟରେ ତାଙ୍କର ଅନେକ ଭୁଲ୍ ହେଉଥିଲା। ସେଥିପାଇଁ

Source: Author, Digitized by PPRACHIN, SOA

ଅନେକ ସମୟରେ ଗୁରୁକୁଳରେ ତାଙ୍କ ସହପାଠୀ ମାନେ ତାଙ୍କୁ ବ୍ୟଙ୍ଗ ବିଦ୍ରୁପ କରୁଥିଲେ।

ମହର୍ଷି ଉଦ୍ଧାଳକ, ଶିଷ୍ୟମାନଙ୍କର ଏଭଳି ବ୍ୟବହାରକୁ ଗୁରୁତ୍ୱ ନଦେଇ କହୋଡଙ୍କ ଦେବୋପମ ଗୁଣରେ ମୁଗ୍ଧ ହୋଇ ନିଜ କନ୍ୟା 'ସୁଜାତା'ଙ୍କୁ ତାଙ୍କୁ ବିବାହ ଦେଲେ। କିଛି ଦିନ ମଧୁର ଦାମ୍ପତ୍ୟ ଅତିବାହିତ କରିବାପରେ ସୁଜାତା ଗର୍ଭବତୀ ହେଲେ। ତାଙ୍କ ଗର୍ଭରେ ବଢୁଥିବା ସନ୍ତାନ ମାତାମହ ଉଦ୍ଧାଳକଙ୍କ ଭଳି ଅସୀମ ଧିସଂପନ୍ନ ଥିଲେ ଏବଂ ମାତାଙ୍କ ଗର୍ଭରେ ଥାଇ ବେଦ-ବିଶାରଦ ପାଲଟି ଯାଇଥିଲେ । ପିତା କହୋଡ, ବେଦ ପାଠ ସମୟରେ ଭୁଲ୍ ଉଚ୍ଚାରଣ କଲେ, ଜନନୀ ଜଠରରେ ଥାଇ ଶିଶୁଟିର ଶରୀର ଯନ୍ତ୍ରଣାରେ ମୋଡ଼ି ହୋଇଯାଉଥିଲା। ଫଳରେ ଜନ୍ମ ହେଲାବେଳକୁ ଶିଶୁଟିର ଶରୀରରେ ଆଠଟି ବାଙ୍କ ହୋଇ ଯାଇଥିଲା। ଏପରି ମଧ୍ୟ କଥିତ ଅଛି, ମାତା ଗର୍ଭରେ ଥିବା ସମୟରେ, ପିତା କହୋଡ ବେଦ ଉଚ୍ଚାରଣରେ ଭୁଲ୍ କଲେ ପେଟ ଭିତରୁ ଶିଶୁଟି ପାଟିକରି ଜଣାଇ ଦେଉଥିଲା ଭୁଲ କେଉଁଠି ହେଲା। ଏପରି ବାରମ୍ବାର କରିବାରୁ ପିତା କହୋଡ ଅପମାନିତ ମନେ କଲେ। ଆଠଥର ଏଭଳି କହିବା ପରେ ପିତା ଅଭିଶାପ ଦେଲେ... ତୋ ଦେହରେ ଆଠଟି ବାଙ୍କ ହୋଇ ଯାଉ। ଦେହରେ ଆଠଟି ବାଙ୍କ ନେଇ ଜନ୍ମ ହୋଇଥିବା ଏହି ବାଳକ ମହାଜ୍ଞାନୀ ଅଷ୍ଟାବକ୍ର ନାମରେ ପରିଚିତ।

କହୋଡଙ୍କ ଦୁର୍ଭାଗ୍ୟ, ଥରେ ମିଥିଳା ରାଜା ଜନକଙ୍କ ଦରବାରରେ ଥିବା ବିଶ୍ୱପ୍ରସିଦ୍ଧ ପଣ୍ଡିତ 'ବନ୍ଦି'ଙ୍କ ସହିତ ତାଙ୍କର ବେଦଶାସ୍ତ୍ର ଉପରେ ବାଦାନୁବାଦ ଲାଗିଲା। ସର୍ତ୍ତ ଥିଲା, ପ୍ରତିଯୋଗିତାରେ ଯେ ପରାସ୍ତ ହେବ ସେ ସମୁଦ୍ରରେ ଜଳସମାଧି ନେବ। କହୋଡ ବନ୍ଦିଙ୍କ ଠାରୁ ପରାସ୍ତ ହୋଇ ଜଳସମାଧି ନେଲେ। ସ୍ୱାମୀଙ୍କ ଦୁର୍ଭାଗ୍ୟପୂର୍ଣ୍ଣମୃତ୍ୟୁ କଥା, ସୁଜାତା ଅନେକ ଦିନ ପର୍ଯ୍ୟନ୍ତ ପୁତ୍ର ଠାରୁ ଗୁପ୍ତ ରଖିଥିଲେ।

ଅଷ୍ଟାବକ୍ର, ପିତାଙ୍କ ଦୁର୍ଭାଗ୍ୟପୂର୍ଣ୍ଣମୃତ୍ୟୁ ବିଷୟରେ ଯେତେବେଳେ ଜାଣିବାକୁ ପାଇଲେ, ବଡ ଦୁଃଖିତ ହେଲେ; ବନ୍ଦିଙ୍କୁ ଶାସ୍ତ୍ର ଆଲୋଚନାରେ ପରାସ୍ତ କରି ପିତାଙ୍କ ମୃତ୍ୟୁର ପ୍ରତିଶୋଧ ନେବାପାଇଁ ସମୟ ସୁଯୋଗର ଅପେକ୍ଷାରେ ଥିଲେ ଅଷ୍ଟାବକ୍ର। ମାତ୍ର ବାରବର୍ଷ ବୟସରେ ବେଦ, ବେଦାନ୍ତ ଏବଂ ଅନ୍ୟ ସମସ୍ତ ଶାସ୍ତ୍ରରେ ସେ ମହାନ ପାଣ୍ଡିତ୍ୟ ଲାଭ କରି ସାରିଥିଲେ।

ଦିନେ ଅଷ୍ଟାବକ୍ର ଶୁଣିବାକୁ ପାଇଲେ ଯେ ମିଥିଳା ନରେଶ ଜନକ, ପ୍ରଜାଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଏକ ବିରାଟ ଯଜ୍ଞ ଅନୁଷ୍ଠାନ ଆୟୋଜନ କରୁଛନ୍ତି। ସେହି ଅନୁଷ୍ଠାନରେ ଯୋଗଦେବାପାଇଁ ଆର୍ଯ୍ୟାବର୍ତ୍ତର ଅନେକ ବିଦ୍ୱାନ ଓ ପଣ୍ଡିତ ଆସୁଛନ୍ତି। ସେଠାରେ ମହାନ୍ ପଣ୍ଡିତ 'ବନ୍ଦି' ବେଦାନ୍ତ ଉପରେ ଏକ ତର୍କ ପ୍ରତିଯୋଗିତାର ଆୟୋଜନ

Source: Author, Digitized by PPRACHIN, SOA

କରୁଛନ୍ତି। ଏ ସୁଯୋଗ ହାତଛଡ଼ା କରିବା ପାଇଁ ଅଷ୍ଟାବକ୍ର ଚାହୁଁ ନଥିଲେ। ଖୁଡୁତା ଶ୍ୱେତକେତୁଙ୍କ ସହିତ ସେ ମିଥିଳା ଅଭିମୁଖେ ଯାତ୍ରା କଲେ।

ମିଥିଳା ସେ ସମୟରେ ଯଜ୍ଞ ପାଇଁ ଆନନ୍ଦରେ ମୁଖରିତ। ମିଥିଳାର ରାଜରାସ୍ତା ଉପରେ ଚାଲିଥାନ୍ତି ଅଷ୍ଟାବକ୍ର। ତାଙ୍କ ବିକଳାଙ୍ଗ ଶରୀର ଏବଂ ଚାଲିବା ଭଙ୍ଗି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥାଏ। ଏହି ସମୟରେ ରଥ ଆରୋହଣ କରି ରାଜା ଜନକ ସେହି ବାଟରେ ଆସୁଥିଲେ। ରାଜକର୍ମଚାରୀମାନେ, ଜନସାଧାରଣଙ୍କୁ ରାସ୍ତା ଉପରୁ ଆଡେଇ ଯିବାପାଇଁ ଚିତ୍କାର କରୁଥାନ୍ତି... ପାଖେଇ ଯାଅ ପାଖେଇ ଯାଅ, ରାଜା ଆସୁଛନ୍ତି। ଅଷ୍ଟାବକ୍ର ରାସ୍ତାରୁ ଘୁଞ୍ଚି ନଯାଇ ରାଜ କର୍ମଚାରୀଙ୍କୁ କହିଲେ... ମହାଶୟ, ଶାସ୍ତ୍ର କହେ ଜଣେ ବିଜ୍ଞ ବ୍ୟକ୍ତି, ରାସ୍ତାରେ ଯାଉଥିବା ଅନ୍ଧ, ବାଳକ, ବିକଳାଙ୍ଗ, ଭାରବାହୀ, ମହିଳା ଏବଂ ବେଦଜ୍ଞ ବ୍ରାହ୍ମଣମାନଙ୍କୁ ନିଜେ ବାଟ ଛାଡ଼ିଦେବା ଉଚିତ। ଏ ଶିକ୍ଷା, ରାଜା ଜନକ କଣ ରାଜକର୍ମଚାରୀଙ୍କୁ ଦେଇ ନାହାନ୍ତି ?

ଅଷ୍ଟାବକ୍ରଙ୍କ କଥାକୁ କର୍ଣ୍ଣପାତ ନକରି ରାଜକର୍ମଚାରୀ ତାଙ୍କୁ ବଳପ୍ରୟୋଗ କରି ରାଜରାସ୍ତାରୁ ହଟାଇବା ପାଇଁ ଚେଷ୍ଟା କରୁଥିଲେ। ଅଷ୍ଟାବକ୍ରଙ୍କ କଥା ରାଜର୍ଷି ଜନକ ଶୁଣି ପାରିଲେ। ବାରବର୍ଷ ବୟସର ବାଳକର ଏପରି ଜ୍ଞାନ ଦେଖି ଆଶ୍ଚର୍ଯ୍ୟ ହୋଇ ଜନକ ତାଙ୍କୁ ବାଟ ଛାଡିଦେଲେ।

ଯଜ୍ଞ ସ୍ଥଳରେ ଅଷ୍ଟାବକ୍ର ପହଞ୍ଚି ପ୍ରତିଯୋଗିତା ମଣ୍ଡପକୁ ଯିବା ସମୟରେ ସେଠାରେ ଥିବା ଦ୍ୱାରପାଳ ବାଟ ଓଗାଳି କହିଲା... ଏହା ମହାନ ବେଦବିଶାରଦମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରତିଯୋଗିତା, ବାଳକମାନଙ୍କର ଏଠାରେ ପ୍ରବେଶ ନିଷେଧ। କେବଳ ବୟସ୍କମାନେ ଏଥିରେ ଯୋଗ ଦେଇପାରିବେ।

ଅଷ୍ଟାବକ୍ର କହିଲେ... ଆମକୁ ସାମାନ୍ୟ ବାଳକ ମନେ କରନାହିଁ ମହାଶୟ; ବେଦ ଓ ବେଦାନ୍ତରେ ଆମର ଯଥେଷ୍ଟ ବ୍ୟୁତ୍ପତ୍ତି ରହିଛି। ଯେଉଁମାନେ ବେଦାନ୍ତରେ ବିଜ୍ଞ ସେମାନେ କଦାପି ଅନ୍ୟ ପଣ୍ଡିତମାନଙ୍କୁ ବୟସ କିମ୍ବା ରୂପ ଆଧାରରେ ବିବେଚନା କରନ୍ତି ନାହିଁ। ବୟସ ସହିତ ଜ୍ଞାନର କଣ ସଂପର୍କ ? ଏକଥା ଯାଇ ତୁମ ବିଜ୍ଞ ରାଜା ଏବଂ ପଣ୍ଡିତ 'ବନ୍ଦି'ଙ୍କୁ କୁହ, ନିଶ୍ଚିତ ଭାବରେ ସେ ଆମକୁ ପ୍ରତିଯୋଗିତାରେ ଭାଗ ନେବାପାଇଁ ଅନୁମତି ଦେବେ।

ଦ୍ୱାରପାଳ ସହିତ ଏଭଳି ଯୁକ୍ତି ଚାଲିଥିବା ସମୟରେ ମିଥିଳା ରାଜା ଜନକ ସେଠାରେ ପହଞ୍ଚିଲେ। ବାଟରେ ଭେଟିଥିବା ଏହି ଅନନ୍ୟ ବାଳକକୁ ଯଜ୍ଞପୀଠରେ ଦେଖି ଜନକଙ୍କ କୌତୁହଳ ବଢ଼ିଗଲା। ସେ କହିଲେ... ହେ ବିକଳାଙ୍ଗ ବାଳକ ! ଏତେ ଅଳ୍ପ

Source: Author, Digitized by PPRACHIN, SOA

ବୟସରେ ତୁମେ ମହାନ୍ ଶାସ୍ତ୍ରଜ୍ଞ ଓ ପଣ୍ଡିତମାନଙ୍କ ସହିତ ପ୍ରତିଯୋଗିତା କରିବାକୁ ଆସିଛ, ଡର ଲାଗୁନାହିଁ ?

ଅଷ୍ଟାବକ୍ର କହିଲେ... ମହାରାଜ ! ଆପଣ ଏପରି ମତ ପୋଷଣ କରୁଥିବା ଦେଖି ମୁଁ ଆଶ୍ଚର୍ଯ୍ୟ। ମନ୍ଦିରର ଆକାର ଓ ଗଠନ ଶୈଳୀ ଯାହା ହେଉନା କାହିଁକି, ତାହା ଦେବତାଙ୍କ ପରିଚୟ ଦିଏନାହିଁ। ଛୋଟ ମନ୍ଦିର ଭିତରେ ରହି ଦେବତା ଛୋଟ ହୋଇଯାଆନ୍ତି ନାହିଁ। ବେଦ ବେଦାନ୍ତରେ ମୁଁ ବ୍ୟୁତ୍ପତ୍ତି ଲାଭ କରିଛି, ମୋର ବୟସ ବା ଶାରୀରିକ ଗଠନ ପ୍ରତିଯୋଗିତାରେ ଭାଗ ନେବାପାଇଁ କିପରି ବାଧକ ହେବ ?

ଜନକ କହିଲେ... ବାଳକ ! ତୁମେ କଣ ଜାଣିନାହିଁ ଯେ ମୋ' ଦରବାର ପଣ୍ଡିତ ବନ୍ଦି ଅନେକ ଶାସ୍ତ୍ରଜ୍ଞଙ୍କୁ ପ୍ରତିଯୋଗିତାରେ ପରାସ୍ତ କରି ସେମାନଙ୍କୁ ଜଳସମାଧି ନେବାପାଇଁ ବାଧ୍ୟ କରିଛନ୍ତି ? ମୃତ୍ୟୁକୁ ଏତେ ପାଖରେ ଦେଖି ତୁମକୁ କ'ଣ ଡର ଲାଗୁନାହିଁ ବାଳକ ?

ଏହାଶୁଣି ଅଷ୍ଟାବକ୍ର କହିଲେ... ଆପଣଙ୍କ ଦରବାରୀ ପଣ୍ଡିତ ବନ୍ଦି ବୋଧହୁଏ ମୋ' ଭଳି ଶାସ୍ତ୍ରଜ୍ଞଙ୍କ ସମ୍ମୁଖୀନ ହୋଇନାହାନ୍ତି। ସହଜ ଲବ୍ଧ ଜୟ ତାଙ୍କୁ ଅବିନୟୀ, ଉଦ୍ଧତ ଏବଂ ଗର୍ବୀ କରିଦେଇଛି। ଫଳନ୍ତି-ବୃକ୍ଷ ଏବଂ ଗୁଣୀଜନମାନଙ୍କ ବ୍ୟବହାରରେ ନମ୍ରତା ଦେଖାଯାଏ, ଯାହା ବନ୍ଦିଙ୍କ ପାଖରେ ନାହିଁ।

କିଛି ନିରବତା ପରେ ଅଷ୍ଟାବକ୍ର କହିଲେ... ରାଜର୍ଷି ଜନକ ! ମୁଁ ଅଷ୍ଟାବକ୍ର, ମୋର ମାତାଙ୍କ ନାମ ସୁଜାତା ଏବଂ ପିତାଙ୍କ ନାମ କହୋଡ। ମୋ ପିତା ଆପଣଙ୍କ ଦରବାରୀ ପଣ୍ଡିତ ବନ୍ଦିଙ୍କ ସହିତ ଶାସ୍ତ୍ର ଆଲୋଚନାରେ ପରାସ୍ତ ହୋଇ, ସର୍ତ୍ତ ଅନୁଯାୟୀ ସମୁଦ୍ରରେ ଜଳସମାଧି ନେଇଛନ୍ତି। ମୋ ଦୁଃଖିନୀ ଜନନୀ, ପିତାଙ୍କ ବିୟୋଗରେ ମହା କଷ୍ଟରେ କାଳାତିପାତ କରୁଛନ୍ତି। ମୁଁ ବନ୍ଦିଙ୍କୁ ପ୍ରତିଯୋଗିତାରେ ପରାସ୍ତ କରି ପିତୃଋଣ ପରିଶୋଧ କରିବା ପାଇଁ ଆସିଛି। ମୋର ବୟସ, ଶରୀର ଗଠନ ବା ଉଚ୍ଚତା ରେ ବିଭ୍ରମିତ ନହୋଇ ମୋତେ ପ୍ରତିଯୋଗୀତାରେ ଭାଗ ନେବାପାଇଁ ଅନୁମତି ଦିଅନ୍ତୁ।

ଜନକ, ବାଳକର ସ୍ଥିତପ୍ରଜ୍ଞା ଏବଂ ପାଣ୍ଡିତ୍ୟର ଝଲକ ପାଇ ଭାବିଲେ... ଏ ତ ଜ୍ଞାନର ଅଗ୍ନି ଭଳି ଜଣାଯାଉଛନ୍ତି। ଅଗ୍ନି, ଦୀପ ଶିଖାରେ ରହନ୍ତୁ ଅଥବା ବାଡବାଗ୍ନିରେ, ତାଙ୍କ ପରିଚୟ ଅଗ୍ନି ବ୍ୟତୀତ ଆଉ କିଛି ନୁହେଁ।

ରାଜାଙ୍କ ଅନୁମତି ପାଇ ପ୍ରତିଯୋଗିତା ସ୍ଥଳରେ ପହଞ୍ଚିଲେ ଅଷ୍ଟାବକ୍ର। ସେଠାରେ ସେ 'ବନ୍ଦି' ତଥା ଅନ୍ୟାନ୍ୟ ବେଦଜ୍ଞ ବ୍ରାହ୍ମଣମାନଙ୍କର ବିଦ୍ରୂପର ସମ୍ମୁଖୀନ ହେଲେ; ଏକେ ତ ବୟସ ମାତ୍ର ବାରବର୍ଷ, ଦ୍ୱିତୀୟରେ ଦେହରେ ଆଠଟି ବକ୍ର; ବ୍ରାହ୍ମଣମାନେ

Source: Author, Digitized by PPRACHIN, SOA

କହିଲେ... କୁଆଡେ ଆସିଲ ବଙ୍କା ଗୋସେଇଁ? ଏହା ତର୍କସ୍ଥଳ, ପିଲାଖେଳ ନୁହେଁ।

ଦରବାରୀ ପଣ୍ଡିତ ବନ୍ଦିଙ୍କ ସହିତ ଅଷ୍ଟାବକ୍ରଙ୍କର, ବେଦ ବେଦାନ୍ତ ଉପରେ ଉଚ୍ଚସ୍ତରୀୟ ପ୍ରତିଯୋଗିତା ଲାଗି ରହିଲା। ଅଷ୍ଟାବକ୍ରଙ୍କ ପାଣ୍ଡିତ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କଲା। ଶେଷରେ ବନ୍ଦି ପ୍ରତିଯୋଗୀତାରେ ପରାସ୍ତ ହେଲେ।

ଅଷ୍ଟାବକ୍ର କହିଲେ... ସର୍ତ୍ତ ଅନୁଯାୟୀ ବର୍ତ୍ତମାନ ବନ୍ଦି ସାଗରରେ ଜଳସମାଧି ନିଅନ୍ତୁ।

ମଥାନତ କରି ବସିଥିବା ବନ୍ଦି କହିଲେ... ବାସ୍ତବରେ ଯେଉଁମାନେ ଜଳ ସମାଧି ନେଇଛନ୍ତି ସେମାନେ ମୃତ ନୁହନ୍ତି। ସେମାନେ ସମସ୍ତେ ଜଳଦେବ ତା ବରୁଣଙ୍କ ଯଜ୍ଞପୀଠରେ ଅଛନ୍ତି। ମୁଁ ବରୁଣଙ୍କ ପୁତ୍ର। ପିତା ବାରବର୍ଷତଳେ ଏକ ମହାଯଜ୍ଞର ଆୟୋଜନ କରିଥିଲେ। ପିତାଙ୍କ ଅନୁରୋଧକ୍ରମେ ମୁଁ ପଣ୍ଡିତ ଓ ବ୍ରାହ୍ମଣମାନଙ୍କୁ ତର୍କବିଦ୍ୟାରେ ପରାସ୍ତ କରି ଜଳ ସମାଧି ଦେଉଥିଲି। ସେମାନେ ସମସ୍ତେ ସାଗର ଭିତରକୁ ଯାଇ ଯଜ୍ଞାନୁଷ୍ଠାନରେ ଯୋଗ ଦେଉଥିଲେ। ଏବେ ସେ ଯଜ୍ଞ ସମାପନ ହୋଇଛି।ତେଣୁ ଆପଣଙ୍କ ପିତା ଶୀଘ୍ର ଫେରି ଆସିବେ।

ବନ୍ଦିଙ୍କ କଥା ଠିକ୍ ଥିଲା। ଅଷ୍ଟାବକ୍ରଙ୍କ ପିତା କହୋଡ ଶୀଘ୍ର ଫେରି ଆସିଲେ।

ପାଣ୍ଡବମାନଙ୍କ ଆଗରେ ମହାଜ୍ଞାନୀ ଅଷ୍ଟାବକ୍ରଙ୍କ ବିଷୟରେ ବର୍ଣ୍ଣନା କରି ଲୋମଶ କହିଲେ... ବତ୍ସ! ବୟସ ବା ଶାରୀରିକ ଗଠନ ଜ୍ଞାନର ପରିଚାୟକ ନୁହେଁ। ଅଷ୍ଟାବକ୍ର ବେଦାନ୍ତ ଉପରେ ଯେଉଁ ଜ୍ଞାନ ବିତରଣ କରିଯାଇଛନ୍ତି ତାହା ଜଗତକୁ ଜ୍ଞାନାଲୋକ ପ୍ରଦାନ କରିଛି। ରାଜର୍ଷି ଜନକ ଓ ଅଷ୍ଟାବକ୍ରଙ୍କ ମଧ୍ୟରେ ହୋଇଥିବା କଥୋପକଥନ 'ଅଷ୍ଟାବକ୍ର ଗୀତା' ନାମରେ ବିଦିତ; ଏହା ଜୀବନଦର୍ଶନ ସମ୍ବନ୍ଧୀୟ ଏକ ମହାନ ଗ୍ରନ୍ଥ।

-୦-

(୬୧)

ହନୁମାନଙ୍କ ଆଶୀର୍ବାଦ

କାମ୍ୟକ ବନ ଛାଡି ମହର୍ଷି ଲୋମଶଙ୍କ ସହିତ ପାଣ୍ଡବମାନେ ତୀର୍ଥଯାତ୍ରାରେ ଭ୍ରମଣ କରିବାର ଅନ୍ୟ ଏକ କାରଣ ଥିଲା ଅର୍ଜୁନଙ୍କ ବିଚ୍ଛେଦ ଭୁଲିବା। ଅର୍ଜୁନ, ଦିବ୍ୟାସ୍ତ୍ର ସନ୍ଧାନରେ ଯାଇ ବହୁଦିନ ପର୍ଯ୍ୟନ୍ତ ନଫେରିବାରୁ କାମ୍ୟକ ବନରେ ତାଙ୍କ ସ୍ମୃତି ଭାଇମାନଙ୍କୁ ଏବଂ ଦ୍ରୌପଦୀଙ୍କୁ ବ୍ୟଥିତ କଲା। ସେମାନେ ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣକରି ସେହି ମାନସିକ

Source: Author, Digitized by PPRACHIN, SOA

ବିଷାଦ ଦୂର କରିବାକୁ ଚାହୁଁଥିଲେ। ଅନେକ ତୀର୍ଥସ୍ଥାନ ଭ୍ରମଣ କରି ସେମାନେ ଯେତେବେଳେ ହିମାଳୟ ପାଦଦେଶରେ ପହଞ୍ଚିଲେ, ଦ୍ରୌପଦୀଙ୍କ ପାଦ ଆଉ ଆଗକୁ ବଢୁନଥିଲା; ବଡ଼ କ୍ଳାନ୍ତ ହୋଇ ଯାଇଥିଲେ କୋମଳାଙ୍ଗୀ ପାଞ୍ଚାଳୀ। ଆଗକୁ ରାସ୍ତା ବନ୍ଧୁର ଏବଂ ଦୁର୍ଗମ ରହିଥିଲା।

ଯୁଧିଷ୍ଠିର ଭୀମଙ୍କୁ କହିଲେ... ବୃକୋଦର! ପାଞ୍ଚାଳୀଙ୍କୁ ଆମେ ଅଧିକ ପଥଶ୍ରାନ୍ତି ଦେବା ଉଚିତ ନୁହେଁ। ମୋ ମତରେ ତୁମେ ପାଞ୍ଚାଳୀ ଏବଂ ନକୁଳଙ୍କ ସହିତ ଏହି ସ୍ଥାନରେ ଅପେକ୍ଷା କର; ମୁଁ ଲୋମଶ ମହର୍ଷି ଏବଂ ସହଦେବଙ୍କ ସହିତ ଆଗକୁ ଯାଇ ବାକି ତୀର୍ଥସ୍ଥଳୀ ଦର୍ଶନ କରି ଫେରିବି।

ଭୀମସେନ କିନ୍ତୁ,ବଣ୍ୟଜନ୍ତୁ ଏବଂ ରାକ୍ଷସ ଅଧ୍ୟୁଷିତ ସେହି ଅରଣ୍ୟ ପ୍ରଦେଶରେ ଯୁଧିଷ୍ଠିରଙ୍କୁ ଏକା ଛାଡ଼ିବାକୁ ଚାହୁଁନଥିଲେ। ଭୀମ କହିଲେ... ଧର୍ମରାଜ ! ଏହି ଭୟଙ୍କର ଅରଣ୍ୟ ମଧ୍ୟରେ ମୁଁ ଆପଣଙ୍କୁ ଏକାକୀ ଯିବାପାଇଁ ଦେବିନାହିଁ। ପାଞ୍ଚାଳୀଙ୍କ ପାଇଁ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ। ତାଙ୍କୁ ମୁଁ କାନ୍ଧରେ ବସାଇ ଏବଂ ନକୁଳ ସହଦେବଙ୍କୁ ଦୁଇ ବାହୁରେ ତୋଳିଧରି ଅନାୟାସରେ ଏହି ବନ୍ଧୁର ବନପ୍ରଦେଶ ଅତିକ୍ରମ କରି ପାରିବି।

ଏକଥା ଶୁଣି ଦ୍ରୌପଦୀ ଲାଜେଇ ଯାଇ ଭୀମଙ୍କୁ କହିଲେ... ମତେ କାନ୍ଧରେ ବୋହିବା ଆବଶ୍ୟକ ନାହିଁ; ମୁଁ ଅନାୟାସରେ ଚାଲି ପାରିବି। ତୁମ ଭାଇମାନଙ୍କର ପାଦ ଥକି ଯାଉଥିବ, ସେମାନଙ୍କୁ କାନ୍ଧରେ ଧରି ଚାଲ।

ଦ୍ରୌପଦୀଙ୍କର ଏପରି ଶ୍ଳେଷବାକ୍ୟ ଶୁଣି ଭାଇମାନଙ୍କ ଭିତରେ ହାସ୍ୟରୋଳ ସୃଷ୍ଟି ହେଲା। ଏଭଳି ହସଖୁସିରେ ପଥଶ୍ରାନ୍ତି ଲାଘବ କରି ମହର୍ଷି ଲୋମଶଙ୍କ ସହିତ ପାଣ୍ଡୁ ପରିବାର ଆଗେଇ ଚାଲିଲେ। କିଛି ଦୂର ଅତିକ୍ରମ କରି ସେମାନେ ହିମାଳୟ ପାଦଦେଶରେ ଥିବା ରାଜା ସୁବାହୁଙ୍କ ରାଜ୍ୟ 'କୁଳିନ୍ଦ'ରେ ପହଞ୍ଚିଲେ। ସୁବାହୁଙ୍କ ଭବ୍ୟ ଆତିଥ୍ୟ ଗ୍ରହଣ କରିବା ପରେ ପାଣ୍ଡବମାନେ ଆହୁରି ଆଗକୁ ଯାଇ 'ନାରାୟଣାଶ୍ରମ' ନାମକ ଏକ ମନୋରମ ସ୍ଥାନରେ ପହଞ୍ଚି ସେଠାରେ ବିଶ୍ରାମ ନେଲେ।

ସେଦିନ ପ୍ରଭାତ ସମୟ। ହିମାଳୟର ପୂର୍ବୋତ୍ତର ଦିଗରୁ ମଧୁର ମନ୍ଦ ମଳୟ ବହୁଥାଏ। ପବନରେ ଉଡିଆସି ଏକ ସୁଗନ୍ଧିତ ଫୁଲ ଦ୍ରୌପଦୀଙ୍କ ପାଖରେ ପଡ଼ିଲା। ଫୁଲର ହାଲୁକା ମହକରେ ଭରିଗଲା ବାୟୁ ମଣ୍ଡଳ। ଫୁଲଟି ହାତରେ ଧରି ପାଞ୍ଚାଳୀ ଭୀମଙ୍କୁ କହିଲେ... ପ୍ରିୟ ଦ୍ୱିତୀୟ ପାଣ୍ଡବ ! ଏପରି ସୁଗନ୍ଧପୂର୍ଣ୍ଣ ପୁଷ୍ପ ଆଗରୁ ମୋର ଦୃଷ୍ଟିଗୋଚର ହୋଇନାହିଁ। ମନେହୁଏ ପାଖରେ ନିଶ୍ଚୟ ଏହାର ଲତା କେଉଁଠି ରହିଛି। ଏହାର ଚାରା ପାଇଲେ ଆମେ କାମ୍ୟକ ବନରେ କୁଟୀର ବାହାରେ ରୋପଣ କରନ୍ତେ।

Source: Author, Digitized by PPRACHIN, SOA

ଦ୍ରୌପଦୀଙ୍କୁ ସନ୍ତୁଷ୍ଟ କରିବାପାଇଁ ବୃକୋଦର ସେହି ସୁଗନ୍ଧି ଫୁଲ ଅନ୍ୱେଷଣରେ ବାହାରିଗଲେ। ଯେଉଁ ଦିଗରୁ ସେ ପୁଷ୍ପର ମହକ ଭାସିଆସୁଥିଲା ସେହି ଦିଗରେ, ଘଞ୍ଚ ଅରଣ୍ୟ ଓ ବନ୍ୟଜନ୍ତୁପୂର୍ଣ୍ଣପଥ ଅତିକ୍ରମ କରି ଆଗେଇ ଚାଲିଲେ ଦ୍ୱିତୀୟ ପାଣ୍ଡବ। କିଛି ଦୂର ଯିବାପରେ ଏକ ପର୍ବତ ପାଦଦେଶରେ ସେ କଦଳୀ ବନଟିଏ ଦେଖିବାକୁ ପାଇଲେ। ତାଙ୍କ ଚଲାବାଟରେ, ରାସ୍ତା ଉପରେ ଏକ ବିରାଟ ବୃଦ୍ଧ ମର୍କଟ ଶୟନ କରିଥିଲା। ବୃଦ୍ଧ ହେଲେ ମଧ୍ୟ ମର୍କଟର ଶରୀର ତମ୍ବାପରି ଝଟକୁଥାଏ। ପ୍ରଥମେ ମର୍କଟକୁ ପାଟିତୁଣ୍ଡ କରି ଘଉଡିବାକୁ ଚେଷ୍ଟା କଲେ ଭୀମସେନ। ମର୍କଟ ତାର ନିମିଳିତ ଆଖି ଖୋଲି ଭୀମଙ୍କୁ ଚାହିଁ କହିଲା... କିଏ ତୁମେ? ମୋ ଭଳି ଏକ ବୃଦ୍ଧ ମର୍କଟର ନିଦ୍ରା କାହିଁକି ଭଙ୍ଗ କଲ? ଜୀବମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା ପ୍ରତ୍ୟେକ ସୁସ୍ଥ ମସ୍ତିଷ୍କ ମନୁଷ୍ୟର କର୍ତ୍ତବ୍ୟ ବୋଲି ତୁମକୁ କ'ଣ ଜଣାନାହିଁ? କୁଆଡେ ଯାଉଛ ତୁମେ? ଏଠାରୁ ଆଗକୁ ଗଲେ ଯକ୍ଷ ରାକ୍ଷସଙ୍କ କ୍ରୀଡାସ୍ଥଳୀ। ସେ ସ୍ଥାନକୁ ଯିବା ଅନ୍ୟ ପ୍ରାଣୀ ମାନଙ୍କପାଇଁ ନିଷିଦ୍ଧ। ଏଠାରେ ଥିବା ଉଦ୍ୟାନରୁ ମନଭରି ଫଳଖାଅ ଏବଂ ଫେରିଯାଅ।

ଆଗରୁ ଭୀମଙ୍କୁ ଏପରି ହେୟଜ୍ଞାନ କେହି କରିନଥିଲେ। କ୍ରୋଧିତ ହୋଇ ଭୀମ କହିଲେ... ତୁମେ କିଏ ପ୍ରଥମେ କୁହ। ସାମାନ୍ୟ ବୃଦ୍ଧ ମର୍କଟ! ତୁମେ ଜାଣି ପାରୁଛ କାହା ସହିତ ବାର୍ତ୍ତାଳାପ କରୁଛ? ମୁଁ କୁରୁବଂଶଜ ଦ୍ୱିତୀୟ ପାଣ୍ଡବ କୁନ୍ତୀପୁତ୍ର ଭୀମସେନ। ବାୟୁ ଦେବଙ୍କ ପୁତ୍ର, ମୋର ବିଶେଷ ପରିଚୟ। ଏବେ ମୋ ରାସ୍ତାରୁ ଘୁଞ୍ଚିଯାଅ, ନହେଲେ ମୋ କ୍ରୋଧର ଶିକାର ହେବ ଅର୍ବାଚିନ ମର୍କଟ।

ବୃଦ୍ଧ ମର୍କଟ ହସିଦେଲେ; କହିଲେ... ତୁମ କହିବା ଅନୁଯାୟୀ ମୁଁ ନିଶ୍ଚିତ ଭାବରେ ଏକ ବୃଦ୍ଧ ମର୍କଟ କିନ୍ତୁ ଏ ମର୍କଟ କଥା ନଶୁଣି ଆଗକୁ ଗଲେ ତୁମେ ବିପଦର ସମ୍ମୁଖୀନ ହେବ।

ଭୀମସେନ କହିଲେ... ମୁଁ ତୁମର ଉପଦେଶ ଶୁଣିବା ପାଇଁ ଚାହେଁ ନାହିଁ ମର୍କଟ। ମୁଁ ବିପଦର ସମ୍ମୁଖୀନ ହେଲେ ତୁମର କଣ ଯାଏ ଆସେ ? ମୋ ବାଟ ଛାଡ଼ିଦିଅ ନହେଲେ ମୁଁ ବାଧ୍ୟହୋଇ ତୁମକୁ ରାସ୍ତାରୁ ହଟାଇବି ।

ମର୍କଟ କହିଲେ... ମୁଁ ବହୁତ ବୁଢା ମାଙ୍କଡଟିଏ। ନିଜେ ଘୁଞ୍ଚିବାକୁ ଅସମର୍ଥ। ତୁମେ ମୋତେ ଡେଇଁ କରି ଚାଲିଯାଅ।

କ୍ରୋଧରେ ଭୀମସେନ କହିଲେ... ତୁମକୁ ଡେଇଁକରି ଯିବା ମୋ ପାଇଁ ବଡ଼କଥା ନୁହେଁ, କିନ୍ତୁ ଶୟନ କରିଥିବା ପ୍ରାଣୀକୁ ଡେଇଁବା ଶାସ୍ତ୍ର ଅନୁମୋଦିତ ନୁହେଁ। ନହେଲେ ହନୁମାନ ସାଗର ଲଙ୍ଘନ କରିବା ଭଳି, ପର୍ବତ ଲଙ୍ଘନ କରିବା ମୋ ପାଇଁ ସାମାନ୍ୟ କଥା।

Source: Author, Digitized by PPRACHIN, SOA

ହନୁମାନଙ୍କ ନାମ ଶୁଣି କୌତୁହଳପୂର୍ଣ୍ଣ କଣ୍ଠରେ ବୃଦ୍ଧ ମର୍କଟ ପଚାରିଲେ... ଆଚ୍ଛା ଏ ହନୁମାନ ନାମକ ପ୍ରାଣୀଟି କିଏ ?

କ୍ରୋଧରେ ଗର୍ଜିଉଠି ଭୀମ କହିଲେ... ମୁର୍ଖ ମର୍କଟ ! ଏତିକି ଜାଣିନାହଁ ହନୁମାନ କିଏ ! ରାମାୟଣ କଥା ଶୁଣିନାହଁ ? ଏକ ଲମ୍ଫରେ ଯେ ସମୁଦ୍ର ପାର ହୋଇ ଲଙ୍କାରେ ପହଞ୍ଚି ସୀତାମାତାଙ୍କୁ ଠାବ କରିଥିଲେ, ତାଙ୍କୁ ତୁମେ ଜାଣିନାହଁ ? ତୁମେ ତ ଜଣେ ସାଧାରଣ ମର୍କଟ, କିପରି ଜାଣିବ ହନୁମାନ କିଏ ? ସେ ହେଉଛନ୍ତି ପବନ ପୁତ୍ର ଏବଂ ମୋର ଅଗ୍ରଜ। ଅସୀମ ତାଙ୍କର ଶକ୍ତି; ମୁଁ ମଧ୍ୟ ତାଙ୍କପରି ଶକ୍ତିମାନ। ହଉ,ଏବେ ବାର୍ତ୍ତାଳାପ ସେତିକି ଥାଉ, ମୋ ବାଟରୁ ଘୁଞ୍ଚିଯାଅ, ନହେଲେ ତୁମେ ମୋ କ୍ରୋଧର ଶିକାର ହେବ।

ମର୍କଟ କହିଲେ... ହେ ଆତ୍ମଘୋଷିତ ମହାବୀର ! ଶକ୍ତିମାନଙ୍କୁ ବିନୟ ଶୋଭା ପାଏ। ମୁଁ ରୁଗ୍‌ଣ ଶକ୍ତିହୀନ ମର୍କଟଟିଏ। ତୁମେ ଯଦି ମୋତେ ଡେଇଁ ଯିବାପାଇଁ ଚାହୁଁନାହିଁ ତାହେଲେ ତୁମର ପଥରୋଧ କରି ଥିବା ମୋ ଲାଙ୍ଗୁଳଟି ରାସ୍ତା କଡକୁ ଆଡେଇ ଦେଇ ଚାଲିଯାଅ।

ଭୀମସେନ ଭାବିଲେ ଏହି ସାମାନ୍ୟ କାମଟି ସେ ତାଙ୍କ ହାତର ଗୋଟିଏ ଆଙ୍ଗୁଳିରେ କରିପାରିବେ। କିନ୍ତୁ ଗୋଟିଏ ଆଙ୍ଗୁଳି କଣ, ଗୋଟିଏ ହାତରେ ଚେଷ୍ଟା କରି ଲାଙ୍ଗୁଳଟି ହଟାଇବାରେ ବିଫଳ ହେଲେ ଭୀମସେନ। ତା'ପରେ ଦୁଇହାତ ଲଗାଇ ସମସ୍ତ ଶକ୍ତି ପ୍ରୟୋଗ କରି ମଧ୍ୟ ଲାଙ୍ଗୁଳ ଘୁଞ୍ଚାଇବାରେ ଅସମର୍ଥ ହେଲେ ଭୀମ। ଦେହରୁ ବହିଗଲା ଗମ ଗମ ଝାଳ ।

ଭୀମ ବୁଝି ପାରିଲେ ଏ ସାଧାରଣ ବାନର ନୁହଁନ୍ତି। ବାନରଙ୍କୁ ହାତଯୋଡି ଭୀମ ପଚାରିଲେ... କିଏ ତୁମେ ମହାତ୍ମା !! ଯକ୍ଷ ନା ଗନ୍ଧର୍ବ ନାଁ ଭଗବାନ, କିଏ ତୁମେ ? ତୁମେ ସାଧାରଣ ମର୍କଟ ନୁହଁ; ଦୟାକରି ତୁମ ପରିଚୟ ପ୍ରଦାନ କର।

ବୃଦ୍ଧ ମର୍କଟ କହିଲେ... ପ୍ରିୟ ବୃକୋଦର ! ଅନ୍ୟ କେହି ନୁହେଁ, ମୁଁ ତୁମର ଭାଇ ହନୁମାନ, ଯାହା ବିଷୟରେ ତୁମେ କିଛି ସମୟ ପୂର୍ବରୁ କହୁଥିଲ। ଏହି ବାଟରେ ଆଗକୁ ଗଲେ ତୁମେ ବିପଦରେ ପଡିବ, କାରଣ ତାହା ଯକ୍ଷ, ରାକ୍ଷସ ଏବଂ ପ୍ରେତମାନଙ୍କ ରାଜ୍ୟ। ସେଥିପାଇଁ ମୁଁ ତୁମ ପଥରୋଧ କରୁଥିଲି।

ଭୀମ କୃତକୃତ୍ୟ ହୋଇ ହନୁମାନଙ୍କ ପାଦତଳେ ପଡିଯାଇ କହିଲେ... ମୋତେ କ୍ଷମା କରନ୍ତୁ ପ୍ରଭୁ, ଅଜ୍ଞାତରେ ଆପଣଙ୍କୁ ଅନେକ ଅପଶବ୍ଦ କହିଛି। ମୋ ପରି ଭାଗ୍ୟବାନ ଆଉ କିଏ ଅଛି ପ୍ରଭୁ ! ଆଜି ପୂର୍ବଜନ୍ମର ସୁକୃତରୁ ମୋ ଅଗ୍ରଜ ଶ୍ରୀରାମ-ଭକ୍ତ ହନୁମାନଙ୍କ ଦର୍ଶନ ମୋତେ ମିଳିଲା। ହେ ମହାବଳୀ ! ମୋତେ ସେହି ରୂପ ଦେଖାନ୍ତୁ ଯେଉଁ ରୂପରେ

Source: Author, Digitized by PPRACHIN, SOA

ଆପଣ ମହାସମୁଦ୍ର ଲଂଘନ କରି ସୀତାମାତାଙ୍କୁ ଠାବ କରିଥିଲେ ।

ଅନୁଜ ଭୀମଙ୍କ ଅନୁରୋଧ ରକ୍ଷାକରି ମହାବଳୀ ହନୁମାନ ନିଜ କାୟା ବିସ୍ତାର କରିବାରେ ଲାଗିଲେ । ହତବାକ୍ ହୋଇ ରହିଗଲେ ଭୀମସେନ ।ଆକାଶକୁ ଲାଗିଥିଲା ହନୁମାନଙ୍କ ଶିର; ପର୍ବତ ପ୍ରାୟ ଶରୀର; ଜଣାଯାଉଥିଲା ସତେ ଯେପରି ପୃଥିବୀର ଏକ ଚତୁର୍ଥ ଅଂଶ ଅଧିକାର କରିଥିଲା ସେ ଐଶ୍ୱରିକ ରୂପ । ମହାନ ତେଜ ନିର୍ଗମ ହେଉଥିଲା ସେ ଶରୀରରୁ । ସେ ତେଜଯୁକ୍ତ ରୂପକୁ ଚର୍ମ ଚକ୍ଷୁରେ ଚାହିଁ ପାରିଲେ ନାହିଁ ଭୀମ । ଯୋଡ ହସ୍ତରେ କହିଲେ... ଏବେ ସାମାନ୍ୟ ରୂପକୁ ଫେରି ଆସନ୍ତୁ ମହାବଳୀ, ଏ ଅଲୌକିକ ରୂପ ଦେଖି ମୋର ଚର୍ମଚକ୍ଷୁ କୃତାର୍ଥ ହେଲା । ମୋର ଅହଂକାର ଦୂର ହୋଇଛି ପ୍ରଭୁ; ମୋତେ ଆଶୀର୍ବାଦ କରନ୍ତୁ ।

ସ୍ୱଭାବିକ ରୂପକୁ ଫେରି ଆସି ହନୁମାନ କହିଲେ... ଅନୁଜ ! ଶତ୍ରୁ ସମୀପରେ ଥିଲେଏହାଠାରୁ ଅଧିକ ବିଶାଳ ରୂପ ଧାରଣ କରିବା ଶକ୍ତି ମଧ୍ୟ ମୋ'ଠାରେ ରହିଛି ।

ଭୀମଙ୍କୁ ସାଦର ଆଲିଙ୍ଗନ କରି ମହାବଳୀ ହନୁମାନ କହିଲେ... ମୁଁ ଜାଣେ ଅଧର୍ମୀ କୌରବମାନଙ୍କ ସହିତ ତୁମର ଯୁଦ୍ଧ ଅବଶ୍ୟମ୍ଭାବୀ । ସେ ସମୟରେ ମୁଁ ତୁମ୍ଭମାନଙ୍କ ସହିତ ରହିବି, କାରଣ ମୋ ପ୍ରଭୁଙ୍କ ଅବତାର ଶ୍ରୀକୃଷ୍ଣ ତୁମମାନଙ୍କର ସମର୍ଥକ । ପାର୍ଥଙ୍କ ନନ୍ଦିଘୋଷ ରଥରେ ବାନର କେତନରେ ମୋ ସ୍ଥିତି ତୁମେ ଉପଲବ୍ଧି କରିବ । ମୋର ଆଶୀର୍ବାଦ ପାଣ୍ଡବମାନଙ୍କ ଉପରେ ରହିଛି ଏବଂ ରହିବ । ଯୁଦ୍ଧ କ୍ଷେତ୍ରରେ ତୁମ ଗର୍ଜନ ସହିତ ମୋ ଗର୍ଜନ ମିଶି, ଅଭୂତପୂର୍ବ ଗର୍ଜନ ଶତ୍ରୁ ହୃଦୟରେ ପ୍ରକମ୍ପନ ଓ ମହାଭୀତି ସୃଷ୍ଟି କରିବ । ବତ୍ସ ! ତୁମକୁ ଆଲିଙ୍ଗନ କରି ମୋତେ ସେହି ଅନୁରାଗପୂର୍ଣ୍ଣ ଅନୁଭବ ଆସୁଛି ଯାହା ତ୍ରେତୟା ଯୁଗରେ ଶ୍ରୀରାମଙ୍କୁ ଆଲିଙ୍ଗନ କରିବା ସମୟରେ ମୋ ହୃଦୟକୁ ଛୁଇଁ ଥିଲା ।

କିଛି ନିରବତା ପରେ ହନୁମାନ କହିଲେ... ଅନୁଜ, ନିକଟସ୍ଥ ଏହି ସରସୀରେ ସୌଗନ୍ଧିକା ପୁଷ୍ପ ରହିଛି, ଯାହା ନେବାପାଇଁ ତୁମେ ଆସିଛ । ପୁଷ୍ପ ସଂଗ୍ରହ କରି ଫେରିଯାଅ; ଭାଇମାନଙ୍କୁ ଏବଂ ଭ୍ରାତୃ ଜାୟାଙ୍କୁ ମୋର ସ୍ନେହ ଓ ଆଶୀର୍ବାଦ ଜଣାଇ ଦେବ । ଯୁଧିଷ୍ଠିରଙ୍କୁ କହିବ, ଧର୍ମଯୁଦ୍ଧରେ ତାଙ୍କର ବିଜୟ ସୁନିଶ୍ଚିତ ।

ହନୁମାନଙ୍କ ଆଲିଙ୍ଗନ ପାଇ ମହାବଳୀ ଭୀମସେନଙ୍କ ବଳ ଚତୁର୍ଗୁଣିତ ହୋଇଗଲା । ପୁଷ୍ପ ଚୟନ କରି ମହାଆନନ୍ଦରେ ଫେରି ସେ ପତ୍ନୀ ଓ ଭାଇମାନଙ୍କ ଆଗରେ ହନୁମାନଙ୍କ ସହିତ ଦର୍ଶନର ଅଭିଜ୍ଞତା ଆନନ୍ଦ ଗଦ୍‌ଗଦ୍ କଣ୍ଠରେ ବର୍ଣ୍ଣନା କଲେ ।

-o-

Source: Author, Digitized by PPRACHIN, SOA

(୬୨)

ଧର୍ମବ୍ୟାଧ ଚରିତ

ପାଣ୍ଡବମାନଙ୍କ ବନବାସ ସମୟରେ ଥରେ ଋଷି ମାର୍କଣ୍ଡେୟ ସେମାନଙ୍କ ସହିତ ସାକ୍ଷାତ କରିବାକୁ ଆସିଥିଲେ। କଥୋପକଥନ ଅବସରରେ ଯୁଧିଷ୍ଠିର, ସଂସାରରେ ନାରୀମାନଙ୍କର ତ୍ୟାଗ ବିଷୟରେ ବର୍ଣ୍ଣନା କରି ନାରୀ ଜାତିର ପ୍ରଶଂସାରେ ଶତମୁଖ ହୋଇ କହିଲେ... ଭଗବନ୍ ! ବାସ୍ତବରେ ସଂସାରରେ ନାରୀମାନଙ୍କ କର୍ତ୍ତବ୍ୟବୋଧ ଓ ତ୍ୟାଗ ଅତୁଳନୀୟ। ବିବାହ ପରେ ପିତା-ମାତାଙ୍କ ବାତ୍ସଲ୍ୟ ମମତାର ଛାୟା ନାରୀର ମଥାଉପରୁ ଅପସରି ଯାଏ; ସବୁ ସ୍ନେହ ପ୍ରେମ ମମତା ଦେଇ ନିଜର ନୀଡ଼ ଗଢ଼ିବା ସମୟରେ ନିଜର ସବୁ ସୁଖ ଶାନ୍ତି ଜଳାଞ୍ଜଳି ଦେଇ ନାରୀ ପ୍ରୟାସ କରେ ତା'ର ସୁନ୍ଦର ସଂସାର ସୃଷ୍ଟି କରିବା ପାଇଁ। ପୁରୁଷ, ସନ୍ତାନର ପିତା ବୋଲାଏ କିନ୍ତୁ ଦଶମାସ ଦଶଦିନ ସନ୍ତାନକୁ ଗର୍ଭରେ ଧାରଣ କରେ ନାରୀ; ଶିଶୁର ଅଳି ଅର୍ଦ୍ଦଳି ସହେ। ସନ୍ତାନ ସଂସାରରେ ଭଲ ମଣିଷଟିଏ ହୋଇ ଠିଆହେବାରେ ନାରୀର ଭୂମିକା ଅଧିକ।

ସର୍ବଂସହା ହୋଇ ସେ ସବୁ ଅଳିଅର୍ଦ୍ଦଳି ସହ୍ୟକରେ; ଅବିବେକୀ ସ୍ୱାମୀର ଅତ୍ୟାଚାର ମଧ୍ୟ ସହ୍ୟକରେ। ମିଛରେ ସଂସାର ଯେବେ ତାର ଚରିତ୍ର ସଂହାର କରେ, ମଥାପାତି ସହିନିଏ ସେ। ସମାଜରେ କର୍ତ୍ତବ୍ୟ-କର୍ମର ପାଳନ, ନାରୀ ହିଁ ଠିକ୍ ଭାବରେ କରେ। କ୍ରୋଧ ତା ମନକୁ ସ୍ପର୍ଶ କରେନାହିଁ।

ଯୁଧିଷ୍ଠିରଙ୍କଠାରୁ ଏହା ଶୁଣି ମାର୍କଣ୍ଡେୟ କହିଲେ... ଧର୍ମପୁତ୍ର ! ତୁମେ ଠିକ୍ କହିଛ, ତେବେ କର୍ତ୍ତବ୍ୟ-କର୍ମ ପାଳନ ସମ୍ବନ୍ଧରେ ମୁଁ ତୁମକୁ ଗୋଟିଏ ଘଟଣା କହୁଛି ଶୁଣ...

ପୁରାତନ କାଳରେ କୌଶିକ ନାମରେ ଜଣେ ବ୍ରାହ୍ମଣ ଥିଲେ।ଘୋର ବ୍ରହ୍ମଚର୍ଯ୍ୟ ପାଳନ ଓ ତପସ୍ୟା କରି ଅଲୌକିକ ଶକ୍ତି ଲାଭ କରିବାପାଇଁ ସେ ବନକୁ ଯିବାପାଇଁ ବାହାରିଲେ। ଏହା ଦେଖି ତାଙ୍କର ବୃଦ୍ଧ ମାତାପିତା କହିଲେ... ପୁତ୍ର ! ତୁମେ ଆମର ଏକମାତ୍ର ସନ୍ତାନ; ତୁମେ ଚାଲିଗଲେ ଆମର ସେବା କିଏ କରିବ ? ସଂସାର ଭିତରେ ରହି ମଧ୍ୟ କର୍ମଯୋଗୀ ହୋଇ ତୁମେ ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିପାରିବ !

କୌଶିକ, ପିତା-ମାତାଙ୍କ କଥା ନଶୁଣି ତପସ୍ୟା ପାଇଁ ଅରଣ୍ୟକୁ ଚାଲିଗଲେ।

ଘୋର ତପସ୍ୟା କରି ସେ ଅନେକ ଅଲୌକିକ ଶକ୍ତିର ଅଧିକାରୀ ହେଲେ। ନିଜର ଇନ୍ଦ୍ରିୟମାନଙ୍କୁ ତପସ୍ୟା ଦ୍ୱାରା ଆୟତ୍ତାଧୀନ କରିପାରିଛନ୍ତି ବୋଲି ତାଙ୍କର ମିଥ୍ୟା

Source: Author, Digitized by PPRACHIN, SOA

ଧାରଣା ହେଲା । ଦିନେ କୌଶିକ ନିଜ ଆଶ୍ରମରେ, ଗୋଟିଏ ବୃକ୍ଷ ମୂଳରେ ବସି ତପସ୍ୟା କରୁଥିଲେ । ତାଙ୍କ ମୁଣ୍ଡ ଉପରେ, ସେହି ବୃକ୍ଷ ଡାଳରେ ଗୋଟିଏ ବକପକ୍ଷୀ ବସିଥିଲା । ପ୍ରକୃତି ଡାକରାରେ ବକଟି ଋଷିଙ୍କ ମୁଣ୍ଡରେ ମଳତ୍ୟାଗ କରିଦେଲା । ମହା କ୍ରୋଧରେ ଜର୍ଜରିତ ହୋଇ ଋଷି ବୃକ୍ଷରେ ବସିଥିବା ବକକୁ ଚାହିଁ ଦେଲେ; କ୍ରୋଧ ଅଗ୍ନିରେ ଜଳିଯାଇ ବକଟି ମୃତହୋଇ ତଳେ ପଡ଼ିଗଲା । ମୃତ ବକଟିକୁ ଦେଖି କୌଶିକଙ୍କ ମନରେ ଟିକିଏ ଦୁଃଖ ଆସିଲା । କ୍ଷଣକୋପରୁ ଏହା ଘଟିଥିବାରୁ ସେ ନିଜକୁ ଦୋଷୀ ମନେ କଲେ । କିନ୍ତୁ କିଛି ସମୟ ପରେ ଯେତେବେଳେ ନିଜ ତପୋଶକ୍ତିର ପ୍ରଭାବରେ ଏହା ହୋଇଛି ବୋଲି ହୃଦୟଙ୍ଗମ କଲେ, ସେତେବେଳେ ତପସ୍ୟା-ଲବ୍ଧ ସଫଳତା ପାଇଁ ମନରେ ତାଙ୍କର ଗର୍ବ ଆସିଲା ।

ଯେଉଁମାନଙ୍କର ତପୋବଳ, ସେମାନଙ୍କ ଇଚ୍ଛାକୁ ଏଭଳି ପୂର୍ଣ୍ଣ କରିପାରେ, ସେମାନେ ସାବଧାନ ହେବା ଉଚିତ । ଇନ୍ଦ୍ରିୟମାନଙ୍କ ଉପରେ ଆୟତ୍ତ ନଥିବା ବ୍ୟକ୍ତି ହାତରେ ଏହି ପ୍ରକାର ଶକ୍ତି ବା ଅଧିକାର 'ପାଗଳ ହାତରେ ନିଆଁ ଖପରା' ଭଳି କାମକରେ । ଶକ୍ତିର ଦୁରୁପଯୋଗ ସମାଜ ପାଇଁ କ୍ଷତି କାରକ ।

ଦିନେ କୌଶିକ ଚିରାଚରିତ ଭାବେ ଭିକ୍ଷା ମାଗିବା ପାଇଁ ନଗରକୁ ଗଲେ । ଜଣେ ଗୃହିଣୀଙ୍କ ଦ୍ୱାରରେ ପହଞ୍ଚି ସେ ଭିକ୍ଷା ପାଇଁ ଅପେକ୍ଷା କଲେ । ଗୃହିଣୀ କହିଲେ... ଗୋସେଇଁ ! ମୁଁ ଗୃହ କାର୍ଯ୍ୟରେ ବ୍ୟସ୍ତ ଅଛି, ଅଳ୍ପ ସମୟ ଅପେକ୍ଷା କରନ୍ତୁ । କୌଶିକ ଅପେକ୍ଷା କଲେ । କିଛି ସମୟ ପରେ ଗୃହସ୍ୱାମୀ ଘରକୁ ଫେରିଲେ । ତାଙ୍କ ଖାଇବା ପିଇବା ବ୍ୟବସ୍ଥା କରିବା ପରେ ପୁଅଟି ବାହାରୁ ଆସିଲା । ପୁଅର ସ୍ନାନ ଇତ୍ୟାଦି କାମ ଶେଷ କରି ତାର ଖାଇବା ପିଇବା ବ୍ୟବସ୍ଥା କରୁକରୁ ଋଷିଙ୍କୁ ଭିକ୍ଷା ଦେବାରେ ଡେରି କରିଦେଲେ ସେ ଗୃହିଣୀ ।

ପ୍ରଚଣ୍ଡ କ୍ରୋଧରେ କୌଶିକ କହିଲେ... ହେ ନାରୀ ! ତୁମେ ମୋତେ ଏତେ ସମୟ ଅପେକ୍ଷା କରାଇ ସ୍ୱାମୀ ଓ ପୁତ୍ରର ସେବାରେ ବ୍ୟସ୍ତ ରହିଛ,ଏହା କଣ ଉଚିତ ?

ଗୃହିଣୀ କହିଲେ... କ୍ରୋଧ କରନ୍ତୁ ନାହିଁ ବ୍ରାହ୍ମଣ ଦେବତା । କ୍ରୋଧ ନର୍କର ଗୋଟିଏ ଦ୍ୱାର ସହିତ ସମାନ । ମୁଁ ମୋର ସାଂସାରିକ କର୍ତ୍ତବ୍ୟ ପାଳନ କରୁଥିଲି । ମନେ ରଖନ୍ତୁ, ମୋ ସ୍ୱାମୀ ଏବଂ ସନ୍ତାନଙ୍କ କଥା ବୁଝିବା ମୋର ପ୍ରଥମ କର୍ତ୍ତବ୍ୟ । ଆପଣଙ୍କ କ୍ରୋଧରେ ମୃତ୍ୟୁ ବରଣ କରିଥିବା ବକ ଭଳି ମୁଁ ନୁହେଁ ଯେ ଆପଣ ମୋତେ କ୍ରୋଧରେ ଚାହିଁଲେ ମୁଁ ଜଳିଯିବି ।

କୌଶିକଙ୍କ କ୍ରୋଧ ହଠାତ୍ ନିଆଁ ରେ ପାଣି ପକାଇଲା ଭଳି ନିର୍ବାପିତ ହୋଇ

Source: Author, Digitized by PPRACHIN, SOA

ଗଲା; ମନେ ମନେ ଭାବିଲେ... ଏ କିପରି ଜାଣିଲେ ମୋ କ୍ରୋଧାନଳରେ ବକ ଭସ୍ମିଭୂତ ହୋଇଛି ବୋଲି ! ! ଆବେଶରେ ଆସି ବିବେକ ଦଂଶନ କରିଥିବା କାମକୁ ମୁଁ ତ ମନେମନେ ଦୁନିଆଁ ଠାରୁ ଲୁଚେଇ ରଖିଛି ।

କୌଶିକ ବୋଧହୁଏ ବୁଝି ପାରିନଥିଲେ ଯେ ଅପକର୍ମ କେବେହେଲେ ଲୁଚି ରହେନାହିଁ, ତୁଣ୍ଡ ବାଇଦ ପରା ସହସ୍ର କୋଶ ।

ଗୃହିଣୀ ଜଣକ କହିଲେ... ହେ ବ୍ରାହ୍ମଣ ଗୋସାଇଁ ! ଆପଣ ଆଜିଯାଏ ସନ୍ୟାସୀର ଜୀବନ ବିତାଇଛନ୍ତି, ତେଣୁ କର୍ତ୍ତବ୍ୟ-କର୍ମ କଣ ଜାଣି ନାହାନ୍ତି । ଯେଉଁ ସମୟରେ ଆପଣଙ୍କ ବୃଦ୍ଧ ପିତା-ମାତାଙ୍କର ସେବା ଆବଶ୍ୟକ ସେତେବେଳେ ଆପଣ ସେମାନଙ୍କୁ ଅସହାୟ ଅବସ୍ଥାରେ ଛାଡି ଅରଣ୍ୟରେ ତପସ୍ୟା କରୁଛନ୍ତି । କ୍ରୋଧ ଯେ ମନୁଷ୍ୟର ସଂସାରରେ ପରମ ଶତ୍ରୁ,ଏହା ଆପଣ ହୃଦୟଙ୍ଗମ କରି ନାହାନ୍ତି । କ୍ରୋଧ ଉପରେ ଆପଣ ନିୟନ୍ତ୍ରଣ ନରଖିଲେ, ଆପଣଙ୍କ ତପସ୍ୟା-ଲବ୍ଧ ଶକ୍ତି ଓ ଜ୍ଞାନ ମୂଲ୍ୟହୀନ; ବରଂ ତାହା ଆମ୍ଭମାନଙ୍କ ଭଳି ସଂସାରୀମାନଙ୍କର ଅମଙ୍ଗଳ କରିବ । ଆପଣ ମିଥିଳାର ଧର୍ମବ୍ୟାଧଙ୍କ ନିକଟକୁ ଯାଆନ୍ତୁ, ସଂସାରରେ କିପରି ଉତ୍ତମ ଜୀବନ ଯାପନ କରାଯାଏ, ତାଙ୍କଠାରୁ ଶିକ୍ଷା ଲାଭ କରିବେ; ତାହା ଆପଣଙ୍କର ତଥା ସମାଜର ମଙ୍ଗଳ ବିଧାନ କରିବ ।

ସେହି ଗୃହିଣୀଙ୍କ ଉପଦେଶ ମାନି କୌଶିକ ମିଥିଳା ଅଭିମୁଖେ ଯାତ୍ରା କଲେ । ସେ ଭାବିଥିଲେ, ଧର୍ମବ୍ୟାଧ ନଗର ଉପକଣ୍ଠରେ ଏକ ଶାନ୍ତିପୂର୍ଣ୍ଣ ପରିବେଶରେ ନିଜ ଆଶ୍ରମରେ ଅବସ୍ଥାନ କରୁଥିବେ । କିନ୍ତୁ ଏ କ'ଣ ! ଠିକଣା ପଚାରି ପଚାରି ସେ ଯେଉଁଠାରେ ପହଞ୍ଚିଲେ ତାହା ଏକ କଂସେଇଖାନା । ସେଠାରେ ଯେଉଁ ବ୍ୟକ୍ତି ମାଂସ ବିକ୍ରୀ କରୁଥିଲା, ସେ ହିଁ ଧର୍ମବ୍ୟାଧ । ମାଂସ ଦୋକାନ ବାହାରେ ଠିଆ ହୋଇ କୌଶିକ ଚିନ୍ତା କଲେ... କାହିଁକି ମୁଁ ଏଠାକୁ ଆସିଲି ! ଏ କଂସେଇ ମତେ ସାଂସାରିକ କର୍ତ୍ତବ୍ୟ ବିଷୟରେ କ'ଣ ଶିକ୍ଷା ଦେବ ! ! ମାଂସ ଦୋକାନପ୍ରତି ଘୃଣାପୂର୍ଣ୍ଣ ଦୃଷ୍ଟି ନିକ୍ଷେପ କରି ଠିଆ ହୋଇଥିବା ବ୍ରାହ୍ମଣଙ୍କୁ ଦେଖି ଧର୍ମବ୍ୟାଧ କହିଲେ... ମହାଭାଗ ! ଆପଣଙ୍କୁ ବୋଧହୁଏ ସେହି କର୍ମଯୋଗୀ ବିଦୂଷୀ ବ୍ରାହ୍ମଣ ମହିଳା ମୋ ପାଖକୁ ପଠାଇଛନ୍ତି; ଆପଣ କିଛି କ୍ଷଣ ଅପେକ୍ଷା କରନ୍ତୁ, ମୋ ଗ୍ରାହକମାନଙ୍କ କଥା ପ୍ରଥମେ ବୁଝି ମୁଁ ଆପଣଙ୍କ ପାଖକୁ ଆସିବି ।'

କୌଶିକ ଅପେକ୍ଷା କଲେ ।ନିଜ କୌଳିକ କର୍ମ ଶେଷକରି ଧର୍ମବ୍ୟାଧ କୌଶିକଙ୍କ ସହିତ ନିଜ ଘରକୁ ଫେରିଲେ । ଘରେ ପହଞ୍ଚି ସେ ପ୍ରଥମେ ବୃଦ୍ଧ ପିତା ମାତାଙ୍କ ସେବାରେ ଲାଗିଗଲେ । ସେମାନଙ୍କ ଗାଧୁଆ ପାଧୁଆ ଖିଆପିଆ କଥା ବୁଝି ବ୍ରାହ୍ମଣ ଅତିଥିଙ୍କ ପାଇଁ ଫଳାହାରର ବ୍ୟବସ୍ଥା କଲେ । ତା'ପରେ ପରିବାର ବର୍ଗଙ୍କ ସହିତ ବସି ଆନନ୍ଦରେ

Source: Author, Digitized by PPRACHIN, SOA

ଭୋଜନ ସମାପ୍ତ କଲେ। ଭୋଜନ ପରେ ସନ୍ତାନ ସନ୍ତତିଙ୍କ ସହିତ ବସି ଆନନ୍ଦରେ ସମୟ ବିତାଇଲେ। ଏଭଳି ଏକ ସୁଖୀ ସଂସାର ଦେଖି କୌଶିକ ଆଶ୍ଚର୍ଯ୍ୟ ହୋଇଗଲେ। କୌଶିକ ଲକ୍ଷ୍ୟକଲେ ଯେ କୌଳିକ କର୍ମଠାରୁ ଆରମ୍ଭ କରି ସାଂସାରିକ ଜୀବନର ପ୍ରତିଟି କର୍ମନିର୍ବାହ କରିବା ସମୟରେ ଧର୍ମବ୍ୟାଧଙ୍କ ଠାରେ କ୍ରୋଧ, ଲୋଭ, ମୋହ, ଅସୂୟା ଇତ୍ୟାଦି ଭାବ ନଥିଲା। ଆବେଶ ବିହୀନ ଭାବରେ, ଯାହା ପରେ ଯେଉଁ କାମ କରିବା କଥା, ସେ ସବୁ କାମ ଏପରି କରିଯାଉଥିଲେ ଯେପରି ତାଙ୍କ ମନ, ପଦ୍ମପତ୍ରରେ ରହିଥିବା ଜଳପରି ନିର୍ଲିପ୍ତ। ତାଙ୍କଠାରେ କ୍ରୋଧର ଚିହ୍ନବର୍ଣ୍ଣ ନଥିଲା।

କୌଶିକ ବୁଝିପାରିଲେ, କାହିଁକି ସେ ଧର୍ମବ୍ୟାଧ ନାମରେ ପରିଚିତ। ସଂସାରରେ ଜୀବନ ନିର୍ବାହ କରିବାପାଇଁ କେଉଁ କାମ ବଡ଼ ବା ଛୋଟ ନୁହେଁ। ନିଜ କୌଳିକ କର୍ମକୁ ସୁଚାରୁରୂପେ ପାଳନ କରିବା ହିଁ ପ୍ରକୃତ ସାଂସାରିକ ଧର୍ମ। କର୍ମଯୋଗ ସାଧନା ପାଇଁ ଅରଣ୍ୟରେ ତପସ୍ୟା କରିବାର ଆବଶ୍ୟକତା ନାହିଁ। କାମନା ରହିତ କର୍ତ୍ତବ୍ୟ-କର୍ମ ହିଁ ଶ୍ରେଷ୍ଠ ଯୋଗ ଭାବରେ ପରିଗଣିତ। ଅରଣ୍ୟ ଭିତରେ ହଠଯୋଗ ସାଧନା କରି ଇନ୍ଦ୍ରିୟମାନଙ୍କୁ ସଂଯମ ନକରିବାଠାରୁ ସଂସାରରେ ରହି କର୍ତ୍ତବ୍ୟ କର୍ମ ପାଳନକରି ରାଗରହିତ ଶାନ୍ତି ପୂର୍ଣ୍ଣ ଜୀବନ ଯାପନ ଶ୍ରେୟସ୍କର।

କୌଶିକ ମହାନ ଶିକ୍ଷା ପାଇ କ୍ରୋଧ, ଅହଂକାର ଓ ଆବେଶ ଉପରେ ଅଙ୍କୁଶ ଲଗାଇଲେ। ନିଜର ପ୍ରଥମ କର୍ତ୍ତବ୍ୟ ପିତାମାତାଙ୍କ ସେବା ବୋଲି ହୃଦୟଙ୍ଗମ କରି ସେ ସେମାନଙ୍କ ସେବାରେ ନିଜକୁ ନିୟୋଜିତ କଲେ।

ଏହି ବାର୍ତ୍ତା ମଧ୍ୟ ଶ୍ରୀମଦ୍‌ଭଗବତ୍ ଗୀତା, ଅଷ୍ଟାଦଶ ଅଧ୍ୟାୟ (ଶ୍ଳୋକ ୪୫'୪୬)ରେ ପ୍ରତିଫଳିତ; ଯେଉଁ କର୍ମ ପରମେଶ୍ୱରଙ୍କ ଦ୍ୱାରା ଆମପାଇଁ ଅଭିପ୍ରେତ, ସେ କର୍ମ ଛୋଟ ହେଉ ବା ବଡ଼, ତାକୁ ଅଗ୍ରାଧିକାର ଦେଇ ସଂପାଦନ କରିବା ଭଗବତ୍ ପ୍ରାପ୍ତି ସହିତ ସମାନ।

ପବିତ୍ର ଗୀତାର ତୃତୀୟ ଅଧ୍ୟାୟ, ୩୫ତମ ଶ୍ଳୋକରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି... କୌଣସି କର୍ମ ଛୋଟ ବା ବଡ ନୁହେଁ। କର୍ମ ହେଉଛି ଧର୍ମ; ପରଧର୍ମ ଯେତେ ବଡ ହେଲେ ମଧ୍ୟ ସ୍ୱଧର୍ମକୁ ତ୍ୟାଗ କରି ସେଥିପ୍ରତି ଲାଳାୟିତ ହେବା ଉଚିତ ନୁହେଁ।

କର୍ମଯୋଗର ଏହି ମହାନ ବାଣୀ ମହାଭାରତର ଧର୍ମବ୍ୟାଧ ଚରିତରେ ପ୍ରତିଫଳିତ।

-୦-

Source: Author, Digitized by PPRACHIN, SOA

(୬୩)

ବନ୍ଦୀ ଦୁର୍ଯ୍ୟୋଧନ

ପାଣ୍ଡବମାନେ କାମ୍ୟକ ବନରେ ଥିବା ସମୟରେ ହସ୍ତିନାରୁ ଅନେକ ଋଷି ଓ ବ୍ରାହ୍ମଣ ସେମାନଙ୍କ ସହିତ ସାକ୍ଷାତ କରିବାକୁ ଯାଉଥିଲେ। ସେଠାରୁ ଫେରିଆସି ସେମାନେ ଧୃତରାଷ୍ଟ୍ରଙ୍କ ଆଗରେ ପାଣ୍ଡବଙ୍କ ଦୁଃଖପୂର୍ଣ୍ଣ ଜୀବନଯାପନ କଥା ବର୍ଣ୍ଣନା କରୁଥିଲେ। ଭ୍ରାତୃପୁତ୍ର ମାନଙ୍କ ଦୁର୍ଦ୍ଦଶା କଥା ଶୁଣି ଅନ୍ଧରାଜା ଯେତିକି ଦୁଃଖିତ ହେଉଥିଲେ, ତାର ଶତଗୁଣ ଭୟଭୀତ ହେଉଥିଲେ। ଭାବୁଥିଲେ... ଏତେ ଅପମାନ ଓ କଷ୍ଟ ଭୋଗିବା ପରେ ସତରେ କଣ ଭୀମ ଓ ଅର୍ଜୁନ ତାଙ୍କ ପୁତ୍ରମାନଙ୍କୁ କ୍ଷମାଦେବେ ?

ଭୀମଙ୍କ ପ୍ରତିଜ୍ଞା କଥା ମନେପଡି ଶିହରୀ ଉଠନ୍ତି ଧୃତରାଷ୍ଟ୍ର.. ଦୁର୍ଯ୍ୟୋଧନର ଜାନୁ ଭଗ୍ନକରି ମୃତ୍ୟୁଦଣ୍ଡ ଦେବାପାଇଁ ପ୍ରତିଜ୍ଞା କରିଛନ୍ତି ଭୀମ; ଦୁଃଶାସନର ଛାତି ଚିରି ରକ୍ତରେ ପାଞ୍ଚାଳୀଙ୍କ ବେଣୀ ବନ୍ଧନ କରିବାପାଇଁ ପ୍ରତିଜ୍ଞା କରିଛନ୍ତି ପବନପୁତ୍ର। କେବଳ ସେତିକି ନୁହେଁ, କୌରବ ଶହେ ଭାଇଙ୍କୁ ଏକା ବଧକରି ପୃଥିବୀକୁ ଅକୌରବା କରିବା ଶପଥ ମଧ୍ୟ ନେଇଛନ୍ତି ମହାବଳୀ। ପାଣ୍ଡବମାନେ ତେର ବର୍ଷ ପରେ ବନରୁ ଫେରିବାପରେ, ଦୁର୍ଯ୍ୟୋଧନ ଯେବେ ଅସୂୟା ଭାବ ଦୂର ନକରନ୍ତି, ସେମାନଙ୍କ ରାଜ୍ୟ ନଫେରାନ୍ତି,ତାହେଲେ ରକ୍ତର ନଦୀ ଯେ ନିଶ୍ଚିତ ଭାବରେ ବହିବ ଏଥିରେ ସନ୍ଦେହ ନାହିଁ। କିପରି ପୁତ୍ର ମାନଙ୍କୁ ପାଣ୍ଡବମାନଙ୍କ କୋପରୁ ରକ୍ଷା କରିବେ, ଚିନ୍ତାରେ ପଡିଲେ ଧୃତରାଷ୍ଟ୍ର।

କିନ୍ତୁ ପାଣ୍ଡବମାନଙ୍କ ଦୁର୍ଦ୍ଦଶା ସମ୍ବାଦ ପାଇ ଆନନ୍ଦରେ ଆତ୍ମହରା ହେଉଥିଲେ ଦୁର୍ଯ୍ୟୋଧନ। ମାତୁଳ ଶକୁନି, ସଖା କର୍ଣ୍ଣ ଏବଂ ଭ୍ରାତା ଦୁଃଶାସନ ତାଙ୍କର ଏହି ଆନନ୍ଦିତ ମୁହୂର୍ତ୍ତର ସାଥି ଥିଲେ। ଦିନେ ଦୁର୍ଯୋଧନ ଶକୁନିଙ୍କୁ କହିଲେ... ପାଣ୍ଡବମାନଙ୍କ ଦୁର୍ଦ୍ଦଶା ଦେଖିବା ପାଇଁ ଖୁବ୍ ଇଚ୍ଛା ହେଲାଣି ମାମୁଁ। କାମ୍ୟକ ବନକୁ ଯାଇ, ଆମ ଐଶ୍ୱର୍ଯ୍ୟର ଝଲକ ସେମାନଙ୍କୁ ଦେଖାଇ, ସେମାନଙ୍କ ଦାରିଦ୍ର୍ୟ ଉପଭୋଗ କରିବାକୁ ଖୁବ୍ ଇଚ୍ଛା ହେଉଛି। ଚାଲ ଘୋଷଯାତ୍ରାରେ କାମ୍ୟକ ବନକୁ ଯିବା। କାମ୍ୟକ ବନରେ ଏକ ମନୋରମ ପୁଷ୍କରିଣୀ ଅଛି; ସେଠାରୁ ଅଳ୍ପ ଦୂରରେ ଭିକାରି ପାଣ୍ଡବମାନଙ୍କର କୁଟୀର। ଆମମାନଙ୍କର ବିଭବ, ଆନନ୍ଦ, ମଉଜ ମଜଲିସ ହୋହଲ୍ଲା ଶୁଣି ନିଶ୍ଚିତ ଭାବରେ ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଯିବ।

Source: Author, Digitized by PPRACHIN, SOA

ଦୁର୍ଯ୍ୟୋଧନଙ୍କର ଏହି ଯୋଜନା ପ୍ରତି, ସଖା କର୍ଣ୍ଣ ଏବଂ ମାମୁଁ ଶକୁନିଙ୍କ ସମର୍ଥନ ସଙ୍ଗେ ସଙ୍ଗେ ମିଳିଗଲା। କିନ୍ତୁ ଏହା ଯେତେବେଳେ ଧୃତରାଷ୍ଟ୍ରଙ୍କର କର୍ଣ୍ଣଗୋଚର ହେଲା, ଦୁର୍ଯ୍ୟୋଧନଙ୍କୁ ପାଖକୁ ଡାକି କହିଲେ... ପୁତ୍ର ! ପାଣ୍ଡୁପୁତ୍ରମାନଙ୍କୁ ଅପମାନ ଦେଇ ମନ ଶାନ୍ତ ହେଲାନାହିଁ ଯେ ପୁଣି ବିଦ୍ରୂପ କରିବାକୁ ଇଚ୍ଛା ! ଦୁଃଖ କଷ୍ଟରେ କାଳାତିପାତ କରୁଥିବା ପ୍ରାଣୀଙ୍କୁ ବିଦ୍ରୂପ କରିବା ଅନୁଚିତ। ତାଛଡା ଭୀମ ଓ ଅର୍ଜ୍ଜୁନଙ୍କ ହୃଦୟ ପ୍ରତିଶୋଧ ଅଗ୍ନିରେ ଜଳୁଛି। ସେମାନଙ୍କୁ ବିଦ୍ରୂପକଲେ ପ୍ରତିକ୍ରିୟା ସ୍ୱରୂପ ତୁମକୁ ଆକ୍ରମଣ କରିପାରନ୍ତି। ଭୀମର ଭୟଙ୍କର ପ୍ରତିଜ୍ଞା କଥା କ'ଣ ମନେ ନାହିଁ ? ଏହା ଆହତ ସର୍ପ ଲାଞ୍ଜରେ ହାତ ମାରିବା ସହିତ ସମାନ। ମୁଁ ତୁମମାନଙ୍କୁ ସେଠାକୁ ଯିବାପାଇଁ ଅନୁମତି ଦେଇ ପାରିବି ନାହିଁ।

ଶକୁନି କହିଲେ... କାମ୍ୟକ ବନରେ ଆମର ଗୋଧନ ରହିଛନ୍ତି। ସେମାନଙ୍କ ବାର୍ଷିକ ଗଣନା ପାଇଁ ଆମକୁ ତ ଯିବାକୁ ପଡ଼ିବ। ପାଣ୍ଡବମାନେ ସେଠାରେ ଅଛନ୍ତି ବୋଲି କଣ ଆମେ ସେମାନଙ୍କୁ ଡରି ଆମ ଗୋଧନ ତ୍ୟାଗ କରିଦେବା ନା ମୃଗୟା କରିବାକୁ ଅରଣ୍ୟକୁ ଯିବା ବନ୍ଦ କରିଦେବା ? ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ମହାରାଜ, ଭୀମ ଅର୍ଜ୍ଜୁନଙ୍କୁ ସମ୍ଭାଳିବା ପାଇଁ ଆପଣଙ୍କ ପ୍ରିୟ ପୁତ୍ର ଯୁଧିଷ୍ଠିର ଅଛନ୍ତି।

ଭୀଷ୍ମ ଦ୍ରୋଣ ଏବଂ ବିଦୁର ଏପରି ଯାତ୍ରାର ବିରୋଧ କରିବାରୁ, ଦୁର୍ଯ୍ୟୋଧନ କହିଲେ... ଆମେ ଯୁବକମାନେ ସେଠାରେ ଆନନ୍ଦ ଉତ୍ସବ କରିବାକୁ ଯାଉଛୁ, ବୃଦ୍ଧମାନଙ୍କର ସେଠାରେ କଣ କାମ ? ଆପଣମାନେ ଏଠାରେ ରହି ରାଜ୍ୟ ରକ୍ଷା କରନ୍ତୁ, ଆମମାନଙ୍କର ସୁରକ୍ଷା ପାଇଁ ବ୍ୟସ୍ତ ହେବା ଅନାବଶ୍ୟକ।

ଦୁର୍ଯ୍ୟୋଧନ, ଶକୁନି, କର୍ଣ୍ଣ, ଦୁଃଶାସନ ଏବଂ ଅନ୍ୟ ଅଠାନବେ ଭାଇଙ୍କ ସହିତ ବିଶାଳ ସୈନ୍ୟବାହିନୀ ନେଇ କାମ୍ୟକ ବନ ଅଭିମୁଖେ ଯାତ୍ରା କଲେ। ପ୍ରତ୍ୟେକେ ନିଜ ନିଜର ଦିବ୍ୟ ରଥମାନ ଆରୋହଣ କରି, ନାନାପ୍ରକାର ଅଳଙ୍କାରରେ ଶରୀର ବିମଣ୍ଡିତ କରି, ହର୍ଷ ଉଲ୍ଲାସରେ ଚିତ୍କାର କରି ବନଭୂମି ପ୍ରକମ୍ପିତ କରିଦେଲେ। କିଛି ଦୂରରୁ ସେମାନଙ୍କର ଏପରି ବିଦ୍ରୂପପୂର୍ଣ୍ଣ ଚିତ୍କାର ଶୁଣି ଭୀମ ଯୁଧିଷ୍ଠିରଙ୍କୁ କହିଲେ... ଦେଖନ୍ତୁ ଅଗ୍ରଜ ! ଆପଣଙ୍କ ପ୍ରିୟ ଭାଇମାନେ ଆମ ଦୁର୍ଦ୍ଦଶା ଦେଖି କିପରି ବିଦ୍ରୂପ କରିବାପାଇଁ ଆସିଛନ୍ତି। ଯୁଧିଷ୍ଠିର କହିଲେ... ତୁମେ ସେପରି ଭାବିବା ଠିକ ନୁହେଁ ଅନୁଜ। ସେମାନେ ସମ୍ଭବତଃ ଆମର ଭଲ-ମନ୍ଦ ବୁଝିବାପାଇଁ ଆସିଛନ୍ତି। ସେମାନେ ଆମର ରକ୍ତସଂପର୍କ ଭାଇ। ସେମାନଙ୍କୁ ଆମେ ସନ୍ଦେହ କରିବା ଉଚିତ ନୁହେଁ।

ଏହା ଶୁଣି ଅର୍ଜ୍ଜୁନ କହିଲେ... ଆପଣଙ୍କର ଏହି ଉଦାରତା ଯୋଗୁଁ ଆମ୍ଭମାନଙ୍କର

Source: Author, Digitized by PPRACHIN, SOA

ଏହି ଦୟନୀୟ ଅବସ୍ଥା । ଦୁର୍ଯ୍ୟୋଧନ ଚକ୍ରାନ୍ତକରି ଆମ ରାଜ୍ୟ ଛଡାଇନେଇ ଆମର ଏପରି ଅବସ୍ଥା କରିଛନ୍ତି; ତଥାପି ଆପଣ ବିଶ୍ୱାସ କରନ୍ତି ଯେ ସେ ସଦଳବଳେ ଆମକୁ ସଂଖୋଳିବା ପାଇଁ ଆସିଛନ୍ତି । ଆପଣ ବାସ୍ତବରେ ମହାନ୍ ଜ୍ୟେଷ୍ଠଭ୍ରାତା ।

କୌରବମାନେ କାମ୍ୟକ ବନରେ ଥିବା ସୁରମ୍ୟ ପୁଷ୍କରିଣୀ କୂଳରେ ସେମାନଙ୍କର ଶିବିର ସ୍ଥାପନ କରି ଆନନ୍ଦ ଉତ୍ସବରେ ନିମଜ୍ଜିତ ହୋଇ ଗଲେ । ସେମାନଙ୍କ ଆଗରୁ ଗନ୍ଧର୍ବ ଚିତ୍ରସେନ ସ୍ୱର୍ଗ ବିଦ୍ୟାଧର, ବିଦ୍ୟାଧରୀମାନଙ୍କ ସହିତ ନିକଟରେ ଶିବିର ସ୍ଥାପନ କରି ଅବସ୍ଥାନ କରୁଥିଲେ । ସୋମରସ ପାନକରି ପ୍ରମତ୍ତ କୌରବମାନେ ସେଠାରେ ସେମାନଙ୍କ ଉପସ୍ଥିତି ସହ୍ୟ କରି ପାରିଲେ ନାହିଁ । ସେଠାରୁ ଚାଲିଯିବା ପାଇଁ ସେମାନଙ୍କ ଉପରେ କୁରୁ-ପୁତ୍ରମାନେ ବଳ ପ୍ରୟୋଗ କଲେ । କିଛି ବିଦ୍ୟାଧରୀଙ୍କ ସହିତ ମଧ୍ୟ ଅସତ୍ ବ୍ୟବହାର କଲେ ।

ଚିତ୍ରସେନ ଏବଂ ତାଙ୍କ ସେନା କୌରବମାନଙ୍କୁ କାହିଁକି ବା ପାସଙ୍ଗରେ ପକାନ୍ତେ ? ଚିତ୍ରସେନ ଥିଲେ ଇନ୍ଦ୍ରଙ୍କ ପୁତ୍ର ଏବଂ ତାଙ୍କ ସହିତ ଥିଲେ ଇନ୍ଦ୍ରଙ୍କ ସାରଥୀ ମାତଳି । ଚିତ୍ରସେନଙ୍କ ସୈନ୍ୟମାନେ ତାଙ୍କ ନିକଟରେ ଯେତେବେଳେ କୁରୁ-ପୁତ୍ର ମାନଙ୍କର ଦୁର୍ବ୍ୟବହାର କଥା ଜଣାଇଲେ,ସେ ମାତଳିଙ୍କୁ ପଚାରିଲେ... ଏମାନଙ୍କ ପ୍ରତି କି ପ୍ରକାର ବ୍ୟବହାର କରାଯିବା ଉଚିତ ମାତଳି ? ମାତଳି କହିଲେ... ଦୁର୍ଯ୍ୟୋଧନ ନିଜର ସଂପଦ ଦେଖାଇ ପାଣ୍ଡବମାନଙ୍କୁ ତାଚ୍ଛଲ୍ୟ କରିବା ପାଇଁ ଏଠାକୁ ଆସିଛନ୍ତି । ପାଣ୍ଡବମାନେ ଆପଣଙ୍କର ସଂପର୍କୀୟ, କାରଣ ଅର୍ଜୁନ ଇନ୍ଦ୍ରଙ୍କ ପୁତ୍ର । ଅଧର୍ମର ଆଶ୍ରୟନେଇ, ପାଣ୍ଡବମାନଙ୍କ ରାଜ୍ୟ ଯେପରି କୌରବ ମାନେ ହରଣ କରି ସେମାନଙ୍କୁ ଦାଣ୍ଡର ଭିକାରି କରିଛନ୍ତି ଏବଂ ଦ୍ରୌପଦୀଙ୍କୁ ପୂର୍ଣ୍ଣ ରାଜସଭାରେ ଉଲଗ୍ନ କରିବା ପ୍ରୟାସ କରିଛନ୍ତି, ତା'ଠାରୁ ବଳି ଘୃଣ୍ୟ କାର୍ଯ୍ୟ କିଛି ନାହିଁ । ଏମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଆବଶ୍ୟକ ।

ଗନ୍ଧର୍ବ ଚିତ୍ରସେନ ସୈନ୍ୟମାନଙ୍କୁ ଆଦେଶ ଦେଲେ କୌରବ ଶିବିର ଉପରେ ଆକ୍ରମଣ କରିବା ପାଇଁ । ଆରମ୍ଭ ହେଲା ଭୀଷଣ ଯୁଦ୍ଧ । ମାୟା ଯୁଦ୍ଧରେ ପ୍ରବୀଣ ଥିଲେ ଚିତ୍ରସେନ । ଅଳ୍ପ ସମୟ ଭିତରେ ସେ ଦୁର୍ଯ୍ୟୋଧନଙ୍କ ସୈନ୍ୟବାହିନୀକୁ ଧ୍ୱସ୍ତ ବିଧ୍ୱସ୍ତ କରି ଦେଲେ । ଜୀବନ ବିକଳରେ କିଏ କୁଆଡେ ଯିବେ ବାଟ ପାଇଲେ ନାହିଁ । କର୍ଣ୍ଣଙ୍କ ପରି ମହାବୀର, ଶକୁନି, ଦୁଃଶାସନ, ଦୁର୍ମୁଖ, ବିକର୍ଣ୍ଣ ଆଦି ଯୋଦ୍ଧା ଚିତ୍ରସେନଙ୍କ ପ୍ରବଳ ଆକ୍ରମଣରେ ଛତ୍ରଭଙ୍ଗ ଦେଇ ପଳାୟନ କଲେ । ଏକା ରହିଗଲେ ଦୁର୍ଯ୍ୟୋଧନ । ଦୁର୍ଯ୍ୟୋଧନଙ୍କୁ ରଥରେ ବନ୍ଧନ କରି ଚିତ୍ରସେନ କହିଲେ... ତୁମ ଭଳି ପାପିଷ୍ଠ ପାଇଁ ମୃତ୍ୟୁଦଣ୍ଡ ମଧ୍ୟ କମ୍ । ଅଧର୍ମରେ ପାଣ୍ଡବଙ୍କ ରାଜ୍ୟ ଛଡ଼ାଇ ନେଇ ସେମାନଙ୍କ ଦାରିଦ୍ର୍ୟକୁ

Source: Author, Digitized by PPRACHIN, SOA

ତାସଲ୍ୟ କରିବାକୁ ଆସିଛ ! ଚାଲ ତୁମକୁ ଆକାଶରୁ ତଳକୁ ନିକ୍ଷେପ କରାଯିବ। ପିତା ତୁମର କେବଳ ଶାରୀରିକ ନୁହନ୍ତି, ମାନସିକ ଅନ୍ଧ ମଧ୍ୟ; ତୁମେ ଆକାଶରୁ ତଳେ ପଡିଲେ, ଗୋଡହାତ ହରାଇ ଛୋଟା ଲେଙ୍ଗଡା ହୋଇଯିବ। ତା'ପରେ ପିତାଙ୍କ ଭଳି ସିଂହାସନ ଯାବୁଡ଼ି ଧରି ରାଜୁତି କରିବ, ତୁମ ଲୋଭ ଏବଂ ଈର୍ଷାର ତାହା ହିଁ ହେବ ଉପଯୁକ୍ତ ପୁରସ୍କାର। ଯେଉଁ ମାମୁଁ ଶକୁନି ଏବଂ ମିତ୍ର କର୍ଣ୍ଣଙ୍କ କଥାରେ ପଡି ଡେଉଁଥିଲ, କୁଆଡେ ଗଲେ ସେମାନେ? ନିଜ ନିଜ ଜୀବନ ନେଇ ପଳାୟନ କରିଛନ୍ତି। ଡାକ ସେମାନଙ୍କୁ, ଏବେ ତୁମ ପିଠିରେ ପଡ଼ିବେ।

ଚିତ୍ରସେନଙ୍କ ରଥରେ ବନ୍ଦୀ ହୋଇ ଘୋର ଲଜ୍ଜାରେ ତଳକୁ ମୁହଁ ପୋତି ଠିଆ ହୋଇଥାନ୍ତି ଦୁର୍ଯ୍ୟୋଧନ। ଲଜ୍ଜା, ଅପମାନ ଓ କ୍ରୋଧରେ ଦେହ ତାଙ୍କର ଥରୁଥାଏ। ଚିତ୍ରସେନଙ୍କ ଆଦେଶରେ ତାଙ୍କ ମୂଲ୍ୟବାନ ଅଙ୍ଗବାସ ଓ ମୁକୁଟ କାଢି ଫିଙ୍ଗି ଦିଆଗଲା। ଅଧାମରା ସାପ ଭଳି ରାଗରେ ଫଁ ଫଁ ହେଉଥାନ୍ତି ଦୁର୍ଯ୍ୟୋଧନ।

ଦୁର୍ଯ୍ୟୋଧନ ପରାସ୍ତ ହୋଇ ଗନ୍ଧର୍ବଙ୍କ ଦ୍ୱାରା ବନ୍ଦୀ ହେବା ସମ୍ବାଦ ପାଣ୍ଡବଙ୍କ ପାଖରେ ପହଞ୍ଚିବା ପାଇଁ ବିଳମ୍ବ ହେଲାନାହିଁ। ଭୀମ ଆନନ୍ଦିତ ହୋଇ କହିଲେ... ଠିକ୍ ହୋଇଛି। ଆମ କାମ ଚିତ୍ରସେନ ଗନ୍ଧର୍ବ କରି ଦେଇଛନ୍ତି। ମୁଁ ତାଙ୍କୁ ଧନ୍ୟବାଦ ନଦେଇ ରହି ପାରୁନାହିଁ। ଅର୍ଜୁନ ଅନୁରୂପ ମତ ବ୍ୟକ୍ତ କଲେ।

ଯୁଧିଷ୍ଠିର କହିଲେ... ଏପରି ନିର୍ଦ୍ଦୟ ହୁଅନାହିଁ ବୃକୋଦର; ଦୁର୍ଯ୍ୟୋଧନ ଆମର ନିଜ ଭାଇ। ଆମେ ଗୋଟିଏ ପରିବାରରେ ଜନ୍ମ। ତାଙ୍କ ବିପଦ ସମୟରେ ସାହାଯ୍ୟ କରିବା ଆମର ପ୍ରଥମ କର୍ତ୍ତବ୍ୟ। ଆମେ ତାଙ୍କୁ ଉଦ୍ଧାର ନକଲେ ନିନ୍ଦିତ ହେବା। ପ୍ରିୟ ଅର୍ଜୁନ ! ଦୁର୍ଯ୍ୟୋଧନଙ୍କୁ ଚିତ୍ରସେନ ଗନ୍ଧର୍ବଙ୍କ କବଳରୁ ଉଦ୍ଧାର କରିବା ବ୍ୟବସ୍ଥା କର।

ଯୁଧିଷ୍ଠିରଙ୍କ କଥା ଶୁଣି ଭୀମସେନ କହିଲେ.. ଆପଣ କେଉଁ ଉପାଦାନରେ ଗଢା ଅଗ୍ରଜ !! ଯେଉଁ ଖଳପ୍ରକୃତିର ଦୁର୍ଯ୍ୟୋଧନ ଆପଣଙ୍କ ଦାରିଦ୍ର୍ୟକୁ ତାସଲ୍ୟ କରିବାକୁ ଆସିଛନ୍ତି, ତାଙ୍କୁ ଆପଣ ବିଶାଳ ହୃଦୟରେ କ୍ଷମା ଦେଇ ପାରୁଛନ୍ତି !

ଯୁଧିଷ୍ଠିର କହିଲେ... ପ୍ରିୟ ଭୀମ ! କହିଲି ପରା, ଦୁର୍ଯ୍ୟୋଧନ ହୁଏତ ଆମକୁ ସଂଖୋଳିବାକୁ ଆସିଥାଇ ପାରନ୍ତି, ତାଙ୍କୁ ଆମ ଚିନ୍ତା ଧାରା ଅନୁଯାୟୀ ଆକଳଣ କରିବା ଅନୁଚିତ। ମୋର ନିର୍ଦ୍ଦେଶ ମାନି ଦୁର୍ଯ୍ୟୋଧନଙ୍କୁ ଚିତ୍ରସେନ ହାତରୁ ଉଦ୍ଧାର କର।

ଭୀମ, ଅର୍ଜୁନ, ନକୁଳ ଏବଂ ସହଦେବ, ଯୁଧିଷ୍ଠିରଙ୍କ ଆଦେଶ ମାନି ଚିତ୍ରସେନଙ୍କ ପାଖରେ ପହଞ୍ଚିଲେ। ଅର୍ଜୁନ କହିଲେ... ପ୍ରିୟ ଚିତ୍ରସେନ ! ଧର୍ମରାଜଙ୍କ ଆଦେଶ, ଦୁର୍ଯ୍ୟୋଧନଙ୍କୁ ବନ୍ଧନ ମୁକ୍ତ କର, ଅଥବା ଆମ ସହିତ ଯୁଦ୍ଧ କର। ଚିତ୍ରସେନ,

Source: Author, Digitized by PPRACHIN, SOA

ପାଣ୍ଡବମାନଙ୍କ ସହିତ ଅଯଥା ବିବାଦ ଚାହୁଁ ନଥିଲେ, ସେ ଦୁର୍ଯ୍ୟୋଧନଙ୍କୁ କେବଳ ଶିକ୍ଷା ଦେବାକୁ ଚାହୁଁଥିଲେ । ତେଣୁ ସେ ଦୁର୍ଯ୍ୟୋଧନଙ୍କୁ ମୁକ୍ତ କରିଦେଲେ ।

ଘୋର ଅପମାନରେ ଜର୍ଜରିତ ଦୁର୍ଯ୍ୟୋଧନ ମୁକ୍ତିଲାଭ କରି ଫେରିବା ପୂର୍ବରୁ ଅର୍ଜୁନଙ୍କୁ ଚାହିଁ କହିଲେ... ମୁଁ ତୁମ ପାଖରେ ଋଣୀ ଅନୁଜ ! ପ୍ରତିଦାନରେ ତୁମେ ଯାହା ଇଛା, ମୋଠାରୁ ମାଗିନିଅ ।

ଅର୍ଜୁନ କହିଲେ... ଧନ୍ୟବାଦ ଅଗ୍ରଜ ! ବର୍ତ୍ତମାନ ତୁମେ ଆମକୁ ଯେଉଁ ବନବାସ ଓ ଅଜ୍ଞାତବାସ ଦୁଃଖ ଦେଇଛ, ତାର ଅବଧି ପୂର୍ଣ୍ଣହେଲା ପରେ, ଆବଶ୍ୟକ ହେଲେ ତୁମଠାରୁ ଇପ୍ସିତ ପଦାର୍ଥ ମାଗିନେବି । ବର୍ତ୍ତମାନ ତୁମେ ପୈତୃକ ପ୍ରାଣ ନେଇ ଫେରିଯାଅ । ଭବିଷ୍ୟତରେ ଏଭଳି ଅବିମୃଶ୍ୟତା କରିବ ନାହିଁ ।

ଅପମାନିତ ହୋଇ ଦୁର୍ଯ୍ୟୋଧନ ପଳାୟନ କଲେ । ବାଟରେ କର୍ଣ୍ଣ, ଶକୁନି ଏବଂ ଅନ୍ୟ ଭାଇଙ୍କ ସହିତ ଭେଟ ହେଲା । ଦୁଃଖରେ ମ୍ରିୟମାଣ ଦୁର୍ଯ୍ୟୋଧନ କହିଲେ... ଛିଃ ! ଭୀମ, ଅର୍ଜୁନଙ୍କ ଭଳି ଶତ୍ରୁମାନଙ୍କ ଆଗରେ ଏଭଳି ଅପମାନିତ ହେବା ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର ଥିଲା । ଚିତ୍ରସେନ ହାତରେ ମୃତ୍ୟୁ ଲାଭ କରିଥିଲେ ଭଲ ହୋଇଥାନ୍ତା । ମୁଁ ଆଉ ରାଜଧାନୀକୁ ଫେରିଯିବା ପାଇଁ ଚାହୁଁନାହିଁ, ମୁଁ ଆତ୍ମହତ୍ୟା କରିବି ।

କର୍ଣ୍ଣ କହିଲେ... ମୁଁ ବଡ଼ ଦୁଃଖିତ ମିତ୍ର ! ଆମ ସେନାବାହିନୀର ଅସାବଧାନତା ଯୋଗୁଁ ଏପରି ବିଭ୍ରାଟ ଘଟିଗଲା । ଆପଣ ମନରୁ ଗ୍ଲାନି ଦୂର କରନ୍ତୁ । କାହା ଆଗରେ ଆପଣ ଅପମାନିତ ହେଲେ ବୋଲି ଆତ୍ମଗ୍ଲାନି ଅନୁଭବ କରୁଛନ୍ତି ? ସେହି ଭିକାରି ପାଣ୍ଡବଙ୍କ ଆଗରେ !! ଯେଉଁମାନଙ୍କର ନିଜର ମାନ ନାହିଁ ସେମାନଙ୍କ ଆଗରେ କିପରି ଆପଣ ଅପମାନିତ ହେଲେ ବୋଲି ଭାବୁଛନ୍ତି ! ମିତ୍ର, ଆପଣ ରାଜା, ଯଦି ସେମାନେ ଆପଣଙ୍କୁ ରକ୍ଷା କଲେ, ପ୍ରଜା ହିସାବରେ ତାହା ସେମାନଙ୍କର କର୍ତ୍ତବ୍ୟ ।ଆପଣ ଚିନ୍ତା କରନ୍ତୁ ନାହିଁ । ପାଣ୍ଡବମାନଙ୍କୁ ଧରାପୃଷ୍ଠରୁ ମୁଁ ନିଶ୍ଚିହ୍ନ କରିବି; ଆପଣ ନିଷ୍କଂଟକ ରାଜ୍ୟ ଭୋଗ କରିବେ ।ଏବେ ମନରୁ ଦୁଃଖ ଦୂର କରନ୍ତୁ; ଆତ୍ମହତ୍ୟା ଚିନ୍ତା କେବଳ ଦୁର୍ବଳ ଓ ପଳାତକମାନେ କରନ୍ତି । ଆପଣ ଦୁର୍ବଳ ବା ପଳାତକ ନୁହଁନ୍ତି; ବିଶାଳ ହସ୍ତିନାର ଭାବି ସମ୍ରାଟ ଆପଣ ।

ଶକୁନି କହିଲେ... ତୁମେ ଯଦି ଆତ୍ମହତ୍ୟା କରିବାକୁ ସ୍ଥିର କରିଛ ପ୍ରିୟ ଦୁର୍ଯ୍ୟୋଧନ, ତା ହେଲେ ଆଉ ଏ ପ୍ରହସନ କାହିଁକି ? କହ୍ନେଇ ଲାଗି ସିନା ଦୋଳ ଯାତରା । ଆତ୍ମହତ୍ୟା କରିବା ପୂର୍ବରୁ ପାଣ୍ଡବଙ୍କୁ ଅରଣ୍ୟରୁ ଡାକିଆଣି ରାଜ୍ୟ ଫେରାଇ ଦିଅ ।

ପାଣ୍ଡବଙ୍କୁ ରାଜ୍ୟ ଫେରାଇବା କଥା ଶୁଣି ଭୟଙ୍କର ଗର୍ଜନକରି ଦୁର୍ଯ୍ୟୋଧନ

Source: Author, Digitized by PPRACHIN, SOA

କହିଲେ.. ନା, ତାହା ଅସମ୍ଭବ। ସେମାନେ ମୋର ପରମ ଶତ୍ରୁ। ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ଅରଣ୍ୟରେ ବୁଲି ବୁଲି ସେମାନେ ପ୍ରାଣତ୍ୟାଗ କରନ୍ତୁ ବୋଲି ମୋର ଇଚ୍ଛା।

-୦-

(୬୪)

ଶ୍ରୀକୃଷ୍ଣଙ୍କ କ୍ଷୁଧା

ପାଣ୍ଡବମାନେ ବନବାସ ଜୀବନ ଅତିବାହିତ କରୁଥିବା ସମୟରେ ଦୁର୍ଯ୍ୟୋଧନ ହସ୍ତିନାରେ ଏକ ବିରାଟ ଯଜ୍ଞର ଆୟୋଜନ କଲେ। ଯୁଧିଷ୍ଠିର ଯେଉଁପରି ରାଜସୂୟ ଯଜ୍ଞ ଆୟୋଜନ କରିଥିଲେ ସେହି ପ୍ରକାର ଏକ ଯଜ୍ଞ ଆୟୋଜନ କରିବା ଇଚ୍ଛା ଥିଲା ଦୁର୍ଯ୍ୟୋଧନଙ୍କର, କିନ୍ତୁ ପଣ୍ଡିତମାନେ କହିଲେ... ଧୃତରାଷ୍ଟ୍ର ଏବଂ ଯୁଧିଷ୍ଠିର ଜୀବିତ ଥିବା ପର୍ଯ୍ୟନ୍ତ ଦୁର୍ଯ୍ୟୋଧନ ରାଜସୂୟ ଯଜ୍ଞ ଅନୁଷ୍ଠାନ କରିପାରିବେ ନାହିଁ; ଅବଶ୍ୟ 'ବୈଷ୍ଣବ ଯଜ୍ଞ' ଅନୁଷ୍ଠାନ କରି ପାରିବେ।

ଦୁର୍ଯ୍ୟୋଧନ ମହା ଆଡ଼ମ୍ବରରେ 'ବୈଷ୍ଣବ ଯଜ୍ଞାନୁଷ୍ଠାନ' ସମାପନ କଲେ। ଯଜ୍ଞ ଶେଷରେ ହସ୍ତିନାର ଜନ ସାଧାରଣ କୁହିକୁହି ହେଲେ... ଯାହା ହେଲେ କଣ ହେବ, ଯୁଧିଷ୍ଠିରଙ୍କ ଯଜ୍ଞାନୁଷ୍ଠାନର ଷୋଳ ଭାଗରୁ ଏକଭାଗ 'ସହିତ ମଧ୍ୟ ସମାନ ନୁହେଁ ଏହି ବୈଷ୍ଣବ ଯଜ୍ଞ।

ଦୁର୍ଯ୍ୟୋଧନଙ୍କ କାନରେ ଏକଥା ପଡ଼ିବା ପରେ ସ୍ୱଭାବିକ ଭାବରେ ମନରେ ତାଙ୍କର ଦୁଃଖ ଆସିଲା। କର୍ଣ୍ଣ, ଦୁର୍ଯ୍ୟୋଧନଙ୍କୁ ଶାନ୍ତ୍ୱନା ଦେଇ କହିଲେ... ସଖା ! ଯେଉଁମାନେ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞକୁ ପ୍ରଶଂସା କରୁଛନ୍ତି, ସେମାନେ ନିନ୍ଦୁକ ଶ୍ରେଣୀର ଲୋକ। ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ; ପାଣ୍ଡବମାନେ ଆଉ ଇନ୍ଦ୍ରପ୍ରସ୍ଥ ଫେରି ପାଇବେ ନାହିଁ। ଆପଣ ଇନ୍ଦ୍ରପ୍ରସ୍ଥରେ ରାଜା ହୋଇ ରାଜସୂୟ ଯଜ୍ଞ ଅନୁଷ୍ଠାନ କରିବେ। ତାହା ଏପରି ଭବ୍ୟ ଅନୁଷ୍ଠାନ ହେବ ଯେ ଯୁଗ ଯୁଗ ପାଇଁ ସମସ୍ତେ ତା'ର ପ୍ରଶଂସା କରିବେ। ଆଜି ମୁଁ ଆପଣଙ୍କ ପାଖରେ ଶପଥ କରି କହୁଛି,ପାଣ୍ଡବ ମାନଙ୍କୁ ମୁଁ ନିହତ ନକରିବା ପର୍ଯ୍ୟନ୍ତ ରାଜସିକ ଖାଦ୍ୟ ବା ସୋମରସ ଛୁଇଁବି ନାହିଁ।

କର୍ଣ୍ଣଙ୍କ ଶପଥ ଶୁଣି ଦୁର୍ଯ୍ୟୋଧନଙ୍କ ଛାତି କୁଣ୍ଢେମୋଟ ହୋଇଗଲା। କର୍ଣ୍ଣଙ୍କ

Source: Author, Digitized by PPRACHIN, SOA

ପ୍ରଶଂସାରେ ଶତମୁଖ ହୋଇ ଉଠିଲେ କୌରବ ଶହେ ଭାଇ।

ଯୁଧିଷ୍ଠିରଙ୍କ କାନରେ କର୍ଣ୍ଣଙ୍କ ଶପଥ କଥା ଯେତେବେଳେ ପଡ଼ିଲା, ମନରେ ତାଙ୍କର ଶଙ୍କା ଭରିଗଲା, କାରଣ ସେ ରାଧେୟଙ୍କ ଶକ୍ତି ବିଷୟରେ ଭଲ ଭାବରେ ଜାଣିଥିଲେ। କିନ୍ତୁ ଅର୍ଜୁନ ଯୁଧିଷ୍ଠିରଙ୍କୁ କହିଲେ.. ଏସବୁ ଫମ୍ପା ମାଠିଆର ଆବାଜ ଛଡ଼ା ଅନ୍ୟ କିଛି ନୁହେଁ, ଆପଣ ଅଯଥା ବିବ୍ରତ ହୋଇ ପଡ଼ୁଛନ୍ତି ଅଗ୍ରଜ।

କାମ୍ୟକ ବନରେ ଅନେକ ଦିନ ରହିବା ଫଳରେ, ବ୍ରାହ୍ମଣ ଏବଂ ମୁନି ଋଷି ମାନଙ୍କର ଯୁଧିଷ୍ଠିରଙ୍କ ପାଖକୁ ଗତାଗତ ଯୋଗୁଁ ବନପ୍ରଦେଶର ଶାନ୍ତି ଭଙ୍ଗ ହେଲା ଏବଂ ବନ୍ୟ ପ୍ରାଣୀ ମାନଙ୍କର ଶାନ୍ତି ବ୍ୟାହତ ହେଲା। ତେଣୁ ସେ ସ୍ଥାନ ଛାଡି ଅନ୍ୟ ବନପ୍ରଦେଶକୁ ଯିବାପାଇଁ ସ୍ଥିର କଲେ ପାଣ୍ଡବମାନେ।

ଇତିମଧ୍ୟରେ ଥରେ ହସ୍ତିନା ରାଜପ୍ରାସାଦରେ, ମହର୍ଷି ଦୁର୍ବାସା ତାଙ୍କର ଦଶହଜାର ଶିଷ୍ୟଙ୍କ ସହିତ ଆତିଥ୍ୟ ଗ୍ରହଣ କଲେ। ଦୁର୍ବାସାଙ୍କ କ୍ଷଣକୋପ ବିଷୟରେ ଦୁର୍ଯ୍ୟୋଧନ ଅବଗତ ଥିଲେ। ତେଣୁ ମହର୍ଷିଙ୍କ ସନ୍ତୁଷ୍ଟି ପାଇଁ ସୁଚାରୁରୂପେ ସବୁ ବ୍ୟବସ୍ଥା ନିଜେ ଦୁର୍ଯ୍ୟୋଧନ କରିଥିଲେ। କୁରୁ ପ୍ରାସାଦରେ ପ୍ରଦତ୍ତ ଆତିଥ୍ୟରେ ଅତ୍ୟନ୍ତ ପ୍ରୀତ ହେଲେ ଦୁର୍ବାସା। ଦୁର୍ଯ୍ୟୋଧନଙ୍କ ଛାତି ଭିତରୁ ଏକ ଦୀର୍ଘ ନିଃଶ୍ୱାସ ବାହାରି ଆସିଲା... ଯା'ହେଉ କ୍ଷଣକୋପୀ ବୃଦ୍ଧ ବାବାଜୀ ସନ୍ତୁଷ୍ଟ; ନହେଲେ ଅଭିଶାପ ଦେଇ କିଛି ବି କ୍ଷତି କରିବାର ସାମର୍ଥ୍ୟ ଅଛି ତାଙ୍କର।

ହସ୍ତିନା ରାଜଭବନ ଛାଡ଼ିବା ସମୟରେ ଦୁର୍ବାସା ଦୁର୍ଯ୍ୟୋଧନଙ୍କୁ କହିଲେ... ତୁମ ଆତିଥ୍ୟରେ ଆମେ ଆନନ୍ଦିତ ବତ୍ସ! କିଛି ମାଗିବାକୁ ଇଚ୍ଛା ଥିଲେ ମାଗିନିଅ।

ଦୁର୍ଯ୍ୟୋଧନଙ୍କ ମୁଣ୍ଡକୁ ଏକ ଖଳବୁଦ୍ଧି ଜୁଟିଲା। ସେ ଭାବିଲେ ଦୁର୍ବାସାଙ୍କୁ ପାଣ୍ଡବମାନଙ୍କ ଆତିଥ୍ୟ ପାଇଁ ପ୍ରେରିତ କରିବାରେ ସେ ଯେବେ ସଫଳ ହୁଅନ୍ତି, ତାହେଲେ ଦରିଦ୍ର ପାଣ୍ଡବମାନେ ଋଷିଙ୍କ କ୍ରୋଧର ଶିକାର ହେବେ; ଦୁର୍ବାସାଙ୍କ ଦଶହଜାର ଶିଷ୍ୟଙ୍କୁ ଭୋଜନ ଦେବାର ଶକ୍ତି ପାଣ୍ଡବଙ୍କ ପାଖରେ କାହିଁ?

ଦୁର୍ବାସାଙ୍କ ପାଖରେ କରପତ୍ରଯୋଡି କପଟୀ ଦୁର୍ଯ୍ୟୋଧନ ଘଡିଆଳ ଲୁହ ଝରାଇ କହିଲେ... ମହାଭାଗ ! ଆପଣ ସିନା ଆମକୁ ଆଶୀର୍ବାଦ ଦେଲେ, ଆମ ପ୍ରିୟ ପାଣ୍ଡବ ଭାଇମାନେ ଆପଣଙ୍କ ଆଶୀର୍ବାଦରୁ ବଞ୍ଚିତ ହୋଇ ଅରଣ୍ୟରେ ରହିଛନ୍ତି; ଶିଷ୍ୟମାନଙ୍କ ସହିତ ସେମାନଙ୍କ ପାଖରେ ପହଞ୍ଚି ତାଙ୍କୁ ଆଶୀର୍ବାଦ ଦିଅନ୍ତୁ ମୁନିବର। ଏହା ବ୍ୟତୀତ ଅନ୍ୟ କିଛି ବର ମୋର ଆବଶ୍ୟକ ନାହିଁ।

ଦୁର୍ବାସା, ଦୁର୍ଯ୍ୟୋଧନଙ୍କ ମତିଗତି ବୁଝିପାରିଲେ। ସେ ଭଲ ଭାବରେ ଜାଣିଥିଲେ

Source: Author, Digitized by PPRACHIN, SOA

ଯେ ପାଣ୍ଡବମାନଙ୍କ ଉପରେ ଶ୍ରୀକୃଷ୍ଣଙ୍କର ଆଶୀର୍ବାଦ ରହିଛି। କିନ୍ତୁ ଦୁର୍ଯ୍ୟୋଧନଙ୍କର ଏପରି ଅଦ୍ଭୁତ ଅନୁରୋଧ ଶୁଣି, ଏ ପରିସ୍ଥିତିରେ କିପରି ଶ୍ରୀକୃଷ୍ଣ ପାଣ୍ଡବଙ୍କୁ ସାହାଯ୍ୟ କରିବେ, ଜାଣିବାପାଇଁ ତାଙ୍କ ମନରେ କୌତୁହଳ ଆସିଲା। ସେହି କୌତୁହଳର ବଶବର୍ତ୍ତୀ ହୋଇ ଦୁର୍ବାସା ପାଣ୍ଡବଙ୍କ କୁଟୀରରେ ପହଞ୍ଚିଲେ।

ସୂର୍ଯ୍ୟଦେବ ଯୁଧିଷ୍ଠିରଙ୍କ ଉପରେ ସନ୍ତୁଷ୍ଟ ହୋଇ ଏକ ଅକ୍ଷୟ ପାତ୍ର ଦାନ କରିଥିଲେ। ସେ ପାତ୍ରର ମାହାତ୍ମ୍ୟ ଏପରି ଯେ ଦ୍ରୌପଦୀ ସେଥିରେ ଯାହା ରନ୍ଧନ କରନ୍ତି, ତାକୁ ଯେତେ ବ୍ୟକ୍ତି ଭୋଜନ କଲେ ମଧ୍ୟ ସେଥିରେ ଥିବା ଖାଦ୍ୟ ଶେଷ ହୁଏନାହିଁ। ସର୍ବଶେଷରେ ଦ୍ରୌପଦୀ, ଭୋଜନ କରିବା ପରେ, ସେଦିନ ପାଇଁ ଅକ୍ଷୟ ପାତ୍ର ଶୂନ୍ୟ ହୋଇଯାଏ।

ପାଣ୍ଡବଙ୍କ ଦୁର୍ଯୋଗକୁ ଯେଉଁ ସମୟରେ ଦୁର୍ବାସା ସେମାନଙ୍କ କୁଟୀରରେ ପହଞ୍ଚିଲେ, ପାଣ୍ଡବ ପରିବାର ମଧ୍ୟାହ୍ନ ଭୋଜନ ଶେଷ କରିସାରିଥିଲେ। ଦ୍ରୌପଦୀ ମଧ୍ୟ ଭୋଜନ ଶେଷ କରିଥିଲେ। ତେଣୁ ଶୂନ୍ୟ ଅକ୍ଷୟପାତ୍ର ସେଦିନ ପାଇଁ ତା'ର ବିଶେଷ ଗୁଣ ହରାଇ ଖାଲି ପଡିଥିଲା।

ଦୁର୍ବାସାଙ୍କୁ ଦଶହଜାର ଶିଷ୍ୟ ପରିବେଷ୍ଟିତ ହୋଇ କୁଟୀର ପାଖରେ ପହଞ୍ଚିବା ଦେଖି ପାଣ୍ଡବ ପାଞ୍ଚଭାଇ ଏବଂ ଦ୍ରୌପଦୀ ତାଙ୍କ ପାଦପୂଜା କରି ସେବା କଲେ। ଦୁର୍ବାସା କହିଲେ... ବତ୍ସ ଯୁଧିଷ୍ଠିର ! ମୁଁ ଏବଂ ମୋର ଦଶହଜାର ଶିଷ୍ୟ ନିକଟସ୍ଥ ନଦୀରେ ସ୍ନାନ କରି ଅଳ୍ପ ସମୟ ଭିତରେ ଫେରି ଆସିବୁ। ତୁମେ ଆମ୍ଭ ସମସ୍ତଙ୍କ ପାଇଁ ଭୋଜନ ବ୍ୟବସ୍ଥା କର।

ଦୁର୍ବାସାଙ୍କ ଆଦେଶ ଶୁଣି ଦ୍ରୌପଦୀଙ୍କ ମଥାରେ ବଜ୍ରପାତ ହେଲା। ଅକ୍ଷୟ ପାତ୍ର ଶୂନ୍ୟ । ଦୁର୍ବାସା ଏବଂ ଦଶହଜାର ଶିଷ୍ୟଙ୍କୁ ଖାଇବାକୁ ଦେଇ ନପାରିଲେ କ୍ଷଣକୋପୀ ଦୁର୍ବାସା ପାଣ୍ଡବଙ୍କୁ ଅଭିଶାପ ଦେବେ। କଣ କରିବେ, ବୁଦ୍ଧି ବାଟ ଦିଶିଲା ନାହିଁ ପାଞ୍ଚାଳୀଙ୍କୁ। ସବୁ ବିପଦ ସମୟରେ ସେ ଶ୍ରୀକୃଷ୍ଣଙ୍କ ଶରଣ ଯାଆନ୍ତି। ଆଜି ମଧ୍ୟ ଶୂନ୍ୟକୁ ଅନାଇଁ ସମର୍ପଣ ମୁଦ୍ରାରେ ଦ୍ରୌପଦୀ କହିଲେ... ହେ କେଶବ ! ତୁମ ଦାସୀର ଲାଜ ରଖ ପ୍ରଭୁ। ଏ ଘୋର ବିପଦରୁ ମୋତେ ରକ୍ଷାକର, ମୁଁ ସର୍ବୋତ୍ତ ଭାବେ ତୁମର ଶରଣ ଗଲି।

ଆଶ୍ଚର୍ଯ୍ୟ କଥା, ଦ୍ରୌପଦୀଙ୍କ ପ୍ରାର୍ଥନା ନସରୁଣୁ କୁଟୀର ଦୁଆରେ କୃଷ୍ଣଙ୍କ ପାଟି ଶୁଣାଗଲା... କଣ କରୁଛ ଦ୍ରୌପଦୀ ! ମତେ ଆଜି ବହୁତ ଭୋକ, ଯାହା ଅଛି ଆଗେ ମତେ ଖାଇବାକୁ ଦିଅ।

ଦ୍ରୌପଦୀ କାନ୍ଦୁ କାନ୍ଦୁ ହସି ପକାଇ କହିଲେ... ତୁମର ବି ଏ ସମୟରେ ଥଟ୍ଟା

Source: Author, Digitized by PPRACHIN, SOA

କରିବାର ଥିଲା କେଶବ ! ମୁଁ ତୁମକୁ ଡାକୁଥିଲି ଆଜି ଋଷିମାନଙ୍କର ଭୋଜନ ସମସ୍ୟା ଦୂର କରିବାକୁ; ତୁମେ ଆସି ମାଗୁଛ ଖାଇବାକୁ !

ଶ୍ରୀକୃଷ୍ଣ କହିଲେ... କଲ୍ୟାଣୀ ! ତୁମ ପାଖରେ ତ ଅକ୍ଷୟ ପାତ୍ର ଅଛି, ତୁମର ସମସ୍ୟା କଣ ?

ଦ୍ରୌପଦୀ କହିଲେ... ଆଜି ପାଇଁ ଅକ୍ଷୟପାତ୍ର ଶୂନ୍ୟ କେଶବ ! ସେଥିରେ ଗୋଟାଏ ବି ଦାନା ନାହିଁ।

ଶ୍ରୀକୃଷ୍ଣ କହିଲେ... ତୁମେ ମିଛ କହୁଛ କଲ୍ୟାଣୀ। ମତେ ଭୋକିଲା ରଖି ତୁମକୁ କି ଆନନ୍ଦ ମିଳୁଛି ?

ଦ୍ରୌପଦୀଙ୍କ ଆଖିରୁ ଲୁହ ଝରି ଯାଉଛି, ଶୂନ୍ୟ ଅକ୍ଷୟ ପାତ୍ର ଶ୍ରୀକୃଷ୍ଣଙ୍କୁ ଦେଖାଇ କହିଲେ... ତୁମର ଯେବେ ବିଶ୍ୱାସ ହେଉନାହିଁ ତାହେଲେ ନିଜେ ଦେଖିନିଅ ସଖା ! ଘରେ ଭୋଜନ ଥାଇ କଣ ମୁଁ ତୁମକୁ ମନା କରୁଛି ?

ଶୂନ୍ୟ ଅକ୍ଷୟ ପାତ୍ର ଦରାଣ୍ଡି ତା ଭିତରୁ ଗୋଟିଏ ଭାତ ଦାନା ଆଉ ଟିକିଏ ଶାଗ ପାଇଲେ ଶ୍ରୀକୃଷ୍ଣ। ତାକୁ ପାଟିରେ ପକାଇ ପାତ୍ରରୁ ଜଳ ନେଇ କଣ୍ଠସ୍ଥ କରି, ଶ୍ରୀକୃଷ୍ଣ ତୃପ୍ତିରେ ଇଓଡି ମାରି କହିଲେ... ଆଃ ! କି ତୃପ୍ତି ! ସତରେ କଲ୍ୟାଣୀ, ତୁମ ହାତ ରନ୍ଧା ଖାଇ ପେଟ ପୂରିଗଲା, ଆତ୍ମା ତୃପ୍ତ ହୋଇଗଲା; ବହୁତ ଭୋକ ଲାଗୁଥିଲା।

ଶ୍ରୀକୃଷ୍ଣଙ୍କର ଏ ନାଟକ ଦେଖି ନହସି ରହିପାରଲେନି ପାଞ୍ଚାଳୀ। କହିଲେ... ବାପ୍‌ରେ, କି ପ୍ରହସନ ! ଗୋଟିଏ ଭାତ ଦାନାରେ ତୁମର ପେଟ ପୂରିଗଲା କେଶବ ! ଗୋପରେ ଥିଲାବେଳେ ଏମିତିଆ ଥଟ୍ଟା ମଜା କରୁଥିଲନା ସାଙ୍ଗସାଥୀଙ୍କ ସହିତ ?

ସାମାନ୍ୟ ହସିଲେ ଶ୍ରୀକୃଷ୍ଣ; ଭୀମଙ୍କ ଆଡକୁ ଚାହିଁ କହିଲେ... ବୃକୋଦର ! ଦୁର୍ବାସା ମୁନି ଏବଂ ତାଙ୍କ ଦଶହଜାର ଶିଷ୍ୟଙ୍କୁ ନଦୀ ତଟରୁ ଆମନ୍ତ୍ରଣ କରିଆଣ। କହିବ... ଭୋଜନ ପ୍ରସ୍ତୁତ, ଶୀଘ୍ର ଆସନ୍ତୁ ମହାଭାଗ।

ଭୀମ ଆଶ୍ଚର୍ଯ୍ୟ ହୋଇ ଭାବିଲେ... କେଉଁଠାରେ ଭୋଜନ ପ୍ରସ୍ତୁତ ହୋଇ ରହିଛି ଯେ ମୁନିଙ୍କୁ ଆମନ୍ତ୍ରଣ କରିବି ? ତଥାପି ଶ୍ରୀକୃଷ୍ଣଙ୍କ ଉପରେ ଭରସା ଥିବାରୁ ଭୀମ ନଦୀ ତଟରେ ପହଞ୍ଚିଲେ। ସେଠାରେ ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ତାଙ୍କୁ ଦେଖିବାକୁ ମିଳିଲା। ଦୁର୍ବାସା ଏବଂ ତାଙ୍କ ଦଶହଜାର ଶିଷ୍ୟ ଆକଣ୍ଠ ଭୋଜନର ତୃପ୍ତି ପାଇ ବାଲୁକା ଶଯ୍ୟାରେ ଶୟନ କରିଛନ୍ତି। ଭୀମସେନ ସାଦର ଆମନ୍ତ୍ରଣ କରିବାରୁ ଦୁର୍ବାସା କହିଲେ... ବତ୍ସ ଦ୍ୱିତୀୟ ପାଣ୍ଡବ ! ଆମ ସମସ୍ତଙ୍କ ଉଦର ପରିପୂର୍ଣ୍ଣ। ଖାଦ୍ୟର ଗୋଟାଏ ଦାନା ପାଇଁ ମଧ୍ୟ ଉଦରରେ ସ୍ଥାନ ନାହିଁ। ଫେରିଯାଇ ଯୁଧିଷ୍ଠିରଙ୍କୁ ଏକଥା ଜଣାଅ।

Source: Author, Digitized by PPRACHIN, SOA

ବାସ୍ତବରେ ଶ୍ରୀକୃଷ୍ଣ ଯେଉଁ ସମୟରେ ଅକ୍ଷୟ ପାତ୍ରରୁ ଖାଦ୍ୟଦାନାଟି ପାଟିରେ ପକାଇ, ପାଣି ପିଇ ଇଓଡି ମାରିଲେ, ସେ ସମୟରେ ଦୁର୍ବାସା ଏବଂ ତାଙ୍କର ଦଶହଜାର ଶିଷ୍ୟ ତୃପ୍ତିପୂର୍ଣ୍ଣ ଭୋଜନର ଅନୁଭବ କଲେ। ହରି ଅନନ୍ତ, ହରି ମାୟା ଅନନ୍ତ। କୃଷ୍ଣଙ୍କର ଏ ମାୟା ଜାଣିବା ପରେ ଦ୍ରୌପଦୀଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିଗଲା। କରପତ୍ର ଯୋଡ଼ି କହିଲେ... ଆଜି ଆଉଥରେ ତୁମେ ମୋର ଲାଜ ରଖିଲ କେଶବ; ଏ ଦାସୀ ତୁମ ପାଖରେ ଚିରଋଣୀ।

ପରଦିନ ଦୁର୍ବାସା, ଶିଷ୍ୟମାନଙ୍କ ସହିତ ସେ ସ୍ଥାନ ତ୍ୟାଗ କରିବା ପୂର୍ବରୁ ଯୁଧିଷ୍ଠିରଙ୍କ ପାଖରେ ପହଞ୍ଚି କହିଲେ... ମୁଁ ତୁମକୁ ପରୀକ୍ଷା କରିବାକୁ ଚେଷ୍ଟାକରି ହାରିଯାଇଛି ପୁତ୍ର। ତୁମ ଉପରେ ହରିଙ୍କ କୃପା ଜାଣିବା ପାଇଁ ମୁଁ ଏହା କରିଥିଲି, ଏବେ ଜାଣିଲି; ବ୍ରଜବାସୀଙ୍କ ଅପାର କୃପା ତୁମ ଉପରେ ରହିଛି, ତୁମର କୌଣସି ଶକ୍ତି କିଛି କ୍ଷତି କରିପାରିବ ନାହିଁ।

ପାଣ୍ଡବମାନେ ମୁନିଙ୍କୁ ଭୂମିଷ୍ଠ ପ୍ରଣାମ କରି ତାଙ୍କର ଅପାର ଆଶୀର୍ବାଦ ଗ୍ରହଣ କଲେ।

-୦-

(୬୫)

ବିଷ ପୁଷ୍କରିଣୀର ଧର୍ମବକ

ବାରବର୍ଷ ବନବାସ ପୂର୍ଣ୍ଣ ହେବା ପୂର୍ବରୁ ଦିନେ ପାଣ୍ଡବମାନେ ବସି ଚିନ୍ତା କରୁଥିଲେ କେଉଁଠାରେ ଅଜ୍ଞାତ ବାସ କାଟିବେ। ଏହି ସମୟରେ, ନିକଟରେ ବସବାସ କରୁଥିବା ଜଣେ ସନ୍ନ୍ୟାସୀ ସେଠାରେ ପହଞ୍ଚି କହିଲେ... ଧର୍ମପୁତ୍ର ! ଯେଉଁ କାଠ ଦୁଇଟି ଘସି ମୁଁ ଅଗ୍ନି ଉତ୍ପନ୍ନ କରି ଯଜ୍ଞ କାର୍ଯ୍ୟ ଆଦି ଆରମ୍ଭ କରେ, ତାହା ଗୋଟିଏ ଦଉଡିରେ ବନ୍ଧା ହୋଇ ରହିଥିଲା। କୁଆଡୁ ଗୋଟିଏ ମୃଗ ଆସି ତା ସହିତ ଖେଳୁ ଖେଳୁ ତା ଶିଙ୍ଗରେ ତାହା ଦଉଡ଼ି ସହିତ ଲାଗି ରହିଲା। ମୃଗଟି ଛାନିଆ ହୋଇ ଦୂରକୁ ପଳାଉଛି, ମୁଁ ଏବେ କରେ କ'ଣ ? ସେହି 'ଆରନି'ଟି (ଅଗ୍ନି ଉତ୍ପନ୍ନ ଯନ୍ତ୍ର) ନଥିଲେ ମୋର ଯଜ୍ଞକାର୍ଯ୍ୟ ବାଧାପ୍ରାପ୍ତ ହେବ; ଦୟାକରି ମୋ ପାଇଁ ତାହା ସେ ମୃଗଠାରୁ ଉଦ୍ଧାର କରି ପାରିବେ କି ?

ହଠାତ୍, ଏହି ସମୟରେ ସେ ମୃଗଟି ପାଣ୍ଡବମାନଙ୍କର ଦୃଷ୍ଟି ଗୋଚର ହେଲା। ପାଞ୍ଚ ଭାଇ ଚେଷ୍ଟା କଲେ ସେ ମୃଗକୁ ଧରିବା ପାଇଁ। କିନ୍ତୁ ବିଜୁଳି ବେଗରେ ତାହା

Source: Author, Digitized by PPRACHIN, SOA

ଅନ୍ତର୍ଦ୍ଧାନ ହୋଇଗଲା । ପାଞ୍ଚ ଭାଇ ତା ପଛରେ ଧାଇଁବାକୁ ଲାଗିଲେ । ନିଘଞ୍ଚ ଅରଣ୍ୟ ଭିତରେ ପହଞ୍ଚିଲେ ପାଣ୍ଡବ ପାଞ୍ଚଭାଇ । ଶୋଷରେ ସମସ୍ତଙ୍କ ତଣ୍ଟି ଶୁଖି ଯାଉଥାଏ । ମୃଗ କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଗଲାଣି । ପାଞ୍ଚଭାଇଙ୍କୁ ଲାଗିଲା ସତେ ଯେମିତି ଶୋଷରେ ପ୍ରାଣ ଚାଲିଯିବ । ଯୁଧିଷ୍ଠିର ନକୁଳଙ୍କୁ କହିଲେ... ବତ୍ସ ! ନିକଟସ୍ଥ ବୃକ୍ଷ ଉପରେ ଚଢି ଦେଖ ଆଖପାଖରେରେ କିଛି ଜଳାଶୟ ଅଛି କି ନାହିଁ ।

ନକୁଳ ବୃକ୍ଷ ଉପରେ ଚଢି ଚତୁର୍ଦ୍ଦିଗକୁ ଦୃଷ୍ଟି ପକାଇ ଦେଖିଲେ ଦୂରରେ ଏକ ପୁଷ୍କରିଣୀ ଦେଖାଯାଉଛି । ଆନନ୍ଦରେ ନକୁଳ କହିଲେ... ମୁଁ କିଛି ଦୂରରେ ଏକ ପୁଷ୍କରିଣୀ ଦେଖି ପାରୁଛି । ସେଠାରେ ମୋର ତୃଷା ନିବାରଣ କରି ଆପଣମାନଙ୍କ ପାଇଁ ଜଳ ନେଇ ଆସିବି, ଆପଣ ଏଠାରେ ଅପେକ୍ଷା କରନ୍ତୁ ।

ଯୁଧିଷ୍ଠିର କହିଲେ... ଶୀଘ୍ର ଆସିବ ନକୁଳ ।

ନକୁଳ, ପୁଷ୍କରିଣୀ ତଟରେ ପହଞ୍ଚି ନିର୍ମଳ ସୁଶୀତଳ ଜଳ ଦେଖି ଆନନ୍ଦିତ ହୋଇଗଲେ । ଜଳ ପିଇବାକୁ ଯାଉଛନ୍ତି, ପୁଷ୍କରିଣୀ ତଟରେ ବସିଥିବା ଏକ ବକ, ମନୁଷ୍ୟ କଣ୍ଠରେ କହିଲା... ରହିଯାଅ ମାଦ୍ରୀପୁତ୍ର, ମୁଁ ଧର୍ମବକ ଏ ପୁଷ୍କରିଣୀର ମାଲିକ । ଏହାର ଜଳ ବିଷାକ୍ତ, ମୋ ପ୍ରଶ୍ନର ଉତ୍ତର ନଦେଇ ଜଳପାନ କଲେ ନିଶ୍ଚିତ ମୃତ୍ୟୁ ମୁଖରେ ପଡିବ । ଉତ୍ତର ସନ୍ତୋଷଜନକ ହେଲେ ତୁମର କୌଣସି କ୍ଷତି ହେବନାହିଁ, ତୁମେ ଆନନ୍ଦରେ ଆକଣ୍ଠ ଜଳପାନ କରି ଫେରିଯାଇ ପାରିବ ।

ନକୁଳ ଧର୍ମବକର ବାରଣକୁ ହେୟଜ୍ଞାନ କରି ପୁଷ୍କରିଣୀର ଜଳପାନ କଲେ ଏବଂ ସଙ୍ଗେ ସଙ୍ଗେ ଅଜ୍ଞାନ ହୋଇ ଭୂମିରେ ପଡିଗଲେ ।

ନକୁଳ ନଫେରିବାରୁ ଯୁଧିଷ୍ଠିର ସହଦେବଙ୍କୁ ନକୁଳଙ୍କ ଅନୁସନ୍ଧାନ ପାଇଁ ପଠାଇଲେ । ସହଦେବ ସେଠାରେ ପହଞ୍ଚି ନକୁଳଙ୍କ ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହେଲେ । କିନ୍ତୁ ପ୍ରବଳ ତୃଷାରେ ତାଙ୍କର ପ୍ରାଣ ଚାଲିଗଲା ପରି ଲାଗୁଥିଲା । ପୁଷ୍କରିଣୀରୁ ଜଳପାନ କରିବାକୁ ଚେଷ୍ଟା କରନ୍ତେ ବକ ସେହି ଚେତାବନୀ ଦେଲା ଯାହା ସେ ନକୁଳଙ୍କୁ ଦେଇଥିଲା ।ସହଦେବ ଭୃକ୍ଷେପ ନକରି ପୁଷ୍କରିଣୀର ଜଳପାନ କଲେ ଏବଂ ନକୁଳଙ୍କ ଦଶା ଭୋଗ କଲେ । ପରେ ପରେ ଅର୍ଜୁନ ଏବଂ ଭୀମ, ଧର୍ମବକର ଚେତାବନୀକୁ ହେୟଜ୍ଞାନ କରି ଜଳପାନ କରିବାକୁ ଚେଷ୍ଟା କରି ଅଚେତ ହୋଇ ପୁଷ୍କରିଣୀ କୂଳରେ ପଡିରରହିଲେ ।

ଚାରିଭାଇ ନଫେରିବାରୁ ଯୁଧିଷ୍ଠିର ନିଜେ ଆସି ପୁଷ୍କରିଣୀ କୂଳରେ ପହଞ୍ଚି ଭାଇମାନଙ୍କର ଏଭଳି ଅବସ୍ଥା ଦେଖି ଗଭୀର ଦୁଃଖରେ ମ୍ରିୟମାଣ ହୋଇ, ଭାଗ୍ୟକୁ ନିନ୍ଦା

Source: Author, Digitized by PPRACHIN, SOA

କରି ଭାବିଲେ... ହେ ବିଧାତା ! ଏଇ କଣ ଆମ ଭାଇମାନଙ୍କର ଶେଷ ପରିଣତି ! ବାରବର୍ଷ, ବିନା ବିପଦରେ ବନବାସ ପରେ ଯେତେବେଳେ ମୋ ଭାଇମାନେ ଉତ୍କଣ୍ଠା ସହିତ ଅପେକ୍ଷା କରିଥିଲେ ଗୋଟିଏ ବର୍ଷ ଅଜ୍ଞାତବାସ ଶେଷକରି ରାଜ୍ୟକୁ ଫେରିଯିବେ, ସେତେବେଳେ କିଏ ସେମାନଙ୍କୁ ମୃତ୍ୟୁମୁଖରେ ପକାଇଲା !

ପୁଷ୍କରିଣୀ କୂଳରେ ବସିଥିବା ବକ କହିଲା... ଧର୍ମପୁତ୍ର ! ମୁଁ ତୁମ ଭାଇମାନଙ୍କ ମୃତ୍ୟୁ ପାଇଁ ଦାୟୀ। ସେମାନେ ମୋ ପ୍ରଶ୍ନର ଉତ୍ତର ନଦେଇ ଜଳପାନ କରିବାକୁ ଚେଷ୍ଟା କରୁଥିଲେ, ତେଣୁ ମୃତ୍ୟୁ ମୁଖରେ ପଡ଼ିଲେ। ତୁମେ ମଧ୍ୟ ସେପରି ହେୟଜ୍ଞାନ କରି ଜଳପାନ କରିବାକୁ ଚେଷ୍ଟା କଲେ ଭାଇମାନଙ୍କ ଅବସ୍ଥା ଭୋଗ କରିବ ! ଯୁଧିଷ୍ଠିର ହୃଦୟଙ୍ଗମ କଲେ ଯେ ଏହା ଏକ ଯକ୍ଷର କାମ।

ଯୁଧିଷ୍ଠିର କହିଲେ... ହେ ବକ ବେଶଧାରୀ ଯକ୍ଷ ! କଣ ତୁମର ପ୍ରଶ୍ନ ?

ଯକ୍ଷ ଯୁଧିଷ୍ଠିରଙ୍କୁ ଅନେକଗୁଡ଼ିଏ ପ୍ରଶ୍ନ ପଚାରିଥିଲେ। ସେଗୁଡ଼ିକ ଥିଲା ଧର୍ମ, ଜୀବନଦର୍ଶନ ଏବଂ ସାଂସାରିକ ଜୀବନ ଯାପନ ସମ୍ବନ୍ଧୀୟ।

ଯକ୍ଷ ପ୍ରଶ୍ନକଲେ... ପୃଥିବୀ ଠାରୁ ବଡ କିଏ ?

ଯୁଧିଷ୍ଠିର କହିଲେ... ମାଆ ପୃଥିବୀ ଠାରୁ ବଡ।

ଯକ୍ଷ... ସ୍ୱର୍ଗଠାରୁ ଉଚ୍ଚ କିଏ ?

ଯୁଧିଷ୍ଠିର... ପିତା ସ୍ୱର୍ଗଠାରୁ ଉଚ୍ଚ ।

ଯକ୍ଷ... ପବନ ଠାରୁ ଅଧିକ କାହାର ଗତି ?

ଯୁଧିଷ୍ଠିର... ମନର ଗତି ପବନଠାରୁ ବେଗବାନ।

ଯକ୍ଷ... ତୃଣ ସଂଖ୍ୟା ଠାରୁ ଅଧିକ କାହାର ସଂଖ୍ୟା ?

ଯୁଧିଷ୍ଠିର.. ମସ୍ତିଷ୍କର ଚିନ୍ତା।

ଯକ୍ଷ... ଧର୍ମ କେଉଁ ଠାରେ ବାସକରେ ?

ଯୁଧିଷ୍ଠିର... ଯେଉଁ ଠାରେ ସ୍ୱାଧୀନତା ଥାଏ।

ଯକ୍ଷ... ପରିବ୍ରାଜକର ସାଥି କିଏ ?

ଯୁଧିଷ୍ଠିର... ଜ୍ଞାନ।

ଯକ୍ଷ... ଘରେ ମନୁଷ୍ୟର ବଡ଼ ସାଥୀ କିଏ ?

ଯୁଧିଷ୍ଠିର... ପତ୍ନୀ।

ଯକ୍ଷ... ମୃତ୍ୟୁ ପରେ ମନୁଷ୍ୟ ସହିତ କିଏ ଯାଏ ?

ଯୁଧିଷ୍ଠିର... ଧର୍ମ।

Source: Author, Digitized by PPRACHIN, SOA

ଯକ୍ଷ... ସବୁଠାରୁ ବିରାଟ ପାତ୍ର କଣ ?

ଯୁଧିଷ୍ଠିର... ପୃଥିବୀ; ଏହି ବିରାଟ ପାତ୍ର ତା' ଗର୍ଭରେ ସବୁକିଛି ଧରି ରଖିଛି ।

ଯକ୍ଷ... ସୁଖ କଣ ?

ଯୁଧିଷ୍ଠିର... ଉତ୍ତମ କର୍ମର ପରିଣାମ ହିଁ ସୁଖ ।

ଯକ୍ଷ... କଣ ତ୍ୟାଗ କଲେ ମନୁଷ୍ୟ ସମସ୍ତଙ୍କ ଦ୍ୱାରା ଆଦରଣୀୟ ହେବ ?

ଯୁଧିଷ୍ଠିର... ଗର୍ବ ।

ଯକ୍ଷ... କଣ ହରାଇଲେ ଦୁଃଖ ନମିଳି ଆନନ୍ଦ ମିଳେ ?

ଯୁଧିଷ୍ଠିର... କ୍ରୋଧ; ଏହା ସବୁ ଦୁଃଖର କାରଣ ।

ଯକ୍ଷ... କଣ ତ୍ୟାଗ କଲେ ମନୁଷ୍ୟ ଧନୀ ହୁଏ ?

ଯୁଧିଷ୍ଠିର... ଲୋଭ; ଏହା ତ୍ୟାଗ କଲେ ଆତ୍ମସନ୍ତୋଷ ଧନରେ ମନୁଷ୍ୟ ଧନୀ ହୁଏ ।

ଯକ୍ଷ... ପ୍ରକୃତ ବ୍ରାହ୍ମଣ କିଏ; ଜନ୍ମ ନା କର୍ମ ନା ଜ୍ଞାନ କିଏ ମନୁଷ୍ୟକୁ ବ୍ରାହ୍ମଣତ୍ୱ ଦିଏ ?

ଯୁଧିଷ୍ଠିର... ଜନ୍ମ ବା ଜ୍ଞାନ ମନୁଷ୍ୟକୁ ବ୍ରାହ୍ମଣତ୍ୱ ଦିଏ ନାହିଁ; ଚରିତ୍ର ଦିଏ । ଚାରି ବେଦରେ ଜ୍ଞାନ ଥିଲେ ମଧ୍ୟ, ଯଦି ଜଣେ ବ୍ୟକ୍ତିର ଚରିତ୍ର ଖରାପ ତାହେଲେ ସେ ମନୁଷ୍ୟ ପଦବାଚ୍ୟ ମଧ୍ୟ ନୁହେଁ । ଥିଲେ ଥାଉ ପଛେ ଗୁଣ ହଜାର / ଚରିତ୍ର ନଥିଲେ ସବୁ ଅସାର ।

ଯକ୍ଷ... ମନୁଷ୍ୟର ସବୁଠାରୁ ବଡ଼ ସଂପଦ କ'ଣ ?

ଯୁଧିଷ୍ଠିର... ସ୍ୱାସ୍ଥ୍ୟ ହିଁ ମନୁଷ୍ୟର ଶ୍ରେଷ୍ଠ ସଂପଦ ।

ଯକ୍ଷ... ମନୁଷ୍ୟର ଶ୍ରେଷ୍ଠ ଜ୍ଞାନ କଣ ?

ଯୁଧିଷ୍ଠିର... ଭଗବତ୍ ଜ୍ଞାନ ହିଁ ମନୁଷ୍ୟର ଶ୍ରେଷ୍ଠ ଜ୍ଞାନ ।

ଯକ୍ଷ... ଅଜ୍ଞାନତା କଣ ?

ଯୁଧିଷ୍ଠିର... ନିଜ ଧର୍ମ ବିଷୟରେ ଯେ ଜାଣେ ନାହିଁ, ତାଠାରୁ ବଡ଼ ଅଜ୍ଞାନ କେହି ନାହାନ୍ତି ।

ଯକ୍ଷ... ସଂସାରରେ ସବୁଠାରୁ ଆଶ୍ଚର୍ଯ୍ୟ କଥା କଣ ?

ଯୁଧିଷ୍ଠିର... ଜନ୍ମ ହେଲେ ମୃତ୍ୟୁ ନିଶ୍ଚିତ; ଏହା ଜାଣି ମଧ୍ୟ ମନୁଷ୍ୟ ଅମର ହେବାକୁ ଇଚ୍ଛା ପୋଷଣ କରେ... ଏହାହିଁ ସଂସାରରେ ସବୁଠାରୁ ଆଶ୍ଚର୍ଯ୍ୟ କଥା ।

ଏହିପରି ଅନେକ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ପାଇବା ପରେ ଯକ୍ଷ କହିଲେ...

Source: Author, Digitized by PPRACHIN, SOA

ଧର୍ମପୁତ୍ର ! ମୁଁ ତୁମ ଉତ୍ତରରେ ସନ୍ତୁଷ୍ଟ । ଏଠାରେ ତୁମର ମୃତ ଭାଇମାନଙ୍କ ମଧ୍ୟରୁ ତୁମର ଗୋଟିଏ ଭାଇକୁ ମୁଁ ଜୀବନ୍ୟାସ ଦେଇ ପାରିବି, କୁହ କାହାକୁ ତୁମେ ଜୀବିତ ହେବାପାଇଁ ଚାହୁଁଛ ?

ଅଳ୍ପ ଚିନ୍ତା କରି ଯୁଧିଷ୍ଠିର କହିଲେ... ନକୁଳଙ୍କୁ ଜୀବନ୍ୟାସ ଦିଅନ୍ତୁ ଯକ୍ଷ ମହାଭାଗ ।

ଯକ୍ଷ କହିଲେ... ଯୁଧିଷ୍ଠିର ! ମୁଁ ତ ଶୁଣିଛି ଭୀମ ତୁମର ଅତି ପ୍ରିୟ । ବିଶ୍ୱର ଶ୍ରେଷ୍ଠ ଧନୁର୍ଦ୍ଧର ଅର୍ଜୁନଙ୍କୁ ମଧ୍ୟ ତୁମେ ମାଗି ପାରିଥାନ୍ତ, ନକୁଳ କାହିଁକି ?

ଯୁଧିଷ୍ଠିର କହିଲେ... ଯକ୍ଷ ମହାଶୟ ! ମୁଁ ଧର୍ମ ଓ ବିବେକ ଦ୍ୱାରା ପରିଚାଳିତ । ମୋ ପିତାଙ୍କର ଦୁଇ ପତ୍ନୀ ଥିଲେ, କୁନ୍ତୀ ଓ ମାଦ୍ରୀ । ମୁଁ କୁନ୍ତୀପୁତ୍ର ଯୁଧିଷ୍ଠିର ଜୀବିତ ରହିଛି । ମାଦ୍ରୀଙ୍କର ମଧ୍ୟ ଗୋଟିଏ ପୁତ୍ର ଜୀବିତ ରହିବା ଉଚିତ । ସ୍ୱାର୍ଥପରବଶ ହୋଇ ମୁଁ ନିଜ ମାତାଙ୍କ ଗର୍ଭରୁ ଜନ୍ମିତ ଭାଇର ଜୀବନ ମାଗିଲେ, ଜ୍ୟେଷ୍ଠ ପୁତ୍ର ଭାବରେ ପରିବାର-ଧର୍ମ ପାଳନ ନକରିବା ଯୋଗୁଁ ମୁଁ ନିନ୍ଦିତ ହେବି । ମୃତ୍ୟୁ ପରେ ଉପରକୁ ଯାଇ ମାତା ମାଦ୍ରୀଙ୍କୁ ମୁଁ କିପରି ମୁହଁ ଦେଖାଇବି ?

ଯୁଧିଷ୍ଠିରଙ୍କ ନିରପେକ୍ଷତା ଦେଖି ଯକ୍ଷ ଅତ୍ୟନ୍ତ ପ୍ରୀତ ହେଲେ । ସଙ୍ଗେ ସଙ୍ଗେ ଯୁଧିଷ୍ଠିରଙ୍କ ଚାରିଭାଇ ଜୀବନ୍ୟାସ ପାଇଲେ । ବାସ୍ତବରେ ଯକ୍ଷ ଅନ୍ୟ କେହି ନଥିଲେ; ଥିଲେ ସ୍ୱୟଂ ଧର୍ମରାଜ ଯମ । ନିଜ ରୂପରେ ପ୍ରକଟ ହୋଇ ଯୁଧିଷ୍ଠିରଙ୍କୁ କୋଳାଗ୍ରତ କରି ଯମରାଜ ପାଣ୍ଡବମାନଙ୍କୁ ଆଶୀର୍ବାଦ ଦେଲେ ଏବଂ କହିଲେ... ପୁତ୍ର ! ତୁମର ଦୁଃଖର ଦିନ ବିତିବାକୁ ଆଉ ଅଳ୍ପଦିନ ବାକି ଅଛି । ଅଜ୍ଞାତବାସ ମଧ୍ୟ ବିନା ସମସ୍ୟାରେ କଟିଯିବ; ତୁମ ଶତ୍ରୁମାନେ କେହି ତୁମର ସନ୍ଧାନ ପାଇବେ ନାହିଁ । ମୋର ଆଶୀର୍ବାଦ ତୁମ ସହିତ ସର୍ବଦା ରହିଥିବ ।

-୦-

(୬୬)

ଅଜ୍ଞାତବାସ ପାଇଁ ପ୍ରସ୍ତୁତି

ବନବାସ ସମୟରେ ପାଣ୍ଡବମାନେ ଅକଥନୀୟ କଷ୍ଟ ସହ୍ୟ କରିଥିଲେ ସତ, ହେଲେ ସବୁ କଳାମେଘରେ ମଧ୍ୟ ବିଜୁଳି-ଚମକ ରହିଥାଏ । ବନବାସ ସମୟରେ ଅନେକ ଗୁଣୀ-ଜ୍ଞାନୀ ମୁନି-ଋଷି ମାନଙ୍କ ସାନ୍ନିଧ୍ୟ ପାଇ ପାଣ୍ଡବମାନଙ୍କର ମାନବୀୟ ଗୁଣ ଓ ଶାସକୀୟ ଜ୍ଞାନରେ ପରିପକ୍ୱତା ଆସିଯାଇଥିଲା । ଅନେକ ଗରିବ ପ୍ରଜା ଓ ବ୍ରାହ୍ମଣମାନଙ୍କ

Source: Author, Digitized by PPRACHIN, SOA

ସହିତ ମିଶି ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ହୃଦୟଙ୍ଗମ କରିବାର ଅବକାଶ ସେମାନେ ପାଇ ଥିଲେ; ରାଜ୍ୟ ଫେରିପାଇବା ପରେ ତାହା ସୁଧାରିବା ପାଇଁ ସ୍ଥିର କଲେ ଯୁଧିଷ୍ଠିର। ଅର୍ଜୁନ, ଦେବତା ମାନଙ୍କୁ ସନ୍ତୁଷ୍ଟ କରି ଅନେକ ଦିବ୍ୟ ଅସ୍ତ୍ର ପାଇପାରିଥିଲେ। ହନୁମାନଙ୍କ ସହିତ ଭୀମଙ୍କ ଭେଟ ତାଙ୍କ ପାଇଁ ବରଦାନ ସଦୃଶ ହୋଇଥିଲା। ଭବିଷ୍ୟତରେ ଯୁଦ୍ଧ ହେଲେ ହନୁମାନ ପାଣ୍ଡବଙ୍କୁ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହନୁମାନଙ୍କ ଆଲିଙ୍ଗନ ପାଇ ଭୀମଙ୍କ ଶାରୀରିକ ଶକ୍ତି ବହୁଗୁଣିତ ହୋଇଥିଲା। ମହର୍ଷି ଦୁର୍ବାସା ଏବଂ ଯମରାଜାଙ୍କ ଆଶୀର୍ବାଦ ପାଣ୍ଡବ ମାନଙ୍କର ଭବିଷ୍ୟତ ପାଇଁ ବରଦାନ ସଦୃଶ ହୋଇଥିଲା।

ବନବାସ ସଂପୂର୍ଣ୍ଣ ହେବାର ଅବ୍ୟବହିତ ପୂର୍ବରୁ ପାଣ୍ଡବ ମାନେ, ତାଙ୍କ ସହିତ ରହିଥିବା ମୁନି ଋଷି ଓ ବ୍ରାହ୍ମଣମାନଙ୍କଠାରୁ ଅଶ୍ରୁଳ ବିଦାୟ ନେଲେ। ଦୁଃଖ ଦିନ ମାନଙ୍କରେ ସେମାନଙ୍କ ସହିତ ରହି ମନୋବଳ ବୃଦ୍ଧି କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଇ ଯୁଧିଷ୍ଠିର କହିଲେ... ଅଜ୍ଞାତବାସ ସଫଳତା ପୂର୍ବକ ସଂପୂର୍ଣ୍ଣ ହେଲେ ପୁଣି ଆପଣମାନଙ୍କ ସହିତ ଦେଖା। ସେ ପର୍ଯ୍ୟନ୍ତ ବିଦାୟ ଦିଅନ୍ତୁ।

ବ୍ରାହ୍ମଣମାନେ ବିଦାୟ ନେଇ ଚାଲିଯିବା ପରେ ମହର୍ଷି ଧୌମ୍ୟଙ୍କ ସହିତ ବନଦେଶର ଏକ ନିଭୃତ ସ୍ଥାନରେ ପାଣ୍ଡବମାନେ ଗୁପ୍ତ ବିଚାର କଲେ, କେଉଁଠାରେ ଅଜ୍ଞାତ ବାସ କଟାଇବେ।

ଯୁଧିଷ୍ଠିର ଅର୍ଜୁନଙ୍କୁ ପଚାରିଲେ... ଧନଞ୍ଜୟ ! ତୁମେ ସମଗ୍ର ଭାରତ ଭୂଖଣ୍ଡ ଭ୍ରମଣ କରିଛ, ତୁମ ବିବେଚନା ଅନୁଯାୟୀ କେଉଁ ରାଜ୍ୟରେ ଆମେ ଆତ୍ମଗୋପନ କଲେ କୌରବମାନେ ଆମର ସନ୍ଧାନ ପାଇବେ ନାହିଁ ? ଅର୍ଜୁନ କହିଲେ ଏପରି ଦେଖିବାକୁ ଗଲେ ପାଞ୍ଚାଳ, ମତ୍ସ୍ୟ, ଚେଦି, ବିଦର୍ଭ, ମଗଧ, ଦଶର୍ଣ୍ଣା, ସୁରସେନ ଆଦି ଆମର ଅନେକ ମିତ୍ର ରାଜ୍ୟ ଅଛନ୍ତି ଯେଉଁଠାରେ ଆମେ ଅଜ୍ଞାତ ବାସ କଟାଇ ପାରିବା, କିନ୍ତୁ ଆପଣ ଏହା ଭିତରୁ ଯାହା ନିର୍ଣ୍ଣୟ କରିବେ ତାହା ଆମେ ଗ୍ରହଣ କରିବୁ।ମୋର ବ୍ୟକ୍ତିଗତ ମତ ଅନୁସାରେ ମତ୍ସ୍ୟ ରାଜ୍ୟ ଅଜ୍ଞାତ ବାସ ପାଇଁ ଉପଯୁକ୍ତ ସ୍ଥାନ ହେବ।

ଯୁଧିଷ୍ଠିର କହିଲେ... ତୁମେ ଠିକ୍ କହିଛ ଧନଞ୍ଜୟ, ମତ୍ସ୍ୟ ରାଜ୍ୟର ରାଜା ବିରାଟ ଆମର ପରମ ମିତ୍ର, ଧର୍ମପରାୟଣ, ଏବଂ ଶକ୍ତିଶାଳୀ। ସେ ଦୁର୍ଯ୍ୟୋଧନଙ୍କ ଶକ୍ତି ଆଗରେ ମଥା ନୁଆଁଇବା ବ୍ୟକ୍ତି ନୁହନ୍ତି। ଆମେ ସେହି ରାଜ୍ୟରେ ହିଁ ଅଜ୍ଞାତ ବାସ ବିତାଇବା।

ମତ୍ସ୍ୟ ରାଜ୍ୟରେ ଅଜ୍ଞାତବାସ ବିତାଇବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର ହେବାପରେ ଅର୍ଜୁନ ଯୁଧିଷ୍ଠିରଙ୍କୁ ପଚାରିଲେ... ରାଜା ବିରାଟଙ୍କ ଦରବାରରେ ଆପଣ କେଉଁ ନାମରେ

Source: Author, Digitized by PPRACHIN, SOA

ଏବଂ କେଉଁ କାମରେ ନିଜକୁ ଗୋପ୍ୟ ରଖିବେ ଜ୍ୟେଷ୍ଠଭ୍ରାତ ? ଏକଥା ପଚାରିବା ସମୟରେ ଅର୍ଜୁନଙ୍କ ଆଖି ଛଳଛଳ ହୋଇଗଲା; ଯେଉଁ ଧର୍ମରାଜ ଯୁଧିଷ୍ଠିର ଦିନେ ଇନ୍ଦ୍ରପ୍ରସ୍ଥ ରାଜସିଂହାସନରେ ଚକ୍ରବର୍ତ୍ତୀ ଭାବେ ଆସୀନ ହୋଇ ଲକ୍ଷେ ରାଜାଙ୍କ ମୁକୁଟ ମଣି ସଦୃଶ ପ୍ରତିଭାତ ହେଉଥିଲେ ସେ ପୁଣି ଆଜି ଛଦ୍ମବେଶରେ ରାଜା ବିରାଟଙ୍କ ଦରବାରରେ କର୍ମଚାରୀ ଭାବରେ କାର୍ଯ୍ୟ କରିବେ ! !

ଯୁଧିଷ୍ଠିର କହିଲେ... ବିରାଟଙ୍କ ଦରବାରରେ ପହଞ୍ଚି ମୁଁ କହିବି ମୋ ନାମ 'କଙ୍କପଣ୍ଡା' । ଏକଦା ଇନ୍ଦ୍ରପ୍ରସ୍ଥ ଦରବାର ମୋର କର୍ମଭୂମି ଥିଲା ଏବଂ ପଶାଖେଳରେ ପାରଦର୍ଶିତା ମୋର ସ୍ୱତନ୍ତ୍ର ପରିଚୟ । ଶାସ୍ତ୍ର ଜ୍ଞାନରେ ମୋର ପାରଦର୍ଶିତା ରହିଛି ବୋଲି କହି ବିରାଟଙ୍କ ସଭାରେ ନିଯୁକ୍ତି ପାଇଁ ଅନୁରୋଧ କରିବି । ଏପରି କହିବା ମିଥ୍ୟା ବକ୍ତବ୍ୟରେ ବିବେଚିତ ହେବନାହିଁ, କାରଣ କଙ୍କପଣ୍ଡା ଅର୍ଥ ଛଦ୍ମବେଶୀ ବ୍ରାହ୍ମଣ । ମୋର ଅନ୍ୟ ସବୁ ବକ୍ତବ୍ୟଗୁଡ଼ିକ ମଧ୍ୟ ମିଥ୍ୟା ନୁହେଁ । ତେଣୁ ମୋର ସତ୍ୟବାଦୀତା ଅକ୍ଷୁର୍ଣ୍ଣ ରହିବ ।

କିଛି ନିରବତା ପରେ ଯୁଧିଷ୍ଠିର ଭୀମଙ୍କୁ ପଚାରିଲେ.. ତୁମର ଏ ଭୀମକାୟ ଶରୀରକୁ ତୁମେ କିପରି, କେଉଁଠାରେ ଲୁଚାଇବ ବୃକୋଦର ତଥା ତୁମର ଭୀଷଣ ବୁଭୁକ୍ଷା କିପରି ମେଂଟାଇବ ?

ଭୀମସେନ କହିଲେ... ସେଥିପାଇଁ ବିରାଟ ରାଜାଙ୍କ ପାକଶାଳା ହିଁ ଉପଯୁକ୍ତ ସ୍ଥାନ । ମୋର ଖାଦ୍ୟଲୋଭ ଯୋଗୁଁ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରିବାରେ ମୋର ସ୍ପୃହା ଓ ପାରଦର୍ଶିତା ରହିଛି । ପାକଶାଳାରେ ରହିବାର ଗୋଟିଏ ବଡ଼ ସୁବିଧା ହେଲା ପ୍ରଚୁର ଭୋଜନ ମିଳିବ । ବିରାଟଙ୍କ ପାଖରେ ନିଯୁକ୍ତି ପାଇଁ ଅନୁରୋଧ କରିବା ସମୟରେ ଜଣାଇବି ଯେ ମୋର ମଲ୍ଲଯୁଦ୍ଧରେ ପାରଦର୍ଶିତା ରହିଛି ଏବଂ ମଲ୍ଲମାନଙ୍କ ସହିତ ଲଢ଼େଇ କରି ରାଜାଙ୍କ ମନୋରଞ୍ଜନ କରିପାରିବି । ମୋର ଦୃଢ ବିଶ୍ୱାସ ବିରାଟ ମୋତେ ନିଯୁକ୍ତି ଦେବେ । ମୋ ନାମ ବଲ୍ଲବ ବୋଲି ମୁଁ ବିରାଟଙ୍କୁ ଜଣାଇବି ।

ଯୁଧିଷ୍ଠିରଙ୍କ ଆଖିରେ ପ୍ରଶ୍ନବାଚୀ ଦେଖି ଭୀମସେନ କହିଲେ... ଆପଣ ଭାବୁଛନ୍ତି କି ମଲ୍ଲଯୁଦ୍ଧ ସମୟରେ ମୋ ହାତରେ କେଉଁ ମଲ୍ଲର ଯେବେ ପ୍ରାଣ ଚାଲିଯିବ ଆମେ ଧରାପଡିଯିବା ? ନା ଜ୍ୟେଷ୍ଠ ଭ୍ରାତ, ମୁଁ ମଲ୍ଲଯୁଦ୍ଧରେ କାହାକୁ ଯମପୁରକୁ ପଠାଇବି ନାହିଁ, ନିଶ୍ଚିନ୍ତ ରହନ୍ତୁ ।

ଯୁଧିଷ୍ଠିର ଭୀମଙ୍କ କଥା ଶୁଣି ନହସି ରହିପାରିବେ ନାହିଁ ।

ତା'ପରେ ସେ ଅର୍ଜୁନଙ୍କୁ ପଚାରିଲେ... ସୂର୍ଯ୍ୟଙ୍କ ସମ ତେଜୋଦୀପ୍ତ ମଧ୍ୟମ ପାଣ୍ଡବ, ତୁମେ ବିରାଟ ରାଜ୍ୟରେ କିପରି ନିଜକୁ ଲୁଚାଇ ରଖିବ ?

Source: Author, Digitized by PPRACHIN, SOA

ଧନଞ୍ଜୟ କହିଲେ... ଜ୍ୟେଷ୍ଠ ଭ୍ରାତ, ମୁଁ ଯେତେବେଳେ ସ୍ୱର୍ଗପୁରକୁ ଦିବ୍ୟାସ୍ତ୍ର ପାଇଁ ଯାଇଥିଲି, ସ୍ୱର୍ଗ ଗଣିକା ଉର୍ବଶୀ ମୋ ରୂପରେ ପ୍ରଲୁବ୍ଧ ହୋଇ ମୋତେ ପ୍ରେମ ଭିକ୍ଷା କରିଥିଲେ। ମୁଁ ପ୍ରତ୍ୟାଖ୍ୟାନ କରିବାରୁ କ୍ରୋଧରେ ଉର୍ବଶୀ ମୋତେ ନପୁଂସକ ହେବା ଅଭିଶାପ ଦେଇଥିଲେ। ସେ ଅଭିଶାପର ଅବଧିକୁ ଇନ୍ଦ୍ରଦେବ ଏକ ବର୍ଷକୁ ସଙ୍କୁଚିତ କରି କହିଥିଲେ ଯେ ଅଜ୍ଞାତବାସ ସମୟରେ ଏହି ଅଭିଶାପ ମୋ ପାଇଁ ବରଦାନ ସଦୃଶ ହେବ।ରାଜ ପ୍ରାସାଦରେ ମୁଁ ନିଜକୁ 'ବୃହନ୍ନଳା' ନାମରେ ପରିଚୟ ଦେଇ ରାଜକନ୍ୟା ଉତ୍ତରାଙ୍କର ନୃତ୍ୟଗୁରୁ ଭାବରେ ନିଯୁକ୍ତି ପାଇଁ ଅନୁରୋଧ କରିବି। ମୋର ସ୍ୱର୍ଗ-ରହଣି ସମୟରେ ଗନ୍ଧର୍ବ ଚିତ୍ରସେନ ମୋତେ ଯେଉଁ ନୃତ୍ୟକଳା ଶିକ୍ଷା ଦେଇଥିଲେ ତାହା ଏଠାରେ ସହାୟକ ହେବ। ମୋର କାର୍ଯ୍ୟକ୍ଷେତ୍ର ଅନ୍ତଃପୁର ଭିତରେ ସୀମିତ ରହିବା ଯୋଗୁଁ ମୋର ପରିଚୟ ଗୋପନୀୟ ରହିବ।

ନକୁଳ କହିଲେ... ଅଶ୍ୱପାଳନ ଏବଂ ପ୍ରଶିକ୍ଷଣରେ ମୋର କୁଶଳତା, ବିରାଟ ରାଜାଙ୍କ ଅଶ୍ୱଶାଳାରେ ମୋତେ ନିଯୁକ୍ତି ମିଳିବାରେ ସାହାଯ୍ୟ କରିବ। 'ଗ୍ରନ୍ଥିକ' ନାମ ଧାରଣ କରି ମୁଁ ସେଠାରେ ନିଜକୁ ଗୋପ୍ୟ ରଖିପାରିବି।

ସହଦେବ କହିଲେ... ଗୋପାଳନ ଏବଂ ଗୋ'ସଂରକ୍ଷଣରେ ମୋର କୁଶଳତା ରହିଛି। ବିରାଟ ରାଜାଙ୍କର ବିଶାଳ ଗୋସଂପଦର ରକ୍ଷଣାବେକ୍ଷଣ ପାଇଁ ମୁଁ ରାଜାଙ୍କ ପାଖରେ ଆବେଦନ କରିବି। ସେଠାରେ ନିଯୁକ୍ତି ପାଇବାରେ ମୋ ପାଇଁ କିଛି ଅସୁବିଧା ହେବନାହିଁ ବୋଲି ମୋର ବିଶ୍ୱାସ। 'ତନ୍ତିପାଳ' ନାମ ଧାରଣ କରି ମୁଁ ସେଠାରେ ନିଜକୁ ଗୋପ୍ୟ ରଖିପାରିବି।

ଦ୍ରୌପଦୀଙ୍କ ଆଡ଼କୁ ଚାହିଁ ଯୁଧିଷ୍ଠିରଙ୍କ ଆଖିରେ ଅଶ୍ରୁ ଆସିଗଲା। ଭାବିଲେ... ପାଞ୍ଚାଳର ରାଜକନ୍ୟା କେତେ ଦୁଃଖ ନସହିଲେଣି ସତେ ! କୁରୁସଭାରେ ଅପମାନ, ଦୀର୍ଘ ବାର ବର୍ଷ ଅରଣ୍ୟପ୍ରାନ୍ତରେ ବଳ୍କଳ ବାସରେ ଦାରିଦ୍ର୍ୟ ଯାପନ ! ଆହା ସୁକୁମାରୀ ରାଜକୁମାରୀଙ୍କ ପାଇଁ ବିଧାତା ଆଉ କେତେ ଦୁଃଖ ଲେଖିଛନ୍ତି କିଏ ଜାଣେ ! ଏସବୁ ପାଇଁ ନିଜକୁ ଦାୟୀ କରି ମନଦୁଃଖରେ ବସିଗଲେ ଯୁଧିଷ୍ଠିର। ଶ୍ରେଷ୍ଠ ସୌନ୍ଦର୍ଯ୍ୟର ମୂର୍ତ୍ତିମୟୀ ପ୍ରତିମା, ରାଜକୀୟ ସମ୍ଭ୍ରାନ୍ତ ବ୍ୟବହାରରେ ଅନନ୍ୟା, ଜଗତ ଲକ୍ଷ୍ମୀଙ୍କ ଲୀଳା କମଳ ସଦୃଶା ଯାଜ୍ଞସେନୀ, ଅନ୍ୟ ନାରୀମାନଙ୍କଠାରୁ ସହଜରେ ବାରି ହୋଇଯିବେ। କେଉଁ ଠାରେ ଅବା ଲୁଚି ରହି ପାରିବେ ସେ !

ଯୁଧିଷ୍ଠିରଙ୍କ ମନକଥା ଜାଣିପାରି ଦ୍ରୌପଦୀ କହିଲେ... ମୋ ପାଇଁ କିଛି ଚିନ୍ତା କରନ୍ତୁ ନାହିଁ ଧର୍ମରାଜ, ମୁଁ ବିରାଟ ରାଜାଙ୍କ ଅନ୍ତଃପୁରରେ ରାଣୀ ସୁଦେଷ୍ଣାଙ୍କ ପ୍ରସାଧନ

Source: Author, Digitized by PPRACHIN, SOA

କାର୍ଯ୍ୟରେ ନିଯୁକ୍ତିପାଇଁ ଆବେଦନ କରିବି। ମୁଁ ରାଣୀ ଦ୍ରୌପଦୀଙ୍କ ସେବାରେ ଥିଲି ବୋଲି ଜାଣିଲେ ସୁଦେଷ୍ଣା ମୋତେ ନିଶ୍ଚୟ ନିଯୁକ୍ତି ଦେବେ। ସେଠାରେ ମୋ ନାମ ରହିବ 'ସୈରିନ୍ଧ୍ରୀ'।

କର୍ମ ଅନୁସାରେ ନିଜ ନିଜର ବେଶ ଧାରଣ କରି ପାଣ୍ଡବମାନେ ଯେତେବେଳେ ଅଜ୍ଞାତବାସ ପାଇଁ ବିରାଟ ନଗର ଅଭିମୁଖେ ବାହାରିଲେ ସେ ସମୟରେ ଏହି ନିଷ୍ପତ୍ତିର ସାକ୍ଷୀ ଥିଲେ କେବଳ ମହର୍ଷି ଧୌମ୍ୟ। ସେମାନଙ୍କୁ ଆଶୀର୍ବାଦ ଦେଇ ମହର୍ଷି କହିଲେ... ପୁତ୍ରଗଣ ! ତୁମେମାନେ ରାଜପ୍ରାସାଦରେ କର୍ମଚାରୀ ହେବାପାଇଁ ଯାଉଛ, ମନେ ରଖିଥିବ, ରାଜାଙ୍କ ପାଖରେ ସେବା କରିବା ଖଣ୍ଡା ଧାରରେ ଚାଲିବା ସହିତ ସମାନ। ରାଜା ଜ୍ୱଳନ୍ତ ଅଗ୍ନି ସହିତ ସମାନ; ଅଗ୍ନି ଆମର ଯେତେ ଉପକାରୀ ହେଲେ ମଧ୍ୟ ଏବଂ ଯେତେ ନିକଟରେ ଥିଲେ ମଧ୍ୟ ତାକୁ ଛୁଇଁଲେ ହାତ ପୋଡିଯିବା ସ୍ୱାଭାବିକ।

ରାଜକର୍ମଚାରୀ ସବୁବେଳେ ଜଗିରଖି ଚଳିବା ଉଚିତ।ରାଜ କର୍ମଚାରୀ 'ବଡବୋଲା' ବା ଭଡଭଡିଆ ହେବା ଅନୁଚିତ। ଆବଶ୍ୟକ ସମୟରେ ଉପଦେଶ ଦେବା ଉଚିତ, ସବୁବେଳେ ନୁହେଁ। ଯେତେବେଳେ ରାଜା ପ୍ରଶଂସାର ଯୋଗ୍ୟ, ତାଙ୍କୁ ପ୍ରଶଂସା କରିବା ଉଚିତ। ରାଜାଙ୍କ ଅତି ନିକଟତର ହେବାକୁ ଚେଷ୍ଟା କରିବା ଉଚିତ ନୁହେଁ କିମ୍ବା ଦେଖି ଅଣଦେଖା କରିବା ଉଚିତ ନୁହେଁ। ରାଜାଙ୍କର ଯେତେ ବିଶ୍ୱସ୍ତ ହେଲେ ମଧ୍ୟ ଚିନ୍ତା କରିବା ଉଚିତ ଯେ କାର୍ଯ୍ୟରୁ ବିତାଡିତ ହେବାର ଖଡ୍ଗ ସବୁବେଳେ ମୁଣ୍ଡ ଉପରେ ଝୁଲୁଛି। ଯେତେ ବିଶ୍ୱସ୍ତ ହେଲେ ମଧ୍ୟ ରାଜାଙ୍କ ଆସନରେ, ବାହନରେ କିମ୍ବା ରଥରେ କେବେ ବସିବାକୁ ଚେଷ୍ଟା କରିବନାହିଁ।

ରାଜକର୍ମଚାରୀ ସବୁବେଳେ ଆତ୍ମସଂଯମୀ ହେବା ଉଚିତ; ପୁରସ୍କାର ପାଇଲେ ଅତି ଆନନ୍ଦିତ ହେବା ଉଚିତ ନୁହେଁ କିମ୍ବା ତିରସ୍କାର ପାଇଲେ ମ୍ରିୟମାଣ ହେବା ଉଚିତ ନୁହେଁ।ରାଜାଙ୍କର କୌଣସି ଗୁପ୍ତ କଥା, ନିଜ ସ୍ତ୍ରୀ ଆଗରେ ମଧ୍ୟ କର୍ମଚାରୀ ପ୍ରକାଶ କରିବା ଉଚିତ ନୁହେଁ। ରାଜକର୍ମଚାରୀ ପ୍ରଜାମାନଙ୍କ ଠାରୁ କିଛି ପୁରସ୍କାର, ରାଜାଙ୍କ ଅଜ୍ଞାତରେ ଗ୍ରହଣ କରିବା ଅନୁଚିତ। ଅନ୍ୟ ରାଜକର୍ମଚାରୀଙ୍କ ପ୍ରତି ଈର୍ଷାନ୍ୱିତ ହେବା ଉଚିତ ନୁହେଁ। ରାଜା ବୋକା ଓ ଅପଗଣ୍ଡମାନଙ୍କୁ ଉଚ୍ଚ ପଦରେ ବସାଇ ଥିଲେ ମଧ୍ୟ, ରାଜାଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ସେମାନଙ୍କ ପଦବୀକୁ ଅସମ୍ମାନ ଦେଖାଇବା ଅନୁଚିତ।

ଧୌମ୍ୟଙ୍କ ଉପଦେଶ ଓ ଆଶୀର୍ବାଦ ଗ୍ରହଣ କରି ପାଣ୍ଡବମାନେ ଅଜ୍ଞାତବାସ କଟାଇବା ପାଇଁ ମତ୍ସ୍ୟଦେଶ ଅଭିମୁଖେ ଯାତ୍ରା କଲେ।

-୦-

Source: Author, Digitized by PPRACHIN, SOA

(୬୭)

କୀଚକ ପାପୀର ଦାରୁଣ ମୃତ୍ୟୁ

'କୀଚକ'ର ଆଭିଧାନିକ ଅର୍ଥ ହେଉଛି 'ପୋଲା ବାଉଁଶ'। କିନ୍ତୁ ରାଜା ବିରାଟଙ୍କ ଶାଳକ କୀଚକ ପୋଲା ବାଉଁଶ ନଥିଲା। ମଲ୍ଲ ଯୁଦ୍ଧରେ ସେ ସମୟରେ ଭାରତଖଣ୍ଡରେ ତିନିଜଣ ଶ୍ରେଷ୍ଠ ଯୋଦ୍ଧାଙ୍କ ଭିତରେ ତା'ର ଗଣତି ଥିଲା; ପ୍ରଥମ ଥିଲେ ଶ୍ରୀକୃଷ୍ଣଙ୍କ ଭାଇ ବଳରାମ, ଦ୍ୱିତୀୟ ଭୀମସେନ ଏବଂ ତୃତୀୟ କୀଚକ। ବିରାଟ ଥିଲେ ନାମକୁ ମାତ୍ର ରାଜା; କୀଚକ ସର୍ବେସର୍ବା। ଲୋକେ କହୁଥିଲେ 'କୀଚକ ବାହୁବଳେ ବିରାଟ ରାଜା'। ଅତ୍ୟନ୍ତ ଗର୍ବୀ, ଅହଂକାରୀ ଓ ସ୍ୱେଚ୍ଛାଚାରୀ ଥିଲା ରାଣୀ ସୁଦେଷ୍ଣାଙ୍କର ଏହି ଭାଇ। ରାଣୀଙ୍କ ଉପ୍ରୋଧରେ ଶାଳକଙ୍କୁ କିଛି କହି ପାରୁ ନଥିଲେ ରାଜା ବିରାଟ, ବରଂ ଭୟଭୀତ ହୋଇ ରହୁଥିଲେ।

ଆଶ୍ଚର୍ଯ୍ୟ କଥା, ପାଣ୍ଡବ ପାଞ୍ଚଭାଇ ଏବଂ ଦ୍ରୌପଦୀଙ୍କ ଛଦ୍ମ ବେଶରେ ରାଜପ୍ରାସାଦରେ ପ୍ରବେଶ କୀଚକର ସନ୍ଦେହବଳୟ ଭିତରକୁ ଆସିନଥିଲା। ପାଣ୍ଡବ ପରିବାର ଏଭଳି ସନ୍ତର୍ପଣରେ ବିରାଟଙ୍କ ପ୍ରାସାଦ ଭିତରେ ନିଜ ନିଜର ଆସ୍ଥାନ ଜମେଇଥିଲେ ଯେ କାହାର ମଧ୍ୟ ସନ୍ଦେହ ହେଲାନାହିଁ ସେମାନେ ସେଠାରେ ଅଜ୍ଞାତବାସ ଅତିବାହିତ କରୁଛନ୍ତି। ଯୁଧିଷ୍ଠିର, ପଶାଖେଳ ଏବଂ ଶାସ୍ତ୍ର ଆଲୋଚନାରେ ବିରାଟଙ୍କ ମନ ବାନ୍ଧି ରଖିଥିଲେ। ଭୀମସେନଙ୍କ ସୁସ୍ୱାଦୁ ଖାଦ୍ୟ ରାଜଅବରୋଧରେ ଚର୍ଚ୍ଚାର ବିଷୟ ହୋଇପଡ଼ିଥିଲା। ଅର୍ଜୁନ ତୃତୀୟଲିଙ୍ଗୀ ଅବତାରରେ ରାଜକନ୍ୟା ଉତ୍ତରାଙ୍କୁ ଏପରି କୁଶଳ ନୃତ୍ୟଶିକ୍ଷା ଦେଉଥିଲେ ଯେ ରାଜପରିବାର ସମସ୍ତେ ତାଙ୍କ ଉପରେ ଅତ୍ୟନ୍ତ ଆନନ୍ଦିତ ଥିଲେ। ନକୁଳ ଏବଂ ସହଦେବ ନିଜ ନିଜର କର୍ମ କୁଶଳତାରେ ବିରାଟଙ୍କ ଗୋଧନ ଏବଂ ଅଶ୍ୱଶାଳାର ପ୍ରଭୂତ ଉନ୍ନତି ସାଧନ କରିଥିଲେ। ଦ୍ରୌପଦୀ ସୈରିନ୍ଧ୍ରୀ ରୂପରେ ରାଣୀ ସୁଦେଷ୍ଣାଙ୍କ ସେବା କରି ତାଙ୍କ ମନ କିଣି ନେଇଥିଲେ।

ଛଦ୍ମବେଶରେ ପାଣ୍ଡବ ଭାଇମାନେ ସଫଳତାର ସହିତ ନିଜକୁ ଲୁଚାଇ ପାରିଥିଲେ। କିନ୍ତୁ ଦ୍ରୌପଦୀଙ୍କ ସୌନ୍ଦର୍ଯ୍ୟ ଲୁଚୁଛି କେଉଁଠି ? ମଲ୍ଲୀ ଚହଟିଲେ ତା'ର ବାସ୍ନାକୁ କଣ ବାନ୍ଧି ରଖିହେବ ? ରାଣୀ ଅନ୍ତଃପୁରରେ ଲୁଚି ଲୁଚି ରହିଲେ ମଧ୍ୟ ତାଙ୍କ ରୂପର ଝଲକ କୀଚକର ଆଖିରେ ଥରେ ପଡ଼ିବା ପରେ କୀଚକ କାମାନ୍ଧ ପାଲଟି ଗଲା।

ପ୍ରକୃତିକବି ଗଙ୍ଗାଧର ମେହେର 'କୀଚକ ବଧ' କାବ୍ୟରେ ଲେଖିଛନ୍ତି କାମାନ୍ଧ

Source: Author, Digitized by PPRACHIN, SOA

କୀଚକ ରାଣୀ ଅନ୍ତଃପୁରର, ଚପଳା ନାମକ ଗୋଟିଏ ଦାସୀକୁ ବୋଇଲା 'ଆଲୋ ଚପଳେ/ ମୋ ତପ୍ତ ତନୁରେ ଶୀତଳ ଚନ୍ଦନ ବୋଳିପାରିବୁ କି ପଳେ' ?

ରାଣୀଙ୍କ ଭାଇଙ୍କ ମୁଖରୁ ଏହା ଶୁଣି ଚପଳା କହିଲା... ପଳେ ଚନ୍ଦନ କାହିଁକି, କହିଲେ ମୁଁ ଆପଣଙ୍କ ତନୁରେ ଶହେ ପଳ ଚନ୍ଦନ ବୋଳି ପାରିବି।

କୀଚକ କହିଲା... ମୋର ସେ ଚନ୍ଦନ ଆବଶ୍ୟକ ନାହିଁ। ସୈରିନ୍ଧ୍ରୀର ପ୍ରୀତି ଚନ୍ଦନରୁ ମୋର ପଳେମାତ୍ର ଆବଶ୍ୟକ। କାମାନଳରେ ଦଗ୍ଧ ମୋ ତନୁକୁ ଶୀତଳ କରିବା ପାଇଁ ସେହି ପ୍ରୀତି ଚନ୍ଦନରୁ ପଳେମାତ୍ର ଦେବାପାଇଁ ବ୍ୟବସ୍ଥା କର ଚପଳା।

ଚପଳା ଜିଭ କାମୁଡି କହିଲା... ସେ କଥା କୁହନ୍ତୁ ନାହିଁ ବୀରପୁଙ୍ଗବ, ସେ ଅତ୍ୟନ୍ତ ସାଧ୍ୱୀ ନାରୀ। ସେ କଦାପି ଆପଣଙ୍କ ପ୍ରେମ ଜାଲରେ ପଡିବ ନାହିଁ।

କୀଚକ ଚପଳାକୁ ଧନଦ୍ରବ୍ୟର ପ୍ରଲୋଭନ ଦେଖାଇବାରୁ ସେ ପ୍ରୟାସ କରିବା ପ୍ରତିଶ୍ରୁତି ଦେଇ ଚାଲିଗଲା। ଚପଳା, ରାଣୀ ସୁଦେଷ୍ଣାଙ୍କୁ ଭାଇ କୀଚକର ସୈରିନ୍ଧ୍ରୀ-ରମଣ ଅଭିଳାଷା ଜଣାଇବାରୁ ସେ କାନରେ ହାତଦେଇ କହିଲେ... ଏହା ଅସମ୍ଭବ କଥା, ସେ ବିବାହିତା ନାରୀ। ଏ ପାପ ଚିନ୍ତାରୁ ନିବୃତ୍ତ ହେବାପାଇଁ ଭାଇକୁ ମୋର କହିବୁ ଚପଳା।

ସୈରିନ୍ଧ୍ରୀଙ୍କ ଆଗରେ, ଚପଳା କୀଚକର ମନକଥା ଜଣାଇବାରୁ କ୍ରୋଧରେ ଆରକ୍ତ ହେଲା ପାଞ୍ଚାଳୀଙ୍କ ମୁଖମଣ୍ଡଳ। କହିଲେ... ଏଭଳି ପ୍ରସ୍ତାବ ଦେବାକୁ ତୋର ସାହସ କିପରି ହେଲା ଚପଳା। ଶୀଘ୍ର ଯାଇ ସେ ଲମ୍ପଟ କୀଚକକୁ କହିବୁ ମୁଁ ଅସହାୟା ନୁହେଁ; ମୋର ପ୍ରବଳ ପ୍ରତାପୀ ପାଞ୍ଚଜଣ ଗନ୍ଧର୍ବ ପତି ଅଛନ୍ତି। ଯେଉଁଦିନ ମୋ ପ୍ରତି କେହି କୁଦୃଷ୍ଟି ପାତ କରିବ ସେହି ଦିନ ତାର ଏ ପୃଥିବୀରେ ଶେଷ ଦିନ ହେବ।

କୀଚକ ସମୀପରେ ଚପଳା ଏହି ବାର୍ତ୍ତା ପହଞ୍ଚାଇବା ପରେ ଅଟ୍ଟହାସ କରି କୀଚକ କହିଲା... ଗନ୍ଧର୍ବ ଶବ୍ଦର ଅନ୍ୟ ଏକ ଅର୍ଥ ହେଉଛି 'ମୃଗ'। ତାର ଯଦି ଗନ୍ଧର୍ବ ପାଞ୍ଚ ପତି ଅଛନ୍ତି ସେମାନଙ୍କୁ ଗନ୍ଧର୍ବ (ମୃଗ)ପରି ମୋ ଧନୁର୍ବାଣ ବଧ କରିବ।

ଦ୍ରୌପଦୀଙ୍କୁ ବାରମ୍ବାର ପ୍ରେମ ଭିକ୍ଷା କରି କୀଚକ ଅସଫଳ ହେବା ପରେ ତାର ଜିଦ୍ ବଢିଗଲା। ରାଣୀ ଅନ୍ତଃପୁରରେ ପହଞ୍ଚି ଭଉଣୀ ସୁଦେଷ୍ଣାଙ୍କୁ ନିଜର ମନକଥା କହିଲା କୀଚକ। ସୁଦେଷ୍ଣା ଭାଇକୁ ଏଭଳି କାର୍ଯ୍ୟରୁ ନିବୃତ୍ତ କଲେ। କୀଚକ କହିଲା... ସୈରିନ୍ଧ୍ରୀ ବିନା ମୁଁ ବଞ୍ଚି ପାରିବି ନାହିଁ। ତାକୁ କୌଣସି ପ୍ରକାରେ ମୋ ପାଖକୁ ପଠାଇବା ପାଇଁ ବ୍ୟବସ୍ଥା କର, ନହେଲେ ମୁଁ ଆତ୍ମହତ୍ୟା କରିବି।

ଏବେ ରାଣୀଙ୍କ ପାଇଁ ଘୋର ସଙ୍କଟ। ସୈରିନ୍ଧ୍ରୀକୁ ଭାଇର କାମ ବାସନା ଚରିତାର୍ଥ ପାଇଁ ନପଠାଇଲେ ଭାଇ ଆତ୍ମହତ୍ୟା କରିବ, ଏଣେ ସୈରିନ୍ଧ୍ରୀ ନାରାଜ। ଅନନ୍ୟୋପାୟ

Source: Author, Digitized by PPRACHIN, SOA

ହୋଇ ସୁଦେଷ୍ଣା ଗୋଟିଏ 'ଚଷକ' ପାତ୍ର (ମଦ୍ୟ) ସୈରିନ୍ଧ୍ରୀ ହାତରେ ଧରାଇ କହିଲେ... ଯାଅ ସୈରିନ୍ଧ୍ରୀ ମୋ ଭାଇ ପାଖରେ ଏହି ଚଷକ ପାତ୍ରଟି ପହଞ୍ଚାଇ ଦିଅ।

ସୈରିନ୍ଧ୍ରୀ କହିଲେ... ମୋ ଉପରେ ଦୟା କରନ୍ତୁ, ଆପଣଙ୍କ ଭାଇଙ୍କ ପାଖକୁ ମୋତେ ପଠାନ୍ତୁ ନାହିଁ, ତାଙ୍କର ମୋ ଉପରେ ପାପ ଦୃଷ୍ଟି ରହିଛି; ଚପଳା ମାଧ୍ୟମରେ ମୋତେ ଡକାଇ ନିଜର କାମ ପୀପାସା ଚରିତାର୍ଥ କରିବାକୁ ଚାହୁଁଥିଲେ। ମୋର ଗନ୍ଧର୍ବ ପତିମାନେ ଏକଥା ଜାଣିପାରିଲେ ତାଙ୍କ ପାଇଁ ବିପଦ ସୁନିଶ୍ଚିତ।

ସୁଦେଷ୍ଣା ବିରକ୍ତ ହୋଇ କହିଲେ... ବର୍ତ୍ତମାନ ଏଠାରେ ଅନ୍ୟ କୌଣସି ଦାସୀ ନାହାନ୍ତି, କାହାକୁ ପଠାଇବି ? ମୋର ଦାସୀ ଭାବରେ ତୁମକୁ କର୍ତ୍ତବ୍ୟ ପାଳନ କରିବାକୁ ହେବ।

ସୈରିନ୍ଧ୍ରୀ ବାଧ୍ୟହୋଇ ଚଷକ ପାତ୍ରଟି ଧରି କୀଚକ ଭବନରେ ପହଞ୍ଚିଲେ। ଭୟରେ ହାତ ପାଦ ଥରୁଥାଏ। ସେ କୀଚକ ଭବନରେ ପହଞ୍ଚିବା ପରେ ତ୍ରସ୍ତା ହରିଣୀ ଉପରକୁ ମହାବଳ ଲମ୍ଫ ଦେଲାଭଳି ତାଙ୍କ ଉପରକୁ କୀଚକ ମାଡି ଆସିଲା। ଭୟରେ ଚଷକ ପାତ୍ରଟି ଫିଙ୍ଗିଦେଇ ସୈରିନ୍ଧ୍ରୀ ଦଉଡିବା ଆରମ୍ଭ କଲେ। ଅଳିନ୍ଦ ପରେ ଅଳିନ୍ଦ, ସୋପାନ ଶ୍ରେଣୀ ପରେ ସୋପାନ ଶ୍ରେଣୀ; ସୈରିନ୍ଧ୍ରୀ ଦଉଡୁଥାନ୍ତି, ମୁହଁରେ ଥାଏ କୃଷ୍ଣ ନାମ... ମୋ ଲାଜ ରକ୍ଷାକର କେଶବ, ଏ ଦୁରାତ୍ମାର କବଳରୁ ମୋତେ ରକ୍ଷାକର।

କୀଚକ ତାଙ୍କୁ ଧରିନେବା ପୂର୍ବରୁ ରାଜସଭା ଭିତରେ ପ୍ରବେଶ କରି ସାରିଥିଲେ ସୈରିନ୍ଧ୍ରୀ। ଗହ ଗହ କମ୍ପୁଛି ପୂର୍ଣ୍ଣ ରାଜସଭା। ଉପସ୍ଥିତ ଅଛନ୍ତି ଜ୍ଞାନୀ ଗୁଣୀ ପଣ୍ଡିତମାନଙ୍କ ସହିତ କଙ୍କପଣ୍ଡା (ଯୁଧିଷ୍ଠିର) ମଧ୍ୟ। ରାଜସଭାରେ ସୈରିନ୍ଧ୍ରୀ କୀଚକର ପାପକର୍ମର ଅଭିଯୋଗ କରି ନ୍ୟାୟ ମାଗିଲେ। କୀଚକ ସେଠାରେ ପହଞ୍ଚି ସୈରିନ୍ଧ୍ରୀଙ୍କୁ ଅପଶବ୍ଦ ପ୍ରୟୋଗକରି, ପାଦରେ ପ୍ରହାର କରି କହିଲା... ଏପରି ଅଭିଯୋଗର କିଛି ମୂଲ୍ୟ ନାହିଁ। ଏହି ରାଜ୍ୟରେ ମୁଁ ହିଁ ସର୍ବେସର୍ବା। କୀଚକ ହିଁ ତୋତେ କୀଚକ ହାତରୁ ରକ୍ଷା କରିପାରିବ। ତୋର ପାଞ୍ଚଜଣ ଗନ୍ଧର୍ବ ପତି ଅଛନ୍ତି ପରା ? ସେମାନଙ୍କୁ ଗୋଟି ଗୋଟି କରି ମୁଁ ହତ୍ୟାକରିବି; ଦେଖିବି କିଏ ତୋର ସହାୟତା କରିବ।

ଅଶ୍ରୁଳ ନେତ୍ରରେ ଆକୁଳ କଣ୍ଠରେ ସୈରିନ୍ଧ୍ରୀ କହିଲେ... ହେ ଧର୍ମ ଅବତାର, ମୋ ଗୁହାରିର ନିଷ୍ପତ୍ତି କରନ୍ତୁ।

ବାସ୍ତବରେ ଏହା ଦ୍ୱୈର୍ଥବୋଧକ ସମ୍ବୋଧନ ଥିଲା। ଏକ ସମୟରେ ସେ ରାଜା ବିରାଟ ଏବଂ ଧର୍ମ ଅବତାର ଯୁଧିଷ୍ଠିରଙ୍କୁ ସମ୍ବୋଧନ କରି ନିଷ୍ପତ୍ତି ଜାଣିବାକୁ ଚାହୁଁଥିଲେ। କୀଚକ ଭୟରେ ବିରାଟ ମୌନ ରହିଲେ। କିନ୍ତୁ କଙ୍କପଣ୍ଡା ରୂପୀ ଯୁଧିଷ୍ଠିର କହିଲେ...

Source: Author, Digitized by PPRACHIN, SOA

ଦ୍ୱିତୀୟ ପତିଙ୍କୁ ଭଜ, ଏ ଆମ୍ଭ ବିଚାର।

ସମସ୍ତେ ବୁଝିଲେ ଯେ ଦ୍ୱିତୀୟ ସ୍ୱାମୀ ଅର୍ଥାତ୍ କୀଚକକୁ ଗ୍ରହଣ କରିବାକୁ କଙ୍କ କହୁଛନ୍ତି; ସୈରିନ୍ଧ୍ରୀ ବୁଝିଲେ କଙ୍କ (ଯୁଧିଷ୍ଠିର) ତାଙ୍କୁ ଦ୍ୱିତୀୟ ସ୍ୱାମୀ ଅର୍ଥାତ୍ ଭୀମସେନଙ୍କ ପାଖକୁ ଯିବାପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଗଙ୍ଗାଧର ମେହେର ଲେଖିଛନ୍ତି... କୃତ୍ରିମ ବିଷାଦ ତହିଁ କରି ପ୍ରଦର୍ଶନ / ଲେଉଟିଲେ ଯାଜ୍ଞସେନୀ ନିଜ ନିକେତନ।

ନିଶାର୍ଦ୍ଧରେ ଭୀମସେନଙ୍କ ପାଖରେ ପହଞ୍ଚି ଦ୍ରୌପଦୀ କୀଚକର ତାଙ୍କ ପ୍ରତି ପାପ ଦୃଷ୍ଟି କଥା ବର୍ଣ୍ଣନା କଲେ, ତା' ସଙ୍ଗେ ସଙ୍ଗେ ଯୁଧିଷ୍ଠିରଙ୍କର ଭୀମଙ୍କ ପ୍ରତି ସାଙ୍କେତିକ ନିର୍ଦ୍ଦେଶ ମଧ୍ୟ ଜଣାଇଲେ।

ସେତେବେଳକୁ ଅଜ୍ଞାତବାସ ଶେଷ ହେବାକୁ ଆଉ ମାତ୍ର ଏକମାସ ବାକି ଥାଏ। କୌରବମାନେ ଖୋଜି ବୁଲୁଛନ୍ତି ପାଣ୍ଡବଙ୍କୁ ଠାବକରି ଆଉ ବାରବର୍ଷ ବନବାସରେ ପଠାଇବା ପାଇଁ। ତେଣୁ କାର୍ଯ୍ୟ ସନ୍ତର୍ପଣରେ କରିବାକୁ ହେବ। ଦ୍ରୌପଦୀଙ୍କ ସହିତ ଆଲୋଚନା କରି ଭୀମ କୀଚକ ମୃତ୍ୟୁର ଯୋଜନା ପ୍ରସ୍ତୁତ କଲେ। ଯୋଜନା ଅନୁସାରେ ଯାଜ୍ଞସେନୀ କୀଚକ କଥାରେ ସମ୍ମତ ହୋଇ ପାପ ପ୍ରଣୟ ପାଇଁ ତାକୁ ନଗର ଶେଷରେ ଥିବା ରଙ୍ଗଶାଳାକୁ ରାତ୍ରିରେ ନିମନ୍ତ୍ରଣ କରିବେ। କୀଚକ ସେଠାରେ ପହଞ୍ଚିବା ବେଳକୁ ରଙ୍ଗଶାଳାରେ ଭୀମ ଶୟନ କରିଥିବେ। କୀଚକ ସହିତ ମଲ୍ଲଯୁଦ୍ଧ କରି ରାତିର ଅନ୍ଧକାର ଭିତରେ ଭୀମ କୀଚକକୁ ହତ୍ୟା କରିବେ। ସୈରିନ୍ଧ୍ରୀ ପରଦିନ ପ୍ରଚାର କରିବେ ଯେ ତାଙ୍କ ଗନ୍ଧର୍ବ ପତିମାନେ, ପାପାସକ୍ତ କୀଚକକୁ ବଧ କରିଛନ୍ତି।

ସୈରିନ୍ଧ୍ରୀ ଫେରିଯାଇ କୀଚକକୁ ପାପ ପ୍ରୀତି ପାଇଁ ସମ୍ମତି ଦେଇ କହିଲେ... ବୀର ପୁଙ୍ଗବ! ତୁମେ ଏ ରାଜ୍ୟର ସର୍ବେସର୍ବା। ତୁମକୁ ଆଶ୍ରା କରିବା ବ୍ୟତୀତ ମୋର ଅନ୍ୟ ଉପାୟ ନାହିଁ। କିନ୍ତୁ ଆମର ପାପ ପ୍ରଣୟ ମୋ ଗନ୍ଧର୍ବ ପତିମାନେ ଜାଣିଲେ ମୋ' ପ୍ରତି ବିପଦ ମାଡି ଆସିବ। ତେଣୁ ଗୁପ୍ତରେ ନଗର ଉପାନ୍ତରେ ଥିବା ରଙ୍ଗଶାଳାରେ କାଲି ନିଶାର୍ଦ୍ଧରେ ମୁଁ ତୁମପାଇଁ ଅପେକ୍ଷା କରିଥିବି। ତୁମେ ସେଠାରେ ପହଞ୍ଚିଲେ ମୁଁ ତୁମକୁ ସୁରତି ପ୍ରଦାନ କରି ତୁମ ଇଚ୍ଛା ପୂର୍ଣ୍ଣ କରିବି।

କୀଚକର ଆନନ୍ଦର ସୀମା ରହିଲା ନାହିଁ। ସୈରିନ୍ଧ୍ରୀଙ୍କ ଯୋଜନା ଅନୁସାରେ ପରଦିନ ରାତିରେ ରଙ୍ଗ ମଣ୍ଡପରେ ନିଶାର୍ଦ୍ଧରେ କୀଚକ ପହଞ୍ଚିଲା। ରଙ୍ଗଶାଳା ଭିତରେ ବସନ ଘୋଡ଼େଇ ହୋଇ ଶୟନ କରିଥିବା ଭୀମଙ୍କୁ ସୈରିନ୍ଧ୍ରୀ ମନେକରି କୀଚକ ଆଲିଙ୍ଗନ କରନ୍ତେ ଭୀମଙ୍କ ବଜ୍ର ମୁଷ୍ଟିରେ ତଳେ ପଡ଼ିଲା।

ପ୍ରବଳ ମଲ୍ଲଯୁଦ୍ଧରେ ମାତିଗଲେ ଦୁଇ ବୀର। କୀଚକ ପ୍ରବଳ ବଳଶାଳୀ ଥିଲା।

Source: Author, Digitized by PPRACHIN, SOA

କୀଚକକୁ ପରାସ୍ତ କରିବା ଏତେ ସହଜ କାମ ନଥିଲା ଭୀମଙ୍କ ପାଇଁ। କିନ୍ତୁ ଶେଷରେ ଭୀମଙ୍କର ହିଁ ବିଜୟ ହେଲା। କୀଚକକୁ ବଧ କରି ତାର ଗୋଡହାତକୁ ମୋଡ଼ି ଭାଙ୍ଗି ଶରୀରକୁ ଏକ ମାଂସପିଣ୍ଡୁଳାରେ ପରିଣତ କରିଦେଲେ ଭୀମସେନ।

ପ୍ରାସାଦକୁ ଫେରି ଉତ୍କଣ୍ଠା ସହିତ ଅପେକ୍ଷା କରିଥିବା ଦ୍ରୌପଦୀଙ୍କୁ ସୁସମ୍ବାଦ ଦେଲେ ଦ୍ୱିତୀୟ ପାଣ୍ଡବ। ତତ୍ପରେ ସ୍ନାନ ଶେଷ କରି ଆକଣ୍ଠ ଭୋଜନ କରି, ପାକଶାଳାରେ ତୃପ୍ତିର ନିଦରେ ହଜିଗଲେ ମହାବଳୀ।

ପରଦିନ କୀଚକର ମୃତ୍ୟୁ ସମ୍ବାଦ ବନଅଗ୍ନି ପରି ରାଜ୍ୟରେ ବ୍ୟାପିଗଲା। ସମସ୍ତେ ଜାଣିଲେ ଯେ ସୈରିନ୍ଧ୍ରୀର ଗନ୍ଧର୍ବ ପତିମାନେ କୀଚକକୁ ବଧ କରିଛନ୍ତି।

-୦-

(୬୮)

ଋଣ ପରିଶୋଧ

ଛଦ୍ମବେଶୀ ଭୀମଙ୍କ ହାତରେ କୀଚକର ମୃତ୍ୟୁ ମତ୍ସ୍ୟ ଦେଶବାସୀଙ୍କ ହୃଦୟରେ ଭୀଷଣ ଭୟ ସୃଷ୍ଟି କଲା। ଯେ'କୌଣସି ପୁରୁଷ ହୃଦୟରେ ସ୍ପନ୍ଦନ ସୃଷ୍ଟି କରିବା ଭଳି ଅପରୂପା ସୁନ୍ଦରୀ ଥିଲେ ସୈରିନ୍ଧ୍ରୀ; ଦ୍ୱିତୀୟରେ ପାଞ୍ଚଜଣ ଗନ୍ଧର୍ବ ପତିଙ୍କ ଦ୍ୱାରା ସେ ସୁରକ୍ଷିତା। ତାଙ୍କ ପ୍ରତି ପ୍ରଲୁବ୍ଧ ହେଲେ କୌଣସି ସମୟରେ କାହାର ମଧ୍ୟ ଭାଗ୍ୟ କୀଚକ ଭଳି ହେବା ଅସମ୍ଭବ ନୁହେଁ। ସେ ମତ୍ସ୍ୟ ଦେଶରେ ରହିବା ଅର୍ଥ ଅଣ୍ଟିରେ ନିଆଁ ସାଇତି ରଖିବା ସହିତ ସମାନ। ତେଣୁ ନଗରବାସୀମାନେ ରାଣୀ ସୁଦେଷ୍ଣାଙ୍କ ପାଖରେ ପହଞ୍ଚି ଅନୁରୋଧ କଲେ ସୈରିନ୍ଧ୍ରୀଙ୍କୁ ରାଜ୍ୟରୁ ବିତାଡିତ କରିବା ପାଇଁ।

ସୁଦେଷ୍ଣା ସୈରିନ୍ଧ୍ରୀଙ୍କୁ କହିଲେ... ଏଥିରେ ସନ୍ଦେହ ନାହିଁ ଯେ ତୁମେ ସତୀ, ସାଧ୍ୱୀ ଏବଂ ଧର୍ମପରାୟଣା, କିନ୍ତୁ ମତ୍ସ୍ୟ ଦେଶରେ ତୁମର ରହଣି, ଉଭୟ ରାଜ୍ୟ ଏବଂ ରାଜପରିବାର ପାଇଁ ବିପଦପୂର୍ଣ୍ଣ, କାରଣ ତୁମର ଗନ୍ଧର୍ବ ପତିମାନେ ଆମକୁ ଶାନ୍ତିରେ ରହିବାକୁ ଦେବେ ନାହିଁ; ତୁମେ ଯଥାଶୀଘ୍ର ଏ ରାଜ୍ୟ ତ୍ୟାଗକରି ଚାଲିଯାଅ।

ସେତେବେଳକୁ ଅଜ୍ଞାତବାସ ଶେଷ ହେବାପାଇଁ ଆଉ ମାତ୍ର ଏକମାସ ସମୟ ବାକିଥିଲା। ସୈରିନ୍ଧ୍ରୀ କହିଲେ... ମୋତେ ଆଉ ଗୋଟିଏ ମାସ ସମୟ ଦିଅନ୍ତୁ; ମୋର ଗନ୍ଧର୍ବ ପତିମାନେ ମାସଟିଏ ପରେ ସେମାନଙ୍କ କାମ ସାରି ଫେରି ଆସିବେ। ସେତେବେଳେ ମୁଁ ସ୍ୱତଃ ଆପଣଙ୍କ ରାଜ୍ୟ ଛାଡି ଚାଲିଯିବି। ତା ପୂର୍ବରୁ ମୋତେ ବିତାଡିତ

Source: Author, Digitized by PPRACHIN, SOA

କଲେ ମୋ' ଗନ୍ଧର୍ବ ପତିମାନେ ଆପଣଙ୍କର କ୍ଷତି କରିପାରନ୍ତି।

ଗନ୍ଧର୍ବଙ୍କ ନାଁ ଶୁଣି ସୁଦେଷ୍ଣା, ଭ୍ରାତା କୀଚକର ମର୍ମନ୍ତୁଦ ମୃତ୍ୟୁ କଥା ଚିନ୍ତା କରି ଭୟରେ ଶିହରୀ ଉଠିଲେ। ଅନିଚ୍ଛା ସତ୍ତ୍ୱେ ସୈରିନ୍ଧ୍ରୀଙ୍କୁ ଗୋଟିଏ ମାସ ସମୟ ଦେଲେ ରାଜ୍ୟ ତ୍ୟାଗକରି ଚାଲିଯିବା ପାଇଁ।

ତେଣେ ବାରବର୍ଷ ବନବାସର ପରିସମାପ୍ତି ପରେ ଦୁର୍ଯ୍ୟୋଧନଙ୍କ ଗୁପ୍ତଚରମାନେ ପାଣ୍ଡବଙ୍କ ସନ୍ଧାନ ପାଇଁ ଚତୁର୍ଦ୍ଦିଗ ଖୋଜି ବୁଲୁଥିଲେ। କୌଣସିଠାରେ ସେମାନଙ୍କ ସନ୍ଧାନ ନପାଇ ଦୁର୍ଯ୍ୟୋଧନଙ୍କ ଆଗରେ ସେମାନେ ଜଣାଇଲେ... ବୋଧହୁଏ ଭୋକ ଉପାସରେ ପାଣ୍ଡବମାନେ ମୃତ୍ୟୁ ବରଣ କରିସାରିଛନ୍ତି।

ଏପରି ସମୟରେ କୀଚକର ମୃତ୍ୟୁ ସମ୍ବାଦ ଆର୍ଯ୍ୟାବର୍ତ୍ତରେ ସବୁ ରାଜ୍ୟରେ ବିଜୁଳି ବେଗରେ ବ୍ୟାପିଗଲା। ଜଣେ ନାରୀର ରୂପରେ ପ୍ରଲୁବ୍ଧ ହୋଇ କୀଚକ ସେ ନାରୀର ଏକ ଗନ୍ଧର୍ବ ପତି ହାତରେ ପ୍ରାଣ ହରାଇଥିବା ସମ୍ବାଦ ପାଇ ଦୁର୍ଯ୍ୟୋଧନ ଓ ଅନ୍ୟ କୌରବ ଭାଇମାନେ ଆଶ୍ଚର୍ଯ୍ୟ ହୋଇଗଲେ। ଦୁର୍ଯ୍ୟୋଧନ ଭାବିଲେ... କୀଚକକୁ ମଲ୍ଲଯୁଦ୍ଧରେ ହତ୍ୟା କରିବା ମାତ୍ର ଦୁଇଜଣଙ୍କ ଶକ୍ତିର ଅନ୍ତର୍ଭୁକ୍ତ ଏବଂ ଭୀମ ସେମାନଙ୍କ ମଧ୍ୟରୁ ଜଣେ; ଅନ୍ୟ ଜଣକ ବଳରାମ। କୀଚକକୁ ପ୍ରଲୁବ୍ଧ କରିଥିବା ନାରୀ ଦ୍ରୌପଦୀ ବ୍ୟତୀତ ଅନ୍ୟ କେହି ହୋଇ ନପାରନ୍ତି ଏବଂ କୀଚକ ଉପରେ ପ୍ରତିଶୋଧ ନେଇଥିବା ତଥାକଥିତ ଗନ୍ଧର୍ବ, ଭୀମଙ୍କ ବ୍ୟତୀତ ଅନ୍ୟ କେହି ନୁହଁନ୍ତି।

ପୂର୍ଣ୍ଣ ରାଜସଭାରେ ଏହି ସନ୍ଦେହ ବ୍ୟକ୍ତ କରି ଦୁର୍ଯ୍ୟୋଧନ କହିଲେ... ମତ୍ସ୍ୟରାଜ୍ୟ ଆମ ଶତ୍ରୁ ରାଜ୍ୟମାନଙ୍କ ମଧ୍ୟରୁ ଅନ୍ୟତମ। ରାଜା ବିରାଟଙ୍କୁ ଶିକ୍ଷା ଦେବାପାଇଁ ଆମେ ମତ୍ସ୍ୟ ଆକ୍ରମଣ କରି ତାଙ୍କ ଗୋଧନ ହରଣ କରି ଆଣିବା।

ମତ୍ସ୍ୟ ସହିତ ଯୁଦ୍ଧ ହେଲେ, ଯଦି ପାଣ୍ଡବମାନେ ସେଠାରେ ଅଜ୍ଞାତବାସରେ ଥିବେ, ନିଶ୍ଚିତ ଭାବରେ ଯୁଦ୍ଧ ପାଇଁ ଆଗେଇ ଆସିବେ। ଅଜ୍ଞାତବାସ ଶେଷ ହେବା ପୂର୍ବରୁ ଆମେ ସେମାନଙ୍କୁ ଠାବ କରିବା ଏବଂ ସେମାନେ ପୁଣି ଥରେ ବାରବର୍ଷ ପାଇଁ ବନବାସ ଯିବେ।

ତ୍ରିଗର୍ତ୍ତ ଦେଶର ରାଜା ସୁଶର୍ମା ସଭାରେ ଉପସ୍ଥିତ ଥିଲେ। ଦୁର୍ଯ୍ୟୋଧନଙ୍କ ପ୍ରସ୍ତାବ ତାଙ୍କ ମନକୁ ଖୁବ୍ ପାଇଲା। ସେ କହିଲେ... ଆପଣ ଠିକ୍ କହିଛନ୍ତି; ବିରାଟ ମଧ୍ୟ ମୋର ଶତ୍ରୁ। ମୁଁ ଦକ୍ଷିଣ ଦିଗରୁ ଏବଂ ଆପଣ ଉତ୍ତର ଦିଗରୁ ଆକ୍ରମଣ କରିବେ। ଶଣ୍ଢୁଆସୀ ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ହୋଇ ଯିବ ମତ୍ସ୍ୟ ରାଜ୍ୟ। ଏବେ କୀଚକ ନାହିଁ ମତ୍ସ୍ୟକୁ ରକ୍ଷା କରିବା ପାଇଁ। ପାଣ୍ଡବମାନେ ସେଠାରେ ଯଦି ଆତ୍ମଗୋପନ କରିଥିବେ, ଜାଲରେ ମାଛ ପଡ଼ିବା ଭଳି ଛାଣି ହୋଇ ବାହାରି ପଡ଼ିବେ।

Source: Author, Digitized by PPRACHIN, SOA

କର୍ଣ୍ଣ ମଧ୍ୟ ତ୍ରିଗର୍ତ୍ତ ରାଜାଙ୍କ ଯୋଜନାକୁ ସମର୍ଥନ କଲେ।

ଯୋଜନା ଅନୁସାରେ ସୁଶର୍ମା ଦକ୍ଷିଣ ଦିଗରୁ ମତ୍ସ୍ୟ ଦେଶ ଉପରେ ଆକ୍ରମଣ କରିଦେଲେ। ବିରାଟ ଏହି ସମ୍ବାଦ ପାଇ ବିବ୍ରତ ହୋଇପଡିଲେ, କାରଣ କୀଚକର ମୃତ୍ୟୁ ମତ୍ସ୍ୟଦେଶକୁ ଦୁର୍ବଳ କରି ଦେଇଥିଲା। କଙ୍କ (ଯୁଧିଷ୍ଠିର) ବିରାଟଙ୍କୁ ଶାନ୍ତ୍ୱନା ଦେଇ କହିଲେ... ଆପଣ ଚିନ୍ତା କରନ୍ତୁ ନାହିଁ ମହାରାଜ, ମୁଁ ନିଜେ ସନ୍ୟାସୀ ହେଲେ ମଧ୍ୟ ଯୁଦ୍ଧବିଦ୍ୟା ମୋତେ ଭଲଭାବେ ଜଣା। ଯୁଧିଷ୍ଠିରଙ୍କ ପାଖରେ ଥିବା ସମୟରେ ମୁଁ ତାହା ଶିକ୍ଷା କରିଛି। ଆପଣଙ୍କ ପାଖରେ ସେବାରତ ବଲ୍ଲଭ, ତନ୍ତିପାଳ ଏବଂ ଗ୍ରନ୍ଥିକ ନାମକ ବ୍ୟକ୍ତିମାନେ ମଧ୍ୟ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ; ଏକଦା ସେମାନେ ସମସ୍ତେ ଯୁଧିଷ୍ଠିରଙ୍କ ସେନା ବାହିନୀରେ ଥିଲେ। ଆପଣ ମୋ ପାଇଁ ତଥା ବଲ୍ଲଭ, ତନ୍ତିପାଳ ଓ ଗ୍ରନ୍ଥିକଙ୍କ ପାଇଁ ରଥର ଆୟୋଜନ କରନ୍ତୁ।

କଙ୍କପଣ୍ଡାଙ୍କ ପ୍ରେରଣା ରାଜା ବିରାଟଙ୍କ ମନୋବଳ ବୃଦ୍ଧି କଲା। ସେ କଙ୍କ, ବଲ୍ଲଭ, ତନ୍ତିପାଳ ଏବଂ ଗ୍ରନ୍ଥିକଙ୍କୁ ନେଇ ସୁଶର୍ମା ବିରୁଦ୍ଧରେ ରଣହୁଙ୍କାର ଦେଲେ। ସୁଶର୍ମାଙ୍କ ଆକ୍ରମଣରେ ବିରାଟଙ୍କ ଅନେକ ଜନପଦ ଧ୍ୱଂସ ପାଇଗଲା, ସୁନ୍ଦର ଉପବନ ବିଧ୍ୱସ୍ତ ହୋଇଗଲା। ଗୋରୁ ପଲଙ୍କୁ ନିଜ ଅକ୍ତିଆରକୁ ନେଇଗଲେ ସୁଶର୍ମାଙ୍କ ସେନାବାହିନୀ। ଗୋପାଳମାନେ ଭୟଭୀତ ହୋଇ ଆସି ରାଜାଙ୍କ ଆଗରେ ଗୁହାରୀ ଜଣାଇଲେ। ଆରମ୍ଭ ହୋଇଗଲା ଭୟଙ୍କର ଯୁଦ୍ଧ।

ସଂଶପ୍ତକ ଯୁଦ୍ଧରେ ପ୍ରବୀଣ ସୁଶର୍ମା ବିରାଟଙ୍କୁ ପରାସ୍ତ କରି ତାଙ୍କ ରଥ ଭଗ୍ନ କଲେ। ବିରାଟ ଅନ୍ୟ ଏକ ରଥ ଆରୋହଣ କରିବା ପୂର୍ବରୁ ତାଙ୍କୁ ବନ୍ଦୀ କରି ନେଇଗଲେ ସୁଶର୍ମା।

ରାଜାଙ୍କୁ ବନ୍ଦୀ ହେବା ଦେଖି ମତ୍ସ୍ୟ ଦେଶର ସୈନ୍ୟମାନେ ନିରୁତ୍ସାହିତ ହୋଇ ଭୟରେ ଇତସ୍ତତ ପଳାୟନ କରିବା ଆରମ୍ଭ କଲେ। ବିଜୟ ଗର୍ବରେ, ଆନନ୍ଦ ଉଲ୍ଲାସର ଚିତ୍କାର କରି ସେମାନଙ୍କୁ ଗୋଡାଇ ଗୋଡ଼ାଇ ମାରିଲେ ତ୍ରିଗର୍ତ୍ତ ସୈନ୍ୟବାହିନୀର ଯୋଦ୍ଧାଗଣ।

ଏପରି ବିଷମ ସଙ୍କଟ ଦେଖି ଯୁଧିଷ୍ଠିର (କଙ୍କ), ଭୀମଙ୍କୁ ଆହ୍ୱାନ ଦେଲେ ସୁଶର୍ମାଙ୍କୁ ପରାସ୍ତ କରି ବିରାଟଙ୍କୁ ମୁକ୍ତ କରିବା ପାଇଁ। ଚିରାଚରିତ ଭାବେ ଏକ ବିଶାଳ ବୃକ୍ଷ ଉତ୍ପାଟନ କରିବାକୁ ଯାଉଥିଲେ ଭୀମସେନ, ସୁଶର୍ମାଙ୍କ ଉପରେ ପ୍ରହାର କରିବାପାଇଁ। ଯୁଧିଷ୍ଠିର ଭୀମଙ୍କୁ କହିଲେ... ବୃକ୍ଷ ଉପାଡିଲେ ତୁମେ ଭୀମସେନ ବୋଲି ସମସ୍ତେ ଜାଣିଯିବେ, କାରଣ ବର୍ତ୍ତମାନ ସମୟରେ ସେ ଶକ୍ତି କେବଳ ତୁମର ହିଁ ଅଛି। କିଛି

Source: Author, Digitized by PPRACHIN, SOA

ସମୟ ବାକି ଅଛି ଅଜ୍ଞାତବାସ ଶେଷ ହେବାପାଇଁ। ଧୈର୍ଯ୍ୟର ସହିତ କାମ କର। ବୃକ୍ଷର ସାହାଯ୍ୟ ନନେଇ ଅନ୍ୟ ଅସ୍ତ୍ରଶସ୍ତ୍ରରେ ଯୁଦ୍ଧ କଲେ ମଧ୍ୟ ସୁଶର୍ମା ତୁମକୁ ବଳେଇ ଯିବେ ନାହିଁ। ଯାଅ, ବିରାଟଙ୍କୁ ମୁକ୍ତ କର। ଏହା ଆମପାଇଁ ମତ୍ସ୍ୟ ଦେଶର ଋଣ ପରିଶୋଧ କରିବା ସମୟ।

ଛତ୍ରଭଙ୍ଗ ଦେଇଥିବା ମତ୍ସ୍ୟ ଦେଶର ସୈନ୍ୟମାନଙ୍କୁ ଏକତ୍ରିତ କରି ଭୀମ ରୂପରେ ଭୀମସେନ ସୁଶର୍ମାଙ୍କ ଉପରେ ପାଲଟା ଆକ୍ରମଣ କରିଦେଲେ। ଭୟଙ୍କର ଯୁଦ୍ଧରେ ପରାସ୍ତ ହେଲେ ସୁଶର୍ମା। ତାଙ୍କ କବଳରୁ ବିରାଟଙ୍କୁ ମୁକ୍ତ କଲେ ଭୀମସେନ। ସୁଶର୍ମାଙ୍କୁ ରଥରେ ବନ୍ଦୀକରି ଫେରିଲେ ବୃକୋଦର। ତ୍ରିଗର୍ତ୍ତର ସୈନ୍ୟମାନେ ଛତ୍ରଭଙ୍ଗ ଦେଇ ପଳାୟନ କଲେ।

ମତ୍ସ୍ୟ ଦେଶର ବିଜୟ ବାର୍ତ୍ତା ରାଜଧାନୀରେ ପହଞ୍ଚିବା ପରେ ଆନନ୍ଦ ଉତ୍ସବରେ ମାତିଗଲେ ନଗ୍ରବାସୀଗଣ।

କିନ୍ତୁ ଆଉ ଏକ ବିଷମ ସମସ୍ୟା। ଉତ୍ତର ଦିଗରୁ କୌରବ ବାହିନୀ ମାଡି ଆସୁଥିଲେ ରାଜଧାନୀ ଆଡ଼କୁ। ଉତ୍ତର ଦିଗରେ ଅରଣ୍ୟରେ ଥିବା ମତ୍ସ୍ୟଦେଶର ଗୋ'ସଂପଦକୁ କୌରବମାନେ ନିଜ ଅକ୍ତିଆରକୁ ନେଇ ସାରିଥିଲେ। ସେମାନଙ୍କ ସହିତ ଯୁଦ୍ଧ କରିବ କିଏ? ରାଜଧାନୀରେ ଥିବା ଅବଶିଷ୍ଟ ସୈନ୍ୟ ଯୁଦ୍ଧ କରିବାପାଇଁ ପ୍ରସ୍ତୁତ, କିନ୍ତୁ କାହା ସେନାପତିତ୍ୱରେ ଯୁଦ୍ଧ କରିବେ ସେମାନେ? ରାଜା ବିରାଟ ଫେରି ଆସିବା ପାଇଁ ସମୟ ଲାଗିବ। ତା'ପୂର୍ବରୁ ମତ୍ସ୍ୟ ଅଧିକାର କରିନେବେ କୌରବ ବାହିନୀ।

ଗୋପାଳମାନେ ରାଜପ୍ରାସାଦରେ ପହଞ୍ଚି ରାଜକୁମାର ଉତ୍ତରଙ୍କୁ କହିଲେ... ରାଜାଙ୍କ ଅନୁପସ୍ଥିତିରେ ରାଜ୍ୟ ରକ୍ଷା କରିବା ଆପଣଙ୍କ ଦାୟିତ୍ୱ। କୌରବମାନେ ମାଡି ଆସୁଛନ୍ତି; ବାଧା ନଦେଲେ ସେମାନେ ରାଜଧାନୀ ଭିତରକୁ ପ୍ରବେଶ କରିବେ। ଆମର ବିଶାଳ ଗୋ'ସଂପଦ ମଧ୍ୟ ନେଇ ଚାଲିଯିବେ।

ଗୋପାଳମାନେ ଯେଉଁ ସମୟରେ ରାଜକୁମାର ଉତ୍ତରଙ୍କ ପାଖରେ ଏହି ଅଭିଯୋଗ କଲେ ସେଠାରେ ବୃହନ୍ନଳା (ଅର୍ଜୁନ) ଏବଂ ଅନ୍ତଃପୁରର କିଛି ମହିଳା ଉପସ୍ଥିତ ଥିଲେ। ସେମାନଙ୍କ ଆଗରେ ନିଜର ବଳବୀର୍ଯ୍ୟର ଆସ୍ଫାଳନ କରି ଉତ୍ତର କହିଲେ... ଏ କୌରବ ବାହିନୀ ମୋ ଆଗରେ କିଛି ନୁହଁନ୍ତି। ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଦୁର୍ଯ୍ୟୋଧନଙ୍କୁ ମୁଁ ବାଣ ଆଘାତରେ ମହାଶୂନ୍ୟରେ ଉଡ଼ାଇ ଦେବି। ଦୁର୍ଭାଗ୍ୟକୁ ମୋ ପାଖରେ ଭଲ ସାରଥି ନାହାଁନ୍ତି।

ରାଜକୁମାର ଉତ୍ତରଙ୍କ ଆସ୍ଫାଳନ ଦେଖି ମନେ ମନେ ହସୁଥିଲେ ବୃହନ୍ନଳାରୂପୀ ଅର୍ଜୁନ।

-୦-

Source: Author, Digitized by PPRACHIN, SOA

(୬୯)

ରାଜକୁମାର ଉତ୍ତର

ଅନ୍ତଃପୁରର ରମଣୀମାନଙ୍କ ଆଗରେ ଆତ୍ମବଡିମା ଦେଖାଇ ରାଜକୁମାର ଉତ୍ତର କହିଲେ... ଆଜି ଯେବେ ମୋ ପାଖରେ ଜଣେ ଉତ୍ତମ ସାରଥି ଥାଆନ୍ତା, ମୁଁ ଦେଖାଇ ଦେଇଥାଆନ୍ତି ଯେ ମୁଁ ଅର୍ଜୁନଙ୍କ ସମକକ୍ଷ ବୀର। କୌରବମାନଙ୍କୁ ପାଣି ପିଆଇ ଛାଡିଥାନ୍ତି। ଏବେ ମୁଁ କରେ କ'ଣ ? ପିତା ସୁଶର୍ମାଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ଯାଇ ଫେରି ନାହାନ୍ତି; ଏଣେ କୌରବମାନେ ଆମ ଗୋଧନ ହରଣ କରି ନେଉଛନ୍ତି।

ଏକଥା ଶୁଣି ସୈରିନ୍ଧ୍ରୀ ଟିକିଏ ହସି ଦେଇ, ରାଜକୁମାରୀ ଉତ୍ତରାଙ୍କ ପାଖରେ ପହଞ୍ଚି କହିଲେ... ରାଜ୍ୟ ଉପରକୁ ଘୋର ବିପଦ ମାଡି ଆସିଛି ରାଜ କୁମାରୀ। ଏଣେ ମହାରାଜା ଅନୁପସ୍ଥିତ; ତେଣେ କୌରବମାନେ ଗୋଧନ ହରଣ କରି ନେଉଛନ୍ତି। ସେମାନଙ୍କ ସହିତ ଯୁଦ୍ଧ କରିବାପାଇଁ କୁମାର ଉତ୍ତର ଅସମର୍ଥ କାରଣ ତାଙ୍କ ପାଖରେ, ରଥ ବାହିବା ପାଇଁ ଜଣେ ଉତ୍ତମ ସାରଥି ନାହିଁ। ଏ ସମ୍ବନ୍ଧରେ ତୁମକୁ ଗୋଟିଏ କଥା କହିବି ରାଜକୁମାରୀ, ତୁମ ନୃତ୍ୟ ଶିକ୍ଷକ ବୃହନ୍ନଳା ଜଣେ ଭଲ ସାରଥି; ମୁଁ ପାଣ୍ଡବଙ୍କ ରାଣୀ ଦ୍ରୌପଦୀଙ୍କର ପରିଚାରିକା ଥିବା ସମୟରୁ ତାଙ୍କୁ ଜାଣିଛି। ସେ କିଛି ଦିନ ଅର୍ଜୁନଙ୍କ ରଥରେ ସାରଥି ଥିଲେ। ତୁମେ ତାଙ୍କୁ ଅନୁରୋଧ କଲେ ସେ କୁମାରଙ୍କ ରଥରେ ସାରଥି ହୋଇ ଯୁଦ୍ଧରେ ସହଯୋଗ କରିବେ।

ସୈରିନ୍ଧ୍ରୀଙ୍କ ଠାରୁ ଏହା ଶୁଣିବାପରେ ରାଜକୁମାରୀ ଉତ୍ତରା ବୃହନ୍ନଳା (ଛଦ୍ମବେଶୀ ଅର୍ଜୁନ)ଙ୍କ ପାଖରେ ପହଞ୍ଚି ତାଙ୍କୁ ଉତ୍ତରଙ୍କ ସାରଥି ହେବାପାଇଁ ଅନୁରୋଧ କଲେ। ରାଜକୁମାର ଉତ୍ତର ମଧ୍ୟ ବୃହନ୍ନଳାଙ୍କୁ ସାରଥି ରୂପେ ଗ୍ରହଣ କରିବାକୁ ସମ୍ମତ ହେଲେ।

ବୃହନ୍ନଳା ସାରଥିର ସାଞ୍ଜୁ ପିନ୍ଧିବା ବେଳେ ଏପରି ଅଭିନୟ କଲେ, ଯେମିତି ତାଙ୍କୁ ଜଣାନାହିଁ ସାରଥି କିପରି ସାଞ୍ଜୁ ପିନ୍ଧେ। ତାଙ୍କ ଡରିବାର ଅଭିନୟ ଦେଖି ଅନ୍ତଃପୁର ନାରୀମାନଙ୍କ ମଧ୍ୟରେ ହାସ୍ୟରୋଳ ଶୁଣାଗଲା। ଜଣେ ଦୁଇଜଣ କହିଲେ... କିଛି ଡରିବାର ନାହିଁ ବୃହନ୍ନଳା ! ଆମ କୁମାର ଅଛନ୍ତି ତୁମକୁ ରକ୍ଷା କରିବାକୁ।

କିନ୍ତୁ ଯେତେବେଳେ ସେ ରଥ ଆରୋହଣ କରି ଅଶ୍ୱମାନଙ୍କର ବାଗ-ଦଉଡି ହାତରେ ଧରିଲେ, ଜଣାଗଲେ ଯେପରି ଇନ୍ଦ୍ରଙ୍କ ସାରଥି ମାତଳି, କୁଶଳତା ସହିତ ରଥ ବାହି ନେବାପାଇଁ ପ୍ରସ୍ତୁତ। ପ୍ରାସାଦ ପ୍ରାଙ୍ଗଣରୁ ରଥ ବାହିନେବା ପୂର୍ବରୁ

Source: Author, Digitized by PPRACHIN, SOA

ଅନ୍ତଃପୁରବାସିନୀମାନଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କରି ହସି ହସି ବୃହନ୍ନଳା କହିଲେ... କୁମାରଙ୍କର ବିଜୟ ସୁନିଶ୍ଚିତ; ଆମେ କେବଳ ଗୋଧନ ଉଦ୍ଧାର କରିବୁ ନାହିଁ, ବୀରମାନଙ୍କୁ ହରାଇ ସେମାନଙ୍କ ଝିଲିମିଲି ପୋଷାକ ମଧ୍ୟ ନେଇ ଆସିବୁ; ରାଜକୁମାରୀ ଉତ୍ତରା ତାଙ୍କ କଣ୍ଢେଇମାନଙ୍କୁ ପିନ୍ଧାଇବେ। 'ଜୟ ଉତ୍ତର କୁମାରଙ୍କର ଜୟ' ଶବ୍ଦରେ ନିନାଦିତ ହେଲା ଗଗନ ପବନ।

ପ୍ରବଳ ବେଗରେ ରଥ ଯୁଦ୍ଧ ଭୂମିରେ ପହଞ୍ଚିଲା। ଆଗରେ ଉଭା, ଭୀଷ୍ମଙ୍କ ଅଧ୍ୟକ୍ଷତାରେ ବିଶାଳ କୌରବ ବାହିନୀ। ସତେ ଯେମିତି ଏହା ସୈନ୍ୟ ଶ୍ରେଣୀ ନୁହେଁ, ଏକ ବିଶାଳ ସମୁଦ୍ର। ଭୀଷ୍ମ ଦ୍ରୋଣ କର୍ଣ୍ଣ କୃପାଚାର୍ଯ୍ୟ ଏବଂ ଅଶ୍ୱତ୍ଥାମାଙ୍କ ଭଳି ବିଶାଳ ତିମି ଓ ତିମିଙ୍ଗିଳ ପୂରି ରହିଛନ୍ତି ସେହି ସାଗରରେ। ସୂର୍ଯ୍ୟ କିରଣ ପଡି ଝିଲିମିଲି ହେଉଥିବା ଖଡ୍ଗ ଓ ଭାଲ ଜଣାଯାଉଥିଲେ ସାଗରରେ ଲମ୍ଫ ଦେଉଥିବା ସଫରୀମାନଙ୍କ ସଦୃଶ। ସୈନ୍ୟଙ୍କ ହୁଙ୍କାର, ଅଶ୍ୱମାନଙ୍କର ହ୍ରେସାରବ ସହିତ ହାତୀଙ୍କ ଚିତ୍କାର ମିଶି ସମୁଦ୍ର ଗର୍ଜନର ଭ୍ରମ ସୃଷ୍ଟି ହେଉଥିଲା। ବୃହନ୍ନଳାଙ୍କୁ ଚାହିଁ ଉତ୍ତର କୁମାର ପଚାରିଲେ... ଏ ସମୁଦ୍ର ଭିତରକୁ ଆମ ରଥ କାହିଁକି ନେଉଛ ସାରଥି ?

ଅର୍ଜୁନ କହିଲେ... ଏହା ସମୁଦ୍ର ନୁହେଁ, କୁରୁ ସୈନ୍ୟ ସାଗର କୁମାର ଉତ୍ତର ! କିନ୍ତୁ ତୁମେ ଭୟ କର ନାହିଁ, ସାହସର ସହିତ ଯୁଦ୍ଧକର, ବିଜୟ ଆମର ସୁନିଶ୍ଚିତ।

ଏହାଶୁଣି ଉତ୍ତର କୁମାର କହିଲେ... ଏମାନଙ୍କ ସହିତ ମୁଁ ଏକା କିପରି ଯୁଦ୍ଧ କରିପାରିବି ବୃହନ୍ନଳା ! ଏ ବିଶାଳ କୌରବ ବାହିନୀ ଦେଖି ମୋ ଶରୀର କମ୍ପିତ ହେଉଛି, ହାତରୁ ଅସ୍ତ୍ର ଖସି ପଡୁଛି। ବିଶ୍ୱର ଶ୍ରେଷ୍ଠ ବୀରମାନେ ରହିଛନ୍ତି ଏହି ଶତ୍ରୁ ସୈନ୍ୟଙ୍କ ମଧ୍ୟରେ । ଏମାନଙ୍କ ସହିତ ଏକା ଏକା ଲଢିବା ପାଇଁ ଚେଷ୍ଟା କରିବା ମୂର୍ଖତା ସହିତ ସମାନ। ରଥ ଲେଉଟାଅ ବୃହନ୍ନଳା; ପ୍ରାସାଦକୁ ଫେରି ଚାଲ।

ବୃହନ୍ନଳାରୂପୀ ଅର୍ଜୁନ ହସିଲେ; କହିଲେ... ନଗ୍ରରୁ ବାହାରିବା ସମୟର ଆତ୍ମବିଶ୍ୱାସ କୁଆଡେଗଲା କୁମାର? ସେତେବେଳେ କହୁଥିଲ ତୁମେ ଅର୍ଜୁନଙ୍କ ଭଳି ବୀର। ଏପରି କାପୁରୁଷତା ଦେଖାଇ ଫେରିଗଲେ, ପ୍ରାସାଦର ଯେଉଁ ନାରୀ-ସମାଜ ଆଗରେ ତୁମେ ବୀରତ୍ୱ ଦେଖାଉଥିଲ, ତୁମ ଉପରେ କଣ ଧାରଣା ହେବ ସେମାନଙ୍କର ? ତୁମେ ମୋତେ ଡାକିବାରୁ ମୁଁ ତୁମର ସାରଥି ହୋଇ ଆସିଛି। ପଛଘୁଞ୍ଚା ଦେଇ ମୁଁ ଫେରି ଯାଇ ପାରିବି ନାହିଁ କୁମାର। କ୍ଷତ୍ରିୟ କେବେ ଯୁଦ୍ଧରେ ପଛଘୁଞ୍ଚା ଦିଏ ନାହିଁ । ସାହସିକତା ସହିତ ଯୁଦ୍ଧ କର। ଶେଷରେ ବିଜୟ ଆମର ହେବ।

ଭୟରେ ଶରୀର କମ୍ପମାନ ଉତ୍ତର କୁମାରଙ୍କର; କହିଲେ... ଅସମ୍ଭବ, ମୁଁ ଏମାନଙ୍କ

Source: Author, Digitized by PPRACHIN, SOA

ସହିତ ଯୁଦ୍ଧ କରିପାରିବି ନାହିଁ। ଅନ୍ତଃପୁରର ନାରୀମାନେ ଯାହା ଭାବିଲେ ଭାବନ୍ତୁ, ପ୍ରଜାମାନଙ୍କ ଧାରଣା ଯାହା ହେଉଛି ହେଉ। କୌରବମାନେ ପଛେ ଆମର ଗୋଧନ ହରଣ କରି ନେଇଯାଆନ୍ତୁ, କିନ୍ତୁ ଜୀବନକୁ ପାଣି ଛଡାଇ ମୁଁ ଏମାନଙ୍କ ସହିତ ଯୁଦ୍ଧ କରିପାରିବି ନାହିଁ। ରଥ ପ୍ରତ୍ୟାବର୍ତ୍ତନ କର ବୃହନ୍ନଳା, ନହେଲେ ମୁଁ ରଥରୁ ଓହ୍ଲାଇ ପାଦରେ ଚାଲି ଫେରିଯିବି।

ଏହା କହି, ଧନୁର୍ବାଣ ଫିଙ୍ଗି ଦେଇ ରଥରୁ ଡେଇଁପଡ଼ି, ରାଜଧାନୀ ଅଭିମୁଖେ ଦଉଡିବାକୁ ଲାଗିଲେ ଉତ୍ତର କୁମାର। ଉତ୍ତର କୁମାରଙ୍କ ପଛେ ପଛେ ଧାଇଁଛନ୍ତି ବୃହନ୍ନଳା ରୂପୀ ଅର୍ଜୁନ। ମୁକୁଳିତ କେଶ ଫରଫର ଉଡୁଛି ପବନରେ, ତା' ସଙ୍ଗେ ସଙ୍ଗେ ପବନରେ ଉଡୁଛି ଅଙ୍ଗବାସ। କୌତୁହଳପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଛନ୍ତି କୌରବ ବାହିନୀ। ଯୁଦ୍ଧ କରିବାକୁ ଆସିଥିବା ବୀର ପଛଘୁଞ୍ଚା ଦେଇ ଫେରିଯାଉଛି ପ୍ରାଣ ଭୟରେ ଏବଂ ତା ପଛରେ ଜଣେ ଅର୍ଦ୍ଧନାରୀ ଧାଇଁଛି ତାକୁ ଯୁଦ୍ଧପାଇଁ ପ୍ରବର୍ତ୍ତାଇବାକୁ; ଏହାଠାରୁ ଅଧିକ କୌତୁହଳପ୍ରଦ ଦୃଶ୍ୟ ଆଉ କ'ଣ ହୋଇପାରେ ?

ବୃହନ୍ନଳାକୁ ଦେଖି ଦ୍ରୋଣ କହିଲେ... ଏ ଅର୍ଜୁନ ବ୍ୟତୀତ ଅନ୍ୟ କେହି ନୁହେଁ। ଏହା ଶୁଣି କର୍ଣ୍ଣ କହିଲେ... ଅସମ୍ଭବ, ସେ ଅର୍ଜୁନ କିପରି ହେବ ? ଅର୍ଜୁନ ହେଲେ ହେଉ; ସେ ଏକା ଆମର କଣ କ୍ଷତି କରିପାରିବ ? ପିତାର ଅନୁପସ୍ଥିତିରେ ପୁତ୍ର ଉତ୍ତର ଆସିଛି ଯୁଦ୍ଧ କରିବାକୁ, ସାଙ୍ଗରେ ଅନ୍ତଃପୁରର ଗୋଟାଏ ଦାସୀଙ୍କୁ ଆଣିଛି ସାରଥି କରି। ବିଶାଳ ସୈନ୍ୟ ବାହିନୀ ଦେଖି ବିଚରା ଉତ୍ତର ଭୟରେ ଫେରିଯାଉଛି ଏବଂ ତାକୁ ଅଟକାଇବା ପାଇଁ ପରିଚାରିକା ତା ପଛରେ ଗୋଡାଇଛି।ଏହା ହିଁ ସତ୍ୟ। ଏଠାରେ କୌଣସି ଅର୍ଜୁନ ଫର୍ଜୁନ ନାହିଁ।

ଦ୍ରୋଣଙ୍କ କଥା ଉପରେ କର୍ଣ୍ଣଙ୍କର ଏଭଳି ମନ୍ତବ୍ୟ ଗୁରୁଙ୍କ ମନକୁ କଷ୍ଟ ଦେଲା।

ଏଣେ କୁମାର ଉତ୍ତରର ଅବସ୍ଥା ଦୟନୀୟ। ବୃହନ୍ନଳା ତାର ପଥ ଓଗାଳି ଠିଆ ହୋଇଛନ୍ତି। ଅନୁନୟ ବିନୟ ହୋଇ ଉତ୍ତର କହୁଛି... ମୋର ପ୍ରାଣ ରକ୍ଷା କର ବୃହନ୍ନଳା, ମୋ ପିତା-ମାତାଙ୍କର ମୁଁ ଏକମାତ୍ର ପୁତ୍ର। ବଡ଼ ଅଲିଅଳରେ ମାଆ କୋଳରେ ବଢ଼ି ଆସିଛି। କେବେ ଯୁଦ୍ଧ ରାକ୍ଷସର ସମ୍ମୁଖୀନ ହୋଇନାହିଁ ମୁଁ। ମୋର ପଥରୋଧ କଲେ ଏମାନେ ମୋତେ ନିର୍ମମ ଭାବେ ହତ୍ୟା କରିବେ। ମୋତେ ଛାଡି ଦିଅ, ମୁଁ ତୁମକୁ ଇଚ୍ଛା ଅନୁଯାୟୀ ଧନସଂପତ୍ତି ଦେବି।

ବୃହନ୍ନଳାରୂପୀ ଅର୍ଜୁନ କହିଲେ... ଥୟଧର ରାଜପୁତ୍ର ! ଏପରି ପଳାୟନ କ୍ଷତ୍ରିୟୋଚିତ ନୁହେଁ। କ୍ଷତ୍ରିୟ ହୋଇ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ ଜୀବିତ ଥାଇ ମଧ୍ୟ

Source: Author, Digitized by PPRACHIN, SOA

ଜୀବନ୍ମୃତ ହୋଇ ରହିବାକୁ ପଡେ। ଅପଯଶରେ ପୂର୍ଣ୍ଣ ହୁଏ ଜୀବନ।ଭୟ କରନାହିଁ, ମୁଁ ଯୁଦ୍ଧ କରିବି, ତୁମେ କେବଳ ସାରଥୀ ହୋଇ ମୋର ରଥ ଚାଳନା କରିବ। ଆମର ବିଜୟ ସୁନିଶ୍ଚିତ।

ଏହା କହି ଅର୍ଜୁନ ଉତ୍ତର କୁମାରକୁ ରଥରେ ବସାଇ ନିକଟସ୍ଥ ଶ୍ମଶାନରେ ଥିବା ଏକ ଶମି ବୃକ୍ଷ ପାଖକୁ ରଥ ବାହିବା ପାଇଁ ନିର୍ଦ୍ଦେଶ ଦେଲେ। ସେଠାରେ ପହଞ୍ଚି ଶମି ବୃକ୍ଷର କୋଟରରେ ଥିବା ଅସ୍ତ୍ରଶସ୍ତ୍ର ବାହାର କରିବାକୁ କହିଲେ। ଉତ୍ତର କହିଲା... ଏହି ବୃକ୍ଷ ଡାଳରେ ସର୍ବଦା ଏକ ଶବ ଝୁଲୁଥାଏ। ଏହାର ପାଖକୁ କେହି ଆସନ୍ତି ନାହିଁ। ମୋତେ ଡର ଲାଗୁଛି ବୃହନ୍ନଳା। କାହାର ଏସବୁ ଅସ୍ତ୍ରଶସ୍ତ୍ର!!

ଅର୍ଜୁନ କହିଲେ... କୁମାର, ଡରିବା ଆବଶ୍ୟକ ନାହିଁ; ଏସବୁ ଅସ୍ତ୍ରଶସ୍ତ୍ର ପାଣ୍ଡବମାନଙ୍କର। ଅଜ୍ଞାତବାସରେ ତୁମ୍ଭ ରାଜ୍ୟରେ ରହିବା ପୂର୍ବରୁ ପାଣ୍ଡବମାନେ ସେମାନଙ୍କ ଅସ୍ତ୍ର ଶସ୍ତ୍ର ଏହି ବୃକ୍ଷ-କୋଟରରେ ରଖି, ସୁରକ୍ଷାପାଇଁ ବୃକ୍ଷରେ ଶ୍ମଶାନର ଏକ କଙ୍କାଳ ଝୁଲାଇ ଦେଇଥିଲେ। ମୁଁ ହେଉଛି ମଧ୍ୟମ ପାଣ୍ଡବ ଅର୍ଜୁନ।

ଏହା ଶୁଣି ଅର୍ଜୁନଙ୍କ ପାଦତଳେ ପଡ଼ି କ୍ଷମା ଭିକ୍ଷା କଲେ ରାଜକୁମାର ଉତ୍ତର ଏବଂ କହିଲେ... ପୂର୍ବଜନ୍ମର ସୁକୃତରୁ ମୁଁ ଆଜି ବିଶ୍ୱର ଶ୍ରେଷ୍ଠ ଧନୁର୍ଦ୍ଧରଙ୍କ ସାନ୍ନିଧ୍ୟ ପାଇଲି। ତା'ପରେ ଶମି ବୃକ୍ଷ ଆରୋହଣ କରି କୋଟରରୁ ଅର୍ଜୁନଙ୍କ ଗାଣ୍ଡିବ ଧନୁ ଓ ଅକ୍ଷୟ ତୂଣୀର ବାହାର କରି ଅର୍ଜୁନଙ୍କ ହାତକୁ ବଢାଇ ଦେଲେ ଉତ୍ତର କୁମାର। ଧନୁ ଏବଂ ତୂଣୀର ସ୍ପର୍ଶକରି ଉତ୍ତର କୁମାର ଦେହରେ ଆସିଗଲା ଅମାପ ଶକ୍ତି, ମନରେ ଅଦମ୍ୟ ସାହସ।

ଉତ୍ତର କୁମାରଙ୍କୁ ସାରଥି କରି ଅର୍ଜୁନ ଯୁଦ୍ଧ କ୍ଷେତ୍ରକୁ ଫେରି ଆସିଲେ ଏବଂ ଗାଣ୍ଡିବ ଧନୁରେ ଗୁଣ ଚଢାଇ ଦୁଇଥର ଟଙ୍କାର ଦେଲେ; ସେହି ଶବ୍ଦରେ କମ୍ପି ଉଠିଲା ତ୍ରିଭୁବନ। ଅର୍ଜୁନଙ୍କ ଗାଣ୍ଡିବ ଟଙ୍କାର ଶୁଣି ଦ୍ରୋଣ ଭୀଷ୍ମଙ୍କୁ କହିଲେ... ପିତାମହ! ଏଇ ଦେଖନ୍ତୁ ଆସିଗଲା ଅର୍ଜୁନ!

ଏହାଶୁଣି ଦୁର୍ଯ୍ୟୋଧନ କହିଲେ... ସେ ଅର୍ଜୁନ ହେଲେ ମଧ୍ୟ ଆମର ଡରିବାର କିଛି ନାହିଁ। ଅଜ୍ଞାତବାସ ପୂର୍ବରୁ ଆମେ ତାଙ୍କୁ ଠାବ କରିପାରିଛନ୍ତି; ସେମାନେ ଆଉ ବାରବର୍ଷ ବନବାସ ଯିବେ। ଆମେ ସେଥିପାଇଁ ଆନନ୍ଦିତ ହେବା ଉଚିତ।

ଭୀଷ୍ମ କହିଲେ... ପୁତ୍ର ଦୁର୍ଯ୍ୟୋଧନ ! ତୁମର ଗଣନା ଠିକ୍ ନୁହେଁ; ଅଜ୍ଞାତବାସର ଅବଧି କାଲି ଶେଷ ହୋଇଯାଇଛି।

-୦-

Source: Author, Digitized by PPRACHIN, SOA

(୭୦)

ମତ୍ସ୍ୟ ଦେଶରେ କୌରବଙ୍କ ପରାଜୟ

ଉତ୍ତର କୁମାରଙ୍କ ଦ୍ୱାରା ଚାଳିତ ଅର୍ଜୁନଙ୍କ ରଥ ଘୋର ଘର୍ଘର ନାଦରେ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ହେଲା। ଦେବଦତ୍ତ ଶଙ୍ଖ ଧ୍ୱନିରେ କମ୍ପି ଉଠିଲା ରଣାଙ୍ଗନ। ଗାଣ୍ଡିବ ଟଙ୍କାରର ନିର୍ଘୋଷ ଶତ୍ରୁସୈନ୍ୟଙ୍କ ହୃଦୟରେ ସୃଷ୍ଟି କଲା ପ୍ରକମ୍ପ।

ଦ୍ରୋଣାଚାର୍ଯ୍ୟ, ନିକଟରେ ଉପସ୍ଥିତ ଭୀଷ୍ମଙ୍କୁ କହିଲେ... ପିତାମହ ! ମୁଁ ସ୍ଥିର-ନିଶ୍ଚିତ ଯେ ରଥାରୋହୀ ବୀର ଅର୍ଜୁନ ବ୍ୟତୀତ ଅନ୍ୟ କେହି ନୁହେଁ। ଅର୍ଜୁନ ପାଖରେ ଏକାକୀ ଆମ ସମସ୍ତଙ୍କୁ ପରାସ୍ତ କରିବାର ଶକ୍ତି ରହିଛି। ବିଶ୍ୱର ଶ୍ରେଷ୍ଠ ଧର୍ନୁଦ୍ଧର ଆଗରେ ଆମର ବ୍ୟୂହ ଯଥାରୀତି ପ୍ରସ୍ତୁତ କରିବାକୁ ପଡ଼ିବ।

ଗୁରୁଙ୍କ ମୁଖରୁ ଅର୍ଜୁନଙ୍କ ପ୍ରଶଂସା ଶୁଣି ବିରକ୍ତ ହୋଇ ଯୁବରାଜ ଦୁର୍ଯ୍ୟୋଧନ କହିଲେ... ଶତ୍ରୁର ଏପରି ଗୁଣଗାନ କରିବା ଜଣେ ଭୀରୁର ମନସ୍ତତ୍ତ୍ୱ ବ୍ୟତୀତ ଅନ୍ୟ କିଛି ନୁହେଁ ଗୁରୁଦେବ। ଅର୍ଜୁନ ହେଲେ ମଧ୍ୟ, ଅଜ୍ଞାତବାସ ପୂର୍ଣ୍ଣହେବା ପୂର୍ବରୁ ସେ ଆମ ସମକ୍ଷରେ ଉପସ୍ଥିତ; ପାଣ୍ଡବମାନଙ୍କୁ ଆଉ ବାରବର୍ଷ ବନବାସ ଯିବାପାଇଁ ପଡ଼ିବ। ତେଣୁ ଆମେ ଭୟଭୀତ ହେବାର କୌଣସି କାରଣ ନାହିଁ, ବରଂ ଆନନ୍ଦିତ ହେବା ଉଚିତ।

କର୍ଣ୍ଣ, ଦ୍ରୋଣଙ୍କ ପ୍ରତି ତାଚ୍ଛଲ୍ୟପୂର୍ଣ୍ଣ ଦୃଷ୍ଟିପାତ କରି ମିତ୍ର ଦୁର୍ଯ୍ୟୋଧନଙ୍କୁ କହିଲେ... ଠିକ୍ କହିଛ ମିତ୍ର ! ଆମ ଭିତରେ ଥିବା ତଥାକଥିତ ବୀରମାନଙ୍କୁ ଭୀରୁତା ଜାବୁଡ଼ି ଧରିଲାଣି। ପାଣ୍ଡବଙ୍କ ଗୁଣଗାନ ଛଡ଼ା ଆଉ କିଛି ସେମାନଙ୍କ ପାଟିରେ ପଶୁନାହିଁ। ସମ୍ମୁଖରେ ଉପସ୍ଥିତ ବ୍ୟକ୍ତି ଅର୍ଜୁନ ହେଉ ବା ପର୍ଶୁରାମ, ମୁଁ ଏକା ଯୁଦ୍ଧକରି ତାଙ୍କୁ ଯମପୁରକୁ ପଠାଇବି। ଆଉ କାହାର ଉପସ୍ଥିତି ଆବଶ୍ୟକ ନାହିଁ। ସମସ୍ତେ ପଛକୁ ଘୁଞ୍ଚି ଯାଆନ୍ତୁ ।

କର୍ଣ୍ଣଙ୍କର ଗୁରୁଙ୍କ ପ୍ରତି ଏପରି ବକ୍ରୋକ୍ତି ଏବଂ ନିଜ ବୀରତ୍ୱର ଆସ୍ଫାଳନ, ଦ୍ରୋଣଙ୍କ ଶାଳକ କୃପଙ୍କର ହଜମ ହେଲାନାହିଁ। ସେ କହିଲେ... ଅବିନୟୀ ଉଦ୍ଧତ ଅଙ୍ଗରାଜ! ଏଭଳି ଆସ୍ଫାଳନ କରି ଯୁଦ୍ଧ ଜିଣି ହୁଏନାହିଁ। ଅର୍ଜୁନ ଭଳି ବୀରକୁ ପରାସ୍ତ କରିବାକୁ ହେଲେ ଆମକୁ ଏକତ୍ରିତ ହୋଇ ଯୁଦ୍ଧ କରିବାକୁ ହେବ, ଏପରି ଫମ୍ପା ଆବାଜ କଲେ ତୁମେ ହାସ୍ୟାସ୍ପଦ ହେବ। ଅର୍ଜୁନ ସହିତ ଯୁଦ୍ଧ କରିବା ପିଲାଖେଳ ନୁହେଁ।

କୃପଙ୍କ କଥା ଶୁଣି କ୍ରୋଧରେ ଆରକ୍ତ ହେଲା କର୍ଣ୍ଣଙ୍କ ମୁଖମଣ୍ଡଳ। କୃପାଚାର୍ଯ୍ୟଙ୍କୁ ଚାହିଁ ସେ କହିଲେ... ଆଚାର୍ଯ୍ୟ କୃପ ଏବଂ ଦ୍ରୋଣ ସର୍ବଦା ଅର୍ଜୁନର ପ୍ରଶଂସାରେ ଶତମୁଖ;

Source: Author, Digitized by PPRACHIN, SOA

ଏହା ସେମାନଙ୍କର ତୃତୀୟ ପାଣ୍ଡବ ପ୍ରତି ଅତ୍ୟଧିକ ସ୍ନେହ ଜନିତ କିମ୍ବା ଭୟ ଜନିତ, ଜାଣିବା ସମ୍ଭବ ନୁହେଁ। କିନ୍ତୁ ଏଠାରେ ଭୀରୁମାନଙ୍କର ସ୍ଥାନ ନାହିଁ। ଯେଉଁମାନେ ଯୁଦ୍ଧ କରିବାପାଇଁ ଚାହୁଁ ନାହାନ୍ତି ପଛକୁ ଘୁଞ୍ଚିଯାଇ ଆମ୍ଭମାନଙ୍କର ଯୁଦ୍ଧକଳା ଦର୍ଶନ କରନ୍ତୁ। ଶତ୍ରୁମାନଙ୍କର ପ୍ରଶଂସା କରି ମନୋବଳ ହ୍ରାସ କରନ୍ତୁ ନାହିଁ। ଶାସ୍ତ୍ର ଅନୁଯାୟୀ ଶତ୍ରୁର ଗୁଣଗାନ କରିବା ବ୍ୟକ୍ତିର ଯୁଦ୍ଧ କ୍ଷେତ୍ରରେ କଣ କାର୍ଯ୍ୟ ?

ପିତା ଦ୍ରୋଣ ଏବଂ ମାତୁଳ କୃପଙ୍କ ପ୍ରତି ଏହି ଆକ୍ଷେପ ଅଶ୍ୱତ୍ଥାମା ସହ୍ୟ କରି ପାରିଲେ ନାହିଁ। କର୍ଣ୍ଣଙ୍କ ପ୍ରତି ଦୃଷ୍ଟିପାତ କରି ଅଶ୍ୱତ୍ଥାମା କହିଲେ... ଯୁଦ୍ଧ ଜିଣିବା ପୂର୍ବରୁ ଏଭଳି ଆସ୍ଫାଳନ ଏବଂ ଗୁରୁଙ୍କ ପ୍ରତି ଅପଶବ୍ଦ ଶୋଭା ପାଏ ନାହିଁ ଅଙ୍ଗରାଜ କର୍ଣ୍ଣ। ଆମ୍ଭମାନଙ୍କୁ, ଶାସ୍ତ୍ରରେ କଣ ଅଛି ନଅଛି ଶିଖାଅ ନାହିଁ; ଆମେ ଉଭୟ ଶସ୍ତ୍ର ଓ ଶାସ୍ତ୍ରରେ ପାରଙ୍ଗମ। ଦ୍ୟୁତକ୍ରୀଡାରେ କପଟ ପାଶାର ଗୋଟି ପକାଇ ରାଜ୍ୟ ହରଣ କରିବା କେଉଁ ଶାସ୍ତ୍ରରେ ଲେଖାଅଛି ? କୁଳ-ନାରୀ ଦ୍ରୌପଦୀଙ୍କୁ ପୂର୍ଣ୍ଣ ରାଜସଭାରେ ଉଲଗ୍ନ କରିବା ପ୍ରୟାସ କରିବା କେଉଁ ଶାସ୍ତ୍ରରୁ ତୁମେ ଶିକ୍ଷା କରିଛ କର୍ଣ୍ଣ ମହାମତି ?

ବିଚିତ୍ର ମହାଭାରତ; ବିଚିତ୍ର ଏହାର ଚରିତ୍ରମାନେ। ଏଠାରେ ଅଶ୍ୱତ୍ଥାମାଙ୍କ ପିତୃଭକ୍ତିର ପରିଚୟ ସହିତ ବିବେକ ଦଂଶନର ପରିଚୟ ମିଳେ। କୁରୁବଂଶର ଅନ୍ନରେ ପ୍ରତିପାଳିତ ହୋଇଥିବାରୁ, ଅନେକ ସମୟରେ ବାଧ୍ୟହୋଇ ସେ ସେମାନଙ୍କ ଅପକର୍ମକୁ ସହ୍ୟ କରୁଥିଲେ, କିନ୍ତୁ ନିଜ ପିତାଙ୍କ ପ୍ରତି ଆକ୍ଷେପ ହେବା ସମୟରେ ପରିଣତିକୁ ଭୃକ୍ଷେପ ନକରି ସେ ସତ୍ୟ ଉଦ୍ଘାରଣ କରୁଥିଲେ।

କିଛି ନିରବତା ପରେ ଅଶ୍ୱତ୍ଥାମା କହିଲେ... ଚଞ୍ଚକତା ନକରି, ବାହୁବଳରେ ଯେଉଁମାନେ ରାଜ୍ୟଜୟ କରନ୍ତି ସେମାନେ ମଧ୍ୟ ତୁମ ପରି ବାହାସ୍ଫୋଟ ମାରନ୍ତି ନାହିଁ। ଅର୍ଜୁନକୁ ଏକାକୀ ଜୟ କରିବା ଏତେ ସହଜ ନୁହେଁ ବୀର ପୁଙ୍ଗବ କର୍ଣ୍ଣ। ଗାଣ୍ଡିବ ଧନୁରୁ ବାଣ ଗୋଟିଏ ଦୁଇଟି ହୋଇ ଆସେ ନାହିଁ, ତାହା ଆସେ ଶହଶହ, ଲକ୍ଷ ଲକ୍ଷ ସଂଖ୍ୟାରେ, ତୀରରେ ଆକାଶ ମେଘାଛନ୍ନ ହୋଇଯାଏ, ଅଗ୍ନି ବର୍ଷା ହୁଏ ଆକାଶରୁ, ବାୟୁରେ ଶତ୍ରୁ ଉଡିଯାଏ ସହସ୍ରକୋଶ। ପ୍ରିୟ କର୍ଣ୍ଣ, ପ୍ରିୟ ଦୁର୍ଯ୍ୟୋଧନ ! କୁହ କେଉଁ ଯୁଦ୍ଧଟା ତୁମେ ପାଣ୍ଡବମାନଙ୍କଠାରୁ ରଣ କରି ଜିଣିଛ ? ଏହା କପଟ-ପଶା ଖେଳ ନୁହେଁ ଯେ ଶକୁନିଙ୍କ ଗୋଟି ଚାଳନା ଯୋଗୁଁ ତୁମେ ଯୁଦ୍ଧ ଜିଣିଯିବ।

ଅଶ୍ୱତ୍ଥାମାଙ୍କ କଥା ଶୁଣି ପ୍ରବଳ ହଟ୍ଟଗୋଳ ଆରମ୍ଭ ହୋଇଗଲା କୌରବ ମାନଙ୍କ ମଧ୍ୟରେ। କିଛି କର୍ଣ୍ଣଙ୍କ ସମର୍ଥନରେ ଏବଂ ଅନ୍ୟ କିଛି ଅଶ୍ୱତ୍ଥାମାଙ୍କ ସମର୍ଥନରେ ଭିଡା ଭିଡି ହୋଇ ଗଲେ।

Source: Author, Digitized by PPRACHIN, SOA

ଏହା ଦେଖି ଗଭୀର ଦୁଃଖ ଏବଂ ଅବସୋସ ସହିତ ଭୀଷ୍ମ କହିଲେ... ଜ୍ଞାନୀବ୍ୟକ୍ତି କଦାପି ଗୁରୁଙ୍କ ଅପମାନ କରନ୍ତି ନାହିଁ ପୁତ୍ର ଦୁର୍ଯ୍ୟୋଧନ ! ବର୍ତ୍ତମାନ ହସ୍ତିନାର ମାନ ରକ୍ଷା କରିବା ସମୟ।ରାଜ ସିଂହାସନକୁ ରକ୍ଷା କରିବା ପ୍ରତିଶ୍ରୁତି ଦେଇଥିବାରୁ ସେହି କର୍ତ୍ତବ୍ୟ ମୋ ପାଇଁ ସର୍ବୋପରି। ହସ୍ତିନାର ସମ୍ମାନ ରକ୍ଷା କରିବାକୁ ହେଲେ ଆମ ପାଖରେ ଦୁଇଟି ଉପାୟ ଅଛି... ଶାନ୍ତି ଅଥବା ଯୁଦ୍ଧ। ପାଣ୍ଡବ ମାନଙ୍କର ଅଜ୍ଞାତବାସ କାଲିଠାରୁ ସମାପ୍ତ ହୋଇଯାଇଛି। ଗ୍ରହନକ୍ଷତ୍ର ମାନଙ୍କର ମହାକାଶୀୟ ଗତି ସମ୍ବନ୍ଧରେ ଯେଉଁ ମାନେ ଜାଣନ୍ତି, ସେମାନଙ୍କ ମତରେ ଅଜ୍ଞାତବାସର ଅବଧି ପୂର୍ଣ୍ଣହୋଇ ଯାଇଛି। ତୁମେ ଯେବେ ଶାନ୍ତି ପ୍ରତିଷ୍ଠା ଚାହଁ, ପାଣ୍ଡବଙ୍କୁ ଆଦର ସହିତ ସେମାନଙ୍କ ରାଜ୍ୟ ଫେରାଇ ଦିଅ।

ପିତାମହଙ୍କ କଥା ଶୁଣି ଦୁର୍ଯ୍ୟୋଧନ ଗର୍ଜନ କରି କହିଲେ... ଅସମ୍ଭବ ପିତାମହ ! ପାଣ୍ଡବମାନଙ୍କୁ ମୁଁ ସୂଚ୍ୟାଗ୍ର ପରିମାଣ ସ୍ଥାନ ମଧ୍ୟ ଦେବି ନାହିଁ।

ଏକ ଶୁଷ୍କ ହସ ହସି ଭୀଷ୍ମ କହିଲେ... ଯୁବରାଜ ଦୁର୍ଯ୍ୟୋଧନ ! ଆମ ବୃଦ୍ଧମାନଙ୍କର ସମୟ ଚାଲିଯାଇଛି; ବର୍ତ୍ତମାନ ସମୟ ଉପରେ ଅଧିକାର ତୁମର। ରାଜାର ଆଦେଶ ପାଳନ କରି ସିଂହାସନର ରକ୍ଷା ମୋର କର୍ତ୍ତବ୍ୟ, ତେଣୁ ରାଜ୍ୟ ହରଣ ଏବଂ ଗୋଧନ ହରଣ ଭଳି ନୀଚ କାର୍ଯ୍ୟର ସହାୟତା ମୋତେ କରିବାପାଇଁ ପଡୁଛି। ଏହାଠାରୁ ଅଧିକ ଦୁର୍ଭାଗ୍ୟ ଏବଂ ଅସହାୟତା, ପରିବାରର ଜଣେ ବୃଦ୍ଧ ଜୀବନରେ ଆଉ କ'ଣ ଥାଇପାରେ ପୁତ୍ର !!

ଠିକ୍ ଅଛି, ବର୍ତ୍ତମାନ ଆମ ଆଗରେ ହସ୍ତିନାର ସମ୍ମାନ ରକ୍ଷା ବଡ଼ ଦାୟିତ୍ୱ। ଆମେ ହରଣ କରିଥିବା ଗୋଧନ ଆମ ପାଖରୁ ଯେବେ ଅର୍ଜୁନ ଛଡ଼ାଇ ନିଏ ତାହେଲେ ଆର୍ଯ୍ୟାବର୍ତ୍ତରେ ଆମ ସମ୍ମାନ ତଳେ ପଡିଯିବ। ହସ୍ତିନାର ଯୁବରାଜଙ୍କ ସୁରକ୍ଷା ମଧ୍ୟ ଆମର ପ୍ରଥମ କର୍ତ୍ତବ୍ୟ। ତେଣୁ ଆମ ସୈନ୍ୟବାହିନୀର ଏକ ଚତୁର୍ଥାଂଶ, ହରଣ କରାଯାଇଥିବା ଗୋଧନ ନେଇ, ଦୁର୍ଯ୍ୟୋଧନଙ୍କ ସହିତ ହସ୍ତିନା ଅଭିମୁଖେ ଯାତ୍ରା କରନ୍ତୁ; ଅନ୍ୟ ଏକ ଚତୁର୍ଥାଂଶ ଯୁବରାଜ ଦୁର୍ଯ୍ୟୋଧନଙ୍କର ସ୍ୱତନ୍ତ ସୁରକ୍ଷା ଦାୟିତ୍ୱରେ ରହନ୍ତୁ। ଅବଶିଷ୍ଟ ସୈନ୍ୟମାନଙ୍କୁ ନେଇ ଆମେ ଅର୍ଜୁନର ଗତିରୋଧ କରିବା।

ଯୋଜନା ଅନୁଯାୟୀ ଯୁଦ୍ଧ ଆରମ୍ଭ ହୋଇଗଲା। ଅର୍ଜୁନଙ୍କ ଗାଣ୍ଡିବରୁ ନିର୍ଗତ ତିନୋଟି ବାଣ ପ୍ରଥମେ ଭୀଷ୍ମ ଦ୍ରୋଣ ଏବଂ କୃପାଚାର୍ଯ୍ୟଙ୍କ ପାଦ ସ୍ପର୍ଶ କଲା।

ଦୁର୍ଯ୍ୟୋଧନଙ୍କୁ ସୈନ୍ୟ ଗହଣରେ ନଦେଖି, ପିତାମହଙ୍କ ଯୋଜନା ଜାଣିପାରି ଅର୍ଜୁନ ଉତ୍ତରକୁ କହିଲେ... ଆମର ଗୋଧନ ହରଣ କରି ଦୁର୍ଯ୍ୟୋଧନ ଚାଲିଯାଉଛି ଉତ୍ତର ! ଆମକୁ ତା'ର ପଥରୋଧ କରି ଗୋଧନ ଉଦ୍ଧାର କରିବା ପାଇଁ ପଡିବ। ଏହି

Source: Author, Digitized by PPRACHIN, SOA

ସ୍ଥାନରେ ଆମର ଆଉ କିଛି କାର୍ଯ୍ୟ ନାହିଁ।

ଦୁର୍ଯ୍ୟୋଧନ ପଛରେ ଅନୁଧାବନ କରି, ଅଳ୍ପଦୂରରେ ତାର ପଥ ଅବରୋଧ କଲେ ଅର୍ଜୁନ। ଗୋରୁପଲଙ୍କୁ ଉଦ୍ଧାର କରି ଗୋପାଳମାନଙ୍କ ଦାୟିତ୍ୱରେ ଦେଇ ଘୋର ଯୁଦ୍ଧରେ ମଜ୍ଜିଗଲେ ମଧ୍ୟମ ପାଣ୍ଡବ। ଗୋପାଳମାନେ ଗୋରୁପଲ ସହିତ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ। ଯୋଜନା ଅସଫଳ ହେବା ଦେଖି, ଭୀଷ୍ମଙ୍କ ଅଧିନାୟକତ୍ୱରେ ବିଶାଳ କୌରବ ସେନା, ଦୁର୍ଯ୍ୟୋଧନଙ୍କୁ ରକ୍ଷା କରିବା ପାଇଁ ଆଗେଇ ଆସିଲେ। ଅର୍ଜୁନ ଏକକ ତଥା ସମବେତ ଭାବରେ ଯୁଦ୍ଧ କରୁଥିବା ସମସ୍ତ କୁରୁବୀରଙ୍କୁ ପରାସ୍ତ କଲେ। ଶେଷରେ ସମ୍ମୋହନ ବାଣରେ ସମସ୍ତଙ୍କୁ ମୂର୍ଚ୍ଛିତ କରି ଉତ୍ତରଙ୍କୁ କହିଲେ... ମୂର୍ଚ୍ଛା ଯାଇଥିବା ସମସ୍ତଙ୍କ ଅସ୍ତ୍ରଶସ୍ତ୍ର ଏବଂ ଅଙ୍ଗବସ୍ତ୍ର ବାହାର କରି ନେଇ ଆସ ଉତ୍ତର! ସମସ୍ତେ ଏକବସ୍ତ୍ର ଏବଂ ଅସ୍ତ୍ରହୀନ ହୋଇ ହସ୍ତିନା ଫେରି ଯାଆନ୍ତୁ।

ସବୁ ଅସ୍ତ୍ରଶସ୍ତ୍ର ଏବଂ ରାଜକୀୟ ପରିଚ୍ଛଦ ନେଇଆସିବା ପରେ ଅର୍ଜୁନଙ୍କୁ ଉତ୍ତର କୁମାର ପଚାରିଲେ... ଆପଣ ଏମାନଙ୍କୁ ବଧ ନକରି କେବଳ ମୂର୍ଚ୍ଛିତ କାହିଁକି କଲେ?

ଅର୍ଜୁନ କହିଲେ... ବୀରମାନଙ୍କର ରଙ୍ଗ ବେରଙ୍ଗୀ ପୋଷାକ ରାଜକୁମାରୀ ଉତ୍ତରାଙ୍କର କଣ୍ଢେଇମାନଙ୍କ ପାଇଁ ନେବି ବୋଲି ମୁଁ କଥା ଦେଇଥିଲି। ଏମାନଙ୍କୁ ବଧ କରିଥିଲେ,ଏମାନେ ଶବରେ ପରିଣତ ହୋଇଥାନ୍ତେ; ଶବମାନଙ୍କ ଦେହରେ ଥିବା ପୋଷାକ ଅଶୁଭ ବୋଲି ବିବେଚନା କରାଯାଏ। ଏତଦ୍ ବ୍ୟତୀତ, ଜ୍ୟେଷ୍ଠ ଭ୍ରାତାଙ୍କ ବିନା ଆଦେଶରେ ଏମାନଙ୍କୁ ମୃତ୍ୟୁଦଣ୍ଡ ଦେବା ମୋର ଅଧିକାରଭୁକ୍ତ ନୁହେଁ।

ଏହିପରି କୌରବମାନଙ୍କୁ ଲାଞ୍ଛିତ କରି ଅପହୃତ ଗୋ'ସଂପଦ ଉଦ୍ଧାର କଲେ ଅର୍ଜୁନ। ବାଟରେ ଶମିବୃକ୍ଷରେ ପୂର୍ବବତ୍ ଅସ୍ତ୍ରଶସ୍ତ୍ର ରଖିଦେଇ, ପୂର୍ବପରି ବୃହନ୍ନଳା ବେଶ ଧାରଣ କରି ଉତ୍ତର କୁମାର ସହିତ ରାଜପ୍ରାସାଦ ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ ମଧ୍ୟମ ପାଣ୍ଡବ।

-0-

Source: Author, Digitized by PPRACHIN, SOA

(୭୧)

ବିନା ଯୁଦ୍ଧେ ଦେବିନାହିଁ ସୂଚ୍ୟଗ୍ର ମେଦିନୀ

ଦକ୍ଷିଣରେ ତ୍ରିଗର୍ତ୍ତ ରାଜା ସୁଶର୍ମାଙ୍କୁ ପରାସ୍ତ କରି ରାଜା ବିରାଟ, ଛଦ୍ମବେଶୀ ଯୁଧିଷ୍ଠିର (କଙ୍କ) ଭୀମ (ବଲ୍ଲଭ) ସହଦେବ (ତନ୍ତ୍ରୀପାଳ) ଏବଂ ନକୁଳ (ଗ୍ରନ୍ଥିକ)ଙ୍କ ସହିତ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ। ଭୀମସେନ, ଆହତ ତ୍ରିଗର୍ତ୍ତରାଜ ସୁଶର୍ମାଙ୍କୁ ରଥରେ ବନ୍ଦୀ କରି ରଖିଥିଲେ। ଯୁଧିଷ୍ଠିରଙ୍କ ନିର୍ଦ୍ଦେଶରେ ସୁଶର୍ମାଙ୍କୁ ମୁକ୍ତ କରିଦେଲେ ଦ୍ୱିତୀୟ ପାଣ୍ଡବ।

ରାଜଧାନୀରେ ପହଞ୍ଚିବା ପରେ ବିରାଟ ସମ୍ବାଦ ପାଇଲେ ଯେ ଯୁବରାଜ ଉତ୍ତର କୁମାର ବୃହନ୍ନଳାଙ୍କ ସାରଥିତ୍ୱରେ କୌରବ ମାନଙ୍କ ସହିତ ଯୁଦ୍ଧ କରିବାପାଇଁ ଯାଇଛନ୍ତି। ଦୁଃଖରେ ଭାଙ୍ଗି ପଡ଼ିଲେ ବିରାଟ। ତାଙ୍କର ସମସ୍ତ ବିଜୟ ଆନନ୍ଦ ନିରାନନ୍ଦରେ ପରିଣତ ହୋଇଗଲା। ଭାବିଲେ... ସତେ କଣ ପ୍ରିୟ ପୁତ୍ର ମୋର ଆଉ ଜୀବନରେ ଥିବ !! ଭୀଷ୍ମ, ଦ୍ରୋଣ, କର୍ଣ୍ଣ, କୃପାଚାର୍ଯ୍ୟ ଏବଂ ଅଶ୍ୱତ୍ଥାମାଙ୍କ ଭଳି ମହାରଥିଙ୍କ ଆଗରେ ଯଜ୍ଞ-ଯୂପ କାଠରେ ପଶୁ ଭଳି କେତେବେଳୁ ବଳି ପଡିସାରିବଣି ଉତ୍ତର।

ତଥାପି ମନରେ ଆଶାରଖି, ସେନାପତିଙ୍କ ଅଧ୍ୟକ୍ଷତାରେ ବିଶାଳ ସେନାବାହିନୀ ପଠାଇଲେ ବିରାଟ, ଯଦି ପୁତ୍ର ସୌଭାଗ୍ୟକୁ ବଞ୍ଚିଥାଏ, ତାକୁ ସୁରକ୍ଷିତ ଫେରାଇ ଆଣିବା ପାଇଁ।

ରାଜା ବିରାଟଙ୍କ ବ୍ୟସ୍ତତା ଦେଖି କଙ୍କରୂପୀ ଯୁଧିଷ୍ଠିର କହିଲେ... ହେ ରାଜନ୍! ପିତା ଭାବରେ ଆପଣଙ୍କ ଉଦ୍‌ବେଗ ସହଜରେ ଅନୁମେୟ, କିନ୍ତୁ ଉତ୍ତର କୁମାରଙ୍କର କୌଣସି କ୍ଷତି ହେବନାହିଁ, କାରଣ ତାଙ୍କ ସହିତ ବୃହନ୍ନଳା ସାରଥୀ ଭାବରେ ରହିଛନ୍ତି। ଆପଣ ଜାଣନ୍ତି ନାହିଁ, ମାତ୍ର ବୃହନ୍ନଳାଙ୍କ ସାମର୍ଥ୍ୟ ବିଷୟରେ ମୁଁ ସଂପୂର୍ଣ୍ଣ ଅବଗତ।

ଏହି ସମୟରେ ଦୂତ ସୁସମ୍ବାଦ ନେଇ, ଆନନ୍ଦ ମନରେ ବିରାଟଙ୍କ ପାଖରେ ପହଞ୍ଚି କହିଲା... ଶୁଭ ସମ୍ବାଦ ମହାରାଜ! ବିଶାଳ କୌରବ ବାହିନୀ ଯୁଦ୍ଧରେ ପରାସ୍ତ ହୋଇଛନ୍ତି। ସେମାନଙ୍କ କବଳରୁ ଗୋଧନ ଉଦ୍ଧାର କରି ବିଜୟ ଗର୍ବରେ ଉତ୍ତର କୁମାର ପ୍ରତ୍ୟାବର୍ତ୍ତନ କରୁଛନ୍ତି।

ବିରାଟଙ୍କପାଇଁ ଏହି ସମ୍ବାଦ ସୁଧାବୃଷ୍ଟି ଠାରୁ କମ୍ ନଥିଲା। ବାର୍ତ୍ତାବାହକ ଦୂତ ଗଳାରେ ନିଜର ହୀରା ନୀଳା ମୋତି ମାଣିକ୍ୟ ବୈଦୂର୍ଯ୍ୟ ଖଚିତ ହାର ଲମ୍ବାଇ ଦେଇ

Source: Author, Digitized by PPRACHIN, SOA

ଉଲ୍ଲସିତ ବିରାଟ କହିଲେ... ଜୀବନର ସବୁଠାରୁ ଆନନ୍ଦମୟ ସମ୍ବାଦ ପରିବେଷଣ କରିଛ ଦୂତ ! ମୋ ପ୍ରିୟ ପୁତ୍ର ଉତ୍ତର ବିଶାଳ କୌରବ ସେନାକୁ ପରାସ୍ତ କରିଛି ଶୁଣି ମୋତେ ଅମୃତ ପାନର ତୃପ୍ତି ମିଳିଛି । ଆଃ ! ମୋଠାରୁ ଭାଗ୍ୟବାନ ଆଉ କିଏ ଅଛି ! ମୋ ବୀର ପୁତ୍ରକୁ ସ୍ୱାଗତ କରିବା ପାଇଁ ସମସ୍ତ ବ୍ୟବସ୍ଥା କର । ନଗରକୁ ନବବଧୂ ପରି ସଜ୍ଜିତ କର, ଦ୍ୱାରେ ଦ୍ୱାରେ ପୂର୍ଣ୍ଣକୁମ୍ଭ ଆମ୍ରଡାଳ ସଜ୍ଜିତ ହୋଇ ରହୁ । ମୋ ପୁତ୍ରର ଜୟଗାନ ପାଇଁ ସ୍ଥାନେ ସ୍ଥାନେ ଭାଟମାନଙ୍କୁ ନିୟୋଜିତ କର, ନୃତ୍ୟଗୀତର ଆସର ସାରା ରାଜ୍ୟରେ ଲାଗିରହୁ । ମୋର ଭୂମିଞ୍ଜୟ ପୁତ୍ରର ସ୍ୱାଗତ ସମ୍ବର୍ଦ୍ଧନାରେ ଯେପରି କୌଣସି ତ୍ରୁଟି ନରହେ ।

ବିରାଟଙ୍କ ଆନନ୍ଦ ଦେଖି କଙ୍କରୂପୀ ଯୁଧିଷ୍ଠିର କହିଲେ... ମୁଁ ଜାଣିଥିଲି ମହାରାଜ ! ବୃହନ୍ନଳା ଯାହାର ସାରଥି ସେ ନିଶ୍ଚୟ ବିଜୟଶ୍ରୀ ବିମଣ୍ଡିତ ହେବ । ଇନ୍ଦ୍ରଙ୍କ ସାରଥି ମାତଳି ଏବଂ ବାସୁଦେବ କୃଷ୍ଣଙ୍କର ରଥଚାଳନା ପଟୁତା ଏବଂ ସାମର୍ଥ୍ୟ ବୃହନ୍ନଳାଙ୍କ ପାଖରେ ରହିଛି ।

ରାଜକୁମାର ଉତ୍ତରର ପ୍ରଶଂସା ନକରି, ବାରମ୍ବାର ବୃହନ୍ନଳାଙ୍କ ପ୍ରଶଂସା କରିବାରୁ କଙ୍କଙ୍କ ପ୍ରତି ବିରକ୍ତି ଭାବ ପ୍ରକାଶ କରି ବିରାଟ କହିଲେ... ଏ ବାଚାଳତା ବନ୍ଦକର କଙ୍କ ପଣ୍ଡିତ; ଗୋଟାଏ ତୃତୀୟଲିଙ୍ଗୀ ନର୍ତ୍ତକୀକୁ ପ୍ରଶଂସା କରି ମୋର ବୀରପୁତ୍ର ଉତ୍ତରକୁ ହେୟଜ୍ଞାନ କରିବାରେ ତୁମକୁ ଲଜ୍ଜା ଲାଗୁନାହିଁ କଙ୍କ ? କଣ ତୁମେ ଏପରି ବୃହନ୍ନଳାର ବିଶେଷ ଗୁଣ ଜାଣିଛ ଯାହା ମୁଁ ଜାଣିନାହିଁ ?

ଯୁଧିଷ୍ଠିର କିଛି କହିବାକୁ ଯାଉଥିଲେ, କିନ୍ତୁ ବିରାଟ କିଛି ଶୁଣିବା ମାନସିକତାରେ ନଥିଲେ । କହିଲେ... ବାସ୍ ଆଉ ଅଧିକ ବାଚାଳତା କରନାହିଁ । ମୋ ପାଖରେ ଶୁଣିବା ପାଇଁ ସମୟ ନାହିଁ । ମୁଁ ମୋ ବୀରପୁତ୍ର ଭୂମିଞ୍ଜୟ ଉତ୍ତର କୁମାରର ସମ୍ବର୍ଦ୍ଧନାର ଆୟୋଜନ କରିବି, ତୁମେ ବର୍ତ୍ତମାନପାଇଁ ଯାଅ, ଆବଶ୍ୟକ ପଡିଲେ ମୋ ଆଦେଶ ପାଇ ମୋ ପାଖରେ ଉପସ୍ଥିତ ହେବ ।

ମହାଭାରତର ଏହି କାହାଣୀଟି ଭିତରେ ରହିଛି ସର୍ବକାଳୀନ ସମାଜରେ ଅତ୍ୟଧିକ ପୁତ୍ର ମୋହର ସନ୍ଦେଶ । ପୁତ୍ରର ସଫଳତାରେ ବିରାଟ ଏତେ ଆତ୍ମହରା ଯେ ସେହି ସଫଳତାର କାରଣ ବା ସତ୍ୟତା ଜାଣିବାକୁ ସେ ପ୍ରସ୍ତୁତ ନୁହଁନ୍ତି, ପୁତ୍ରର ସାମର୍ଥ୍ୟ ଭଲ ଭାବରେ ଜାଣି ମଧ୍ୟ ବାସ୍ତବତା ମାନିବାକୁ ସେ ପ୍ରସ୍ତୁତ ନୁହଁନ୍ତି । ଜ୍ଞାନ ନଥିବା ବାଳକଟିଏ ନକଲ କରି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କଲେ ଯେପରି ପୁତ୍ରମୋହ-ପ୍ରବଣ ପିତାମାତା ଆତ୍ମହରା ହୋଇ ଡିଣ୍ଡିମ ପିଟନ୍ତି, ବିରାଟଙ୍କ ଅବସ୍ଥା ଥିଲା ସେହିପରି ।

ଅନ୍ତଃପୁରରେ ପ୍ରବେଶ କରି ଅତ୍ୟଧିକ ଆନନ୍ଦରେ ବିଭୋର ହୋଇ ରାଜା ବିରାଟ

Source: Author, Digitized by PPRACHIN, SOA

ସୈରିନ୍ଧ୍ରୀଙ୍କୁ ଡାକି ଆଦେଶ ଦେଲେ... ମୋ ଦ୍ୟୁତକ୍ରୀଡାର ବ୍ୟବସ୍ଥା ଶୀଘ୍ର କରାଯାଉ। କଙ୍କ ପଣ୍ଡିତଙ୍କୁ ଦ୍ୟୁତକ୍ରୀଡା ପାଇଁ ମୋ ପାଖରେ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଅ ସୈରିନ୍ଧ୍ରୀ।

କଙ୍କ ପଣ୍ଡିତବେଶୀ ଯୁଧିଷ୍ଠିରଙ୍କ ସହିତ ପଶା ଖେଳରେ ମଜ୍ଜିଗଲେ ରାଜା ବିରାଟ। ମଝିରେ ମଝିରେ ରାଜ୍ୟରେ ମହୋତ୍ସବର ବ୍ୟବସ୍ଥା ବିଷୟରେ ପରିଚାରକ ପରିଚାରିକାଙ୍କ ଠାରୁ ଅବଗତ ହେଉଥାନ୍ତି। ଖେଳରେ ପଶାଗୋଟି ପକାଇ ଗୋଟିଏ ଦାନ ଜିଣିଯାଇ ଚିତ୍କାର କରି କହିଲେ ବିରାଟ... ଏଇ ଦେଖ କଙ୍କ ପଣ୍ଡିତେ, ମୁଁ ଜିଣିଲି। ଯୁଦ୍ଧରେ ମୋ ପୁତ୍ରର ସଫଳତା ମୋ ଖେଳରେ ମଧ୍ୟ ପ୍ରତିଫଳିତ ହେଉଛି, ହା ହା ହା।

ଧୀର ଏବଂ ଦୃଢ଼ କଣ୍ଠରେ କଙ୍କ କହିଲେ... ଏହି ସଫଳତାର ଶ୍ରେୟ ବୃହନ୍ନଳାଙ୍କର ପ୍ରାପ୍ୟ ମହାରାଜ।

ବାସ୍, ଏହା ଯଥେଷ୍ଟ ଥିଲା ବିରାଟଙ୍କ ପାଇଁ। ହାତରେ ଧରିଥିବା ପଶାକାଠି ସେ ଯୁଧିଷ୍ଠିରଙ୍କ ମୁହଁକୁ ଫିଙ୍ଗିଦେଇ କହିଲେ... ନିର୍ଲଜ ଅପଗଣ୍ଡ ପଣ୍ଡିତ, କି ରସ ଲାଗିଛି ସେ ଅର୍ଦ୍ଧନାରୀ ବୃହନ୍ନଳା ଠାରେ? ମୋ ପୁତ୍ରର ସଫଳତାର ଶ୍ରେୟ ସେ ତୃତୀୟଲିଙ୍ଗୀକୁ ଦେବାପାଇଁ ଲଜ୍ଜା ଲାଗୁନାହିଁ ତୁମକୁ !

ପଶା କାଠି ନାକରେ ବାଜି ଧାର ଧାର ରକ୍ତ ବହିବା ଆରମ୍ଭ ହେଲା ଯୁଧିଷ୍ଠିରଙ୍କର। ସେଠାରେ ଉପସ୍ଥିତ ଥିଲେ ସୈରିନ୍ଧ୍ରୀ। ଦଉଡ଼ି ଯାଇ ଅନ୍ତଃପୁରରୁ ଗୋଟିଏ ସୁବର୍ଣ୍ଣ ପାତ୍ର ଆଣି ଝରୁଥିବା ରକ୍ତକୁ ସେଥିରେ ରଖିଲେ। ଏହାଦେଖି ଘୃଣାପୂର୍ଣ୍ଣ ନେତ୍ରରେ ସୈରିନ୍ଧ୍ରୀଙ୍କୁ ବିରାଟ କହିଲେ... କି ପ୍ରହସନ ଲାଗିଛି ଏଠାରେ ? ପଣ୍ଡିତଙ୍କ ରକ୍ତକୁ ସୁବର୍ଣ୍ଣ ପାତ୍ରରେ କାହିଁକି ସଂଗ୍ରହ କରାଯାଉଛି !! ଏ ପଣ୍ଡିତେ କଣ ଧର୍ମରାଜ ହୋଇଗଲେ ନା କଣ ?

ସୈରିନ୍ଧ୍ରୀରୂପୀ ଦ୍ରୌପଦୀ କହିଲେ... ଏ ରକ୍ତର ଗୋଟିଏ ବିନ୍ଦୁ ଧରିତ୍ରୀରେ ପଡ଼ିଲେ, ବିନା ବୃଷ୍ଟିପାତରେ ପୃଥିବୀରେ ଗୋଟିଏ ବର୍ଷର ଅକାଳ ପଡ଼ିଯିବ। ଏହାକୁ ତଳେ ପଡିବାକୁ ନଦେଇ ମୁଁ ସୃଷ୍ଟିକୁ ରକ୍ଷା କରୁଛି ରାଜା ବିରାଟ !

ସୈରିନ୍ଧ୍ରୀଙ୍କ ବକ୍ତବ୍ୟ ବିରାଟଙ୍କୁ ପ୍ରଳାପ ପରି ମନେହେଲା। ଏହି ସମୟରେ ଦୂତ ଆସି ଜଣାଇଲା... ମହାରାଜ ! ରାଜକୁମାର ଉତ୍ତର ଏବଂ ବୃହନ୍ନଳା ଆପଣଙ୍କ ସାକ୍ଷାତ ପାଇଁ ଅପେକ୍ଷା କରିଛନ୍ତି।

ବିରାଟ କିଛି କହିବା ପୂର୍ବରୁ କଙ୍କ କହିଲେ... କେବଳ ଉତ୍ତର କୁମାରଙ୍କୁ ଭିତରକୁ ନେଇ ଆସ ଦୂତ, ବୃହନ୍ନଳାଙ୍କୁ ବାହାରେ ରହିବାକୁ ଦିଅ।

ଯୁଧିଷ୍ଠିରଙ୍କ ନାକରୁ ରକ୍ତ ଝରିବା ଦେଖି ବୃହନ୍ନଳା ରୂପୀ ଅର୍ଜୁନ କ୍ରୋଧିତ ହୋଇ ବିରାଟଙ୍କର କିଛି କ୍ଷତି ନକରନ୍ତୁ, ଏହି ଉଦ୍ଦେଶ୍ୟରେ କଙ୍କ (ଯୁଧିଷ୍ଠିର) ବୃହନ୍ନଳାଙ୍କ ପ୍ରବେଶ

Source: Author, Digitized by PPRACHIN, SOA

ବାରଣ କରିଥିଲେ, କିନ୍ତୁ ଏହା ବିରାଟଙ୍କୁ ଆନନ୍ଦିତ କଲାଭଳି କଥା ଥିଲା। ଖୁସିରେ ସେ କହିଲେ... ହଁ, ଏବେ ଠିକ୍ କଥା କହିଛ କଙ୍କ ପଣ୍ଡିତ, ବୃହନ୍ନଳାର ଏଠାରେ କି କାମ ?

ଉତ୍ତର କୁମାର ଭିତରେ ପ୍ରବେଶ କରି ପିତାଙ୍କ ଚରଣ ସ୍ପର୍ଶ କରି କଙ୍କଙ୍କ ପାଦତଳେ ମଥା ନତ କଲେ। ପୁତ୍ରକୁ ଆଲିଙ୍ଗନ କରି ମଥା ଚୁମ୍ବନ କରି ବିରାଟ କହିଲେ... ଦେଖିଲ ତ କଙ୍କ ପଣ୍ଡିତେ ! ଫଳନ୍ତି ବୃକ୍ଷମାନେ ସର୍ବଦା ବିନମ୍ର । ଯୁଦ୍ଧରେ ସଫଳତା ମୋ ପୁତ୍ରକୁ ଆହୁରି ନମ୍ର କରି ଦେଇଛି। ସେ ପିତା ସଙ୍ଗେ ସଙ୍ଗେ ବ୍ରାହ୍ମଣଙ୍କୁ ମଧ୍ୟ ସମ୍ମାନ ଦେଇ ଶିଖିଛି।

ମଥା ନତ କରି ଉତ୍ତର କୁମାର କହିଲେ... ମୁଁ କୌଣସି ଯୁଦ୍ଧ ଜୟ କରିନାହିଁ ପିତାଶ୍ରୀ ! ଯୁଦ୍ଧ ଜିଣିଛନ୍ତି ଜଣେ ଦେବ ପୁରୁଷ ଏବଂ ସେ ହିଁ ମୋର ରକ୍ଷାକର୍ତ୍ତା। ସେ ନଥିଲେ ଆଜି ଆପଣ ମୋତେ ପାଇନଥାନ୍ତେ, ପାଇଥାନ୍ତେ ମୋର ଶବ।

ଆଶ୍ଚର୍ଯ୍ୟ ହୋଇ ବିରାଟ କହିଲେ... ଏହା କଣ ସତ୍ୟ ପୁତ୍ର !

ଉତ୍ତର କହିଲେ... ଏହା ସୂର୍ଯ୍ୟ ଚନ୍ଦ୍ର ଦିବା ରାତ୍ରି ପରି ନିରାଟ ସତ୍ୟ ପିତାଶ୍ରୀ ! ତାଙ୍କ ବାଣ ଆଘାତରେ ବିଶାଳ କୁରୁ ସୈନ୍ୟ ବାହିନୀ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛନ୍ତି। ଆମେ ଆମର ଗୋଧନ ଫେରି ପାଇଛନ୍ତି। ସମ୍ମୋହନ ବାଣରେ ସମସ୍ତ ଶତ୍ରୁ ବୀରଙ୍କୁ ନିଦ୍ରାଗତ କରି ସେ ମୋତେ ନିର୍ଦ୍ଦେଶ ଦେଇଥିଲେ ସେମାନଙ୍କ ଅସ୍ତ୍ରଶସ୍ତ୍ର ଓ ପରିଧାନ ଆଦି ନେଇ ଆସିବାପାଇଁ।

ବିରାଟ କହିଲେ... କୁହ ପୁତ୍ର, କିଏ ସେ ଦେବପୁରୁଷ, ଯେ ମୋ ପୁତ୍ର ଓ ରାଜ୍ୟକୁ ରକ୍ଷା କରିଛନ୍ତି !! ସେ ଯେ ହୁଅନ୍ତୁ ନା କାହିଁକି ତାଙ୍କୁ ମୋ ଅନୁପମା ପୁତ୍ରୀ ଉତ୍ତରା ସହିତ ବିବାହ ଦେଇ ଜାମାତା ପଦରେ ବରଣ କରିବି।

ଉତ୍ତର କହିଲେ... ଦୁଃଖିତ ପିତାଶ୍ରୀ ! ପରିଚୟ ଗୁପ୍ତ ରଖିବାପାଇଁ ସେ ଦେବପୁତ୍ର ମୋତେ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଦିନେ ଦୁଇ ଦିନ ଭିତରେ ଆପଣ ତାଙ୍କ ପରିଚୟ ପାଇ ପାରିବେ।

ବିଜୟ ସମ୍ବର୍ଦ୍ଧନାର ଆୟୋଜନ ଉତ୍ତର କୁମାରଙ୍କ ଉପରେ ନ୍ୟସ୍ତ ହେଲା। ପରଦିନ ରାଜପ୍ରାସାଦର ପ୍ରାଙ୍ଗଣରେ ଏକ ଭବ୍ୟ ସଭାରେ ପାଣ୍ଡବମାନଙ୍କ ପାଇଁ ଛଅଟି ସୁବର୍ଣ୍ଣ ସିଂହାସନ ପଡ଼ିଥିଲା। ରାଜକୀୟ ପରିପାଟୀରେ ସେହି ସିଂହାସନରେ ଆସୀନ ଥିଲେ ପାଣ୍ଡବ ପାଞ୍ଚଭାଇ ଏବଂ ଦ୍ରୌପଦୀ। ସଭାସ୍ଥଳକୁ ପ୍ରବେଶ କରି ବିରାଟ ଆଶ୍ଚର୍ଯ୍ୟ ହୋଇଗଲେ। ଏ ପର୍ଯ୍ୟନ୍ତ ଯେଉଁମାନଙ୍କ ପରିଚୟ ଉତ୍ତର କୁମାର ଗୁପ୍ତ ରଖିଥିଲେ ସେମାନଙ୍କୁ ରାଜପରିଚ୍ଛଦରେ ଚିହ୍ନିବା ପାଇଁ ବିରାଟଙ୍କୁ କଷ୍ଟ ହେଲାନାହିଁ। ଇନ୍ଦ୍ରପ୍ରସ୍ଥରେ,

Source: Author, Digitized by PPRACHIN, SOA

ରାଜସୂୟ ଯଜ୍ଞ ସମୟରେ ରାଜ ସିଂହାସନରେ ଆସୀନ ଯେଉଁ ଧର୍ମପୁତ୍ରଙ୍କୁ ସେ ଦେଖିଥିଲେ, ଆଜି ସେ ତାଙ୍କ ସମକ୍ଷରେ ଉପସ୍ଥିତ। ତାଙ୍କୁ ଦେଖି ଆନନ୍ଦ ବିଭୋର ହୋଇ କୋଳାଗ୍ରତ କଲେ ବିରାଟ। ବିରାଟଙ୍କୁ ଆଉ ଅନ୍ଧକାରରେ ରଖିବାକୁ କେହି ଚାହୁଁ ନଥିଲେ। ଯୁଧିଷ୍ଠିର ତାଙ୍କ ଆଗରେ ଅଜ୍ଞାତବାସ ସମୟର ସବୁ ଘଟଣା ବର୍ଣ୍ଣନା କଲେ।ନିଜ ଚକ୍ଷୁ କର୍ଣ୍ଣକୁ ବିଶ୍ୱାସ କରିପାରୁ ନଥିଲେ ବିରାଟ। ଅତୀତରେ ଅଜ୍ଞାତରେ କରିଥିବା ସମସ୍ତ ଭୁଲ୍ ପାଇଁ ପାଣ୍ଡବ ମାନଙ୍କ ଠାରୁ ସେ କ୍ଷମା ମାଗିନେଲେ।

ଏହି ସମୟରେ ହସ୍ତିନାର ଦୂତ ଦୁର୍ଯ୍ୟୋଧନଙ୍କ ସମ୍ବାଦ ଆଣି ଜଣାଇଲା... 'କୁନ୍ତୀପୁତ୍ର ! ଅଜ୍ଞାତବାସ ଶେଷ ହେବା ପୂର୍ବରୁ, ଧନଞ୍ଜୟଙ୍କ କାର୍ଯ୍ୟ ଯୋଗୁଁ , ଗୋଧନ ହରଣ ସମୟରେ ଆପଣମାନେ ଧରାପଡିଯାଇଛନ୍ତି। ତେଣୁ ନିଜର ସତ୍ୟ ରକ୍ଷାକରି ପୁଣି ବାରବର୍ଷ ବନଗମନ କରନ୍ତୁ। ଆପଣଙ୍କର ଏହି ଦୁର୍ଭାଗ୍ୟ ପାଇଁ ଯୁବରାଜ ଦୁର୍ଯ୍ୟୋଧନ ଦୁଃଖିତ ଓ ମର୍ମାହତ।'

ଯୁଧିଷ୍ଠିର ହସି ହସି ଦୂତକୁ କହିଲେ... ଦୂତ ! ଫେରିଯାଇ ଭ୍ରାତା ଦୁର୍ଯ୍ୟୋଧନଙ୍କୁ କୁହ... ଧନଞ୍ଜୟ ଦେବଦତ୍ତ ଶଙ୍ଖ ନିନାଦ କରି ଗାଣ୍ଡିବରେ ଟଙ୍କାର ଦେବା ପୂର୍ବରୁ, ଅଜ୍ଞାତବାସର ଅବଧି ଶେଷ ହୋଇଯାଇଥିଲା। କୁରୁ ସଭାରେ ଭୀଷ୍ମ, ଦ୍ରୋଣ ଏବଂ କୃପାଚାର୍ଯ୍ୟଙ୍କ ଭଳି ମହାନ ପଣ୍ଡିତ ଅଛନ୍ତି; ଏହାର ସତ୍ୟତା ସେମାନଙ୍କ ପାଖରୁ ବୁଝି ନିଅନ୍ତୁ ଭ୍ରାତ ଦୁର୍ଯ୍ୟୋଧନ। ଭ୍ରାତା ଦୁର୍ଯ୍ୟୋଧନଙ୍କୁ କହିବ ଦୂତ। ଅତିଶୀଘ୍ର ଆମ୍ଭ ହୃତ ରାଜ୍ୟ ଅଧିକାର କରିବା ପାଇଁ ଆମେମାନେ ହସ୍ତିନାକୁ ଫେରିବୁ।

ଈର୍ଷାରୁ କ୍ରୋଧ ଜାତ ହୁଏ ଏବଂ କ୍ରୋଧ ମନୁଷ୍ୟର ବୁଦ୍ଧି ବିବେକ ନଷ୍ଟ କରିଦିଏ। ଏହା ହିଁ ଘଟିଥିଲା ଦୁର୍ଯ୍ୟୋଧନଙ୍କ କ୍ଷେତ୍ରରେ। ଗୋଧନ ହରଣ ସମୟରେ ଏକା ଅର୍ଜୁନଙ୍କ ଦ୍ୱାରା ପରାସ୍ତ ହୋଇ ମଧ୍ୟ ତାଙ୍କର ଚୈତନ୍ୟ ଉଦୟ ହୋଇନଥିଲା, କାରଣ ତାଙ୍କ ଚେତନା ଈର୍ଷାରେ ଆବୃତ୍ତ ଥିଲା।ଦୂତଠାରୁ ଯୁଧିଷ୍ଠିରଙ୍କ ବାର୍ତ୍ତା ପାଇ ସର୍ବସମକ୍ଷରେ ରାଜସଭାରେ ଘୋଷଣା କଲେ ଦୁର୍ଯ୍ୟୋଧନ... ବିନା ଯୁଦ୍ଧେ ଦେବିନାହିଁ ସୂଚ୍ୟଗ୍ର ମେଦିନୀ।

-୦-

Source: Author, Digitized by PPRACHIN, SOA

(୭୨)

ଉପପ୍ଲାବ୍ୟରେ ମନ୍ତ୍ରଣାର ଯନ୍ତ୍ରଣା

ଧନଞ୍ଜୟଙ୍କ ବୀରତ୍ୱର ଆଲୋଚନା ମତ୍ସ୍ୟ ଦେଶର ଘରେ ଘରେ ଶୁଣିବାକୁ ମିଳିଲା। କାହାର ଜାଣିବାକୁ ବାକି ରହିଲା ନାହିଁ ଯେ ପାଣ୍ଡବମାନେ ଅଜ୍ଞାତବାସ କଟାଇବା ପାଇଁ ଛଦ୍ମବେଶରେ ବିରାଟଙ୍କ ରାଜପ୍ରସାଦରେ ଆଶ୍ରୟ ନେଇଥିଲେ। ପାଣ୍ଡବମାନଙ୍କର ପରାକ୍ରମ ହେତୁ ମତ୍ସ୍ୟଦେଶବାସୀ, ତ୍ରିଗର୍ତ୍ତ ଏବଂ ହସ୍ତିନାର ସଣ୍ଟୁଆଶି ଆକ୍ରମଣରୁ ରକ୍ଷା ପାଇଗଲେ। ପାଣ୍ଡବମାନେ ମତ୍ସ୍ୟ ବାସୀଙ୍କ ପାଇଁ ଦେବତାରେ ପରିଣତ ହୋଇଗଲେ। ରାଜା ବିରାଟ,ଅର୍ଜୁନଙ୍କୁ ଜାମାତା ରୂପେ ବରଣ କରିବା ଇଚ୍ଛା ପ୍ରକାଶ କଲେ।ବିନମ୍ରତା ସହିତ ଅର୍ଜୁନ କହିଲେ... ରାଜନ୍ ! ଆପଣଙ୍କ ସୁପୁତ୍ରୀର ମୁଁ ନୃତ୍ୟ ଗୁରୁ। ଗୁରୁଙ୍କ ଆସନ ପିତା ସହିତ ସମାନ। କୌରବ ସୈନ୍ୟମାନଙ୍କୁ ଚେତନା ଶୂନ୍ୟ କରି, ସେମାନଙ୍କ ରଙ୍ଗ ବିରଙ୍ଗ ଅଙ୍ଗବସ୍ତ୍ରକୁ ମୁଁ ଉତ୍ତରାର କଣ୍ଢେଇମାନଙ୍କ ପାଇଁ ଆଣିଥିଲି; ଏଥିରୁ ଉତ୍ତରା ପାଇଁ ମୋ ମନର ବାତ୍ସଲ୍ୟ ମମତା ଆପଣ ସହଜରେ ଅନୁମାନ କରିପାରୁଥିବେ। ଯଦି ଆପଣ ଆମ ସହିତ ବନ୍ଧୁତା ସୂତ୍ରରେ ବାନ୍ଧି ହେବାପାଇଁ ଚାହୁଁଛନ୍ତି ତାହେଲେ କଲ୍ୟାଣୀ ଉତ୍ତରାକୁ ମୋ ପୁତ୍ର ଅଭିମନ୍ୟୁ ସହିତ ବିବାହ ଦିଅନ୍ତୁ।

ଅର୍ଜୁନଙ୍କର ଏହି ଦି'ପଦ କଥା ବିରାଟଙ୍କ ପରିବାରରେ ସୁଧାବୃଷ୍ଟି କଲା। ଅର୍ଜୁନଙ୍କ ପୁତ୍ରବଧୂ ହେବେ ବୋଲି ଜାଣି ଆନନ୍ଦରେ ପୁଲକିତ ହେଲା ରାଜକୁମାରୀ ଉତ୍ତରାଙ୍କ ମନ; ଅଭିମନ୍ୟୁଙ୍କୁ ପାଇବା ସ୍ୱପ୍ନରେ ବିଭୋର ହେଲେ ଉତ୍ତରା। ବିବାହର ସମସ୍ତ ଆୟୋଜନ କରି ଦ୍ୱାରକାକୁ ନିମନ୍ତ୍ରଣ ପଠାଇଲେ ରାଜା ବିରାଟ।

ବନବାସ ଏବଂ ଅଜ୍ଞାତବାସ ସଂପୂର୍ଣ୍ଣ ହେଲାପରେ ମତ୍ସ୍ୟଦେଶ ରାଜପରିବାର ଛାଡି ପାଣ୍ଡବମାନେ ସ୍ୱାଧୀନ ଭାବରେ 'ଉପପ୍ଲାବ୍ୟ'ରେ ବସବାସ କଲେ। ଉପପ୍ଲାବ୍ୟ ମତ୍ସ୍ୟ ଦେଶର ଏକ ପ୍ରମୁଖ ନଗର। ବିବାହରେ ଯୋଗଦେବାପାଇଁ ଦ୍ୱାରକାରୁ ଶ୍ରୀକୃଷ୍ଣ ଏବଂ ବଳରାମ, ସାଙ୍ଗରେ ସୁଭଦ୍ରା ଓ ଅଭିମନ୍ୟୁଙ୍କୁ ନେଇ ଉପପ୍ଲାବ୍ୟରେ ପହଞ୍ଚିଲେ। ପାଣ୍ଡବଙ୍କ ସମର୍ଥକ ସାତ୍ୟକି ସମେତ ଅନେକ ଯାଦବ ବୀର ମଧ୍ୟ ଆସି ଉପପ୍ଲାବ୍ୟରେ ସମବେତ ହେଲେ। ପାଞ୍ଚାଳ, କାଶୀ ଏବଂ ଶୈବ୍ୟ ଦେଶର ରାଜାମାନେ ନିଜର ସୈନ୍ୟ ସାମନ୍ତ ସହିତ ପାଣ୍ଡବଙ୍କ ପାଖରେ ପହଞ୍ଚିଲେ। ପାଞ୍ଚାଳ-ଯୁବରାଜ ଧୃଷ୍ଟଦ୍ୟୁମ୍ନ, ଭ୍ରାତା ଶିଖଣ୍ଡି ଓ ସତ୍ୟଜିତଙ୍କ ସହିତ ପାଞ୍ଚାଳୀଙ୍କର ପାଞ୍ଚପୁତ୍ରଙ୍କୁ ନେଇ ପାଣ୍ଡୁ ପରିବାର ସହିତ

Source: Author, Digitized by PPRACHIN, SOA

ଉପପ୍ଲାବ୍ୟରେ ଯୋଗଦେଲେ। ମହା ସମାରୋହରେ ଅଭିମନ୍ୟୁ ଓ ଉତ୍ତରାଙ୍କ ବିବାହ ଉତ୍ସବ ସଂପନ୍ନ ହେଲା। ମତ୍ସ୍ୟ ରାଜ୍ୟ ସହିତ ଏହି ବୈବାହିକ ସଂପର୍କ ପାଣ୍ଡବମାନଙ୍କର ସାମରିକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କଲା। ବିରାଟଙ୍କ ସହିତ ତାଙ୍କର ଯେତେ ମିତ୍ର ରାଜ୍ୟ ଥିଲେ ସମସ୍ତେ ପାଣ୍ଡବଙ୍କୁ ସମର୍ଥନ କଲେ।

ବିବାହ ଉତ୍ସବ ସମାପନ ପରେ ପାଣ୍ଡବମାନେ ମିତ୍ର-ଶକ୍ତି ମାନଙ୍କ ସହିତ ଆଲୋଚନା କରି ଭବିଷ୍ୟତ କର୍ମପନ୍ଥା ସ୍ଥିର କରିବାପାଇଁ ଇଚ୍ଛାକଲେ। ସେଥିପାଇଁ ବିରାଟଙ୍କ ରାଜଦରବାରରେ ଏକ ଭବ୍ୟ ସମ୍ମିଳନୀରେ ସମସ୍ତେ ଏକତ୍ରିତ ହେଲେ।

ସଭାକୁ ସମ୍ବୋଧନ କରି ଶ୍ରୀକୃଷ୍ଣ କହିଲେ... ଉପସ୍ଥିତ ବୀରଗଣ! ଆପଣମାନେ ସମସ୍ତେ ଜାଣନ୍ତି କିପରି ଛଳନାର ଆଶ୍ରୟନେଇ କୌରବମାନେ ପାଣ୍ଡବମାନଙ୍କ ରାଜ୍ୟ ହରଣ କରି ନେଇଛନ୍ତି।ନାରୀର ସମ୍ମାନ ଓ ଅସ୍ମିତା କିପରି ଦୁଷ୍ଟ ମାନଙ୍କ ହାତରେ ପୂର୍ଣ୍ଣ କୁରୁ ରାଜସଭାରେ ଅପମାନିତ ହୋଇଛି ତାହା ମଧ୍ୟ ଜାଣିଛନ୍ତି ଆପଣମାନେ। ରାଜପୁତ୍ର ହୋଇ ଭିକାରିର ଜୀବନ ଅତିବାହିତ କରିଛନ୍ତି ପାଣ୍ଡବମାନେ। ସର୍ବଦା ଧର୍ମପଥଗାମୀ ଯୁଧିଷ୍ଠିର, ଦେଇଥିବା ବଚନ ରକ୍ଷା କରିବା ପାଇଁ ବାରବର୍ଷ ବନବାସ ଏବଂ ଏକବର୍ଷ ଅଜ୍ଞାତବାସ କଟାଇବା ପରେ, ନିଜ ଅପହୃତ ରାଜ୍ୟ ଫେରିପାଇ ଶାନ୍ତିରେ ରହିବା ଅପେକ୍ଷାରେ ରହିଛନ୍ତି। କିନ୍ତୁ ଦୁର୍ଯ୍ୟୋଧନ ଏବଂ କୁରୁ ରାଜପରିବାରର ମତିଗତିରୁ ଜଣାଯାଏ ଯେ ଯୁଧିଷ୍ଠିର ଏତେ ସହଜରେ ହୃତ ରାଜ୍ୟ ଫେରି ପାଇବେ ନାହିଁ।ଆମେ ସମସ୍ତେ ଶାନ୍ତି ଚାହାଁନ୍ତି,କାରଣ ଯୁଦ୍ଧର ଭୟାବହତା ସମସ୍ତଙ୍କୁ ଜଣା। ଯୁଧିଷ୍ଠିର ମଧ୍ୟ ଶାନ୍ତି ଚାହାଁନ୍ତି। ତେଣୁ ଦୁଇ ପରିବାର ମଧ୍ୟରେ ଆଲୋଚନା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା କରିବାପାଇଁ ଜଣେ ସ୍ଥିର-ମସ୍ତିଷ୍କ ମଧ୍ୟସ୍ଥିଙ୍କୁ କୌରବମାନଙ୍କ ପାଖକୁ ପ୍ରେରଣକରି ପାଣ୍ଡବଙ୍କ ହୃତ-ରାଜ୍ୟ ଫେରାଇ ଆଣିବାକୁ ପ୍ରୟାସ କରାଯିବା ଉଚିତ।

ସଭାରେ ବଳରାମ ଉପସ୍ଥିତ ଥିଲେ। ଶ୍ରୀକୃଷ୍ଣ ତାଙ୍କ ବକ୍ତବ୍ୟ ଶେଷ କରିବା ପରେ ବଳରାମ କହିଲେ... କାହ୍ନା ସହିତ ମୁଁ ଏକମତ। ଗୋଟିଏ ପରିବାର ମଧରେ ଭାଇ ଭାଇ ଭିତରେ ଯୁଦ୍ଧକୁ ମୁଁ ମଧ୍ୟ ସମର୍ଥନ କରେନାହିଁ। ମଧ୍ୟସ୍ଥି ମାଧ୍ୟମରେ ଏହାର ସମାଧାନ ହେବା ଉଚିତ। କିନ୍ତୁ ମଧ୍ୟସ୍ଥି ଉପଯୁକ୍ତ ବ୍ୟକ୍ତି ହେବା ଉଚିତ, ଜ୍ଞାନୀ, ଶାନ୍ତ ସ୍ୱଭାବ ଏବଂ ନିରପେକ୍ଷ ହେବା ମଧ୍ୟ ଉଚିତ। କୌରବମାନଙ୍କୁ ଅନୁରୋଧ କରି ପାଣ୍ଡବଙ୍କ ରାଜ୍ୟ ଫେରାଇ ଆଣିବାକୁ ଚେଷ୍ଟା କରିବା ଆବଶ୍ୟକ। ସମସ୍ତଙ୍କ ବାରଣ ସତ୍ତ୍ୱେ ଯୁଧିଷ୍ଠିର ପଶାଖେଳରେ ଯେପରି ରାଜ୍ୟ ହରାଇଲେ ତାହା ତାଙ୍କର ଅପରିଣାମଦର୍ଶୀତାର ଫଳ। ଭଲଭାବେ ଯୁଧିଷ୍ଠିର ଜାଣିଥିଲେ ଯେ ପଶାଖେଳରେ ଶକୁନିଙ୍କୁ ହରାଇବା ଅସମ୍ଭବ।

Source: Author, Digitized by PPRACHIN, SOA

ତଥାପି ନିଜସମେତ ଭାଇମାନଙ୍କୁ, ପତ୍ନୀଙ୍କୁ ଏବଂ ରାଜ୍ୟକୁ ବାଜି ପକାଇ ହାରିବା ଅର୍ଥ କ'ଣ? ଥରେ ହରାଇଥିବା ରାଜ୍ୟକୁ ନିଜ ଅଧିକାର ଭାବେ ସେ ଦାବି କରିପାରିବେ ନାହିଁ। ରାଜ୍ୟ ଦେବା ନଦେବା କୌରବମାନଙ୍କ ଦୟା ଉପରେ ନିର୍ଭର କରେ।

ମହାଭାରତକାର ବଳରାମଙ୍କର ଏହି ବକ୍ତବ୍ୟ ମାଧ୍ୟମରେ ଯୁଧିଷ୍ଠିରଙ୍କ ଅପରିଣାମଦର୍ଶୀତାକୁ ସମାଲୋଚନା କରିଛନ୍ତି। ମଦ୍ୟପାନ ଭଳି ଜୁଆଖେଳ ଏକ ଘୃଣ୍ୟ ନିଶା। ପତ୍ନୀକୁ ଜୁଆଖେଳରେ ବାଜି ପକାଇବା କୌଣସି ସୁସ୍ଥ ମସ୍ତିଷ୍କ ବ୍ୟକ୍ତି କରେନାହିଁ। ଏଥିପାଇଁ ବଳରାମ ଯୁଧିଷ୍ଠିରଙ୍କୁ କଦାପି କ୍ଷମା କରିନାହାନ୍ତି। ମହାଭାରତ ଯୁଦ୍ଧରେ ସେ ନିରପେକ୍ଷ ରହିଛନ୍ତି ପଛେ, ଯୁଧିଷ୍ଠିରଙ୍କ ସମର୍ଥନ କରିନାହାନ୍ତି।

ବଳରାମଙ୍କର ଏପରି ବକ୍ତବ୍ୟରେ କ୍ରୋଧିତ ଏବଂ ଅସନ୍ତୁଷ୍ଟ ହୋଇ ଯାଦବ ବୀର ସାତ୍ୟକି କହିଲେ... ବଳରାମଙ୍କର ଏଭଳି ମନ୍ତବ୍ୟ ଦୁର୍ଭାଗ୍ୟ ପୂର୍ଣ୍ଣ। ଯୁଧିଷ୍ଠିରଙ୍କୁ ଚଞ୍ଚକତାର ଶିକାର ହେବାକୁ ପଡ଼ିଛି। ପଶାଖେଳର ଆହ୍ୱାନକୁ ଗ୍ରହଣ କରିବା ଯୁଗଧର୍ମ ଅନୁସାରେ କ୍ଷତ୍ରିୟର କର୍ତ୍ତବ୍ୟ, କିନ୍ତୁ ସେ ଖେଳରେ ଛଳନାର ଆଶ୍ରୟନେଇ ରାଜ୍ୟ ବାଜି ରଖିବା ପଛରେ ଥିବା ଈର୍ଷାପୂର୍ଣ୍ଣ ଷଡ଼ଯନ୍ତ୍ର କେବେ କୌଣସି ପରିବାର ସଦସ୍ୟ କରନ୍ତି ନାହିଁ। ଯୁଧିଷ୍ଠିର ଯୁଦ୍ଧରେ ରାଜ୍ୟ ହରାଇ ନାହାଁନ୍ତି, ତାଙ୍କ ଠାରୁ ଛଡ଼ାଇ ନିଆଯାଇଛି। ସେଥିପାଇଁ ଆବଶ୍ୟକ ହେଲେ ସେ ଯୁଦ୍ଧକରି ତାହା ହାସଲ କରିବା ଉଚିତ। ପାଣ୍ଡବମାନେ ଭିକାରି ନୁହଁନ୍ତି କିମ୍ବା ଭୀରୁ ନୁହଁନ୍ତି; ସେମାନେ ପରାକ୍ରମୀ କ୍ଷତ୍ରିୟ। କିପରି ନିଜର ଅଧିକାର ସାବ୍ୟସ୍ତ କରାଯାଏ,ସେମାନଙ୍କୁ ଭଲ ଭାବରେ ଜଣା। ମଧ୍ୟସ୍ଥତା ଅସଫଳ ହେଲେ ଯୁଦ୍ଧରେ କୌରବଙ୍କୁ ପରାସ୍ତ କରି ପାଣ୍ଡବମାନେ ହୃତ-ରାଜ୍ୟ ଫେରିପାଇବା ଉଚିତ।ସେ ପ୍ରୟାସରେ ଆମେ ସମସ୍ତେ ପାଣ୍ଡବମାନଙ୍କ ସମର୍ଥନ କରିବା ଆବଶ୍ୟକ ।

ସାତ୍ୟକିଙ୍କ ମନ୍ତବ୍ୟକୁ ଯାଜ୍ଞସେନ ଦ୍ରୁପଦ ସମର୍ଥନ କରି କହିଲେ... ସାତ୍ୟକି ଠିକ୍ କହିଛନ୍ତି। ଆମେ ପ୍ରଥମେ ମଧ୍ୟସ୍ଥି ମାଧ୍ୟମରେ ହୃତ ରାଜ୍ୟ ଫେରାଇ ଆଣିବାକୁ ପ୍ରୟାସ କରିବା। ତାହା ସମ୍ଭବ ନହେଲେ ଯୁଦ୍ଧ ଅବଶ୍ୟମ୍ଭାବୀ। ମୋ ଦରବାରରେ ଜଣେ ବିଜ୍ଞ ବ୍ରାହ୍ମଣ ଅଛନ୍ତି।ସେ ଜଣେ ସ୍ଥିର-ମସ୍ତିଷ୍କ, ଜ୍ଞାନୀ ଏବଂ ନିରପେକ୍ଷ ବ୍ୟକ୍ତି।ତାଙ୍କୁ ପ୍ରଥମେ ଧୃତରାଷ୍ଟ୍ରଙ୍କ ପାଖକୁ ପ୍ରେରଣ କରାଯାଉ।

ଶ୍ରୀକୃଷ୍ଣ କହିଲେ... ଦେଖନ୍ତୁ ଉପସ୍ଥିତ ବୀରଗଣ! ଆମେ ଦୁଇ ଭାଇ, ଉଭୟ ପାଣ୍ଡବ ଏବଂ କୌରବ ପରିବାରଙ୍କର ସଂପର୍କୀୟ। ଭାଗିନେୟ ଅଭିମନ୍ୟୁର ବିବାହ ଉତ୍ସବରେ ଯୋଗଦେବାକୁ ଏସ୍ଥାନକୁ ଆମର ଆଗମନ।ଆମେ ଦୁଇପରିବାର ଭିତରେ ଶାନ୍ତି ଚାହୁଁ ଏବଂ କାହାପ୍ରତି ଅନ୍ୟାୟ ହେବା ଚାହୁଁ ନାହିଁ। ମଧ୍ୟସ୍ଥତା ମାଧ୍ୟମରେ ଯୁଧିଷ୍ଠିରଙ୍କୁ

Source: Author, Digitized by PPRACHIN, SOA

ଯେବେ ନ୍ୟାୟ ମିଳିଲା ଭଲକଥା, ନହେଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ଆମେମାନେ ଦ୍ୱାରକା ଫେରି ଯାଉଛୁ; ମଧ୍ୟସ୍ଥତାର ଫଳାଫଳ ଆମକୁ ଶୀଘ୍ର ଜଣାଇବେ।

କୃଷ୍ଣ ବଳରାମ ବିଦାୟ ନେଇ ଦ୍ୱାରକା ଫେରି ଯିବାପାଇଁ ପ୍ରସ୍ତୁତ ହେଲେ। ଦ୍ରୁପଦ ପାଣ୍ଡବମାନଙ୍କୁ କହିଲେ... ମଧ୍ୟସ୍ଥତାର ଫଳାଫଳ ଉପରେ ମୁଁ ଆଶାବାଦୀ ନୁହେଁ। ରାଜ୍ୟ ଫେରାଇବାର ମାନସିକତା ଦୁର୍ଯ୍ୟୋଧନ କିମ୍ବା ଧୃତରାଷ୍ଟ୍ରଙ୍କର ନାହିଁ। ଭୀଷ୍ମଙ୍କ ଭଳି କୁରୁବୃଦ୍ଧ ସିଂହାସନ ସହିତ ବନ୍ଧା। ସିଂହାସନର ନିଷ୍ପତ୍ତି ଭୁଲ୍ ହେଉ ବା ଠିକ୍, ତାହା ମାନି କାର୍ଯ୍ୟକାରୀ କରିବାକୁ ସେ ତାଙ୍କ କର୍ତ୍ତବ୍ୟ ମନେ କରନ୍ତି। ଦ୍ରୋଣ, ପାଞ୍ଚାଳର ପ୍ରତିଶୋଧାତ୍ମକ ଆକ୍ରମଣରୁ ରକ୍ଷା ପାଇବାପାଇଁ କୌରବ ରାଜଶକ୍ତି ପଛରେ ଲୁଚିଛନ୍ତି। ଦୁର୍ଯ୍ୟୋଧନଙ୍କ ନିଷ୍ପତ୍ତିକୁ ଅନିଚ୍ଛା ସତ୍ତ୍ୱେ ସେ ସମର୍ଥନ କରିବେ। କର୍ଣ୍ଣ, ଅନ୍ଧଭାବରେ ଦୁର୍ଯ୍ୟୋଧନଙ୍କୁ ସମର୍ଥନ କରନ୍ତି, କାରଣ ସୂତପୁତ୍ରରୁ ଅଙ୍ଗରାଜ ହେବାର ସୌଭାଗ୍ୟ ସେ ଦୁର୍ଯ୍ୟୋଧନଙ୍କ ଯୋଗୁଁ ପାଇଛନ୍ତି; ସେହି ଋଣଭାରରେ ତାଙ୍କ ମସ୍ତକ ସର୍ବଦା ଦୁର୍ଯ୍ୟୋଧନଙ୍କ ପାଦତଳେ ଅବନତ।

ଏ ପରିସ୍ଥିତିରେ, ସମସ୍ତ ବିକଳ୍ପ କେବଳ କୁହେଳିକା ବ୍ୟତୀତ ଅନ୍ୟ କିଛି ନୁହେଁ; ଯୁଦ୍ଧ ଅବଶ୍ୟମ୍ଭାବୀ। ସେଥିପାଇଁ ନିଜ ମିତ୍ର-ଶକ୍ତିମାନଙ୍କର ସମର୍ଥନ ପାଇଁ ପାଣ୍ଡବମାନେ ଚେଷ୍ଟା ଅବ୍ୟାହତ ରଖନ୍ତୁ।

ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ପ୍ରଚେଷ୍ଟା ଅବ୍ୟାହତ ରହିଲେ ମଧ୍ୟ ଉଭୟ, ପାଣ୍ଡବ ଏବଂ କୌରବ ପକ୍ଷ ଅବଶ୍ୟମ୍ଭାବୀ ଯୁଦ୍ଧପାଇଁ ରାଜ୍ୟମାନଙ୍କର ସମର୍ଥନପ୍ରାପ୍ତି ପ୍ରୟାସ ଜାରି ରଖିଲେ।

ସମ୍ମିଳନୀ ପରେ ଶ୍ରୀକୃଷ୍ଣ ଦ୍ୱାରକା ଅଭିମୁଖେ ପ୍ରସ୍ଥାନ କରିବା ପୂର୍ବରୁ ଦ୍ରୌପଦୀ କହିଲେ... ତୁମେ ଏ'କଣ କଲେ କେଶବ! ଶେଷରେ ଶାନ୍ତି ପ୍ରସ୍ତାବ ଦେଇଦେଲ! ମୋ କେଶ କଣ ଏମିତି ସବୁବେଳେ ମୁକୁଳା ରହିବ କୃଷ୍ଣ? ଦୁଃଶାସନର ଲହୁ ପାଇଁ ସଦା ତୃଷିତ ରହିବ ମୋ ମୁକ୍ତ କବରୀ !!

ସେଇ ଚିରାଚରିତ ବିମଳ ହସ ଝଲକି ଉଠିଲା ଶ୍ରୀକୃଷ୍ଣଙ୍କ ଓଠରେ; କହିଲେ... ମୋ ଉପରେ ବିଶ୍ୱାସ ରଖ କଲ୍ୟାଣୀ!

-o-

Source: Author, Digitized by PPRACHIN, SOA

(୭୩)

ମୋର ନାରାୟଣୀ ସେନାରେ କି କାର୍ଯ୍ୟ ମାଧବ !!

ଶାନ୍ତିପାଇଁ ପ୍ରୟାସ ଚାଲିଥିଲେ ମଧ୍ୟ ଯୁଦ୍ଧ ଯେ ନିଶ୍ଚିତ ଏହା ଉଭୟ କୌରବ ଏବଂ ପାଣ୍ଡବ ପକ୍ଷ ଜାଣି ସାରିଥିଲେ, କାରଣ ବିନାଯୁଦ୍ଧରେ ସୂଚ୍ୟଗ୍ର ପରିମିତ ଭୂମି ଦେବେ ନାହିଁ ବୋଲି କୁରୁ ଯୁବରାଜ ଦୁର୍ଯ୍ୟୋଧନ ନିଷ୍ପତ୍ତି ନେଇସାରିଥିଲେ। ସେଥିପାଇଁ ଉଭୟ କୌରବ ଏବଂ ପାଣ୍ଡବ ପକ୍ଷ ସମଗ୍ର ଭାରତର ବିଭିନ୍ନ ରାଜଶକ୍ତିଙ୍କ ସମର୍ଥନ ହାସଲ କରିବା ପାଇଁ ଯୋଗାଯୋଗ ଆରମ୍ଭ କରିଦେଲେ।

ସବୁ ଶକ୍ତିମାନଙ୍କ ମଧ୍ୟରେ ପ୍ରମୁଖ ଥିଲା ଦ୍ୱାରକା; କୃଷ୍ଣ ବଳରାମ ସମେତ ବିଶାଳ ନାରାୟଣୀ ସେନା। ସେମାନେ ଯାହା ପକ୍ଷରେ ରହି ଯୁଦ୍ଧ କରିବେ ସେ ପକ୍ଷର ବିଜୟ ସୁନିଶ୍ଚିତ ବୋଲି ସମସ୍ତଙ୍କର ଦୃଢ଼ ଧାରଣାଥିଲା। ନାରାୟଣୀ ସେନା ଭଳି ସୁଶିକ୍ଷିତ, ସୁପରିଚାଳିତ, ଦୁର୍ଦ୍ଧର୍ଷ ବିଶାଳକାୟ ସେନା ସେ ସମୟରେ ଭାରତ ଭୂଖଣ୍ଡରେ ନଥିଲା। ସେଥିପାଇଁ ପାଣ୍ଡବଙ୍କ ପୂର୍ବରୁ ଦ୍ୱାରକାର ସମର୍ଥନଲାଭ କରିବାପାଇଁ ଯୁବରାଜ ଦୁର୍ଯ୍ୟୋଧନ କ୍ଷୀପ୍ରବେଗରେ ଦ୍ୱାରାବତୀପୁରରେ ପହଞ୍ଚିଲେ। ଯିବାପୂର୍ବରୁ ଶକୁନି ଦୁର୍ଯ୍ୟୋଧନଙ୍କୁ କହିଥିଲେ... କୌଣସି ପ୍ରକାରେ ଶ୍ରୀକୃଷ୍ଣଙ୍କ ସମର୍ଥନପ୍ରାପ୍ତି କରିବ ପୁତ୍ର, କାରଣ ଯେଉଁଆଡେ କୃଷ୍ଣ ସେଇଆଡେ ବଳରାମ; ଶ୍ରୀକୃଷ୍ଣଙ୍କ ମତ ବିପକ୍ଷରେ ବଳରାମ କଦାପି ଯିବେନାହିଁ।

ସେଥିପାଇଁ ଦ୍ୱାରକାରେ ପହଞ୍ଚି ଦୁର୍ଯ୍ୟୋଧନ ପ୍ରଥମେ ଶ୍ରୀକୃଷ୍ଣଙ୍କ ଭବନରେ ପହଞ୍ଚିଲେ। କୁରୁ ଓ ପାଣ୍ଡୁ ପରିବାର ଶ୍ରୀକୃଷ୍ଣଙ୍କର ସଂପର୍କୀୟ ହୋଇ ଥିବାରୁ ସେମାନଙ୍କର ଅନ୍ତଃପୁରକୁ ଅବାଧ ପ୍ରବେଶ ଥିଲା। ଦୁର୍ଯ୍ୟୋଧନ ପହଞ୍ଚିବା ସମୟରେ ଶ୍ରୀକୃଷ୍ଣ ଶୟନ-ରତ ଥିଲେ। ତେଣୁ ଦୁର୍ଯ୍ୟୋଧନ ତାଙ୍କ ମସ୍ତକ ନିକଟରେ ପଡ଼ିଥିବା ସିଂହାସନରେ ବସି, ପହୁଡ଼ ଭାଙ୍ଗିବା ପର୍ଯ୍ୟନ୍ତ ଅପେକ୍ଷା କଲେ।

ଏହା ପରେ ଅର୍ଜୁନ ପହଞ୍ଚି, କୃଷ୍ଣଙ୍କୁ ନିଦ୍ରାମଗ୍ନ ଦେଖି, ତାଙ୍କ ପାଦପାଖରେ ଯୋଡହସ୍ତ ହୋଇ ଠିଆ ହୋଇ ରହିଲେ। ନିଦ୍ରାଭଙ୍ଗ ହେଲା ଶ୍ରୀପୁରୁଷୋତ୍ତମଙ୍କର; ପ୍ରଥମେ ଦୃଷ୍ଟି ପଡ଼ିଲା ଅର୍ଜୁନଙ୍କ ଉପରେ। ସହାସ୍ୟ ବଦନରେ ଶ୍ରୀକୃଷ୍ଣ କହିଲେ... ଆରେ ପାର୍ଥ ! କେତେବେଳୁ ମୋ ଶଯ୍ୟା ପାଖରେ ତୁମେ ଅପେକ୍ଷା କରିଛ ? ତତ୍ପରେ ଦୁର୍ଯ୍ୟୋଧନଙ୍କ ଉପରେ ଦୃଷ୍ଟି ପଡ଼ିଲା ଗୋବିନ୍ଦଙ୍କର। ସେହି ପ୍ରଶ୍ନ ଦୁର୍ଯ୍ୟୋଧନଙ୍କୁ ଦୋହରାଇ ମାଧବ କହିଲେ... କିପରି ଏଠାକୁ ଉଭୟଙ୍କର ଏକ ସମୟରେ ଆଗମନ ?

Source: Author, Digitized by PPRACHIN, SOA

ଦୁର୍ଯ୍ୟୋଧନ କହିଲେ... ଗୋବିନ୍ଦ ! ଅତି ଶୀଘ୍ର ପାଣ୍ଡବ ଏବଂ କୌରବଙ୍କମଧ୍ୟରେ ଯୁଦ୍ଧ ହେବାପାଇଁ ଯାଉଛି। ଏହି ଯୁଦ୍ଧରେ ଦ୍ୱାରକାର ସମର୍ଥନ ଅତି ଗୁରୁତ୍ୱପୂର୍ଣ୍ଣ। ମୁଁ ଏବଂ ଅର୍ଜୁନ ଦୁହେଁ ଆପଣଙ୍କର ପ୍ରିୟ ଏବଂ ସଂପର୍କୀୟ। କିନ୍ତୁ ଅର୍ଜୁନ ପୂର୍ବରୁ ମୁଁ ଆପଣଙ୍କ ସହାୟତା ମାଗିବା ପାଇଁ ଆସି ଅପେକ୍ଷା କରିଛି। ମୁଁ ଜାଣେ ଆପଣ ନ୍ୟାୟବାନ। ତେଣୁ ମୋ ପ୍ରତି ଅନ୍ୟାୟ କରିବେ ନାହିଁ। ମୁଁ ପ୍ରଥମେ ଆସିଥିବାରୁ ମୋ ଅନୁରୋଧ ରକ୍ଷା କରି କୌରବଙ୍କ ପକ୍ଷରେ ଯୋଗଦେବେ।

ପୁରୁଷୋତ୍ତମ କହିଲେ... ପ୍ରିୟ ଭାଇ ଦୁର୍ଯ୍ୟୋଧନ ! ତୁମେ ଠିକ୍ କହିଛ, ତୁମେ ଦୁହେଁ ମୋର ସଂପର୍କୀୟ ଏବଂ ପରିବାରର ସଦସ୍ୟ ସମାନ। ତୁମେ ପ୍ରଥମେ ଆସିଛ, କିନ୍ତୁ ମୋର ନିଦ୍ରାଭଙ୍ଗ ପରେ ପ୍ରଥମେ ପାର୍ଥ ମୋର ଦୃଷ୍ଟିପଥାରୂଢ଼ ହୋଇଛନ୍ତି। ତେଣୁ ଏଠାରେ ଉଭୟଙ୍କ ଅଧିକାର ସମାନ। କିନ୍ତୁ ଅର୍ଜୁନ ତୁମର କନିଷ୍ଠ। ପରିବାରରେ କିଛି ବାଣ୍ଟିବା ସମୟରେ କନିଷ୍ଠ ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯାଏ। ଏହା ଆମ ପାରିବାରିକ ସଂସ୍କୃତିର ମାନ୍ୟତା। ତେଣୁ ସହାୟତା ମାଗିବାର ଅଧିକାର ପ୍ରଥମେ ଅର୍ଜୁନଙ୍କର ପ୍ରାପ୍ୟ।

ଏବେ ସହାୟତା ବିଷୟରେ ମୋର ନିଷ୍ପତ୍ତି ଶୁଣ। ଏକ ପକ୍ଷରେ ବିଶାଳ ନାରାୟଣୀ ସେନା, ଅପର ପକ୍ଷରେ ମୁଁ ଏକା, ନିରସ୍ତ୍ର। ମୋର ପଣ ଅନୁଯାୟୀ ମୁଁ ଯୁଦ୍ଧରେ ଅସ୍ତ୍ର ଧାରଣ କରିବି ନାହିଁ। ଏହି ବିକଳ୍ପ ଭିତରୁ ପ୍ରଥମେ ଅର୍ଜୁନ ଗୋଟିଏ ବାଛିନିଅନ୍ତୁ, ଅପରଟି ସ୍ୱତଃ ଭ୍ରାତା ଦୁର୍ଯ୍ୟୋଧନଙ୍କର ପ୍ରାପ୍ୟ।କୁହ ଅନୁଜ ଅର୍ଜୁନ, ତୁମେ କଣ ଚାହଁ, ଅସ୍ତ୍ରହୀନ କୃଷ୍ଣ ନାଁ ବିଶାଳ ନାରାୟଣୀ ସେନା ?

ସଙ୍ଗେ ସଙ୍ଗେ ଅର୍ଜୁନଙ୍କ ମୁଖରୁ ବାହାରି ଆସିଲା... ମୋର ନାରାୟଣୀ ସେନାର ଆବଶ୍ୟକତା ନାହିଁ, ପାଣ୍ଡବଙ୍କ ପକ୍ଷରେ ଅସ୍ତ୍ରହୀନ କୃଷ୍ଣ ହିଁ ମୋର ଆବଶ୍ୟକ।

ନାରାୟଣୀ ସେନା ପାଇ ଦୁର୍ଯ୍ୟୋଧନଙ୍କ ମନ ଆନନ୍ଦରେ ଉଚ୍ଛୁଳି ପଡିଲା; ଭାବିଲେ... କେଡେ ମୂର୍ଖ ସତେ ଧନଞ୍ଜୟ ! ବିଶାଳ ନାରାୟଣୀ ସେନା ନମାଗି ଏକା ଅସ୍ତ୍ରହୀନ କୃଷ୍ଣଙ୍କୁ ମାଗି ନେଲା, ଆଶ୍ଚର୍ଯ୍ୟ ! କି ଭାଗ୍ୟବାନ ମୁଁ, ଅଯାଚିତ ଭାବରେ ବିଶାଳ ନାରାୟଣୀ ସେନା ମୋତେ ମିଳିଗଲା।

ସେଠାରୁ ଯାଇ ବଳରାମଙ୍କ ପାଖରେ ପହଞ୍ଚି, ଦୁର୍ଯ୍ୟୋଧନ କୃଷ୍ଣଙ୍କ ସହିତ ହୋଇଥିବା କଥୋପକଥନର ଅବତାରଣା କଲେ ଏବଂ କୌରବଙ୍କ ପ୍ରତି ହଳଧରଙ୍କର ସମର୍ଥନ ମାଗିଲେ । ବଳରାମ କହିଲେ... ମୁଁ, ଉପପ୍ଲବ୍ୟଠାରେ ଅଭିମନ୍ୟୁର ବିବାହ ଉତ୍ସବ ଅବସରରେ ରାଜନ୍ୟବର୍ଗଙ୍କ ଆଗରେ ମୋ ମତାମତ ରଖିସାରିଛି।ଏହି ଭ୍ରାତୃ କନ୍ଦଳରେ ଜଡ଼ିତ ନହେବାପାଇଁ ମୁଁ ନିଷ୍ପତ୍ତି ନେଇଛି ତଥା କୃଷ୍ଣଙ୍କୁ ବାରମ୍ବାର କହିଛି,

Source: Author, Digitized by PPRACHIN, SOA

କାରଣ ପାଣ୍ଡବ ଓ କୌରବ ଉଭୟେ ଆମପାଇଁ ସମାନ। କିନ୍ତୁ କାହ୍ନାର ନିଷ୍ପତ୍ତିରେ ମୁଁ କେବେ ହସ୍ତକ୍ଷେପ କରେନାହିଁ କିମ୍ବା ବିରୋଧ କରେନାହିଁ।ଯଦି ଯୁଦ୍ଧ ହୁଏ, ମୁଁ କାହାର ପକ୍ଷ ନେଇ ପାରିବି ନାହିଁ। ସର୍ବୋପରି କାହ୍ନା ଯାହାକୁ ସମର୍ଥନ କରିବ ତା' ବିରୁଦ୍ଧ ପକ୍ଷକୁ ମୁଁ ସମର୍ଥନ କରିବା ପ୍ରଶ୍ନ ଉଠୁ ନାହିଁ।

ଦୁର୍ଯ୍ୟୋଧନଙ୍କ ପ୍ରସ୍ଥାନ ପରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପଚାରିଲେ... ମୁଁ ଚୟନର ଅଗ୍ରାଧିକାର ତୁମକୁ ଦେଉଥିଲି, ତୁମେ ବିଶାଳ ନାରାୟଣୀ ସେନାକୁ ନବାଛି ଅସ୍ତ୍ର-ହୀନ କୃଷ୍ଣକୁ କାହିଁକି ଇଚ୍ଛାକଲ ପାର୍ଥ !

ଯୋଡ ହସ୍ତରେ ଅର୍ଜୁନ କହିଲେ... ହେ ଜନାର୍ଦ୍ଦନ ! ଏକା ଆପଣ ଲକ୍ଷେ ନାରାୟଣୀ ସେନା ଠାରୁ ଅଧିକ। ଆପଣଙ୍କ ଆଶୀର୍ବାଦ ହିଁ ପାଣ୍ଡବଙ୍କର ପାଥେୟ।ଆପଣ ଯୁଦ୍ଧରେ ଅସ୍ତ୍ର ଧରିବା କଣ ଆବଶ୍ୟକ ! ଗୋପପୁରରେ ଷଣ୍ଢ ବକ ପୁତନା ଆଦିଙ୍କୁ ବଧ କରିବା ସମୟରେ କେଉଁ ଅସ୍ତ୍ର ଥିଲା ଆପଣଙ୍କ ହାତରେ ? କାଳୀୟ ଦଳନ ସମୟରେ ସର୍ପର ଫଣା ଉପରେ, ବଂଶୀ ବଜାଇ ହସି ହସି ନୃତ୍ୟ କରି ତାର ଦର୍ପ ଦଳନ କରିଥିଲେ ଆପଣ। କେଉଁ ଅସ୍ତ୍ରରେ ଗୋବର୍ଦ୍ଧନ ଟେକିଧରି ଆପଣ ଇନ୍ଦ୍ରଙ୍କ ଦର୍ପ ଦଳନ କରିଥିଲେ କେଶବ ? ଶୁଣିଛି ମାତୁଳ କଂସ ଆପଣଙ୍କୁ ଦୂରରୁ ଦେଖି ହୃଦ୍‌ଘାତରେ ହିଁ ପ୍ରାଣତ୍ୟାଗ କଲେ। କାଳଯବନ ପର୍ବତ ଗହ୍ୱରରେ ଭସ୍ମରେ ପରିଣତ ହେବା ସମୟରେ କେଉଁ ଅସ୍ତ୍ର ଆପଣ ଧରିଥିଲେ ? ପାଣ୍ଡବଙ୍କ ରାଜସୂୟ ଯଜ୍ଞ ପୂର୍ବରୁ ପାଷଣ୍ଡ ଜରାସନ୍ଧର ମୃତ୍ୟୁ ଆପଣଙ୍କ ଯୋଗୁଁ ସମ୍ଭବ ହୋଇଥିଲା; ସେ ସମୟରେ କେଉଁ ଅସ୍ତ୍ର ଧାରଣ କରିଥିଲେ ଆପଣ ! ! ହେ କେଶବ ! ନାରାୟଣୀ ସେନାର ଶକ୍ତି ନୁହେଁ, ଆପଣଙ୍କ ଆଶୀର୍ବାଦ ପାଣ୍ଡବଙ୍କୁ ବିଜୟଶ୍ରୀ ମଣ୍ଡିତ କରିବ।

ଆପଣଙ୍କଠାରେ ଏକା ଅନେକ ଯୁଦ୍ଧ ଜୟକରିବାର ସାମର୍ଥ୍ୟ ରହିଛି କେଶବ। ଆପଣଙ୍କୁ ମୋ ରଥରେ ସାରଥି କରି ମୁଁ ଏକା ଏକା ଏହି ବିଶାଳ ଯୁଦ୍ଧ ଜୟ କରିବାର ଅଭିଳାଷା ପୋଷଣ କରିଛି। ଆଜି ଆପଣ ମୋର ସେ ମନସ୍କାମନା ପୂର୍ଣ୍ଣ କରନ୍ତୁ, ମୋ ରଥରେ ଆପଣ ସାରଥୀ ହେବାର ସୌଭାଗ୍ୟ ମୋତେ ଅର୍ପଣ କରନ୍ତୁ ଜନାର୍ଦ୍ଦନ।

ଭକ୍ତିପୂର୍ଣ୍ଣ ଆନନ୍ଦାଶ୍ରୁ ଝରି ଯାଉଥିଲା ଅର୍ଜୁନଙ୍କ ନୟନ ଯୁଗଳରୁ। ଆନନ୍ଦ ଚିତ୍ତରେ ଅର୍ଜୁନଙ୍କୁ କୋଳାଗ୍ରତ କଲେ ଶ୍ରୀକୃଷ୍ଣ। ଅର୍ଜୁନଙ୍କ ହୃଦୟ ଫଲ୍‌ଗୁ ନଦୀରେ ବହିଗଲା ଭକ୍ତିର ଅନ୍ତଃସଲୀଳା, ମନରେ ଅବ୍ୟକ୍ତ ପୁଲକ ଏବଂ ଶରୀରରେ ଶତସିଂହର ବଳ।

-୦-

Source: Author, Digitized by PPRACHIN, SOA

(୭୪)

ଆପଣ ଏ କଣ କଲେ ମାତୁଳ !!

ବଡ଼ ପ୍ରତାପୀ ଥିଲେ ମଦ୍ରଦେଶର ରାଜା ଶଲ୍ୟ। ସେ ଥିଲେ ମାଦ୍ରୀଙ୍କ ଭ୍ରାତା ଏବଂ ନକୁଳ, ସହଦେବଙ୍କ ମାତୁଳ। ପାଣ୍ଡବମାନଙ୍କର ଅଜ୍ଞାତବାସ ଶେଷ ହେବାପରେ ସେମାନଙ୍କୁ ଭେଟିବା ପାଇଁ ଶଲ୍ୟ ଉପପ୍ଲାବ୍ୟ ଅଭିମୁଖେ ଯାତ୍ରା କଲେ। ପାଣ୍ଡବ ଏବଂ କୌରବଙ୍କ ମଧ୍ୟରେ ଯୁଦ୍ଧ ଯେ ଅବଶ୍ୟମ୍ଭାବୀ ଏହା ଜାଣିସାରିଥିଲେ ଶଲ୍ୟ। ପାଣ୍ଡବମାନଙ୍କ ପକ୍ଷରେ ରହି କୌରବମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ଉଦ୍ଦେଶ୍ୟରେ ବିଶାଳ ମଦ୍ର-ସେନାବାହିନୀ ସହିତ ସେ ଯାତ୍ରା ଆରମ୍ଭ କରିଦେଲେ।

କଥିତ ଅଛି ଶଲ୍ୟଙ୍କର ସେନା ବାହିନୀ ଏତେ ବିଶାଳ ଥିଲା ଯେ ସେମାନେ ଯାତ୍ରା କରିବା ସମୟରେ ପ୍ରାୟ ପନ୍ଦର ମାଇଲ୍ ସ୍ଥାନ ଅଧିକାର କରନ୍ତି ଏବଂ ପୃଥିବୀ ଥରିଉଠି ଭୂକମ୍ପର ଅନୁଭୂତି ଦିଏ।

ନିଜ ନିଜ ପକ୍ଷ ପାଇଁ ପାଣ୍ଡବ ଓ କୌରବମାନେ ବିଭିନ୍ନ ରାଜାଙ୍କ ସମର୍ଥନ ଏକତ୍ରିତ କରିବାରେ ଲାଗିଥାନ୍ତି। ଶଲ୍ୟଙ୍କର ଯାତ୍ରାର ସମ୍ବାଦ ପାଇ ଦୁର୍ଯ୍ୟୋଧନ ଏକ ଚଞ୍ଚକତାର ଆଶ୍ରୟ ନେଲେ। ପଥ ମଧ୍ୟରେ ଯେଉଁ ସ୍ଥାନମାନଙ୍କରେ ଶଲ୍ୟଙ୍କ ଶିବିର ପଡୁଥିଲା ସେଠାରେ, ରାଜକର୍ମଚାରୀଙ୍କ ମାଧ୍ୟମରେ ଶଲ୍ୟ, ତାଙ୍କ ସେନାପତି ଏବଂ ସୈନ୍ୟମାନଙ୍କ ପାଇଁ ଦୁର୍ଯ୍ୟୋଧନ ବିପୁଳ ଅଭ୍ୟର୍ଥନାର ଆୟୋଜନ କରିଦେଲେ। ଏଭଳି ରାଜକୀୟ ସମ୍ମାନ ଓ ଅଭ୍ୟର୍ଥନା ପାଇ ଆନନ୍ଦରେ ଗଦ୍‌ଗଦ୍ ହୋଇ ଉଠିଲେ ମଦ୍ର ନରେଶ। ସେ ଭାବିଥିଲେ ଯେ ଭାଗିନେୟ ଯୁଧିଷ୍ଠିର ଏହି ସମସ୍ତ ଆୟୋଜନ କରୁଛନ୍ତି।

ଦିନେ, ପଥମଧ୍ୟରେ ଏକ ଶିବିରରେ ଖାଦ୍ୟପେୟ ଏବଂ ରାଜକୀୟ ସମ୍ମାନରେ ଅଭିଭୂତ ହୋଇ ମଦ୍ରରାଜ ଶଲ୍ୟ, ରାଜକମର୍ଚାରୀଙ୍କୁ କହିଲେ... ଯୁଧିଷ୍ଠିରଙ୍କ ଅତିଥି ଚର୍ଚ୍ଚାରେ ମୁଁ ଅଭିଭୂତ। ଯେଉଁ କର୍ମଚାରୀମାନେ ଆମ୍ଭମାନଙ୍କର ଏତେ ଖିଆଲ ରଖୁଛନ୍ତି ସେମାନଙ୍କୁ ମୁଁ ପୁରସ୍କୃତ କରିବାପାଇଁ ଚାହେଁ। ଏହା ଧର୍ମପୁତ୍ରଙ୍କୁ ଜଣାଇଦିଅ।

ଶଲ୍ୟଙ୍କର ଏପରି ପ୍ରଶଂସା ଶୁଣି ଦୂତ କ୍ଷୀପ୍ରବେଗରେ ହସ୍ତିନାରେ ପହଞ୍ଚି ଦୁର୍ଯ୍ୟୋଧନଙ୍କୁ ଅବଗତ କରାଇଲେ। କାଳ ବିଳମ୍ବ ନକରି ଦୁର୍ଯ୍ୟୋଧନ ଶଲ୍ୟଙ୍କ ପାଖରେ ପହଞ୍ଚି ତାଙ୍କ ପଦଧୂଳି ମଥାରେ ଲଗାଇ କହିଲେ... ମାମୁଁ । ଆପଣ ମୋ ଆତିଥ୍ୟରେ ସନ୍ତୁଷ୍ଟ ହୋଇଛନ୍ତି ଜାଣି ମୋ ହୃଦୟ ଆନନ୍ଦରେ ଅଧୀର। ଏହି ଭଣଜା ପ୍ରତି ସଦାସର୍ବଦା

Source: Author, Digitized by PPRACHIN, SOA

ଦୟା ରଖିଥାନ୍ତୁ ମାତୁଳ !

ଆଶ୍ଚର୍ଯ୍ୟରେ ଶଲ୍ୟଙ୍କ ଚକ୍ଷୁ ବିସ୍ଫାରିତ ହୋଇଗଲା... ତା'ହେଲେ ଏହା ଥିଲା ଦୁର୍ଯ୍ୟୋଧନଙ୍କ ଆତିଥ୍ୟ !! ଏପରି ସହୃଦୟତାରେ ବିଗଳିତ ହୋଇ ମଦ୍ରନରେଶ କହିଲେ... ଦୁର୍ଯ୍ୟୋଧନ ! ମୁଁ ବାସ୍ତବରେ ତୁମ ଆତିଥ୍ୟରେ ଅତ୍ୟନ୍ତ ପ୍ରୀତ। ମୋର ଏହି ବିଶାଳ ସୈନ୍ୟବାହିନୀ ମଧ୍ୟ ତୁମ ପାଖରେ ଋଣୀ। କୁହ ପୁତ୍ର, ତୁମର ଏ ଋଣ ମୁଁ କେଉଁ ପ୍ରକାର ପରିଶୋଧ କରି ପାରିବି ?

ଦୁର୍ଯ୍ୟୋଧନ କରପତ୍ର ଯୋଡ଼ି କହିଲେ... ମାମୁଁ ! ଆପଣ ଉଭୟ ପାଣ୍ଡବ ଏବଂ କୌରବଙ୍କର ପାରିବାରିକ ବନ୍ଧୁ। ମୋ ସେବାର ମୂଲ୍ୟ ଯେବେ ଆପଣ ଦେବାକୁ ଚାହୁଁଛନ୍ତି ତାହେଲେ ପାଣ୍ଡବଙ୍କ ସହିତ ହେବାକୁ ଯାଉଥିବା ଆଗାମୀ ଯୁଦ୍ଧରେ ଆପଣ ସଦଳବଳ ମୋ ପକ୍ଷରେ ରହି ମୋର ଜୟଯାତ୍ରାକୁ ସଫଳ କରନ୍ତୁ।

ଏପରି ଅନୁରୋଧ ଶୁଣି ସ୍ତବ୍ଧ ହୋଇଗଲେ ଶଲ୍ୟ। କୌରବଙ୍କ ଠାରୁ ଏତେବଡ ଆତିଥ୍ୟ ପାଇ, ଦୁର୍ଯ୍ୟୋଧନଙ୍କ ଅନୁରୋଧକୁ କିପରି ପ୍ରତ୍ୟାଖ୍ୟାନ କରିବେ ସେ ? ଏହା ଯେ କୃତଘ୍ନତା ସହିତ ସମାନ ହେବ। ଶଲ୍ୟ କହିଲେ... ତାହା ହିଁ ହେଉ।

କୌରବଙ୍କ ପକ୍ଷରେ ରହି ଯୁଦ୍ଧ କରିବା ପାଇଁ ପ୍ରତିଶ୍ରୁତି ଦେଇ ଶଲ୍ୟ ମନେମନେ ବହୁତ କଷ୍ଟ ଅନୁଭବ କଲେ। ନିଜ ଭାଗିନେୟ ନକୁଳ ଏବଂ ସହଦେବଙ୍କ ପ୍ରତି ଅନ୍ୟାୟ କଲେ ବୋଲି ତାଙ୍କର ହୃଦବୋଧ ହେଲା। ଅଜ୍ଞାତରେ ରାଜଆତିଥ୍ୟ ଗ୍ରହଣ କରିବା କେତେ ମାରାତ୍ମକ ସେ ଅନୁଭବ କରି ପାରିଲେ।

ଦୁର୍ଯ୍ୟୋଧନଙ୍କୁ ଚାହିଁ କହିଲେ... ପୁତ୍ର ଦୁର୍ଯ୍ୟୋଧନ ! ମୁଁ ତୁମକୁ କଥା ଦେଇଛି, ତାହା କଦାପି ଅନ୍ୟଥା ହେବନାହିଁ। କିନ୍ତୁ ତୁମ ପକ୍ଷକୁ ଯିବା ପୂର୍ବରୁ ମୁଁ ମୋର ଭାଗିନେୟ ପଞ୍ଚପାଣ୍ଡବଙ୍କୁ ସାକ୍ଷାତ କରି ସେମାନଙ୍କ ଭଲ-ମନ୍ଦ ବୁଝି ଆସିବାକୁ ଚାହେଁ।

ସନ୍ଦେହପୂର୍ଣ୍ଣ ଆଖିରେ ଦୁର୍ଯ୍ୟୋଧନ କହିଲେ... ଯାଆନ୍ତୁ ମାମୁଁ, ଭଣଜାମାନଙ୍କୁ ଦର୍ଶନ କରନ୍ତୁ, କିନ୍ତୁ ମୋତେ ଦେଇଥିବା ପ୍ରତିଶ୍ରୁତି ଭୁଲିବେ ନାହିଁ। ହସ୍ତିନାରେ ମୁଁ ଆପଣଙ୍କ ଉପସ୍ଥିତି ଅତି ଶୀଘ୍ର କାମନା କରେ। ଶଲ୍ୟ କହିଲେ... ମନରେ ସନ୍ଦେହ ଆଣ ନାହିଁ ଦୁର୍ଯ୍ୟୋଧନ ! ତୁମକୁ ଦେଇଥିବା ବାକ୍ୟ କେବେ ଅନ୍ୟଥା ହେବନାହିଁ।

ଶଲ୍ୟ, ପାଣ୍ଡବମାନଙ୍କୁ ଭେଟିବା ପାଇଁ ଉପପ୍ଲାବ୍ୟରେ ପହଞ୍ଚିଲେ। ମାମୁଁଙ୍କୁ ଦେଖି ନକୁଳ ଓ ସହଦେବ ଆନନ୍ଦରେ ଅଧୀର ହୋଇଗଲେ। ପାଣ୍ଡବମାନେ ଶଲ୍ୟଙ୍କୁ ବିଗତ ଦିନରେ ଘଟିଥିବା ଘଟଣାବଳୀ ବର୍ଣ୍ଣନା କରି ଦୁଃଖପୂର୍ଣ୍ଣ ଦିନ ମାନଙ୍କର ବର୍ଣ୍ଣନା କଲେ।

ଭାଗିନେୟମାନଙ୍କର ଦୁଃଖରେ ସମବେଦନା ଜଣାଇ ଶଲ୍ୟ ଯୁଧିଷ୍ଠିରଙ୍କୁ ଚାହିଁ

Source: Author, Digitized by PPRACHIN, SOA

କହିଲେ... ତୁମ ଦୁଃଖର ଦିନ ଶେଷ ହୋଇଯାଇଛି ପୁତ୍ର ! ମୁଁ ଶୁଣିଛି ବାସୁଦେବ କୃଷ୍ଣ ତୁମର ସହାୟକ। ଏକା ଅସ୍ତ୍ର ବିହୀନ ଶ୍ରୀକୃଷ୍ଣ ଯାହା ପକ୍ଷରେ ଅଛନ୍ତି ତାଙ୍କୁ ବିଶ୍ୱର କୌଣସି ଶକ୍ତି ପରାସ୍ତ କରି ପାରିବ ନାହିଁ। ମୋର ଆଶୀର୍ବାଦ ତୁମ ଉପରେ ସର୍ବଦା ରହିଛି ଏବଂ ରହିଥିବ ପୁତ୍ର ! ପୁନର୍ବାର ଆଶୀର୍ବାଦ ଦେଉଛି, ଯୁଦ୍ଧରେ ବିଜୟଶ୍ରୀ ମଣ୍ଡିତ ହୁଅ।

ଯୋଡ ହସ୍ତରେ ଯୁଧିଷ୍ଠିର କହିଲେ... ଏହା ଆପଣଙ୍କ ମହାନୁଭବତା ବ୍ୟତୀତ ଅନ୍ୟ କିଛି ନୁହେଁ ମାମୁଁ; ଆପଣଙ୍କ ସମେତ ବିଶାଳ ମଦ୍ରସେନାବାହିନୀର ସହାୟତା ପାଇଲେ ଯୁଦ୍ଧରେ ଆମର ଆତ୍ମବଳ ଚତୁର୍ଗୁଣିତ ହେବ ।

ଯୁଧିଷ୍ଠିରଙ୍କଠାରୁ ଏହା ଶୁଣି ଶଲ୍ୟ ମୁଖ ଅବନତ କରି କହିଲେ... ବଡ଼ ବିଭ୍ରାଟ ଘଟିଯାଇଛି ପୁତ୍ର ! ମୁଁ ଏହି ଯୁଦ୍ଧରେ ତୁମମାନଙ୍କ ପକ୍ଷ ନେଇ ପାରୁନାହିଁ।

ଏହାପରେ ଯାହା ସବୁ ଘଟିଯାଇଥିଲା ଅବତାରଣା କରି ଶଲ୍ୟ କହିଲେ... ଦୁର୍ଯ୍ୟୋଧନର ଆତିଥ୍ୟର ଋଣ ପରିଶୋଧ କରିବା ପାଇଁ ମୁଁ ତାକୁ ପ୍ରତିଶ୍ରୁତି ଦେଇଛି କୌରବପକ୍ଷରେ ସସୈନ୍ୟ ରହି ଯୁଦ୍ଧ କରିବା ପାଇଁ।

ଏହା ଶୁଣି ପାଣ୍ଡବମାନେ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଦୁଃଖିତ ମଧ୍ୟ ହେଲେ। ନକୁଳ ଏବଂ ସହଦେବ କହିଲେ... ମାମୁଁ! ଆଜି ଆପଣ ଲଜ୍ଜାରେ ଆମ ମୁଣ୍ଡ ତଳକୁ କରି ଦେଲେ। ସେପାରିରେ ରହି ମାତା ମାଦ୍ରୀ ଆପଣଙ୍କୁ କେବେ କ୍ଷମା ଦେବେ ନାହିଁ।

ନକୁଳ ଓ ସହଦେବଙ୍କୁ ସାନ୍ତ୍ୱନା ଦେଇ ଯୁଧିଷ୍ଠିର କହିଲେ... ଦୁର୍ଯ୍ୟୋଧନଙ୍କୁ ଦେଇଥିବା ବାକ୍ୟ ଅନ୍ୟଥା କଲେ ମାମୁଁଙ୍କର ଯଶ କଳଙ୍କିତ ହେବ, ଆମେ ସେକଥା ହୃଦୟଙ୍ଗମ କରିବା ଉଚିତ ପ୍ରିୟ ନକୁଳ, ସହଦେବ। ଏହା ଆମ ଦୁର୍ଭାଗ୍ୟ ଯେ ଆମ ଅବହେଳାରୁ ଆମେ ଭାରତଭୂଖଣ୍ଡର ଜଣେ ଶ୍ରେଷ୍ଠ ମହାରଥୀଙ୍କୁ ଆମପକ୍ଷରୁ ହରାଇଲେ। ଆମେ ପ୍ରଥମେ ମଦ୍ରଦେଶ ଯାଇ ମାମୁଁଙ୍କ ସହାୟତା ଭିକ୍ଷା କରିଥିଲେ ମାମୁଁ ଆଜି ଆମ ପକ୍ଷରେ ରହିଥାନ୍ତେ।

କିଛି ନିରବତା ପରେ ଯୁଧିଷ୍ଠିର କହିଲେ... କିନ୍ତୁ ଆପଣ କିପରି ପ୍ରିୟ ଭଣଜାମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିପାରିବେ ସେକଥା ମୁଁ ଚିନ୍ତା କରୁଛି ମାମୁଁ; ଆପଣଙ୍କ ହୃଦୟ ବେଦନା ମୁଁ ସହଜରେ ବୁଝିପାରୁଛି। ଯେତେବେଳେ ଆପଣଙ୍କ ପ୍ରିୟ ଅର୍ଜୁନକୁ ରାଧେୟ କର୍ଣ୍ଣ, ବାଣ ଆଘାତରେ ରକ୍ତାକ୍ତ କରୁଥିବ, ସେତେବେଳେ ଆପଣ କିପରି ତାହା ସହ୍ୟ କରିବେ ମାମୁଁ ?

ଭାବପ୍ରବଣ ହୋଇଗଲେ ଶଲ୍ୟ; କହିଲେ... କର୍ଣ୍ଣାର୍ଜୁନ ଯୁଦ୍ଧ ସମୟରେ, ମୁଁ କର୍ଣ୍ଣର ସାରଥୀ ହେବା ସମ୍ଭାବନା ଅଧିକ। ସେତେବେଳେ ଅର୍ଜୁନର ବୀରତ୍ୱର ବାରମ୍ବାର

Source: Author, Digitized by PPRACHIN, SOA

ଭୂୟସୀ ପ୍ରଶଂସା କରି ତଥା ରାଧେୟର ବଳବୀର୍ଯ୍ୟର ଅବମାନନା କରି, କର୍ଣ୍ଣର ଆତ୍ମବିଶ୍ୱାସକୁ ଆଘାତ ଦେଇ ମୁଁ ଅର୍ଜୁନଙ୍କୁ ପରୋକ୍ଷରେ ସାହାଯ୍ୟ କରିବି ପୁତ୍ର ଯୁଧିଷ୍ଠିର। ଯୁଦ୍ଧରେ ମୋର ଶାରୀରିକ ସମର୍ଥନ କୌରବଙ୍କ ସହିତ ରହିଲେ ମଧ୍ୟ ନୈତିକ ସମର୍ଥନ ତୁମପାଇଁ ରହିବ। ଦୁର୍ଯ୍ୟୋଧନ ଯେଉଁ ଚକ୍ରାନ୍ତ କରିଛି ସେଥିପାଇଁ ସେ ଏହି ପରିଣାମ ଭୋଗ କରିବ।

ମହାଭାରତ ମହାକାବ୍ୟରେ ଏହି ଘଟଣାର ବର୍ଣ୍ଣନାକରି ଗ୍ରନ୍ଥକାର କୌରବ ପକ୍ଷର ଦୁର୍ବଳତାକୁ ସ୍ପଷ୍ଟ କରିଦେବାକୁ ଚାହିଁଛନ୍ତି। ସେମାନଙ୍କ ପକ୍ଷରେ ଭୀଷ୍ମ, ଦ୍ରୋଣ, କୃପ ଏବଂ ଶଲ୍ୟଙ୍କ ପରି ମହାରଥୀ ଥିଲେ ମଧ୍ୟ ଯୁଦ୍ଧ ଜୟ କରିବାର ପ୍ରତିବଦ୍ଧତା କାହାର ମଧ୍ୟ ନଥିଲା। କୁହାଯାଏ ଜଣେ ଭେଦିଆ ହଜାର ହଜାର ଶତ୍ରୁଙ୍କ ସହିତ ସମାନ। ପାଣ୍ଡବ-ସମର୍ଥକ ଶଲ୍ୟଙ୍କର, ଘଟଣା ଚକ୍ରରେ ପଡି କୌରବପକ୍ଷରେ ଯୋଗଦେବା ପାଣ୍ଡବଙ୍କ ପାଇଁ ବରଦାନ ସଦୃଶ ହୋଇଥିଲା।

ମହାଭାରତ ଯୁଗର ଚରିତ୍ରମାନଙ୍କର ପ୍ରତିଫଳନ ଆଧୁନିକ ସମାଜରେ ଛତ୍ରେଛତ୍ରେ ପରିଲକ୍ଷିତ। ରାଜନୀତି ହେଉ ବା ସାମାଜିକ ଜୀବନ, ବାଘ-ଖୋଳ ଭିତରେ ଅନେକ ଭେଡିଆ ସମାଜରେ ଲୁଚି ରହିଛନ୍ତି ଯେଉଁମାନେ ମିତ୍ର ରୂପରେ ଶତ୍ରୁ ପାଇଁ କାମ କରନ୍ତି। ଏହି ଗୁପ୍ତ ଚରିତ୍ରମାନେ ହିଁ ଜରାସନ୍ଧର ଦୁର୍ବଳ ଜରା, ଦୁର୍ଯ୍ୟୋଧନର ଦୁର୍ବଳ ଜାନୁ ଏବଂ ଭସ୍ମାସୁରର ମସ୍ତକ-ଛୁଆଁ ମୃତ୍ୟୁ ଭେଦ ଅଟନ୍ତି।

-୦-

(୭୫)

ସଞ୍ଜୟଙ୍କ ମଧ୍ୟସ୍ଥତା

ମାଡି ଆସୁଥିଲା ଯୁଦ୍ଧର ଘନଘଟା। କୌରବମାନଙ୍କ ମିତ୍ର ପକ୍ଷର ସୈନ୍ୟମାନଙ୍କ ସଂଖ୍ୟା ଏଗାର ଅକ୍ଷୌହିଣୀରେ ପହଞ୍ଚିଲା। ସେହିପରି ପାଣ୍ଡବମାନଙ୍କ ପକ୍ଷରେ ସାତ ଅକ୍ଷୌହିଣୀ ସେନା ଯୁଦ୍ଧ କରିବାପାଇଁ ପ୍ରସ୍ତୁତ ହୋଇ ରହିଲେ। ସେ ସମୟରେ ଏକ ଅକ୍ଷୌହିଣୀ ସେନାର ସଂଖ୍ୟା ଥିଲା ୨୧୮୭୦ ରଥ, ସମସଂଖ୍ୟକ ହସ୍ତି, ରଥସଂଖ୍ୟାର ତିନି ଗୁଣ ଅଶ୍ୱ ଏବଂ ପାଞ୍ଚଗୁଣ ପଦାତିକ ସୈନ୍ୟ। ଏଥିରୁ ସହଜରେ ଅନୁମେୟ ଏହି ପ୍ରଳୟଙ୍କରୀ ଯୁଦ୍ଧରେ ଧ୍ୱଂସଯିବା ପାଇଁ କେତେ ବୀର ପ୍ରସ୍ତୁତ ହୋଇ ରହିଥିଲେ। ଅଗ୍ନି

Source: Author, Digitized by PPRACHIN, SOA

ପତଙ୍ଗଙ୍କୁ ଟାଣିଲା ଭଳି ଏହି ଯୁଦ୍ଧପାଇଁ ବିଭିନ୍ନ ରାଜଶକ୍ତି ଆକର୍ଷିତ ହୋଇ ଚାଲି ଆସିଥିଲେ ଏବଂ ନିଜ ନିଜର ପକ୍ଷ ବାଛି ନେଇଥିଲେ।

ଏହା କୌଣସି ବିଶ୍ୱଯୁଦ୍ଧ ଠାରୁ କମ୍ ନଥିଲା। କିଏ ନଜାଣେ ଯେ ମହାଭାରତ ଯୁଦ୍ଧ ପରେ ଭାରତ ବୀର ଶୂନ୍ୟ ହୋଇଗଲା; ବୀରଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ଦିବ୍ୟାସ୍ତ୍ର ଆଧୁନିକ ଯୁଗର ପରମାଣୁ ଅସ୍ତ୍ର ପରି ଭୟଙ୍କର ଥିଲା। ଏହି ପ୍ରଳୟଙ୍କରୀ ଯୁଦ୍ଧରେ ବ୍ୟବହୃତ ଦିବ୍ୟାସ୍ତ୍ର ମାନଙ୍କର ଭୟାବହତା ଗୋଟିଏ ଘଟଣାରୁ ଜଣାପଡେ। ଯୁଦ୍ଧ ପରେ ଶ୍ରୀକୃଷ୍ଣ, ନିଜେ ନନ୍ଦିଘୋଷ ତ୍ୟାଗକରି, ଅର୍ଜୁନ ଏବଂ ହନୁମାନଙ୍କୁ ରଥ ତ୍ୟାଗକରିବା ପାଇଁ ନିର୍ଦ୍ଦେଶ ଦେଲେ। ତିନିଜଣ ନନ୍ଦିଘୋଷ ତ୍ୟାଗ କରିବା ପରେ ପରେ ତାହା ନିମିଷ ମାତ୍ରେ ଲେଲିହାନ ଅଗ୍ନି ଗୋଳାରେ ପରିଣତ ହୋଇଗଲା। ଆଶ୍ଚର୍ଯ୍ୟରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ଏହାର କାରଣ ପଚାରିଲେ। ଶ୍ରୀକୃଷ୍ଣ କହିଥିଲେ... ପାର୍ଥ ! ଏହି ରଥ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଶଲ୍ୟଙ୍କ ଭଳି ଯୋଦ୍ଧାମାନଙ୍କର ଦିବ୍ୟାସ୍ତ୍ର ପ୍ରହାରରେ ଜ୍ୱାଳାମୁଖୀ ହୋଇ ରହିଥିଲା; ରଥରେ ମୋର ଏବଂ ହନୁମାନଙ୍କ ଉପସ୍ଥିତି ଯୋଗୁଁ ତାହା ଜଳି ପାରୁ ନଥିଲା।ରଥ ଜଳିଯିବା ଯୋଗୁଁ ସେହି ମାରାତ୍ମକ ଅସ୍ତ୍ର ମାନଙ୍କର ପ୍ରଭାବ ମଧ୍ୟ ଶେଷ ହୋଇଯାଇଛି। ଅନ୍ୟଥା ତାହା ତୁମ ଜୀବନରେ ଅଭିଶାପ ସାବ୍ୟସ୍ତ ହୋଇଥାଆନ୍ତା।

ମହାଭାରତ କାହାଣୀରୁ ଯୁଦ୍ଧର ଭୟାବହତା ବିଷୟରେ ଜାଣି ମଧ୍ୟ ଆଧୁନିକ ସମାଜ ଶୀତଳ ଯୁଦ୍ଧରୁ କ୍ଷାନ୍ତ ହୋଇନାହିଁ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଦୁଇ ଦୁଇଟି ପରମାଣୁ ବୋମା ବ୍ୟବହାର କରିସାରିଛି। ଏହାଠାରୁ ବଳି ଦୁର୍ଭାଗ୍ୟ କଥା ଆଉ କ'ଣ ଥାଇପାରେ ! ଏବେ ମଧ୍ୟ ପୃଥିବୀରେ ଶୀତଳ ଯୁଦ୍ଧର ନିଆଁ କୁହୁଳୁଛି।

କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ ଯୁଦ୍ଧ ହେଲେ ଧ୍ୱଂସର ଭୟାବହତା ବିଷୟରେ ଆଗରୁ ଠିକ୍ ଜାଣିଥିଲେ ଶ୍ରୀକୃଷ୍ଣ ଏବଂ ଯୁଧିଷ୍ଠିର। ସେଥିପାଇଁ ଶାନ୍ତିସ୍ଥାପନ କରିବାକୁ ଶେଷ ପର୍ଯ୍ୟନ୍ତ ସେ ଚେଷ୍ଟା ଚଳାଇଥିଲେ। ପ୍ରଥମେ ରାଜା ଦ୍ରୁପଦଙ୍କ ଦରବାରରେ ଥିବା ଜଣେ ଜ୍ଞାନୀ ବ୍ରାହ୍ମଣଙ୍କୁ ମଧ୍ୟସ୍ଥତା କରିବାକୁ ଧୃତରାଷ୍ଟ୍ରଙ୍କ ଦରବାରକୁ ପଠାଇଲେ ଯୁଧିଷ୍ଠିର।

ହସ୍ତିନାର ରାଜଦରବାରରେ ପହଞ୍ଚି ଯୁଧିଷ୍ଠିରଙ୍କ ବାର୍ତ୍ତା ଦେଇ ବ୍ରାହ୍ମଣ କହିଲେ... ହେ କୁରୁଶ୍ରେଷ୍ଠ ! ସାମାଜିକ ନିୟମ ଅନୁଯାୟୀ ପୈତୃକ ସଂପତ୍ତିର ଅଧିକାର ସମ ଭାବରେ ଦାୟାଦ ମାନଙ୍କର ପ୍ରାପ୍ୟ। ସେହି ଦୃଷ୍ଟିରୁ ହସ୍ତିନାର ପୂର୍ବ ରାଜା ବିଚିତ୍ରବୀର୍ଯ୍ୟଙ୍କର ଦୁଇ ପୁତ୍ର ଧୃତରାଷ୍ଟ୍ର ଏବଂ ପାଣ୍ଡୁ ପ୍ରତ୍ୟେକେ ସମଭାବରେ ହସ୍ତିନା ରାଜ୍ୟରୁ ଅର୍ଦ୍ଧେକ ପାଇବା ଉଚିତ। କିନ୍ତୁ ପାଣ୍ଡୁଙ୍କ ପୁତ୍ର ମାନଙ୍କର ରାଜ୍ୟ କପଟ ପଶା ଖେଳରେ ଛଡ଼ାଇ ନେଇ ସେମାନଙ୍କୁ ଆପଣ ଦରିଦ୍ର ବନବାସୀର ଜୀବନ ବିତାଇବାକୁ ବାଧ୍ୟ କରିଛନ୍ତି।ପଶା ଖେଳର

Source: Author, Digitized by PPRACHIN, SOA

ସର୍ତ୍ତ ଅନୁଯାୟୀ ପାଣ୍ଡବମାନେ ବାରବର୍ଷ ବନବାସ ଏବଂ ଏକବର୍ଷ ଅଜ୍ଞାତବାସ ବିତାଇ ଫେରି ଆସିଛନ୍ତି। ସେମାନଙ୍କ ଉପରେ କରାଯାଇଥିବା ଅନ୍ୟାୟକୁ ଭୁଲିଯାଇ ସେମାନେ ଶାନ୍ତିରେ ନିଜ ରାଜ୍ୟ ଶାସନ କରିବାକୁ ଚାହାଁନ୍ତି। ଯୁଦ୍ଧରେ ରାଜ୍ୟ ଜିଣିବା ସାମର୍ଥ୍ୟ ସେମାନଙ୍କର ଥିଲେ ମଧ୍ୟ ସେମାନେ ଅଯଥା ଯୁଦ୍ଧ କରି ଧ୍ୱଂସ ଲୀଳା ସୃଷ୍ଟି କରିବାପାଇଁ ଚାହାନ୍ତି ନାହିଁ। ଆପଣ ସେମାନଙ୍କ ରାଜ୍ୟ ଫେରାଇ ଦିଅନ୍ତୁ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ପଦକ୍ଷେପ ନିଅନ୍ତୁ।ଏହା ଉଭୟ ପରିବାର ପାଇଁ ମଙ୍ଗଳଦାୟୀ ହେବ।

ଭୀଷ୍ମ ଧୃତରାଷ୍ଟ୍ରଙ୍କୁ ଚାହିଁ କହିଲେ... ମଧ୍ୟସ୍ଥି ବ୍ରାହ୍ମଣ ଠିକ୍ କହିଛନ୍ତି; ଆମର ସୌଭାଗ୍ୟ ଯେ କଠୋର ସମୟ ମଧ୍ୟରେ ଗତିକରି ପାଣ୍ଡବମାନେ ଜୀବିତ ଅଛନ୍ତି। ସେମାନଙ୍କୁ ଅର୍ଦ୍ଧେକ ରାଜ୍ୟ ଫେରାଇ ଦେଇ ଶାନ୍ତି ସ୍ଥାପନ କରିବା ଉଚିତ। ସେମାନଙ୍କ ସହାୟତା ପାଇଁ ମଧ୍ୟ ଅନେକ ଶକ୍ତିଶାଳୀ ରାଜ୍ୟ ପ୍ରସ୍ତୁତ ଅଛନ୍ତି। ପାଞ୍ଚ ପାଣ୍ଡବଙ୍କ ଭଳି ବୀର ବିଶ୍ୱରେ ଅନନ୍ୟ। ବାସୁଦେବ ମଧ୍ୟ ତାଙ୍କର ସହାୟକ। ଯୁଦ୍ଧ ହେଲେ ସେମାନେ ନିଶ୍ଚୟ ଜୟଯୁକ୍ତ ହେବେ ଏବଂ କୌରବମାନେ ଧ୍ୱଂସ ପାଇଯିବେ। ସେଥିପାଇଁ ହେ ରାଜନ୍ ! ଯୁଦ୍ଧ ପନ୍ଥା ଛାଡି ଶାନ୍ତିର ଆଶ୍ରୟ ନିଅନ୍ତୁ।

ପିତାମହ ଭୀଷ୍ମ ତାଙ୍କ ବକ୍ତବ୍ୟ ଶେଷ କରିବା ପୂର୍ବରୁ ଗର୍ଜନ କରି କର୍ଣ୍ଣ, ବ୍ରାହ୍ମଣ ମଧ୍ୟସ୍ଥିଙ୍କୁ କହିଲେ... ଶୁଣ ମଧ୍ୟସ୍ଥି ବ୍ରାହ୍ମଣ ମହାଶୟ। ସେହି ଗୋଟିଏ କଥାକୁ ବାରମ୍ବାର କହି ଲାଭ କଣ ? ପାଣ୍ଡବମାନେ ଦ୍ୟୂତ କ୍ରୀଡାରେ ରାଜ୍ୟ ହରାଇ ସାରିଛନ୍ତି। ସର୍ତ୍ତ ପୂରଣ କରି ନପାରି, ଅଜ୍ଞାତବାସ ଶେଷ ହେବା ପୂର୍ବରୁ ଧରା ପଡିଯାଇଛନ୍ତି। ଆଉ ବାରବର୍ଷ ବନକୁ ନଯାଇ ତୁମ ହାତରେ ଶାନ୍ତି ପ୍ରସ୍ତାବ ପଠାଇବା ବଡ଼ ହାସ୍ୟାସ୍ପଦ କଥା। ତା'ଉପରେ ବୀରତ୍ୱର ଅହଂକାରରେ ଧମକ ଚମକ ଦେଖ ! ଭିକ୍ଷାରେ ରାଜ୍ୟ ମାଗିଥିଲେ ହୁଏତ ମିତ୍ର ଦୁର୍ଯ୍ୟୋଧନ କର୍ଣ୍ଣପାତ କରିଥାନ୍ତେ, କିନ୍ତୁ ଯୁଦ୍ଧର ଧମକ ଦେବା ଆସ୍ପର୍ଦ୍ଧା କିଛି ତ କମ୍ ନୁହେଁ।

କର୍ଣ୍ଣ ଏବଂ ଶକୁନିଙ୍କ ଭଳି ଚରିତ୍ରମାନେ ଯୁଗେ ଯୁଗେ ସମାଜର ଶାନ୍ତି ଭଙ୍ଗ କରନ୍ତି। କର୍ଣ୍ଣ ନିଜ ରାଜ୍ୟ ଅଙ୍ଗଦେଶରେ ରହି ସୁଶାସନରେ ମନ ଦେଇ, କୁରୁ ପରିବାରର ରାଜନୀତିରେ ଅଯଥା ମୁଣ୍ଡ ଖେଳାଇ ନଥିଲେ ପ୍ରଜାଙ୍କର ମଙ୍ଗଳ ହେବା ସଙ୍ଗେ ସଙ୍ଗେ ଭାରତବର୍ଷରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିଥାନ୍ତା। ଶକୁନି ମଧ୍ୟ ନିଜ ରାଜ୍ୟ ଗାନ୍ଧାର ଛାଡି ପାଣ୍ଡବ-କୌରବ ପାରିବାରିକ ରାଜନୀତିରେ ନିଜକୁ ସଂପୃକ୍ତ ରଖି ପ୍ରଜାଙ୍କର କ୍ଷତି ତଥା ରାଜପରିବାର ଶାନ୍ତି ନଷ୍ଟ କରୁଥିଲେ। ଏଭଳି ଚରିତ୍ର ମାନେ ଆବଶ୍ୟକତା ଠାରୁ ଅଧିକ ଭକ୍ତ (more loyal than the king) ଏପରି 'ଏ ଘର ପିଉସୀ, ସେ ଘର ମାଉସୀ'

Source: Author, Digitized by PPRACHIN, SOA

ବ୍ୟକ୍ତିତ୍ୱମାନଙ୍କଠାରୁ ଦୂରେଇ ରହିବା ଉଚିତ; ମହାଭାରତ ଏହି ମହାନ ଶିକ୍ଷା ଦିଏ।

କର୍ଣ୍ଣଙ୍କ କଥାରେ ବାଧା ଦେଇ ଭୀଷ୍ମ କହିଲେ... ହେ ରାଧେୟ ! ମଧ୍ୟସ୍ଥି ବ୍ରାହ୍ମଣ ଯାହା କହୁଛନ୍ତି, ଆମେ ତାହା ମାନିନେବା ଉଚିତ, ନହେଲେ ପାଣ୍ଡବଙ୍କ ହାତରେ ଆମେ ସମସ୍ତେ ମୃତ୍ୟୁ ବରଣ କରିବା। ପାଣ୍ଡବମାନେ କେତେ ଶକ୍ତିଶାଳୀ, ମତ୍ସ୍ୟ ଦେଶର ଗୋଧନ ହରଣ ଏବଂ ଘୋଷଯାତ୍ରା ସମୟରେ ଗନ୍ଧର୍ବ ଚିତ୍ରସେନ ସହିତ ସେମାନଙ୍କ ଯୁଦ୍ଧରୁ ଆମେ ସମସ୍ତେ ଜାଣି ସାରିଛନ୍ତି।

ସଭାରେ ଉପସ୍ଥିତ ଥିବା ଦୁର୍ଯ୍ୟୋଧନର ସମଥର୍କମାନଙ୍କୁ ଭୀଷ୍ମଙ୍କ କଥା ଭଲ ଲାଗିଲା ନାହିଁ। ସଭାରେ ହଟଗୋଳ ସୃଷ୍ଟି ହେଲା। କୌଣସି ନିଷ୍ପତ୍ତିରେ ପହଞ୍ଚି ନପାରି ଧୃତରାଷ୍ଟ୍ର ମଧ୍ୟସ୍ଥିଙ୍କୁ କହିଲେ... ଆପଣ ଯାଆନ୍ତୁ ବାର୍ତ୍ତାବହ, ଅତି ଶୀଘ୍ର ସଞ୍ଜୟଙ୍କ ମାଧ୍ୟମରେ ହସ୍ତିନା ଦରବାରର ନିଷ୍ପତ୍ତି ମୁଁ ଯୁଧିଷ୍ଠିରଙ୍କୁ ଜଣାଇଦେବି।

ସଞ୍ଜୟ, ଧୃତରାଷ୍ଟ୍ରଙ୍କ ସାରଥୀ ଗବଲଗଣଙ୍କ ପୁତ୍ର ଥିଲେ। ସେ ଜ୍ଞାନୀ, ଗୁଣୀ ତଥା ସନ୍ତୁଳିତ ମସ୍ତିଷ୍କର ବ୍ୟକ୍ତି ଥିଲେ। ସେ ନିଜର ମତାମତ କାହା ଉପରେ ଲଦି ଦେବା ସପକ୍ଷରେ ନଥିଲେ। ଶୁଣିବା ତାଙ୍କର ଅଭ୍ୟାସ ଥିଲା ଏବଂ ସେ କଦାପି ଅଯାଚିତ ମତ ଦେଉନଥିଲେ। ପ୍ରଭୁ-ଭକ୍ତି ତାଙ୍କର ଅନ୍ୟତମ ସୁଗୁଣ ଥିଲା। ସେଥିପାଇଁ ସେ ଧୃତରାଷ୍ଟ୍ରଙ୍କର ଅତି ପ୍ରିୟପିତ୍ର ହୋଇ ପାରିଥିଲେ। ତାଙ୍କୁ ସ୍ୱତନ୍ତ୍ର ଦୂତ ଭାବରେ ପାଣ୍ଡବମାନଙ୍କ ପାଖକୁ ଧୃତରାଷ୍ଟ୍ର ପ୍ରେରଣ କଲେ।

ଉପପ୍ଲାବ୍ୟରେ ପହଞ୍ଚି ସଞ୍ଜୟ ଯୁଧିଷ୍ଠିରଙ୍କୁ କହିଲେ... ଧର୍ମପୁତ୍ର ! ମହାରାଜା ଧୃତରାଷ୍ଟ୍ର ଆପଣଙ୍କୁ ସଦିଚ୍ଛା ଓ ସ୍ନେହ ଜଣାଇଛନ୍ତି। ମହାରାଜା ଯୁଦ୍ଧକୁ ଘୃଣା କରନ୍ତି ଏବଂ ଆପଣଙ୍କ ସହିତ ଶାନ୍ତି ଚାହାନ୍ତି।

ଏହା ଶୁଣି ଯୁଧିଷ୍ଠିର ଆନନ୍ଦିତ ହୋଇ କହିଲେ... ଆର୍ଯ୍ୟ ସଞ୍ଜୟ ! ଏହା ଯଦି ସତ୍ୟ ତାହେଲେ କୌରବମାନଙ୍କର ପ୍ରାଣ ରକ୍ଷା ହୋଇ ଯିବ।

ସଞ୍ଜୟ କହିଲେ... ମହାରାଜା ଧୃତରାଷ୍ଟ୍ର କହିଛନ୍ତି ଯେ ତାଙ୍କ ପୁତ୍ରମାନେ ଦୁଷ୍ଟ, ଅହଂକାରୀ ଓ ଗର୍ବୀ ଅଟନ୍ତି। ସେମାନେ ପିତା ମତାଙ୍କ କଥା ବା ପିତାମହଙ୍କ କଥା କଦାପି ଶୁଣନ୍ତି ନାହିଁ ଏବଂ ସବୁବେଳେ ପାଣ୍ଡବମାନଙ୍କ ଅହିତ କାମନା କରନ୍ତି। କିନ୍ତୁ ତୁମେ ତ ଧର୍ମାତ୍ମା ତଥା ଆଚାର, ବିଚାର ଓ ବ୍ୟବହାରରେ ସନ୍ତୁଳିତ। ପାଣ୍ଡବ ଏବଂ କୌରବଙ୍କ ମଧ୍ୟରେ ଯୁଦ୍ଧ ହେଲେ ଉଭୟ ପକ୍ଷର ପ୍ରଭୂତ କ୍ଷତି ହେବ। ଅଯଥା ପରିବାର ସଦସ୍ୟଙ୍କ ଭିତରେ ହଣାକଟା ଚାଲିବ; ରକ୍ତର ନଦୀ ବହିଯିବ ଭାରତ ଭୂଖଣ୍ଡରେ। ତେଣୁ ଦୁର୍ଯ୍ୟୋଧନ ଯେବେ ତୁମକୁ ରାଜ୍ୟ ଫେରାଇ ନଦେବେ, ତୁମେ ଯୁଦ୍ଧ ନିଆଁକୁ ଡେଇଁବା ଉଚିତ

Source: Author, Digitized by PPRACHIN, SOA

ହେବନାହିଁ।ଧର୍ମରାଜ ! ତୁମେ ହିଁ ଚାହିଁଲେ ପୃଥିବୀକୁ ମହା ଧ୍ୱଂସରୁ ରକ୍ଷା କରିପାରିବ।

ସଞ୍ଜୟଙ୍କ କଥା ଶୁଣି ହସିଲେ ଯୁଧିଷ୍ଠିର; କହିଲେ... ଏହାର ଅର୍ଥ ଧୃତରାଷ୍ଟ୍ର ଆମ ହୃତ ରାଜ୍ୟ ଫେରାଇବାକୁ ଚାହାଁନ୍ତି ନାହିଁ।ସେ ଶାନ୍ତି ଚାହାଁନ୍ତି, କିନ୍ତୁ ଅଶାନ୍ତିର କାରଣ ଦୂର କରିବାକୁ ଚାହାଁନ୍ତି ନାହିଁ। ସଞ୍ଜୟ ! ଧୃତରାଷ୍ଟ୍ରଙ୍କୁ ଯାଇ କହିବ, ଆମେମାନେ ତାଙ୍କର ଭ୍ରାତୃ-ପୁତ୍ର, ତାଙ୍କ ପ୍ରତି ଆମ୍ଭମାନଙ୍କର ଗଭୀର ଶ୍ରଦ୍ଧା ଓ ସମ୍ମାନ ରହିଛି। କିନ୍ତୁ ଆମେ ରାଜ୍ୟ ହରାଇ ଯିବୁ କେଉଁଆଡେ ? କ୍ଷତ୍ରିୟ ଭାବରେ ଆମେ ଆମର ଧର୍ମ କିପରି ପାଳନ କରିବୁ ? ବାଘକୁ ଘାସ ଖାଇ ବଞ୍ଚିବାକୁ କହିବା ଯାହା କ୍ଷତ୍ରିୟକୁ ରାଜ୍ୟ ତ୍ୟାଗ କରିବାକୁ କହିବା ତାହା। ଏଠାରେ ଗୋବିନ୍ଦ ଉପସ୍ଥିତ ଅଛନ୍ତି। ସେ ଉଭୟ ପକ୍ଷର ହିତୈଷୀ। ଧର୍ମର ମାର୍ଗ ତାଙ୍କୁ ଠିକ୍ ଜଣା। ତାଙ୍କ ସହିତ ପରାମର୍ଶ କରି ମୁଁ ପରବର୍ତ୍ତୀ ନିଷ୍ପତ୍ତି ନେବି।

ଶ୍ରୀକୃଷ୍ଣ କହିଲେ... ସଞ୍ଜୟ ! ପାଣ୍ଡବ ଏବଂକୌରବ, ଉଭୟଙ୍କର ମୁଁ ମଙ୍ଗଳ ଚାହେଁ। ସେଥିପାଇଁ ଆବଶ୍ୟକ ହେଲେ ମଧ୍ୟସ୍ଥତା କରିବାକୁ ମୁଁ ପ୍ରସ୍ତୁତ। ପାଣ୍ଡବମାନେ ଶାନ୍ତିରେ ଜୀବନଯାପନ କରିବାକୁ ଚାହାଁନ୍ତି। ହୃତରାଜ୍ୟ ଫେରି ପାଇଲେ ଧୃତରାଷ୍ଟ୍ରଙ୍କ ପ୍ରତି ତାଙ୍କର ଆନୁଗତ୍ୟ ବଢିଯିବ। ପାଣ୍ଡବ ଏବଂ କୌରବଙ୍କ ମିତ୍ରତା ଆର୍ଯ୍ୟାବର୍ତ୍ତରେ ଧର୍ମ ଓ ଶାନ୍ତି ପ୍ରତିଷ୍ଠା କରିବାରେ ସାହାଯ୍ୟ କରିବ। ତା'ନହେଲେ ଆବଶ୍ୟକ ପଡିଲେ ଅଧିକାର ସାବ୍ୟସ୍ତ କରିବାକୁ ପାଣ୍ଡବମାନେ ଯୁଦ୍ଧ କରିବା ପାଇଁ ମଧ୍ୟ ପ୍ରସ୍ତୁତ। ଯୁଦ୍ଧହେଲେ କୌରବମାନଙ୍କ ଧ୍ୱଂସ ନିଶ୍ଚିତ। ସଞ୍ଜୟ ! ଧୃତରାଷ୍ଟ୍ରଙ୍କୁ କହିବ... ଯୁଦ୍ଧ ଏବଂ ଶାନ୍ତି ଭିତରୁ ଯେଉଁ ବିକଳ୍ପ ସେ ଚାହାଁନ୍ତି, ବାଛି ନିଅନ୍ତୁ, ସେଥିପାଇଁ ପାଣ୍ଡବମାନେ ପ୍ରସ୍ତୁତ।

ଯୁଧିଷ୍ଠିର ସଞ୍ଜୟଙ୍କୁ କହିଲେ... ପ୍ରିୟ ସଞ୍ଜୟ ! ଫେରି ଯାଇ ଏହି ବାର୍ତ୍ତା କୁରୁଦରବାରରେ ଦେବ ଏବଂ ଭ୍ରାତା ଦୁର୍ଯ୍ୟୋଧନଙ୍କୁ କହିବ... ଆମ ରାଜ୍ୟ ହରଣକରି ସେ ଆମକୁ ଭିକାରିରେ ପରିଣତ କରିଛନ୍ତି; ପୂର୍ଣ୍ଣ ରାଜସଭାରେ ଦ୍ରୌପଦୀଙ୍କ ବସ୍ତ୍ର ହରଣ ପ୍ରଚେଷ୍ଟାକରି ଗୃହଲକ୍ଷ୍ମୀର ସମ୍ମାନ ଓ ଅସ୍ମିତା ପ୍ରତି ଅବମମାନା କରିଛନ୍ତି; ଏହା ସତ୍ତ୍ୱେ ମଧ୍ୟ ଆମେ ଶାନ୍ତି ଚାହୁଁ। କିଛି ନହେଲେ ଆମ ପାଞ୍ଚଭାଇଙ୍କ ପାଇଁ ପାଞ୍ଚ ଖଣ୍ଡ ଗ୍ରାମ ଦାନକଲେ ଆମେ ସେଥିରେ ସନ୍ତୁଷ୍ଟ ହୋଇ ଶାନ୍ତିରେ ବସବାସ କରିବୁ। ଭ୍ରାତା ଦୁର୍ଯ୍ୟୋଧନଙ୍କୁ କହିବ ସଞ୍ଜୟ, ଆମେ ଉଭୟ ଶାନ୍ତି ଏବଂ ଯୁଦ୍ଧ ପାଇଁ ପ୍ରସ୍ତୁତ। ନିଷ୍ପତ୍ତି ତାଙ୍କ ହାତରେ।

-୦-

Source: Author, Digitized by PPRACHIN, SOA

(୭୬)

ଶାନ୍ତିଦୂତ କେଶବ

ଭାରତ ଭୂଖଣ୍ଡକୁ ଏକ ଭୟାବହ ଯୁଦ୍ଧରୁ ରକ୍ଷା କରିବା ପାଇଁ ପାଣ୍ଡବ ଏବଂ କୌରବଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ଲକ୍ଷ୍ୟ ନେଇ ଶ୍ରୀକୃଷ୍ଣ ହସ୍ତିନାକୁ ଶାନ୍ତିଦୂତ ଭାବେ ଯିବାପାଇଁ ପ୍ରସ୍ତୁତ ହେଲେ। ସାଙ୍ଗରେ ଥିଲେ ସାତ୍ୟକି ଏବଂ ଅନ୍ୟ କିଛି ଯାଦବବୀର। ଯାତ୍ରା ପୂର୍ବରୁ ପାଣ୍ଡବ ଭାଇମାନଙ୍କ ସହିତ ଏବଂ ଦ୍ରୌପଦୀଙ୍କ ସହିତ ସବିଶେଷ ଆଲୋଚନା କଲେ କେଶବ। ଯୁଧିଷ୍ଠିର ଶାନ୍ତି ସପକ୍ଷରେ ଥିଲେ ଏବଂ ପାଞ୍ଚ ଭାଇଙ୍କ ପାଇଁ ପାଞ୍ଚଖଣ୍ଡ ଗ୍ରାମ ପାଇ ପାରିଲେ ଯୁଦ୍ଧ ଏଡ଼ାଇ ହେବ ବୋଲି ମତ ପୋଷଣ କଲେ। ଏପରି କି ଭୀମସେନ ମଧ୍ୟ ଶାନ୍ତି ସପକ୍ଷରେ ମତ ଦେଲେ। କିନ୍ତୁ ଦ୍ରୌପଦୀ ଶାନ୍ତି ସପକ୍ଷରେ ନଥିଲେ।

ଅଶ୍ରୁଳ ନୟନରେ ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚି ଯାଜ୍ଞସେନୀ କହିଲେ... କେଶବ ! ଦେଖି ପାରୁଛ ତ ମୋ ମୁକ୍ତ କେଶ ! ଦୀର୍ଘ ତେର ବର୍ଷ ଧରି ଦୁଃଶାସନ ଛାତିର ରକ୍ତ ପିପାସା ନେଇ ମୁକୁଳିତ ହୋଇ ରହିଛି ମୋର କେଶ। ଅନ୍ୟ କେହି ସିନା ମୋ ଦୁଃଖ ବୁଝି ପାରିବେନି, ତୁମେ ପରା ବସ୍ତ୍ର ଦେଇ ମୋର ଲଜ୍ଜା ନିବାରଣ କରିଥିଲ ! ମୋ ଦୁଃଖ କାହାଣୀ କଣ ତୁମେ ଭୁଲିଗଲ କେଶବ, ମୁଁ ଯେବେ ରଜସ୍ୱଳା ହୋଇ ଏକ ବସ୍ତ୍ରରେ ପ୍ରାସାଦ ଭିତରେ ବସିଥିଲି, ନିର୍ଲଜ ଭେଡିଆ ଦୁଃଶାସନ ମୋର କେଶ ଝିଙ୍କି ରାଜସଭାକୁ ଟାଣିନେଇ ନିବସ୍ତ୍ର କରିବାକୁ ଚେଷ୍ଟା କରିଥିଲା। ସୂତପୁତ୍ର କର୍ଣ୍ଣ ମୋତେ ବାରାଙ୍ଗନା କହି ଗଣଭୋଗ୍ୟା ବୋଲି କହିଥିଲା। ପାଷଣ୍ଡ ଦୁର୍ଯ୍ୟୋଧନ ତାର ଜଂଘ ପିଟି ସେଠାରେ ବସିବାକୁ ଇସାରା କରି ଥିଲା। ମୋତେ ଉଲଗ୍ନ କରିବାକୁ ଚେଷ୍ଟା କଲାବେଳେ ନପୁଂସକ ଭଳି ମୁହଁକୁ ତଳକୁ ପୋତି ବସିରହିଥିଲେ ମୋ ସ୍ୱାମୀଗଣ; ମୋର ନଗ୍ନ ଶରୀରର ଦୃଶ୍ୟ ଉପଭୋଗ କରିବାକୁ ଉତ୍ସୁକ ହୋଇ ଚାହିଁ ରହିଥିଲେ କୁରୁ ସଭାରେ ରଥି ମହାରଥୀ ଗଣ।

କୃଷ୍ଣ ! ପାପାଶୟ ଦୁଃଶାସନର ଘୃଣ୍ୟ ହାତର ପୁତିଗନ୍ଧ ମୋ ଦେହରୁ ଯାଇନାହିଁ; ସେ ଅଟ୍ଟହାସ ଏବେ ବି ନିଶାର୍ଦ୍ଧରେ ହୃଦୟଥରାଇ ନିଦ୍ରା ଭଙ୍ଗ କରୁଛି କେଶବ ! ଏମାନଙ୍କ ସହିତ କି ପ୍ରକାର ଶାନ୍ତି ସମ୍ଭବ ? ଯେଉଁ ଶାନ୍ତିରକ୍ଷା ଲକ୍ଷ ନେଇ ତୁମର ଏ ଯାତ୍ରା, ତାହା ଶ୍ମଶାନର ଶାନ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ।

Source: Author, Digitized by PPRACHIN, SOA

ପାଣ୍ଡବ ପାଞ୍ଚଭାଇ ପାଞ୍ଚଖଣ୍ଡ ପଡା ପାଇ ସନ୍ତୁଷ୍ଟ ହେଲେ ମଧ୍ୟ ମୁଁ ନିରବ ହୋଇ ବସିବି ନାହିଁ। ମୁଁ ଅସହାୟା ନୁହେଁ, ଅବଳା-ଦୁର୍ବଳା ନୁହେଁ, ବିଶାଳ ପାଞ୍ଚାଳ ରାଜ୍ୟର ରାଜକନ୍ୟା ମୁଁ, ଆବଶ୍ୟକ ହେଲେ ଅସି-ହସ୍ତରେ, ପିତା ଦ୍ରୁପଦ, ଭ୍ରାତା ଧୃଷ୍ଟଦ୍ୟୁମ୍ନ, ସତ୍ୟଜୀତ ଏବଂ ଶିଖଣ୍ଡୀଙ୍କ ସହାୟତାରେ କୌରବଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବି। ମୋତେ ସାହାଯ୍ୟ କରିବା ପାଇଁ ମୋର ପାଞ୍ଚ ପୁତ୍ର ଅଛନ୍ତି। ସୁଭଦ୍ରା-ପୁତ୍ର ଅଭିମନ୍ୟୁ ମଧ୍ୟ ମୋର ସହାୟତା କରିବ। ଦୁଃଶାସନର ରକ୍ତରେ ମୁଁ ମୁକ୍ତକେଶ ନବାନ୍ଧିବା ପର୍ଯ୍ୟନ୍ତ କୌଣସି ଶାନ୍ତି ସମ୍ଭବ ନୁହେଁ କେଶବ।

ଦ୍ରୌପଦୀଙ୍କ ଆଖିରୁ ବହି ଯାଉଥିଲା ଧାର ଧାର ଲୁହ। କୋହଭରା କଣ୍ଠରେ କୃଷ୍ଣଙ୍କୁ ଚାହିଁ ସେ କହିଲେ... ତୁମ ଉପରେ ମୁଁ ସବୁବେଳେ ଭରସା କରି ଆସିଥିଲି; ତୁମେ ଶେଷରେ ମୋତେ ପରିତ୍ୟାଗ କଲ କେଶବ !

ଦ୍ରୌପଦୀଙ୍କ ଲୁହ ଶ୍ରୀକୃଷ୍ଣଙ୍କ ହୃଦୟରେ ଗଭୀର ରେଖାପାତ କଲା। ଶାନ୍ତ୍ୱନା ଭରା କଣ୍ଠରେ ଶ୍ରୀକୃଷ୍ଣ କହିଲେ... ଏ ଅଭିମାନଭରା ଦୁଃଖ ତ୍ୟାଗକର କଲ୍ୟାଣୀ ! ଦୁର୍ଯ୍ୟୋଧନ ସହିତ ଶାନ୍ତି ପ୍ରତିଷ୍ଠା କଦାପି ସମ୍ଭବ ନୁହେଁ। ଯେଉଁ ବ୍ୟକ୍ତି ସୂଚ୍ୟାଗ୍ର ପରିମିତ ଭୂମି ଦେବାପାଇଁ ପ୍ରସ୍ତୁତ ନୁହେଁ, ସେ ପୁଣି ପାଣ୍ଡବଙ୍କୁ ପାଞ୍ଚ ଖଣ୍ଡ ଗ୍ରାମ ଦେବ? ଦୁର୍ଯ୍ୟୋଧନର ଏହି ମନୋଭାବ ଭଲ ଭାବରେ ଜାଣି ମଧ୍ୟ ମୁଁ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସ କରୁଛି, କାରଣ କାଲି ମୋତେ ଦୁନିଆଁ ଯୁଦ୍ଧପାଇଁ ଦାୟୀ କରିବନାହିଁ; କହିବ ନାହିଁ ଯେ ଶାନ୍ତି ପାଇଁ ପ୍ରଚେଷ୍ଟା ନକରି ମୁଁ ଭାରତ ଭୂଖଣ୍ଡକୁ ଯୁଦ୍ଧ ନିଆଁ ଭିତରକୁ ଠେଲିଦେଲି।

ଅଳ୍ପ ନିରବତା ପରେ ଶ୍ରୀକୃଷ୍ଣ କହିଲେ... ତୁମେ କିପରି କହିପାରୁଛ କଲ୍ୟାଣୀ ଯେ ମୁଁ ତୁମକୁ ପରିତ୍ୟାଗ କଲି !! ମନେ ପଡୁଛି କଲ୍ୟାଣୀ, ମୁଁ କଣ କହିଥିଲି ଯେତେବେଳେ ପ୍ରଥମ ଥର ପାଇଁ ତୁମକୁ ପାଞ୍ଚାଳ ରାଜ ପ୍ରାସାଦରେ ଭେଟିଥିଲି? କହିଥିଲି... କଲ୍ୟାଣୀ! ଆର୍ଯ୍ୟାବର୍ତ୍ତରେ କଳୁଷ ଦୂରକରି ଧର୍ମରାଜ୍ୟ ପ୍ରତିଷ୍ଠା କରିବା ପ୍ରୟାସରେ ତୁମେ ମୋର ସହାୟିକା ହେବ। ଆଜି ସେ ଦିନ ଆସିଛି କୃଷ୍ଣା ! ପାପର ବିନାଶପାଇଁ ବର୍ତ୍ତମାନ କ୍ଷେତ୍ର ପ୍ରସ୍ତୁତ। ଅର୍ଜୁନର ଗାଣ୍ଡିବ ଟଙ୍କାରରେ ପୃଥିବୀ କମ୍ପିଉଠିବ, ମହାବଳୀ ବୃକୋଦରଙ୍କ ଗଦାଘାତରେ ପାପୀ ଦୁର୍ଯ୍ୟୋଧନର ଜାନୁ ଭଙ୍ଗ ହେବ, ଦୁଃଶାସନର ଛାତି ଚିରି ଲହୁ ପାନ କରିବେ ପାବନୀ। ପାପର ଧ୍ୱଂସ ପାଇଁ ମୋର ଏ ପ୍ରସ୍ତୁତି ଦ୍ରୌପଦୀ ! ତୁମେ ମୋ ଉଦ୍ଦେଶ୍ୟକୁ ନେଇ ସନ୍ଦେହ କରନାହିଁ। ମୁଁ ତୁମ ସହିତ ସବୁବେଳେ ଅଛି ଏବଂ ରହିବି କଲ୍ୟାଣୀ ! ନାରୀର ମର୍ଯ୍ୟାଦା ଏବଂ ଅସ୍ମିତା ରକ୍ଷା ପାଇଁ ତୁମର ଯୁଦ୍ଧରେ ମୁଁ ତୁମ ସହିତ ରହିବି କୃଷ୍ଣା, ମନରୁ ସନ୍ଦେହ ଦୂରକର।

Source: Author, Digitized by PPRACHIN, SOA

ଶ୍ରୀକୃଷ୍ଣଙ୍କର ଶାନ୍ତିଦୂତ ଭାବରେ ଆଗମନର ସମ୍ବାଦ ପାଇ ଧୃତରାଷ୍ଟ୍ର ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବାପାଇଁ ସମସ୍ତ ବ୍ୟବସ୍ଥା କଲେ। ଶ୍ରୀକୃଷ୍ଣ ଓ ସାତ୍ୟକି ଆସି ସଦଳବଳେ କୁକସ୍ଥଳ ନାମକ ନଗରରେ ଅବସ୍ଥାନ କଲେ। ହସ୍ତିନାରେ ପ୍ରଜାଗଣ ବାସୁଦେବଙ୍କ ସ୍ୱାଗତ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହିତ କଲେ। ଧୃତରାଷ୍ଟ୍ରଙ୍କ ଆଦେଶ ଅନୁଯାୟୀ ଦୁଃଶାସନର ଭବନକୁ ବାସୁଦେବଙ୍କ ଅବସ୍ଥାନ ପାଇଁ ସୁନ୍ଦର ଭାବରେ ସଜ୍ଜିତ କରାଗଲା, କାରଣ ଏହି ଭବନଟି ଦୁର୍ଯ୍ୟୋଧନର ଭବନଠାରୁ ବେଶ୍ ବଡ ଏବଂ ସୁନ୍ଦର ଥିଲା। ସେଦିନ ରାତିରେ ଧୃତରାଷ୍ଟ୍ରଙ୍କ ଆଖିରୁ ନିଦ୍ରା ଦୂରେଇ ଯାଇଥିଲା। ବିଦୁରଙ୍କୁ ପାଖରେ ବସାଇ ପଚାରୁଥାନ୍ତି... ଶ୍ରୀକୃଷ୍ଣଙ୍କ ଅଭ୍ୟର୍ଥନା ପାଇଁ ସବୁ ପ୍ରକାର ବ୍ୟବସ୍ଥା ପୂର୍ଣ୍ଣ ହୋଇଛି ତ ବିଦୁର ? ସେ କେବଳ ଆମର ପାରିବାରିକ ବନ୍ଧୁ ନୁହଁନ୍ତି, ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ କୂଟନୀତିଜ୍ଞ ମଧ୍ୟ। ତାଙ୍କୁ ସନ୍ତୁଷ୍ଟ କରିପାରିଲେ ଆମର ସେ ସହାୟତା କରିବେ।

ଅଳ୍ପ ହସି ବିଦୁର କହିଲେ... ଶ୍ରୀକୃଷ୍ଣ ହସ୍ତିନାକୁ ଶାନ୍ତି ଦୂତ ଭାବରେ ଆସୁଛନ୍ତି ମହାରାଜ ! ସେ ଖାଦ୍ୟପେୟ ତଥା ରାଜକୀୟ ସମ୍ମାନରେ ସନ୍ତୁଷ୍ଟ ହେବା ବ୍ୟକ୍ତି ନୁହଁନ୍ତି। ଯେଉଁ ଉଦ୍ଦେଶ୍ୟରେ ଏଠାକୁ ତାଙ୍କର ଆଗମନ ତାହା ଯେବେ ଆପଣ ପୂରଣ କରିପାରିବେ ସେ ନିଶ୍ଚିତ ଭାବରେ ସନ୍ତୁଷ୍ଟ ହେବେ। ଆପଣ ପାଣ୍ଡବଙ୍କପ୍ରତି ନ୍ୟାୟ କରନ୍ତୁ ମହାରାଜ ! ଶ୍ରୀକୃଷ୍ଣ ସନ୍ତୁଷ୍ଟ ହୋଇ ଆମର ଆତିଥ୍ୟ ଗ୍ରହଣ କରିବେ।

ଧୃତରାଷ୍ଟ୍ରଙ୍କ ମନକୁ ବୃଶ୍ଚିକ ଦଂଶନ କରୁଥିଲା; ଏକ ପାଖରେ ପୁତ୍ରମୋହର ଗଭୀର ଖାଇ, ଅପର ପାଖରେ ଭ୍ରାତୃ ପୁତ୍ରଙ୍କ ପ୍ରତି କର୍ତ୍ତବ୍ୟର ଆହ୍ୱାନ; ମଝିରେ ନିଜକୁ ଅସହାୟ ମନେ କରୁଥିଲେ ଧୃତରାଷ୍ଟ୍ର। ବିବ୍ରତ କଣ୍ଠରେ କହିଲେ... ମୁଁ କଣ କରିବି ବିଦୁର ! ମୋତେ ବୁଦ୍ଧିବାଟ ଦେଖା ଯାଉନାହିଁ। ମୋ ପୁତ୍ରମାନେ ଦୁଷ୍ଟ ଏବଂ ଅବିନୟୀ, ସେମାନେ ପିତାମହଙ୍କ କଥାକୁ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି। ସେମାନଙ୍କର ପାଣ୍ଡବମାନଙ୍କ ପ୍ରତି ଏପରି ଘୃଣ୍ୟ ମନୋଭାବ ନିଶ୍ଚୟ କୁରୁକୁଳକୁ ଧ୍ୱଂସ କରିଦେବ।

ବାସୁଦେବ ହସ୍ତିନାରେ ପ୍ରଥମେ ବିଦୁରଙ୍କ ବାସଭବନରେ ପହଞ୍ଚି ପିଉସୀ କୁନ୍ତୀଙ୍କ ଚରଣ ସ୍ପର୍ଶ କଲେ। ସ୍ନେହରେ କୃଷ୍ଣଙ୍କ କପାଳ ଚୁମ୍ବନ କଲେ କୁନ୍ତୀ। ଦୁଃଖ ଆବେଗ ଅଭିମାନର ଅଶ୍ରୁଧାରା ବହି ଯାଉଥାଏ ଗଣ୍ଡ ଦେଇ କୁନ୍ତୀଙ୍କର। ପୁତ୍ରମାନଙ୍କର ଦୁଃଖ ଏବଂ ଦୁର୍ଭାଗ୍ୟଜନକ ଜୀବନ କଥା କୃଷ୍ଣଙ୍କ ଆଗରେ ବର୍ଣ୍ଣନାକରି ଭାବପ୍ରବଣ ହୋଇଗଲେ କୁନ୍ତୀ, କହିଲେ... ମୋ ପୁତ୍ରମାନଙ୍କର ଦୁଃଖର ଦିନ କଣ ଅନ୍ତ ହେବନାହିଁ ଗୋବିନ୍ଦ !!

କୁନ୍ତୀଙ୍କୁ ଶାନ୍ତ୍ୱନା ଦେଇ ଶ୍ରୀକୃଷ୍ଣ ପିଉସୀଙ୍କ ଆଖିରୁ ଲୁହ ପୋଛି ଦେଇ କହିଲେ... ଦୁଃଖ କରନ୍ତୁ ନାହିଁ, ଆପଣଙ୍କ ପୁତ୍ରମାନଙ୍କର ଦୁର୍ଦ୍ଦିନ ଅନ୍ତ ହେବାପାଇଁ ଯାଉଛି। ଶାନ୍ତି ଦୂତ

Source: Author, Digitized by PPRACHIN, SOA

ଭାବରେ ମୁଁ ଯେବେ ସଫଳ ହୁଏ ତାହେଲେ ପାଣ୍ଡବମାନେ ହୃତ ରାଜ୍ୟ ଫେରି ପାଇବେ; ଯଦି ମୁଁ ବିଫଳ ହୁଏ ପାଣ୍ଡବଙ୍କ ସହିତ ମିଶି ମୁଁ ଏମାନଙ୍କୁ ଧ୍ୱଂସ କରି ଯୁଧିଷ୍ଠିରଙ୍କ ଦ୍ୱାରା ଧର୍ମରାଜ୍ୟ ପ୍ରତିଷ୍ଠା କରିବି।

ସେଠାରୁ ଯାଇ ପ୍ରଥମେ ଶ୍ରୀକୃଷ୍ଣ ଧୃତରାଷ୍ଟ୍ରଙ୍କୁ ସାକ୍ଷାତ କଲେ। ମଧ୍ୟାହ୍ନଭୋଜନ ପାଇଁ ଦୁର୍ଯ୍ୟୋଧନର ନିମନ୍ତ୍ରଣକୁ ଅଗ୍ରାହ୍ୟ କରି ବାସୁଦେବ କହିଲେ... ଶାନ୍ତିଦୂତ ତାର କାର୍ଯ୍ୟ ସମାପନ ନହେବା ପର୍ଯ୍ୟନ୍ତ ପ୍ରତିପକ୍ଷର ଆତିଥ୍ୟ ଗ୍ରହଣ କରେନାହିଁ ଦୁର୍ଯ୍ୟୋଧନ ! ତେଣୁ ତୁମ ରାଜପ୍ରସାଦରେ ମଧ୍ୟ ମୋର ରହିବା ଅନୁଚିତ। ମହାତ୍ମା ବିଦୁରଙ୍କ ଗୃହରେ ଶାଗଭଜା ଅନ୍ନ ଖାଇବାର ସୌଭାଗ୍ୟ ଆଜି ମୋ ପାଇଁ ଆସିଛି। କାଲି ମୋର ଶାନ୍ତି ପ୍ରତିଷ୍ଠା କାର୍ଯ୍ୟ ସଫଳତା ସହିତ ସମାପନ ହେବାପରେ ମୁଁ ତୁମର ଆତିଥ୍ୟ ଗ୍ରହଣ କରିବି ଦୁର୍ଯୋଧନ।

ଶ୍ରୀକୃଷ୍ଣଙ୍କର ହସ୍ତିନାର ରାଜକୀୟ ଅଭ୍ୟର୍ଥନା ପ୍ରତ୍ୟାଖ୍ୟାନ କରିବା ଏବଂ ବିଦୁର-ନିବାସରେ ଭୋଜନ କରିବା ନିଷ୍ପତ୍ତି ଦୁର୍ଯ୍ୟୋଧନଙ୍କୁ କ୍ରୋଧିତ କଲା। ପରଦିନ ରାଜସଭାରେ ଶ୍ରୀକୃଷ୍ଣଙ୍କର କ୍ଷତି ସାଧନ କରିବାପାଇଁ, ହିତୈଷୀମାନଙ୍କ ସହିତ ମିଶି ଯୋଜନା ପ୍ରସ୍ତୁତ କରିବାରେ ଲାଗିଗଲେ କୁରୁ ଯୁବରାଜ ଦୁର୍ଯ୍ୟୋଧନ।

-o-

(୭୭)

ବିଶ୍ୱାଧାରଙ୍କ ବିଶ୍ୱରୂପ

କୁରୁ ରାଜପ୍ରସାଦରେ ଦୁର୍ଯ୍ୟୋଧନ-ପ୍ରଦତ୍ତ ରାଜଆତିଥ୍ୟ ପ୍ରତ୍ୟାଖ୍ୟାନ କରିବା ପରେ ବିଦୁରଙ୍କ ବାସଭବନରେ ପହଞ୍ଚିଲେ ଶ୍ରୀକୃଷ୍ଣ। ସେହି ରାତିରେ ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ବିଦୁରଙ୍କ ସହିତ ଶାନ୍ତି ପ୍ରସ୍ତାବ ଉପରେ ଆଲୋଚନା କଲେ କେଶବ। ବିଦୁର କହିଲେ... ପ୍ରଭୁ ! ବଡ଼ ଖଳ ପ୍ରକୃତି ଦୁର୍ଯ୍ୟୋଧନର। ବଡ଼ ଅବିନୟୀ ଏବଂ ଉଦ୍ଧତ ଚରିତ୍ରର ପ୍ରାଣୀ ସେ। ପାଣ୍ଡବମାନଙ୍କର ବଳବୀର୍ଯ୍ୟ ବିଷୟରେ ସଂପୂର୍ଣ୍ଣ ଅବଗତ ଥାଇ ମଧ୍ୟ ତାର ଦୃଢ଼ ବିଶ୍ୱାସ ଯେ ସେ ଯୁଦ୍ଧରେ ଅବଶେଷରେ ବିଜୟୀ ହେବ। ଭୀଷ୍ମ ଏବଂ ଦ୍ରୋଣଙ୍କର ରାଜସିଂହାସନ ପ୍ରତି ଆନୁଗତ୍ୟ ତାର ଏହି ଆତ୍ମବିଶ୍ୱାସର କାରଣ। ସେ ଜାଣେ ଯେ ଯୁଦ୍ଧ ହେଲେ ଏହି ଦୁଇ ମହାନ ଯୋଦ୍ଧା କୌରବଙ୍କ ସପକ୍ଷରେ ଯୁଦ୍ଧ କରିବେ ଏବଂ ସେମାନଙ୍କୁ

Source: Author, Digitized by PPRACHIN, SOA

ପରାସ୍ତ କରିବା ଶକ୍ତି ବିଶ୍ୱରେ କାହାର ନାହିଁ।

ବିଡମ୍ବନା ଦେଖନ୍ତୁ କେଶବ ! ଯେଉଁମାନଙ୍କର ବାହୁବଳ ଉପରେ ସେ ନିର୍ଭର କରେ, ସେମାନଙ୍କ ଉପଦେଶକୁ ଅବଜ୍ଞା କରି ଉଡାଇ ଦିଏ। ଆପଣ ଯେଉଁ ପ୍ରକାରର ଶାନ୍ତି ପ୍ରସ୍ତାବ ଦେଲେ ମଧ୍ୟ ତାହା ଦୁର୍ଯ୍ୟୋଧନ ଗ୍ରହଣ କରିବ ନାହିଁ। ଶାନ୍ତିପ୍ରସ୍ତାବ ଦେବାପାଇଁ ଯିବା ହିଁ ନିରର୍ଥକ; ସେଠାରେ ଦୁଷ୍ଟ ଚରିତ୍ରମାନଙ୍କ ସହିତ ମିଳିତ ହୋଇ ସେ ଆପଣଙ୍କର କ୍ଷତି କରିବାକୁ ଚେଷ୍ଟା କରି ପାରେ।

ବିଦୁରଙ୍କଠାରୁ ଏହା ଶୁଣି ଶ୍ରୀକୃଷ୍ଣ କହିଲେ... ବିଦୁର ! ମୁଁ ଭଲ ଭାବରେ ଜାଣେ ଯେ ଦୁର୍ଯ୍ୟୋଧନ ମୋ ଶାନ୍ତିପ୍ରସ୍ତାବ ଅଗ୍ରାହ୍ୟ କରିବ। କିନ୍ତୁ ଶାନ୍ତିପ୍ରସ୍ତାବ ନଦେଇ ଯୁଦ୍ଧକୁ ଲମ୍ଫଦେଲେ ସଂସାର ମୋତେ ନିନ୍ଦା କରିବ। ମୋ ନିରାପତ୍ତା ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ ମହାତ୍ମା ବିଦୁର, ଦୁର୍ଯ୍ୟୋଧନ ମୋର କୌଣସି କ୍ଷତି କରିପାରିବ ନାହିଁ।

ପରଦିନ ପ୍ରଭାତରେ ଶକୁନି ଏବଂ ଦୁର୍ଯ୍ୟୋଧନ ବିଦୁରଙ୍କ ବାସ ଭବନରେ ପହଞ୍ଚି ଜଣାଇଲେ ଯେ ଦରବାରରେ ଧୃତରାଷ୍ଟ୍ର ତାଙ୍କ ପାଇଁ ଅପେକ୍ଷା କରିଛନ୍ତି। ବିଦୁର ଏବଂ ସାତ୍ୟକିଙ୍କ ସହିତ ବାସୁଦେବ ଧୃତରାଷ୍ଟ୍ରଙ୍କ ଦରବାରରେ ପହଞ୍ଚିଲେ। ଶ୍ରୀକୃଷ୍ଣଙ୍କ ଉପବେଶନ ପାଇଁ ଏକ ଦିବ୍ୟ ସୁବର୍ଣ୍ଣ ସିଂହାସନ ପ୍ରସ୍ତୁତ ହୋଇ ରହିଥିଲା। ଶ୍ରୀକୃଷ୍ଣ ସଭାରେ ପ୍ରବେଶ କରୁ କରୁ ସମସ୍ତ ସଭାସଦ ଏବଂ ରାଜନ୍ୟବର୍ଗ ନିଜନିଜର ଆସନ ତ୍ୟାଗ କରି ଅଭିବାଦନ ଜଣାଇଲେ।

ସମସ୍ତଙ୍କ ସହିତ ପରିଚୟ ଆଦାନପ୍ରଦାନ ପରେ ଶ୍ରୀକୃଷ୍ଣ ଧୃତରାଷ୍ଟ୍ରଙ୍କ ପ୍ରତି ଦୃଷ୍ଟିପାତ କରି କହିଲେ... ହେ ମହାନ କୁରୁବଂଶର ଉତ୍ତର ଦାୟାଦ ! ଏକ ମହା ଧ୍ୱଂସକାରୀ ଯୁଦ୍ଧର ପଦଧ୍ୱନୀ ଶୁଣି ମୁଁ ତାହା ଏଡ଼ାଇବା ପାଇଁ ଶାନ୍ତିପ୍ରସ୍ତାବ ସହିତ ଏଠାରେ ଉପସ୍ଥିତ। ମହାରାଜ ଧୃତରାଷ୍ଟ୍ର ! ନିଜ ବଂଶର ଧ୍ୱଂସ ଆପଣ ନିଜେ କରନ୍ତୁ ନାହିଁ। ଦୁର୍ଭାଗ୍ୟ ଦେଖନ୍ତୁ, ଯାହା ଆପଣଙ୍କ ବଂଶପାଇଁ ମନ୍ଦ ତାହା ଆପଣ ଭଲ ବୋଲି ବିବେଚନା କରୁଛନ୍ତି ଏବଂ ଭଲକୁ ମଧ୍ୟ ମନ୍ଦ ବୋଲି ଭାବୁଛନ୍ତି। ନିଜ ଉଦ୍ଧତ ପୁତ୍ରମାନଙ୍କୁ ଶାସନ କରନ୍ତୁ ମହାରାଜ। ଏହା ଆପଣଙ୍କ କର୍ତ୍ତବ୍ୟ। ପାଣ୍ଡବମାନେ ଶାନ୍ତି ଚାହାନ୍ତି। କିନ୍ତୁ ସେମାନଙ୍କୁ ଯୁଦ୍ଧ ପାଇଁ ବିବଶ କଲେ ସେମାନେ ସେଥିପାଇଁ ମଧ୍ୟ ପ୍ରସ୍ତୁତ। ପାଣ୍ଡବମାନଙ୍କୁ ନିଜର କରିନେଲେ, ସେମାନେ ଆପଣଙ୍କୁ ମସ୍ତକରେ ତୋଳିଧରିବେ, ବିଶାଳ କୁରୁବଂଶ ଦୃଢ଼ ହେବ। ଆର୍ଯ୍ୟାବର୍ତ୍ତରେ ଧର୍ମ ଓ ଶାନ୍ତି ବିରାଜମାନ କରିବ।

ଗୋବିନ୍ଦଙ୍କ କଥା ଶୁଣି ଧୃତରାଷ୍ଟ୍ର କହିଲେ... ଗୋବିନ୍ଦ ! ଆପଣ ଯାହା କହୁଛନ୍ତି ମୁଁ ସଂପୂର୍ଣ୍ଣ ଏକମତ। ସମସ୍ତେ ଜାଣନ୍ତି ମୋ ଉଦ୍ଦେଶ୍ୟ ପାଣ୍ଡବମାନଙ୍କର ଅହିତ କରିବାକୁ

Source: Author, Digitized by PPRACHIN, SOA

ନୁହେଁ। କିନ୍ତୁ ମୁଁ କଣ କରିବି ? ମୋ ପୁତ୍ରମାନେ ଦୁଷ୍ଟ ସ୍ୱଭାବର। ସେମାନେ କାହା କଥା ଶୁଣିବା ପାଇଁ ପ୍ରସ୍ତୁତ ନୁହନ୍ତି। ପାଣ୍ଡୁ-ପୁତ୍ରମାନଙ୍କୁ ସୂଚ୍ୟାଗ୍ର ପରିମିତ ଭୂମି ମଧ୍ୟ ଦେବାପାଇଁ ସେମାନେ ପ୍ରସ୍ତୁତ ନୁହଁନ୍ତି। ଗୋବିନ୍ଦ ! ଆପଣ ଦୁର୍ଯ୍ୟୋଧନକୁ ଏ ବିଷୟରେ ବୁଝାଇ ଶୁଝାଇ କିଛି ସମାଧାନ କରନ୍ତୁ।

ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନ ପ୍ରତି ଦୃଷ୍ଟିପାତ କରି କହିଲେ... କୁରୁପୁତ୍ର ! ତୁମର ଜନ୍ମ ପ୍ରଥିତଯଶା କୁରୁ ମାନଙ୍କ ବଂଶରେ। କିନ୍ତୁ ତୁମର କାର୍ଯ୍ୟ ଅତି ନୀଚ ପ୍ରକୃତିର ବ୍ୟକ୍ତିମାନଙ୍କ ସଦୃଶ। ଧର୍ମର ପଥ ଅନୁସରଣ କର ଦୁର୍ଯ୍ୟୋଧନ ! ତୁମର ଗର୍ହିତ କାର୍ଯ୍ୟ ଯୋଗୁଁ କୁରୁବଂଶ ଧ୍ୱଂସ ହେବାପାଇଁ ଯାଉଛି। ତୁମେ ନ୍ୟାୟ ପଥ ଅନୁସରଣ କରି ପାଣ୍ଡବମାନଙ୍କୁ ନିଜର କଲେ ସେମାନେ ଆପେ ଆପେ ଧୃତରାଷ୍ଟ୍ରଙ୍କୁ ରାଜାର ସମ୍ମାନ ଦେଇ ତୁମକୁ ଯୁବରାଜର ସମ୍ମାନରେ ବିଭୂଷିତ କରିବେ। ସେମାନଙ୍କର ନ୍ୟାୟ-ସଙ୍ଗତ ଅର୍ଦ୍ଧେକ ରାଜ୍ୟ ନହେଲେ ମଧ୍ୟ ପାଞ୍ଚଖଣ୍ଡ ଗ୍ରାମ ଦାନ କଲେ ସେଥିରେ ସନ୍ତୁଷ୍ଟ ହୋଇ ପାଣ୍ଡବମାନେ ଶାନ୍ତି ପଥ ଅନୁସରଣ କରିବେ।

ଗୋବିନ୍ଦଙ୍କ କଥାକୁ ସମର୍ଥନ କରି ଭୀଷ୍ମ ଏବଂ ଦ୍ରୋଣାଚାର୍ଯ୍ୟ ମଧ୍ୟ ଦୁର୍ଯ୍ୟୋଧନକୁ ଶାନ୍ତି ମାର୍ଗ ଅନୁସରଣ କରିବାକୁ ପ୍ରବର୍ତ୍ତାଇଲେ। କିନ୍ତୁ ଦୁର୍ଯ୍ୟୋଧନ କିଛି ଶୁଣିବା ମାନସିକତାରେ ନଥିଲା। ଧୃତରାଷ୍ଟ୍ର ଦୁର୍ଯ୍ୟୋଧନକୁ କହିଲେ... ପୁତ୍ର ! ଶ୍ରୀକୃଷ୍ଣଙ୍କ କଥା ନଶୁଣିଲେ ନିଶ୍ଚିତ ଭାବରେ ଆମ ବଂଶ ଧ୍ୱଂସ ପାଇଯିବ।

ସମସ୍ତଙ୍କର ବାରମ୍ବାର ନିନ୍ଦା ଶୁଣି କ୍ରୋଧିତହୋଇ ଦୁର୍ଯ୍ୟୋଧନ କହିଲା... ବାସୁଦେବ ! ପାଣ୍ଡବମାନଙ୍କ ପ୍ରତି ଅତ୍ୟଧିକ ସ୍ନେହ ଯୋଗୁଁ ଆପଣଙ୍କ ସମେତ ଏଠାରେ ଉପସ୍ଥିତ ସମସ୍ତେ ମୋତେ ନିନ୍ଦା କରୁଛନ୍ତି। ମୋର ଅପରାଧ କଣ ? ପାଣ୍ଡବମାନଙ୍କ ପ୍ରତି ଆମେ କ'ଣ ଅନ୍ୟାୟ କରିଛନ୍ତି ? କେଉଁ ରାଜ୍ୟ ପାଣ୍ଡବଙ୍କୁ ଦେବାକଥା ଆପଣମାନେ କହୁଛନ୍ତି ? ରାଜା ଧୃତରାଷ୍ଟ୍ରଙ୍କ ଉତ୍ତର ଦାୟାଦ ଭାବରେ ସମଗ୍ର ହସ୍ତିନା ରାଜ୍ୟ ମୋର। ମୋର ଅଜ୍ଞାତରେ ଯେଉଁ ଇନ୍ଦ୍ରପ୍ରସ୍ଥ ପାଣ୍ଡବମାନଙ୍କୁ ଦିଆ ଯାଇଥିଲା, ତାହା ସେମାନେ ଦ୍ୟୂତ କ୍ରୀଡାରେ ହାରିଯାଇଛନ୍ତି, ସେଥିପାଇଁ କଣ ମୁଁ ଦାୟୀ ?

ସର୍ତ୍ତ ଅନୁଯାୟୀ ବାରବର୍ଷ ବନବାସ ପରେ ଏକ ବର୍ଷ ଅଜ୍ଞାତ ବାସ ଗୁପ୍ତରେ ସେମାନେ ବିତାଇବା କଥା, କିନ୍ତୁ ଅଜ୍ଞାତବାସ ସଂପୂର୍ଣ୍ଣ ହେବା ପୂର୍ବରୁ ସେମାନେ ଧରା ପଡି ଯାଇଛନ୍ତି। ନିୟମ ଅନୁଯାୟୀ ସେମାନେ ଆଉ ବାରବର୍ଷ ବନବାସ ଯିବାକଥା। ଅଥଚ ଆପଣମାନେ ମୋତେ କହୁଛନ୍ତି ରାଜ୍ୟରୁ ଭାଗ ଦେବାପାଇଁ !! କେଉଁ ରାଜ୍ୟ ? ଯେବେ ବାହୁରେ ଶକ୍ତି ଅଛି ପାଣ୍ଡବମାନଙ୍କର, ତାହେଲେ ଯୁଦ୍ଧକରି ଛଡ଼ାଇ ନିଅନ୍ତୁ;

Source: Author, Digitized by PPRACHIN, SOA

ବିନା ଯୁଦ୍ଧେ ଦେବି ନାହିଁ ସୂଚ୍ୟଗ୍ର ମେଦିନୀ।

ପାଣ୍ଡବମାନଙ୍କ ପ୍ରତି କିଛି ଅନ୍ୟାୟ କରାଯାଇନାହିଁ ବୋଲି ଦୁର୍ଯ୍ୟୋଧନ ଯେତେବେଳେ କହିଲା, ଭୀମଙ୍କୁ ବିଷ ଲଡ୍ଡୁ ଦେବାଠାରୁ ଆରମ୍ଭକରି ଜତୁଗୃହ-ଦହନ, ଦ୍ୟୁତକ୍ରୀଡା ଏବଂ ଦ୍ରୌପଦୀଙ୍କ ବସ୍ତ୍ର ହରଣ ଆଦି ହୋଇଥିବା ସବୁ ଅନ୍ୟାୟ ଶ୍ରୀକୃଷ୍ଣ ଗୋଟି ଗୋଟି କରି ଅବତାରଣା କଲେ। ଭୀଷ୍ମ ଦ୍ରୋଣ ବିଦୁର ସମେତ ଅନ୍ୟ ଅନେକେ ଦୁର୍ଯ୍ୟୋଧନଙ୍କୁ ଦୋଷ ଦେବାର ଦେଖି ଦୁଃଶାସନ ଦୁର୍ଯ୍ୟୋଧନଙ୍କୁ କହିଲା... ଭ୍ରାତାଶ୍ରୀ ! ମନେହୁଏ ଏଠାରେ ଉପସ୍ଥିତ ସବୁ କୁରୁବୃଦ୍ଧ ମାନେ, ହସ୍ତ-ପଦ ବନ୍ଧନ କରି ଆପଣଙ୍କୁ ଶ୍ରୀକୃଷ୍ଣଙ୍କ ହାତରେ ସମର୍ପଣ କରିବେ। ଆମେ ଏଠାରୁ ପଳାଇଯିବା ହିଁ ଭଲ।

ଏହାପରେ ଦୁର୍ଯ୍ୟୋଧନ ସମେତ କୌରବ ଶହେ ଭାଇ ଦରବାରରରୁ ଉଠି ଚାଲିଗଲେ। ସେମାନଙ୍କ ପ୍ରସ୍ଥାନ ପରେ ଶ୍ରୀକୃଷ୍ଣ କହିଲେ... ଉପସ୍ଥିତ ସଭାସଦ ଗଣ ! ଏଭଳି କୁଳାଙ୍ଗାର ବଂଶ କ୍ଷତିକାରୀ ପୁତ୍ରକୁ କୁଳରୁ ତ୍ୟାଗ କରିଦେବା ଉଚିତ। କଂସ ଏବଂ ଶିଶୁପାଳଙ୍କର ମୃତ୍ୟୁ ପରେ ଯାଦବ ଏବଂ ବୃଷ୍ଣିବଂଶୀମାନେ ଯେପରି ଶାନ୍ତିରେ ନିଶ୍ୱାସ ମାରୁଛନ୍ତି ସେହିପରି ଏ କୁଳାଙ୍ଗାର ପୁତ୍ରକୁ ବଳି ଦେଲେ ଆପଣଙ୍କ କୁରୁ ବଂଶ ରକ୍ଷା ପାଇଯିବ ଏବଂ ସମସ୍ତେ ଶାନ୍ତିରେ ନିଃଶ୍ୱାସ ମାରିବେ। ଦେଶ-ଦଶର ହିତ ପାଇଁ ଜଣକୁ ତ୍ୟାଗ କଲେ କ୍ଷତି ନାହିଁ।

ଏ ଭିତରେ ଦୁର୍ଯ୍ୟୋଧନ, ଦୁଃଶାସନ, ଶକୁନି କର୍ଣ୍ଣ ଇତ୍ୟାଦି ଗୁପ୍ତ ମନ୍ତ୍ରଣା କକ୍ଷରେ ବସି ଶ୍ରୀକୃଷ୍ଣଙ୍କୁ ବନ୍ଦୀ କରିବା ଯୋଜନା କରୁଥିଲେ। ଶ୍ରୀକୃଷ୍ଣଙ୍କୁ ବନ୍ଦୀ କଲେ ପାଣ୍ଡବମାନଙ୍କର ନୈତିକ-ବଳ ହ୍ରାସ ହେବ, କାରଣ ପାଣ୍ଡବମାନଙ୍କର ମସ୍ତିଷ୍କ ହେଉଛନ୍ତି କୃଷ୍ଣ। ତା'ପରେ ପାଣ୍ଡବମାନଙ୍କୁ ହରାଇବା ସହଜ ହୋଇଯିବ।

ଦୁର୍ଯ୍ୟୋଧନ ଯେତେବେଳେ କୃଷ୍ଣଙ୍କୁ ବନ୍ଦୀ କରିବା ପାଇଁ ରାଜସଭାରେ ସଦଳଲେ ପହଞ୍ଚିଲା, ଅଟ୍ଟହାସ କରି କେଶବ କହିଲେ... ନରାଧମ ! ତୁମେମାନେ ମୋତେ ସାଧାରଣ ଅସହାୟ ମନୁଷ୍ୟ ଭାବରେ ବିବେଚନା କରୁଛ !

ଏହାପରେ ଯେଉଁ ଅଲୌକିକ ଘଟଣା ଘଟିଲା ତାହା ସମସ୍ତଙ୍କୁ ଆଚମ୍ଭିତ କରିଦେଲା। ଅପୂର୍ବ ଆଲୋକର ବିଭାରେ ଉଜ୍ଜ୍ୱଳ ହୋଇଗଲା ସଭାଗୃହ। ବିଶ୍ୱରୂପରେ ଉଭାହେଲେ ବିଶ୍ୱାଧାର, ବିଶାଳ ନଭଶ୍ଚୁମ୍ବୀ ଶରୀର, କଣ୍ଠରେ ଜ୍ୟୋତିର୍ମୟ ଦିବ୍ୟମାଳା, ନାନାଦି ଆଭୂଷଣରେ ମଣ୍ଡିତ ଦେହ, ଅଗଣିତ ମୁଖ, ଅସଂଖ୍ୟ ବାହୁ ପରିଦୃଷ୍ଟ ହେଉଥିଲା। ବ୍ୟାଦାନ କରିଥିବା ମୁଖ ଭିତରେ ଅନେକ ବ୍ରହ୍ମାଣ୍ଡର ଆତଜାତ; ତା ଭିତରେ ରହିଥିଲେ କୁରୁ ସଭାରେ ଆସୀନ ଭୀଷ୍ମ, ଦ୍ରୋଣ, ଧୃତରାଷ୍ଟ୍ର ଆଦି ସମସ୍ତ ସଭାସଦ୍‌ଗଣ।

Source: Author, Digitized by PPRACHIN, SOA

କିଛି ମୁହୂର୍ତ୍ତପାଇଁ ଚକ୍ଷୁଷ୍ମାନ ହୋଇ ଦିବ୍ୟଦୃଷ୍ଟିରେ ଅନ୍ଧ ଧୃତରାଷ୍ଟ୍ର ଏ ମହାଲୀଳା ଦର୍ଶନ କଲେ। ଭୀଷ୍ମ, ଦ୍ରୋଣ, କୃପ ଏବଂ ବିଦୁର, ଶ୍ରୀକୃଷ୍ଣଙ୍କ ପ୍ରତି ଅଚଳା ଭକ୍ତି ଯୋଗୁଁ ଚର୍ମଚକ୍ଷୁରେ ତାର ଆଭାସ ମାତ୍ର ପାଇଲେ। ଅନ୍ୟମାନେ ଚର୍ମଚକ୍ଷୁରେ ଦେଖି ପାରିଲେ ନାହିଁ। କେବଳ ଏକ ମହାନ୍ ଆଲୋକ ଜ୍ୟୋତିର ପ୍ରଭା ସେମାନଙ୍କୁ ଦୃଶ୍ୟମାନ ହେଲା। ଭୟରେ ଚକ୍ଷୁ ବନ୍ଦ କରି ସେମାନେ ସେ ସ୍ଥାନ ତ୍ୟାଗକରି ପଳାୟନ କଲେ।

ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦିବ୍ୟଦୃଷ୍ଟିରେ ଦର୍ଶନ କରିବା ସୌଭାଗ୍ୟ ତିନିଜଣଙ୍କୁ ପ୍ରାପ୍ତ ହୋଇଛି। ଜଣେ ଥିଲେ ମମତାମୟୀ ଜନନୀ ଯଶୋଦା; ପ୍ରଭୁଙ୍କ ବାଲ୍ୟଲୀଳା ସମୟରେ ପୁତ୍ରର ମୁଖ ଗହ୍ୱରରେ ସେ ବିଶ୍ୱବ୍ରହ୍ମାଣ୍ଡ ଦର୍ଶନ କରିଥିଲେ; ଦ୍ୱିତୀୟ ଥିଲେ ମହାନ ଭକ୍ତ ଅର୍ଜୁନ ଏବଂ ତୃତୀୟ ମାୟାମୋହଗ୍ରସ୍ତ ଧୃତରାଷ୍ଟ୍ର।

ନିଜ ସ୍ୱାଭାବିକ ରୂପକୁ ଫେରିଆସିଲେ ଶ୍ରୀକୃଷ୍ଣ। ଧୃତରାଷ୍ଟ୍ର କହିଲେ... ମହାପ୍ରଭୁ! ତୁମ ବିଶ୍ୱରୂପ ଭିତରେ ମୁଁ ସବୁକିଛି ଦର୍ଶନ କରିପାରିଛି, ଆଉ କିଛି ମୋର ଦେଖିବାର ନାହିଁ, ମୋତେ ପୁଣି ଥରେ ଅନ୍ଧ କରିଦିଅ କେଶବ। ଧୃତରାଷ୍ଟ୍ରଙ୍କ ପ୍ରାର୍ଥନା ଗ୍ରହଣ କଲେ କେଶବ। ତାପରେ ଧୃତରାଷ୍ଟ୍ର ପୂର୍ବବତ ଅନ୍ଧତ୍ୱ ପ୍ରାପ୍ତହେଲେ।

ଧୃତରାଷ୍ଟ୍ରଙ୍କୁ, ଶ୍ରୀକୃଷ୍ଣଙ୍କ ଦ୍ୱାରା ଦିବ୍ୟଦୃଷ୍ଟି ଦାନ ସତ୍ତ୍ୱେ ତାଙ୍କର ପୁନର୍ବାର ଅନ୍ଧତ୍ୱ ପ୍ରାର୍ଥନା ଥିଲା ବଡ଼ ସାଙ୍କେତିକ। ଅପତ୍ୟ-ମୋହରେ ଜର୍ଜରିତ ବ୍ୟକ୍ତିର ଜ୍ଞାନ-ଚକ୍ଷୁ କଦାପି ଉନ୍ମୋଚିତ ହୁଏନାହିଁ। ସେହି ମାୟା ମୋହ ହିଁ ତା'ର ସଂସାର ଏବଂ ସେହି ଜୀବନ୍ମୃତ୍ୟୁ ଭିତରେ ସେ ବଞ୍ଚିବାକୁ ଚାହେଁ। ଶ୍ରୀକୃଷ୍ଣଙ୍କର ଅଲୌକିକତା ଦେଖି ମଧ୍ୟ ଧୃତରାଷ୍ଟ୍ର ନିଜର ପୁତ୍ର ବିରୁଦ୍ଧରେ କିଛି ପଦକ୍ଷେପ ନେଲେ ନାହିଁ। ସେ ଚାହିଁଥିଲେ ଭୀଷ୍ମ ଓ ଦ୍ରୋଣଙ୍କ ସହାୟତାରେ ଦୁର୍ଯ୍ୟୋଧନକୁ ଶାସନ କରିପାରିଥାନ୍ତେ। କିନ୍ତୁ ଅପତ୍ୟ-ମୋହ, ରାଜ୍ୟ ଲୋଭ ଏବଂ ଅସୂୟାର ବେଡି ତାଙ୍କ ବୁଦ୍ଧି ଓ ବିବେକକୁ ବାନ୍ଧି ଦେଇଥିଲେ। କ୍ଷମତା ଥାଇ ମଧ୍ୟ ଅସହାୟତା ପ୍ରକାଶ କଲେ ଧୃତରାଷ୍ଟ୍ର। ଶ୍ରୀକୃଷ୍ଣ ରାଜସଭା ତ୍ୟାଗ କରିବା ପୂର୍ବରୁ କହିଲେ... କୌରବ ମାନଙ୍କର ଧ୍ୱଂସ ଅବଶ୍ୟମ୍ଭାବୀ।

ଶାନ୍ତି-ପ୍ରତିଷ୍ଠା ପ୍ରୟାସ ବିଫଳ ହେଲା। ମାଧବ, ପାଣ୍ଡବମାନଙ୍କ ନିକଟକୁ ଉପପ୍ଳବ୍ୟ ଫେରି ଆସିଲେ।

-୦-

Source: Author, Digitized by PPRACHIN, SOA

(୭୮)

ସୂର୍ଯ୍ୟପୁତ୍ର କର୍ଣ୍ଣଙ୍କ ବିବଶତା

ଶ୍ରୀକୃଷ୍ଣ ଶାନ୍ତିସ୍ଥାପନ ପ୍ରଚେଷ୍ଟାରେ ବିଫଳ ହୋଇ ହସ୍ତିନାର ରାଜସଭାରୁ ଫେରିବା ପରେ କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ ଯୁଦ୍ଧ ବ୍ୟତୀତ ଅନ୍ୟ କିଛି ବିକଳ୍ପ ରହିଲା ନାହିଁ। କୁନ୍ତୀଙ୍କ ପାଖରୁ ବିଦାୟ ନେଲାବେଳେ ଶ୍ରୀକୃଷ୍ଣ ପଚାରିଲେ... ପାଞ୍ଚଭାଇଙ୍କ ପାଇଁ କଣ କିଛି ସନ୍ଦେଶ ଅଛି ପିଉସୀ ମା' ?

କୁନ୍ତୀ କହିଲେ... ଗୋବିନ୍ଦ ! ପାଞ୍ଚଭାଇଙ୍କୁ କହିବ କ୍ଷତ୍ରାଣୀ ଯେଉଁ ସମୟ ପାଇଁ ପୁତ୍ର ଜାତ କରିଥାଏ, ସେ ସମୟ ବର୍ତ୍ତମାନ ଉପସ୍ଥିତ।

ଶ୍ରୀକୃଷ୍ଣଙ୍କ ପ୍ରସ୍ଥାନ ପରେ ଯୁଦ୍ଧ କଥା ଚିନ୍ତା କରି ଦୁଃଖରେ ଭାଙ୍ଗିପଡିଲେ କୁନ୍ତୀ। ବିଶାଳ କୁରୁ ବଂଶର ଧ୍ୱଂସର ଚିତ୍ର ତାଙ୍କ ଆଖି ଆଗରେ ନାଚି ଉଠିଲା। ଶେଷରେ ଏହା କଣ ତାଙ୍କୁ ଦେଖିବାକୁ ଥିଲା ! କେତେ ଆପଣାର ବ୍ୟକ୍ତିଙ୍କ ଶବ ଉପରେ ମୁଣ୍ଡପିଟି କାନ୍ଦିବାକୁ ପଡ଼ିବ ଚିନ୍ତା କରି ଶିହରୀ ଉଠିଲେ ସେ।

ଯୁଦ୍ଧ ସ୍ଥଗିତ କରିବାର ଆଉ କଣ କିଛି ଉପାୟ ଅଛି? ରାଜ୍ୟ ଫେରିପାଇବା ଆଶା ତ୍ୟାଗ କରି ଭିକ୍ଷା ମାଗିବା ପାଇଁ ଅଥବା ଅରଣ୍ୟରେ ତପସ୍ୟା କରିବା ପାଇଁ ସେ କଣ ନିଜ ପୁତ୍ରମାନଙ୍କୁ କହି ପାରିବେ? ଏହା କଣ କ୍ଷତ୍ରିୟର ଧର୍ମ ?

କୁନ୍ତୀ ଚିନ୍ତା କଲେ... କି' ପରିଣତି ହେବ ଏହି ଭୟାବହ ଯୁଦ୍ଧର? କିଏ କହିବ ତାଙ୍କ ନିଜ ପୁତ୍ରମାନଙ୍କ ଭବିଷ୍ୟତ କ'ଣ ହେବ? ଭୀଷ୍ମ ଦ୍ରୋଣ କର୍ଣ୍ଣଙ୍କ ଭଳି ମହାରଥୀଙ୍କ ଆଗରେ ସତେ କଣ ତାଙ୍କ ପୁତ୍ରମାନେ ତିଷ୍ଟି ପାରିବେ? କୌରବ ପକ୍ଷରେ ଥିବା ଏହି ରଥିମାନେ ବିଶ୍ୱରେ ମହାନ ବୀରମାନଙ୍କ ମଧ୍ୟରେ ପରିଗଣିତ। ଭୀଷ୍ମ ହୁଏତ ଅପତ୍ୟ ସ୍ନେହ ଦୃଷ୍ଟିରୁ ପାଣ୍ଡବଙ୍କୁ ରଣକ୍ଷେତ୍ରରେ ବଧ କରିନପାରନ୍ତି। ଦ୍ରୋଣ ମଧ୍ୟ ପ୍ରିୟ ଶିଷ୍ୟମାନଙ୍କ ଶିରଚ୍ଛେଦ କରିବାକୁ ପଛଘୁଞ୍ଚା ଦେଇ ପାରନ୍ତି; କିନ୍ତୁ କର୍ଣ୍ଣ, ସେ କାହିଁକି ପାଣ୍ଡବ ପାଞ୍ଚଭାଇଙ୍କ ପ୍ରତି ଦୟା ଦେଖାଇବେ? ସେପରି ଯଦି ହୁଏ ଭାଇ ହିଁ ଭାଇର ରକ୍ତ ପିପାସୁ ହୋଇ ଉଠିବ। କୁନ୍ତୀଙ୍କ କୁମାରୀ ଜୀବନରେ ସୂର୍ଯ୍ୟଙ୍କ ସହିତ ଘଟିଥିବା ପ୍ରେମର ସନ୍ତକ ଯେ କର୍ଣ୍ଣ ଏକଥା ତ କର୍ଣ୍ଣ ନିଜେ ଜାଣନ୍ତି ନାହିଁ। ସେ ଜାଣିବା ଉଚିତ। ତା'ହେଲେ ସମ୍ଭବତଃ ତାଙ୍କର ପାଣ୍ଡବମାନଙ୍କ ପ୍ରତି ଅସୂୟା ଭାବ କ୍ଷୁର୍ଣ୍ଣ ହେବ; କର୍ଣ୍ଣଙ୍କ ଅଭେଦ୍ୟ ବାଣ ଆଘାତରୁ ପାଞ୍ଚଭାଇ ବଞ୍ଚିଯାଇ ପାରିବେ। କର୍ଣ୍ଣଙ୍କ ଆଗରେ ସତ୍ୟ ଉନ୍ମୋଚନ କରି କୁନ୍ତୀ ଯଦି ତାଙ୍କୁ

Source: Author, Digitized by PPRACHIN, SOA

ପାଣ୍ଡବଙ୍କ ପକ୍ଷକୁ ଆଣି ପାରିବେ ତା'ହେଲେ ପଟ୍ଟ ପରିବର୍ତ୍ତିତ ହୋଇଯିବ। କର୍ଣ୍ଣଙ୍କ ଭଳି ବୀର ପାଣ୍ଡବଙ୍କ ପକ୍ଷକୁ ଆସିଲେ ପାଣ୍ଡବଙ୍କ ବିଜୟ ସୁନିଶ୍ଚିତ ହୋଇଯିବ।

ଏହି ଚିନ୍ତା କରି କୁନ୍ତୀ, କର୍ଣ୍ଣଙ୍କ ନିକଟରେ ପହଞ୍ଚିଲେ। ପ୍ରଭାତ ସମୟ। ଗଙ୍ଗାକୂଳରେ ସ୍ନାନ ଶେଷକରି ସୂର୍ଯ୍ୟ ଦେବଙ୍କ ପୂଜା ଅର୍ଚ୍ଚନାରେ ମଗ୍ନ ଥିଲେ ରାଧେୟ। କୁନ୍ତୀ ତାଙ୍କ ଧ୍ୟାନ ଭଙ୍ଗ ନକରି ପଛରେ ଯାଇ ଦଣ୍ଡାୟମାନ ହେଲେ। ପୂଜାର୍ଚ୍ଚନା ସାରି କର୍ଣ୍ଣ ପଛକୁ ଫେରି ଦେଖିଲେ ପାଣ୍ଡବ-ମାତା କୁନ୍ତୀ ତାଙ୍କ ଅପେକ୍ଷାରେ ସେଠାରେ ଉପସ୍ଥିତ। କରପତ୍ରଯୋଡି କର୍ଣ୍ଣ କହିଲେ... ହେ ପାଣ୍ଡବ ଜନନୀ ଦେବୀ କୁନ୍ତୀ ! ଏ ରାଧା ପୁତ୍ର, ସାରଥି ଅଧିରଥଙ୍କ ସନ୍ତାନ କର୍ଣ୍ଣ ଆପଣଙ୍କର କେଉଁ ସେବା କରିବ ଆଦେଶ ଦିଅନ୍ତୁ।

କୁନ୍ତୀ କହିଲେ... ତୁମେ ରାଧେୟ ନୁହଁ କିମ୍ବା ସାରଥୀ ଅଧିରଥଙ୍କର ପୁତ୍ର ନୁହଁ ବତ୍ସ ! ତୁମେ କୌନ୍ତେୟ, ତୁମେ କୁରୁବଂଶର କୁଳାଙ୍କୁର ବୀର କର୍ଣ୍ଣ, ତୁମେ ଜ୍ୟେଷ୍ଠ ପାଣ୍ଡବ। ତୁମେ ସୂର୍ଯ୍ୟ ଦେବଙ୍କ ଔରସରୁ ଜାତ ମୋର ପ୍ରଥମ ସନ୍ତାନ।

କୁନ୍ତୀଙ୍କ ମୁହଁରୁ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ କର୍ଣ୍ଣ। କହିଲେ... ହେ ମହିୟସୀ ! ଏ ଭାଗ୍ୟହୀନ କର୍ଣ୍ଣକୁ କାହିଁକି ତାସଲ୍ୟ କରୁଛନ୍ତି ! ମୁଁ ମୋର ନୀଚକୁଳରେ ଜନ୍ମ ପାଇଁ କେତେ ଲାଞ୍ଛନା ସହ୍ୟ ନକରିଛି ସତେ ! ସବୁଠାରେ ଅପମାନିତ ହୋଇଛି, କ୍ଷତ୍ରିୟଙ୍କ ମଧ୍ୟରେ ମୋତେ ସ୍ଥାନ ମିଳିନାହିଁ। ଅଥଚ ଆଜି ଆପଣ କହୁଛନ୍ତି ଯେ ମୋ ଧମନୀରେ କ୍ଷତ୍ରିୟର ରକ୍ତ ପ୍ରବାହିତ !! କିପରି ଜାଣିବି ଜନନୀ ! ସବୁ ରକ୍ତର ରଙ୍ଗ ତ ଲାଲ୍।

କୁନ୍ତୀ ତାଙ୍କ କୁମାରୀ ଜୀବନରେ ଘଟିଯାଇଥିବା ଘଟଣା ବର୍ଣ୍ଣନା କରି କହିଲେ... ପୁତ୍ର ! ବିବାହ ପୂର୍ବରୁ ମୁଁ ଯେତେବେଳେ ପିତ୍ରାଳୟରେ ଥିଲି, ଥରେ ମହର୍ଷି ଦୁର୍ବାସା ରାଜପ୍ରସାଦରେ ଅତିଥି ହୋଇ ଆସିଥିଲେ।ତାଙ୍କ ସେବାର ଦାୟିତ୍ୱ ମୋ ଉପରେ ଥିଲା। ମୋ ସେବାରେ ସନ୍ତୁଷ୍ଟ ହୋଇ ସେ ମୋତେ ଗୋଟିଏ ଅଭିମନ୍ତ୍ରିତ ମାଳା ପ୍ରଦାନ କରି କହିଥିଲେ ଯେ ସେହି ମାଳା ଧରି, ଯେ'କୌଣସି ଦେବତାଙ୍କୁ ମଧ୍ୟ ଆବାହନ କଲେ ସେ ସମ୍ମୁଖରେ ଉପସ୍ଥିତ ହେବେ।ମୋର ବାଲ୍ୟସୁଲଭ ଚପଳତା ବଶତଃ ମହର୍ଷି ଦୁର୍ବାସାଙ୍କ ପ୍ରଦତ୍ତ ମାଳା ହାତରେ ଧରି ମୁଁ ସୂର୍ଯ୍ୟ ଦେବଙ୍କୁ ଆବାହନ କଲି। ବାସ୍ତବରେ ଅଂଶୁମାଳି ମୋ ଆଗରେ ଉପସ୍ଥିତ ହୋଇ ବରଦାନ ସ୍ୱରୂପ ମୋ କୋଳରେ ତୁମକୁ ପ୍ରଦାନ କଲେ। ମୋ ବୀରପୁତ୍ର ! ବକ୍ଷରେ ଅଭେଦ୍ୟ କବଚ ଏବଂ କର୍ଣ୍ଣରେ ଜାଜ୍ୱଲ୍ୟମାନ କୁଣ୍ଡଳ ସହିତ ତୁମେ ଜନ୍ମ ହୋଇଥିଲ। କୁମାରୀ ଜୀବନରେ ଲୋକଲଜ୍ଜାକୁ ଡରି ମଞ୍ଜୁସାରେ ମୁଁ ତୁମକୁ ଗଙ୍ଗାଜଳରେ ଭସାଇ ଦେଇଥିଲି ; ସାରଥୀ ଅଧିରଥ ତୁମକୁ ଉଦ୍ଧାର କରି ପାଳନ କରିଛନ୍ତି।

ଏବେ ଆସ ପୁତ୍ର ! ପାଣ୍ଡବମାନଙ୍କ ପକ୍ଷରେ ଯୋଗଦେଇ ଶ୍ରେଷ୍ଠ ପାଣ୍ଡୁ-ପୁତ୍ର

Source: Author, Digitized by PPRACHIN, SOA

ଭାବରେ ପରିଚିତ ହୁଅ। ଅର୍ଜୁନ ସହିତ ଯୋଗଦେଇ ବିଶ୍ୱ ଜୟକର। କୁରୁ ସିଂହାସନ ତୁମପାଇଁ ଅପେକ୍ଷା କରିଛି। କୌରବମାନଙ୍କ ଦୟାର ପାତ୍ର ହୋଇ ରହିବା ଦିନ ତୁମର ସମାପ୍ତ ହୋଇଯାଇଛି। ଆସ ମୋ କୋଳକୁ ଚାଲିଆସ।

କୁନ୍ତୀଙ୍କ କଥା ଶୁଣି କର୍ଣ୍ଣଙ୍କ ଅଙ୍ଗେ ଅଙ୍ଗେ ଶୀହରଣ ଖେଳିଗଲା। ସତରେ କଣ ତାଙ୍କ ଧମନୀରେ କ୍ଷତ୍ରିୟର ରକ୍ତ ପ୍ରବାହିତ! ସତରେ କଣ ସେ ସୂର୍ଯ୍ୟଙ୍କ ପୁତ୍ର! ଆଃ! ଏହାଠାରୁ ବଳି ଶୁଭ ସମ୍ବାଦ ତାଙ୍କ ପାଇଁ କ'ଣ ଥାଇପାରେ ! ଆକାଶକୁ ଚାହିଁଲେ କର୍ଣ୍ଣ, ସୂର୍ଯ୍ୟଦେବ ମାତା ଏବଂ ପୁତ୍ରଙ୍କୁ ଚାହିଁ ଆତ୍ମତୃପ୍ତିରେ ହସୁଥିଲେ।

ନିଜକୁ ସମ୍ଭାଳି ନେଲେ କର୍ଣ୍ଣ। ଧୀର ଗମ୍ଭୀର କଣ୍ଠରେ କହିଲେ... ମାତା ! ଆପଣ କହୁଛନ୍ତି ମୁଁ ପାଣ୍ଡବଙ୍କ ପକ୍ଷରେ ଯୋଗ ଦେବି ? ତାହା ସଂପୂର୍ଣ୍ଣ ଅନୀତି ଏବଂ ଅଧର୍ମ କଥା। ଆପଣ ତ ଲୋକଲଜ୍ଜାକୁ ଡରି ମୋତେ ପରିତ୍ୟାଗ କରିଦେଲେ। ଯେଉଁ ରାଧା ମାତାଙ୍କ କୋଳରେ ବଢ଼ି ମୁଁ ରାଧେୟ ଭାବରେ ପରିଚିତ ହୋଇଛି ସେ ପରିଚୟକୁ ଆଜି ଅନ୍ଧକାରକୁ ଫିଙ୍ଗିଦେବି ରାଜ୍ୟଲୋଭ ପାଇଁ!! ଆଜି ନିଜକୁ କୌନ୍ତେୟ କହିବୁଲିବି ଚକ୍ରବର୍ତ୍ତୀ ହେବା ଲୋଭରେ!! ଯେତେବେଳେ କର୍ଣ୍ଣ ତାର ପରିଚୟ ହରାଇ ବସିଥିଲା, ସେତେବେଳେ ସୂତପୁତ୍ର କର୍ଣ୍ଣରୁ ଅଙ୍ଗରାଜ କର୍ଣ୍ଣର ପରିଚୟ ଦେଇ ଯେଉଁ ସଖା ଦୁର୍ଯ୍ୟୋଧନ ମୋତେ ଧୂଳିରୁ ଉଠାଇ ସିଂହାସନରେ ବସାଇଥିଲେ, ତାଙ୍କୁ ଆଜି ପରିତ୍ୟାଗ କରିବି ଚକ୍ରବର୍ତ୍ତୀ ହେବା ଲୋଭରେ !! ପାଣ୍ଡବଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ମୋ ଠାରୁ ନୈତିକ ସାହସ ପାଇଛନ୍ତି ଯେଉଁ ଦୁର୍ଯ୍ୟୋଧନ ଆଜି ରାଜ୍ୟ ଲୋଭରେ ତାଙ୍କୁ କହିବି ମୋ ପାଣ୍ଡବ ଭାଇମାନଙ୍କ ପକ୍ଷକୁ ମୁଁ ଚାଲିଯିବି ବୋଲି!! ଏପରି କଲେ ବନ୍ଧୁତା ଉପରେ କାହାର ଭରସା ରହିବ ମାତେ ? ଏହାଠାରୁ ବଳି ଅଧିକ କୃତଘ୍ନତା ଆଉ କ'ଣ ହୋଇପାରେ ଜନନୀ! ଏହା ଦୁର୍ଯ୍ୟୋଧନଙ୍କ ପିଠିରେ ଛୁରୀ ମାରିବା ସହିତ ସମାନ ହେବ। କୌରବମାନଙ୍କ ଋଣ ପରିଶୋଧ କରିବା ପାଇଁ ଆବଶ୍ୟକ ହେଲେ ଏ ଜୀବନ ମୁଁ ବିସର୍ଜନ କରିଦେବି ପଛେ ଜନନୀ, ଦସ୍ୟୁ ଭଳି କୃତଘ୍ନତା କରି, ଠିକ୍ ଯୁଦ୍ଧ ପୂର୍ବରୁ କୌରବପକ୍ଷ ମୁଁ ତ୍ୟାଗ କରିପାରିବି ନାହିଁ। ମୋତେ କ୍ଷମା କରନ୍ତୁ। ମୋତେ ରାଧେୟ ହୋଇ ସମ୍ମାନଜନକ ଜୀବନ ବଞ୍ଚିବାକୁ ଦିଅନ୍ତୁ, କୌନ୍ତେୟ ହୋଇ କୃତଘ୍ନ ହେବାରୁ ବଞ୍ଚାନ୍ତୁ। ମୁଁ ମିଥ୍ୟାର ଆଶ୍ରୟ ନେଇପାରିବି ନାହିଁ; ମୋର ସମସ୍ତ ଶକ୍ତି ପାଣ୍ଡବଙ୍କ ବିରୁଦ୍ଧରେ ବିନିଯୋଗ କରିବି ଏବଂ କୌରବଙ୍କୁ ଜୟଯୁକ୍ତ କରିବାକୁ ପ୍ରୟାସ କରିବି।

କୁନ୍ତୀ କହିଲେ... ତା'ହେଲେ ପୁତ୍ର! ତୁମେ କଣ ଯୁଦ୍ଧରେ ତୁମ ଭାଇମାନଙ୍କୁ ବଧ କରିବ ?

Source: Author, Digitized by PPRACHIN, SOA

କିଛି ନିରବତା ପରେ କର୍ଣ୍ଣ କହିଲେ... ମୋର ବିବଶତା ଦେଖ ଜନନୀ ! ମୁଁ କୁନ୍ତୀ ପୁତ୍ର ହୋଇ ମଧ୍ୟ ନିଜକୁ କୌନ୍ତେୟ ଭାବେ ପରିଚୟ ଦେଇପାରୁ ନାହିଁ। କିନ୍ତୁ ମୋ ଜନ୍ମଦାତ୍ରୀ ମାତା କୁନ୍ତୀଙ୍କୁ ମୁଁ ନିରାଶ ହୋଇ ଫେରିଯିବାକୁ ଦେବି ନାହିଁ। ମୁଁ ଆପଣଙ୍କୁ ପ୍ରତିଶ୍ରୁତି ଦେଉଛି ଜନନୀ ! ଯୁଦ୍ଧରେ ଅର୍ଜୁନ ବ୍ୟତୀତ ଅନ୍ୟ କୌଣସି ପାଣ୍ଡବ ଭାଇଙ୍କୁ ମୁଁ ବଧ କରିବି ନାହିଁ। କର୍ଣ୍ଣର ମୃତ୍ୟୁ ହେଉ ଅଥବା ଅର୍ଜୁନର, ଆପଣ ପାଞ୍ଚ ପୁତ୍ରଙ୍କର ଜନନୀ ହୋଇ ରହିବେ।

କର୍ଣ୍ଣଙ୍କ ଚରିତ୍ରଚନ୍ଦ୍ରର ଏହା ଥିଲା ଆଲୋକିତ ଅଂଶ। ଦୁର୍ଯ୍ୟୋଧନଙ୍କୁ ସହାୟତା କରିଥିବାରୁ ସେ ଅନେକଙ୍କ ଦ୍ୱାରା ସମାଲୋଚିତ ହୋଇଛନ୍ତି, କିନ୍ତୁ ସିଂହାସନ ଲୋଭରେ ସେ ନିଜ ବନ୍ଧୁଙ୍କପ୍ରତି କୃତଘ୍ନତା କରି ନାହାଁନ୍ତି। ଆଜିକାର ସମାଜରେ, କାର୍ଯ୍ୟାଳୟ ହେଉ ବା ସାମାଜିକ ଜୀବନ, ଉଚ୍ଚ ପଦବୀ ଆଶାରେ ବନ୍ଧୁ ବନ୍ଧୁପିଠିରେ ଛୁରୀ ମାରିବା ସାଧାରଣ ଘଟଣା। କର୍ଣ୍ଣଙ୍କ ଚରିତ୍ରର ଏହି ନୈତିକ ମୂଲ୍ୟବୋଧ ପ୍ରଶଂସନୀୟ।

କର୍ଣ୍ଣଙ୍କ ମହାନତା କୁନ୍ତୀଙ୍କୁ ପ୍ରଭାବିତ କଲା। କର୍ଣ୍ଣଙ୍କ ପ୍ରତ୍ୟାଖ୍ୟାନ ମନରେ ଦୁଃଖ ଭରିଦେଲେ ମଧ୍ୟ କୁନ୍ତୀ ସନ୍ତୁଷ୍ଟ ଥିଲେ କାରଣ କର୍ଣ୍ଣଙ୍କ ହାତରୁ ସେ ଚାରି ପାଣ୍ଡବ ଭାଇଙ୍କର ଜୀବନ ରକ୍ଷା କରିପାରିଥିଲେ।

-୦-

(୭୯)

ମହାଭାରତରେ ଶ୍ରୀକୃଷ୍ଣଙ୍କ ଶାଳକ

ମହାଭାରତ ଯୁଦ୍ଧ କୌଣସି ବିଶ୍ୱଯୁଦ୍ଧ ଠାରୁ କମ୍ ନଥିଲା। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯେପରି ବିଭିନ୍ନ ଦେଶ ନିଜ ନିଜର ପ୍ରତିପକ୍ଷ ବାଛି ନେଇ ଯୁଦ୍ଧକୁ ଡେଇଁ ପଡିଥିଲେ, ମହାଭାରତ ଯୁଦ୍ଧରେ ମଧ୍ୟ ସେହିଭଳି ଘଟିଥିଲା। ଦୁର୍ଯ୍ୟୋଧନ, ନାରାୟଣୀ ସେନା ଏବଂ ଶଲ୍ୟଙ୍କ ବିଶାଳ ବାହିନୀ ନିଜ ପକ୍ଷକୁ ନେବାରେ ସଫଳ ହେଲେ ମଧ୍ୟ ପାଣ୍ଡବମାନେ ସାତଅକ୍ଷୌହିଣୀ ସୈନ୍ୟଙ୍କର ଏକ ବିଶାଳବାହିନୀ ସୃଷ୍ଟି କରି ପାରିଥିଲେ। ଏହି ଯୁଦ୍ଧରେ ଭୋଜକାଟର ରାଜା ତଥା ଶ୍ରୀକୃଷ୍ଣଙ୍କ ଶାଳକ ରୁକ୍ମ, ଉଭୟ ପାଣ୍ଡବ ଏବଂ କୌରବଙ୍କ ପ୍ରତ୍ୟାଖ୍ୟାନ ପରେ ଅପମାନିତ ହୋଇ ନିଜ ରାଜ୍ୟକୁ ଫେରି ଯାଇଥିଲେ। ଆସନ୍ତୁ ଏହାର ପୃଷ୍ଠଭୂମି ଜାଣିବା।

Source: Author, Digitized by PPRACHIN, SOA

ବିଦର୍ଭ ନରେଶ ଭୀଷ୍ମକଙ୍କର ପାଞ୍ଚଗୋଟି ପୁତ୍ର ସନ୍ତାନ ଏବଂ ଗୋଟିଏ ସୁନାନାକୀ ଝିଅ ଥିଲେ। ଝିଅଟିର ନାଁ ଥିଲା ରୁକ୍ମିଣୀ ଏବଂ ଯୌବନ ପ୍ରାପ୍ତି ବେଳକୁ ରୂପଲାବଣ୍ୟରେ ତ୍ରିପୁର ଉଜ୍ଜ୍ୱଳ କରି ସାରିଥିଲେ ରାଜଜେମା। ରସ-ସାଗର, ରସ-ସମ୍ରାଟ, ରସିକ ଚୂଡ଼ାମଣି ଶ୍ରୀକୃଷ୍ଣଙ୍କ ପାଖରେ ମଧ୍ୟ ଜେମାଙ୍କର ରୂପ ଏବଂ ଗୁଣର ପ୍ରଶଂସା ପହଞ୍ଚି ଯାଇଥିଲା। ରୁକ୍ମିଣୀ ଶ୍ରୀକୃଷ୍ଣଙ୍କୁ ନାରାୟଣଙ୍କ ଅବତାର ବୋଲି ଏବଂ ନିଜକୁ ଲକ୍ଷ୍ମୀ ବୋଲି ବିବେଚନା କରୁଥିଲେ। ଦୁଇ ବିଦଗ୍ଧ ପ୍ରାଣ ପରସ୍ପରର ମିଳନ ପ୍ରତୀକ୍ଷାରେ ଥିଲେ।ରାଜ ପ୍ରାସାଦର ଉଦ୍ୟାନରେ ଥିବା ପାବର୍ତୀ ଦେବୀଙ୍କ ମନ୍ଦିରରେ ସବୁଦିନ ପୂଜା କରିବା ସମୟରେ ରୁକ୍ମିଣୀ ସବୁବେଳେ ପ୍ରାର୍ଥନା କରୁଥିଲେ... ଜନନୀ ! ଯେପରି ଶିବ ତୁମର ଜୀବନ ସେହିପରି କୃଷ୍ଣ ମୋର ଜୀବନ ବୋଲି ତୁମେ ଜାଣ। ଶ୍ରୀକୃଷ୍ଣଙ୍କୁ ଏ ଜୀବନରେ ନପାଇଲେ ମୁଁ ଆତ୍ମବିସର୍ଜନ କରିବି; ଏ ଜନ୍ମରେ ନହେଲେ ପରଜନ୍ମରେ ତାଙ୍କ ସହିତ ମିଳନ ହେବ।

ଜେମାଙ୍କର ପାଞ୍ଚ ଭାଇଙ୍କ ଭିତରୁ ସବୁଠାରୁ ବଡ଼ ଥିଲେ ରୁକ୍ମ। ସେ ରାଜସିଂହାସନର ଉତ୍ତର ଦାୟାଦ ଥିଲେ।ଜରାସନ୍ଧ ଏବଂ ଶିଶୁପାଳଙ୍କ ସ୍ତାବକ ଥିଲେ ରୁକ୍ମ ତଥା ଶ୍ରୀକୃଷ୍ଣଙ୍କୁ ଘୃଣା କରିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ। ବୃଦ୍ଧ ଭୀଷ୍ମକ ପୁତ୍ରୀର ପରିଣୟ ଶ୍ରୀକୃଷ୍ଣଙ୍କ ସହିତ ସମାପନ କରିବାକୁ ଚାହୁଁଥିଲେ ମଧ୍ୟ ପୁତ୍ର ରୁକ୍ମ ଏବଂ ତାଙ୍କର ଦୁଷ୍ଟ ସମର୍ଥକ ଜରାସନ୍ଧ ଏବଂ ଶିଶୁପାଳଙ୍କୁ ସେ ଭୟ କରୁଥିଲେ। ତେଣୁ ରାଜା ଭୀଷ୍ମକ, ପୁତ୍ର ରୁକ୍ମ ତଥା ଜରାସନ୍ଧ ଓ ଶିଶୁପାଳଙ୍କ ଇଚ୍ଛା ଅନୁଯାୟୀ କନ୍ୟାର ବିବାହ ଚେଦିରାଜ ଦମଘୋଷଙ୍କ ପୁତ୍ର ଶିଶୁପାଳଙ୍କ ସହିତ ସ୍ଥିର କରିଦେଲେ। କୃଷ୍ଣ ବିରୋଧୀ ରୁକ୍ମ, ବିବାହ ଉତ୍ସବକୁ ସବୁ ରାଜାଙ୍କୁ ନିମନ୍ତ୍ରଣ କଲେ ମଧ୍ୟ ଦ୍ୱାରକାକୁ ନିମନ୍ତ୍ରଣ କଲେନାହିଁ।

ଶିଶୁପାଳ ସହିତ ବିବାହ ଦିନ ଯେତିକି ପାଖେଇ ଆସୁଥାଏ ରୁକ୍ମିଣୀଙ୍କ ହତୋତ୍ସାହ ସେତିକି ବଢୁଥାଏ। ଶେଷରେ ବିବାହର ଗୋଟିଏ ଦିନ ପୂର୍ବରୁ ନିଜ ମନକଥା ଖୋଲି, ଆଖି କଜଳରେ କେତକୀ ପତ୍ରରେ ଶ୍ରୀକୃଷ୍ଣଙ୍କୁ ସେ ଏକ ପତ୍ର ଲେଖି ଜନୈକ ବିଶ୍ୱସ୍ତ ବ୍ରାହ୍ମଣଙ୍କ ହାତରେ ପଠାଇଦେଲେ। ନିଜକୁ ଶ୍ରୀକୃଷ୍ଣଙ୍କ ଚରଣ ତଳେ ସର୍ମପିତା ଦାସୀ ବୋଲି କହି, ଚିଠି ଶେଷରେ ଲେଖିଥିଲେ... ପ୍ରିୟତମ! କାଲି ପ୍ରାସାଦ ନିକଟସ୍ଥ ଉଦ୍ୟାନରେ ଥିବା ପାର୍ବତୀ ମନ୍ଦିରରେ ମୁଁ ସଖୀ ଗହଣରେ ଦେବପୂଜା ପାଇଁ ଉପସ୍ଥିତ ଥିବି। ଶିଶୁପାଳକୁ ବିବାହ କରିବା ଅପେକ୍ଷା ମୃତ୍ୟୁ ମୋ ପାଇଁ ଶ୍ରେୟସ୍କର। ମୋତେ ସେ ସ୍ଥାନରୁ ତୁମେ ହରଣ କରି ନେଇ ଯିବ, ନହେଲେ ମୁଁ ଆତ୍ମବିସର୍ଜନ କରିବି।

ଶ୍ରୀକୃଷ୍ଣ ପ୍ରିୟତମାର ଆକୁଳ ନିବେଦନ ଶୁଣି ରଥ ଆରୋହଣ କରି ବିଜୁଳି ବେଗରେ ବିଦର୍ଭ ରାଜଧାନୀ କୁଣ୍ଡିନ ନଗର ରାଜୋଦ୍ୟାନରେ ପହଞ୍ଚିଲେ। ରୁକ୍ମିଣୀ ଶ୍ରୀକୃଷ୍ଣଙ୍କ

Source: Author, Digitized by PPRACHIN, SOA

ରଥକୁ ଦେଖି, ଲୁହାକୁ ଚୁମ୍ବକ ଟାଣିଲା ପରି ଦଉଡ଼ି ଯାଇ ଶ୍ରୀକୃଷ୍ଣଙ୍କ ରଥରେ ଆରୋହଣ କଲେ। ବିଜୁଳି ବେଗରେ ଶ୍ରୀକୃଷ୍ଣଙ୍କ ରଥ ଧାବମାନ ହେଲା ଦ୍ୱାରକା ଅଭିମୁଖେ।

ଚହଳ ପଡିଗଲା କୁଣ୍ଡିନ ନଗ୍ରର ରାଜପ୍ରାସାଦରେ। ବରବେଶରେ ଅପେକ୍ଷା କରିଛନ୍ତି ଶିଶୁପାଳ। ଏଣେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ହରଣ କରି ନଗ୍ର ପାର ହୋଇ ଗଲେଣି। କ୍ରୋଧରେ କମ୍ପିତ କଳେବର ରୁକ୍ମ ବିଶାଳସେନା ନେଇ କୃଷ୍ଣଙ୍କ ପଛରେ ଧାବମାନ ହେଲେ।

ଶ୍ରୀକୃଷ୍ଣଙ୍କ ଏକାକୀ ବିଦର୍ଭ ଅଭିମୁଖେ ଯାତ୍ରା କରିବା ସମ୍ବାଦ ବଳରାମଙ୍କୁ ବିବ୍ରତ କଲା। ସେ ଆଗରୁ କୃଷ୍ଣଙ୍କର, ରାଜକୁମାରୀ ରୁକ୍ମିଣୀଙ୍କପ୍ରତି ଦୁର୍ବଳତାର ଆଭାସ ପାଇଥିଲେ ଏବଂ ଶିଶୁପାଳଙ୍କ ସହିତ ବିବାହ ପ୍ରସ୍ତାବ କଥା ମଧ୍ୟ ଶୁଣିଥିଲେ। ଶ୍ରୀକୃଷ୍ଣଙ୍କ ପ୍ରତି ବିପଦ ସମ୍ଭାବନା ଦେଖି ସେ ବିଶାଳ ଯାଦବ ସେନା ସହିତ ବିଦର୍ଭ ଅଭିମୁଖେ ଯାତ୍ରା କଲେ। ପଥ ମଧ୍ୟରେ ବିଦର୍ଭ ସେନା ଏବଂ ଦ୍ୱାରକା ସେନା ମୁହାଁମୁହିଁ ହେଲେ। କୃଷ୍ଣ ଏବଂ ବଳରାମଙ୍କର ପ୍ରବଳ ଆକ୍ରମଣରେ ଧ୍ୱସ୍ତ ବିଧ୍ୱସ୍ତ ହେଲା ବିଦର୍ଭ ସେନା ବାହିନୀ। ରାଜକୁମାର ରୁକ୍ମ, ଶ୍ରୀକୃଷ୍ଣଙ୍କ ହାତରେ ବନ୍ଦୀ ହେଲେ। ରୁକ୍ମିଣୀ, ଶ୍ରୀକୃଷ୍ଣଙ୍କୁ ଅନୁରୋଧ କଲେ ରୁକ୍ମଙ୍କୁ ମୁକ୍ତି ଦେବାପାଇଁ। ଶାଳକ ରୁକ୍ମଙ୍କ ମସ୍ତକର କେଶ ମୁଣ୍ଡନ କରି ତାଙ୍କୁ ମୁକ୍ତି ଦେଲେ ଶ୍ରୀକୃଷ୍ଣ।

ଘୋର ଅପମାନରେ ଜର୍ଜରିତ ରୁକ୍ମ ଫେରିଯାଇ ରାଜ୍ୟରେ କାହାକୁ ମୁଖ ଦର୍ଶନ କରାଇବାକୁ ଚାହୁଁନଥିଲେ। କୁଣ୍ଡିନପୁରକୁ ଫେରିନଯାଇ ଭୋଜକାଟ ନାମକ ଏକ ସ୍ଥାନରେ ସେ ନିଜର ନଗ୍ର ନିର୍ମାଣ କରି ରହିଲେ। ପଣ କରିଥିଲେ, ଶ୍ରୀକୃଷ୍ଣଙ୍କୁ ପରାସ୍ତ କରି ତାଙ୍କୁ ବଧ କଲେ ହିଁ ସେ ବିଦର୍ଭ ପ୍ରତ୍ୟାବର୍ତ୍ତନ କରିବେ।

କିନ୍ତୁ ତାହା ସମ୍ଭବ ହେଲାନାହିଁ। କାଳକ୍ରମେ ବୋଧହୁଏ ତାଙ୍କ ମନରେ ପରିବର୍ତ୍ତନ ଆସିଲା। ସେ ଶତ୍ରୁତା ତ୍ୟାଗକରି ଶ୍ରୀକୃଷ୍ଣଙ୍କ ନିକଟତର ହେବାପାଇଁ ସୁଯୋଗ ଅପେକ୍ଷାରେ ଥିଲେ। ସେ ସୁଯୋଗ ମହାଭାରତ ଯୁଦ୍ଧ ଆଣିଦେଲା। ବିଶାଳ ସେନା ବାହିନୀ ସହିତ ସେ ପାଣ୍ଡବଙ୍କ ସମର୍ଥନ ପାଇଁ ଉପପ୍ଲାବ୍ୟରେ ପହଞ୍ଚିଲେ।

ତାଙ୍କର ସିନା ଇଚ୍ଛା ଥିଲା ଶ୍ରୀକୃଷ୍ଣଙ୍କ ନିକଟତର ହେବା, କିନ୍ତୁ ପ୍ରକୃତି କୁଆଡେ ଯିବ। ସେହି ଗର୍ବ ଏବଂ ଅହଂକାର ମନରେ ଭରିରହିଥିଲା। କୃଷ୍ଣ ଏବଂ ଅର୍ଜୁନଙ୍କ ପାଖରେ ପହଞ୍ଚି ରୁକ୍ମ ଅର୍ଜୁନଙ୍କୁ କହିଲେ... ଦେଖ ମଧ୍ୟମ ପାଣ୍ଡବ, ମୁଁ ମୋର ବିଶାଳ ସେନା ବାହିନୀ ନେଇ ତୁମ ସମର୍ଥନ ପାଇଁ ଆସିଛି। ତୁମେ ତ ଜାଣ, ମୋ ଭଳି ବୀର ବିଶ୍ୱରେ ଅଦ୍ୱିତୀୟ; ଭୀଷ୍ମ, ଦ୍ରୋଣ ଏବଂ କର୍ଣ୍ଣ ମୋ ଆଗରେ ତୁଚ୍ଛ ଏବଂ ନଗଣ୍ୟ। ମୁଁ ତୁମକୁ ବିଜୟଶ୍ରୀ ମଣ୍ଡିତ କରିବି।

Source: Author, Digitized by PPRACHIN, SOA

ରକ୍ମଙ୍କ ଆସ୍ଫାଳନ ଶୁଣି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ... ସଖା ! କିଛି ଗୋଟାଏ ଫଟା ଢୋଲ ବାଜିବା ଆବାଜ ଶୁଣାଯାଉଛି । ଏହା ଶୁଣି ଅର୍ଜୁନ ହସିଦେଲେ ! ସଖାଙ୍କ ଶାଳକ ରକ୍ମଙ୍କୁ ଚାହିଁ ଅର୍ଜୁନ କହିଲେ... ମହାଶୟ ! ଆପଣଙ୍କ ସହାୟତାର ଆବଶ୍ୟକତା ଆମ ପାଇଁ ନାହିଁ; ଆପଣଙ୍କ ସହାୟତା ବିନା ଆମର ଯୁଦ୍ଧ ଜୟ କରିବାର ସାମର୍ଥ୍ୟ ରହିଛି । ଆପଣଙ୍କ ବଦାନ୍ୟତା ପାଇଁ ଧନ୍ୟବାଦ, ଆପଣ ପ୍ରସ୍ଥାନ କରନ୍ତୁ ।

ରକ୍ମ ଅପମାନିତ ହୋଇ ଦୁର୍ଯ୍ୟୋଧନଙ୍କ ପାଖରେ ପହଞ୍ଚି କୌରବଙ୍କୁ ସାହାଯ୍ୟ କରିବା ମନୋକାମନା ବ୍ୟକ୍ତ କଲେ । ଦୁର୍ଯ୍ୟୋଧନ କହିଲେ... ଧନ୍ୟବାଦ, ପାଣ୍ଡବଙ୍କ ଉଚ୍ଛିଷ୍ଟ ଗ୍ରହଣ କରିବା ମାନସିକତା ଆମର ନାହିଁ ।

ଦୁଇ ପକ୍ଷଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ଅପମାନିତ ରକ୍ମ ଭୋଜକାଟ ଫେରିଗଲେ ।

ମହାଭାରତ ଯୁଦ୍ଧରେ ଦୁଇଜଣ ବିଶିଷ୍ଟ ବ୍ୟକ୍ତି କୌଣସି ପକ୍ଷରେ ଯୋଗ ଦେଇନଥିଲେ; ଜଣେ ଥିଲେ ରକ୍ମ ଏବଂ ଦ୍ୱିତୀୟ ବ୍ୟକ୍ତି ବଳରାମ । ବଳରାମ, ଯୁଦ୍ଧର ଭୟାବହ ପରିଣାମ କଥା ଚିନ୍ତା କରି ଯୁଦ୍ଧ ସପକ୍ଷରେ ନଥିଲେ । ଯୁଦ୍ଧ ଅବଶ୍ୟମ୍ଭାବୀ ଜାଣି ସେ କୌଣସି ପକ୍ଷରେ ଯୋଗ ନଦେଇ ତୀର୍ଥଯାତ୍ରାରେ ଚାଲିଗଲେ ।

ଏଠାରେ ନିରପେକ୍ଷତାର ଚରିତ୍ର ଅନୁଧ୍ୟାନ କରିବା କଥା । ବଳରାମଙ୍କ ନିରପେକ୍ଷତାର ଉଦ୍ଦେଶ୍ୟ ଥିଲା ଶାନ୍ତି ସ୍ଥାପନ, କିନ୍ତୁ ରକ୍ମଙ୍କ ନିରପେକ୍ଷତା ଥିଲା ଉଦ୍ଦେଶ୍ୟମୂଳକ । ପ୍ରଥମେ ଶ୍ରୀକୃଷ୍ଣ ଏବଂ ପାଣ୍ଡବଙ୍କ ନିକଟବର୍ତ୍ତୀ ହେବାପାଇଁ ସେ ଚାହୁଁଥିଲେ; ନିଜ ଗର୍ବ ଓ ଅହଂକାର ପ୍ରଦର୍ଶନ କରିବା ଯୋଗୁଁ ସେ ଅସଫଳ ହେଲେ । ସେହି ପ୍ରତ୍ୟାଖ୍ୟାନର ପ୍ରତିଶୋଧ ନେବାପାଇଁ ପାଣ୍ଡବଙ୍କ ବିରୁଦ୍ଧରେ ଯୁଦ୍ଧକରିବାକୁ କୌରବଙ୍କ ପକ୍ଷ ନେବାକୁ ପ୍ରଚେଷ୍ଟା କରି ମଧ୍ୟ ଅସଫଳ ହେଲେ । ମନେ ହେଉଥିଲା ଏକ ମହା ଯୁଦ୍ଧରେ ଭାଗନେଇ ନିଜର ଗୁରୁତ୍ୱ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ କୌଣସି ଏକ ପକ୍ଷରେ ଯୋଗ ଦେବାପାଇଁ ସେ ବ୍ୟଗ୍ରଥିଲେ । ଏ ଭଳି ଆନୁଗତ୍ୟ ପରିବର୍ତ୍ତନ କରିବା ଭାସମାନ ବୋରଝାଞ୍ଜିମାନଙ୍କର ଦୃଷ୍ଟାନ୍ତ ଆଜିକାଲିର ରାଜନୀତିରେ ଅନେକ ରହିଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପୋପଙ୍କ ରାଜ୍ୟ 'ଭାଟିକାନ୍' ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ନିରପେକ୍ଷ ରହିଥିଲା, କିନ୍ତୁ ସୁଇଜରଲ୍ୟାଣ୍ଡ ନିରପେକ୍ଷ ରହିବାର କାରଣ ଥିଲା ସ୍ୱାର୍ଥ ପ୍ରଣୋଦିତ ।ନିଜର କଳ କାରଖାନା ପାଇଁ ଜର୍ମାନୀର କୋଇଲା ଖଣି ଉପରେ ସୁଇଜରଲ୍ୟାଣ୍ଡ ନିର୍ଭର କରୁଥିଲା । ଏଣେ ମିତ୍ରଶକ୍ତି ମାନଙ୍କୁ ଖୋଲାଖୋଲି ଭାବେ ବିରୋଧ ମଧ୍ୟ କରିପାରୁନଥିଲା ସୁଇଜରଲ୍ୟାଣ୍ଡ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତ ହେବା ପରେ

Source: Author, Digitized by PPRACHIN, SOA

ସୁଇଜରଲ୍ୟାଣ୍ଡର ଏହିପ୍ରକାର ନିରପେକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଲାଗିଥିଲା।

ରକ୍ମଙ୍କ ଚରିତ୍ର ଅନୁଧ୍ୟାନ କଲେ ଆଉମଧ୍ୟ ମନେହୁଏ 'ମାନୋ ୟା ନମାନୋ ମୈ ତେରା ମେହେମାନ୍' ଭଳି ଏକ ବ୍ୟକ୍ତି ଥିଲେ ଶ୍ରୀକୃଷ୍ଣଙ୍କ ଶାଳକ ରକ୍ମ।

-୦-

(୮୦)

ମେଷ୍ଟରେ ଫାଟ

ମହାଭାରତ ଯୁଦ୍ଧର ପୂର୍ବଦିନ କଥା। ଭୀଷ୍ମଙ୍କୁ ସେନାପତି ପଦରେ ବରଣ କରି ତାଙ୍କର ଭୂୟସୀ ପ୍ରଶଂସା କରି ଦୁର୍ଯ୍ୟୋଧନ କୌରବ ବାହିନୀର ମନୋବଳ ବୃଦ୍ଧି କରିବା ପ୍ରୟାସ କରୁଥାନ୍ତି। ଭୀଷ୍ମଙ୍କୁ ଯୋଡହସ୍ତ ହୋଇ ଦୁର୍ଯ୍ୟୋଧନ କହିଲେ... ହେ କ୍ଷତ୍ରିୟ ଶ୍ରେଷ୍ଠ ! ଆପଣ ଦେବ-ସେନାପତି କାର୍ତ୍ତିକେୟଙ୍କ ସଦୃଶ; ଆପଣଙ୍କ ସେନାପତିତ୍ୱରେ ଆମ୍ଭେମାନେ ନିଶ୍ଚିତ ଭାବରେ ଜୟଯୁକ୍ତ ହେବୁ। ବୃଷଭ ପଛରେ ବାଛୁରୀ ଭଳି ଯୁଦ୍ଧରେ ଆମେ ଆପଣଙ୍କ ଅନୁସରଣ କରିବୁ।

ପିତାମହ ଗମ୍ଭୀରତା ସହିତ କହିଲେ... ପୁତ୍ର ଦୁର୍ଯ୍ୟୋଧନ ! ଏହା ସତ୍ୟ ଯେ ମୁଁ ତୁମର ସେନାପତି, ଯୁଦ୍ଧରେ କୌରବ ପକ୍ଷ ବିଜୟଶ୍ରୀ ମଣ୍ଡିତ ହେବାପାଇଁ ମୁଁ ସମସ୍ତ ପ୍ରୟାସ କରିବି। କିନ୍ତୁ ପୁତ୍ର! ତୁମେ ଜାଣି ରଖିବା ଉଚିତ ଯେ ତୁମେ ଯେପରି ମୋର ପ୍ରିୟ, ପାଣ୍ଡୁ-ପୁତ୍ରମାନେ ମଧ୍ୟ ମୋର ସେହିପରି ପ୍ରିୟ। ଯେଉଁ ସେନାପତି ଦାୟିତ୍ୱ ତୁମେ ମୋତେ ପ୍ରଦାନ କରିଛ, ତାହା ସଂପନ୍ନ କରି ପ୍ରତିଦିନ ମୁଁ ଶତ ଶତ ପାଣ୍ଡବ ସେନା ନିହତ କରିବି, କିନ୍ତୁ ପାଣ୍ଡୁ ପୁତ୍ରମାନଙ୍କ ମଧ୍ୟରୁ କାହାରି ମଧ୍ୟ ପ୍ରାଣ ନେଇ ପାରିବି ନାହିଁ। ହସ୍ତିନାର ସିଂହାସନ ସହିତ ମୁଁ ବନ୍ଧା ପୁତ୍ର, ସିଂହାସନ ରକ୍ଷା କରିବା ମୋର କର୍ତ୍ତବ୍ୟ ଏବଂ ତାହା ସଂପାଦନ କରିବା ପାଇଁ ମୁଁ ସତ୍ୟବଦ୍ଧ ।

ଏହି ଧ୍ୱଂସକାରୀ ଯୁଦ୍ଧ ସପକ୍ଷରେ ମୁଁ କେବେ ମଧ୍ୟ ନଥିଲି। ମୋ ଉପଦେଶ ନମାନି ତୁମେ ଯୁଦ୍ଧକୁ ଲମ୍ଫ ଦେଇଛ, ସେଥିପାଇଁ ମୁଁ ଗଭୀର ମର୍ମାହତ; କିନ୍ତୁ ମୋ ଦାୟିତ୍ୱ ତୁଲାଇବାରେ ମୁଁ କଦାପି ଅବହେଳା କରିବି ନାହିଁ।

କିଛି ନିରବତା ପରେ ଭୀଷ୍ମ କହିଲେ.. ଆଉ ଗୋଟିଏ କଥା ପୁତ୍ର ଦୁର୍ଯ୍ୟୋଧନ! ତୁମର ପ୍ରିୟ ମିତ୍ର ଅଙ୍ଗରାଜ କର୍ଣ୍ଣ ମୋ ସେନାପତିତ୍ୱରେ ସନ୍ତୁଷ୍ଟ ନୁହଁନ୍ତି। ମୋର ପ୍ରତ୍ୟେକ

Source: Author, Digitized by PPRACHIN, SOA

କଥା ଏବଂ କାର୍ଯ୍ୟ ତାଙ୍କର ପସନ୍ଦ ନୁହେଁ। ତେଣୁ ତୁମେ ମୋ ସ୍ଥାନରେ ଅଙ୍ଗରାଜ କର୍ଣ୍ଣଙ୍କୁ ସେନାପତି ଦାୟିତ୍ୱ ଦେଇପାର,ମୋର ଆପତ୍ତି ନାହିଁ।

ପିତାମହ ପୁଣି କହିଲେ କୌରବଙ୍କ ପକ୍ଷରେ ଦ୍ରୋଣ ଶଲ୍ୟ, କୃପାଚାର୍ଯ୍ୟ, ଭୁରିଶ୍ରବା, ଅଶ୍ୱତ୍ଥାମାଙ୍କ ଭଳି ମହାନ ଯୋଦ୍ଧା ରହିଛନ୍ତି, ତେଣୁ ଯୁଦ୍ଧରେ କୌରବଙ୍କ ସ୍ଥିତି ପାଣ୍ଡବ ମାନଙ୍କ ଅପେକ୍ଷା ଦୃଢ, କିନ୍ତୁ ଅଙ୍ଗରାଜ କର୍ଣ୍ଣଙ୍କ ଭଳି ଅହଂକାରୀ, ଅବିନୟୀ ଏବଂ ଅଯଥା ଫମ୍ପା ଆବାଜ କରୁଥିବା ଯୋଦ୍ଧାଙ୍କ ଉପରେ ତୁମେ ଅତ୍ୟଧିକ ଭରସା କରିବା ଅନୁଚିତ। ସେ ପର୍ଶୁରାମ-ଶିଷ୍ୟ ହୋଇ ପାରନ୍ତି କିନ୍ତୁ ପର୍ଶୁରାମଙ୍କ ଅଭିଶାପ ତାଙ୍କ ମୁଣ୍ଡ ଉପରେ ଖଡ୍ଗ ହୋଇ ଝୁଲୁଛି। ବ୍ରାହ୍ମଣ ଯୁବକ ବୋଲି ମିଥ୍ୟା ପରିଚୟ ଦେଇ ସେ ପର୍ଶୁରାମଙ୍କ ଠାରୁ ବିଦ୍ୟା ଶିକ୍ଷା କରୁଥିଲେ। ଥରେ ଗୁରୁ ପର୍ଶୁରାମ ତାଙ୍କ ଜାନୁ ଉପରେ ମଥା ରଖି ଶୟନ କରିଥିଲେ। ଏହି ସମୟରେ ଭୂମିରୁ ଏକ କୃମ କର୍ଣ୍ଣଙ୍କ ଜାନୁକୁ ବିଦ୍ଧ କଲା; ବହି ଯାଉଥାଏ ଧାରଧାର ରକ୍ତ। କର୍ଣ୍ଣଙ୍କୁ ଲାଗୁଥିଲା ସତେ ଯେମିତି ଯନ୍ତ୍ରଣାରେ ପ୍ରାଣ ଚାଲିଯିବ। କିନ୍ତୁ ଗୁରୁଙ୍କର ନିଦ୍ରା ଭଙ୍ଗହେବା ଡରରେ ସେହିପରି ବସି ରହିଥିଲେ କର୍ଣ୍ଣ। ପର୍ଶୁରାମଙ୍କର ନିଦ୍ରା ଭଙ୍ଗ ହେବାପରେ ଶିଷ୍ୟକୁ ରକ୍ତାକ୍ତ ଅବସ୍ଥାରେ ଦେଖି ତାଙ୍କ ଗୁରୁଭକ୍ତିରେ ନିଶ୍ଚିତ ଭାବରେ ପ୍ରୀତ ହେଲେ ପର୍ଶୁରାମ, କିନ୍ତୁ ତାଙ୍କ ସହନ ଶକ୍ତି ଦେଖି ତାଙ୍କ ବର୍ଣ୍ଣ ଉପରେ ସନ୍ଦେହ ହେଲା। ପର୍ଶୁରାମ ପ୍ରଶ୍ନ କଲେ... ମୁଁ କେବଳ ବ୍ରାହ୍ମଣମାନଙ୍କୁ ପ୍ରଶିକ୍ଷଣ ଦିଏ, କିନ୍ତୁ ତୁମେ କଦାପି ବ୍ରାହ୍ମଣ ନୁହଁ, କାରଣ ଜଣେ ବ୍ରାହ୍ମଣ ଦେହରେ ଏତେ ସହନ ଶକ୍ତି ରହିବା ଅସମ୍ଭବ; କୁହ ଯୁବକ କଣ ତୁମର ବଂଶ ପରିଚୟ ? ସେଦିନ ମୁଖ ଅବନତ କରି କର୍ଣ୍ଣ ନିଜର ପରିଚୟ, 'ସୂତପୁତ୍ର କର୍ଣ୍ଣ' ଭାବରେ ପ୍ରଦାନ କରିଥିଲେ। ମହା କ୍ରୋଧରେ ଯାମଦଗ୍ନ୍ୟ କର୍ଣ୍ଣଙ୍କୁ ଅଭିଶାପ ଦେଲେ... ମୋଠାରୁ ତୁମେ ଦିବ୍ୟାସ୍ତ୍ର ପ୍ରୟୋଗର ଯେତେ ମନ୍ତ୍ର ଶିକ୍ଷା କରିଛ, ଆବଶ୍ୟକ ବେଳେ ଯୁଦ୍ଧ କ୍ଷେତ୍ରରେ ତୁମେ ଭୁଲିଯିବ।

ଅଳ୍ପ ନିରବତା ପରେ ଭୀଷ୍ମ ଦୁର୍ଯ୍ୟୋଧନଙ୍କୁ କହିଲେ... ଯୁଦ୍ଧ ସମୟରେ ଆବଶ୍ୟକ ବେଳେ ଦିବ୍ୟାସ୍ତ୍ର ମନ୍ତ୍ର ଭୁଲିଯିବା ଯୋଦ୍ଧାର କି ଆବଶ୍ୟକତା ରହିଛି ପୁତ୍ର ଦୁର୍ଯ୍ୟୋଧନ ?

ପିତାମହ ଏପରି ଆରୋପ ଲଗାଇବା ଦେଖି କର୍ଣ୍ଣ କ୍ରୋଧରେ କମ୍ପିଉଠି କହିଲେ... ପିତାମହ ! ଆପଣ ସବୁବେଳେ ମୋର ନିନ୍ଦା କରୁଛନ୍ତି, ଏହା ଆପଣଙ୍କ ପାଣ୍ଡବପ୍ରୀତି ବ୍ୟତୀତ ଅନ୍ୟ କିଛି ନୁହେଁ।

ଭୀଷ୍ମ ପୁଣି କହିଲେ... ପୁତ୍ର ଦୁର୍ଯ୍ୟୋଧନ ! ଅଙ୍ଗରାଜଙ୍କ ବକ୍ଷରେ ଯେଉଁ କବଚ ଏବଂ କର୍ଣ୍ଣରେ ଯେଉଁ କୁଣ୍ଡଳ ଥିଲା, ତାହା ତାଙ୍କର ବଳ ବୀର୍ଯ୍ୟକୁ ଶତଗୁଣିତ କରୁଥିଲା।

Source: Author, Digitized by PPRACHIN, SOA

କିନ୍ତୁ ନିଜକୁ ମହାଦାନୀ ବୋଲି ପ୍ରମାଣିତ କରିବାପାଇଁ ସେ ତାହା ଇନ୍ଦ୍ରଙ୍କୁ ଦାନ କରି ଦେଇଛନ୍ତି। ବର୍ତ୍ତମାନ ସେ ମଣି-ହୀନ ସର୍ପ ସହିତ ସମାନ। ଅର୍ଜୁନ ସହିତ ଯୁଦ୍ଧ ସମୟରେ ମନ୍ତ୍ର-ଭୁଲା ଏବଂ କବଚ-ହରା କର୍ଣ୍ଣ ନିଶ୍ଚୟ ନିଜର ପ୍ରାଣ ହରାଇ ବସିବେ।

ପିତାମହ ଭୀଷ୍ମଙ୍କର କର୍ଣ୍ଣଙ୍କ ବିଷୟରେ ପ୍ରତିଟି କଥାକୁ ସର୍ମଥନ କରି ଦ୍ରୋଣ କହିଲେ... କର୍ଣ୍ଣ ମହା ଗର୍ବୀ, ଅବିନୟୀ ଏବଂ ଅତ୍ୟଧିକ ଆତ୍ମାଭିମାନୀ ଏବଂ ଆବଶ୍ୟକରୁ ଅଧିକ ଆତ୍ମବିଶ୍ୱାସୀ। ଯେଉଁଠାରେ ଅତ୍ୟଧିକ ଆତ୍ମବିଶ୍ୱାସ ସେଠାରେ ଭୁଲ୍ ହେବାର ସମ୍ଭାବନା ଅଧିକ। ଏହା କର୍ଣ୍ଣଙ୍କର ପରାଜୟର କାରଣ। ଦୁଇ ଦୁଇ ଥର ସେ ବଡ ଯୁଦ୍ଧରେ ପରାସ୍ତ ହୋଇଛନ୍ତି... ଥରେ ଘୋଷଯାତ୍ରା ସମୟରେ ଚିତ୍ରସେନ ଗନ୍ଧର୍ବ ହାତରେ ଏବଂ ଆଉଥରେ ମତ୍ସ୍ୟ ଦେଶରେ ଗୋଧନ ହରଣ ସମୟରେ ଅର୍ଜୁନ ହାତରେ।

ପିତାମହ ଭୀଷ୍ମ ଏବଂ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ଏଭଳି ଆକ୍ଷେପରେ କ୍ରୋଧରେ ବିସ୍ଫୋରଣ କରି ଉଠିଲେ କର୍ଣ୍ଣ।

ପିତାମହଙ୍କ ପ୍ରତି ଦୃଷ୍ଟିପାତ କରି ରାଧେୟ କହିଲେ... ମୋ ପ୍ରତି ଆପଣଙ୍କର ଘୃଣା ଯୋଗୁଁ ସର୍ବଦା ଆପଣ ମୋତେ ନିନ୍ଦା କରି ଆସିଛନ୍ତି। ଏପରି କରିବାର କୌଣସି କାରଣ ନଥାଇ ମଧ୍ୟ ଆପଣ ମୋ ସଖା ଦୁର୍ଯ୍ୟୋଧନ ଏବଂ ମୋ ଭିତରେ ମନୋମାଳିନ୍ୟ ସୃଷ୍ଟି କରିବାର ଗୋଟିଏ ମଧ୍ୟ ସୁଯୋଗ ହାତଛଡ଼ା କରିନାହାନ୍ତି।ଆପଣ କହୁଛନ୍ତି ମୁଁ ଯୁଦ୍ଧରେ କୌରବଙ୍କୁ କୌଣସି ସାହାଯ୍ୟ କରିବି ନାହିଁ? ବାସ୍ତବରେ ସତ୍ୟ ତାହା ନୁହେଁ। ମୁଁ କହିରଖେ ପିତାମହ! ଆପଣଙ୍କ ଯୋଗୁଁ କୌରବ ପକ୍ଷରେ ଯୁଦ୍ଧରେ ଅପୂରଣୀୟ କ୍ଷତି ଘଟିବ।ଆପଣଙ୍କ ପାଣ୍ଡବପ୍ରୀତି କୌରବଙ୍କ ପରାଜୟର କାରଣ ହୋଇପାରେ।

ସଖା ଦୁର୍ଯ୍ୟୋଧନ ଏବଂ ମୋ ଭିତରେ ମନୋମାଳିନ୍ୟ ସୃଷ୍ଟି କରିବା ପାଇଁ ଆପଣ ମୋତେ ନ୍ୟୁନ ଦେଖାଇବା ପାଇଁ ପ୍ରୟାସ କରୁଛନ୍ତି, ମୋ ବୀରତ୍ୱକୁ ଉପହାସ କରିଛନ୍ତି।ଆପଣ ବୟସରେ ବଡ଼, କିନ୍ତୁ ବୟସାଧିକ୍ୟ କେବେ ଶ୍ରେଷ୍ଠତା ପ୍ରଦାନ କରେନାହିଁ। ଆପଣଙ୍କ ବ୍ୟବହାର କ୍ଷତ୍ରିୟୋଚିତ ନୁହେଁ। ଆମର ସଂପର୍କକୁ ବିଷାକ୍ତ କରିବାକୁ ଚେଷ୍ଟା କରନ୍ତୁ ନାହିଁ ପିତାମହ।

ଦୁର୍ଯ୍ୟୋଧନଙ୍କ ପ୍ରତି ଦୃଷ୍ଟିପାତ କରି କର୍ଣ୍ଣ କହିଲେ... ହେ ମହାନ ଯୋଦ୍ଧା ମିତ୍ର ଦୁର୍ଯ୍ୟୋଧନ! ଏହି ବୃଦ୍ଧଙ୍କ ପ୍ରତି ସାବଧାନ, ସେ ଆମ ଦୁହିଁଙ୍କ ଭିତରେ ମତଭେଦ ସୃଷ୍ଟିକରି କୌରବ ପକ୍ଷକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛନ୍ତି। ଏହା ତାଙ୍କ ପାଣ୍ଡବ-ପ୍ରୀତିର ପରିଚାୟକ। ମୋ ବିରୁଦ୍ଧରେ ଏଣୁ ତେଣୁ କହି ମୋ ଆତ୍ମବିଶ୍ୱାସ ଭାଙ୍ଗିବା ପାଇଁ ଚେଷ୍ଟା କରୁଛନ୍ତି ଏହି ବୃଦ୍ଧ ମହାଶୟ। ଏହାଙ୍କ ଦ୍ୱାରା ତୁମର ଯୁଦ୍ଧରେ ଲାଭ ଅପେକ୍ଷା

Source: Author, Digitized by PPRACHIN, SOA

ଅଧିକ କ୍ଷତି ହେବ। ଆମ ପକ୍ଷର ସେନାପତି ଯେବେ ପୌତ୍ର ମୋହରେ ପାଣ୍ଡବଙ୍କୁ ବଧ କରିବେ ନାହିଁ ତାହେଲେ ସେ କେଉଁ ପ୍ରକାର ସେନାପତି !! ଏଭଳି ସେନାପତିଙ୍କ ଅଧୀନରେ ମୁଁ ଯୁଦ୍ଧ କରିପାରିବି ନାହିଁ ମିତ୍ର !ଯେ ପର୍ଯ୍ୟନ୍ତ ପିତାମହ ସେନାଧ୍ୟକ୍ଷ ରହିବେ ସେ ପର୍ଯ୍ୟନ୍ତ ମୁଁ ଅସ୍ତ୍ର ଧାରଣ କରିବି ନାହିଁ।ତାଙ୍କ ପରେ ମୁଁ ଯୁଦ୍ଧରେ ଯୋଗଦାନ କରିବି।

ଭୟଙ୍କର କ୍ରୋଧରେ ପିତାମହ ଭୀଷ୍ମଙ୍କ ଶରୀର କମ୍ପି ଉଠିଲା, ଚକ୍ଷୁ ରକ୍ତାଭ ହେଲା; କର୍ଣ୍ଣଙ୍କୁ ଚାହିଁ ସେ କହିଲେ... ରାଧେୟ ! ଆମ୍ଭେମାନେ ବର୍ତ୍ତମାନ ଯୁଦ୍ଧକାଳୀନ ସ୍ଥିତିରେ ରହିଛୁ, ନହେଲେ ତୁମ ମୁଖରୁ ଏପରି ପ୍ରଳାପ ଶୁଣିବା ସଙ୍ଗେ ସଙ୍ଗେ ତୁମ ମସ୍ତକ ଭୂଲୁଣ୍ଠିତ ହୋଇ ସାରନ୍ତାଣି।

ନିଜ ପକ୍ଷର ଦୁଇ ମହାରଥିଙ୍କ ମନୋମାଳିନ୍ୟ ଦେଖି ବିବ୍ରତ ହୋଇ ଦୁର୍ଯ୍ୟୋଧନ ଯୋଡ ହସ୍ତରେ କହିଲେ... ଆପଣ ଦୁହିଁଙ୍କୁ ପୋତ କରି ଏହି ଅଲଂଘ୍ୟ ଯୁଦ୍ଧ ସାଗର ପାରି ହେବାର ଭରସା ମୁଁ ରଖିଛି, ମୋ ଉପରେ ଦୟା କରନ୍ତୁ।

କିନ୍ତୁ କର୍ଣ୍ଣ ପିତାମହ ଭୀଷ୍ମଙ୍କ ସେନାପତିତ୍ୱରେ ଅସ୍ତ୍ର ଧରିବା ପାଇଁ ସମ୍ମତ ହେଲେ ନାହିଁ। ସେଥିପାଇଁ ଯୁଦ୍ଧର ପ୍ରଥମ ଦଶଦିନ କର୍ଣ୍ଣ ମହାଭାରତ ଯୁଦ୍ଧରେ ଯୋଗ ଦେଇନଥିଲେ। ଭୀଷ୍ମଙ୍କ ଶରଶଯ୍ୟା ପରେ ସେ ରଣାଙ୍ଗନରେ ଅବତୀର୍ଣ୍ଣ ହେଲେ।

ଏକତା ଏବଂ ଦୃଢ଼ ସଙ୍କଳ୍ପ ନଥିଲେ, କେବଳ ମହାରଥୀ ମାନଙ୍କ ମୁଣ୍ଡ-ଗଣତିରେ କୌଣସି ବଡ଼ ଯୁଦ୍ଧ ଜୟକରି ହୁଏନାହିଁ। କୌରବ-ସେନାପତି ଭୀଷ୍ମଙ୍କ ପାଣ୍ଡୁ-ପୁତ୍ରମାନଙ୍କୁ ବଧ ନକରିବା ନିଷ୍ପତ୍ତି ତଥା କର୍ଣ୍ଣଙ୍କର ଭୀଷ୍ମଙ୍କ ସେନାପତିତ୍ୱରେ ଯୁଦ୍ଧ ନକରିବା ନିର୍ଣ୍ଣୟ କୌରବମାନଙ୍କ ପାଇଁ ଭାରି ପଡ଼ିଥିଲା।

-୦-

(୮୧)

ପାଣ୍ଡବଙ୍କ ସେନାପତି

ସାତ ଅକ୍ଷୌହିଣୀ ସୈନ୍ୟ ସହିତ କୁରୁକ୍ଷେତ୍ର ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ପାଣ୍ଡବ। ଏକ ଅକ୍ଷୌହିଣୀରେ ରହିଥିଲେ ୨୧୮୭୦ ରଥ, ସମ ସଂଖ୍ୟକ ହସ୍ତି, ରଥର ତିନିଗୁଣ ଅଶ୍ୱ ଏବଂ ପାଞ୍ଚ ଗୁଣ ପଦାତିକ। ପ୍ରତ୍ୟେକ ଅକ୍ଷୌହିଣୀର ଅଧିନାୟକତ୍ୱ କରୁଥିଲେ ଦ୍ରୁପଦ, ବିରାଟ, ଧୃଷ୍ଟଦ୍ୟୁମ୍ନ, ଶିଖଣ୍ଡି, ସାତ୍ୟକି, ଚେକିତାନ (କୃଷ୍ଣଙ୍କ ସମର୍ଥକ ଯାଦବ

Source: Author, Digitized by PPRACHIN, SOA

ବୀର) ଓ ଭୀମସେନ। ଏହି ବିଶାଳ ପାଣ୍ଡବ ବାହିନୀର ସେନାପତି କିଏ ହେବ ସେ ସମ୍ବନ୍ଧରେ ଆଲୋଚନା ଆରମ୍ଭ ହେଲା।

ସହଦେବଙ୍କୁ ଚାହିଁ ଯୁଧିଷ୍ଠିର ପ୍ରଶ୍ନକଲେ... କୁହ ବତ୍ସ ! କିଏ ପାଣ୍ଡବ ପକ୍ଷର ସେନାପତି ହେବ; କିଏ କୌରବ-ସେନାଧ୍ୟକ୍ଷ ପର୍ଶୁରାମ ଶିଷ୍ୟ, ବୀରପୁଙ୍ଗବ ପିତାମହ ଭୀଷ୍ମଙ୍କ ସମର କୌଶଳର ସମକକ୍ଷ ହୋଇ ପାରିବ ?

ଏଠାରେ ପ୍ରଶ୍ନ ଉଠିପାରେ ସଭାରେ ଏତେ ବରିଷ୍ଠ ବ୍ୟକ୍ତି ଥାଉଁ ଥାଉଁ ଯୁଧିଷ୍ଠିର, ସର୍ବକନିଷ୍ଠ-ପାଣ୍ଡବ ସହଦେବଙ୍କୁ ପ୍ରଥମେ କାହିଁକି ଏ ପ୍ରଶ୍ନ କଲେ।ବାସ୍ତବରେ ସେ ସମୟରେ କୌଣସି ନିର୍ଣ୍ଣୟ ନେବା ବେଳେ ପରିବାରର ସର୍ବକନିଷ୍ଠ ସଦସ୍ୟଙ୍କର ମତାମତ ପ୍ରଥମେ ନିଆଯାଉଥିଲା। ଏହାଦ୍ୱାରା ନୂତନ ଉଦ୍ଦିପନା ସହିତ ଆଗେଇ ଯିବାପାଇଁ ସର୍ବକନିଷ୍ଠ ସଦସ୍ୟଙ୍କୁ ପ୍ରେରଣା ମିଳୁଥିଲା। ପ୍ରଥମେ ବରିଷ୍ଠ ସଦସ୍ୟଙ୍କ ମତାମତ ନେଲେ କନିଷ୍ଠ ସଦସ୍ୟ ପାରିବାରିକ ନିଷ୍ପତ୍ତିରେ ଭାଗ ନେବାର ସୁଯୋଗ କୁଆଡୁ ପାଇବେ ?

ସହଦେବ କହିଲେ... ପୂଜ୍ୟ ଭ୍ରାତା ! ମୋ ମତରେ ମହାରାଜ ବିରାଟ ଆମର ସେନାପତି ହେବା ଉଚିତ। ଆମ୍ଭମାନଙ୍କର ସଫଳ ଅଜ୍ଞାତବାସ ତାଙ୍କ ସହାୟତା ଯୋଗୁଁ ସମ୍ଭବ ହୋଇ ପାରିଥିଲା; ତାଙ୍କ ସହଯୋଗ ଯୋଗୁଁ ଆମକୁ ବର୍ତ୍ତମାନ ଯୁଦ୍ଧରେ ଆଗେଇ ଯିବାପାଇଁ ସାହସ ଏବଂ ସାମରିକ ସାହାଯ୍ୟ ପ୍ରାପ୍ତି ହୋଇଛି; ସେ ମଧ୍ୟ ପାଣ୍ଡବମାନଙ୍କର ଜଣେ ଆନ୍ତରିକ ସମର୍ଥକ ଓ ହିତୈଷୀ। ଏହା ବ୍ୟତୀତ ତାଙ୍କର ଦୀର୍ଘ ସାମରିକ ଅଭିଜ୍ଞତା ମଧ୍ୟ ରହିଛି।

ତା'ପରେ ଯୁଧିଷ୍ଠିର ନକୁଳଙ୍କୁ ସେହି ପ୍ରଶ୍ନ କଲେ।ନକୁଳ, ପାଞ୍ଚାଳ ସମ୍ରାଟ ଦ୍ରୁପଦଙ୍କ ନାମ ପ୍ରସ୍ତାବିତ କଲେ।ତାଙ୍କ କହିବା ଅନୁଯାୟୀ... ଭରଦ୍ୱାଜଙ୍କ ଶିଷ୍ୟ ମହାରାଜା ଦ୍ରୁପଦଙ୍କ ଉପରେ ପାଣ୍ଡବ ପକ୍ଷର ସମସ୍ତଙ୍କର ସମ୍ମାନ ରହିଛି।ସେ ମଧ୍ୟ ପଣ ନେଇଛନ୍ତି ଦ୍ରୋଣ ଦେଇଥିବା ଅପମାନର ପ୍ରତିଶୋଧ ନେବାପାଇଁ। ଜାମାତା ଭାବରେ ପାଣ୍ଡବମାନେ ତାଙ୍କ ନିଜ ପୁତ୍ର ସଦୃଶ। ତେଣୁ ସଂଗ୍ରାମରେ ବିଜୟ ଲାଭ କରିବାର ପ୍ରତିବଦ୍ଧତା ସହିତ ସେ ସେନାପତିତ୍ୱ କରିବେ।

ଅର୍ଜୁନ ଧୃଷ୍ଟଦ୍ୟୁମ୍ନଙ୍କୁ ସେନାପତିତ୍ୱ ଦେବା ସପକ୍ଷରେ ଥିଲେ କାରଣ ଜଣେ ପ୍ରଥିତଯଶା ଯୋଦ୍ଧା ହେବା ସଙ୍ଗେ ସଙ୍ଗେ, ଭଗ୍ନୀ ଯାଜ୍ଞସେନୀଙ୍କ ସହିତ ସେ ଯଜ୍ଞକୁଣ୍ଡରୁ ଜନ୍ମ ହୋଇଥିଲେ କୌରବ ବାହିନୀର ଦୃଢତମ ସ୍ତମ୍ଭ ଦ୍ରୋଣଙ୍କୁ ନିହତ କରିବା ପାଇଁ। ଭଗ୍ନୀ ଦ୍ରୌପଦୀଙ୍କ ଦୁଃଖରେ ସେ ସତତ ବ୍ୟଥିତ ଥିଲେ ଏବଂ ତାଙ୍କ ମନରେ ପ୍ରତିଶୋଧ ଅଗ୍ନି ସର୍ବଦା ପ୍ରଜ୍ୱଳିତ ହେଉଥିଲା। ମନରେ ତାଙ୍କର ଭରିରହିଥିଲା ଶତ୍ରୁକୁ ପରାହତ

Source: Author, Digitized by PPRACHIN, SOA

କରିବାର ଯୁବକ ସୁଲଭ ଉଦ୍ଦିପନା ଓ ରଣ ଜୟ କରିବାର ପ୍ରତିବଦ୍ଧତା ।

ଭୀମସେନ କହିଲେ... ମୋ ମତରେ ଶିଖଣ୍ଡୀ ଆମର ସେନାଧ୍ୟକ୍ଷ ହେବା ଉଚିତ ।

ଭୀମସେନଙ୍କର ଏହି ପ୍ରସ୍ତାବକୁ ନେଇ ଅନେକ ପାଠକ ଭ୍ରୂକୁଂଚନ କରି ମତ ଦିଅନ୍ତି... ଗୋଟାଏ ନପୁଂସକକୁ ଭୀମସେନ କାହିଁକି ସେନାପତି ପଦ ଦେବାପାଇଁ ପ୍ରସ୍ତାବ ଦେଉଥିଲେ ! !

ବାସ୍ତବରେ ଶିଖଣ୍ଡୀ କୌଣସି ସାଧାରଣ ବୀର ନଥିଲେ । ପୂର୍ବରୁ କୁହାଯାଇଛି କିପରି କଠୋର କଷ୍ଟ ସାଧନା କରି ସେ ଶ୍ରେଷ୍ଠ ଶସ୍ତ୍ରଗୁରୁ ଦ୍ରୋଣାଚାର୍ଯ୍ୟଙ୍କଠାରୁ ପ୍ରଶିକ୍ଷଣ ପାଇଥିଲେ । ଯକ୍ଷ ସ୍ଥୁଣକର୍ଣ୍ଣଙ୍କ ସହାୟତାରେ ତାଙ୍କର ଲିଙ୍ଗ ପରିବର୍ତ୍ତନ ହୋଇଥିଲା ଏବଂ ସେ କନ୍ୟାରୁ ପୁତ୍ରରେ ପରିବର୍ତ୍ତିତ ହୋଇଥିଲେ । ପୂର୍ବଜନ୍ମର କାଶୀରାଜନନ୍ଦିନୀ ଅମ୍ବା, ପିତାମହ ଭୀଷ୍ମ ଦେଇଥିବା ଅପମାନର ପ୍ରତିଶୋଧ ନେବାପାଇଁ ଶିଖଣ୍ଡୀ ନାମକ କନ୍ୟା ଭାବରେ ଦ୍ରୁପଦଙ୍କ ପରିବାରରେ ଜନ୍ମ ହୋଇଥିଲେ ।

ଆଧୁନିକ ସମାଜର ମାନସିକତା ଏପରି ଯେ ତୃତୀୟଲିଙ୍ଗୀ ମାନଙ୍କୁ କୌଣସି କାର୍ଯ୍ୟ ପାଇଁ ଗୁରୁତ୍ୱ ଦିଆଯାଏ ନାହିଁ । କିନ୍ତୁ ସେ ସମୟରେ ସେମାନଙ୍କ ଶକ୍ତି ଓ ସାମର୍ଥ୍ୟକୁ ଗୁରୁତ୍ୱ ଦିଆଯାଉଥିଲା । ମହାଭାରତ ଯୁଦ୍ଧରେ ଶିଖଣ୍ଡୀଙ୍କୁ କେବଳ ଭୀଷ୍ମଙ୍କ ମୃତ୍ୟୁ ପାଇଁ ଥୋପ ଭାବରେ ଅର୍ଜୁନଙ୍କ ରଥରେ ରଖିବାପାଇଁ ଅଣାଯାଇନଥିଲା ।ସେ ଯୁଦ୍ଧରେ ସକ୍ରିୟ ଭାବେ ଯୋଗ ଦେଇ ଭୀଷଣ ରଣରେ ଲିପ୍ତରହି ଶତ୍ରୁ ସୈନ୍ୟମାନଙ୍କୁ ବିନାଶ କରିଥିଲେ ।

ସମସ୍ତଙ୍କ ମତାମତ ନେବାପରେ ଯୁଧିଷ୍ଠିର, ପାଣ୍ଡବବାହିନୀର ସେନାପତିତ୍ୱ ବିଷୟରେ ଶ୍ରୀକୃଷ୍ଣଙ୍କ ପରାମର୍ଶ ଲୋଡିଲେ । ଶ୍ରୀକୃଷ୍ଣ କହିଲେ... ଯେଉଁମାନଙ୍କର ନାମ ପ୍ରସ୍ତାବିତ ହେଲା ସେମାନେ ସମସ୍ତେ ଜଣେ ଜଣେ ମହାନ ରଥି । କୌଣସି ଦିନରେ କୌଣସିଯୁଦ୍ଧ ଜିତାଇବାର ଶକ୍ତି ସେମାନଙ୍କ ପାଖରେ ରହିଛି । କିନ୍ତୁ ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ଧୃଷ୍ଟଦ୍ୟୁମ୍ନ ହିଁ ପାଣ୍ଡବଙ୍କ ସେନାପତି ହେବା ଉଚିତ ।

ଶ୍ରୀକୃଷ୍ଣଙ୍କ ପରାମର୍ଶ ଅନୁଯାୟୀ ଧୃଷ୍ଟଦ୍ୟୁମ୍ନଙ୍କୁ ପାଣ୍ଡବ ପକ୍ଷର ସେନାପତି ଭାବରେ ନିଯୁକ୍ତ କରାଗଲା । ଶ୍ରୀକୃଷ୍ଣଙ୍କ ପରାମର୍ଶରେ ପାଣ୍ଡବମାନେ ନେଇଥିବା ଏହି ନିଷ୍ପତ୍ତି ସଂପୂର୍ଣ୍ଣ ଠିକ୍ ଥିଲା; ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଶଲ୍ୟଙ୍କ ଭଳି ମହାରଥିମାନେ ଜଣକ ପରେ ଜଣେ, କୌରବପକ୍ଷର ସେନାପତି ହୋଇ ବୀରଗତି ପ୍ରାପ୍ତ ହୋଇଥିଲେ ମଧ୍ୟ ଧୃଷ୍ଟଦ୍ୟୁମ୍ନ ଯୁଦ୍ଧ ଶେଷ ପର୍ଯ୍ୟନ୍ତ ଜୀବିତ ରହି ପାଣ୍ଡବଙ୍କୁ ବିଜୟଶ୍ରୀ ମଣ୍ଡିତ କରିଥିଲେ ।

ବେଳେ ବେଳେ ପ୍ରଶ୍ନ ଉଠେ ଭୀମ ଅର୍ଜୁନଙ୍କ ଭଳି ମହାବୀର ଥାଉଁ ଥାଉଁ ଶ୍ରୀକୃଷ୍ଣ, ସେନାପତି ପଦ ପାଇଁ ଧୃଷ୍ଟଦ୍ୟୁମ୍ନଙ୍କ ନାମ କାହିଁକି ପ୍ରସ୍ତାବିତ କଲେ ! ବାସ୍ତବରେ ଏହା

Source: Author, Digitized by PPRACHIN, SOA

ପଛରେ ଶ୍ରୀକୃଷ୍ଣଙ୍କ ଗଭୀର ଦୂରଦୃଷ୍ଟି ଥିଲା। ଭୀମ ଏବଂ ଅର୍ଜୁନ ପାଣ୍ଡବ ପକ୍ଷର ମୂଳଦୁଆ ଥିଲେ। ବ୍ୟୂହରଚନା ଠାରୁ ଆରମ୍ଭକରି ସୈନ୍ୟ ପରିଚାଳନା ଦାୟିତ୍ୱ ସେମାନଙ୍କୁ ଦେଇଥିଲେ, ଯୁଦ୍ଧପାଇଁ ଯେଉଁ ଏକାଗ୍ରତା ଆବଶ୍ୟକ ତା'ର ବିଚ୍ୟୁତି ଘଟିଥାନ୍ତା ଏବଂ ସେମାନଙ୍କ ସଫଳତା ପ୍ରଭାବିତ ହୋଇଥାନ୍ତା।

କୁରୁକ୍ଷେତ୍ରରେ ଦୁଇ ବିଶାଳ ସେନା ସଜ୍ଜିତ, ଭୀଷ୍ମଙ୍କ ଅଧିନାୟକତ୍ୱରେ କୌରବ ଏବଂ ଧୃଷ୍ଟଦ୍ୟୁମ୍ନଙ୍କ ସେନାପତିତ୍ୱରେ ପାଣ୍ଡବ ବାହିନୀ। କୁରୁକ୍ଷେତ୍ରରେ ଯୁଦ୍ଧ ଆରମ୍ଭ ପୂର୍ବରୁ ଘଟିଲା ଏକ ଅଦ୍ଭୁତ ଘଟଣା। ଯୁଧିଷ୍ଠିର ରଥରୁ ଅବତରଣ କରି, ବିନା ଅସ୍ତ୍ରରେ କୌରବବାହିନୀ ନିକଟକୁ ପାଦରେ ଚାଲି ଚାଲି ଯିବା ଆରମ୍ଭ କଲେ। ପାଣ୍ଡବଙ୍କ ପକ୍ଷରେ ସମସ୍ତେ ଆଶ୍ଚର୍ଯ୍ୟ, କଣ କରିବାକୁ ଯାଉଛନ୍ତି ଯୁଧିଷ୍ଠିର।! ଦୁର୍ଯ୍ୟୋଧନଙ୍କ ମନ ପ୍ରଫୁଲ୍ଲିତ; ଭୀଷ୍ମଙ୍କୁ କହିଲେ... ଦେଖନ୍ତୁ ପିତାମହ ! ଆମର ସୈନ୍ୟ ଶକ୍ତି ଦେଖି କିପରି ଭୀରୁ ଯୁଧିଷ୍ଠିର ଶରଣ ପଶିବା ପାଇଁ ଆମ ପାଖକୁ ଆସୁଛନ୍ତି। ମୋର ମନେହୁଏ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଶେଷ ହୋଇଯିବ।ରାଜ୍ୟ ଆଶା ତ୍ୟାଗକରି ପାଣ୍ଡବମାନେ ପୁଣି ଥରେ ବନବାସ ପାଇଁ ଚାଲିଯିବେ।

ଭୀଷ୍ମ କହିଲେ... ଏହା ତୁମର ଦିବାସ୍ୱପ୍ନ, ମୁଁ ତୁମ ସହିତ ଏକମତ ନୁହେଁ ପୁତ୍ର ! ଯୁଧିଷ୍ଠିର ଭୀରୁ ନୁହଁନ୍ତି, ସେ ଧର୍ମଭୀରୁ। ଯୁଦ୍ଧ ପାଇଁ ନିଷ୍ପତ୍ତି ନେବାପରେ ସେ କଦାପି ଆତ୍ମସମର୍ପଣ କରିବେ ନାହିଁ।

ଏହିପରି କଥୋପକଥନ ସମୟରେ ଯୁଧିଷ୍ଠିର ଭୀଷ୍ମଙ୍କ ପାଖରେ ପହଞ୍ଚି ସାଷ୍ଟାଙ୍ଗ ପ୍ରଣିପାତ ହୋଇ କହିଲେ... ପିତାମହ ! ଏହି ଧର୍ମକ୍ଷେତ୍ରରେ ମୁଁ କୌରବବାହିନୀ ବିରୁଦ୍ଧରେ, ମୋ ନ୍ୟାୟସଙ୍ଗତ ଅଧିକାର ଦାବି କରି ଯୁଦ୍ଧ କରିବାପାଇଁ ଯାଉଛି। ମୋତେ ଆଶୀର୍ବାଦ କରନ୍ତୁ, ମୁଁ ଜୟଯୁକ୍ତ ହୁଏ।

ଯୁଧିଷ୍ଠିରଙ୍କୁ କୋଳାଗ୍ରତ କରି କପାଳ ଚୁମ୍ବନ କରି ଭୀଷ୍ମ କହିଲେ... ରାଜସିଂହାସନ ସହିତ ବନ୍ଧା ଏହି ବିବଶ ପିତାମହର ଆଶୀର୍ବାଦ ଗ୍ରହଣକର ପୁତ୍ର, ତୁମେ ଯୁଦ୍ଧରେ ବିଜୟୀ ହୁଅ।

ତା'ପରେ ଯୁଧିଷ୍ଠିର ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ କୁଳଗୁରୁ ତଥା ବାଲ୍ୟଗୁରୁ କୃପାଚାର୍ଯ୍ୟଙ୍କ ପଦସ୍ପର୍ଶ କରି ଆଶୀର୍ବାଦ ଭିକ୍ଷା କଲେ। ଉଭୟେ ଆଶୀର୍ବାଦ ଦେଇ କହିଲେ... କୁରୁ ଅନ୍ନରେ ପ୍ରତିପାଳିତ ଏହି ବିବଶ କୌରବ ସମର୍ଥକଙ୍କ ଆଶୀର୍ବାଦ ଗ୍ରହଣକର ପୁତ୍ର ଯୁଧିଷ୍ଠିର ! ଯୁଦ୍ଧରେ ତୁମେ ଜୟଯୁକ୍ତ ହୁଅ।

-୦-

Source: Author, Digitized by PPRACHIN, SOA

(୮୨)

ଅର୍ଜୁନଙ୍କ ବିଷାଦ

ଏହା କୌଣସି ସାମାନ୍ୟ ଯୁଦ୍ଧ ନଥିଲା। ଏହା ଥିଲା ଆର୍ଯ୍ୟାବର୍ତ୍ତରେ ଧର୍ମ ସଂସ୍ଥାପନା ପାଇଁ ପୁରାଣ ପୁରୁଷ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶକ୍ରମେ ପରିଚାଳିତ ଏକ ଧର୍ମଯୁଦ୍ଧ। ସେ ଯୁଦ୍ଧରେ ମୁହାଁମୁହିଁ ହୋଇଥିଲେ ଏକ ପକ୍ଷରେ ଧର୍ମମାର୍ଗରେ ଥିବା ତଥା ଧର୍ମକୁ ସମର୍ଥନ କରୁଥିବା ନରପତି ଗଣ ଏବଂ ଅପର ପକ୍ଷରେ ଲୋଭ, ମୋହ, ଈର୍ଷାର ବଶବର୍ତ୍ତୀ ଅଧର୍ମ ପଥଗାମୀ ତଥା ଅଧର୍ମକୁ ଅନ୍ଧ ଭାବରେ ସମର୍ଥନ କରୁଥିବା ନରପତି ଓ ଯୋଦ୍ଧା ଗଣ।

ଯୁଦ୍ଧ ପୂର୍ବରୁ ବ୍ୟାସଦେବ, ପୁତ୍ର ଧୃତରାଷ୍ଟ୍ରଙ୍କ ନିକଟକୁ ଯାଇ ଯୁଦ୍ଧର ଭୟାବହତା ବିଷୟରେ ତାଙ୍କୁ ପୂର୍ବାଭାସ ଦେଇଥିଲେ। ଧୃତରାଷ୍ଟ୍ର କହିଲେ... ହେ ମହାତ୍ମା ! ଯୁଦ୍ଧରେ ଘଟିବାକୁ ଯାଉଥିବା ପ୍ରତିଟି ମୁହୂର୍ତ୍ତ ମୁଁ ଜାଣିବାପାଇଁ ଚାହେଁ। ତାହା ଯେପରି ସମ୍ଭବ ହେବ ତାହାର ବ୍ୟବସ୍ଥା ଆପଣ ଦୟାକରି କରନ୍ତୁ। ମୁନିଶ୍ରେଷ୍ଠ ବ୍ୟାସଦେବ ଧୃତରାଷ୍ଟ୍ରଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ କରିବା ପାଇଁ ପ୍ରସ୍ତୁତ ଥିଲେ। ସେହି ଦିବ୍ୟଚକ୍ଷୁ ବଳରେ ସେ ଯୁଦ୍ଧର ପ୍ରତିଟି ମୁହୂର୍ତ୍ତ ଦେଖି ପାରିଥାନ୍ତେ। କିନ୍ତୁ ବହୁଦିନ ଧରି ପିଞ୍ଜରାରେ ରହିଥିବା ପକ୍ଷୀକୁ ଯେପରି ସ୍ୱାଧୀନତା ଭଲ ଲାଗେନାହିଁ ସେହିପରି ଧୃତରାଷ୍ଟ୍ର ଦିବ୍ୟଦୃଷ୍ଟି ଗ୍ରହଣ କରିବାକୁ ମନା କରିଦେଲେ ଏବଂ ନିଜର ମନ୍ତ୍ରୀ ସଞ୍ଜୟଙ୍କୁ (ସାରଥି ଗବଲଗଣଙ୍କ ପୁତ୍ର) ଦିବ୍ୟ ଦୃଷ୍ଟି ଦାନ କରିବାପାଇଁ ବ୍ୟାସଦେବଙ୍କୁ ଅନୁରୋଧ କଲେ। ସଞ୍ଜୟଙ୍କ ମାଧ୍ୟମରେ ସେ ଯୁଦ୍ଧର ବିବରଣୀ ପୁଙ୍ଖାନୁପୁଙ୍ଖ ଜାଣି ପାରିଥିଲେ।

ଯୁଦ୍ଧର ପ୍ରଥମଦିନ କଥା। କୁରୁକ୍ଷେତ୍ର ରଣ ପ୍ରାଙ୍ଗଣରେ ସମବେତ ହୋଇଥିଲେ। ଏକ ପକ୍ଷରେ ଭୀଷ୍ମଙ୍କ ଦ୍ୱାରା ପରିଚାଳିତ ଏଗାର ଅକ୍ଷୌହିଣୀର ବିଶାଳ କୌରବସେନା ଏବଂ ଅପର ପକ୍ଷରେ ଧୃଷ୍ଟଦ୍ୟୁମ୍ନଙ୍କ ସେନାପତିତ୍ୱରେ ପରିଚାଳିତ ସାତ ଅକ୍ଷୌହିଣୀର ଦୁର୍ଦ୍ଧର୍ଷ ପାଣ୍ଡବସେନା। ଯୁଦ୍ଧ ଆରମ୍ଭ ପୂର୍ବରୁ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ... ହେ ଜନାର୍ଦ୍ଦନ ! ନନ୍ଦିଘୋଷ ରଥକୁ ଆପଣ ଯୁଦ୍ଧକ୍ଷେତ୍ରର ମଧ୍ୟସ୍ଥଳରେ ସ୍ଥାପିତ କରନ୍ତୁ; ଯେଉଁମାନଙ୍କ ସହିତ ମୁଁ ଯୁଦ୍ଧ କରିବାପାଇଁ ଯାଉଛି, ସେମାନଙ୍କୁ ଥରେ ଦର୍ଶନ କରିବା ଅଭିଳାଷ ମୋର ରହିଛି।

ଶ୍ରୀକୃଷ୍ଣ ଯେତେବେଳେ ଦୁଇ ସେନା ମଧ୍ୟରେ ନନ୍ଦିଘୋଷ ରଥ ସ୍ଥାପନ କଲେ, ଅର୍ଜୁନଙ୍କ ମନ ମୋହ ବଶବର୍ତ୍ତୀ ହୋଇ ବ୍ୟାକୁଳିତ ହେଲା। ଉଭୟ ପକ୍ଷରେ ଭାଇ ବନ୍ଧୁ ଜ୍ଞାତି କୁଟୁମ୍ବମାନଙ୍କୁ ଉପସ୍ଥିତ ଦେଖି ସେ ଅତ୍ୟନ୍ତ ଅଧୀର ଓ କାତର ହୋଇ ଯୁଦ୍ଧ ନକରିବା

Source: Author, Digitized by PPRACHIN, SOA

ପାଇଁ ସ୍ଥିର କଲେ। ସେମାନଙ୍କ ରକ୍ତରେ ସିକ୍ତ ରାଜପାଟ ଲୋଡା ନାହିଁ କହି, ଧନୁର୍ବାଣ ତ୍ୟାଗ କରି ରଥ ଉପରେ ମୌନ ହୋଇ ବସି ରହିଲେ। ଅର୍ଜୁନଙ୍କ କର୍ମବିମୁଖ କାତର ଭାବ ଦେଖି ଶ୍ରୀକୃଷ୍ଣ, ତାଙ୍କ ମୋହ ଭଙ୍ଗକରି କ୍ଷତ୍ରିୟ ଭାବରେ କର୍ତ୍ତବ୍ୟ କର୍ମ କରିବାପାଇଁ ଯେଉଁ ଉପଦେଶ ଦେଇଥିଲେ ତାହା ମହାଭାରତର ଭୀଷ୍ମ ପର୍ବରେ ସନ୍ନିବେଶିତ 'ଶ୍ରୀମଦ୍‌ଭଗବଦତ୍ ଗୀତା' ନାମରେ, ସର୍ବଜନ ବିଦିତ।

ଯୋଗେଶ୍ୱର କୃଷ୍ଣଙ୍କ ମୁଖନିଶ୍ରୁତ ଯେଉଁ ଅମୃତ ବାଣୀ ସେଥିରେ ସନ୍ନିବେଶିତ ତାହା ଅନବଦ୍ୟ, ଅନିର୍ବଚନୀୟ ତଥା ଗଭୀର ଜୀବନ ଦର୍ଶନବାଦରେ ଅନୁରଣିତ। ଏପରି ଅଲୌକିକ ଶାଶ୍ୱତ ମହାନ୍ ବର୍ଣ୍ଣନା ଅନ୍ୟ କୌଣସି ଶାସ୍ତ୍ରରେ ଦେଖାଯାଏ ନାହିଁ। ଗୀତାର ପ୍ରତିଟି ଶ୍ଳୋକ ଭିତରେ ଅନ୍ତର୍ଚେତନାର ମହନୀୟ ଭାବ ଝଙ୍କୃତ। ସତେ ଯେମିତି ଏକ ଦକ୍ଷ ମନସ୍ତତ୍ତ୍ୱବିତ୍ ମନୁଷ୍ୟର ଶରୀର ମନ ଓ ଚେତନାକୁ ତନ୍ନତନ୍ନ କରି ବିଶ୍ଳେଷଣ କରି ଜୀବନର ଅନୁସରଣୀୟ ମାର୍ଗ ଦର୍ଶାଇ ଦେଇଛି। ଗୀତା ଭିତରେ ଜୀବନର ସବୁ ସମସ୍ୟା ପାଇଁ ସମାଧାନ ରହିଛି, ତାହା ପୁଣି ଆଧ୍ୟାତ୍ମ ମାର୍ଗ ଅବଲମ୍ବନ କରି। କର୍ମଯୋଗ, ଭକ୍ତିଯୋଗ ଏବଂ ଜ୍ଞାନଯୋଗ ସାହାଯ୍ୟରେ ମନୁଷ୍ୟ କିପରି ସଂସାରରେ ତାର କର୍ତ୍ତବ୍ୟ କର୍ମ ସଂପାଦନ କରି ଅବଶେଷରେ ପରମାତ୍ମାଙ୍କ ସତ୍ତ୍ୱରେ ବିଲୀନ ହୋଇଯିବ ତାହା ଏହି ବାଣୀରେ ବର୍ଣ୍ଣିତ।

ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ବିଷାଦ ମୁଦ୍ରା ଦେଖି ଶ୍ରୀକୃଷ୍ଣ କହିଛନ୍ତି... ହେ ଭାରତ! ଜ୍ଞାନବାନ ବ୍ୟକ୍ତି କେବେ ମୃତ ବା ଜୀବିତଙ୍କ ପାଇଁ ଶୋକ କରନ୍ତି ନାହିଁ କାରଣ ଶରୀରର ମୃତ୍ୟୁ ହେଲେ ମଧ୍ୟ ଆତ୍ମାର ମୃତ୍ୟୁ ହୁଏନାହିଁ। ମୃତ୍ୟୁ ପରେ ଆତ୍ମା ଏକ ଶରୀରରୁ ଅନ୍ୟ ଶରୀରକୁ ଗତି କରିଥାଏ। ଶରୀର ନାଶବାନ, ଆତ୍ମା ଚିରନ୍ତନ। ସେଥିପାଇଁ ନାଶବାନ ଶରୀରର ବିଲୟ ପାଇଁ ପରିବେଦନା କାହିଁକି ? ଯେଉଁ ପରିଜନମାନଙ୍କ ମୃତ୍ୟୁ ପାଇଁ ତୁମେ ଦୁଃଖ କରୁଛ ବାସ୍ତବରେ ସେମାନେ ମରନ୍ତି ନାହିଁ, ସେମାନଙ୍କ ଶରୀର କେବଳ ନଷ୍ଟ ହୁଏ, ଆତ୍ମା ପରମାତ୍ମାର ଅଂଶ; ତାର ଜନ୍ମ ବା ମୃତ୍ୟୁ ନଥାଏ।

ତେଣୁ ହେ ଭରତ ଶ୍ରେଷ୍ଠ! ମୋହ ବଶବର୍ତ୍ତୀ ନହୋଇ କ୍ଷତ୍ରିୟୋଚିତ କର୍ମ କର। ସଂସାରର ମଙ୍ଗଳ ପାଇଁ ଯେଉଁ ଦେବଦତ୍ତ ଅଧିକାର ତୁମେ ସଙ୍ଗରେ ନେଇ ଆସିଛ ତାହା ନିରାସକ୍ତ ଚିତ୍ତରେ ପାଳନ କର। ତାହା ସଂସାର ମଙ୍ଗଳକାରୀ। ସେଇ ହିଁ ତୁମର କର୍ତ୍ତବ୍ୟ କର୍ମ; ତାହା ହିଁ ଶ୍ରେଷ୍ଠ କର୍ମଯୋଗ। ତୁମେ ସଂସାର ମାୟା ମୋହରେ ନପଡ଼ି ଶ୍ରେଷ୍ଠ କର୍ତ୍ତବ୍ୟ କର୍ମ ସଂପାଦନ କର ପାର୍ଥ ଏବଂ ପରିଶେଷରେ ପରମାତ୍ମା ପ୍ରାପ୍ତ ହୁଅ।

ଯେଉଁ କର୍ମଯୋଗ ଜ୍ଞାନଯୋଗ ଏବଂ ଭକ୍ତିଯୋଗର ଅବତାରଣା ଶ୍ରୀକୃଷ୍ଣ ଅର୍ଜୁନଙ୍କ

Source: Author, Digitized by PPRACHIN, SOA

ସମକ୍ଷରେ କରିଛନ୍ତି ତାହା ଶରୀର, ମନ ଏବଂ ବୁଦ୍ଧି ସହିତ ଯଥାକ୍ରମେ ସମନ୍ୱିତ। ଶରୀର ମନ ଓ ବୁଦ୍ଧିର ସମନ୍ୱୟ ଏବଂ ସନ୍ତୁଳନ ରକ୍ଷାକରି କର୍ତ୍ତବ୍ୟ କର୍ମ ପାଳନ କଲେ ମନୁଷ୍ୟ ସଂସାରର ସମସ୍ତ ସମସ୍ୟାର ସମାଧାନ କରିପାରିବ। କର୍ମଯୋଗ, ଭକ୍ତିଯୋଗ ଏବଂ ଜ୍ଞାନଯୋଗ ପରିପୂରକ କିନ୍ତୁ ଏହି ତିନୋଟି ଯୋଗ ମଧ୍ୟରେ କର୍ମଯୋଗ ଶ୍ରେଷ୍ଠ।

ଅର୍ଜୁନଙ୍କ ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିବାପାଇଁ ଶ୍ରୀକୃଷ୍ଣ ତାଙ୍କର ବିଶ୍ୱରୂପ ପ୍ରଦର୍ଶନ କରିଛନ୍ତି। ଏହି ବିଶ୍ୱରୂପ କେବଳ ଅର୍ଜୁନଙ୍କ ବ୍ୟତୀତ କୁରୁକ୍ଷେତ୍ରରେ ଥିବା ଅନ୍ୟ କୌଣସି ବ୍ୟକ୍ତି ଦର୍ଶନ କରିପାରି ନାହାଁନ୍ତି। ଏପରିକି ଭୀଷ୍ମ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଭାବୁଛନ୍ତି... ଯୁଦ୍ଧ କ୍ଷେତ୍ରର ମଧ୍ୟ ଭାଗରେ ଅର୍ଜୁନଙ୍କୁ କେଉଁ ଉପଦେଶ ଦେଉଛନ୍ତି ଶ୍ରୀକୃଷ୍ଣ!!

ସାଧାରଣ ଚର୍ମଚକ୍ଷୁରେ ବିଶ୍ୱରୂପ ଦର୍ଶନ କରିବା ସମ୍ଭବ ନୁହେଁ। ସେଥିପାଇଁ ଶ୍ରୀକୃଷ୍ଣ ପ୍ରଥମେ ଅର୍ଜୁନଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ କରିଛନ୍ତି ଏବଂ ତାପରେ ବିଶ୍ୱରୂପ ଧାରଣ କରିଛନ୍ତି। ସେ ଅଲୌକିକ ରୂପ ଦେଖି ଅର୍ଜୁନ ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଛନ୍ତି। ବିଶାଳ ଅଦ୍ଭୁତ ଶରୀର, ଅଗଣିତ ମୁଖ, ବାହୁ; ଶରୀରରେ ଦିବ୍ୟ ଆଭୂଷଣ ଏବଂ ଆୟୁଧ, ଗଳାରେ ଜ୍ୟୋତିର୍ମୟ ମାଳା; ପରିଧାନରେ ଦିବ୍ୟବସ୍ତ୍ର ଓ ଚନ୍ଦନ ଚର୍ଚ୍ଚିତ ଶରୀର। ସହସ୍ର ସୂର୍ଯ୍ୟଙ୍କର ତେଜ ସେ ଶରୀରରୁ ନିର୍ଗତ ହେଉଥିଲା। ଅନେକ ଭାଗରେ ବିଭକ୍ତ ସମଗ୍ର ଜଗତ ସେ ଶରୀର ଭିତରେ ଦୃଶ୍ୟମାନ ହେଉଥିଲା। ସ୍ଥାବର ଜଙ୍ଗମ, ମର୍ତ୍ତ୍ୟମଣ୍ଡଳ, ଦେବଲୋକ ଏବଂ ପାତାଳଲୋକ ସମସ୍ତେ ସେ ଶରୀରରେ ଦୃଶ୍ୟମାନ ହେଉଥିଲେ।ଧରାରୁ ଆରମ୍ଭ ହୋଇ ସ୍ୱର୍ଗକୁ ଲାଗିଥିବା ସେ ବିଶାଳ ଶରୀରରେ ସ୍ୱର୍ଗର ଦେବଗଣ, ଭୂଲୋକ ଓ ପାତାଳର ନର, ରାକ୍ଷସ ଏବଂ ନାଗଗଣ ତାଙ୍କ ଶରୀରରେ ପ୍ରବେଶ କରୁଥିଲେ। ବହୁ ମୁଖ, ନେତ୍ର, ପାଦ, ପାଣି, ଚନ୍ଦ୍ର ଏବଂ ସୂର୍ଯ୍ୟ ପରି ବିଶାଳ ଜ୍ୱଳନ୍ତ ନେତ୍ରଯୁଗଳ, ପ୍ରଳୟାଗ୍ନି ପରି ପ୍ରଜ୍ୱଳିତ ମୁଖମଣ୍ଡଳ ଅର୍ଜୁନଙ୍କ ମନରେ ଭୀତି ସଂଚାର କଲା। ଭୀଷ୍ମ, ଦ୍ରୋଣ, କର୍ଣ୍ଣ, କୁରୁ ଯୋଦ୍ଧା ଏବଂ ପାଣ୍ଡୁ ଯୋଦ୍ଧା ସମସ୍ତେ ସେ ବିଶାଳ ଶରୀର ମଧ୍ୟରେ ପ୍ରବେଶ କରୁଥିଲେ। ଭୟଭୀତ ଅର୍ଜୁନ ପଚାରିଛନ୍ତି... ହେ ଉଗ୍ରରୂପଧାରୀ! କୁହ ତୁମେ କିଏ !!

ଉତ୍ତରରେ ଭଗବାନ କହିଛନ୍ତି...

"ପାପ ଧ୍ୱଂସକାରୀ ବର୍ଦ୍ଧିତ କାଳ ମୁଁ ଆସିଛି ସଂହାର ପାଇଁ,
ଯେତେ ଶତ୍ରୁଛନ୍ତି ଅର୍ଜୁନ ତୁମର କେହି ବି ବଞ୍ଚିବେ ନାହିଁ।
କର ବା ନକର ରଣ ତୁମେ, ସର୍ବେ ଧ୍ୱଂସ ହେବେ ହସ୍ତେ ମୋର,
ଭବିତବ୍ୟ ଯାହା ଅବଶ୍ୟ ଘଟିବ ତୁମେ ନିମିତ୍ତ ମାତର।
ତେଣୁ ତୁମେ ଯୁଦ୍ଧ କର ପାର୍ଥ! ରାଜ୍ୟ, ଯଶ ଲଭ ଶତ୍ରୁ ମାରି,

Source: Author, Digitized by PPRACHIN, SOA

ମରି ସାରିଛନ୍ତି ଏମାନେ ସମସ୍ତେ ଯେତେ ତୁମ୍ଭର ବଇରୀ।"

ପ୍ରଭୁଙ୍କର ବିଶ୍ୱରୂପ ଦର୍ଶନକରି ଭୟଭୀତ ଅର୍ଜୁନ ଯୋଡ ହସ୍ତରେ କହିଛନ୍ତି... ଏହି ବିଶ୍ୱରୂପ ତ୍ୟାଗକରି ମୋତେ ଆପଣଙ୍କ ସୌମ୍ୟ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନ କରାନ୍ତୁ ଭଗବାନ! ମୁଁ ସର୍ବୋତ୍ତ ଭାବରେ ଆପଣଙ୍କ ଶରଣ ଯାଉଛି।

ତା'ପରେ ଶ୍ରୀକୃଷ୍ଣ ବିଶ୍ୱରୂପ ତ୍ୟାଗକରି ଅର୍ଜୁନଙ୍କୁ ନିଜର ସ୍ୱାଭାବିକ ସୌମ୍ୟ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ କରାଇଲେ। ଅର୍ଜୁନଙ୍କ ଶରୀରରେ ଆସିଲା ଅଦ୍ଭୁତ ଶକ୍ତି। ମନରୁ ସବୁ ମୋହ ଦୂର ହୋଇଗଲା। ଗାଣ୍ଡିବ ଶରାସନ ଧରି ଯୁଦ୍ଧପାଇଁ ପ୍ରସ୍ତୁତ ହେଲେ ଧନଞ୍ଜୟ।

-୦-

(୮୩)

ବେଲାଳସେନର ଛିନ୍ନମସ୍ତକ

ମହାଭାରତ ଯୁଦ୍ଧ ଆରମ୍ଭ ହେବାର ଠିକ୍ ପୂର୍ବରୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବିଶ୍ୱରୂପ ଦେଖାଇ କହିଥିଲେ...

"କର ବା ନକର ରଣ ତୁମ୍ଭେ ସର୍ବେ ଧ୍ୱଂସହେବେ ହସ୍ତେ ମୋର,
ଭବିତବ୍ୟ ଯାହା ଅବଶ୍ୟ ଘଟିବ ତୁମ୍ଭେ ନିମିତ୍ତ ମାତର।"

ପାପୀମାନଙ୍କର ଧ୍ୱଂସ କରି ଧର୍ମରାଜ୍ୟ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣଙ୍କର ଜନ୍ମ। ତେଣୁ ସେ ପାଣ୍ଡବମାନଙ୍କୁ ଆଧାର କରି ସବୁକିଛି କରୁଥିଲେ ମହାଭାରତ ଯୁଦ୍ଧରେ। ଏହା ଯୁଦ୍ଧ କ୍ଷେତ୍ରର ମଧ୍ୟଭାଗରେ ସ୍ଥାପିତ ହୋଇଥିବା ସ୍ତମ୍ଭ ଉପରେ ରହିଥିବା ବେଲାଳସେନର ଛିନ୍ନ ଶିର ହିଁ ଜାଣିଥିଲା।

ବିଭିନ୍ନ ଭାଷାରେ ଲିଖିତ ଘଟୋତ୍କଚ-ପୁତ୍ର ବର୍ବରିକ ଉପାଖ୍ୟାନ ଏବଂ ଶାରଳା ଦାସ ତଥା ଅତିବଡୀଙ୍କ ଭାଗବତରେ ବର୍ଣ୍ଣିତ ଭୀମ-ପୁତ୍ର ବେଲାଳସେନ ଉପାଖ୍ୟାନ ପ୍ରାୟ ସମାନ। ଉଭୟ କ୍ଷେତ୍ରରେ ସେହି ଚରିତ୍ର ଶ୍ରୀକୃଷ୍ଣଙ୍କୁ ନିଜର ଶିରଦାନ କରିଛି ଏବଂ ଅନୁରୋଧ କରିଛି ଜୀବିତ ରହି ରଣକ୍ଷେତ୍ରରେ ଯୁଦ୍ଧ ଦେଖିବା ପାଇଁ। ଏଠାରେ ଶାରଳା ଦାସ ଏବଂ ଜଗନ୍ନାଥ ଦାସଙ୍କ ବର୍ଣ୍ଣିତ ଭୀମପୁତ୍ର ବେଲାଳସେନ ଉପାଖ୍ୟାନ ଆଲୋଚନା କରିବା...

ପଣ୍ଡୁଙ୍କ ମୃତ୍ୟୁପରେ ସେତେବେଳେ କୌରବ ଏବଂ ପାଣ୍ଡବ ମାନେ ହସ୍ତିନା ରାଜ ପ୍ରାସାଦରେ ଏକତ୍ର ରହୁଥିଲେ, ଭୀମଙ୍କୁ ଏକଦା ବିଷଲଡୁ ଭୋଜନ କରାଇ, ହସ୍ତପଦ

Source: Author, Digitized by PPRACHIN, SOA

ବନ୍ଧନକରି, ଈର୍ଷା ପ୍ରଣୋଦିତ କୌରବମାନେ ଗଭୀର ଗଙ୍ଗାଜଳକୁ ଫିଙ୍ଗି ଦେଇଥିଲେ। ଭୀମଙ୍କ ଶରୀର ଯାଇ ପଡ଼ିଲା ଗଭୀର ଜଳରେ ଥିବା ନାଗଲୋକରେ। ନାଗକନ୍ୟା ସୁଶ୍ରୀ ବେଲାମାଳୀଙ୍କ ସେବା ଯୋଗୁଁ ଭୀମ ଅଚିରେ ସୁସ୍ଥ ହୋଇ ଯାଇଥିଲେ ସିନା କିନ୍ତୁ ନାଗକନ୍ୟାଙ୍କ ପ୍ରେମ ବନ୍ଧନରେ ବାନ୍ଧି ହୋଇ ଯାଇଥିଲେ। ଭୀମ, ନାଗକନ୍ୟାଙ୍କୁ ବିବାହ କରି କିଛିଦିନ ନାଗଲୋକରେ ଅବସ୍ଥାନ କରିଥିଲେ।ଭୀମଙ୍କ ଔରସରୁ ବେଳାମାଳୀ ଏକ ପୁତ୍ର ସନ୍ତାନ ଲାଭ କରିଥିଲେ; ଭୀମଙ୍କର ଏହି ନାଗପୁତ୍ରର ନାମ ଥିଲା 'ବେଲାଳ ସେନ'।

ମହାଭାରତ ଯୁଦ୍ଧ ଆରମ୍ଭ ହେବା ସମ୍ବାଦ ପାଇ, କୁରୁକ୍ଷେତ୍ର ଯାଇ ଯୁଦ୍ଧ ଦର୍ଶନ କରିବା ପାଇଁ ବେଲାଳ ମାତାଙ୍କୁ ଅନୁରୋଧ କଲା।

ଏହି ସମୟରେ କୁରୁକ୍ଷେତ୍ର ରଣ ପ୍ରାଙ୍ଗଣରେ ଯୁଦ୍ଧର ପୂର୍ବପ୍ରସ୍ତୁତି ଚାଲିଥିଲା। ପୂର୍ବ ଭାଗରେ ପାଣ୍ଡବ ସେନା ଏବଂ ପଶ୍ଚିମ ଭାଗରେ କୌରବ ସେନା ରହି ଯୁଦ୍ଧ କରିବା ପାଇଁ ଶ୍ରୀକୃଷ୍ଣଙ୍କ ଉପସ୍ଥିତିରେ ଉଭୟେ ସମ୍ମତ ହେଲେ। ରଣ ପ୍ରାଙ୍ଗଣର ମଧ୍ୟସ୍ଥଳରେ ଏକ ଶୁଭ ସ୍ତମ୍ଭ ସ୍ଥାପିତ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶକ୍ରମେ 'କୁଣ୍ଡଳୀ' ପର୍ବତରୁ ଅଗର ନାମକ ଏକ ବୃକ୍ଷ ଅଣାଗଲା ସ୍ତମ୍ଭ ପାଇଁ। ତାହା ଏକ ବିଶାଳ ବୃକ୍ଷ ହୋଇଥିଲେ ମଧ୍ୟ କୁଣ୍ଡଳୀ ପର୍ବତରୁ ସେହି ବୃକ୍ଷକୁ ଅବଲୀଳାକ୍ରମେ ଭୀମ ଉତ୍ପାଟନକରି କୁରୁକ୍ଷେତ୍ର ରଣ ପ୍ରାଙ୍ଗଣରେ ପହଞ୍ଚିଲେ। କୁରୁକ୍ଷେତ୍ରର ମଧ୍ୟ ଭାଗରେ ଏକ ବିରାଟ ଗର୍ତ୍ତ ଖନନ କରାଗଲା ଏବଂ ଅଗର ବୃକ୍ଷକୁ ସେଠାରେ ଶୁଭ-ସ୍ତମ୍ଭ ଭାବେ ସ୍ଥାପନ କରିବା ପ୍ରୟାସ କରାଗଲା। କିନ୍ତୁ ଆଶ୍ଚର୍ଯ୍ୟ କଥା ସେହି ସ୍ତମ୍ଭ ସ୍ଥିର ହୋଇ ନରହି ଅଣେଇ ହୋଇ ପଡ଼ିଲା। ଶ୍ରୀକୃଷ୍ଣ ସହଦେବଙ୍କୁ ଏହାର କାରଣ ପଚାରିଲେ। ସହଦେବ କହିଲେ... ପ୍ରଭୁ! ଆପଣ ସ୍ତମ୍ଭକୁ ତାହାର କାରଣ ଜିଜ୍ଞାସା କରନ୍ତୁ।"

ଶ୍ରୀକୃଷ୍ଣଙ୍କ ଜିଜ୍ଞାସା ଶୁଣି ସ୍ତମ୍ଭ-ପୁରୁଷ ବିଦ୍ୟମାନ ହୋଇ କହିଲେ... ସ୍ଥିର ହୋଇ ରହିବା ପାଇଁ ମୋର ବଳିଭୋଜା ଆବଶ୍ୟକ; ତାହା ପୁଣି ଜଣେ ପାଣ୍ଡବ ବଂଶଜଙ୍କର। ଏହା ଶୁଣି ଶ୍ରୀକୃଷ୍ଣ ଏପରି ଜଣେ ପାଣ୍ଡବ ବଂଶଜଙ୍କ ସନ୍ଧାନ ନେବାପାଇଁ ସହଦେବଙ୍କୁ ନିର୍ଦ୍ଦେଶ ଦେଲେ ।

ସହଦେବ କହିଥିଲେ... ଭୀମଙ୍କ ପୁତ୍ର ବେଲାଳସେନ ଯୁଦ୍ଧ ଦର୍ଶନ ଉପଲକ୍ଷ୍ୟେ ଆସୁଛନ୍ତି। ସେ ଜଣେ ଅଦ୍ୱିତୀୟ ବୀର। ଦିବ୍ୟାସ୍ତ୍ର ପ୍ରୟୋଗ କରି ଗୋଟିଏ ଦିନରେ କୁରୁକ୍ଷେତ୍ର ଯୁଦ୍ଧ ଶେଷ କରିଦେବାର ସାମର୍ଥ୍ୟ ତାଙ୍କର ରହିଛି। କିନ୍ତୁ ଏଭଳି ଦିବ୍ୟାସ୍ତ୍ରର ପ୍ରୟୋଗ ଉଭୟ ପକ୍ଷ ପାଇଁ କ୍ଷତିକାରକ ହୋଇପାରେ। ଭୀମସେନଙ୍କ ଅନୁମତି ନେଇ ବେଲାଳସେନଙ୍କୁ ବଳି ଭାବରେ ବ୍ୟବହାର କରାଯାଇପାରେ।

Source: Author, Digitized by PPRACHIN, SOA

କିନ୍ତୁ ଭୀମସେନ ନିଜ ପୁତ୍ରକୁ ବଳି ଦେବା ପାଇଁ ଘୋର ଅନିଚ୍ଛା ପ୍ରକାଶ କଲେ। ଶ୍ରୀକୃଷ୍ଣ ପ୍ରତିଶ୍ରୁତି ଦେଲେ ଯେ ଯୁଦ୍ଧ ସମୟରେ ବେଲାଳସେନର ଶିର ସ୍ତମ୍ଭ ଉପରେ ରହି ଯୁଦ୍ଧ ଦର୍ଶନ କରିବ, ଯୁଦ୍ଧ ଶେଷରେ ତାକୁ ଜୀବନ୍ୟାସ ଦିଆଯିବ। ଶେଷରେ ଏଥିପାଇଁ ଭୀମସେନ ସମ୍ମତ ହେଲେ କିନ୍ତୁ ସର୍ତ୍ତ ରଖିଥିଲେ ଯେ ସେଥିପାଇଁ ବେଲାଳସେନର ସମ୍ମତି ଆବଶ୍ୟକ।

ବେଲାଳସେନ ପାଖରେ ପହଞ୍ଚିଲେ କେଶବ। ଶ୍ରୀକୃଷ୍ଣଙ୍କୁ ଦେଖି ବେଲାଳ ନତଶିର ହୋଇ ପ୍ରଣାମ କଲା। ହାତରେ ଥିଲା ଗୋଟିଏ ମାତ୍ର ତୀର। ସେହି ତୀରର ଗୋଟିଏ ପାର୍ଶ୍ୱରେ ଶାଣ ଦେଉଥିଲା ଭୀମଙ୍କ ପୁତ୍ର। ଆଶ୍ଚର୍ଯ୍ୟ ହୋଇ କେଶବ ଏପରି କରିବାର କାରଣ ପଚାରିଲେ।ବେଲାଳସେନ କହିଲା... ପ୍ରଭୁ ! ତୀରର ମାତ୍ର ଗୋଟିଏ ପାର୍ଶ୍ୱ ପାଇଁ ଏଗାର ଅକ୍ଷୌହିଣୀ କୁରୁ ସେନା ନିଅଣ୍ଟ। କିଛି ମୁହୂର୍ତ୍ତରେ କୁରୁକ୍ଷେତ୍ର ଯୁଦ୍ଧ ମୁଁ ଶେଷ କରିଦେବି।

ଶ୍ରୀକୃଷ୍ଣ କହିଲେ... ଏହା ମୁଁ କିପରି ବିଶ୍ୱାସ କରିବି ପୁତ୍ର? ସେଥିପାଇଁ ତୁମକୁ ପ୍ରମାଣ ଦେବାପାଇଁ ପଡ଼ିବ। ବେଲାଳସେନ ତୀରରେ ଅଗ୍ରଭାଗରେ ସିନ୍ଦୂର ଲଗାଇ କହିଲା... ମୁଁ ଏହି ତୀରରେ ସିନ୍ଦୂର ଚିହ୍ନ ଦେବା ପରେ ଯେଉଁ ବୀରମାନଙ୍କ କପାଳରେ ସ୍ୱତଃ ସିନ୍ଦୂର ଚିହ୍ନ ଲାଗିଯିବ ସେମାନେ ସମସ୍ତେ କୁରୁକ୍ଷେତ୍ର ଯୁଦ୍ଧରେ ମୋ ହାତରେ ନିହତ ହେବେ। ଶ୍ରୀକୃଷ୍ଣ ଗୁପ୍ତରେ ଅନୁସନ୍ଧାନ କରି ଜାଣିପାରିଲେ ଯେ ବେଲାଳସେନ ଏବଂ ତାଙ୍କ ନିଜ ବ୍ୟତୀତ ଆଉ ସମସ୍ତ କୌରବ ଏବଂ ପାଣ୍ଡବମାନଙ୍କ ମସ୍ତକରେ ସିନ୍ଦୂର ଚିହ୍ନ ଲାଗିଥିଲା।

ଆଶ୍ଚର୍ଯ୍ୟ ଚକିତ ଶ୍ରୀକୃଷ୍ଣ ପ୍ରଶ୍ନକଲେ... କୁହ ପୁତ୍ର କିଏ ତୁମର ଗୁରୁ ? ବେଲାଳ କହିଲା... ଆପଣଙ୍କୁ ମୁଁ ସର୍ବଶକ୍ତିମାନ ବିଶ୍ୱାଧାର ଏବଂ ଗୁରୁ-ଶ୍ରେଷ୍ଠ ଭାବେ ମାନ୍ୟତା ଦେଇ ଆସିଛି, ଆଉ ଅନ୍ୟ କିଏ ମୋର ଗୁରୁ ହୋଇପାରିବ ?

ଶ୍ରୀକୃଷ୍ଣ କହିଲେ... ତା ହେଲେ ଗୁରୁଙ୍କୁ ଦକ୍ଷିଣା ଦେବନାହିଁ ପୁତ୍ର ?

ବେଲାରସେନ କହିଲା... ହେ ଗୁରୁଶ୍ରେଷ୍ଠ ! ଆପଣ ଯାହା ମାଗିବେ ଗୁରୁ ଦକ୍ଷିଣାରେ ମୁଁ ଦେବାପାଇଁ ପ୍ରସ୍ତୁତ।

ଶ୍ରୀକୃଷ୍ଣ କହିଲେ... ବସ୍ସ ! ଗୁରୁଦକ୍ଷିଣାରେ ତୁମ ଶିର ମୋତେ ଦାନ କର। ଶୁଭ ସ୍ତମ୍ଭରେ ବଳି ପାଇଁ ତୁମର ଶିର ଆମର ଆବଶ୍ୟକ।

ହସିଲା ବେଲାଳସେନ, କହିଲା... ସତରେ ତୁମେ ବଡ କପଟୀ ଶ୍ରୀକୃଷ୍ଣ, ତୁମ ଲୀଳାର ଆଦିଅନ୍ତ କିଏ ପାଇବ ପ୍ରଭୁ! ମହାଭାରତ ଯୁଦ୍ଧ ଗୋଟିଏ ଦିନରେ ଶେଷ କରିଦେବି ବୋଲି ଭୟକଲ କି କେଶବ ? ଠିକ୍ ଅଛି, ତୁମ ଲୀଳାରେ ମୁଁ ବାଧା ଦେବି

Source: Author, Digitized by PPRACHIN, SOA

ନାହିଁ। ଗୁରୁଦକ୍ଷିଣାରେ ମୁଁ ତୁମକୁ ମୋର ଶିର ଦାନ କରୁଛି, କିନ୍ତୁ ଶେଷ ପର୍ଯ୍ୟନ୍ତ ଯୁଦ୍ଧ ଦର୍ଶନ କରିବାର ସୌଭାଗ୍ୟ ମୋତେ ଦାନ କରନ୍ତୁ।

ଶ୍ରୀକୃଷ୍ଣ କହିଲେ... ତଥାସ୍ତୁ ବୀର ପୁତ୍ର, ତୁମର ଛିନ୍ନ ଶିର, କୁରୁକ୍ଷେତ୍ରର ମଧ୍ୟରେ ଥିବା ସ୍ତମ୍ଭ ଉପରେ ରହି ଯୁଦ୍ଧ ଶେଷ ପର୍ଯ୍ୟନ୍ତ ପ୍ରତିଟି କ୍ଷଣ ଦର୍ଶନ କରୁଥିବ।

ମହାଭାରତ ଯୁଦ୍ଧ ଶେଷରେ ଯେତେବେଳେ ପାଣ୍ଡବ ବୀରମାନଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଲା କିଏ ଅଧିକ ଶତ୍ରୁ ସଂହାର କରିଛି ବୋଲି, ଶ୍ରୀକୃଷ୍ଣ କହିଥିଲେ... ଏତେ ବାଦବିବାଦ କାହିଁକି ? ରଣକ୍ଷେତ୍ରର ମଧ୍ୟଭାଗରେ ରହି ବେଲାଳ ଅଠର ଦିନର ଯୁଦ୍ଧର ପ୍ରତି ମୁହୂର୍ତ୍ତର ସାକ୍ଷୀ। ଚାଲ ସମସ୍ତେ, ବେଲାଳ ଠାରୁ ପ୍ରକୃତ ଘଟଣା ଜଣାପଡିବ।

ରଣକ୍ଷେତ୍ରରେ ପହଞ୍ଚି ଭୀମସେନ ବେଲାଳକୁ ପ୍ରଶ୍ନ କଲେ... ମହାଭାରତ ଯୁଦ୍ଧରେ କିଏ ସବୁଠାରୁ ଅଧିକ ଶତ୍ରୁ କ୍ଷୟ କରିଛନ୍ତି ପୁତ୍ର ?

ହସିଲା ବେଲାଳସେନର ଛିନ୍ନ ମସ୍ତକ, କହିଲା... ଦୁଇ ପକ୍ଷରୁ କାହା ହାତରେ ମଧ୍ୟ ଗୋଟିଏ ବି ସୈନ୍ୟ ନିହତ ହୋଇନାହାନ୍ତି। ସମସ୍ତେ ଖାଲି କୋଳାହଳରେ ବ୍ୟସ୍ତ ରହିଥିଲେ। କେବଳ ଗୋଟିଏ ମାତ୍ର ଚକ୍ର ରଣ କ୍ଷେତ୍ରରେ ଘୂରିବୁଲି ଉଭୟ ପକ୍ଷରୁ ବୀରମାନଙ୍କର ମସ୍ତକ କର୍ତ୍ତନ କରୁଥିଲା।

ଅଦ୍ଭୁତ ଏହି ମହାଭାରତର କାହାଣୀ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଦୁଇ ପକ୍ଷର ସାମରିକ ଶକ୍ତିମାନେ ବିଭିନ୍ନ କ୍ଷେତ୍ରରେ ଯୁଦ୍ଧରେ ଲିପ୍ତ ଥିଲେ। ଆମେରିକା ଯେଉଁ ଦୁଇଟି ପରମାଣୁ ଅସ୍ତ୍ର ବ୍ୟବହାର କଲା ତା ଦ୍ୱାରା, ବହୁଦିନ ଲାଗିରହିବାର ସମ୍ଭାବନା ଥିବା ଯୁଦ୍ଧ ଅଚିରେ ଶେଷ ହୋଇଗଲା। କିନ୍ତୁ ନାଗାସାକୀ ହିରୋସୀମାରେ କି ଭୟଙ୍କର ପ୍ରଭାବ ନପଡ଼ିଲା ସତେ ! ମାନବ ସମାଜରେ ଯେଉଁ ଧ୍ୱଂସଲୀଳା ସୃଷ୍ଟି ହେଲା ତାହା ଚିନ୍ତା କଲେ ଦେହ ଶୀତେଇଯାଏ।

ବେଲାଳସେନ ଯେଉଁ ଏକମାତ୍ର ଦିବ୍ୟ ବାଣ ତା ପାଖରେ ରଖିଥିଲା ତାହା କୌଣସି ପରମାଣୁ ଶକ୍ତି ଠାରୁ କମ୍ ନଥିଲା। କୌରବପକ୍ଷ ଯୁଦ୍ଧରେ ନିହତ ହୋଇଥାଆନ୍ତେ, କିନ୍ତୁ ବାଣ ପ୍ରଭାବରେ ପାଣ୍ଡବମାନଙ୍କର ମଧ୍ୟ କ୍ଷତି ଘଟିଥାନ୍ତା। ସେଥିପାଇଁ, ବେଲାଳସେନ ଯେତେବେଳେ ତୀରରେ ସିନ୍ଦୂର ଲଗାଇଲା କୌରବଙ୍କ ସଙ୍ଗେ ସଙ୍ଗେ ପାଣ୍ଡବଙ୍କ ମଥାରେ ମଧ୍ୟ ସିନ୍ଦୂର ଚିହ୍ନ ଦେଖା ଦେଇଥିଲା; ହୁଏତ ଏହା ବେଲାଳସେନର ଅଜ୍ଞାତସାରରେ ଘଟିବାକୁ ଯାଉଥିଲା। ଥରେ ପରମାଣୁ ଅସ୍ତ୍ର ପ୍ରୟୋଗ କଲେ, ତାର ଫଳାଫଳକୁ ନିୟନ୍ତ୍ରିତ କରିବା ଶକ୍ତି ପ୍ରୟୋଗକାରୀ ହାତରୁ ଚାଲିଯାଏ। ଶ୍ରୀକୃଷ୍ଣ ଏହା ହୃଦୟଙ୍ଗମ କରି ପାରିଥିଲେ; ତେଣୁ ସେ ଗୁରୁ ଦକ୍ଷିଣାରେ ବେଲାଳର ଶିର ମାଗିନେଲେ।

-୦-

Source: Author, Digitized by PPRACHIN, SOA

(୮୪)

ମୋତେ ମୁକ୍ତି ଦିଅ ପଦ୍ମନୟନ !

ପିତାମହ ଭୀଷ୍ମଙ୍କ ଶଙ୍ଖନାଦ ସହିତ ଆରମ୍ଭ ହୋଇଗଲା ଯୁଗାନ୍ତକାରୀ ମହାଭାରତ ସଂଗ୍ରାମ । ପାଣ୍ଡବଙ୍କ ସେନାପତି ଧୃଷ୍ଟଦ୍ୟୁମ୍ନ ରଚନା କରିଥିଲେ ସୁଦୃଢ ବ୍ୟୂହ । ସେହି ବ୍ୟୂହ ମଧ୍ୟରେ ନିଜ ନିଜର ସ୍ଥାନ ଅଧିକାର କରି ରହିଥିଲେ ରଥି ମହାରଥୀ ଏବଂ ଶୂରବୀରଗଣ ।

ପାଣ୍ଡବଙ୍କ ପକ୍ଷରେ ଥିବା ବୀରମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ଯାଦବ ବୀର ସାତ୍ୟକି, ମହାରଥୀ ଧୃଷ୍ଟକେତୁ (ଶିଶୁପାଳଙ୍କ ପୁତ୍ର), ମତ୍ସ୍ୟ-ରାଜ ବିରାଟ, ଯାଦବ ବୀର ଚେକିତାନ, କାଶୀ ନରେଶ, ପାଞ୍ଚାଳ ନରେଶ ଦ୍ରୁପଦ, ପୁରୁଜୀତ ଏବଂ କୁନ୍ତଭୋଜ (କୁନ୍ତୀଙ୍କର ଦୁଇ ଭାଇ), ଶୈବ ନରେଶ, ପାଞ୍ଚାଳର ଦୁଇ ପ୍ରମୁଖ ବୀର ଯୁଧାମନ୍ୟୁ ଓ ଉତ୍ତମୌଜା, କୃଷ୍ଣାଙ୍କର ପାଞ୍ଚ ବୀର ପୁତ୍ର ଏବଂ ମହାପ୍ରତାପୀ ବୀର ଅଭିମନ୍ୟୁ ।

କୌରବ ପକ୍ଷର ପ୍ରମୁଖ ବୀରମାନଙ୍କ ମଧ୍ୟରେ ଥିଲେ ଭୀଷ୍ମ, ଦ୍ରୋଣ କର୍ଣ୍ଣ, କୃପାଚାର୍ଯ୍ୟ, ଅଶ୍ୱତ୍ଥାମା, ବିକର୍ଣ୍ଣ, ସୋମଦତ୍ତ, ଭୂରିଶ୍ରବା ଶଲ୍ୟ ଇତ୍ୟାଦି । ସୈନ୍ୟ ସଂଖ୍ୟା କୌରବମାନଙ୍କର ଅଧିକ ଥିଲେ ମଧ୍ୟ ମାନସିକ ସ୍ତରରେ ସେମାନଙ୍କ ମଧ୍ୟରେ ବିଭେଦ ରହିଥିଲା । କର୍ଣ୍ଣଙ୍କର ଉପସ୍ଥିତିର କିଛି ମୂଲ୍ୟ ନଥିଲା, କାରଣ ଯୁଦ୍ଧ ପୂର୍ବରୁ ଭୀଷ୍ମଙ୍କ ସହିତ ତାଙ୍କର ମନୋମାଳିନ୍ୟ ଯୋଗୁଁ, ପିତାମହ ସେନାପତି ରହିଥିବା ପର୍ଯ୍ୟନ୍ତ ଯୁଦ୍ଧରେ ସେ ଅସ୍ତ୍ର ଧାରଣ ନକରିବାପାଇଁ ପଣ ନେଇଥିଲେ ।

ଭୀଷ୍ମ ଖୋଲା ଖୋଲି କହିଦେଇଥିଲେ ଯେ ଯୁଦ୍ଧରେ ସେ ଅନ୍ୟ ସୈନ୍ୟମାନଙ୍କୁ ନିହତ କରିବେ କିନ୍ତୁ ପାଣ୍ଡୁ ପାଞ୍ଚଭାଇଙ୍କ ଜୀବନ ନେଇ ପାରିବେ ନାହିଁ । ଦ୍ରୋଣାଚାର୍ଯ୍ୟଙ୍କର ପାଣ୍ଡୁପୁତ୍ରମାନେ ଅତ୍ୟନ୍ତ ପ୍ରିୟ ଥିବାରୁ ରଣକ୍ଷେତ୍ରରେ ତାଙ୍କର ପ୍ରତିବଦ୍ଧତା ଉପରେ ସର୍ବଦା ପ୍ରଶ୍ନ ଚିହ୍ନ ଲାଗି ରହିଥିଲା ।

ଅପର ପକ୍ଷରେ ପାଣ୍ଡବବାହିନୀ ସଂପୂର୍ଣ୍ଣ ଏକତା ଏବଂ ପ୍ରତିବଦ୍ଧତା ସହିତ ରଣକ୍ଷେତ୍ରରେ ଅବତରଣ କରିଥିଲେ । ଦ୍ରୁପଦ, ଧୃଷ୍ଟଦ୍ୟୁମ୍ନ, ଶିଖଣ୍ଡୀ, ବିରାଟ, ଭୀମ, ଅର୍ଜୁନ ଆଦି କ୍ଷତ୍ରିମାନଙ୍କର ବ୍ୟକ୍ତିଗତ ଶତ୍ରୁତା ଥିଲା, କୌରବ ପକ୍ଷରେ ଥିବା ଅନେକ ବୀରଙ୍କ ସହିତ । ବ୍ୟକ୍ତିଗତ ପ୍ରତିବଦ୍ଧତା ଯେତେବେଳେ ସାମୁହିକ ପ୍ରତିବଦ୍ଧତାରେ ପରିଣତ ହୁଏ ସେତେବେଳେ ଲକ୍ଷ ସାଧନ କରିବା ସହଜ ହୋଇଥାଏ; ମହାଭାରତ ଯୁଦ୍ଧରୁ ଏହି ମହାନ ଶିକ୍ଷା ସର୍ବାଦୌ ପ୍ରାପ୍ତହୁଏ ।

Source: Author, Digitized by PPRACHIN, SOA

ଏହି ସମୟରେ ଯୁଦ୍ଧ ଆରମ୍ଭ ଘୋଷଣା କରି ପିତାମହ ଭୀଷ୍ମ ଶଙ୍ଖ ବଜାଇ ସିଂହନାଦ କଲେ। ତା ସଙ୍ଗେ ସଙ୍ଗେ ଢୋଲ, ଭେରୀ, ମୃଦଙ୍ଗ ଏବଂ ଶିଙ୍ଗାର ଭୟଙ୍କର ନାଦରେ ରଣକ୍ଷେତ୍ର ପ୍ରକମ୍ପିତ ହୋଇ ଗଲା। ମାଧବଙ୍କ ପାଞ୍ଚଜନ୍ୟ ଶଙ୍ଖ ଧ୍ୱନିରେ ଅପୂର୍ବ ଶିହରଣ ଖେଳିଗଲା ଉପସ୍ଥିତ ସମସ୍ତ ଯୋଦ୍ଧା ମାନଙ୍କ ମନରେ। ଭୀମସେନ ପୌଣ୍ଡ୍ର ନାମକ ବିଶେଷ ଶଙ୍ଖ ବାଦନ କରି ଗଗନ ପବନ ପ୍ରକମ୍ପିତ କରିଦେଲେ। ଅର୍ଜୁନଙ୍କ ଦେବଦତ୍ତ ଶଙ୍ଖ ନିନାଦିତ ହୋଇ ଶତ୍ରୁ ମନରେ ଭୟ ସୃଷ୍ଟିକଲା। ଯୁଧିଷ୍ଠିର 'ଅନନ୍ତ ବିଜୟ' ନାମକ ଶଙ୍ଖ ବାଦନ କଲେ। ନକୁଳ ଓ ସହଦେବ ଯଥାକ୍ରମେ 'ସୁଘୋଷ' ଏବଂ 'ମଣିପୁଷ୍ପକ' ନାମକ ଶଙ୍ଖ ବାଦନ କରି ଯୁଦ୍ଧରେ ନିଜର ସ୍ଥିତି ଘୋଷଣା କଲେ।

ପିତାମହଙ୍କ ସୁଚାରୁରୂପେ ପରିଚାଳିତ କୁରୁସେନା ପ୍ରବଳ ଆକ୍ରମଣ କରିଦେଲେ ପାଣ୍ଡବ ବାହିନୀ ଉପରେ। ଭୀଷ୍ମଙ୍କର ଭୟଙ୍କର ରୂପ ଦେଖିବା ପାଇଁ ଆକାଶରେ ଦେବତାମାନେ ଏକତ୍ରିତ ହୋଇ ରହିଥାନ୍ତି। ପକ୍ୱକେଶ, ଶ୍ୱେତବସ୍ତ୍ର ପରିହିତ ବିଶାଳ ଶରୀର, ଆଜାନୁ ଲମ୍ବିତ ଭୁଜ, ଦେହରେ ସାଞ୍ଜୁ ସହିତ ନାନାବିଧ ଅସ୍ତ୍ରଶସ୍ତ୍ର; ଅଭିଶପ୍ତ ଅଷ୍ଟମ ବସୁ ପିତାମହଙ୍କର ରୂପ ଚକ୍ଷୁ ପବିତ୍ରକାରୀ ଥିଲା।

ରଣକ୍ଷେତ୍ର ପିତାମହଙ୍କ ବାଣରେ ଆଚ୍ଛାଦିତ ହୋଇଗଲା। ମନେହେଲା ସତେ ଯେପରି ଗୋଟିଏ ଦିନରେ କୁରୁକ୍ଷେତ୍ର ଯୁଦ୍ଧ ଶେଷ ହୋଇଯିବ। ପାଣ୍ଡବ ପକ୍ଷରେ ଶତ ଶତ ଶବର ସ୍ତୁପ ସୃଷ୍ଟି ହୋଇଗଲା। ଶଲ୍ୟ ମଧ୍ୟ ଭୟଙ୍କର ଯୁଦ୍ଧରେ ପାଣ୍ଡବ ପକ୍ଷର ଅପୂରଣୀୟ କ୍ଷତି ସାଧନ କଲେ। ଏ ଦୃଶ୍ୟ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁ ପାଇଁ ଅସହ୍ୟ ଥିଲା। ପିତା ମହଙ୍କ ସହିତ ଘୋର ରଣରେ ମାତିଗଲା ଅଭିମନ୍ୟୁ। ସେ ଗୋଟିଏ ତୀରରେ ପିତାମହଙ୍କ ପଦସ୍ପର୍ଶ କରି ଦ୍ୱିତୀୟ ତୀରରେ ତାଙ୍କ ରଥର ଧ୍ୱଜ ଧରାଶାୟୀ କଲା। ଚଉଦ ବର୍ଷ ବୟସର ଯୁବକର ଅଦ୍ଭୁତ ରଣ କୌଶଳ ଦେଖି ଆଶ୍ଚର୍ଯ୍ୟ ହେଲେ ପିତାମହ; ଚକ୍ଷୁରୁ ଝରିଗଲା ଆନନ୍ଦାଶ୍ରୁ, ଭାବିଲେ... ବାଃ ! କୁରୁ-କୁଳର ଗର୍ବ ମୋ ଅଣନାତି ! ଆଜି ମୋ ମସ୍ତକ ତୁ ଗର୍ବରେ ଉନ୍ନତ କରିଦେଲୁ, ଧନ୍ୟ ତୋର ପିତାମାତା !

ଅନିଚ୍ଛା ସତ୍ତ୍ୱେ ବାଧ୍ୟହୋଇ ଭୀଷ୍ମ ଅଭିମନ୍ୟୁ ସହିତ ଭୀଷଣ ସଂଗ୍ରାମରେ ବିଜଡିତ ହୋଇଗଲେ। ପିତାମହଙ୍କ ସହିତ ଯୁଦ୍ଧରେ ଅଭିମନ୍ୟୁ ଶ୍ରାନ୍ତ କ୍ଳାନ୍ତ ହୋଇଗଲ।। ସହାୟତା ପାଇଁ ଯୋଗଦେଲେ ଭୀମ, ବିରାଟ ଏବଂ ଧୃଷ୍ଟଦ୍ୟୁମ୍ନ।

କ୍ରମେ ଯୁଦ୍ଧରେ ପାଣ୍ଡବବାହିନୀ ଉପରେ କୌରବଶକ୍ତିର ଆକ୍ରମଣ ପ୍ରବଳ ହୋଇ ଉଠିଲା। ବିରାଟଙ୍କ ପୁତ୍ର ଉତ୍ତରଙ୍କ ପାଇଁ ଏହା ଅସହ୍ୟ ଥିଲା। ଶଲ୍ୟଙ୍କ ସହିତ ଘୋର ରଣରେ ମାତିଗଲେ ଉତ୍ତର। ଦୁଇଟି ବାଣ କ୍ଷେପଣ କରି ଉତ୍ତର, ଶଲ୍ୟଙ୍କର ସାରଥୀକୁ

Source: Author, Digitized by PPRACHIN, SOA

ବଧ କଲେ ଏବଂ ଶଲ୍ୟଙ୍କ ରଥ ଧ୍ୱଂସ କଲେ। ମତ୍ସ୍ୟ ରାଜକୁମାଙ୍କର ଅଦ୍ଭୁତ ରଣ କୌଶଳ ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେଲେ ମଦ୍ରରାଜ ଶଲ୍ୟ... ଏ କଣ ସେହି ଉତ୍ତର, ଯେ ଗୋଧନ ହରଣ ସଂଗ୍ରାମ ସମୟରେ ବିଶାଳ କୌରବ ବାହିନୀକୁ ଦେଖି ଭୟରେ ରଣକ୍ଷେତ୍ର ତ୍ୟାଗ କରି ପଳାୟନ କରିଥିଲେ !! ଶଲ୍ୟ ପୂର୍ଣ୍ଣ ଶକ୍ତି ପ୍ରୟୋଗ କରି ଉତ୍ତରଙ୍କ ଉପରକୁ ଏକ ବର୍ଚ୍ଛା କ୍ଷେପଣ କଲେ। ତାହା ଭୀଷଣ ଗତିରେ ଯାଇ ଉତ୍ତରଙ୍କ ବକ୍ଷ ଭେଦକଲା। ବୀରଗତି ପ୍ରାପ୍ତ ହେଲେ ମତ୍ସ୍ୟ ରାଜପୁତ୍ର।

ଅନୁଜ ଉତ୍ତରଙ୍କ ବୀରଗତି ପ୍ରାପ୍ତି ଦେଖି ଦୁଃଖରେ ମ୍ରିୟମାଣ ଜ୍ୟେଷ୍ଠ ମତ୍ସ୍ୟ ରାଜକୁମାର ଶ୍ୱେତ ଉନ୍ମତ୍ତ ହସ୍ତି ଭଳି ଯୁଦ୍ଧରେ ମାତି ଗଲେ ଏବଂ ଅନେକ ସୈନ୍ୟ ନିହତ କଲେ।ପିତାମହ ଭୀଷ୍ମଙ୍କ ପାଇଁ ଏହା ଅସହ୍ୟ ଥିଲା। ଏକ ଅଭେଦ୍ୟ ବାଣ ପ୍ରୟୋଗ କରି ସେ ରାଜକୁମାର ଶ୍ୱେତଙ୍କୁ ଧରାଶାୟୀ କଲେ।

ବିରାଟଙ୍କ ଦୁଇ ପୁତ୍ରଙ୍କ ମୃତ୍ୟୁ ପରେ ସଫଳତାର ପ୍ରେରଣାରେ ଉଦ୍‌ବୃଦ୍ଧ କୌରବବାହିନୀ ପାଣ୍ଡବଙ୍କ ଉପରେ ପ୍ରବଳ ଆକ୍ରମଣ କରିଦେଲେ। ପ୍ରଥମ ଦିନର ଏହି ଯୁଦ୍ଧରେ ପାଣ୍ଡବ ପକ୍ଷର ଘୋର କ୍ଷତି ଘଟିଲା। ସୂର୍ଯ୍ୟାସ୍ତ ପରେ ଶିବିରକୁ ମହାଆନନ୍ଦ ମନରେ ଫେରିଲେ କୌରବ ବାହିନୀ! ଦୁଇ ମହାବୀରଙ୍କୁ ହରାଇ ମ୍ରିୟମାଣ ପାଣ୍ଡବଙ୍କ ଶିବିରରେ ଦୁଃଖର ଲହରୀ ଖେଳିଗଲା। ପାଣ୍ଡବମାନେ ଆତ୍ମଚିନ୍ତନ ଆରମ୍ଭ କରିଦେଲେ।

ଶ୍ରୀକୃଷ୍ଣ କହିଲେ... ପ୍ରଥମ ବିଫଳତାରେ ଯେ ଭାଙ୍ଗିପଡେ ସଫଳତା ତା ଠାରୁ ଦୂରେଇ ଯାଏ। ବିଫଳତା ସଫଳତାର ଚାବିକାଠି। ପ୍ରଥମ ଦିନର ଭୁଲ୍ ସୁଧାରି ନୂତନ ଉଦ୍ଦିପନା ସହିତ ଆମେ ପରିବର୍ତ୍ତିତ ରଣ କୌଶଳ ନେଇ ଆଗେଇ ଯିବା ଉଚିତ୍। ଦୁଇ ମହାବୀରଙ୍କ ବୀରଗତି ପାଇଁ ଏହା ଶୋକ କରିବା ସମୟ ନୁହେଁ; ବରଂ ସେମାନଙ୍କ ଅବଦାନର ମୂଳଦୁଆ ଉପରେ ବିଜୟ ସୌଧ ନିର୍ମାଣ କଲେ ସେମାନଙ୍କ ଆତ୍ମା ସଦ୍‌ଗତି ପ୍ରାପ୍ତ ହେବେ।

ଶ୍ରୀକୃଷ୍ଣଙ୍କ ଉଦବୋଧନ ନୂତନ ପ୍ରାଣସଂଚାର କଲା ପାଣ୍ଡବଙ୍କ ମନରେ।ନୂତନ ରଣ କୌଶଳ ସହିତ ନୂତନ ଉଦ୍ଦିପନାରେ ଦ୍ୱିତୀୟ ଦିନର ଯୁଦ୍ଧକୁ ଲମ୍ଫ ଦେଲେ ପାଣ୍ଡବ ବାହିନୀ।

ଦ୍ୱିତୀୟ ଦିନ ଯୁଦ୍ଧ ଥିଲା ଅତି ଭୟଙ୍କର। ଭୀଷ୍ମଙ୍କ ସହିତ ଘୋର ଯୁଦ୍ଧରେ ମାତି ଗଲେ ତୃତୀୟ ପାଣ୍ଡବ ଅର୍ଜୁନ। ପିତାମହଙ୍କୁ ଯୁଦ୍ଧରେ ସାରାଦିନ ବାନ୍ଧି ରଖିଲେ ପାର୍ଥ। ଫଳରେ ଭୀଷ୍ମ ଅନ୍ୟ ଶତ୍ରୁସୈନ୍ୟଙ୍କୁ ନିପାତ କରିବାର ଅବସର ପାଇଲେ ନାହିଁ।ଏହା ଥିଲା ପାଣ୍ଡବମାନଙ୍କର ନୂତନ ରଣ କୌଶଳର ଏକ ଅଂଶ। ଦ୍ରୋଣଙ୍କୁ ମଧ୍ୟ ଯୁଦ୍ଧରେ

Source: Author, Digitized by PPRACHIN, SOA

ବାନ୍ଧି ରଖିଲେ ଦ୍ରୁପଦ ଏବଂ ଧୃଷ୍ଟଦ୍ୟୁମ୍ନ।

ବିଜୁଳି ବେଗରେ ଧନଞ୍ଜୟଙ୍କ ନନ୍ଦିଘୋଷ ଯୁଦ୍ଧ କ୍ଷେତ୍ରରେ ଘୁରିବୁଲୁଥାଏ, ସତେ ଯେପରି ଏହା ଶ୍ରୀକୃଷ୍ଣଙ୍କ ହାତର ଖେଳନା। ଅର୍ଜୁନଙ୍କ ବାଣରେ ଆଚ୍ଛାଦିତ ନଭ ମଣ୍ଡଳ। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ... ପାର୍ଥ ! ପିତାମହ ପାଣ୍ଡବ ବାହିନୀର ଘୋର କ୍ଷୟକ୍ଷତି କରୁଛନ୍ତି, ତାଙ୍କର ବିନାଶ ନହେଲେ ଆମେ ଯୁଦ୍ଧରେ ଜୟଯୁକ୍ତ ହେବା ଅସମ୍ଭବ।

ଶ୍ରୀକୃଷ୍ଣଙ୍କ ମୁହଁରୁ କଥା ଶେଷହେବା ପୂର୍ବରୁ ଭୀଷ୍ମଙ୍କର ଏକ ତୀର ପାର୍ଥସାରଥୀଙ୍କ ବକ୍ଷ ଭେଦକଲା। ଶ୍ରୀକୃଷ୍ଣଙ୍କ ସୁନ୍ଦର ଶରୀରରୁ ରକ୍ତ ଝରି ଆହୁରି ସୁନ୍ଦର ଦେଖାଗଲେ କେଶବ; ସତେ ଯେମିତି ହରିତ ପଳାସ ବୃକ୍ଷରେ ରକ୍ତକୁସୁମ ପୂର୍ଣ୍ଣ ହୋଇଗଲା। ଅର୍ଜୁନଙ୍କ ନେତ୍ରରୁ ଝରିଗଲା ଅଶ୍ରୁ। ଶ୍ରୀକୃଷ୍ଣଙ୍କ ସୁନ୍ଦର ରୂପ ଦେଖି ହତସ୍ତମ୍ଭ ଭୀଷ୍ମ କରପତ୍ର ଯୋଡ଼ି କହିଲେ... ହେ ମାଧବ ! ଦୋଷ କ୍ଷମାକର ପ୍ରଭୁ।

ଅର୍ଜୁନଙ୍କ କ୍ରୋଧର ସୀମା ରହିଲା ନାହିଁ। ଘୋର ରଣରେ କୌରବବାହିନୀକୁ ଧ୍ୱସ୍ତବିଧ୍ୱସ୍ତ କରିଦେଲେ ଧନଞ୍ଜୟ।

ଦ୍ୱିତୀୟ ଦିନର ଯୁଦ୍ଧରେ କୌରବ ବାହିନୀର ଅକଳନୀୟ କ୍ଷତି ସାଧିତ ହେଲା। ତୃତୀୟ ଦିନର ଯୁଦ୍ଧରେ କୌରବ ବାହିନୀ ନକାରାତ୍ମକ ଚିନ୍ତା ନେଇ ରଣକ୍ଷେତ୍ରରେ ଉପନିତ ହେଲେ। ପୂର୍ବଦିନର ଅସଫଳତା ଯୋଗୁଁ କ୍ରୋଧରେ ଅଜ୍ଞାନ ଦୁର୍ଯ୍ୟୋଧନ ପିତାମହଙ୍କୁ କହିଲେ... ଆପଣଙ୍କ ପାଣ୍ଡବପ୍ରୀତି ଆମକୁ ଯୁଦ୍ଧରେ ଜୟଯୁକ୍ତ ହେବାକୁ ଦେବନାହିଁ ପିତାମହ ! ଆପଣ ଏବଂ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଉପରେ ଭରସା କରି ମୁଁ ଏ ଯୁଦ୍ଧରେ ପଦାର୍ପଣ କରିଛି। ଆପଣ ମୁକ୍ତ ହୃଦୟରେ କହିଦିଅନ୍ତୁ ଯେ ଆପଣ ମୋତେ ଜୟଯୁକ୍ତ କରାଇବେ ନାହିଁ।

ଏକ ଶୁଷ୍କ ହସ ହସି ଭୀଷ୍ମ କହିଲେ... ପୁତ୍ର ଦୁର୍ଯ୍ୟୋଧନ ! ମୁଁ ପ୍ରଥମରୁ କହିଛି, ଏ ଯୁଦ୍ଧ ଜୟ କରିବା ଏତେ ସହଜ ନୁହେଁ। ଯେଉଁଠାରେ ଭୀମ, ଅର୍ଜୁନଙ୍କ ଭଳି ବୀର ରହିଛନ୍ତି ଏବଂ ଯାହାର ସହାୟକ ସ୍ୱୟଂ ବାସୁଦେବ, ତାଙ୍କୁ ତୁମେ ପରାସ୍ତ କରିବା କଣ ଏତେ ସହଜ ପୁତ୍ର !! ମୋର ଲକ୍ଷେ ବାରଣ ସତ୍ତ୍ୱେ ତୁମେ ଯୁଦ୍ଧକୁ ଲମ୍ଫ ଦେଇଛ। ମୁଁ କଣ କରିପାରିବି ? ମୁଁ ବୃଦ୍ଧ ହେଲିଣି ପୁତ୍ର ! କୁରୁ ସିଂହାସନ ରକ୍ଷା କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରୁଛି।

ଦୁର୍ଯ୍ୟୋଧନ କଥାରେ ଆହତ ଭୀଷ୍ମ ପ୍ରଳୟଙ୍କରୀ ଯୁଦ୍ଧରେ ମଜ୍ଜିଗଲେ, ସତେ ଯେପରି ତାହା ଥିଲା ଯୁଦ୍ଧର ଶେଷ ଦିନ। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଚାହିଁ କହିଲେ... ଏ ତୁମେ କଣ କରୁଛ ପାର୍ଥ ! ଜଣାଯାଏ ଆମ ଆଖି ଆଗରେ ଆଜି ପାଣ୍ଡବବାହିନୀ ଭୀଷ୍ମଙ୍କ

Source: Author, Digitized by PPRACHIN, SOA

ହାତରେ ଧ୍ୱଂସ ପାଇଯିବେ।

ବାରମ୍ବାର ଭୀଷ୍ମଙ୍କ ବାଣରେ ରକ୍ତରଞ୍ଜିତ ହେଲେ ଧନଞ୍ଜୟ ଏବଂ ହୃଷୀକେଶ। ଘୋର କ୍ରୋଧରେ କମ୍ପିତ ହେଲା କୃଷ୍ଣଙ୍କ କଳେବର। ନନ୍ଦିଘୋଷରୁ ଅବତରଣ କଲେ ମଧୁସୂଦନ। ହାତରେ ଘୋର ଘର୍ଘର ନାଦରେ ଘୂର୍ଣିତ ହେଲେ ସୁଦର୍ଶନ ଚକ୍ର। ଭୀଷ୍ମଙ୍କୁ ବଧ କରିବା ପାଇଁ ଆଗେଇ ଯାଉଥିଲେ ଶ୍ରୀହରି। ରଥରୁ ଓହ୍ଲାଇ ଯୋଡହସ୍ତରେ ଅର୍ଜୁନ କହିଲେ... ଏ କଣ କରୁଛ କେଶବ! ଅସ୍ତ୍ର ନଧରିବା ପଣ କଣ ଭୁଲିଗଲ ମାଧବ !

ଅସ୍ତ୍ର ତ୍ୟାଗ କରି ଯୋଡ ହସ୍ତରେ ଦଣ୍ଡାୟମାନ ଭୀଷ୍ମ। କହିଲେ... ଧନ୍ୟ ହେଲି ମଧୁସୂଦନ! ଏ ରୂପ ଦେଖି ଧନ୍ୟ ହେଲି। ଅସ୍ତ୍ର ପ୍ରହାର କରି ଏ ବୃଦ୍ଧକୁ ଦୁଃଖରୁ ମୁକ୍ତିଦିଅ କେଶବ। ତୁମ ହସ୍ତରେ ପ୍ରାଣତ୍ୟାଗ କରିବା ସୌଭାଗ୍ୟ ମୋତେ ଦିଅ ପଦ୍ମନୟନ !

-୦-

(୮୫)

ମହାନାୟକଙ୍କ ଶରଶଯ୍ୟା

ଲୋମହର୍ଷଣକାରୀ ଥିଲା ମହାଭାରତ ସଂଗ୍ରାମ। ଚତୁର୍ଥ ଦିନର ସଂଗ୍ରାମରେ ଅଭିମନ୍ୟୁର ରଣ କୌଶଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଲା। ସେଦିନ ମଧ୍ୟ ଭୀମସେନଙ୍କର ଭୀମରୂପ ଦେଖି କୌରବବାହିନୀ ଭୟରେ ପ୍ରକମ୍ପିତ ହୋଇଉଠିଲେ। ଦୁର୍ଯ୍ୟୋଧନଙ୍କର ଆଠ ଜଣ ଭାଇଙ୍କୁ ସେଦିନ ଭୀମସେନ ନିର୍ମମ ଭାବରେ ବଧ କଲେ। ସଞ୍ଜୟଙ୍କ ମୁଖରୁ ଏହାଶୁଣି ଧୃତରାଷ୍ଟ୍ରଙ୍କ ଚକ୍ଷୁରୁ ଝରି ଗଲା ଧାର ଧାର ହୋଇ ଯନ୍ତ୍ରଣାର ଅଶ୍ରୁଧାର।କୋହ ସମ୍ଭାଳି ଧୃତରାଷ୍ଟ୍ର ସଞ୍ଜୟଙ୍କୁ କହିଲେ... ଭୀମ ନିଶ୍ଚିତ ଭାବରେ ମୋର ସବୁ ପୁତ୍ରମାନଙ୍କୁ ବଧ କରିବ; ମୋ ଦୁଃଖର ଦିନ ଆରମ୍ଭ ହେଲା ସଞ୍ଜୟ !

ଯୁଦ୍ଧର ପଞ୍ଚମ ଦିନରେ ଅର୍ଜୁନଙ୍କ ଭୟଙ୍କର ସଂଗ୍ରାମ ଦୁର୍ଯ୍ୟୋଧନଙ୍କୁ ଭୀତତ୍ରସ୍ତ ଏବଂ ମ୍ରିୟମାଣ କଲା। ସବୁଦିନ ପରି ସେଦିନ ମଧ୍ୟ ଯୁଦ୍ଧ ଶେଷରେ ତାଙ୍କର ସେହି ଗୋଟିଏ ଅଭିଯୋଗ ଥିଲା.., ତାଙ୍କ ପକ୍ଷର ମହାରଥୀ ମାନେ ଠିକ୍ ଭାବରେ ନିଜର ଦାୟିତ୍ୱ ସଂପନ୍ନ କରୁନାହାନ୍ତି। ଷଷ୍ଠ ଦିନର ଯୁଦ୍ଧରେ ଦ୍ରୋଣଙ୍କ ସହିତ ଧୃଷ୍ଟଦ୍ୟୁମ୍ନ ଏବଂ ଭୀମସେନଙ୍କର ଭୟଙ୍କର ଯୁଦ୍ଧ ହେଲା। ଅବଶ୍ୟ ସନ୍ଧ୍ୟା ସମୟରେ ଯୁଧିଷ୍ଠିର ଆଶ୍ୱସ୍ତ ହେଲେ ଯେ ଏହି ଦୁଇ ବୀର ଗୁରୁଙ୍କ ସମ୍ମୁଖରୁ ଜୀବନ୍ତ ଫେରି ଆସିଛନ୍ତି। ସପ୍ତମ ଦିନର

Source: Author, Digitized by PPRACHIN, SOA

ଯୁଦ୍ଧରେ ଅଭିମନ୍ୟୁର ସଂଗ୍ରାମ ଦର୍ଶନୀୟ ଥିଲା। ସେଦିନ ସେ ଦୁର୍ଯ୍ୟୋଧନଙ୍କର ତିନି ଭ୍ରାତାଙ୍କୁ ପରାସ୍ତ କରିବା ପରେ ସହଜରେ ଯମଲୋକକୁ ପଠାଇ ପାରିଥାନ୍ତା, କିନ୍ତୁ ଭୀମସେନଙ୍କ ପଣ କଥା ମନେପଡି ସେଥିରୁ ସେ କ୍ଷାନ୍ତ ହେଲା, କାରଣ ଦ୍ୱିତୀୟ ପାଣ୍ଡବ ପଣ କରିଥିଲେ ଯେ ସେ ଧୃତରାଷ୍ଟ୍ରଙ୍କର ଶତପୁତ୍ରଙ୍କୁ ବଧ କରିବେ। ଭୀମସେନ ଅଭିମନ୍ୟୁକୁ କୋଳାଗ୍ରତ କରି କହିଲେ... ସାବାସ୍ ମୋର ବୀର ପୁତ୍ର ! ତୁ ପାଣ୍ଡବମାନଙ୍କର ଗର୍ବ ଓ ଗୌରବ।

ଅଷ୍ଟମ ଦିନରେ ଭୁରିଶ୍ରବା ଏବଂ ଧୃଷ୍ଟକେତୁଙ୍କ ମଧ୍ୟରେ ଭୟଙ୍କର ସଂଗ୍ରାମ ଦୃଷ୍ଟି ଆକର୍ଷଣୀୟ ଥିଲା। ଧୃଷ୍ଟକେତୁଙ୍କ ବାଣ ପ୍ରହାରରେ ରକ୍ତରଞ୍ଜିତ ହେଲା ମହାବଳୀ ଭୁରିଶ୍ରବାଙ୍କ ଶରୀର, ତଥାପି ସେ ପଛଘୁଞ୍ଚା ନଦେଇ ଭୟଙ୍କର ଯୁଦ୍ଧରେ ମଗ୍ନ ରହି ଧୃଷ୍ଟକେତୁଙ୍କୁ ପରାସ୍ତ କଲେ।

ନବମ ଦିନର ଯୁଦ୍ଧରେ ଭୀମସେନଙ୍କ ହାତରେ ଦୁର୍ଯ୍ୟୋଧନଙ୍କର ଆଉ ଆଠଜଣ ଭ୍ରାତା ବୀରଗତି ପ୍ରାପ୍ତ ହେବାପରେ ଦୁଃଖରେ ଭାଙ୍ଗିପଡିଲେ ଦୁର୍ଯ୍ୟୋଧନ। ସେଦିନ ମଧ୍ୟ ଦୁର୍ଯ୍ୟୋଧନଙ୍କ ମିତ୍ର ଅଳମ୍ବୁଷ ରାକ୍ଷସ ପାଣ୍ଡବ ପକ୍ଷର ଅପୂରଣୀୟ କ୍ଷତି ସାଧନ କଲା। ଅର୍ଜୁନଙ୍କ ପ୍ରିୟ ପୁତ୍ର ଇରାଭାନ (ନାଗକନ୍ୟା ଉଲୁପୀଙ୍କ ପୁତ୍ର) ସେଦିନ ଅଳମ୍ବୁଷ ରାକ୍ଷସ ହାତରେ ବୀର ଗତି ପ୍ରାପ୍ତ ହେଲାପରେ ଦୁଃଖରେ ମ୍ରିୟମାଣ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ... ହେ ମଧୁସୂଦନ ! ପିତା ଆଗରେ ବୀରପୁତ୍ରର ପ୍ରାଣ ଯିବା କି ଦୁଃଖ ଦାୟକ। ଆଜି ମୁଁ ହୃଦୟଙ୍ଗମ କରି ପାରୁଛି କାହିଁକି ଯୁଧିଷ୍ଠିର ସର୍ବଦା ଯୁଦ୍ଧ ବିପକ୍ଷରେ ମତ ଦେଇ କହୁଥିଲେ ଯେ ମାତ୍ର ପାଞ୍ଚଟି ଗ୍ରାମ ପାଇ ପାରିଲେ ଆମେ ଯୁଦ୍ଧକୁ ଏଡାଇଦେବା ଉଚିତ। ଜ୍ଞାତି କୁଟୁମ୍ବମାନଙ୍କୁ ହରାଇ ଏ ଯୁଦ୍ଧ ଜିଣିଗଲେ ମଧ୍ୟ କଣ ଲାଭ ? କିନ୍ତୁ ଏ ସମୟରେ ଯୁଦ୍ଧରୁ ପଛଘୁଞ୍ଚା ଦେଲେ ମୋତେ ସଂସାର କାପୁରୁଷ ନାମରେ ନାମିତ କରିବ।

ଶ୍ରୀକୃଷ୍ଣ କହିଲେ... ପାର୍ଥ ! ଏ ମହା ସଂଗ୍ରାମର ଶୀଘ୍ର ଅନ୍ତ କରିବାକୁ ହେବ। ଭୀଷ୍ମଙ୍କ ମୃତ୍ୟୁ ବିନା ତାହା ସମ୍ଭବ ନୁହେଁ। ସେଥିପାଇଁ ଭୀଷ୍ମଙ୍କୁ ଯୁଦ୍ଧ ତ୍ୟାଗ କରିବାକୁ ବିବଶ କରିବାକୁ ହେବ। କୌଣସି ଅମୋଘ ଅସ୍ତ୍ରରେ ତାହା ସମ୍ଭବ ନୁହେଁ କାରଣ ପ୍ରତି ଅମୋଘ ଅସ୍ତ୍ରକୁ ପ୍ରତିହତ କରିବା ଉପାୟ ପିତାମହଙ୍କୁ ଜଣା। ତାଙ୍କୁ ଅସ୍ତ୍ରତ୍ୟାଗ କରି ବିବଶ ଅବସ୍ଥାରେ ପରାହତ କରିବାକୁ ପଡ଼ିବ। ସେ ସମୟରେ ପିତାମହଙ୍କ ପ୍ରତି ତୁମର ଅହେତୁକ ମୋହ ଆମ୍ଭମାନଙ୍କର କାର୍ଯ୍ୟ ସାଧନର ଅନ୍ତରାୟ ହେବା ଅନୁଚିତ।

ମୁଁ ଦେଖୁଛି ପିତାମହଙ୍କ ସହିତ ଯୁଦ୍ଧ କରିବା ସମୟରେ ତୁମେ ରଣ କରୁନାହଁ ବରଂ ଜେଜେବାପାଙ୍କ ସହିତ ବାଲ୍ୟକ୍ରୀଡା କରିବା ଭଳି ଜଣାଯାଉଛ। ଏପରି ମୋହପରବଶ

Source: Author, Digitized by PPRACHIN, SOA

ହୋଇ ପିତା ମହଙ୍କ ସହିତ ଯୁଦ୍ଧ କଲେ ଯୁଗ ଯୁଗ ଧରି ଯୁଦ୍ଧ ଚାଲିଥିବ। ଯୁଦ୍ଧ ବହୁଦିନ ଧରି ଲାଗିରହିଲେ କେଉଁ ପକ୍ଷ ବିଜୟୀ ହେବ କହିବା କଷ୍ଟସାଧ୍ୟ। ଯୁଦ୍ଧ ନୀତି ସହିତ କୁଟନୀତିର ସଫଳ ରୁପାୟନ ଯେଉଁ ପକ୍ଷ କରିପାରିବ ସେ ହେବ ବିଜୟୀ। ତେଣୁ ମୋହ ତ୍ୟାଗ କରି ପିତାମହଙ୍କ ପ୍ରାଣ ଅନ୍ତକରିବା ସମୟ ଆସିଯାଇଛି ପାର୍ଥ ! ଆଉ ବିଳମ୍ବ କାହିଁକି ?

ଦଶମ ଦିନର ଯୁଦ୍ଧରେ ଏହି ଉପାୟକୁ ପୃଷ୍ଠଭୂମିରେ ରଖି ନନ୍ଦିଘୋଷ ନେଇ ପାର୍ଥସାରଥି ଭୀଷ୍ମଙ୍କ ଆଗରେ ଉପସ୍ଥିତ ହେଲେ। ଭୀଷଣ ସଂଗ୍ରାମରେ ମଜ୍ଜିଗଲେ ଭୀଷ୍ମ ଏବଂ ଅର୍ଜୁନ। ଏହି ସମୟରେ, ଯୋଜନା ଅନୁଯାୟୀ ଅକସ୍ମାତ ଶିଖଣ୍ଡି ଭୀଷ୍ମଙ୍କ ସମକ୍ଷରେ ଉପସ୍ଥିତ ହୋଇ ତାଙ୍କ ଉପରକୁ ବାଣ ପ୍ରହାର କଲେ। ଶିଖଣ୍ଡୀଙ୍କୁ ଦେଖି ଦେଦୀପ୍ୟମାନ ଅଗ୍ନି ଗୋଲକ ଭଳି ଜଳି ଉଠିଲା ଭୀଷ୍ମଙ୍କ ଦୁଇ ଚକ୍ଷୁ। ତାଙ୍କର ଇଚ୍ଛା ହେଲା ଏକ ଅମୋଘ ବାଣରେ ଶିଖଣ୍ଡୀଙ୍କୁ ଧରାଶାୟୀ କରିବାପାଇଁ। କିନ୍ତୁ ପରମୁହୂର୍ତ୍ତରେ ନିଜକୁ ସମ୍ବରଣ କରିନେଲେ ସେ। ନାରୀ ସହିତ ଯୁଦ୍ଧ ନକରିବାର ପଣ ନେଇଥିଲେ ଭୀଷ୍ମ। ଶଲ୍ୟ ଚିକିତ୍ସା ବଳରେ ଅମ୍ବାରୁ ଶିଖଣ୍ଡୀରେ ପରିଣତ ହୋଇଥିବା କାଶୀ-ରାଜକନ୍ୟା ତାଙ୍କ ସମ୍ମୁଖରେ ଉପସ୍ଥିତ। ଅସ୍ତ୍ର ତ୍ୟାଗ କରି ସ୍ଥିର ହୋଇ ଦଣ୍ଡାୟମାନ ହେଲେ ଭୀଷ୍ମ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ... ପିତାମହଙ୍କୁ ବୀରଗତି ଦେବାର ଏହା ହିଁ ଉପଯୁକ୍ତ ସମୟ ପାର୍ଥ। ଅପେକ୍ଷା କରନାହିଁ। ଏ ସୁଯୋଗ ହରାଇଲେ, ପିତାମହ ଅଜେୟ ହୋଇଯିବେ, ପାଣ୍ଡବମାନେ ନିଶ୍ଚିହ୍ନ ହୋଇଯିବେ।

ହସ୍ତପଦ ଶିଥିଳ ହୋଇ ଯାଉଛି ଅର୍ଜୁନଙ୍କର। କିପରି ସେ ଅତି ପ୍ରିୟ ପିତାମହଙ୍କୁ ନିରସ୍ତ୍ର ଅବସ୍ଥାରେ ବାଣ ପ୍ରହାର କରିବେ !! ବାରମ୍ବାର ଶ୍ରୀକୃଷ୍ଣଙ୍କ କହୁଛନ୍ତି... ବିଳମ୍ବ କରନାହିଁ ପାର୍ଥ ! ପ୍ରହାରକର, ଏ ସୁଯୋଗ ଛାଡ଼ିଲେ ଆଉ ମିଳିବନାହିଁ।

ଅର୍ଜୁନ ବିବଶ ହୋଇ ଶେଷରେ ବାଣ ପ୍ରହାର କଲେ ପିତା ମହଙ୍କ ଶରୀରକୁ। ବାଣ ପରେ ବାଣ ସାଞ୍ଜୁ ଭେଦକଲା ପିତା ମହଙ୍କର। ଅର୍ଜୁନଙ୍କ ଆଖିରୁ ବହି ଯାଉଛି ଲୋତକ ଧାର। ପ୍ରତି ବାଣ ପ୍ରହାର ସମୟରେ ଗଭୀର କୋହ ଉଠୁଛି ଅନ୍ତର ଭିତରୁ। ବିକଳ ହୋଇ କାନ୍ଦୁଥିଲେ ଧନଞ୍ଜୟ, ତଥାପି ବାଣ ପରେ ବାଣ ପ୍ରହାର କରି ଚାଲିଥିଲେ। ପିତାମହଙ୍କର ସମଗ୍ର ଶରୀର ଅର୍ଜୁନଙ୍କ ବାଣରେ ବିଦ୍ଧ ହୋଇଗଲା। ହସହସ ମୁଖରେ ଭୀଷ୍ମ ଦୁଃଶାସନକୁ କହିଲେ... ଦେଖ ବତ୍ସ ! ଏ ବାଣ ଶିଖଣ୍ଡୀର ନୁହେଁ, ଏହା ମୋ ପ୍ରିୟ ପୁତ୍ର ଅର୍ଜୁନର ଗାଣ୍ଡିବରୁ ନିର୍ଗତ ବାଣ। ଆଃ ! କି ଶାନ୍ତି ଲାଭ କଲା ମୋ ଆତ୍ମା ! ନାରାୟଣ ମୋ ସମ୍ମୁଖରେ ବିଦ୍ୟମାନ ଏବଂ ମୋ ପ୍ରିୟ ଅର୍ଜୁନର ବାଣରେ ମୁଁ ପରାହତ, ଏହାଠାରୁ

Source: Author, Digitized by PPRACHIN, SOA

ବଳି ଆଉ କଣ ଶାନ୍ତି ଥାଇପାରେ ପୁତ୍ର !

କହୁକହୁ ଭୂମିରେ ଟଳି ପଡିଲେ ଭୀଷ୍ମ। ଶରୀର ଭୂମିରେ ନଲାଗି ଶରଶଯ୍ୟା ଉପରେ ରହିଲା। ସ୍ତବ୍ଧ କୁରୁକ୍ଷେତ୍ର। ଯୁଦ୍ଧ ବିରତି କରି ସମସ୍ତ ଯୋଦ୍ଧା ପହଞ୍ଚିଲେ ପିତାମହଙ୍କ ପାଖରେ। ସ୍ୱର୍ଗରେ ଦେବଗଣ ଏକତ୍ରିତ ହୋଇ ଦେଖୁଥିଲେ ସମୟ ଫର୍ଦ୍ଦରେ ଲିଖିତ ଏହି ମହାନାଟକର ଚିତ୍ରପଟକୁ। ଶତାବ୍ଦୀର ଏହି ମହାନାୟକଙ୍କୁ ଶରଶଯ୍ୟାରେ ଦେଖି ନିଶବ୍ଦ ହୋଇଯାଇଥିଲା ପୃଥିବୀ, ସ୍ଥିର ହୋଇ ଯାଇଥିଲା ସମୟର ଗତି।

ଭୀଷ୍ମଙ୍କ ଶରୀର ଶରଶଯ୍ୟାରେ ରହିଥିଲା କିନ୍ତୁ ମସ୍ତକ ତଳକୁ ଝୁଲି ରହିଥିଲା। ପିତାମହ କହିଲେ... ମୋ ମସ୍ତକ ପାଇଁ ଆଶ୍ରୟ ଆବଶ୍ୟକ। ଦୁର୍ଯ୍ୟୋଧନ ସଙ୍ଗେସଙ୍ଗେ ପ୍ରାସାଦରୁ ଉପାଧାନ (ତକିଆ) ଆଣିବାପାଇଁ ଆଦେଶ ଦେଲେ। ହସି ଦେଇ ଭୀଷ୍ମ କହିଲେ.. ସେଭଳି ଆଶ୍ରୟର ଆବଶ୍ୟକତା ନାହିଁ। ଅର୍ଜୁନ ମୋ ଇଚ୍ଛା ପୂରଣ କରିବ। ଅର୍ଜୁନ ସଙ୍ଗେ ସଙ୍ଗେ ଶରର ଏକ ଉପାଧାନ ପ୍ରସ୍ତୁତ କରିଦେଇ ତା ଉପରେ ପିତାମହଙ୍କ ମସ୍ତକକୁ ରଖିଦେଲେ।

ତୃଷାରେ କଣ୍ଠ ଶୁଖି ଯାଉଥିଲା ଭୀଷ୍ମଙ୍କର। ଜଳ ପାଇଁ ଅର୍ଜୁନଙ୍କ ମୁଖକୁ ଚାହିଁଲେ ପିତାମହ। ଅର୍ଜୁନ, ପିତାମହଙ୍କ ମସ୍ତକକୁ ଲାଗି ଧରିତ୍ରୀ ଦେହରେ ଏକ ତୀର ବିଦ୍ଧକଲେ। ସ୍ୱଚ୍ଛ ସଲିଳର ଉତ୍ସ ଊର୍ଦ୍ଧ୍ୱମୁଖୀ ହୋଇ ଭୀଷ୍ମଙ୍କ ମୁଖଗହ୍ୱରରେ ନିପତିତ ହେଲେ। ଦେବୀ ଗଙ୍ଗା ସଲିଳା ହୋଇ ପୁତ୍ରର ତୃଷା ଦୂର କରିବା ପାଇଁ ଆସିଯାଇଥିଲେ ଭୀଷ୍ମଙ୍କ ନିକଟକୁ। ତୃପ୍ତ କଣ୍ଠରେ ଭୀଷ୍ମ କହିଲେ... ଆଃ ଜନନୀ ! ତୁମର ସ୍ପର୍ଶ ପାଇ ଧନ୍ୟ ହେଲି।

ଉପସ୍ଥିତ ବୀରମାନଙ୍କୁ ପିତାମହ କହିଲେ... ସୂର୍ଯ୍ୟଙ୍କର ଉତ୍ତରାୟଣ ନହେବା ପର୍ଯ୍ୟନ୍ତ ମୁଁ ପ୍ରାଣତ୍ୟାଗ କରିବି ନାହିଁ, ଏହି ଶରଶଯ୍ୟାରେ ହିଁ ରହିଥିବି। ଯେତେବେଳେ ମୁଁ ପ୍ରାଣତ୍ୟାଗ କରିବି, ତୁମ୍ଭମାନଙ୍କ ଭିତରୁ ଯେଉଁମାନେ ଏହି ମହାସଂଗ୍ରାମରୁ ଜୀବିତ ରହିଥିବ, ନିଶ୍ଚିତ ଭାବରେ ମୋତେ ଶେଷ ଦର୍ଶନ କରିବାପାଇଁ ଆସିବ।

-୦-

Source: Author, Digitized by PPRACHIN, SOA

(୮୬)

ବିବାଦୀୟ ଚରିତ୍ର କର୍ଣ୍ଣ

ଶରଶଯ୍ୟାରେ ଶାୟିତ ଭୀଷ୍ମ ଦୁର୍ଯ୍ୟୋଧନଙ୍କ ପ୍ରତି ଦୃଷ୍ଟିପାତ କରି କହିଲେ... ପୁତ୍ର ! ଦେଖିଲ ତ କିପରି ଧନଞ୍ଜୟ ମୋର ତୃଷା ନିବାରଣ କରିବାପାଇଁ ପୃଥିବୀ ବକ୍ଷରେ ତୀର ଭେଦ କରି ମାତା ଗଙ୍ଗାଙ୍କୁ ମୋ ନିକଟକୁ ନେଇ ଆସିଲା ! ବିଶ୍ୱରେ କେଉଁ ବୀରର ଏପରି ସାମର୍ଥ୍ୟ ଅଛି ! ମୋ ଉପଦେଶ ମାନି, ଆଉ ବିଳମ୍ବ ନକରି ପାଣ୍ଡବମାନଙ୍କ ସହିତ ଶାନ୍ତି ସ୍ଥାପନ କର । ମୋ ମୃତ୍ୟୁ ସହିତ କୁରୁବଂଶରେ ଏହି ଆହବର ପରିସମାପ୍ତି ହେଉ ।

ପିତାମହଙ୍କର ଉପଦେଶ ଦୁର୍ଯ୍ୟୋଧନଙ୍କର ଶ୍ରୁତିକଟୁ ହେଲା । ବୈଦ୍ୟ ରୋଗ ନିରାକରଣ ପାଇଁ ଦେଇଥବା ତିକ୍ତ ଔଷଧିକୁ ପ୍ରତ୍ୟାଖ୍ୟାନ କରିବା ପରି ଦୁର୍ଯ୍ୟୋଧନ ପିତାମହଙ୍କ ଉପଦେଶକୁ ଗୋଟିଏ କାନରେ ପୁରାଇ ଅନ୍ୟ କାନରେ ବାହାର କରିଦେଲେ ।

ପିତାମହ ଭୀଷ୍ମ ସେନାପତି ରହିଥିବା ପର୍ଯ୍ୟନ୍ତ ଅଙ୍ଗରାଜ କର୍ଣ୍ଣ ମହାଭାରତ ଯୁଦ୍ଧରୁ ନିଜକୁ ଦୂରେଇ ରଖିଥିଲେ ।ଦଶମ ଦିନର ଯୁଦ୍ଧରେ ପିତାମହ, ଅର୍ଜୁନଙ୍କ ହସ୍ତରେ ପରାହତ ହୋଇ ଶର ଶଯ୍ୟାରେ ରହିଥିବା ସମ୍ବାଦ ପାଇ କର୍ଣ୍ଣ ତାଙ୍କୁ ଦର୍ଶନ କରିବା ପାଇଁ କୁରୁକ୍ଷେତ୍ରରେ ପହଞ୍ଚିଲେ । ସାଷ୍ଟାଙ୍ଗ ପ୍ରଣିପାତ କରି କର୍ଣ୍ଣ ଯୋଡହସ୍ତରେ ଭୀଷ୍ମଙ୍କୁ କହିଲେ... ହେ କୁରୁ ବଂଶର ସୂର୍ଯ୍ୟ ! ବିନା ଅପରାଧରେ ଆପଣଙ୍କ କ୍ରୋଧର ଶରବ୍ୟ ହୋଇଥିବା ରାଧେୟ କର୍ଣ୍ଣ ଆପଣଙ୍କ ପଦସ୍ପର୍ଶ କରୁଛି । ଅପରାଧ ଥିଲେ କ୍ଷମା କର ମହାତ୍ମା !

କର୍ଣ୍ଣଙ୍କ ବିନମ୍ରତା ଦେଖି ଭୀଷ୍ମଙ୍କର ହୃଦୟ ତରଳି ଗଲା । କର୍ଣ୍ଣଙ୍କ ମଥାରେ ହସ୍ତ ରଖି ଭୀଷ୍ମ ଆଶୀର୍ବାଦ ଦେଇ କହିଲେ... ତୁମେ ରାଧେୟ ନୁହଁ ବତ୍ସ, ତୁମେ କୌନ୍ତେୟ । ମହର୍ଷି ନାରଦଙ୍କ ଠାରୁ ତୁମ ଜନ୍ମ ବୃତ୍ତାନ୍ତ ମୁଁ ବହୁ ପୂର୍ବରୁ ଅବଗତ ଅଛି । ହେ ସୂର୍ଯ୍ୟପୁତ୍ର ! ତୁମପ୍ରତି ମୋ ମନରେ ତିଳେ ମାତ୍ର ଅସୂୟା ଭାବ ନାହିଁ । କିନ୍ତୁ ତୁମର ବିନା କାରଣରେ ପାଣ୍ଡବଙ୍କ ବିରୁଦ୍ଧରେ ବିଷୋଦ୍ଗାରଣ ମୋତେ ମର୍ମାହତ କରେ । ପାଣ୍ଡବମାନେ ତୁମର କେଉଁ କ୍ଷତି କରିଛନ୍ତି ସୂର୍ଯ୍ୟପୁତ୍ର ? ତୁମର ପ୍ରଚଣ୍ଡ ବୀରତ୍ୱ ବିଷୟରେ ମୁଁ ଅବଗତ ପୁତ୍ର ! ତୁମେ ସାଧାରଣ ବୀର ନୁହଁ, ତୁମ ଭିତରେ ଫାଲଗୁନୀ ଏବଂ କେଶବଙ୍କ ଶୌର୍ଯ୍ୟ ଭରିରହିଛି । ବିଧି ନିର୍ଦ୍ଦେଶ ଦେଖ, ତୁମର ଉପଯୁକ୍ତ ପୁରୁଷାକାର ଅନୁପଯୁକ୍ତ ଭାବରେ ସ୍ଥାନିତ ହୋଇଛି । ମୋର ଇଚ୍ଛା ତୁମେ ପାଣ୍ଡବଙ୍କ ସହିତ ମିତ୍ରତା କରି ସେମାନଙ୍କ ହସ୍ତକୁ ଦୃଢକର । ଧର୍ମପଥାଚାରୀ ଯୁଧିଷ୍ଠିର ନିଶ୍ଚିତ ଭାବରେ ତୁମକୁ ଜ୍ୟେଷ୍ଠ ଭ୍ରାତାର ଆସନ

Source: Author, Digitized by PPRACHIN, SOA

ଦେବେ। ଅଧର୍ମପଥଗାମୀ ଶକ୍ତିମାନଙ୍କର ବିନାଶ କରି ତୁମେ ଧର୍ମରାଜ୍ୟର ପ୍ରତିଷ୍ଠା କର କୌନ୍ତେୟ। ମୋ ପରେ ନୂତନ ଯୁଗର ଆରମ୍ଭ ତୁମେ ହିଁ କର ।

ବିନମ୍ର କଣ୍ଠରେ କର୍ଣ୍ଣ କହିଲେ... ହେ ମହାତ୍ମା ! ଜୀବନରେ ନୀତି ପାଳନ କରିବାରେ ଆପଣଙ୍କଠାରୁ କିଏ ଅଧିକ ଅଭିଜ୍ଞ ? ଆପଣ ତ ଆଚାର-ଶ୍ରେଷ୍ଠ, ମୁଁ ଆପଣଙ୍କୁ ଅଧିକ କଣ କହିବି ? ଆପଣ ନିଜେ କଣ ଦୁର୍ଯ୍ୟୋଧନ ପକ୍ଷ ତ୍ୟାଗ କରି ପାଣ୍ଡବଙ୍କ ପକ୍ଷରେ ଯୋଗ ଦେଇପାରିଲେ ? ଆପଣ କୁରୁ ସିଂହାସନକୁ ସର୍ବାଦୌ ରକ୍ଷା କରିବାର ପଣ ତ୍ୟାଗକରି କାହିଁକି ଧମପର୍ଥାଚାରୀ ପାଣ୍ଡବଙ୍କ ପକ୍ଷରେ ଯୋଗ ଦେଲେ ନାହିଁ ପିତାମହ ? ଆପଣ ତ ଜାଣନ୍ତି ନୀତିଭ୍ରଷ୍ଟ ବ୍ୟକ୍ତି ମେରୁଦଣ୍ଡ ବିହୀନ ପ୍ରାଣୀ ସହିତ ସମାନ।

କିଛି ନୀରବତା ପରେ କର୍ଣ୍ଣ କହିଲେ... ମୁଁ ଜାଣେ ପିତାମହ, ମୁଁ କୌନ୍ତେୟ; ନିଜେ ମାତା କୁନ୍ତୀ ଯୁଦ୍ଧ ପୂର୍ବରୁ ମୋ ପାଖରେ ପହଞ୍ଚି ମୋତେ ସବୁକଥା କହିଛନ୍ତି। କିନ୍ତୁ ହେ କୁରୁକୁଳଶ୍ରେଷ୍ଠ ! ଯେଉଁ ଦୁର୍ଯ୍ୟୋଧନ ମୋତେ ରାଧେୟରୁ ଅଙ୍ଗରାଜରେ ପରିଣତ କରିଛନ୍ତି ତାଙ୍କ ପିଠିରେ ଛୁରୀକାଘାତ କରି କିପରି ମୁଁ ପାଣ୍ଡବଙ୍କ ପକ୍ଷରେ ଯୋଗ ଦେବି ! ! ଦୁର୍ଯ୍ୟୋଧନଙ୍କର ବିଶ୍ୱାସ ଓ ମିତ୍ରତା ପାଇଁ ଆବଶ୍ୟକ ହେଲେ ମୁଁ ପ୍ରାଣ ବିସର୍ଜନ କରିଦେବି ସିନା, ନିଜ ସ୍ୱାର୍ଥ ସାଧନ ପାଇଁ ମୁଁ ପାଣ୍ଡବଙ୍କ ପକ୍ଷରେ ଯୋଗ ଦେଇ ପାରିବି ନାହିଁ। ମୋର କଥାରେ ଏବଂ କାର୍ଯ୍ୟରେ, ଜୀବନରେ ଅନେକ ଭୁଲ୍ ହୋଇଛି। ତାହା ମୋ ଚରିତ୍ରରୁ ଅଲଗା କରିବା ବର୍ତ୍ତମାନ ସମୟରେ ସମ୍ଭବ ନୁହେଁ; ବହୁ ବିଳମ୍ବ ହୋଇଯାଇଛି ପିତାମହ ! ଶରାସନରୁ ତୀର ନିର୍ଗତ ହୋଇ ସାରିଛି, ତାକୁ ଫେରାଇ ଆଣିବା ଅସମ୍ଭବ। ମୁଁ ଦୁର୍ଯ୍ୟୋଧନଙ୍କ ପକ୍ଷ ତ୍ୟାଗ କରିପାରିବି ନାହିଁ। ମୋତେ ସେଥିପାଇଁ କ୍ଷମା କରନ୍ତୁ।

କର୍ଣ୍ଣଙ୍କ କଥା ଭୀଷ୍ମଙ୍କୁ ଆନନ୍ଦିତ କଲା। ପିତାମହ କହିଲେ... ପୁତ୍ର କର୍ଣ୍ଣ ! ବିଧାତା ସିନା ଜନ୍ମଦିଅନ୍ତି, ପୁରୁଷାକାର ନିଜେ ବ୍ୟକ୍ତି ସୃଷ୍ଟି କରେ। ବିଭୀଷଣ ସବୁ ସୁଗୁଣର ଅଧିକାରୀ ହୋଇ ମଧ୍ୟ ଶତ୍ରୁପକ୍ଷରେ ଯୋଗ ଦେଇ ନିନ୍ଦିତ ହୋଇଛନ୍ତି। ତୁମର ନୀତିଗତ ଦୃଢ଼ତାକୁ ପ୍ରଶଂସା ନକରି ରହିପାରୁନାହିଁ। ଏବେ ଦୁର୍ଯ୍ୟୋଧନଙ୍କୁ ଜୟଯୁକ୍ତ କରିବାପାଇଁ ଆପ୍ରାଣ ଚେଷ୍ଟା କର। ମୋ ଅବର୍ତ୍ତମାନରେ ତୁମେ ହିଁ ଦୁର୍ଯ୍ୟୋଧନର ସାହା ଭରଷା।

ଭୀଷ୍ମଙ୍କଠାରୁ ବିଦାୟ ନେଇ କର୍ଣ୍ଣ ଦୁର୍ଯ୍ୟୋଧନଙ୍କ ପାଖରେ ପହଞ୍ଚି ଯୁଦ୍ଧରେ ଯୋଗଦେବାପାଇଁ ଅଭିଳାଷା ବ୍ୟକ୍ତ କଲେ। ନୂତନ ଆଶା ନୂତନ ଉଦ୍ଦିପନା ଖେଳିଗଲା କୌରବ ପକ୍ଷରେ। କର୍ଣ୍ଣଙ୍କ ଉପସ୍ଥିତି କୌରବବାହିନୀକୁ ସୁଦୃଢ଼ କଲା। ଦ୍ରୋଣ ଏବଂ ଅନ୍ୟ ମହାରଥୀଙ୍କ ଉପସ୍ଥିତିରେ ଯୁଦ୍ଧରେ ପରବର୍ତ୍ତୀ ପଦକ୍ଷେପ ବିଷୟରେ ଆଲୋଚନା

Source: Author, Digitized by PPRACHIN, SOA

କରାଗଲା। କର୍ଣ୍ଣଙ୍କୁ ସେନାପତି ପଦ ଅର୍ପଣ କରିବା ପ୍ରଶ୍ନ ଉପରେ ମତ ଦେଇ କର୍ଣ୍ଣ କହିଲେ... ସେନାପତିଙ୍କ ବ୍ୟକ୍ତିତ୍ୱ ସମସ୍ତଙ୍କର ଗ୍ରହଣୀୟ ହେବା ଉଚିତ। ଦ୍ରୋଣାଚାର୍ଯ୍ୟଙ୍କ ଭଳି ମହାରଥି ଥାଉଁ ଥାଉଁ ଅନ୍ୟ କୌଣସି ଯୋଦ୍ଧା ସେନାପତି ପଦରେ ଆସୀନ ହେବା ଉଚିତ ନୁହେଁ। ତଦନୁଯାୟୀ ଯୁଦ୍ଧର ଏକାଦଶ ଦିନଠାରୁ କୌରବ ପକ୍ଷର ନୂତନ ସେନାପତି ହେଲେ ଗୁରୁ ଦ୍ରୋଣାଚାର୍ଯ୍ୟ।

କର୍ଣ୍ଣ ଏବଂ ଦୁଃଶାସନଙ୍କ ସହିତ ଆଲୋଚନା କରି ଦୁର୍ଯ୍ୟୋଧନ ଏକ ଅଦ୍ଭୁତ ରଣନୀତି କାର୍ଯ୍ୟକାରୀ କରିବାପାଇଁ ଗୁରୁଦ୍ରୋଣଙ୍କୁ ଅନୁରୋଧ କଲେ। ଦୁର୍ଯ୍ୟୋଧନ କହିଲେ... ଗୁରୁଦେବ ! ଆପଣଙ୍କୁ ଆଉ କିଛି କରିବା ଆବଶ୍ୟକ ନାହିଁ, କେବଳ ଯୁଧିଷ୍ଠିରଙ୍କୁ ବନ୍ଦୀ କରି ଆମ ପାଖରେ ଉପସ୍ଥିତ କରନ୍ତୁ। ତାଙ୍କୁ ବନ୍ଦୀଭାବେ ପାଇ ଆଉ ଥରେ ତାଙ୍କୁ କପଟ ପଶା ଖେଳିବାକୁ ପ୍ରରୋଚିତ କରିପାରିଲେ ବିନା ଯୁଦ୍ଧରେ ଲକ୍ଷ୍ୟ ସାଧିତ ହୋଇପାରିବ। ପଣ ରହିବ ଯୁଦ୍ଧ ତ୍ୟାଗକରି ପୁନର୍ବାର ବନଗମନ ଏବଂ ଦ୍ୟୁତ କ୍ରୀଡାରେ ପରାସ୍ତ ହୋଇ ପାଣ୍ଡବମାନେ ପୁନର୍ବାର ବାରବର୍ଷ ବନବାସ ଯିବେ।

ଦୁର୍ଯ୍ୟୋଧନଙ୍କର ଏହି କୁଟିଳ ପ୍ରସ୍ତାବ ଦ୍ରୋଣାଚାର୍ଯ୍ୟଙ୍କ ନୀତି ବିରୁଦ୍ଧ ଥିଲା, କିନ୍ତୁ ରାଜାଜ୍ଞା ପାଳନ ବ୍ୟତୀତ ସେନାପତିର କଣ ବା ଉପାୟ ଅଛି ? ଏହା ପରଠାରୁ, ଯୁଧିଷ୍ଠିରଙ୍କୁ କୌଣସିମତେ ବନ୍ଦୀ, ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ସେନାପତିତ୍ୱରେ ଯୁଦ୍ଧନୀତିର ପ୍ରଥମ ଲକ୍ଷ୍ୟ ରହିଲା।

ମହାଭାରତରେ କର୍ଣ୍ଣ ଏକ ବିବାଦୀତ ଚରିତ୍ର। କୁନ୍ତୀଙ୍କ ଗର୍ଭରୁ, ସୂର୍ଯ୍ୟ ଦେବଙ୍କ ଔରସରୁ ଜାତ କର୍ଣ୍ଣଙ୍କ ଧମନୀରେ ପବିତ୍ର କ୍ଷତ୍ରିୟ ରକ୍ତ ପ୍ରବାହିତ ହେଉଥିଲା। ଶୌର୍ଯ୍ୟବୀର୍ଯ୍ୟରେ ସେ ମଧ୍ୟମ ପାଣ୍ଡବ ଧନଞ୍ଜୟଙ୍କ ସମକକ୍ଷ ଥିଲେ। ଦାନ ଧର୍ମରେ ସେ ଥିଲେ ବିଶାଳ ହୃଦୟ; ଏପରି କି ଦାନରେ ନିଜ କବଚ-କୁଣ୍ଡଳ ସେ ଇନ୍ଦ୍ରଙ୍କୁ ଦାନଦେଇ ନିଜ ସୁରକ୍ଷାକୁ ବିପଦରେ ପକାଇଥିଲେ। କିନ୍ତୁ ଅପର ପକ୍ଷରେ ସବୁ କୁଟିଳ ମନ୍ତ୍ରଣାରେ ସେ ଶକୁନି ଓ ଦୁର୍ଯ୍ୟୋଧନଙ୍କୁ ପୂର୍ଣ୍ଣ ସହାୟତା କରୁଥିଲେ। ଦ୍ରୌପଦୀଙ୍କୁ ପୂର୍ଣ୍ଣ କୁରୁ ରାଜସଭାରେ ବେଶ୍ୟା ବୋଲି କହିବା, ପାଣ୍ଡବମାନଙ୍କୁ ସୁଯୋଗ ମିଳିଲେ ଗାଳିଦେବା, ଘୋଷଯାତ୍ରା ସମୟରେ ଚିତ୍ରସେନ ଗନ୍ଧର୍ବ ସହିତ ଦୁର୍ବ୍ୟବହାର କରିବା ତଥା ମତ୍ସ୍ୟ ଦେଶର ଗୋଧନ ହରଣ ପାଇଁ ଦୁର୍ଯ୍ୟୋଧନଙ୍କୁ ପ୍ରରୋଚିତ କରିବା ଭଳି କାର୍ଯ୍ୟ ତାଙ୍କ ଚରିତ୍ର ଚନ୍ଦ୍ରମାରେ ନିଶ୍ଚିତ ଭାବରେ କଳଙ୍କ ଥିଲା। ଯୁଧିଷ୍ଠିରଙ୍କୁ ନିଜ ଅନୁଜ ବୋଲି ଜାଣିବାପରେ ମଧ୍ୟ, ତାଙ୍କୁ ବନ୍ଦୀକରି କପଟପଶା ଖେଳାଇବା ଯୋଜନାରେ ସକ୍ରିୟ ଅଂଶ ଗ୍ରହଣକରି ସେ ତାଙ୍କ ଚରିତ୍ରକୁ ଆହୁରି ବିବାଦୀୟ କରିଦେଇଛନ୍ତି। ତାଙ୍କ ଚରିତ୍ରରେ ଏସବୁ ବିବାଦୀୟ

Source: Author, Digitized by PPRACHIN, SOA

ଲକ୍ଷଣକୁ ସଙ୍ଗଦୋଷର ପରିଣାମ କୁହାଯାଇପାରେ।

ଧର୍ମ ଏବଂ ଅଧର୍ମର ମଝିରେ ଥିବା ଗଡଖାଇ ଭିତରେ ଫସି ଯାଇଥିବା ଏଭଳି ଅନେକ ଚରିତ୍ର ସବୁ ଯୁଗରେ ରହିଛନ୍ତି। ସାଂପ୍ରତିକ ଭାରତୀୟ ରାଜନୀତିରେ କର୍ଣ୍ଣଙ୍କ ଭଳି କିଛି ଉପଯୁକ୍ତ ଚରିତ୍ର ଅଛନ୍ତି ଯେଉଁମାନେ ବିବଶତା ଯୋଗୁଁ କିଛି ଅନୁପଯୁକ୍ତ ବଂଶବାଦୀ ଦଳର ସଦସ୍ୟ ହୋଇ ରହିଛନ୍ତି।

-୦-

(୮୭)

ଅଛ କି ନାହିଁ ହେ ପାର୍ଥ ନନ୍ଦିଘୋଷ ପରେ !!

ମହାଭାରତ ସଂଗ୍ରାମର ଏକାଦଶ ଦିବସ। ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ସେନାପତିତ୍ୱରେ ଶତଗୁଣିତ ହେଲା କୌରବ ମାନଙ୍କ ସାହସିକତା।ଶତ ସିଂହର ବିକ୍ରମରେ ଯୁଦ୍ଧ କ୍ଷେତ୍ରରେ ଘୂରି ବୁଲୁଥାଏ ଦ୍ରୋଣଙ୍କ ସୁବର୍ଣ୍ଣ ରଥ। ରଥକୁ ଟାଣୁଥିଲେ ଚାରି ସିନ୍ଧୁ ଘୋଟକ। ପଶୁରାଜ ସିଂହକୁ ଦେଖି ଅରଣ୍ୟରେ ଇତର ପଶୁଗଣ ଯେପରି ଇତସ୍ତତ ପଳାୟନ କରନ୍ତି ସେହିପରି ଥିଲାପାଣ୍ଡବ ସୈନ୍ୟ ମାନଙ୍କ ଅବସ୍ଥା। ଯୁଧିଷ୍ଠିରଙ୍କୁ ଜୀବିତ ବନ୍ଧନ କରି ଦୁର୍ଯ୍ୟୋଧନଙ୍କ ହସ୍ତରେ ସମର୍ପଣ କରିବା ଥିଲା ଦ୍ରୋଣଙ୍କର ପ୍ରଥମ ଲକ୍ଷ। କିନ୍ତୁ ଶତ୍ରୁପକ୍ଷର ଏହି ଯୋଜନା ଶ୍ରୀକୃଷ୍ଣଙ୍କୁ ଅଜ୍ଞାତ ନଥିଲା। ଏହି ଭୟଙ୍କର ଯୋଜନା ଉପରେ ପାଣ୍ଡବ ଶିବିରରେ ଆଲୋଚନା ପରେ, ଯୁଧିଷ୍ଠିରଙ୍କ ନିରାପତ୍ତା ପ୍ରତି ସର୍ବାଗ୍ରେ ଧ୍ୟାନ ଦେବାପାଇଁ ନିଷ୍ପତ୍ତି ନିଆଗଲା,କାରଣ ଦ୍ରୋଣ ଯେଉଁ ଲକ୍ଷ୍ୟଧାର୍ଯ୍ୟ କରନ୍ତି ତାହା କାର୍ଯ୍ୟକାରୀ କରନ୍ତି, ଯୁଧିଷ୍ଠିରଙ୍କୁ ସେ ଯେବେ ବନ୍ଦୀ କରି ନେବେ ତା'ହେଲେ ଯୁଦ୍ଧ ସମାପ୍ତ ହୋଇଯିବ।

ସେଥିପାଇଁ ଭୀମ, ଅର୍ଜ୍ଜୁନ, ନକୁଳ, ସହଦେବ, ଅଭିମନ୍ୟୁ, ଧୃଷ୍ଟଦ୍ୟୁମ୍ନ, ସତ୍ୟଜୀତ, ସାତ୍ୟକି, ଧୃଷ୍ଟକେତୁ, ଶତାନିକ, ଯୁଧାମନ୍ୟୁ, ଶିଖଣ୍ଡୀ ଇତ୍ୟାଦି ଯୋଦ୍ଧାଗଣ ଯୁଧିଷ୍ଠିରଙ୍କ ଉପରେ ଦୃଷ୍ଟି ରଖି ଯୁଦ୍ଧ କରୁଥିଲେ।

ସେଦିନ ଯୋଦ୍ଧାମାନଙ୍କ ମଧ୍ୟରେ ଭୟଙ୍କର ଏକକ ଯୁଦ୍ଧ ଲାଗିରହିଥିଲା। ଭୀମସେନଙ୍କର ବିଭିଂଶତିଙ୍କ ସହିତ, ସହଦେବଙ୍କର ଶଲ୍ୟଙ୍କ ସହିତ, କୃପାଚାର୍ଯ୍ୟଙ୍କର ଧୃଷ୍ଟକେତୁ ସହିତ ଘୋର ସଂଗ୍ରାମ ଲାଗି ରହିଥିଲା। ସେଦିନର ଯୁଦ୍ଧରେ ଅଭିମନ୍ୟୁ ଅନନ୍ୟ ରଣ କୌଶଳ ପ୍ରଦର୍ଶନ କରି କୃତବର୍ମା, ଜୟଦ୍ରଥ ଏବଂ ଶଲ୍ୟଙ୍କ ଭଳି ମହାରଥୀ ମାନଙ୍କୁ ଏକକ ଯୁଦ୍ଧରେ ପରାସ୍ତ କଲା। ଅଭିମନ୍ୟୁର ରଣ କୌଶଳର ଭୂରି ଭୂରି ପ୍ରଶଂସାରେ

Source: Author, Digitized by PPRACHIN, SOA

ରଣକ୍ଷେତ୍ର ଗୁଞ୍ଜରିତ ହୋଇ ଉଠିଲା ।

ଏଣେ ଦ୍ରୋଣ ତାଙ୍କର ଲକ୍ଷସାଧନ ପଥରେ ଆଗେଇ ଯାଉଥିଲେ । ଅନେକ ରଥୀ ମହାରଥୀଙ୍କୁ ପରାସ୍ତ କରି ସେ ଯୁଧିଷ୍ଠିରଙ୍କ ନିକଟରେ ପହଞ୍ଚିଲେ । ଏହା ଦେଖି ଧୃଷ୍ଟଦ୍ୟୁମ୍ନ ଦ୍ରୋଣଙ୍କ ସହିତ ଯୁଦ୍ଧ କରିବାପାଇଁ ଆଗେଇ ଆସିଲେ । ଦ୍ରୋଣ ତାଙ୍କ ସହିତ ଯୁଦ୍ଧ ନକରି ଯୁଧିଷ୍ଠିରଙ୍କ ସହିତ ଯୁଦ୍ଧରେ ଲିପ୍ତ ହେଲେ । ଦ୍ରୋଣାଚାର୍ଯ୍ୟଙ୍କ ଅସ୍ତ୍ରକୁ ପ୍ରତିହତ କରିବା ପାଇଁ ଯୁଧିଷ୍ଠିର ବାଣ ପ୍ରହାର କଲେ । କିନ୍ତୁ ଗୁରୁ ତାହା ପ୍ରତିହତ କରିବା ସଙ୍ଗେ ସଙ୍ଗେ ଏକ ବାଣରେ ଯୁଧିଷ୍ଠିରଙ୍କ ଶରାସନ ଖଣ୍ଡବିଖଣ୍ଡିତ କରିଦେଲେ । ଦ୍ରୋଣଙ୍କ ଅତି ନିକଟରେ ବର୍ତ୍ତମାନ ଯୁଧିଷ୍ଠିର । ପାଣ୍ଡବମାନଙ୍କ ମଧ୍ୟରେ ଚହଳ ପଡିଗଲା । ଦୁର୍ଯ୍ୟୋଧନ ମଧ୍ୟ ଉତ୍ସୁକତା ସହିତ ଚାହିଁ ରହିଛନ୍ତି । ଏଇ ବନ୍ଦୀ ହେଲେ... ହଁ ଦ୍ରୋଣଙ୍କ ରଥ ଯୁଧିଷ୍ଠିରଙ୍କ ଅତି ନିକଟରେ...

କିନ୍ତୁ ନା, ବିଜୁଳି ବେଗରେ ଅର୍ଜୁନ ସେଠାରେ ଉପସ୍ଥିତ ହୋଇ ଦ୍ରୋଣଙ୍କ ପ୍ରତି ବାଣ ପ୍ରହାର କଲେ । ଲାଗିଗଲା ଭୀଷଣ ସଂଗ୍ରାମ ଗୁରୁ-ଶିଷ୍ୟଙ୍କ ମଧ୍ୟରେ । ରକ୍ଷା ପାଇଗଲେ ଯୁଧିଷ୍ଠିର । ଆଶ୍ୱସ୍ତିର ନିଃଶ୍ୱାସ ମାରିଲେ ପାଣ୍ଡବ ପକ୍ଷ ।

ରକ୍ତରଞ୍ଜିତ କୁରୁକ୍ଷେତ୍ରରେ ଅରୁଣିମା ବିଛିଦେଇ ସୂର୍ଯ୍ୟ ବୁଡିଯାଉଥିଲେ ପଶ୍ଚିମ ଆକାଶରେ । ଦିନର ଅବସାନ ପରେ ପାଞ୍ଚଜନ୍ୟ ଶଙ୍ଖନାଦ କରି ସେଦିନର ଯୁଦ୍ଧବିରତି ଘୋଷଣା କଲେ ଶ୍ରୀକୃଷ୍ଣ ।

ଦୁଇପକ୍ଷ ରାତ୍ରିପାଇଁ ବିରତି ନେଇ ଯେ ଯାହା ଶିବିରକୁ ଫେରିଲେ । ପାଣ୍ଡବଙ୍କ ପକ୍ଷରେ ଆଶ୍ୱସ୍ତି କିନ୍ତୁ କୁରୁରାଜପୁତ୍ରଙ୍କ ମନରେ ଉତ୍କଣ୍ଠା । ଦୁର୍ଯ୍ୟୋଧନଙ୍କୁ ଦ୍ରୋଣାଚାର୍ଯ୍ୟ କହିଲେ...

ଆଜି ଯୁଧିଷ୍ଠିର ନିଶ୍ଚିତ ଭାବରେ ବନ୍ଦୀ ହୋଇଥାନ୍ତେ, ଶେଷ ମୁହୂର୍ତ୍ତରେ ଅର୍ଜୁନର ଉପସ୍ଥିତି ଯୋଜନାକୁ ପଣ୍ଡ କରିଦେଲା । ଯେ'ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ଏବଂ ଅର୍ଜୁନ ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ରହିଥିବେ, ଯୁଧିଷ୍ଠିରଙ୍କୁ ବନ୍ଦୀ କରିବା ସମ୍ଭବ ନୁହେଁ ।

ଦ୍ରୋଣ ଏବଂ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ହେଉଥିବା କଥୋପକଥନ ଶୁଣୁଥିଲେ ତ୍ରିଗର୍ତ୍ତ ନରେଶ ସୁଶର୍ମା । ସେ ହେଉଛନ୍ତି ସେହି ସୁଶର୍ମା ଯେ ମତ୍ସ୍ୟ ରାଜ୍ୟରେ କୌରବଙ୍କ ଦ୍ୱାରା ଗୋଧନ ହରଣ ସମୟରେ ଦକ୍ଷିଣ ଦିଗରୁ ଆକ୍ରମଣ କରି ବଲ୍ଲବ (ଛଦ୍ମବେଶୀ ଭୀମ)ଙ୍କ ଦ୍ୱାରା ପରାସ୍ତ ହୋଇ ବନ୍ଦୀ ହୋଇଥିଲେ । ଯୁଧିଷ୍ଠିରଙ୍କ ଦୟାରୁ ସେ ଜୀବନଦାନ ପାଇଥିଲେ । ପାଣ୍ଡବମାନଙ୍କ ଉପରେ ତାଙ୍କର ପ୍ରଚଣ୍ଡ କ୍ରୋଧ ରହିଥିଲା ।

ଦ୍ରୋଣ ଏବଂ ଦୁର୍ଯ୍ୟୋଧନଙ୍କ କଥୋପକଥନ ଶୁଣି ସୁଶର୍ମା କହିଲେ... ବନ୍ଧୁ

Source: Author, Digitized by PPRACHIN, SOA

ଦୁର୍ଯ୍ୟୋଧନ ! କାଲି କୃଷ୍ଣା-ର୍ଜୁନଙ୍କୁ ରଣକ୍ଷେତ୍ରରୁ ଦୂରକୁ ନେବା ଦାୟିତ୍ୱ ମୋ ଉପରେ ଛାଡ଼ିଦିଅ । ସଂସପ୍ତକ ଯୁଦ୍ଧରେ ପ୍ରବୀଣ ମୋ ସେନାବାହିନୀ ଅତ୍ୟନ୍ତ ଦୁର୍ଦ୍ଧାନ୍ତ । ଯୁଦ୍ଧରେ ସେମାନେ ଜୀବନ ଦେବା ହିଁ ଜାଣନ୍ତି । ବିଜୟ ଅଥବା ମୃତ୍ୟୁ ବ୍ୟତୀତ ତୃତୀୟ ବିକଳ୍ପ ସେମାନଙ୍କୁ ଜଣା ନଥାଏ । ଯୁଦ୍ଧକୁ ଯିବା ପୂର୍ବରୁ ନିଜର ସମସ୍ତ ମୃତ୍ୟୁ କ୍ରିୟାକର୍ମ ସେମାନେ କରାଇ ନେଇଥାନ୍ତି । ଅର୍ଜୁନଙ୍କୁ ଯୁଦ୍ଧ ପାଇଁ ଆହ୍ୱାନ ଦେଇ ନନ୍ଦିଘୋଷକୁ ଯୁଦ୍ଧ କ୍ଷେତ୍ରରୁ ମୋ ସଂସପ୍ତକ ବାହିନୀ ଦୂରେଇ ନେବେ । ସେହି ଅବସରରେ ତୁମେ ଯୁଧିଷ୍ଠିରଙ୍କୁ ବନ୍ଦୀ କରି ନେବ ।

ସୁଶର୍ମାଙ୍କ ପ୍ରସ୍ତାବ ଶୁଣି ଆନନ୍ଦିତ ହେଲେ ଗୁରୁ ଦ୍ରୋଣାଚାର୍ଯ୍ୟ । ଯୋଜନା ବିଷୟରେ ଅଧିକ ଆଲୋଚନା ନକରି, ଗୁପ୍ତରଖି ପରଦିନ ତାହା ସଫଳରୂପାୟନ ପାଇଁ ନିଷ୍ପତ୍ତି ନେଲେ ।

ଦ୍ୱାଦଶ ଦିନର ଯୁଦ୍ଧ ଆରମ୍ଭରୁ ସୁଶର୍ମା ଅର୍ଜୁନଙ୍କୁ ରଣ-ଆହ୍ୱାନ ଦେଲେ ।ଏହା ଦେଖି ଯୁଧିଷ୍ଠିର ଅର୍ଜୁନଙ୍କୁ କହିଲେ... ପ୍ରିୟ ଧନଞ୍ଜୟ ! ତୁମ ଅନୁପସ୍ଥିତିରେ ଦ୍ରୋଣାଚାର୍ଯ୍ୟ ମୋତେ ବନ୍ଦୀ କରି ନେଇଯିବାରେ ସଫଳ ହେବେ । ସୁଶର୍ମାଙ୍କର ସଂସପ୍ତକ ରଣ ପାଇଁ ଆହ୍ୱାନ ବୋଧହୁଏ ଦ୍ରୋଣାଚାର୍ଯ୍ୟଙ୍କ ଯୋଜନାର ଏକ ଅଂଶ ।

ଅର୍ଜୁନ କହିଲେ... ଜ୍ୟେଷ୍ଠ ଭ୍ରାତ ! ଯୁଦ୍ଧପାଇଁ ଆହ୍ୱାନ ଶୁଣି କ୍ଷତ୍ରିୟ ଭାବେ ମୁଁ କିପରି ବିମୁଖ ହୋଇ ରହିପାରିବି ? ଆପଣଙ୍କ ନିରାପତ୍ତା ପାଇଁ ସତ୍ୟଜିତ (ପାଞ୍ଚାଳ ରାଜପୁତ୍ର) ଛାୟା ପରି ରହିଥିବେ । ସେ ମୃତ୍ୟୁ ବରଣ କରିବେ ପଛେ, ଆପଣଙ୍କୁ କଦାପି ଦ୍ରୋଣାଚାର୍ଯ୍ୟଙ୍କ ହାତରେ ବନ୍ଦୀ ହେବାକୁ ଦେବେ ନାହିଁ । ଏତତ୍ ବ୍ୟତୀତ ଆପଣଙ୍କ ନିରାପତ୍ତା ପାଇଁ ଭ୍ରାତା ଭୀମ, ଅନୁଜ ନକୁଳ ଏବଂ ସହଦେବ ତଥା ମୋର ବୀର ପୁତ୍ର ଅଭିମନ୍ୟୁ ରହିଛନ୍ତି ।

ସେଦିନ ଯୁଦ୍ଧରେ କାଳର ଦ୍ୱିତୀୟ ଅବତାର ଥିଲେ ଦ୍ରୋଣାଚାର୍ଯ୍ୟ । ଭୟଙ୍କର ଯୁଦ୍ଧରେ ଅନେକ ବୀର ବୀରଗତି ପ୍ରାପ୍ତ ହେଲେ । ପାଞ୍ଚାଳ ରାଜକୁମାର ସତ୍ୟଜିତ ଏବଂ ବୃକ ତଥା ବିରାଟଙ୍କ ପୁତ୍ର ସତାନିକଙ୍କୁ ଗୁରୁ ଘୋର ଯୁଦ୍ଧରେ ଯମପୁରକୁ ପ୍ରେରଣ କଲେ । କେତମ ଏବଂ ବସୁଧାମ ନାମକ ପାଣ୍ଡବପକ୍ଷର ଦୁଇ ବୀର ମଧ୍ୟ ଦ୍ରୋଣଙ୍କ ସହିତ ଯୁଦ୍ଧରେ ବୀରଗତି ପ୍ରାପ୍ତ ହେଲେ । ପ୍ରବଳ ଗତିରେ ଦ୍ରୋଣ ମାଡ଼ି ଆସିଲେ ଯୁଧିଷ୍ଠିରଙ୍କୁ ବନ୍ଦୀ କରିବା ପାଇଁ । ହାହାକାର ପଡ଼ିଗଲା ପାଣ୍ଡବ ପକ୍ଷରେ । ଭୀମ, ନକୁଳ, ସହଦେବ, ଧୃଷ୍ଟଦ୍ୟୁମ୍ନ, ଉତ୍ତମୌଜା, ବିରାଟ, ଶିଖଣ୍ଡୀ, ଦ୍ରୁପଦ ଏବଂ ଧୃଷ୍ଟକେତୁ ଆଦି ପାଣ୍ଡବ ପକ୍ଷର ସମସ୍ତ ବୀର ଯୁଧିଷ୍ଠିରଙ୍କ ଚର୍ତୁପାର୍ଶ୍ୱରେ ଘେରିଗଲେ । ଯୁଧିଷ୍ଠିରଙ୍କୁ ବନ୍ଦୀ କରିବା ଦ୍ରୋଣଙ୍କର

Source: Author, Digitized by PPRACHIN, SOA

ପାଇଁ ଦ୍ୱିତୀୟ ଥର ମଧ୍ୟ ସମ୍ଭବ ହେଲାନାହିଁ।

ତେଣେ ସଂସପ୍ତକ ଯୁଦ୍ଧରେ ଅର୍ଜୁନ ମଜ୍ଜି ଯାଇଥିଲେ। ଅତ୍ୟନ୍ତ ଭୟଙ୍କର ଥିଲା ସେ ଯୁଦ୍ଧ। ଆକାଶ ମଣ୍ଡଳରେ ଲୁଚି ରହି ମାୟାଯୁଦ୍ଧରେ ଲିପ୍ତ ଥିଲେ ସେମାନେ। ତୀରର ମେଘ ସୃଷ୍ଟି କରି, ପୃଷ୍ଠଭାଗରେ ରହି ଅର୍ଜୁନଙ୍କ ଉପରକୁ ବାଣର ବର୍ଷା କରୁଥିଲେ ସଂସପ୍ତକମାନେ। ଅର୍ଜୁନଙ୍କ ଅମୋଘ ବାଣରେ ସୁଶର୍ମାଙ୍କର ଶତ ଶତ ସୈନ୍ୟ ମୃତ୍ୟୁଲୋକକୁ ଚାଲିଗଲେ। କୁଢ଼ କୁଢ଼ ଶବରେ ପୂର୍ଣ୍ଣ ହୋଇଗଲା ରଣକ୍ଷେତ୍ର। ତଥାପି ପଛଘୁଞ୍ଚା ଦେଲେ ନାହିଁ ସଂସପ୍ତକ ବାହିନୀ। ତୀରରେ ଛାଇଗଲା ଆକାଶ ମଣ୍ଡଳ। ଦିବସରେ ରାତ୍ରିର ଭ୍ରମ ସୃଷ୍ଟି ହେଲା। ଶ୍ରୀକୃଷ୍ଣ ଏବଂ ଅର୍ଜୁନ ଏହି ଭୟଙ୍କର ଯୁଦ୍ଧକୁ ଉପଭୋଗ କରୁଥିଲେ। ହସି ହସି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପଚାରିଲେ... ପାର୍ଥ! ନନ୍ଦିଘୋଷ ଉପରେ ଅଛ ନା ନାହିଁ? ହସିହସି ଧନଞ୍ଜୟ କହିଲେ... କୁଆଡେ ଆଉ ଯିବି ପ୍ରଭୁ ? ଯେଉଁଠି ନାରାୟଣ ଶ୍ରୀକୃଷ୍ଣ, ସେହିଠାରେ ହିଁ ନର ଅର୍ଜୁନ ।

-୦-

(୮୮)

ଅପ୍ରତିମ ଭଗଦତ୍ତ

ମହାଭାରତ ଯୁଦ୍ଧରେ ଏଭଳି କିଛି ମହାନ ବୀର ଯୋଗଦାନ ଦେଇଥିଲେ ଯେଉଁମାନଙ୍କ ବ୍ୟକ୍ତିତ୍ୱ ପ୍ରତି ସମ୍ମାନ ସହିତ ସମସ୍ତଙ୍କର ମଥାନତ ହୋଇଯାଏ। ସେଭଳି ଜଣେ ବ୍ୟକ୍ତିତ୍ୱ ଥିଲେ ପ୍ରାଗ୍‌ଜ୍ୟୋତିଷ ରାଜ୍ୟର ରାଜା ଭଗଦତ୍ତ।

ଆଜିକାର ଆସାମ ରାଜ୍ୟ ସେ ସମୟର ପ୍ରାଗଜ୍ୟୋତିଷ ରାଜ୍ୟ ଥିଲା। ଭଗଦତ୍ତ କୌରବ ପକ୍ଷରେ ରହି ଯୁଦ୍ଧ କରୁଥିଲେ। ବୟସାଧିକ୍ୟ ତାଙ୍କର ଶୌର୍ଯ୍ୟ, ବୀର୍ଯ୍ୟ ଓ ମହାନ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିନଥିଲା। କପାଳରେ ଥିବା ତାଙ୍କ ଲୋଳିତ ଚର୍ମ ଚକ୍ଷୁଦ୍ୱୟକୁ ଆଚ୍ଛାଦିତ କରି ତାଙ୍କ ଦୃଷ୍ଟି ଅବରୋଧ କରୁଥିଲା। ସେଥିପାଇଁ ସେ ରେଶମୀ ରୁମାଲରେ ଆଖି ଉପରକୁ ପଡୁଥିବା ଲୋଳିତ ଚର୍ମକୁ ବାନ୍ଧି ଦେଇଥିଲେ। ତା'ସହିତ ଶିରରୁ ଲମ୍ବିତ ପକ୍ୱକେଶ ଯୋଗୁଁ ସେ ଏକ ସିଂହ ଭଳି ଦେଖାଯାଉଥିଲେ। ବୀରତା ଯୋଗୁଁ ଯେତିକି ନୁହେଁ ଚାରିତ୍ରିକ ଉତ୍କର୍ଷତା ଏବଂ ନିର୍ମଳ ପୁରୁଷାକାର ପାଇଁ ଭଗଦତ୍ତ ସମସ୍ତଙ୍କ ସମ୍ମାନର ଅଧିକାରୀ ଥିଲେ।

Source: Author, Digitized by PPRACHIN, SOA

ତାଙ୍କର 'ସୁପ୍ରତୀକ' ନାମକ ଏକ ସୁଶିକ୍ଷିତ ବିଶାଳ ହସ୍ତି ଥିଲା। ସେହି ହସ୍ତି ପୃଷ୍ଠରେ ଆରୋହଣ କରି ଯୁଦ୍ଧ କରୁଥିବା ସମୟରେ ଭଗଦତ୍ତ ସିଂହ ଭଳି ଦେଖାଯାଉଥିଲେ। ହସ୍ତି ବାହିନୀର ପ୍ରମୁଖ ବୀର ଥିଲେ ଭଗଦତ୍ତ। ତାଙ୍କ ପ୍ରିୟ ହସ୍ତି ସୁପ୍ରତୀକ ଉପରେ ଆରୋହଣ କରି ଯୁଦ୍ଧ କରିବା ସମୟରେ ସେ ଐରାବତ ପୃଷ୍ଠରେ ଇନ୍ଦ୍ରଙ୍କ ଭଳି ଦେଖାଯାଉଥିଲେ।

ଦ୍ୱାଦଶ ଦିନର ଯୁଦ୍ଧରେ ଅନେକ ପ୍ରଚେଷ୍ଟା ସତ୍ତ୍ୱେ ଦ୍ରୋଣାଚାର୍ଯ୍ୟ ଯୁଧିଷ୍ଠିରଙ୍କୁ ବନ୍ଦୀ କରିପାରିନଥିଲେ। ଏହାର ଅନ୍ୟତମ କାରଣ ଥିଲେ ମହାବଳୀ ଭୀମସେନ। ସେ ଯୁଧିଷ୍ଠିରଙ୍କୁ ଢାଲ ଭଳି ରକ୍ଷା କରୁଥିଲେ। ହସ୍ତି ଭଳି ଲଢେଇ କରୁଥିବା ଭୀମସେନଙ୍କ ବିରୁଦ୍ଧରେ ଦୁର୍ଯ୍ୟୋଧନ ତାଙ୍କ ହସ୍ତିବାହିନୀକୁ ନିୟୋଜିତ କରିଦେଲେ। 'ଅଙ୍ଗ' ନାମଧାରୀ ମ୍ଳେଚ୍ଛ ରାଜା ହସ୍ତି ଆରୋହଣ କରି ଭୀମସେନଙ୍କୁ ଆକ୍ରମଣ କଲେ। ଭୀମ ତୀର ବର୍ଷଣ କରି ହସ୍ତି ସହିତ ମ୍ଳେଚ୍ଛରାଜ ଅଙ୍ଗଙ୍କୁ ଆରପାରିକୁ ପଠାଇଦେଲେ।

ହସ୍ତି ବାହିନୀରେ ଏହା ଭୟଙ୍କର ବିଭ୍ରାଟ ସୃଷ୍ଟି କଲା। ହାତୀମାନେ ଇତସ୍ତତ ଦଉଡିବା ଆରମ୍ଭ କରିଦେଲେ। ସେମାନଙ୍କ ପାଦତଳେ ଅନେକ ରଥ ଏବଂ ଅଶ୍ୱ ଏବଂ ଅଶ୍ୱାରୋହୀ ଦଳିତ ମଥିତ ହୋଇଗଲେ। ଏଭଳି ଅବସ୍ଥାକୁ ଆୟତ୍ତ କରିବାପାଇଁ ଭଗଦତ୍ତ ସୁପ୍ରତୀକ ଉପରେ ଆରୋହଣ କରି ଆଗେଇ ଆସିଲେ। ଭୀମଙ୍କ ସହିତ ଭୀଷଣ ରଣରେ ମଜ୍ଜିଗଲେ ଭଗଦତ୍ତ। ସୁପ୍ରତୀକ ସାଧାରଣ ହସ୍ତି ନଥିଲା। ଭୀମଙ୍କ ଉପରକୁ ମାଡିଆସି ସୁପ୍ରତୀକ ପ୍ରଥମେ ତାଙ୍କର ରଥକୁ ମାଟିରେ ମିଶାଇ ଦେଲା। ଭୀମ ରଥରୁ ଡେଇଁ ପଡି ଜୀବନରକ୍ଷା କଲେ। କିନ୍ତୁ ସୁପ୍ରତୀକ ତାଙ୍କୁ ପାଦରେ ଦଳି ଦେବାପାଇଁ ଚେଷ୍ଟା କଲା। ହସ୍ତି-ଯୁଦ୍ଧରେ ପ୍ରବୀଣ ଭୀମ କୌଶଳତା ଅବଲମ୍ବନ କରି ସୁପ୍ରତୀକର ପେଟତଳେ ରହି ବଜ୍ରମୁଷ୍ଟି ପ୍ରହାର କରିବାରେ ଲାଗିଲେ।

ଭୀମ ହସ୍ତିର ପେଟତଳେ ରହିଥିବାରୁ ତାଙ୍କୁ ଦେଖି ନପାରି ପାଣ୍ଡବଙ୍କ ଭିତରେ ଘୋର ହାହାକାର ଖେଳିଗଲା। ସୁପ୍ରତୀକ ଭୀମଙ୍କୁ ଦଳିଦେଲା, ଭୀମ ମୃତ ବୋଲି ହଇଗୋଳ ସୈନ୍ୟମାନଙ୍କ ମଧ୍ୟରେ ଖେଳିଗଲା।

ସଞ୍ଜୟ ଯେତେବେଳେ ଧୃତରାଷ୍ଟ୍ରଙ୍କୁ ଯୁଦ୍ଧର ଏହି ଉପାଖ୍ୟାନ ଶୁଣାଉଥିଲେ, ବ୍ୟଗ୍ର ହୋଇ ଧୃତରାଷ୍ଟ୍ର ପଚାରିଲେ... କୁହ ସଞ୍ଜୟ ଶୀଘ୍ର କୁହ, ସତରେ କଣ ପ୍ରିୟ ଭୀମସେନ ମୃତ୍ୟୁବରଣ କରିଛନ୍ତି,ସତରେ କ'ଣ ମୋର ଅନ୍ୟ ପୁତ୍ରମାନେ ଭୀମସେନ ହାତରୁ ରକ୍ଷା ପାଇଯିବେ !! ସଞ୍ଜୟ କହିଲେ... ଆପଣ ବ୍ୟଗ୍ର ହୁଅନ୍ତୁ ନାହିଁ ମହାରାଜ ! ଆପଣଙ୍କ ପ୍ରିୟ ପୁତ୍ର ଭୀମଙ୍କୁ କିଏ ବା ମାରି ପାରିବ ?

Source: Author, Digitized by PPRACHIN, SOA

ପାଣ୍ଡବ ପକ୍ଷର ବୀର 'ଦଶର୍ଣ୍ଣା' ଏହି ହଟ୍ଟଗୋଳ ଶୁଣି ନିଜର ଦୁର୍ଦ୍ଧାନ୍ତ ହସ୍ତି ପୃଷ୍ଠରେ ଭଗଦତ୍ତଙ୍କ ସହିତ ଯୁଦ୍ଧ କରିବାକୁ ପହଞ୍ଚିଲେ। 'ସୁପ୍ରତୀକ' ଭୀମଙ୍କୁ ଛାଡ଼ି ଘୋର ଚିତ୍କାର କରି ମାଡ଼ି ଆସିଲା ଦଶର୍ଣ୍ଣାଙ୍କ ହସ୍ତି ଉପରକୁ ଏବଂ ବିଶାଳ ଦାନ୍ତରେ ଦଶର୍ଣ୍ଣାଙ୍କ ହସ୍ତିର ପେଟକୁ ଚିରି ଦେଇ ତାକୁ ମୃତ୍ୟୁ ପୁରୀକୁ ପଠାଇଦେଲା। ଏହି ଅବସରରେ ସୁପ୍ରତୀକ କବଳରୁ ମୁକ୍ତି ଲାଭ କରି ଭୀମସେନ ନିରାପଦ ସ୍ଥାନକୁ ଚାଲିଗଲେ। ଭୀମସେନଙ୍କୁ ଦେଖି ପାଣ୍ଡବମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଗଲା।

ଘୋର ବିପ୍ଳବ ସୃଷ୍ଟି କରିଚାଲିଥାଏ ସୁପ୍ରତୀକ। ଆକାଶ ମଣ୍ଡଳ ଧୂଳିରେ ପୂର୍ଣ୍ଣ ହୋଇଗଲା। ଏସମୟରେ ସାତ୍ୟକି ଭଗଦତ୍ତଙ୍କୁ ଆକ୍ରମଣ କରିବାକୁ ଆଗେଇ ଆସିଲେ। ଭଗଦତ୍ତ ସାତ୍ୟକିଙ୍କ ବାଣକୁ ପ୍ରତିହତ କଲେ। ସୁପ୍ରତୀକ ସାତ୍ୟକିଙ୍କ ଅଶ୍ୱ ସହିତ ରଥକୁ ଶୁଣ୍ଢରେ ଆକାଶକୁ ଫିଙ୍ଗିଦେଲା।ସାତ୍ୟକି ରଥରୁ ଡେଇଁ ପଡି ପଳାୟନ କଲେ।

ଭଗଦତ୍ତ ଏବଂ ତାଙ୍କ ହସ୍ତି, ପାଣ୍ଡବ ପକ୍ଷରେ ଘୋର ବିପ୍ଳବ ସୃଷ୍ଟି କରୁଥିବା ଦେଖି ସଂସପ୍ତକ ଯୁଦ୍ଧରେ ବ୍ୟସ୍ତ ଥିବା ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ... କେଶବ ! ଜଣାଯାଏ ଭଗଦତ୍ତ ଏବଂ ତାଙ୍କ ହସ୍ତି ସୁପ୍ରତୀକ ଆକ୍ରମଣରେ ଆମ ପକ୍ଷ ଧ୍ୱସ୍ତବିଧ୍ୱସ୍ତ ହେବାକୁ ବସିଲାଣି। ଆମକୁ ଅବସ୍ଥା ସମ୍ଭାଳିବାକୁ ପଡ଼ିବ। ଭଗଦତ୍ତଙ୍କ ସମ୍ମୁଖକୁ ରଥ ନିଅନ୍ତୁ କେଶବ।

ଅର୍ଜୁନ ସଂସପ୍ତକ ଯୁଦ୍ଧରୁ ଅପସରି ଯିବା ଦେଖି ତ୍ରିଗର୍ତ୍ତ ରାଜା ସୁଶର୍ମା ଆହ୍ୱାନ ଦେଇ କହିଲେ... କ୍ଷତ୍ରିୟର ଆହ୍ୱାନ ସ୍ୱୀକାର ନକରି କେଉଁଆଡେ ଚାଲିଯାଉଛ ପାର୍ଥ ?

ଅର୍ଜୁନଙ୍କ ଆଗରେ ଏବେ ଧର୍ମଶଙ୍କଟ... କ୍ଷତ୍ରିୟ ହୋଇ କ୍ଷତ୍ରିୟର ଆହ୍ୱାନକୁ ସେ କିପରି ଉପେକ୍ଷା କରିବେ ?

ଶ୍ରୀକୃଷ୍ଣ କହିଲେ... ପାର୍ଥ ! ବର୍ତ୍ତମାନ ସୁଶର୍ମାର ଆହ୍ୱାନକୁ କର୍ଣ୍ଣପାତ କରନାହିଁ; ଏ ସମୟରେ ଆମେ ଭଗଦତ୍ତ ଏବଂ ସୁପ୍ରତୀକକୁ ପରାସ୍ତ ନକଲେ ଆଜି ହିଁ ଯୁଧିଷ୍ଠିର ବନ୍ଦୀ ହୋଇଯିବେ ଏବଂ ତାଙ୍କର ବନ୍ଦୀ ହେବା ସଙ୍ଗେ ସଙ୍ଗେ ଯୁଦ୍ଧ ଶେଷ ହୋଇଯିବ।

ସମୟ ଅପଚୟ ନକରି ଅର୍ଜୁନ ଭଗଦତ୍ତଙ୍କ ସମ୍ମୁଖରେ ଉପସ୍ଥିତ ହେଲେ। ଅର୍ଜୁନଙ୍କୁ ଦେଖି ପାଣ୍ଡବଙ୍କ ମଧ୍ୟରେ ନୂତନ ଶକ୍ତିର ସଂଚାର ହେଲା, ଶତଗୁଣିତ ହେଲା ବିଶ୍ୱାସ। ଅର୍ଜୁନଙ୍କ ବାଣ ପ୍ରହାର ସୁପ୍ରତୀକ ସହ୍ୟ କରିବା ଅବସ୍ଥାରେ ନଥିଲା। ଅର୍ଜୁନ ଭଗଦତ୍ତଙ୍କୁ କହିଲେ... ବହୁତ ହେଲା ବୃଦ୍ଧ ରାଜା, ଏବେ ଯମପୁରକୁ ଯିବାପାଇଁ ପ୍ରସ୍ତୁତ ହୁଅ। ସୁପ୍ରତିକ ଘୋର ଗର୍ଜନ କରି ନନ୍ଦିଘୋଷ ଉପରକୁ ମାଡି ଆସିଲା। ଶ୍ରୀକୃଷ୍ଣ ସଫଳତାର ସହିତ ଘୁଞ୍ଚାଇନେଲେ ନନ୍ଦିଘୋଷ। ଅର୍ଜୁନଙ୍କ ବାଣ ଭଗଦତ୍ତଙ୍କ ସାଞ୍ଜୁ ଭେଦକଲା। ଶେଷରେ ଭଗଦତ୍ତ ବୈଷ୍ଣବାସ୍ତ୍ର ପ୍ରୟୋଗ କଲେ। ପ୍ରବଳ ବେଗରେ ମାଡି ଆସୁଛି ବୈଷ୍ଣବାସ୍ତ୍ର।

Source: Author, Digitized by PPRACHIN, SOA

ଅର୍ଜୁନଙ୍କ ଦେହରେ ବାଜିବା ପୂର୍ବରୁ ଶ୍ରୀକୃଷ୍ଣ ବାଣ ଆଗରେ ଛାତି ଦେଖାଇ ଦେଲେ। ସଙ୍ଗେସଙ୍ଗେ ତାହା ରତ୍ନାଳଙ୍କାରରେ ପରିଣତ ହୋଇ ଶ୍ରୀକୃଷ୍ଣଙ୍କ ବକ୍ଷ ମଣ୍ଡନ କଲା।

ଆଶ୍ଚର୍ଯ୍ୟ ଚକିତ ଅର୍ଜୁନ କହିଲେ... ଏ କଣ ପ୍ରଭୁ !ଆପଣ ଯୁଦ୍ଧରେ ନିଜକୁ ସଂଶ୍ଲିଷ୍ଟ ନକରିବା ପାଇଁ ଶପଥ ନେଇଥିଲେ,ଏବେ ମୋ ପ୍ରତି ପ୍ରେରିତ ବାଣ ଆଗରେ ବକ୍ଷ ଦେଖାଇଦେଲେ, ତାହା ପୁଣି ଅଳଙ୍କାରରେ ପରିଣତ ହୋଇଗଲା !!

ଅଳ୍ପ ହସି ଶ୍ରୀକୃଷ୍ଣ କହିଲେ... ପାର୍ଥ! ତାହା ବୈଷ୍ଣବାସ୍ତ୍ର ଥିଲା; ନିଶ୍ଚିତ ଭାବରେ ତୁମେ ତା'ଦ୍ୱାରା ନିହତ ହୋଇଥାନ୍ତ। ବିଷ୍ଣୁ ଆଦେଶ ମାନି ତାହା ବିଷ୍ଣୁ-ଅଙ୍ଗଭୂଷଣରେ ପରିଣତ ହୋଇଗଲା।

ଯୋଡ ହସ୍ତରେ ଅର୍ଜୁନ କହିଲେ... ହେ ପାଣ୍ଡବ ବାନ୍ଧବ ! ଆଜି ମୁଁ ବାସ୍ତବରେ ହୃଦୟଙ୍ଗମ କରୁଛି, ଆପଣ ଲକ୍ଷେ ନାରାୟଣୀ ସେନାଙ୍କ ଠାରୁ ଅଧିକ।

ଭଗଦତ୍ତଙ୍କୁ ବଧ କରିବା ପାଇଁ ଦୁଇଟି ଉପାୟ ଥିଲା; ପ୍ରଥମେ ତାଙ୍କର ଅପ୍ରତିମ ବିଶାଳ ହସ୍ତି ସୁପ୍ରତୀକକୁ ବଧ କରିବାକୁ ପଡ଼ିବ, ଦ୍ୱିତୀୟରେ ଭଗଦତ୍ତଙ୍କ କପାଳରେ ଥିବା ରେଶମ ରୁମାଲକୁ ଛିନ୍ନ କରିବାକୁ ପଡ଼ିବ, ଯଦ୍ୱାରା ତାଙ୍କ ମଥାର ଲୋଳିତ ଚର୍ମ ଚକ୍ଷୁଦ୍ୱୟକୁ ଆଚ୍ଛାଦିତ କରିବ।

କାଳ ବିଳମ୍ବ ନକରି ପାର୍ଥ ସୁପ୍ରତୀକ ମସ୍ତକକୁ ଲକ୍ଷ୍ୟକରି ଏକ ଅମୋଘ ବାଣ ପ୍ରହାର କଲେ। ଏକ ବିଶାଳ ପର୍ବତ ଭଳି କିଛି ସମୟ ସ୍ଥିର ରହିବା ପରେ ଘୋର ଗର୍ଜନ କରି ସୁପ୍ରତୀକର ଶରୀର ଭୂମି ସ୍ପର୍ଶ କଲା।

ଅର୍ଜୁନଙ୍କ ଦ୍ୱିତୀୟ ବାଣ ଭଗଦତ୍ତଙ୍କ ମଥାରେ ଥିବା ରେଶମୀ ରୁମାଲକୁ ଛିନ୍ନ କଲା। ଭଗଦତ୍ତଙ୍କ ଦୃଷ୍ଟି ଅବରୁଦ୍ଧ ହେଲା। ତୃତୀୟ ବାଣ ଭଗଦତ୍ତଙ୍କ ବକ୍ଷ ଭେଦକଲା। ଭୂମିରେ ଟଳିଗଲା ସିଂହ ସଦୃଶ ଭଗଦତ୍ତଙ୍କ ବିଶାଳ ଶରୀର।

କୌରବଙ୍କ ପାଇଁ ଏହି ମହାନ ଯୋଦ୍ଧା ଏବଂ ତାଙ୍କ ଅନନ୍ୟ ହସ୍ତିର ଅବଦାନ ଏକ ଅମର କାହାଣୀ ହୋଇ ଯୁଗ ଯୁଗ ପାଇଁ ରହିଯାଇଛି।

-୦-

Source: Author, Digitized by PPRACHIN, SOA

ରାହୁ କବଳରେ ବାଳଭାନୁ

ଦ୍ୱାଦଶ ଦିନର ଯୁଦ୍ଧରେ ଅର୍ଜୁନ କୌରବମାନଙ୍କ ଅବସ୍ଥା ଶୋଚନୀୟ କରିଦେଇଥିଲେ। ଭଗଦତ୍ତଙ୍କ ବୀରଗତି ପ୍ରାପ୍ତି ସଙ୍ଗେ ସଙ୍ଗେ ଶକୁନିଙ୍କର ଦୁଇ ବୀର ଭ୍ରାତା 'ବୃଷ' ଏବଂ 'ଅଚଳ' ମଧ୍ୟ ଅର୍ଜୁନଙ୍କ ସହିତ ସାହସିକତା ସହିତ ଯୁଦ୍ଧ କରି ମୃତ୍ୟୁ ଲୋକ ପ୍ରାପ୍ତ ହୋଇଥିଲେ।

ଯୁଦ୍ଧରେ ପାଣ୍ଡବ ପକ୍ଷର କ୍ରମାଗତ ସଫଳତା ଦୁର୍ଯ୍ୟୋଧନଙ୍କ ହୃଦୟରେ ଶେଳବିଦ୍ଧ ହୋଇ ରହିଥିଲା। ତ୍ରୟୋଦଶ ଦିନର ଯୁଦ୍ଧ ପୂର୍ବରୁ ସେନାପତି ଦ୍ରୋଣାଚାର୍ଯ୍ୟଙ୍କ ପାଖରେ ପହଞ୍ଚି ଦୁର୍ଯ୍ୟୋଧନ କହିଲେ... ହେ ବ୍ରାହ୍ମଣ ଶ୍ରେଷ୍ଠ ! ଯୁଦ୍ଧରେ ଆପଣଙ୍କ ମତିଗତି କିଛି ଠିକ୍ ଜଣା ପଡୁନାହିଁ। କାଲି ଯୁଦ୍ଧରେ ଯୁଧିଷ୍ଠିର ଆପଣଙ୍କର ଏତେ ନିକଟରେ ଥିଲେ ମଧ୍ୟ ଆପଣ ତାଙ୍କୁ ବନ୍ଦୀ କରିବା ପ୍ରଚେଷ୍ଟା ମଧ୍ୟ କଲେନାହିଁ। ଏହା ଆପଣଙ୍କର ପାଣ୍ଡବ ପ୍ରୀତି ନୁହେଁ ତ ଆଉ କ'ଣ ? ପିତାମହଙ୍କର ସେନାପତିତ୍ୱ ଯେଉଁ ପ୍ରକାର ନିରାଶାଜନକ ଥିଲା, ଆପଣଙ୍କ ଅଧ୍ୟକ୍ଷତା ମଧ୍ୟ ସେହିପରି ଫଳଶୂନ୍ୟ। ବାସ୍ତବରେ ମହାନ ବ୍ୟକ୍ତି ମାନଙ୍କ ମନସ୍ତତ୍ୱ ବୁଝିବା ଆମମାନଙ୍କ ପାଇଁ ସମ୍ଭବ ହେଉନାହିଁ।

ଦୁର୍ଯ୍ୟୋଧନଙ୍କ କଥା ଗୁରୁଙ୍କ ମନକୁ ଗଭୀର ଦୁଃଖ ଦେଲା। ଆଚାର୍ଯ୍ୟ କହିଲେ... ପ୍ରିୟ ଦୁର୍ଯ୍ୟୋଧନ ! ଏପରି କହି ତୁମେ ମୋ ମନରେ ଗଭୀର ଆଘାତ ଦେଇଛ। ସେନାପତି ଭାବରେ କର୍ତ୍ତବ୍ୟ ପାଳନ କରିବାରେ ମୁଁ ତିଳେ ମାତ୍ର ଅବହେଳା କରିନାହିଁ; ତାହା ମୋ ଧର୍ମ ବିରୁଦ୍ଧ। ମୁଁ ଆଗରୁ କହିଛି ଅର୍ଜୁନ ରଣ କ୍ଷେତ୍ରରେ ରହିଥିବା ଯାଏ ଯୁଧିଷ୍ଠିରଙ୍କୁ ବନ୍ଦୀ କରିବା ଅସମ୍ଭବ। ଅର୍ଜୁନଙ୍କୁ କୁରୁକ୍ଷେତ୍ର ରଣପ୍ରାଙ୍ଗଣରୁ ଦୂରେଇ ନନେଲେ ଯୁଧିଷ୍ଠିରଙ୍କୁ ବନ୍ଦୀ କରିବା ଅସମ୍ଭବ ବ୍ୟାପାର।

ତ୍ରୟୋଦଶ ଦିନର ଯୁଦ୍ଧରେ ସୁଶର୍ମା ଅର୍ଜୁନଙ୍କୁ ଆହ୍ୱାନ ଦେଇ ବହୁ ଦୂରକୁ ନେଇଗଲେ। ସଂସପ୍ତକଙ୍କ ସହିତ ସେଦିନ ଅର୍ଜୁନଙ୍କ ସଂଗ୍ରାମ ଅତି ଭୟଙ୍କର ଥିଲା। ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ଅନୁପସ୍ଥିତିରେ ଦ୍ରୋଣାଚାର୍ଯ୍ୟ ଚକ୍ରବ୍ୟୂହ ସୃଷ୍ଟି କରି ଯୁଧିଷ୍ଠିରଙ୍କୁ ସେହି ବ୍ୟୂହ ସାହାଯ୍ୟରେ ବନ୍ଧନ କରିବାକୁ ପ୍ରୟାସ କଲେ। ଭୀମ, ସାତ୍ୟକି, ଚେକିତାନ, ଧୃଷ୍ଟଦ୍ୟୁମ୍ନ, ଦ୍ରୁପଦ, ଘଟୋତ୍କଚ, ଶିଖଣ୍ଡୀ, ବିରାଟ, ଉତ୍ତମୌଜା, ଯୁଧାମନ୍ୟୁ ଏବଂ କେକୟ ଆଦି ଅନେକ ଯୋଦ୍ଧା ଦ୍ରୋଣାଚାର୍ଯ୍ୟଙ୍କ ବ୍ୟୂହ ଭେଦ କରିବାପାଇଁ ଚେଷ୍ଟା କରି ବିଫଳ ହେଲେ।

Source: Author, Digitized by PPRACHIN, SOA

ନିକଟରେ ଉପସ୍ଥିତ ଥିବା ସୁଭଦ୍ରା-ପୁତ୍ର ଅଭିମନ୍ୟୁକୁ ଯୁଧିଷ୍ଠିର କହିଲେ... ପୁତ୍ର ! ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ଏହି ଦୁର୍ଭେଦ୍ୟ ବ୍ୟୂହକୁ ଭେଦ କରିବାପାଇଁ ଏକା ଅର୍ଜୁନ ସମର୍ଥ; କିନ୍ତୁ ସଂସପ୍ତକ ଯୁଦ୍ଧରେ ମଗ୍ନ ରହି ସେ ବର୍ତ୍ତମାନ ରଣକ୍ଷେତ୍ରରେ ଅନୁପସ୍ଥିତ। ଏହି ବ୍ୟୂହ ଭେଦ କରିବା ରହସ୍ୟ କ'ଣ ତୁମର ଜ୍ଞାତସାରରେ ଅଛି ?

ଅଭିମନ୍ୟୁର ବୟସ ସେ ସମୟରେ ମାତ୍ର ଷୋହଳବର୍ଷ ହେଲେମଧ୍ୟ ବିଗତ ବାରଦିନ ଯୁଦ୍ଧରେ ସେ ନିଜର ଅସୀମ ସାହସିକତା ଓ ରଣ କୌଶଳ ପ୍ରଦର୍ଶନ କରି ସାରିଥିଲା।

ଯୁଧିଷ୍ଠିରଙ୍କୁ ଚାହିଁ ଅଭିମନ୍ୟୁ କହିଲା... ଜ୍ୟେଷ୍ଠତାତ ! ଏହି ଅନନ୍ୟ ବ୍ୟୂହ ଭେଦ କରିବା ରହସ୍ୟ ବିଶ୍ୱରେ କେବଳ ପିତା ଧନଞ୍ଜୟଙ୍କୁ ପ୍ରାପ୍ତ; ମୋତେ କେବଳ ବ୍ୟୂହ ଭେଦକରିବା ରହସ୍ୟ ଜଣା, କିନ୍ତୁ ଭେଦ କରିବା ପରେ ଫେରିଆସିବା ଉପାୟ ଜଣାନାହିଁ।

ଯୁଧିଷ୍ଠିର କହିଲେ... ଏ ଅର୍ଦ୍ଧବିଦ୍ୟା ତୁମେ କିପରି ଓ କେଉଁଠାରୁ ଶିକ୍ଷା କଲ ପୁତ୍ର ? ଅଭିମନ୍ୟୁ କହିଲା... ମୁଁ ଯେତେବେଳେ ମାତାଙ୍କ ଗର୍ଭରେ ଥିଲି, ଥରେ ମାତାଙ୍କୁ ପିତା ଚକ୍ରବ୍ୟୂହ ଭେଦ ଉପାୟ ଶୁଣାଉଥିଲେ। କିନ୍ତୁ ବ୍ୟୂହ ମଧ୍ୟରୁ ଫେରିବା ଉପାୟ ବର୍ଣ୍ଣନା କରିବା ସମୟରେ ମାତାଙ୍କୁ ନିଦ୍ରାଗତା ଦେଖି ତାହା ଆଉ କହିନଥିଲେ। ମାତାଙ୍କ ଗର୍ଭରେ ଥାଇ ମୁଁ ଚକ୍ରବ୍ୟୂହ ଭେଦ ଉପାୟ ତ ଜାଣିଛି, ଫେରିବା ଉପାୟ ମୋତେ ଜଣା ନାହିଁ।

ନିକଟରେ ଉପସ୍ଥିତ ଥିବା ମହାବଳୀ ଭୀମସେନ କହିଲେ... ଚିନ୍ତା ନାହିଁ ବୀର ପୁତ୍ର ! ତୁମେ ବ୍ୟୂହ ଭେଦ କରି ଆଗେଇ ଚାଲ, ପଛରେ ତୁମ ସହିତ ମୁଁ ଛାଇପରି ରହିଥିବି। ଆମ ସହାୟତା ପାଇଁ ସାତ୍ୟକି, ଧୃଷ୍ଟଦ୍ୟୁମ୍ନଙ୍କ ସହିତ ପାଞ୍ଚାଳ, କେକୟ ଓ ମତ୍ସ୍ୟ ସୈନ୍ୟବାହିନୀ ପଛରେ ରହିଥିବେ। ସହଜରେ ଗୁରୁଙ୍କ ଚକ୍ରବ୍ୟୂହ ଭେଦ କରି, ଶତ୍ରୁ ସୈନ୍ୟ ଧ୍ୱଂସ କରି ତୁମକୁ ଆମେ ଫେରାଇ ଆଣିବୁ।

ଭୀମଙ୍କ ପ୍ରେରଣାରେ ଉତ୍ସାହିତ ହୋଇ ଅଭିମନ୍ୟୁ ସାରଥୀ ସୁମିତ୍ରଙ୍କୁ ଚକ୍ରବ୍ୟୂହ ଦିଗରେ ରଥ ଚାଳନା କରିବାପାଇଁ ଆଦେଶ ଦେଲେ। ସହାୟତା ପାଇଁ ପଛରେ ରହିଲେ ଭୀମ ଓ ସାତ୍ୟକିଙ୍କ ସହିତ ବିଶାଳ ପାଣ୍ଡବ ସେନା। ଅଭିମନ୍ୟୁକୁ ଚାହିଁ ସାରଥୀ ସୁମିତ୍ର କହିଲେ... ହେ ବୀରଶ୍ରେଷ୍ଠ ! ଯେଉଁ କାର୍ଯ୍ୟ ତୁମେ ସଂପାଦନ କରିବା ପାଇଁ ଯାଉଛ, ତାହା ଅର୍ଜୁନଙ୍କ ବ୍ୟତୀତ ଆଜି ପର୍ଯ୍ୟନ୍ତ ଅନ୍ୟ କେହି କରିପାରିନାହାନ୍ତି। ତେଣୁ ବ୍ୟୂହ ଭେଦ କରିବା ପୂର୍ବରୁ ଥରେ ଚିନ୍ତା କର।

ଅଭିମନ୍ୟୁ କହିଲା... ଚିନ୍ତା କରନାହିଁ ସୁମିତ୍ର ! ମୋ ସାମର୍ଥ୍ୟ ଉପରେ ସନ୍ଦେହ

Source: Author, Digitized by PPRACHIN, SOA

କରନାହିଁ। ମୁଁ ବିଶ୍ୱର ଶ୍ରେଷ୍ଠ ଧନୁର୍ଦ୍ଧର ଅର୍ଜୁନଙ୍କ ପୁତ୍ର ଏବଂ ଦ୍ୱରକାଧିଶ ଶ୍ରୀକୃଷ୍ଣଙ୍କ ଭାଗିନେୟ।

ଚାହୁଁ ଚାହୁଁ ଚକ୍ରବ୍ୟୂହ ଭେଦ କରି ମେଘରେ ବିଜୁଳି ଭଳି ଝଲକି ଉଠିଲା ଅଭିମନ୍ୟୁର କୃପାଣ। ବିଜୟ ଦର୍ପରେ ଚକ୍ରବ୍ୟୂହ ଧ୍ୱଂସ କରୁଥିଲା ବୀର ଅଭିମନ୍ୟୁ। କୌରବ ବାହିନୀ ମଧ୍ୟରେ ପଡିଗଲା ଭୟଙ୍କର ହାହାକାର।ପଛରେ ଅଛନ୍ତି ଭୀମ, ଧୃଷ୍ଟଦ୍ୟୁମ୍ନ, ସାତ୍ୟକି ଏବଂ ରାଜାବିରାଟ।

ଏହି ସମୟରେ ସେଠାରେ ଅକସ୍ମାତ ଜୟଦ୍ରଥର ଆବିର୍ଭାବ ହୁଏ। ସେ ଧୃଷ୍ଟଦ୍ୟୁମ୍ନ, ଭୀମ, ସାତ୍ୟକି ଆଦି ବୀରମାନଙ୍କୁ ଚାହୁଁ ଚାହୁଁ ହରାଇଦେଲା। ଏହି ଅବସରେ ପୁନର୍ବାର ବ୍ୟୂହ ରଚନା କରିଦେଲେ ଗୁରୁ ଦ୍ରୋଣାଚାର୍ଯ୍ୟ। ଏକା ବ୍ୟୂହ ମଧ୍ୟରେ ଥାଇ ଅଭିମନ୍ୟୁ ଭୀଷଣ ଯୁଦ୍ଧରେ ମଗ୍ନଥିଲା।

ପଛକୁ ଚାହିଁଲା ଅଭିମନ୍ୟୁ... ସହାୟତା ପାଇଁ ସେଠାରେ ନଥିଲେ ପାଣ୍ଡବ ରଥୀମାନେ, ତଥାପି ନିର୍ଭୟ ହୋଇ ବୀର ଅଭିମନ୍ୟୁ ଯୁଦ୍ଧରେ ମାତି ଗଲା। ହସ୍ତି ପଦ୍ମବନ ଦଳନ କଲାପରି କୌରବ ବାହିନୀକୁ ଧ୍ୱସ୍ତବିଧ୍ୱସ୍ତ କଲା ଅଭିମନ୍ୟୁ। ଏକା ଏକା ସପ୍ତ ମହାରଥୀଙ୍କ ସହିତ ଯୁଦ୍ଧ କରୁଥିଲା ଅଭିମନ୍ୟୁ।

ଧ୍ୱଂସର ତାଣ୍ଡବ ସୃଷ୍ଟିକରି ବୀର ଅଭିମନ୍ୟୁ ରଣକ୍ଷେତ୍ରକୁ ପଦା କରିଦେଲା; କେଉଁଠି ମୃତକର ମସ୍ତକ ଗଡୁଥିଲା ତ କେଉଁଠି କାହାର ଗଦା, ଧନୁ, ଭାଲ, ଖଡ୍ଗ, ତୀର, ସାଞ୍ଜୁ, ଶିରସ୍ତାଣ, ଭଗ୍ନ ରଥ,ମୃତ ଅଶ୍ୱ ରଣକ୍ଷେତ୍ରରେ ଏଣେତେଣେ ପଡ଼ିଥିଲେ।

ଦ୍ରୋଣ, କୃପ, କୃତବର୍ମା, ଅଶ୍ୱତ୍ଥାମା, କର୍ଣ୍ଣ, ଶଲ୍ୟ, ଶକୁନି ଇତ୍ୟାଦିଙ୍କ ସହିତ ଘୋର ଯୁଦ୍ଧରେ ମଜ୍ଜିରହିଥିଲା ଅଭିମନ୍ୟୁ।

ସବୁ କ୍ଷାତ୍ରଧର୍ମ ଭୁଲିଯାଇ ଏବଂ ମନରୁ ସବୁ ଲଜ୍ଜା ତ୍ୟାଗ କରି ଏକତ୍ରିତ ହୋଇ ସପ୍ତରଥି ଅଭିମନ୍ୟୁକୁ ଆକ୍ରମଣ କରିଦେଲେ। କିନ୍ତୁ ଅସୀମ ସାହସିକତା ସହିତ ଯୁଦ୍ଧ କରୁଥିଲା ଅଭିମନ୍ୟୁ। ପ୍ରଥମେ କର୍ଣ୍ଣଙ୍କର ସାଞ୍ଜୁ ଭେଦକଲା ଅଭିମନ୍ୟୁର ତୀକ୍ଷ୍ଣ ଶାୟକ। ଉପାୟ ନପାଇ ସଙ୍ଗେସଙ୍ଗେ କର୍ଣ୍ଣ ଦୂରକୁ ଘୁଞ୍ଚିଗଲେ।

ହୁତାଶନ ସମ ଦୁଃଶାସନ ମାଡିଆସିଲା ଆକ୍ରମଣ କରିବା ପାଇଁ। ଏକ ତୀକ୍ଷ୍ଣ ବାଣ ପ୍ରହାର କରି ତାଙ୍କୁ ଅଭିମନ୍ୟୁ ଜ୍ଞାନହୀନ କରିଦେଲା। ତତ୍ପରେ ଶଲ୍ୟ ଆଗେଇ ଆସିଲେ ଯୁଦ୍ଧପାଇଁ। କିନ୍ତୁ ଅଭିମନ୍ୟୁର ବାଣ ଆଘାତରେ ଆହତ ହୋଇ ଶଲ୍ୟ ରଥରେ ପଡିଗଲେ। ଆହତ ଶଲ୍ୟଙ୍କୁ ବିଜୁଳି ବେଗରେ ତାଙ୍କ ସାରଥୀ ରଥରେ ନେଇ ଦୂରକୁ ଚାଲିଗଲା।

ଭ୍ରାତାଙ୍କର ଏ ଅବସ୍ଥା ଦେଖି ଶଲ୍ୟଙ୍କର ଭ୍ରାତା ମହା ଦମ୍ଭରେ ଯୁଦ୍ଧ କରିବା

Source: Author, Digitized by PPRACHIN, SOA

ଆରମ୍ଭ କରିଦେଲେ। କିନ୍ତୁ ଅଭିମନ୍ୟୁ ଏକ ଅମୋଘ ଅସ୍ତ୍ର ପ୍ରେରଣ କରି ତୁରନ୍ତ ତାଙ୍କ ରଥକୁ ଭଗ୍ନ କଲା।ପ୍ରାଣ ବଞ୍ଚାଇ ଶଲ୍ୟଙ୍କ ଭ୍ରାତା ସେଠାରୁ ପଳାୟନ କଲେ। ଅଭିମନ୍ୟୁର ଏଭଳି ରଣ କୌଶଳ ଦେଖି ଭୂୟସୀ ପ୍ରଶଂସା କଲେ ଗୁରୁ ଦ୍ରୋଣ। ଆନନ୍ଦାଶ୍ରୁ ଝରିଗଲା ଗୁରୁଙ୍କ ଆଖିରୁ। କହିଲେ... ବାଃ ରେ ଧନଞ୍ଜୟ ପୁତ୍ର, ପିତାଙ୍କର ସମସ୍ତ ପ୍ରତିଭା ତୋ ଭିତରେ ପୂର୍ଣ୍ଣ ହୋଇ ରହିଛି। ଏହା ଦେଖି ଇର୍ଷାରେ ଜଳିଲା ଦୁର୍ଯ୍ୟୋଧନର ହୃଦୟ। କହିଲା ଦୁର୍ଯ୍ୟୋଧନ...

"ଅର୍ଜୁନ ପ୍ରୀତିରେ ଦ୍ରବି ତା ପୁତ୍ରରେ ଅଯଥା ପ୍ରଶଂସା କର,
ତାକୁ ରଣେ ହତ ନକଲେ ଆଜ ତ ଯୁଦ୍ଧେ ହେବ ଆମ୍ଭ ହାର।
ଭରଦ୍ୱାଜ ସୁତ ହୋଇଲେ ଆହତ ବୋଇଲେ କୁମାର ଶୁଣ,
ଶତ୍ରୁ ତୀର ଠାରୁ ଅଧିକ ଯନ୍ତ୍ରଣା ଦିଏ ତୁମ୍ଭ ବାକ୍ୟବାଣ।
ପ୍ରତିଭାର ପୂଜା ହୁଏ ଯୁଗେ ଯୁଗେ ଜାଣିଥାଅ କୁରୁ ରାଜ,
ତୁମ୍ଭେ କି ବୁଝିବ ଈର୍ଷାନଳେ ପାଂଶୁ ହୃଦୟ ତୁମ୍ଭର ଆଜ ?"

-୦-

(୯୦)

ଉଦିତ ସୂର୍ଯ୍ୟର ଅକାଳ ମୃତ୍ୟୁ

ତ୍ରୟୋଦଶ ଦିନର ଲୋମହର୍ଷଣକାରୀ ଯୁଦ୍ଧ ଦେଖିବାପାଇଁ ଦେବତା ମାନେ ଆକାଶରୁ ଚାହିଁ ରହିଛନ୍ତି। ଦୁର୍ଯ୍ୟୋଧନ, ଦୁଃଶାସନ, ଦ୍ରୋଣାଚାର୍ଯ୍ୟ, ଅଶ୍ୱତ୍ଥାମା, କର୍ଣ୍ଣ, ଶକୁନି, କୃପାଚାର୍ଯ୍ୟ ଆଦି କୌରବ ପକ୍ଷର ସପ୍ତ ମହାରଥୀଙ୍କ ସହିତ ଏକାକୀ ଯୁଦ୍ଧ କରୁଥିଲା ଅର୍ଜୁନ ପୁତ୍ର ଅଭିମନ୍ୟୁ। ତେଣେ ସଂସପ୍ତକ ଯୁଦ୍ଧରେ ମଧ୍ୟମ ପାଣ୍ଡବ ଅର୍ଜୁନ କୁରୁ କ୍ଷେତ୍ରରୁ ବହୁ ଦୂରରେ ମଗ୍ନ ରହି ରଣକ୍ଷେତ୍ରକୁ ଆସିବା ପାଇଁ ଅବସର ପାଉ ନଥିଲେ। ସଂସପ୍ତକ ମାନଙ୍କ 'ଯୁଦ୍ଧଂ ଦେହି' ଆହ୍ୱାନ ଶୁଣିବା ପରେ ପାର୍ଥସାରଥୀଙ୍କ ଦ୍ୱାରା ପରିଚାଳିତ ନନ୍ଦିଘୋଷ ସଂସପ୍ତକ ବାହିନୀକୁ ଚିରି ମେଘ ଭିତରେ ଚନ୍ଦ୍ର ପ୍ରବେଶ କଲାଭଳି ପ୍ରବେଶ କଲା।

ମାୟାବୀ ସଂସପ୍ତକମାନେ 'ମହାମେଘ' ବାଣ ପ୍ରୟୋଗ କରି ବାଣର ଘୋର ଘନଘଟା ସୃଷ୍ଟି କରିଥିଲେ। ଦୁର୍ଭେଦ୍ୟ ମେଘମାଳାରୁ ନନ୍ଦିଘୋଷ ଉପରେ ବର୍ଷା ହେଉଥିଲା

Source: Author, Digitized by PPRACHIN, SOA

କୁଢକୁଢ ବାଣ। ସେ ସମସ୍ତ ପ୍ରତିହତ କରିବା ପାଇଁ ବିଜୁଳି ବେଗରେ ନନ୍ଦିଘୋଷ ଚାଳନା କରୁଥିଲେ ଶ୍ରୀକୃଷ୍ଣ।ବାଣ ଆଘାତରେ ରକ୍ତରଞ୍ଜିତ ଅର୍ଜୁନଙ୍କ ଶରୀର। ହସିଦେଇ ଶ୍ରୀକୃଷ୍ଣ କହିଲେ... ଏହା ତ କ୍ଷତ୍ରିୟର ଭୂଷଣ ପାର୍ଥ ! ବିବ୍ରତ ହୁଅନାହିଁ ଧନଞ୍ଜୟ ! ତୁମର ଏହି ସମସ୍ତ ସଂସପ୍ତକ ଶତ୍ରୁ ତୁମ ହାତରେ ନିହତ ହେବେ।

ଶ୍ରୀକୃଷ୍ଣଙ୍କ ପ୍ରେରଣା ଅର୍ଜୁନଙ୍କ ମନରେ ଅପୂର୍ବ ଉନ୍ମାଦନା ଭରିଦେଲା। ଗାଣ୍ଡିବରେ ବାୟବ୍ୟ ଶର ଖଞ୍ଜିଲେ ଅର୍ଜୁନ। ଭୟଙ୍କର ବେଗରେ ଆକାଶରେ ସେ ବାଣ ସମସ୍ତ ମେଘ-ବାଣଙ୍କୁ ଦୂରକୁ ଭସାଇ ନେଲା। ସମ୍ମୁଖରେ ଦୃଶ୍ୟମାନ ହେଲେ ସୁଶର୍ମା ସହିତ ତାଙ୍କର ଅଗଣିତ ସଂସପ୍ତକ ସେନା। ଦଳ ଦଳ ହୋଇ ଆତ୍ମଘାତୀ ସଂସପ୍ତକ ସୈନ୍ୟ ବଳିପଶୁ ଭଳି ଅର୍ଜୁନଙ୍କ ବାଣରେ ଯମପୁର ଚାଲିଗଲେ। କୁଢ଼ କୁଢ଼ ମୃତ ଶବ ପଡ଼ିଥିଲା ଯୁଦ୍ଧକ୍ଷେତ୍ରରେ ଏବଂ ସେହି ରକ୍ତ ମେଦ ମାଂସ ଉପରେ ଗଡ଼ି ଚାଲିଲା ନନ୍ଦିଘୋଷ ରଥ। ବିଜୟ ଗର୍ବରେ ଫେରି ଯାଉଥିଲା ନନ୍ଦିଘୋଷ କୁରୁକ୍ଷେତ୍ରକୁ; କିନ୍ତୁ ଆହୁରି ଅନେକ ସଂସପ୍ତକ ଆସି ଅର୍ଜୁନଙ୍କ ପଥରୋଧ କଲେ।

ଏଣେ କୁରୁକ୍ଷେତ୍ରରେ ଚକ୍ରବ୍ୟୂହ ମଧ୍ୟରେ ଏକାକୀ ଯୁଦ୍ଧରତ ଅଭିମନ୍ୟୁ। ଭୀମ, ସାତ୍ୟକି, ବିରାଟ, ଧୃଷ୍ଟଦ୍ୟୁମ୍ନ ଆଦି ଯୋଦ୍ଧା ମାନେ ତାଙ୍କୁ ସହାୟତା ଦେବାପାଇଁ ବ୍ୟୂହ ମଧ୍ୟରେ ପ୍ରବେଶ କରିପାରୁନଥିଲେ। ବ୍ୟୂହଦ୍ୱାରରେ ଥାଇ ସିନ୍ଧୁରାଜ ଜୟଦ୍ରଥ ସେମାନଙ୍କ ପଥରୋଧ କରୁଥିଲା। ବ୍ୟୂହ ମଧ୍ୟରେ ଏକାକୀ ସିଂହଶିଶୁ ଅଭିମନ୍ୟୁ ଗର୍ଜନ କରୁଥାଏ। କର୍ଣ୍ଣ, ଦୁର୍ଯ୍ୟୋଧନ, ଦୁଃଶାସନ, ଶଲ୍ୟ ଆଦି ଯେଉଁ ବୀର ମାନେ ଅଭିମନ୍ୟୁ ଦ୍ୱାରା ପରାସ୍ତ ହୋଇ ଜୀବନ ନେଇ ପଳାୟନ କରିଥିଲେ, ସେମାନେ ପୁଣି ଥରେ ଆସି ଯୁଦ୍ଧ ଆରମ୍ଭ କରିଦେଲେ।

ଏହି ସମୟରେ ଦୁର୍ଯ୍ୟୋଧନଙ୍କ ପୁତ୍ର ଲକ୍ଷ୍ମଣ କୁମାର ଅଭିମନ୍ୟୁ ଉପରେ ବାଣ ବର୍ଷଣ କଲା। ସେ ବାଣକୁ ପ୍ରତିହତ କରି ପାଲଟା ବାଣରେ ଅଭିମନ୍ୟୁ ଲକ୍ଷ୍ମଣ କୁମାରକୁ ସେପାରିକୁ ପଠାଇ ଦେଲା। ସମ୍ମୁଖରେ ପ୍ରିୟ ପୁତ୍ରର ମୃତ୍ୟୁ ଦେଖି କ୍ରୋଧରେ ଜ୍ଞାନ ଶୂନ୍ୟ ହୋଇ ଦୁର୍ଯ୍ୟୋଧନ କହିଲା... ଶୀଘ୍ର ନିହତ କର ଏ ଦୁଷ୍ଟ ବାଳକକୁ,ମୋ ପୁତ୍ରହନ୍ତାକୁ ଶୀଘ୍ର ମୃତ୍ୟୁ ଦଣ୍ଡଦିଅ।

ଦ୍ରୋଣ କହିଲେ... ଏକକ ଯୁଦ୍ଧରେ ଅଭିମନ୍ୟୁକୁ ବଧ କରିବା ସମ୍ଭବ ନୁହେଁ,ସମସ୍ତେ ମିଳିତ ହୋଇ ତାଙ୍କୁ ବଧ କର। ଯୁଦ୍ଧର ସମସ୍ତ ନୀତି ନିୟମକୁ ଶୂନ୍ୟକୁ ଫିଙ୍ଗିଦେଇ, କୌରବ ପକ୍ଷର ସପ୍ତରଥି ଅଭିମନ୍ୟୁକୁ ଆକ୍ରମଣ କଲେ। ପୃଷ୍ଠ ଭାଗରୁ ବାଣ ପ୍ରହାର କରି କର୍ଣ୍ଣ ଅଭିମନ୍ୟୁକୁ ଅସ୍ତ୍ରହୀନ କଲେ। ଅନ୍ୟ ଏକ ବାଣରେ କର୍ଣ୍ଣତାର ରଥ

Source: Author, Digitized by PPRACHIN, SOA

ଧୂଳିସାତ କରି ଅଶ୍ୱଙ୍କୁ ଯମପୁରକୁ ପଠାଇଲେ ।

ଭୂମିରେ ଅଭିମନ୍ୟୁ ଖଡ୍ଗହସ୍ତରେ ଉଭା ହେଲା । ଦ୍ରୋଣାଚାର୍ଯ୍ୟ ଏକ ବାଣ ପ୍ରୟୋଗ କରି ଖଡ୍ଗକୁ ଖଣ୍ଡବିଖଣ୍ଡିତ କରିଦେଲେ । ସପ୍ତରଥିଙ୍କ ମିଳିତ ଆକ୍ରମଣ ଦେଖି ଅଭିମନ୍ୟୁ ପ୍ରଶ୍ନ କଲା... ହେ ଗୁରୁ ଦ୍ରୋଣାଚାର୍ଯ୍ୟ ! ଆପଣ ପରା ଶାସ୍ତ୍ରରେ ପାରଙ୍ଗମ ? କେଉଁ ଶାସ୍ତ୍ରରେ ଲେଖା ଅଛି ଏଭଳି ମିଳିତ ଭାବରେ ଜଣେ ଅସ୍ତ୍ରହୀନ ରଥୀକୁ ହତ୍ୟା କରିବା ପାଇଁ ? ହେ ଆଚାର୍ଯ୍ୟ କୃପ ! ତୁମେ ପରା ଆଚାରଶ୍ରେଷ୍ଠ !! କେଉଁ ଆଚାରବିଧି ଅନୁଯାୟୀ ତୁମେ ମିଳିତ ଭାବେ ଜଣେ ନିରସ୍ତ୍ର ରଥୀ ସହିତ ଯୁଦ୍ଧ କରୁଛ ? ହେ ଅଙ୍ଗରାଜ କର୍ଣ୍ଣ ! ଅର୍ଜୁନଙ୍କ ପରେ ଶ୍ରେଷ୍ଠ ବୀର ଭାବରେ ତୁମେ ଆର୍ଯ୍ୟାବର୍ତ୍ତରେ ପରିଗଣିତ; ଏହା କଣ ତୁମ ବୀରତ୍ୱର ନମୁନା !! ତୁମେମାନେ ସମସ୍ତେ ମିଳିତ ଭାବରେ ମୋତେ ଆକ୍ରମଣ କରୁଛ ଜାଣି ମୋ ପିତା ତୁମ୍ଭମାନଙ୍କର ଅବସ୍ଥା କଣ କରିବେ ଚିନ୍ତା କରି ପାରୁଛ ତ ?

ସେଦିନ କିନ୍ତୁ କୌରବ ପକ୍ଷର ମହାରଥୀମାନେ ସମସ୍ତ ଲଜ୍ଜା, ସବୁ ଯୁଦ୍ଧନୀତିକୁ ଶୂନ୍ୟକୁ ଫିଙ୍ଗି ଦେଇଥିଲେ । ଅସ୍ତ୍ରହୀନ ମତ୍ତହସ୍ତି ଅଭିମନ୍ୟୁ ଉପରେ ସେମାନେ ବାରମ୍ବାର ବାଣ ପ୍ରହାରକଲେ । ଦୁଇ ହାତରେ ଭଗ୍ନ ରଥଚକ୍ର ଧରି ଉଭା ହେଲା ଅଭିମନ୍ୟୁ । ଜଣାଗଲା ସତେ ଯେପରି ଦ୍ୱାରକା କେଶରୀ ସୁଦର୍ଶନ ଚକ୍ର ଧରି ରଣକ୍ଷେତ୍ରରେ ଦଣ୍ଡାୟମାନ ।ଘୋର ଘର୍ଘର ଗତିରେ ସୁଦର୍ଶନ ଚକ୍ର ପରି ରଥଚକ୍ର ଘୂରାଇ ଅଭିମନ୍ୟୁ ଶତ୍ରୁ ପକ୍ଷରୁ ପ୍ରେରିତ ସମସ୍ତ ବାଣର ପ୍ରତିରୋଧ କଲା । କିନ୍ତୁ ଶେଷରେ ନିରସ୍ତ ହୋଇ ଧରାଶାୟୀ ହେଲା । ଦୁଃଶାସନର ପୁତ୍ର ଦୁର୍ମାଶନ ଆସି ପ୍ରଚଣ୍ଡ ଗଦା ପ୍ରହାର କଲା ଅଭିମନ୍ୟୁ ଉପରେ । ଦୁଇ ବୀର ଧରାଧରି ହୋଇ ଧରଣୀ ଉପରେ ଗଡା ଗଡ଼ି ହୋଇ ଯୁଦ୍ଧ କଲେ । କିନ୍ତୁ ଅସ୍ତ୍ରହୀନ ଅଭିମନ୍ୟୁ ଶିରରେ, ଶେଷରେ ଦୁଶାସନ ଗଦା ପ୍ରହାର କରି ତାକୁ ହତ୍ୟା କଲା ।

ଅଭିମନ୍ୟୁର ପ୍ରାଣବାୟୁ ଉଡିଯାଇ ପରମାତ୍ମାଙ୍କ ସ୍ଥିତିରେ ଲୀନ ହୋଇ ଗଲା; ନିଶ୍ଚଳ ହୋଇ ପଡ଼ିରହିଲା ମୃତ ଶରୀର ।

ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଲେ... ମହାରାଜ ! ପଦ୍ମବନକୁ ହସ୍ତି ଦଳନ କଲାଭଳି ଯେଉଁ ଅଭିମନ୍ୟୁ ଏକାକୀ କୌରବ ପକ୍ଷରେ ଆତଙ୍କ ସୃଷ୍ଟି କରିଥିଲା ତାକୁ ଆପଣଙ୍କ ପୁତ୍ର ଓ ମହାରଥୀମାନେ ଏହିପରି ଅନ୍ୟାୟ ଯୁଦ୍ଧରେ ହତ୍ୟା କଲେ; ଏହାପରେ ନିର୍ଲଜ ବ୍ୟାଧମାନେ ଯେଉଁପରି ଶିକାର ଚାରିପଟେ ଘୂରିବୁଲି ନର୍ତ୍ତନ କରନ୍ତି ସେହିପରି ଆପଣଙ୍କ ଯୋଦ୍ଧାମାନେ ହର୍ଷୋଲ୍ଲାସ କରୁଥିଲେ । ଏହାଦେଖି ସ୍ୱର୍ଗରୁ ଦେବତାମାନେ ଲଜ୍ଜା ଲଜ୍ଜା ବୋଲି ଚିତ୍କାର କରୁଥିଲେ ମଧ୍ୟ ଅନ୍ୟାୟ-ବିଜୟରେ ଉନ୍ମତ୍ତ ଆପଣଙ୍କ ମହାରଥୀମାନେ ତାହା ଶୁଣି ପାରୁନଥିଲେ । ଆକାଶରେ ଘୂରି ବୁଲୁଥିବା ଗୃଦ୍ଧପକ୍ଷୀମାନେ ମଧ୍ୟ 'ଏହା

Source: Author, Digitized by PPRACHIN, SOA

ଅନ୍ୟାୟ, ଏହା ଅନ୍ୟାୟ' ବୋଲି ଚିତ୍କାର କରୁଥିଲେ। ହେ ମହାରାଜ! କୁରୁକ୍ଷେତ୍ରରେ ଆଜି ପର୍ଯ୍ୟନ୍ତ ହୋଇଥିବା ଯୁଦ୍ଧରେ ଏଭଳି ଅନ୍ୟାୟ ଆଚରଣ ବୀରମାନଙ୍କ ଦ୍ୱାରା କଦାପି ହୋଇନାହିଁ।

ଯେଉଁମାନେ ପାଷଣ୍ଡ ଓ ହୃଦୟହୀନ ସେମାନଙ୍କ ଆଖିରେ ଥିଲା ଆନନ୍ଦ, କିନ୍ତୁ ଉତ୍ତମ ବ୍ୟକ୍ତି ମାନଙ୍କ ଆଖିରେ ଥିଲା ଅଶ୍ରୁ ହିଁ ଅଶ୍ରୁ। ବିଜୟ ଉଲ୍ଲାସରେ ଯେତେବେଳେ କୌରବପକ୍ଷ ଆନନ୍ଦ ଉତ୍ସବ ପାଳନ କରୁଥିଲେ, ଯୁଯୁତ୍ସୁ ନାମକ ଧୃତରାଷ୍ଟ୍ରଙ୍କ ଏକ ପୁତ୍ର ସେମାନଙ୍କୁ ତିରସ୍କାର କରି କହିଲା... ଏହା ଘୋର ଅନ୍ୟାୟ, କ୍ଷତ୍ରିୟ ହୋଇ ଏଭଳି ଘୃଣ୍ୟ କାର୍ଯ୍ୟ କରିବା ପାଇଁ ତୁମ୍ଭମାନଙ୍କର ବିବେକ ବାଧା ଦେଲା ନାହିଁ !! ଏଭଳି ଘୃଣ୍ୟ କର୍ମକରି ତୁମେମାନେ ପୁଣି ଆନନ୍ଦ ଉତ୍ସବ ପାଳନ କରୁଛ !! ଏହାର ଭୟାବହ ପରିଣତି ନିଶ୍ଚୟ ଭୋଗ କରିବ। ଏହାକହି ଯୁଯୁତ୍ସୁ ଅସ୍ତ୍ର ଫିଙ୍ଗିଦେଇ, ଯୁଦ୍ଧ କ୍ଷେତ୍ର ତ୍ୟାଗକରି ଚାଲିଗଲା।

-୦-

(୯୧)

ପ୍ରତିଶୋଧର ଅନିର୍ବାଣ ବହ୍ନି

ପାଣ୍ଡବ ଶିବିର ଉପରେ ଦୁଃଖର ପାହାଡ ଭାଙ୍ଗି ପଡିଲା। ଭୀମସେନ ମୁହଁକୁ ତଳକୁ ପୋତି ବସିଥିଲେ। ବ୍ୟୂହ ଭେଦ ସମୟରେ ଅଭିମନ୍ୟୁ ସହିତ ଛାଇ ପରି ରହିବାକୁ ପ୍ରତିଶ୍ରୁତି ଦେଇ ସେ ତାହା ରକ୍ଷା କରି ପାରିନଥିବାରୁ ସେ ନିଜକୁ ଦୋଷୀ ମନେ କରୁଥିଲେ। ଅଶ୍ରୁପ୍ଲାବିତ ନେତ୍ରରେ ନକୁଳ ଓ ସହଦେବ ମୁଖ ଅବନତ କରି ବସି ରହିଥିଲେ।

ଦୁଃଖ ସାଗରରେ ସଂପୂର୍ଣ୍ଣ ଭାବରେ ବୁଡି ଯାଇଥିଲେ ଯୁଧିଷ୍ଠିର। ଭାବୁଥିଲେ... ଯେଉଁ ବୀରପୁତ୍ରର ରଣ କୌଶଳ ଦେବତା ମାନଙ୍କୁ ମଧ୍ୟ ସ୍ତମ୍ଭିଭୂତ କରିଥିଲା, ଯାହାର ଆକ୍ରମଣରେ ପ୍ରାଣଭୟରେ ଶଲ୍ୟ, ଦୁଃଶାସନ, କର୍ଣ୍ଣଙ୍କ ଭଳି ବୀରମାନେ ପଳାୟନ କରୁଥିଲେ, ଦାବାନଳ ଭଳି ଯେଉଁ ପୁତ୍ର ଦ୍ରୋଣ, ଅଶ୍ୱତ୍ଥାମା, ଦୁର୍ଯ୍ୟୋଧନଙ୍କ ଭଳି ଯୋଦ୍ଧାମାନଙ୍କର ସାହସକୁ ଭସ୍ମିଭୂତ କରୁଥିଲା, ତାର ମୃତ୍ୟୁ ପରେ ଆଉ କ'ଣ ରହିଲା ପାଣ୍ଡବଙ୍କ ପାଇଁ !! କାହିଁକି ଆଉ ଏ ଯୁଦ୍ଧ ?

କଣ ସେ କହିବେ ଅର୍ଜୁନଙ୍କୁ, ଯେତେବେଳେ ସଂସପ୍ତକ ଯୁଦ୍ଧରୁ ଫେରିଆସି

Source: Author, Digitized by PPRACHIN, SOA

ଅର୍ଜୁନ ପଚାରିବେ... କେଉଁଠି ଅଛି ମୋ ଅଭିମନ୍ୟୁ ? କଣ କହିବେ ସେ ଶ୍ରୀକୃଷ୍ଣଙ୍କୁ ଯେତେବେଳେ ସେ ପଚାରିବେ... କୁଆଡେ ଗଲା ମୋ ପ୍ରାଣପ୍ରିୟ ଭାଗିନେୟ ? କଣ କହି ସେ ଶାନ୍ତ୍ୱନା ଦେବେ ଅଭିମନ୍ୟୁର ଦୁଃଖିନୀ ଜନନୀ ସୁଭଦ୍ରାଙ୍କୁ ? କିପରି ବଧୂ ଉତ୍ତରାର ବୈଧବ୍ୟ ବେଦନା ସେ ସହ୍ୟ କରି ପାରିବେ ?

ଯୁଧିଷ୍ଠିର ଭାବିଲେ... ମୋ ସ୍ୱାର୍ଥ ସିଦ୍ଧି ପାଇଁ ପଣ୍ଡୁକୁଳର ଏ ଜାଜ୍ୱଲ୍ୟମାନ ହୀରାକୁ ମୁଁ ହରାଇ ବସିଲି । ସଦ୍ୟ ବିବାହିତ ମୋ ପୁତ୍ରର ହସଖେଳର ସଂସାର କୁ ମୁଁ ନଷ୍ଟ କରିଦେଲି ।

ପୁତ୍ର ଶୋକରେ ମ୍ରିୟମାଣ ପାଣ୍ଡବଙ୍କୁ ଶାନ୍ତ୍ୱନା ଦେବାପାଇଁ ବ୍ୟାସଦେବ ଯୁଧିଷ୍ଠିରଙ୍କ ପାଖରେ ପହଞ୍ଚି ସୃଷ୍ଟିର ନିୟମର ପୁନଃ ଅବତାରଣା କରି କହିଲେ... ହେ ଜ୍ଞାନଶ୍ରେଷ୍ଠ ! ଜନ୍ମ ଏବଂ ମୃତ୍ୟୁ ବିଧାତାଙ୍କର ବିଧାନ; ଯେଉଁ ସମୟରେ ବିଧାତା ଜୀବଜଗତର ସୃଷ୍ଟି କଲେ, ବିଭିନ୍ନ ଜୀବମାନଙ୍କର ସଂଖ୍ୟା ବୃଦ୍ଧି ସମସ୍ୟା ତାଙ୍କୁ ବିଚଳିତ କଲା । ସେଥିପାଇଁ ବନ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପଦ ସହିତ, ରୋଗ, ଜରା ଏବଂ ଯୁଦ୍ଧ ବିଗ୍ରହ ଭଳି ମନୁଷ୍ୟକୃତ ଘଟଣାବଳୀର ସୃଷ୍ଟି ମଧ୍ୟ ବିଧାତାଙ୍କ ବିଧାନ ବ୍ୟତୀତ ଅନ୍ୟ କିଛି ନୁହେଁ । ଯିଏ ଜନ୍ମ ହୁଏ ତା ପାଇଁ ମୃତ୍ୟୁ ନିଶ୍ଚିତ । ଏ ସଂସାର ତ୍ୟାଗ କରିବା ସମୟର ନିଷ୍ପତ୍ତି ମଧ୍ୟ ମନୁଷ୍ୟ ହାତରେ ନଥାଏ ।

ସବୁ ସେହି ଅଦୃଷ୍ଟର ବିଧାନ । ଜନ୍ମପୂର୍ବରୁ ସମସ୍ତେ ଅଦୃଶ୍ୟ ରହିଥାନ୍ତି ଏବଂ ମୃତ୍ୟୁ ପରେ ମଧ୍ୟ ଅନ୍ତର୍ଦ୍ଧାନ ହୁଅନ୍ତି । ଏହି ଦୁଇ ଅବସ୍ଥାର ମଝିରେ ପ୍ରାଣୀ ସୀମିତ ସମୟ ପାଇଁ କାୟାବାନ ହୁଏ । ସେହି ନଶ୍ୱର ଶରୀରକୁ ନେଇ ଏତେ ପରିବେଦନା କାହିଁକି ପୁତ୍ର ? ଅଭିମନ୍ୟୁ ଯୋଗଜନ୍ମା; ସୀମିତ ଜୀବନକାଳ ଭିତରେ ସେ ସଂପୂର୍ଣ୍ଣ ଜୀବନ ଜିଇଁ ସାରିଛି ।ତା ପାଇଁ ଶୋକ କରନାହିଁ ।

ଯେଉଁ ସମୟରେ ପୃଥିବୀରେ ଧର୍ମ ସଂସ୍ଥାପନା ପାଇଁ ବିଷ୍ଣୁ ଅବତାର ନେବାର ନିଷ୍ପତ୍ତି ନେଲେ ସେତେବେଳେ ଦେବତାମାନେ ଚନ୍ଦ୍ରଙ୍କୁ ଅନୁରୋଧ କରିଥିଲେ ତାଙ୍କ ପ୍ରିୟପୁତ୍ର 'ବର୍ଚ୍ଚ' ଧରାପୃଷ୍ଠରେ ଜନ୍ମନେଇ, ମହାଭାରତ ଧର୍ମଯୁଦ୍ଧରେ ବିଷ୍ଣୁଙ୍କ ସହାୟତା କରିବାପାଇଁ । ଚନ୍ଦ୍ର କିନ୍ତୁ ନିଜର ପ୍ରିୟ ପୁତ୍ରକୁ ଅଧିକ ଦିନ ପାଇଁ ନିଜ ନିକଟରୁ ଦୂରରେ ରଖିବାକୁ ଚାହୁଁ ନଥିଲେ । ତେଣୁ ସେ ମାତ୍ର ଷୋଳବର୍ଷ ପାଇଁ ନିଜପୁତ୍ରକୁ ଧରାପୃଷ୍ଠକୁ ଆସିବାପାଇଁ ଅନୁମତି ଦେଇଥିଲେ । ସେ ସମୟର ଅବଧି ପୂର୍ଣ୍ଣ ହେବା ପରେ, ଧର୍ମଯୁଦ୍ଧରେ ନିଜର ଯୋଗଦାନ ଦେଇ, ଅଭିମନ୍ୟୁରୂପୀ ସୋମପୁତ୍ର ଫେରି ଯାଇଛନ୍ତି ।

ଜ୍ୟେଷ୍ଠ ପୁତ୍ର ଭାବରେ ତୁମେ ଧୈର୍ଯ୍ୟ ନଧରିଲେ ପରିବାରର ଅନ୍ୟ ସମସ୍ତଙ୍କୁ

Source: Author, Digitized by PPRACHIN, SOA

କିଏ ଧୈର୍ଯ୍ୟ ଦେବ ? ବ୍ୟାସଦେବ ଶାନ୍ତ୍ୱନା ଦେଇ ଚାଲିଗଲେ ।

ସଂସପ୍ତକ ମାନଙ୍କୁ ଭୀଷଣ ଯୁଦ୍ଧରେ ପରାସ୍ତ କରି ଶ୍ରୀକୃଷ୍ଣଙ୍କ ସହିତ ଶିବିରକୁ ଫେରିବା ସମୟରେ ଅର୍ଜୁନ କହିଲେ... ହେ ବାସୁଦେବ ! ଆଜି ମୋ ମନ ଏତେ ବିଚଳିତ କାହିଁକି ? ଆମ ଅନୁପସ୍ଥିତିରେ ପାଣ୍ଡବ ପକ୍ଷର ଆଜି କିଛି କ୍ଷୟକ୍ଷତି ହୋଇନାହିଁ ତ ? ଗୁରୁ ଦ୍ରୋଣାଚାର୍ଯ୍ୟ ଆଜି ଯେଉଁ ବ୍ୟୂହ ରଚନା କରିଥିଲେ, ତାହା ଆମ ଯୋଦ୍ଧାମାନେ ସଫଳତା ସହିତ ଭେଦ କରି ପାରିଛନ୍ତି ତ ? ଯୁଦ୍ଧରତ ଆମର ପୁତ୍ର ମାନେ ସମସ୍ତେ ସକୁଶଳ ଥିବେ ତ କେଶବ ?

ଶ୍ରୀକୃଷ୍ଣ ଏ ସମସ୍ତ ପ୍ରଶ୍ନର ଉତ୍ତର ନଦେଇ ଗମ୍ଭୀର ହୋଇ ନନ୍ଦିଘୋଷ ଚାଳନା କରୁଥିଲେ ।

ପାଣ୍ଡବ ଶିବିର ପାଖରେ ପହଞ୍ଚିଲା ନନ୍ଦିଘୋଷ ରଥରୁ ଅବତରଣ କରି ଅର୍ଜୁନ ଦେଖିଲେ ଦ୍ୱାରଦେଶରେ ଦଣ୍ଡାୟମାନ ଦ୍ୱାରପାଳମାନେ ତାଙ୍କ ଦୃଷ୍ଟି ସହିତ ଦୃଷ୍ଟି ମିଳାଇ ପାରୁନଥିଲେ ।

ପାଣ୍ଡବ ଶିବିରରେ ଶ୍ମଶାନର ନିରବତା ରାଜତ୍ୱ କରୁଥିଲା । ଭିତରେ ପ୍ରବେଶ କରି ଅର୍ଜୁନ ଦେଖିଲେ ତାଙ୍କର ସବୁ ଭାଇମାନେ ଦୃଷ୍ଟି ଅବନତ କରି ଅଶ୍ରୁ ମୁଞ୍ଚନ କରୁଛନ୍ତି । ଅଧୈର୍ଯ୍ୟ ହୋଇ ଧନଞ୍ଜୟ ଯୁଧିଷ୍ଠିରଙ୍କୁ ପଚାରିଲେ..କଣ ହୋଇଛି ଜ୍ୟେଷ୍ଠଭ୍ରାତା ! କିଛି ଅଘଟଣ ଘଟିନାହିଁ ତ ? କେଉଁଠି ମୋ ଅଭିମନ୍ୟୁ ? ସବୁଦିନ ଭଳି ଆଜି କାହିଁକି ମୋ ପାଖକୁ ଧାଇଁ ଆସି ଯୁଦ୍ଧ ବିଷୟରେ ଜିଜ୍ଞାସା କରୁନାହିଁ ? ଗୁରୁଙ୍କ ନିର୍ମିତ ବ୍ୟୂହ ଆଜି ପାଣ୍ଡବମାନେ ସଫଳତା ସହିତ ଭେଦ କରି ପାରିଛନ୍ତି ତ ?

ଅର୍ଜୁନଙ୍କର ଏତେଗୁଡିଏ ପ୍ରଶ୍ନର ସକ୍ଷିପ୍ତ ଉତ୍ତରରେ ଯୁଧିଷ୍ଠିର କହିଲେ... ଅଭିମନ୍ୟୁ ଆଉ ନାହିଁ ଅନୁଜ ! ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ଆମ ବୀରପୁତ୍ର ଭୀଷଣ ସଂଗ୍ରାମରେ ବୀରଗତି ପ୍ରାପ୍ତ ହୋଇଛି ।

ତା'ପରେ ଯୁଧିଷ୍ଠିର, ଯାହା ଯାହା ଘଟିଥିଲା ସଂକ୍ଷେପରେ କୃଷ୍ଣ ଓ ଅର୍ଜୁନଙ୍କ ଆଗରେ ବର୍ଣ୍ଣନା କଲେ । ପ୍ରିୟ ପୁତ୍ରର ମୃତ୍ୟୁ ସମ୍ବାଦ ପାଇ ଦୁଃଖରେ ଭାଙ୍ଗିପଡିଲେ ଫାଲଗୁନୀ । ଧୈର୍ଯ୍ୟ ଦେଇ ଶ୍ରୀକୃଷ୍ଣ କହିଲେ... କ୍ଷତ୍ରିୟର ମସ୍ତକ ଉପରେ ସର୍ବଦା ମୃତ୍ୟୁ ଖଡ୍ଗଭଳି ଝୁଲି ରହିଥାଏ ପାର୍ଥ ! ଏତେ ଅଳ୍ପ ବୟସରେ ଅଭିମନ୍ୟୁ ଯେଉଁ ଯଶ ଅର୍ଜନ କରିପାରିଛି ଅନେକ ମହାରଥୀ ପୂର୍ଣ୍ଣ ଜୀବନକାଳ ମଧ୍ୟରେ ମଧ୍ୟ କରି ପାରି ନାହାଁନ୍ତି ।ଶୋକ ନୁହେଁ, ବୀରପୁତ୍ର ପାଇଁ ଗର୍ବ କର ପାର୍ଥ; ଆଜି ଶପଥ ନିଅ, ଯେଉଁ କୌରବ ଯୋଦ୍ଧାମାନେ ଅନ୍ୟାୟରେ ତୁମ ପୁତ୍ରକୁ ହତ୍ୟାକରିଛନ୍ତି, ସେମାନଙ୍କୁ ତୁମେ କଦାପି କ୍ଷମା ଦେବନାହିଁ ।

Source: Author, Digitized by PPRACHIN, SOA

ଏ ସମୟରେ ତୁମର ଧୈର୍ଯ୍ୟ ନିହାତି ଆବଶ୍ୟକ। ତୁମେ ଅଧୈର୍ଯ୍ୟ ହେଲେ ଶୋକଗ୍ରସ୍ତ ପରିବାରବର୍ଗଙ୍କୁ କିଏ ବୁଝାଇବ ?

ଶ୍ରୀକୃଷ୍ଣଙ୍କ ଶାନ୍ତ୍ୱନାରେ ଧୈର୍ଯ୍ୟ ଫେରି ପାଇଲେ ଅର୍ଜୁନ। ତା'ପରେ କେଉଁ ପରିସ୍ଥିତିରେ ଅଭିମନ୍ୟୁର ମୃତ୍ୟୁ ହେଲା ଯୁଧିଷ୍ଠିରଙ୍କୁ ପଚାରିଲେ ଅର୍ଜୁନ। ଯୁଧିଷ୍ଠିର କହିଲେ... ଅଭିମନ୍ୟୁକୁ ଚକ୍ରବ୍ୟୂହ ଭେଦ କରିବା ଉପାୟ ଜଣାଥିଲା କିନ୍ତୁ ପ୍ରତ୍ୟାବର୍ତ୍ତନ ଉପାୟ ଜଣାନଥିଲା। ବ୍ୟୂହ ଭେଦ ସମୟରେ ଭୀମ, ସାତ୍ୟକି, ଧୃଷ୍ଟଦ୍ୟୁମ୍ନ ଆଦି ଯୋଦ୍ଧାମାନେ ଛାଇ ପରି ଅଭିମନ୍ୟୁ ପାଖେ ପାଖେ ରହିଥିଲେ। ଅଭିମନ୍ୟୁ ସଫଳତା ସହିତ ବ୍ୟୂହ ମଧ୍ୟରେ ପ୍ରବେଶ କଲା, କିନ୍ତୁ ସିନ୍ଧୁରାଜ ଜୟଦ୍ରଥ ପଥରୋଧ କରିବାରୁ ସହାୟତା କରୁଥିବା ପାଣ୍ଡବ ମହାରଥୀମାନେ ବ୍ୟୂହ ଭିତରେ ପ୍ରବେଶ କରି ପାରିଲେ ନାହିଁ।

ଯୁଧିଷ୍ଠିରଙ୍କ ଠାରୁ ଏହା ଶୁଣି ଅର୍ଜୁନଙ୍କର ସମସ୍ତ କ୍ରୋଧ ଜୟଦ୍ରଥ ଉପରେ କେନ୍ଦ୍ରିଭୂତ ହେଲା। କ୍ରୋଧରେ କମ୍ପିଗଲେ ସବ୍ୟସାଚୀ। ଉର୍ଦ୍ଧ୍ୱକୁ ବାହୁତୋଳି ଶପଥ କଲେ... କାଲି ଯୁଦ୍ଧରେ ସୂର୍ଯ୍ୟାସ୍ତ ପୂର୍ବରୁ ମୁଁ ଜୟଦ୍ରଥକୁ ନିଶ୍ଚିତ ଭାବରେ ବଧ କରିବି; ନହେଲେ ମୋର ଏ ତୁଚ୍ଛ ପ୍ରାଣକୁ ଶତ ଧିକ, ନିଜେ ଅଗ୍ନିରେ ଆତ୍ମାହୁତି ଦେବି।

ମହାଭାରତରେ ଅଭିମନ୍ୟୁ ବଧ ଘଟଣା ଯୁଦ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆଣି ଦେଇଥିଲା।ଏହା ଆଉ ଧର୍ମଯୁଦ୍ଧ ହୋଇ ରହିଲା ନାହିଁ। ଏହା ପରଠାରୁ ଧର୍ମ ଓ ଅଧର୍ମର ସଜ୍ଞା ବଦଳିଗଲା। ଅର୍ଜୁନଙ୍କ ହାତରେ ଦ୍ରୋଣ ଏବଂ କର୍ଣ୍ଣଙ୍କ ମୃତ୍ୟୁ ସମୟରେ ଏହା ସ୍ପଷ୍ଟ ପ୍ରମାଣିତ ହୋଇଥିଲା। ଅନେକଙ୍କ ମତରେ ଅଭିମନ୍ୟୁ ବଧ ଶ୍ରୀକୃଷ୍ଣଙ୍କ କୂଟନୀତିର ଏକ ଅଂଶ ଥିଲା। ଅର୍ଜୁନଙ୍କ ମନରେ ପ୍ରତିଶୋଧ ଅଗ୍ନି ପ୍ରଜ୍ୱଳିତ କରିବା ପାଇଁ ଏହା ଶ୍ରୀକୃଷ୍ଣଙ୍କର ଏକ ନିଷ୍ପତ୍ତି ବୋଲି କେହି କେହି ମତ ଦିଅନ୍ତି।

କିନ୍ତୁ ଚକ୍ରୀଙ୍କ ମନକଥା କିଏ କହିପାରିବ !!

-୦-

(୯୨)

ଭୁରିଶ୍ରବାଙ୍କ ଅନ୍ତିମ ଯାତ୍ରା

ପୁତ୍ର ଶୋକରେ ବିଦଗ୍ଧ ଅର୍ଜୁନଙ୍କ ପ୍ରତିଜ୍ଞା କଥା ବିଜୁଳି ବେଗରେ କୌରବ ଶିବିରରେ ଗୁପ୍ତଚର ମାଧ୍ୟମରେ ପହଞ୍ଚିଗଲା। ଚତୁର୍ଦ୍ଦଶ ଦିନରେ ସୂର୍ଯ୍ୟାସ୍ତ ପୂର୍ବରୁ ଅର୍ଜୁନ ସିନ୍ଧୁରାଜ ଜୟଦ୍ରଥଙ୍କୁ ବଧ ନକଲେ ଅଗ୍ନିରେ ପ୍ରବେଶ କରି ଆତ୍ମାହୁତି ଦେବେ ବୋଲି

Source: Author, Digitized by PPRACHIN, SOA

କରିଥିବା ପଣ କଥା ଶୁଣି ଭୟରେ ଶିହରୀ ଉଠିଲେ ଜୟଦ୍ରଥ ।

ଜୟଦ୍ରଥ ହେଉଛନ୍ତି ସିନ୍ଧୁ ରାଜ୍ୟର ମହିପତି ବୃଦ୍ଧକ୍ଷେତ୍ରଙ୍କ ପୁତ୍ର ତଥା ଦୁର୍ଯ୍ୟୋଧନଙ୍କର ଏକମାତ୍ର ଭଗ୍ନୀ ଦୁଃଶୀଳାର ପତି ।ତାଙ୍କର ଜନ୍ମ ସମୟରେ ଆକାଶବାଣୀ ହୋଇଥିଲା ଯେ ସେ ଜୀବନରେ ନିଜକୁ ଏକ ମହାନ୍ ବୀର ଭାବରେ ପ୍ରତିଷ୍ଠିତ କରିପାରିବେ କିନ୍ତୁ ତାଙ୍କର ଅନ୍ତ ମଧ୍ୟ ଜଣେ ଶ୍ରେଷ୍ଠ ବୀରଙ୍କ ଦ୍ୱାରା ମସ୍ତକ କର୍ତ୍ତନ ହୋଇ ହେବ। ଏହାଶୁଣି ବୃଦ୍ଧକ୍ଷେତ୍ରଙ୍କ ମନରେ ଗଭୀର ଦୁଃଖ ଆସିଲା ।ସେ ନିଜେ ଜଣେ ଉଚ୍ଚବର୍ଗର ତପଶ୍ଚାରୀ ଥିଲେ ।ନିଜ ତପସ୍ୟା ଫଳ ବଳରେ ପୁତ୍ରକୁ ବରଦାନ ଦେଇ କହିଥିଲେ... ଯାହା ଦ୍ୱାରା ମୋ ପୁତ୍ରର ମସ୍ତକ ଭୁଲୁଣ୍ଠିତ ହେବ ତାର ମସ୍ତକ ମଧ୍ୟ ସଙ୍ଗେ ସଙ୍ଗେ ବିଦୀର୍ଣ୍ଣ ହୋଇଯିବ ।

ଅର୍ଜୁନଙ୍କ ପଣ କଥା ଶୁଣି ଜୟଦ୍ରଥ ଯୁଦ୍ଧ ତ୍ୟାଗ କରି ନିଜ ରାଜ୍ୟକୁ ଫେରିଯିବା ପାଇଁ ପ୍ରସ୍ତୁତ ହେଲେ । ଜୟଦ୍ରଥଙ୍କୁ ଭୟଭୀତ ଦେଖି ଦୁର୍ଯ୍ୟୋଧନ କହିଲେ... ଭୟଭୀତ ହୁଅନାହିଁ ସୈନ୍ଧବ ! ଅର୍ଜୁନ ତୁମର କେଶାଗ୍ର ମଧ୍ୟ ସ୍ପର୍ଶ କରିପାରିବ ନାହିଁ ।ତୁମର ସହାୟତା ପାଇଁ କର୍ଣ୍ଣ, ଚିତ୍ରସେନ, ବିଭିଂଶତି, ଭୁରିଶ୍ରବା, ଶଲ୍ୟ, ପୁରୁମିତ୍ର, ଜୟ, ଭୋଜ, କାମ୍ବୋଜ, ସୁଦକ୍ଷିଣ, ସତ୍ୟବ୍ରତ, ବିକର୍ଣ୍ଣ, ଦୁର୍ମୁଖ, ଦୁଃଶାସନ, ସୁବାହୁ, କଳିଙ୍ଗେଶ, ବିନ୍ଦ, ଅନୁବିନ୍ଦ, ଶକୁନି, ଦ୍ରୋଣ, ଅଶ୍ୱତ୍ଥାମା, ଆଦି ବୀରମାନେ ନିଜ ନିଜର ଜୀବନକୁ ବାଜି ଲଗାଇଦେବେ । ଆଜି ମୋର ସମଗ୍ର ସେନାବାହିନୀର ଏକମାତ୍ର ଲକ୍ଷ ରହିବ ତୁମକୁ ସୁରକ୍ଷା ପ୍ରଦାନ କରିବା ।

ଦୁର୍ଯ୍ୟୋଧନଙ୍କର ଏଭଳି ଆଶ୍ୱସନା ପାଇ ଜୟଦ୍ରଥ, ସିନ୍ଧୁ ଦେଶ ଫେରି ନଯାଇ, କୁରୁକ୍ଷେତ୍ରରୁ ବାରମାଇଲ୍ ଦୂରରେ ଉପରୋକ୍ତ ବୀର ମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ଅର୍ଜୁନଙ୍କ ବାଣ ଆଘାତରୁ ନିଜକୁ ଦୂରେଇ ରଖିଲେ ।

ଅର୍ଜୁନଙ୍କ ଏକମାତ୍ର ଲକ୍ଷ ଥିଲା ଜୟଦ୍ରଥର ମୃତ୍ୟୁ । ଦୁର୍ଯ୍ୟୋଧନ ଭାବିଲେ... ଜୟଦ୍ରଥ ଜୀବିତ ରହନ୍ତୁ ବା ଅର୍ଜୁନଙ୍କ ହାତରେ ମୃତ୍ୟୁ ବରଣ କରନ୍ତୁ, ଆଜି ଅର୍ଜୁନ ବଞ୍ଚିବାର ପ୍ରଶ୍ନ ଉଠୁନାହିଁ। ଜୟଦ୍ରଥଙ୍କୁ ସୂର୍ଯ୍ୟାସ୍ତ ପୂର୍ବରୁ ମୃତ୍ୟୁ ଦେଇନପାରିଲେ ଅର୍ଜୁନ ଅଗ୍ନିରେ ପ୍ରବେଶ କରି ପ୍ରାଣ ହରାଇବେ । ଜୟଦ୍ରଥକୁ ବଧ କଲେ ମଧ୍ୟ ତାଙ୍କର ଶିର ଭୂମିରେ ପଡ଼ିବା ସଙ୍ଗେ ସଙ୍ଗେ ଅର୍ଜୁନଙ୍କ ମସ୍ତକ ବିଦୀର୍ଣ୍ଣ ହୋଇଯିବ । ଅର୍ଜୁନଙ୍କ ମୃତ୍ୟୁ ପରେ ପାଣ୍ଡବମାନଙ୍କୁ ସହଜରେ ପରାସ୍ତ କରିହେବ ।

ଚତୁର୍ଦ୍ଦଶ ଦିବସ ଗୁରୁ ଦ୍ରୋଣଙ୍କର ସେନାପତିତ୍ୱର ଚରମ ପରୀକ୍ଷାର ଦିନ ଥିଲା । ସେ ଏଭଳି ବ୍ୟୂହ ରଚନା କରିଥିଲେ ଯେ ମହାରଥୀମାନଙ୍କୁ ପରାସ୍ତ କରି ଜୟଦ୍ରଥ

Source: Author, Digitized by PPRACHIN, SOA

ପାଖରେ ପହଞ୍ଚିବା ଅସମ୍ଭବ ବ୍ୟାପାର ଥିଲା ।

ଏଣେ ଅର୍ଜୁନଙ୍କ ସୈନ୍ଧବ-ମାରଣ ଅଭିଯାନରେ ତାଙ୍କୁ ପ୍ରାଣପଣେ ସହଯୋଗ କରୁଥିଲେ ଭୀମସେନ, ସାତ୍ୟକି, ଧୃଷ୍ଟଦ୍ୟୁମ୍ନ ଇତ୍ୟାଦି ମହାରଥୀ ଗଣ । ପାଣ୍ଡବଙ୍କ ଆଗରେ ଆଜି ଦୁଇଟି ମୁଖ୍ୟ ଲକ୍ଷ୍ୟ; ଯୁଧିଷ୍ଠିରଙ୍କୁ ଗୁରୁଙ୍କ ହାତରେ ବନ୍ଦୀ ହେବାରୁ ବଞ୍ଚାଇବା ଏବଂ ଜୟଦ୍ରଥ-ବଧରେ ଅର୍ଜୁନଙ୍କୁ ସାହାଯ୍ୟ କରି ତାଙ୍କୁ ଆତ୍ମାହୂତିରୁ ରକ୍ଷା କରିବା ।ଉଭୟ କାର୍ଯ୍ୟ ମହାକଷ୍ଟସାଧ୍ୟ ଥିଲା ।

ପ୍ରଥମେ ଦ୍ରୋଣାଚାର୍ଯ୍ୟ ଅର୍ଜୁନଙ୍କୁ ଯୁଦ୍ଧରେ ଲିପ୍ତ ରଖିବାକୁ ତାଙ୍କୁ ଆହ୍ୱାନ ଦେଲେ । କିଛି ସମୟ ଯୁଦ୍ଧ କରିବା ପରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ... ଏ ବ୍ରାହ୍ମଣ ଯୁଦ୍ଧରେ ଅଜେୟ । ତାଙ୍କ ସହିତ ଯୁଦ୍ଧରେ ଲିପ୍ତ ରହିଲେ ତୁମେ କରିଥିବା ପଣ ପୂରଣ ହୋଇ ପାରିବ ନାହିଁ । ଏହା କହି ଶ୍ରୀକୃଷ୍ଣ ଗୁରୁଙ୍କ ସହିତ ଯୁଦ୍ଧ ଏଡ଼ାଇ, ଅତି ସନ୍ତର୍ପଣରେ ନନ୍ଦିଘୋଷ ଅପସରଣ କରି ଜୟଦ୍ରଥ ରହିଥିବା ଦିଗରେ ରଥ ଝପଟାଇ ଦେଲେ । ପଛରୁ ଆହ୍ୱାନ ଦେଉଥିଲେ ଦ୍ରୋଣାଚାର୍ଯ୍ୟ, କିନ୍ତୁ ଅର୍ଜୁନ କହିଲେ... କ୍ଷମା କରନ୍ତୁ ଗୁରୁଦେବ, ଆଜି ମୋ ପୁତ୍ରହନ୍ତାକୁ ମୃତ୍ୟୁଦଣ୍ଡ ଦେବା ମୋର ପ୍ରମୁଖ ଲକ୍ଷ୍ୟ; ଆଉ ଦିନେ ଆପଣଙ୍କ ଆହ୍ୱାନ ଗ୍ରହଣ କରିବି ।

ଅର୍ଜୁନଙ୍କ ବିଦାୟ ପରେ ଗୁରୁଙ୍କ ସହିତ ଘୋର ରଣରେ ମଜ୍ଜିଗଲେ ବୃକୋଦର । ଭୀମଙ୍କର ଭୟଙ୍କର ରୂପରେ ତ୍ରସ୍ତ ସାରା ଯୁଦ୍ଧ କ୍ଷେତ୍ର । କର୍ଣ୍ଣଙ୍କ ସହିତ ମଧ୍ୟ ଯୁଦ୍ଧ କରି ତାଙ୍କୁ ବାରମ୍ବାର ପରାସ୍ତ କରିବା ଦେଖି ଦୁର୍ଯ୍ୟୋଧନଙ୍କ ନିର୍ଦ୍ଦେଶରେ ତାଙ୍କର ଭାଇମାନେ କର୍ଣ୍ଣଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ସେମାନଙ୍କ ଭିତରୁ ଅନେକଙ୍କୁ ଯମପୁରକୁ ପଠାଇଲେ ଭୀମସେନ ।

ଏଣେ ଭୁରିଶ୍ରବାଙ୍କ ସହିତ ସାତ୍ୟକିଙ୍କର ଭୀଷଣ ଯୁଦ୍ଧ ଲାଗିଥାଏ । ଭୁରିଶ୍ରବା, ଯାଦବ ବୀର ସୋମଦତ୍ତଙ୍କ ପୁତ୍ର ଥିଲେ ଏବଂ ସାତ୍ୟକି ଯାଦବ ବୀର ସିନିଙ୍କ ପୌତ୍ର ଥିଲେ । ସୋମଦତ୍ତ ଏବଂ ସିନିଙ୍କ ମଧ୍ୟରେ ପୁରାତନ ପାରିବାରିକ ଶତ୍ରୁତା ଥିଲା । ଯେଉଁ ଅପୂର୍ବ ସୁନ୍ଦରୀ କନ୍ୟାଙ୍କ ବିବାହ ପ୍ରସ୍ତାବ ନେଇ ସୋମଦତ୍ତ ଏବଂ ସିନିଙ୍କ ମଧ୍ୟରେ ଉଠିଥିବା ବିବାଦ ଶତ୍ରୁତାରେ ପରିଣତ ହୋଇଥିଲା ସେ ଥିଲେ ଶ୍ରୀକୃଷ୍ଣଙ୍କ ମାତା ଦେବକୀ । ଦେବକୀ ଶେଷରେ ବସୁଦେବଙ୍କୁ ବିବାହ କରିଥିଲେ, କିନ୍ତୁ ଦୁଇ ଯାଦବ ପରିବାର ଭିତରେ ଶତ୍ରୁତାର ଅନ୍ତ ହୋଇପାରିନଥିଲା ।

ଯେତେବେଳେ କୁରୁକ୍ଷେତ୍ରରେ ସେମାନେ ମୁହାଁମୁହିଁ ହେଲେ, ସେହି ପୁରାତନ ଶତ୍ରୁତା ତାଜା ହୋଇ ଉଠିଲା । ଭୀଷଣ ଯୁଦ୍ଧରେ ମାତି ଗଲେ ସେମାନେ ।

Source: Author, Digitized by PPRACHIN, SOA

ଦୁଇ କ୍ଷୁଧିତ ସିଂହ ପରି ଯୁଦ୍ଧ କରୁଥିଲେ ସାତ୍ୟକି ଓ ଭୁରିଶ୍ରବା। ଖଡ୍‌ଗଯୁଦ୍ଧରେ ଦୁଇଜଣଙ୍କର ଖଡ୍‌ଗ ଖଣ୍ଡବିଖଣ୍ଡିତ ହେବାପରେ ମଲ୍ଲଯୁଦ୍ଧରେ ମାତି ଗଲେ ଦୁହେଁ। ସାତ୍ୟକି ଏହା ପୂର୍ବରୁ ଦ୍ରୋଣ ଏବଂ ଅନ୍ୟ ରଥୀମାନଙ୍କ ସହିତ ଯୁଦ୍ଧ କରି କ୍ଳାନ୍ତ ହୋଇ ପଡ଼ିଥିଲେ। ଭୁରିଶ୍ରବା ତାଙ୍କ ଉପରେ ମାଡିବସି ଉର୍ଦ୍ଧ୍ୱକୁ ବାହୁ ଟେକି ମୁଷ୍ଟି ଉପରେ ମୁଷ୍ଟି ଆଘାତ କରିବାରେ ଲାଗିଲେ।

ଶ୍ରୀକୃଷ୍ଣ ଅର୍ଜୁନଙ୍କ ଦୃଷ୍ଟି ଆକର୍ଷଣ କରି କହିଲେ... ଦେଖ ପାର୍ଥ ! ସାତ୍ୟକି ବର୍ତ୍ତମାନ ଦୟନୀୟ ଅବସ୍ଥାରେ, ତାଙ୍କୁ ସହାୟତା ନଦେଲେ ଆଜି ଭୁରିଶ୍ରବାଙ୍କ ହାତରେ ନିଶ୍ଚିତ ଭାବରେ ସେ ମୃତ୍ୟୁ ମୁଖରେ ପଡ଼ିବେ।

ଅର୍ଜୁନଙ୍କ ମନ କିନ୍ତୁ ଜୟଦ୍ରଥଙ୍କ ମୃତ୍ୟୁ ଚିନ୍ତାରେ ମଗ୍ନ ଥିଲା। ତେଣୁ ସେ କୃଷ୍ଣଙ୍କ କଥାକୁ ଗୁରୁତ୍ୱ ଦେଲେ ନାହିଁ।

ଭୁରିଶ୍ରବା ସାତ୍ୟକିଙ୍କୁ ଭୂମିରେ ପକାଇ, ସିଂହ ତା'ର ଶିକାରକୁ ନେଲାପରି ଘୋଷାରି ଘୋଷାରି ନେଉଥିଲେ। ଶ୍ରୀକୃଷ୍ଣ ପୁନର୍ବାର ଏହା ଅର୍ଜୁନଙ୍କ ଦୃଷ୍ଟି ଗୋଚର କରାଇଲେ।

ଅର୍ଜୁନଙ୍କ ମନରେ ଦ୍ୱନ୍ଦ୍ୱ, ଭୁରିଶ୍ରବା ତାଙ୍କୁ ଆହ୍ୱାନ ଦେଇ ନାହାନ୍ତି; ତେବେ କାହିଁକି ସେ ହସ୍ତକ୍ଷେପ କରିବେ,ଏହା ଅନ୍ୟାୟ ।

ସାତ୍ୟକିଙ୍କ ବକ୍ଷ ଉପରେ ବସି ଭୁରିଶ୍ରବା ଉନ୍ମୁକ୍ତ ଖଡ୍‌ଗ ଧରି ଆଘାତ କରିବାକୁ ଉଦ୍ୟତ। ଶ୍ରୀକୃଷ୍ଣ କହିଲେ... ପାର୍ଥ ! ଯେଉଁ ବୃଷ୍ଣିବଂଶୀ ଆର୍ଯ୍ୟ ସାତ୍ୟକି ତୁମପାଇଁ ଯୁଦ୍ଧରେ ପ୍ରାଣ ବିସର୍ଜନ କରିବାପାଇଁ ସଦା ତତ୍ପର, ତାଙ୍କ ପ୍ରତି କଣ ତୁମର କିଛି କର୍ତ୍ତବ୍ୟ ନାହିଁ ?

ବାସ୍, ପରମୁହୂର୍ତ୍ତରେ ଅର୍ଜୁନଙ୍କ ଗାଣ୍ଡିବରୁ ନିର୍ଗତ ହେଲା ବାଣ। ଯେଉଁ ଦକ୍ଷିଣ ଭୁଜରେ ଭୁରିଶ୍ରବା ଖଡ୍‌ଗ ଉତ୍ତୋଳନ କରିଥିଲେ ସାତ୍ୟକିଙ୍କ ବକ୍ଷ ଭେଦ କରିବା ପାଇଁ ତାହା ଛେଦିତ ହୋଇ ତଳେ ପଡିଲା। ଅନ୍ୟାୟ ଯୁଦ୍ଧରେ ଧାର ଧାର ହୋଇ ବହି ଯାଉଥିବା ଲହୁରେ ଭିଜିଗଲା ଧର୍ମକ୍ଷେତ୍ର କୁରୁକ୍ଷେତ୍ରର ମାଟି।

ଅର୍ଜୁନଙ୍କର ଏଭଳି କାର୍ଯ୍ୟରେ ସ୍ତବ୍ଧ କୁରୁକ୍ଷେତ୍ର। ଅର୍ଜୁନଙ୍କୁ ଧିକ୍କାର କରି ଭୁରିଶ୍ରବା କହିଲେ... ଏଇ ତୁମର କ୍ଷାତ୍ର ଧର୍ମ କୌନ୍ତେୟ ! ! ସାତ୍ୟକି ସହିତ ମୁଁ ରଣ କରୁଥିବା ସମୟରେ ତୁମେ କେଉଁ ନ୍ୟାୟରେ ମୋର ହସ୍ତଛେଦନ କଲ ଅର୍ଜୁନ ! ! ତୁମ ଭ୍ରାତା ଧର୍ମପୁତ୍ରଙ୍କ ପାଖରେ କିପରି ଏହି ଅନ୍ୟାୟ ଯୁଦ୍ଧ ଗାଥା ବର୍ଣ୍ଣନା କରିବ ? କାହାଠାରୁ ଏହି ଅନ୍ୟାୟ ଶିକ୍ଷା କଲ ପାର୍ଥ ? ପିତା ଇନ୍ଦ୍ରଙ୍କ ଠାରୁ ନା ଗୁରୁ ଦ୍ରୋଣାଚାର୍ଯ୍ୟ ନା କୃପାଚାର୍ଯ୍ୟଙ୍କ ଠାରୁ ! ! ଏହା ନିଶ୍ଚିତ ଭାବରେ ଘୃଣ୍ୟ ମାନସିକ ଧାରଣ କରିଥିବା ଶ୍ରୀକୃଷ୍ଣର ଉପଦେଶରେ ତୁମେ କରିଛ ପାର୍ଥ; କୁହ ଏହା କେଉଁ ନ୍ୟାୟ ! !

Source: Author, Digitized by PPRACHIN, SOA

ଅର୍ଜୁନ କହିଲେ ... ଅଯଥା ତୁମେ ବାସୁଦେବଙ୍କୁ ଭର୍ତ୍ସନା କରୁଛ ବୃଦ୍ଧ ଭୁରିଶ୍ରବା। ମୋତେ ଆଉ ନ୍ୟାୟ ଅନ୍ୟାୟ ଶିଖାଅ ନାହିଁ। କେଉଁ ନ୍ୟାୟରେ ସପ୍ତରଥି ମିଳିତ ହୋଇ ମୋ ନିରସ୍ତ୍ର ଅଭିମନ୍ୟୁକୁ ତୁମେ ହତ୍ୟାକଲ ? କେଉଁ ନ୍ୟାୟରେ ଏବେ ତୁମେ ନିରସ୍ତ୍ର ସାତ୍ୟକିଙ୍କୁ ଖଡ୍‌ଗ ପ୍ରହାର କରି ହତ୍ୟା କରିବାକୁ ଯାଉଥିଲ ?

ଭୁରିଶ୍ରବା କୌଣସି ଉତ୍ତର ନଦେଇ ବାମ ହସ୍ତରେ ତୀରରେ ଗୋଟିଏ ଆସନ ପ୍ରସ୍ତୁତ କରି, ତା ଉପରେ ଯୋଗମୁଦ୍ରାରେ ବସିଗଲେ। ଏହି ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଦେଲା।

ଇତି ମଧ୍ୟରେ ସାତ୍ୟକି ଚେତନା ଫେରି ପାଇଲେ। ନିକଟରେ ପଡ଼ିଥିବା ଖଡ୍‌ଗ ଉଠାଇ ସେ ଭୁରିଶ୍ରବାଙ୍କ ମସ୍ତକ କାନ୍ଧରୁ ବିଚ୍ୟୁତ କରିଦେଲେ।

କୁରୁକ୍ଷେତ୍ରରେ ହାହାକାର ଖେଳିଗଲା। ଘୋର ଲଜ୍ଜା, ଘୋର ଲଜ୍ଜା କହି, କୌରବ ପକ୍ଷର ରଥି ମହାରଥୀ ମାନେ ଚିତ୍କାର କଲେ।

-o-

(୯୩)

ଗତାୟୁ ସୂର୍ଯ୍ୟର ଅନ୍ତିମ ରଶ୍ମି

ଦୁର୍ଯ୍ୟୋଧନ କର୍ଣ୍ଣଙ୍କୁ କହିଲେ... ସଖା ! ନିଷ୍ପତ୍ତିର ସମୟ ବର୍ତ୍ତମାନ ଉପସ୍ଥିତ। ମୋର ମନେହୁଏ ଅର୍ଜୁନ ଆଜି ସୂର୍ଯ୍ୟାସ୍ତ ପୂର୍ବରୁ ଜୟଦ୍ରଥଙ୍କୁ ବିନାଶ କରିପାରିବ ନାହିଁ। ସୂର୍ଯ୍ୟ ବର୍ତ୍ତମାନ ପଶ୍ଚିମ ଆକାଶରେ ବୁଡ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଆଉ ମାତ୍ର କେତେ ଘଡ଼ିର କଥା; ସନ୍ଧ୍ୟା ନଇଁ ଯିବା ପରେ ଯେବେ ଅର୍ଜୁନ ଜୟଦ୍ରଥଙ୍କୁ ବଧ କରିବାରେ ଅସଫଳ ହୁଏ ତେବେ ପଣ ଅନୁଯାୟୀ ସେ ଅଗ୍ନିରେ ପ୍ରାଣ ବିସର୍ଜନ କରିବ।

ଅର୍ଜୁନର ମୃତ୍ୟୁ ପରେ ପାଣ୍ଡବଙ୍କ ଉପରେ ବିଜୟ ପ୍ରାପ୍ତି କେବଳ ଏକ ଔପଚାରିକତା ହୋଇ ରହିଯିବ।

ମନେହୁଏ ଭାଗ୍ୟ ଏବେ ଆମର ସହାୟକ। କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ଅର୍ଜୁନ ପଣ କରିନେଲା ଜୟଦ୍ରଥକୁ ବଧ ନକଲେ ଆତ୍ମାହୁତି ଦେବ। ଏପରି ମୃତ୍ୟୁ ଲାଭ କରିବା ବୋଧହୁଏ ଅର୍ଜୁନ ପାଇଁ ବିଧି ନିର୍ଦ୍ଧେଶିତ। ଆଜି ଦିନ ଅବସାନ ପାଇଁ ଯେତିକି ମୁହୂର୍ତ୍ତ ବାକି ଅଛି ସେହି ସମୟରେ ତୁମେ, ମୁଁ, ଶଲ୍ୟ, କୃପ ଏବଂ ଅଶ୍ୱତ୍ଥାମା ମିଳିତ

Source: Author, Digitized by PPRACHIN, SOA

ଭାବରେ ଜୟଦ୍ରଥଙ୍କୁ ଅର୍ଜୁନ ଆକ୍ରମଣରୁ ରକ୍ଷା କରିପାରିଲେ ଆମେ ପରିଶେଷରେ ବିଜୟଶ୍ରୀ ମଣ୍ଡିତ ହେବା, ସନ୍ଦେହ ନାହିଁ।

ସାରା ଦିନ ଯୁଦ୍ଧରେ ଶ୍ରାନ୍ତ କ୍ଲାନ୍ତ ହୋଇଥିବା କର୍ଣ୍ଣ କହିଲେ... ମିତ୍ର ! ମୁଁ ଅତ୍ୟନ୍ତ କ୍ଲାନ୍ତ, ତଥାପି ଧମନୀରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ମୁଁ ତୁମ ପାଇଁ ଯୁଦ୍ଧ କରିବି। କର୍ଣ୍ଣଙ୍କ ଆନୁଗତ୍ୟ ଓ ପ୍ରତିବଦ୍ଧତା ଦୁର୍ଯ୍ୟୋଧନଙ୍କୁ ଆନନ୍ଦିତ କଲା।

ତେଣେ ଅର୍ଜୁନ ପ୍ରବଳ ବେଗରେ ମାଡି ଚାଲିଲେ ଜୟଦ୍ରଥଙ୍କ ସହିତ ଯୁଦ୍ଧ କରିବାପାଇଁ। ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖ ବାଦନ କରି ନିଜ ସାରଥି ଦାରୁକଙ୍କୁ ଉପସ୍ଥିତ ହେବାପାଇଁ ନିର୍ଦ୍ଦେଶ ଦେଲେ। ଦାରୁକ ଅଚିରେ ଏକ ରଥ ନେଇ ଉପସ୍ଥିତ ହେଲେ। ସାତ୍ୟକି ସେହି ରଥ ଆରୋହଣ କରି କର୍ଣ୍ଣଙ୍କ ପଥରୋଧ କଲେ। ଅଦ୍ଭୁତ ଥିଲା କର୍ଣ୍ଣ ଏବଂ ସାତ୍ୟକିଙ୍କ ସଂଗ୍ରାମ। ଅମୋଘ ବାଣ ପ୍ରୟୋଗ କରି ସାତ୍ୟକି କର୍ଣ୍ଣଙ୍କ ରଥ ଭଗ୍ନ କଲେ ଏବଂ ଚାରି ଅଶ୍ୱଙ୍କୁ ରଥରୁ ବିଚ୍ୟୁତ କଲେ। ବାଧ୍ୟ ହୋଇ କର୍ଣ୍ଣ ଲମ୍ଫଦେଇ ପଳାୟନ କଲେ ଏବଂ ଦୁର୍ଯ୍ୟୋଧନଙ୍କ ରଥ ଆରୋହଣ କରି ସେ ସ୍ଥାନ ତ୍ୟାଗ କଲେ। ସାତ୍ୟକିଙ୍କ ଅପୂର୍ବ ରଣ କୌଶଳ ବର୍ଣ୍ଣନାକରି ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହୁଛନ୍ତି... ହେ ରାଜନ୍ ! ବାସ୍ତବରେ କୃଷ୍ଣ, ପାର୍ଥ ଏବଂ ସାତ୍ୟକି ହିଁ ବିଶ୍ୱରେ ତିନି ଜଣ ଶ୍ରେଷ୍ଠ ଧନୁର୍ଦ୍ଧର।

କୌରବମାନଙ୍କ ପ୍ରତିରୋଧ ଭଙ୍ଗକରି ଜୟଦ୍ରଥ ନିକଟକୁ ମାଡି ଚାଲିଥିଲା ନନ୍ଦିଘୋଷ। ଅଶ୍ୱତ୍ଥାମା ଏବଂ ଅନ୍ୟାନ୍ୟ କୁରୁ-ଯୋଦ୍ଧା ମାନେ ଅର୍ଜୁନଙ୍କୁ ପ୍ରତିରୋଧ କରିବାପାଇଁ ଆପ୍ରାଣ ପ୍ରୟାସ କଲେ; କିନ୍ତୁ ସଫଳ ହେଲେ ନାହିଁ। ଶେଷରେ ଅର୍ଜୁନ ସିନ୍ଧୁରାଜ ଜୟଦ୍ରଥ ନିକଟରେ ପହଞ୍ଚିଲେ। ସୈନ୍ଧବ ଏବଂ ଅର୍ଜୁନଙ୍କ ମଧ୍ୟରେ ଭୀଷଣ ସଂଗ୍ରାମ ଲାଗିଗଲା। ଜୟଦ୍ରଥ କିଛି ସାଧାରଣ ଯୋଦ୍ଧା ନଥିଲେ।କ୍ରମେ ସୂର୍ଯ୍ୟ ପଶ୍ଚିମ ଦିଗନ୍ତ ସ୍ପର୍ଶ କରିବା ଆରମ୍ଭ କଲେ। କିନ୍ତୁ ଯୁଦ୍ଧ ଶେଷ ହେବାର ନାମ ଗନ୍ଧ ନାହିଁ। ହଠାତ୍ ଅନ୍ଧାର ନଇଁ ଆସିଲା। ଦୁର୍ଯ୍ୟୋଧନଙ୍କ ମନ ଆନନ୍ଦରେ ପ୍ରଫୁଲ୍ଲିତ। ଆନନ୍ଦର ଲହରୀ ଖେଳିଗଲା କୌରବ ସେନାଙ୍କ ମଧ୍ୟରେ। ହସିହସି ଦୁର୍ଯ୍ୟୋଧନ କହିଲେ... ବିଚରା ଅର୍ଜୁନ ! ନିଜ ଫାଶରେ ନିଜେ ଛନ୍ଦି ହୋଇଗଲା। ଏବେ ଆତ୍ମାହୂତି ଦେବା ବ୍ୟତୀତ ଆଉ କ'ଣ ଉପାୟ ? ଅର୍ଜୁନଙ୍କୁ ଚାହିଁ ଦୁର୍ଯ୍ୟୋଧନ କହିଲେ... ଆଉ କାଳ ବିଳମ୍ୱ କାହିଁକି ଧନଞ୍ଜୟ ? ଅଗ୍ନି ପ୍ରସ୍ତୁତ କରିବା ପାଇଁ ସାହାଯ୍ୟ ଆବଶ୍ୟକ ହେଲେ ମୁଁ ସେଥିପାଇଁ ପ୍ରସ୍ତୁତ ।

ପାଣ୍ଡବ ଶିବିରରେ ଖେଳିଗଲା ହାହାକାର। ନିସ୍ତବ୍ଧ ପାଣ୍ଡବ ସୈନ୍ୟ ବାହିନୀ। ଯୁଧିଷ୍ଠିର ଏବଂ ଭୀମଙ୍କ ଚକ୍ଷୁରେ ଅଶ୍ରୁ। କିନ୍ତୁ ନାକରେ ହାତ ଦେଇ ହସୁଥିଲେ ସହଦେବ।

Source: Author, Digitized by PPRACHIN, SOA

ଯୁଧିଷ୍ଠିର ପଚାରିଲେ... ଏ ରହସ୍ୟମୟ ହସର କାରଣ କ'ଣ ଅନୁଜ! ପାଣ୍ଡବ ପକ୍ଷ ଘୋର ସଙ୍କଟରେ ସମ୍ମୁଖୀନ, ତୁମେ ହସିପାରୁଛ କିପରି!

ସହଦେବ କହିଲେ... ଶ୍ରୀକୃଷ୍ଣ ଥାଉଁ ଥାଉଁ ଅର୍ଜୁନ କେବେ ମୃତ୍ୟୁ ମୁଖରେ ପଡି ପାରନ୍ତି ଅଗ୍ରଜ? ଏହା କେଶବଙ୍କର ମାୟା ବ୍ୟତୀତ ଅନ୍ୟ କିଛି ନୁହେଁ। ଚକ୍ର ଉହାଡରେ ସୂର୍ଯ୍ୟଙ୍କୁ ଘୋଡାଇ ଦେଇଛନ୍ତି ଚକ୍ରୀ। ଏ ନାଟକର ଅବସାନ କିଛି ମୁହୂର୍ତ୍ତରେ ଆପଣ ଦେଖିବାକୁ ପାଇବେ। ଚକ୍ରୀଙ୍କର ଏ ଲୀଳା ଦେଖି ମୋର ମନ ଉଲ୍ଲସିତ, ସେଥିପାଇଁ ମୁଁ ହସିଦେଲି ଅଗ୍ରଜ। ସହଦେବ ଆଗତ ଭବିଷ୍ୟତ ଜ୍ଞାତା ବୋଲି ଜାଣି ଥିଲେ ଯୁଧିଷ୍ଠିର; ତଥାପି ବିଶ୍ୱାସ ହେଉନଥିଲା ତାଙ୍କର; ସତେ କଣ ଅସ୍ତମିତ ସୂର୍ଯ୍ୟଙ୍କର ଶେଷ ରଶ୍ମୀ ବାକି ଅଛି !!

ଦିନ ଅବସାନ ହେବା ଦେଖି ଅସ୍ତ୍ର ତ୍ୟାଗକରି ଜୟଦ୍ରଥ ହସ ହସ ମୁହଁରେ ଉଭା ହେଲେ। ସୂର୍ଯ୍ୟଙ୍କ ଉପରୁ ଚକ୍ର ଅପସାରଣ କରିନେଲେ କେଶବ। ଦିନମଣି ପଶ୍ଚିମ ଆକାଶ ଉଦ୍‌ଭାବିତ ହୋଇ ଉଠିଲେ। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ... ଆଉ ବିଳମ୍ବ କାହିଁକି ପାର୍ଥ? ସମ୍ମୁଖରେ ଶତ୍ରୁ ଦଣ୍ଡାୟମାନ। ଶୀଘ୍ର ଶିର କର୍ତ୍ତନ କର। ସଙ୍ଗେ ସଙ୍ଗେ ଧନୁରେ ତୀର ଖଞ୍ଜିଲେ ଅର୍ଜୁନ। ପର ମୁହୂର୍ତ୍ତରେ ଜୟଦ୍ରଥଙ୍କ କାନ୍ଧରୁ ଶିର ବିଚ୍ୟୁତ ହୋଇଗଲା। ଶ୍ରୀକୃଷ୍ଣ କହିଲେ... ଜୟଦ୍ରଥଙ୍କ ଶିର ଭୂମିରେ ପତିତ ହେଲେ ତୁମ ଶିରରେ ବିସ୍ଫୋରଣ ହୋଇ ଖଣ୍ଡବିଖଣ୍ଡିତ ହୋଇଯିବ। ଜୟଦ୍ରଥର ମସ୍ତକକୁ ଭୂମିରେ ପଡିବାକୁ ଦିଅ ନାହିଁ ପାର୍ଥ। ଅନ୍ୟ ଏକ ବାଣ ପ୍ରୟୋଗ କରି ବିଚ୍ୟୁତ ଶିରକୁ, ଜୟଦ୍ରଥଙ୍କ ପିତା ବୃଦ୍ଧକ୍ଷେତ୍ରଙ୍କ କୋଳରେ ନିପତିତ କର ।

ତାହା ହିଁ ହେଲା। ଏହା ଥିଲା ଏକ ଅଦ୍ଭୁତ ଦୃଶ୍ୟ। ଅର୍ଜୁନଙ୍କ ବାଣରେ ଉଡିଯାଇ ଜୟଦ୍ରଥଙ୍କ କଟାମୁଣ୍ଡ ବୃଦ୍ଧକ୍ଷେତ୍ରଙ୍କ କୋଳରେ ପଡ଼ିଲା। ବୃଦ୍ଧକ୍ଷେତ୍ର ସେ ସମୟରେ ତପସ୍ୟାରେ ମଗ୍ନ ଥିଲେ। ପୁତ୍ରର ମସ୍ତକ ତାଙ୍କ କୋଳରେ ପଡି ତଳକୁ ଗଡିଗଲା। ସଙ୍ଗେ ସଙ୍ଗେ ବୃଦ୍ଧକ୍ଷେତ୍ରଙ୍କ ମସ୍ତକ ଶତଭାଗ ହୋଇ ବିଦୀର୍ଣ୍ଣ ହୋଇ ଗଲା। ଏକ ସମୟରେ ପିତା ଓ ପୁତ୍ର ମୃତ୍ୟୁ ବରଣ କଲେ।

ଏପରି ଘଟିବାର କାରଣ, ଜୟଦ୍ରଥ ଜନ୍ମ ହେବା ସମୟରେ ଆକାଶବାଣୀ ହୋଇଥିଲା ଯେ ତାଙ୍କର ମୃତ୍ୟୁ ଜଣେ ଶ୍ରେଷ୍ଠ ବୀରଙ୍କ ଦ୍ୱାରା ମସ୍ତକ ବିଚ୍ୟୁତ ହୋଇ ଘଟିବ। ଏହା ଶୁଣି ଦୁଃଖରେ ମ୍ରିୟମାଣ ବୃଦ୍ଧକ୍ଷେତ୍ର ନିଜ ତପୋବଳ ପ୍ରୟୋଗ କରି ପୁତ୍ରକୁ ବରଦାନ ଦେଇ କହିଥିଲେ ଯେ ଯେଉଁବ୍ୟକ୍ତି ତାଙ୍କ ବିଚ୍ୟୁତ ମସ୍ତକ ଭୂମି ସ୍ପର୍ଶ କରିବାର କାରଣ ହେବେ ତାଙ୍କର ମସ୍ତକ ଶତଭାଗ ହୋଇ ବିଦୀର୍ଣ୍ଣ ହୋଇ ଯିବ। ଅର୍ଜୁନଙ୍କ ବାଣରେ

Source: Author, Digitized by PPRACHIN, SOA

ମୃତ ଜୟଦ୍ରଥଙ୍କ ଶିର, ଅରଣ୍ୟରେ ତପସ୍ୟାରତ ବୃଦ୍ଧକ୍ଷେତ୍ରଙ୍କ କୋଳରେ ପଡି ଭୂମିକୁ ଗଡିଯିବାରୁ ନିଜ ଜାଲରେ ନିଜେ ସେ ଛନ୍ଦି ହୋଇ ଗଲେ ବୃଦ୍ଧକ୍ଷେତ୍ର ଏବଂ ତାଙ୍କ ଶିର ଶତଧା ବିଦୀର୍ଣ୍ଣ ହୋଇ ଗଲା।

ଜୟଦ୍ରଥଙ୍କ ମୃତ୍ୟୁ ସମ୍ବାଦ ଯୁଦ୍ଧ କ୍ଷେତ୍ରରେ ବନଅଗ୍ନି ଭଳି ଖେଳିଗଲା। ମହା ଆନନ୍ଦ ଉଲ୍ଲାସରେ ମାତିଗଲେ ପାଣ୍ଡବ ସୈନ୍ୟମାନେ। ଶତଗୁଣିତ ଉତ୍ସାହ ସହିତ କୌରବଙ୍କ ଉପରେ ଆକ୍ରମଣ କଲେ ପାଣ୍ଡବ ସେନା। ସନ୍ଧ୍ୟା ଗଡିଯାଇଥିଲେ ମଧ୍ୟ ଯୁଦ୍ଧର ନୀତିନିୟମକୁ ଭୃକ୍ଷେପ ନକରି, ଚତୁର୍ଦ୍ଦଶ ଦିନ ରାତିରେ ମଧ୍ୟ ଯୁଦ୍ଧ ଚାଲିଥିଲା। ଏହା ଥିଲା ଅଭିମନ୍ୟୁକୁ ଅନ୍ୟାୟରେ ନିହତ କରିବାର ପରିଣାମ।

-୦-

(୯୪)

ଅଶ୍ୱତ୍ଥାମା ହତ... ନରେ ବା କୁଞ୍ଜରେ

ଦ୍ରୋଣାଚାର୍ଯ୍ୟଙ୍କ ସେନାପତିତ୍ୱ ସମୟରେ ମହାଭାରତ ପ୍ରାଙ୍ଗଣରେ ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଲା। ଯୁଦ୍ଧର ସମସ୍ତ ନୀତି ନିୟମକୁ ଶୂନ୍ୟକୁ ଫିଙ୍ଗିଦେଇ ବୀରମାନେ ପରସ୍ପର ମଧ୍ୟରେ ଲଢ଼େଇ କରୁଥିଲେ; ଦିନରାତିର ବାଛବିଚାର ରହିଲା ନାହିଁ। ରାତିର ଘୋର ଅନ୍ଧକାର ଭିତରେ ଆଲୋକ ବର୍ତ୍ତିକା ହାତରେ ଧରି ଭୟଙ୍କର ଯୁଦ୍ଧ ଚାଲିଥିଲା। ଏଭଳି ଅନ୍ଧକାର ଭିତରେ ଯୁଦ୍ଧ ଭୀମସେନଙ୍କ ପୁତ୍ର ଘଟୋତ୍କଚ ଏବଂ ତାଙ୍କର ରାକ୍ଷସ ବାହିନୀ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିଥିଲା।

ମହାଭାରତରେ ଦୁଇଟି ଯୁବଚରିତ୍ର ସେମାନଙ୍କ ଅସୀମ ବୀରତ୍ୱ ପାଇଁ ପ୍ରସିଦ୍ଧ ଥିଲେ; ଜଣେ ଥିଲା ଅଭିମନ୍ୟୁ, ଦ୍ୱିତୀୟ ଭୀମସେନଙ୍କ ହିଡିମ୍ବା ରାକ୍ଷସୀ ଗର୍ଭରୁ ଜାତ ପୁତ୍ର ଘଟୋତ୍କଚ। ଘଟୋତ୍କଚର ସଂହାର ଲୀଳା କୌରବ ପକ୍ଷରେ ପ୍ରଭୂତ କ୍ଷତି ସାଧନ କଲା। ପର୍ବତ ସମାନ ଶରୀର ଧାରଣ କରିଥିବା ଘଟୋତ୍କଚ ଆକାଶମାର୍ଗରୁ ଆକ୍ରମଣ କରି ଅବଲୀଳା କ୍ରମେ କୁରୁସୈନ୍ୟ ନିହତ କରିବାରେ ଲାଗିଲା। ଏହି ଦୁର୍ଦ୍ଧାନ୍ତ ରାକ୍ଷସବୀରକୁ ସାମ୍ନା କରିବାକୁ କୌରବଙ୍କ ପକ୍ଷରେ କର୍ଣ୍ଣଙ୍କ ବ୍ୟତୀତ ଅନ୍ୟ କେହି ସମର୍ଥ ନଥିଲେ। କର୍ଣ୍ଣଙ୍କ ସହିତ ଘଟୋତ୍କଚର ଭୟଙ୍କର ଯୁଦ୍ଧ ଲାଗି ରହିଥିଲା।ଏହାର ପରିଣତି କଣ ହେବ କେହି ଅନୁମାନ ମଧ୍ୟ କରିପାରୁନଥିଲେ।

Source: Author, Digitized by PPRACHIN, SOA

କର୍ଣ୍ଣଙ୍କ ପାଖରେ ଏକ ଅମୋଘ ଶକ୍ତି ରହିଥିଲା । ସେହି ଶକ୍ତି ସେ ଇନ୍ଦ୍ରଙ୍କଠାରୁ ବରଦାନ ସ୍ୱରୂପ ପାଇଥିଲେ । କର୍ଣ୍ଣ ମହାଦାନୀ ଥିଲେ । ଇନ୍ଦ୍ର, ଦାନ ସୂତ୍ରରେ କର୍ଣ୍ଣଙ୍କଠାରୁ କବଚ କୁଣ୍ଡଳ ମାଗି ନେଇଥିଲେ, କାରଣ ସେ ନିଜ ପୁତ୍ର ଅର୍ଜୁନଙ୍କୁ କର୍ଣ୍ଣଙ୍କ ବିପକ୍ଷରେ ଶକ୍ତିମାନ କରିବାକୁ ଚାହୁଁଥିଲେ । ସେହି ସମୟରେ କର୍ଣ୍ଣଙ୍କ ବଦାନ୍ୟତାରେ ସନ୍ତୁଷ୍ଟ ଇନ୍ଦ୍ର, କର୍ଣ୍ଣଙ୍କୁ ବର ଦେବାପାଇଁ ଇଚ୍ଛୁକ ହେବାରୁ ସେ ଇନ୍ଦ୍ରଙ୍କଠାରୁ ଅମୋଘ ଶକ୍ତି ମାଗି ନେଇଥିଲେ । ଯାହା ଉପରେ ସେ ଶକ୍ତି ପ୍ରୟୋଗ କରିବେ ତାର ମୃତ୍ୟୁ ନିଶ୍ଚିତ । କିନ୍ତୁ ଥରେ ପ୍ରୟୋଗ କରିବାପରେ ସେ ଶକ୍ତି ଇନ୍ଦ୍ରଙ୍କ ପାଖକୁ ଫେରିଯିବ... ଏହା ଥିଲା ଶକ୍ତି ପ୍ରଦାନ ସମୟରେ ଇନ୍ଦ୍ରଙ୍କ ସର୍ତ୍ତ । କର୍ଣ୍ଣ ସେହି ଶକ୍ତି, ଆବଶ୍ୟକ ସମୟରେ ଅର୍ଜୁନଙ୍କ ବିରୁଦ୍ଧରେ ପ୍ରୟୋଗ କରିବାପାଇଁ ନିଜ ପାଖରେ ରଖିଥିଲେ ।

ଘଟୋତ୍କଚର ଧ୍ୱଂସ ଲୀଳା ଦେଖି ଦୁର୍ଯ୍ୟୋଧନ କର୍ଣ୍ଣଙ୍କୁ କହିଲେ... ମିତ୍ର ! ଏହି ରାକ୍ଷସ କୌରବ ପକ୍ଷରେ ଅପୂରଣୀୟ କ୍ଷତି କରିସାରିଲାଣି ।ମହାକାଶରେ ରହି ଶୂନ୍ୟରୁ ବାଣ ବର୍ଷଣ କରି ଏହି ଦୁଷ୍ଟ ଆମପକ୍ଷକୁ ଧ୍ୱସ୍ତବିଧ୍ୱସ୍ତ କରିସାରିଲାଣି । ଆଉ କାଳବିଳମ୍ବ ନକରି ତାକୁ ବଧ କର, ନହେଲେ ଅବିଳମ୍ବେ ସେ ଆମ ସମସ୍ତଙ୍କୁ ମୃତ୍ୟୁପୁରୀ ପଠାଇଦେବ ।

ଘଟୋତ୍କଚର ଭୟଙ୍କର ଯୁଦ୍ଧରେ କୌରବ-ପକ୍ଷ ଧ୍ୱଂସର ଦ୍ୱାରଦେଶରେ ଦଣ୍ଡାୟମାନ ଦେଖି କର୍ଣ୍ଣ ବାଧ୍ୟହୋଇ, ଇନ୍ଦ୍ରଦତ୍ତ ସେହି ଅମୋଘ ଶକ୍ତି ଘଟୋତ୍କଚ ଉପରେ ପ୍ରୟୋଗ କଲେ । କର୍ଣ୍ଣଙ୍କ ଅମୋଘ ଶକ୍ତି ପର୍ବତ ସଦୃଶ ରାକ୍ଷସ ଘଟୋତ୍କଚର ବକ୍ଷ ଭେଦ କଲା । ଘୋର ଗର୍ଜନକରି ଭୂମିରେ ପତିତ ହେବାକୁ ଯାଉଥିଲା ତା'ର ବିଶାଳ ଶରୀର । ଯେଉଁ ପକ୍ଷରେ ପତିତ ହେବ ଶହ ଶହ ସୈନ୍ୟ ସେ ପର୍ବତାକାର ଶରୀର ତଳେ ଚାପି ହୋଇ ମୃତ୍ୟୁ ବରଣ କରିବେ । ଏହା ଦେଖି ଭୀମସେନ ଘଟୋତ୍କଚଙ୍କୁ ସମ୍ବୋଧନ କରି କହିଲେ... ପୁତ୍ର ! ପାଣ୍ଡବ ପକ୍ଷ ନୁହେଁ, କୌରବ ସୈନ୍ୟ ମାନଙ୍କ ଉପରେ ଶରୀରକୁ ନିପତିତ କର । ସେହି ଅନୁସାରେ ଘଟୋତ୍କଚ ନିଜ ଶରୀରକୁ କୌରବସୈନ୍ୟଙ୍କ ଉପରେ ନିପତିତ କଲା; କୌରବପକ୍ଷର ଶହ ଶହ ସୈନ୍ୟ ତା' ଶରୀର ତଳେ ଚାପି ହୋଇ ପ୍ରାଣ ହରାଇଲେ ।

ଭୀମସେନଙ୍କ ବୀରପୁତ୍ର ଘଟୋତ୍କଚ ସିନା ବୀରଗତି ପ୍ରାପ୍ତ ହେଲା କିନ୍ତୁ କର୍ଣ୍ଣଙ୍କ ଦ୍ୱାରା ଶକ୍ତିର ପ୍ରୟୋଗ ଯୋଗୁଁ ଅର୍ଜୁନଙ୍କ ପ୍ରାଣରକ୍ଷା ହୋଇଗଲା ।

ବୀର ପୁତ୍ରର ମୃତ୍ୟୁରେ ଭୟଙ୍କର ଗର୍ଜନ କରି ପ୍ରଳୟଙ୍କରୀ ଯୁଦ୍ଧରେ ମଜ୍ଜିଗଲେ ଭୀମସେନ । ଗୁରୁ ଦ୍ରୋଣାଚାର୍ଯ୍ୟ ମଧ୍ୟ ତାଙ୍କର ସମସ୍ତ ଯୁଦ୍ଧକୌଶଳ ପ୍ରୟୋଗକରି କଦଳୀ ବନରେ ହସ୍ତି ପରି ପାଣ୍ଡବ ପକ୍ଷକୁ ଦଳିତ ମଥିତ କରି ଦେଲେ । ପ୍ରଥମେ ରାଜା ବିରାଟଙ୍କୁ

Source: Author, Digitized by PPRACHIN, SOA

ଧନୁର୍ବାଣରେ ନିହତ କରି ପରେ ଦ୍ରୁପଦଙ୍କୁ ଖଡ୍‌ଗଯୁଦ୍ଧରେ ବଧ କଲେ। ଦ୍ରୋଣାଚାର୍ଯ୍ୟଙ୍କର ଏହି ଭୟଙ୍କର ରୂପ ଦେଖି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ... ପାର୍ଥ ! ଏହି ବ୍ରାହ୍ମଣ ଯେବେ ଆଉ ଦିନେ ଦୁଇଦିନ ଯୁଦ୍ଧ କରିବେ ତାହେଲେ ଆମ ଯୁଦ୍ଧ ଜିଣିବା ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯିବ। ଦ୍ରୋଣଙ୍କୁ କପଟ ଯୁଦ୍ଧରେ ହିଁ ପରାସ୍ତ କରି ମୃତ୍ୟୁ ଲୋକକୁ ପଠାବା ଆବଶ୍ୟକ। ଯେବେ କୌଣସି ପ୍ରକାରେ ତାଙ୍କ ମନରେ ବିଶ୍ୱାସ ସୃଷ୍ଟି କରାଯିବ ଯେ ତାଙ୍କ ପୁତ୍ର ଅଶ୍ୱତ୍ଥାମା ଯୁଦ୍ଧରେ ମୃତ୍ୟୁ ବରଣ କରିଛନ୍ତି, ପୁତ୍ର ଶୋକରେ ମ୍ରିୟମାଣ ହୋଇ ସେ ଅସ୍ତ୍ର ତ୍ୟାଗ କରିବେ। ସେହି ସମୟରେ, ତାଙ୍କ ମୃତ୍ୟୁ ପାଇଁ ଯଜ୍ଞରୁ ସମ୍ଭୂତ ଧୃଷ୍ଟଦ୍ୟୁମ୍ନ ତାଙ୍କୁ ନିହତ କରିବେ।

ଶ୍ରୀକୃଷ୍ଣଙ୍କର ଏହି ପ୍ରସ୍ତାବରେ ଶିହରୀ ଉଠିଲେ ଧନଞ୍ଜୟ, କହିଲେ... ଏହା ତ ଘୋର ଅନ୍ୟାୟ ମାଧବ !!

ଶ୍ରୀକୃଷ୍ଣ କହିଲେ... କେଉଁ ନ୍ୟାୟ କାମଟି କରିଛନ୍ତି ଦ୍ରୋଣାଚାର୍ଯ୍ୟ ? ଚକ୍ରବ୍ୟୂହ ଭିତରେ ନିରସ୍ତ୍ର ଅଭିମନ୍ୟୁକୁ ସପ୍ତରଥି ମିଳିତ ହୋଇ ହତ୍ୟା କରିବା କଣ ମହାପୁଣ୍ୟ କର୍ମ ? ବ୍ରାହ୍ମଣ ହୋଇ, କୌଳିକ କର୍ମ ନକରି, ନିଜ ରାଜ୍ୟ ଅହିଛତ୍ର ତ୍ୟାଗକରି ଅନ୍ୟାୟୀ, ଅଧର୍ମୀ କୌରବପକ୍ଷରେ ରହି, ଧର୍ମପଥାଚାରୀ ପାଣ୍ଡବ ମାନଙ୍କ ସହିତ ଯୁଦ୍ଧ କରିବା କେଉଁ ପୁଣ୍ୟକର୍ମ ପାର୍ଥ ! ଦ୍ୟୁତ କ୍ରୀଡା ସମୟରେ ପୂର୍ଣ୍ଣ କୁରୁ ସଭା ତଳେ ଦ୍ରୌପଦୀଙ୍କ ବସ୍ତ୍ର ହରଣକୁ ନିରବ ସମର୍ଥନ ଦେବା କେଉଁ ଧର୍ମ କାର୍ଯ୍ୟ ପାର୍ଥ ? କଥାରେ ଅଛି 'ଅଧର୍ମୀ ସହିତ ଧର୍ମ ନୁହେଁ ପାଳିବାର / କପଟୀ ସହିତ କର କପଟ ବେଭାର।' ଧର୍ମରାଜ୍ୟ ପ୍ରତିଷ୍ଠା କରିବାପାଇଁ ହେଲେ ପଥରୋଧ କରୁଥିବା ଏହିଭଳି କିଛି ଶକ୍ତିକୁ କଳେ, ବଳେ କୌଶଳେ ଦୂର କରିବାକୁ ପଡ଼ିବ।

ଯୁଧିଷ୍ଠିର ଭୀମ ଏବଂ ଅର୍ଜୁନଙ୍କୁ ପୁତ୍ର ଅଭିମନ୍ୟୁର ଅନ୍ୟାୟ ଯୁଦ୍ଧରେ ମୃତ୍ୟୁ କଥା ମନେପକାଇଦେଇ ଶ୍ରୀକୃଷ୍ଣ ସମସ୍ତଙ୍କ ସମର୍ଥନ ହାସଲ କରିନେଲେ। ଯୋଜନା ଅନୁଯାୟୀ ଭୀମ, ଯୁଦ୍ଧ କ୍ଷେତ୍ରରେ ଥିବା 'ଅଶ୍ୱତ୍ଥାମା' ନାମକ ଗୋଟିଏ ହସ୍ତିକୁ ବଧ କରି ଦ୍ରୋଣାଚାର୍ଯ୍ୟଙ୍କ ଅଗରେ କହିବେ ଯେ ସେ ଗୁରୁପୁତ୍ର ଅଶ୍ୱତ୍ଥାମାଙ୍କୁ ବଧ କରିଛନ୍ତି। ଦ୍ରୋଣ ଏକଥା କାହିଁକି ବା ବିଶ୍ୱାସ କରିବେ ? ସେ ନିଶ୍ଚୟ ସଦାସତ୍ୟବାଦୀ ଯୁଧିଷ୍ଠିରଙ୍କଠାରୁ ଏହାର ସତ୍ୟତା ଜାଣିବାକୁ ଚାହିଁବେ। ଯୁଧିଷ୍ଠିର କହିବେ ଯେ... ହଁ, ଅଶ୍ୱତ୍ଥାମା ହତ; ଏହା ପରେ, ଦ୍ରୋଣାଚାର୍ଯ୍ୟ ନଶୁଣି ପାରିବା ଭଳି ଧୀର ସ୍ୱରରେ କହିବେ... ନରେ ବା କୁଞ୍ଜରେ। ଏହାଦ୍ୱାରା ଯୁଧିଷ୍ଠିର ମିଥ୍ୟାବାଦୀ ବୋଲି ପ୍ରମାଣିତ ହେବନାହିଁ ଏବଂ କାର୍ଯ୍ୟ ସାଧିତ ହୋଇ ପାରିବ। ପୁତ୍ର ଶୋକରେ ମ୍ରିୟମାଣ ଦ୍ରୋଣ ଅସ୍ତ୍ର ତ୍ୟାଗକରି ରଥରେ ଧ୍ୟାନ

Source: Author, Digitized by PPRACHIN, SOA

ମୁଦ୍ରାରେ ରହିଥିବା ସମୟରେ ତାଙ୍କୁ ପରାହତ କରିବା ସହଜ ହେବ।

ଯୋଜନା ଅନୁଯାୟୀ ଭୀମସେନ ଯୁଦ୍ଧ କ୍ଷେତ୍ରରେ ଥିବା, ଅଶ୍ୱତ୍ଥାମା ନାମକ ଏକ ବିଶାଳ ହସ୍ତିକୁ ବଧକରି ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଆସି ପ୍ରଚାର କଲେ ଯେ? ସେ ଅଶ୍ୱତ୍ଥାମାଙ୍କୁ ବଧ କରିଛନ୍ତି। ଦ୍ରୋଣାଚାର୍ଯ୍ୟ ଯୁଧିଷ୍ଠିରଙ୍କ ଠାରୁ ସତ୍ୟତା ଜାଣିବାକୁ ଚାହିଁଲେ। ଯୁଧିଷ୍ଠିର କହିଲେ... ହଁ ଗୁରୁଦେବ ! ଅଶ୍ୱତ୍ଥାମା ହତ; ତା'ପରେ ଧୀର କଣ୍ଠରେ କହିଲେ... ନରେ ବା କୁଞ୍ଜରେ। ଶ୍ରୀକୃଷ୍ଣଙ୍କ ଶଙ୍ଖ ଧ୍ୱନିରେ ଆହୁରି ଅସ୍ପଷ୍ଟ ହୋଇଗଲା ଯୁଧିଷ୍ଠିରଙ୍କର ସେହି ଉଚ୍ଚାରଣ।

ପୁତ୍ର ଶୋକରେ ମ୍ରିୟମାଣ ଦ୍ରୋଣଙ୍କୁ ଭୀମସେନ ଝିଙ୍ଗାସିବା ଆରମ୍ଭ କରି କହିଲେ... ହେ ବ୍ରାହ୍ମଣ ! ନିଜ କୌଳିକ କର୍ମ ତ୍ୟାଗ କରି କ୍ଷତ୍ରିୟଙ୍କ ରାଜନୀତିରେ ନିଜକୁ ସଂପୃକ୍ତ କରି କେଉଁ ଉଦ୍ଦେଶ୍ୟରେ ଏଠାରେ ଅଧର୍ମପଥଗାମୀ କୌରବଙ୍କ ସହାୟତା କରୁଛ ? ତୁମ ଭଳି ବିପଥଗାମୀ ବ୍ରାହ୍ମଣମାନଙ୍କ ପାଇଁ କ୍ଷତ୍ରିୟମାନେ ମଧ୍ୟ ବିପଥଗାମୀ ହେଉଛନ୍ତି। ନିଜ କର୍ମଫଳ ଏବେ ଭୋଗକର ବ୍ରାହ୍ମଣ, ପୁତ୍ରହୀନ ହୋଇ ଏବେ ପୁତ୍ ନର୍କଗାମୀ ହୁଅ।

ଭୀମଙ୍କଠାରୁ ଏପରି ଝିଙ୍ଗାସ ଶୁଣି ପୁତ୍ର ଶୋକରେ ଅଧୀର ଦ୍ରୋଣ ଅସ୍ତ୍ର ତ୍ୟାଗକରି ନିଜ ରଥରେ ଧ୍ୟାନ ମୁଦ୍ରାରେ ବସିଗଲେ। କାଳବିଳମ୍ବ ନକରି ଧୃଷ୍ଟଦ୍ୟୁମ୍ନ, ପିତୃହନ୍ତା ଦ୍ରୋଣଙ୍କ ମସ୍ତକ ଶରୀରରୁ ବିଚ୍ୟୁତ କଲେ।

-୦-

(୯୫)

ବେଣୀ ବନ୍ଧନ

ମହାଭାରତ ଯୁଦ୍ଧର ଠିକ୍ ପୂର୍ବକଥା। ମୁକ୍ତକେଶୀ କୃଷ୍ଣାଙ୍କ ଆଖିରେ ଆଖିଏ ଅଶ୍ରୁ, ଛାତିରେ ଛାତିଏ ଅପମାନ ଭରା କୋହ। ଯୁଧିଷ୍ଠିରଙ୍କ ଠାରୁ ଯେତେବେଳେ ଶାନ୍ତି ପ୍ରସ୍ତାବ ନେଇ ଶ୍ରୀକୃଷ୍ଣ ହସ୍ତିନା ଅଭିମୁଖେ ଯାତ୍ରା କରିବା ପାଇଁ ପ୍ରସ୍ତୁତ ହେଉଥିଲେ, ଲୁହ ଡବ ଡବ ଆଖିରେ ଯାଜ୍ଞସେନୀ ପଚାରିଥିଲେ... ମୋର ମୁକ୍ତକେଶ କଣ ଚିରଦିନ ଏହିପରି ମୁକ୍ତ ରହିଥିବ କେଶବ ? ନାରୀର ଅସ୍ମିତା ଓ ଆତ୍ମସମ୍ମାନର ଅବମାନନା କରିଥିବା ପାଷଣ୍ଡ କଣ ଏହିପରି ଗର୍ବରେ ଛାତି ଫୁଲାଇ ଦିବାଲୋକରେ ଘୂରିବୁଲୁଥିବ ? ତୁମ ପରି ସଖା ଥାଉଁ ଥାଉଁ ମୋର ମଥା କଣ ଏହିପରି ଚିରଦିନ ନତ ହୋଇ ରହିଥିବ କେଶବ !! ପୂର୍ଣ୍ଣ

Source: Author, Digitized by PPRACHIN, SOA

କୁରୁ ରାଜଦରବାରରେ ପାଣ୍ଡବ ପାଟରାଣୀ ଦ୍ରୌପଦୀଙ୍କୁ, ପାଞ୍ଚାଳ ରାଜକନ୍ୟା ଯାଜ୍ଞସେନୀଙ୍କୁ ବେଶ୍ୟା ବୋଲି କହିଥିବା ସୂତପୁତ୍ର କର୍ଣ୍ଣ କଣ ଏହିଭଳି ନାରୀକୁ ଅସମ୍ମାନ କରିବାର ସ୍ୱାଧୀନତା ଉପଭୋଗ କରୁଥିବ କେଶବ ? ଦୁଃଶାସନ ରକ୍ତରେ ବେଣୀ ବନ୍ଧନ କରିବାର ଆଶା କଣ ଆଶାରେ ରହିଯିବ ମାଧବ !

ଯୁଦ୍ଧର ପଞ୍ଚଦଶ ଦିନରେ ଆଜି ଭୀମଙ୍କର ଆଖିରେ ନାଚି ଯାଉଥିଲା ଶ୍ରୀକୃଷ୍ଣଙ୍କ ଆଗରେ କୃଷ୍ଣା କରିଥିବା ହୃଦୟର ସେହି ଆକୁଳ ଅଭିଯୋଗ। ଦୁଃଶାସନ ରକ୍ତରେ ଦ୍ରୌପଦୀଙ୍କ ବେଣୀ ବନ୍ଧନ କରିବାକୁ କରିଥିବା ପ୍ରତିଜ୍ଞା ଏପର୍ଯ୍ୟନ୍ତ ପୂରଣ କରି ନପାରି ଆଜି ବୃକୋଦର ବ୍ୟଥିତ ଓ ବିବ୍ରତ। ଦ୍ୟୁତକ୍ରୀଡା ସମୟରେ ଦୁଃଶାସନ ଦ୍ରୌପଦୀଙ୍କୁ ବିବସନ କରିବାକୁ ଚେଷ୍ଟା କରିବା ଅବସରରେ ଭୀମ ଦୁଃଶାସନର ଛାତି ଚିରି ଲହୁ ପାନ କରିବାପାଇଁ ଯେଉଁ ପ୍ରତିଜ୍ଞା କରିଥିଲେ ଆଜି ଯୁଦ୍ଧର ପଞ୍ଚଦଶ ଦିନ ପର୍ଯ୍ୟନ୍ତ ପୂର୍ଣ୍ଣ କରି ନପାରି ଆତ୍ମଗ୍ଲାନି ଅନୁଭବ କରୁଥିଲେ ବୃକୋଦର।

ଆଜି କର୍ଣ୍ଣଙ୍କ ସେନାପତିତ୍ୱର ପ୍ରଥମ ଦିନରେ ଦୁଃଶାସନକୁ ସମ୍ମୁଖରେ ଦେଖି ଭୀମଙ୍କ ପାଇଁ ସେ ସମସ୍ତ ପ୍ରତିଜ୍ଞା ପୂରଣ କରିବାର ଅବସର ମିଳିଗଲା।ରଥରୁ ଡେଇଁପଡି ଦୁଃଶାସନକୁ ତା' ରଥରୁ ଘୋଷାରି ଆଣିଲେ ବୃକୋଦର। ମନେହେଲା ସତେ ଯେପରି ବ୍ୟାଘ୍ର ତା'ର ଶିକାର ଉପରକୁ ଲମ୍ଫ ଦେଇ ବେକକୁ ଧରି ଶୂନ୍ୟେ ଶୂନ୍ୟେ ଟେକି ନେଉଛି। ଦୁଃଶାସନ ଉପରେ ବଜ୍ର ମୁଷ୍ଟି ପରେ ମୁଷ୍ଟି ପ୍ରହାର କରି ଚାଲିଲେ ଭୀମସେନ। ଚହଳ ପଡିଗଲା କୁରୁକ୍ଷେତ୍ରରେ; ଯୁଦ୍ଧ ଛାଡି ସମସ୍ତେ ଉପସ୍ଥିତ ଭୀମ ଓ ଦୁଃଶାସନଙ୍କର ଯୁଦ୍ଧ ଦେଖିବା ପାଇଁ। ଅସଫଳ ଚେଷ୍ଟା କଲା ଦୁଃଶାସନ ଭୀମଙ୍କ କବଳରୁ ମୁକ୍ତି ପାଇବା ପାଇଁ, କିନ୍ତୁ ଅସମ୍ଭବ ! ଦୁଃଶାସନ ଛାତିରେ ମାଡିବସି ବୃକୋଦର କହୁଥିଲେ... ରେ କୁରୁକୁଳ କୁଳାଙ୍ଗାର ! ଆଜି ନିଜେ ଯମ ମଧ୍ୟ ତୋର ସହାୟକ ହୋଇ ପାରିବେ ନାହିଁ। କିଏ ତୋତେ ମୋ ହାତରୁ ରକ୍ଷା କରିବ ମୁଁ ଦେଖିବି।

ଆହ୍ୱାନ କଲେ ଭୀମସେନ... ହେ ମହାରଥୀ ବୋଲାଉଥିବା ସୂତପୁତ୍ର କର୍ଣ୍ଣ! ପାରିଲେ ରକ୍ଷାକର ଏହି ପାପାତ୍ମା ଦୁଃଶାସନକୁ। କୁଟିଳ ବୁଦ୍ଧି ମାମୁଁ ଶକୁନି ! ତୁମରି ପ୍ରରୋଚନାରେ ଏ ପାଷଣ୍ଡ, ଦ୍ରୌପଦୀ, ଏକବସ୍ତ୍ର ହୋଇ ଅନ୍ତଃପୁରରେ ଥିବା ସମୟରେ କେଶ ଧରି ଝିଙ୍କିଆଣି ରାଜ ସଭାରେ ନିକ୍ଷେପ କରିଥିଲା। ସେତେବେଳେ ତୁମେ ତାକୁ ଉତ୍ସାହିତ କରୁଥିଲ; ଶକ୍ତି ଯେବେ ଅଛି ଆଜି ମୋ ହାତରୁ ଏ ଭେଡିଆକୁ ରକ୍ଷାକର।ରେ ବିବେକ-ହୀନ ଈର୍ଷାଳୁ ଦୁର୍ଯ୍ୟୋଧନ ! ଦୁଃଶାସନ ତୋର ଅତିପ୍ରିୟ ଭ୍ରାତା; ତୋର ସମସ୍ତ ଅପକର୍ମର ସହାୟକ; ପାରିଲେ ଆଜି ତାକୁ ମୋ କବଳରୁ ରକ୍ଷା କର।

Source: Author, Digitized by PPRACHIN, SOA

ଭୀମଙ୍କର ମହାପ୍ରଳୟ ରୂପ ଦେଖି ଭୟରେ ସମସ୍ତେ କାକୁସ୍ଥ ହୋଇ ରହିଥିଲେ। ସମସ୍ତ କୁରୁ ଯୋଦ୍ଧାଙ୍କୁ ଗୋଟି ଗୋଟି ଆହ୍ୱାନ କରିବାପରେ କେହି ସାହସ କରି ନଆସିବାରୁ ଦୁଃଶାସନ ମୁହଁକୁ ଚାହିଁ ଭୀମ କହିଲେ... ତୋର ଦୁର୍ଭାଗ୍ୟ ଦୁଃଶାସନ ! ତୋତେ ତୋର ତଥାକଥିତ ନିଜ ଲୋକ ମୋ କବଳରୁ ରକ୍ଷା କରିବାକୁ ପ୍ରସ୍ତୁତ ନୁହଁନ୍ତି। ସଂପଦ ସମୟରେ ସମସ୍ତେ ବନ୍ଧୁ, ବିପଦରେ କେହି ନୁହଁନ୍ତି। ନିଜ ପକ୍ଷର ଯୋଦ୍ଧାମାନଙ୍କୁ ଗୋଟିଗୋଟି ଆହ୍ୱାନ କରି ଭୀମ କହିଲେ... ଆସ କେହି ଯେବେ ମୋ ହାତରୁ ଦୁଃଶାସନର ପ୍ରାଣ ରକ୍ଷା କରିବାକୁ ଚାହୁଁଛ। ହେ ଧର୍ମରାଜ ! ଭଲକରି ଦେଖ ଏହି ଭ୍ରାତାଙ୍କ ବଦନ, ବଡ଼ ଉପକାରୀ ପରା ଅଟନ୍ତି ଏ ଜନ। ପାରିଲେ ଏହାକୁ ମୋ ହାତରୁ ରକ୍ଷାକର।

ତାପରେ ଅର୍ଜୁନ ନକୁଳ ଏବଂ ସହଦେବ, ସମସ୍ତଙ୍କୁ ଆହ୍ୱାନ ଦେଲେ ଭୀମ ତାଙ୍କ ହାତରୁ ଦୁଃଶାସନର ପ୍ରାଣ ରକ୍ଷା କରିବାପାଇଁ। ଶେଷରେ ବାସୁଦେବଙ୍କୁ ଚାହିଁ ଭୀମ ଆହ୍ୱାନ ଦେଇ କହିଲେ... ହେ କେଶବ ! ତୁମେ ମଧ୍ୟ ଚାହିଁଲେ ଏ ପାଷଣ୍ଡକୁ ମୋ କବଳରୁ ରକ୍ଷା କରିପାରିବ ନାହିଁ।

ନିଜର ନିନ୍ଦା ଶୁଣି ଅର୍ଜୁନ ନିରୁତ୍ତର ଥିଲେ କିନ୍ତୁ ଶ୍ରୀକୃଷ୍ଣଙ୍କ ନିନ୍ଦା ଶୁଣି କ୍ରୋଧରେ କମ୍ପିଗଲେ ସବ୍ୟସାଚୀ। ଗାଣ୍ଡିବରେ ବାଣ ଖଞ୍ଜିବାପାଇଁ ଯାଉଥିଲେ ଅର୍ଜୁନ। ବାଧାଦେଇ ଶ୍ରୀକୃଷ୍ଣ କହିଲେ... ତୁମେ ଏ କଣ କରୁଛ ପାର୍ଥ ! ଭୀମଙ୍କର ଏହି ପାପବିଧ୍ୱଂସକ ପ୍ରଳୟ ରୂପ ଭିତରେ ତୁମେ କଣ ମୋତେ ଦେଖି ପାରୁନାହିଁ!! ଏହି ସଂସାରରେ ବର୍ତ୍ତମାନ ଭୀମଙ୍କୁ ଜିଣିବା ଶକ୍ତି କାହା ପାଖରେ ମଧ୍ୟ ନାହିଁ; ତୁମେ ଏ ଛାର ଗାଣ୍ଡିବ ଧନୁ ତାଙ୍କୁ ଦେଖାଉଛ !!

ପାର୍ଥ ! ହିରଣ୍ୟ କଶିପୁ ବକ୍ଷ ମୁଁ ଏହିପରି ରୂପ ଧାରଣକରି ବିଦାରଣ କରିଥିଲି। ଦୁଷ୍ଟ ଏବଂ ପାପାତ୍ମାମାନଙ୍କୁ ମୁଁ ଏହି ଭୟଙ୍କର ରୂପ ଧାରଣ କରି ବିନାଶ କରେ। ଏହା ଭୀମଙ୍କର ଆହ୍ୱାନ ନୁହେଁ, ଏହା ଦୁଷ୍କୃତ ବିରୁଦ୍ଧରେ ମୋର ଆହ୍ୱାନ। ଦୁଃଶାସନ ଭଳି ପାପୀ ମାନଙ୍କର ସମୟ ଶେଷ ହୋଇଯାଇଛି ପାର୍ଥ। ସମୟକୁ ସମ୍ମାନ ଦିଅ। ଗାଣ୍ଡିବରୁ ବାଣ ପ୍ରତ୍ୟାହାର କର।

ଦୁଃଶାସନର ସହାୟତା ପାଇଁ କେହି ଆଗେଇ ନଆସିବା ଦେଖି ଭୀମ କହିଲେ... ହତଭାଗା ଦୁଃଶାସନ ! ଆଜି ତୋତେ ମୋ କବଳରୁ ରକ୍ଷା କରିବା ପାଇଁ କେହି ମଧ୍ୟ ପ୍ରସ୍ତୁତ ନୁହନ୍ତି। ସମସ୍ତେ ଜାଣନ୍ତି ସେ ଅପଚେଷ୍ଟା କଲେ ମୋ ହାତରେ ମୃତ୍ୟୁ ବରଣ କରିବେ। ସହଦେବଙ୍କୁ ଚାହିଁ ଭୀମସେନ କହିଲେ... ଯାଅ ଅନୁଜ ! ଯାଜ୍ଞସେନୀଙ୍କୁ ରଣ ସ୍ଥଳକୁ ସସମ୍ମାନେ ଘେନିଆସ। ଦୁଃଶାସନ ରକ୍ତରେ ତାଙ୍କର ମୁକ୍ତକେଶ ବନ୍ଧନ କରିବା

Source: Author, Digitized by PPRACHIN, SOA

ସମୟ ଆଜି ଆସିଯାଇଛି ।

ଅବିଳମ୍ବେ ସହଦେବ ଦ୍ରୌପଦୀଙ୍କୁ ଆଣି ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ହେଲେ । ଯାଜ୍ଞସେନୀଙ୍କୁ ଚାହିଁ ଭୀମ କହିଲେ... ଏହି ଦକ୍ଷିଣ ଭୁଜରେ ପାପାତ୍ମା ଦୁଃଶାସନ ତୁମର କେଶ ଧରି ରାଜସଭାକୁ ଝିଙ୍କି ଆଣିଥିଲା । ଏଇ ଦେଖ କୃଷ୍ଣା ! ମୁଁ କିପରି ଉତ୍ପାଟନ କରୁଛି ତାର ସେହି ଘୃଣିତ ଭୁଜ ।

କହିବା ମାତ୍ରେ ଭୟଙ୍କର ଗର୍ଜନକରି ଭୀମସେନ ଦୁଃଶାସନର ଦକ୍ଷିଣ ଭୁଜ ଉତ୍ପାଟନ କରି ନିର୍ଗତ ରକ୍ତରେ ଦ୍ରୌପଦୀଙ୍କ ବେଣୀ ବନ୍ଧନ କଲେ । ଦୁଃଶାସନର ଛାତି ଚିରି ତହିଁରୁ ନିର୍ଗତ ଲହୁ ପାନକରି ଯେତେବେଳେ ଭୀମ ଅଟ୍ଟହାସ କଲେ, କମ୍ପିଉଠିଲା ସସାଗରା ଧରା । ଭୟରେ ଶିହରୀ ଉଠିଲା ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ । ହିରଣ୍ୟକଶିପୁର ବକ୍ଷବିଦାରଣ କରି ସତେ ଅବା ନୃସିଂହ ରୂପୀ ବିଷ୍ଣୁ ରକ୍ତମୁଖା ହୋଇ ଉଭା ହୋଇଛନ୍ତି । ଉପାଡିଥିବା ଦକ୍ଷିଣ ଭୁଜକୁ ଭୀମ ଆକାଶକୁ ଫିଙ୍ଗିଦେଲେ । ଶୂନ୍ୟରେ ଉଡୁଥିବା ଶ୍ୱେନପକ୍ଷୀ ତାହା ଝାମ୍ପିନେଇ ଉଡିଗଲା । ତା'ପରେ ଦୁଃଶାସନର ବାମଭୁଜ ମଧ୍ୟ ଉପାଡି ଶୂନ୍ୟକୁ ଫିଙ୍ଗିଦେଲେ ମହାବଳୀ; ଅନ୍ୟଏକ ଶ୍ୱେନପକ୍ଷୀ ଉଠିଆସି ଆକାଶରୁ ଝାମ୍ପିନେଲା ସେ ଉତ୍ପାଟିତ ଭୁଜ ।

ଆନନ୍ଦିତ ହେଲେ ପାଞ୍ଚାଳୀ, ଦୁଃଖରେ ମଗ୍ନହେଲେ ଦୁର୍ଯ୍ୟୋଧନ, କର୍ଣ୍ଣ ଏବଂ ଶକୁନି; ପୂରଣ ହେଲା ବୃକୋଦରଙ୍କ ପ୍ରତିଜ୍ଞା; ବନ୍ଧନ ହେଲା ଦୀର୍ଘ ତେରବର୍ଷ ଧରି ମୁକ୍ତ ରହିଥିବା ବେଣୀ ।

-୦-

(୯୬)

ଗିଳିଛି ମୁଁ ନନ୍ଦିଘୋଷ

ଦୁଃଶାସନ ନିହତ ହେବା ପରେ ଅଶ୍ୱତ୍ଥାମା ଦୁର୍ଯ୍ୟୋଧନଙ୍କୁ କହିଲେ... ଯୁଦ୍ଧ ବହୁତ ହୋଇଗଲା ମିତ୍ର ! ଏଣିକି ଶାନ୍ତି ସ୍ଥାପନ କରି ଅଧିକ ଧ୍ୱଂସଲୀଳାରୁ ପୃଥିବୀକୁ ବଞ୍ଚାଇବା ଉଚିତ ।

ବିରକ୍ତ ହୋଇ ଦୁର୍ଯ୍ୟୋଧନ କହିଲା... କଣ ! ଶାନ୍ତି ? କି ପ୍ରକାର ଶାନ୍ତି ? ହିଂସ୍ର ପଶୁ ଭଳି ମୋ ଭାଇ ଦୁଃଶାସନର ଛାତି ଚିରି ରକ୍ତପାନ କରିବା ସମୟରେ ଭୀମ କଣ କହୁଥିଲା ଶୁଣିଛ ତ ଅଶ୍ୱତ୍ଥାମା ? ମୋର ଜାନୁଭଗ୍ନ କରି ମୋତେ ନିହତ କରିବ ବୋଲି

Source: Author, Digitized by PPRACHIN, SOA

ବାରମ୍ବାର ଶପଥ ନେଉଥିଲା ଭୀମସେନ। ଏ ପରିସ୍ଥିତିରେ ଶାନ୍ତିର ପ୍ରଶ୍ନ ଉଠୁଛି କେଉଁଠି ?

ଭୀମସେନ ଯେତେବେଳେ ଲହୁପାନ କରି କୃଷ୍ଣାଙ୍କ ବେଣୀ ବନ୍ଧନ କରୁଥିଲେ ସେ ଦୃଶ୍ୟ ଦେଖି ମହାବୀର କର୍ଣ୍ଣ ମଧ୍ୟ ଭୟରେ ଶିହରୀ ଉଠିଲେ।କର୍ଣ୍ଣଙ୍କ ରଥରେ ସାରଥି ହୋଇ ବସିଥିବା ଶଲ୍ୟ କହିଲେ... ହେ ଅଙ୍ଗରାଜ ! ଏ ସମୟରେ ତୁମପାଇଁ ସାହସିକତା ନିହାତି ଆବଶ୍ୟକ। ବର୍ତ୍ତମାନ ତୁମେ ଦୁର୍ଯ୍ୟୋଧନର ସାହା ଭରଷା। ବାକ୍ୟବୀର ଭଳି କେବଳ ଆସ୍ଫାଳନ କଲେ ତ ହେବନାହିଁ, ଅର୍ଜୁନ ଭଳି ମହାରଥୀର ସମ୍ମୁଖୀନ ହେବାପାଇଁ ଆବଶ୍ୟକୀୟ ସାହସ ତୁମର ଥିବାଭଳି ମୋର ମନେ ହେଉନାହିଁ।

ଶଲ୍ୟଙ୍କ ବାକ୍ୟରେ ଆହତ କର୍ଣ୍ଣ କହିଲେ... ଅର୍ଜୁନର ପ୍ରଶଂସା କରି ମୋର ମନୋବଳ ହ୍ରାସ କରନ୍ତୁ ନାହିଁ ମାତୁଳ! ମୋ ରଥ ନେଇ ନନ୍ଦିଘୋଷ ଆଗରେ ସ୍ଥାପିତ କରନ୍ତୁ। ଆଜି ଅର୍ଜୁନଙ୍କୁ ଯୁଦ୍ଧରେ ନିହତ କରି ପାଣ୍ଡବ ବାହିନୀକୁ ପରାହତ କରିବି। ପାଣ୍ଡବଙ୍କ କର୍ଣ୍ଣଧାର ଅର୍ଜୁନ ପରାସ୍ତ ହୋଇ ମୃତ ହେବାପରେ ସେମାନଙ୍କ ପରାଜୟ ସୁନିଶ୍ଚିତ।

ଶଲ୍ୟ ପୁଣି ନିରାଶାଜନକ ବାଣୀରେ କହିଲେ... ଅର୍ଜୁନଙ୍କୁ ପରାସ୍ତ କରି ନିହତ କରିବା ତୁମର ଦିବାସ୍ୱପ୍ନ ବ୍ୟତୀତ ଅନ୍ୟ କିଛି ନୁହେଁ ଅଙ୍ଗରାଜ। ଅର୍ଜୁନ ବିରୁଦ୍ଧରେ ତୁମେ କେଉଁ ଯୁଦ୍ଧ ଜୟ କରିଛ କୁହ ରାଧାପୁତ୍ର! ତୁମର ଆସ୍ଫାଳନ ଶୁଣି ଶୁଣି କାନ ବଧୀର ହୋଇଗଲାଣି ଅଙ୍ଗରାଜ। ତୁମର ପରମ ସଖା ଦୁର୍ଯ୍ୟୋଧନଙ୍କୁ ଚିତ୍ରସେନ ଗନ୍ଧର୍ବ ବାନ୍ଧି ନେଲାବେଳେ କେଉଁଠି ତୁମେ ଲୁଚି ଥିଲ ରାଧାପୁତ୍ର ? ସେହି ଚିତ୍ରସେନକୁ ପରାସ୍ତ କରି ଅର୍ଜୁନ ତୁମ ମିତ୍ରକୁ ମୁକ୍ତି ଦେଲାବେଳେ ବୁଡି ମରିବା ପାଇଁ ଆଞ୍ଜୁଳାଏ ପାଣି ମଧ୍ୟ ତୁମକୁ ମିଳିଲା ନାହିଁ। ଅଜ୍ଞାତବାସ ବ୍ୟତୀତ କରିବା ପାଇଁ ଯେତେବେଳ ପାଣ୍ଡବମାନେ ମତ୍ସ୍ୟ ଦେଶରେ ଆତ୍ମଗୋପନ କରିଥିଲେ, ବିରାଟ ରାଜାଙ୍କ ଗୋଧନ ହରଣ କରିବାପାଇଁ ତୁମେ ଯାଇଥିଲ।ଅର୍ଜୁନ ସହିତ ଯୁଦ୍ଧରେ ସେଠାରେ ତୁମର ଯାହା ଅବସ୍ଥା ହେଲା ନକହିଲେ ଭଲ। ସମ୍ମୋହନ ବାଣରେ ତୁମକୁ ଚେତାଶୂନ୍ୟ କରି ଅର୍ଜୁନ ତୁମର ଅସ୍ତ୍ରଶସ୍ତ୍ର ସହିତ ଅଙ୍ଗବସ୍ତ୍ର ମଧ୍ୟ ହରଣ କରି ନେଇଥିଲା। ମନେ ନାହିଁ କର୍ଣ୍ଣ ? ଆଃ କର୍ଣ୍ଣ ! କାହିଁ କେଶବ ସମର୍ଥିତ ପାର୍ଥ ଏବଂ କାହିଁ ଦୁର୍ଯ୍ୟୋଧନ ସମର୍ଥିତ ରାଧେୟ !

ଶଲ୍ୟ, କର୍ଣ୍ଣଙ୍କୁ ଏହିଭଳି ହତୋତ୍ସାହିତ କରିବାର କାରଣ ଥିଲା। ଯୁଦ୍ଧ ପୂର୍ବରୁ ଚଞ୍ଚକତା କରି ଦୁର୍ଯ୍ୟୋଧନ ଶଲ୍ୟ ଏବଂ ତାଙ୍କ ବିଶାଳ ସେନାଙ୍କୁ ଆତିଥ୍ୟ ପ୍ରଦାନ କରି ତାଙ୍କୁ ଋଣୀ କରିଦେଇଥିଲା। ଶଲ୍ୟ, ବାଧ୍ୟହୋଇ ଦୁର୍ଯ୍ୟୋଧନଙ୍କୁ ସମର୍ଥନ କରିଥିଲେ। କିନ୍ତୁ ସେ ବାସ୍ତବରେ ମାଦ୍ରୀଙ୍କ ଭ୍ରାତା ହୋଇଥିବାରୁ ପାଣ୍ଡବମାନଙ୍କର ନିଜ ମାତୁଳ ଥିଲେ।

Source: Author, Digitized by PPRACHIN, SOA

ଦୁର୍ଯ୍ୟୋଧନଙ୍କୁ ତାର ଚଞ୍ଚକତାର ପ୍ରତିଫଳ ଏହିପରି କର୍ଣ୍ଣଙ୍କୁ ନିରୁତ୍ସାହିତ କରି ଦେବେ ବୋଲି ପାଣ୍ଡବମାନଙ୍କୁ ସେ ସମୟରେ ପ୍ରତିଶ୍ରୁତି ଦେଇଥିଲେ ଶଲ୍ୟ ।

ଶଲ୍ୟଙ୍କ ବାକ୍ୟରେ କର୍ଣ୍ଣ ହତୋତ୍ସାହିତ ହେଲେ ମଧ୍ୟ ସେ ପଳାତକ ନଥିଲେ । ଅର୍ଜୁନ ସହିତ ତାଙ୍କର ଲାଗିଲା ଭୀଷଣ ସଂଗ୍ରାମ । ନନ୍ଦିଘୋଷ ସହିତ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କୁ ଗିଳିଦେଇ ଉଦରସ୍ଥ କରିବାପାଇଁ ତକ୍ଷକ ସର୍ପକୁ ନିଜ ବାଣରେ ଖଞ୍ଜି ପ୍ରହାର କଲେ କର୍ଣ୍ଣ । ଲହ ଲହ ଜିହ୍ୱା ବ୍ୟାଦାନ କରି ମାଡିଆସିଲା ସର୍ପବାଣ ।ରଥ ଶୀର୍ଷରେ ରହିଥିବା ହନୁମାନଙ୍କୁ ଶ୍ରୀକୃଷ୍ଣ ଆଦେଶ ଦେଇ କହିଲେ... ମାରୁତି ! ବର୍ତ୍ତମାନ ତୁମ ସହଯୋଗର ସମୟ ଆସିଗଲା । ନନ୍ଦିଘୋଷ ରଥକୁ ପାତାଳଗାମୀ କର, ନହେଲେ ଆମେ ସମସ୍ତେ ତକ୍ଷକ ସର୍ପ ଗର୍ଭରେ ବିଲୀନ ହୋଇଯିବା । ଶ୍ରୀକୃଷ୍ଣଙ୍କ ଆଦେଶରେ ହନୁମାନ ନନ୍ଦିଘୋଷକୁ ଭୂମିଗ୍ରସ୍ତ କରାଇଲେ । କେବଳ ଉପରକୁ ଦେଖା ଯାଉଥିବା ପତାକାକୁ ଗିଳିଦେଇ ତକ୍ଷକ କର୍ଣ୍ଣଙ୍କ ଆଗରେ ବଡିମା ଦେଖାଇ କହିଲେ... ନନ୍ଦିଘୋଷ ରଥ ସହିତ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କୁ ମୁଁ ଗର୍ଭସ୍ଥ କରିଛି ରାଧେୟ; ତୁମ ଚିରଶତ୍ରୁ ଅର୍ଜୁନଙ୍କୁ ବିନାଶ କରିବା ସଙ୍ଗେ ସଙ୍ଗେ ମୁଁ, ସେମାନଙ୍କ ଶତ୍ରୁତାର ପ୍ରତିଶୋଧ ନେଇଛି ।

ତକ୍ଷକଙ୍କର ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସହିତ ଶତ୍ରୁତାର କାହାଣୀ ଥିଲା ଏହିପରି...

ଇନ୍ଦ୍ରପ୍ରସ୍ଥ ରାଜ୍ୟ ସ୍ଥାପନ ସମୟରେ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ଦ୍ୱାରା ଖାଣ୍ଡବ ବନ ଦହନ ଯୋଗୁଁ ତକ୍ଷକଙ୍କ ପରିବାର ଅଗ୍ନିରେ ଧ୍ୱଂସ ପାଇଯାଇଥିଲେ; ପିତାଙ୍କୁ ଦୁଃଖଦ ସମ୍ବାଦ ଦେବାକୁ କେବଳ ବଞ୍ଚି ଯାଇଥିଲେ ପୁତ୍ର ଅଶ୍ୱସେନ । ସେଦିନ ଖାଣ୍ଡବ ବନରେ ଉପସ୍ଥିତ ନଥିବାରୁ ତକ୍ଷକ ମଧ୍ୟ ବଞ୍ଚି ଯାଇଥିଲେ । ଶୋକରେ ଅଧୀର ତକ୍ଷକ ସେ ସମୟରେ ଶପଥ ନେଇଥିଲେ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କୁ ନିହତ କରିବାପାଇଁ । ମହାଭାରତ ଯୁଦ୍ଧ ସମୟରେ କର୍ଣ୍ଣଙ୍କ ସାହାଯ୍ୟରେ ସେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ଉପରେ ପ୍ରତିଶୋଧ ନେବାପାଇଁ ଚାହୁଁଥିଲେ । କିନ୍ତୁ ତକ୍ଷକଙ୍କୁ ବାଣରେ ଖଞ୍ଜି ଅର୍ଜୁନଙ୍କ ଉପରେ ପ୍ରହାର କରିବା ପୂର୍ବରୁ ଶଲ୍ୟ କର୍ଣ୍ଣଙ୍କୁ କହିଥିଲେ... ସର୍ପମାନଙ୍କୁ ବିଶ୍ୱାସ ନାହିଁ ରାଧେୟ; ଏ ତକ୍ଷକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କର କିଛି କ୍ଷତି କରିପାରିବ ବୋଲି ମୋର ବିଶ୍ୱାସ ନାହିଁ ।

ନନ୍ଦିଘୋଷର ପତାକାକୁ ଗିଳିଦେଇ ତକ୍ଷକ ଭାବିଲେ ଯେ ସେ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କୁ ବିନାଶ କରିଛନ୍ତି । କିନ୍ତୁ ଏ କଣ ! ଭୂମି ବିଦୀର୍ଣ୍ଣ କରି ନନ୍ଦିଘୋଷ ଉଭାହେଲା ରଣକ୍ଷେତ୍ରରେ ।ପାଞ୍ଚଜନ୍ୟ ଶଙ୍ଖ ନାଦରେ କମ୍ପି ଉଠିଲା କୁରୁକ୍ଷେତ୍ର । ଆଶ୍ଚର୍ଯ୍ୟ ହୋଇ କର୍ଣ୍ଣ ତକ୍ଷକଙ୍କୁ ପ୍ରଶ୍ନ କଲେ... କାହାକୁ ତୁମେ ଗିଳିଦେଇଛ ବୋଲି ବଡିମା ଦେଖାଉଛ ତକ୍ଷକ ? ଏଇ ଦେଖ କିପରି ବିଜୟ ଗର୍ବରେ ନନ୍ଦିଘୋଷ ମାଡି ଆସୁଛି ! ଠିକ୍ କଥା କହୁଥିଲେ

Source: Author, Digitized by PPRACHIN, SOA

ମାତୁଳ ଶଲ୍ୟ, ସର୍ପମାନଙ୍କୁ ବିଶ୍ୱାସ ନାହିଁ।

ନନ୍ଦିଘୋଷକୁ ଗିଳିଥିବା ପ୍ରମାଣ ଦେଖାଇବା ପାଇଁ ଉଦରଭିତରୁ ଉଦ୍‌ଗାରଣ କଲେ ତକ୍ଷକ। ବାହାରି ଆସିଲା କେବଳ ନନ୍ଦିଘୋଷ ରଥ ଉପରେ ଥିବା କନାରୁ ଖଣ୍ଡେ। ତକ୍ଷକ ନିଜେ ମଧ୍ୟ ଆଶ୍ଚର୍ଯ୍ୟ, କିପରି ଏହା ସମ୍ଭବ !! ଆଉ ଥରେ ତାଙ୍କୁ ବାଣରେ ପ୍ରୟୋଗ କରିବାକୁ ଅନୁରୋଧ କଲେ ତକ୍ଷକ। କର୍ଣ୍ଣ ତକ୍ଷକଙ୍କୁ ଅପଶବ୍ଦ ପ୍ରୟୋଗ କରି କହିଲେ... ତୁରନ୍ତ ଏ ସ୍ଥାନ ତ୍ୟାଗକରି ଚାଲିଯାଅ ମୂର୍ଖ ସର୍ପ, ନହେଲେ ମୋ କ୍ରୋଧର ଶିକାର ହେବ।

କର୍ଣ୍ଣଙ୍କୁ ଅଭିଶାପ ଦେଇ ଚାଲିଗଲେ ତକ୍ଷକ... ତୁମ ଉପରେ ଥିବା ବ୍ରାହ୍ମଣର ଅଭିଶାପ ଏବଂ ପର୍ଶୁରାମଙ୍କ ଅଭିଶାପ ତୁରନ୍ତ ଫଳବତୀ ହେବ କର୍ଣ୍ଣ! ତୁମ ରଥ ଚକ ଭୂମିଗ୍ରସ୍ତ ହେବ, ଦିବ୍ୟାସ୍ତ୍ର ପ୍ରୟୋଗର ମନ୍ତ୍ର ଭୁଲିଯିବ ତୁମେ, ଦୟନୀୟ ମୃତ୍ୟୁ ବରଣ କରିବ ଅର୍ଜୁନଙ୍କ ହାତରେ।

-୦-

(୯୭)

ପ୍ରଚଣ୍ଡ ରାଧେୟ

'ଜନ୍ମ ଦୈବର ଅଧୀନ କିନ୍ତୁ ପୁରୁଷାକାର ନିଜର ଅଧୀନ।' ଏହି ଆପ୍ତବାକ୍ୟ ପ୍ରମାଣିତ କରିଥିବା ସୂର୍ଯ୍ୟପୁତ୍ର କର୍ଣ୍ଣଙ୍କର ଭାରତ ଯୁଦ୍ଧରେ ଆଜି ଶେଷ ସମୟ ଉପସ୍ଥିତ। ଅର୍ଜୁନଙ୍କ ସହିତ ଯୁଦ୍ଧ ସମୟରେ, ରଥର ବାମ ଚକକୁ, କୁରୁକ୍ଷେତ୍ରର ରକ୍ତ-କର୍ଦ୍ଦମାକ୍ତ ଭୂମି ଗ୍ରାସ କରିଛି।ଆଗରେ ନନ୍ଦିଘୋଷ ରଥରେ ଆସୀନ ଅର୍ଜୁନ ଯୁଦ୍ଧପାଇଁ ଆହ୍ୱାନ କରୁଛନ୍ତି।

ବାଣ ପ୍ରୟୋଗ ନକରିବାପାଇଁ ଅର୍ଜୁନଙ୍କୁ ବାରଣ କରି କର୍ଣ୍ଣ କହିଲେ... ଦଣ୍ଡେ ଅପେକ୍ଷା କର ପାର୍ଥ! ଭୂମି ଗ୍ରାସ କରିଥିବା ରଥ ଚକକୁ ଉଦ୍ଧାର କରିବା ପରେ ତୁମ ସହିତ ଯୁଦ୍ଧ କରିବି।ତୁମେ ତ ଧର୍ମପଥାଚାରୀ, ଯୁଦ୍ଧର ନିୟମ ତୁମକୁ ଭଲଭାବରେ ଜଣା, ଯୁଦ୍ଧରେ ନିରସ୍ତ୍ର ଉପରକୁ ବାଣ ପ୍ରହାର କରିବା ନିଷିଦ୍ଧ। ନନ୍ଦିଘୋଷ ରଥରେ ଉପସ୍ଥିତ ଅଛନ୍ତି ସ୍ୱୟଂ ଶ୍ରୀକୃଷ୍ଣ; ରଥ ଶୀର୍ଷରେ ବିରାଜମାନ ସ୍ୱୟଂ ଆଚାର-ଶ୍ରେଷ୍ଠ ହନୁମାନ। ଯୁଦ୍ଧ ନୀତି ଓ କ୍ଷତ୍ରିୟର ଧର୍ମ ତୁମେ ଜାଣି ନଥିଲେ ଏମାନଙ୍କ ଠାରୁ ବୁଝିନିଅ ପାର୍ଥ, ଦଣ୍ଡେ

Source: Author, Digitized by PPRACHIN, SOA

ଅପେକ୍ଷା କର, ରଥ ଚକ ଭୂମିରୁ ଉଦ୍ଧାର କରି ମୁଁ ତୁମ ସହିତ ଯୁଦ୍ଧ କରିବି।

କର୍ଣ୍ଣଙ୍କ ଠାରୁ ଏପରି ଅନୁରୋଧ ଶୁଣି ଧନୁରେ ଚଢାଇ ଥିବା ବାଣ ସମ୍ବରଣ କରି ଅପେକ୍ଷା କଲେ ଅର୍ଜୁନ।

ଶ୍ରୀକୃଷ୍ଣ କର୍ଣ୍ଣଙ୍କୁ ଚାହିଁ କହିଲେ... ବାଃ କର୍ଣ୍ଣ! ଏତେ ବେଳକୁ ଯୁଦ୍ଧର ନୀତି ନିୟମ ଓ କ୍ଷତ୍ରିୟର ଧର୍ମ କଥା ମନେ ପଡୁଛି? ତୁମେ ସପ୍ତରଥି ମିଳିତ ହୋଇ ନିରସ୍ତ୍ର ଅଭିମନ୍ୟୁ ଉପରେ ବାଣ ପ୍ରହାର କରିବା ସମୟରେ ଏହି ଯୁଦ୍ଧ ନିୟମ ମନେ ପଡୁ ନଥିଲା!! ଛଳନାରେ ଧର୍ମପୁତ୍ର ଯୁଧିଷ୍ଠିରଙ୍କୁ ପଶାଖେଳରେ ହରାଇ ପାଣ୍ଡବ ମାନଙ୍କୁ ରାଜ୍ୟଚ୍ୟୁତ କରି ବନବାସ ପଠାଇବା ସମୟରେ ତୁମର କ୍ଷାତ୍ରଧର୍ମ ଏବଂ ନୀତି ନିୟମ କେଉଁଠାରେ ଥିଲା ଅଙ୍ଗରାଜ ? କୁରୁ ସଭା ତଳେ ଅସହାୟା ଦ୍ରୌପଦୀଙ୍କର ବସ୍ତ୍ର ହରଣ କରିବା ସମୟରେ କେଉଁଠାରେ ଥିଲା ତୁମର ଏ ନୀତି ଓ ଧର୍ମ ? ଭୀମସେନଙ୍କୁ ବିଷଲଡୁ ଦେଇ ହତ୍ୟା କରିବାକୁ ପ୍ରୟାସ କରିବା ସମୟରେ କେଉଁ ଠାରେ ଆତ୍ମଗୋପନ କରିଥିଲା କୌରବ ମାନଙ୍କର କ୍ଷାତ୍ର-ଧର୍ମ? ପାଣ୍ଡବ ମାନଙ୍କୁ ବାରୁଣାବନ୍ତ ପଠାଇ ସେଠାରେ ଜତୁଗୃହରେ ଦଗ୍ଧ କରିବାକୁ ପ୍ରୟାସ କରିବା ସମୟରେ କେଉଁଆଡେ ଥିଲା ତୁମର ଏ ନୀତି ଓ ଧର୍ମ? ଦୁର୍ଯ୍ୟୋଧନଙ୍କୁ ସବୁ ଅପକର୍ମରେ ପ୍ରଚୋଦିତ କରି ଅଗ୍ନିରେ ଘୃତ ଢାଳିବା କାର୍ଯ୍ୟ କରୁଥିବା କର୍ଣ୍ଣଙ୍କ ମୁହଁରେ ନୀତି ଓ ଧର୍ମ ନାମକ ଶବ୍ଦ ଶୋଭା ପାଏ ନାହିଁ ଅଙ୍ଗରାଜ! ଧର୍ମର ସଂଜ୍ଞା କଣ ନିଜ ପାଇଁ ଭିନ୍ନ ଏବଂ ଅନ୍ୟମାନଙ୍କ ପାଇଁ ଭିନ୍ନ ରାଧେୟ ?

ବାସ୍ତବରେ, ନିରସ୍ତ୍ର କର୍ଣ୍ଣଙ୍କ ଉପରେ ବାଣ ପ୍ରହାର କରିବା ପାଇଁ ଅର୍ଜୁନଙ୍କୁ ପ୍ରେରିତ କରିବା ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣ ଏକଥା କହୁଥିଲେ। ତଳକୁ ମୁହଁ ପୋତିଦେଲେ କର୍ଣ୍ଣ। ସେ ଜାଣିପାରିଲେ ପର୍ଶୁରାମଙ୍କ ଅଭିଶାପ ତାଙ୍କ ଜୀବନରେ ଫଳବତୀ ହେବାପାଇଁ ଯାଉଛି। ଆଖି ଆଗରେ ତାଙ୍କର ଭାସିଗଲା ଅତୀତରେ ତାଙ୍କ ଜୀବନରେ ଘଟିଯାଇଥିବା ଦୁର୍ଭାଗ୍ୟପୂର୍ଣ୍ଣ ଦିନଗୁଡ଼ିକର ଘଟଣାବଳୀ...

କ୍ଷତ୍ରିୟ କୁଳରେ ସେ ଜନ୍ମ ହୋଇ ମଧ୍ୟ ମାତା କୁନ୍ତୀ ଅପବାଦ ଭୟରେ ତାଙ୍କୁ ଗଙ୍ଗା ଜଳରେ ଭସାଇ ଦେଇଥିଲେ। ନିଜେ କ୍ଷତ୍ରିୟ ବୋଲି ସେ ଜାଣିନଥିଲେ କିମ୍ବା କୌଣସି ଜନ୍ମ ପ୍ରମାଣ ପତ୍ର ନଥିଲା ତାଙ୍କ ପାଖରେ। ସେ ନିଜକୁ ସୂତ ଅଧିରଥଙ୍କ ପାଳିତ ପୁତ୍ର ବୋଲି ଜାଣି ଥିଲେ। ଗୁରୁ ଦ୍ରୋଣଙ୍କ ପାଖରେ ଶସ୍ତ୍ର ଓ ଶାସ୍ତ୍ର ଶିକ୍ଷା କରିବାପାଇଁ କ୍ଷତ୍ରିୟହେବା ଆବଶ୍ୟକ ଥିଲା। ଗୁରୁ ପର୍ଶୁରାମ କ୍ଷତ୍ରିୟମାନଙ୍କୁ ଶସ୍ତ୍ର ଓ ଶାସ୍ତ୍ର ଶିକ୍ଷା ଦେବାକୁ ଚାହୁଁ ନଥିଲେ; ଅଦ୍ଭୁତ ଏହି ଗୁରୁମାନଙ୍କର ମନୋବୃତ୍ତି !

ଶ୍ରେଷ୍ଠତମ ବିଦ୍ୟାଶିକ୍ଷା ଭଳି ପବିତ୍ର ଉଦ୍ଦେଶ୍ୟ ସାଧନ ପାଇଁ ନିଜକୁ ବ୍ରାହ୍ମଣ ବୋଲି

Source: Author, Digitized by PPRACHIN, SOA

ତାଙ୍କୁ ପର୍ଶୁରାମଙ୍କ ପାଖରେ ଛଳନା କରିବାକୁ ପଡ଼ିଥିଲା। ଏହା କରି ସତରେ କ'ଣ ସେ ପାପ କରିଥିଲେ ? ଗୁରୁ ଭକ୍ତିର ଚରମ ନିଦର୍ଶନ ସେ ଦେଖାଇଥିଲେ, ଯେତେବେଳେ ତାଙ୍କ ଜାନୁ ଉପରେ ଗୁରୁ ପର୍ଶୁରାମ ମଥା ରଖି ବିଶ୍ରାମ କରୁଥିଲେ। ଭୂମିମଧ୍ୟରୁ ଏକ କୃମ କର୍ଣ୍ଣଙ୍କ ଜାନୁକୁ ଭେଦକରିବାରେ ଲାଗିଲା। ଘୋର ଯନ୍ତ୍ରଣାରେ ବ୍ୟଥିତ ହେଲେ ରାଧେୟ, ଜାନୁରୁ ଧାର ଧାର ହୋଇ ବହି ଯାଉଥିଲା ରକ୍ତ। ତଥାପି ଗୁରୁଙ୍କ ନିଦ୍ରା ଭଙ୍ଗ ହେବା ଡରରେ ସେ ସେହିପରି ବସି ରହିଲେ। ନିଦ୍ରାଭଙ୍ଗ ପରେ ପର୍ଶୁରାମ କର୍ଣ୍ଣଙ୍କର ଅସୀମ ଧୈର୍ଯ୍ୟ ଦେଖି ତାଙ୍କୁ କ୍ଷତ୍ରିୟ ବୋଲି ସନ୍ଦେହ କଲେ। କର୍ଣ୍ଣ ମାନିଗଲେ ଯେ ସେ ଜାତିରେ ବ୍ରାହ୍ମଣ ନୁହଁନ୍ତି ବରଂ ସେ ସୂତ ଅଧିରଥଙ୍କର ପୁତ୍ର।

ଭୟଙ୍କର କ୍ରୋଧରେ କମ୍ପିଗଲେ ପର୍ଶୁରାମ। କର୍ଣ୍ଣଙ୍କୁ ସେ ଅଭିଶାପ ଦେଲେ ଯେ ଦିବ୍ୟାସ୍ତ୍ର ପ୍ରୟୋଗ ସମୟରେ ସେ ମନ୍ତ୍ର ଭୁଲିଯିବେ।

ଗୁରୁଙ୍କ ଆଶ୍ରମ ତ୍ୟାଗକରି, ଘୋର ମନସ୍ତାପରେ ସେ ଯେତେବେଳେ ଭାସମାନ ମେଘଖଣ୍ଡ ପରି ବୁଲୁଥିଲେ, ଆଉ ଏକ ଅଭିଶାପ ତାଙ୍କ କ୍ଷତ୍ରିୟ ଜୀବନକୁ କଳଙ୍କିତ କଲା। ବଣ୍ୟପଶୁ ଶିକାର କରିବା ଉଦ୍ଦେଶ୍ୟରେ ଶବ୍ଦଭେଦୀ ବାଣ ପ୍ରୟୋଗ କରି ସେ ଅଜ୍ଞାତରେ ଜଣେ ବ୍ରାହ୍ମଣର ଗାଈଟିଏ ହତ୍ୟା କରିଦେଲେ।

ବ୍ରାହ୍ମଣ ଅଭିଶାପ ଦେଲେ ଯେ ନିର୍ଣ୍ଣାୟକ ଯୁଦ୍ଧ ସମୟରେ ତାଙ୍କ ରଥଚକକୁ ଭୂମି ଗ୍ରାସ କରିବ। ତକ୍ଷକ ସର୍ପ ମଧ୍ୟ ତାଙ୍କ ଉପରେ ଅସନ୍ତୁଷ୍ଟ ହୋଇ ସେହି ଅଭିଶାପଗୁଡ଼ିକ ଅର୍ଜୁନଙ୍କ ସହିତ ଯୁଦ୍ଧ ସମୟରେ ଫଳିବ ବୋଲି ପୁନର୍ବାର ଅଭିଶାପ ଦେଇ ଚାଲିଗଲେ। ଆଜି ସେ ଅଭିଶାପ ଫଳବତୀ ହେବାପାଇଁ ଯାଉଛି।

ରଥର ଭୂମିଗ୍ରସ୍ତ ବାମ ଚକକୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେଲେ କର୍ଣ୍ଣ। ତାଙ୍କ ଉପରକୁ ବାଣ ପ୍ରହାର କରିବାପାଇଁ ନିର୍ଦ୍ଦେଶ ଦେଉଛନ୍ତି ମାଧବ... କାଳ ବିଳମ୍ବ ନକରି କର୍ଣ୍ଣଙ୍କ ଶିରଚ୍ଛେଦ କର ପାର୍ଥ ! ଥରେ ଭୂମିଗ୍ରସ୍ତ ରଥକୁ ଉଦ୍ଧାର କଲେ କର୍ଣ୍ଣଙ୍କୁ ପରାସ୍ତ କରିବା ଅସମ୍ଭବ।

ଅସଫଳ ହୋଇ କର୍ଣ୍ଣ ହସ୍ତରେ ତୋଳିଲେ ଧନୁର୍ବାଣ। ସେଥିରେ ଦିବ୍ୟାସ୍ତ୍ର ଖଞ୍ଜି ପ୍ରୟୋଗ କରିବା ପାଇଁ ମନ୍ତ୍ର ମନେ ପକାଇଲେ। ନା, ସବୁ ଭୁଲି ଯାଇଛନ୍ତି ସେ, ମନ୍ତ୍ର ମନେ ପଡୁନାହିଁ। ଅଭିଶାପ ତାଙ୍କ ସ୍ମୃତିପଟକୁ ଧଳା କାଗଜରେ ପରିଣତ କରିଦେଇଛି। ଜୀବନର ଅନ୍ତିମ କ୍ଷଣରେ ନିଜ ବିଡ଼ମ୍ବିତ ଭାଗ୍ୟ ଉପରେ ନହସି ରହିପାରିଲେ ନାହିଁ କର୍ଣ୍ଣ... କି ଲାଭ ଏପରି ଶ୍ରେଷ୍ଠ ଶସ୍ତ୍ର-ବିଦ୍ୟା ଲାଭକରି !! ଭାଗ୍ୟଂ ଫଳତି ସର୍ବତ୍ର, ନ ବିଦ୍ୟା ନ ଚ ପୌରୁଷମ୍।

Source: Author, Digitized by PPRACHIN, SOA

କାଳର କ୍ରୂର କଟାକ୍ଷରେ ରାଜପୁତ୍ରରୁ ଭିକାରି ସାଜିଥିବା କର୍ଣ୍ଣ ନିଜ ଭାଗ୍ୟ ଉପରେ ଅଟ୍ଟହାସ କରି ମନେ ମନେ କହୁଥିଲେ... ତୁ ହାରି ଯାଇଛୁ ଭାଗ୍ୟ, ମୋର ବିଜୟ ହୋଇଛି। ମାତା କୁନ୍ତୀ ତଥା ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରଦତ୍ତ ରାଜପଦ ପ୍ରତ୍ୟାଖ୍ୟାନ କରି ମୁଁ ମୋର ପୁରୁଷାକାରର ଶ୍ରେଷ୍ଠତା ପ୍ରତିପାଦିତ କରି ପାରିଛି।

ପର ମୁହୂର୍ତ୍ତରେ ଅର୍ଜୁନଙ୍କ ଗାଣ୍ଡିବରୁ ନିର୍ଗତ ବାଣ କର୍ଣ୍ଣଙ୍କ ବକ୍ଷ ଭେଦ କଲା।ନିଜ ଅନୁଜ ଅର୍ଜୁନଙ୍କୁ ମନେ ମନେ ଆଶୀର୍ବାଦ ଦେଉଥିଲେ ଜ୍ୟେଷ୍ଠ କୁନ୍ତୀପୁତ୍ର... ଯଶସ୍ୱୀ ଭବ ଅନୁଜ, ଅଖଣ୍ଡ ଐଶ୍ୱର୍ଯ୍ୟ ଭୋଗ କର।

ଅର୍ଜୁନଙ୍କ ଦ୍ୱିତୀୟ ବାଣ କର୍ଣ୍ଣଙ୍କ ମସ୍ତକକୁ ଶରୀରରୁ ବିଚ୍ୟୁତ କରିଦେଲା। ମହାଭାରତ ଯୁଗର ଏକ ଅନୁଷ୍ଠାନର ଅକାଳ ମୃତ୍ୟୁ ଘଟିଲା।

ଜୀବନ ବା ମୃତ୍ୟୁ ପାଇଁ ଭ୍ରୂକ୍ଷେପ ନକରି, ଶରୀରକୁ କାଟି ଇନ୍ଦ୍ରଙ୍କୁ କବଚ କୁଣ୍ଡଳ ଦାନ କରିଥିବା ମହାଦାନୀ କର୍ଣ୍ଣଙ୍କ ଶରୀର ଆଜି କୁରୁକ୍ଷେତ୍ରରେ ନିଶ୍ଚଳ ହୋଇ ପଡ଼ି ରହିଥିଲା; ରାଜପଦକୁ ପାଦରେ ଆଡେଇ ଦେଇ ବନ୍ଧୁତାକୁ ଶ୍ରେଷ୍ଠ ସଂଜ୍ଞା ଦେଇଥିବା କର୍ଣ୍ଣଙ୍କ ଶରୀର ଆଜି ଭୂଲୁଣ୍ଠିତ। ବନ୍ଧୁତା ପାଇଁ ସବୁବେଳେ ଅନ୍ୟାୟକୁ ସମର୍ଥନ ଦେଇ ଶେଷ ମୁହୂର୍ତ୍ତରେ ଅନ୍ୟାୟ ଯୁଦ୍ଧରେ ହିଁ ଜୀବନ-ବାଜି ହାରି ଯାଇଥିବା କର୍ଣ୍ଣଙ୍କ ନିଶ୍ଚଳ ଶରୀର ପଡ଼ି ରହିଥିଲା କୁରୁକ୍ଷେତ୍ରରେ।

-୦-

(୯୮)

ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ

କର୍ଣ୍ଣଙ୍କ ମୃତ୍ୟୁରେ ଦୁଃଖରେ ଭାଙ୍ଗି ପଡ଼ିଲେ ଦୁର୍ଯ୍ୟୋଧନ। ରାଧେୟଙ୍କ ଶବକୁ କୋଳରେ ଧରି ଅଶ୍ରୁ ମୋଚନ କରି କହିଲେ... ତୁମ ବାହୁବଳକୁ ମୁଁ କେତେ ଆଶା କରିଥିଲି ମିତ୍ର! ଶେଷରେ ତୁମେ ମଧ୍ୟ ମୋତେ ଏକା ଛାଡ଼ି ଚାଲିଗଲ !! ଆଉ କାହା ଭରସାରେ ଏ ଯୁଦ୍ଧ ମୁଁ ଲଢ଼ିବି ?

ଦୁର୍ଯ୍ୟୋଧନଙ୍କୁ ଦୁଃଖରେ ମ୍ରିୟମାଣ ଦେଖି କୃପାଚାର୍ଯ୍ୟ କହିଲେ... ହେ ରାଜା ! ଲୋଭ, ଈର୍ଷା ଓ ମହତାକାଂକ୍ଷା ଦ୍ୱାରା ପ୍ରରୋଚିତ ହୋଇ ତୁମେ ଏ ଧ୍ୱଂସକାରୀ ଯୁଦ୍ଧରେ ନିଜର ଭାଇ ବନ୍ଧୁ କୁଟୁମ୍ବଙ୍କୁ ନିୟୋଜିତ କଲ। ବିନା ଅଭିଯୋଗରେ ସେମାନେ ତୁମପାଇଁ

Source: Author, Digitized by PPRACHIN, SOA

ଯୁଦ୍ଧକରି ନିଜ ନିଜର ପ୍ରାଣ ବିସର୍ଜନ କଲେ। ଏବେ ତୁମପାଇଁ ଉନ୍ମୁକ୍ତ ଏକମାତ୍ର ପନ୍ଥା ହେଉଛି ପାଣ୍ଡବମାନଙ୍କ ସହିତ ଶାନ୍ତି ସ୍ଥାପନ କରିବା। ସେମାନଙ୍କ ସହିତ ସନ୍ଧି କରି ଏ ଭୀଷଣ ସଂଗ୍ରାମର ଅନ୍ତ କର ଦୁର୍ଯ୍ୟୋଧନ ।

ଦୁର୍ଯ୍ୟୋଧନ ଏ ପ୍ରସ୍ତାବ ଗ୍ରହଣ ନକରି କହିଲେ... ଶାନ୍ତି ସ୍ଥାପନ ସମୟ ଗଡିଯାଇଛି ଗୁରୁଦେବ। ପ୍ରିୟଜନମାନଙ୍କର ମୃତ୍ୟୁ ପରେ ଶ୍ମଶାନ ଶାନ୍ତି ନେଇ ମୁଁ କଣ କରିବି ? ନିଜପାଇଁ ଶାନ୍ତି କ୍ରୟ କରିବା ପ୍ରୟାସ ଦେଖି ସଂସାର ମୋତେ ତାଚ୍ଛଲ୍ୟ ଏବଂ ଉପହାସ କରିବ। ଦୁର୍ଯ୍ୟୋଧନ ସବୁ ସହିପାରେ କିନ୍ତୁ ଉପହାସ ସହ୍ୟ କରିପାରିବ ନାହିଁ।

ଦୁର୍ଯ୍ୟୋଧନଙ୍କ ଠାରୁ ଏହା ଶୁଣି ଉପସ୍ଥିତ କୌରବ ସୈନ୍ୟମାନେ ଜୟ ଜୟକାର କଲେ। ନୂତନ ସେନାପତି ଭାବରେ ମଦ୍ରରାଜ ଶଲ୍ୟଙ୍କୁ ନିୟୋଜିତ କଲେ ଦୁର୍ଯ୍ୟୋଧନ। ଶଲ୍ୟ ମହା ପରାକ୍ରମୀ ଥିଲେ ଏବଂ ଯୁଦ୍ଧ କୌଶଳରେ ପାରଙ୍ଗମ ଥିଲେ। କୌରବ ପକ୍ଷର ସୈନ୍ୟମାନଙ୍କର ନୂତନ ବ୍ୟୂହ ରଚନା କରି ସେ ପାଣ୍ଡବଙ୍କ ସହିତ ଭୀଷଣ ସଂଗ୍ରାମରେ ଲିପ୍ତ ହୋଇଗଲେ। ଶଲ୍ୟଙ୍କ ସହିତ ଯୁଧିଷ୍ଠିର ଭୟଙ୍କର ସଂଗ୍ରାମରେ ମଜ୍ଜିଗଲେ।

ଏହା ଥିଲା ମହାଭାରତ ଯୁଦ୍ଧର ଅଷ୍ଟାଦଶ ଦିବସ। କୌରବପକ୍ଷରେ ଜୀବିତ ବୀରମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ଶଲ୍ୟ, ଶକୁନି, କୃପାଚାର୍ଯ୍ୟ, ଅଶ୍ୱତ୍ଥାମା, କୃତବର୍ମା ଓ ଦୁର୍ଯ୍ୟୋଧନ।ଶଲ୍ୟ ଏବଂ ଯୁଧିଷ୍ଠିରଙ୍କ ମଧ୍ୟରେ ଚାଲିଥିବା ଯୁଦ୍ଧରୁ କିଛି ସମୟ ପାଇଁ ଜଣା ଯାଉନଥିଲା କିଏ ଜିଣିବ ବା କିଏ ହାରିବ। କିନ୍ତୁ କ୍ରମେ ଯୁଧିଷ୍ଠିରଙ୍କ ଭାଲ ଆଘାତରେ ଶଲ୍ୟଙ୍କ ଶରୀର ରକ୍ତାକ୍ତ ହେଲା। ନିଜକୁ ସମ୍ଭାଳି ଯୁଦ୍ଧ କରିବା ପୂର୍ବରୁ ଯୁଧିଷ୍ଠିରଙ୍କ ଭାଲ ଶଲ୍ୟଙ୍କ ବକ୍ଷ ଭେଦ କଲା ଏବଂ ଶଲ୍ୟ ଧରାଶାୟୀ ହେଲେ। କୌରବ ପକ୍ଷର ଶେଷ ପ୍ରମୁଖ ବୀର ତଥା ସେନାପତି ଶଲ୍ୟଙ୍କ ମୃତ୍ୟୁରେ ସାହସ ହରାଇ ସୈନ୍ୟମାନେ ଛତ୍ରଭଙ୍ଗ ଦେଲେ। ପାଣ୍ଡବବାହିନୀ ଅନୁଧାବନ କରି ସେମାନଙ୍କୁ ହତ୍ୟା କଲେ। ଧୃତରାଷ୍ଟ୍ରଙ୍କର ଶତପୁତ୍ରଙ୍କ ମଧ୍ୟରୁ ଯାହା କିଛି ଜୀବିତ ଥିଲେ ଭୀମ ସେମାନଙ୍କୁ ଗୋଡାଇ ଗୋଡାଇ ନିଧନ କଲେ।

ମାତୁଳ ଶକୁନି ସହିତ ସହଦେବଙ୍କର ଭୀଷଣ ସଂଗ୍ରାମ ଲାଗିଥିଲା। କ୍ରୋଧରେ ପ୍ରଜ୍ୱଳିତ ସହଦେବ ଏକ ତୀକ୍ଷ୍ଣ ବାଣ ଶକୁନିଙ୍କ ଉପରକୁ ପ୍ରହାର କରି କହିଲେ... ପାଷଣ୍ଡ ଏଇ ନେ ତୋ ପାପ କର୍ମର ଦଣ୍ଡଭୋଗକର। ପର ମୁହୂର୍ତ୍ତରେ, ଦୁଷ୍ଟ ବୁଦ୍ଧିର ଗନ୍ତାଘର ଥିଲା ଯେଉଁ ମସ୍ତକ, ତାହା କନ୍ଧଚ୍ୟୁତ ହୋଇ ଗଡ଼ି ଗଡ଼ି ତଳେ ପଡ଼ିଲା। ତଳେ ପଡି ମଧ୍ୟ କୁଟିଳ ହସ ହସୁଥିଲା ସେ ମୁହଁ। ନେତୃତ୍ୱ ଅଭାବରେ ଅବଶିଷ୍ଟ କୁରୁ ସେନା ଇତସ୍ତତ ଛତ୍ରଭଙ୍ଗ ଦେଲେ ଏବଂ ପାଣ୍ଡବ ସୈନ୍ୟମାନେ ସେମାନଙ୍କୁ ଅନୁଧାବନ କରି ହତ୍ୟା

Source: Author, Digitized by PPRACHIN, SOA

କଲେ।

ଧୃତରାଷ୍ଟ୍ରଙ୍କ ଆଗରେ ଯୁଦ୍ଧ କ୍ଷେତ୍ରର ଦୃଶ୍ୟ ବର୍ଣ୍ଣନା କରି ସଞ୍ଜୟ କହିଲେ... ହେ ମହାରାଜ! ଏହିପରି ଆପଣଙ୍କ ପକ୍ଷର ଏଗାର ଅକ୍ଷୌହିଣୀ ସୈନ୍ୟ କୁରୁକ୍ଷେତ୍ରରେ ନିହତ ହୋଇଗଲେ। ଆପଣଙ୍କ ପକ୍ଷରେ କେବଳ ବଞ୍ଚି ରହିଲେ କୃତବର୍ମା, କୃପାଚାର୍ଯ୍ୟ, ଅଶ୍ୱତ୍ଥାମା ଏବଂ ଦୁର୍ଯ୍ୟୋଧନ।

ଧୃତରାଷ୍ଟ୍ରଙ୍କ ଛାତି ଥରାଇ ଦୀର୍ଘ ନିଃଶ୍ୱାସ ବାହାରି ଆସିଲା।ସେ ସଞ୍ଜୟଙ୍କୁ ପଚାରିଲେ... ମୋ ପ୍ରିୟପୁତ୍ର ଦୁର୍ଯ୍ୟୋଧନ ଏବେ କେଉଁଠାରେ ସଞ୍ଜୟ!

ସଞ୍ଜୟ କହିଲେ... ମହାରାଜ! ଯୁଦ୍ଧରେ ଶ୍ରାନ୍ତ-କ୍ଳାନ୍ତ ଦୁର୍ଯ୍ୟୋଧନ, କୁରୁକ୍ଷେତ୍ରରେ ବହି ଯାଉଥିବା ରକ୍ତନଦୀ ପାର ହୋଇ ବିଦଗ୍ଧ ମନ ଓ ଶରୀରକୁ ଶୀତଳ କରିବା ପାଇଁ ସରୋବର ମଧ୍ୟରେ ଆତ୍ମଗୋପନ କରିଛନ୍ତି। ସରୋବର ଭିତରେ ପ୍ରବେଶ କରୁକରୁ ସେ ଚିନ୍ତା କରୁଛନ୍ତି... ବିଜ୍ଞ ବିଦୁର ଏକଦା ଠିକ୍ କଥା କହୁଥିଲେ।

କିନ୍ତୁ ଏତେ ଡେରିରେ ଜ୍ଞାନ ଉଦୟ ହୋଇ ଲାଭ କଣ ? ସୁକର୍ମ ହେଉ ବା ଅପକର୍ମ, ଦିନେ ତାର ଫଳ ଭୋଗ କରିବାକୁ ପଡ଼େ; ଏହା ସଂସାରର ନିୟମ।

ଦୁର୍ଯ୍ୟୋଧନଙ୍କୁ ଅନୁଧାବନ କରି ପାଣ୍ଡବମାନେ ସରୋବର ନିକଟରେ ପହଞ୍ଚିଲେ। ଯୁଧିଷ୍ଠିର କହିଲେ... ଦୁର୍ଯ୍ୟୋଧନ! ଜ୍ଞାତି କୁଟୁମ୍ବମାନଙ୍କୁ ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ମୁଖରେ ପକାଇ ଏଠାରେ ସରୋବର ଭିତରେ ଆତ୍ମଗୋପନ କଲେ କ'ଣ ଜୀବନ ରକ୍ଷା ହୋଇଯିବ? ତୁମର ସେ ଅହଂକାର କୁଆଡେ ଗଲା ଦୁର୍ଯ୍ୟୋଧନ! ପଳାତକ ଭଳି ସରୋବର ଭିତରେ ଆତ୍ମଗୋପନ କରିବା କ୍ଷତ୍ରିୟୋଚିତ ନୁହେଁ। ସରୋବରରୁ ବାହାରି ଆସି ଯୁଦ୍ଧକର।

ଯୁଧିଷ୍ଠିରଙ୍କ ବାକ୍ୟ ବାଣରେ ବିଦୀର୍ଣ୍ଣ-ହୃଦୟ ଦୁର୍ଯ୍ୟୋଧନ ଉତ୍ତର ଦେଲେ... ମୁଁ ପଳାତକ ନୁହେଁ ଧର୍ମପୁତ୍ର! ଜୀବନ ରକ୍ଷା ପାଇଁ ଏଠାରେ ମୁଁ ଗୋପନରେ ଲୁଚି ନାହିଁ। ଜଳ ମଧ୍ୟରେ ବିଦଗ୍ଧ ଶରୀରକୁ ଶୀତଳ କରିବାପାଇଁ ମୁଁ ଏହି ସରୋବରରେ ପ୍ରବେଶ କରିଛି। ମୋର ମୃତ୍ୟୁକୁ ଭୟ ନାହିଁ କିମ୍ବା ଜୀବନ ପ୍ରତି ଲୋଭ ନାହିଁ। କିନ୍ତୁ କାହିଁକି ମୁଁ ଆଉ ଯୁଦ୍ଧ କରିବି? କାହାପାଇଁ? ସବୁ ପ୍ରିୟଜନଙ୍କୁ ଯୁଦ୍ଧରେ ହରାଇବା ପରେ ମୋର ଆଉ ରାଜ୍ୟଲୋଭ ନାହିଁ। ଛାଡିଦେଲି ତୁମ ପାଇଁ, ତୁମେ ଅଖଣ୍ଡ ପୃଥିବୀ ଭୋଗ କର।

ଯୁଧିଷ୍ଠିର କହିଲେ... ବାଃ କି ବଦାନ୍ୟତା ତୁମର ଦୁର୍ଯ୍ୟୋଧନ!! ସୂଚ୍ୟାଗ୍ର ପରିମିତ ଭୂମି ନଦେବା ପାଇଁ ପଣକରିଥିବା ଦୁର୍ଯ୍ୟୋଧନ ମୁଖରେ ଏହା ଶୋଭା ପାଏନାହିଁ। ମାତ୍ର ପାଞ୍ଚଖଣ୍ଡ ଗ୍ରାମ ଆମେ ମାଗିଲାବେଳେ ତୁମେ ଆମକୁ ଯୁଦ୍ଧ ମାଗିଥିଲ ଦୁର୍ଯ୍ୟୋଧନ,

Source: Author, Digitized by PPRACHIN, SOA

ଏବେ କହୁଛ ସମଗ୍ର ପୃଥିବୀ ଭୋଗ କର !! ତୁମ ବଦାନ୍ୟତାର ପଟାନ୍ତର ନାହିଁ ପ୍ରିୟ ଭ୍ରାତା ! କିନ୍ତୁ ଆମେ ରାଜ୍ୟ ପାଇଁ ଯୁଦ୍ଧ କରୁନାହୁଁ, ଅନ୍ୟାୟର ପରିସମାପ୍ତି ପାଇଁ ଆମର ଏ ଯୁଦ୍ଧ; ତୁମେ ବଞ୍ଚିଥିବା ପର୍ଯ୍ୟନ୍ତ ଅନ୍ୟାୟର ମୃତ୍ୟୁ ହେବନାହିଁ ।

ଯୁଧିଷ୍ଠିରଙ୍କର ଏହି ଆହ୍ୱାନ ଶୁଣି ହାତରେ ବିଶାଳ ଗଦା ଧରି ଦୁର୍ଯ୍ୟୋଧନ ସରୋବର ଭିତରୁ ବାହାରି ଆସି ଆହ୍ୱାନ ଦେଲେ... ଆସ, ଜଣଜଣ କରି ମୋ ସହିତ ଯୁଦ୍ଧକର। ତୁମ ସମସ୍ତଙ୍କୁ ଯମାଳୟ ପଠାଇବି। କ୍ଷାତ୍ରଧର୍ମ ଅନୁଯାୟୀ ତୁମେ ମିଳିତ ଭାବେ ମୋତେ ବଧ କରିବ ନାହିଁ ବୋଲି ମୋର ବିଶ୍ୱାସ।

ଯୁଧିଷ୍ଠିର କହିଲେ... ନିଜପାଇଁ କ୍ଷତ୍ରିୟ ଧର୍ମ ଏବେ ମନେ ପଡୁଛି ଦୁର୍ଯ୍ୟୋଧନ ! ଜଣେ ଯୋଦ୍ଧାକୁ ମିଳିତ ଭାବେ ଆକ୍ରମଣ କରିବା ଯେବେ ଅନ୍ୟାୟ ତାହେଲେ ନିରସ୍ତ୍ର ହୋଇ ଅଭିମନ୍ୟୁ ଏକାକୀ ରଣକ୍ଷେତ୍ରରେ ଉଭା ହୋଇଥିବା ସମୟରେ ତୁମେ ସପ୍ତରଥି ମିଳିତ ହୋଇ କିପରି ତାକୁ ହତ୍ୟା କରିଥିଲ ? ସେତେବେଳେ କେଉଁଠି ଥିଲା ତୁମର କ୍ଷାତ୍ର ଧର୍ମ ?

ସେ ଯାହା ହେଉ, ବର୍ତ୍ତମାନ ତୁମ ଇଚ୍ଛା ଅନୁଯାୟୀ ଆମ୍ଭମାନଙ୍କ ମଧ୍ୟରୁ ଜଣକୁ ଯୁଦ୍ଧପାଇଁ ବାଛିନିଅ। ଯୁଦ୍ଧରେ ଜୟଯୁକ୍ତ ହୋଇ ସିଂହାସନ ଲାଭକର ଅଥବା ପରାଜିତ ହୋଇ ସ୍ୱର୍ଗ ଯାତ୍ରାକର।

ନିଜର ଅନେଶ୍ୱତ ଭାଇଙ୍କୁ ନିଧନ କରିଥିବା ଭୀମସେନଙ୍କ ସହିତ ଯୁଦ୍ଧ କରିବାପାଇଁ ଇଚ୍ଛା ପ୍ରକାଶ କଲେ ଦୁର୍ଯ୍ୟୋଧନ। ଉଭୟେ ଭୀମ ଏବଂ ଦୁର୍ଯ୍ୟୋଧନଙ୍କର ମଲ୍ଲଯୁଦ୍ଧ ଏବଂ ଗଦା ଯୁଦ୍ଧରେ ସମାନ ପାରଦର୍ଶିତା ଥିଲା। ବହୁ ସମୟ ଲଢ଼େଇ ଲାଗିରହିଲା। ଉପସ୍ଥିତ ପାଣ୍ଡବପକ୍ଷର ବୀରମାନେ ଏବଂ କୌରବ ପକ୍ଷର ଜୀବିତ ତିନି ବୀର ଉତ୍କଣ୍ଠା ସହିତ ଯୁଦ୍ଧ ଦେଖୁଥିଲେ। କାହାର ଜୟ ହେବ ଏବଂ କାହାର ପରାଜୟ କହିବା ସମ୍ଭବ ନଥିଲା। ଏହି ସମୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉଚ୍ଚସ୍ୱରରେ କହିଲେ... ଭୀମ ନିଶ୍ଚିତ ଭାବରେ ତାଙ୍କର ଭୀଷଣ ପ୍ରତିଜ୍ଞା ପୂରଣ କରିବେ; କୁରୁ ସଭା ତଳେ ଦୁର୍ଯ୍ୟୋଧନ ଯେତେବେଳେ ଅଭଦ୍ରତାର ସୀମା ଲଙ୍ଘନ କରି ଦ୍ରୌପଦୀଙ୍କୁ ଜାନୁରେ ବସିବାକୁ ନିର୍ଦ୍ଦେଶ ଦେଉଥିଲେ, ସେତେବେଳେ ଭୀମସେନ ପ୍ରତିଜ୍ଞା କରିଥିଲେ ସେ ଦୁର୍ଯ୍ୟୋଧନଙ୍କର ଜାନୁଭଗ୍ନ କରି ତାଙ୍କୁ ନିହତ କରିବେ।

ଏହା ଭୀମଙ୍କ କର୍ଣ୍ଣରେ ପଡିବାକ୍ଷଣି, ଦୁର୍ଯ୍ୟୋଧନ କରିଥିବା ସବୁ ଅପକର୍ମ ତାଙ୍କର ମନେ ପଡିଗଲା। ଦୁର୍ଯ୍ୟୋଧନର ଜାନୁରେ ଭୀଷଣ ପ୍ରହାର କରି ଧରାଶାୟୀ କଲେ ବୃକୋଦର। ଜାନୁଭଗ୍ନ ହୋଇ ମୃତ୍ୟୁ ଯନ୍ତ୍ରଣାରେ ଚିତ୍କାର କରୁଥିଲେ ଦୁର୍ଯ୍ୟୋଧନ... ଏହା

Source: Author, Digitized by PPRACHIN, SOA

ଘୋର ଅନ୍ୟାୟ ଭୀମ! ଗଦାଯୁଦ୍ଧରେ ଜାନୁରେ ଆଘାତ କରିବା କ୍ଷତ୍ରିୟୋଚିତ କର୍ମ ନୁହେଁ।

ମୃତ୍ୟୁ ଯନ୍ତ୍ରଣାରେ ଛଟପଟ ହୋଇ ରଣକ୍ଷେତ୍ରରେ ପଡ଼ିଥିବା ଦୁର୍ଯ୍ୟୋଧନଙ୍କ ବିଶାଳ ଶରୀର ଉପରେ ନୃତ୍ୟ କରୁଥିଲେ ବୃକୋଦର। ଦୁର୍ଯ୍ୟୋଧନର ମସ୍ତକରେ ପାଦରେ ଆଘାତ କରିବା ଦେଖି ଶ୍ରୀକୃଷ୍ଣ କହିଲେ... କ୍ଷାନ୍ତ ହୁଅ ଭୀମସେନ! ତୁମେ ତୁମର ପ୍ରତିଜ୍ଞା ପୂରଣ କରିଛ। କିଛି ସମୟ ମଧ୍ୟରେ ଦୁରାତ୍ମାର ଜୀବନ ଶରୀର ତ୍ୟାଗ କରିବ। ତାର ମସ୍ତକରେ ପାଦ ପ୍ରହାର କରନାହିଁ, ଯାହା ହେଲେ ମଧ୍ୟ ସେ ଜ୍ୟେଷ୍ଠ କୌରବ ରାଜପୁତ୍ର ଏବଂ ତୁମର ଭ୍ରାତା; ନିଜ କୃତକର୍ମକୁ ମନେପକାଇ ତାଙ୍କୁ ତିଳ ତିଳ ଯନ୍ତ୍ରଣାରେ ମରିବାକୁ ଦିଅ ପାବନୀ।

–୦–

(୯୯)

ସବୁରି ମୂଳେ ତୁ କହ୍ନାଇ !!

ଜାନୁଭଗ୍ନ ଅବସ୍ଥାରେ ଯନ୍ତ୍ରଣାରେ ଚିତ୍କାର କରୁଥିଲେ ଦୁର୍ଯ୍ୟୋଧନ। ଦୁର୍ଯ୍ୟୋଧନଙ୍କ ମସ୍ତକରେ ପାଦ ପ୍ରହାର କରିବାକୁ ଉଦ୍ୟତ ହେବା ଦେଖି ଭୀମସେନଙ୍କୁ ଆକଟ କରି ଯୁଧିଷ୍ଠିର କହିଲେ... ଥାଉ ଭୀମସେନ ! ତୁମେ ତୁମର ପ୍ରତିଜ୍ଞା ପୂରଣ କରିଛ। ଦୁର୍ଯ୍ୟୋଧନ ହସ୍ତିନାର ଯୁବରାଜ ଏବଂ ଆମ୍ଭମାନଙ୍କର ଭାଇ ମଧ୍ୟ; ତାଙ୍କ ଶିରରେ ପାଦ ପ୍ରହାର କରି ତାଙ୍କୁ ଏଭଳି ଅସମ୍ମାନ ଦିଅ ନାହିଁ।'ଶ୍ରୀକୃଷ୍ଣ ମଧ୍ୟ କହିଲେ... ବୃକୋଦର! ଅଳ୍ପ ସମୟ ଭିତରେ ଏହି ଦୁରାତ୍ମାର ପ୍ରାଣ ଶରୀର ତ୍ୟାଗ କରିବ; ଆଉ ଏଠାରେ ଅପେକ୍ଷା କାହିଁକି; ଚାଲ ନିଜ ନିଜ ରଥ ଆରୋହଣ କର, ଶିବିରକୁ ପ୍ରତ୍ୟାବର୍ତ୍ତନ କରିବା ।

ଶ୍ରୀକୃଷ୍ଣ ଏପରି କହିବା ସମୟରେ ପ୍ରଚଣ୍ଡ କ୍ରୋଧରେ ରକ୍ତାଭ ହେଲା ଦୁର୍ଯ୍ୟୋଧନର ମୁଖମଣ୍ଡଳ। ଶ୍ରୀକୃଷ୍ଣଙ୍କ ପ୍ରତି ଦୃଷ୍ଟିପାତ କରି ଦୁର୍ଯ୍ୟୋଧନ କହିଲା... ହେ ଚକ୍ରାନ୍ତକାରୀ! ତୁମେ ଯୁଦ୍ଧରେ ଚକ୍ର ଧାରଣ ନକଲେ କଣ ହେଲା, ଘୋର ଚକ୍ରାନ୍ତ କରି କୌରବପକ୍ଷର ସମସ୍ତ ମହାରଥୀମାନଙ୍କୁ ଅନ୍ୟାୟ ଯୁଦ୍ଧରେ ନିହତ କରିଛ। ଭୀଷ୍ମ, କର୍ଣ୍ଣ ଓ ଦ୍ରୋଣାଚାର୍ଯ୍ୟଙ୍କ ଭଳି ମହାରଥିମାନଙ୍କୁ ତୁମେ କଦାପି ନ୍ୟାୟ ଯୁଦ୍ଧରେ ପରାସ୍ତ କରିପାରି ନଥାନ୍ତ। ଅନ୍ୟାୟ ଯୁଦ୍ଧରେ ମୋର ଜାନୁ ଭଗ୍ନ କରି ବୀରତ୍ୱ ଦେଖାଉଛ ? ଏତେ ଘୃଣ୍ୟ ଚକ୍ରାନ୍ତ କରି ତୁମକୁ

Source: Author, Digitized by PPRACHIN, SOA

ତିଳେମାତ୍ର ଲଜ୍ଜା ଲାଗୁନାହିଁ କେଶବ ?

ହସିଲେ ଶ୍ରୀକୃଷ୍ଣ; କହିଲେ... ଅହଙ୍କାରୀ ଦୁର୍ଯ୍ୟୋଧନ ! ନିଜର ଅଭିମାନ, ଅହଂକାର, ଈର୍ଷା ଏବଂ ରାଜ୍ୟଲୋଭ କାରଣରୁ ଯେଉଁ ଅନ୍ୟାୟ ତୁମେ କରିଛ ତାକୁ ଗଣତି କଲେ ଶେଷ ହେବନାହିଁ । ଏତେ ଈର୍ଷା ! କଣ ତାର ଫଳାଫଳ ହେଲା ଦୁର୍ଯ୍ୟୋଧନ ? ତୁମରି ଯୋଗୁଁ ଅଠର ଦିନର ଯୁଦ୍ଧରେ ଆର୍ଯ୍ୟାବର୍ତ୍ତ ବୀର-ଶୂନ୍ୟ ହୋଇଗଲା । ପ୍ରଜାମାନେ ଅକଥନୀୟ କଷ୍ଟ ଭୋଗକଲେ । ଅଧର୍ମ ଏବଂ ଦୁଷ୍କୃତର ମୂର୍ତ୍ତିମନ୍ତ ପରିଚୟ ତୁମେ ଥିଲ ଦୁର୍ଯ୍ୟୋଧନ । ପ୍ରଜାଙ୍କ ପ୍ରତି ତୁମେ ରାଜଧର୍ମ ପାଳନ କରି ପାରିଲ ନାହିଁ, ଭାଇମାନଙ୍କ ପ୍ରତି ତୁମେ ପାରିବାରିକ ଧର୍ମ ପାଳନ କରିପାରିଲ ନାହିଁ, ନିଜ ସ୍ୱାର୍ଥ ପାଇଁ ତୁମେ ବନ୍ଧୁବାନ୍ଧବ ଜ୍ଞାତି କୁଟୁମ୍ବ ସମସ୍ତଙ୍କୁ ଯୁଦ୍ଧ ନିଆଁକୁ ଠେଲିଦେଲ ! ! ତା'ଉପରେ ତୁମେ ମୋତେ ଦୋଷ ଦେଉଛ ?

କଳେ ବଳେ କୌଶଳେ ଦୁଷ୍କୃତ ବିନାଶ କରିବା ତ ମୋର କର୍ତ୍ତବ୍ୟ, ମୁଁ ଭୁଲ୍ କଲି କେଉଁଠାରେ ? କଂସ, କାଳଯବନ, ଜରାସନ୍ଧ ଆଦି ଦୁଷ୍କୃତକାରୀଙ୍କୁ ମୁଁ ଯେଉଁପରି ପରୋକ୍ଷରେ ଏବଂ କୌଶଳରେ ବିନାଶ କରିଛି, କୁରୁକ୍ଷେତ୍ରରେ ମଧ୍ୟ ଅଧର୍ମର ସର୍ମଥକଙ୍କୁ ଧର୍ମସ୍ଥାପନା ମାର୍ଗରୁ ସେହିପରି ଦୂରେଇ ଦେଇଛି । ମୁଁ ନିଜେ କିଛି କରେନାହିଁ ଦୁର୍ଯ୍ୟୋଧନ ! କର୍ମଫଳ କର୍ତ୍ତାଠାରେ ଆପେ ଆପେ ପ୍ରତିଫଳିତ ହୁଏ ।

ଘୋର ଘୃଣାରେ ଧିକ୍କାର କରି ଦୁର୍ଯ୍ୟୋଧନ କହିଲା... ଧିକ୍ ତୁମର ଏ ଚକ୍ରାନ୍ତକୁ; କଣ ତୁମେ ମୋର କ୍ଷତି କରିପାରିଲ ? ଦେବତାଙ୍କ ପରି ଐଶ୍ୱର୍ଯ୍ୟପୂର୍ଣ୍ଣ ଜୀବନ ମୁଁ ବିତାଇଛି, ମିତ୍ରତାର ଦେଖାଇଛି ଚରମ ପରାକାଷ୍ଠା ଏବଂ ଶତ୍ରୁତା ପ୍ରଦର୍ଶନରେ ମୋ ସହିତ ମଧ୍ୟ କେହି ସମକକ୍ଷ ନାହାନ୍ତି । ଜୀବନରେ ତିଳେମାତ୍ର ମୋର ଅନୁଶୋଚନା ନାହିଁ । ବୀର ଭଳି ଯୁଦ୍ଧରେ ନିହତ ହୋଇ କିଛି କ୍ଷଣ ମଧ୍ୟରେ ମୁଁ ସ୍ୱର୍ଗକୁ ଯିବି, ସେଠାରେ ମୋ ପକ୍ଷର କ୍ଷତ୍ରିମାନଙ୍କୁ ଭେଟିବା ପାଇଁ, ଯେଉଁମାନଙ୍କୁ ତୁମେ ଅନ୍ୟାୟରେ ନିହତ କରିଛ; ଆଉ ତୁମେମାନେ ! ସମସ୍ତ ଅନ୍ୟାୟର ବୋଝକୁ ମୁଣ୍ଡରେ ମୁଣ୍ଡାଇ କ୍ଷତ୍ରିୟ ମାନଙ୍କ ଭର୍ତ୍ସନା ପାଇବାପାଇଁ ମର୍ତ୍ତ୍ୟଲୋକରେ ପଡିରହିବ ।

ଦୁର୍ଯ୍ୟୋଧନ ଏପରି କହିବା ସମୟରେ ସ୍ୱର୍ଗରୁ ପୁଷ୍ପବୃଷ୍ଟି ହେଲା... ଏହାଥିଲା ମାନଗୋବିନ୍ଦର ଅଭିମାନପୂର୍ଣ୍ଣ ଦୃଢ଼ ବ୍ୟକ୍ତିତ୍ୱ ପ୍ରତି ଦେବତାଙ୍କ ସମ୍ମାନ ।ଜୀବନର ଅନ୍ତିମ କ୍ଷଣରେ ମଧ୍ୟ ନିଜ ସିଦ୍ଧାନ୍ତରୁ ସେ ଦୂରେଇ ଯାଇନାହିଁ ।

ସଂଯୋଗକୁ, ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ କରି, ବଳରାମ ରଣକ୍ଷେତ୍ରରେ ପହଞ୍ଚିଲେ । ଦୁର୍ଯ୍ୟୋଧନଙ୍କୁ ଜାନୁଭଗ୍ନ ହୋଇ ମୁମୁର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖି ମନରେ ଗଭୀର

Source: Author, Digitized by PPRACHIN, SOA

ଆଘାତ ପାଇଲେ ହଳାୟୁଧ। ଦୁର୍ଯ୍ୟୋଧନର ଶରୀରରେ ମାତା ଗାନ୍ଧାରୀଙ୍କ ଦୃଷ୍ଟି ପଡି ତାହା ବଜ୍ରଭଳି କଠିନ ହୋଇଯାଇଥିଲା ବୋଲି ସେ ଆଗରୁ ଶୁଣିଥିଲେ। ସର୍ବଦା ଅନ୍ଧପୁଟୁଳି ବାନ୍ଧିଥିବା ଗାନ୍ଧାରୀଙ୍କ କ୍ଷଣପାତ ଦୃଷ୍ଟିର ଏହା ଥିଲା ପରାକାଷ୍ଠା।

କେବଳ ଲଜ୍ଜା ନିବାରଣ ପାଇଁ କୌପୀନ ପରିଧାନ କରିଥିବାରୁ ଦୁର୍ଯ୍ୟୋଧନର ଜାନୁଦେଶରେ ଗାନ୍ଧାରୀଙ୍କ ଦୃଷ୍ଟି ପଡି ପାରିନଥିଲା, ତେଣୁ ସେହି ଅଂଶ ଦୁର୍ବଳ ଥିଲା। ସେହି ଦୁର୍ବଳ ଅଂଶକୁ ତଂଚକତା କରି ଭୀମସେନ ଆଘାତ କରିଛନ୍ତି। ତାଛଡା ଗଦାଯୁଦ୍ଧର ନିୟମ ଅନୁଯାୟୀ କଟିଭାଗରୁ ତଳକୁ ଆଘାତ କରିବା ଅନ୍ୟାୟ। ଭୀମଙ୍କର ଏହି ଅନ୍ୟାୟ କାର୍ଯ୍ୟ କଥା ଜାଣି କ୍ରୋଧରେ ହିତାହିତ ଜ୍ଞାନ ହରାଇ ବଳରାମ, ହଳାୟୁଧ ଧରି ଭୀମଙ୍କୁ ବିନାଶ କରିବା ପାଇଁ ଉଦ୍ୟତ ହେଲେ।

ଜ୍ୟେଷ୍ଠ ଭ୍ରାତାଙ୍କ କ୍ରୋଧ ଦେଖି ଶ୍ରୀକୃଷ୍ଣ ପ୍ରମାଦ ଗଣିଲେ। ସଙ୍ଗେ ସଙ୍ଗେ ବଳରାମଙ୍କ ପାଦତଳେ ପଡ଼ି ତାଙ୍କୁ ଶାନ୍ତ କରିବାପାଇଁ ଚେଷ୍ଟା କଲେ ଶ୍ରୀକୃଷ୍ଣ। କେଶବ କହିଲେ... କ୍ରୋଧ ଶାନ୍ତ ହେଉ ଜ୍ୟେଷ୍ଠ ଭ୍ରାତା ! ଯୁଦ୍ଧ ଶେଷରେ ଘଟିଥିବା ଏହି ଗୋଟିଏ ଘଟଣା ଉପରେ ବିଚାର ନକରି ଗତ ତେର ବର୍ଷଧରି ଘଟଣାସମୂହର ବିଚାର କରିବା ଆବଶ୍ୟକ। କୌରବମାନଙ୍କ ଦ୍ୱାରା ଭୀମଙ୍କୁ ବିଷ ଲଡୁ ଦେଇ ନିହତ କରିବା ପ୍ରୟାସ, ପାଣ୍ଡବମାନଙ୍କୁ କପଟପଶା ଖେଳରେ ରାଜ୍ୟଚ୍ୟୁତ କରିବା, ସେମାନଙ୍କ ପତ୍ନୀକୁ ରାଜସଭାରେ ବିବସନ କରିବା ପ୍ରୟାସ ଭଳି ଘୃଣ୍ୟ କାର୍ଯ୍ୟ ଏବଂ ବିନା ଯୁଦ୍ଧରେ ସୂଚ୍ୟଗ୍ର ପରିମିତ ଭୂମି ନଦେବା ପଣର ଅନ୍ତିମ ପରିଣତି ହେଉଛି ଏହି ଯୁଦ୍ଧ। ସେଥିପାଇଁ ପାଣ୍ଡବମାନେ ନୁହନ୍ତି ବରଂ କୌରବମାନେ ସଂପୂର୍ଣ୍ଣ ଦାୟୀ। ଯୁଦ୍ଧରେ ଅନ୍ୟାୟ ଆଚରଣ ଉଭୟଙ୍କ ପକ୍ଷରୁ ହୋଇଛି। ତେଣୁ ପାଣ୍ଡବଙ୍କୁ ସଂପୂର୍ଣ୍ଣ ଦାୟୀ କରିବା ଅନୁଚିତ। ଆର୍ଯ୍ୟାବର୍ତ୍ତକୁ ଯୁଦ୍ଧକୁ ଠେଲିଦେଇ ଭାରତ ଭୂଖଣ୍ଡକୁ ବୀରଶୂନ୍ୟ କରିବାରେ ସର୍ବୋତ୍ତ ଭାବରେ ଦାୟୀ ଦୁର୍ଯ୍ୟୋଧନ। ଆର୍ଯ୍ୟାବର୍ତ୍ତରେ ଶାନ୍ତି ସ୍ଥାପନ ପାଇଁ, ସମସ୍ତ ଅଧର୍ମର କାରଣ ଦୁର୍ଯ୍ୟୋଧନକୁ ବିନାଶ କରିବା ନିହାତି ଆବଶ୍ୟକ ଥିଲା। ତେଣୁ ଧମମାର୍ଗ ହେଉ ଅଥବା ଅଧର୍ମ, ଭୀମସେନ ଦୁର୍ଯ୍ୟୋଧନଙ୍କୁ ନିହତ କରି ଠିକ୍ କରିଛନ୍ତି।

ଶ୍ରୀକୃଷ୍ଣଙ୍କ ଯୁକ୍ତିରେ ସଂପୂର୍ଣ୍ଣ ସନ୍ତୁଷ୍ଟ ହେଲେ ନାହିଁ ବଳରାମ। ତାଙ୍କର କ୍ରୋଧ ପ୍ରଶମିତ ହେଲାନାହିଁ। କୃଷ୍ଣଙ୍କୁ ଚାହିଁ ସେ କହିଲେ... ଏ ଅନ୍ୟାୟ ଯୁଦ୍ଧରେ ମୃତ୍ୟୁ ଲାଭକରି ଦୁର୍ଯ୍ୟୋଧନର ଯଶ ବୃଦ୍ଧି ହେବ। ସେ ସ୍ୱର୍ଗରେ ସ୍ଥାନ ପାଇବ। ଏପରି ଅନ୍ୟାୟ ଯୁଦ୍ଧପାଇଁ ପାଣ୍ଡବମାନେ ଯୁଗେ ଯୁଗେ ଘୃଣାର ପାତ୍ର ହେବେ।ପାଣ୍ଡବ ମାନଙ୍କର କୀର୍ତ୍ତି ଚନ୍ଦ୍ର କଳଙ୍କିତ ହେବ।

Source: Author, Digitized by PPRACHIN, SOA

ଅଳ୍ପ ନିରବତା ପରେ ବଳରାମ କହିଲେ... ଏଠାରେ ଦଣ୍ଡେ ମାତ୍ର ମୁଁ ରହିବାକୁ ଚାହେଁ ନାହିଁ। ଏହା କହି ହଳଧର ଦ୍ୱାରକା ଅଭିମୁଖେ ଯାତ୍ରା କଲେ। ଆଶ୍ୱସ୍ତିର ନିଃଶ୍ୱାସ ମାରିଲେ ଚକ୍ରପାଣି।

-୦-

(୧୦୦)

ଘୃଣ୍ୟ ଓ କଳଙ୍କିତ ଅଧ୍ୟାୟ

ମୃତ୍ୟୁ ଯନ୍ତ୍ରଣାରେ ଛଟପଟ ହେଉଥିବା ଦୁର୍ଯ୍ୟୋଧନଙ୍କୁ ଦେଖି ଅଶ୍ୱତ୍ଥାମା ଆଖିରେ ଅଶ୍ରୁ ଏବଂ ହୃଦୟରେ କ୍ରୋଧ ଭରିଗଲା। ଯେଉଁ ରାଜାର ଅନ୍ନରେ ସେ ପ୍ରତିପାଳିତ, ପାଣ୍ଡବମାନେ ତାଙ୍କୁ ଅନ୍ୟାୟ ଯୁଦ୍ଧରେ ଜାନୁଭଗ୍ନକରି ଯନ୍ତ୍ରଣାରେ ପଡ଼ି ମରିବାପାଇଁ ଛାଡି ଯାଇଛନ୍ତି ଶୁଣି ଭୟଙ୍କର ପ୍ରତିଶୋଧର ଅଗ୍ନି ଅଶ୍ୱତ୍ଥାମା ମନରେ ଜଳି ଉଠିଲା... ଏଇ ପାଣ୍ଡବମାନେ ଅଧର୍ମରେ ତାଙ୍କର ପ୍ରିୟ ପିତା ଦ୍ରୋଣାଚାର୍ଯ୍ୟଙ୍କୁ ଛଳନା କରି, ନିରସ୍ତ୍ର ଥିବା ଅବସ୍ଥାରେ ରଣକ୍ଷେତ୍ରରେ ମୁଣ୍ଡକାଟି ମୃତ୍ୟୁ ଦଣ୍ଡ ଦେଇଛନ୍ତି କର୍ଣ୍ଣଙ୍କୁ ମଧ୍ୟ ନିରସ୍ତ୍ର ଅବସ୍ଥାରେ ନିଧନ କରିଛନ୍ତି, ଧର୍ମର ଛଳନା କରୁଥିବା ପାଣ୍ଡବମାନେ।

ଦୁର୍ଯ୍ୟୋଧନ ପାଖରେ ପହଞ୍ଚି ଭୀଷଣ ପ୍ରତିଜ୍ଞା କରି ଅଶ୍ୱତ୍ଥାମା କହିଲା... ହେ ରାଜା ! ହେ ମୋର ଅନ୍ନଦାତା ! ହେ ମୋର ପରମ ମିତ୍ର ଦୁର୍ଯ୍ୟୋଧନ ! ମୁଁ ଶପଥ କରି କହୁଛି ପାଣ୍ଡବମାନଙ୍କୁ, ସେମାନଙ୍କ କୃତକର୍ମ ପାଇଁ ମୁଁ କ୍ଷମା ଦେବି ନାହିଁ, ନିଶ୍ଚିତ ଭାବରେ ସମସ୍ତଙ୍କୁ ଆଜି ହିଁ ନିଧନ କରିବି।

ଏକଥା ଶୁଣି ମୁମୂର୍ଷ ଅବସ୍ଥାରେ ପଡ଼ିଥିବା ଦୁର୍ଯ୍ୟୋଧନ ଦେହରେ ସତେ ଯେମିତି ନୂତନ ଜୀବନ ସଂଚାର ହେଲା।ଆଖି ଖୋଲି ଅଶ୍ୱତ୍ଥାମାକୁ ଚାହିଁ ଦୁର୍ଯ୍ୟୋଧନ କହିଲା... ତୁମ କଥା ମୋ କର୍ଣ୍ଣରେ ଅମୃତ ବର୍ଷା କଲା ମିତ୍ର ! ସତ କହୁଛ, ତୁମେ ପାଣ୍ଡବମାନଙ୍କୁ ବିନାଶ କରି ମୋ ମୃତ୍ୟୁ ପୂର୍ବରୁ ମୋତେ ଏ ଶୁଭ ସମ୍ବାଦ ଦେବ !! ସତରେ କଣ ତୁମେ ତାହା କରି ଦେଖାଇବ, ଯାହା ମହା ପରାକ୍ରମୀ ଭୀଷ୍ମ, ଦ୍ରୋଣ ଓ କର୍ଣ୍ଣ କରି ପାରି ନାହାନ୍ତି ? ସତେ କଣ ତୈଳହୀନ ନିର୍ବାପିତ ଦୀପଶିଖା ପୁଣିଥରେ ଜଳିଉଠିବ ?

ଅଶ୍ୱତ୍ଥାମାର ଏହି ପ୍ରତିଜ୍ଞା ଦୁର୍ଯ୍ୟୋଧନର ମରଣ କାଳୀନ ଯନ୍ତ୍ରଣାକୁ ପ୍ରଶମିତ କଲା। ଅଶ୍ୱତ୍ଥାମାର ମସ୍ତକରେ ସେନାପତି ଶାଢ଼ି ବାନ୍ଧି ଦୁର୍ଯ୍ୟୋଧନ କହିଲା... ତୁମ ଉପରେ

Source: Author, Digitized by PPRACHIN, SOA

ମୋର ଅନେକ ଆଶା ଭରସା ଅଛି ମିତ୍ର ! ଯାଅ ଅରାତି ଧ୍ୱଂସକର।

ସେ ସମୟରେ ସନ୍ଧ୍ୟା ଗଡି ରାତି ନଇଁ ଆସୁଥିଲା। ଅଶ୍ୱତ୍ଥାମା, କୃପାଚାର୍ଯ୍ୟ ଏବଂ କୃତବର୍ମା,ରଣକ୍ଷେତ୍ର ନିକଟରେ ଥିବା ଏକ ବିଶାଳ ବଟବୃକ୍ଷ ତଳେ ବିଶ୍ରାମ ନେଲେ। ରାତ୍ରିର ସୁଶୀତଳ ପବନ କୃପାଚାର୍ଯ୍ୟ ଓ କୃତବର୍ମାଙ୍କ ଶ୍ରାନ୍ତ କ୍ଳାନ୍ତ ଶରୀର ଓ ମନକୁ ତନ୍ଦ୍ରାଛନ୍ନ କରିଦେଲା। ବୃକ୍ଷମୂଳରେ ସେ ଦୁହେଁ ଗଭୀର ନିଦ୍ରାରେ ଶୋଇଗଲେ।

ଅଶ୍ୱତ୍ଥାମାର ଆଖିରୁ କିନ୍ତୁ ନିଦ୍ରା ହଜିଯାଇଥିଲା। ସମୟ ଥିଲା ଦିନେ ସେ ନିଜେ ଦୁର୍ଯ୍ୟୋଧନକୁ ପାଣ୍ଡବଙ୍କ ସହିତ ଶାନ୍ତି ସ୍ଥାପନ ପାଇଁ ପ୍ରବର୍ତ୍ତାଇଥିଲା। ଆଜି କିନ୍ତୁ ଅନ୍ୟାୟ ଯୁଦ୍ଧର ଶିକାର ହୋଇଥିବା ଦୁର୍ଯ୍ୟୋଧନକୁ ଦେଖି ମନରେ ତାର ପ୍ରତିଶୋଧର ବହ୍ନି ଧୂ ଧୂ ହୋଇ ଜଳୁଥିଲା। ଚିନ୍ତା କରୁଥିଲା ଅଶ୍ୱତ୍ଥାମା କିଭଳି କଳେ ବଳେ କୌଶଳେ ପାଣ୍ଡବ ପାଞ୍ଚଭାଇଙ୍କୁ ବିନାଶ କରି ପିତୃ ଋଣ ପରିଶୋଧ କରିବା ସଙ୍ଗେ ସଙ୍ଗେ ମିତ୍ରଋଣ ମଧ୍ୟ ପରିଶୋଧ କରିବ।

ଏହି ସମୟରେ, ଯେଉଁ ବଟ ବୃକ୍ଷ ମୂଳରେ ସେମାନେ ବିଶ୍ରାମ ନେଉଥିଲେ ତା'ର ଡାଳପତ୍ରରେ ଅଶାନ୍ତ ବାତାବରଣ ସୃଷ୍ଟି ହେଲା। ବୃକ୍ଷରେ ନୀଡ ବାନ୍ଧିଥିବା ବାୟସ ମାନଙ୍କ ଉପରେ କିଛି ରାତ୍ରିଚର ପେଚକ ପକ୍ଷୀ ଆକ୍ରମଣ କରିଦେଇଥିଲେ। ଅନ୍ଧକାରରେ କିଛି ଦେଖି ନପାରୁଥିବା ବାୟସମାନେ ବସାରୁ ବାହାରି ଇତସ୍ତତ ଉଡୁଥିବା ଅବସ୍ଥାରେ ରାତ୍ରିଚର ପକ୍ଷୀ ମାନଙ୍କର ଶିକାର ହେଉଥିଲେ।

ବୃକ୍ଷ ଡାଳରେ ଏଭଳି ପରିସ୍ଥିତି ଦେଖି ଅଶ୍ୱତ୍ଥାମା ମସ୍ତିଷ୍କକୁ ଏକ କୁଟିଳ ବୁଦ୍ଧି ଯୁଟିଲା। ପାଣ୍ଡବ ଶିବିରରେ ନିଶାର୍ଦ୍ଧରେ ପ୍ରବେଶ କରି ଶୟନ କରୁଥିବା ପାଣ୍ଡବ ପାଞ୍ଚ ଭାଇଙ୍କୁ ଏହିଭଳି ହତ୍ୟା କରିବା ଉଚିତ ହେବ ବୋଲି ସେ ସ୍ଥିର କରିନେଲା। ସଙ୍ଗେ ସଙ୍ଗେ କୃପାଚାର୍ଯ୍ୟ ଏବଂ କୃତବର୍ମାଙ୍କର ନିଦ୍ରା ଭଙ୍ଗକରି ଅଶ୍ୱତ୍ଥାମା ସେମାନଙ୍କୁ ଏହି ଯୋଜନା କାର୍ଯ୍ୟକାରୀ କରିବା କଥା କହିଲା।

ଆଶ୍ଚର୍ଯ୍ୟରେ କୃପାଚାର୍ଯ୍ୟଙ୍କ ଚକ୍ଷୁ ବିସ୍ଫାରିତ ହୋଇ ଗଲା। ସ୍ନାୟୁରେ ତାଙ୍କର ଚମକି ଗଲା ଶିହରଣର ବିଜୁଳି। ଭାଗିନେୟ ଅଶ୍ୱତ୍ଥାମାକୁ ସେ କହିଲେ... କଣ ତୁମେ କହୁଛ ପୁତ୍ର ଅଶ୍ୱତ୍ଥାମା !! ଆଜି ପର୍ଯ୍ୟନ୍ତ ଆର୍ଯ୍ୟାବର୍ତ୍ତର ସମର ଇତିହାସରେ ଏଭଳି ଘଟଣା ଘଟିନାହିଁ। କାହିଁକି ଏ ଘୃଣ୍ୟ ପାପ କରିବା ଇଚ୍ଛା ମନରେ ପୋଷଣ କରିଛ? ଆମ୍ଭେମାନେ ଦୁର୍ଯ୍ୟୋଧନର ଅନ୍ନରେ ପ୍ରତିପାଳିତ ସତ୍ୟ, କିନ୍ତୁ ଆମ୍ଭମାନଙ୍କର ଶତ ବାରଣ ସତ୍ତ୍ୱେ ସେ ଯୁଦ୍ଧର ଅଗ୍ନିକୁ ଡେଇଁ ପଡିଥିଲେ। ଋଣ ପରିଶୋଧ ପାଇଁ ଆମେ ସେ ଯୁଦ୍ଧରେ ଯୋଗ ଦେଇଥିଲେ। ଆମେ ଆମର କର୍ତ୍ତବ୍ୟ ସଂପାଦନ କରିଛନ୍ତି। ବର୍ତ୍ତମାନ ଯୁଦ୍ଧ ଶେଷ

Source: Author, Digitized by PPRACHIN, SOA

ହେବାପରେ ଏବଂ ମରଣ ଯନ୍ତାରେ ଦୁର୍ଯ୍ୟୋଧନର ପ୍ରାଣପକ୍ଷୀ ଛଟପଟ ହେବା ସମୟରେ କେଉଁ କାରଣରୁ ତୁମେ ଏ ପାପ ଅର୍ଜନ କରିବାକୁ ଯାଉଛ ଅଶ୍ୱତ୍ଥାମା !!

ଅଶ୍ୱତ୍ଥାମା କହିଲା... ମାମୁଁ ! ଯୁଦ୍ଧ ସମାପ୍ତ ହୋଇନାହିଁ। ଯେଉଁ ଅଧର୍ମ କଣ୍ଟା ବ୍ୟବହାର କରି ପାଣ୍ଡବମାନେ ଜୟଯୁକ୍ତ ହୋଇଛନ୍ତି, ସେହି କଣ୍ଟା ବ୍ୟବହାର କରି ମୁଁ ସେମାନଙ୍କ ଜୟକୁପରାଜୟରେ ପରିଣତ କରିଦେବି। ମୋ ପିତା ଧ୍ୟାନ ମୁଦ୍ରାରେ ଥିବା ସମୟରେ ସେମାନେ ଅନ୍ୟାୟରେ ତାଙ୍କୁ ହତ୍ୟା କରିଛନ୍ତି ଏବଂ ଦୁର୍ଯ୍ୟୋଧନଙ୍କର ଅନ୍ୟାୟରେ ଜାନୁଭଗ୍ନ କରିଛନ୍ତି; ମୁଁ ମଧ୍ୟ ଡଂଚକତାର ଆଶ୍ରୟ ନେଇ ସେମାନଙ୍କ ଶୟନ ସମୟରେ ଗୋଟି ଗୋଟି କରି ହତ୍ୟା କରିବି। ମୋର ଏହି କାର୍ଯ୍ୟ ପାଇଁ ମୃତ୍ୟୁ ପରେ ମୋତେ ପେଚକ ବା ତା'ଠାରୁ ଅଧିକ ଘୃଣ୍ୟ ଜନ୍ମ ମିଳିଲେ ମଧ୍ୟ ମୋର ଦୁଃଖ ନାହିଁ। ମୋତେ ଦୁର୍ଯ୍ୟୋଧନ ସେନାପତି ପଦରେ ବରଣ କରିଛନ୍ତି। ମୁଁ ସେନାପତିର କର୍ତ୍ତବ୍ୟ ପୂରଣ କରିବା ପାଇଁ ଯାଉଛି। ତୁମେ ଦୁହେଁ ମୋ ସହିତ ଆସିଲେ ଆସ,ନଆସିଲେ ନାହିଁ।

ଏହା କହି ଅଶ୍ୱତ୍ଥାମା, ନିଶାର୍ଦ୍ଧରେ, ହିଂସ୍ର ଭେଡିଆର ମାନସିକତା ନେଇ ପାଣ୍ଡବ ଶିବିର ଅଭିମୁଖେ ଯାତ୍ରା କଲା।

ପଛରୁ ଡାକି ଡାକି କୃପାଚାର୍ଯ୍ୟ ଏବଂ କୃତବର୍ମା ତା'ପାଖରେ ପହଞ୍ଚି କହିଲେ... ଅପେକ୍ଷା କର ଅଶ୍ୱତ୍ଥାମା, ଆମେ ତୁମ ଯୋଜନାରେ ଏକମତ ନହେଲେ ମଧ୍ୟ ତୁମକୁ ସହଯୋଗ କରିବୁ କାରଣ ତୁମେ ଆମର ସେନାପତି। ତୁମ ପାପର ଭାଗିଦାର ହେବାକୁ ଅନିଚ୍ଛା ସତ୍ତ୍ୱେ ଆମେ ସମ୍ମତ।

ତା'ପରେ ପାଣ୍ଡବ ଶିବିରରେ ଯେଉଁ ଲୋମହର୍ଷଣକାରୀ ନର ସଂହାର ଘଟିଲା ତାହା ବିଶ୍ୱ ଇତିହାସର ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କଲା। ଚଢ଼େଇ ବସାକୁ ରାତିରେ ଆକ୍ରମଣ କରି ସର୍ପ ଯେପରି ପକ୍ଷୀ ସହିତ ତାର ଶାବକମାନଙ୍କୁ ହତ୍ୟା କରେ, ସେହିପରି ଅଶ୍ୱତ୍ଥାମା ପାଣ୍ଡବ ଶିବିରରେ ପ୍ରବେଶ କରି, ପ୍ରଥମେ ଶୟନ-ରତ ଧୃଷ୍ଟଦ୍ୟୁମ୍ନ ଏବଂ ପରେ ଦ୍ରୌପଦୀଙ୍କ ଶୟନ-ରତ ପାଞ୍ଚ ପୁତ୍ରଙ୍କୁ ନିର୍ମମ ଭାବରେ ହତ୍ୟା କଲା।

ନିଶାର୍ଦ୍ଧରେ ଶିବିରରେ ଆକ୍ରମଣ ଯୋଗୁଁ ସୈନ୍ୟ ସାମନ୍ତ ଇତସ୍ତତ ଦଉଡିବା ଆରମ୍ଭ କରିଦେଲେ। ରାତିର ସେହି ଅନ୍ଧକାର ଭିତରେ ସେମାନଙ୍କୁ ଗୋଡେଇ ଗୋଡେଇ ହତ୍ୟା କଲେ କୌରବପକ୍ଷର ଏହି ତିନି ମହାରଥୀ। ଶିବିରରେ ଅଗ୍ନି ସଂଯୋଗ କରି ଧ୍ୱଂସର ଲୀଳା ସୃଷ୍ଟି କଲେ ସେମାନେ। ଧୂ ଧୂ ହୋଇ ଜଳୁଥିଲା ପାଣ୍ଡବ ଶିବିର; ଶୁଭ ସମ୍ବାଦ ନେଇ ଦୁର୍ଯ୍ୟୋଧନଙ୍କ ପାଖରେ ପହଞ୍ଚିଲେ ତିନି ମହାରଥୀ।

Source: Author, Digitized by PPRACHIN, SOA

ରାତି ପାହି ପାହି ଆସୁଥାଏ । କୃଷ୍ଣାଙ୍କର ପାଞ୍ଚ ପୁତ୍ରଙ୍କୁ ହତ୍ୟାକରି ଅଶ୍ୱତ୍ଥାମା ଭାବିଥିଲେ ଯେ ସେ ପାଣ୍ଡବ ପାଞ୍ଚଭାଇଙ୍କୁ ବଧ କରିଛନ୍ତି । ଆନନ୍ଦମନରେ ସେ ଦୁର୍ଯ୍ୟୋଧନଙ୍କ ପାଖରେ ପହଞ୍ଚି କହିଲେ..ମିତ୍ର ଦୁର୍ଯ୍ୟୋଧନ ! ମୁଁ ମୋର ପ୍ରତିଜ୍ଞା ପୂରଣ କରିଛି; ତୁମ ଚିରଶତ୍ରୁ ପାଣ୍ଡବ ପାଞ୍ଚ ଭାଇଙ୍କୁ ମୁଁ ଚିରନିଦ୍ରାରେ ଶୁଆଇ ଦେଇଛି ।

ନିମିଳିତ ଆଖି ଖୋଲିଲେ ଦୁର୍ଯ୍ୟୋଧନ; ଓଠରେ ଯନ୍ତ୍ରଣାପୂର୍ଣ୍ଣ ଚେନାଏ ହସ ଖେଳିଗଲା । କ୍ଷୀଣ କଣ୍ଠରେ କହିଲେ... ଧନ୍ୟ ତୁମେ ମିତ୍ର ! ଯେଉଁ କାର୍ଯ୍ୟ ଭୀଷ୍ମ ଦ୍ରୋଣ କର୍ଣ୍ଣଙ୍କ ଭଳି ମହାରଥିମାନେ କରିପାରିନଥିଲେ ତାହା ତୁମେ କରି ଦେଖାଇଛ । ସେଥିପାଇଁ ମୁଁ ତୁମ ପାଖରେ ଋଣୀ । ଏବେ ମୁଁ ଶାନ୍ତିରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବି । କହୁ କହୁ ଦୁର୍ଯ୍ୟୋଧନର ପ୍ରାଣପକ୍ଷୀ ଶରୀର ତ୍ୟାଗ କରି ଅନନ୍ତରେ ଲୀନ ହୋଇଗଲା ।

ପ୍ରଭାତରେ ନିଜ ଶିବିରରେ ଘଟିଥିବା ଧ୍ୱଂସଲୀଳା ସହିତ ପାଞ୍ଚାଳୀଙ୍କ ପାଞ୍ଚପୁତ୍ରଙ୍କ ମୃତ୍ୟୁ ସମ୍ବାଦ ପାଣ୍ଡବ ପରିବାରରେ ଶୋକର ଛାୟା ଖେଳାଇଦେଲା । ଦ୍ରୌପଦୀଙ୍କ ଆଖିରୁ ବହି ଚାଲିଥାଏ ଅବାରିତ ଅଶ୍ରୁ । ଭୟଙ୍କର ଯୁଦ୍ଧ ସାଗରକୁ ସଫଳତା ସହିତ ତାଙ୍କର ଯେଉଁ ପୁତ୍ରମାନେ ପାରକରି ପାରିଥିଲେ, ଏବେ ଘୃଣ୍ୟ ଚଞ୍ଚକତାର ଶିକାର ହୋଇ ମହାନିଦ୍ରାରେ ଶୋଇ ଯାଇଛନ୍ତି । ଯେଉଁ ଧୃଷ୍ଟଦ୍ୟୁମ୍ନ ଅଜେୟ ମହାରଥୀ ଭାବରେ ଅଠର ଦିନର ମହାଭାରତ ଯୁଦ୍ଧରେ ସଫଳତାର ସହିତ ସେନାପତିତ୍ୱକରି ପାଣ୍ଡବଙ୍କୁ ଜୟଯୁକ୍ତ କରାଇଥିଲେ ଆଜି ସେ ଘୃଣ୍ୟ ପ୍ରତିଶୋଧ ପରାୟଣତାର ଶିକାର ହୋଇ ଚିରନିଦ୍ରାରେ ଶୋଇ ଯାଇଛନ୍ତି । ଯୁଧିଷ୍ଠିର ଭାବିଲେ... କେଉଁ ଲାଭ ଏଭଳି ଯୁଦ୍ଧରେ ଜୟଲାଭ କରି ? ଯୁଦ୍ଧରେ ଜୟଯୁକ୍ତ ହୋଇ ମଧ୍ୟ ସେ ପରାଜିତ ହୋଇଛନ୍ତି ।

ପାଣ୍ଡବ ପାଞ୍ଚଭାଇ ଜୀବିତ ଥିବା ସମ୍ବାଦ ପାଇ ଅଶ୍ୱତ୍ଥାମା ଭୟରେ ପଳାୟନ କଲା । ଶ୍ରୀକୃଷ୍ଣଙ୍କ ସହିତ ପାଣ୍ଡବମାନେ ଅନୁସରଣ କରି ଆତତାୟୀକୁ ଗଙ୍ଗାକୂଳରେ ଠାବ କଲେ । ସେଠାରେ ମହର୍ଷି ବ୍ୟାସଦେବଙ୍କ ପିଠି ପଛରେ ଲୁଚି ଛପି ବସିଥିଲା ଅଶ୍ୱତ୍ଥାମା । ପାଣ୍ଡବମାନଙ୍କୁ ସେଠାରେ ପହଞ୍ଚିବା ଦେଖି ଗୋଟିଏ କୁଶ ଧରି, ତାକୁ ବ୍ରହ୍ମାସ୍ତ୍ର ମନ୍ତ୍ରରେ ଅଭିମନ୍ତ୍ରିତ କରି ସେମାନଙ୍କୁ ବିନାଶ କରିବାପାଇଁ ପ୍ରେରିତ କଲା । ସେ ସମୟର ବ୍ରହ୍ମାସ୍ତ୍ର ଆଜିକାର ପରମାଣୁ ଅସ୍ତ୍ର ସହିତ ସମାନ । କ୍ଷଣକରେ ସୃଷ୍ଟି ଧ୍ୱଂସ କରିବା କ୍ଷମତା ତା' ଭିତରେ ରହିଥିଲା । ତାର ପ୍ରଭାବ ବିଫଳ କରିବାପାଇଁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବ୍ରହ୍ମାସ୍ତ୍ର ପ୍ରୟୋଗ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଦୁଇ ବ୍ରହ୍ମାସ୍ତ୍ର ମୁହାଁମୁହିଁ ହେବାରୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଲା । ବ୍ୟାସଦେବଙ୍କ ମଧ୍ୟସ୍ଥତାରେ ଶାନ୍ତି ପ୍ରତିଷ୍ଠା ହେଲା । ଅର୍ଜୁନ ପ୍ରେରଣ କରିଥିବା ବ୍ରହ୍ମାସ୍ତ୍ର ଅପସାରଣ କରିନେଲେ । କିନ୍ତୁ ଅଶ୍ୱତ୍ଥାମାକୁ ବ୍ରହ୍ମାସ୍ତ୍ର ଅପସାରଣ କରିବା ଉପାୟ

Source: Author, Digitized by PPRACHIN, SOA

ଜଣାନଥିଲା। ପାଣ୍ଡବଙ୍କ ବଂଶ ନାଶ ଉଦ୍ଦେଶ୍ୟରେ ବାଣର ଗତିପଥ ସେ ଉତ୍ତରାଙ୍କ ଗର୍ଭକୁ ପରିବର୍ତ୍ତିତ କଲା। ତାହା ଦ୍ୱାରା ଅଭିମନ୍ୟୁ ପତ୍ନୀ ଉତ୍ତରା ଗର୍ଭରେ ବଢୁଥିବା ଶିଶୁର ପ୍ରାଣହାନି ଘଟିଲା। ଏହା ଜାଣିପାରି ଶ୍ରୀକୃଷ୍ଣ ଉତ୍ତରା ଗର୍ଭରେ ବଢୁଥିବା ସନ୍ତାନର ଜୀବନ ରକ୍ଷା କଲେ। ଏହି ସନ୍ତାନ ଭବିଷ୍ୟତରେ, ଯୁଧିଷ୍ଠିରଙ୍କ ପରେ ପରୀକ୍ଷିତ ନାମ ଧାରଣ କରି ହସ୍ତିନାର ରାଜଦଣ୍ଡ ଧାରଣ କରି ଥିଲେ।ଜନ୍ମପୂର୍ବରୁ ପରୀକ୍ଷାର ସମ୍ମୁଖୀନ ହୋଇଥିବାରୁ ସେ ପରୀକ୍ଷିତ ନାମ ଧାରଣ କରିଥିଲେ।

ଶ୍ରୀକୃଷ୍ଣ ଏବଂ ବ୍ୟାସଦେବଙ୍କ ସମେତ ସମସ୍ତ ପାଣ୍ଡବଙ୍କ ଭର୍ତ୍ସନାର ଶିକାର ହୋଇ ଶେଷରେ ଆତ୍ମସମର୍ପଣ କଲା ଅଶ୍ୱତ୍ଥାମା। ଅଶ୍ୱତ୍ଥାମା ମସ୍ତକରେ, ଜନ୍ମ ସମୟରୁ ରହିଥିବା ମଣିକୁ, ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶକ୍ରମେ କାଢିନେଲେ ଭୀମସେନ। ଦ୍ରୋଣ-ପୁତ୍ରଙ୍କୁ ଭର୍ତ୍ସନାକରି ଶ୍ରୀକୃଷ୍ଣ କହିଲେ... ହେ ବ୍ରାହ୍ମଣ କୁଳର କଳଙ୍କ ! ମଣିବିଚ୍ୟୁତ ତୁମ କପାଳରୁ ଆଜିଠାରୁ ପୂଜରକ୍ତ ନିର୍ଗତ ହୋଇ ତୁମ ଅପକର୍ମକୁ ସବୁବେଳେ ତୁମକୁ ମନେପକାଇ ଦେବ। ଏ ସଂସାରରେ ଶଠତା ଏବଂ ଚଞ୍ଚକତାର ପ୍ରତୀକ ହେବ ତୁମେ। ଗର୍ଭରେ ବଢୁଥିବା ସନ୍ତାନକୁ ହତ୍ୟା କରିବା ପାପ ପାଇଁ ଅସ୍ଥିର-ମସ୍ତିଷ୍କ ହୋଇ ତୁମେ ଘୂରିବୁଲିବ। ଏହି ପାପ ଅନାଦି କାଳ ପର୍ଯ୍ୟନ୍ତ ଭୋଗ କରିବା ପାଇଁ ତୁମେ ଅମର ହୋଇ ରହିବ।

-୦-

(୧୦୧)

କିଏ ବୁଝିବ ମାତୃତ୍ୱ ବେଦନା !!

ଯୁଦ୍ଧପରେ କୁରୁକ୍ଷେତ୍ର ଏକ ବିଶାଳ ଶ୍ମଶାନରେ ପରିଣତ ହୋଇଯାଇଥିଲା। ଚତୁର୍ଦ୍ଦିଗରେ ପଚାଶଢା ଶବଗନ୍ଧରେ ନାକ ଫାଟି ପଡୁଥିଲା। ଦିବସରେ ମଧ୍ୟ ନିର୍ଭୟରେ ଶୃଗାଳ ନୃତ୍ୟ କରୁଥିଲେ ରଣଭୂମିରେ। ଆକାଶରେ ଉଡିବୁଲୁଥିଲେ ଅସଂଖ୍ୟ ଶ୍ୱେନପକ୍ଷୀ। ପ୍ରାୟ ଚାଳିଶ ଲକ୍ଷ (୧୮ ଅକ୍ଷୌହିଣି) ସୈନ୍ୟଙ୍କ ମୃତ୍ୟୁରେ ରକ୍ତର ନଦୀ ବହି ଯାଇଥିଲା କୁରୁକ୍ଷେତ୍ରରେ।

ଯୁଦ୍ଧ ପରେ ରାଜପ୍ରାସାଦର ଅସଂଖ୍ୟ ବିଧବାଙ୍କ ଗହଣରେ ଧୃତରାଷ୍ଟ୍ର ଏବଂ ଗାନ୍ଧାରୀ ରଣକ୍ଷେତ୍ରରେ ପହଞ୍ଚିଲେ। ସାଙ୍ଗରେ ଥିଲେ ମନ୍ତ୍ରୀ ସଞ୍ଜୟ। ବ୍ୟାସଦେବ ସଞ୍ଜୟଙ୍କୁ ଯେଉଁ ଦିବ୍ୟଦୃଷ୍ଟି ପ୍ରଦାନ କରିଥିଲେ, ଯୁଦ୍ଧ ଶେଷ ହେବା ସଙ୍ଗେସଙ୍ଗେ ତାହା ସେ ହରାଇଥିଲେ।

Source: Author, Digitized by PPRACHIN, SOA

ଯୁଦ୍ଧ କ୍ଷେତ୍ରରେ ମହାବିନାଶ ଲୀଳା ଦେଖି ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଲେ... ରାଜନ ! ଆପଣଙ୍କର ଏହି ଦୁଃଖ ସମୟରେ ମୁଁ କ'ଣ ବା ଶାନ୍ତ୍ୱନା ଦେବି ? ଏତିକି ମାତ୍ର କହିବି ଯେ କେବଳ ଆପଣଙ୍କ ସନ୍ତାନ ନୁହନ୍ତି, ଲକ୍ଷ ଲକ୍ଷ ସୈନ୍ୟ ଏହି ମହା ସଂଗ୍ରାମରେ ପ୍ରାଣ ହରାଇଛନ୍ତି । ଏହା ଆପଣଙ୍କ ପୁତ୍ର ଏବଂ ସେମାନଙ୍କ ସମର୍ଥକମାନଙ୍କ ଅବିମୃଶ୍ୟତା ଯୋଗୁଁ ସଂଘଟିତ ହୋଇଛି । ବୀରଶୂନ୍ୟ ହୋଇଯାଇଛି ଆର୍ଯ୍ୟାବର୍ତ୍ତ । ମୃତକଙ୍କ ବିଧବା ମାନଙ୍କର ଆର୍ତ୍ତ ଚିତ୍କାର ଶୁଣି ପାରୁଛନ୍ତି ମହାରାଜ ! ସେମାନଙ୍କପ୍ରତି ସମବେଦନା ଜ୍ଞାପନ କରି ଆପଣ ନିଜ ଦୁଃଖ ପ୍ରଶମିତ କରନ୍ତୁ । ଜ୍ଞାତିଜନମାନଙ୍କର ଅନ୍ତ୍ୟେଷ୍ଟିର ବ୍ୟବସ୍ଥା କରନ୍ତୁ । ଯେଉଁମାନେ ଚାଲିଯାଇଛନ୍ତି ସେମାନଙ୍କ ପାଇଁ ବିଳାପ କରି କିଛି ମୂଲ୍ୟ ନାହିଁ । ହୃଦୟଭିତରେ ଘୂର୍ଣ୍ଣୟମାନ ଦୁଃଖ ଚକ୍ରର ଆବର୍ତ୍ତକୁ ସ୍ଥିର କରନ୍ତୁ ମହାରାଜ !

ସେହି ସମୟରେ ବ୍ୟାସଦେବ ପହଞ୍ଚି ଧୃତରାଷ୍ଟ୍ରଙ୍କୁ ଶାନ୍ତ୍ୱନା ଦେଇ କହିଲେ... ଜନ୍ମ ମୃତ୍ୟୁ ସଂସାରର ନିୟମ ପୁତ୍ର ଧୃତରାଷ୍ଟ୍ର ! ଯାହା ଘଟିଯାଇଛି ସେଥିପାଇଁ ଦୁଃଖ କରି ଲାଭ ନାହିଁ । ପୃଥିବୀର ଭାରା ନିବାରଣ ପାଇଁ ଏହି ଯୁଦ୍ଧର ଆବଶ୍ୟକତା ଥିଲା ବୋଲି ବିଷ୍ଣୁଙ୍କ ଅବତାର ବିଶ୍ୱାସ କରନ୍ତି । ତୁମ ପୁତ୍ରମାନଙ୍କର ଲୋଭ, ଈର୍ଷା, ସ୍ୱାର୍ଥପରତା, ଅନ୍ୟାୟ ଓ ପ୍ରଜାପ୍ରପୀଡନ ଯୋଗୁଁ ଏହି ମହାଯୁଦ୍ଧର ଆବଶ୍ୟକତା ସ୍ରଷ୍ଟା ଅନୁଭବ କଲେ । ଏହାକୁ ଭବିତବ୍ୟ ମନେକରି ମନରୁ ସବୁ ଦୁଃଖ, ଗ୍ଲାନି ଏବଂ ଅସୂୟା ଦୂର କରି ପାଣ୍ଡବମାନଙ୍କୁ ନିଜ ପୁତ୍ରଭଳି କୋଳେଇ ନିଅ । ସେମାନଙ୍କ ଠାରୁ ସେବା ପାଇ ବାକି ଜୀବନ ପାରମାର୍ଥିକ ମାର୍ଗରେ ବ୍ୟତୀତ କର ପୁତ୍ର !

ବ୍ୟାସଦେବଙ୍କ ଶାନ୍ତ୍ୱନା ଧୃତରାଷ୍ଟ୍ରଙ୍କ ମନରୁ କିଛି ପରିମାଣରେ ଦୁଃଖ ଲାଘବ କଲା । ଏହି ସମୟରେ ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ସହିତ ସେଠାରେ ପହଞ୍ଚିଲେ । ସେମାନଙ୍କ ଆଗମନରେ ଧୃତରାଷ୍ଟ୍ର ଭୀମସେନଙ୍କୁ ଆଲିଙ୍ଗନ କରିବାପାଇଁ ଇଚ୍ଛା ପ୍ରକାଶ କଲେ । ଶ୍ରୀକୃଷ୍ଣ ଧୃତରାଷ୍ଟ୍ରଙ୍କ ମନସ୍ତତ୍ତ୍ୱ ଭଲ ଭାବରେ ଜାଣିଥିଲେ । ସେ ଇଶାରାରେ ଭୀମଙ୍କୁ ଧୃତରାଷ୍ଟ୍ରଙ୍କ ନିକଟକୁ ଯିବାପାଇଁ ବାରଣ କଲେ ଏବଂ ଲୁହାରେ ନିର୍ମିତ ଏକ ମୂର୍ତ୍ତି ଅନ୍ଧରାଜାଙ୍କ ସମକ୍ଷରେ ରଖିଦେଲେ । ଧୃତରାଷ୍ଟ୍ର ଲୌହମୂର୍ତ୍ତିକୁ ଆଲିଙ୍ଗନ କରି ଏତେ ଦୃଢ଼ ଭାବରେ ଚିପିଦେଲେ ଯେ ତାହା ଖଣ୍ଡଖଣ୍ଡ ହୋଇଗଲା ।

ଘୋର ମନସ୍ତାପରେ ଅନ୍ଧରାଜା କହିଲେ... ଓଃ ମୁଁ କଣ କଲି ! ପୁତ୍ର ଶୋକର ଆବେଶରେ ଆସି ମୁଁ ମୋ ପ୍ରିୟ ଭୀମକୁ ହତ୍ୟା କଲି ! ମୋର ସମସ୍ତ ଏକଶତ ପୁତ୍ରଙ୍କୁ ଭୀମ ବିନାଶ କରିଥିବାରୁ ବୋଧହୁଏ ମୁଁ ମୋ କ୍ରୋଧ ଉପରେ ଅଙ୍କୁଶ ଲଗାଇ ପାରିଲି ନାହିଁ । ମୋତେ କ୍ଷମା କରିଦିଅ ହୃଷୀକେଶ ।

Source: Author, Digitized by PPRACHIN, SOA

ଶ୍ରୀକୃଷ୍ଣ କହିଲେ... ମହାରାଜ ! ଏପରି ଦୁର୍ଘଟଣା ଘଟିବ ବୋଲି ମୁଁ ଆଶା କରିଥିଲି। ସେଥିପାଇଁ ଆପଣଙ୍କ ସମ୍ମୁଖରେ ଭୀମଙ୍କର ଲୁହାର ପ୍ରତିମୂର୍ତ୍ତିଟିଏ ରଖିଥିଲି। ଆପଣ ସେହି ଲୁହା ଭୀମଙ୍କୁ ଚୂର୍ଣ୍ଣ କରି ଦେଇଛନ୍ତି। ଭୀମଙ୍କର କୌଣସି କ୍ଷତି ହୋଇ ନାହିଁ। ଆପଣଙ୍କ ମୋହ-ଯୁକ୍ତ କ୍ରୋଧ ଲୌହଭୀମ-ଚୂର୍ଣ୍ଣ ଛଳରେ ଆପଣଙ୍କ ହୃଦୟରୁ ନିର୍ଗତ ହୋଇ ମନକୁ ହାଲୁକା କରିଦେଇଛି ମହାରାଜ! ଆପଣ ଭ୍ରାତୃ-ପୁତ୍ରମାନଙ୍କୁ ଆଶୀର୍ବାଦ କରନ୍ତୁ। କୁରୁବଂଶର ପ୍ରତିଷ୍ଠା ଫେରାଇ ଆଣିବାପାଇଁ ସେମାନଙ୍କ ମସ୍ତକ ଉପରେ ଆପଣଙ୍କ ଆଶୀର୍ବାଦ ଆବଶ୍ୟକ, ଅଭିଶାପ ନୁହେଁ।

ତା'ପରେ ପାଣ୍ଡବମାନେ ସମସ୍ତେ ଧୃତରାଷ୍ଟ୍ରଙ୍କ ପାଦତଳେ ପଡ଼ି, ଯୁଦ୍ଧରେ ଘଟିଥିବା ବିନାଶଲୀଳା ଓ କୁରୁପୁତ୍ରମାନଙ୍କର ମୃତ୍ୟୁ ପାଇଁ କ୍ଷମା ପ୍ରାର୍ଥନା କଲେ। ଅନ୍ଧରାଜାଙ୍କ ମନରୁ କ୍ରୋଧ ଏବଂ ଅସୂୟା ସଂପୂର୍ଣ୍ଣ ଦୂର ହୋଇନଥିଲେ ମଧ୍ୟ ସେ ପାଣ୍ଡବ ମାନଙ୍କୁ ଆଶୀର୍ବାଦ ଦେଲେ। ଏ ଆଶୀର୍ବାଦ ପଛରେ ଲୁଚି ରହିଥିଲା ଅନନ୍ୟୋପାୟ ଭାବନା। ଏହାହିଁ ସ୍ୱାର୍ଥାନ୍ଧ ମନୁଷ୍ୟର ବାସ୍ତବ ପରିଚୟ।

ଧୃତରାଷ୍ଟ୍ରଙ୍କଠାରୁ ବିଦାୟ ନେଇ ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ସହିତ ଗାନ୍ଧାରୀଙ୍କ ପାଖରେ ପହଞ୍ଚିଲେ। ମୁନିଶ୍ରେଷ୍ଠ ବ୍ୟାସଦେବ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଗାନ୍ଧାରୀଙ୍କୁ ଆଶ୍ୱାସନା ଦେଇ ବ୍ୟାସ କହିଲେ... ବିଶାଳ ହୃଦୟା ଗାନ୍ଧାରୀ। ପାଣ୍ଡୁପୁତ୍ରମାନେ କ୍ଷମା ମାଗିବା ପାଇଁ ତୁମ ସମକ୍ଷରେ ଉପସ୍ଥିତ। ସେମାନଙ୍କ ଉପରେ କ୍ରୋଧ କରନାହିଁ। ଯୁଦ୍ଧ ଆରମ୍ଭରୁ ତୁମେ ତ କହିଥିଲ ପୁତ୍ରୀ... ପୁଣ୍ୟ ଅକ୍ଷୟ ହେଉ ଏବଂ ଧର୍ମର ଜୟ ହେଉ।ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଧର୍ମର ହିଁ ଜୟ ହୋଇଛି ପୁତ୍ରୀ! ପାଣ୍ଡୁ ପୁତ୍ର ମାନେ ନିମିତ୍ତ ମାତ୍ର। ସେମାନେ ତୁମ ନିଜ ସନ୍ତାନ ସଦୃଶ,ସେମାନଙ୍କୁ କ୍ଷମା ଦିଅ; ଧର୍ମରାଜ୍ୟ ସଂସ୍ଥାପନ ପାଇଁ ଆଶୀର୍ବାଦ ଦିଅ।

କୋହଭରା କଣ୍ଠରେ ଗାନ୍ଧାରୀ କହିଲେ... ଭଗବନ! ଏହି ପାଣ୍ଡବମାନେ ମଧ୍ୟ ମୋର ପୁତ୍ରସମାନ। ସେମାନଙ୍କ ବିଜୟରେ ମୋ ମନରେ ତିଳେମାତ୍ର ଈର୍ଷା ନାହିଁ। ପୁତ୍ରଶୋକରେ ତ ହୃଦୟ ଅଧୀର ହେବ ମୁନିଶ୍ରେଷ୍ଠ! ପୁତ୍ର ଯାହା ହେଲେ ମଧ୍ୟ ମାଆର ମମତା ଆଗରେ ସେ ହୃଦୟର ଅଭିନ୍ନ ଅଂଶ ବ୍ୟତୀତ ଅନ୍ୟ କିଛି ନୁହେଁ।

ମୋ ପୁତ୍ରମାନେ ଦୁଷ୍ଟ ଥିଲେ ମୁଁ ଜାଣିଛି। ଶକୁନି ଏବଂ ଦୁଃଶାସନ ମୋ ବଂଶ ବିନାଶ କରିଛନ୍ତି, ସେକଥା ମୁଁ ଭଲ ଭାବରେ ଜାଣେ। ଯେଉଁଦିନ ଦ୍ରୌପଦୀଙ୍କୁ କୁରୁଶ୍ରେଷ୍ଠମାନଙ୍କ ସମକ୍ଷରେ ରାଜସଭାରେ ଉଲଗ୍ନ କରିବାକୁ ମୋ ପୁତ୍ରମାନେ ପ୍ରୟାସ କଲେ ସେଦିନ ମୁଁ ଜାଣିଥିଲି ଯେ କୌରବ ବଂଶର ବିନାଶ ସମୟ ଉପସ୍ଥିତ। କିନ୍ତୁ ହେ

Source: Author, Digitized by PPRACHIN, SOA

ଭଗବନ୍! ମୋତେ କହନ୍ତୁ, ଶ୍ରୀକୃଷ୍ଣ ଉପସ୍ଥିତ ଥାଉଁ ଥାଉଁ କୌରବ ଯୋଦ୍ଧାମାନଙ୍କୁ ତଥା ମୋ ପୁତ୍ର ଦୁର୍ଯ୍ୟୋଧନକୁ ଅନ୍ୟାୟରେ ବଧ କରିବା କଣ ସମିଚୀନ ଥିଲା। ଶ୍ରୀକୃଷ୍ଣ ଚାହିଁଥିଲେ ଏ ବିଶାଳ କୁରୁବଂଶ ରକ୍ଷା ପାଇଯାଇଥାନ୍ତା। ସେଥିପାଇଁ ମୁଁ କୃଷ୍ଣଙ୍କୁ କଦାପି କ୍ଷମା ଦେବି ନାହିଁ। ଭାଇ ଭାଇ ଭିତରେ ହଣା କଟା ହୋଇ ବିଶାଳ କୁରୁବଂଶ ଯେପରି ଧ୍ୱଂସ ପାଇଗଲା, ସେହିପରି ଭ୍ରାତୃ ବିବାଦରେ ଯଦୁବଂଶ ମଧ୍ୟ ଧ୍ୱଂସ ହୋଇଯିବ। ଚାହିଁଲେ ମଧ୍ୟ ଶ୍ରୀକୃଷ୍ଣ କିଛି କରିପାରିବେ ନାହିଁ।

ନତମସ୍ତକ ହୋଇ ଶ୍ରୀକୃଷ୍ଣ କହିଲେ... ହେ ବିଦୂଷୀ ! ତୁମ ଅଭିଶାପ ଶିରୋଧାର୍ଯ୍ୟ। କୃଷ୍ଣ ମନୁଷ୍ୟ କିନ୍ତୁ 'କୃଷ୍ଣତ୍ୱ' ନୁହେଁ। ଦୁଷ୍ଟ ନିବାରଣ ହିଁ କୃଷ୍ଣତ୍ୱର ଉଦ୍ଦେଶ୍ୟ। ଯଦୁ ବଂଶୀମାନେ ଯେବେ ଅଧର୍ମୀ ଓ ଦୁରାତ୍ମା ହେବେ ତେବେ ନିଶ୍ଚିତ ଭାବରେ ଧ୍ୱଂସ ପାଇଯିବେ। ସେ ସମୟରେ ତୁମର ଏ ଅଭିଶାପ ଆବଶ୍ୟକ ପଡିବ ମାତା।

ଗାନ୍ଧାରୀଙ୍କ ହୃଦୟରୁ ସନ୍ତାପ ଦୂର କରିବା ପାଇଁ ପାଣ୍ଡବମାନେ ତାଙ୍କ ପାଦତଳେ ପଡ଼ି କ୍ଷମା ଭିକ୍ଷା କଲେ। ଭୀମସେନ କହିଲେ... ଦୁର୍ଯ୍ୟୋଧନର ଜାନୁ ଭଗ୍ନ କରି ଅନ୍ୟାୟରେ ବଧ କରିବା ବ୍ୟତୀତ ଅନ୍ୟ ଉପାୟ ନଥିଲା କାରଣ ନ୍ୟାୟ ଯୁଦ୍ଧରେ ତାକୁ ଜିଣିବା ଅସମ୍ଭବ ଥିଲା। ଦୁର୍ଯ୍ୟୋଧନ ଆମମାନଙ୍କ ପ୍ରତି ଯେଉଁ ଅନ୍ୟାୟ କରିଛନ୍ତି ତାହା କ'ଣ ଆପଣ ଅବଗତ ନୁହଁନ୍ତି ମାତା? ଶାନ୍ତି ସ୍ଥାପନ ପାଇଁ ଦୁର୍ଯ୍ୟୋଧନର ମୃତ୍ୟୁ ଆବଶ୍ୟକ ଥିଲା। ସେଥିପାଇଁ ମୋତେ ଯାହା ଦଣ୍ଡ ଦେବାକୁ ଚାହାନ୍ତି ଦିଅନ୍ତୁ ଜନନୀ, କିନ୍ତୁ ହୃଦୟରୁ ଦୁଃଖ ଦୂର କରନ୍ତୁ।

ଯୁଧିଷ୍ଠିର ଗାନ୍ଧାରୀଙ୍କ ପାଦତଳେ ପଡ଼ି କହିଲେ... ଏ ମହାପାପୀ ଆପଣଙ୍କ ପୁତ୍ରମାନଙ୍କୁ ହତ୍ୟା କରିଛି; ମୃତ୍ୟୁ ଦଣ୍ଡ ମଧ୍ୟ ସେ ଅପରାଧ ପାଇଁ ଯଥେଷ୍ଟ ନୁହେଁ। ମୋତେ ଯେଉଁ ଦଣ୍ଡ ଦେବାକୁ ଚାହାଁନ୍ତି ଦିଅନ୍ତୁ ଜନନୀ।

ଗାନ୍ଧାରୀଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କଲେ ଯୁଧିଷ୍ଠିର। ଅନ୍ଧପୁଟୁଳି ଥାଇ ମଧ୍ୟ ଆଖିକୋଣରୁ ଗାନ୍ଧାରୀଙ୍କର ସାମାନ୍ୟ ଦୃଷ୍ଟିର ଝଲକ ପଡିଗଲା ଯୁଧିଷ୍ଠିରଙ୍କ ପାଦ ବୁଢା ଅଙ୍ଗୁଳି ଉପରେ; ସଙ୍ଗେ ସଙ୍ଗେ ତାହା କୋଇଲା ଭଳି କଳା ହୋଇଗଲା।

ନିଜର ଆବେଗ ଓ ଆବେଶକୁ ସମ୍ବରଣ କରି ଗାନ୍ଧାରୀ ପାଣ୍ଡୁ ପୁତ୍ର ମାନଙ୍କୁ କ୍ଷମାଦେଲେ। ଗାନ୍ଧାରୀଙ୍କ ହୃଦୟ ନିର୍ମଳ ଏବଂ ବିଶାଳ ଥିଲା।ସେ ଭାବିଲେ... କାହିଁକି କାହାକୁ ମୁଁ ଦୋଷ ଦେବି ? ସନ୍ତାନ ମାନଙ୍କର ଭବିଷ୍ୟତ ଗଠନ ପାଇଁ ମାତାପିତା ଅନେକାଂଶରେ ଦାୟୀ; ପିତା ଜନ୍ମରୁ ଅନ୍ଧ ହେବା ସଙ୍ଗେ ସଙ୍ଗେ ନିଜବିବେକ ଆଖିରେ ଅନ୍ଧପୁଟୁଳି ବାନ୍ଧି ଦେଇଛନ୍ତି।ତାଙ୍କୁ ସମବେଦନା ଜଣାଇ ମୁଁ ନିଜେ ଅନ୍ଧତ୍ୱ ଆଦରି

Source: Author, Digitized by PPRACHIN, SOA

ନେଇଥିଲି, ସନ୍ତାନ ମାନଙ୍କୁ ସତ୍‌ମାର୍ଗ ଦେଖାଇବ କିଏ !!

ଦ୍ରୌପଦୀଙ୍କୁ କୋଳେଇ ନେଇ ଗାନ୍ଧାରୀ କହିଲେ... ହୃଦୟ ଭିତରେ ଉଠୁଥିବା ମାତୃତ୍ୱର ବିଳାପକୁ କିଏ ବା ଶୁଣି ପାରିବ ପାଞ୍ଚାଳୀ, ମା' ମନର ଦୁଃଖ କିଏ ବୁଝିବ ? ମୁଁ ଶତପୁତ୍ର ହରାଇଲେ ମଧ୍ୟ ତୁମେ ପାଞ୍ଚପୁତ୍ର ହରାଇଛ।

ଗାନ୍ଧାରୀଙ୍କ ସମବେଦନାପୂର୍ଣ୍ଣ କଥାରେ ଦ୍ରୌପଦୀଙ୍କ ଆଖିରୁ ବହିଚାଲିଲା ଅବାରିତ ଅଶ୍ରୁଧାରା। ଗାନ୍ଧାରୀଙ୍କ କୋଳରେ ନିଜକୁ ସମର୍ପଣ କରିଦେଲେ ସେ। ଦୁଇଟି କୋହଭରା ହୃଦୟ ପରସ୍ପରର ସ୍ପନ୍ଦନ ଅନୁଭବ କରୁଥିଲେ। ମିଳିତ ଅଶ୍ରୁରେ ଭିଜି ଯାଇଥିଲା ଉଭୟଙ୍କ ବକ୍ଷ ।

-୦-

(୧୦୨)

ଯୁଧିଷ୍ଠିରଙ୍କ ବୈରାଗ୍ୟ

ଯୁଦ୍ଧ ଅନ୍ତେ ମୃତ ଜ୍ଞାତିକୁଟମ୍ବ ମାନଙ୍କୁ ତିଳୋଦକ ଦେଇ ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କଲେ ପାଣ୍ଡବମାନେ। ଏହି ପ୍ରକ୍ରିୟା ପ୍ରାୟ ଏକମାସ ପର୍ଯ୍ୟନ୍ତ ଲାଗି ରହିଲା। ଏହି କାର୍ଯ୍ୟ କରିବା ସମୟରେ ଯୁଧିଷ୍ଠିରଙ୍କ ମନରେ ଘୋର ବୈରାଗ୍ୟ ଆସିଲା। ସେ ଭାବିଲେ... କି ଲାଭ ମିଳିଲା ଯୁଦ୍ଧରେ ଜୟଲାଭ କରି ?ଭାଇ ବନ୍ଧୁ ଜ୍ଞାତି କୁଟୁମ୍ବ ମାନଙ୍କ ରକ୍ତରେ ରଞ୍ଜିତ ରାଜମୁକୁଟ ତାଙ୍କୁ ହିମାଳୟ ଭଳି ଭାରି ଲାଗିଲା।ସବୁ ପୁତ୍ର ମାନେ ତ ଯୁଦ୍ଧରେ ନିହତ ହେଲେ,କିଏ ରହିଲା ସେମାନଙ୍କୁ ପିଣ୍ଡପାଣି ଦେବାପାଇଁ ? ଉତ୍ତରା ଗର୍ଭରେ ବଢୁଥିବା ସନ୍ତାନ ହିଁ ତାଙ୍କର ଏକମାତ୍ର ସାହା ଭରସା।

ଏଭଳି ଦୁଃଖରେ ମ୍ରିୟମାଣ ହୋଇ ବସିଥିବା ସମୟରେ ସ୍ୱର୍ଗ-ଯତି ନାରଦ ଯୁଧିଷ୍ଠିରଙ୍କ ପାଖରେ ପହଞ୍ଚି ଗୃହ ଅନାମୟ ଜିଜ୍ଞାସା କଲେ। ଯୁଧିଷ୍ଠିର ନାରଦଙ୍କ ପାଦ ପୂଜା କରି ଦୁଃଖରେ ମ୍ରିୟମାଣ ହୋଇ କହିଲେ... ଭଗବାନ ! ଏହା ସତ୍ୟ ଯେ ଆମେ ଯୁଦ୍ଧରେ ଜୟଲାଭ କରିଛନ୍ତି, କିନ୍ତୁ ସେଥିପାଇଁ ଯେଉଁ ବଳିଦାନ ଦେବାପାଇଁ ପଡିଲା ତାହା ଆମର କଳ୍ପନାର ବାହାରେ। ଯେଉଁ ପୁତ୍ରମାନେ ଆମକୋଳରେ ହସିଖେଳି ବଡ଼ ହୋଇଥିଲେ ଏହି ଯୁଦ୍ଧ ସେମାନଙ୍କୁ ଆମ କୋଳରୁ ଟାଣିନେଲା। ଯେଉଁ ପିତାମହ ଓ ଗୁରୁଜନଙ୍କ କୋଳରେ ଆମେ ହସିଖେଳି ବଡ଼ ହୋଇଥିଲୁ ସେମାନଙ୍କୁ ଯୁଦ୍ଧରେ ନିହତ

Source: Author, Digitized by PPRACHIN, SOA

କରି ଆମେ ଆମମାନଙ୍କର ହସ୍ତ କଳଙ୍କିତ କଲୁ। ପିତା ସମାନ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କୁ, ଅସ୍ତ୍ରତ୍ୟାଗ କରି ତପସ୍ୟା କରୁଥିବା ସମୟରେ ନିହତ କଲୁ। ପିତାମହ ଭୀଷ୍ମଙ୍କର ନିରସ୍ତ୍ର ଶରୀରକୁ ଶରରେ ବିଦୀର୍ଣ୍ଣ କରିଦେଲୁ। ଏପରି କି ନିଜ ଭାଇ କର୍ଣ୍ଣଙ୍କୁ ମଧ୍ୟ ଅଜ୍ଞାତରେ ବଧ କରି, ଶତ୍ରୁକୁ ନିହତ କରୁଛୁ ଭାବି ଆନନ୍ଦିତ ହେଉଥିଲୁ। ଏହାଠାରୁ ବଳି ଦୁର୍ଭାଗ୍ୟ ଜନକ ଘଟଣା ଆମପାଇଁ କଣ ହୋଇପାରେ ଭଗବନ୍!

କର୍ଣ୍ଣଙ୍କ ମୃତ୍ୟୁ ପୂର୍ବରୁ ଆମେ ଯଦି ତିଳେମାତ୍ର ଆଭାସ ପାଇଥାନ୍ତୁ ଯେ ସେ ଆମର ଜ୍ୟେଷ୍ଠ ଭ୍ରାତା, ଯୁଦ୍ଧର ପରିଣତି ଅନ୍ୟ କିଛି ହୋଇଥାନ୍ତା ମୁନି ଶ୍ରେଷ୍ଠ ! ମାତା କୁନ୍ତୀ ଏବଂ ବାସୁଦେବ, କର୍ଣ୍ଣଙ୍କ ପ୍ରକୃତ ପରିଚୟ ଜାଣିଥିଲେ ମଧ୍ୟ ଆମ୍ଭମାନଙ୍କ ଠାରୁ ସେ ସତ୍ୟ ଗୋପନ ରଖିଥିଲେ। ଯେଉଁ ସମୟରେ ଦୁର୍ଯ୍ୟୋଧନ କର୍ଣ୍ଣଙ୍କୁ ସମ୍ମାନ ଜନକ ପରିଚୟ ଦେବାପାଇଁ ଅଙ୍ଗ ଦେଶର ରାଜସିଂହାସନ ପ୍ରଦାନ କଲେ ସେତେବେଳେ ମାତା କୁନ୍ତୀ ତାଙ୍କୁ ଜ୍ୟେଷ୍ଠ ପାଣ୍ଡୁ ପୁତ୍ରର ପରିଚୟ ଏବଂ ଅଧିକାର ଦେଇଥିଲେ ମହାଭାରତର ଇତିହାସ ହୁଏତ ଭିନ୍ନ ହୋଇଯାଇଥାନ୍ତା। ଅଜ୍ଞାତରେ ଆମ୍ଭେମାନେ ନିଜ ଜ୍ୟେଷ୍ଠ ଭ୍ରାତାଙ୍କୁ ନିହତ କଲୁ, ଏହାଠାରୁ ବଳି ଦୁଷ୍କର୍ମ କଣ ହୋଇପାରେ ?

ଦୁଃଖରେ ମ୍ରିୟମାଣ ଯୁଧିଷ୍ଠିରଙ୍କୁ ଶାନ୍ତ୍ୱନା ଦେଇ ସ୍ୱର୍ଗ-ଯତି କହିଲେ... କର୍ଣ୍ଣଙ୍କ ମୃତ୍ୟୁ ପାଇଁ ନିଜକୁ ଦାୟୀ କରନାହିଁ ପୁତ୍ର ଯୁଧିଷ୍ଠିର। ଭବିତବ୍ୟକୁ କିଏ ଅନ୍ୟଥା କରିପାରିବ। କର୍ଣ୍ଣ ଏକ ଅନନ୍ୟ ଚରିତ୍ର। ଏଭଳି ଚରିତ୍ର କ୍ୱଚିତ ଦେଖା ଯାଇଥାନ୍ତି। କର୍ଣ୍ଣଙ୍କର ନିଜ ଜୀବନ ପ୍ରତି ତିଳେ ମାତ୍ର ଲୋଭ ନଥିଲା। ସେ ଜାଣିଥିଲେ ଯେ କବଚ ଏବଂ କୁଣ୍ଡଳରେ ତାଙ୍କ ଜୀବନର ନିରାପତ୍ତା ରହିଥିଲା, ତଥାପି ଦାନ ସୂତ୍ରରେ, ଶରୀର କାଟି ସଂଲଗ୍ନ କବଚ ଏବଂ କୁଣ୍ଡଳ ସେ ଇନ୍ଦ୍ରଙ୍କୁ ଦେଇଦେଲେ। ଏହା କରିବା ପୂର୍ବରୁ ନିଜେ ସୂର୍ଯ୍ୟ ନାରାୟଣ ତାଙ୍କ ସମକ୍ଷରେ ବ୍ରାହ୍ମଣ ବେଶରେ ଉପସ୍ଥିତ ହୋଇ ଏପରି ନକରିବାପାଇଁ ସାବଧାନ କରିଥିଲେ। ତଥାପି ଦାନ ଦେଇ ପୁଣ୍ୟ ଅର୍ଜନ କରିବା ତାଙ୍କ ପାଇଁ ଜୀବନର ନିରାପତ୍ତା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା।ଥରେ ଚିନ୍ତା କର ଯୁଧିଷ୍ଠିର ଯେଉଁ କର୍ଣ୍ଣ ପ୍ରାତଃ କାଳରେ ସୂର୍ଯ୍ୟ ପୂଜା ନକଲେ ଜଳସ୍ପର୍ଶ କରୁନଥିଲେ, ଯେଉଁ କର୍ଣ୍ଣ ଦ୍ୱାର ଦେଶରୁ କାହାକୁ ଖାଲି ହାତରେ ଯିବାପାଇଁ ଦେଉନଥିଲେ, ଯେଉଁ କର୍ଣ୍ଣ ରାଜା ହେଲେ ମଧ୍ୟ ନିଜକୁ ସବୁଠାରେ ସୂତପୁତ୍ର ଏବଂ ରାଧେୟ ବୋଲି ପରିଚୟ ଦେଇ ମାତାପିତାଙ୍କର ସେବାକୁ ଜୀବନର ପ୍ରଥମ କର୍ତ୍ତବ୍ୟ ଭାବରେ ବରିନେଇଥିଲେ, ସେ କିପରି ଅନ୍ୟାୟର ସମଥର୍କ ହୋଇ ଦୁର୍ଯ୍ୟୋଧନଙ୍କୁ ପାଣ୍ଡବ ମାରଣ ପାଇଁ ପ୍ରେରିତ କରୁଥିଲେ। ଏ ସବୁ ଭାଗ୍ୟର ଖେଳ ବ୍ୟତୀତ ଅନ୍ୟ କିଛି ନୁହେଁ। ଯେଉଁ ଆପ୍ତବାକ୍ୟ ରହିଛି... ଭାଗ୍ୟମ୍

Source: Author, Digitized by PPRACHIN, SOA

ଫଳତି ସବର୍ତ୍ର, ନ ବିଦ୍ୟା ନ ଚ ପୌରୁଷମ୍' ତାହାର ପ୍ରମାଣ ନିଜେ କର୍ଣ୍ଣ। ଭଗବନ୍ ପର୍ଶୁରାମଙ୍କ ଠାରୁ ଶ୍ରେଷ୍ଠତମ ଶସ୍ତ୍ର ଶିକ୍ଷା ଲାଭକରି ମଧ୍ୟ ତାଙ୍କ ଅଭିଶାପରେ ସେ ତାର ପ୍ରୟୋଗଶୀଳତା ହରାଇ ବସିଲେ।ନିଜ ଅଜାଣତରେ ଜନୈକ ବ୍ରାହ୍ମଣର ଗୋରୁ ହତ୍ୟାକରି ଅଭିଶାପ ପାଇଲେ ଯେ ନିର୍ଣ୍ଣାୟକ ଯୁଦ୍ଧ ସମୟରେ ରଥଚକ୍ର ଭୂମି ଗ୍ରାସ କରିବ; ଯେଉଁ ଶଲ୍ୟଙ୍କୁ ଏତେ ଭରସା କରି ନିଜ ରଥରେ ସାରଥି ଭାବରେ ଗ୍ରହଣ କରିଥିଲେ, ତାଙ୍କଠାରୁ ଯୁଦ୍ଧ ସମୟରେ ଭର୍ତ୍ସନା ଶୁଣି ଶୁଣି ହତୋତ୍ସାହିତ ହୋଇଥିଲେ। କର୍ଣ୍ଣଙ୍କ ଜୀବନରେ ଘଟିଥିବା ଏ ସମସ୍ତ ଘଟଣାକୁ ତୁମେ କଣ ସଂଯୋଗ ବୋଲି ଭାବୁଛ ପୁତ୍ର ! ନା ଏହା ବାସୁଦେବ ରୂପୀ ନାରାୟଣଙ୍କ ମାୟା ବ୍ୟତୀତ ଅନ୍ୟ କିଛି ନୁହେଁ।ସେ ଜନ ସମାଜ ସମକ୍ଷରେ ପ୍ରମାଣିତ କରିଦେଲେ ଯେ ମନୁଷ୍ୟ ଯେତେ ଜ୍ଞାନ ଗୌରବର ଅଧିକାରୀ ହେଉନା କାହିଁକି, ଭାଗ୍ୟ ବିପରୀତ ଥିଲେ ସେ ସବୁର କିଛି ମୂଲ୍ୟ ନାହିଁ।ଜଣେ ନିଜର ଭାଗ୍ୟରେଖା ନିଜ ହାତରେ ଛୁରୀରେ କାଟି ପାରିବ ନାହିଁ। ଆଉମଧ୍ୟ ତୁମେ ଯେତେ ଭଲଗୁଣର ଅଧିକାରୀ ହୁଅନା କାହିଁକି, ତୁମର ଗୋଟିଏ ଖରାପ ଗୁଣ ସବୁ ଭଲ ଗୁଣକୁ ଘୋଡ଼େଇ ଦେବ, କର୍ଣ୍ଣ ଏହାର ପ୍ରମାଣ।ସବୁ ଭଲଗୁଣ ସତ୍ତ୍ୱେ ଅନ୍ୟାୟ କାର୍ଯ୍ୟରେ ଦୁର୍ଯ୍ୟୋଧନଙ୍କୁ ସମର୍ଥନ ଦେବା ଯୋଗୁଁ ସେ ଅମାବାସ୍ୟାର ଚନ୍ଦ୍ରରେ ପରିଣତ ହୋଇଗଲେ।

ଯୁଧିଷ୍ଠିରଙ୍କର କର୍ଣ୍ଣଙ୍କ ପାଇଁ ଶୋକ ଦେଖି କୁନ୍ତୀ ଶାନ୍ତ୍ୱନା ଦେବାକୁ ଯାଇ କହିଲେ... ପୁତ୍ର ! ମୋ ବ୍ୟତୀତ ନିଜେ ସୂର୍ଯ୍ୟଦେବ ମଧ୍ୟ କର୍ଣ୍ଣଙ୍କୁ ଦୁର୍ଯ୍ୟୋଧନ ପକ୍ଷ ପରିତ୍ୟାଗ କରି ପାଣ୍ଡବ ପକ୍ଷରେ ଯୋଗ ଦେବାପାଇଁ ଅନୁରୋଧ କରିଥିଲେ। କିନ୍ତୁ ଏହା ବନ୍ଧୁତା ପ୍ରତି ଶଠତା ଏବଂ ଛଳନା ହେବ ବୋଲି କହି କର୍ଣ୍ଣ ତାହା ପ୍ରତ୍ୟାଖ୍ୟାନ କରିଥିଲେ। ତୁମେ କର୍ଣ୍ଣ ପାଇଁ ଶୋକ କରନାହିଁ। ବୀରତାର ସହିତ ଯୁଦ୍ଧ କରି ତାଙ୍କର ସସମ୍ମାନ ସ୍ୱର୍ଗ ପ୍ରାପ୍ତି ହୋଇଛି।

କୁନ୍ତୀଙ୍କ କଥା ଶୁଣି ଯୁଧିଷ୍ଠିର କହିଲେ... ହଁ ତାଙ୍କର ସ୍ୱର୍ଗପ୍ରାପ୍ତି ହୋଇଛି ସତ୍ୟ କିନ୍ତୁ ଅନ୍ୟାୟରେ ତାଙ୍କୁ ନିହତ କରି ଆମେ ନର୍କଯନ୍ତ୍ରଣା ଭୋଗ କରୁଛୁ। ଏହାର ପ୍ରାୟଶ୍ଚିତ କଣ !!

ଏହାଶୁଣି ନାରଦ କହିଲେ... ପ୍ରିୟ ଯୁଧିଷ୍ଠିର। ଅନ୍ୟାୟ ଉଭୟ ପକ୍ଷରୁ ହୋଇଛି, କିନ୍ତୁ ଏ ସମସ୍ତର ସୂତ୍ରଧର ହେଉଛନ୍ତି ନିଜେ ନାରାୟଣ। ସେ ପରା କହିଛନ୍ତି... କରି କରାଉ ଥାଇ ମୁହିଁ / ମୋ ବିନୁ ଅନ୍ୟ ଗତି ନାହିଁ। ଯାହା ସବୁ ଘଟିଯାଇଛି ସବୁ ତାଙ୍କରି ମାୟା। ତାଙ୍କ ଉପରେ ସବୁ ସମର୍ପଣ କରିଦେଇ କର୍ତ୍ତବ୍ୟ କର୍ମ କର, ଶାନ୍ତି ପାଇବ। ନହେଲେ କୃତକର୍ମର ଅନ୍ଧଗଳିରେ ବୁଲି ବୁଲି ଶାନ୍ତି ହରାଇ ବସିବ। ସେଥିପାଇଁ ତ ସେ

Source: Author, Digitized by PPRACHIN, SOA

ଅର୍ଜୁନଙ୍କୁ କହିଛନ୍ତି... ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣମ୍ ବ୍ରଜ / ଅହଂ ତ୍ୱାମ୍ ସର୍ବ ପାପେଭ୍ୟୋ ମୋକ୍ଷୟିଶ୍ୟାମି ମା ଶୁଚ ।

ସମସ୍ତଙ୍କ ଆଶ୍ୱାସନା ସତ୍ତ୍ୱେ ଯୁଧିଷ୍ଠିରଙ୍କ ମନର ବେଦନା ହ୍ରାସ ହେଲାନାହିଁ ।ଭାଇମାନଙ୍କୁ ନିକଟକୁ ଡ଼ାକି ସେ କହିଲେ... ତୁମେ ମାନେ ରାଜ୍ୟ ଶାସନ କର, ମୁଁ ଜ୍ୟେଷ୍ଠତାତ ଧୃତରାଷ୍ଟ୍ର, ମାତା ଗାନ୍ଧାରୀ ଏବଂ ମାତା କୁନ୍ତୀଙ୍କ ସହିତ ବାନପ୍ରସ୍ଥ ଜୀବନ ବିତାଇବାକୁ ଯାଉଛି ।

ଭୀମସେନ ମୃଦୁ ଭର୍ତ୍ସନାକରି କରି କହିଲେ... ବାସ୍ତବିକ୍ ଆପଣ ବ୍ରାହ୍ମଣ କୁଳରେ ଜନ୍ମ ହେବାର ଥିଲା, ଭୁଲରେ କ୍ଷତ୍ରିୟ କୁଳରେ ଜନ୍ମ ହୋଇଗଲେ । କ୍ଷତ୍ରିୟୋଚିତ କର୍ମକରି ଶାନ୍ତିରେ ପ୍ରଜାପାଳନ କରନ୍ତୁ । ଯେଉଁମାନେ ଚାଲିଗଲେ ସେମାନଙ୍କ ପାଇଁ ସର୍ବଦା ଶୋକଗ୍ରସ୍ତ ହୋଇ ରାଜ୍ୟଶାସନରେ ଅବହେଳା କରିବା କ୍ଷତ୍ରିୟୋଚିତ ନୁହେଁ । ଦ୍ରୌପଦୀ ଏବଂ ଅନ୍ୟ ଭାଇମାନେ ଯୁଧିଷ୍ଠିରଙ୍କୁ ଆଶ୍ୱାସନା ଦେଇ ମନରେ ତାଙ୍କର ଶାନ୍ତି ଆଣିବା ପାଇଁ ପ୍ରୟାସ କଲେ । ବ୍ୟାସଦେବ ମଧ୍ୟ ଯୁଧିଷ୍ଠିରଙ୍କୁ, ସବୁ ଭୁଲିଯାଇ ପ୍ରଜା ପାଳନ ପାଇଁ ଗୁରୁତ୍ୱ ଦେବାକୁ ଉପଦେଶ ଦେଲେ । ଯୁଧିଷ୍ଠିରଙ୍କ ରାଜତିଳକ ହେଲା ଏବଂ ସେ ହସ୍ତିନାର ରାଜସିଂହାସନ ଆରୋହଣ କଲେ ।

ଇତି ମଧ୍ୟରେ ସୂର୍ଯ୍ୟ ନାରାୟଣଙ୍କର ଉତ୍ତରାୟଣ ହେଲା । ଭୀଷ୍ମଙ୍କର ଆତ୍ମା ଶରୀର ତ୍ୟାଗକରି ଶାପମୁକ୍ତ ହେବାର ସମୟ ଉପସ୍ଥିତ ହେଲା । ଯୁଧିଷ୍ଠିର ଭୀଷ୍ମଙ୍କ ପାଖରେ ବସି ରାଜଧର୍ମ ବିଷୟରେ ସମସ୍ତ ନୀତି ନିୟମ ଅବଗତ ହେଲେ । ଭୀଷ୍ମଙ୍କର ଏହି ଉପଦେଶ, ମହାଭାରତର ଶାନ୍ତି ପର୍ବରେ ଏକ ପ୍ରମୁଖ ଅଂଶ ।

ଭୀଷ୍ମଙ୍କ ଆତ୍ମା ଶରୀର ତ୍ୟାଗକରି ପଞ୍ଚତତ୍ତ୍ୱରେ ବିଲୀନ ହୋଇଗଲା । ପିତାମହଙ୍କର ସମସ୍ତ କ୍ରିୟାକର୍ମ ଶେଷ କରି ଯୁଧିଷ୍ଠିର ଗଙ୍ଗା କୂଳରେ ପହଞ୍ଚିଲେ ତିଳୋଦକ ଦେବାପାଇଁ । ଗଙ୍ଗା କୂଳରେ ଦଣ୍ଡାୟମାନ ଯୁଧିଷ୍ଠିରଙ୍କ ଆଖି ଆଗରେ ଅତୀତର ଘଟଣାବଳୀ ଗୋଟି ଗୋଟି ହୋଇ ପୁଣି ଥରେ ଭାସି ଗଲା । ଶରବିଦ୍ଧ ହସ୍ତି ପରି ଚୈତନ୍ୟ ହରାଇ ମୁର୍ଚ୍ଛାଯାଇ ତଳେ ପଡିଗଲେ ଯୁଧିଷ୍ଠିର । ଭୀମ ତାଙ୍କ ଶରୀରକୁ ସମ୍ଭାଳି ନେଇ ସାଷ୍ଟାମ କଲେ ।

ଏ ଭିତରେ ଧୃତରାଷ୍ଟ୍ର ଏକ ସଂପୂର୍ଣ୍ଣ ପରିବର୍ତ୍ତିତ ଚରିତ୍ର ପାଲଟି ଯାଇଥିଲେ । ଯୁଧିଷ୍ଠିରଙ୍କୁ ଶାନ୍ତ୍ୱନା ଦେଇ କହିଲେ... ଏ କଣ ପୁତ୍ର ! ଶୋକ ପରିତ୍ୟାଗ କର । ନିଜ ଭାଇମାନଙ୍କ ସହିତ ମିଶି ରାଜ୍ୟରେ ସୁଶାସନ ପ୍ରତିଷ୍ଠା କର । ସମସ୍ତ ଦୁଃଖ ଦୁଶ୍ଚିନ୍ତା ମୋ ଉପରେ ଏବଂ ଗାନ୍ଧାରୀ ଉପରେ ଛାଡ଼ିଦିଅ । ମୋ ଅବିମୃଶ୍ୟତା ଯୋଗୁଁ ବିଶାଳ କୁରୁବଂଶ ଧ୍ୱଂସ ହୋଇଗଲା । ଜ୍ଞାନୀ ବିଦୁରଙ୍କ କଥା ମାନି ବିବେକ ଅନୁମୋଦିତ କାର୍ଯ୍ୟ କରିଥିଲେ

Source: Author, Digitized by PPRACHIN, SOA

ଏ ମହାବିପ୍ଳବ ଘଟି ନଥାନ୍ତା। ମୋର ଶତପୁତ୍ର ପରଲୋକ ଚାଲି ଯାଇଥିଲେ ମଧ୍ୟ ବର୍ତ୍ତମାନ ତୁମେ ମୋର ପୁତ୍ର... ବାର୍ଦ୍ଧକ୍ୟର ଆଶ୍ରାବାଡି। ମନରୁ ସମସ୍ତ ପରିବେଦନା ଦୂରକର ପୁତ୍ର; ମୋର ଆଶୀର୍ବାଦ ନେଇ ହସ୍ତିନା ଶାସନ କର।

-୦-

(୧୦୩)

ଗର୍ବଗଞ୍ଜନ ନାରାୟଣ

ମହାଭାରତର ମହାନ ଗାଥା ଭିତରେ ମିଳେ ଜୀବନଦର୍ଶନର ପ୍ରତିଫଳନ। କୁହାଯାଏ ମହାଭାରତ ଯୁଦ୍ଧ ଭଗବାନଙ୍କର ଜନସମାଜ ପାଇଁ ଏକ ପ୍ରାୟୋଗିକ ଉଦାହରଣ। ଗର୍ବ, ଈର୍ଷା ଏବଂ ଅହଂକାରର କିପରି ଦୟନୀୟ ପରାଜୟ ହୁଏ ଦୁର୍ଯ୍ୟୋଧନ ତାର ଜ୍ୱଳନ୍ତ ଉଦାହରଣ। ଯୁଦ୍ଧ ପୂର୍ବରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ... ପାର୍ଥ ! ତୁମେ ତୁମର କ୍ଷତ୍ରିୟୋଚିତ କର୍ତ୍ତବ୍ୟ କର। ତୁମେ ଜ୍ଞାତି କୁଟୁମ୍ବଙ୍କୁ ବିନାଶ କରୁଛ ଭାବି ମନରେ ପରିବେଦନା ଆଣନାହିଁ,କାରଣ ବାସ୍ତବରେ ତୁମେ କିଛି କରୁନାହିଁ, ସବୁ ମୁଁ କରୁଛି। ଏଠାରେ ଉପସ୍ଥିତ ତୁମର ଶତ୍ରୁମାନେ ସମସ୍ତେ ଆଗରୁ ମରିସାରିଛନ୍ତି। ତୁମେ ଏମାନଙ୍କୁ ମାର ବା ନମାର, ମୋ ହାତରେ ସମସ୍ତେ ଆଗରୁ ମୃତ୍ୟୁଲୋକ ପ୍ରାପ୍ତ ହୋଇ ସାରିଛନ୍ତି; ତୁମେ ନିମିତ୍ତ ମାତ୍ର।

ସ୍ରଷ୍ଟାଙ୍କ ମୁଖନିଶ୍ରୁତ ଏହି ଆପ୍ତବାଣୀ ପାଣ୍ଡୁପୁତ୍ରମାନେ ବୋଧହୁଏ ଭୁଲିଗଲେ। ସେମାନଙ୍କ ମନରେ ଗର୍ବ ଆସିଲା ଯେ ଯୁଦ୍ଧରେ ବିଜୟ ପ୍ରତ୍ୟେକଙ୍କ ବ୍ୟତୀତ ଅସମ୍ଭବ ଥିଲା। ଭୀମ ଭାବିଲେ ସବୁ କୌରବ ଭାଇଙ୍କର ମୃତ୍ୟୁ ତାଙ୍କ ହାତରେ ହୋଇ ନଥିଲେ ବିଜୟ କଣ ଏତେ ସହଜରେ ମିଳିଥାନ୍ତା ! ଅର୍ଜୁନଙ୍କ ମନରେ ଆସିଲା ଯେ ଭୀଷ୍ମ ଏବଂ କର୍ଣ୍ଣଙ୍କ ଭଳି ମହାରଥି ମାନଙ୍କୁ ସେ ଯେବେ ବଧ କରିନଥାନ୍ତେ ତାହେଲେ ବିଜୟ ସମ୍ଭବ ନଥିଲା। ଯୁଧିଷ୍ଠିର ଭାବିଲେ ତାଙ୍କ ଧର୍ମଭାବ ଯୋଗୁଁ ହିଁ ବିଜୟ ସମ୍ଭବ ହୋଇ ପାରିଲା। ଦ୍ରୌପଦୀ ଭାବିଲେ... ନାରୀର କ୍ରୋଧାନଳରେ ସବୁ କିଛି ଭସ୍ମ ହୋଇଯାଏ। ତାଙ୍କ ଅପମାନ ପାଣ୍ଡବମାନଙ୍କୁ ପ୍ରତିଶୋଧ ପରାୟଣ କରିବାରୁ ସେମାନେ ପ୍ରତିବଦ୍ଧତା ସହିତ ଯୁଦ୍ଧ କଲେ, ନହେଲେ ବିଜୟ ଲାଭ କରିବା କଣ ଏତେ ସହଜ !

ଗର୍ବଗଞ୍ଜନ ଶ୍ରୀକୃଷ୍ଣଙ୍କୁ କେଉଁ କଥା ଅଜଣା ! ମନୁଷ୍ୟ ତାର ସୀମିତ ଜ୍ଞାନ ଯୋଗୁଁ

Source: Author, Digitized by PPRACHIN, SOA

ଅନେକ ସମୟରେ ଭୁଲିଯାଏ ଯେ ଏହି ମହାଜାଗତିକ ଲୀଳା ପ୍ରତି ମୁହୂର୍ତ୍ତରେ ସ୍ରଷ୍ଟାଙ୍କ ଦ୍ୱାରା ହିଁ ସଂଘଟିତ ହେଉଛି । ତାଙ୍କ ବିନା ଇଚ୍ଛାରେ ପତ୍ରଟିଏ ମଧ୍ୟ ହଲେନାହିଁ । ଫୁଲରେ ରଙ୍ଗ ଓ ସୁରଭି ତାଙ୍କରି ଦାନ, ମାଉଣ୍ଟ ଏଟେନାର ଭୟଙ୍କର ଅଗ୍ନି ଉଦ୍‌ଗିରଣ ମଧ୍ୟ ତାଙ୍କରି ଲୀଳା । ଘୃଣ୍ୟ ସାଁବାଳୁଆକୁ ସେ ମନୋରମ ପ୍ରଜାପତିରେ ପରିଣତ କରନ୍ତି । ସୁନ୍ଦର ମହାକାଳ ଫଳ ଭିତରେ ମଧ୍ୟ ସେ ବିଷ ଭରିଦିଅନ୍ତି । ପୂର୍ଣ୍ଣିମାର ଗୋଲ୍ ଜହ୍ନ ତାଙ୍କରି ସୃଷ୍ଟି; ତାକୁ ଅନ୍ଧକାର ଗର୍ଭକୁ ଫିଙ୍ଗିଦେଇ ଅମାବାସ୍ୟାର ଜହ୍ନରେ ପରିଣତ କରିବା କାମ ମଧ୍ୟ ତାଙ୍କରି ।

ତାଙ୍କ ଲୀଳା ପାଣ୍ଡବଙ୍କୁ ହୃଦୟଙ୍ଗମ କରାଇବାପାଇଁ ଶ୍ରୀକୃଷ୍ଣ ପାଣ୍ଡୁ ପରିବାର ସହିତ ଯୁଦ୍ଧ କ୍ଷେତ୍ରରେ ପହଞ୍ଚିଲେ । କୁରୁକ୍ଷେତ୍ରର ମଧ୍ୟଭାଗରେ ରହିଥିଲା ବିଜୟ ସ୍ତମ୍ଭ । ତା ଉପରେ ଥାଇ ଟହ ଟହ ହସୁଥିଲା ବେଲାଳସେନର ଛିନ୍ନ ମସ୍ତକ । ନାଗକନ୍ୟା ବେଲାମାଳୀର ଗର୍ଭରୁ ଭୀମଙ୍କ ଔରଷରୁ ଜାତ ଏହି ବେଲାଳସେନ ମହାନ ଯୋଦ୍ଧା ଥିଲା । ତାପାଖରେ ଏପରି ଏକ ମହା ବିଧ୍ୱଂସକ ବାଣ ଥିଲା ଯେ ସେ ମହାଭାରତ ଯୁଦ୍ଧକୁ ଗୋଟିଏ ଦିନରେ ସମାପ୍ତ କରିଦେବା ପାଇଁ ଆସିଥିଲା । ସେ ବାଣ ପ୍ରୟୋଗରେ ହୁଏତ ବିଶ୍ୱରେ ମହାନ ବିନାଶ ଲୀଳା ସଂଘଟିତ ହୋଇଥାନ୍ତା । ସେଥିପାଇଁ ଶ୍ରୀକୃଷ୍ଣ ଗୁରୁଦକ୍ଷିଣା ଛଳରେ ବେଲାଳସେନର ମସ୍ତକ ମାଗି ନେଇଥିଲେ । ବେଲାଳସେନ ମସ୍ତକ ଦେବାପାଇଁ ପ୍ରସ୍ତୁତ ଥିଲା କିନ୍ତୁ ପ୍ରତିବଦଳରେ ମହାଭାରତ ଯୁଦ୍ଧ ମୂଳରୁ ଶେଷ ପର୍ଯ୍ୟନ୍ତ ଦେଖିବାପାଇଁ ଅଭିଳାଷା ପୋଷଣ କରିଥିଲା । ସେତେବେଳେ ବେଲାଳସେନର କଟା ମୁଣ୍ଡକୁ ଜୀବନ୍ୟାସ ଦେଇ, କୁରୁକ୍ଷେତ୍ରର ମଧ୍ୟଭାଗରେ ବିଜୟ ସ୍ତମ୍ଭ ଉପରେ ସ୍ଥାପିତ କରିଥିଲେ କେଶବ । ସ୍ଥାପିତ ହେବା ପରଠାରୁ ଯୁଦ୍ଧ ଶେଷ ହେବା ପର୍ଯ୍ୟନ୍ତ ଟହ ଟହ ହସୁଥିଲା ସେହି ଛିନ୍ନ ଶିର ଏବଂ ମୁଖରୁ ତାର 'ଓମ୍ ହରି,ଓମ୍ ହରି' ଶବ୍ଦ ନିସୃତ ହେଉଥିଲା ।

ଯୁଦ୍ଧ କ୍ଷେତ୍ରର ମଧ୍ୟଭାଗରେ ଥିବା ସେହି ବିଜୟ ସ୍ତମ୍ଭ ପାଖରେ ପହଞ୍ଚି ଶ୍ରୀକୃଷ୍ଣ ହସି ହସି କହିଲେ... ତୁମକୁ ମୁଁ ବରଦାନ କରିବା ପାଇଁ ଆସିଛି ବେଲାଳ,କୁହ ତୁମର କଣ ଆବଶ୍ୟକ ?

ବେଲାଳସେନ କହିଲା... ଲୀଳାମୟ ! ତୁମର ମହାଲୀଳା ସନ୍ଦର୍ଶନ କରିବା ପରେ ମୋର ଆଉ କିଛି ଇଚ୍ଛା ବାକି ରହିନାହିଁ । ତୁମର ଅନନ୍ତ ସତ୍ତା ଭିତରେ ବିଲୀନ ହେବା ମୋର ଅନ୍ତିମ ଇଚ୍ଛା କେଶବ !

କିଛି ନିରବତା ପରେ ଶ୍ରୀକୃଷ୍ଣ ପଚାରିଲେ... କୁହ ବେଲାଳ ! ଅଠର ଦିନର ଯୁଦ୍ଧରେ ତୁମେ କଣ ଦେଖିଲ ? କେଉଁ ମହାବୀର ପାଣ୍ଡବମାନଙ୍କ ବିଜୟ ପାଇଁ ଏକକ ଭାବରେ ଦାୟୀ ?କାହା ଅସ୍ତ୍ର ପ୍ରୟୋଗରେ କୌରବ ପକ୍ଷର ଅଧିକ ସୈନ୍ୟ ମୃତ୍ୟୁ ବରଣ

Source: Author, Digitized by PPRACHIN, SOA

କରିଛନ୍ତି । ଏହି ମହାଯୁଦ୍ଧର ମହାନତମ ଯୋଦ୍ଧା କିଏ ?

ଶ୍ରୀକୃଷ୍ଣଙ୍କର ଏହି ପ୍ରଶ୍ନଗୁଡିକ ଶୁଣି ଭୀମସେନଙ୍କ ମନ ଆନନ୍ଦରେ ଅଧୀର; ପ୍ରଶଂସା ପାଇବାର ପ୍ରବଳ ଇଚ୍ଛା ଜାଗ୍ରତ ହେଲା ତାଙ୍କ ମନରେ।ସେ ଚିନ୍ତା କଲେ, ତାଙ୍କ ପୁତ୍ର ହୋଇ ବେଲାଳସେନ କଣ ତାଙ୍କୁ ଶ୍ରେୟ ଦେବନାହିଁ? ନିଶ୍ଚିତ ଭାବରେ ସେ ପିତା ଭୀମସେନଙ୍କୁ ଶ୍ରେଷ୍ଠତମ ଯୋଦ୍ଧା ଭାବରେ ଚୟନ କରିବ। ଉତ୍କଣ୍ଠା ସହିତ ଭୀମ ବେଲାଳର ଛିନ୍ନ ଶିରକୁ ଚାହିଁ ରହିଲେ।

ହସି ହସି ବେଲାଳର ଛିନ୍ନଶିର କହିଲା... ହେ ମାଧବ! ମହା ବିନାଶକାରୀ ଏହି ଯୁଦ୍ଧରେ, କୌରବ ପକ୍ଷର ହେଉ ବା ପାଣ୍ଡବ ପକ୍ଷ, କେହି କାହାକୁ ମାରିବାର ମୁଁ ଦେଖିନାହିଁ।ସବୁ ଯୋଦ୍ଧା ନିଜ ନିଜର ଅସ୍ତ୍ର ଚାଳନା କରୁଥାନ୍ତି କିନ୍ତୁ ଉଭୟ ପକ୍ଷର ସୈନ୍ୟମାନଙ୍କୁ ନିହତ କରୁଥାଏ ଗୋଟିଏ ଚକ୍ର। ଘୋର ଘର୍ଘର ନାଦରେ କୌରବ ପକ୍ଷର କିଛି ସୈନ୍ୟ ନିହତ କରି ସେ ପାଣ୍ଡବ ପକ୍ଷକୁ ଚାଲି ଯାଉଥାଏ। ପାଣ୍ଡବ ପକ୍ଷର କିଛି ସୈନ୍ୟ ନିହତ କରି ଚକ୍ର ପୁଣି ଚାଲିଯାଉଥାଏ କୌରବ ପକ୍ଷକୁ ବିନାଶ କରିବାପାଇଁ।

ବେଲାଳର ଏଭଳି ଉକ୍ତିରେ ପ୍ରଚଣ୍ଡ କ୍ରୋଧରେ କମ୍ପିଗଲେ ଭୀମସେନ। କହିଲେ... କୁଳାଙ୍ଗାର! ମୋ ପୁତ୍ର ହୋଇ ମୋ ପ୍ରତି ଏତେ ଅବମାନନା ! କାଳଚକ୍ର ଭଳି ଯୁଦ୍ଧ କ୍ଷେତ୍ରରେ ବୁଲି ବୁଲି ମୁଁ ଶତ୍ରୁ ସଂହାର କରିବା ତୋତେ ଦେଖାଗଲା ନାହିଁ? ଦୁର୍ଯ୍ୟୋଧନର ସବୁ ଭାଇମାନଙ୍କୁ ମୁଁ ଏକାକୀ ବିନାଶ କରିବା ମଧ୍ୟ ତୋତେ ଦେଖାଗଲା ନାହିଁ? ଏହା କହି ଭୀମ ଉଠାଇଲେ ବାଉନଭାର ଓଜନର ଗଦା ଏବଂ ପ୍ରହାର କଲେ ବେଲାଳର ଛିନ୍ନ ଶିର ଉପରେ। ପର କ୍ଷଣରେ ମାଟିରେ ମିଶିଗଲା, କିଛି ସମୟ ପୂର୍ବରୁ 'ଓମ୍ ହରି' କହି ହସୁଥିବା ବେଲାଳର ଛିନ୍ନ ମସ୍ତକ। ଅନନ୍ତ ସତ୍ତାରେ ବିଲୀନ ହୋଇଗଲା ବେଲାଳସେନର ପବିତ୍ର ଆତ୍ମା।

ବେଲାଳକୁ ମୃତ୍ୟୁ ଦାନ କରି ଅନୁତପ୍ତ ଭୀମସେନ ଠିଆ ହୋଇ ଥିଲେ ମୁହଁ ତଳକୁ ପୋତି। ଶ୍ରୀକୃଷ୍ଣ କହିଲେ... କ୍ରୋଧ ଶାନ୍ତ ହେଲା ଭୀମସେନ? ଅହଙ୍କାରର ବଶବର୍ତ୍ତୀ ହୋଇ ତୁମେ ଏ କଣ କଲ ବୃକୋଦର! ଚିନ୍ତା କରିଥିଲି ବେଲାଳସେନକୁ ଜୀବନ୍ୟାସ ଦେଇ ମୁଁ ତୁମ କୋଳରେ ସମର୍ପଣ କରିବି।ପାଣ୍ଡବ କୁଳର ଏକମାତ୍ର ଦୀକ୍ ଦୀକ୍ ହେଉଥିବା ଦୀପଶିଖାକୁ ମଧ୍ୟ ତୁମେ ନିର୍ବାପିତ କରିଦେଲ। ଅହଙ୍କାର ଏହିପରି ପ୍ରାଣୀର ଜ୍ଞାନ ନାଶ କରିଥାଏ। ବେଲାଳ ଠିକ୍ କହିଥିଲା... କୌଣସି ମନୁଷ୍ୟ ନୁହେଁ, କାଳଚକ୍ର ହିଁ ଉଭୟ ପକ୍ଷର ସୈନ୍ୟମାନଙ୍କୁ ନିହତ କରୁଥିଲା। ବେଲାଳ ତାର ଦିବ୍ୟ ଦୃଷ୍ଟି ଯୋଗୁଁ ତାହା ଦେଖି ପାରିଥିଲା। ଏ ସଂସାରରେ ପ୍ରତ୍ୟେକ ପ୍ରାଣୀ କାଳଚକ୍ରର ଅଧୀନ।

Source: Author, Digitized by PPRACHIN, SOA

ଯେଉଁମାନେ ଯୁଦ୍ଧରୁ ବଞ୍ଚି ଯାଇଛନ୍ତି ସେମାନଙ୍କର କାଳ ଆସିନାହିଁ ବୋଲି ବଞ୍ଚି ଯାଇଛନ୍ତି। ମୁଁ ଏବେ ମଧ୍ୟ କହୁଛି ଭୀମସେନ ତୁମେ କିଛି କରିନାହିଁ, କେବଳ କର୍ତ୍ତବ୍ୟ ହିଁ କରିଛ, ଯାହା କିଛି କରିଛି ସେ କାଳଚକ୍ର ହିଁ କରିଛି।

ଲୋଭ ମୋହ କାମ କ୍ରୋଧ ଅସୂୟାରେ ବିଜଡିତ ମନୁଷ୍ୟ ଏକଥା ହୃଦୟଙ୍ଗମ କରିପାରେ ନାହିଁ। ସେଥିପାଇଁ ଦୁର୍ଯ୍ୟୋଧନ ପରି ସେ ମୋହଗ୍ରସ୍ତ ହୋଇ ଅନ୍ୟାୟ ଅନାଚାର କରିଚାଲେ। ଶେଷରେ ତାର ପତନ ହୁଏ।

ଶ୍ରୀକୃଷ୍ଣଙ୍କ ଉପଦେଶ ଭୀମସେନଙ୍କ ଜ୍ଞାନ ଚକ୍ଷୁ ଖୋଲିଦେଲା। ଯୋଡ ହସ୍ତରେ ଭୀମସେନ କହିଲେ... ମୋ ଅପରାଧ କ୍ଷମା କରନ୍ତୁ କେଶବ ! ମୁଁ ଅନୁତପ୍ତ।

-୦-

(୧୦୪)

ସୁବର୍ଣ୍ଣ ନେଉଳ

ଯୁଧିଷ୍ଠିର ହସ୍ତିନାର ରାଜ ସିଂହାସନ ଆରୋହଣ କଲାପରେ ଏକ ବିରାଟ ଅଶ୍ୱମେଧ ଯଜ୍ଞର ଆୟୋଜନ କଲେ। ମହା ଆଡ଼ମ୍ବରରେ ଯଜ୍ଞ କାର୍ଯ୍ୟ ସଂପାଦନ ହୋଇ ସମାପନ ସମୟ ଆସିଲା। ଆର୍ଯ୍ୟାବର୍ତ୍ତର ବିଭିନ୍ନ ରାଜ୍ୟରୁ ରାଜା ଏବଂ ରାଜପୁତ୍ରମାନେ ଏହି ଯଜ୍ଞକୁ ନିମନ୍ତ୍ରିତ ହୋଇଥିଲେ। ମହାନ ପଣ୍ଡିତ ଏବଂ ବେଦଜ୍ଞ ବ୍ରାହ୍ମଣ ମାନେ ମଧ୍ୟ ନିମନ୍ତ୍ରିତ ହୋଇଥିଲେ। ରାଜ୍ୟର ଦୁଃଖୀ ରଙ୍କି ଦରିଦ୍ର ବ୍ୟକ୍ତି ମାନଙ୍କୁ ଅନେକ ଧନରତ୍ନ ଦାନ ଧର୍ମରେ ବିତରଣ କରାଗଲା। ସମସ୍ତେ ଯୁଧିଷ୍ଠିରଙ୍କୁ ଆଶୀର୍ବାଦ ଦେଇ ରାଜପରିବାର ଏବଂ ରାଜ୍ୟର ମଙ୍ଗଳ କାମନା କଲେ। ହସ୍ତିନାର ପ୍ରଜାମାନେ କୁହାକୁହି ହେଲେ ଯେ ଏପରି ଯଜ୍ଞ, ସେମାନଙ୍କ ହେତୁ ପାଇଲା ଦିନରୁ ଦେଖିନଥିଲେ।

ଯଜ୍ଞ ଉଦ୍‌ଯାପନ ସମୟରେ ହଠାତ୍ ଏକ ଅଦ୍ଭୁତ ନେଉଳ ଯଜ୍ଞପୀଠରେ ପହଞ୍ଚିଲା।ନେଉଳର ମସ୍ତକ ଏବଂ ଦେହର ଅର୍ଦ୍ଧେକ ଅଂଶ ସୁବର୍ଣ୍ଣ ରଙ୍ଗର ଥିଲା। ସେଠାରେ ପହଞ୍ଚି ନେଉଳ ଯଜ୍ଞବେଦୀ ଉପରେ ଗଡିବା ଆରମ୍ଭ କଲା। କିଛି ସମୟ ଗଡିବା ପରେ ନେଉଳ ମନୁଷ୍ୟ ସ୍ୱରରେ ଅଟ୍ଟହାସ କରିବାକୁ ଲାଗିଲା। ଯୁଧିଷ୍ଠିରଙ୍କର ଏହି ଯଜ୍ଞକୁ ତାଚ୍ଛଲ୍ୟକରି ନେଉଳ କହିଲା... ସେ ବ୍ରାହ୍ମଣ ପରିବାରର ସମର୍ପଣ ଆଗରେ ଏହା ଅତ୍ୟନ୍ତ ତୁଚ୍ଛ।

Source: Author, Digitized by PPRACHIN, SOA

ଉପସ୍ଥିତ ବ୍ରାହ୍ମଣ ଏବଂ ରାଜାମାନେ ଆଶ୍ଚର୍ଯ୍ୟ ହେବାକୁ ଲାଗିଲେ । ଏଭଳି ଅଦ୍ଭୁତ ପ୍ରାଣୀ ସେମାନେ ଆଗରୁ ଦେଖି ନଥିଲେ । ନେଉଳ ଯାହା କହିଲା ତାହା ମଧ୍ୟ କେହି ବୁଝି ପାରିଲେ ନାହିଁ।ସମସ୍ତେ ଭାବିଲେ ଏ ବୋଧହୁଏ କୌଣସି ଭୂତପ୍ରେତ;ଯଜ୍ଞରେ ବିଘ୍ନ ସୃଷ୍ଟି କରିବାପାଇଁ ଆସିଛି । ଯଜ୍ଞର ପୁରୋଧା ନେଉଳକୁ ପ୍ରଶ୍ନକଲେ... କିଏ ତୁମେ ଅଦ୍ଭୁତ ଜୀବ ! ଦେହର ଅଧା ଅଂଶ କିପରି ସୁନା ହେଲା ? କେଉଁଠାରୁ ତୁମେ ଆସିଛ ଏବଂ ତୁମର ଅଭିପ୍ରାୟ କଣ ? ଯେଉଁ ଯଜ୍ଞ, ଶାସ୍ତ୍ର ଅନୁଯାୟୀ ସଫଳତା ପୂର୍ବକ ସମାପିତ ହୋଇଛି ତାକୁ ତୁମେ ଏଭଳି ତାଚ୍ଛଲ୍ୟ କରିବା ଅର୍ଥ କଣ ?

ନେଉଳର ଉତ୍ତର ଶୁଣିବା ପାଇଁ ସେଠାରେ ଉତ୍ସୁକତା ସହିତ ସମସ୍ତେ ଚାହିଁ ରହିଛନ୍ତି । ଯୁଧିଷ୍ଠିରଙ୍କ ସମେତ ପଞ୍ଚପାଣ୍ଡବ, କୁନ୍ତୀ, ଧୃତରାଷ୍ଟ୍ର, ଗାନ୍ଧାରୀ ଏବଂ ଦ୍ରୌପଦୀ ସେଠାରେ ଆସି ପହଞ୍ଚିଲେ ଏହି ଅଦ୍ଭୁତ ପ୍ରାଣୀର ହାବଭାବ ଓ କଥା ଶୁଣିବା ପାଇଁ। ମନୁଷ୍ୟ କଣ୍ଠରେ ନକୁଳଟି କହିଲା... ହେ ଉପସ୍ଥିତ ସୁଧିବୃନ୍ଦ ! ମୋତେ ଆପଣମାନେ ଭୁଲ ବୁଝନ୍ତୁ ନାହିଁ। ମୁଁ ଚକ୍ରବର୍ତ୍ତୀ ଯୁଧିଷ୍ଠିରଙ୍କ ବୈଭବରେ ଈର୍ଷାନ୍ୱିତ ହୋଇ ଏପରି କହିନାହିଁ। ମୁଁ କାହିଁକି ଏପରି କହିଲି ଏବଂ ମୋର ଶରୀରର ଅର୍ଦ୍ଧେକ ଅଂଶ କାହିଁକି ସୁନା ହୋଇଯାଇଛି ଜାଣିବାକୁ ହେଲେ ଆପଣମାନଙ୍କୁ ଧୈର୍ଯ୍ୟର ସହିତ ମୋ କଥା ଶୁଣିବା ପାଇଁ ପଡିବ । ଶୁଣନ୍ତୁ...

ଅନେକ ବର୍ଷ ପୂର୍ବେ ହସ୍ତିନାରେ ଗୋଟିଏ ଜ୍ଞାନୀ ଗୁଣୀ ବ୍ରାହ୍ମଣ ପରିବାର ରହୁଥିଲେ । ସେ ପରିବାରରେ ପିତା ମାତା ପୁତ୍ର ଏବଂ ବଧୂକୁ ମିଶାଇ ଚାରି ଜଣ ସଦସ୍ୟ ଥିଲେ । ନିଜ କୌଳିକ କର୍ମ କରି ସେମାନେ ଶାନ୍ତିରେ ଜୀବନଯାପନ କରୁଥିଲେ । ସେମାନଙ୍କ ପୂରା ପରିବାର ଏକତ୍ର ବସି ଦିନରେ ଥରେ ମାତ୍ର ଅପରାହ୍ନରେ ଖାଦ୍ୟ ଗ୍ରହଣ କରୁଥିଲେ । କୌଣସି କାରଣରୁ ଯେବେ ଖାଦ୍ୟ ସଂଗ୍ରହ ହୋଇନପାରିଲା, ସେମାନେ ପରଦିନ ଅପରାହ୍ନ ପର୍ଯ୍ୟନ୍ତ ଅପେକ୍ଷା କରୁଥିଲେ, ମଝିରେ କିଛି ଖାଦ୍ୟ ଗ୍ରହଣ କରୁନଥିଲେ ।

ଏହିଭଳି ଶାନ୍ତିରେ ସେମାନଙ୍କ ଦିନଗୁଡ଼ିକ କଟିଯାଉଥିଲା, କିନ୍ତୁ ହଠାତ୍ ଥରେ ହସ୍ତିନାରେ ମରୁଡି ପଡ଼ିଲା । ମରୁଡି ପରେ ପରେ ପଡିଲା ଦୁର୍ଭିକ୍ଷ । ଅନାହାରରେ ଅନେକ ନାଗରିକ ପ୍ରାଣ ହରାଇଲେ । ବ୍ରାହ୍ମଣ ପରିବାରର ସଦସ୍ୟ ମାନେ ମଧ୍ୟ ଖାଦ୍ୟ ଅଭାବରେ ଭୀଷଣ କଷ୍ଟ ଭୋଗ କରି ଅସ୍ଥି କଂକାଳସାର ହୋଇଗଲେ । କିଛି ଦିନ ଏହିପରି ଅନାହାରରେ ରହିବାପରେ ଦିନେ ବ୍ରାହ୍ମଣ କୌଳିକ ବୃତ୍ତି ସଂପାଦନ କରି କିଛି ମକା ପାରିଶ୍ରମିକ ଆକାରରେ ପାଇଲେ । ସେହି ମକାକୁ ଚୂନା କରି ଖାଦ୍ୟ ପ୍ରସ୍ତୁତ କଲେ ବ୍ରାହ୍ମଣଙ୍କ ଗୃହିଣୀ ଏବଂ ଖାଦ୍ୟକୁ ସମଭାବରେ ସଦସ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦେଲେ ।

Source: Author, Digitized by PPRACHIN, SOA

ପରିବାରର ବିଧି ଅନୁଯାୟୀ ସମସ୍ତେ ଏକତ୍ର ବସି ଭୋଜନ କରିବାକୁ ଯାଉଛନ୍ତି; ଏହି ସମୟରେ ଦ୍ୱାରଦେଶରେ ଜଣେ ବୁଭୁକ୍ଷୁ ବ୍ରାହ୍ମଣ ଆସି ଖାଦ୍ୟ ଆଶାରେ ଦଣ୍ଡାୟମାନ ହେଲେ।ସେ ଗୃହକର୍ତ୍ତାଙ୍କୁ କହିଲେ... ମହାଶୟ, ଗତ କିଛି ଦିନ ଧରି ମୋ ପେଟରେ ଦାନା କଣିକାଏ ପଡ଼ିନାହିଁ; କିଛି ଖାଦ୍ୟ ଦେଇ ମୋର ଜୀବନ ରକ୍ଷା କରନ୍ତୁ।

ନିଜେ ଭୋକରେ ଆଉଟୁପାଉଟୁ ହେଉଥିଲେ ମଧ୍ୟ ଗୃହସ୍ୱାମୀ ଆଗନ୍ତୁକ ବ୍ରାହ୍ମଣଙ୍କୁ କହିଲେ... ମହାଶୟ ! ଆପଣ ଆଜି ଆମର ଅତିଥି; ତେଣୁ ଦେବତାଙ୍କ ସହିତ ସମାନ। କୌଳିକ ବୃତ୍ତି ସଂପାଦନ କରି ମୁଁ ଯେଉଁ ଖାଦ୍ୟ ସଂଗ୍ରହ କରିଛି ସେଥିରୁ ମୁଁ ମୋ ଭାଗ ଆପଣଙ୍କୁ ଦେଉଛି, ଆପଣ ଭୋଜନ କରି ତୃପ୍ତି ଲାଭ କରନ୍ତୁ। ଏହା କହି ଗୃହସ୍ୱାମୀ ବୁଭୁକ୍ଷୁ ବ୍ରାହ୍ମଣ ଅତିଥିଙ୍କୁ ନିଜ ଅଂଶର ଖାଦ୍ୟତକ ଦେଇଦେଲେ।

ସେତିକିରେ କିନ୍ତୁ ବୁଭୁକ୍ଷୁ ବ୍ରାହ୍ମଣଙ୍କର କ୍ଷୁଧା ମେଣ୍ଟିଲା ନାହିଁ। ସେ ଆହୁରି ଖାଇବାକୁ ଇଚ୍ଛା କଲେ। ଗୃହସ୍ୱାମୀ କଣ କରିବେ ଚିନ୍ତା କରୁଛନ୍ତି; ଏହି ସମୟରେ ତାଙ୍କ ପତ୍ନୀ ତାଙ୍କୁ ଭିତରକୁ ଡ଼ାକି କହିଲେ... ସ୍ୱାମୀ ! ଆପଣ ମୋ ଭାଗ ଖାଦ୍ୟ ଅତିଥି ଦେବତାଙ୍କୁ ଦେଇଦିଅନ୍ତୁ। ଗୃହସ୍ୱମୀ କହିଲେ... ତୁମେ ଏ କଣ କହୁଛ ! କ୍ଷୁଧାରେ ତୁମର ପ୍ରାଣ କଣ୍ଠାଗ୍ରତ, ଖାଦ୍ୟ ଦାନ କରି ତୁମେ ମୃତ୍ୟୁ ବରଣ କଲେ ମୁଁ ନିଜକୁ କ୍ଷମା କରିପାରିବି ନାହିଁ।

ଏହା ଶୁଣି ପତ୍ନୀ କହିଲେ... ମୁଁ ଆପଣଙ୍କର ଅର୍ଦ୍ଧାଙ୍ଗିନୀ, ସମସ୍ତ ପାପ ପୁଣ୍ୟର ସହଭାଗିନୀ। ଖାଦ୍ୟ ନପାଇ ଅତିଥି ଆପଣଙ୍କୁ ଅଭିଶାପ ଦେଲେ ମୁଁ ନିଜକୁ କ୍ଷମା କରିପାରିବି ନାହିଁ। ଆଉମଧ୍ୟ ଖାଦ୍ୟ ଅଭାବରେ ଆପଣଙ୍କର ମୃତ୍ୟୁ ହେଲେ ମୋର ଏ ତୁଚ୍ଛ ଜୀବନ ଥାଇ ଲାଭ କଣ ?

ପତ୍ନୀଙ୍କ କଥା ଶୁଣି ଗୃହସ୍ୱାମୀ ତାଙ୍କ ଭାଗ ଖାଦ୍ୟ ନେଇ ଅତିଥିଙ୍କୁ ଦେଲେ। କିନ୍ତୁ ସେଥିରେ ମଧ୍ୟ ଅତିଥିଙ୍କର ବୁଭୁକ୍ଷା ମେଣ୍ଟିଲା ନାହିଁ। ଏହା ଦେଖି ଗୃହସ୍ୱାମୀଙ୍କ ପୁତ୍ର ତା' ଭାଗର ଖାଦ୍ୟ ଦେଇ ଅତିଥିଙ୍କ କ୍ଷୁଧା ମେଂଟାଇବା ପାଇଁ ଚାହିଁଲା। ଗୃହସ୍ୱାମୀ କହିଲେ... ପୁତ୍ର ! ତୁମେ ମୋର ଏକୋଇର ବଳା ବିଶିକେଶନ। ତୁମର କିଛି କ୍ଷତି ହେଲେ ମୋ ହୃଦୟ ଫାଟିଯିବ। ଅତିଥି ମୋତେ ଅଭିଶାପ ଦିଅନ୍ତୁ ପଛେ ତୁମେ ତୁମ ଭାଗର ଖାଦ୍ୟ ଦିଅ ନାହିଁ। ପୁତ୍ର କହିଲା... ପିତା ! କଥିତ ଅଛି ପୁତ୍ର କେବଳ କୁଳ ରକ୍ଷାକାରୀ ନୁହେଁ କୁଳର ଗୌରବ ରକ୍ଷାକାରୀ ମଧ୍ୟ। ବ୍ରାହ୍ମଣ ଦେବତା ଦୁଆରୁ ଅସନ୍ତୁଷ୍ଟ ହୋଇ ଚାଲିଗଲେ କୁଳର ଗୌରବହାନୀ ହେବ ଏବଂ ଆମର ପୂର୍ବପୁରୁଷମାନେ ଆମକୁ ଅଭିଶାପ ଦେବେ। କୁହାଯାଏ ପୁତ୍ର ପିତାର ଛାୟା ସଦୃଶ। ଆପଣଙ୍କ ଆଦର୍ଶ ମୋର ମଧ୍ୟ ଆଦର୍ଶ। ଯେଉଁ

Source: Author, Digitized by PPRACHIN, SOA

ଆଦର୍ଶରେ ଆପଣ ମୋତେ ଗଢ଼ିଛନ୍ତି ସେ ଅନୁପ୍ରେରଣା ମୋତେ କହୁଛି ଯେ କୂଳ ଗୌରବ ରକ୍ଷାପାଇଁ ମୁଁ ମୋ ଖାଦ୍ୟ ଅଂଶ ମଧ୍ୟ ଅତିଥି ଦେବତାଙ୍କୁ ଦାନ କରିବି । ଏହା କହି ପୁତ୍ର ମଧ୍ୟ ନିଜ ଅଂଶ ଖାଦ୍ୟ ଅତିଥି ଦେବତାଙ୍କୁ ଦାନ କରିଦେଲା ।

ଏହା ଭୋଜନ କରିବା ପରେ ମଧ୍ୟ ଅତିଥିଙ୍କର ବୁଭୁକ୍ଷା ମେଣ୍ଟିଲା ନାହିଁ । ଶେଷରେ ଗୃହର ପୁତ୍ରବଧୂ ନିଜ ଅଂଶ ଖାଦ୍ୟ ଦେଇ ତା ସ୍ୱାମୀକୁ କହିଲା... କୂଳବଧୂ ଭାବେ ସର୍ବପ୍ରଥମେ ମୁଁ ମୋ ଅଂଶ ଖାଦ୍ୟ ଅତିଥିଙ୍କୁ ଦେବା କଥା; ମୋର ସେହି ଭୁଲ୍ ପାଇଁ କ୍ଷମା କରନ୍ତୁ ଏବଂ ଅତିଥି ଦେବତାଙ୍କୁ ମୋ ଭାଗର ଖାଦ୍ୟ ଦେଇ ସନ୍ତୁଷ୍ଟ କରନ୍ତୁ ।

ସବୁ ଖାଦ୍ୟ ଗ୍ରହଣ କଲାପରେ ଅତିଥିଙ୍କର ବୁଭୁକ୍ଷା ଦୂର ହେଲା । ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ସେ କହିଲେ... ହେ ମହାନ ! ଆପଣଙ୍କ ଦାନ ଅତୁଳନୀୟ ! ଆପଣଙ୍କ ପରିବାର ବୈକୁଣ୍ଠ ଠାରୁ କମ୍ ନୁହେଁ । ଏଠାରେ ଯେଉଁ ପାରସ୍ପରିକ ପ୍ରେମ ରହିଛି ତାହା ଅତୁଳନୀୟ । ବୁଭୁକ୍ଷା ମନୁଷ୍ୟର ବୁଦ୍ଧି, ଜ୍ଞାନ, ବିବେକ, ସବୁ ନଷ୍ଟ କରିଦିଏ । କ୍ଷୁଧାରେ ଆଉଟୁପାଉଟୁ ହୋଇ ପ୍ରାଣୀ ସନ୍ତାନକୁ ମଧ୍ୟ ଭୋକିଲା ମରିବାକୁ ଦେଇ ନିଜ ଉଦର ପୂରଣ କରିବା ଦୃଷ୍ଟାନ୍ତ ଅନେକ ରହିଛି । କିନ୍ତୁ ଆପଣମାନେ ପ୍ରାଣାନ୍ତକ ଭୋକରେ ଆଉଟୁପାଉଟୁ ହୋଇ ମଧ୍ୟ, ଜଣେ ଅତିଥିର କ୍ଷୁଧା ମେଣ୍ଟାଇଛନ୍ତି, ଏପରି ଦାନର ତୁଳନା ନାହିଁ; ଏହା କୌଣସି ରାଜସୂୟ ଯଜ୍ଞ କିମ୍ବା ଅଶ୍ୱମେଧ ଯଜ୍ଞର ଦିଆଯାଉଥିବା ଦାନରୁ ମଧ୍ୟ ଅଧିକ । ଆପଣଙ୍କୁ ସ୍ୱର୍ଗକୁ ନେଇଯିବା ପାଇଁ ବିମାନ ସହିତ ମାତଳି ଆପଣଙ୍କ ଦ୍ୱାରଦେଶରେ ପ୍ରସ୍ତୁତ, ଆସନ୍ତୁ ।

ଆଶ୍ଚର୍ଯ୍ୟ ହୋଇ ଗୃହସ୍ୱାମୀ ପଚାରିଲେ... କିଏ ଆପଣ ମହାତ୍ମା, ମୋ ଗରିବ କୁଟୀରରେ ପାଦରଖି ମୋ ପରିବାରକୁ ଧନ୍ୟ କଲେ !

ଅତିଥି କହିଲେ... ମୁଁ ସ୍ୱୟଂ ଦେବରାଜ ଇନ୍ଦ୍ର । ଆପଣଙ୍କ ଅତୁଳନୀୟ ଦାନର ପ୍ରଭାବରେ ଆପଣ ସମଗ୍ର ହସ୍ତିନା ରାଜ୍ୟକୁ ପବିତ୍ର କରିଛନ୍ତି । ଆଜିଠାରୁ ମରୁଡ଼ି ଓ ଦୁର୍ଭିକ୍ଷର ଛାୟା ମଧ୍ୟ ଏହି ରାଜ୍ୟରୁ ଦୂର ହୋଇଯିବ ।

ଗଳ୍ପଟି କହିସାରି ନେଉଳ ଯୁଧିଷ୍ଠିରଙ୍କୁ ଚାହିଁ କହିଲା... ହେ ରାଜନ୍ ! ମୁଁ ସେହି ସମୟରେ ସେଠାରେ ଉପସ୍ଥିତ ଥିଲି । ଯେଉଁ ଖାଦ୍ୟ ଅତିଥି ଭୋଜନ କରୁଥିଲେ ତା'ର ବାସ୍ନା ମୋ ନାକରେ ବାଜି ମୋ ମୁଣ୍ଡଟି ସୁନା ପାଲଟିଗଲା । ସେଠାରେ 'ମକା'ର ସାମାନ୍ୟ ଚୂନା ପଡ଼ିଥିଲା । ଆନନ୍ଦରେ ମୁଁ ତା ଉପରେ ଗଡିଗଲି । ତା ପ୍ରଭାବରେ ମୋର ଶରୀରର ଅର୍ଦ୍ଧେକ ଅଂଶ ସୁନା ପାଲଟି ଯାଇଛି । ବାକି ଅଂଶକୁ ସୁନାରେ ପରିଣତ କରିବା ପାଇଁ ମୁଁ ଅନେକ ଯଜ୍ଞପୀଠ ଭ୍ରମଣ କରିସାରିଛି । କେଉଁଠାରେ ମଧ୍ୟ ହସ୍ତିନାର ସେହି ବ୍ରାହ୍ମଣ ପରିବାରର ଦାନ ପରି ପବିତ୍ର ଓ ମହାନ ଦାନ ଦେଖି ପାରିଲି ନାହିଁ । ଆସିଥିଲି

Source: Author, Digitized by PPRACHIN, SOA

ଏଠାରେ ଯଜ୍ଞବେଦୀ ଉପରେ ଗଡ଼ି ଶରୀରର ବାକି ଅଂଶକୁ ସୁନା କରିବି ବୋଲି; ସମ୍ଭବ ହେଲାନାହିଁ, ଫେରିଯାଉଛି। ଏହା କହି ନେଉଳଟି ସେ ସ୍ଥାନ ଛାଡି ଚାଲିଗଲା।

-୦-

(୧୦୫)

ମାନସିକତାର ପରୀକ୍ଷା

ମହାଭାରତ ଯୁଦ୍ଧ ପରେ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କଠାରୁ ବିଦାୟ ନେଇ ଦ୍ୱାରକା ଅଭିମୁଖେ ଯାତ୍ରା ଆରମ୍ଭ କଲେ। ବାଟରେ ମରୁସ୍ଥଳରେ ବାଲ୍ୟସଖା ଉତ୍ତାଙ୍ଗଙ୍କ ଆଶ୍ରମ ପଡ଼ିଲା। ବାଲ୍ୟସଖାଙ୍କ ଆଶ୍ରମ ଅନାମୟ ପଚାରିବା ପାଇଁ ଶ୍ରୀକୃଷ୍ଣ ରଥରୁ ଓହ୍ଲାଇ ବ୍ରାହ୍ମଣଙ୍କ ନିକଟରେ ପହଞ୍ଚିଲେ। ଦ୍ୱାରକାପତିଙ୍କ ଦର୍ଶନରେ ଆନନ୍ଦରେ ଗଦ୍ଗଦ ହୋଇ ଉତ୍ତାଙ୍ଗ ତାଙ୍କୁ ଆଲିଙ୍ଗନ କରି ପାଣ୍ଡବ ଏବଂ କୌରବଙ୍କ ଭଲ-ମନ୍ଦ ଜାଣିବାପାଇଁ ପଚାରିଲେ... କେଶବ ! ମନେହୁଏ ଆପଣ ହସ୍ତିନାରୁ ଫେରୁଛନ୍ତି। ସେଠାରେ ଆପଣଙ୍କ ପାଣ୍ଡବ ଏବଂ କୌରବ ଭାଇମାନେ ଭଲରେ ଅଛନ୍ତି ତ ? ସେମାନଙ୍କ ମଧ୍ୟରେ ଭ୍ରାତୃସ୍ନେହ ଅତୁଟ ରହିଛି ତ ? ଉଭୟେ ଶାନ୍ତିରେ ପ୍ରଜାପାଳନ କରୁଛନ୍ତି ତ ?

ବାଲ୍ୟ ବନ୍ଧୁଙ୍କର ଏହି ପ୍ରଶ୍ନରେ ଆଶ୍ଚର୍ଯ୍ୟ ହେଲେ ଶ୍ରୀକୃଷ୍ଣ। ନିରୀହ ବ୍ରାହ୍ମଣ ନିଜ ଆଶ୍ରମ ଭିତରେ ତପଶ୍ଚର୍ଯ୍ୟାରେ ବିଲୀନ ରହି ବାହାର ଦୁନିଆଁରେ କଣ ସବୁ ଘଟିଯାଇଛି ଜାଣି ପାରିନାହାନ୍ତି। ଉତ୍ତାଙ୍ଗଙ୍କୁ ଚାହିଁ ଶ୍ରୀକୃଷ୍ଣ କହିଲେ... ତୁମେ କେଉଁ ରାଜ୍ୟରେ ଅଛ ବନ୍ଧୁ ? ଗଙ୍ଗା ନଦୀରେ ଏତେ ଜଳ ବହିଗଲାଣି ତୁମେ କିଛି ଜାଣିନାହଁ ? ତପସ୍ୟା ଭିତରେ ମଜ୍ଜିରହି ତୁମେ ପୃଥିବୀରେ ଘଟୁଥିବା ଘଟଣାବଳୀକୁ ବୋଧହୁଏ ଜାଣିପାରି ନାହଁ।

ତା'ପରେ ପାଣ୍ଡବ ଏବଂ କୌରବଙ୍କ ଭିତରେ ଘଟିଥିବା ସଂଘର୍ଷ ବିଷୟରେ ଟିକିନିଖି ବର୍ଣ୍ଣନାକରି ଶ୍ରୀକୃଷ୍ଣ କହିଲେ... ବନ୍ଧୁ ଉତ୍ତାଙ୍ଗ ! ମୁଁ ଅନେକ ଚେଷ୍ଟା କଲି ସେମାନଙ୍କ ମନୋମାଳିନ୍ୟ ଦୂର କରିବା ପାଇଁ, କିନ୍ତୁ ଦୁର୍ଯ୍ୟୋଧନ ଈର୍ଷାପରବଶ ହୋଇ ପାଣ୍ଡବମାନଙ୍କୁ ସେମାନଙ୍କ ପୈତୃକ ଅଧିକାର ଦେବାପାଇଁ ପ୍ରସ୍ତୁତ ହେଲେ ନାହିଁ। ସେମାନଙ୍କୁ ମୁଁ ପ୍ରଥମେ ବୁଝାଇଲି, ପରେ ଡରାଇଲି, ଏପରି କି ବିଶ୍ୱରୂପ ଦେଖାଇ ଭୟଭୀତ କରିବାକୁ ଚେଷ୍ଟାକଲି କିନ୍ତୁ ମୋର ସବୁ ପ୍ରଚେଷ୍ଟା ବିଫଳ ହେଲା। ବୁଦ୍ଧି ଓ ବିବେକ ଘରେ ତାଲା ପକାଇ ଦୁର୍ଯ୍ୟୋଧନ ସେହି ଗୋଟିଏ ଜିଦ୍‌ରେ ଅଟଳ ରହିଲେ.. ବିନା

Source: Author, Digitized by PPRACHIN, SOA

ଯୁଦ୍ଧେ ଦେବି ନାହିଁ ସୂଚ୍ୟଗ୍ର ମେଦିନୀ। ଅପତ୍ୟ ମୋହରେ ବନ୍ଧା ଧୃତରାଷ୍ଟ୍ର ମଧ୍ୟ ପୁତ୍ରମାନଙ୍କୁ ସମର୍ଥନ କଲେ। କୌରବଙ୍କର ଅନ୍ୟାୟ ଅନାଚାର ବଢ଼ିବାରେ ଲାଗିଲା; ମୋ ଶାନ୍ତି ପ୍ରସ୍ତାବକୁ ସେମାନେ ପାଣ୍ଡବ ପକ୍ଷର ଦୁର୍ବଳତା ବୋଲି ଭାବିଲେ। ଯାହା ଅବଶ୍ୟମ୍ଭାବୀ ତାହା ଘଟିଲା। ଭୟଙ୍କର ଯୁଦ୍ଧରେ କୌରବ ମାନଙ୍କର ପରାଜୟ ହେଲା। ଯୁଦ୍ଧର ପରିଣାମ ସ୍ୱରୂପ ସାରା ଜମ୍ବୁଦ୍ୱୀପ ବୀର ଶୂନ୍ୟ ହୋଇ ଗଲା। ବଡ଼ ଆଶ୍ଚର୍ଯ୍ୟ କଥା ଉତ୍ତାଙ୍କ ! ତୁମେ ଏସବୁ କିଛି ଜାଣି ପାରିଲ ନାହିଁ!

ଶ୍ରୀକୃଷ୍ଣଙ୍କ ଠାରୁ ଏହି ମହା ବିଧ୍ୱଂସକ ଯୁଦ୍ଧ ବିଷୟରେ ଶୁଣି ଭୟଙ୍କର କ୍ରୋଧରେ ଉତ୍ତାଙ୍କଙ୍କ ଚକ୍ଷୁ ରକ୍ତବର୍ଣ୍ଣ ହେଲା। ସେ କହିଲେ... ଏସବୁ ଘଟଣା ଘଟିଗଲା ଆଉ ତୁମେ ସେଠାରେ ନିରବଦ୍ରଷ୍ଟା ହୋଇ ଠିଆ ହୋଇଥିଲ ? କିଏ ଏ କଥା ବିଶ୍ୱାସ କରିବ ? ତୁମେ ସବୁ ନାଟର ଗୋବର୍ଦ୍ଧନ ଚକ୍ରୀ! ତୁମେ ଚାହିଁଥିଲେ ଯୁଦ୍ଧ ଏଡ଼ାଇ ପାରିଥାନ୍ତ; ତୁମର ଅତ୍ୟଧିକ ପାଣ୍ଡବ ସ୍ନେହ ବୋଧହୁଏ ଏହା କରିବାକୁ ଦେଲା ନାହିଁ। ଏବେ ମୋର କ୍ରୋଧ ତୁମ ଉପରେ ଅଭିଶାପ ହୋଇ ଫଳିବାକୁ ଯାଉଛି।

ଅଳ୍ପ ହସି ଶ୍ରୀକୃଷ୍ଣ କହିଲେ... ସଂବରଣ କର ବ୍ରାହ୍ମଣ! ଅଭିଶାପ ଦେବାପାଇଁ ଏତେ ଉଚ୍ଛନ୍ନ ହୁଅ ନାହିଁ। ଅଭିଶାପ ଦେବାଦ୍ୱାରା ତପସ୍ୱୀର ତପୋଶକ୍ତି କମ୍ ହୋଇଯାଏ; ବହୁବର୍ଷ ଧରି ଅର୍ଜନ କରିଥିବା ଶକ୍ତି କ୍ଷଣକରେ ନଷ୍ଟ ହୋଇଯାଏ। ମୁଁ କଣ କହୁଛି ଶୁଣିବା ପରେ ତୁମେ ସନ୍ତୁଷ୍ଟ ନହେଲେ ମୋତେ ଅଭିଶାପ ଦେଇପାର।

ତା'ପରେ ଶ୍ରୀକୃଷ୍ଣ କହିଲେ... ଉତ୍ତାଙ୍କ ! ଯେଉଁ ବିଶ୍ୱରୂପ ଦେଖି ପ୍ରାଣୀର ଈର୍ଷା, ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହ ସବୁ ଦୂର ହୋଇଯିବା ସ୍ୱାଭାବିକ ଏବଂ ସଂସାରରେ ସମସ୍ତ ଘଟଣାବଳୀ ସ୍ରଷ୍ଟାଙ୍କ ନିର୍ଦ୍ଦେଶରେ ପରିଚାଳିତ ହୁଏ ବୋଲି ପ୍ରାଣୀ ହୃଦୟଙ୍ଗମ କରିପାରେ ସେହି ରୂପ ଦେଖି ମଧ୍ୟ ମୂର୍ଖ ଦୁର୍ଯ୍ୟୋଧନ ମୋର ଶାନ୍ତି ପ୍ରସ୍ତାବକୁ ଅଗ୍ରାହ୍ୟ କରି ସ୍ରଷ୍ଟାଙ୍କୁ ହେୟଜ୍ଞାନ କଲା। ସେପରି ମନୁଷ୍ୟ ସମସ୍ତ ଦୁଷ୍କୃତର କାରଣ। ସେମାନେ ବଞ୍ଚିରହି ସମାଜର ଶାନ୍ତି ନଷ୍ଟ କରିବା ଏବଂ କଳୁଷିତ କରିବା କଣ ଠିକ୍ ହୋଇ ଥାନ୍ତା ? ମନୁଷ୍ୟ ନିଜର କୃତକର୍ମ ଭୋଗକରେ ଉତ୍ତାଙ୍କ! ନିଜର ପତନ ପାଇଁ ସେ ନିଜେ ଦାୟୀ। ମୁଁ ସେମାନଙ୍କୁ ବିନାଶ କରିନାହିଁ, ସେମାନେ ନିଜେ ନିଜକୁ ବିନାଶ କରିଛନ୍ତି।

କିଛି ନିରବତା ପରେ ଶ୍ରୀକୃଷ୍ଣ କହିଲେ... ଯେଉଁ ବିଶ୍ୱରୂପ ଦେଖାଇ ମୁଁ ସେମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲି ତାହା ଏବେ ତୁମେ ଦର୍ଶନ କର।

ଏହା କହି ଶ୍ରୀକୃଷ୍ଣ ତାଙ୍କ ବିଶ୍ୱରୂପ ଧାରଣ କରି ଉତ୍ତାଙ୍କଙ୍କ ସମକ୍ଷରେ ଉପସ୍ଥିତ

Source: Author, Digitized by PPRACHIN, SOA

ହେଲେ। ଉତ୍ତାଙ୍ଗଙ୍କର କ୍ରୋଧ ଶାନ୍ତ ହେଲା। ଆନନ୍ଦଗଦ୍‌ଗଦ୍ କଣ୍ଠରେ କହିଲେ... ମୁଁ ଧନ୍ୟ ହେଲି କୃଷ୍ଣ! ମୋର ଚକ୍ଷୁ ପବିତ୍ର ହେଲା, ମୋର ସମସ୍ତ କଲ୍ମଷ ଦୂର ହୋଇଗଲା।ମୋର ଏ ଜୀବନରେ ଆଉ କିଛି ପ୍ରାପ୍ତିର ଇଚ୍ଛା ନାହିଁ। କେବଳ ଅନନ୍ତରେ ବିଲୀନ ହେବାର ଇଚ୍ଛା ମନରେ ଜାଗ୍ରତ ହେଉଛି।

ଶ୍ରୀକୃଷ୍ଣ କହିଲେ... ତଥାପି ମନରେ କିଛି ଇଚ୍ଛା ଥିଲେ ବ୍ୟକ୍ତ କର ଉତ୍ତାଙ୍ଗ, ତୁମେ ମୋତେ ତୁମ ଆଶ୍ରମରେ ଭବ୍ୟ ଆତିଥ୍ୟ ଦେଲ, ମୁଁ ତୁମକୁ କିଛି ଦେବାପାଇଁ ଚାହେଁ।

ଉତ୍ତାଙ୍ଗ କହିଲେ... କେଶବ, ମୋର ସମସ୍ତ ଇଚ୍ଛା ପୂରଣ କରିବା ଶକ୍ତି ତୁମ ପାଖରେ ଅଛି, କିନ୍ତୁ ମୁଁ କଣ ମାଗିବି ଜାଣି ପାରୁନାହିଁ। ତଥାପି ଯଦି ତୁମେ ମୋତେ କିଛି ଦେବାପାଇଁ ଇଚ୍ଛୁକ, ମୋତେ ଏହି ବର ଦିଅ ଯେ ତୃଷା ନିବାରଣ ପାଇଁ ମୋତେ କେଉଁଠାରେ ମଧ୍ୟ ଜଳ ପ୍ରାପ୍ତ ହେବ। ଉତ୍ତାଙ୍ଗଙ୍କ ସରଳତା ଦେଖି ହସିଦେଇ ଶ୍ରୀକୃଷ୍ଣ କହିଲେ... ଠିକ୍ ଅଛି, ତାହା ହିଁ ହେଉ।

ଶ୍ରୀକୃଷ୍ଣ ବିଦାୟ ନେଇ ଚାଲିଗଲେ। କିଛି ଦିନ ପରେ ଥରେ ଉତ୍ତାଙ୍ଗ ଏକ ମରୁଭୂମି ମଧ୍ୟ ଦେଇ ଯାତ୍ରା କରୁଥିଲେ। ପ୍ରବଳ ଶୋଷରେ ତାଙ୍କ ତଣ୍ଟି ଶୁଖି ଯାଉଥିଲା। ସେ ଦେଖିଲେ କିଛି ଦୂରରେ ଜଣେ ଚଣ୍ଡାଳ ତାର ଦୁଇଟି କୁକୁରଙ୍କୁ ସାଙ୍ଗରେ ଧରି ଯାତ୍ରା କରୁଛି। ଦେହରେ ମଳିନ ଅଙ୍ଗବସ୍ତ୍ର, ଜଣାଯାଉଛି ତାହା ଅନେକ ବର୍ଷ ଧରି ଧୁଆ ହୋଇନାହିଁ। ଉତ୍ତାଙ୍ଗଙ୍କ ନାକରେ ସେ ଗନ୍ଧ ବାଜିବାରୁ ସେ ଘୃଣାରେ ମୁହଁ ଫେରାଇ ନେଲେ। ଚଣ୍ଡାଳର ପିଠିରେ ଥିଲା ଚମଡାର ପାଣି ଥଳି। ନିକଟକୁ ଆସି ସେ ପଚାରିଲା... ମହାଭାଗ, ମନେହୁଏ ଆପଣ ତୃଷାର୍ତ୍ତ; ମୋ ଚମଡା ଥଳିରେ କିଛି ଜଳ ଅଛି ଚାହିଁଲେ ତାହା ପାନକରି ତୃଷା ନିବାରଣ କରିପାରିବେ।

ଉତ୍ତାଙ୍ଗ ତୃଷାରେ ଅଧୀର ହେଉଥିଲେ ମଧ୍ୟ ଚଣ୍ଡାଳର ରୂପ ଏବଂ ମଇଳା ଚମଡା ଥଳି ଦେଖି କହିଲେ... ନା, ନା, ମୋର ଜଳ ଆବଶ୍ୟକ ନାହିଁ।

ଚଣ୍ଡାଳ ତା ବାଟରେ ଚାଲିଗଲା। ଶୋଷରେ ଆଉଟୁ ପାଉଟୁ ହୋଇ ଉତ୍ତାଙ୍ଗ ଭାବିଲେ... ମୋତେ ଭଲ ବର ଦେଲେ ଶ୍ରୀକୃଷ୍ଣ !

ଉତ୍ତାଙ୍ଗଙ୍କ ମନରେ ଏପରି ଚିନ୍ତା ଆସିବା ସଙ୍ଗେ ସଙ୍ଗେ ସେଠାରେ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ହେଲା। ହସିହସି କେଶବ କହିଲେ... ମୁଁ ମିଛୁଆ ନୁହେଁ ଉତ୍ତାଙ୍ଗ, ତୁମ ତୃଷା ନିବାରଣ ପାଇଁ ମୁଁ ଇନ୍ଦ୍ରଙ୍କୁ ତୁମ ପାଖକୁ ପଠାଇଥିଲି। ଚଣ୍ଡାଳ ବେଶରେ, ଥଳିରେ ଅମୃତ ଧରି ସେ ଆସିଥିଲେ ତୁମକୁ ଦେବାପାଇଁ। ତୁମେ ମୋର ବନ୍ଧୁ, ତେଣୁ ତୁମ ପରି ଜଣେ

Source: Author, Digitized by PPRACHIN, SOA

ନଶ୍ୱରଙ୍କୁ ଏହା ଥିଲା ଈଶ୍ୱରଙ୍କ ଦାନ। ଇନ୍ଦ୍ର ଅମୃତ ଦେବାପାଇଁ କୁଣ୍ଠିତ ଥିଲେ। କେବଳ ମୋ ଅନୁରୋଧ ରକ୍ଷାକରି ଚଣ୍ଡାଳ ବେଶରେ ସେ ତୁମ ବିଚାରଧାରାକୁ ପରୀକ୍ଷା କରିବାକୁ ଆସିଥିଲେ। ତୁମେ ଅମୃତ ଲାଭ କରିବାର ସୁଯୋଗ ହରାଇଲ ଉତ୍ତାଙ୍କ, ତୁମର ତପସ୍ୟା ଲବ୍ଧ ଜ୍ଞାନ ତୁମର ମାନସିକତା ଓ ବିଚାର ଧାରାକୁ ପ୍ରଭାବିତ କରିପାରିନାହିଁ; ସେଥିପାଇଁ ତୁମେ ଚଣ୍ଡାଳ ହାତରୁ ଜଳଗ୍ରହଣ କରିବାକୁ କୁଣ୍ଠାବୋଧ କଲ। ମାନସିକତାକୁ ଗଢିବାଦରୁ ମୁକ୍ତକରି ଦିବ୍ୟ କରିବା ହିଁ ପ୍ରକୃତ ତପସ୍ୟା। ଏହା ଶୁଣି ଉତ୍ତାଙ୍କ ମନେ ମନେ ଲଜ୍ଜିତ ହେଲେ।

-୦-

(୧୦୬)

ଧୃତରାଷ୍ଟ୍ରଙ୍କ ଶେଷ ସମୟ

ମହାଭାରତ ଯୁଦ୍ଧରେ ଜୟଲାଭ କରି ପାଣ୍ଡବମାନେ ବିଶାଳ ହସ୍ତିନା ସାମ୍ରାଜ୍ୟରେ ରାଜତ୍ୱ କଲେ। ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁଯାୟୀ ଯୁଧିଷ୍ଠିର ଭବ୍ୟ ଅଶ୍ୱମେଧ ଯଜ୍ଞର ଆୟୋଜନ କରି ଭାରତଭୁଖଣ୍ଡର ରାଜାମାନଙ୍କର ଆନୁଗତ୍ୟ ଲାଭକଲେ ତଥା ସେମାନଙ୍କ ଉପରେ ହସ୍ତିନାର ସାର୍ବଭୌମତ୍ୱ ପ୍ରତିଷ୍ଠା କଲେ। କିନ୍ତୁ ବିଜୟ ପରେ ଯେଉଁ ଆନନ୍ଦ ମିଳିବା କଥା ତାହା ଯୁଧିଷ୍ଠିର ହୃଦୟଙ୍ଗମ କଲେନାହିଁ। ଭ୍ରାତୃ ରକ୍ତରେ ସିକ୍ତ ରାଜମୁକୁଟ ତାଙ୍କୁ କଂଟକର ମୁକୁଟ ଭଳି ଲାଗୁଥିଲା।

ପୁତ୍ର ଶୋକର ସାଗର ଭିତରେ ଅଣନିଃଶ୍ୱାସୀ ହୋଇ ଥଳକୂଳ ପାଉନଥିବା ଧୃତରାଷ୍ଟ୍ରଙ୍କୁ ଏବଂ ନିର୍ଦ୍ଦୋଷ ସରଳତାର ପ୍ରତିମୂର୍ତ୍ତି ମାତା ଗାନ୍ଧାରୀଙ୍କୁ ପାଣ୍ଡବମାନେ ଯେଉଁ ସମ୍ମାନ ଦେଖାଉଥିଲେ ତାର ତୁଳନା ନାହିଁ। ରାଜକାର୍ଯ୍ୟରେ ହେଉ ଅଥବା ରାଜପରିବାରର କୌଣସି ନିଷ୍ପତ୍ତିରେ ହେଉ ଜ୍ୟେଷ୍ଠତାତ ଧୃତରାଷ୍ଟ୍ରଙ୍କୁ ପରାମର୍ଶ ନକରି ଯୁଧିଷ୍ଠିର କୌଣସି କାର୍ଯ୍ୟ କରୁନଥିଲେ। ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କୁ ସ୍ନେହ ଶ୍ରଦ୍ଧା ଓ ରାଜକୀୟ ସମ୍ମାନ ଦେବାପାଇଁ ଯୁଧିଷ୍ଠିର ରାଜପରିବାରର ସମସ୍ତ ସଦସ୍ୟ ଏବଂ ପରିଚାରକ ପରିଚାରିକାଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। କୁନ୍ତୀ ସାନ ଭଉଣୀ ଭଳି ଗାନ୍ଧାରୀଙ୍କ ପାଖ ପାଖେ ସବୁବେଳେ ରହି, ତାଙ୍କ ଭଲ-ମନ୍ଦ ବୁଝୁଥିଲେ। ଦ୍ରୌପଦୀ ଦୁଇ ରାଜମାତାଙ୍କ ସେବାରେ ନିଜକୁ ନିୟୋଜିତ କରି ସ୍ୱର୍ଗୀୟ ଶାନ୍ତି ଅନୁଭବ କରୁଥିଲେ।

Source: Author, Digitized by PPRACHIN, SOA

କୁଳଗୁରୁ କୃପାଚାର୍ଯ୍ୟ, ଯୁଦ୍ଧର ଶେଷ ଦିନରେ ଅଶ୍ୱତ୍ଥାମା ଓ କୃତବର୍ମାଙ୍କ ସହିତ ମିଶି ପାଣ୍ଡବ ଶିବିରରେ ଘୋର ବିପ୍ଳାତ ସୃଷ୍ଟି କରି ଧୃଷ୍ଟଦ୍ୟୁମ୍ନ ସମେତ ପାଞ୍ଚାଳୀଙ୍କର ପାଞ୍ଚ ପୁତ୍ରଙ୍କ ହତ୍ୟାରେ ସଂପୃକ୍ତ ଥିଲେ ମଧ୍ୟ ଯୁଧିଷ୍ଠିର ତାଙ୍କୁ ଉଦାର ହୃଦୟରେ କ୍ଷମା ଦେଇ ହସ୍ତିନାର ରାଜପୁରୋହିତ ଭାବରେ ଗ୍ରହଣ କଲେ। ଏ ସମ୍ବନ୍ଧରେ,ସରଳ ଓ ନିଷ୍କପଟ ଯୁଧିଷ୍ଠିରଙ୍କ ଯୁକ୍ତି ଥିଲା ଯେ ରାଜଅନ୍ନରେ ପ୍ରତିପାଳିତ କୃପାଚାର୍ଯ୍ୟ, ଅନ୍ନ ପ୍ରତି କୃତଜ୍ଞତା ଏବଂ କର୍ତ୍ତବ୍ୟ ସଂପାଦନ ଅବସରରେ ଯାହା କରିଛନ୍ତି ତାହା ଅପରାଧ ଭାବରେ ଗଣ୍ୟ ନୁହେଁ। ପରିବାର ପୋଷଣ ପାଇଁ କଂସେଇକୁ ଯେପରି ଜୀବ ବଧ କରିବାକୁ ପଡେ, ରାଜଅନ୍ନରେ ପ୍ରତିପାଳିତ କର୍ମଚାରୀକୁ ରାଜାଜ୍ଞା ପାଳନ କରି ବିବେକ ବିରୁଦ୍ଧ କାର୍ଯ୍ୟ ମଧ୍ୟ କରିବାକୁ ପଡ଼ିଥାଏ।କୃପାଚାର୍ଯ୍ୟ ତାଙ୍କ କର୍ତ୍ତବ୍ୟ ପାଳନ କରିଛନ୍ତି; ତେଣୁ ସେ ରାଜକ୍ଷମାର ପ୍ରଥମ ଅଧିକାରୀ। କ୍ଷମାଠାରୁ ବଳି ସ୍ୱର୍ଗୀୟ ଆଉ କିଛି ନାହିଁ, ପ୍ରତିଶୋଧ ପରାୟଣତା ଠାରୁ ନାରକୀୟ ଆଉ କିଛି ନାହିଁ; ଏହା ଥିଲା ଧର୍ମରାଜ ଯୁଧିଷ୍ଠିରଙ୍କର ବିଶାଳ ହୃଦୟରେ ନିଷ୍ପତ୍ତି।

ଧୃତରାଷ୍ଟ୍ର ପୁତ୍ରଶୋକ ଭୁଲିଯାଇ ଶାନ୍ତିରେ କିପରି ପ୍ରାସାଦ ଭିତରେ ଜୀବନ ବିତାଇବେ, ଏହା ଥିଲା ଯୁଧିଷ୍ଠିରଙ୍କର ପ୍ରଥମ ଚିନ୍ତା। ସେଥିପାଇଁ ମହାତ୍ମା ବିଦୁର, ସଞ୍ଜୟ ଏବଂ କୃପାଚାର୍ଯ୍ୟଙ୍କୁ ଜ୍ୟେଷ୍ଠ ତାତଙ୍କ ପାଖେ ପାଖେ ରହି ଆଳାପ ଆଲୋଚନାରେ ସମୟ ଅତିବାହିତ କରିବା ବ୍ୟବସ୍ଥା କରିଥିଲେ ଯୁଧିଷ୍ଠିର। ଦିନେ ଧୃତରାଷ୍ଟ୍ରଙ୍କ ପାଖରେ ବସି ଯୁଧିଷ୍ଠିର କହିଲେ... ଜ୍ୟେଷ୍ଠ ତାତ ! ବଂଶର ମୁରବି ଭାବରେ ଏ ରାଜପଦ ଆପଣଙ୍କର ପ୍ରାପ୍ୟ। ଆପଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେଉଁପରି ରାଜକାର୍ଯ୍ୟ ଚାଲୁଥିଲା ସେହିପରି ଚାଲିବ। ଦୁର୍ଯ୍ୟୋଧନ ପ୍ରତି ଆପଣଙ୍କର ଯେଉଁ ପ୍ରକାର ସ୍ନେହ ଥିଲା ମୋତେ ମଧ୍ୟ ସେହି ସ୍ନେହ ଦେଇ ଆଶୀର୍ବାଦ କରନ୍ତୁ। ମୁଁ ଭ୍ରାତୃହନ୍ତା, ଆପଣଙ୍କ ଆଶୀର୍ବାଦ ପାଇଲେ ହୁଏତ ମୋର ପାପଭାର ହାଲୁକା ହୋଇଯିବ।

ଧୃତରାଷ୍ଟ୍ର କହିଲେ... ପୁତ୍ର ! ମୋର ଅପରିଣାମଦର୍ଶିତାର ଫଳ ସ୍ୱରୂପ ମୋ ବଂଶ ଧ୍ୱଂସ ହୋଇଗଲା; ସେଥିରେ ତୁମର କୌଣସି ଦୋଷ ନାହିଁ। ତୁମ ଅଧିକାର ପାଇଁ ଯୁଦ୍ଧକରି ତୁମେ କ୍ଷତ୍ରିୟୋଚିତ କାର୍ଯ୍ୟ କରିଛ। ସେଥିପାଇଁ ଅନୁଶୋଚନାର ପ୍ରଶ୍ନ ଉଠୁନାହିଁ। ମୋ ପୁତ୍ରମାନେ ଦୁଷ୍ଟ ଓ ଅନ୍ୟାୟୀ ଥିଲେ। ତାହା ଜାଣି ମଧ୍ୟ ତୁମମାନଙ୍କ ପ୍ରତି ମୁଁ ଅବିଚାର କରିଥିଲି। ତାହା ଭୁଲିଯାଇ ତୁମେ ମୋ ପ୍ରତି ଯେଉଁ ଦୟା ଓ ସ୍ନେହ ଭାବ ଦେଖାଇଛ, ତାହା ତୁମର ବିଶାଳ ହୃଦୟର ପରିଚୟ ଦିଏ।ଭରତ ବଂଶର ତୁମପରି କାଜ୍ଜ୍ୱଲ୍ୟମାନ ହୀରା ପାଇଁ ମୁଁ ଗର୍ବ ଅନୁଭବ କରୁଛି। ମୋର ରାଜକାର୍ଯ୍ୟରେ କୌଣସି

Source: Author, Digitized by PPRACHIN, SOA

ରଚି ନାହିଁ। ତୁମେ ମୋତେ ଆଶ୍ରୟ ଦେଇଛ, ତାହା ହିଁ ଯଥେଷ୍ଟ।

ଯୁଧିଷ୍ଠିରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ଧୃତରାଷ୍ଟ୍ରଙ୍କର ପୁତ୍ରଶୋକ ପ୍ରଶମିତ ହେଲାନାହିଁ। ଯୁଧିଷ୍ଠିରଙ୍କ ସ୍ନେହ ଶ୍ରଦ୍ଧା ତାଙ୍କୁ ଦୟା ଭଳି ମନେହେଲା। ଏ ଭିତରେ ପନ୍ଦର ବର୍ଷ ବିତିଯାଇଥିଲେ ମଧ୍ୟ ଧୃତରାଷ୍ଟ୍ରଙ୍କ ହୃଦୟ ଭିତରୁ ପୁତ୍ରଶୋକ ଦୂର ହୋଇ ପାରିଲା ନାହିଁ। ଗାନ୍ଧାରୀଙ୍କ ସମସ୍ତ ସେବା ସୁଶ୍ରୁଷା ସତ୍ତ୍ୱେ ଧୃତରାଷ୍ଟ୍ରଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିବାକୁ ଲାଗିଲା। କ୍ରମେ ରାଜପ୍ରାସାଦର ସୁଖ ସ୍ୱାଚ୍ଛନ୍ଦ୍ୟ ତାଙ୍କୁ ଅଳିକ ଲାଗିଲା। ଅନେକ ସମୟରେ ସେ ଉପବାସରେ ସମୟ ବିତାଇଲେ। ପତ୍ନୀଧର୍ମ ପାଳନ କରି ଗାନ୍ଧାରୀ ମଧ୍ୟ ସ୍ୱାମୀଙ୍କ ସହିତ ଉପବାସ କରୁଥିଲେ।

ଥରେ କ୍ଷୀଣ-ସ୍ୱାସ୍ଥ୍ୟ ଧୃତରାଷ୍ଟ୍ରଙ୍କୁ ଦେଖି ଯୁଧିଷ୍ଠିର ବ୍ୟତିବ୍ୟସ୍ତ ହୋଇ ପଡିଲେ। ଧୃତରାଷ୍ଟ୍ର କହିଲେ... ପୁତ୍ର ! ଏହି ରାଜପ୍ରସାଦ ଭିତରେ ଆଉ ରହିବା ଇଚ୍ଛା ନାହିଁ। ବାନପ୍ରସ୍ଥ ଜୀବନ ଯାପନ କରି ମୁନିଋଷି ମାନଙ୍କ ଗହଣରେ ଶେଷ ସମୟ ଅତିବାହିତ କରିବାପାଇଁ ମୋର ଇଚ୍ଛା। ମୋ ପତ୍ନୀଙ୍କ ସହିତ ମୋର ବନବାସ ପାଇଁ ଯିବା ବ୍ୟବସ୍ଥା କରିଦିଅ।

ଧୃତରାଷ୍ଟ୍ରଙ୍କର ଏଭଳି ଅବସ୍ଥାରେ ବାନପ୍ରସ୍ଥ ଜୀବନଯାପନ ପାଇଁ ଯୁଧିଷ୍ଠିର ସମ୍ମତ ହେଲେ ନାହିଁ। କିନ୍ତୁ ବ୍ୟାସଦେବ କହିଲେ... ପୁତ୍ର ଯୁଧିଷ୍ଠିର ! ଧୃତରାଷ୍ଟ୍ରଙ୍କୁ ଯିବାପାଇଁ ଦିଅ। ପ୍ରତ୍ୟେକ ମନୁଷ୍ୟର ଜୀବନରେ ଗାର୍ହସ୍ଥ୍ୟ ପରେ ବାନପ୍ରସ୍ଥ ଜୀବନ ଅପରିହାର୍ଯ୍ୟ। ସଂସାର ମାୟାଠାରୁ ଦୂରରେ ରହି ବନାନୀର ପ୍ରାକୃତିକ ପରିବେଶ ଭିତରେ, ମୁନି ଋଷିଙ୍କ ଗହଣରେ ଆଧ୍ୟାତ୍ମିକ ଜୀବନ ବିତାଇବାର ଅଧିକାରରୁ ତାଙ୍କୁ ବଞ୍ଚିତ କରନାହିଁ। ଆତ୍ମଗ୍ଲାନି ଏବଂ ପୁତ୍ରଶୋକରେ ବିଦଗ୍ଧ ତାଙ୍କର ଦେହ ଓ ମନକୁ ଶୀତଳ କରିବା ପରିବେଶରୁ ତାଙ୍କୁ ଦୂରେଇ ରଖନାହିଁ। ସମୟ ଆସେ ଯେତେବେଳେ ସଂସାର ଜଞ୍ଜାଳରେ ଅଣନିଃଶ୍ୱାସୀ ମନୁଷ୍ୟ ସବୁ ମାୟା ମୋହ ଛିନ୍ନ କରି ଜୀବନର ସାରାଂଶ ବୁଝିବାକୁ ଚେଷ୍ଟାକରେ। ସେ ଅଧିକାରରୁ ତାଙ୍କୁ ବଞ୍ଚିତ କରିବା ଉଚିତ ନୁହେଁ।

ବ୍ୟାସଦେବଙ୍କ ଉପଦେଶ ଅନୁଯାୟୀ ଯୁଧିଷ୍ଠିର, ଧୃତରାଷ୍ଟ୍ର ଏବଂ ଗାନ୍ଧାରୀଙ୍କ ବନଗମନ ପାଇଁ ବ୍ୟବସ୍ଥା କଲେ। ସଞ୍ଜୟ ମଧ୍ୟ ଧୃତରାଷ୍ଟ୍ରଙ୍କ ସହିତ ଯିବାପାଇଁ ବାହାରିଲେ। ଧୃତରାଷ୍ଟ୍ର ଏବଂ ଗାନ୍ଧାରୀ ବାନପ୍ରସ୍ଥ ଜୀବନ ପାଇଁ ପ୍ରସ୍ତୁତ ହେବାର ଦେଖି କୁନ୍ତୀ ଯୁଧିଷ୍ଠିରଙ୍କୁ କହିଲେ... ଗାନ୍ଧାରୀଙ୍କ ବ୍ୟତୀତ ମୋ ଜୀବନ ରାଜପ୍ରସାଦ ଭିତରେ ଦୁର୍ବିସହ ହୋଇପଡିବ। ମୁଁ ମଧ୍ୟ ଅଚିରେ ମୋ ଦିବଙ୍ଗତ ସ୍ୱାମୀଙ୍କ ସହିତ ମିଳିତ ହେବାପାଇଁ ଚାହେଁ। ମୋତେ ବିଦାୟ ଦିଅ ପୁତ୍ର !

Source: Author, Digitized by PPRACHIN, SOA

ଯୁଧିଷ୍ଠିରଙ୍କ ଆଖିରେ ଅବାରିତ ଅଶ୍ରୁ। ପାଣ୍ଡୁ ପରିବାର ଗଭୀର ଦୁଃଖରେ ମଗ୍ନ। ବାନପ୍ରସ୍ଥ ଜୀବନ ପାଇଁ ଚାରିଜଣଙ୍କର ବିଦାୟକାଳୀନ ଦୃଶ୍ୟ ବଡ଼ ମର୍ମନ୍ତୁଦ। ରାଜପ୍ରାସାଦରୁ ବାହାରି ଯେତେବେଳେ ସେମାନେ ହସ୍ତିନାର ରାଜରାସ୍ତାରେ ପାଦ ରଖିଲେ ଅସମ୍ଭବ ଭିଡ ସୃଷ୍ଟି ହୋଇ ଯାଇଥିଲା। ଶେଷ ଦର୍ଶନ ପାଇଁ ଉତ୍ସୁକ ହୋଇ ପ୍ରଜାମାନେ ଅପେକ୍ଷା କରି ଥିଲେ। ଜୟ ମହାରାଜା ଧୃତରାଷ୍ଟ୍ରଙ୍କର ଜୟ ଜୟ ଚକ୍ରବର୍ତ୍ତୀ ଯୁଧିଷ୍ଠିରଙ୍କର ଜୟ ଶବ୍ଦରେ ଗଗନ ପବନ ମୁଖରିତ ହୋଇ ଉଠିଲା।

ଏହାପରେ ଅରଣ୍ୟ ଭିତରେ ତିନି ବର୍ଷ ବାନପ୍ରସ୍ଥ ଜୀବନ ଅତିବାହିତ କଲେ ଧୃତରାଷ୍ଟ୍ର। ପ୍ରକୃତିର ପ୍ରାଣପ୍ରାଚୁର୍ଯ୍ୟ ଭିତରେ, ପଶୁ, ପକ୍ଷୀ, ଫୁଲ ପ୍ରଜାପତି ଗହଣରେ ସଂସାରର ସମସ୍ତ ମୋହରୁ ଦୂରରେ ରହିଥିଲେ ସେ। ଭୁଲି ଯାଇଥିଲେ ଈର୍ଷା, ମୋହ, ଲୋଭ ଏବଂ ଅହଂକାରରେ ପରିପୂର୍ଣ୍ଣ ସାଂସାରିକ ଜୀବନ। ଅପେକ୍ଷା କରିଥିଲେ କେତେବେଳେ ପରମାତ୍ମାଙ୍କ ଡାକରା ଆସିବ।

ଦିନେ ସେ ସମୟ ଉପସ୍ଥିତ ହେଲା। ସେଦିନ ପ୍ରାତଃସ୍ନାନ ପରେ ପୂଜାପାଠରେ ମଗ୍ନଥିଲେ ଧୃତରାଷ୍ଟ୍ର। ହଠାତ୍ ବନରେ ଲାଗିଗଲା ଭୟଙ୍କର ଅଗ୍ନି। ଧୃତରାଷ୍ଟ୍ରଙ୍କ ଆଶ୍ରମକୁ ଚାରିପାଖରୁ ଅଗ୍ନି ଘେରିଗଲା। ଧୃତରାଷ୍ଟ୍ର ଆସନ ମୁଦ୍ରାରେ ରହି କହିଲେ... ଜୀବନ ଆହୂତି ଦେବାର ଅପୂର୍ବ ସମୟ ଉପସ୍ଥିତ। ତୁମେମାନେ ମୋତେ ଛାଡି ଚାଲିଯାଅ। ଗାନ୍ଧାରୀ ଏବଂ କୁନ୍ତୀ କହିଲେ... ଅସମ୍ଭବ,ଆମେ ଦୁହେଁ ମଧ୍ୟ ଆପଣଙ୍କ ସହିତ ଏହି ଆତ୍ମହୂତି ସୁଯୋଗର ଉପଯୋଗ କରିବୁ। ଚାହୁଁ ଚାହୁଁ ଅଗ୍ନି ଆଶ୍ରମକୁ ଭସ୍ମିଭୂତ କରିଦେଲା। ପଞ୍ଚତତ୍ତ୍ୱରେ ବିଲୀନ ହୋଇଗଲେ ଧୃତରାଷ୍ଟ୍ର ଗାନ୍ଧାରୀ ଏବଂ କୁନ୍ତୀ। ସଞ୍ଜୟ ସେଠାରୁ ଯାଇ ହିମାଳୟ ପାଦ ଦେଶରେ ଶେଷ ପର୍ଯ୍ୟନ୍ତ ସନ୍ୟାସ ଜୀବନଯାପନ କଲେ।

-୦-

(୧୦୭)

ଯଦୁବଂଶ ଧ୍ୱଂସର ରଙ୍ଗମଞ୍ଚ

ଏ ଭିତରେ ମହାଭାରତ ଯୁଦ୍ଧ ଶେଷ ହେବାର ୩୬ବର୍ଷ ବିତିଯାଇଥିଲା। ଶ୍ରୀକୃଷ୍ଣ ଦ୍ୱାରକାରେ ବୃଷ୍ଣି, ଅନ୍ଧକ ତଥା ଅନ୍ୟ ଯଦୁବଂଶୀମାନଙ୍କ ସହିତ କାଳାତିପାତ କରୁଥିଲେ।ଇତି ମଧ୍ୟରେ ଯଦୁବଂଶୀ ମାନଙ୍କ ଉଚ୍ଛୃଙ୍ଖଳତା ଚରମ ସୀମାରେ ପହଞ୍ଚି ଯାଇଥିଲା। କାଦମ୍ବରୀ

Source: Author, Digitized by PPRACHIN, SOA

ପାନରେ ପ୍ରମତ୍ତ ହୋଇ ସେମାନେ ଗୁରୁ ଗୌରବ କିଛି ମାନୁନଥିଲେ। ଶ୍ରୀକୃଷ୍ଣ ଏବଂ ବଳରାମଙ୍କ ଶତଚେଷ୍ଟା ସତ୍ତ୍ୱେ ସେମାନେ ଶୃଙ୍ଖଳିତ ହୋଇ ପାରିଲେ ନାହିଁ। ପ୍ରାଚୁର୍ଯ୍ୟ ଭିତରେ ବୁଡିରହି ଇନ୍ଦ୍ରିୟ ଲାଳସାର ବଶବର୍ତ୍ତୀ ହୋଇ ସାମନ୍ତ ଏବଂ ରାଜପୁତ୍ର ମାନେ ନିଜ ନିଜର କର୍ତ୍ତବ୍ୟ ଭୁଲି ଯାଇଥିଲେ।

ଶ୍ରୀକୃଷ୍ଣ ଜାଣିପାରିଲେ ଯେ ଯଦୁବଂଶର ଧ୍ୱଂସ ଆଗତପ୍ରାୟ। ଗାନ୍ଧାରୀଙ୍କ ଅଭିଶାପ ମନେ ପଡ଼ିଲା ଶ୍ରୀକୃଷ୍ଣଙ୍କର; କୌରବ ଏବଂ ପାଣ୍ଡବଙ୍କ ଭଳି ଯଦୁବଂଶୀମାନେ ଦିନେ ଭ୍ରାତୃ କଳହରେ ଧ୍ୱଂସ ପାଇଯିବେ ବୋଲି ଗାନ୍ଧାରୀ ଅଭିଶାପ ଦେଇଥିଲେ। ଯେଉଁ ଯଦୁ ବଂଶୀ ମାନେ ଶ୍ରୀକୃଷ୍ଣ ଏବଂ ବଳରାମଙ୍କ ଯୁଦ୍ଧ ନୀତି ଏବଂ କୂଟନୀତି ପାଇଁ ଆର୍ଯ୍ୟାବର୍ତ୍ତରେ ମହିମାମଣ୍ଡିତ ହୋଇଥିଲେ, ଏବେ ସେମାନଙ୍କର ଧ୍ୱଂସର ସମୟ ଉପସ୍ଥିତ। ବିଧାତାର ବିଧାନକୁ କିଏ ଅନ୍ୟଥା କରିବ ! ଅସ୍ତଗାମୀ ସୂର୍ଯ୍ୟଙ୍କୁ କଣ ବଳ ପ୍ରୟୋଗ କରି ଅଟକାଇ ହୁଏ ?

ଯଦୁବଂଶର ଧ୍ୱଂସ ପାଇଁ କିପରି ଶାମ୍ବ ସମେତ ଶ୍ରୀକୃଷ୍ଣଙ୍କ ପୁତ୍ର ମାନେ ଏବଂ ଅନ୍ୟ ଉତ୍ତର ଦାୟାଦ ଦାୟୀ ହୋଇଥିଲେ ତାହା ମହାଭାରତ, ଦେବୀଭାଗବତ, ସ୍କନ୍ଦପୁରାଣ, ବରାହପୁରାଣ ଏବଂ ଭବିଷ୍ୟପୁରାଣ ଇତ୍ୟାଦିରେ ବର୍ଣ୍ଣନା କରାଯାଇଛି ଏଠାରେ ତାର ପୂର୍ବାବଲୋକନ କରିବା।

ଜାମ୍ବବାନଙ୍କ ସୁପୁତ୍ରୀ ତଥା ଶ୍ରୀକୃଷ୍ଣଙ୍କ ପତ୍ନୀ ଜାମ୍ବବତୀଙ୍କ ମନରେ ଗଭୀର ଦୁଃଖ ଥିଲା ଯେ ତାଙ୍କର କୌଣସି ସନ୍ତାନ ସନ୍ତତି ନଥିଲେ। ଶ୍ରୀକୃଷ୍ଣଙ୍କ ପ୍ରଥମ ପୁତ୍ର ପ୍ରଦ୍ୟୁମ୍ନଙ୍କ ଭଳି ସୁନ୍ଦର ପୁତ୍ରଟିଏ ପାଇବାର ଉପାୟ କରିବା ପାଇଁ ସେ ସ୍ୱାମୀଙ୍କ ପାଖରେ ଅଳି କଲେ।ପୁତ୍ରଲାଭ ପାଇଁ ତପସ୍ୟା ଉଦ୍ଦେଶ୍ୟରେ, ଶ୍ରୀକୃଷ୍ଣ ହିମାଳୟ ପାଦଦେଶରେ ମହର୍ଷି ଉପମନ୍ୟୁଙ୍କ ଆଶ୍ରମରେ ପହଞ୍ଚିଲେ।ଉପମନ୍ୟୁ, ଶ୍ରୀକୃଷ୍ଣଙ୍କୁ ଉପଦେଶ ଦେଲେ ଶିବଙ୍କୁ ତପସ୍ୟା କରିବା ପାଇଁ। କୃଷ୍ଣଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଶିବ, ଅର୍ଦ୍ଧନାରୀଶ୍ୱର ବା ଶାମ୍ବ ରୂପରେ ଦର୍ଶନ ଦେଇ ଶ୍ରୀକୃଷ୍ଣଙ୍କୁ ଇପ୍ସିତ ବର ପ୍ରଦାନ କଲେ।ଶିବଙ୍କ ବର ପ୍ରଭାବରେ ଯଥା ସମୟରେ ଜାମ୍ବ ତୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହେଲେ। ଶ୍ରୀକୃଷ୍ଣ ପୁତ୍ରର ନାମ ଶାମ୍ବ ରଖିଲେ। ଶାମ୍ବ ଦେଖିବାକୁ ଠିକ୍ ଶ୍ରୀକୃଷ୍ଣଙ୍କ ପରି ଥିଲେ।

ଶ୍ରୀକୃଷ୍ଣଙ୍କର ବାଲ୍ୟ ଓ କୈଶୋରର ସବୁ ପ୍ରେମ-କଳା ଶାମ୍ବଙ୍କ ଠାରେ ଦେଖିବାକୁ ମିଳିଥିଲା। ତାଙ୍କ ଲମ୍ପଟ ପ୍ରକୃତି ଯୋଗୁଁ ଅନେକ ସମୟରେ ସେ ଯାଦବକୁଳ ପାଇଁ ଲଜ୍ୟାର କାରଣ ହେଉଥିଲେ। ଏକଦା ହସ୍ତିନା ରାଜପ୍ରାସାଦକୁ ଯାଇ, ଦୁର୍ଯ୍ୟୋଧନଙ୍କ

Source: Author, Digitized by PPRACHIN, SOA

କନ୍ୟା କୁମାରୀ ଲକ୍ଷଣାଙ୍କୁ ବିବାହ କରିବାକୁ ଜିଦ୍ ଧରିଲେ । ଲକ୍ଷଣାଙ୍କର ଏଥିରେ ସମ୍ମତି ନଥିଲା । ତେଣୁ ସ୍ୱୟମ୍ବର ବେଦିରୁ ସେ ଲକ୍ଷଣାଙ୍କୁ ଅପହରଣ କରିନେଲେ । କୌରବ ରଥିମାନେ ଅନୁଧାବନ କରି ଭୀଷଣ ରଣରେ ତାଙ୍କୁ ପରାସ୍ତ କଲେ ଏବଂ ବନ୍ଦୀକରି କାରାଗାରରେ ନିକ୍ଷେପ କଲେ ।

ରାଜକୁମାରୀ ଲକ୍ଷଣାଙ୍କ ପାଇଁ ଅନ୍ୟ ବରପାତ୍ର ଖୋଜା ଚାଲିଲା, କିନ୍ତୁ ସେ ସମୟରେ ଥରେ ଅପହୃତା ହୋଇଥିବା କନ୍ୟା ପାଇଁ ବରପାତ୍ର ମିଳୁନଥିଲା । ଯଦୁବଂଶୀଙ୍କ ଡରରେ ମଧ୍ୟ କେହି ଲକ୍ଷଣାଙ୍କୁ ବିବାହ କରିବାକୁ ରାଜି ହେଲେ ନାହିଁ । ବଳରାମ ଯେତେବେଳେ ଜାଣିବାକୁ ପାଇଲେ ଯେ ଶାମ୍ବ କୁମାର ହସ୍ତିନାର କାରାଗାରରେ ବନ୍ଦୀ, ସେ ତାଙ୍କ ହଳାୟୁଧ ଉତ୍ତୋଳନ କରି ଯାଦବ ସେନାଙ୍କ ସହିତ ହସ୍ତିନାରେ ପହଞ୍ଚି ଶାମ୍ବଙ୍କୁ ତୁରନ୍ତ ମୁକ୍ତ କରି ଲକ୍ଷଣାଙ୍କ ସହିତ ବିବାହ ଦେବାପାଇଁ ଆଦେଶ ଦେଲେ । ଏଭଳି ପ୍ରସ୍ତାବରେ ଦୁର୍ଯ୍ୟୋଧନ କର୍ଣ୍ଣପାତ କଲେନାହିଁ । ଫଳରେ ବଳରାମ ରାଜପ୍ରସାଦ ଆକ୍ରମଣ କରି ଧ୍ୱସ୍ତବିଧ୍ୱସ୍ତ କରିବା ଆରମ୍ଭ କରିଦେଲେ । ବଳରାମଙ୍କ କୋପ ଆଗରେ ଦୁର୍ଯ୍ୟୋଧନଙ୍କ ଜିଦ୍ ହାରମାନିଲା । ଶାମ୍ବ କୁମାରଙ୍କ ସହିତ ରାଜକନ୍ୟା ଲକ୍ଷଣାଙ୍କୁ ବିବାହ ଦେଇ ମହାଆଡମ୍ବରରେ ଦୁର୍ଯ୍ୟୋଧନ ବର କନ୍ୟାଙ୍କୁ ବିଦା କରିଥିଲେ ।

ଶାମ୍ବଙ୍କର ପ୍ରେମରୋଗ ଏତିକିରେ ଶେଷ ହେଲାନାହିଁ । ଶ୍ରୀକୃଷ୍ଣଙ୍କର ଅନେକ ରାଣୀ ଥିଲେ । ଶ୍ରୀକୃଷ୍ଣଙ୍କ ବେଶ ଧାରଣ କରି ଶାମ୍ବ ଅନ୍ତଃପୁରରେ କିଛି ସୁନ୍ଦରୀ ବିମାତାଙ୍କ ମନରେ ପ୍ରେମାନୁରାଗ ସୃଷ୍ଟି କଲେ । ଥରେ ନନ୍ଦିନୀ ନାମକ ଶ୍ରୀକୃଷ୍ଣଙ୍କର ଜଣେ ରାଣୀ ତାଙ୍କୁ ଆଲିଙ୍ଗନ କରିବା ଦୃଶ୍ୟ ଦେଖିବାକୁ ପାଇ ନାରଦ ଶ୍ରୀକୃଷ୍ଣଙ୍କୁ ଜଣାଇଦେଲେ । ଶ୍ରୀକୃଷ୍ଣ ପ୍ରଥମେ ଏହାକୁ ଅଣଦେଖା କରିଦେଲେ କିନ୍ତୁ ନାରଦ ଆଉ ଗୋଟିଏ ଖେଳ ଖେଳିଲେ । ଗୁପ୍ତ ଏବଂ ସଂରକ୍ଷିତ ଅନ୍ତଃପୁର ସ୍ନାନାଗାରରେ ଶ୍ରୀକୃଷ୍ଣଙ୍କ ରାଣୀମାନେ ସ୍ନାନ କରୁଥିବା ଅବସ୍ଥାରେ ନାରଦ ଶାମ୍ବଙ୍କୁ କୌଶଳରେ ସେ ସ୍ଥାନକୁ ନେଇଗଲେ । ଶାମ୍ବଙ୍କୁ ଦେଖି ଶ୍ରୀକୃଷ୍ଣଙ୍କ ରାଣୀମାନେ ଲଜ୍ଜିତା ହୋଇ ତାଙ୍କ ଲମ୍ପଟ ଗୁଣ ବିଷୟରେ ଶ୍ରୀକୃଷ୍ଣଙ୍କ ଆଗରେ ଅଭିଯୋଗ କଲେ ।

ସ୍ୱର୍ଗ-ଯତି ନାରଦ ଏଭଳି କରିବାର କାରଣ ଥିଲା । ସଂପଦ ଏବଂ ଆଭିଜାତ୍ୟର ଗର୍ବରେ ନାରଦଙ୍କୁ ଅସମ୍ମାନ କରି ଅନେକ ସମୟରେ ଶାମ୍ବ ତାଙ୍କ ରୂପକୁ ବିଦ୍ରୂପ କରୁଥିଲେ । ଶାମ୍ବଙ୍କୁ ଉପଯୁକ୍ତ ଶାସ୍ତି ଦେବା ପାଇଁ ନାରଦଙ୍କର ଏହା ଏକ ଯୋଜନା ଥିଲା ।

Source: Author, Digitized by PPRACHIN, SOA

ରାଣୀମାନଙ୍କ ଅଭିଯୋଗ ଶୁଣି ଶ୍ରୀକୃଷ୍ଣ, କ୍ରୋଧରେ ଶାମ୍ବଙ୍କୁ କୁଷ୍ଠରୋଗାକ୍ରାନ୍ତ ହେବାପାଇଁ ଅଭିଶାପ ଦେଲେ। ଅଭିଶାପ ଅଚିରେ ଫଳବତୀ ହେଲା। ଶାମ୍ବ ତାଙ୍କ ନିରିହତା ପ୍ରମାଣ କରିବାକୁ ପ୍ରୟାସ କଲେ ଏବଂ ଶ୍ରୀକୃଷ୍ଣଙ୍କୁ କ୍ଷମା ଭିକ୍ଷା କରି ରୋଗରୁ ଉପଶମ ହେବାର ଉପାୟ ଜିଜ୍ଞାସା କଲେ। ଶ୍ରୀକୃଷ୍ଣ ଦୟାପରବଶ ହୋଇ, ଶାମ୍ବଙ୍କୁ ଉପଦେଶ ଦେଲେ ସୂର୍ଯ୍ୟଙ୍କୁ ଆରାଧନା କରିବାପାଇଁ । ଚନ୍ଦ୍ରଭାଗା ନଦୀକୂଳରେ, ଅର୍କକ୍ଷେତ୍ରରେ ଶାମ୍ବ ସୂର୍ଯ୍ୟଙ୍କୁ ବାରବର୍ଷ ତପସ୍ୟା କରି ଏହି ରୋଗରୁ ମୁକ୍ତିଲାଭ କରିଥିଲେ।

ପ୍ରକୃତି ନୈବ ମୁଚ୍ୟତେ। ଶାମ୍ବଙ୍କ ସମେତ ଅନ୍ୟ ଯାଦବ ରାଜପୁତ୍ରଙ୍କ ଉଚ୍ଛୃଙ୍ଖଳ ଚରିତ୍ର ଚରମ ସୀମାରେ ପହଞ୍ଚିଲା। ଥରେ ଶ୍ରୀକୃଷ୍ଣଙ୍କୁ ସାକ୍ଷାତ କରିବା ପାଇଁ ଦୁର୍ବାସା, ବଶିଷ୍ଠ, ବିଶ୍ୱାମିତ୍ର ଏବଂ ନାରଦ ସମେତ ଅନ୍ୟ ଋଷିଗଣ ଦ୍ୱାରକାରେ ପହଞ୍ଚିଲେ। ସେମାନଙ୍କୁ ଦୂରରୁ ଦେଖି, ସମ୍ମାନ ଦେବା ତ ଦୂରର କଥା ତାଚ୍ଛଲ୍ୟ କରିବା ଅଭିପ୍ରାୟ ନେଇ ରାଜପୁତ୍ରମାନେ ଶାମ୍ବଙ୍କୁ ନାରୀବେଶରେ ସଜାଇ, ଶାଢ଼ୀ ତଳେ ଉଦର ଉପରେ ଏକ ଲୌହ ମୁଷଳ ରଖି ଋଷି ମାନଙ୍କ ନିକଟରେ ଉପସ୍ଥିତ ହୋଇ ପଚାରିଲେ... ହେ ଭବିଷ୍ୟତ ଜ୍ଞାତା ମହର୍ଷିଗଣ ! କହିପାରିବେ ଏହି ଗର୍ଭବତୀ ନାରୀ ପୁତ୍ର ସନ୍ତାନ ଜନ୍ମ କରିବ ନା କନ୍ୟା ?

ଯାଦବ ରାଜକୁମାରଙ୍କ ଏଭଳି ଅସମ୍ମାନ ପ୍ରଦର୍ଶନରେ ଅତିଷ୍ଠ ଋଷିମାନେ ଅଭିଶାପ ଦେଇ କହିଲେ... ପୁତ୍ର ବା କନ୍ୟା ନୁହେଁ, ଏହି ନାରୀ ଏକ ଲୌହ ମୁଷଳ ଜନ୍ମ କରିବ ଏବଂ ସେହି ମୁଷଳ ଯଦୁ ବଂଶକୁ ସମୂଳେ ଧ୍ୱଂସ କରିବ।

ଋଷି ମାନଙ୍କଠାରୁ ଅଭିଶାପ ପାଇବା ପରେ ଯାଦବ କୁମାରମାନଙ୍କର ଚୈତନ୍ୟ ଉଦୟ ହେଲା। କିନ୍ତୁ ଲେଡିଗୁଡ ସେତେବେଳକୁ କହୁଣୀକୁ ବୋହିଗଲାଣି। ଶାମ୍ବ ଏକ ଲୌହ ମୁଷଳକୁ ଜନ୍ମ ଦେଲେ। ସେ ମୁଷଳଟି ଧରି ମହାରାଜା ଉଗ୍ରସେନଙ୍କ ପାଖରେ ପହଞ୍ଚିଲେ ଯାଦବ ରାଜପୁତ୍ରମାନେ। ମହାରାଜାଙ୍କ ନିର୍ଦ୍ଦେଶକ୍ରମେ ଶାମ୍ବ ସେହି ମୁଷଳଟି, ପ୍ରଭାସ କ୍ଷେତ୍ରରେ ସମୁଦ୍ର କୂଳରେ ପଥରରେ ଘର୍ଷଣ କରି ନିଃଶେଷ କରିବାକୁ ଲାଗିଲେ। ମୁଷଳଟି ଲୌହ ଗୁଣ୍ଡରେ ପରିଣତ ହୋଇଗଲା। ଶେଷରେ ତୀର ଆକାରର ଛୋଟ ଅଂଶଟିଏ ରହିଗଲା। ସେ ଅଂଶଟି ଶାମ୍ବ ସମୁଦ୍ର ମଧ୍ୟକୁ ଫିଙ୍ଗି ଦେଲେ। ଶାମ୍ବ ଶାନ୍ତିର ନିଃଶ୍ୱାସ ମାରି ଭାବିଲେ... ଯେଉଁ ମୁଷଳ ଯଦୁବଂଶ ଧ୍ୱଂସ କରିବ ବୋଲି ମହର୍ଷିମାନେ ଭବିଷ୍ୟ ବାଣୀ କରିଥିଲେ ତାହା ଏବେ ନଷ୍ଟ ହୋଇଗଲା, ବିପଦ ଟଳିଗଲା।

କିନ୍ତୁ ଅନ୍ତରାଳରେ ରହି କାଳ ଅଟ୍ଟହାସ କରୁଥିଲା। ପ୍ରଭାସ କ୍ଷେତ୍ରରେ, ମୁଷଳ

Source: Author, Digitized by PPRACHIN, SOA

ଘର୍ଷଣରୁ ବାହାରିଥିବା ଲୌହଗୁଣ୍ଡ, ସମୁଦ୍ର ଜଳରେ ଭାସିଆସି କୂଳରେ ଏକ ବିଶାଳ ଏରକା ବନ ସୃଷ୍ଟି କଲା। ସମୁଦ୍ରକୁ ଫିଙ୍ଗା ଯାଇଥିବା ତୀର ଆକାରର ଲୁହାଟି ଗୋଟିଏ ମାଛ ଗିଳି ଦେଇଥିଲା। ଜାରା ନାମକ ଜଣେ ଶବର ସେହି ମାଛଟି ସମୁଦ୍ରରୁ ଜାଲରେ ଧରି ତାକୁ କାଟିବା ବେଳେ ତା' ପେଟରୁ ଲୁହାଟି ପାଇ ଧନୁ ପାଇଁ ତୀରଟିଏ ତିଆରି କରି ରଖିଥିଲା।

ବର୍ତ୍ତମାନ ଅଭିଶପ୍ତ ମୁଷଳ, ପରିବର୍ତ୍ତିତ ହୋଇ ଏରକା ବନ ଏବଂ ଜାରାଶବରର ତୀରରେ ପରିଣତ ହୋଇଯାଇଥିଲା। ରଙ୍ଗମଞ୍ଚ ପ୍ରସ୍ତୁତ ହୋଇଥିଲା ଯଦୁବଂଶ ଧ୍ୱଂସର ପରବର୍ତ୍ତୀ ଅଙ୍କର ଅଭିନୟ ପାଇଁ।

-୦-

(୧୦୮)

ଯଦୁବଂଶ ଧ୍ୱଂସ

ପ୍ରଭାସ କ୍ଷେତ୍ରରେ, ସମୁଦ୍ରକୂଳରେ ବଢ଼ିଥିବା ଏରକା ବନକୁ ଯଦୁବଂଶୀ ରାଜକୁମାର ଏବଂ ସାମନ୍ତମାନେ ଥରେ ବଣଭୋଜି କରିବାକୁ ଗଲେ। ପ୍ରଥମେ ପ୍ରଥମେ ମଦ୍ୟପାନ କରି ମହା ହର୍ଷୋଲ୍ଲାସରେ କୋଳାକୋଳି ହେଲେ। କ୍ରମେ ନିଶା ମୁଣ୍ଡକୁ ଚଢ଼ିଲା। ନିଶା ମନୁଷ୍ୟର ଚିନ୍ତାଶକ୍ତି ଓ ବିବେକକୁ ଅନ୍ଧାର କରିଦିଏ। ଶାଳୀନତା ଓ ସମ୍ଭ୍ରମତା ଦୂର ହୋଇଯାଇ ମୂଳ-ପ୍ରକୃତି ପ୍ରତିଫଳିତ ହୁଏ; ତାହାହିଁ ହେଲା। ଝିମିଟି ଖେଳରୁ ମହାଭାରତ ଭଳି ସାମାନ୍ୟ ଯୁକ୍ତିତର୍କ ଭୟଙ୍କର କ୍ରୋଧର ରୂପନେଲା।

ମହାଭାରତ ଯୁଦ୍ଧରେ ପାଣ୍ଡବ ପକ୍ଷରେ ରହି ଯୁଦ୍ଧ କରିଥିବା ସାତ୍ୟକି, ପ୍ରଥମେ କୃତବର୍ମାଙ୍କ ଗୋଡ଼ ଟାଣିଲେ। କୃତବର୍ମା ମହାଭାରତ ଯୁଦ୍ଧରେ ନାରାୟଣୀ ସେନାର ଅଧ୍ୟକ୍ଷ ଭାବରେ କୌରବ ପକ୍ଷରୁ ଯୁଦ୍ଧ କରିଥିଲେ। ଯୁଦ୍ଧ ଯେତେବେଳେ ଅନ୍ତପ୍ରାୟ ସେତେବେଳେ ଅଶ୍ୱତ୍ଥାମାଙ୍କ ସେନାପତିତ୍ୱରେ, ରାତିରେ ପାଣ୍ଡବ ଶିବିରରେ ପ୍ରବେଶ କରି ଧୃଷ୍ଟଦ୍ୟୁମ୍ନ ଏବଂ ଦ୍ରୌପଦୀଙ୍କ ପାଞ୍ଚ ପୁତ୍ରଙ୍କୁ ହତ୍ୟା କରିବାରେ ସେ ସହଯୋଗୀ ଥିଲେ। କୃତବର୍ମାଙ୍କର ସେହି ଅପକର୍ମକୁ ସାତ୍ୟକି, ବର୍ତ୍ତମାନ ମଦ୍ୟ ନିଶାରେ ନିନ୍ଦା କରିବା ଆରମ୍ଭ କରିଦେଲେ। ସାତ୍ୟକି କହିଲେ... କୃତବର୍ମା ! ତୁମେ କ୍ଷତ୍ରିୟ କୁଳରେ କଳଙ୍କ; ନିଶାର୍ଦ୍ଧରେ ନିଦ୍ରା ଯାଇଥିବା ଅବସ୍ଥାରେ ତୁମେ ଯେପରି ଦ୍ରୌପଦୀଙ୍କ ନିରିହ

Source: Author, Digitized by PPRACHIN, SOA

ପାଞ୍ଚପୁତ୍ରଙ୍କୁ ହତ୍ୟାକଲ ତାର ଦୃଷ୍ଟାନ୍ତ ବିଶ୍ୱ ଇତିହାସରେ ବିରଳ। ସମ୍ମୁଖ ଯୁଦ୍ଧରେ ଯେଉଁ ଧୃଷ୍ଟଦ୍ୟୁମ୍ନଙ୍କୁ ହରାଇବା ଅସମ୍ଭବ ଥିଲା, ତୁମେ ତାଙ୍କୁ ସୁପ୍ତ ଅବସ୍ଥାରେ ହତ୍ୟାକରିଦେଲ ! ଏପରି ଘୃଣ୍ୟ କର୍ମ କରି ନିଜକୁ ପୁଣି କ୍ଷତ୍ରିୟ ବୋଲାଉଛ ? ଦି'ଆଞ୍ଜୁଳା ପାଣି ମିଳିଲା ନାହିଁ ତୁମକୁ ବୁଡି ମରିବା ପାଇଁ !!

ଏହା ଶୁଣି ଭୟଙ୍କର କ୍ରୋଧରେ ଥରି ଉଠିଲେ କୃତବର୍ମା। ପାଖରେ ରଖାଯାଇଥିବା ସୁରା ପାତ୍ରରୁ ଆକଣ୍ଠ ପାନକରି ଘୃଣାପୂର୍ଣ୍ଣ ଆଖିରେ ସାତ୍ୟକିଙ୍କୁ ଚାହିଁ କୃତବର୍ମା କହିଲେ... ଧର୍ମର ଛଳନା କରୁଥିବା ପାପିଷ୍ଠ ସାତ୍ୟକି ! ତୁମେ ପୁଣି ମୋତେ କ୍ଷତ୍ରିୟ ଧର୍ମର ଶିକ୍ଷା ଦେବ ! ଭୁରିଶ୍ରବାଙ୍କ ସହିତ ତୁମର ଯୁଦ୍ଧ ସମୟରେ ଯେତେବେଳେ ଅନ୍ୟାୟରେ ଅର୍ଜୁନ, ଭୁରିଶ୍ରବାଙ୍କ ଦକ୍ଷିଣ ଭୁଜ କାଟିଦେଲେ ତା'ର ପ୍ରତିବାଦ କରି ଯୁଦ୍ଧକ୍ଷେତ୍ରରେ ଯୋଗମୁଦ୍ରାରେ ବସିଥିଲେ ଭୁରିଶ୍ରବା। ସେତେବେଳେ ତୁମେ ଅସ୍ତ୍ରହୀନ ଭୁରିଶ୍ରବାଙ୍କ ମସ୍ତକ ଅସିଘାତରେ କାନ୍ଧରୁ ବିଚ୍ୟୁତକରି ବଧ କରିଥିଲ। ଏଇ ତୁମର ବୀରୋଚିତ କ୍ଷତ୍ରିୟ ଧର୍ମ ପଳାତକ, ପ୍ରତାରକ ଛଳନାକାରୀ ସାତ୍ୟକି ?

ସାତ୍ୟକି ଏବଂ କୃତବର୍ମାଙ୍କ ବାକ୍ୟଯୁଦ୍ଧ ଭୟଙ୍କର ରୂପ ଧାରଣ କଲା ଏବଂ ହାତାହାତିରେ ପରିଣତ ହେଲା। ପ୍ରଦ୍ୟୁମ୍ନ ଏବଂ ତାଙ୍କ ସମଥର୍କ କିଛି ଯାଦବ ବୀର ସାତ୍ୟକିଙ୍କୁ ସମର୍ଥନ ଦେଲେ ତଥା ଶାମ୍ବ ଏବଂ ତାଙ୍କ ସମଥର୍କ କିଛି ଯାଦବ ବୀର କୃତବର୍ମାଙ୍କୁ ସମର୍ଥନ କଲେ। ସୁରାର ପ୍ରଭାବରେ ସମସ୍ତେ ବିବେକଶୂନ୍ୟ ହୋଇ ଅସ୍ତ୍ର ଉତ୍ତୋଳନ କଲେ। ସାତ୍ୟକି ଖଡ୍‌ଗରେ କୃତବର୍ମାଙ୍କ ମସ୍ତକକୁ ଶରୀରରୁ ଅଲଗା କରିଦେଇ ଅଟ୍ଟହାସ କରି କହିଲେ... ସୁପ୍ତ ସୈନ୍ୟମାନଙ୍କୁ ହତ୍ୟା କରିଥିବା ଘୃଣ୍ୟ ପଳାତକ ପାଷଣ୍ଡର ଏହାହିଁ ଉପଯୁକ୍ତ ଶାସ୍ତି।

କୃତବର୍ମାଙ୍କ ସମଥର୍କମାନେ ସାତ୍ୟକିଙ୍କ ଉପରକୁ ଡେଇଁ ପଡିଲେ ଏବଂ ପରମୁହୂର୍ତ୍ତରେ ପ୍ରଦ୍ୟୁମ୍ନ ଏବଂ ସାତ୍ୟକିଙ୍କ ମସ୍ତକ ଭୁଲୁଣ୍ଠିତ ହେଲା। ଶ୍ରୀକୃଷ୍ଣ ଏବଂ ବଳରାମ ଜାଣିପାରିଲେ ଯେ ଯଦୁବଂଶ ଧ୍ୱଂସର ଶେଷଅଙ୍କ ଅଭିନୀତ ହେବାପାଇଁ ଯାଉଛି। ବଳରାମ ଯୋଗମୁଦ୍ରାରେ ସମୁଦ୍ର ତଟରେ ବସିଗଲେ। ବିଶାଳକାୟ ଲହଡି ଆସି ତାଙ୍କୁ ସାଗର ଗର୍ଭରେ ଲୀନ କରିଦେଲେ। ବଳରାମଙ୍କ କପାଳରୁ ସର୍ପ ଆକାରର ଏକ ଶୁଭ୍ର ଦିବ୍ୟ ଜ୍ୟୋତି ବାହାରି ଅନନ୍ତରେ ବିଲୀନ ହୋଇଗଲା।

ଏରକା ବଣ ଭିତରେ ଯାଦବମାନଙ୍କର ମଧ୍ୟରେ ଲାଗିଗଲା ଭୀଷଣ ଭ୍ରାତୃସଂହାର ମହାଲୀଳା। ଲମ୍ବା ଲମ୍ବା ଘାସର ବଣ ଭିତରେ ପଥ ଭ୍ରଷ୍ଟ ହୋଇ ସୁରା ନିଶାରେ ପରସ୍ପରକୁ

Source: Author, Digitized by PPRACHIN, SOA

ହତ୍ୟା କଲେ, ଯେଉଁପରି କୁରୁକ୍ଷେତ୍ର ଯୁଦ୍ଧରେ ରାଜ୍ୟ ଲୋଭ ନିଶାରେ ପାଣ୍ଡବ ଏବଂ କୌରବ ଭାଇମାନେ ପରସ୍ପରକୁ ହତ୍ୟା କରିଥିଲେ।

'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ହେଁ ମରଇ।' ଅବତାରୀଙ୍କର ମର୍ତ୍ତ୍ୟଲୀଳାର ଶେଷ ମୁହୂର୍ତ୍ତ ଉପସ୍ଥିତ। ବଳରାମ ଦେହ ତ୍ୟାଗ କରିବା ଦେଖି ଶ୍ରୀକୃଷ୍ଣ ସେ ଧ୍ୱଂସସ୍ଥଳ ତ୍ୟାଗକରି ଏରକା ବଣ ଭିତରେ ଇତସ୍ତତଃ ବୁଲି ବୁଲି ଶ୍ରାନ୍ତ କ୍ଳାନ୍ତ ଅବସ୍ଥାରେ ଗୋଟିଏ ଶିଆଳି ଲତା ତଳେ ବିଶ୍ରାମ କଲେ। ନିମିଳିତ ଚକ୍ଷୁ ଆଗରେ ଭାସିଗଲା ତାଙ୍କ ଲୀଳାର ପ୍ରତିଟି ମୁହୂର୍ତ୍ତ। ଦିନେ କଂସର କାରାଗାର ଭିତରେ ଅଦ୍ଭୁତ ଆଲୋକର ଉତ୍ସ ନେଇ ଦୁଷ୍କୃତ ନିବାରଣ କରିବାକୁ ଧରାପୃଷ୍ଠକୁ ଆସିଥିଲେ ନାରାୟଣ। ଆଜି ଆଖି ଆଗରେ ଭାସିଗଲା ଗୋପଦାଣ୍ଡ, ଯମୁନା ତଟର ବାଲ୍ୟଲୀଳା, ପ୍ରେମମୟୀ ରାଧାଙ୍କ ଅମୃତମୟୀ ସାନ୍ନିଧ୍ୟ।

କିଛି ସମୟ ପାଇଁ ଅଟକିଗଲା ଶ୍ରୀକୃଷ୍ଣଙ୍କ ଚିନ୍ତାଧାରା। ବଂଶୀର ସ୍ୱର କାନରେ ବାଜି ହୃଦୟ ତନ୍ତ୍ରିରେ ସୃଷ୍ଟି କଲା ମଧୁମୟ ଝଙ୍କାର। ହସ ହସ ମୁହଁରେ କୁଞ୍ଜଭିତରେ ଠିଆ ହୋଇଛନ୍ତି ପ୍ରେମମୟୀ ରାଧିକା। ଅମୃତ ଝରିଯାଉଛି ପ୍ରତି ଅବୟବରୁ। ନିରବ ନିଥର ରାକା ନିଶିରେ, ଜ୍ୟୋତ୍ସ୍ନାସ୍ନାତ ଯମୁନା ତଟରେ, ମେଘ ଦେହରେ ବିଜୁଳି ପରି ଗଭୀର ଆଶ୍ଳେଷରେ ବାହୁବନ୍ଧନରେ ଭିଡିଧରି ତାଙ୍କୁ ଶ୍ରୀରାଧା କହୁଛନ୍ତି... କାହ୍ନା! ମୁଁ ଜାଣେ ତୁମେ ଦିନେ ତୁମର ଜାଗତିକ ଲୀଳା ପାଇଁ ବ୍ରଜଭୂମି ଏବଂ ମୋତେ ଛାଡି ଚାଲିଯିବ। କିନ୍ତୁ ପ୍ରେମ ଆମର ଶାଶ୍ୱତ ଚିରନ୍ତନ ରହିଯିବ। ଆମର ଏ ମିଳନ, ପ୍ରେମକୁ ଯୁଗ ଯୁଗ ପାଇଁ ଅମର କରିଦେବ।

ମନଶ୍ଚକ୍ଷୁରେ ଶ୍ରୀରାଧାଙ୍କୁ ଦେଖି ଭାବବିହ୍ୱଳ ହୋଇଗଲେ ଶ୍ରୀହରି; ସ୍ୱଗତୋକ୍ତି କଲେ... ରାଧାରୂପରେ ମୋର ମର୍ତ୍ତ୍ୟଲୀଳାରେ ସହଯୋଗ କରି ମୋତେ ଧନ୍ୟ କରିଦେଇଛ କମଳା। ତୁମର ଏ ପ୍ରେମମୟୀ ରୂପ ଚିରଦିନ ତ୍ରିଲୋକରେ ପୂଜିତ ହେବ।

ଯଦୁବଂଶୀଙ୍କ କୋଳାହଳ ଆଉ ଶୁଣା ଯାଉନାହିଁ; ବୋଧହୁଏ ହଣାକଟାରେ ନିଶ୍ଚିହ୍ନ ହୋଇଯାଇଛନ୍ତି। ଶିଆଳି ଲତା ଶେଯରେ କଡ଼ ଲେଉଟାଇଲେ କେଶବ। ହରିଣ କାନ ପରି ଲାଲ୍ ଲାଲ୍ ଦେଖାଯାଉଥିବା ପାଦ ଦୁଇଟି ହଲିଗଲା। ହଠାତ୍ ମୃତ୍ୟୁ ଯନ୍ତ୍ରଣାରେ ଚିତ୍କାର କରି ଉଠିଲେ ନାରାୟଣ। ତାଙ୍କର ପାଦ ଭେଦ କରି ଶରୀର ମଧ୍ୟରେ ପ୍ରବେଶ କରିଛି ଏକ ଅମୋଘ ତୀର। ଚିତ୍କାର ଶୁଣି ଦଉଡ଼ି ଆସିଛି ଏକ ଶବର। ଶ୍ରୀକୃଷ୍ଣ ଚିହ୍ନି ପାରିଛନ୍ତି। ଧୀର କଣ୍ଠରେ କହିଲେ... ଜାରା! ତୁମେ?

Source: Author, Digitized by PPRACHIN, SOA

ଜାରା ଶବରର ଶରୀର ଘର୍ମାକ୍ତ, ମୁଣ୍ଡ କୋଡ଼ି କାନ୍ଦୁଛି ଜାରା... ମୁଁ ଏ କଣ କଲି ପ୍ରଭୁ ! ଅଜ୍ଞାତରେ ହରିଣ କାନ ଭାବି ଆପଣଙ୍କ ଉପରକୁ ବାଣ ପ୍ରୟୋଗ କଲି !!

ଶ୍ରୀକୃଷ୍ଣ କହିଲେ... ଶୋକ କରନାହିଁ ଜାରା, ଏଥିରେ ତୁମର କିଛି ଭୁଲ୍ ନାହିଁ। ଏହା ବିଧିର ବିଧାନ, ମହର୍ଷିମାନଙ୍କ ଅଭିଶାପର ଫଳ। ଯେଉଁ ଲୌହଖଣ୍ଡ ତୁମେ ମାଛ ପେଟରୁ ପାଇ ତୀର ନିର୍ମାଣ କରିଥିଲ ତାହା ଅଭିଶପ୍ତ ମୁଷଳର ଅଂଶ ବିଶେଷ। ଗାନ୍ଧାରୀଙ୍କ ଅଭିଶାପ ଫଳବତୀ ହୋଇଛି ଜାରା ! ତୁମେ ମନରେ କ୍ଳେଶ ଆଣନାହିଁ। କାଳର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ତୁମେ ମାଧ୍ୟମ ମାତ୍ର।

କିଛି ନିରବତା ପରେ ଭୀଷଣ ଯନ୍ତ୍ରଣାରେ ବିଦଗ୍ଧ ଶରୀରକୁ ଲେଉଟାଇ ଶ୍ରୀକୃଷ୍ଣ କହିଲେ... ତୁମ ପୂର୍ବଜନ୍ମ କଥା ମନେ ପକାଅ ଜାରା। ତୁମେ ଥିଲ କିଷ୍କିନ୍ଧାର ରାଜା ବାଳି। ବୃକ୍ଷ ଅନ୍ତରାଳରୁ ତୁମ ଉପରେ ମୁଁ ଯେତେବେଳେ ବାଣ ପ୍ରହାର କରିଥିଲି, ଏହିପରି ତୁମେ ମୃତ୍ୟୁ ଯନ୍ତ୍ରଣାରେ ଛଟପଟ ହେଉଥିଲ। ଆଜି ମୋ' ପାଇଁ ସେହି କୃତକର୍ମର ପ୍ରାୟଶ୍ଚିତ ସମୟ ଆସିଛି। ତୁମେ ମୋର ପରମ ଭକ୍ତ। ଭକ୍ତ ହାତରେ ମହାପ୍ରୟାଣ ମୋ ପାଇଁ ଆନନ୍ଦର କଥା।

-୦-

(୧୦୯)

ଶେଷ ଦର୍ଶନ

ଶ୍ରୀକୃଷ୍ଣଙ୍କ ସାରଥୀ ଦାରୁକ ପାଣ୍ଡବମାନଙ୍କ ନିକଟରେ ପହଞ୍ଚି ପ୍ରଭାସ କ୍ଷେତ୍ରରେ ଘଟି ଯାଇଥିବା ଜ୍ଞାତି କ୍ଷୟକାରୀ ମହାଯୁଦ୍ଧ ସମ୍ବାଦ ଦେଇ, କୃଷ୍ଣ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା କଥା ଜଣାଇଲେ। କାଳ ବିଳମ୍ବ ନକରି ଅର୍ଜୁନ ପ୍ରଭାସ କ୍ଷେତ୍ରରେ ପହଞ୍ଚିଲେ। ଯିବା ପୂର୍ବରୁ ସହଦେବ ଅର୍ଜୁନଙ୍କୁ ସାବଧାନ କରି କହିଥିଲେ... ଶ୍ରୀକୃଷ୍ଣଙ୍କ ଶରୀର ତୁମେ କଦାପି ସ୍ପର୍ଶ କରିବ ନାହିଁ ଭ୍ରାତା; ସେ ଅନୁରୋଧ କଲେ ମଧ୍ୟ ନୁହେଁ। ସେହି ସ୍ପର୍ଶ ସହିତ ସେ ତୁମଠାରେ ଥିବା ବିଷ୍ଣୁକଳା ହରଣ କରିନେବେ। ତା'ପରେ ଜୀବନ ତୁମପାଇଁ ଦୁର୍ବିସହ ହୋଇଯିବ।

ଏରକା ବଣରେ, ପରସ୍ପର ସହିତ ଯୁଦ୍ଧରେ ନିହତ ପାଞ୍ଚଲକ୍ଷ ଯାଦବ ବୀରଙ୍କ ଶବ ଠାବ କରିବା ପରେ ଅର୍ଜୁନ ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚିଲେ। ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ

Source: Author, Digitized by PPRACHIN, SOA

ଯାଦବ ବୃଦ୍ଧ, ବିଧବା ଏବଂ ବାଳକମାନଙ୍କର ଦାୟିତ୍ୱ ନେବା ପାଇଁ ନିର୍ଦ୍ଦେଶ ଦେଇ କହିଲେ... ପାର୍ଥ ! ଏମାନଙ୍କୁ ଧରି ସାତ ଦିନ ଭିତରେ ତୁମକୁ ଦ୍ୱାରକା ତ୍ୟାଗ କରିବା ପାଇଁ ପଡିବ। ତା'ପରେ ଦ୍ୱାରକା ଜଳମଗ୍ନ ହୋଇଯିବ।

ଏହାପରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପାଖକୁ ଡାକିଲେ। ସହଦେବଙ୍କ କଥା ମନେପକାଇ ଅର୍ଜୁନ ଶ୍ରୀକୃଷ୍ଣଙ୍କ ଶରୀରକୁ ସ୍ପର୍ଶ କଲେ ନାହିଁ। ଜାଣି ପାରିଲେ କେଶବ; ଅଳ୍ପହସି କହିଲେ... ମୁଁ ଜାଣେ ପାର୍ଥ! ତୁମର ବିବଶତା ମୁଁ ଅନୁଭବ କରି ପାରୁଛି। ହାତରେ ନହେଲେ ମଧ୍ୟ ଗାଣ୍ଡିବ ଧନୁରେ ମୋତେ ସ୍ପର୍ଶ କରିଦିଅ, ନହେଲେ ମୋ ଆତ୍ମା ଶରୀରତ୍ୟାଗ କରିବ ନାହିଁ। ସଖାଙ୍କ ନିବେଦନ ଆଗରେ ଭ୍ରାତା ସହଦେବଙ୍କ ବାରଣ ହାରିଗଲା। ଧନୁ ଅଗ୍ରରେ ଶ୍ରୀକୃଷ୍ଣଙ୍କ ଶରୀରକୁ ସ୍ପର୍ଶ କଲେ ଧନଞ୍ଜୟ। ସେହି ମୁହୂର୍ତ୍ତରେ ଅର୍ଜୁନଙ୍କ ଦେହରେ ଥିବା ବିଷ୍ଣୁ କଳା ଶ୍ରୀକୃଷ୍ଣଙ୍କ ଦେହକୁ ଚାଲିଗଲା।

ପରଦିନ ଯୋଗାରୂଢ ଅବସ୍ଥାରେ ବାସୁଦେବ କୃଷ୍ଣଙ୍କର ମହାଯାତ୍ରା ହେଲା। ଦ୍ୱାରାବତୀରେ ବଞ୍ଚିଥିବା ଆବାଳ ବୃଦ୍ଧ ବନିତା ଅର୍ଜୁନଙ୍କ ସହିତ ମିଶି ଶ୍ରୀକୃଷ୍ଣ ସମେତ ଅନେକ ଯାଦବ ବୀରମାନଙ୍କର ଶେଷକୃତ୍ୟ ସମାପନ କଲେ। ଶ୍ରୀକୃଷ୍ଣଙ୍କ ଶରୀର ସଂପୂର୍ଣ୍ଣ ଦଗ୍ଧ ହେଲାନାହିଁ। ଅର୍ଦ୍ଧଦଗ୍ଧ ଶରୀରକୁ ଅର୍ଜୁନ ସମୁଦ୍ର ଭିତରେ ବିସର୍ଜନ କରି, ତିଳୋଦକ ଦାନ ଆଦି କାର୍ଯ୍ୟ ଶେଷକରି, ଯାଦବ ବୃଦ୍ଧ, ବିଧବା ଏବଂ ବାଳକଙ୍କ ସହିତ ହସ୍ତିନା ଅଭିମୁଖେ ଯାତ୍ରା କଲେ।

ସେମାନେ ଦ୍ୱାରାବତୀ ତ୍ୟାଗ କରିବା ସଙ୍ଗେ ସଙ୍ଗେ ସମୁଦ୍ରରେ ଭୟଙ୍କର ଝଡ଼ ଉଠି ତା ଭିତରେ ନିମଗ୍ନ ହୋଇଗଲା ଦ୍ୱାରକା, ଯାହା ଦିନେ ଅଳକାପୁରୀର ସୌନ୍ଦର୍ଯ୍ୟକୁ ନିନ୍ଦା କରୁଥିଲା। ଶ୍ରୀକୃଷ୍ଣଙ୍କ ଷୋଳ ସହସ୍ର ରାଣୀ ଏବଂ ଅନ୍ୟ ଯାଦବମାନଙ୍କ ସହିତ ଇନ୍ଦ୍ରପ୍ରସ୍ଥ ଅଭିମୁଖେ ଯାତ୍ରା କରିବା ସମୟରେ ପଥମଧ୍ୟରେ ପଞ୍ଚନଦ ଅଞ୍ଚଳରେ ଦସ୍ୟୁମାନଙ୍କ ସମ୍ମୁଖୀନ ହେଲେ ଅର୍ଜୁନ। ରୂପସୀ ଯାଦବ ରମଣୀମାନଙ୍କ ସୌନ୍ଦର୍ଯ୍ୟରେ ଲୋଭାନ୍ୱୀତ ହୋଇ ଦସ୍ୟୁମାନେ ସେମାନଙ୍କ ଭିତରୁ ଅନେକଙ୍କୁ ହରଣ କରିନେଲେ। ଅର୍ଜୁନ ସେମାନଙ୍କ ସହିତ ଯୁଦ୍ଧ କରି ପରାସ୍ତ ହେଲେ। ଶ୍ରୀକୃଷ୍ଣଙ୍କ ମହାଯାତ୍ରା ସଙ୍ଗେ ସଙ୍ଗେ ଅର୍ଜୁନଙ୍କ ଦେହରେ ଥିବା ନାରାୟଣ କଳା ଉଭେଇ ଯାଇଥିଲା। ସବୁ ଦିବ୍ୟାସ୍ତ୍ର ମନ୍ତ୍ର ସେ ଭୁଲି ଯାଇଥିଲେ। ଗାଣ୍ଡିବ ଧନୁ ତୋଳି ଧରିବା ମଧ୍ୟ ତାଙ୍କ ପାଇଁ କଷ୍ଟକର ହୋଇ ପଡିଲା। ତାଙ୍କ ଆଖି ଆଗରେ ମ୍ଳେଚ୍ଛ ଦସ୍ୟୁମାନେ ଯାଦବ ନାରୀମାନଙ୍କୁ ହରଣ କରି ନେଇଯାଉଥିଲେ, ଅଥଚ ସେ କିଛି କରିପାରୁ ନଥିଲେ। ତାଙ୍କ ଦିବ୍ୟାସ୍ତ୍ର କାମ

Source: Author, Digitized by PPRACHIN, SOA

କରୁନଥିଲେ, ମନ୍ତ୍ର ମନେ ପଡୁନଥିଲେ, ଭୟଙ୍କର ଦୁର୍ବଳତା ଅଙ୍ଗ ପ୍ରତ୍ୟଙ୍ଗକୁ ଜାବୁଡ଼ି ଧରିଥିଲା। ଲଜ୍ଜାରେ ମଥା ତଳକୁ କରି, ସାଙ୍ଗରେ ଥିବା ବାକି ଯାଦବ ନାରୀମାନଙ୍କ ସହିତ ଅର୍ଜୁନ ମହା କଷ୍ଟରେ କୁରୁକ୍ଷେତ୍ରରେ ପହଞ୍ଚିଲେ।

ଶ୍ରୀକୃଷ୍ଣଙ୍କ ବଞ୍ଚିଥିବା ରାଣୀମାନଙ୍କ ଭିତରୁ ରୁକ୍ମିଣୀ, ଶୈବ୍ୟା, ହୈମବତୀ ଏବଂ ଯାମ୍ବବତୀ ଅଗ୍ନି ପ୍ରଜ୍ୱଳିତ କରି ସେଥିରେ ଆତ୍ମାହୂତି ଦେଲେ। ସତ୍ୟଭାମା କିଛି ସଙ୍ଗିନୀଙ୍କ ସହିତ ତପସ୍ୟା ପାଇଁ ଅରଣ୍ୟକୁ ଚାଲିଗଲେ।

ଅର୍ଜୁନଙ୍କ ମନରେ ଘୋର ଗ୍ଲାନି ଭରିଗଲା। ନିଜର ଶକ୍ତି ଉପରେ ତାଙ୍କର ସନ୍ଦେହ ଆସିଲା। ବ୍ୟାସଦେବଙ୍କ ପାଖରେ ପହଞ୍ଚି ସମସ୍ତ ଘଟଣା ବର୍ଣ୍ଣନା କଲେ ଅର୍ଜୁନ। ମୁନିଶ୍ରେଷ୍ଠ କହିଲେ... ପୁତ୍ର ! ବିଧାତାଙ୍କ ବିଧାନ କିଏ ଅନ୍ୟଥା କରିବ ? ଶ୍ରୀକୃଷ୍ଣ ଯେଉଁ ଉଦ୍ଦେଶ୍ୟରେ ଧରାପୃଷ୍ଠକୁ ଆସିଥିଲେ ତାହା ପୂରଣ ହୋଇଯାଇଛି। ତୁମେ ତାଙ୍କର ସେହି ଉଦ୍ଦେଶ୍ୟ ପାଳନର ମାଧ୍ୟମ ଥିଲ। ତାଙ୍କ ମହାଯାତ୍ରା ପରେ ଏ ଧରାପୃଷ୍ଠରେ ତୁମର ମଧ୍ୟ ଆବଶ୍ୟକତା ଶେଷ ହୋଇଯାଇଛି। ତୁମର ସମୟ ସମାପ୍ତ ହୋଇଯାଇଛି ପାର୍ଥ ! ଉତ୍ତର ଦାୟାଦଙ୍କ ହାତରେ ରାଜ୍ୟଭାର ସମର୍ପଣ କରି ତୀର୍ଥଯାତ୍ରା ପରେ ତୁମେ ସେହି ସ୍ଥାନକୁ ଫେରିଯାଅ, ଯେଉଁଠାରୁ ତୁମର ଆଗମନ ଏ ଧରାପୃଷ୍ଠକୁ ହୋଇଥିଲା।

ବ୍ୟାସଦେବଙ୍କ ଠାରୁ ଏହା ଶୁଣିବା ପରେ ଅର୍ଜୁନ ଯୁଧିଷ୍ଠିରଙ୍କୁ ଘଟିଯାଇଥିବା ଘଟଣାବଳୀ ସଠିକେ ବର୍ଣ୍ଣନା କଲେ। ଯୁଧିଷ୍ଠିର କହିଲେ... ଅର୍ଜୁନ ! ଭୟଙ୍କର ମହାଭାରତ ଯୁଦ୍ଧରୂପକ ସମୁଦ୍ରରେ ଯେଉଁ କେଶବ ଆମ୍ଭମାନଙ୍କୁ ତାଙ୍କ କୃପା ତରଣୀରେ ପାର କରିଥିଲେ, ସେ ଆଜି ମର୍ତ୍ତ୍ୟମଣ୍ଡଳ ତ୍ୟାଗକରି ଯାଇଛନ୍ତି। ଏ ସଂସାରରେ ରହିବାରେ ଆଉ କ'ଣ ବା ସୁଖ ଅଛି ! ଜୀବନର ସବୁ ଔଜଲ୍ୟ ଶେଷ ହୋଇଯାଇଛି। ଚାଲ ପୌତ୍ର ପରୀକ୍ଷିତଙ୍କୁ ରାଜ୍ୟଭାର ଦେଇ ତୀର୍ଥଯାତ୍ରା ପରେ ହିମାଳୟ ଦେଇ ମହାଯାତ୍ରା କରିବା।

ପାଣ୍ଡବମାନେ ପରୀକ୍ଷିତଙ୍କୁ ହସ୍ତିନାର ରାଜସିଂହାସନରେ ଅଭିଷିକ୍ତ କଲେ। ବଞ୍ଚିଥିବା ଅନେକ ଯାଦବ ରାଜପୁତ୍ରଙ୍କୁ ବିଭିନ୍ନ ରାଜ୍ୟରେ ଅଭିଷିକ୍ତ କଲେ। ପ୍ରଦ୍ୟୁମ୍ନଙ୍କ ପୌତ୍ର 'ବଜ୍ର'ଙ୍କୁ ମଥୁରା ରାଜସିଂହାସନ ମିଳିଲା। ସାତ୍ୟକିଙ୍କ ପୁତ୍ର ସାରସ୍ୱତ ନାମକ ରାଜ୍ୟରେ ଅଭିଷିକ୍ତ ହେଲେ। କୃତବର୍ମାଙ୍କ ପୁତ୍ର 'ବଳି'ଙ୍କୁ ମତ୍ତିକାବତୀ ରାଜ୍ୟ ଏବଂ ଶାମ୍ବଙ୍କ ପୁତ୍ର 'ଉସ୍ନିକ'ଙ୍କୁ କାଶ୍ୟପୁର ରାଜ୍ୟରେ ଅଭିଷିକ୍ତ କରି ଯଦୁବଂଶୀଙ୍କ ପ୍ରତି ଉତ୍ତରଦାୟିତ୍ୱ ପାଳନକଲେ ପାଣ୍ଡବମାନେ। ତା'ପରେ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ଏବଂ ପାଣ୍ଡବରାଣୀ ପାଞ୍ଚାଳୀ ମହାଯାତ୍ରା ପାଇଁ ହସ୍ତିନା ତ୍ୟାଗକଲେ।

Source: Author, Digitized by PPRACHIN, SOA

ବାଟରେ କୁଆଡୁ ଆସି ଗୋଟିଏ ବୁଲା କୁକୁର ଯୁଧିଷ୍ଠିରଙ୍କ ସଙ୍ଗେ ସଙ୍ଗେ ଚାଲିଥାଏ। ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ କରି ପାଣ୍ଡବମାନେ ପ୍ରଥମେ ଦକ୍ଷିଣରେ ଲବଣ ସାଗର ତଟରେ ପହଞ୍ଚିଲେ। ସମୁଦ୍ର ତଟରେ ଅଗ୍ନିଙ୍କର ଆବିର୍ଭାବ ହେଲା। ଅଗ୍ନି ଅର୍ଜୁନଙ୍କୁ କହିଲେ... ବତ୍ସ ଅର୍ଜୁନ ! ବର୍ତ୍ତମାନ ତୁମର ଗାଣ୍ଡିବ ଧନୁ ତ୍ୟାଗ କରିବା ସମୟ ଆସିଯାଇଛି। ଖାଣ୍ଡବ ବନ ଦହନ ସମୟରେ ବରୁଣ ଦେବତାଙ୍କ ଠାରୁ ଆଣି ଏହି ଦିବ୍ୟ ଧନୁ ମୁଁ ତୁମକୁ ଦେଇଥିଲି। ତାର ଉପଯୋଗିତା ଶେଷ ହୋଇଯାଇଛି। ତୁମେ ବର୍ତ୍ତମାନ ତାହା ବରୁଣଙ୍କୁ ଫେରାଇ ଦିଅ।

ଏହା ଶୁଣି ଅର୍ଜୁନ ଗାଣ୍ଡିବ ଧନୁ ସମୁଦ୍ର ଭିତରେ ବିସର୍ଜନ କରିଦେଲେ। ଶ୍ରୀକୃଷ୍ଣଙ୍କ ମହାପ୍ରୟାଣ ପରେ ଐଶୀଶକ୍ତି ହ୍ରାସ ଯୋଗୁଁ ଗାଣ୍ଡିବ ଭାର ଅର୍ଜୁନଙ୍କୁ ପର୍ବତ ସମାନ ଲାଗୁଥିଲା। ଏବେ ତାହା ସମୁଦ୍ରରେ ବିସର୍ଜନ କରିବା ପରେ ଅର୍ଜୁନଙ୍କୁ ଖୁବ୍ ହାଲୁକା ଲାଗିଲା।

ତା'ପରେ ପାଣ୍ଡବମାନେ ପଶ୍ଚିମ ଦିଗରେ ଯାତ୍ରା କରି ଦ୍ୱାରକା ନିକଟରେ ପହଞ୍ଚିଲେ। ଭବ୍ୟ ଦ୍ୱାରାବତୀ ନଗ୍ର ସମୁଦ୍ର ଭିତରେ ବିଲୀନ ହୋଇ ଯାଇଥିବା ଦେଖି ଘୋର ମନସ୍ତାପରେ ସେ ସ୍ଥାନ ତ୍ୟାଗକରି ପାଣ୍ଡବମାନେ ଉତ୍ତରରେ ଋଷିକେଶରେ ପହଞ୍ଚିଲେ। ଏହିଠାରୁ ଆରମ୍ଭ ହେଲା ହିମାଳୟ ପଥରେ ପାଣ୍ଡବଙ୍କ ସ୍ୱର୍ଗ ଯାତ୍ରା। ପ୍ରଥମରୁ ଏ ପର୍ଯ୍ୟନ୍ତ ଯୁଧିଷ୍ଠିରଙ୍କ ପାଖେ ପାଖେ କୁକୁରଟି ଚାଲୁଥାଏ।

-୦-

(୧୧୦)

ସ୍ୱର୍ଗାରୋହଣ

ଯୁଧିଷ୍ଠିରଙ୍କ ଆଖି ଆଗରେ ଜୀବନର ସତ୍ୟ ଓ ଅସତ୍ୟ ଦିବାଲୋକ ଭଳି ସ୍ପଷ୍ଟ ଦେଖାଗଲା। ଜ୍ଞାନ ଆଲୋକରେ ହୃଦୟ ଉଦ୍‌ଭାସିତ ହୋଇଗଲା। ନଶ୍ୱର ଶରୀରର ବିନାଶ ଯେ ନିଶ୍ଚିତ ସେ ହୃଦୟଙ୍ଗମ କରି ପାରିଲେ। ମୃତ୍ୟୁରେ ଶୋକ କରିବା ଭଳି ସ୍ଥିତିରୁ ଦୂରେଇ ଯାଇଥିଲା ତାଙ୍କ ମନ। ତେଣୁ ସ୍ୱର୍ଗଯାତ୍ରା ପାଇଁ ହିମାଳୟ ଆରୋହଣ କରିବା ସମୟରେ ଏକ ଏକ କରି ଯେତେବେଳେ ତାଙ୍କର ପତ୍ନୀ ଓ ଭାଇମାନେ ବରଫ ପଥରେ ପଡ଼ି ପ୍ରାଣ ହରାଇଲେ, ପଛକୁ ଫେରି ଚାହୁଁ ନଥିଲେ ସେ। ପ୍ରଥମେ ଦ୍ରୌପଦୀ

Source: Author, Digitized by PPRACHIN, SOA

ଏବଂ ତାଙ୍କ ପରେ ପରେ କ୍ରମାନ୍ୱୟରେ ସହଦେବ, ନକୁଳ, ଅର୍ଜୁନ ଏବଂ ଭୀମ ପଞ୍ଚତ୍ୱପ୍ରାପ୍ତ ହେଲେ। ସେମାନଙ୍କ ନଶ୍ୱର ଶରୀରରୁ ପ୍ରାଣପକ୍ଷୀ ଉଡିଯାଇ ଅନନ୍ତ ସତ୍ତାରେ ବିଲୀନ ହୋଇଗଲେ। ଶୀଘ୍ର ସ୍ୱର୍ଗରେ ପହଞ୍ଚି ସେହି ବିଗତ ଆତ୍ମାମାନଙ୍କୁ ଭେଟିବାର ଅଭିଳାଷା ତାଙ୍କ ମନରେ ଜାଗ୍ରତ ହେଲା।

ପଛକୁ ଥରେ ମଧ୍ୟ ଫେରି ଚାହିଁଲେ ନାହିଁ ଯୁଧିଷ୍ଠିର, ଆଗେଇ ଚାଲିଲେ ହିମାଳୟ ଚୂଡାରେ ପହଞ୍ଚିବାପାଇଁ। ଗୋଟି ଗୋଟି ହୋଇ ସମସ୍ତେ ଚାଲିଗଲେ ମଧ୍ୟ କୁକୁରଟି ବଞ୍ଚି ରହିଥିଲା ଏବଂ ଯୁଧିଷ୍ଠିରଙ୍କ ସଙ୍ଗେ ସଙ୍ଗେ ଚାଲୁଥିଲା। ଶେଷରେ ହିମାଳୟର ଶୀର୍ଷରେ ପହଞ୍ଚିଲେ ଯୁଧିଷ୍ଠିର।

ମାତଳିଙ୍କ ଦ୍ୱାରା ପରିଚାଳିତ ଦିବ୍ୟ ବିମାନରେ ଇନ୍ଦ୍ରଦେବ ହିମାଳୟ ଚୂଡାରେ ପହଞ୍ଚିଲେ, ଯୁଧିଷ୍ଠିରଙ୍କୁ ସ୍ୱଦେହରେ ସ୍ୱର୍ଗକୁ ନେବାପାଇଁ। ଇନ୍ଦ୍ର କହିଲେ... ଆପଣଙ୍କ ପୂର୍ବରୁ ଆପଣଙ୍କ ପତ୍ନୀ ଏବଂ ଭାଇମାନଙ୍କ ଆତ୍ମା ପହଞ୍ଚି ସାରିଲେଣି। ଆପଣ ସାରା ଜୀବନ ଧର୍ମପଥ ଅନୁସରଣ କରୁଥିବାରୁ ସ୍ୱଦେହରେ ସ୍ୱର୍ଗାରୋହଣ କରିବାପାଇଁ ଯୋଗ୍ୟ। ସ୍ୱର୍ଗରେ ପହଞ୍ଚି ଆପଣଙ୍କ ଶରୀରରର ନଶ୍ୱରତା ଚିରନ୍ତନ ପ୍ରାପ୍ତ ହେବ; ଆସନ୍ତୁ ସ୍ୱଦେହରେ ଆପଣଙ୍କୁ ସ୍ୱର୍ଗକୁ ନେଇଯିବା ପାଇଁ ମୁଁ ଏଠାରେ ଉପସ୍ଥିତ।

ଯୁଧିଷ୍ଠିର ଇନ୍ଦ୍ରଙ୍କ ଦିବ୍ୟ ବିମାନ ଆରୋହଣ କଲେ। ପାଖରେ ଥିବା କୁକୁରଟି ମଧ୍ୟ ତାଙ୍କ ସଙ୍ଗେ ସଙ୍ଗେ ବିମାନରେ ଚଢିବା ପାଇଁ ଚେଷ୍ଟା କଲା। ଇନ୍ଦ୍ର କହିଲେ... ନା ନା, ଆପଣ ନିଜ ସହିତ ଏ କୁକୁରକୁ ନେଇ ପାରିବେ ନାହିଁ, ସ୍ୱର୍ଗରେ କୁକୁରଙ୍କ ପ୍ରବେଶ ନିଷେଧ।

ଯୁଧିଷ୍ଠିର ସଙ୍ଗେସଙ୍ଗେ ବିମାନରୁ ଅବତରଣ କରି ଯୋଡ ହସ୍ତରେ କହିଲେ... ମୋତେ କ୍ଷମା କରନ୍ତୁ ଇନ୍ଦ୍ରଦେବ! ଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମୋ ପିଛା ଛାଡ଼ି ନଥିବା ଏହି କୁକୁରକୁ ସାଙ୍ଗରେ ନନେଇ ମୁଁ ଯିବିନାହିଁ। ଗୋଟି ଗୋଟି କରି ମୋ ପତ୍ନୀ ଏବଂ ଭାଇମାନେ ଯେତେବେଳେ ମୋ ସଙ୍ଗ ଛାଡି ଚାଲିଗଲେ ଶେଷ ପର୍ଯ୍ୟନ୍ତ ଅତୁଟ ପ୍ରଭୁଭକ୍ତି ସହିତ ଏହି କୁକୁରଟି ମୋ ସହିତ ରହିଛି। ସେ ମୋ ଜୀବନଯାତ୍ରାର ଅଭିନ୍ନ ଅଂଶ। ତାକୁ ଛାଡିବା ମୋ ପକ୍ଷେ ସମ୍ଭବ ହେବନାହିଁ।

ବାସ୍ତବରେ ସେ କୁକୁର ଅନ୍ୟ କେହି ନୁହେଁ, ସ୍ୱୟଂ ଧର୍ମରାଜ ଥିଲେ। ଜୀବନର ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ସେ ଯୁଧିଷ୍ଠିରଙ୍କ ସହିତ ରହିଥିଲେ। ଯୁଧିଷ୍ଠିର ଏପରି କହିବା ପରେ କୁକୁରଟି ଉଭେଇ ଗଲା। ନିଜେ ଧର୍ମରାଜ ଯମ ଯୁଧିଷ୍ଠିରଙ୍କ ସମକ୍ଷରେ ଉପସ୍ଥିତ ହୋଇ

Source: Author, Digitized by PPRACHIN, SOA

କହିଲେ... ବତ୍ସ ଯୁଧିଷ୍ଠିର ! ମୁଁ ସ୍ୱୟଂ ଧର୍ମରାଜ କୁକୁର ରୂପରେ ତୁମକୁ ଏ ପର୍ଯ୍ୟନ୍ତ ଅନୁଧାବନ କରୁଥିଲି। ତୁମର ଧର୍ମନିଷ୍ଠତାରେ ମୁଁ ସନ୍ତୁଷ୍ଟ । ସ୍ୱର୍ଗ ଦ୍ୱାର ତୁମପାଇଁ ଉନ୍ମୁକ୍ତ।

ଯୁଧିଷ୍ଠିର ସ୍ୱର୍ଗରେ ପହଞ୍ଚି ପ୍ରଥମେ ଦେଖିଲେ ଦୁର୍ଯ୍ୟୋଧନଙ୍କୁ। ଅପ୍ସରା ଏବଂ ବିଦ୍ୟାଧର ବିଦ୍ୟାଧରୀମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ମହାଆନନ୍ଦରେ ବସିଥିଲେ ଦୁର୍ଯ୍ୟୋଧନ। ତାଙ୍କ ନିକଟରେ ଅନେଶ୍ୱତ ଭାଇ ମଧ୍ୟ ହର୍ଷୋଲ୍ଲାସରେ ସମୟ ବ୍ୟତୀତ କରୁଥିଲେ। ଯୁଧିଷ୍ଠିର ତାଙ୍କ ନିଜ ଭାଇମାନଙ୍କୁ ଏବଂ କର୍ଣ୍ଣଙ୍କୁ ସେଠାରେ ଦେଖିବାକୁ ପାଇଲେ ନାହିଁ। ଏହି ସମୟରେ ସ୍ୱର୍ଗ-ଯତି ନାରଦ ସେଠାରେ ପହଞ୍ଚିଲେ। ନାରଦଙ୍କ ଦୃଷ୍ଟି ଆକର୍ଷଣ କରି ଯୁଧିଷ୍ଠିର କହିଲେ... ହେ ମହାତ୍ମା ! ଆପଣ ତ ଜାଣିଛନ୍ତି ଦୁଷ୍ଟ ଦୁର୍ଯ୍ୟୋଧନ ଯୋଗୁଁ ହିଁ ମହାଭାରତ ଯୁଦ୍ଧ ସଂଘଟିତ ହୋଇଥିଲା, ଯେଉଁଥିରେ ଅସଂଖ୍ୟ ଧନ ଜୀବନ ନଷ୍ଟ ହୋଇଗଲା। ଲୋଭ ଏବଂ ଈର୍ଷାର ପ୍ରତିମୂର୍ତ୍ତି ଏହି ଦୁର୍ଯ୍ୟୋଧନ କପଟ ପଶା ଖେଳରେ ଆମ୍ଭମାନଙ୍କୁ ରାଜ୍ୟଚ୍ୟୁତ କରି ବନବାସୀ କରାଇଥିଲା। ପୂର୍ଣ୍ଣ କୁରୁସଭା ତଳେ ଦ୍ରୌପଦୀଙ୍କୁ ଉଲଗ୍ନ କରିବାକୁ ପ୍ରୟାସ କରାଯାଇଥିଲା ଏହି ପାପାତ୍ମାର ନିର୍ଦ୍ଦେଶରେ। ଭୀମଙ୍କୁ ବିଷ ଲଡୁ ଦେଇ ମାରିବା ପଛରେ ଏହି ଦୁରାତ୍ମାର ହାତ ଏବଂ ଅଭିମନ୍ୟୁ ତଥା ପାଞ୍ଚାଳୀଙ୍କର ପୁତ୍ରମାନଙ୍କର ଅନ୍ୟାୟରେ ନିଧନ ପଛରେ ମଧ୍ୟ ଏହି ବଂଶମରା ଡାହୁକର ହାତ ଥିଲା। ଅଥଚ ମହା ଆଡ଼ମ୍ବରରେ ସ୍ୱର୍ଗର ସମସ୍ତ ସୁଖ ଭୋଗ କରୁଛି ଏହି ପାପାତ୍ମା। ସର୍ବଦା ଧର୍ମ ପଥରେ ରହିଥିବା ମୋ ଭାଇମାନେ କାହାନ୍ତି ! କାହାନ୍ତି ଅଖଣ୍ଡ ପୌରୁଷର ଅଧିକାରୀ ମୋ ଅଗ୍ରଜ କର୍ଣ୍ଣ !

ନାରଦ କହିଲେ... ଛିଃ ଛିଃ ଯୁଧିଷ୍ଠିର ! ଦୁର୍ଯ୍ୟୋଧନ ପ୍ରତି ଥିବା ସମସ୍ତ ଅସୂୟା ଏ ପର୍ଯ୍ୟନ୍ତ ରହିଛି ତୁମ ମନରେ ! ମାନବ ଶରୀରରେ ସ୍ୱଦେହରେ ଆସିଛ ସେଥିପାଇଁ ମାନବୀୟ ଗୁଣଗୁଡିକ ଛାଡି ପାରିନାହଁ। ସ୍ୱର୍ଗରେ ଏପରି ଈର୍ଷା ଦ୍ୱେଷ ଅସୂୟାର ସ୍ଥାନ ନାହିଁ। ଦୁର୍ଯ୍ୟୋଧନ କ୍ଷତ୍ରିୟୋଚିତ କାର୍ଯ୍ୟ କରି ଶେଷ ପର୍ଯ୍ୟନ୍ତ ଯୁଦ୍ଧକରି ପ୍ରାଣ ହରାଇଥିବାରୁ ସ୍ୱର୍ଗରେ ସ୍ଥାନ ପାଇଛନ୍ତି।

ଯୁଧିଷ୍ଠିର ଦୁଃଖରେ କହିଲେ... ଯେଉଁଠାରେ ମୋ ଭାଇମାନେ ନାହାଁନ୍ତି ସ୍ୱର୍ଗ ହେଲେ ମଧ୍ୟ ସେଠାରେ କ୍ଷଣେ ମାତ୍ର ମୁଁ ରହିବାକୁ ଚାହେଁ ନାହିଁ।

ନିକଟରେ ଉପସ୍ଥିତ ଥିବା ଯମଦୂତ କହିଲେ... ଏହା ଯେବେ ଆପଣଙ୍କ ଇଚ୍ଛା ତାହେଲେ ମୋ ପଛେ ପଛେ ଆସନ୍ତୁ। ଯୁଧିଷ୍ଠିର ଯମଦୂତଙ୍କୁ ଅନୁସରଣ କରି ଯେଉଁଠାରେ ପହଞ୍ଚିଲେ, ଅତି ଭୟଙ୍କର ଥିଲା ସେ ସ୍ଥାନ। ବିରାଟ ଅନ୍ଧକାର ଗୁମ୍ଫା ଭଳି ତାହା

Source: Author, Digitized by PPRACHIN, SOA

ଜଣାଯାଉଥିଲା। ଚାରିଆଡେ ଶୁଣାଯାଉଥିଲା ମୃତ୍ୟୁକାଳୀନ ଚିତ୍କାର। ଅଶରିରୀମାନେ ଶୂନ୍ୟରେ ଘୁରି ବୁଲୁଥିଲେ। ରକ୍ତ, ମେଦ, ମାଂସ ଉପରେ ଚାଲି ଚାଲି ଭିତରେ ପହଞ୍ଚିଲେ ଯୁଧିଷ୍ଠିର। ପାପୀମାନଙ୍କୁ ଦିଆଯାଉଥିବା ଯନ୍ତ୍ରଣା ଦେଖି ଶିହରି ଉଠିଲେ ଯୁଧିଷ୍ଠିର; କାହାକୁ ତାତିଲା ତେଲ କଡେଇରେ ବୁଡାଯାଉଥିଲା ତ କାହାକୁ ନିଆଁ ଭିତରକୁ ଫିଙ୍ଗା ଯାଉଥିଲା। ପଚା ଗନ୍ଧରେ ନାକ ଫାଟି ପଡୁଥିଲା।

ଯୁଧିଷ୍ଠିର ସେଠାରେ କ୍ଷଣେ ମାତ୍ର ରହିବାକୁ ଚାହୁଁ ନଥିଲେ। ସେ ଫେରିବାକୁ ଉପକ୍ରମ କଲାବେଳେ କିଛି ଚିହ୍ନା ଜଣା କଣ୍ଠର ଆକୁଳ ନିବେଦନ ତାଙ୍କ କାନରେ ପଡ଼ିଲା... ହେ ଧର୍ମରାଜ! ଆମେମାନେ ଏଠାରେ ଅନେକ ଯନ୍ତ୍ରଣା ଭୋଗୁଥିଲୁ। କିନ୍ତୁ ଆପଣଙ୍କ ଉପସ୍ଥିତି ଆମମାନଙ୍କ ଦେହ ଓ ମନରେ ଅପୂର୍ବ ଶୀତଳତା ଆଣୁଛି। ଦୟାକରି ଆପଣ ଆମକୁ ଛାଡି ଯାଆନ୍ତୁ ନାହିଁ।

ସେମାନଙ୍କ ଆକୁଳ ନିବେଦନ ଶୁଣି ଯୁଧିଷ୍ଠିର କହିଲେ... କିଏ ଆପଣମାନେ। ଆପଣମାନଙ୍କ କଣ୍ଠସ୍ୱର ମୋର ଅତି ପରିଚିତ ମନେହେଉଛି।

ସେମାନଙ୍କ ଭିତରୁ ଜଣେ କହିଲେ... ମୁଁ କର୍ଣ୍ଣ, ଅନ୍ୟ ଜଣେ କହିଲେ... ମୁଁ ଭୀମ, ତୃତୀୟ ବ୍ୟକ୍ତି କହିଲେ... ମୁଁ ଅର୍ଜୁନ। ଚତୁର୍ଥ ଏବଂ ପଞ୍ଚମ ସ୍ୱର ଥିଲା ନକୁଳ ଏବଂ ସହଦେବଙ୍କର। ଶେଷରେ ଯାଜ୍ଞସେନୀ କହିଲେ... ଧର୍ମପୁତ୍ର ! ମୁଁ ତୁମର ପତ୍ନୀ।

ଯୁଧିଷ୍ଠିରଙ୍କର ଆଉ ଧୈର୍ଯ୍ୟ ନଥିଲା। ନିଜ ପରିଜନଙ୍କ ପ୍ରତି ଏଭଳି ଅନ୍ୟାୟ ଦେଖି ସେ ସବୁ ଦେବତାଙ୍କ ଉପରେ ବିରକ୍ତ ହୋଇ କହିଲେ... ସତ୍ୟ ପଥରେ ଥିବା ମୋ ପରିଜନଙ୍କ ପାଇଁ ମୃତ୍ୟୁ ପରେ ଯେବେ ଏ ଭଳି ସ୍ଥାନ ସଂରକ୍ଷିତ ତା'ହେଲେ ମୋର ସ୍ୱର୍ଗକୁ ଯିବା ଆବଶ୍ୟକ ନାହିଁ। ମୁଁ ମଧ୍ୟ ସେମାନଙ୍କ ସହିତ ଏଠାରେ ରହିବି।

'ତାହାହିଁ ହେଉ' କହି ଯମଦୂତ ସେ ସ୍ଥାନ ଛାଡି ଚାଲିଗଲେ।

ଦିନର ୩୦ଭାଗ ଯୁଧିଷ୍ଠିରଙ୍କର ନର୍କଯନ୍ତ୍ରଣାରେ ବିତିଗଲା। ତା'ପରେ ହଠାତ୍ ଚତୁର୍ଦ୍ଦିଗ ଆଲୋକିତ ହୋଇଗଲା। ସେ ସ୍ଥାନରୁ ନର୍କ କୁଆଡେ ଉଭେଇଗଲା। ସମ୍ମୁଖରେ ଦେବରାଜ ଇନ୍ଦ୍ର ଏବଂ ଧର୍ମରାଜ ଯମ ଉପସ୍ଥିତ ହେଲେ। ହସି ହସି ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଲେ... ପୁତ୍ର! ପରୀକ୍ଷାରେ ତୁମେ ସଫଳ ଭାବେ ଉର୍ତ୍ତୀର୍ଣ୍ଣ ହୋଇଛ; ପରିଜନଙ୍କ ପାଇଁ ତୁମେ ନର୍କରେ ରହିବାକୁ ମଧ୍ୟ ପ୍ରସ୍ତୁତ ଜାଣି ମୁଁ ଆନନ୍ଦିତ। ଏହା ଏକ ନାଟକ ଥିଲା। ବାସ୍ତବରେ ତୁମର ସମସ୍ତ ପରିଜନ ସ୍ୱର୍ଗସୁଖ ଭୋଗ କରୁଛନ୍ତି। ଚାଲ ସେମାନଙ୍କ ପାଖକୁ ଯିବା।

Source: Author, Digitized by PPRACHIN, SOA

ଅଳ୍ପ ବିରାମ ପରେ ଯମରାଜ କହିଲେ... ତୁମେ ନର୍କ ଦର୍ଶନ କରିବାର ଅନ୍ୟ ଏକ କାରଣ ଅଛି ପୁତ୍ର ଯୁଧିଷ୍ଠିର; କୁରୁକ୍ଷେତ୍ରରେ ଅଶ୍ୱତ୍ଥାମା ନାମକ ହସ୍ତି ଭୀମଙ୍କ ହାତରେ ବିନାଶ ହେବା ସମୟରେ 'ଅଶ୍ୱତ୍ଥାମା ହତ' ବୋଲି ହଟ୍ଟଗୋଳ ସୃଷ୍ଟି ହେଲା; ପୁତ୍ର ଅଶ୍ୱତ୍ଥାମାର ମୃତ୍ୟୁ ଆଶଙ୍କା କରି, ପ୍ରକୃତ ସତ୍ୟ କଣ ଦ୍ରୋଣାଚାର୍ଯ୍ୟ ତୁମକୁ ପଚାରି ଥିଲେ। ସେ ସମୟରେ ତୁମେ କହିଥିଲ... 'ଅଶ୍ୱତ୍ଥାମା ହତ, ନରେ ବା ଗୁଞ୍ଜରେ।' ସତ୍ୟର ଅନ୍ତରାଳରେ ଲୁଚିଥିବା ସେହି ମିଥ୍ୟା ହିଁ ଗୁରୁ ଦ୍ରୋଣଙ୍କର ମୃତ୍ୟୁର କାରଣ ହେଲା। ତୁମ ଧର୍ମପୂର୍ଣ୍ଣ ଜୀବନ ଭିତରେ ସେହି କଳଙ୍କିତ ମୁହୂର୍ତ୍ତ ପାଇଁ ତୁମକୁ ତେର-ଦଣ୍ଡ ବା ଦିନର ତିରିଶଭାଗ ନର୍କଦର୍ଶନ କରିବାକୁ ପଡିଲା।

ସମସ୍ତ ମାନବୀୟଗୁଣରୁ ବିମୁକ୍ତ ହୋଇ ଯୁଧିଷ୍ଠିର ସ୍ୱର୍ଗରେ ସମସ୍ତ ପରିଜନଙ୍କ ସହିତ ସୁଖରେ କାଳାତିପାତ କଲେ।

–୦–

Source: Author, Digitized by PPRACHIN, SOA

ଶ୍ରୀଯୁକ୍ତ କୁଳମଣି ଷଡ଼ଙ୍ଗୀ ଖଣ୍ଡପଡ଼ାର ତତ୍କାଳୀନ ଆଦର୍ଶ ଗୁରୁ, ଶାସ୍ତ୍ରୀୟ ସଙ୍ଗୀତଜ୍ଞ ତଥା ସାଧୀନତା ସଂଗ୍ରାମୀ ସର୍ଗତ ବୈଦ୍ୟନାଥ ଷଡଙ୍ଗୀଙ୍କର କନିଷ୍ଠପୁତ୍ର । ଏକ ସଂସ୍କୃତିସଂପନ୍ନ ପରିବାରରେ, ଖଣ୍ଡପଡାରେ ୧୯୫୦ ମସିହାରେ ତାଙ୍କର ଜନ୍ମ । ଇତିହାସରେ ସ୍ନାତକୋତ୍ତର ପରେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ନାବାର୍ଡ ଭଳି ସଂସ୍ଥାରେ ଉଚ୍ଚ ପଦବୀରେ ସ୍ଥାନିତ ହୋଇ ଶେଷରେ ୨୦୧୦ ମସିହାରେ ଅବସର ଗ୍ରହଣ କରିବା ପରେ ନିଜକୁ ସାରସ୍ୱତ ସାଧନାରେ ସଂପୂର୍ଣ୍ଣ ଭାବେ ନିୟୋଜିତ କରିଛନ୍ତି ।

ତାଙ୍କର ପ୍ରକାଶିତ ପୁସ୍ତକଗୁଡ଼ିକ ମଧ୍ୟରେ କାବ୍ୟକୌମୁଦୀ, ସାମନ୍ତସ୍ମରଣେ, ମାୟାମହ୍ଲାର, ଜୀବନରଙ୍ଗ, ଶ୍ରୀମଦ୍‌ଭଗବଦ୍ ଗୀତାର କାବ୍ୟାନୁବାଦ, ଏମିଲିଆ ଫର୍ଣ୍ଣାଡେଜ୍, ମେଘମାଳାର ସପ୍ନ, ମାଣ୍ଡବୀ ନଦୀର ତୀରେ, ରୂପସୀ ରୂପାମ୍ବିକା ଏବଂ ବିଷକନ୍ୟା ପ୍ରମୁଖ ଅନ୍ତର୍ଭୁକ୍ତ ।

ଗୀତା, ଭାଗବତ ଏବଂ ପୌରାଣିକ ବିଷୟବସ୍ତୁ ଉପରେ ବିଶେଷ ରୁଚି ରଖୁଥିବା ଏହି ଲେଖକଙ୍କର '**ପ୍ରବାହ କାଦମ୍ବରୀ**' ଏକ ଅନବଦ୍ୟ ସର୍ଜନା । ବିଶ୍ୱର ସର୍ବଶ୍ରେଷ୍ଠ ଗ୍ରନ୍ଥ ମହାଭାରତକୁ ଅଧ୍ୟୟନ କରି ସେଥିରେ ସନ୍ନିବେଶିତ କଥାଗୁଡିକୁ ଶ୍ରୀଯୁକ୍ତ ଷଡଙ୍ଗୀ ଯେପରି ସୁପାଠ୍ୟଭାବେ ନିଜସ ଶୈଳୀରେ ପରିବେଷଣ କରି ସେଥିରେ ଥିବା ସାମାଜିକ ବାର୍ତ୍ତାର ବିଶ୍ଳେଷଣ କରିଛନ୍ତି, ତାହା ପାଠକ/ପାଠିକାମାନଙ୍କୁ ଏହି ପୁସ୍ତକ ପ୍ରତି ନିଶ୍ଚିତ ଭାବରେ ଆକର୍ଷିତ କରିବ ।

ISBN 978-81-952620-8-3
9 788195 262083

ଲେଖାଲେଖି

Source: Author, Digitized by PPRACHIN, SOA